କର୍ମପ୍ରାଣ ଭଗବାନ
ସତ୍ୟସାଇ ବାବା



କସ୍ତୁରୀଙ୍କ ବ୍ୟାଖ୍ୟାନମାଳା

କର୍ମପ୍ରାଣ ଭଗବାନ

ସତ୍ୟସାଇ ବାବା

(ଏନ୍. କସ୍ତୁରୀଙ୍କ ବ୍ୟାଖ୍ୟାନମାଳା)

ସଂକଳନ

ଏଚ.ଏଚ. ଶିବରାମ

ଭାଷାନ୍ତର

ଶ୍ରୀ ପି. ଜଗନ୍ନାଥ ପ୍ରସାଦ ରାଓ

ପ୍ରକାଶକ

ଶ୍ରୀ ସତ୍ୟସାଇ ପୁସ୍ତକ ଓ ପ୍ରକାଶନ ନ୍ୟାସ,

ଓଡ଼ିଶା, ଭୁବନେଶ୍ୱର

କର୍ମପ୍ରାଣ ଭଗବାନ ସତ୍ୟସାଇ ବାବା (KARMAPRANA BHAGAVAN SATHYA SAI BABA)
(ଏନ୍. କସ୍ତୁରୀଙ୍କ ବ୍ୟାଖ୍ୟାନମାଳା)

ଓଡ଼ିଆ ଭାଷାନ୍ତର
ଶ୍ରୀ ପି. ଜଗନ୍ନାଥ ପ୍ରସାଦ ରାଓ

ପ୍ରଥମ ସଂସ୍କରଣ : **ରାଜ୍ୟ ସମ୍ମିଳନୀ, ୨୦୧୩**
ମୂଲ୍ୟ : **୪୫ ଟଙ୍କା**

ପ୍ରକାଶକ
ଶ୍ରୀ ସତ୍ୟସାଇ ପୁସ୍ତକ ଓ ପ୍ରକାଶନ ନ୍ୟାସ, ଓଡ଼ିଶା,
ଭୁବନେଶ୍ୱର

ମୁଦ୍ରଣ
ଶ୍ରୀ ସତ୍ୟସାଇ ପ୍ରେସ,
୬୨-୭୨, ଖାରବେଳ ନଗର, ୟୁନିଟ - ୩, ଭୁବନେଶ୍ୱର - ୭୫୧୦୦୧

'SATHYA SAI BABA - GOD IN ACTION'
Talks by N. Kasturi

Translated into Odia by
Sri P. Jagannath Prasad Rao

All Rights Reserved :
Sri Sathya Sai Sadhana Trust,
Publications Division,
Prasanthi Nilayam - 515134,
Anantapur Dist. (A.P.)

First Edition : **State Conference, 2013**

Price : **₹ 45.00**

Published by
Sri Sathya Sai Books & Publication Trust, Odisha,
62-72, Kharvel Nagar, Unit - III, Bhubaneswar - 751001

Printed at
Sri Sathya Sai Press,
Unit - III, Bhubaneswar - 751001
Ph. : 0674 : 2396269

ପ୍ରାକ୍‌କଥନ

ଏହି ବ୍ୟାଖ୍ୟାନଗୁଡ଼ିକ ଶ୍ରୀ ଏନ୍. କସ୍ତୁରୀଙ୍କ ଦ୍ୱାରା ପ୍ରଶାନ୍ତିନିଲୟମ୍‌ରେ ବିଦେଶୀ ଭକ୍ତମାନଙ୍କୁ ପ୍ରଦତ୍ତ ହୋଇଥିଲା ।

ଶ୍ରୀ କସ୍ତୁରୀ ବହୁ ଦଶନ୍ଧି ଧରି ପ୍ରଶାନ୍ତିନିଳୟମ୍‌ରେ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଦିବ୍ୟ ସନ୍ନିଧିରେ ରହିଥିଲେ, ସେ ଜଣେ ବିଦ୍ୱାନ, ଭାଷାବିତ୍, ମହାନ୍ ଲେଖକ ଓ ବକ୍ତା । ସର୍ବୋପରି ସେ ଜଣେ ମହାନ ମାନବବାଦୀ, ତାଙ୍କଠାରେ ପରମ ରସବୋଧ ଥିଲା ଏବଂ ବ୍ୟଙ୍ଗବିନୋଦ ତାଙ୍କର ଦ୍ୱିତୀୟ ସ୍ୱଭାବ ।

ସେ ବାବାଙ୍କର ଜୀବନଚରିତର ଲେଖକ, ସନାତନ ସାରଥିର ସମ୍ପାଦକ ଏବଂ ବାବାଙ୍କ ସମ୍ଭାଷଣ ଓ ରଚନାଗୁଡ଼ିକର ଅନୁବାଦକ ଥିଲେ, ବାବାଙ୍କ ସନ୍ଦେଶ ପ୍ରସାରିତ କରିବାରେ ଏବଂ ତାଙ୍କ ମିଶନକୁ ବୁଝାଇବାରେ ତାଙ୍କର ଏକ ଅଭୂତପୂର୍ବ ଭୂମିକା ଥିଲା ।

ଜ୍ଞାନ ଓ ଅନ୍ତର୍ଦୃଷ୍ଟିରେ ପୂର୍ଣ୍ଣ, ହାସ୍ୟରସରେ ରସାୟିତ ତାଙ୍କର ଅନୌପଚାରିକ ଓ ଅନ୍ତରଙ୍ଗ ବ୍ୟାଖ୍ୟାନଗୁଡ଼ିକ ସାଧାରଣ ଭାବରେ ଅପରିଚିତ ବାବାଙ୍କର ଅପରିମେୟ ଦିବ୍ୟତ୍ୱର ଦିଗଗୁଡ଼ିକୁ ଉନ୍ମୀଳିତ କରିଛି ।

ତାଙ୍କର ବ୍ୟାଖ୍ୟାନଗୁଡ଼ିକର ଏହି ସଂକଳନ ବାବାଙ୍କ ପ୍ରତି ତାଙ୍କର ଅଟଳ ଭକ୍ତି ଓ ତାଙ୍କ ମିଶନ ପ୍ରତି ତାଙ୍କର ଉତ୍ସର୍ଗଭାବ ପାଇଁ ଏକ ଶ୍ରଦ୍ଧାଞ୍ଜଳି ।

ଏହି ବ୍ୟାଖ୍ୟାନଗୁଡ଼ିକୁ ସଂକଳିତ କରିବାରେ ସାହାଯ୍ୟ କରିଥିବାରୁ ମୁଁ ଶ୍ରୀ କସ୍ତୁରୀଙ୍କ କନ୍ୟା ଶ୍ରୀମତୀ ପଦ୍ମାଙ୍କ ପ୍ରତି ଏବଂ ଏହି ବ୍ୟାଖ୍ୟାନଗୁଡ଼ିକୁ କ୍ୟାସେଟ୍‌ରୁ ଲିପିବଦ୍ଧ କରିଥିବାରୁ ଶ୍ରୀ ବି.ଏସ୍. ଭାସ୍କରଙ୍କ ପ୍ରତି କୃତଜ୍ଞ ।

ଏଚ୍. ଏଚ୍. ଶିବରାମ

ଭଗବାନଙ୍କ ଜନ୍ମୋତ୍ସବ
୨୩ ନଭେମ୍ବର, ୧୯୯୯

ସୂଚୀପତ୍ର

୧.	ସ୍ଥାୟୀ ଆବାସ	୫
୨.	ପ୍ରକୃତ ସାମୀପ୍ୟ	୧୧
୩.	ନୃତ୍ୟ ଶ୍ରେଣୀ	୧୫
୪.	ଅନାମ, ଅରୂପ	୨୩
୫.	ଯେ ମୋତେ ଲୋଡ଼େ ସେ ପାଏ	୩୦
୬.	ଅସତୋ ମା ସଦ୍‌ଗମୟ	୩୮
୭.	ପ୍ରଚଣ୍ଡ, ରହସ୍ୟମୟ, କୌତୂହଳପ୍ରଦ	୪୭
୮.	ମାତୃଭୂମିକୁ ଭଲପାଅ	୫୩
୯.	ମହାଚୈତନ୍ୟ	୬୨
୧୦.	ମୁଁ ତୁମେ ଓ ତୁମେ ମୁଁ	୭୬
୧୧.	ଆଧ୍ୟାତ୍ମିକ ଜୀବନ ନିମନ୍ତେ	୮୫
୧୨.	ସେ ସର୍ବବ୍ୟାପୀ	୯୧
୧୩.	ସେ ସର୍ବଦେବତାସ୍ୱରୂପ	୯୬
୧୪.	ଭଗବାନ ରହିଲେ ସବୁ ସମ୍ଭବ	୯୯
୧୫.	ଆମଠାରେ ପକ୍ଷୀ, ତାଙ୍କଠାରେ ପକ୍ଷ	୧୦୮
୧୬.	ଏ ଅବତାର କାହିଁକି ?	୧୧୫
୧୭.	ପ୍ରକୃତ ଗୁରୁ	୧୨୩
୧୮.	ଆତ୍ମୋପଲବ୍ଧିର ପାଞ୍ଚ ସୋପାନ	୧୩୩
୧୯.	ଆମ ଜୀବନ ହିଁ ତାଙ୍କ ସନ୍ଦେଶ	୧୪୬
୨୦.	ବୋଧାତୀତ	୧୫୮
୨୧.	କଳିଯୁଗ ଅବତାର	୧୬୪
୨୨.	ଧର୍ମକ୍ଷେତ୍ର ଘଡ଼ି	୧୭୫
୨୩.	ଭଗବାନଙ୍କ ଲକ୍ଷଣ	୧୮୩
୨୪.	ଦିବ୍ୟ ସଂକଳ୍ପ ନିକଟରେ ଶରଣାପନ୍ନ	୧୯୪
୨୫.	ଦୀର୍ଘଯାତ୍ରା	୨୦୪
୨୬.	ସତ୍ ଓ ଅସତ୍	୨୧୦
୨୭.	ସତ୍ୟବୋଧକ ଗୁରୁ	୨୧୫
୨୮.	ଚମତ୍କାର ତାଙ୍କର ଭିଜିଟିଙ୍ଗ କାର୍ଡ଼	୨୨୧
୨୯.	ଭକ୍ତିମାର୍ଗ	୨୩୩

୧

ସ୍ଥାୟୀ ଆବାସ

କିଛି ଦିନ ପୂର୍ବେ, ସ୍ୱାମୀ ଏଠାକାର ସମସ୍ତ 'ସ୍ଥାୟୀ' ବାସିନ୍ଦାଙ୍କୁ ଡାକିଥା'ନ୍ତି । ଅତୀତରେ ସେ ସେମାନଙ୍କୁ ଡାକି ସେମାନେ ଯଦି ସାଧନା ଆରମ୍ଭ କରିଥା'ନ୍ତି, ତେବେ ସେଥିରେ କିଭଳି ଅଗ୍ରସର ହେବାକୁ ହେବ ବୁଝାଉଥା'ନ୍ତି । କିନ୍ତୁ ଗତ ତିନି ବର୍ଷ ମଧ୍ୟରେ ସେ ସେମାନଙ୍କୁ ଡାକି ନଥାନ୍ତି । କାରଣ ସେ କହନ୍ତି, "ଆଗରୁ ଦେଇଥିବା ଖାଦ୍ୟକୁ ଜୀର୍ଣ୍ଣ କରି ପାରି ନଥିବା ଲୋକଙ୍କୁ ପୁଣି ଥରେ ଖାଇବାକୁ ଦେଇ ଲାଭ କ'ଣ ? ତାହା କଲେ କେବଳ ରୋଗ ହେବ । ପୂର୍ବରୁ ଯାହା କୁହାଯାଇଥିଲା ତାହାକୁ ବୁଝି ଅଭ୍ୟାସ କରିବାକୁ ହେବ, ତା'ପରେ ଆଉ ଏକ କିସ୍ତିରେ ଅଧିକ କିଛି କୁହାଯିବ ।"

ଏଥର ଆମ ସମସ୍ତଙ୍କୁ ଡାକିଥିବା ଅବସରରେ ସେ ମୋତେ କିଛି କହିବାକୁ ଆଦେଶ ଦେଲେ ଓ ମୁଁ କହିଲି, "ଏହି କ୍ଷେତ୍ରକୁ ପ୍ରଶାନ୍ତି ନିଳୟମ୍" କୁହାଯାଏ । ସ୍ୱାମୀ ଯେତେବେଳେ ଯେଉଁ ନାମ ଦେଇଥା'ନ୍ତି, ତାହାର କିଛି ଗୂଢ ତାତ୍ପର୍ଯ୍ୟ ଥାଏ । ପ୍ରଶାନ୍ତି ସେଭଳି କିଛି 'ଆଶ୍ରମ' ନୁହଁ, ଯେଉଁଠାରେ ଜଣେ ସାଧୁ ପୁରୁଷ ଅବସ୍ଥାନ କରି ଭକ୍ତମାନଙ୍କୁ ଉପଦେଶ ଦେଇଥା'ନ୍ତି । ଆମେ ରାମକୃଷ୍ଣ ଆଶ୍ରମ ଓ ଅନ୍ୟାନ୍ୟ ଅନେକ ଆଶ୍ରମ ସମ୍ବନ୍ଧରେ ଜାଣୁ । ଏହା ଏକ ମନ୍ଦିର ମଧ୍ୟ ନୁହଁ ଯେଉଁଠାରେ କୌଣସି ନିର୍ଦ୍ଦିଷ୍ଟ ଭଗବାନଙ୍କର ପ୍ରତିମାକୁ ସ୍ଥାପନ କରି ଆମେ ପୂଜା କରୁ । ଏଠାରେ ସମସ୍ତ ଧର୍ମ ଓ ଭଗବାନଙ୍କର ସମସ୍ତ ନାମ ଓ ରୂପକୁ ଆମେ ପାଇଥାଉ । ଏହି ଭବନର ନିର୍ମାଣ ଚାଲିଥିବା ସମୟରେ ଭଗବାନ ଏହାକୁ 'ପ୍ରଶାନ୍ତି ନିଳୟମ୍' ନାମ ଦେଲେ । ନିଳୟମ୍‌ର ଅର୍ଥ ଯେଉଁଠାରେ କିଛି ଏକ ପ୍ରତିଷ୍ଠିତ ବା ଅଧିଷ୍ଠିତ ହୋଇଥାଏ । 'ପ୍ରଶାନ୍ତି'ର ଅର୍ଥ ସର୍ବୋତ୍ତମ ଶାନ୍ତି, ଯେଉଁ ଶାନ୍ତି ଅସ୍ଥିର ନୁହଁ, ଆନ୍ଦୋଳିତ ନୁହଁ । ଏହି କ୍ଷେତ୍ରରେ ଆପଣ ସେହି ପ୍ରଶାନ୍ତି ପାଇଥା'ନ୍ତି । ଉପନିଷଦ କହେ, "ପ୍ରଶାନ୍ତିଂ ଅଧିଗଚ୍ଛତି ।" ଏହି ସ୍ତରରେ ପ୍ରବେଶ କରିବା ପରେ ଆଉ କୌଣସି ଦ୍ୱୈତ ଭାବ ନଥାଏ । ଏକ ଭିନ୍ନ ଦ୍ୱିତୀୟ କିଛି ନଥାଏ । ଏହା ହିଁ ପ୍ରଶାନ୍ତି – ପ୍ରକୃଷ୍ଟ ଶାନ୍ତି । ଏହା ଏକ ଉନ୍ନତ ଶିକ୍ଷା ସଂସ୍ଥା । ସାରା ସଂସାରରେ ଅନେକ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଓ ଶିକ୍ଷା ପ୍ରତିଷ୍ଠାନ ରହିଛି, ଯେଉଁଠାରେ 'ଶିକ୍ଷା' ଦିଆଯାଏ । କିନ୍ତୁ ଏଠାରେ 'ସର୍ବୋନ୍ନତ ଶିକ୍ଷା' ମିଳିଥାଏ, ଯାହା କେବଳ ମନ, ଇନ୍ଦ୍ରିୟ ଓ ବୁଦ୍ଧିର ଶିକ୍ଷା ନୁହଁ, ଆତ୍ମାର ଶିକ୍ଷା ମଧ୍ୟ । ଏଠାରେ ସ୍ୱୟଂ ଭଗବାନଙ୍କର ଦର୍ଶନ, ସ୍ପର୍ଶନ ଓ ସମ୍ଭାଷଣ ମିଳିଥାଏ । ଭଗବାନଙ୍କ ସହ ବ୍ୟକ୍ତିଗତ ସାକ୍ଷାତ୍‌କାର 'ଇଣ୍ଟରଭ୍ୟୁ'ର ସୁଯୋଗ ମିଳିଥାଏ, ଓଷ୍ଠପୁଟରେ ଭଗବାନଙ୍କର ଦିବ୍ୟ ମନ୍ଦହାସ ଦର୍ଶନର ମହାନନ୍ଦ ପ୍ରାପ୍ତି ଘଟିଥାଏ । ଏହି ସମସ୍ତ ସେହି ପ୍ରଶାନ୍ତି ପ୍ରାପ୍ତିରେ ସହାୟକ ହୋଇଥା'ନ୍ତି ।

ଏଠାରେ କେହି ସ୍ଥାୟୀ ବାସିନ୍ଦା ନୁହନ୍ତି, ସମସ୍ତେ ଅସ୍ଥାୟୀ ଅନ୍ତେବାସୀ । କେହି ସ୍ଥାୟୀ ନୁହନ୍ତି । ତେଣୁ ଆମେ ସମସ୍ତେ "ମୃତ୍ୟୋର୍ମା ଅମୃତଂ ଗମୟ" ଅର୍ଥାତ୍ ମୃତ୍ୟୁରୁ ଅମୃତତ୍ୱକୁ ନେଇ ଯାଅ କହି ଭଗବାନଙ୍କୁ ପ୍ରାର୍ଥନା କରିଥାଉ । ଆଉ ମଧ୍ୟ ଏହି କ୍ଷେତ୍ରରେ ଫରେନର ବା ବିଦେଶୀ ଶବ୍ଦର କିଛି ଅର୍ଥ ନଥାଏ । କାରଣ ଭଗବାନଙ୍କର ହୃଦୟ ଏତେ ବିଶାଳ ଯେ କେହି ତାଙ୍କ ପାଇଁ ଫରେନର ବା ବିଦେଶୀ ନୁହଁନ୍ତି । ଆମେ ପ୍ରତ୍ୟେକେ ତାଙ୍କର ଏକ ଏକ ସାଧନ । ହଁ, ତାଙ୍କର ଉପଦେଶ, ତାଙ୍କର ଆଦର୍ଶ ଆମ ପାଇଁ ଫରେନ୍(ନୂଆ) ହୋଇ ପାରେ କିନ୍ତୁ ଆପଣ ତାଙ୍କର ଅତି ଆପଣାର । ଆମେ ନିଜକୁ ଏଠାକାର ସ୍ଥାୟୀ ବାସିନ୍ଦା କହୁ, କାରଣ ଆମକୁ ଏଠାରେ ରହିବା ପାଇଁ ଗୋଟିଏ ଗୋଟିଏ ବଖରା ଦିଆଯାଇଛି, ଯାହା ଫଳରେ ଆମେ ନିର୍ବିଘ୍ନରେ ରହିପାରିବା ।

ଏହି "ଅତ୍ୟୁନ୍ନତ ଶିକ୍ଷାନୁଷ୍ଠାନ"ରେ ପ୍ରବେଶ କରିବା ପାଇଁ କାଳ୍ପନିକ ମନେ ହେଲେ ହେଁ, ଏକ ପ୍ରବେଶ ପରୀକ୍ଷା ରହିଛି । ଆମେ ସ୍ଥାୟୀ ବାସିନ୍ଦା ହୋଇ ଯାଇଛୁ ମାନେ ଏହା ନୁହଁ ଯେ ଆମେ ପ୍ରବେଶ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଯାଇଛୁ । ଆମେ କୌଣସିମତେ ଏଥି ମଧ୍ୟରେ ପ୍ରବେଶ କରି ଯାଇଛୁ କିନ୍ତୁ ସେ ଆମକୁ ଯେଉଁ ପରୀକ୍ଷା କରିବାକୁ ଯାଉଛନ୍ତି ତାହାର ପାଠ୍ୟକ୍ରମ କ'ଣ ଆମେ ଜାଣିନାହୁଁ । ଆଜି ଏଠାରେ ଏକତ୍ରିତ ହୋଇଥିବା ଆମେମାନେ, ସ୍ୱାମୀ ଆମକୁ ଯେଉଁ ପ୍ରଶାନ୍ତି ଦେବାକୁ ଆସିଛନ୍ତି, ତାହା ଲାଭ କରିବାର ଯୋଗ୍ୟତା ଆମ ମଧ୍ୟରେ ଅଛି କି ନାହିଁ ଜାଣିବା ପାଇଁ ଉଦ୍ଦିଷ୍ଟ ପ୍ରବେଶ ପରୀକ୍ଷାର ଏକ ଏକ ପରୀକ୍ଷାର୍ଥୀ । ସ୍ୱାମୀ କହନ୍ତି ଯେ ତାଙ୍କର ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ନିମନ୍ତେ ଆମ ମଧ୍ୟରେ ଚାରୋଟି ଯୋଗ୍ୟତା ରହିବା ଆବଶ୍ୟକ - "ମୈତ୍ରୀ, କରୁଣା, ମୁଦିତା ଓ ଉପେକ୍ଷା" ।

ମୈତ୍ରୀର ଅର୍ଥ ସମସ୍ତଙ୍କ ପ୍ରତି ମୈତ୍ରୀଭାବ ପୋଷଣ କରିବା, ଶତ୍ରୁତା, ବିଦ୍ୱେଷ, ଅସୂୟା, ପ୍ରତିଦ୍ୱନ୍ଦ୍ୱିତା ଓ ଶୋଷଣକୁ ସ୍ଥାନ ନଦେବା । ମିତ୍ରତା ମଧ୍ୟରେ ସମତ୍ୱଭାବ ଥାଏ, ଉଚ୍ଚ ନୀଚର ଭେଦ ନଥାଏ । ମିତ୍ରମାନେ ପରସ୍ପର ମଧ୍ୟରେ ତୁଳନା କରନ୍ତି ନାହିଁ । ପରସ୍ପରକୁ ମାପି ନଥାନ୍ତି, ଜଣେ ଜଣକୁ ଶାସନ, ଶୋଷଣ ବା ସମାଲୋଚନା କରନ୍ତି ନାହିଁ, ତୁମ ମଧ୍ୟରେ ମୈତ୍ରୀଭାବ ରହିଲେ ତୁମେ ସମସ୍ତଙ୍କ ସହ ନିଜକୁ ଏକ ମନେ କରିବ । କୁହାଯାଏ, "ବନ୍ଧୁବାନ୍ଧବଙ୍କୁ ଭଗବାନ ଦେଇଥାନ୍ତି, କିନ୍ତୁ ଧନ୍ୟ ସେହି ଭଗବାନ ଯିଏ ଆମକୁ ଆମ ମିତ୍ରକୁ ବାଛିବାର ସ୍ୱାଧୀନତା ଦିଅନ୍ତି ।" ମିତ୍ରତା ମଧ୍ୟରେ ସମାନତା ଥାଏ । ସମସ୍ତେ ସମସ୍ତଙ୍କ ସହ ସମାନ କାରଣ ସମସ୍ତଙ୍କ ଅନୁପ୍ରେରଣା ସେହି ଏକ ଈଶ୍ୱର । ପ୍ରତ୍ୟେକଙ୍କ ମଧ୍ୟରେ ସେହି ଏକ ଈଶ୍ୱର ଦେଇଥିବା ଶକ୍ତି ସଞ୍ଚରିତ ହେଉଥାଏ । ତେଣୁ ଆମର ସର୍ବ ପ୍ରଥମ ଯୋଗ୍ୟତା ହେଲା ପୃଥିବୀରେ ସମସ୍ତଙ୍କ ପ୍ରତି ମୈତ୍ରୀଭାବ ପୋଷଣ କରିବା । ଆମେ ନିଜକୁ ନିଜେ ପରଖି ଦେଖିବା, ଯେହେତୁ ଆମେ ସମସ୍ତେ ସେହି ଏକ ଈଶ୍ୱରଙ୍କ ସନ୍ତାନ, ଯେହେତୁ ଆମେ ସେହି ସୌଭ୍ରାତୃତ୍ୱର ବନ୍ଧନରେ ବନ୍ଧା । ଆମେ ସେହି ଭାବ ନେଇ ଅନ୍ୟ

ପ୍ରତି ଆମର ଉଷ୍ମତାର ହାତ ବଢ଼ାଉଛେ କି ? ଅନ୍ୟକୁ ମନଭରି ସ୍ୱାଗତ କରି ପାରୁଛେ କି ? ହଁ, ଆମେ ଅନ୍ୟକୁ ଭାଇ କହି ଡାକୁ । ତେବେ ସ୍ୱାମୀ ଯେଉଁ ଭ୍ରାତୃତ୍ୱର କଥା କହିଛନ୍ତି ତାହା ଆମେ ଅଭ୍ୟାସ କରି ପାରୁଛୁ କି ? ଗୋଟିଏ ପରିବାରରେ ଦୁଇ ଭାଇଙ୍କ ମଧ୍ୟରେ କଳହ ! ପୃଥିବୀରେ ଆମର ଶତ୍ରୁ ହେଲା ଆମ ବଡ ଭାଇ । ଆମେ ଅଭିଯୋଗ କରି କହୁ, "ମାଁ ତ ତାଙ୍କୁ ବେଶୀ ଆଦର କରେ ।" "ସେ ମୋ'ଠୁ ଅଧିକ ଖାଏ ।" ଈର୍ଷା, ଅସୂୟା, ଦ୍ୱେଷ, ପରଶ୍ରୀକାତରତା - ସବୁ ଆରମ୍ଭ ହୁଏ ଘରୁ । ବାପା-ମାଆ ମଧ୍ୟ ଏହାକୁ ଇନ୍ଧନ ଦିଅନ୍ତି । ଆମେ କହୁ, "ତୋ ବଡ ଭାଇକୁ ଦେଖେ, ସେ କେତେ ଭଲ ପଢୁଛି । ଆଉ ତୁ! କିଛି ନୁହଁ!" ଆମେ ଜଣକୁ ଅନ୍ୟଜଣକ ବିରୁଦ୍ଧରେ ଛିଡା କରୁ । ଏଭଳି ଭ୍ରାତୃତ୍ୱର କିଛି ଅର୍ଥ ନଥାଏ । ଏହାଠୁ ଉନ୍ନତ ଚିନ୍ତା ହେଲା, ଆମେ ସମସ୍ତେ ସେହି ଏକ ଈଶ୍ୱରଙ୍କ ପ୍ରେମ ପାଇଥାଉ । ଏହା ହିଁ ପ୍ରକୃତ ମୈତ୍ରୀ, ଭ୍ରାତୃଭାବ ।

ଦ୍ୱିତୀୟ ଯୋଗ୍ୟତା ହେଲା କରୁଣା - କରୁଣାର ଅର୍ଥ ଦୟା ନୁହଁ । ଦୟା ତୁମ ମନରେ 'ମୁଁ ବଡ ଭାବ' ଆଣେ । ରାମକୃଷ୍ଣ ପରମହଂସ ଯେତେବେଳେ, କିଛି ମନୋରମ ଦୃଶ୍ୟ ଦେଖୁଥିଲେ, (ମନେକର ଆକାଶରେ ଘନକୃଷ୍ଣ ବାଦଲ ମଧ୍ୟ ଦେଇ ଶ୍ୱେତଶୁଭ୍ର ବକ ପଂକ୍ତି ଉଡି ଉଡି ଯାଉଛନ୍ତି) ତାହା ତାଙ୍କୁ ମହା ଚୈତନ୍ୟର ଉନ୍ନତ ପ୍ରଦେଶକୁ ନେଇ ଯାଉଥିଲା ଓ ସେ ଅପୂର୍ବ ଏକ ଭଗବତ୍ ଚେତନାରେ ଅଭିଭୂତ ହୋଇ ଯାଉଥିଲେ । ଥରେ ସେ ଏହିଭଳି ଦିବ୍ୟ ଭାବରେ ବିଭୋର ଥିବା ସମୟରେ ତାଙ୍କ ଆଖିରୁ ଲୁହ ଝରୁଥାଏ ଓ ସେ ମନେ ମନେ 'ଜୀବ ଦୟା, ଜୀବ ଦୟା' କହୁଥାନ୍ତି । ହଠାତ୍ ସେ ଚାରିଦିଗକୁ ଦୃଷ୍ଟି ଫେରାଇ ଚାହିଁଲେ ଓ ନିଜକୁ ନିଜେ କହିଲେ, "ନା ଦୟା ନୁହଁ, ଦୟା ନୁହଁ । ସମସ୍ତ ଜୀବଙ୍କୁ ଈଶ୍ୱରଙ୍କ ପ୍ରତିରୂପ ମଣି ସେବା କର ।" ସେତେବେଳେ ବିବେକାନନ୍ଦ ଓ ଅନ୍ୟାନ୍ୟ ଘନିଷ୍ଠ ଭକ୍ତ ତାଙ୍କୁ ଲକ୍ଷ୍ୟ କରୁଥା'ନ୍ତି । ବିବେକାନନ୍ଦ ତାଙ୍କ ପାଖରେ ଥିବା ଅନ୍ୟ ଜଣେ ସନ୍ନ୍ୟାସୀଙ୍କୁ କହିଲେ, "ଏଥର ମୁଁ ବୁଝି ପାରିଛି ମୋତେ କ'ଣ କରିବାକୁ ହେବ ।" ସେ ସର୍ବଜୀବ ସେବାର ମହତ ଉଦ୍ଦେଶ୍ୟ ନେଇ ରାମକୃଷ୍ଣ ମିଶନ୍ ଆରମ୍ଭ କଲେ । ସେବା ମାନେ ତୁମେ କ'ଣ ବୁଝ ? ଅନ୍ୟର ଦୁଃଖ-କଷ୍ଟରେ ଭାଗୀ ହେବା ଓ ଅନ୍ୟର ଯତ୍ନ ନେବା । ମନେକର ଜଣେ କୂଅରେ ପଡିଯାଇଛି । ତୁମେ ମାଇକ୍‌ରେ ଉଚ୍ଚସ୍ୱରରେ ଡାକି ଦଳେ ଲୋକଙ୍କୁ ରୁଣ୍ଡ କରେଇ କହିଲ, "ବିଚରା ଲୋକଟି କୂଅରେ ପଡି ଯାଇଛି । ତା ନାଁ ଅମୁକ । ତାର ଭାର୍ଯ୍ୟା ଓ ତିନୋଟି ଛୁଆ ।" ଏହା କହି ତୁମେ ଏକ ସାଧାରଣ ସଭା କଲ, ଲୋକଙ୍କଠାରୁ ଏକ ନିଶୁଣି କିଣିବା ପାଇଁ ଚାନ୍ଦା ସଂଗ୍ରହ କଲ, ତାକୁ କୂଅରୁ କାଢ଼ିଲ, ତୁମେ ଲୋକଟିକୁ ଉଦ୍ଧାର କରିଛ ବୋଲି ତୁମ ଛବି ସମ୍ବାଦପତ୍ରରେ ବାହାରିଲା ।" ଏହା ସେବା ନୁହଁ । ଏହା ଏଭଳି ଏକ ପରିସ୍ଥିତି ଯେଉଁଠାରେ ତୁମେ ଲୋକଟିକୁ ବିପଦରୁ ଉଦ୍ଧାର କରିବା ପାଇଁ ଯଥାସମ୍ଭବ ତତ୍ପର ହେବ । ସ୍ୱାମୀ କହନ୍ତି, "ଯେତେ ପାରୁଛ, ଜଣେ ଅନ୍ୟ

ଜଣଙ୍କୁ ସାହାଯ୍ୟ କର । ତୁମର ବାହୁବଳ ହଉ ବା ଧନବଳ ହଉ, ଯାହା ପାଉଛ ତାହା ଖଟେଇ ସାହାଯ୍ୟ କର । 'କିଛି କରିବିନି' କହିବା ଏକ ପାପ । ଜଣେ ତୁମର ସାହାଯ୍ୟ ଚାହୁଁଥିବା ସମୟରେ ତୁମେ ତୁମର ବୁଦ୍ଧି, ବଳ, କୌଶଳ ଦେଇ ତାକୁ ସାହାଯ୍ୟ କରିବା ପାଇଁ ମନା କରିବା ଭଗବାନଙ୍କ ନିକଟରେ ତୁମେ କରୁଥିବା ଏକ ଜଘନ୍ୟ ପାପ । "ମୁଁ କ'ଣ କରିବି ? ସେ ତା' କର୍ମଫଳ ଭୋଗୁଛି" - ଏମିତି କୁହ ନାହିଁ । ସେ ହୁଏତ କୂଅରେ ପଡ଼ିଯିବା ତାର କର୍ମ, କିନ୍ତୁ କିଛି ସତ୍‌କର୍ମ କରି ତୁମର କୁକର୍ମର ଫଳ ପୋଛି ଦେବା ପାଇଁ ତୁମେ ପାଇଥିବା ଏହା ଏକ ସୁଯୋଗ । ଏହି ସୁଯୋଗଟିକୁ ହାତ ଛଡା କର ନାହିଁ, ସଙ୍ଗେ ସଙ୍ଗେ କୂଅକୁ ଡେଇଁ ଲୋକଟିକୁ ଉଦ୍ଧାର କର । ଯେକୌଣସି ଦୁଃଖ, ଦୁର୍ଦ୍ଦଶା ବା ଦୁର୍ଘଟଣା ତୁମ ପାଇଁ ସତ୍‌କର୍ମ କରିବାର ଏକ ସୁଯୋଗ । ଏହି ସୁଯୋଗକୁ ପୂର୍ଣ୍ଣପ୍ରାଣରେ ବ୍ୟବହାର କର । ତାହା ଯଦି ନ କର, ତାହା ହେବ ତୁମର ଦୁଷ୍କର୍ମ ଓ ତାର ଫଳ ତୁମକୁ ଭୋଗିବାକୁ ହେବ । ଜଣକର ସେବା କରିବାର, ଯତ୍ନନେବାର, ତୁମଠେ ଯାହା ଅଛି ତାହାକୁ ଅନ୍ୟ ସହ ଭୋଗ କରିବାର ସୁଯୋଗକୁ ତୁମେ ଯଦି ବ୍ୟବହାର ନକର ତାହା ହେବ ଦୁଷ୍କର୍ମ । କର୍ମ ସତ୍ୟ ହୋଇପାରେ ଅସତ୍ୟ ହୋଇପାରେ । ଅସତ୍ୟ କର୍ମ କଲେ ଅସତ୍ୟ ଫଳ ମିଳେ, ସତ୍ୟ କର୍ମ କଲେ ସତ୍‌ଫଳ ମିଳେ । ଜଣେ ଯଦି ତାର କୁକର୍ମର କୁଫଳ ଭୋଗ କରୁଥାଏ, ତୁମେ ତାର ସେବା କରି ସୁକର୍ମର ସୁଫଳ ଲାଭ କରିବାର ଏକ ସୁଯୋଗ ପାଉଛ । ଏହା ହିଁ କରୁଣା । ସ୍ୱାମୀଙ୍କର ନାମ ନେଇ ସେବାରେ ନିଜକୁ ଉତ୍ସର୍ଗ କରିଥିବା ସେବାଦଳ କର୍ମୀମାନଙ୍କୁ ସ୍ୱାମୀ କହନ୍ତି, "ବ୍ୟାଜ ପିନ୍ଧିଥିବା ସମୟରେ କିମ୍ବା ତୁମକୁ ଦିଆ ଯାଇଥିବା କୌଣସି ସେବାକାର୍ଯ୍ୟ କରୁଥିବା ସମୟରେ କେବଳ ତୁମେ ନିଜକୁ ସେବାଦଳ କର୍ମୀ ମନେ କର ନାହିଁ । ସେବାଦଳ କର୍ମୀ ସବୁ ସମୟରେ ଓ ସବୁ ସ୍ଥାନରେ ସେବା କରିବାର ସୁଯୋଗର ସନ୍ଧାନରେ ରହିବା ଦରକାର । ତମେ ଜଣେ ଚିରକାଳ ସେବକ ଯିଏ ନିଜକୁ ସେବାକାର୍ଯ୍ୟରେ ସମ୍ପୂର୍ଣ୍ଣଭାବେ ଉତ୍ସର୍ଗୀକୃତ କରିଥାଏ, ଯିଏ ତାର ସମସ୍ତ ଦୈହିକ, ମାନସିକ ତଥା ଆର୍ଥିକ ଶକ୍ତିକୁ ଅନ୍ୟର ସେବାରେ ବିନିଯୋଗ କରେ । ସ୍ୱାମୀଙ୍କର ଦ୍ୱିତୀୟ ପରୀକ୍ଷା 'କରୁଣା'ର ଅର୍ଥ ହେଲା ଏହା । ଏହା ଭାରି କଷ୍ଟ ନୁହଁ କି ? 'ଆସ, ସମସ୍ତେ ଆସ, ମୁଁ ତୁମକୁ ଉଦ୍ଧାର କରିବି, କେବଳ ଥରେ, ଦୁଇଥର ବା ତିନିଥର 'ଓଁ' କୁହ, ସେତିକି ଯଥେଷ୍ଟ' - ସ୍ୱାମୀ ଏହା କହିବାକୁ ଆସିନାହାନ୍ତି । ଆମ ଆଗରେ ସେ ଏକ ମସ୍ତବଡ କାର୍ଯ୍ୟ ରଖିଛନ୍ତି । ସ୍ୱାମୀ ଚାହୁଁଥିବା ସାମାନ୍ୟ ଏକ କାର୍ଯ୍ୟ କରିବା ମଧ୍ୟ ଏକ କାଠିକର ପାଠ । "ଅଦ୍ୱେଷ୍ଟା ସର୍ବଭୂତାନାମ୍" - କାହା ପ୍ରତି ବିଦ୍ୱେଷଭାବ ପୋଷଣ ନ କରିବା, କାହା ପ୍ରତି ଅସୂୟା ପ୍ରକାଶ ନ କରିବା, କାହା ଉପରେ ନିଜର ଆଧିପତ୍ୟ ବିସ୍ତାର ନ କରିବା - ଏହା କରିପାରିଲେ ସ୍ୱାମୀ ସନ୍ତୁଷ୍ଟ ହେବେ । ଅନ୍ୟ ପ୍ରତି କରୁଣା ଭାବ ପ୍ରଦର୍ଶନ କରି, ଅନ୍ୟର ଦୁଃଖ-କଷ୍ଟରେ ଭାଗୀ ହୋଇ, ଅନ୍ୟର ସେବା କରି, ଯେଉଁମାନେ ଆମଠୁ କମ୍ ଭାଗ୍ୟଶାଳୀ ସେମାନଙ୍କୁ

ସେବା କରିବାର ସମସ୍ତ ସୁଯୋଗକୁ ପୂର୍ଣ୍ଣଭାବେ ବ୍ୟବହାର କରି ଓ ସେହି ସେବାକୁ ତାଙ୍କର ଆରାଧନା ମନେ କରି କାର୍ଯ୍ୟ କଲେ ସେ ସନ୍ତୁଷ୍ଟ ହେବେ ।

ତା'ପରେ ମୁଦିତା । ଏହାର ଅର୍ଥ ସବୁ ସମୟରେ ଆନନ୍ଦରେ ରହିବା, ଯାହା କିଛି ଘଟୁ, ଯେତେ ପଛେ କଷ୍ଟ ଆସୁ, ଜୀବନରେ ଯେ କୌଣସି ନୈରାଶ୍ୟ ଆସୁ - ମନରେ ଏଥିପାଇଁ ତିଳେ ହେଲେ ଦୁଃଖକୁ ସ୍ଥାନ ନଦେବା । ତୁମେ ଭାବିବା ଉଚିତ, "ଆଃ, ଭଗବାନଙ୍କର ମୋ ପ୍ରତି କି ବିଶେଷ କୃପା ! ସେହି ଲୋକକୁ ଭଗବାନ କଷ୍ଟ ଦେଇନାହାଁନ୍ତି, ମୋତେ କଷ୍ଟ ଦେଇଛନ୍ତି, କାରଣ ସେ ଜାଣନ୍ତି ଯେ ମୁଁ ଏହା ସହ୍ୟ କରିପାରିବି । ଧନ୍ୟ ହେଲି ପ୍ରଭୁ, ଧନ୍ୟ ହେଲି ।" ଜୀବନରେ ଯଦି କିଛି ନୈରାଶ୍ୟ ଆସେ, କଷ୍ଟ ଆସେ, ଆପଣାର କିଏ ମୃତ୍ୟୁବରଣ କରେ - ସବୁ ଅବସ୍ଥାରେ ଆନନ୍ଦରେ ରୁହ, କାରଣ ପ୍ରଭୁଙ୍କ ସାମ୍ରାଜ୍ୟ ତୁମରି ମଧ୍ୟରେ ରହିଛି । ତେଣୁ ସ୍ୱାମୀ ଅନେକ ସମୟରେ ତେଲୁଗୁରେ କୁହନ୍ତି, "ନିକେମି କୋରତା" - ଅର୍ଥାତ୍ ତୋ'ଠେ କେଉଁ ଜିନିଷର ଅଭାବ ଅଛି ? ପରମାନନ୍ଦର ଉତ୍ସ ସବୁଠୁ ମହାର୍ଘ ସମ୍ପଦ, ମୁଁ ଥାଉ ଥାଉ ଆଉ ତୋର ଅଭାବ କ'ଣ ? ସେହି ଉତ୍ସକୁ ରୋକିବା ବା ରୁଦ୍ଧ କରିବା ଓ ନିଜର ଦୁଃଖ ଓ କ୍ରୋଧକୁ ପ୍ରକାଶ କରିବା ପ୍ରଭୁଙ୍କ ସମ୍ରାଜ୍ୟରେ ସାମ୍ରାଜ୍ୟ ବିରୋଧୀ କାର୍ଯ୍ୟ କରିବା ! ପ୍ରଭୁ ଯେତେବେଳେ ତୋ'ମଧ୍ୟରେ ଅଛନ୍ତି, ତୁ ଆନନ୍ଦ ବିଭୋର ହୋଇ ନ ରହିବାର କିଛି କାରଣ ନାହିଁ । ଏହା ହେଲା ତୁମର ତୃତୀୟ ପରୀକ୍ଷା । ଏହା ମଧ୍ୟ ଅତି କଷ୍ଟ । ତେଣୁ ଅନେକେ ଏହି ସ୍ଥାନ ଛାଡି ଚାଲିଯା'ନ୍ତି । ସ୍ୱାମୀ କିନ୍ତୁ ଏଥିରେ ସାଲିସ୍ କରନ୍ତି ନାହିଁ । ସେ ଆମକୁ ଏହା ଅଭ୍ୟାସ କରିବାକୁ ବାଧ କରନ୍ତି । ତୁମେ 'ଅସତୋ ମା ସଦ୍ ଗମୟ' କହିଥାଅ । ତୁମେ ଯଦି ସତରେ ଏହା ହୃଦୟପୂର୍ବକ ଅନୁଭବ କରୁଛ ଏବଂ ଏହି ସଂସାର ଯେ କ୍ଷୟଶୀଳ - ଏହି ଭାବ ତୁମର ଅସ୍ଥିମଜ୍ଜାଗତ ହୋଇ ଯାଇଛି, ତେବେ ସ୍ୱାମୀ ତୁମକୁ 'ମୋ ସହ ଆସ' କହି ଆଗକୁ ବଢେଇ ନେବେ ।

ଚତୁର୍ଥ ଯୋଗ୍ୟତା ହେଲା ଉପେକ୍ଷା । ଏହାର ଅର୍ଥ କୌଣସି ପ୍ରକାର ଆସକ୍ତି ନ ରଖିବା, ପଦ୍ମପତ୍ର ଉପରେ ଜଳବିନ୍ଦୁ ସମ ଅନାସକ୍ତ ଓ ନିର୍ଲିପ୍ତ ରହିବା । ସୁଖ ହେଉ ବା ଦୁଃଖ ହେଉ, ଜୟ ହେଉ ବା ପରାଜୟ ହେଉ ତୁମର ସେଥିରେ କିଛି ଯାଏ ଆସେ ନାହିଁ । ଏହା ଉପେକ୍ଷା । ତୁମେ ଯଦି ମନରେ କିଛି ଇଚ୍ଛା ରଖ, ଯାହା ଇଚ୍ଛା କରୁଛ, ତାହା ପ୍ରତି ତୁମର ଆସକ୍ତି ଅଛି କୁହାଯିବ । ତୁମେ ଯେତେବେଳେ କୌଣସି ବିଷୟ ବା ବସ୍ତୁ ପ୍ରତି ଆସକ୍ତି ନ ରଖିବା ସ୍ଥିତିରେ ପହଞ୍ଚ ସେତେବେଳେ ପ୍ରଶାନ୍ତି ଲାଭ କର । ସ୍ୱାମୀ କହନ୍ତି ଯେ ପ୍ରଶାନ୍ତି ନିଳୟମ୍‌ର ସ୍ଥାୟୀ ବାସିନ୍ଦାଙ୍କ ମଧ୍ୟରେ ଏହି ଚାରି ଯୋଗ୍ୟତା ରହିବା ଆବଶ୍ୟକ । ଏଠାକୁ ଆସୁଥିବା ପ୍ରତ୍ୟେକେ ଏହି ଚାରି ଯୋଗ୍ୟତା ଲାଭ କରି ନିଜ ନିଜ ସ୍ଥାନରେ ଏକ ଏକ ପ୍ରଶାନ୍ତି ନିଳୟମ୍ ଗଢି ପାରିବେ । ସ୍ୱାମୀ କହନ୍ତି, "ତୁମ ହୃଦୟକୁ ଏକ ପ୍ରଶାନ୍ତି ନିଳୟମ୍ କର, ମୁଁ ସେଠାରେ ରହିବି ।" ସେ କହନ୍ତି ଯେ ସେ ହିଁ ପ୍ରଶାନ୍ତି ନିଳୟମ୍‌ର ସ୍ଥାୟୀ

ବାସିନ୍ଦା ଏବଂ ସେହି ସାଇଙ୍କୁ ତୁମର ହୃଦୟସ୍ଥାୟୀ କରିବା ପାଇଁ ତୁମେ ତୁମ ହୃଦୟକୁ ପ୍ରଥମେ ପ୍ରଶାନ୍ତି ନିଳୟମ୍ କରି ଗଢିବାକୁ ହେବ ।

ଏହି ଚାରୋଟି ଯୋଗ୍ୟତା ହିଁ ପ୍ରକୃତରେ ଧର୍ମ । ତୁମେ ହୁଏତ ଏହା ଲକ୍ଷ୍ୟ କରିଥିବ ଯେ ଏ ସମସ୍ତ ମଧ୍ୟରେ ଭଗବାନଙ୍କୁ କୌଣସି ଏକ ନାମରେ ଉଲ୍ଲେଖ କରାଯାଇ ନାହିଁ । କାରଣ ଭଗବାନଙ୍କର ଅନେକ ନାମ ଓ ସେ ନାମରହିତ ମଧ୍ୟ । ତୁମ ଅନ୍ତରରେ ଥିବା ଭଗବାନଙ୍କ ସାମ୍ରାଜ୍ୟରୁ ପ୍ରେରଣା ଲଭି ତୁମ ମଧ୍ୟରେ ସାଇଙ୍କୁ ଦେଖ, ଖ୍ରୀଷ୍ଟ ବା ଶିବଙ୍କୁ ଦେଖ ବା ତୁମ ମଧ୍ୟରେ ଥିବା ସେହି ଅଦୃଶ୍ୟ ଶକ୍ତିକୁ ତୁମେ ଯେଉଁ ନାମରେ ଡାକ ନା କାହିଁକି, ତାଙ୍କୁ ଦର୍ଶନ କର । ନିତ୍ୟ ସମତ୍ୱ, ନିତ୍ୟାନନ୍ଦ ଓ ତୁମ ଦୃଷ୍ଟିରେ ପଡୁଥିବା ପ୍ରତ୍ୟେକ ଧୂଳିକଣା ମଧ୍ୟରେ ଦିବ୍ୟତ୍ୱର ସନ୍ଧାନ କରି ତତ୍‌ଲବ୍ଧ ନିତ୍ୟ ଚୈତନ୍ୟରେ ପ୍ରତିଷ୍ଠିତ ହୁଅ । ଏହା ଯଦି ତୁମେ ଅଭ୍ୟାସ କରିପାର, ଏହି ଭାବରେ ନିତ୍ୟ ପ୍ରତିଷ୍ଠିତ ହୋଇପାର, ସେହି ମହାନନ୍ଦମୟ ସ୍ଥିତିରେ, ଯାହାର ଅନ୍ୟନାମ ପ୍ରଶାନ୍ତି ନିଳୟମ୍‌ରେ ତୁମେ ସ୍ଥାୟୀ ବାସିନ୍ଦା ହେବାର ଯୋଗ୍ୟତା ଲାଭ କରିପାରିବ ।

ଏହି ଉନ୍ନତ ଶିକ୍ଷା ସଂସ୍ଥାନରେ ମୈତ୍ରୀ, କରୁଣା, ମୁଦିତା ଓ ଉପେକ୍ଷା ନାମକ ଚାରୋଟି ବିଷୟର ପରୀକ୍ଷାରେ ତୁମେ ଉତ୍ତୀର୍ଣ୍ଣ ହୋଇପାରିଲେ ସ୍ୱାମୀଙ୍କ ପ୍ରେମମୟ ଆଶ୍ଳେଷ ମଧ୍ୟକୁ ତୁମେ ଆସିପାରିବ ଓ ସେତେବେଳେ ସେ ତୁମକୁ ତାଙ୍କରି ମଧ୍ୟରେ ସାଇତି ରଖିବେ ।

❖❖❖

୨

ପ୍ରକୃତ ସାମୀପ୍ୟ

ସ୍ୱାମୀ ଅନେକ ସମୟରେ କହନ୍ତି, "ମୋ ଅନିଶ୍ଚିତତାକୁ ଭଲ ପାଅ ।" ସ୍ୱାମୀ ସତରେ ଭାରି ଅନିଶ୍ଚିତ । ତୁମ ମଧ୍ୟରୁ କେତେକ ହୁଏତ ଭାବୁଥିବ, ସ୍ୱାମୀ ଛ', ସାତ, ଦଶ ବା ବାର ତାରିଖରେ ପ୍ରଶାନ୍ତି ଛାଡ଼ି ବାହାରକୁ ଯିବେ । କିନ୍ତୁ ଏହା ଅତି ଅନିଶ୍ଚିତ । ତୁମେ ଯଦି ସେ କେବେ ପ୍ରଶାନ୍ତି ଛାଡ଼ିବେ ବୋଲି ପ୍ରଶ୍ନ କର, ତାହା ମୁଁ ମଧ୍ୟ ଜାଣେ ନାହିଁ । ଲୋକ ଯେତେବେଳେ ପ୍ରଶାନ୍ତି ଆଡ଼କୁ ଧାଇଁବା ଆରମ୍ଭ କରନ୍ତି, ସେତେବେଳେ ମୁଁ ଜାଣିପାରେ ଯେ ସେ କୁଆଡ଼େ ଯାଉଛନ୍ତି । ମୁଁ ସେତେବେଳେ ଜଣେ କାହାକୁ ପଚାରେ, "କାହିଁକି ଧାଇଁଛ ?" ସେ କହେ, "ସ୍ୱାମୀ ପ୍ରଶାନ୍ତି ଛାଡ଼ି ବାହାରକୁ ଯାଉଛନ୍ତି ।" ତାହା ଶୁଣି ମୁଁ ମଧ୍ୟ ପ୍ରଶାନ୍ତିର ଦିଗରେ ଧାଇଁବା ଆରମ୍ଭ କରେ । ସ୍ୱାମୀ ପ୍ରଶାନ୍ତିରେ ଥିବା ସମୟରେ ସେ ବାହାରକୁ କେବେ ଯିବେ ଆମେ ସଠିକ୍ ଭାବେ ଜାଣିପାରୁନା । ଥରେ ସେ ପ୍ରଶାନ୍ତି ଛାଡ଼ିବା ପରେ ପୁଣି ଯେ କେବେ ଫେରିବେ ତାହା ମଧ୍ୟ ଆମକୁ ଜଣା ନଥାଏ । ଯଦି ସେ ଉତ୍ତରକୁ ଯାତ୍ରା କରିଥାନ୍ତି, ସେ ହୁଏତ ଦିଲ୍ଲୀ ବା ମସୋରି କିମ୍ବା ସିମ୍‌ଲା କିମ୍ବା ହିମାଳୟକୁ ଯାତ୍ରା କରିପାରନ୍ତି ! ସେ କେଉଁଠାକୁ ଯିବେ କେହି ଜାଣି ନଥାନ୍ତି ଅତୀତରେ ଆମେ ତାଙ୍କ କାର୍ ପଛେ ପଛେ ଯାଉଥିବା ସମୟରେ ସେ ଆମକୁ ଆଗକୁ ଯାଇ କୌଣସି ଏକ ମାଇଲ୍ ଖୁଣ୍ଟଠାରେ ଅପେକ୍ଷା କରିବାକୁ କହନ୍ତି ଓ ପରେ ସେ ସେଠାରେ ପହଞ୍ଚି ସେ ଯେ କେଉଁଠିକି ବାହାରିଛନ୍ତି ଜଣାନ୍ତି । ସେ ଯାଏ ସେ ଯେ କେଉଁଠାକୁ ଯିବେ ଆମେ ଜାଣି ପାରିନଥାଉ । ଏହାହିଁ ଅନିଶ୍ଚିତତା । ଅନ୍ୟ ଗୁରୁମାନେ ସେମାନଙ୍କର ଶିଷ୍ୟମାନଙ୍କୁ ଏଭଳି ଅନିଶ୍ଚିତତା ମଧ୍ୟରେ ରଖିନଥାନ୍ତି କାରଣ ଶିଷ୍ୟମାନେ ହତାଶ ହୋଇ ସେମାନଙ୍କୁ ଛାଡ଼ିଦେବା ସେମାନେ କେବେ ଚାହିଁ ନଥାନ୍ତି । ମେଣ୍ଢା ପଲ ମଧ୍ୟରୁ ଗୋଟିଏ ମେଣ୍ଢା ଚାଲିଯିବା ମାନେ ମେଷପାଳକର କ୍ଷତି । ତେଣୁ ସେ ଚାହେଁ ପଲରେ ସବୁ ମେଣ୍ଢା ରହିଥା'ନ୍ତୁ । କିନ୍ତୁ ସ୍ୱାମୀ ଏସବୁର ଊର୍ଦ୍ଧ୍ୱରେ । ସ୍ୱାମୀ ତାଙ୍କର ଦିବ୍ୟ ସମ୍ଭାଷଣର ଆରମ୍ଭରେ ବୋଲୁଥିବା ଏକ ପଦ୍ୟରେ କହନ୍ତି, "ଚେନ୍ତ ଚେର୍ଚ୍ଚିନତଞ୍ଜୁ ଶାନ୍ତ ସିଞ୍ଜେଜିରେନା...." ତୁମକୁ ମୁଁ ମୋ ପାଖକୁ ଆସିବାକୁ ଓ ମୋ ପାଖରେ ରହିବାକୁ ଅନୁମତି ଦେଇଛି ଭାବି ଯଦି ସ୍ଫୀତ ଓ ଗର୍ବିତ ହେଉଥାଅ, ତେବେ ଯେକୌଣସି ମୁହୂର୍ତ୍ତରେ ମୁଁ ତୁମକୁ ଦୂରକୁ ଠେଲି ଦେବାର ଭୟ ରହିଛି ବୋଲି ମଧ୍ୟ ଜାଣ । ମୁଁ ଯଦି ଲକ୍ଷ୍ୟ କରେ ଯେ ମୁଁ ତୁମକୁ ପାଖକୁ ଆସିବାକୁ ଦେବା ପରେ ତୁମ ମଧ୍ୟରେ ଅହଙ୍କାର ଦେଖାଦେଇଛି ଓ ଏଥିପାଇଁ ଅନ୍ୟମାନେ ତୁମକୁ ଦଣ୍ଡବତ ହେବା ଆରମ୍ଭ କରିଛନ୍ତି, ସେତେବେଳେ ମୁଁ ତୁମକୁ ଦୂରକୁ ଠେଲି ଦିଏ । ଆମ ଦେଶରେ ଆମେ ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କର ବୟସକୁ ସମ୍ମାନ ଦେଇ ସେମାନଙ୍କର ପାଦକୁ ପ୍ରଣାମ କରିଥାଉ । ମୁଁ ଜଣେ ବୃଦ୍ଧ ହୋଇଥିବାରୁ କେତେକ ଆସି ମୋ ପାଦସ୍ପର୍ଶ କରିଥା'ନ୍ତି । ସ୍ୱାମୀ

ମୋତେ ସାବଧାନ କରି କହନ୍ତି, "କୋଓ୍ବୁ ଏକ୍କି ପୋତୁନ୍ଦି" ଅର୍ଥାତ୍ ଗର୍ବରେ ଫୁଲିବା ଆରମ୍ଭ କରିବୁ । ମୁଁ ଯେତେବେଳେ କହେ, "ନା ସ୍ୱାମୀ, ସେମିତି କିଛି ନୁହଁ", ସେ କହନ୍ତି, "ନମସ୍କାରମୁ ତିସୁକୁଣ୍ଟୁନାଉ" - ନମସ୍କାର ନେବାରେ ଲାଗିଛୁ, ସେମାନଙ୍କୁ ପାଦ ଛୁଇଁବାକୁ ଦେଉଛୁ । ସେତେବେଳେ ମୁଁ କହେ, "କ'ଣ କରିବି ସ୍ୱାମୀ, ଏସବୁ ଆଗ ଜନ୍ମ ହେବାର ଫଳ ! ଖାଲି ସେତିକି ନୁହଁ, ମୁଁ ଦୀର୍ଘ ୩୨ ବର୍ଷ ଶିକ୍ଷକତା କରିଥିଲି । ମୋର ଅନେକ ପୁରୁଣା ଛାତ୍ର ମୋତେ ସେମାନଙ୍କର ଶିକ୍ଷକ ଭାବେ ମନେ ରଖିଥାନ୍ତି । ସେମାନେ ଯେତେବେଳେ ମୋତେ ଦେଖନ୍ତି, ମୋ ପାଦକୁ ପ୍ରଣାମ କରନ୍ତି । ଏଥିରେ ମୁଁ କରିବି କ'ଣ ?" ସ୍ୱାମୀ କହନ୍ତି, "କିନ୍ତୁ ମୁଁ ଦେଖୁଛି ଲୋକେ ତୋ' ପାଦକୁ ଛୁଇଁବା ସମୟରେ ତୁ ସାମାନ୍ୟ ମଧ୍ୟ ସଙ୍କୋଚ ପ୍ରକାଶ କରୁନାହୁଁ, ସତେ ଯେମିତି ତାହା ତୋର ପ୍ରାପ୍ୟ ! ସେମାନେ ଯେତେବେଳେ ପାଦ ଛୁଇଁବାକୁ ଯାଉଛନ୍ତି, ପ୍ରତିବାଦ କରିବା ତ ଦୂରର କଥା, ତୁ ତୋ ପାଦ ବଢ଼େଇ ଦେଉଛୁ । ଏଇଠେ ମଣିଷ ମଧ୍ୟରେ ଗର୍ବ ଆସେ ।" ଫେର୍ ସ୍ୱାମୀ କହିଲେ, "ଦେଖ୍, ଗର୍ବରେ ସ୍ଫୀତ ହ'ନା । ତୋ ମଧ୍ୟକୁ ଗର୍ବ ପ୍ରବେଶ ହେବାକୁ ଦେନା । ନାହିଁ, ନାହିଁ କହି ବାରଣ କର । ନମସ୍କାର ଗୋଟେଇବା ଛାଡ଼େ ।" ଥରେ ଜଣେ ସ୍ଥାନୀୟ ନେତା କୌଣସି ଏକ ଗ୍ରାମକୁ ଯାଇଥାନ୍ତି । ସେ ସେଠାରେ ପହଞ୍ଚିବା ଆଗରୁ ଶ୍ରୋତାମାନେ ବସିଥିବା ସ୍ଥାନରେ ବିଭିନ୍ନ କୋଣରୁ ସେ ଜାଣିଥିବା କିଛି ଲୋକ ଆସି ତାଙ୍କୁ ଫୁଲମାଳ ଚଢ଼େଇବାର ବ୍ୟବସ୍ଥା କରିଥାନ୍ତି । ସଭା ଶେଷରେ ସେ ତାଙ୍କର ଚେଲାକୁ ପଚାରିଲେ, "ଆରେ, ଅଠରଟି ମାତ୍ର ମାଳ ପାଇଲି, ଆଉ ଦୁଇଜଣ ଗଲେ କୁଆଡ଼େ ?" ଠିକ୍ ଏମିତି ନମସ୍କାର ମଧ୍ୟ ଯୋଗାଡ଼ କରିହେବ । ମୋର କୌଣସି ପୁରୁଣା ଛାତ୍ର ଯଦି ଆସି ମୋ ପାଖରେ ଛିଡ଼ା ହୁଏ କିନ୍ତୁ ମୋତେ ପ୍ରଣାମ କରେ ନାହିଁ, ମୋ ମନରେ ରାଗ ଆସେ । ଏଭଳି ମନୋଭାବ ପରିହାର କରିବାକୁ ହେବ, ତେଣୁ ସ୍ୱାମୀ ଆମକୁ ସାବଧାନ ରହିବାକୁ କହନ୍ତି । ସେ କହନ୍ତି, "ମୋ ପାଖକୁ ଆସିବାକୁ ଦେଇଛି ବୋଲି ଖୁସି ହୋଇ ଯାଅନା, ମୁଁ ତୁମକୁ ଦୂରକୁ ଠେଲି ଦେଇପାରେ !" ଅବଶ୍ୟ, ମୁଁ ନିଜେ ଅନେକ ବାର ଏହାର ଶିକାର ହୋଇଛି । ତାଙ୍କର କେତେ ନିକଟରେ ବା କେତେ ଦୂରରେ ରହିବା ଠିକ୍ ହେବ, ତାହା ସ୍ଥିର କରିବା ଏକ ଅତ୍ୟନ୍ତ କଷ୍ଟକର ବ୍ୟାପାର । ଏହା ଅଗ୍ନି ସହ ରହିବା ଭଳି । ଖୁବ୍ ପାଖକୁ ଗଲେ ଜଳିଯିବ ! ବେଶୀ ଦୂରକୁ ଗଲେ ଥଣ୍ଡା ଲାଗିବ ! ତାଙ୍କର ଅତି ନିକଟରେ ରହିବାର ସୁଯୋଗ ପାଇ ମୁଁ ଯଦି ଭାବି ବସେ ଯେ ଏହା ମୋର ପ୍ରାପ୍ୟ, କାରଣ ମୁଁ ଜଣେ ମହାଜ୍ଞାନୀ ବା ତାଙ୍କର ଯଶର ପ୍ରଚାର ପାଇଁ ମୁଁ ଅପରିହାର୍ଯ୍ୟ, ତେବେ ମୋର ଏଭଳି ଅହଙ୍କାର ହେତୁ ମୁଁ ବହିଷ୍କୃତ ହୋଇପାରେ । ମୋ ଜୀବନରେ ଥରେ ଏହା ଘଟିଛି । ସେତେବେଳେ ସ୍ୱାମୀ ହ୍ୱାଇଟ୍‌ଫିଲ୍‌ଡ୍‌ରେ ଥା'ନ୍ତି । କୌଣସି ଏକ ରାଜ୍ୟପାଳଙ୍କର ପ୍ରାଇଭେଟ୍ ସେକ୍ରେଟେରୀ ରାଜ୍ୟପାଳଙ୍କ ଏକ ବାର୍ତ୍ତା ସ୍ୱାମୀଙ୍କ ନିକଟକୁ ପହଞ୍ଚେଇବା ପାଇଁ ଏଣେତେଣେ ଧାଉଁଥାନ୍ତି । ମୋ ଦୁର୍ଭାଗ୍ୟକୁ ମୁଁ ତାଙ୍କ ହାବୁଡ଼ରେ ପଡ଼ିଗଲି । ସେ ମୋତେ

କହିଲେ, "କସ୍ତୁରୀ ମହାଶୟ, ଯାହା ହେଉ ଆପଣଙ୍କୁ ପାଇଲି । ମୁଁ ସ୍ୱାମୀଙ୍କୁ ଥରେ ଭେଟିବାକୁ ଚାହୁଁଛି, କିନ୍ତୁ ପାରୁନି । କାଲି ଆମ ରାଜ୍ୟପାଳଙ୍କ ଜନ୍ମଦିନ, ତେଣୁ ସେ କାଲି ସକାଳେ ଆସି ସ୍ୱାମୀଙ୍କୁ ତାଙ୍କ ପ୍ରଣାମ ଜଣାଇବାକୁ ଚାହାନ୍ତି । ଥରେ ସ୍ୱାମୀଙ୍କୁ ପଚାରି ବୁଝନ୍ତୁ, ସେ ଠିକ୍ କେଉଁ ସମୟରେ ଆସିଲେ ହେବ ।" ଏହା ଶୁଣି ମୁଁ ଗର୍ବରେ ଫୁଲିବା ଆରମ୍ଭ କଲି । "ଆଃ । ରାଜ୍ୟପାଳଙ୍କ ପ୍ରାଇଭେଟ୍ ସେକ୍ରେଟାରୀ ଭାବୁଛନ୍ତି ଯେ ମୁଁ ସ୍ୱାମୀଙ୍କ ପ୍ରାଇଭେଟ୍ ସେକ୍ରେଟେରୀ !" ସେ ମୋତେ ଦେଇଥିବା କାର୍ଯ୍ୟକୁ ଗ୍ରହଣ କରି ମୁଁ ତାଙ୍କୁ ଅପେକ୍ଷା କରିବାକୁ କହିଲି । ମୁଁ ବଙ୍ଗଳା ଭିତରକୁ ଯାଇ ସ୍ୱାମୀଙ୍କୁ ଏକା ପାଇବାର ସୁଯୋଗ ପାଇଁ ଅପେକ୍ଷା କରିଥାଏ । କାରଣ, ସ୍ୱାମୀ ଯଦି ମୋତେ ଗାଳି ଦିଅନ୍ତି, ମୋର ଅସ୍ୱସ୍ତିକୁ ଯେମିତି ଅନ୍ୟ କେହି ନ ଦେଖନ୍ତି ! ଶେଷରେ ମୁଁ ତାଙ୍କୁ ଏକା ପାଇ କହିଲି, "ସ୍ୱାମୀ, ରାଜ୍ୟପାଳଙ୍କ ପ୍ରାଇଭେଟ୍ ସେକ୍ରେଟେରୀ.... ।" ସ୍ୱାମୀ କ୍ରୋଧ ପ୍ରକାଶ କରି କହିଲେ, "ତୋ ଲାଙ୍ଗୁଳ ହଲେଇବାକୁ ତୋତେ ଏଠେ କିଏ ଅଧିକାର ଦେଇଛି ? ଏମିତି ଯଦି ଲାଙ୍ଗୁଳ ହଲଉ, ଦିନେ ମୁଁ ତାହା କାଟି ଦେବି ! ଏ ଦାୟିତ୍ୱ ନେବାକୁ ତୋତେ କିଏ କହିଛି ? ସେ ଲୋକ ତୋତେ ସ୍ୱାମୀଙ୍କୁ ପଚାରି ବୁଝିବାକୁ କହିଲା । ଏ କ'ଣ ପଚାରି ବୁଝିବାର ବିଷୟ ? ରାଜ୍ୟପାଳର ଜନ୍ମଦିନ, ସେ ଏଠାକୁ ଆସିବାକୁ ଚାହେଁ, ମୁଁ ତାକୁ ପାଛୋଟି ଆଣିବାକୁ ପ୍ରସ୍ତୁତ ହୋଇ ରହିଥିବି, ନୁହଁ ? ସେ ଲୋକକୁ କହ, ଫାଟକ ସକାଳ ୬ଟାରୁ ରାତି ୮ଟା ଯାଏଁ ଖୋଲା ରହେ । ରାଜ୍ୟପାଳ ଆସିବା କିଛି ଏକ ବଡ଼ କଥା ନୁହଁ । ଏହା ଏମିତି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ନୁହଁ ଯେ ତୁ ଆସି ମୋତେ ଏ ଖବର ଦେବୁ । ମୋ ଜବାବ ପାଇଲୁ, ଯାଇ ତାକୁ ତାହା କହ । କ'ଣ ଏସବୁ ବାଜେ କଥା ହେଉଛି ?" ଶେଷରେ ମୋ କପାଳକୁ ଏହା ଥିଲା । ତେଣୁ ପାଖରେ ରହିବାର ସୁଯୋଗ ପାଇ ଗର୍ବରେ ଫୁଲି ଯାଅନା ! ଅନ୍ୟମାନେ ତୁମେ ପାଉଥିବା ସୁଯୋଗ ପାଉନାହାନ୍ତି ଭାବି ସେମାନଙ୍କୁ ଛୋଟ ମନେ କର ନାହିଁ । ତାଙ୍କରି ଅନୁଗ୍ରହରୁ ତୁମେ ଯଦି ତାଙ୍କ ପାଖକୁ ଯିବାର ସୁଯୋଗ ପାଇଛ, ତାର କାରଣ ଖୋଜି ବାହାର କରିବାର ପ୍ରୟାସ କର ନାହିଁ । ମନରେ ତିଳେ ମଧ୍ୟ ଯଦି ଅହଙ୍କାର ପ୍ରକାଶ ପାଏ, ତାହା ଆଧ୍ୟାତ୍ମିକ ନୁହଁ, କାରଣ ସ୍ୱାମୀ ଆମର ଆଧ୍ୟାତ୍ମିକ ଗୁରୁ । ତେଣୁ ସେ କରୁଥିବା ପ୍ରତିଟି କର୍ମ, ତାଙ୍କର ଭାବଭଙ୍ଗୀ ଓ ପ୍ରତିଟି ବଚନ ଆଧ୍ୟାତ୍ମିକ ଉନ୍ନତି ପାଇଁ, ଆମ ଅନ୍ତର୍ଚେତନାକୁ ପ୍ରଜ୍ୱଳିତ କରିବା ପାଇଁ ତଥା ଆମ ଚୈତନ୍ୟକୁ ଊର୍ଦ୍ଧ୍ୱଗାମୀ କରିବା ପାଇଁ ଉଦ୍ଦିଷ୍ଟ । ଯେଉଁମାନେ ପ୍ରଥମଥର ଆସିଥା'ନ୍ତି, ସେମାନେ ସ୍ୱାମୀଙ୍କର ସୌମ୍ୟରୂପ ତଥା ପ୍ରେମମଧୁର ବଚନରେ ମୁଗ୍ଧ ହୋଇଥାନ୍ତି । ସେ ସେମାନଙ୍କୁ କହନ୍ତି, "ମୁଁ ତୁମ ସଙ୍ଗେ ସବୁବେଳେ ରହିଛି, ମୁଁ ତୁମ ସମ୍ବନ୍ଧରେ ସବୁ ଜାଣେ" ଓ ତୁମେ ତାଙ୍କୁ ଯାହା କହ ସେ "ହଁ" ଭରିଥାନ୍ତି । ମାଁ କୋଳରେ ଥିବା ଶିଶୁ ଭଳି ସେ ତୁମକୁ ସ୍ନେହ ଦିଅନ୍ତି । ପୁଣି ଯେତେବେଳେ ତୁମେ ଦ୍ୱିତୀୟ ବା ତୃତୀୟ ଥର ତାଙ୍କ ପାଖକୁ ଆସ, ଆଗର ସେହି ସ୍ନେହ ତାଙ୍କଠେ ନଥିବା ଭଳି ଅନୁଭବ କର । ସେତେବେଳେ ତୁମେ ଭାବି ବସ, "ନା, ମୋତେ କନ୍ଦେଇଲେ ତାଙ୍କୁ

ଭଲ ଲାଗେ । ଥରେ ଏତେ ସ୍ନେହରେ ଡାକନ୍ତି, ଆଉ ଥରେ ମୋ ଆଡ଼କୁ ବିଲ୍‌କୁଲ୍ ଚାହାଁନ୍ତି ନାହିଁ, ସତେ ଯେମିତି ମୁଁ ଗୋଟିଏ ଖମ୍ବ ବା ଗଛ ।" କିନ୍ତୁ ଏସବୁ ମଧ୍ୟରେ ସେ ତୁମକୁ ତାଙ୍କୁ ଛାଡ଼ି ଚାଲି ଯିବାକୁ ଦିଅନ୍ତି ନାହିଁ, ସେ କହନ୍ତି, "ତା'ପରେ ମୁଁ ତୁମକୁ ପେଟ ଫଟାଇ ହସାଏ ।" ସେତେବେଳେ ତୁମେ ଖୁସିରେ କୁହ, ଯେ ସ୍ୱାମୀ ତୁମ ସହ କଥା ହେଲେ ଓ କହିଲେ, "ଭଲ, ଭଲ, ତୁମେ ଭଲ କାମ କରୁଛ, ଏଥିପାଇଁ ଯେ ତୁମକୁ କେତେ କଷ୍ଟ ସ୍ୱୀକାର କରିବାକୁ ପଡୁଛି, ସବୁ ମୁଁ ଜାଣେ ।" ପର ମୁହୂର୍ତ୍ତରେ କିନ୍ତୁ ସେ ତୁମକୁ ବିଦ୍ରୂପ କରନ୍ତି, ତୁମେ କେଉଁଠେ ଭୁଲ କରିଛ କହନ୍ତି । କ୍ଷଣ ମଧ୍ୟରେ ଯାହା କିଛି ଖୁସି ହୋଇଥିଲ, ଆଉ ତାହା ନଥାଏ ! ମୋ' ନିଜ ଅନୁଭୂତିରୁ କହୁଛି, ମୁଁ କୌଣସି ସ୍ଥାନକୁ ଯାଇ ସେଠାରେ ସ୍ୱାମୀଙ୍କ ସମ୍ବନ୍ଧରେ କିଛି କହି ଯେତେବେଳେ ଫେରେ ସେ ମୋତେ କହନ୍ତି, "ସେଠାରେ ତୁ କି ଭାଷଣ ଦେଲୁ ? ଅନେକେ ମୋତେ ଚିଠି ଲେଖିଛନ୍ତି, କସ୍ତୁରୀକୁ ଆଉ ସେଠିକି ନ ପଠେଇବା ପାଇଁ !" କୌଣସି ଏକ ସ୍ଥାନରେ କିଛି ଏକ କାର୍ଯ୍ୟକ୍ରମରେ ଯୋଗ ଦେବାପାଇଁ ମୁଁ ଯେତେବେଳେ ତାଙ୍କ ଅନୁମତି ଲୋଡ଼େ, ସେ କହନ୍ତି, "ନା, ନା, ତୁ ଖାଲି ସେଠାକୁ ଯିବାକୁ ବ୍ୟଗ୍ର ହେଉଛୁ, କିନ୍ତୁ ସେମାନେ ତ ତୋ ପାଇଁ ବ୍ୟଗ୍ର ନୁହନ୍ତି ।" ଏମିତି କହି ସେ ମୋ' ମଧ୍ୟରେ ଅହଙ୍କାରର ସେହି ବୁଦ୍‌ବୁଦ୍‌କୁ ଫଟେଇ ଦିଅନ୍ତି । ଏହି ଖେଳ ତାଙ୍କୁ ଖୁବ୍ ମଜା ଲାଗେ ।

ତାପରେ ସେ କହନ୍ତି, "ଅଭୟମିଚେନୁଗାନି...." । ସେ ଯେତେବେଳେ କହନ୍ତି "ମୁଁ ଥାଉ ଥାଉ ଭୟ କାହିଁକି ?" ତାଙ୍କ ପ୍ରତିଶ୍ରୁତି ଶୁଣି ତୁମେ ପୂରା ବିଶ୍ୱାସ କରି ବସ ଯେ ସେ ତୁମକୁ ଉଦ୍ଧାର କରିବେ । ତେଣୁ ତୁମେ ଯେଉଁ ସାଧାରଣ ସାବଧାନତା ଅବଲମ୍ବନ କରିବା କଥା, ତାହା ମଧ୍ୟ କର ନାହିଁ ! ତୁମକୁ ଯଦି ଜଣେ କହେ "ସେଠାକୁ ଯାଅ ନାହିଁ", ତୁମେ "ଆରେ ସ୍ୱାମୀ ଅଛନ୍ତି, ଭୟ କରିବାର କ'ଣ ଅଛି" କହି ସେଠାକୁ ଯାଅ । ଏଭଳି ବିଶ୍ୱାସ ହେତୁ ତୁମେ ଅସାବଧାନ ହୁଅ । ସ୍ୱାମୀ ମୋର ଏ ଘରେ ଅଛନ୍ତି, ସେ ଘରେ ଅଛନ୍ତି, ପକେଟ୍‌ରେ ଅଛନ୍ତି, ମୁଦିରେ ଅଛନ୍ତି, ଘଡ଼ିରେ ଅଛନ୍ତି, ସବୁଠେ ଅଛନ୍ତି କହି ତୁମେ ତୁମର ପୂର୍ବ ସତର୍କତା ଅବଲମ୍ବନ କର ନାହିଁ । "ସ୍ୱାମୀଙ୍କ ଛବି ମୋ ଗାଡ଼ିରେ ରଖିଛି, ଆଉ ଭୟ କରିବାର କ'ଣ ଅଛି" କହି ସେଠାକୁ ଯାଅ । ଏଭଳି ବିଶ୍ୱାସ ହେତୁ ତୁମେ ଅସାବଧାନ ହୁଅ । ସେହି ଛବିକୁ ଚାହିଁ ତୁମେ ଅଧିକରୁ ଅଧିକ ବେଗରେ କୌଣସି ଏକ ବିପର୍ଯ୍ୟୟ ତୁମ ଉପରେ ଆସି ମାଡ଼ି ପଡ଼ିବା ଯାଏଁ ଗାଡ଼ି ଚଳାଅ । ତେଣୁ ସ୍ୱାମୀ କହନ୍ତି, "ମୁଁ ତୁମକୁ 'ମୁଁ ଏଠେ ଅଛି, ଭୟ କାହିଁକି' କହେ ବୋଲି ଅତ୍ୟଧିକ ବିଶ୍ୱାସରେ କୌଣସି ବୋକାମି କର ନାହିଁ । ମୋ ନିର୍ଦ୍ଦେଶକୁ ନ ମାନିଲେ ତୁମେ ଅସୁବିଧାରେ ପଡ଼ିବ । ତା'ପରେ ତୁମେ ଯେବେ ମୋ' ପାଖକୁ ଆସିବ, ମୁଁ ତୁମ ସହ କଥା ହେବିନି, ତୁମକୁ ଏଡ଼େଇ ଚାଲିଯିବି । ପୋଲଟି ତିଆରି ହେବାଯାଏଁ ମୋତେ ଅନ୍ୟ ଏକ ରାସ୍ତା ଧରିବାକୁ ହେବ । ଯେତେବେଳେ ତୁମେ ତୁମ ଭୁଲ ବୁଝି ନିଜକୁ ସଂଶୋଧନ କରିବ, ସେତେବେଳେ ମୁଁ ପୁଣି ଥରେ ତୁମକୁ ଡାକି କଥା ହେବି ।"

❖❖❖

୩

ନୃତ୍ୟ ଶ୍ରେଣୀ

ଆମେ ବର୍ତ୍ତମାନ ଭଗବାନଙ୍କୁ ଆମକୁ ଅସତ୍‌ରୁ ସତ୍‌କୁ, ଅନ୍ଧକାରରୁ ଆଲୋକକୁ ଓ ମୃତ୍ୟୁରୁ ଅମୃତତ୍ୱକୁ ନେଇ ଯିବାପାଇଁ ପ୍ରାର୍ଥନା କରି ଶେଷରେ ତିନିଥର ଶାନ୍ତି, ଶାନ୍ତି, ଶାନ୍ତି କହିଲେ । ଆମେ ଯଦି ହୃଦୟପୂର୍ବକ ଏହି ପ୍ରାର୍ଥନା କରିବା, ତେବେ ବୁଝିପାରିବା ଯେ ଏହି ଜଗତ କେବଳ ଏକ ବାହ୍ୟ ପରିପ୍ରକାଶ, ଏହା ସତ୍ୟ ନୁହଁ । ଏ ସମସ୍ତ ଦୃଶ୍ୟପଟର ପୃଷ୍ଠଭାଗରେ କିଛି ଏକର ଅସ୍ତିତ୍ୱ ଅଛି ଯାହା ଶାଶ୍ୱତ, ଚିରନ୍ତନ ଓ ତାହା ହିଁ ଏସମସ୍ତର ଆଧାର । ଆମେ ଯେତେବେଳେ ଏହି ସତ୍ୟରୁ ପରାଙ୍‌ମୁଖ ହେଉ, ସେତେବେଳେ ଦୃଶ୍ୟମାନ ସଂସାରରେ ଆମର ପତନ ହୁଏ । ଯାହା ଅଳିକ, ତୁଚ୍ଛ ଓ କ୍ଷଣିକ ତାହା ପ୍ରତି ଆମେ ଆକୃଷ୍ଟ ହେଉ ଓ ଶେଷରେ ନିଜକୁ କେଉଁ ଅତଳ ଗର୍ଭ ମଧ୍ୟରେ ପାଇଥାଉ । ସେହି ସମୟରେ ଆମେ ଯଦି ହୃଦୟଙ୍ଗମ କରି ପାରିବା ଯେ ଆମେ ରସାତଳକୁ ଚାଲିଯାଉଛେ ଓ କୃତସଙ୍କଳ୍ପ ହୋଇ ସେହି ଅତଳ ଗର୍ଭରୁ ଉପରକୁ ଉଠିବାର ପ୍ରୟାସ କରିବା, ସେତେବେଳେ ଭଗବାନ ଦେଖନ୍ତି ଯେ ଏହି ଲୋକଟି ଉପଲବ୍ଧି କରିପାରିଛି ଯେ ଏହି ଦୃଶ୍ୟମାନ ସଂସାର ଏକ ଭ୍ରମ ଓ ସତ୍ୟ ଏହାର ଊର୍ଦ୍ଧ୍ୱରେ ରହିଛି ଓ ସେଠାରେ ଉପନୀତ ହେବା ନିମନ୍ତେ ସେ ସତ୍‌କୁ, ଆଲୋକକୁ ତଥା ଅମୃତତ୍ୱକୁ ଲାଭ କରିବା ନିମନ୍ତେ ସତତ ତତ୍ପର ଅଛି, ସେ ତାଙ୍କର ଅପାର କୃପାରୁ ତା' ମଧ୍ୟରେ ଅମାପ ଶକ୍ତି ଭରି ଦେବେ । ସ୍ୱାମୀ କହନ୍ତି ଯେ ଆଲୋକର ଦିଗରେ ତୁମେ ଊର୍ଦ୍ଧ୍ୱକୁ ଗଲେ ପ୍ରକୃତ ସୁଖ ପାଅ, ଗଭୀରରୁ ଗଭୀର ଅନ୍ଧକାର ମଧ୍ୟକୁ ପତିତ ହେଲେ ତାହା ମିଳି ନଥାଏ ।

ଥରେ ସ୍ୱାମୀ ବମ୍ବେରେ ଥିବା ସମୟରେ, ତାଙ୍କର ଏକ ବହୁ ଦିନର ଭକ୍ତ, ଜଣେ ଭଦ୍ର ମହିଳା ତାଙ୍କ ନିକଟକୁ ଆସିଥାନ୍ତି । ସେ ସମୟରେ ମୁଁ ସେଠାରେ ଥାଏ । ଉକ୍ତ ମହିଳା ଘୋର ଏକ ବିପଦରେ ପଡ଼ିଥାନ୍ତି । ତାଙ୍କ ସ୍ୱାମୀ ଘରର ଏକ ଟେବୁଲ୍ ଉପରେ ଏକ ଚିଠି ରଖି ତାଙ୍କୁ ପରିତ୍ୟାଗ କରି ଚାଲି ଯାଇଥା'ନ୍ତି । ଉକ୍ତ ଚିଠିରେ ସେ ଲେଖିଥାନ୍ତି, "ସ୍ୱାମୀ ବମ୍ବେ ଆସିଛନ୍ତି । ଯା'ପରଠୁ ମୁଁ ତୁମକୁ ତାଙ୍କ ଜିମାରେ ଛାଡ଼ି ଯାଉଛି । ସେ ତୁମର ହେପାଜତ ମୋ ଅପେକ୍ଷା ଅଧିକ ଭଲଭାବେ କରିପାରିବେ । ତେଣୁ ତୁମରି ଭଲ ପାଇଁ ମୁଁ ତୁମକୁ ପରିତ୍ୟାଗ କରୁଛି ।" ଏକ ଭାରତୀୟ ପରିବାରରେ ଏମିତି କିଛି ଘଟିବା ଏକ ଘୋର ବିପର୍ଯ୍ୟୟ । ଆମେରିକୀୟ ପରିବାରରେ ଏହା ହୁଏତ ନୁହଁ । ସେଠାରେ ସ୍ୱାମୀ ଯଦି ଏହା କରେ, ସ୍ତ୍ରୀ ଭାବିବ, "ଯାହା ହଉ, ଗଲା, ଭଲ ହେଲା ।" ଭାରତରେ କିନ୍ତୁ ବିବାହ ଗୋଟିଏ ଜନ୍ମର ବନ୍ଧନ ନୁହେଁ, ଜନ୍ମ ଜନ୍ମର ବନ୍ଧନ । ଜଣେ ଚାଲିଗଲେ ଅନ୍ୟ ଜଣକୁ କଷ୍ଟ ଭୋଗିବାକୁ ହୁଏ । ମୃତ୍ୟୁରେ ମଧ୍ୟ ବନ୍ଧନ ଶେଷ ହୁଏ ନାହିଁ ।

ଉକ୍ତ ଭଦ୍ରମହିଳା ସ୍ୱାମୀଙ୍କୁ ସବୁ କଥା କହି ଭୋ ଭୋ କାନ୍ଦିଲେ । ସ୍ୱାମୀ ତାଙ୍କୁ କହିଲେ, "ନାଚେ !" କି ଏକ ଅଦ୍ଭୁତ ପ୍ରତିକ୍ରିୟା । ଦୁଇଟି ସନ୍ତାନର ମା - ବିବାହର ବନ୍ଧନରେ ଜନ୍ମ ଜନ୍ମାନ୍ତର ପାଇଁ ବାନ୍ଧି ହୋଇଥିବା ତାର ସ୍ୱାମୀ ତାକୁ ଯେ ବିଚ୍‌ରାସ୍ତା ଉପରେ ଛାଡ଼ି ଚାଲିଯାଇଛି ! ସ୍ୱାମୀ କଥାଟି ବୁଝେଇ କହିଲେ, "ଭଲ ହେଲା ! ସେ ବନ୍ଧନ କଟିଗଲା । ଏଥର ଭଗବାନ ତୋର ଯତ୍ନ ନେବେ । ତୁ ବର୍ତ୍ତମାନ ପୂର୍ବାପେକ୍ଷା ଅଧିକ ସ୍ୱାଧୀନ, ତେଣୁ ଖୁସି ହେବା କଥା !" ସ୍ୱାମୀ କହନ୍ତି, "ବିବାହ ପରେ ତୁମେ ଏକ ଚତୁଷ୍ପଦ ପ୍ରାଣୀ ହୋଇଯାଅ । ଗୋଟିଏ ସନ୍ତାନ ଜନ୍ମ ହେବା ପରେ ତୁମର ପାଦ ହୋଇଯାଏ ଛ' । ଆଉ ଏକ ସନ୍ତାନ - ଆଠ ପାଦ, ଆଉ ଏକ - ଦଶ ପାଦ !" ଯେତିକି ଯେତିକି ପାଦ ବଢ଼ିବ, ସେତିକି ସେତିକି ତୁମେ ତଳକୁ ଖସିବ - ସଂସାରକୁ ଅଧିକରୁ ଅଧିକ ଜାବୁଡ଼ି ଧରିବ । ଯେତେବେଳେ ଦୁଇଟି ପାଦ ଥାଏ, ତୁମେ ସିଧା ଚାଲିପାର, ଚାରିପାଦ ହେଲେ ତୁମକୁ ନଇଁବାକୁ ହୁଏ, ଛ'-ଆଠ-ଦଶ ପାଦ ହେଲେ ଗୁରୁଣ୍ଡିବାକୁ ହୁଏ । ଆହୁରି ଅଧିକ ବନ୍ଧନ ମଧ୍ୟରେ ତୁମେ ଛନ୍ଦି ହୋଇଯାଅ । ତେଣୁ "ନାଚେ" କହିବାର ଅର୍ଥ ହେଲା, "ବ୍ୟସ୍ତ ହ'ନା ।" ନାଚିଲେ ତୁମେ ତୁମର ଦୁଶ୍ଚିନ୍ତା ଭୁଲି ଯାଅ । ତୁମ ମଧ୍ୟରେ ଥିବା ଆନନ୍ଦ ଫୁଟି ବାହାରି ଆସେ ।

ଥରେ ଗ୍ରୀଷ୍ମ ଶିବିର ଚାଲିଥିବା ସମୟରେ ମୁଁ ବିଦ୍ୟାର୍ଥୀମାନଙ୍କ ଉପରେ ମୋର ଭାଷଣ ବର୍ଷିବାକୁ ପ୍ରସ୍ତୁତ ହେଉଥିବା ସମୟରେ ସ୍ୱାମୀ ମୋର ପରିଚୟ ଦେଇ କହିଲେ, "ଏବେ କସ୍ତୁରୀ ନାଚିବ ।" ହଁ, ଏହା ନାଚ ନୁହଁ ତ ଆଉ କ'ଣ । ସ୍ୱାମୀଙ୍କ ସମ୍ବନ୍ଧରେ କହିବା ସମୟରେ ତୁମେ ନିଶ୍ଚୟ ଆନନ୍ଦରେ ନାଚିବ ! ଥରେ ମୁଁ କୌଣସି ଏକ ସ୍ଥାନରେ କିଛି କହିବା ପାଇଁ ନିମନ୍ତ୍ରଣ ପାଇ ସେଠାକୁ ଯିବା ପାଇଁ ସ୍ୱାମୀଙ୍କ ଅନୁମତି ପ୍ରାର୍ଥନା କଲି । ସେତେବେଳେ ସ୍ୱାମୀ ମୋତେ କହିଲେ, "ଯା', ସେଠିକି ଯାଇ ନାଚେ ।" ମୁଁ କହିଲି, "ସ୍ୱାମୀ, ସେଠାକୁ ଯିବା ସମୟରେ ମୁଁ କଲିକତା ମଧ୍ୟ ଯାଇପାରେ ।" ସ୍ୱାମୀ କହିଲେ, "ଯା' ସେଠେ ବି ନାଚେ ।" ନାଚିବା ମାନେ ଆନନ୍ଦ ବିଭୋର ହେବା । ଆମେ ନଟରାଜଙ୍କ ବିଗ୍ରହ ଦେଖିଥାଉ । ସମଗ୍ର ସୃଷ୍ଟି ଯେ ଏକ ନୃତ୍ୟ - ନଟରାଜ ତାହାର ପ୍ରତୀକାତ୍ମକ ସ୍ୱରୂପ । ପ୍ରତ୍ୟେକ କୋଷ ମଧ୍ୟରେ, ପ୍ରତ୍ୟେକ ଅଣୁ ମଧ୍ୟରେ ଅନବରତ ନୃତ୍ୟ ଚାଲିଥାଏ । କମ୍ପନ ଓ ସ୍ପନ୍ଦନ ପରେ ପଦାର୍ଥରେ ରୂପାନ୍ତରଣ ହୁଏ ।

ସ୍ୱାମୀଙ୍କର ଏକ ତେଲୁଗୁ ପଦ୍ୟ ସମସ୍ତଙ୍କୁ ଗଭୀରଭାବେ ସ୍ପର୍ଶ କରିଥାଏ । ଏହା ତାଙ୍କର ବ୍ୟକ୍ତିତ୍ୱର ଏକ ପରିପ୍ରକାଶ କହିଲେ ଠିକ୍ ହେବ । ସେହି ପଦ୍ୟରେ ସେ କହିଥିଲେ, "ମୁଁ ନୃତ୍ୟାଚାର୍ଯ୍ୟ ନଟରାଜ । ତୁମେ ସମସ୍ତେ ମୋର ଶିଷ୍ୟ । ନୃତ୍ୟର ପ୍ରତିଟି ପଦକ୍ଷେପ ତୁମକୁ ଶିକ୍ଷା ଦେବା ଯେ କେତେ କଷ୍ଟଦାୟକ ତାହା ମୁଁ କେବଳ ଜାଣେ ।" ଆମ ପାଦ କେବେ ଠିକ୍ ପଡ଼େନା । ସେ ଆମକୁ ନୃତ୍ୟ ଶିଖେଇବାକୁ ହୁଏ । ନୃତ୍ୟ ହେଉଛି ଆନନ୍ଦ,

ଯାହା ଆମର ପ୍ରକୃତ ସ୍ୱରୂପ । ସ୍ୱାମୀ ଆମକୁ 'ଆନନ୍ଦସ୍ୱରୂପୁଲ୍ଲାରା' କହି ସମ୍ବୋଧନ କରିଥାନ୍ତି । ଆନନ୍ଦ ଆମର ସ୍ୱଭାବ । ତେଣୁ ସ୍ୱାମୀ ଉକ୍ତ ମହିଳାଙ୍କୁ ନାଚିବାକୁ ଅର୍ଥାତ୍ ଆନନ୍ଦରେ ରହିବାକୁ କହିଲେ । ସେ ତାଙ୍କୁ କହିଲେ, "ତୁମେ କାହିଁକି ବ୍ୟସ୍ତ ହେଉଛ ? ତୁମ କଥା ବୁଝିବାକୁ ଜଣେ ଅଛନ୍ତି। ସେ ତୁମକୁ ବାଟ ଦେଖେଇ ଦିଅନ୍ତି, ସେ ତୁମକୁ ରକ୍ଷା କରନ୍ତି । ସେ ଯଦି ଚାହାନ୍ତି ଯେ ତୁମେ ତୁମ ସ୍ୱାମୀଠୁ ଅଲଗା ହୋଇଯାଅ, ତାହା ହିଁ ହଉ । ଏହା ତୁମର କର୍ମ । ତୁମରି କର୍ମ ମାଧ୍ୟମରେ ଭଗବାନଙ୍କ ଇଚ୍ଛା କାର୍ଯ୍ୟକାରୀ ହେଉଛି ବୋଲି ଜାଣ । ଏହା ତୁମର ପ୍ରାପ୍ୟ । ତୁମ ପ୍ରାପ୍ୟ ତୁମେ ପାଇଛ ଜାଣି ଖୁସି ହୁଅ । କଳି କର ନାହିଁ !"

କେବେ ତୁମେ ନାଚି ପାରିବ ? ଅସତ୍‌ର ଦିଗକୁ, ଅନ୍ଧକାରର ଦିଗକୁ, ମୃତ୍ୟୁର ଦିଗକୁ ବଢ଼ିଲେ ନୃତ୍ୟ କରି ହୁଏ ନାହିଁ । ଏସବୁରୁ ମୁହଁ ବୁଲେଇ ଆଣ । ଦୃଶ୍ୟମାନ ଭ୍ରମ ପ୍ରତି ନୁହଁ, ଅଦୃଶ୍ୟ ସତ୍ୟ ପ୍ରତି; ଅନ୍ଧକାର ପ୍ରତି ନୁହଁ, ଆଲୋକ ପ୍ରତି; ମୃତ୍ୟୁ ପ୍ରତି ନୁହଁ, ଅମୃତତ୍ୱ ପ୍ରତି ଦୃଷ୍ଟି ଦିଅ । ତୁମ ଜୀବନର ଦିଶା ପରିବର୍ତ୍ତନ କରି ତୁମେ ଯେତେବେଳେ ଲକ୍ଷ୍ୟ ପ୍ରତି ଅଗ୍ରସର ହେବ ସ୍ୱାମୀ ଖୁସି ହୋଇ କହିବେ, "ବାଃ ! ସେ ଆଗଉଛି, ଏଥର ଆସେ !" ସେ ସୁର ଦେବେ ଓ ସେ ଯେମିତି କହିବେ ତୁମେ ସେମିତି ନାଚିବ । ଆମକୁ ନାଚ ଶିଖେଇବାର ପୀଡ଼ା ସେ କେବଳ ଜାଣନ୍ତି । ସେ ଆମକୁ ଉଦ୍ଧାର କରିବାକୁ ଆସିଥିବା ସମୟରେ ଆମେ ଯଦି ଉଦ୍ଧାର ପାଇବାକୁ ନ ଚାହୁଁ, ସେ ଆମକୁ ଆଲୋକ ଦେବାକୁ ଆସିଥିବା ସମୟରେ ଆମେ ଯଦି ତୁଚ୍ଛ ଓ କ୍ଷଣିକ ଉପଭୋଗ ମଧ୍ୟରେ ମଜ୍ଜି ରହୁ, ତାହା ତାଙ୍କୁ ନିଶ୍ଚୟ କଷ୍ଟ ଦେବ । ଅବତାର ତାଙ୍କର ଅପାର କରୁଣାରୁ ଧରାଧାମରେ ଅବତୀର୍ଣ୍ଣ ହୋଇଥାନ୍ତି, ତାଙ୍କର ସେହି କରୁଣାର ସଠିକ୍ ପ୍ରତ୍ୟୁତ୍ତର ଯଦି ନ ମିଳେ, ତାଙ୍କର କରୁଣାକୁ ଆମେ ଯଦି ଗ୍ରହଣ ନକରୁ, ସମ୍ମାନ ନଦେଉ, ଭକ୍ତି ନକରୁ ତାହା କ'ଣ ତାଙ୍କ ପାଇଁ ବେଦନାଦାୟକ ନୁହଁ ? ମୁଁ ଯେତେବେଳେ ତାଙ୍କୁ କହେ, "ସ୍ୱାମୀ ! ଆପଣ ମୋ' ଉପରେ ରାଗିଛନ୍ତି", (ସେ ଅନେକ ଥର ମୋ ପ୍ରତି କ୍ରୋଧ ପ୍ରକାଶ କରିଛନ୍ତି) ସେ କହନ୍ତି, "ମୁଁ ରାଗି ନାହିଁ, ମୁଁ ବ୍ୟସ୍ତ ହେଉଛି, ମୁଁ କେବଳ ହତାଶ ହେଉଛି ।" ସେ ଆମକୁ ସାହାଯ୍ୟ କରିବାକୁ ଚାହାନ୍ତି, ଆମେ କିନ୍ତୁ ତାଙ୍କ ସାହାଯ୍ୟ ଆବଶ୍ୟକ ମନେ କରୁନା । ସେ ଆମକୁ ଦେବାକୁ ଚାହାନ୍ତି, ଆମେ କିନ୍ତୁ ତାହା ଗ୍ରହଣ କରିବାକୁ ହାତ ବଢ଼ଉନା । ସେ ଆମକୁ ସଳଖ ହୋଇ ଚାଲିବାକୁ କହିଥା'ନ୍ତି, ଆମେ କିନ୍ତୁ ନଇଁ ନଇଁ ଚାଲିବା ପସନ୍ଦ କରୁ । ଏହାହିଁ ନୃତ୍ୟାଚାର୍ଯ୍ୟଙ୍କର ମନୋବେଦନା । ତେଣୁ ସେ କହନ୍ତି, "ତୁମକୁ ନୃତ୍ୟର ପ୍ରତ୍ୟେକ ପଦକ୍ଷେପ ଶିକ୍ଷା ଦେବା ଯେ କେତେ ବେଦନାଦାୟକ, ତାହା ମୁଁ କେବଳ ଜାଣେ ।" କାନ୍ଧରେ ମସ୍ତବଡ଼ ଗଣ୍ଠୁଲି ଧରି ତୁମେ ନାଚିବ କିମିତି ? ତୁମେ ଯାହା, ତାହା ହୋଇ ରୁହ । ସେତେବେଳେ ସେ ତୁମକୁ ନାଚ ଶିଖେଇବାକୁ ତାଙ୍କର ସୁର ତୋଳିବେ ଓ ତା'ର ତାଳେ ତାଳେ ତୁମେ ନାଚି ପାରିବ ।

ସ୍ୱାମୀ ତାଙ୍କର ଏକ ତେଲୁଗୁ ପଦ୍ୟରେ କହନ୍ତି, "ଓ଼ିଶ୍ୱମନ୍ତା ବ୍ୟାପୀଐ ଓ଼େଲେୟୁଓ଼ାଡୁ", ଅର୍ଥାତ୍ ମୁଁ ସକଳ ବିଶ୍ୱରେ ପରିବ୍ୟାପ୍ତ । ବିଶ୍ୱ ମାନେ ଏହି ଅଖିଳ ବ୍ରହ୍ମାଣ୍ଡ । ତାଙ୍କରି ସୃଷ୍ଟି ମଧ୍ୟକୁ ସେ ପ୍ରବେଶ କରିଛନ୍ତି । ତାଙ୍କୁ ଜଣେ ଭକ୍ତ ଥରେ ପତ୍ରଦ୍ୱାରା ଜଣେଇଥିଲେ ଯେ ତାଙ୍କ ଗ୍ରାମର ପ୍ରତ୍ୟେକ ଘରେ ସ୍ୱାମୀଙ୍କ ଭଜନ ଗାନ କରାଯାଉଛି ଓ ପ୍ରତ୍ୟେକ ଘରେ ସ୍ୱାମୀଙ୍କ ଚିତ୍ର ପୂଜା ପାଉଛି । ଏହାକୁ ସେ ତେଲୁଗୁରେ ଲେଖିଥିଲେ, "ଇଣ୍ଟି ଇଣ୍ଟିନା ସ୍ୱାମୀନାମମୁ, ଇଣ୍ଟି ଇଣ୍ଟିନା ସ୍ୱାମୀ ରୂପମ୍" ସ୍ୱାମୀ ତାର ଉତ୍ତରରେ କହିଥିଲେ, "ଇଣ୍ଟି ଇଣ୍ଡି କାଦୁ, ଇଞ୍ଚି ଇଞ୍ଚି," ଅର୍ଥାତ୍ ଘରେ (ଇଣ୍ଟି) ଘରେ (ଇଣ୍ଟି) ନୁହଁ, ଇଞ୍ଚି ଇଞ୍ଚି - ପ୍ରତ୍ୟେକ ଇଞ୍ଚ୍ ସ୍ଥାନରେ କୁହ । "ଭୂବଲୟମ୍ ଆନ୍ତା ସଞ୍ଚରିଞ୍ଚୁନୁ" - ସମଗ୍ର ଭୂମଣ୍ଡଳରେ ମୁଁ ସଞ୍ଚାର କରିଥାଏ - ମୁଁ ନଥାଇ କୌଣସି ସ୍ଥାନ, ଏପରିକି ଇଞ୍ଚେ ମଧ୍ୟ ସ୍ଥାନ ନାହିଁ । ଏହା ଏକ ଅତିରଞ୍ଜିତ ବ୍ୟାଖ୍ୟା ନୁହଁ । ଜାପାନ୍ ହେଉ ବା ଆଇସ୍‌ଲ୍ୟାଣ୍ଡ ହଉ ବା ଆର୍ଜେଣ୍ଟିନା ହଉ, ସାରା ସଂସାରରେ ଯିଏ ଯେତେବେଳେ ଯେଉଁଠେ ତାଙ୍କୁ ଡାକିଛି, ସେ ସେଠାରେ ତାଙ୍କ ଉପସ୍ଥିତିର ସଂଘାତ ଅନୁଭବ କରୁଛି । ସେ ଯେ ସେଠାରେ ଅଛନ୍ତି, ତାହା ତୁମେ ଜାଣି ନପାର, କିନ୍ତୁ ସେ ସର୍ବତ୍ର ବିଦ୍ୟମାନ ।

ଥରେ ଶିବରାତ୍ରି ଦିନ ଆମେ ମହୀଶୂରରୁ ୮୦ ମାଇଲ୍ ଦୂରରେ ଏକ ଅରଣ୍ୟ ମଧ୍ୟରେ ଥାଉ । ସ୍ୱାମୀ ସେଦିନ ଅଳ୍ପ କେତେ ଜଣଙ୍କୁ ସାଙ୍ଗରେ ନେଇ ଅରଣ୍ୟ ମଧ୍ୟକୁ ପ୍ରବେଶ କରିଥାନ୍ତି । ହିସ୍‌ଲପ୍ ମଧ୍ୟ ଆମ ସଙ୍ଗେ ଥା'ନ୍ତି । ସ୍ୱାମୀ ଘନ ଅରଣ୍ୟ ମଧ୍ୟରେ ପ୍ରବେଶ କରିବା ପରେ ଗାଡ଼ି ଗୋଟିଏ ଯାଗାରେ ଯାଇ ରହିଲା । ଆମେ ସମସ୍ତେ ଗାଡ଼ିରୁ ଓହ୍ଲେଇଲୁ । ଅନ୍ୟମାନେ ଆହୁରି ପହଞ୍ଚି ନଥାନ୍ତି । ସେମାନଙ୍କୁ ଆମେ ଅପେକ୍ଷା କରିଥାଉ । ଇତି ମଧ୍ୟରେ ସ୍ୱାମୀ ଅବିଚାରିତଭାବେ ଗୋଟିଏ ଘାସକୁଟା ଗୋଟେଇ ତାର ଦୁଇ ଅଗକୁ ଛିଣ୍ଡେଇ ଦେଲେ । ସେ ଆଉ ଏକ ଘାସକୁଟା ନେଇ ତାକୁ ମଝିରୁ ଦୁଇଖଣ୍ଡ କଲେ । ଆମେ ଭାବୁଥାଉ ଯେ ସ୍ୱାମୀ ଘାସକୁଟାକୁ ନେଇ ଖେଳୁଛନ୍ତି । ସେ ଏଥର ଛୋଟ ଘାସଖଣ୍ଡର ଉପରେ ବଡ଼ ଘାସଖଣ୍ଡକୁ ଛକି କଲାପରି ରଖି ତାକୁ ଏକ ଘାସର ସିରା ଦେଇ ବାନ୍ଧି ଦେଲେ ଓ ତାହା ଏକ କ୍ରୁଶର ଆକାର ଧାରଣ କଲା । ସେ ହିସ୍‌ଲପ୍‌କୁ ଏକ ସାଧାରଣ ପ୍ରଶ୍ନ ପଚାରିଲେ, "ଏହା କ'ଣ ?" ହିସ୍‌ଲପ୍ "କ୍ରୁଶ" କହି କାଳେ ସ୍ୱାମୀ ତାଙ୍କୁ ତାହା ଦେବେ ଭାବି ହାତ ବଢ଼େଇଲେ କାରଣ ଘାସରେ ତିଆରି କ୍ରୁଶ ହଉ ପଛେ, ସ୍ୱାମୀଙ୍କ ଶ୍ରୀହସ୍ତରୁ ଯଦି ମିଳେ ତାହା ଅମୂଲ୍ୟ । ସ୍ୱାମୀ ହିସ୍‌ଲପଙ୍କୁ ଚାହିଁ କହିଲେ, "କ'ଣ ! ମୁଁ ତୁମକୁ ଘାସର କ୍ରୁଶ ଦେବି ?" ତା'ପରେ ସେ ତାକୁ ଫୁଙ୍କିଦେଲେ । ତାହା ତତ୍‌କ୍ଷଣାତ୍ କାଠର ଏକ କ୍ରୁଶରେ ରୂପାନ୍ତରିତ ହେଲା । ଅବଶ୍ୟ ତା'ର ଲମ୍ବା ସେତିକି ଥାଏ କିନ୍ତୁ ତା' ଉପରେ ରୁପାର ଯୀଶୁଖ୍ରୀଷ୍ଟଙ୍କର ଚିତ୍ର ଖୋଦିତ ହୋଇଥାଏ । "ଯା'କୁ ନିଅ" କହି ସ୍ୱାମୀ ତାହା ହିସ୍‌ଲପ୍‌ଙ୍କ ହାତକୁ ବଢ଼େଇ ଦେଲେ । ସ୍ୱାମୀ କହିଲେ, "ଦେଖ, ଯୀଶୁ ଖ୍ରୀଷ୍ଟଙ୍କୁ କ୍ରୁଶବିଦ୍ଧ

କରିବା ପାଇଁ ତିଆରି ହୋଇଥିବା କ୍ରୁଶରେ ଯେଉଁ କାଷ୍ଠ ବ୍ୟବହାର କରାଯାଇଥିଲା, ଏହା ସେହି କାଷ୍ଠ ! କ୍ରୁଶବିଦ୍ଧ ହୋଇ ମୃତ୍ୟୁବରଣ କରିବା ସମୟରେ ଯୀଶୁଙ୍କ ମୁଖର ଯେଉଁ ଅଭିବ୍ୟକ୍ତି ଥିଲା ଏହି ଚିତ୍ରରେ ଅବିକଳ ତାହା ପାଇବ । କ୍ରୁଶ ଉପରେ ଯୀଶୁଖ୍ରୀଷ୍ଟଙ୍କର ଏହା ସଠିକ୍ ଚିତ୍ର ।" ସେହି ସମୟରେ ହିସଲପ୍‌ଙ୍କ ମନର ଭାବନା କ'ଣ ଥିଲା ତାହା ମୁଁ ଜାଣେ ନାହିଁ କିନ୍ତୁ ଆମେ ସମସ୍ତେ ଅନୁଭବ କଲୁ ସତେ ଯେମିତି ଆମେ ଭୂଲୋକରେ ନୁହଁ, ଅନ୍ୟ କୌଣସି ଲୋକରେ ଅଛୁ । ଏହା ଆମ ଚକ୍ଷୁ ସମ୍ମୁଖରେ ଏତେ ସ୍ୱତସ୍ଫୂର୍ତ୍ତ ତଥା ବିସ୍ମୟକର ଭାବେ ଘଟିଗଲା ।

ହିସ୍‌ଲପ୍ ଉକ୍ତ କ୍ରୁଶକୁ ତାଙ୍କର ଦେଶ ଆମେରିକାକୁ ନେଇଗଲେ । ସେଠାରେ କେତେକ ଲୋକ ତାଙ୍କୁ କହିଲେ, "ସ୍ୱାମୀ କହିଛନ୍ତି ଏହି କ୍ରୁଶ ଉପରେ ଯୀଶୁଙ୍କ ମୁଖର ଭାବ, ଅବିକଳ ସେ କ୍ରୁଶବିଦ୍ଧ ହେବା ସମୟରେ ତାଙ୍କ ମୁଖର ଭାବ - ଏହା ଆମେ ଦେଖିବାକୁ ଚାହୁଁ ।" ଜଣେ ଫଟୋ ଉଠାଳି ଯୀଶୁଖ୍ରୀଷ୍ଟଙ୍କ ଶରୀରର ମୁଖ, ବାହୁ, ପାଦ ଆଦି ବିଭିନ୍ନ ଭାଗକୁ ଆଲୋକ ଚିତ୍ରରେ ପରିବର୍ଦ୍ଧିତ କରି ସେଗୁଡ଼ିକୁ ଯୋଗ କଲେ । ସେମାନେ ଯୀଶୁଙ୍କ ଯନ୍ତ୍ରଣାକ୍ଲିଷ୍ଟ ଶରୀରରେ ଘର୍ମ, ମୁଖମଣ୍ଡଳରେ ସ୍ୱେଦ ଓ ପାଟିର ଦୁଇ ଧାରରେ ଫେଣ ଦେଖି ପାରିଲେ । ସେମାନେ ସେହି ଫଟୋ ଦେଖୁଥିବା ସମୟରେ ହଠାତ୍ ଏକ ପ୍ରବଳ ଝଡ଼ ଆସିଲା ଓ ପ୍ରଚଣ୍ଡ ବେଗରେ ପବନର ଏକ ଝଟକା ଆସି ଘରର ସମସ୍ତ ଝରକା ଭାଙ୍ଗିଦେଲା । ନୀଳ-ନିର୍ମଳ ଆକାଶରୁ ଭୀଷଣ ଏକ ଶବ୍ଦ ଶୁଣାଗଲା । ହିସ୍‌ଲପ୍ ସଙ୍ଗେ ସଙ୍ଗେ ଏକ ବାଇବେଲ୍ ଆଣି କହିଲେ, "ଚାଲ, ବାଇବେଲ୍‌ରୁ ଦେଖିବା ଯୀଶୁ କ୍ରୁଶ ଉପରେ ଥିବା ସମୟରେ କ'ଣ ଘଟିଥିଲା ।" ସେଦିନ ମଧ୍ୟ ଠିକ୍ ଏହିପରି ନିର୍ମଳ ଆକାଶରେ ଝଡ଼ ଓ ଘଡ଼ଘଡ଼ି ହୋଇଥିଲା !

ପରେ ଯେତେବେଳେ ହିସଲପ୍ ଏଲ୍‌ସଲ୍‌ଭାଡ଼ର ଗଲେ, ସେଠାରେ ସମସ୍ତେ ତାଙ୍କୁ କହିଲେ, "କ୍ରୁଶର ସେ କାହାଣୀ ଆମକୁ ଥରେ କହନ୍ତୁ ।" ସେଦିନ ମଧ୍ୟ ହିସଲପ୍ ଯେତେବେଳେ ସେହି କଥା ସେମାନଙ୍କ ଆଗରେ କହିଲେ, ନୀଳ ନିର୍ମଳ ଆକାଶରେ ଝଡ଼ ଓ ଘଡ଼ଘଡ଼ି ହୋଇଥିଲା ! ସେଠାରେ ସେହି କ୍ରୁଶ ନଥାଏ, ସ୍ୱାମୀଙ୍କର କୌଣସି ଚିତ୍ର ନଥାଏ । ହିସ୍‌ଲପ୍ କେବଳ ସେହି କଥା କହୁଥା'ନ୍ତି ! ତେଣୁ ଯେଉଁଠାରେ ସ୍ୱାମୀଙ୍କ ସମ୍ବନ୍ଧରେ ଆଲୋଚନା ହୁଏ, ତାଙ୍କର ଅଲୌକିକତାର ବ୍ୟାଖ୍ୟା ହୁଏ, ସେ ସମସ୍ତ ସ୍ଥାନରେ ସେ ଥା'ନ୍ତି । ହିସଲପ୍‌ଙ୍କ କଥା ଠିକ୍ - ଏହା ପ୍ରମାଣ କରିବାକୁ ସେ ସେଦିନ ଏଲ୍‌ସଲ୍‌ଭାଡ଼ରରେ ଥା'ନ୍ତି ! ଏଣେ ସେ କଥାଟି କହୁଥା'ନ୍ତି, ତେଣେ ମୁକ୍ତ ଆକାଶରେ ତାହା ବାସ୍ତବରେ ରୂପାୟିତ ହେଉଥାଏ ! ସେ ସର୍ବତ୍ର ବିଦ୍ୟମାନ ।

ଉକ୍ତ ପଦ୍ୟର ଦ୍ୱିତୀୟ ଧାଡ଼ିରେ ସ୍ୱାମୀ କହନ୍ତି, "ଭକ୍ତ ଜନୁଲକୁ ପ୍ରାପ୍ତୁଡେ ଦୋରକଓ୍ୱାଡୁ' ଅର୍ଥାତ୍ "ମୁଁ ମୋ ଭକ୍ତମାନଙ୍କୁ ସର୍ବଦା ମିଳିଥାଏ ।" ଏଇଠେ କଥାଟି

ବୁଝିବା କଷ୍ଟ । ସମଗ୍ର ବିଶ୍ୱରେ ସ୍ୱାମୀ ଯେ ତାଙ୍କ ଭକ୍ତମାନଙ୍କୁ ପ୍ରାପ୍ତ ହୋଇଥା'ନ୍ତି - ଏହାର ପ୍ରମାଣ କ'ଣ ? ସେ ଯଦି ତାଙ୍କ ଭକ୍ତମାନଙ୍କୁ ମିଳିଥାନ୍ତି, ତେବେ ତାଙ୍କର ସେହି ଭକ୍ତ କିଏ ? ଯା'ମାନେ କ'ଣ କେବଳ ସାଇଭକ୍ତ ? ସ୍ୱାମୀ କହନ୍ତି, "ତୁମେ ସବୁ ସାମୟିକ (Part time) ଭକ୍ତ ।" କୋଡ଼ିଏ ହଜାର ଲୋକଙ୍କ ଏକ ସମାବେଶରେ ସେ କହନ୍ତି, "ଏଠାରେ ଜଣେ ବି ଭକ୍ତ ନାହାନ୍ତି ! ତୁମେ ସମସ୍ତେ ଭକ୍ତିର ପୋଷାକ ପିନ୍ଧିଥିବା ସାମୟିକ ଭକ୍ତ !" ସେ କହନ୍ତି, ଜଣେ ପୋଲିସ୍ ଯେପରି ତାର କର୍ତ୍ତବ୍ୟ କରୁଥିବା ସମୟରେ ପୋଲିସ୍ ପୋଷାକ ପିନ୍ଧେ ଓ କର୍ତ୍ତବ୍ୟ ସାରି ଘରକୁ ଯିବା ପରେ ସେହି ପୋଷାକ ବଦଳେଇ ଘରୋଇ ପୋଷାକରେ ବେଶ୍ ଖୁସିରେ ରହେ, ଅନ୍ୟମାନେ ମଧ୍ୟ ଘରକୁ ଯାଇ ଭକ୍ତିର ପୋଷାକ ଫିଙ୍ଗି ଖୁସିରେ (ନା ଦୁଃଖରେ !) ରୁହନ୍ତି। ପୁଟପର୍ତ୍ତିରୁ ଘରକୁ ଫେରିବା ପରେ ଖୁସି ? ସ୍ୱାମୀ କହନ୍ତି, "ମୁଁ ଅନନ୍ତକୋଟି ବ୍ରହ୍ମାଣ୍ଡରେ ବିଦ୍ୟମାନ - ଏହା ସମଗ୍ର ମାନବଜାତି ପାଇଁ ଏକ ସୁସମ୍ବାଦ ।"

ତାଙ୍କର ପଦ୍ୟର ତୃତୀୟ ଧାଡ଼ି କହେ, "ଭକ୍ତି ନୋସଗି ରକ୍ଷିଞ୍ଚୁ ଶକ୍ତିମୟୁଡ୍ରୁ ।" ଏହାର ଅର୍ଥ ହେଲା, "ମୁଁ ଭକ୍ତି ଦେଇଥାଏ ଓ ଉଦ୍ଧାର କରିଥାଏ । ତୁମେ ଭଗବାନଙ୍କୁ ଯେକୌଣସି ନାମ ବା ରୂପରେ ପୂଜା କରିପାର, ସେ ତୁମକୁ ଭକ୍ତି ଦେଇଥା'ନ୍ତି । ଧର୍ମ ମାନେ କେବଳ ପ୍ରେମ ।

ଆଧ୍ୟାତ୍ମିକତାର ଅନ୍ୟ ନାମ ପ୍ରେମ । ଏହି ପ୍ରେମ ସମସ୍ତଙ୍କୁ ଏକ ସହ ସଂଯୋଗ କରେ, ବିଯୋଗ ନୁହେଁ । ଯାହା ମଧ୍ୟରେ ପ୍ରେମ ରହିଛି, ତାହା ମଧ୍ୟରେ ଆଧ୍ୟାତ୍ମିକତା ରହିଛି କୁହାଯିବ । ତେଣୁ ସ୍ୱାମୀ କହନ୍ତି, "ମୁଁ ସେମାନଙ୍କୁ ପ୍ରେମ ଦିଏ, ପ୍ରେମର ଉପଦେଶ ଦିଏ, ପ୍ରେମର ଗୁରୁତ୍ୱ କହେ । ସେମାନଙ୍କ ମଧ୍ୟରୁ ସମସ୍ତ ବିଦ୍ୱେଷ ଓ ଭିନ୍ନତା ଦୂର କରେ । ଏକତ୍ୱ ହିଁ ଦୈବତ୍ୱ । ମୁଁ ପ୍ରେମ ଦେଇ ସେମାନଙ୍କୁ ଉଦ୍ଧାର କରେ ।" ସ୍ୱାମୀଙ୍କ ଅବତାରର ଏହା ହିଁ ଉଦ୍ଦେଶ୍ୟ । ଯେଉଁମାନେ ଆତ୍ମଜ୍ଞାନର ଅଧିକାରୀ, ସେମାନଙ୍କ ପ୍ରତି ସେ ଦୃଷ୍ଟି ଦିଅନ୍ତି ନାହିଁ, କାରଣ ସେମାନେ ନିଜେ ନିଜକୁ ଉଦ୍ଧାର କରିପାରିବେ । ଯେଉଁମାନେ ଦୁଃସ୍ଥ, ଦୁର୍ବଳ, ଦୃଷ୍ଟିହୀନ, ଯେଉଁମାନେ ନିର୍ବୋଧ, ଉଦ୍ଧତ, ସ୍ୱାର୍ଥପର, ସ୍ୱାର୍ଥକୈନ୍ଦ୍ରିକ - ସେମାନେ ଉଦ୍ଧାର ପାଇବା ଆବଶ୍ୟକ । ସେ ସେହିଭଳି ଲୋକଙ୍କୁ ଖୋଜିଥାନ୍ତି, ସେମାନଙ୍କୁ ଭକ୍ତିମାର୍ଗକୁ ଆଣି ଉଦ୍ଧାର କରିଥାନ୍ତି । ସ୍ୱାମୀଙ୍କ ଭକ୍ତିର ବ୍ୟାଖ୍ୟା ଏତେ ବ୍ୟାପକ ଯେ ସମସ୍ତେ ଏହି ଭକ୍ତିର ଅଧିକାରୀ ହୋଇପାରନ୍ତି । ସ୍ୱାମୀ କହନ୍ତି ଜଣେ ଯଦି ତାର ପୋଷା କୁକୁରକୁ, ସେ ଯତ୍ନରେ ବଢ଼େଇଥିବା ବୃକ୍ଷକୁ ବା ଅନ୍ୟ କାହାକୁ ଭଲ ପାଉଥାଏ ତେବେ ତା' ମଧ୍ୟରେ ଥିବା ସେହି ଦିବ୍ୟ ପ୍ରେମର ସ୍ଫୁଲିଙ୍ଗକୁ ଆହୁରି ପ୍ରସାରିତ କରାଯାଇପାରିବ, ଯାହା ସମସ୍ତଙ୍କୁ ତାର ଆଶ୍ଳେଷ ମଧ୍ୟକୁ ନେଇପାରିବ । ସେତେବେଳେ ତୁମେ କାହାକୁ ତୁମଠାରୁ ପୃଥକ୍, ଭିନ୍ନ ବା ବିରୋଧୀ ମନେ କରିବ ନାହିଁ । ଏହି ପ୍ରେମର ସ୍ଫୁଲିଙ୍ଗକୁ ଦିବ୍ୟାୟିତ ଓ ପ୍ରସାରିତ କରି ହେବ, ତେଣୁ ମୁଁ ସେମାନଙ୍କୁ ଭକ୍ତି ଦେଇଥାଏ ।

ଆମ ମଧ୍ୟରେ ଏହି ନର ଦେହଧାରୀ ବିସ୍ମୟପୁରୁଷ ଅଛନ୍ତି, ଯିଏ ନିତ୍ୟ ଆମ ସହ ରହିଥାନ୍ତି, ନିତ୍ୟ ଆମକୁ ପ୍ରେମ ଦେଇଥା'ନ୍ତି, ନିତ୍ୟ ତାଙ୍କର କରୁଣା ଆମ ଉପରେ ଢାଳି ଦେଇଥା'ନ୍ତି ଏବଂ ଆମେ ଆମର ହୃଦୟର ଦ୍ୱାରକୁ ଅବରୁଦ୍ଧ କରି ରଖିଲେ ସୁଦ୍ଧା ସେହି ହୃଦୟ ମଧ୍ୟରେ ଅସୀମ ପ୍ରେମ ଓ ଅମାପ ଆନନ୍ଦ ଭରିଦେବା ପାଇଁ ବ୍ୟଗ୍ର ହୋଇଥା'ନ୍ତି । ଜଣେ ତାର ନିବୁଜ କୋଠରୀ ମଧ୍ୟରେ ଦୃଶ୍ୟମାନର ଭ୍ରମରେ ଭ୍ରମିତ ହୋଇ ଅନ୍ଧକାର ମଧ୍ୟରେ ଜୀବନ ବିତାଉଛି । ସ୍ୱାମୀ ତାକୁ ସେଠାରୁ ଉଦ୍ଧାର କରିବାକୁ ଚାହିଁଥାନ୍ତି, ତାକୁ ସତ୍ୟ ଯେ କ'ଣ ଦେଖେଇଦେବାକୁ ଚାହାନ୍ତି, ତାକୁ ଆଲୋକକୁ ନେଇ ଆସିବାକୁ ଚାହାନ୍ତି, ତାକୁ ସେହି ସନାତନ ସତ୍ୟ ସମ୍ବନ୍ଧରେ ଅବଗତ କରେଇବାକୁ ବ୍ୟଗ୍ର ହୁଅନ୍ତି, କାରଣ ଏଥିପାଇଁ ତ ସେ ଆଜି ଧରାଧାମକୁ ଆସିଛନ୍ତି । କିନ୍ତୁ ନିବୁଜ କୋଠରୀ ମଧ୍ୟରେ ଲୋକଟି ସେହି ପ୍ରତୀତିକୁ ପାଇ ଖୁସି, ସେ ସେଥିରେ ବିଭୋର ହୋଇ ନାଚୁଛି, ଭୁଲ୍ ପାଦ ପକାଉଛି ଏବଂ ଅତଳ ଗର୍ଭ ମଧ୍ୟକୁ ଚାଲି ଯାଉଛି । ଏହି ହତଭାଗା ଯଦି ତାର ଦ୍ୱାର ନଖୋଲି ଭିତରେ ରହେ, ତେବେ ସ୍ୱାମୀ ବା କରିବେ କ'ଣ ? ନିଜର ସର୍ବନାଶକୁ ନିଜେ ଆଦରି ନେଉଥିବା ଏହି ଲୋକକୁ ଉଦ୍ଧାର କରିବାର ଅଦମ୍ୟ ଉତ୍ସାହରେ ସ୍ୱାମୀ ତାର ସେହି ରୁଦ୍ଧଦ୍ୱାରକୁ ଭାଙ୍ଗି ଭିତରେ ପ୍ରବେଶ କରିଥା'ନ୍ତି । ଲୋକଟି ପ୍ରତି କରୁଣାପରବଶ ହୋଇ ସେ ଏହା କରିଥା'ନ୍ତି । ଉଦାହରଣକୁ ମୋତେ ନିଅନ୍ତୁ । ମୋ ହୃଦୟ ମଧ୍ୟକୁ ପ୍ରବେଶ କରିବା ପାଇଁ ତାଙ୍କୁ ମୋ' ହୃଦୟର ଦ୍ୱାର ଭାଙ୍ଗିବାକୁ ହୋଇଥିଲା । ମୁଁ ଥିଲି ରାମକୃଷ୍ଣ ପରମହଂସ ଓ ବିବେକାନନ୍ଦଙ୍କର ଭକ୍ତ, ଅନ୍ୟର ଅନିଷ୍ଟ କରିବାରେ ଅସମର୍ଥ ଜଣେ ଭଲ ଲୋକ, ଶ୍ରେଣୀକକ୍ଷ ମଧ୍ୟରେ ଜ୍ଞାନୀ ଛାତ୍ରମାନଙ୍କ ମସ୍ତିଷ୍କରେ କିଛି ଜ୍ଞାନ ଭରିବାରେ ଧୁରନ୍ଧର ଜଣେ ଅଧ୍ୟାପକ, ନିଜ ସାଧନାରେ ବ୍ୟସ୍ତ ତଥା ନିଜର ବୌଦ୍ଧିକ ସାମର୍ଥ୍ୟରେ ଗର୍ବିତ ଏକ ବ୍ୟକ୍ତିତ୍ୱ, ହାସ୍ୟରସାତ୍ମକ ପ୍ରବନ୍ଧ ଲେଖି ଅନ୍ୟକୁ ବିଦ୍ରୂପ କରିବାରେ ଓ ଅନ୍ୟର କୁକର୍ମ ପ୍ରତି କଟୂକ୍ତି ପ୍ରକାଶ କରିବାରେ ପାରଙ୍ଗମ ।

ଆମ ଅଞ୍ଚଳର ସର୍ବଶ୍ରେଷ୍ଠ ବ୍ୟଙ୍ଗ ରଚୟିତା ରୂପେ ବିବେଚିତ ହୋଇ ମୁଁ ସାହିତ୍ୟିକ ମହଲରେ ପୁରସ୍କୃତ ହୋଇଥିଲି । ଦିଲ୍ଲୀର ଏକ ଇଂରାଜୀ ପତ୍ରିକାରେ 'ପିଲାଟିଆ କଥା' ଶୀର୍ଷକ ମୋ' ଲିଖିତ ଏକ ସ୍ତମ୍ଭ ପ୍ରତି ସପ୍ତାହରେ ପ୍ରକାଶ ପାଉଥାଏ । ଏହା ଇଂଲଣ୍ଡର 'ପଞ୍ଚ୍' ପତ୍ରିକାରେ ପ୍ରକାଶିତ "ଚେରିଭୋରା" ଶୀର୍ଷକ ଲେଖା ଭଳି । ମୋର ରଚନାଶୈଳୀର ଶାଣିତ ଧାରରେ ଜଣଙ୍କ ପରେ ଜଣେ ଟଳି ଯାଉଥା'ନ୍ତି ଓ ତାହା ଦେଖି ମୁଁ ଗର୍ବିତ ହେଉଥାଏ । ମୋର ବିଦ୍ରୂପର ଶିକାର ହେବା ଭୟରେ ଲୋକେ ମୋ'ଠୁ ଦୂରେଇ ରହୁଥା'ନ୍ତି । ଏହା ଦେଖି ମୁଁ ଗର୍ବରେ ସ୍ଫୀତ ହୋଇଯାଉଥାଏ ଏବଂ ଅନ୍ୟକୁ କଷ୍ଟ ଦେବାରେ ମୁଁ ମୋ ଚାତୁର୍ଯ୍ୟକୁ ଅଧିକରୁ ଅଧିକ ପ୍ରୟୋଗ କରୁଥାଏ । ମୋ ଚାଲାଖି ଶେଷରେ ଏତେଦୂର ଗଲା ଯେ ସାଇ ମଧ୍ୟ ମୋ ବିଦ୍ରୂପରୁ ବାଦ୍ ଗଲେ ନାହିଁ ! ସ୍ୱାମୀ ହୁଏତ ଏହିଦିନ ପାଇଁ ଅପେକ୍ଷା କରିଥିଲେ ।

ତାଙ୍କୁ ଗୋଟିଏ ସୁଯୋଗ ମିଳିଗଲା । ମୋର ପୁଅ ସେତେବେଳେ ଇଞ୍ଜିନିୟରିଂ କଲେଜ୍‌ରେ ପଢୁଥାଏ ଓ ତାର ଅଧ୍ୟାପକମାନେ ସେ ପରୀକ୍ଷାରେ ଶୀର୍ଷସ୍ଥାନରେ ଉତ୍ତୀର୍ଣ୍ଣ ହେବ କହୁଥା'ନ୍ତି । ଚିକିତ୍ସା ବିଜ୍ଞାନୀମାନେ ଟାଇଫଏଡ୍ ରୋଗର ସଫଳ ଚିକିତ୍ସା ଆବିଷ୍କାର କରିବାର ଯଥେଷ୍ଟ ପୂର୍ବରୁ ସେ ଉକ୍ତ ରୋଗରେ ପୀଡ଼ିତ ହୋଇ ମୃତ୍ୟୁବରଣ କଲା । ତା'ର ଜଣେ ସାଙ୍ଗ ବାବାଙ୍କ ନିକଟକୁ ଆସୁଥାଏ । ସେ ଦିନେ ତାଙ୍କୁ ମୋ ପୁଅ ସମ୍ବନ୍ଧରେ କହିଲା । ସ୍ୱାମୀ ତା' ହାତରେ କିଛି ବିଭୂତି ଦେଇ ତାହା ମୋତେ ଦେବାକୁ କହିଲେ । ସେ ବିଭୂତି ନେଇ ମୋ ପାଖକୁ ଆସିଲା । ମୁଁ ତାକୁ କହିଲି, "ଏ ବାବା କିଏ ? କେଉଁ ବାବା ମୋତେ କ'ଣ ସାହାଯ୍ୟ କରିବ ? ମୋର କଷ୍ଟ କେଉଁ ବାବା, କେଉଁ ବିଭୂତି ଦୂର କରିପାରିବ ନାହିଁ । ମୁଁ ବିଭୂତି ବ୍ୟବହାର କରେ ନାହିଁ ।" ସ୍ୱାମୀଙ୍କର ମୋ ପ୍ରତି କେତେ ପ୍ରେମ, କେତେ କରୁଣା ! ସେ ମୋତେ ରକ୍ଷା କରିବାକୁ ଚାହୁଁଥିଲେ, ମୁଁ କିନ୍ତୁ ତାଙ୍କୁ ଚାହୁଁନଥିଲି । ସେ ମୋ ହୃଦୟକନ୍ଦରକୁ ଜବରଦସ୍ତ ପ୍ରବେଶ କଲେ । ମନେକର କୌଣସି ଏକ କମରା ଭିତରେ ଏକ ଦୁର୍ଘଟଣା ଘଟିବାକୁ ଯାଉଛି । ଭିତରେ ଥିବା ଲୋକକୁ ରକ୍ଷା କରିବାକୁ ଯାଇ ତୁମେ ବନ୍ଦ ହୋଇଥିବା କବାଟରେ କରାଘାତ କରୁଛ କିନ୍ତୁ ସେ କବାଟ ଖୋଲୁନାହିଁ ! ସେତେବେଳେ ତୁମେ କ'ଣ କରିବ ? ତୁମେ ତାକୁ ରକ୍ଷା କରିବାକୁ କବାଟ ଭାଙ୍ଗି ଭିତରେ ପ୍ରବେଶ କରିବ । ସ୍ୱାମୀ ମଧ୍ୟ ବେଳେବେଳେ ଏହିଭଳି କରିଥା'ନ୍ତି !' ପରେ କିନ୍ତୁ ଏଥିପାଇଁ ତୁମେ ତାଙ୍କ ନିକଟରେ କୃତଜ୍ଞ ରୁହ ।

❖❖❖

୪

ଅନାମ, ଅରୂପ

ଆମେ 'ଓମ୍' କହି ଆମର ସମସ୍ତ ପ୍ରାର୍ଥନା ଆରମ୍ଭ କରିଥାଉ । 'ଓମ୍' ହିଁ ପରମ ସତ୍ୟ । ଏହା ବିଶ୍ୱବ୍ରହ୍ମାଣ୍ଡର ପ୍ରତୀକ, ସୃଷ୍ଟିକର୍ତ୍ତାଙ୍କ ପ୍ରତୀକ । ପରମାତ୍ମା ଓ ପରମ ଚୈତନ୍ୟର ପ୍ରତୀକ । 'ଓମ୍'ର ସ୍ପନ୍ଦନ ଆମର ଇନ୍ଦ୍ରିୟ, ଭାବ ଓ ବୁଦ୍ଧିକୁ ପରିଶୁଦ୍ଧ କରେ । ବିଦ୍ୟା ବା ମହାଚୈତନ୍ୟର ପ୍ରତୀକାତ୍ମକ ସ୍ୱରୂପ 'ଓମ୍'କୁ କେବଳ ଜପ କରିବା ହିଁ ଯଥେଷ୍ଟ ସାଧନା । ଏହାକୁ ପ୍ରଣବ ସାଧନା କୁହାଯାଏ । 'ଓମ୍ ଇତ୍ୟେକାକ୍ଷରଂ ବ୍ରହ୍ମ' । ଏକାକ୍ଷର 'ଓମ୍' ବ୍ରହ୍ମର ସୂଚକ । ଯେଉଁମାନେ ସେମାନଙ୍କର ଅନ୍ତଃଚୈତନ୍ୟକୁ ଉକ୍ତ ମହାଚୈତନ୍ୟର ଅଂଶବିଶେଷ ରୂପେ ମନନ କରିବାରେ ସମର୍ଥ, ସେମାନଙ୍କ ପାଇଁ 'ଓମ୍'କାର ଜପ ଏକ ପ୍ରକୃଷ୍ଟ ଆଧ୍ୟାତ୍ମିକ ସାଧନା । ହିନ୍ଦୁ ଧର୍ମରେ ଯେଉଁମାନେ ଅତ୍ୟୁନ୍ନତ ସ୍ତରରେ ଥା'ନ୍ତି, କେବଳ ସେମାନଙ୍କ ପାଇଁ ଏହା ଉଦ୍ଦିଷ୍ଟ ନୁହଁ । ଏହା ଅତି ନିମ୍ନ ସ୍ତରରେ ଥିବା ଲୋକଙ୍କ ପ୍ରତି ମଧ୍ୟ ସମାନ ଦୃଷ୍ଟି ଦିଏ । ଗୀତା କହେ ଯେ ନିର୍ଗୁଣ, ନିରାକାର, ଅସୀମ, ଅନନ୍ତ, ନାମରହିତ ପରମତତ୍ତ୍ୱର ମନନ ହିଁ ସର୍ବୋଚ୍ଚ ସାଧନା । କିନ୍ତୁ ଏଭଳି ସାଧନା କ୍ୱଚିତ୍ ଲୋକଙ୍କ ପକ୍ଷରେ ସମ୍ଭବ । ସ୍ୱାମୀ କହନ୍ତି ଯେ ଜଣେ ଦେହଧାରୀ ମନୁଷ୍ୟ କେବଳ ଏକ ଦେହଧାରୀ ଭଗବାନଙ୍କ କଳ୍ପନା କରିପାରେ । ଆମ୍ଭମାନଙ୍କ ପାଇଁ ନାରାୟଣ ମଧ୍ୟ ନରରୂପୀ ହେବା ଆବଶ୍ୟକ । ଆମ ଭାବନାର ଊର୍ଦ୍ଧ୍ୱରେ ଆମେ ଭଗବାନଙ୍କୁ କଳ୍ପନା କରିପାରିବା ନାହିଁ । ମନୁଷ୍ୟ ଦ୍ୱାରା କଳ୍ପିତ ଓ ସୃଷ୍ଟ ଭଗବାନଙ୍କ ମଧ୍ୟରେ ପ୍ରେମଭାବ ଥିବ, ବିଦ୍ୱେଷଭାବ ମଧ୍ୟ ଥିବ । ଆମେମାନେ ଆମମାନଙ୍କର ଦୋଷତ୍ରୁଟି ତଥା ଅନୁଭୂତି ଭଗବାନଙ୍କ ଉପରେ ଆରୋପିତ କରୁ । ଏକ କୁମ୍ଭୀରର କଳ୍ପିତ ଭଗବାନ ଆଉ ଏକ ମହାକାୟ କୁମ୍ଭୀର ହୋଇଥିବ ଯାହାର ଏକ ବିଶାଳ ମୁଖ ଓ ଶକ୍ତିଶାଳୀ ପୁଚ୍ଛ ଥିବ ଏବଂ ଯାହା ଅତି ଦୀର୍ଘ ଓ ଭୟଙ୍କର ହୋଇଥିବ ।

ମନୁଷ୍ୟ ସସୀମ । ନିଜର ସୀମାର ବାହାରକୁ ଯିବା ତା' ପକ୍ଷରେ କଷ୍ଟକର । ତେଣୁ ଆମେ 'ଓମ୍' କହିବା ପରେ 'ଅସତୋ ମା ସଦ୍‌ଗମୟ' କହୁ, କାରଣ ଆଉ ଏକ ଶକ୍ତି, ବ୍ୟକ୍ତି ବା ଭଗବାନ ରହିଛନ୍ତି ଯାହାଙ୍କର କାନ ଅଛି । ସେ ଆମ ପ୍ରାର୍ଥନା ଶୁଣି ପାରନ୍ତି, ଯାହାଙ୍କର ଏକ ହୃଦୟ ରହିଛି ଯାହା ସହାନୁଭୂତି ପ୍ରକାଶ କରିପାରେ, ଯାହା ମଧ୍ୟରେ ଆମ ମଧ୍ୟରେ ଥିବା ପ୍ରେମ ଭଳି ପ୍ରେମ ରହିଛି, ଢେର୍ ଢେର୍ ପ୍ରେମ ରହିଛି । ତୁମେ ଯେତେବେଳେ ଉଚ୍ଚ ସ୍ୱରରେ କ୍ରନ୍ଦନ କରି କୁହ, "ମୁଁ ଦୁଃସ୍ଥ, ପତିତ, ନିଃସହାୟ, ଘୋର ଅନ୍ଧକାର ମଧ୍ୟରେ ପଡ଼ି ରହିଛି" - ସେ ସେତେବେଳେ ଆସିଥା'ନ୍ତି, କାରଣ ତାଙ୍କର କାନ ଅଛି, ସେ ତୁମର ପ୍ରାର୍ଥନା ଶୁଣି ପାରିଛନ୍ତି । ସବୁଠୁ ବଡ଼ କଥା ହେଲା ସେ ତୁମକୁ ଭଲ ପା'ନ୍ତି । ଏଠାରେ ସ୍ୱାମୀ ଥରେ କାହାକୁ ଲେଖିଥିବା ଏକ ଚିଠି ମୋର ମନେ ପଡୁଛି ।

ସେଥିରେ ସେ ଲେଖିଥାନ୍ତି, "ତୁମ ଚିଠି ମୁଁ ପାଇଲି । ତୁମର ଦୁଃଖ, ଦୁଷ୍ଚିନ୍ତା ଓ ଆତୁରତା ମୋ ହୃଦୟକୁ "କଦିଲିଞ୍ଚ୍ଧି, କରିଗିଞ୍ଚ୍ଦି" ଅର୍ଥାତ୍ ଆନ୍ଦୋଳିତ ଓ ବିଗଳିତ କରିଛି, ମୋତେ କରୁଣା ପରବଶ କରିଛି । ତେଣୁ ମୁଁ ତୁମକୁ ଚିଠି ଲେଖୁଛି ।"

ନାମରହିତ ଓ ରୂପବର୍ଜ୍ଜିତ ତାଙ୍କୁ ଆମେ ଯେତେବେଳେ କୌଣସି ଏକ ରୂପରେ ଆବିର୍ଭୂତ ହେବା ଚାହୁଁ, ସେ ସେହି ରୂପରେ ଆମ ସମ୍ମୁଖରେ ଆତ୍ମପ୍ରକାଶ କରନ୍ତି, କାରଣ ସେହି ପ୍ରେମମୟ ଓ କରୁଣାମୟଙ୍କର ଆମ ପ୍ରତି ଏତେ ପ୍ରେମ ଓ କରୁଣା ! ଆମର ପ୍ରାର୍ଥନା ରୂପରହିତଙ୍କୁ ରୂପ ଧାରଣ କରିବାକୁ, ନାମରହିତଙ୍କୁ ନାମ ଧାରଣ କରିବାକୁ ବାଧ କରେ । ସାରା ବିଶ୍ୱରୁ ଯେତେବେଳେ ଏକ ପ୍ରାର୍ଥନାର ସ୍ଫୁରଣ ହୁଏ ଏବଂ ଉକ୍ତ ପ୍ରାର୍ଥନା ବିଶ୍ୱଜନୀନ ତଥା ହୃଦୟସ୍ଫୂର୍ତ୍ତ ହୁଏ, ତାହା ଅଖିଳ ବ୍ରହ୍ମାଣ୍ଡରେ ପରିବ୍ୟାପ୍ତ ପରାଚୈତନ୍ୟକୁ ପ୍ରଭାବିତ କରେ । ଯେତେବେଳେ ଉର୍ଦ୍ଧ୍ୱରୁ ଏକ ଉଜ୍ଜ୍ୱଳ ରଶ୍ମି ଧରାବକ୍ଷକୁ ଅବତରଣ କରେ ସେତେବେଳେ ତାହା ସଙ୍କଳ୍ପ କରେ "ମୁଁ ନରଦେହରେ ସେମାନଙ୍କ ମଧ୍ୟରେ ଆବିର୍ଭୂତ ହେବି, ସେମାନଙ୍କ ମେଳରେ ରହିବି, ସେମାନଙ୍କୁ ସନ୍ମାର୍ଗ ପ୍ରଦର୍ଶନ କରିବି ।" ତେଣୁ ଆମର ପ୍ରାର୍ଥନା ଉକ୍ତ ମହାଚୈତନ୍ୟକୁ ନାମ ଓ ରୂପ ଧାରଣ କରିବାକୁ ବାଧ କରେ, ଯାହା ଫଳରେ ଆମେ ଉକ୍ତ ନାମ ଓ ରୂପକୁ ଆରାଧନା କରିବାର ସୌଭାଗ୍ୟ ଲାଭ କରୁ । ଉକ୍ତ ଚୈତନ୍ୟ ଆମ ମଧ୍ୟରେ ରହି, ଆମ ଗହଣରେ ବୁଲି, ଆମରି ଭାଷାରେ କଥା କହି, ଆମ ପ୍ରାର୍ଥନା ଶୁଣିଥାଏ । ଏହା ହିଁ ଅବତାର ।

ସ୍ୱାମୀ ସେହି ନାମରହିତ ଓ ରୂପବର୍ଜ୍ଜିତ ପରମତତ୍ତ୍ୱ ଯିଏ ନାମ ଓ ରୂପ ସହ ଅବତାର ଗ୍ରହଣ କରିଛନ୍ତି । ଅବତାରର ଅର୍ଥ ଯିଏ ଅବତରଣ କରିଥା'ନ୍ତି ଅର୍ଥାତ୍ ତଳକୁ ଓହ୍ଲେଇ ଆସିଥା'ନ୍ତି । ତେବେ ସେ ତଳକୁ ଆସିବା ଆବଶ୍ୟକ ନୁହଁ । ସେ ତ ଆମ ଚତୁଃପାର୍ଶ୍ୱରେ ଅଛନ୍ତି । ପରମ ଚୈତନ୍ୟସ୍ୱରୂପ ପରମାତ୍ମା ଭୂତାବିଷ୍ଟ ହୋଇ, ସମସ୍ତଙ୍କର ଦୃଶ୍ୟମାନ ହୋଇ କୌଣସି ଏକ ନାମରେ ଆରାଧିତ ହୁଅନ୍ତି । ତାଙ୍କୁ ତୁମେ ଦେଖିପାର, ଶୁଣିପାର, ସ୍ପର୍ଶ କରିପାର, ତାଙ୍କ ସହ ସମ୍ପର୍କ ସ୍ଥାପନ କରିପାର ଓ ତାଙ୍କର ପ୍ରଭାବକୁ ଅନୁଭବ କରିପାର । ଏହାକୁ ଆମେ ଅବତାର କହୁ ।

ଆମେ "ଅସତୋ ମା ସଦ୍‌ଗମୟ" ଅର୍ଥାତ୍ ମୋତେ ଅସତ୍‌ରୁ ସତ୍‌କୁ ନେଇଯାଅ ବୋଲି ପ୍ରାର୍ଥନା କରୁ । ସ୍ୱାମୀ କହନ୍ତି ତୁମେ ସତ୍, ତୁମେ ଜ୍ୟୋତି, ତୁମେ ଅମର କିନ୍ତୁ ତୁମେ ଭ୍ରମର ବଶବର୍ତ୍ତୀ ହୋଇ ଭାବୁଛ ଯେ ତୁମେ ଅସତ୍, ତୁମେ ଅନ୍ଧକାର ମଧ୍ୟରେ ରହିଛ ଓ ମୃତ୍ୟୁଆଡ଼କୁ ଅଗ୍ରସର ହେଉଛ । ଆମର ଏହି ଅଜ୍ଞାନ ହେତୁ ସେ ଆମକୁ ସତ୍, ଜ୍ୟୋତି ଓ ଅମୃତତ୍ୱକୁ ନେଇଯିବା ପାଇଁ ଆସିଛନ୍ତି । ଏଥିପାଇଁ ସେ ନିଜେ ଏକ ଆଦର୍ଶ ହୋଇ ଆମକୁ ଶିକ୍ଷା ଦେଇଥା'ନ୍ତି । ସେ କହନ୍ତି, "ମୋ ଜୀବନ ହିଁ ମୋ ବାର୍ତ୍ତା ।" ଆଉ ମଧ୍ୟ ସେ ଆମକୁ ତାଙ୍କର ଉପଦେଶ ଓ ପ୍ରେମ ଦେଇ ଏହା ଶିଖେଇଥା'ନ୍ତି । ସେ କହନ୍ତି, "ମୁଁ ତୁମ

ମାଁ ଭଳି । ମୁଁ ତୁମକୁ ସେହି ଖାଦ୍ୟ ଦେଇଥାଏ ଯାହା ତୁମର ପୁଷ୍ଟି ସାଧନ କରେ ।" ଜଣେ ଭାରତୀୟ ଜନନୀ ତା'ର ସନ୍ତାନକୁ କିମିତି ଖୁଏଇଥାଏ ? ସେ ତା' ଛୁଆକୁ କୋଳରେ ଧରେ, ଥାଳୀରେ ଭାତ ସହ କ୍ଷୀର ବା ଦହି ଗୋଳେଇ ଗୁଣ୍ଡାଏ ଗୁଣ୍ଡାଏ ଭାତ ତା' ପାଟିରେ ଭରିଦିଏ । ପିଲାଟି ଖାଇବାକୁ ମନା କରେ । ମା କିନ୍ତୁ ତା ଛୁଆ କିମିତି ଖାଇବ, ସେଥିପାଇଁ ବ୍ୟସ୍ତ ହେଇ ଗୋଟିଏ ଗୀତ୍ଟ ଗାଏ, ଛୁଆ ମାକୁ ଅନୁକରଣ କରି ଗୀତ ଗାଏ ଓ ଗାଇବା ମଧ୍ୟରେ ମା ତା' ପାଟିରେ ଗୁଣ୍ଡାଏ ଭାତ ଭରିଦିଏ । ନଚେତ୍ ମା କହେ, "କାଉ କିମିତି ରାବେ କା... କା... ।" ଛୁଆ ମଧ କହେ "କା... କା... କା..." ଓ ଇତି ମଧ୍ୟରେ ସେ ତା ପାଟିରେ ଖାଦ୍ୟ ଭରିଦିଏ । ବେଳେବେଳେ ମା ତାକୁ କୌଣସି ଗପ କହେ, ମଜା କଥା କହେ । ପିଲାର ମନ ତାହା ଶୁଣିବାରେ ମଜ୍ଜିଯାଏ । ମା ସେହି ସୁଯୋଗ ନେଇ ତା' ପାଟିରେ ଗୁଣ୍ଡାଏ ଭାତ ଭରିଦିଏ । ଥାଳୀରେ ଥିବା ଭାତତକ ସରିଗଲେ ମା'ର ମନ ଖୁସି । ତାହା ମା'ର ବାତ୍ସଲ୍ୟ । ଛୁଆର ମନ ପୁଷ୍ଟିକର ଖାଦ୍ୟ ପ୍ରତି ନଥାଏ, ସେ ଯାହା ଖାଇବା କଥା ନୁହଁ, ସେଭଳି ଅସ୍ୱାସ୍ଥ୍ୟକର ଖାଦ୍ୟ ଖାଇବା ପ୍ରତି ମନ ବଳାଏ । ତେଣୁ ମାକୁ ଏସବୁ ପଦ୍ଧତି ପ୍ରୟୋଗ କରିବାକୁ ହୋଇଥାଏ ।

ଥରେ ଜଣେ ବ୍ୟକ୍ତି ତାଙ୍କ ପତ୍ରରେ ମୋତେ ଲେଖିଥା'ନ୍ତି, "ପୁଟ୍ଟପର୍ତ୍ତିରେ ସ୍ୱାମୀ ମୋତେ କହିଲେ ଯେ ସେ ମୋର ଖାଦ୍ୟ ଖାଇବାର ଅଭ୍ୟାସରେ ସନ୍ତୁଷ୍ଟ ନୁହନ୍ତି ।" ସ୍ୱାମୀ ମୋଟା ଶରୀର ପସନ୍ଦ କରନ୍ତି ନାହିଁ ଓ ସେ ଲୋକଜଣକ ମୋଟା ଥା'ନ୍ତି । ସ୍ୱାମୀଙ୍କ ଭକ୍ତମାନେ ରହୁଥିବା ସ୍ଥାନକୁ ମୁଁ ଯେବେ ଯେବେ ଯାଏ, ସେଠାରେ ଭକ୍ତମାନେ ମୋତେ ଉଚ୍ଛ୍ୱସିତ ଆତିଥ୍ୟ ପ୍ରଦାନ କରିଥାନ୍ତି । ତେଣୁ ଯିବା ଆଗରୁ ସ୍ୱାମୀ ମୋତେ ସତର୍କ କରି କହନ୍ତି, "ସାବଧାନ ! ବର୍ତ୍ତମାନ ଯେତିକି ଓଜନ ତା'ଠୁ ଯଦି ଅଧିକ ଓଜନ ନେଇ ଫେରୁ, ତୋତେ ଭିତରକୁ ଆସିବାକୁ ଦେବିନି ।" ଥରେ ସେ ମୋତେ ରୋକଠୋକ୍ ଭାବେ ପଚାରିଲେ, "ତୁ ସାଧାରଣରେ କ'ଣ ଖାଉ ?" ମୋ ଉତ୍ତରକୁ ଅପେକ୍ଷା ନକରି ସେ ପୁଣି କହିଲେ, "ଠିକ୍ ନୁହଁ, ଠିକ୍ ନୁହଁ ।" ଏଥର ଦର୍ଶନ ଧାଡ଼ିରେ କିଛି ପାଦ ଆଗେଇ ଯାଇ ସେ ଆଉଥରେ ମୋ ଆଡ଼କୁ ଫେରି ଚାହିଁଲେ ଓ ମୋ ଉପରକୁ ଏକ ମିଶିରି ଖଣ୍ଡ ଫିଙ୍ଗି ଯା'କୁ ଖା' କହିଲେ । ସେଠାରେ ଜଣେ କେହି ମୋତେ କହିଲେ ଯେ ତାହା ସ୍ଥୂଳରୂପ ଧାରଣ କରିଥିବା ଅମୃତ । ସେ ତାହା ଏତେ ବେଗରେ ମୋ ପାଖକୁ ଫିଙ୍ଗିଥା'ନ୍ତି ଯେ ମୋତେ ତାହା ଚଟ୍‌କରି ଧରିବାକୁ ପଡ଼ିଲା । ମୋ ହାତକୁ ଆସିବା ପରେ ହିଁ ଯାହାସବୁ ଘଟିଗଲା ତାହା ମୁଁ ଜାଣିପାରିଲି । ମୁଁ ମିଶିରିଟି ହାତରେ ଧରିଥାଏ । ସେ ଯେ ତାହା ମୋ ପାଇଁ ସୃଷ୍ଟି କରିଥା'ନ୍ତି, ତାହା ମୋ ପାଇଁ ଯଥେଷ୍ଟ ଏକ ବିସ୍ମୟ ଥିଲା । ସେ ତାଙ୍କ ମଧ୍ୟରୁ ତାହା ସୃଷ୍ଟି କରିଥା'ନ୍ତି । ସେ ଯେତେବେଳେ ମୋତେ 'ଯା'କୁ ଖା' କହିଲେ ଯୀଶୁଙ୍କର "ଯା'କୁ ନିଅ, ଏ ମୋର ଦେହ" ଉକ୍ତିଟି ମୋର ମନେ ପଡ଼ିଲା । ସ୍ୱାମୀଙ୍କ ଦ୍ୱାରା ସୃଷ୍ଟ ହୋଇ ସ୍ୱାମୀଙ୍କ

ଦେହରୁ ତାହା ମୋ' ପାଖକୁ ଆସିଲା । ତେଣୁ ତାହା ହିଁ ତାଙ୍କ ଶରୀର କହିବା ଠିକ୍ ହେବ । ଏଥିରୁ ମୁଁ ବୁଝିଲି ଯେ ସେ ମୋତେ କହୁଛନ୍ତି, "ଅନ୍ୟ ଜିନିଷ ଖାଇ ମୋଟା ହୋଇ ଓଜନ ବଢ଼ାନା । ନିଜକୁ ହାଲୁକା କରେ, ଭୟକୁ କମା, ଦୁଃଖକୁ କମା, ଚିନ୍ତାକୁ କମା ।" ତେଣୁ ଏକ ମା ଭଳି ସେ ଆମକୁ ଆମର ଓଜନ କମେଇବାକୁ କହନ୍ତି ।

ସ୍ୱାମୀ ତାଙ୍କର ଏକ ମତବାଦ ପ୍ରତିଷ୍ଠା କରିବାକୁ ଆସି ନାହାନ୍ତି । ସମସ୍ତେ ଯେ ତାଙ୍କୁ ପୂଜା କରନ୍ତୁ - ସେ ତାହା ଚାହାନ୍ତି ନାହିଁ । ଏହା ଏହି ଅବତାରଙ୍କର ବିଶିଷ୍ଟତା ଯାହା ଅନ୍ୟତ୍ର କ୍ୱଚିତ୍ ଦେଖିବାକୁ ମିଳେ । ସେ ତାଙ୍କ ଯୁବାବସ୍ଥାରେ ଲେଖିଥିବା ଏକ ଚିଠିରେ କହିଥିଲେ, "ନା'କୁ ଉରୁ ଲେଦୁ, ପେରୁ ଲେଦୁ ।" ଅର୍ଥାତ୍ ମୋର କୌଣସି ଘର ନାହିଁ କି ନାମ ନାହିଁ । ଯେଉଁ ନାମରେ ତୁମେ ମୋତେ ଡାକୁଛ ଡାକ । ମୁଁ 'ଓ' କରିବି । ଡାକିବାଟା ବଡ଼ କଥା । ତାଙ୍କୁ ମନ ମଧ୍ୟରେ ରଖିବାଟା ବଡ଼ କଥା । ନାଁ ବଡ଼ ନୁହଁ ।

ଆମେ ବମ୍ବେରେ ଥିବା ସମୟରେ ସ୍ୱାମୀଙ୍କ ଯାତାୟତର ସୁବିଧା ପାଇଁ ପୋଲିସ୍ ଟ୍ରାଫିକ୍ ନିୟନ୍ତ୍ରଣ କରୁଥା'ନ୍ତି । ସେମାନଙ୍କ ମଧ୍ୟରୁ ଅନେକେ ସ୍ୱାମୀଙ୍କ ଭକ୍ତ ନଥାନ୍ତି । ସେମାନେ ସରକାରଙ୍କ ଦ୍ୱାରା ସେହି ଦାୟିତ୍ୱରେ ପ୍ରେରିତ ହୋଇଥା'ନ୍ତି । ସ୍ୱାମୀ ଭାବିଲେ, "ଏମାନେ ସହର ମଧ୍ୟରେ ମୋର ଯାତାୟତର ସୁବିଧା ପାଇଁ ଏତେ କଷ୍ଟ କରୁଛନ୍ତି ।" ସେ ସେମାନଙ୍କୁ ପଚାରିଲେ, "ତୁମେମାନେ କଉଠେ ରହୁଛ ?" ସେମାନେ ସ୍ୱାମୀଙ୍କୁ ସେମାନଙ୍କର ଠିକଣା ଦେଲେ । ସ୍ୱାମୀ କହିଲେ, "ମୁଁ ତୁମ ଯାଗାକୁ ଯିବି ।" ତାପରେ ସେ ପୋଲିସ୍‌ମାନଙ୍କ ଘରଥିବା ବସ୍ତିକୁ ଯାଇଥିଲେ । ସେମାନଙ୍କ ମଧ୍ୟରୁ କେହି କେହି ତଳ ମହଲାରେ ତ ଆଉ କେହି କେହି ସବା ଉପର ମହଲାରେ ରହୁଥା'ନ୍ତି । ସ୍ୱାମୀ ସବୁ ମହଲାରେ ରହୁଥିବା ସମସ୍ତଙ୍କ ଘରକୁ ଗଲେ । ମୁଁ ମଧ୍ୟ ସେଦିନ ତାଙ୍କ ସଙ୍ଗେ ଥାଏ ଓ ସେ ସମୟରେ ସବୁତକ ପାହାଚ ଚଢ଼ିବାର ଶକ୍ତି ମୋ' ମଧ୍ୟରେ ଥାଏ । ସମସ୍ତଙ୍କ ଘର ବୁଲି ଫେରିବା ପରେ ସ୍ୱାମୀ ତଳ ମହଲାର ଗୋଟିଏ ଘର ମଧ୍ୟକୁ ପ୍ରବେଶ କଲେ ଓ ସେଠାରେ ଯାଇ ବସିଲେ । ହଠାତ୍ ସେ କହିଲେ, "ରୁହ, ରୁହ, ସେଇ ଘରେ ଗୋଟିଏ ଛୁଆ ଦୋଳିରେ ଶୋଇଛି । ମୁଁ ତ ତାକୁ ଗେଲ କରିନି ।" ଏତିକି କହି ସେ ବସିଥିବା ଆସନରୁ ଉଠି ଆସିଲେ ଓ କୌଣସି ଏକ ମହଲାରେ ଏକ ଘରକୁ ପୁଣି ଚଢ଼ି ଚଢ଼ି ଉଠିଲେ । ହୁଏତ୍ ସେଦିନ ସେହି ଶିଶୁଟି ପ୍ରଭୁଙ୍କ ପାଇଁ କାନ୍ଦି କହୁଥାଏ, "ସମସ୍ତଙ୍କ କପାଳକୁ ସୁଯୋଗ ମିଳିଲା, ମୁଁ ଖାଲି ବାଦ୍ ପଡ଼ିଗଲି ।" ଅବଶ୍ୟ ସେଦିନ ସେ ସ୍ୱାମୀଙ୍କ ନାମ ଧରି ତାଙ୍କୁ ଡାକି ନଥାଏ ।

ଥରେ ଆମେମାନେ ତିନି ହଜାର ଫୁଟ ଉଚ୍ଚରେ ଥିବା ହର୍ସଲେ ହିଲ୍‌ସ୍‌ଠାରେ ସ୍ୱାମୀଙ୍କ ସହ ପ୍ରାୟ ଦଶଦିନ ବିତେଇବାର ସୁଯୋଗ ପାଇଥାଉ । ଏତେ ଉପରକୁ ପାହାଡ଼ ଚଢ଼ିଯିବା ଏକ କଷ୍ଟକର ବ୍ୟାପାର ଥିଲା, ତେଣୁ ଆମକୁ ନିଜ କଥା ନିଜେ ବୁଝିବାକୁ ପଡୁଥିଲା । ପାହାଡ଼ ତଳେଥିବା ଗାଁରୁ ପିଇବା ପାଣି ଆଣିବାକୁ ହେଉଥାଏ । ସେଠାରେ

ଗୋଟିଏ ମଇଁଷି ଥାଏ ଯାହା ପାହାଡ଼ ତଳର କୂଅରୁ ପ୍ରତିଦିନ ତା ପିଠିର ଦୁଇ ଭାଗରେ ଦୁଇଟି ଚମଡ଼ା ଥଳୀରେ ପାଣି ଧରି ଉପରକୁ ଉଠୁଥାଏ । ବିଚରା ମଇଁଷିଟି ଦିନରେ ଅନେକ ଥର ଏମିତି ପାଣି ବୋହି ବୋହି ପାହାଡ଼ ଚଢ଼ିବାକୁ ହେଉଥାଏ । ସେଠାରେ ଆମ ରହଣିର ଶେଷ ଦିନ ଆମେ ଯେତେବେଳେ ସେହି ସ୍ଥାନ ଛାଡ଼ି ଯିବାକୁ ପ୍ରସ୍ତୁତ ହୋଇଥାଉ ସ୍ୱାମୀ କହିଲେ ଯେ ଆମକୁ ପାହାଡ଼ ତଳଯାଏଁ ଦୌଡ଼ି ଦୌଡ଼ି ଯିବାକୁ ହେବ ଏବଂ ଆମ ମଧ୍ୟରୁ ଯିଏ ପ୍ରଥମେ ତଳେ ପହଞ୍ଚିବ, ସେ ଏକ ପୁରସ୍କାର ପାଇବ । ଖୁସି ମନରେ ଆମେ ସମସ୍ତେ ଦୌଡ଼ିବାକୁ ସଜ ହେଉଥିବା ସମୟରେ, ସ୍ୱାମୀ କହିଲେ, "ରହ, ରହ, ତୁମେ ସମସ୍ତେ ଏଠାରେ ଥାଅ । ମୁଁ ଏଇ ଗଲି ଆଉ ଆସିଲି ।" ଏହା କହି ସ୍ୱାମୀ ବଙ୍ଗଳା ଆଡ଼କୁ ଚାଲି ଚାଲି ଗଲେ । ଆମମାନଙ୍କୁ ସେଠାରେ ସେ ଅପେକ୍ଷା କରିବାକୁ କହିଥିଲେ ହେଁ, ଆମେ କେତେଜଣ ତାଙ୍କ ପଛେ ପଛେ ଯାଇ ଖଣ୍ଡେ ଦୂରରେ ଛିଡ଼ା ହୋଇ ସବୁ ଲକ୍ଷ୍ୟ କରୁଥାଉ । ସେ ବଙ୍ଗଳା ପଛରେ ଥିବା ଗୁହାଳ ଭିତରକୁ ଗଲେ ଏବଂ ମୋତେ ବା ଅନ୍ୟ କାହାକୁ ସେ ଯେମିତି ଥାପୁଡ଼େଇଥା'ନ୍ତି, ସେମିତି ସେହି ମଇଁଷିର ପିଠି ଥାପୁଡ଼େଇ କହିଲେ, "ଦୁନ୍ନପୋତ୍ତୁ, ମାଞ୍ଚି ସେଓ୍ୱ ଚେସ୍ୟାଉ ।" ଅର୍ଥାତ୍ ମଇଁଷି, ତୁ ଭାରି ଭଲ ସେବା କଲୁ । ଏତିକି କହି ସେ ସେଠାରୁ ଫେରି ଆସିଲେ । ସେହି ମଇଁଷିଟି ହୁଏତ ଆଉ ଏକ ଜନ୍ମ ପାଇ ଗୋକୁଲମ୍‌ରେ ମଇଁଷି ହୋଇ ରହିଛି ବା ନରଜନ୍ମ ପାଇ ଆମମାନଙ୍କ ମଧ୍ୟରେ କଉଠେ ରହିଛି, କାରଣ ସେଦିନର ସେ ଆଶୀର୍ବାଦ ପରେ ସେ ଆଉ ଏକ ଉନ୍ନତ ଜନ୍ମ ଲାଭ କରିଥିବ ।

ସ୍ୱାମୀ ତାଙ୍କୁ କୌଣସି ଏକ ନିର୍ଦ୍ଦିଷ୍ଟ ନାମ ସହ ଯୋଡ଼ିବା ପସନ୍ଦ କରନ୍ତି ନାହିଁ । ସେ କହନ୍ତି, "ଯେକୌଣସି ନାମ ଚଳିବ ।" ତେଣୁ ଭାରତ ଓ ଭାରତ ବାହାରେ କାର୍ଯ୍ୟକାରୀ ହେଉଥିବା ମାନବୀୟ ମୂଲ୍ୟବୋଧ କାର୍ଯ୍ୟକ୍ରମର ଶ୍ରେଣୀକକ୍ଷମାନଙ୍କରେ ତାଙ୍କର କୌଣସି ଚିତ୍ର ରଖିବାକୁ ସେ ବାରଣ କରିଛନ୍ତି । ସେ କହିଛନ୍ତି, "ମୂଲ୍ୟବୋଧଭିତ୍ତିକ Lecture ହଉ, ସେଠାରେ ମୋ picture ଦରକାର ନାହିଁ । ଯିଏ ଯେଉଁଠାରେ ଅଛନ୍ତି ସେଠାରୁ ଆଗକୁ ଯିବା ପାଇଁ ସମସ୍ତଙ୍କୁ ପ୍ରୋତ୍ସାହିତ କର । ଉପରୁ କୌଣସି ଢାଞ୍ଚା ତାଙ୍କ ଉପରେ ଲଦି ଦିଅ ନାହିଁ । ଭିତରୁ କିମିତି ବ୍ୟକ୍ତିଗତ ରୂପାନ୍ତରଣ ହେବ, ସେଥିପ୍ରତି ଦୃଷ୍ଟି ଦିଅ ।"ସମସ୍ତେ ଏକାପରି ହେବା ଆବଶ୍ୟକ ନୁହଁ । କେତେକ ଗୁରୁ ସେମାନଙ୍କ ଶିଷ୍ୟମାନଙ୍କୁ ଗୋଟିଏ ପ୍ରକାର ପୋଷାକ ପିନ୍ଧିବାକୁ ବାଧ୍ୟ କରନ୍ତି, କିନ୍ତୁ ସ୍ୱାମୀଙ୍କ କ୍ଷେତ୍ରରେ ସମସ୍ତଙ୍କର ସମାନ ପୋଷାକ, ସମସ୍ତଙ୍କର ସମାନ ମନ୍ତ୍ର ବା ସମସ୍ତଙ୍କର ସମାନ ଧର୍ମ ହେବା ଆବଶ୍ୟକ ନୁହଁ । ସ୍ୱାମୀ ଯେତେବେଳେ 'ହରି ଭଜନ ବିନା' ଭଜନ ଗାନ କରନ୍ତି, ତାହା ପାଳି ଧରିବା ସମୟରେ କେତେକ 'ସାଇ ଭଜନ ବିନା' କହି ଗାଇଥା'ନ୍ତି । ସ୍ୱାମୀ ଏହା ଲକ୍ଷ୍ୟ କରି କହନ୍ତି, "ସେମାନେ ହରି ନକହି ସାଇ କହୁଛନ୍ତି, ସତେ ଯେମିତି ସାଇ ହରି ନୁହନ୍ତି, ସେ କେବଳ ସାଇ । ସବୁ ନାମ ମୋର । ତେଣୁ ମୋତେ ଏକ ନିର୍ଦ୍ଦିଷ୍ଟ ନାମରେ ଚିହ୍ନିତ କର

ନାହିଁ ।” ଆଉ ମଧ୍ୟ ସେ କହନ୍ତି, “ନାସ୍ତିକ ବୋଲି କେହି ନାହିଁ । ଯିଏ ଯେତେ ଅସ୍ୱୀକାର କରୁ ପଛେ, ପ୍ରତ୍ୟେକ ମଧ୍ୟରେ ସେହି ଦିବ୍ୟ ସ୍ଫୁଲିଙ୍ଗ ରହିଛି । ପ୍ରତ୍ୟେକଙ୍କ ପ୍ରେରଣାର ଉତ୍ସ ସେହି ଏକ ଈଶ୍ୱର, ପ୍ରତ୍ୟେକେ ସେହି ଏକ ଈଶ୍ୱରଙ୍କର ଏକ ଏକ ତରଙ୍ଗ । ତାଙ୍କର ବାହାରେ କିଛି ରହିବାର ଅବକାଶ ହିଁ ନାହିଁ ।” ସେ ପୁଣି କହନ୍ତି, “ତୁମର ବ୍ୟାଜ୍‌ରେ ତୁମେ ପାଞ୍ଚୋଟି ଧର୍ମର ସଙ୍କେତକୁ ଧାରଣ କରିଛ । ସ୍ୱାମୀ ସେଥିମଧ୍ୟରେ ଜିଉମାନଙ୍କର ଧର୍ମର ସଙ୍କେତକୁ ମଧ୍ୟ ସ୍ଥାନ ଦେବାପାଇଁ ଅନୁମତି ଦେଇଛନ୍ତି । ପ୍ରକୃତରେ ଯଦି ଦେଖାଯାଏ, ସେ କୌଣସି ସଙ୍କେତକୁ ଗୁରୁତ୍ୱ ଦିଅନ୍ତି ନାହିଁ । ଭାରତବର୍ଷରେ ଯଦି ଖ୍ରୀଷ୍ଟିଆନ୍, ହିନ୍ଦୁ ଓ ମୁସଲମାନ ଧର୍ମର ସଙ୍କେତ କେଉଁଠେ ଏକତ୍ର ଅଛନ୍ତି ଖୋଜାଯାଏ, ତାହା ଏହିଠାରେ ପାଇବେ । ପୂଜା ମନ୍ଦିର ମଧ୍ୟରେ ତଥା ଅନ୍ୟ ସବୁଠେ ମୁସଲମାନ୍ ଧର୍ମର ସଙ୍କେତକୁ ସ୍ଥାନ ଦେବା ଅନେକଙ୍କ ପାଇଁ ଏକ ଜଘନ୍ୟ ଅପରାଧ ହୋଇପାରେ । କିନ୍ତୁ କେବଳ ଏହି ସ୍ଥାନରେ ସମସ୍ତ ଧର୍ମକୁ ଏକ ସତ୍ୟର ବିଭିନ୍ନ ବିଭାବ ମନେକରି ସମ୍ମାନ ଦିଆଯାଏ । ସମସ୍ତ ଧର୍ମ କହିବାର କିଛି ଅର୍ଥ ନାହିଁ । ଧର୍ମର ବହୁବଚନ ନାହିଁ । ଧର୍ମ କେବଳ ଏକ । ଐତିହାସିକ, ଭୌଗୋଳିକ, ଜାତିଗତ ବା ସାଂପ୍ରଦାୟିକ କାରଣ ହେତୁ ଧର୍ମର ସ୍ୱରୂପ ବଦଳି ଅନେକ ଧର୍ମ ଭଳି ମନେ ହେଉଛି । ମଳୟ ଦେଶର କେତେକ ଭକ୍ତ ଆସି କହିଲେ ଯେ ବ୍ୟାଜ୍ ଉପରେ କ୍ରୁଶ, ଅର୍ଦ୍ଧଚନ୍ଦ୍ର ଓ ଆଉ କେତେକ ଧର୍ମ ସଙ୍କେତ ଯଥେଷ୍ଟ ନୁହଁ । ସେମାନଙ୍କର ଏକ ବହୁଧର୍ମୀୟ ସମାଜ, ତେଣୁ ଆହୁରି କେତେକ ଧର୍ମ ସଙ୍କେତ ବ୍ୟାଜରେ ସ୍ଥାନ ପାଇବା ଆବଶ୍ୟକ । ସ୍ୱାମୀ କହିଲେ, କ୍ରୁଶ, ଅର୍ଦ୍ଧଚନ୍ଦ୍ର ବା ଧର୍ମଚକ୍ର ବା ଅନ୍ୟ କୌଣସି ଧର୍ମସଙ୍କେତ ଏଠାରେ ଗୁରୁତ୍ୱପୂର୍ଣ୍ଣ ନୁହଁ । ସେଗୁଡ଼ିକ ସଙ୍କେତ ମାତ୍ର । ଧର୍ମସଙ୍କେତ ସେହି ଧର୍ମର ମୂଳତତ୍ତ୍ୱକୁ ମନେ ପକେଇ ଦିଏ । ତେଣୁ ସେ ସେମାନଙ୍କୁ ଧର୍ମସଙ୍କେତ ପରିବର୍ତ୍ତେ ସତ୍ୟ, ଧର୍ମ, ଶାନ୍ତି ଓ ପ୍ରେମକୁ ତାଙ୍କ ଦେଶରେ ପ୍ରଚଳିତ ତିନୋଟି ଭାଷାରେ ବ୍ୟାଜ୍ ଦେହରେ ଲେଖିବାକୁ କହିଲେ, ଯାହା ଫଳରେ ସବୁ ଭାଷାଭାଷୀ ଲୋକ ତାହା ବୁଝିପାରିବେ। ସେ କହନ୍ତି, “କେବଳ ଶିକ୍ଷା, ଉପଦେଶ, ମାର୍ଗଦର୍ଶନ ଓ ଆଦର୍ଶକୁ ଅନୁସରଣ କର, ତାହା ଯଥେଷ୍ଟ ।”

ଥରେ ଜଣେ ଶିକ୍ଷୟିତ୍ରୀ ପିଲାମାନଙ୍କୁ କ୍ରୁଶ ସମ୍ବନ୍ଧରେ ଶିକ୍ଷା ଦେଉଥାନ୍ତି ଓ ଏଥିପାଇଁ ସେ କଳାପଟାରେ ଏକ କ୍ରୁଶର ଛବି ଆଙ୍କିଥାନ୍ତି । ବିଦ୍ୟାଳୟ ନିରୀକ୍ଷକ ସେଦିନ ଉକ୍ତ ଶ୍ରେଣୀକୁ ଯାଇ ଦେଖିଲେ ଶିକ୍ଷୟିତ୍ରୀ ପିଲାମାନଙ୍କୁ କ୍ରୁଶର ଅର୍ଥ ବୁଝଉଛନ୍ତି । ସେ ଶିକ୍ଷୟିତ୍ରୀଙ୍କୁ ପଚାରିଲେ, “ତୁମେ କ୍ରୁଶ ମାନେ କ'ଣ ବୁଝ ?” ଶିକ୍ଷୟିତ୍ରୀ କହିଲେ, “କ୍ରୁଶ ଅହଂକାର ବିନାଶ ହେବାର ପ୍ରତୀକ । ଏଥିରେ ଇଂରାଜୀର I (ଆଇ) ଅକ୍ଷରକୁ (-) କାଟି ଦିଆଯାଇଛି ଯାହା 'ମୁଁ'କାର ବିନାଶ ହେବା ସୂଚଉଛି ।” ନିରୀକ୍ଷକ କହିଲେ, “ଯେ କ'ଣ ? ତୁମେ ପିଲାମାନଙ୍କୁ ଈଶ୍ୱରଙ୍କ ପୁତ୍ର ଯୀଶୁ କିମିତି ସଂସାରର ସମସ୍ତ ପାପକୁ ନିଜେ ବହନ କରି କ୍ରୁଶବିଦ୍ଧ ହେଲେ ଓ ପରେ କିପରି ତାଙ୍କର ପୁନରାବିର୍ଭାବ ଘଟିଲା – ତାହା ନକହି ଅହଂକାର

ସମ୍ବନ୍ଧରେ କହୁଛ ।” ଶିକ୍ଷୟିତ୍ରୀଜଣକ ପିଲାଙ୍କୁ ଏସବୁ ପୌରାଣିକ ଉପାଖ୍ୟାନ କହି ନଥାନ୍ତି । ନିରୀକ୍ଷକ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣେଇଲେ ଯେ ଉକ୍ତ ମହିଳା ଶିକ୍ଷୟିତ୍ରୀ ହେବା ପାଇଁ ଯୋଗ୍ୟ ନୁହଁ । ତେଣୁ ଆମେ କେବଳ ସଙ୍କେତର ପବିତ୍ରତା ଓ ସାଙ୍କେତିକ କିଛି ଅର୍ଥକୁ ପ୍ରାଧାନ୍ୟ ଦେଉ କିନ୍ତୁ ତାହା ଯେଉଁ ଧର୍ମର ସଙ୍କେତ ସେହି ଧର୍ମର ଆଦର୍ଶକୁ ଅନୁସରଣ କରିବା ପାଇଁ ଆଗ୍ରହ ଦେଖାଇ ନଥାଉ । ତେଣୁ ସ୍ୱାମୀ କୌଣସି ଗୋଟିଏ ଧର୍ମର ସମର୍ଥକ ନୁହନ୍ତି । ସେ କେବଳ ଆମକୁ ଭଗବତ୍ ମାର୍ଗରେ ନେଇ ଆମର ଗମ୍ୟଠାରେ ଆମକୁ ପହଞ୍ଚେଇ ଦେବାପାଇଁ ଆଗ୍ରହୀ । ସେ ପାଦେ ପାଦେ ଆମକୁ ଆମର ଲକ୍ଷ୍ୟର ଦିଗରେ ଆଗେଇ ନିଅନ୍ତି । ଏହାର ପ୍ରଥମ ପଦକ୍ଷେପ ହେଲା ଆମକୁ ଆମ ଚର୍ବି କମେଇ ଶରୀରକୁ ହାଲୁକା କରିବାକୁ ହେବ । ଦ୍ୱିତୀୟ ପଦକ୍ଷେପ ହେଲା ଆମ ଇନ୍ଦ୍ରିୟଗୁଡ଼ିକ ଉପରେ ଆମର ନିୟନ୍ତ୍ରଣ । କାମନାର ସୀମାଙ୍କନ କରି କମ୍ ଜିନିଷରେ ଜୀବନଯାତ୍ରା ନିର୍ବାହ କରିବା ହେଉଛି ପରବର୍ତ୍ତୀ ପଦକ୍ଷେପ । ତୁମ ଧନସମ୍ପତ୍ତି ତୁମ ପାଦର ଯୋତା ଭଳି ହେବା ଦରକାର । ଯୋତା ବେଶୀ ବଡ଼ ହେଲେ ଚାଲି ହେବ ନାହିଁ କି ଅତି ଛୋଟ ହେଲେ ଚାଲି ହେବ ନାହିଁ । ଯୋତାର ମାପ ପାଦକୁ ଠିକ୍ ହେବା ଆବଶ୍ୟକ । ଘରର ଆସବାବପତ୍ର ଯେତିକି ଦରକାର ସେତିକିରେ ରହିବ, ତା'ଠୁ ବେଶୀ ନୁହଁ । ବେଶୀ ଆସବାବପତ୍ର ହେଲେ ଘର ଭିତରେ ଚଳପ୍ରଚଳ ହେବା ଅସୁବିଧା ହେବ । ତେଣୁ ମନ ଭିତରେ ମଧ୍ୟ ଅନେକଗୁଡ଼ିଏ ବିଷୟ ଭର୍ତ୍ତି କରିବା ଭଲ ନୁହଁ । ଲିନ୍ ଉ ଥାଙ୍ଗ୍ କହିଛନ୍ତି, “ଚୌକୀ ଯେତିକି ଉପରକୁ ଉପରକୁ ରହିବ ସେତିକି ଅଖାଡୁଆ ଲାଗିବ । ତଳକୁ ତଳକୁ ଆସି ଭୂମି ଉପରେ ବସିଯାଅ, ବେଶ୍ ଆରାମ୍ ଲାଗିବ ।” ତେଣୁ ଏକ ବିଳାସପୂର୍ଣ୍ଣ ଜୀବନର ବିଚାର ମନକୁ ଆଣନା। “କାମନାର ସୀମାଙ୍କନ କର ।” ମନରେ ପବିତ୍ର ଚିନ୍ତା ପୋଷଣ କର, ପବିତ୍ର ଭାବକୁ ସ୍ଥାନ ଦିଅ । ପରସ୍ପରକୁ ସାହାଯ୍ୟ କରିବା, ସହଯୋଗ କରିବା, ମିଳିମିଶି ରହିବା କଥା ସବୁବେଳେ ଭାବ, କାରଣ ତୁମଭଳି ଅନ୍ୟ ସମସ୍ତେ ମଧ୍ୟ ଭଗବାନଙ୍କ ପ୍ରତିରୂପ । ଈଶ୍ୱରଙ୍କ ମଧ୍ୟରେ ଲୟ ଭଜିବା, ଯେଉଁ ଉତ୍ସରୁ ଆସିଛ, ସେହି ଉତ୍ସକୁ ପୁଣି ଥରେ ଫେରିଯିବା - ଏହି ଲକ୍ଷ୍ୟ ଉପରେ ତୁମର ଦୃଷ୍ଟି ସ୍ଥିର ରହୁ । ସ୍ୱାମୀ ଆମର ସେହି ମହାନ୍ ଜନନୀ ଯାହାର ଅନ୍ତରରେ ସନ୍ତାନ ପ୍ରତି ବାତ୍ସଲ୍ୟ ଭରି ରହିଛି, ଯିଏ ସବୁବେଳେ ଆମକୁ ସୁଖୀ ଓ ସୁସ୍ଥ ରଖିବାକୁ ପ୍ରୟାସ କରି ଚାଲିଛନ୍ତି ଏବଂ ପିଲାଟି ଏଣେତେଣେ ବୁଲିବା ପରେ, କିମିତି ତାଙ୍କ ପାଖକୁ ପୁଣି ଫେରି ଆସିବ, ସେଥିପାଇଁ ଚେଷ୍ଟା କରୁଛନ୍ତି ।

❖❖❖

୫

ଯେ ମୋତେ ଲୋଡ଼େ ସେ ପାଏ

ଆମେ 'ଅସତୋ ମା ସଦ୍‌ଗମୟ' କହି ପ୍ରାର୍ଥନା କରିବା ମଧ୍ୟରେ କହୁ, "ମୋତେ ଆଗକୁ ବଢ଼େଇ ନିଅ, ମୋତେ ବାଟ ଦେଖେଇ ଦିଅ, ମୋ ହାତ ଧରି ଲକ୍ଷ୍ୟଠାରେ ପହଞ୍ଚେଇ ଦିଅ, ମୋତେ ସାହାଯ୍ୟ କର ।" ଆମେ ଏମିତି ପ୍ରାର୍ଥନା କରୁ କାରଣ ଆମେ ଜାଣୁ ଯେ ଜଣେ କେହି ଅଛନ୍ତି ଯିଏ ଆମକୁ ଆଗକୁ ବଢ଼େଇ ନେବେ । ତୁମେ ଯଦି କୁହ ଯେ ସେମିତି କେହି ନାହାନ୍ତି, ତେବେ ଏହି ପ୍ରାର୍ଥନାର ଆଦୌ ଆବଶ୍ୟକତା ନାହିଁ । ବର୍ତ୍ତମାନ ଆମ ଗହଣରେ ଜଣେ ଅଛନ୍ତି ଯିଏ ସେମିତି 'କେହି ନାହାନ୍ତି' କହିବା ଲୋକଙ୍କ ପାଇଁ ମୁକ୍ତକଣ୍ଠରେ ଘୋଷଣା କରି କହୁଛନ୍ତି ଯେ ସେ ହେଉଛନ୍ତି ସେହି "ଜଣେ କେହି ।" ସ୍ୱାମୀ ଆରମ୍ଭରୁ ତାଙ୍କର ଅବତାରତ୍ୱ ଘୋଷଣା କରି ଆସୁଛନ୍ତି ।

ଆମେରିକାର ସାଣ୍ଟିଆଗୋଠାରେ ଜଣେ ଭଦ୍ରମହିଳା ଏକ ସୁବିଶାଳ ଭବନ ମଧ୍ୟରେ ଥିବା ଏକ ଫ୍ଲାଟ ଘରେ ଏକାକୀ ରହୁଥା'ନ୍ତି । ତାଙ୍କର ଗଣ୍ଠିବାତ ଥାଏ । ଦିନେ ରାତି ଏଗାରଟାରେ ସେ ଅସହ୍ୟ ଯନ୍ତ୍ରଣା ଅନୁଭବ କରି ଚିତ୍କାର କରି ଉଠିଲେ, "କେହି କ'ଣ ନାହାନ୍ତି ? ମୋତେ ସାହାଯ୍ୟ କରିବାକୁ କ'ଣ କେହି ଜଣେ ନାହାନ୍ତି ?" ତାଙ୍କର ପ୍ରକୋଷ୍ଠର ଦ୍ୱାର ଭିତରୁ ରୁଦ୍ଧ ଥିଲେ ହେଁ ସ୍ୱାମୀ ଆସି ତାଙ୍କ ଖଟ ପାଖରେ ଉଭା ହେଲେ ଓ ତାଙ୍କ ପିଠିରେ ହାତ ଆପୁଡ଼େଇ କହିଲେ, "କାହିଁକି ଏତେ ବଡ଼ ପାଟିରେ ଚିତ୍କାର କରୁଛ ? ମୁଁ ଏଇଠେ ଅଛି ।" ତେଣୁ ପ୍ରତ୍ୟେକେ ବୁଝିବା ଦରକାର ଯେ ବର୍ତ୍ତମାନ "କେହିଜଣେ ଅଛନ୍ତି ।" ତୁମେ ତାଙ୍କର ନାମ, ଠିକଣା ବା ଟେଲିଫୋନ ନମ୍ବର ଜାଣି ନଥାଇପାର । "ଜଣେ କେହି ଅଛନ୍ତି" - ଏତିକି ଜାଣିଲେ ଯଥେଷ୍ଟ ।

ବାବା ବିଦ୍ୟାଳୟ ତ୍ୟାଗ କଲେ । ସେ ବିଦ୍ୟାଳୟର ବନ୍ଧନରୁ ନିଜକୁ ମୁକ୍ତ କରିଲେ କହିବା ଠିକ୍ ହେବ କାରଣ ବିଦ୍ୟାଳୟ ତାଙ୍କ ପାଇଁ ଆବଶ୍ୟକ ନଥିଲା । ସେ ବିଦ୍ୟାଳୟକୁ ଯାଇଥିଲେ, କେବଳ ତାଙ୍କର ସାଥୀମାନଙ୍କୁ ସଂଗ୍ରହ କରିବା ପାଇଁ । ତାଙ୍କର ଭାଉଜ ତାଙ୍କୁ ଘରକୁ ଫେରି ଆସିବାକୁ କହୁଥିଲେ ସୁଦ୍ଧା ସେ ତାଙ୍କର ବଡ଼ ଭାଇଙ୍କ ଘରକୁ ତ୍ୟାଗ କଲେ ଏବଂ କହିଲେ, "ମୁଁ ତୁମର ନୁହଁ, ମୋର ଭକ୍ତମାନେ ମୋତେ ଡାକୁଛନ୍ତି ।" ଏହା କହି ସେ ସହରର ଉପକଣ୍ଠରେ ଥିବା ଏକ ଉଦ୍ୟାନ ମଧ୍ୟକୁ ଚାଲିଗଲେ ଓ ସେଠାରେ ଏକ ଚକା ପଥର ଉପରେ ଯାଇ ବସିଲେ । ଆଜି ମଧ୍ୟ ଆପଣମାନେ ସେହି ପଥର ଦେଖି ପାରନ୍ତି । ମାତ୍ର ଚଉଦ ବର୍ଷ ବୟସରେ ତାଙ୍କର କେଉଁ ଭକ୍ତମାନେ ତାଙ୍କୁ ଡାକୁଥିଲେ ? ଲୋକେ ତାଙ୍କ କଥା ସେଦିନ ହସି ଉଡ଼େଇ ଦେଇଥିଲେ ଓ କହିଥିଲେ "ବାଜେ କଥା ! ପିଲାଟା ପାଗଳ ହେଇଗଲାଣି ।"

ବାସ୍ତବରେ ଚଉଦ ବର୍ଷ ବୟସରେ ମଧ୍ୟ ତାଙ୍କର ଜଣେ ଭକ୍ତ ଥିଲା ଯିଏ ତାଙ୍କୁ ଲୋଡୁଥିଲା । ତାଙ୍କୁ ସେହି ଭକ୍ତକୁ ଉଦ୍ଧାର କରିବାକୁ ହୋଇଥିଲା । ଚଉଦବର୍ଷ ବୟସରେ ମଧ୍ୟ ସେ ତାଙ୍କର ଆବିର୍ଭାବର ମହୋନ୍ନତ ଉଦ୍ଦେଶ୍ୟ ସାଧନରେ ବ୍ରତୀ ଥିଲେ । ସେ କହନ୍ତି, "ଯିଏ ମୋତେ ଲୋଡ଼େ ସେ ମୋତେ ପାଏ", ସେ ଯେ ସେଦିନ ସେହି ଭକ୍ତକୁ କିପରି ଉଦ୍ଧାର କରିଥିଲେ, ତାହା ଆମେ ୩୨ ବର୍ଷ ପରେ ଜାଣିପାରିଲୁ ।

ସେ ସମୟରେ ଇଂଲଣ୍ଡରେ ଜଣେ ଶ୍ରମମନ୍ତ୍ରୀ ଥା'ନ୍ତି ଯିଏ ଭାରତକୁ ଏକ ଶିଳ୍ପପ୍ରଧାନ ରାଷ୍ଟ୍ର ରୂପେ ଗଢ଼ିବା ଚାହୁଁଥାନ୍ତି । ତାଙ୍କର ପରିକଳ୍ପନା ଥିଲା, ଭାରତରୁ କେତେକ ଯୁବକଙ୍କୁ ସଂଗ୍ରହ କରି ଇଂଲଣ୍ଡ ନେଇଯିବେ ଏବଂ ସେଠାକାର କଳାକାରଖାନାରେ ସେମାନେ କାର୍ଯ୍ୟ କରି ତାଲିମ ଗ୍ରହଣ କରିବେ । ସେମାନଙ୍କ ମଧ୍ୟରେ ଯାନ୍ତ୍ରିକ କଳାକୌଶଳ ପ୍ରତି ଆଗ୍ରହ ସୃଷ୍ଟି ହେବାପରେ ସେମାନେ ଭାରତକୁ ଫେରି ଆସିବେ । ତେଣୁ ପ୍ରଥମେ ଦଳେ ଯୁବକଙ୍କୁ ଇଂଲଣ୍ଡ ନିଆଗଲା । ସେମାନଙ୍କ ମଧ୍ୟରେ ଆସାମ ପ୍ରଦେଶର ଗୋଗୋଇ ନାମକ ଜଣେ ଯୁବକ ଥାନ୍ତି । ଏହି ଯୁବକମାନଙ୍କୁ ବୃତ୍ତି ଦେଇ ବିଭିନ୍ନ କଳକାରଖାନାରେ ତାଲିମ୍ ପାଇଁ ରଖାଗଲା । କିଛିଦିନ ମଧ୍ୟରେ ଇଂଲଣ୍ଡ ବିରୁଦ୍ଧରେ ଯୁଦ୍ଧ ଆରମ୍ଭ ହୋଇଗଲା । ଜର୍ମାନୀ ଇଂଲଣ୍ଡ ଉପରେ ଘନ ଘନ ଆକ୍ରମଣ କରୁଥାଏ । ପ୍ରତିଦିନ ରାତିରେ ଜର୍ମାନୀର ଗୋଟିଏ ପରେ ଗୋଟିଏ ବିମାନ ଆସି ଲଣ୍ଡନ ସହରରେ ବିସ୍ଫୋରଣ କରୁଥାନ୍ତି । ରାତିରେ ବିସ୍ଫୋରଣ ପୂର୍ବରୁ ସତର୍କ ଘଣ୍ଟି ବାଜି ଉଠୁଥାଏ ଓ ତାହା ଶୁଣି ଲୋକେ ଧାଇଁ ଧାଇଁ ଯାଇ ଭୂଗର୍ଭସ୍ଥ ଆଶ୍ରୟାଗାରରେ ଆଶ୍ରୟ ନେଉଥା'ନ୍ତି । ବିମାନଗୁଡ଼ିକ ଚାଲିଯିବା ପରେ ପୁଣି ଥରେ ଘଣ୍ଟି ବାଜେ ଓ ସେତେବେଳେ ଲୋକମାନେ ଆଶ୍ରୟସ୍ଥଳରୁ ବାହାରି ଆସନ୍ତି । ଆସାମର ଏହି ଯୁବକ ଗରିବ ହୋଇଥିବାରୁ ଅଧିକ ଭଡ଼ାଦେଇ ଘର ନେବା ତାଙ୍କ ପକ୍ଷରେ ସମ୍ଭବ ନଥିଲା । ତେଣୁ ସେ ଏକ ଆଟୁଘରେ ରହୁଥାନ୍ତି ଓ ନିରାମିଷ ଖାଦ୍ୟ ପସନ୍ଦ କରୁଥିବା ହେତୁ ନିଜେ ରୋଷେଇ କରି ଖାଉଥାନ୍ତି । ପାଠପଢ଼ା ପ୍ରତି ତାଙ୍କର ବିଶେଷ ଶ୍ରଦ୍ଧା ଥାଏ ଓ ରାତିରେ ସେ ତାର ପାଠ ନିୟମିତ ଭାବେ ପଢୁଥାନ୍ତି । ପ୍ରତିଦିନ ରାତିରେ ପାଠ ପଢ଼ିବା ସମୟରେ ସତର୍କ ଘଣ୍ଟିର ଶବ୍ଦ ଶୁଣାଯାଉଥାଏ ଓ ସେ ତରବରରେ ଧାଇଁ ଭୂଗର୍ଭରେ ଆଶ୍ରୟ ନେଉଥାନ୍ତି । ଦିନେ ସେ ମନେ ମନେ ଭାବିଲେ ଯେ ପ୍ରତିଦିନ ଘଣ୍ଟିର ଶବ୍ଦ ଶୁଣିବା ମାତ୍ରେ ଏମିତି ଧାଇଁ ଧାଇଁ ଯାଇ ଭୂଗର୍ଭରେ ଆଶ୍ରୟ ନେବା ଅତ୍ୟନ୍ତ ବିରକ୍ତିକର । ତେଣୁ ସେ ନିଜକୁ ନିଜେ ବୁଝଉଥାନ୍ତି "ଘଣ୍ଟିର ଶବ୍ଦ ଶୁଣିବାକ୍ଷଣି ମୁଁ କାହିଁକି ଆଶ୍ରୟକୁ ଧାଇଁବି ? ହୁଏତ ଜର୍ମାନୀ ବିମାନ ମୂଳରୁ ଆସିବ ନାହିଁ । ଯଦିବା ଆସେ ତାହା ଏହି ଅଞ୍ଚଳରେ ହୁଏତ ବୋମା ବର୍ଷଣ କରିବ ନାହିଁ । ଯଦିବା ବୋମା ବର୍ଷଣ କରେ ବୋମା ଏହି ଭବନ ଉପରେ ନ ପଡ଼ିପାରେ । ଯଦିବା ତାହା ଏଠାରେ ପଡ଼େ, ମୁଁ ନ ମରି ପାରେ । ତେଣୁ ମୋର ମରିବାର ସମ୍ଭାବନା ଖୁବ୍ କମ୍ ।" ଭାରତରେ ଆମେମାନେ କର୍ମବାଦ ଓ ଅଦୃଷ୍ଟବାଦରେ ବିଶ୍ୱାସ କରୁ । ଯଦି

ତୁମ କର୍ମଫଳରେ ମୃତ୍ୟୁ ଲେଖାଥାଏ ତେବେ ତୁମେ ମୃତ୍ୟୁ କବଳରୁ ବର୍ତ୍ତି ପାରିବ ନାହିଁ । ଜର୍ମାନୀର ବୋମାମାଡ଼ରେ ତୁମର ମୃତ୍ୟୁ ନ ହୋଇପାରେ କିନ୍ତୁ ଗୋଟିଏ ବିରାଡ଼ି ଯୋଗୁଁ ତୁମର ମୃତ୍ୟୁ ହୋଇପାରେ ! ଏଠାରେ ଜଣେ ଧୋବା ଥାଏ ଯାହାର ମୃତ୍ୟୁ ଗୋଟିଏ ବିରାଡ଼ି ଯୋଗୁ ଘଟିଥିଲା । ଦିନେ ରାତିରେ ସେ ନିଦରୁ ଉଠି ଗୋଟିଏ ବିରାଡ଼ି ଉପରେ ପାଦ ପକେଇଦେଲା । ବିରାଡ଼ିଟି ହଠାତ୍ ତାକୁ କାମୁଡ଼ିଲା ଓ ତାର ସେହି କ୍ଷତ ପଚିଯିବାରୁ ସେ ମୃତ୍ୟୁବରଣ କଲା । ସେକଥା କାହିଁକି, ଏକ ମୃତ ବ୍ୟାଘ୍ର ମଧ୍ୟ ଜଣେ ବ୍ୟକ୍ତିର ମୃତ୍ୟୁର କାରଣ ହୋଇପାରେ । ଥରେ ଜଣେ ଲୋକ ଜଣଙ୍କ ଘରକୁ ଯାଇଥାଏ । ସେହି ଘରେ ଏକ ବ୍ୟାଘ୍ରଚର୍ମ ଭୂମି ଉପରେ ବିଛା ହୋଇଥାଏ । ଉକ୍ତ ଚର୍ମ ସ୍ୱହ ବ୍ୟାଘ୍ରର ମୁଖ ଓ ତୀକ୍ଷ୍ଣ ଦାନ୍ତ ମଧ୍ୟ ଥାଏ । ଭୂମି ଉପରେ ବ୍ୟାଘ୍ରଚର୍ମ ବିଛା ହୋଇଥିବା କଥା ନଜାଣି ଲୋକଟି ଘର ମଧ୍ୟରେ ପ୍ରବେଶ କରି ସେହି ଚମଡ଼ା ଉପରେ ପଡ଼ିଗଲା । ମୃତ ବ୍ୟାଘ୍ରର ଶାଣିତ ଦନ୍ତ ଲୋକଟିର ଶରୀରକୁ ଭେଦ କଲା । ସେହି ଲୋକ ମଧୁମେହ ରୋଗୀ ହୋଇଥିବା ହେତୁ କ୍ଷତଟି ପଚି ତାର ମୃତ୍ୟୁ ହେଲା । ତେଣୁ ଏକ ମଲାବାଘ ତାର ମୃତ୍ୟୁର କାରଣ ହେଲା । 'ଲୁସିଟାନିଆ' ନାମକ ଏକ ବଡ଼ ପାଣି ଜାହାଜ ଆଟ୍‌ଲାଣ୍ଟିକ୍ ମହାସାଗରରେ ବୁଡ଼ିଗଲା । ଜଣକୁ ଛାଡ଼ି ଜାହାଜରେ ଥିବା ଅନ୍ୟ ସମସ୍ତେ ପ୍ରାଣ ହରେଇଲେ । ଯେଉଁ ଲୋକଟି ବଞ୍ଚିଗଲା, ସେ ଏକ ଗରମ ପାଣି ବେସିନ୍ ପାଖରେ ଦାଢ଼ି କାଟୁଥିବା ସମୟରେ ହଠାତ୍ ହୃଦାଘାତରେ ଆକ୍ରାନ୍ତ ହେଲା ଏବଂ ବେସିନ୍ ଭିତରକୁ ମୁହଁ କରି ପଡ଼ିଗଲା । ଲୋକଟିର ସମୁଦ୍ରରେ ମୃତ୍ୟୁ ହେଲା ନାହିଁ, ଅଥଚ ସେ ଗୋଟିଏ ବେସିନ୍ ପାଣିରେ ମୁହଁ ମାଡ଼ି ପ୍ରାଣ ହରେଇଲା ! ଏଠାରେ ଗୋଗୋଇ ନାମକ ଯୁବକ କର୍ମବାଦରେ ବିଶ୍ୱାସ ରଖି ସ୍ଥିର କଲେ, "ଆଜି ବିପଦ ଘଣ୍ଟି ବାଜିଲେ ମୁଁ ଘର ଛାଡ଼ି ବାହାରକୁ ଯିବି ନାହିଁ !" ସେ ସମୟରେ ବିମାନ ଆକ୍ରମଣ ତତ୍ତ୍ୱାବଧାରକ ମାନେ ରହୁଥା'ନ୍ତି ଓ ସେମାନେ ବିପଦ ଘଣ୍ଟି ବାଜିବା ପରେ ସମସ୍ତେ ଆଶ୍ରୟସ୍ଥାନକୁ ଯାଇଛନ୍ତି କି ନାହିଁ ଏବଂ ସମସ୍ତଙ୍କ ଘରେ ଦୀପ ଲିଭା ଯାଇଛି କି ନାହିଁ ବୁଲି ତଦାରଖ କରୁଥାନ୍ତି । ଗୋଗୋଇ ଯେଉଁଦିନ ବାହାରକୁ ଯିବେ ନାହିଁ ବୋଲି ସ୍ଥିର କରିଥାନ୍ତି, ସେଦିନ ମଧ୍ୟ ଅନ୍ୟ ଦିନମାନଙ୍କ ଭଳି ବିପଦ ଘଣ୍ଟି ବାଜି ଉଠିଲା । ଗୋଗୋଇ ସଂଗେ ସଂଗେ ଘରର ଦୀପ ଲିଭେଇ ଏକ ଚାଦର ଘୋଡ଼େଇ ଶୋଇ ପଡ଼ିଲେ, ଫଳରେ ତାଙ୍କର ଶ୍ୱାସ-ପ୍ରଶ୍ୱାସର ଶବ୍ଦ ମଧ୍ୟ ବାହାରେ କାହାକୁ ଶୁଭିବ ନାହିଁ । ଅବିଳମ୍ବେ ସେ ପାହାଚ ଚଢ଼ି ଆସୁଥିବା କୌଣସି ବ୍ୟକ୍ତିର ବୁଟ୍ ଶବ୍ଦ ଶୁଣି ପାରିଲେ । ସେ ବ୍ୟକ୍ତିଟି ଅନ୍ୟ କେହି ନୁହଁ, ବିମାନ ଆକ୍ରମଣ ତତ୍ତ୍ୱାବଧାରକ । ସେ ଗୋଗୋଇଙ୍କର କବାଟକୁ ଜୋର୍‌ରେ ଆଘାତ ଦେଇ ବଡ଼ ପାଟିରେ କହିଲା, "ଏଇ ! ଭିତରେ କିଏ ? ମୁଁ ଜାଣେ ତୁ ଭିତରେ ଅଛୁ । ବାହାରକୁ ଆସେ ! ମୁଁ ବିମାନ ଆକ୍ରମଣ ତତ୍ତ୍ୱାବଧାରକ - ପୋଲିସ୍ ।" ଚିତ୍କାର ଶୁଣି ଗୋଗୋଇ ଭୟଭୀତ ହୋଇଗଲେ । ଉକ୍ତ ତତ୍ତ୍ୱାବଧାରକ ପୁଣି କହିଲା, "ପୋଷାକ ବଦଳେଇବାକୁ

ସମୟ ନାହିଁ । ଯିମିତି ଅଛୁ ସେମିତି ବାହାରି ଆସେ । ଶୀଘ୍ର ।” ଗୋଗୋଇ ବାହାରକୁ ଆସି ଆଶ୍ରୟସ୍ଥାନକୁ ଯିବାକୁ ବାଧ୍ୟ ହେଲେ । ସେ ଥିଲେ ଆଶ୍ରୟ ସ୍ଥାନରେ ପହଞ୍ଚିବା ଶେଷ ବ୍ୟକ୍ତି । ବିମାନ ଆକ୍ରମଣ ତତ୍ତ୍ୱାବଧାରକ ମଧ୍ୟ ସେଠାକୁ ଆସି କେହି ଯେପରି ପୁଣିଥରେ ଘଣ୍ଟି ବାଜିବା ଯାଏଁ ବାହାରକୁ ନଯାନ୍ତି ତାହାର ପହରା ଦେବା ପାଇଁ ଆଶ୍ରୟ ସ୍ଥାନର ଦ୍ୱାରଦେଶରେ ଛିଡ଼ା ହୋଇ ରହିଲା । ପୁଣି ଥରେ ଘଣ୍ଟି ବାଜିବା ପରେ ଗୋଗୋଇ ବାହାରକୁ ଆସି ଦେଖିଲେ ଯେ ସେ ଯେଉଁ ଭବନ ମଧ୍ୟରେ ରହୁଥାନ୍ତି ତାହା ଉପରେ ବୋମା ବର୍ଷଣ ହେବା ଫଳରେ ତାହା ଏକ ଧ୍ୱଂସସ୍ତୁପରେ ପରିଣତ ହୋଇଛି । ତା'ପରେ ସେ ଉକ୍ତ ବିମାନ ଆକ୍ରମଣ ତତ୍ତ୍ୱାବଧାରକକୁ ବହୁତ ଖୋଜିଲେ କିନ୍ତୁ କେଉଁଠାରେ ପାଇଲେ ନାହିଁ । “ହୁଏତ ସେ ମଧ୍ୟ ମାଟିରେ ମିଶି ଧୂଳି ହୋଇଯାଉଛି” - ଭାବି ଗୋଗୋଇ ତା ପାଇଁ ଦୁଃଖ ପ୍ରକାଶ କଲେ । ଆଉ କିଛି ଦିନ ଇଂଲଣ୍ଡରେ ରହି ଗୋଗୋଇ ଭାରତ ଫେରିଲେ । ସେ କୌଣସି ଏକ ଚାକିରୀରେ ଯୋଗ ଦେଲେ କିନ୍ତୁ ସେହି ଚାକିରୀ ତାଙ୍କୁ ଭଲ ଲାଗିଲା ନାହିଁ । ତା'ପରେ ସେ ଉକ୍ତ ଚାକିରୀ ଛାଡ଼ି ମହାତ୍ମାଗାନ୍ଧୀଙ୍କ ଆନ୍ଦୋଳନରେ ଯୋଗ ଦେଲେ, ସମବାୟ ସମିତି ପରିଚାଳନାରେ ବିଶେଷ ପାରଦର୍ଶିତା ଲାଭ କଲେ, ସମବାୟ ବିଭାଗର ଏକ ବରିଷ୍ଠ କର୍ମଚାରୀ ହୋଇ ଶେଷରେ ଅବସର ଗ୍ରହଣ କଲେ । ତା'ପରେ ସେ ବମ୍ବେରେ ରହୁଥିବା ଅବସ୍ଥାରେ ସତ୍ୟସାଇ ବାବାଙ୍କ ସମ୍ବନ୍ଧରେ ଶୁଣି ତାଙ୍କୁ ଥରେ ଦର୍ଶନ କରିବା ପାଇଁ ଧର୍ମକ୍ଷେତ୍ରକୁ ଯାଇଥାନ୍ତି । ସେଠାରେ ପ୍ରାୟ ପଚାଶ ହଜାର ଲୋକଙ୍କ ଗହଳି ମଧ୍ୟରେ ସେ ଥିଲେ ଜଣେ । ବିଳମ୍ବରେ ପହଞ୍ଚିବାରୁ ସେ ସେହି ଜନସମୁଦ୍ରର ଶେଷ ଧାଡ଼ିରେ ଥା'ନ୍ତି । ଇତି ମଧ୍ୟରେ ଜଣେ ସ୍ୱେଚ୍ଛାସେବକ ବାବାଙ୍କ ଦ୍ୱାରା ପ୍ରେରିତ ହୋଇ ତାଙ୍କ ନିକଟକୁ ଧାଇଁ ଧାଇଁ ଆସିଲେ । ବାବା ଉକ୍ତ ସ୍ୱେଚ୍ଛାସେବକକୁ କହିଥାନ୍ତି, “ଦେଖ, ସେହି ଶେଷ ଧାଡ଼ିର ପଛରେ ଜଣେ ଲୋକ ଅଛି, ତାର ଚେହେରା, ଉଚ୍ଚତା, ରଙ୍ଗ ଅମୁକ ଅମୁକ, ତାକୁ ଯାଇ କହ, ସେ ଆସି ଆଗ ଧାଡ଼ିରେ ବସିବ ।” ସ୍ୱେଚ୍ଛାସେବକ ଜଣକ ଗୋଗୋଇଙ୍କୁ ଆଗ ଧାଡ଼ିକୁ ନେଇ ଆସିଲା । ଗୋଗୋଇ ଆଶ୍ଚର୍ଯ୍ୟ ହୋଇ ମନେ ମନେ ଭାବୁଥା'ନ୍ତି, “ମୁଁ କୌତୂହଳବଶତଃ ଥରେ ତାଙ୍କୁ ଦେଖିବାକୁ ଚାହୁଁଥିଲି, ଆଉ ସେ ଚାହୁଁଛନ୍ତି, ମୁଁ ଆସି ଆଗ ଧାଡ଼ିରେ ବସେ ।” ଆଗକୁ କଣ ହେବାକୁ ଯାଉଛି ବୁଝି ନପାରି ସେ ବିସ୍ମିତ ହେଉଥା'ନ୍ତି । ସ୍ୱାମୀ ସିଧା ଆସି ତାଙ୍କ ସାମ୍ନାରେ ଛିଡ଼ା ହେଲେ ଓ କହିଲେ, “ତୁମେ ଆସି ପ୍ରଶାନ୍ତି ନିଳୟମ୍‌ରେ ବାସ କର । ଏଥିପାଇଁ ମୁଁ ସେଦିନ ତୁମ ଜୀବନ ରକ୍ଷା କରିଥିଲି ।” ଗୋଗୋଇ ଭାବୁଥାନ୍ତି, “ଏ କ'ଣ ଅତି ଏକ ବଡ଼କଥା କହୁଛନ୍ତି । ସେ ମୋ' ପ୍ରାଣ ରକ୍ଷା କରିଛନ୍ତି କହିବା ମାନେ କ'ଣ ? ଏଇତ ପ୍ରଥମ ଥର ପାଇଁ ସେ ମୋତେ ଦେଖୁଛନ୍ତି ।” ଏଥର ସ୍ୱାମୀ ତାଙ୍କୁ ପଚାରିଲେ, “ତୁମର ସେହି ବିମାନ ଆକ୍ରମଣ ତତ୍ତ୍ୱାବଧାରକ ମନେ ପଡୁଛି ?” ଗୋଗୋଇ କହିଲେ, “ହଁ ମୋର ମନେ ଅଛି । ସେ ସେଦିନ ମୋତେ ଆଶ୍ରୟ ସ୍ଥାନକୁ ଯିବାକୁ ବାଧ୍ୟ କରିଥିଲା ।

ନହେଲେ ସେଦିନ ମୁଁ ମରି ଯାଇଥା'ନ୍ତି । ସେ ମୋର ପ୍ରାଣ ରକ୍ଷା କଲା, କିନ୍ତୁ ନିଜେ ବିଚରା ମରିଗଲା ।" ସ୍ୱାମୀ କହିଲେ, "ନା, ସେ ମରି ନାହିଁ । ମୁଁ ସେହି ବିମାନ ଆକ୍ରମଣ ତତ୍ତ୍ୱାବଧାରକ !"

ଜଣେ ଭାରତୀୟ ଯୁବକ, ଯିଏ ତା'ର ଅଦୃଷ୍ଟକୁ ବିଶ୍ୱାସ କରି ସେ ରହୁଥିବା ଆଟୁଘର ଛାଡ଼ି ଆଶ୍ରୟ ସ୍ଥାନକୁ ଯିବାକୁ ରାଜି ନଥାଏ ଏବଂ ମାତ୍ର ଚଉଦବର୍ଷ ବୟସର ସ୍ୱାମୀ ଲଣ୍ଡନ ପୋଲିସ୍‌ଙ୍କର ବିମାନ ଆକ୍ରମଣ ତତ୍ତ୍ୱାବଧାରକ ରୂପ ଧାରଣ କରି ଓ ସେମାନଙ୍କ ସେହି ଅଖାଡୁଆ ପୋଷାକ ପିନ୍ଧି, ଉକ୍ତ ଯୁବକର ଆଟୁଘରର କବାଟରେ ଜୋର କରାଘାତ କରନ୍ତି ଓ ତାକୁ ଆଶ୍ରୟସ୍ଥାନକୁ ନେଇ ତା'ର ଜୀବନ ରକ୍ଷା କରନ୍ତି । ସେ ତା'ର ଚଉଦ ବର୍ଷ ବୟସରେ ହିଁ ସ୍ଥିର କରିଥାନ୍ତି ଯେ ଗୋଗୋଇଙ୍କୁ ଆସି ପ୍ରଶାନ୍ତିନିଳୟମ୍‌ରେ ରହିବାକୁ ହେବ ! ଦୀର୍ଘ ବତିଶ ବର୍ଷ ପରେ ତାଙ୍କର ଦିବ୍ୟ ସନ୍ନିଧିରେ ରହିବାର ବିରଳ ସୁଯୋଗ ପାଉଥିବା ତାଙ୍କ ଦ୍ୱାରା ମନୋନୀତ କତିପୟ ଭକ୍ତଙ୍କ ମଧ୍ୟରେ ସେ ଜଣେ ହେବେ - ଏହା ସେଦିନ ହିଁ ସେ ସ୍ଥିର କରିନେଇଥା'ନ୍ତି ଏବଂ ତେଣୁ ସେ ତାଙ୍କୁ ଜର୍ମାନୀର ବୋମା ବର୍ଷଣରୁ ରକ୍ଷା କରିଥା'ନ୍ତି । ଯେ ହେଉଛନ୍ତି ଆମ ସ୍ୱାମୀ । ସେ ଆସିଛନ୍ତି ଆମକୁ ସକଳ ଆପଦରୁ ଉଦ୍ଧାର କରିବା ପାଇଁ ଓ ଆମକୁ ସନ୍ମାର୍ଗରେ ପରିଚାଳିତ କରି ଆମର ଗମ୍ୟଠାରେ ପହଞ୍ଚେଇ ଦେବା ପାଇଁ ।

ଆପଣମାନଙ୍କ ମଧ୍ୟରୁ ଜଣେ କେହି ଚାହୁଁଥିଲେ ଯେ କିଛିଦିନ ପୂର୍ବେ ସ୍ୱାମୀ ଛାତ୍ରାବାସରେ ଗାଇଥିବା ଗୀତ ସମ୍ବନ୍ଧରେ ମୁଁ କିଛି କହେ । ସ୍ୱାମୀଙ୍କୁ ଚଉଦବର୍ଷ ମଧ୍ୟ ହୋଇ ନଥାଏ, କିନ୍ତୁ ସେହି ଅଳ୍ପ ବୟସରେ ମଧ୍ୟ ସେ ଥିଲେ ଜଣେ ପ୍ରତିଭାବାନ କବି । ସେ କବିତା ରଚନା କରି ତାକୁ ସ୍ୱର ଦେଇ ପାରୁଥିଲେ । ତାଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିଲା । ତାଙ୍କୁ ଯେବେ ବି ଟିପାଖାତା, କଲମ, ଛତା ବା ଏଭଳି କୌଣସି ବସ୍ତୁ ଦରକାର ହେଉଥାଏ, ସେ କୋଟା ସୁବନ୍ନା ନାମକ ଜଣେ ବ୍ୟବସାୟୀର ଦୋକାନକୁ ଯାଉଥା'ନ୍ତି । କୋଟା ସୁବନ୍ନା ଖୁବ୍ ଚାଲାଖ୍ ଥିଲା । ସେ ଅନେକ ପ୍ରକାରର ଭାରତୀୟ ଔଷଧ ବିକ୍ରି କରୁଥାଏ । ଯେତେବେଳେ କିଛି ଏକ ନୂଆ ଔଷଧ ତା' ଦୋକାନକୁ ଆସେ, ସେ ସ୍ୱାମୀଙ୍କୁ ସେହି ଔଷଧର ଏକ ବିଜ୍ଞାପନ ଗୀତିକା ଲେଖି ତାଙ୍କୁ ସ୍ୱର ଦେବାକୁ କହେ । ତା'ପରେ ସେ ଗାଁର ଦଳେ ପିଲାଙ୍କୁ ସଂଗ୍ରହ କରି ସେମାନଙ୍କ ହାତରେ ଉକ୍ତ ଔଷଧର ବିଜ୍ଞାପନ ପତ୍ର ଦେଇ ସେମାନଙ୍କୁ ସାରା ସହରରେ ଉଚ୍ଚସ୍ୱରରେ ଔଷଧର ନାଁ ସହ ସ୍ୱାମୀ ଲେଖିଥିବା ଗୀତ ଗାଇ ତାହାର ପ୍ରଚାର କରିବାକୁ କହୁଥାଏ । ସେଦିନ ଛାତ୍ରାବାସରେ ସ୍ୱାମୀ ତାଙ୍କର ଏକ ସ୍ୱୀୟ ରଚିତ ଗୀତ ଗାନ କରିଥିଲେ । ସେହି ଗୀତ ମାନ୍ଦ୍ରାଜ୍‌ର ପଣ୍ଡିତ ଗୋପାଲାଚାରୁଲୁଙ୍କ ଦ୍ୱାରା ପ୍ରସ୍ତୁତ ପିଲାଙ୍କ ପାଇଁ ଉଦ୍ଦିଷ୍ଟ "ବାଲା ଭାସ୍କର" ଔଷଧର ପ୍ରଚାର ଗୀତିକା ଥିଲା । ସ୍ୱାମୀ ଯଦି ଏକ ଔଷଧ ସମ୍ବନ୍ଧୀୟ ଗୀତ ରଚନା କରିପାରନ୍ତି, ସେ କ'ଣ ତାଙ୍କର ଆବିର୍ଭାବ ସମ୍ବନ୍ଧରେ ଗୀତ ରଚନା କରିପାରିବେନି ?

ସ୍ୱାମୀ ସେ ସମୟରେ ଗ୍ରାମର ପୁରୁଣା ମନ୍ଦିରରେ ରହୁଥା'ନ୍ତି, ଯେଉଁଠାରେ ଆଜିକାଲି ବିବାହ ଅନୁଷ୍ଠିତ ହୋଇଥାଏ । ଅତୀତରେ ସେହିଠାରେ ଭଜନ ଅନୁଷ୍ଠିତ ହେଉଥାଏ ଏବଂ ଆମେମାନେ ଆମ ଗଣ୍ଠୁଲିପତ୍ର ସହ ସେଠାରେ ହିଁ ରହୁଥାଉ । ଆମେ ୧୦,୧୨,୧୫ ବା ଅତି ବେଶୀରେ କୋଡ଼ିଏ ଜଣ ତାଙ୍କୁ ଘେରି ବସୁଥାଉ ଓ ସେ ବିଭିନ୍ନ ବିଷୟ କହୁଥା'ନ୍ତି । ଆଜିଭଳି ସେ ସମୟରେ ମଧ୍ୟ ଆମେ ତାଙ୍କୁ ଆମର ଅତି ନିକଟର ଓ ଆପଣାର ମନେ କରୁଥାଉ । ସେଦିନ ଥାଏ "ବୈକୁଣ୍ଠ ଏକାଦଶୀ" । କୁହାଯାଏ ଯେ ଏହିଦିନ ବୈକୁଣ୍ଠର ଦ୍ୱାର ସମସ୍ତଙ୍କ ପାଇଁ ଉନ୍ମୁକ୍ତ ରହେ । ଏକ ବଡ଼ ପର୍ବ ହୋଇଥିବାରୁ ମନ୍ଦିରରେ ବୈକୁଣ୍ଠ ଏକାଦଶୀ ଦିନ ବିବିଧ ପୂଜା ଅର୍ଚ୍ଚନା ହୁଏ ଓ ଏଥିପାଇଁ ମହିଳାମାନେ ତୁଳସୀପତ୍ର ଓ ବଡ଼ ବଡ଼ ଫୁଲମାଳ ଗୁନ୍ଥୁଥା'ନ୍ତି । ସେଦିନ ଝୁଡ଼ିରେ ଥିବା ସବୁତକ ତୁଳସୀପତ୍ର ଓ ଫୁଲ ଗୁନ୍ଥା ହୋଇ ଝୁଡ଼ିଟି ଖାଲି ହୋଇଯିବା ପରେ ସ୍ୱାମୀ ମହିଳାମାନଙ୍କୁ ପଚାରିଲେ, "ଆଉ କ'ଣ ପତ୍ର ଓ ଫୁଲ ଦରକାର ? ତୁମେମାନେ ହାଲିଆ ହୋଇଗଲଣି ନା ଆଉ କିଛି ମାଳ ଗୁନ୍ଥିବ ?" ମହିଳାମାନେ କହିଲେ, "ଆଉ କିଛି ପତ୍ର-ଫୁଲ ଦିଅ, ଆମେ ଆଉ କେତୋଟି ମାଳ ଗୁନ୍ଥିବୁ ।" ସ୍ୱାମୀ 'ହଉ' କହି ବସିଥିବା ସ୍ଥାନରୁ ଉଠିଲେ । ସେ ଯେଉଁଠାରେ ଖାଲି ଝୁଡ଼ିଗୁଡ଼ିକ ଥାଏ ସେଠାକୁ ଗଲେ ଓ ପ୍ରତ୍ୟେକ ଝୁଡ଼ି ଭିତରକୁ ତାଙ୍କ ହାତ ଭର୍ତ୍ତି କଲେ । ପୁଣି ଯେତେବେଳେ ଝୁଡ଼ି ଭିତରୁ ହାତ ବାହାର କରନ୍ତି, ପ୍ରତ୍ୟେକଟି ଝୁଡ଼ି ସଜ ତୁଳସୀପତ୍ର ଓ ଫୁଲରେ ଭରି ଯାଉଥାଏ । ମହିଳାମାନେ ମାଳ ଗୁନ୍ଥିବା ସମୟରେ ସେ ସେମାନଙ୍କୁ ନାନାବିଧ ଗୀତ ଗାଇ ଶୁଣଉଥାନ୍ତି । ଦିନେ ଏମିତି ସେ ତାଙ୍କ ଅବତାରତ୍ୱ ସମ୍ବନ୍ଧରେ ଏକ ତେଲୁଗୁ ଗୀତ ଗାଇଥିଲେ ଯାହାକୁ ମୁଁ ଆପଣମାନଙ୍କୁ ଅନୁବାଦ କରି ଶୁଣାଉଛି ।

"ଆସ ଆସ ଆସ ମୋ ଭଉଣୀ ଭାଇ ପୁଟ୍ଟପର୍ତ୍ତି ଧାମ ଯିବା ।
କମଳା ବସନ ପରିହିତ ଦିବ୍ୟ ସାଇର ଶୋଭା ଦେଖିବା ।
କହନ୍ତି ସୁଜନେ ଶୁଣ ସର୍ବଜନେ ସେ ଯେ ସ୍ୱୟଂ ପରଂବ୍ରହ୍ମ ।
'ଆସ ଆସ ମୋର କୃପା ବରିଷବି' କହେ ସେ ଆଦି କାରଣ ।
ଚିତ୍ରାବତୀ ନଦୀ ଶରଧାବାଲିରେ ପାହାଡ଼ର ଛାଇ ତଳେ
ନର ଦେହୀ ନାରାୟଣ ଏହି ବାବା ପ୍ରକଟେ ସଞ୍ଜ ସକାଳେ ।"

"ପ୍ରତିଦିନ ପ୍ରକଟ କରନ୍ତି" କାରଣ ସେ ସମୟରେ ପ୍ରତିଦିନ ନଦୀବାଲିରେ ଭଜନ ହେଉଥାଏ ଓ ଭଜନ ଚାଲୁଥିବା ସମୟରେ କିଛି ଏକ ଅଲୌକିକ ଲୀଳା ଘଟୁଥାଏ ଯାହା ଆମକୁ ଆଚମ୍ଭିତ କରୁଥାଏ ଓ ତାଙ୍କ ଦୈବତ୍ୱର ଏକ ଝଲକ ଦେଖାଉଥାଏ ।"

"ଆସ ଆସ ଆସ ମୋ ଭଉଣୀ ଭାଇ ପୁଟ୍ଟପର୍ତ୍ତି ଧାମ ଯିବା ।
ମନେହୁଏ ଶିରଡ଼ିରେ ରହିଥିଲା ନରଦେହୀ ଏହି ବାବା ।
ଶୂନ୍ୟରେ ହାତ ଘୂରାଇଣ କରେ ସେ ଯେ ନାନା ଦ୍ରବ୍ୟ ସୃଷ୍ଟି,
ଯେପରି ସେଠାରେ କରୁଥିଲା ସିଏ ଅନୁପମ କୃପାବୃଷ୍ଟି ।"

ଶୂନ୍ୟରେ ହାତ ଓ ଆଙ୍ଗୁଠି ଘୂରେଇବା ଓ ଶୂନ୍ୟରେ ଆଙ୍ଗୁଠିରେ କିଛି ଲେଖିବା ଶିରିଡ଼ି ଅବତାରରେ ମଧ ଥାଏ । ଏହାଦ୍ୱାରା ସେ ତାଙ୍କର ଅଗଣିତ ଆଶ୍ରିତଙ୍କର ଅଦୃଷ୍ଟ ନିର୍ଦ୍ଧାରଣ କରନ୍ତି ! ସ୍ୱାମୀଙ୍କ ସେହି ହାତ ଆପଣ ଯାହାସବୁ ଚାହାନ୍ତି ତାହା ଦେଇଥାଏ !

ମୁଁ କେରଳକୁ ମୋ ବାସସ୍ଥାନ କରିଥିବା ଜଣେ ତାମିଲ ଯିଏ ପରେ କନ୍ନଡ଼ ପ୍ରଦେଶକୁ ଆସିଥିଲା ଓ ଶେଷରେ ତେଲୁଗୁ ରାଜ୍ୟକୁ ତାର ଆଶ୍ରୟରୂପେ ଗ୍ରହଣ କରିନେଲା । ତେଣୁ ମୁଁ ଚାରୋଟି ନବବର୍ଷ ଦିବସ ପାଳନ କରିଥାଏ – ମୋର ପୈତୃକ ଭୂମି ତାମିଲ, ମୋର ମଧ୍ୟବର୍ତ୍ତୀ ଅବସ୍ଥାନ କେରଳ, ମୋର ବୃତ୍ତିଗତ ସ୍ଥାନ କର୍ଣ୍ଣାଟକ ଓ ମୋର ଅନ୍ତିମ ଗମ୍ୟ ଆନ୍ଧ୍ର । ସେଦିନ ତାମିଲ୍ ନବବର୍ଷ ଥାଏ । ସ୍ୱାମୀ ମୋତେ ପଚାରିଲେ, "ଆଜି ତୋର ନବବର୍ଷ ?" ମୁଁ କହିଲି, "ହଁ ସ୍ୱାମୀ ।" ସେତେବେଳେ ମୋ' ଘର ଥାଏ ବାଙ୍ଗାଲୋର୍‌ରେ ଓ ମୁଁ ଏକା ରହୁଥାଏ ପ୍ରଶାନ୍ତିରେ । ସ୍ୱାମୀ ତାହା ଜାଣନ୍ତି । ତେଣୁ ସେ ମୋତେ ପଚାରିଲେ, "ଏହି ନବବର୍ଷରେ ତୁମ ଘରେ କି ବିଶେଷ ଖାଦ୍ୟ ହୋଇଥାଏ ?" ମୁଁ ଏକ ସୁମିଷ୍ଟ ଦ୍ରବ୍ୟର ନାମ କହିଲି । ସ୍ୱାମୀ ସଙ୍ଗେ ସଙ୍ଗେ ଶୂନ୍ୟରେ ହାତ ଘୂରେଇ ସେହି ସୁମିଷ୍ଟ ଦ୍ରବ୍ୟ ସୃଷ୍ଟି କଲେ । ତାହାର ଏକ ଅପୂର୍ବ ସୁଗନ୍ଧ ଥାଏ ଓ ତାହା ହାତକୁ ଗରମ ଲାଗୁଥାଏ । ସେ ସେହି ମିଠା ମୋ ହାତକୁ ବଢ଼େଇ ଦେଲେ । ସେଦିନ ତାହା ମୁଁ ପାଟିପୂରା ନୁହଁ, ପେଟପୂରା ଖାଇଥାଏ ! ତୁମେ ଯାହା ଚାହଁ ସେ ଦେଇଥା'ନ୍ତି, ତେଣୁ ସ୍ୱାମୀଙ୍କ ରଚିତ ଗୀତ କହେ ।

ଶିବ କୁହ ଅବା ରାମ କୁହ ଅବା କୃଷ୍ଣ କୁହ ବା ମାରୁତି,
ସର୍ବନାମ ରୂପ ଏକାକାର ହୁଏ ଧନ୍ୟ ସେ ଦିବ୍ୟ ମୂରତି ।
ଯେ ଯେମିତି ଡାକେ ସେ ସେମିତି ପାଏ ପରମ ସୁଖ ନିଦାନ,
ଆମ ମଧ୍ୟେ ସତ୍ୟ ସଦାଚାର ଖୋଜେ କଳିଯୁଗ ଭଗବାନ ।
ପାପ ମିଥ୍ୟାଚାର ପ୍ରକୋପରୁ ସେ ଯେ ତାରିବ ଏହି ସଂସାର
ନିଜ ସଂକଳ୍ପରୁ ଜନମିଛି ପ୍ରଭୁ ଭକ୍ତର କୃପାସାଗର ।
ଆସ ଆସ ଆସ ମୋ ଭଉଣୀ ଭାଇ ପୁଟ୍ଟପର୍ତ୍ତି ଧାମ ଯିବା,
ଫୁଲ ଝୁଲା ମଧ୍ୟେ ସାଇଙ୍କୁ ଦରଶି ଆନନ୍ଦେ ମନ ତୋଷିବା ।
ଆମ ସ୍ତବ ପାଠ ଝୁଲାର ଝୁଲଣ ଭକ୍ତି ଅଟେ ତା ଆସନ,
ଆମ ବନ୍ଦାପନା ଝୁଲାର ଶିକୁଳି ପୁଷ୍ପଗନ୍ଧ ସ୍ତୁତିଗାନ ।
ବେଦନା କାତରେ ଯେ କେହି ଡାକଇ ରକ୍ଷ ରକ୍ଷ ଆର୍ତ୍ତତ୍ରାଣ;
କ୍ଷଣ ମଧ୍ୟେ ଲଭେ ରୋଗୁ ଉପଶମ ହୁଏ କଷ୍ଟ ନିବାରଣ ।
ବତ୍ସା ହମ୍ବା ରଡ଼ି ଶୁଣିଣ ଯେସନେ ଧାଇଁ ଚାଲି ଆସେ ଗାଈ,
ଆର୍ତ୍ତର ଚିତ୍କାର ଶୁଣିଲ ତେସନ ଧାଇଁ ଆସେ ସତ୍ୟସାଇ ।

ସାଣ୍ଡିଆଗୋରେ ଜଣେ କେହି ଦୁଃଖରେ ବିଳାପ କଲା, "ମୋର କ'ଣ କେହି ନାହାନ୍ତି ?" ବସ୍ତା ହମ୍ବାଳ ଛାଡ଼ିବା ମାତ୍ରକେ, ତା ମାଁ ତା ପାଖକୁ ଧାଇଁ ଆସିଲା । ସେ ତାହା କରିଥା'ନ୍ତି, କାରଣ ତାହା ଆମ ମନରେ ବିଶ୍ୱାସ ସୃଷ୍ଟି କରେ ଯେ କିଛି ଏକ ଶକ୍ତି ଅଛି, କିଛି ଏକ ପ୍ରେମ ଅଛି, କିଛି ଏକ ଜ୍ଞାନ ଅଛି ଯାହା ଆମକୁ ଉଦ୍ଧାର କରିଥାଏ, ଅସତ୍‌ରୁ ସତ୍‌କୁ ନେଇ ଯାଇଥାଏ । ସେହି ମହତ୍ତର ଶକ୍ତିକୁ କିଭଳି ପ୍ରାର୍ଥନା କରିବାକୁ ହୁଏ ତାହା ସ୍ୱାମୀ ଆମକୁ ଶିଖେଇଥା'ନ୍ତି ଓ ଆମ ମଧ୍ୟରେ ସେହି ପ୍ରାର୍ଥନାର ସ୍ଫୁରଣ ସୃଷ୍ଟି କରନ୍ତି, କାରଣ ହୁଏତ ଆମେ ସେହି ମହତ୍ତର ଶକ୍ତିର ଅସ୍ତିତ୍ୱ ସମ୍ବନ୍ଧରେ ଅବଗତ ହେଉ କିନ୍ତୁ ତାକୁ ଯେ କିପରି ପ୍ରାର୍ଥନା କରିବାକୁ ହୁଏ ସେ ସମ୍ବନ୍ଧରେ ଅଜ୍ଞ ରହୁ ।

ଥରେ ଆକବର ବାଦ୍‌ଶାହା ଜାଣିବାକୁ ଚାହିଁଲେ, ମଣିଷକୁ ଭଗବାନ ଦେଇଥିବା ଭାଷା କ'ଣ ? ଦୁନିଆରେ ଯେତେ ଭାଷା ରହିଛି, ସବୁ ମଣିଷର ସୃଷ୍ଟି । ତେଣୁ ଭଗବାନଙ୍କର କି କୌଣସି ଭାଷା ରହିଛି ? ତାହା ଆକବର ଜାଣିବାକୁ ଚାହୁଁଥିଲେ । ଏଥିପାଇଁ ସେ କେତୋଟି ସଦ୍ୟଜାତ ଶିଶୁଙ୍କୁ ଆଣି ଏକ ସ୍ଥାନରେ ରଖିଲେ ଓ ସେମାନଙ୍କର ଲାଳନପାଳନର ଦାୟିତ୍ୱ କେତେଜଣ ଧାଇଙ୍କୁ ଦେଲେ, ଯେଉଁମାନେ ଥିଲେ ମୂକ । ସେ ଭାବିଥିଲେ ଯେ ଏପରି କଲେ ପିଲାମାନେ ସେମାନଙ୍କ ନିଜ ଭାଷାରେ କଥା କହିବେ ! ସେ କହିଲେ, "ଭଗବାନ ଏ ପିଲାଙ୍କୁ ଏକ ଭାଷା ଦେବେ ।" କିନ୍ତୁ ଏହି ପିଲାମାନେ କିଛି କଥା କହିଲେ ନାହିଁ । ତେଣୁ ଭଗବାନଙ୍କ ଭାଷା ହେଉଛି ନୀରବତା । ପିଲାକୁ ପ୍ରାର୍ଥନା କିପରି କରିବାକୁ ହୁଏ, ଯଦି ଶିକ୍ଷା ନ ଦିଆଯାଏ, ସେ ହୁଏତ ପ୍ରାର୍ଥନା ହିଁ କରିବ ନାହିଁ । ତେଣୁ ସ୍ୱାମୀ ଆମକୁ କିପରି ପ୍ରାର୍ଥନା କରିବାକୁ ହୁଏ, ଶିଖେଇଥା'ନ୍ତି । ଏଥିପାଇଁ ସେ ଅନେକ ଗୀତ ରଚନା କରି ସେଗୁଡ଼ିକୁ ସ୍ୱର ଦେଇଥା'ନ୍ତି ଓ ତାହା କିଭଳି ଗାଇବାକୁ ହୁଏ, ଆମକୁ ଶିଖେଇଥା'ନ୍ତି ।

ଛୁଆକୁ ତା ମା ରକ୍ଷା କରିଥାଏ । ଏହା ଦୁଇ ପ୍ରକାର ହୋଇପାରେ । ମା ଯେତେବେଳେ ଛୁଆକୁ ଖୁବ୍ ଭିଡ଼ଥିବା ଏକ ବଜାର ଭିତରକୁ ନେଇଯାଏ, ସେତେବେଳେ ଛୁଆ ମା'ର ହାତ ଧରି ଚାଲିବା ଅପେକ୍ଷା ମା' ଛୁଆର ହାତ ଧରି ଚାଲିବା ଅଧିକ ନିରାପଦ, ଛୁଆ ଯଦି ମା'ର ହାତ ଧରି ଚାଲେ, ତେବେ ବଜାର ଭିତରେ କୌଣସି ଏକ ଦୋକାନର କାଚବାକ୍ସ ଭିତରେ କିଛି ଏକ ଆକର୍ଷଣୀୟ ବସ୍ତୁ ତା ନଜରରେ ପଡ଼ିବାମାତ୍ରକେ, ସେ ତା ମା ହାତକୁ ଝାଙ୍କି, ଧାଇଁ ଚାଲିଯାଇପାରେ । ଅନ୍ୟ ପକ୍ଷରେ ମା ଯଦି ଛୁଆର ହାତକୁ ଧରିଥାଏ, ଛୁଆଟି ଦୋକାନର କାଚବାକ୍ସ ଆଡ଼କୁ ତା' ମାକୁ ସାମାନ୍ୟ ଟାଣିବା ମାତ୍ରକେ ମା ଆଗକୁ ବିପଦ ଅଛି ଜାଣି ସତର୍କ ହୋଇଯାଏ । ସେତେବେଳେ ସେ ଛୁଆର ହାତକୁ ଆହୁରି ଜୋର୍‌ରେ ଜାବୁଡ଼ି ଧରି ତାକୁ ରକ୍ଷା କରେ । ସ୍ୱାମୀ ମା ଭଳି ଆମ ହାତକୁ ଧରି ଆମକୁ ରକ୍ଷା କରିଥା'ନ୍ତି ।

❖❖❖

୬

ଅସତୋ ମା ସଦ୍‌ଗମୟ

ଭଗବଦ୍‌ଗୀତା କେବଳ ଆମ ଦେଶରେ ନୁହଁ, ସର୍ବତ୍ର ଜୀବନର ନାନାବିଧ ସମସ୍ୟାକୁ ନେଇ ଆନ୍ଦୋଳିତ ସମସ୍ତ ଈଶ୍ୱରାନ୍ୱେଷୀ ସାଧକଙ୍କ ପାଇଁ ଏକ ମାର୍ଗଦର୍ଶୀ । ତିନି ପ୍ରକାରର ବ୍ୟକ୍ତିଙ୍କୁ ଦୃଷ୍ଟିରେ ରଖି ଏହା ଈଶ୍ୱରୋପଲବ୍ଧିର ତ୍ରିବିଧ ମାର୍ଗ ନିର୍ଦ୍ଧାରଣ କରିଥାଏ । ଆମ ମଧ୍ୟରେ କେତେକ ଥା'ନ୍ତି ଯେଉଁମାନେ ଭାବପ୍ରବଣ ଏବଂ ସେମାନଙ୍କର ଭାବରେ ପବିତ୍ରତା ଆଣି ସେମାନଙ୍କୁ ଈଶ୍ୱରୋନ୍ମୁଖୀ କରିବାକୁ ହୁଏ । ଏହା ଭକ୍ତିମାର୍ଗ । ପ୍ରେମ ମାଧ୍ୟମରେ ସମସ୍ତ ଭାବଶୁଦ୍ଧି ସମ୍ଭବ । ଭାବାବେଶଯୁକ୍ତ ବ୍ୟକ୍ତିମାନେ ଆନନ୍ଦାଶ୍ରୁ ମୋଚନ କରିଥାନ୍ତି । ସ୍ୱାମୀ ତାଙ୍କ ଇଣ୍ଟରଭ୍ୟୁ କକ୍ଷ ମଧ୍ୟକୁ ନେଇ ଯାଉଥିବା ଅନେକ ବ୍ୟକ୍ତି କେବଳ କାନ୍ଦୁଥା'ନ୍ତି । ସେମାନେ କକ୍ଷରୁ ବାହାରି କହନ୍ତି, "ମୁଁ ସ୍ୱାମୀଙ୍କୁ କିଛି କହିପାରିଲି ନାହିଁ । ତାଙ୍କ ଆଗରେ ମୁଁ କେବଳ କାନ୍ଦୁଥାଏ.... କାନ୍ଦୁଥାଏ ।" ଏମାନେ ସମସ୍ତେ ଏକ ପ୍ରକାରର - ଯେଉଁମାନେ କେବଳ ଭଗବାନଙ୍କୁ ପାଇବା ପାଇଁ କାନ୍ଦିଥାନ୍ତି ! ଆଉ ଏକ ପ୍ରକାରର ଲୋକ ଥା'ନ୍ତି ଯେଉଁମାନେ ଶୁଷ୍କ ହେତୁବାଦୀ, ଯୁକ୍ତିପ୍ରବଣ ତଥା ଅନୁସନ୍ଧିତ୍ସୁ । ଆଉ ମଧ୍ୟ ଏକ ପ୍ରକାର ଲୋକ ଅଛନ୍ତି ଯେଉଁମାନେ କାନ୍ଦନ୍ତି ନାହିଁ, ପ୍ରତ୍ୟେକ ବିଷୟର ହେତୁ ଜାଣିବାର ପ୍ରୟାସ କରନ୍ତି ନାହିଁ, କିନ୍ତୁ ସବୁବେଳେ କର୍ମତତ୍ପର ଥା'ନ୍ତି । ସେମାନେ କିଛି ନା କିଛି କରିବାକୁ ଚାହାନ୍ତି । ବାସ୍ତବରେ କିଛି କର୍ମ କରି ସାଫଲ୍ୟ ଲାଭ କରିବାର ଅଭୀପ୍ସା ପୋଷଣ କରନ୍ତି । ସେମାନେ କିଛି ଅନୁଭବ କରିବା, କିଛି ଜାଣିବା ଚାହାନ୍ତି । ତେଣୁ ଏହିଭଳି ତିନି ପ୍ରକାର ଲୋକ ଥା'ନ୍ତି । ଗୋଟିଏ ଭକ୍ତିମାର୍ଗ, ଗୋଟିଏ ଜ୍ଞାନମାର୍ଗ ଓ ଅନ୍ୟ ଗୋଟିଏ କର୍ମମାର୍ଗ । ତେଣୁ 'ଅସତୋ ମା ସଦ୍‌ଗମୟ' ପ୍ରାର୍ଥନା କରି ମୋତେ ଅସତ୍‌ରୁ ସତ୍‌କୁ ନେଇଯାଅ କହିବା ସମୟରେ ଏହି 'ସତ୍' ଉପରୋକ୍ତ ତିନି ମାର୍ଗକୁ ସୂଚାଏ । ପ୍ରଥମ ପ୍ରକାର ଭାବାବେଶଯୁକ୍ତ ବ୍ୟକ୍ତିମାନଙ୍କ ପାଇଁ ଏହି ପ୍ରାର୍ଥନାର ନିହିତାର୍ଥ କ'ଣ ? ଭାବୋଚ୍ଛ୍ୱାସଯୁକ୍ତ ଭକ୍ତିପ୍ରବଣ ବ୍ୟକ୍ତିର ଦୃଷ୍ଟିରେ ସୃଷ୍ଟିର ସବୁକିଛି ଭଗବାନ । ରାମକୃଷ୍ଣ ପରମହଂସ ଥିଲେ ଜଣେ ମହାନ୍ ସନ୍ଥ ଓ ଭକ୍ତିପରାୟଣ ବ୍ୟକ୍ତି । ସମସ୍ତ ଶବ୍ଦ ମଧ୍ୟରେ ସେ ମା'ଙ୍କ ପାଦର ନିକ୍ୱଣ ଶୁଣୁଥିଲେ । ବଙ୍ଗ ଦେଶର ନାରୀମାନେ ପାଦରେ ଏକ ପାଁଝୁଲି ପିନ୍ଧିଥାନ୍ତି । ରାମକୃଷ୍ଣ କିଛି ଶବ୍ଦ ଶୁଣିଲେ ତାହା ତାଙ୍କୁ ମା' କାଳୀଙ୍କ ପାଁଝୁଲିର ଝଙ୍କାର ଭଳି ମନେ ହେଉଥାଏ । ସେ ମା'ଙ୍କର ନିତ୍ୟ ଆରାଧନା କରୁଥାନ୍ତି ଓ ତାଙ୍କୁ ତାଙ୍କ ପ୍ରତିଟି ଭାବକୁ ଗ୍ରହଣ କରୁଥିବା ସଜୀବମୂର୍ତ୍ତି ମନେ କରୁଥା'ନ୍ତି । ପ୍ରଶାନ୍ତିରେ ମଧ୍ୟ କେତେକ ଭକ୍ତିଭାବାବେଶଯୁକ୍ତ ବ୍ୟକ୍ତି ରହିଥା'ନ୍ତି । ମହିଳାମାନଙ୍କ ଦର୍ଶନ ଧାଡ଼ି ପଛରେ ଥିବା ଏକ ଗଛ ଉପରେ ଏକ ପକ୍ଷୀ ବସିଥାଏ । ସ୍ୱାମୀ ଦର୍ଶନ ଦେବାକୁ ଆସିବା ମାତ୍ରକେ ସେହି ପକ୍ଷୀ ରାବ ଦେଲା ! ସେତେବେଳେ କେତେକ କହିଲେ, "ଦେଖ, ପକ୍ଷୀଟି କହୁଛି, 'ସୁନ୍ଦର, ସୁନ୍ଦର, ସୁନ୍ଦର' । ସେ ଜାଣେ ଯେ ସୌନ୍ଦର୍ଯ୍ୟ ଆଜି ସ୍ୱାମୀଙ୍କ ମଧ୍ୟରେ ସାକାର ହୋଇଛି ।" ଏମାନେ ଭାବପ୍ରବଣ ବ୍ୟକ୍ତି ।

ପକ୍ଷୀର କାକଳି ଶୁଣିଲେ ଏମାନେ ଭାବନ୍ତି ଯେ ତାହା ପ୍ରଭୁଙ୍କର ସ୍ତୁତିଗାନ କରୁଛି । ରାମକୃଷ୍ଣ ପରମହଂସ ଆକାଶର ନୀଳରଙ୍ଗ ଦେଖିଲେ ସେଥିମଧ୍ୟରେ ନୀଳବର୍ଣ୍ଣା ମା' କାଳୀଙ୍କୁ ଦେଖୁଥା'ନ୍ତି । ତାଙ୍କ ପାଇଁ ସୃଷ୍ଟିର ସମସ୍ତ କିଛି ମା' କାଳୀ ଥିଲେ । ସବୁ କିଛି ମଧ୍ୟରେ ସେ ତାଙ୍କୁ ହିଁ ଦେଖୁଥିଲେ । ସ୍ୱାମୀ କହନ୍ତି, "ଏଇ ମାଇକ୍ ଭଗବାନ, ଏଇ ଟେବୁଲ୍ ଭଗବାନ । ସବୁକିଛି ଭଗବାନ ! ଭଗବାନଙ୍କ ଭିନ୍ନ କିଛି ନାହିଁ ! ସବୁକିଛି ଭଗବାନଙ୍କ ଲୀଳା ! ଯାହାକୁ ତୁମେ ଘଡ଼ଘଡ଼ି କୁହ, ତାହା ଭଗବାନଙ୍କ କଣ୍ଠଧ୍ୱନି ! ଉପନିଷଦ କହେ ଯେ ଘଡ଼ଘଡ଼ିର ଡ-ଡ-ଡ ନିନାଦର ଅର୍ଥ ଦମ, ଦାନ, ଦୟା । ତେଣୁ ଭକ୍ତିଭାବାପନ୍ନ ବ୍ୟକ୍ତି ଘଡ଼ଘଡ଼ିର ଶବ୍ଦ ମଧ୍ୟରେ ଭଗବାନଙ୍କ ନିର୍ଘୋଷ ଶୁଣେ, ଆକାଶରେ ଭଗବାନଙ୍କ ଦିବ୍ୟ ଶରୀର ଦେଖେ, ପୁଷ୍ପ ମଧ୍ୟରେ ତାଙ୍କର ସୌନ୍ଦର୍ଯ୍ୟ ଦେଖେ, ଗଛର ଶବ୍ଦ ମଧ୍ୟରେ ଭଗବାନଙ୍କ ପ୍ରତି ପ୍ରାର୍ଥନା ଶୁଣେ, ସେ ଏହିଭଳି ଭଗବାନଙ୍କର ମହିମା ଗାନ କରେ ! ସବୁ କିଛି ଯଦି ଭଗବାନ ତେବେ ଅସତ୍ କାହାକୁ କୁହାଯିବ ? ଅସତ୍ ବୋଲି ଆଦୌ କିଛି ନାହିଁ । ଆମେ ଏସବୁକୁ ଅସତ୍ ଭାବିଥାଉ, କିନ୍ତୁ ବାସ୍ତବରେ ସବୁ ମଧ୍ୟରେ ଭଗବାନ ଅଛନ୍ତି । ସମସ୍ତ ବସ୍ତୁ ମଧ୍ୟରେ, ସମସ୍ତ ବ୍ୟକ୍ତିଙ୍କ ମଧ୍ୟରେ ଓ ସର୍ବତ୍ର କେବଳ ଭଗବାନଙ୍କ ସ୍ୱର, ଭଗବାନଙ୍କ ସୌନ୍ଦର୍ଯ୍ୟ, ଭଗବାନଙ୍କ ସତ୍ୟ, ଭଗବାନଙ୍କ ଯଶ ଓ ଭଗବାନଙ୍କ ଶକ୍ତି ଭରି ରହିଛି । ପ୍ରତ୍ୟେକେ ଭଗବାନ, ପ୍ରତ୍ୟେକେ ଦିବ୍ୟ, ପ୍ରତ୍ୟେକ ବ୍ୟକ୍ତି ଓ ବସ୍ତୁ କେବଳ ଭଗବାନଙ୍କ ପ୍ରତିରୂପ । ଏଭଳି ଭାବେ ଭକ୍ତିମାର୍ଗ ସମଗ୍ର ସୃଷ୍ଟିକୁ ସତ୍ ତଥା ଭଗବାନଙ୍କ ବିଶ୍ୱ ବିରାଟ ଶରୀର ବୋଲି ପ୍ରତିପାଦନ କରେ । ତେଣୁ ତୁମେ ଯେତେବେଳେ ଅସତୋ ମା ସଦ୍‌ଗମୟ କହି ପ୍ରାର୍ଥନା କର, ଏହାର ଅର୍ଥ ହୁଏ, "ହେ ପ୍ରଭୁ ! ମୋ ଚାରିପାଖେ ସର୍ବତ୍ର ଭଗବାନଙ୍କ ଶ୍ରୀମୁଖ, ତାଙ୍କର ଲୀଳା ଦେଖିବାକୁ ଦିଅ । ମୋ ମଧ୍ୟରେ ସେହି ପବିତ୍ର ଭାବର ଉଦ୍ରେକ ହେଉ, ସେହି ଭକ୍ତିଭାବ ପ୍ରକାଶ ପାଉ ଯାହାଦ୍ୱାରା ସମସ୍ତଙ୍କ ମଧ୍ୟରେ ଭଗବାନଙ୍କ ରୂପ, ଭଗବାନଙ୍କ ସୌନ୍ଦର୍ଯ୍ୟ, ତାଙ୍କ ଶକ୍ତି, ତାଙ୍କ ଜ୍ଞାନ ଓ ତାଙ୍କ ସଙ୍କଳ୍ପ ମୁଁ ଦେଖିପାରିବି ।"

ଏହାପରେ ଆମେ 'ତମସୋ ମା ଜ୍ୟୋତିର୍ଗମୟ' ସମ୍ବନ୍ଧରେ ବିଚାର କରିବା । ଏହା ହେତୁବାଦୀ ବ୍ୟକ୍ତିମାନଙ୍କ ପାଇଁ ପ୍ରଯୁଜ୍ୟ । ବୈଜ୍ଞାନିକ ଗବେଷଣାଗାର ମଧ୍ୟରେ ଯେଉଁ ସମସ୍ତ ବିଷୟ ଅନ୍ଧକାର ମଧ୍ୟରେ ରହିଛି ଅର୍ଥାତ୍ ଏଯାବତ୍ ମଣିଷର ଅଗୋଚର ହୋଇ ରହିଛି, ତାହାରି ସମ୍ବନ୍ଧରେ ଅନୁସନ୍ଧାନ କରିଥାଏ । ସେ ଭାବେ, "ଏହା ଏମିତି କାହିଁକି ଅଛି ? ଆକାଶ ଅନ୍ୟ କୌଣସି ପ୍ରକାର ନହୋଇ ଏଭଳି କାହିଁକି ହେଲା ?" ତେଣୁ ପ୍ରତ୍ୟେକ ବିଷୟର 'କାହିଁକି' କୁ ଅନୁସନ୍ଧାନ କରି ତତ୍ ସମ୍ବନ୍ଧୀୟ ସତ୍ୟ ବୈଜ୍ଞାନିକ ଜାଣିବାକୁ ଚାହିଁଥାଏ । ସେ ତାର ଅନୁସନ୍ଧାନର ପଥରେ ଯାତ୍ରା କରିବା ମଧ୍ୟରେ ଗୋଟିଏ ଜାଗାରେ ଯାଇ ରହିଯାଏ, କାରଣ ଆଉ ଆଗକୁ ଯିବା ତା' ପକ୍ଷରେ ସମ୍ଭବ ହୁଏ ନାହିଁ । ସେ ବୁଝିପାରେ ଯେ ସୃଷ୍ଟିରେ ସମସ୍ତ କିଛି ତରଙ୍ଗାୟିତ ସ୍ଥିତିରେ ଥା'ନ୍ତି ଓ ଏହି ତରଙ୍ଗର କାରଣ ହେଉଛି ସ୍ପନ୍ଦନ । ସ୍ପନ୍ଦନର କାରଣ କ'ଣ, ତାହା ସେ ଜାଣେ ନାହିଁ । ଏହାପରେ ସେ

ବିଷୟଟି ବୁଝେଇ ପାରେ ନାହିଁ । ତେଣୁ ସ୍ୱାମୀ କହନ୍ତି, ବିଜ୍ଞାନ ଇଂରାଜୀରେ 'C' ଅକ୍ଷର ଭଳି । ଏହି 'C' ଅକ୍ଷରରେ ଏକ ଶୂନ୍ୟତା ରହିଛି, ସେହି ଶୂନ୍ୟତା ହିଁ ଭଗବାନ । ଏଠାରେ ଏହି ଭବନମାନ ନିର୍ମାୟମାଣ ଅବସ୍ଥାରେ ଥିବା ସମୟରେ ଭଗବାନ ପ୍ରତିଦିନ ଘେରାଏ ବୁଲି ନିର୍ମାଣକାର୍ଯ୍ୟ କିପରି ଚାଲିଛି ଦେଖୁଥା'ନ୍ତି । ଏହିଭଳି ବୁଲିବା ସମୟରେ ଦିନେ ତାଙ୍କ ସହ ଜଣେ ଭୂତତ୍ତ୍ୱବିତ୍ ଥା'ନ୍ତି । ସ୍ୱାମୀ ତାଙ୍କୁ ପଚାରିଲେ, "ତୁମେ ଜଣେ ଭୂତତ୍ତ୍ୱବିତ୍ ?" ସେ କହିଲେ, "ହଁ, ସ୍ୱାମୀ ।" ସ୍ୱାମୀ ତଳୁ ଗୋଟିଏ ପଥର ଗୋଟେଇଲେ । ବେଳେବେଳେ ସ୍ୱାମୀ ଆପଣଙ୍କୁ ଗୋଟିଏ ପଥର ଗୋଟେଇ ତାହା ତାଙ୍କ ହାତକୁ ଦେବାକୁ କହିବେ । ଆପଣଙ୍କଠୁ ପଥରଟି ନେଇ ସେ ପୁଣି ଆପଣଙ୍କୁ ତାହା ଫେରେଇ ଦେବେ । ତାଙ୍କ ହାତରୁ ଆପଣଙ୍କ ହାତକୁ ପଥରଟି ଯିବା ମଧ୍ୟରେ ତାହା ଏକ ମହୀଶୂର୍‌ପାକ୍ ବା ସେହି ପଥର ଆକାରର ଏକ ମିଠେଇ ହୋଇଯାଇଥିବ । ଥରେ ଆମେ ହାଇଦ୍ରାବାଦରୁ ଫେରୁଥାଉ । ବାଟରେ ସ୍ୱାମୀ ହଠାତ୍ କହିଲେ, 'ରୁହ' । ତାଙ୍କରି ଆଦେଶକୁ ମାନି ଗାଡ଼ିଟି ସେଠାରେ ରଖାଗଲା । କାର୍‌ରେ ବସିଥିବା ସମସ୍ତଙ୍କୁ ସ୍ୱାମୀ କିଛି ଏକ ରାଗ-ଲୁଣ-ମସଲାଯୁକ୍ତ ସୁସ୍ୱାଦୁ ଖାଦ୍ୟ ଖାଇବାକୁ ଦେଲେ । ଆମ ମଧ୍ୟରେ ଥିବା ଜଣେ ଯୁବକ ସ୍ୱାମୀଙ୍କୁ କହିଲା, "ସ୍ୱାମୀ, ଆମେ କିଛି ମିଠା ଖାଇବାକୁ ଚାହୁଁ ।" ସେଠାରେ ଥିବା ସମସ୍ତଙ୍କ ମଧ୍ୟରୁ ମୋତେ ସ୍ୱାମୀ ତଳୁ ଗୋଟିଏ ପଥର ଗୋଟେଇବାକୁ କହିଲେ । ମୁଁ ଗୋଟିଏ ବଡ଼ ପଥର ଗୋଟେଇ ଆଣିଲି । ସ୍ୱାମୀ କହିଲେ, "ନା, ଏଇଟା ନୁହଁ, ଗୋଟିଏ ଚିକ୍‌କଣ ପଥର ଆଣେ ।" ଏଥର ମୁଁ ଗୋଟିଏ ଛୋଟ ଚିକ୍‌କଣ ପଥର ଆଣିଲି । ସେ ତାହାକୁ ଖଣ୍ଡ ଖଣ୍ଡ କରି ଭାଙ୍ଗି ପ୍ରତ୍ୟେକଙ୍କ ହାତରେ ଛୋଟ ଛୋଟ ପଥରଖଣ୍ଡମାନ ଦେଲେ ଏବଂ କହିଲେ, "ଏଥର ଖାଅ ।" ପଥରଖଣ୍ଡକୁ ପାଟିରେ ପକେଇବାକୁ ଆମେ ଦୋ ଦୋ ପାଞ୍ଚ ହେଉଥାଉ । ବିଶେଷକରି ମୋ ଅବସ୍ଥା ଆହୁରି ଦୟନୀୟ ଥାଏ, କାରଣ ମୋର କୃତ୍ରିମ ଦାନ୍ତ ପଥର ଚର୍ବଣ କଲେ, ତାହା ବିପଦ୍‌ଜନକ ହେବ । କିନ୍ତୁ ମୁଁ ଯେତେବେଳେ ତାହା ପାଟିରେ ପକେଇଲି ତାହା ଏକ ସୁବାସିତ ସୁମଧୁର ମିଠେଇ ହୋଇ ସଙ୍ଗେ ସଙ୍ଗେ ମିଳେଇ ଗଲା !

ପୂର୍ବେ ମୁଁ ଉଲ୍ଲେଖ କରିଥିବା ଭୂତତ୍ତ୍ୱବିତ୍‌ଙ୍କୁ ସ୍ୱାମୀ ହାତରେ ଧରିଥିବା ସେହି ପଥରକୁ ଦେଖେଇ ପଚାରିଲେ "ଏଇ ପଥର ଭିତରେ କ'ଣ ଅଛି ?" ଭୂତତ୍ତ୍ୱବିତ୍‌ଜଣକ ଜିଙ୍କ (ଦସ୍ତା), ସିଲିକନ୍ (ବାଲି), ଏହା, ତାହା - ଏମିତି ଅନେକ କିଛି ଦ୍ରୁତ ବେଗରେ କହିଗଲେ । ସ୍ୱାମୀ କହିଲେ, "ଠିକ୍ ଅଛି, କିନ୍ତୁ ଏସବୁ ତ ବିଭିନ୍ନ ପଦାର୍ଥ । ତା' ମଧ୍ୟରେ କ'ଣ ଅଛି ?" ଭୂତତ୍ତ୍ୱବିତ୍ ଆହୁରି ବୁଝେଇ ଏହା, ତାହା କହିଲେ । ସ୍ୱାମୀ ପୁଣି ପଚାରିଲେ, "ସେଥି ମଧ୍ୟରେ କ'ଣ ଅଛି ?" ଶେଷରେ ଭୂତତ୍ତ୍ୱବିତ୍ ନ୍ୟୁଟ୍ରନ୍, ପ୍ରୋଟୋନ୍ ଇତ୍ୟାଦି କହିଲେ । ସ୍ୱାମୀ ପଚାରିଲେ, "ତାହା ମଧ୍ୟରେ କ'ଣ ଅଛି ?" ଭୂତତ୍ତ୍ୱବିତ୍‌ଙ୍କଠେ ଆଉ ଉତ୍ତର ନଥାଏ । ଇଂରାଜୀ ବର୍ଣ୍ଣମାଳାର 'C' ଅକ୍ଷରର ଖାଲି ସ୍ଥାନଟି ଭରି ହେଲା ନାହିଁ । ସ୍ୱାମୀ ଭୂତତ୍ତ୍ୱବିତ୍‌ଙ୍କ ହାତକୁ ପଥରଟି ବଢ଼େଇ ଦେଲେ । ଭୂତତ୍ତ୍ୱବିତ୍‌ଙ୍କ ହାତକୁ ଯିବାବେଳକୁ

ତାହା ମୁରଲୀଧାରୀ ଶ୍ରୀକୃଷ୍ଣଙ୍କ ବିଗ୍ରହରେ ରୂପାନ୍ତରିତ ହୋଇଥାଏ । ସୃଷ୍ଟିର ସମସ୍ତ ସ୍ପନ୍ଦନର କେନ୍ଦ୍ରବିନ୍ଦୁ ଭଗବାନ - ତାହା ହିଁ ତାଙ୍କର ମୁରଲୀର ମୂର୍ଚ୍ଛନା । ସମସ୍ତ କମ୍ପନର ଉତ୍ସ ହିଁ ସେ । ଏ ସମଗ୍ର ସୃଷ୍ଟି, ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ନକ୍ଷତ୍ର, ପୁଷ୍ପରାଜି - ମୃତ୍ତିକା, ବାଲୁକା, ପ୍ରସ୍ତର, ପର୍ବତ, ସମସ୍ତ ପଦାର୍ଥ - ଏ ସମସ୍ତ ସେହି ସ୍ପନ୍ଦନରେ ସ୍ପନ୍ଦିତ । ପୃଥିବୀର ପ୍ରଥମ ଚଳନ ପଦାର୍ଥ ବିଜ୍ଞାନର ତଥାକଥିତ 'ବିଗ ବ୍ୟାଙ୍ଗ' (ପ୍ରଚଣ୍ଡ ବିସ୍ଫୋରକ ଶବ୍ଦ) ନୁହଁ । ତାହା ମୋଟ ଉପରେ ଶବ୍ଦ ହିଁ ନୁହଁ । ଏକ କ୍ଷୁଦ୍ର ମୁରଲୀର ସୁମଧୁର ମୂର୍ଚ୍ଛନାରୁ ଏ ସମଗ୍ର ସୃଷ୍ଟିର ଉତ୍ପତ୍ତି । ବୈଜ୍ଞାନିକମାନେ କହନ୍ତି ଯେ ଏକ ପ୍ରଚଣ୍ଡ ବିସ୍ଫୋରକ ଶବ୍ଦ ହୋଇଥିଲା, ସତେ ଯେମିତି ଶବ୍ଦ ବିନା ସୃଷ୍ଟିର ସର୍ଜନା ଭଗବାନଙ୍କ ପକ୍ଷରେ ସମ୍ଭବ ହୋଇ ନଥାନ୍ତା । ତାହା ଶବ୍ଦ (Bang) ନଥିଲା, ତାହା ଥିଲା ଏକ ଟଙ୍କାର (Twang) । ସାମାନ୍ୟ ଟଙ୍କାରରେ ସୃଷ୍ଟିର ଚଳନ ଆରମ୍ଭ ହୁଏ । ବୈଜ୍ଞାନିକ ଅନୁସନ୍ଧାନ ପରେ ଅନୁସନ୍ଧାନ କରି ଚାଲେ । ସେ କିଛି ଏକ ଆବିଷ୍କାର କଲେ ତା' ସମ୍ମୁଖରେ ଏକ ଦ୍ୱାର ଉନ୍ମୁକ୍ତ ହୋଇଯାଏ, କିନ୍ତୁ ତତ୍‌ସଙ୍ଗେ ସେ ଲକ୍ଷ୍ୟ କରେ, ଆଉ ଏକ ଦ୍ୱାର ଅବରୁଦ୍ଧ ହୋଇ ରହିଛି । ଉକ୍ତ ଦ୍ୱାରକୁ ଉନ୍ମୁକ୍ତ କଲେ, ଆଉ ଏକ ଅବରୁଦ୍ଧ ଦ୍ୱାର ତା' ଦୃଷ୍ଟିରେ ପଡ଼େ । ଏହିଭଳି ତାର ସମସ୍ତ ଆବିଷ୍କାର ଶେଷରେ ଏକ ପ୍ରଶ୍ନବାଚୀ ହୋଇ ରହିଯାଏ । କିନ୍ତୁ ସମସ୍ତ ଅନୁସନ୍ଧାନର ପରିସମାପ୍ତି ଏକ ପ୍ରଶ୍ନବାଚକ ଚିହ୍ନ ନୁହଁ, ଏକ ବିସ୍ମୟସୂଚକ ଚିହ୍ନ ! ମୁରଲୀର ମୂର୍ଚ୍ଛନାରୁ ସଂସାରର ସର୍ଜନା - ଏହାହିଁ ସୃଷ୍ଟିର ଉତ୍ପତ୍ତି ରହସ୍ୟ । ଉପନିଷଦ କହେ, "ଏକୋଽହମ୍ ବହୁସ୍ୟାମ୍ ।" ଈଶ୍ୱର ଅନୁଭବ କଲେ, "ମୁଁ ଏକ, ହାୟ ! କେବଳ ଏକ ।" ତା'ପରେ ତାଙ୍କର ସଙ୍କଳ୍ପ ଥିଲା, "ମୁଁ ଅନେକ ହୋଇଯାଏ ।" ସେହି ସଙ୍କଳ୍ପରୁ ଅନେକ ଉଦ୍ଭବ ହେଲେ ! ତାହାହିଁ ବିସ୍ମୟସୂଚକ ଚିହ୍ନ । ଏକ ଅବ୍ୟକ୍ତସ୍ୱରୂପ ଅନେକ ହୋଇ ବ୍ୟକ୍ତ ହେଲେ । ସ୍ୱାମୀ କହନ୍ତି, "ମୁଁ ମୋ'ଠାରୁ ଭିନ୍ନ ହୋଇଗଲି ଯାହା ଫଳରେ ମୁଁ ମୋତେ ପ୍ରେମ କରିପାରିବି ।" ସେ ଚାହିଁଲେ ଯେ ସେ ଅନ୍ୟକୁ ପ୍ରେମ ଦେବେ ଓ ଅନ୍ୟଠୁ ପ୍ରେମ ପାଇବେ । ଏହି ଅବ୍ୟକ୍ତ ସତ୍ତା ମଧ୍ୟରେ ଏଭଳି ଏକ ଇଚ୍ଛା କିପରି ପ୍ରକାଶ ପାଇଲା ? ଏହା ମାୟା - ପ୍ରଥମ ପ୍ରେମ ପିପାସା । ଆମେ ସମସ୍ତେ ପ୍ରେମ ପିପାସୁ । କେହି ଯଦି ଆମକୁ ପ୍ରେମ ନକରେ ଓ ଆମେ ଯଦି କାହାକୁ ପ୍ରେମ ନକରୁ - ତେବେ ଜୀବନ ହୁଏ ଏକ ଦୁଃଖଦ ଯାତ୍ରା । କାହାକୁ ପ୍ରେମ ଦେବାକୁ ଓ କାହାଠୁ ପ୍ରେମ ପାଇବାକୁ ଆମର କେହି ନାହିଁ କହି ଆମେ କାହିଁକି ବିଳାପ କରୁ ? କାରଣ ଏହି ବହୁଧା ସୃଷ୍ଟିର ଆଦିକାରଣ ହେଲା ସେହି ଏକ ଅବ୍ୟକ୍ତ ପୁରୁଷଙ୍କ ମଧ୍ୟରେ ଜାଗରିତ ସେହି ପ୍ରଥମ ଇଚ୍ଛା - "ମୁଁ ଏକ । ମୁଁ ଚାହେଁ, ମୁଁ ପ୍ରେମ କରେ ଓ ପ୍ରେମ ପାଏ ।" ଦୃଶ୍ୟମାନ ପ୍ରପଞ୍ଚର ଅନେକତ୍ୱର ମୂଳରେ ରହିଛି ଏହି ସଙ୍କଳ୍ପ । ସ୍ୱାମୀ କହନ୍ତି, "ମୋତେ ବୁଝିବାକୁ କେହି ନଥିଲେ ।" ପ୍ରେମ ବୁଝିବାର ଏକ ପ୍ରକ୍ରିୟା । ପ୍ରେମ ବିନା ତୁମେ ଅନ୍ୟକୁ ବୁଝିବ କିପରି ? ତୁମେ କେବଳ ଭୁଲ ବୁଝିବ ! ତାଙ୍କୁ ଭଲ ପାଇବା ପାଇଁ ଓ ତାଙ୍କର ହୋଇ ରହିବା ପାଇଁ ତୁମେ ତାଙ୍କୁ ଭଲ ଭାବେ ଓ ବିସ୍ତୃତଭାବେ ବୁଝିବା ଆବଶ୍ୟକ ।

ତେଣୁ ସ୍ୱାମୀ କହନ୍ତି, "ମୁଁ ମୋର ଆନନ୍ଦ ପାଇଁ ମାତ୍ର ଏକ ଶବ୍ଦରେ ଏ ସୃଷ୍ଟିର ସର୍ଜନା କରିବା ଯାଏଁ ମୋତେ ବୁଝିବା ପାଇଁ କେହି ନଥିଲେ ।" ତେଣୁ ସୃଷ୍ଟିର ପ୍ରାରମ୍ଭରେ ତାଙ୍କ ମଧ୍ୟରେ ଜାଗରିତ ଆନନ୍ଦ ପ୍ରାପ୍ତିର ଅଭୀପ୍‌ସାର ଅଗ୍ନିକଣା ସୃଷ୍ଟିର ଯାବତୀୟ ପଦାର୍ଥରେ ପ୍ରତିଭାତ ହୁଏ । ସ୍ୱାମୀ କହନ୍ତି, ମାଟିରେ ଏକ ଆମ୍ବ ଟାକୁଆ ପୋତିଲେ ତାହା ଅଙ୍କୁରିତ ହୋଇ ବହୁଶାଖାଯୁକ୍ତ ଏକ ବୃକ୍ଷରେ ପରିଣତ ହୁଏ, ଯାହା ପୁଣି ସହସ୍ର ସଂଖ୍ୟାରେ ଆମ୍ବଫଳ ଧାରଣ କରେ ଓ ପ୍ରତ୍ୟେକ ଫଳ ମଧ୍ୟରେ ତୁମେ ପୋତିଥିବା ଆମ୍ବ ଟାକୁଆ ଦୃଶ୍ୟମାନ ହୁଏ । ସ୍ୱାମୀ ପ୍ରେମ କରିବା ଓ ପ୍ରେମ ପାଇବାର ସଙ୍କଳ୍ପ ନେଇ ଏହି ସଂସାର ସୃଷ୍ଟି କଲେ । ତେଣୁ ଆମେ ସମସ୍ତେ ପ୍ରକାରାନ୍ତରେ ସେ ଭିନ୍ନ ଅନ୍ୟ କିଛି ନୁହଁ । ଆମ ସମସ୍ତଙ୍କ ମଧ୍ୟରେ ସେହି ପ୍ରେମ କରିବାର ଓ ପ୍ରେମ ପାଇବାର ଇଚ୍ଛା ବା ସଂକଳ୍ପ ସନ୍ନିବିଷ୍ଟ ହୋଇ ରହିଛି । ପରମାତ୍ମାଙ୍କୁ ପ୍ରେମ କରିପାରିଲେ ଆମେ ପୂର୍ଣ୍ଣ ସଂତୃପ୍ତି ପାଇଥାଉ । ତଦ୍‌ନିକୃଷ୍ଟ ଆଉ ଯାହାକୁ ପ୍ରେମ କଲେ ମଧ୍ୟ ଆମେ ସେହି ସଂତୃପ୍ତି ପାଇ ନ ଥାଉ, ବରଂଚ ଅଧିକାଂଶ ସମୟରେ ନୈରାଶ୍ୟ ତଥା ପରିତ୍ୟକ୍ତବୋଧର ଶିକାର ହୋଇଥାଉ । ଆମର ସେହି ପ୍ରିୟବସ୍ତୁ ବା ବ୍ୟକ୍ତିର ଅନୁପସ୍ଥିତି ଆମକୁ ବ୍ୟତିବ୍ୟସ୍ତ ଓ ଅନୁତପ୍ତ କରେ । ପ୍ରେମର ଛାୟା ହେଉଛି ଦୁଃଖ କିନ୍ତୁ ସେହି ସର୍ବୋତ୍ତମ ପ୍ରେମର କୌଣସି ଛାୟା ନଥାଏ । ତୁମେ ଯେତେବେଳେ "ତମସୋ ମା ଜ୍ୟୋତିର୍ଗମୟ" ଅର୍ଥାତ୍ ମୋତେ ଅନ୍ଧକାରରୁ ଆଲୋକକୁ ନେଇଯାଅ କୁହ, ତାହା ହେତୁବାଦୀକୁ ଭଲ ଲାଗେ । ଏହା ଜ୍ଞାନମାର୍ଗ । ହେତୁବାଦୀ ବ୍ୟକ୍ତିର ମନ କିଛି ଦୂର ଯାଇ ରହିଯାଏ । ସେଠାରୁ ସେ ଆଉ ଆଗକୁ ଯାଇପାରେ ନାହିଁ, କିନ୍ତୁ ତା' ମଧ୍ୟରେ ଯଦି ସେହି ପବିତ୍ର ସଙ୍କଳ୍ପ ରହେ, ସେ ମଧ୍ୟ ସେହି ପରମ ସତ୍ୟକୁ ଉପଲବ୍‌ଧି କରିପାରେ । ସ୍ୱାମୀ ହେତୁବାଦୀ ମଣିଷକୁ ଏହି ପ୍ରାର୍ଥନା କରିବାକୁ କହିଥାନ୍ତି । ଭକ୍ତ ପ୍ରାର୍ଥନା କରେ 'ଅସତୋ ମା ସଦ୍‌ଗମୟ', ହେତୁବାଦୀ ବ୍ୟକ୍ତି ପ୍ରାର୍ଥନା କରେ 'ତମସୋ ମା ଜ୍ୟୋତିର୍ଗମୟ' । "ମୋ ହାତ ଧରି ମୋତେ ଆଗକୁ ନେଇଯାଅ" - ଏହା ହିଁ ଉଭୟଙ୍କର ପ୍ରାର୍ଥନା । ତୁମେ ଯଦି ଭାବପ୍ରବଣ ହୋଇଥାଅ, ସ୍ୱାମୀ ତୁମ ହାତ ଧରି ତୁମକୁ ଦେଖେଇ ଦିଅନ୍ତି ଯେ ସୃଷ୍ଟିର ସବୁକିଛି ସେହି ପ୍ରଭୁଙ୍କର ମହିମା ଓ ସୁଷମାର ପରିପ୍ରକାଶ । ତୁମେ ଯଦି ହେତୁବାଦୀ ହୋଇଥାଅ, ସେ ତୁମକୁ ବିଜ୍ଞାନରୁ ଆଧାତ୍ମିକତା, ପଦାର୍ଥରୁ ପରମାର୍ଥ ଯାଏ ନେଇଯା'ନ୍ତି ।

ଅନେକ ବୈଜ୍ଞାନିକଙ୍କୁ ସ୍ୱାମୀ ସାହାଯ୍ୟ କରିବାର ବହୁ ଦୃଷ୍ଟାନ୍ତ ରହିଛି । ପରମାଣୁ ବିଜ୍ଞାନରେ ଭାରତର ଜଣେ ପ୍ରସିଦ୍ଧ ବୈଜ୍ଞାନିକ ପୁନାଠାରେ କୃଷି ଗବେଷଣା କେନ୍ଦ୍ରରେ କାର୍ଯ୍ୟ କରୁଥାନ୍ତି । ସେ ଥରେ ତୁର୍କୀର ଆଙ୍କାରାରେ ଅନୁଷ୍ଠିତ ଏକ ଆନ୍ତର୍ଜାତିକ ଅଣୁବିଜ୍ଞାନ ସମ୍ମିଳନୀରେ ଯୋଗ ଦେଇଥା'ନ୍ତି । ଉକ୍ତ ସମ୍ମିଳନୀରେ ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟର ଅନେକ ବୈଜ୍ଞାନିକ ସମବେତ ହୋଇଥାନ୍ତି । ଆମର ଏହି ବୈଜ୍ଞାନିକ ଭାରତର ପ୍ରତିନିଧିତ୍ୱ କରୁଥା'ନ୍ତି । ସମ୍ମିଳନୀର ସଭାପତି ତାଙ୍କୁ ତାଙ୍କର ବକ୍ତବ୍ୟ ଉପସ୍ଥାପନ କରିବାକୁ କହିଲେ । ସେ ତାଙ୍କ ଆସନରୁ ଉଠି ସେ ଯେଉଁ ବିଷୟରେ ପ୍ରସ୍ତୁତ ହୋଇଥାନ୍ତି ଓ ଅନ୍ୟମାନେ ଯାହା

ଶୁଣିବା ପାଇଁ ଉତ୍‌କଣ୍ଠାର ସହ ଅପେକ୍ଷା କରିଥା'ନ୍ତି, ତାହା ଉପସ୍ଥାପନ କଲେ । ପ୍ରାୟ ଦଶମିନିଟ୍ କହିବା ପରେ କୌଣସି ଏକ ସୂତ୍ରକୁ ବୁଝେଇବାକୁ ଯାଇ ସେ ସେହି ସୂତ୍ରଟି ହିଁ ଭୁଲିଗଲେ । ତାହା ମନେ ପକେଇବାକୁ ବହୁ ଚେଷ୍ଟା କଲେ, କିନ୍ତୁ ପାରିଲେ ନାହିଁ । ହୁଏତ ସୂତ୍ରଟି ଲେଖି ରଖିଥିବେ ଭାବି ପକେଟ୍‌ରେ ହାତ ଦେଇ ଦେଖିଲେ, କିନ୍ତୁ ତାହା ମିଳିଲା ନାହିଁ । ସେହି ମୁହୂର୍ତ୍ତରେ ତାଙ୍କର ଅସ୍ୱସ୍ତିବୋଧକୁ ବର୍ଣ୍ଣନା କରି ସେ ପରେ ସ୍ୱାମୀଙ୍କୁ ଲେଖିଥିଲେ, "ସ୍ୱାମୀ ! ସେଦିନର ପରିସ୍ଥିତିରେ କେବଳ ମୋ ସମ୍ମାନ ନୁହଁ, ଦେଶର ସମ୍ମାନ ସଙ୍କଟାପନ୍ନ ଥିଲା ଏବଂ ଆପଣ ମୋତେ ରକ୍ଷା କଲେ ।" ତାହା କିମିତି ହେଲା ? ସେ ଥରେ ଭକ୍ତିପୂର୍ବକ 'ସାଇରାମ୍' କହିବା ମାତ୍ରକେ ସ୍ୱାମୀ ତାଙ୍କ ସମ୍ମୁଖରେ ଉଭା ହୋଇ ତାଙ୍କ ପାପୁଲି ଦେଖେଇଲେ ଯାହା ମଧ୍ୟରେ ଉକ୍ତ ସୂତ୍ର ଜଳ ଜଳ ହୋଇ ଦିଶୁଥାଏ । ସେହି ବୈଜ୍ଞାନିକଙ୍କର ଚିଠି ମୁଁ ନିଜେ ପଢ଼ିଛି । ସ୍ୱାମୀ ବୈଜ୍ଞାନିକମାନଙ୍କୁ ବିପଦରେ ସାହା ହୋଇଥାନ୍ତି, କାରଣ ସମସ୍ତେ ତାଙ୍କର ସନ୍ତାନ ।

ଏହାପରେ କର୍ମଯୋଗୀମାନଙ୍କ ସମ୍ବନ୍ଧରେ ଆଲୋଚନା କରିବା, ଯେଉଁମାନେ ସତତ କର୍ମତତ୍ପର ଥା'ନ୍ତି । ଏମାନଙ୍କର ପ୍ରାର୍ଥନା ହେଲା "ମୃତ୍ୟୋର୍ମା ଅମୃତଂ ଗମୟ ।" ଅର୍ଥାତ୍ ମୃତ୍ୟୁର ପ୍ରଦେଶରୁ ମୋତେ ଅମୃତତ୍ୱର ସ୍ଥିତିକୁ ନେଇଯାଅ । ଏଠାରେ ମୁଁ ମୋ ନିଜ ଉଦାହରଣ ଦେବି । ମୁଁ କୌଣସି ବିଷୟର କାରଣ ଖୋଜି ବାହାର କରିପାରେ ନାହିଁ । ଯୁକ୍ତିତର୍କରେ ମୋର ପଟୁତା ନାହିଁ । କର୍ମ କରିବାରେ ମୋର ଆଗ୍ରହ ଅଧିକ । ଜଣେ କର୍ମପ୍ରବଣ ବ୍ୟକ୍ତି ମରଣର ଊର୍ଦ୍ଧ୍ୱକୁ ଯାଇ ଅମୃତତ୍ୱରେ କିପରି ପହଞ୍ଚିବ ? ଏହା ମୋର ପ୍ରଶ୍ନ । ସ୍ୱାମୀ କହନ୍ତି ତୁମେ ମୃତ୍ୟୁକୁ ପ୍ରତିରୋଧ କରିପାରିବ ନାହିଁ । ମୋର ମଧ୍ୟ ସଂସାର ଖଣ୍ଡ-ବିଖଣ୍ଡ ହେବାଯାଏଁ ବା ଶୂନ୍ୟରେ ମିଳେଇ ଯିବା ଯାଏଁ ବା ସୂର୍ଯ୍ୟ ଶୀତଳ ହୋଇଯିବା ଯାଏ ବଞ୍ଚି ରହିବାର କୌଣସି ଉଦ୍ଦେଶ୍ୟ ନାହିଁ । ଏହା ସହସ୍ରାଧିକ ବର୍ଷ ପରେ ସଂଗଠିତ ହୋଇପାରେ । ଜନ୍ମର ଅପରିହାର୍ଯ୍ୟ ପରିଣାମ ହେଉଛି ମୃତ୍ୟୁ । ତୁମେ ଜନ୍ମକୁ ଏଡ଼େଇ ପାରିଲେ, ମୃତ୍ୟୁକୁ ଏଡ଼େଇ ପାରିବ । ମୃତ୍ୟୁ ତୁମ ସଙ୍ଗେ ହିଁ ରହିଥାଏ । ଯାହାର ଜନ୍ମ ଅଛି, ବୃଦ୍ଧି ଅଛି, ତାହାର କ୍ଷୟ ଅଛି, ମୃତ୍ୟୁ ଅଛି । କେହି ଜଣେ କବି କହିଛନ୍ତି, ଜନ୍ମହେବା ସଙ୍ଗେ ସଙ୍ଗେ ଆମର ଶ୍ମଶାନଯାତ୍ରା ଆରମ୍ଭ ହୋଇଥାଏ । ଏହି ଶ୍ମଶାନ ଯାତ୍ରାରେ ଢୋଲ ଆମ ହୃଦୟ । ଅନ୍ୟାନ୍ୟ ଅବସରରେ ଯେମିତି ଢୋଲ ବାଜିଥାଏ, ଏହା ସେମିତି ବାଜେ ନାହିଁ । ଏହାର ଶବ୍ଦ କାନକୁ ସେମିତି ଶୁଭେ ନାହିଁ । ଏହି ଢୋଲ ଉପରେ ଏକ କନା ଢାଙ୍କି ଦିଆଯାଏ ଓ ତାହା ଡବ୍, ଡବ୍, ଡବ୍ ବାଜୁଥାଏ । ଆମର ହୃଦୟ ଢୋଲର ଅସ୍ପଷ୍ଟ ଶବ୍ଦ ଭଳି ବାଜିବା ଆରମ୍ଭ କରେ ଏବଂ ଆମର ଶ୍ମଶାନଯାତ୍ରା ଆରମ୍ଭ ହୁଏ । ତେଣୁ ଜନ୍ମ ମୃତ୍ୟୁର ଅୟମାରମ୍ଭ ମାତ୍ର ! ଆମ ମଧ୍ୟରୁ କେତେକ ସେଠାକୁ ବୁଲି ବୁଲି ଯାଇଥା'ନ୍ତି, ଆଉ କେତେକ ତରବରରେ ସିଧାସଳଖ ଚାଲିଯା'ନ୍ତି । ତେଣୁ ମୃତ୍ୟୁ ଅନିବାର୍ଯ୍ୟ କିନ୍ତୁ ଜନ୍ମ ପରିହାର୍ଯ୍ୟ ।

ସ୍ୱାମୀ ଠିକ୍ ଏଇ କଥା କହିଥା'ନ୍ତି । ଭାରତୀୟ ଦର୍ଶନ ମଧ୍ୟ ଏହା କହେ । ତୁମେ ଜନ୍ମ ହେଇଛ କାହିଁକି ? କାରଣ ତୁମର ଏଠାରେ କିଛି କାମ ବାକି ଅଛି । କାହିଁକି କିଛି କାମ କରିବାର ଅଛି ? କାରଣ ତୁମେ ଏତେଗୁଡ଼ାଏ ଜିନିଷ ପାଇବାକୁ ଚାହିଁଥିଲ, ସେ ସବୁ ପାଇବାକୁ ହେଲେ ତୁମକୁ ଆଉ ଥରେ ଜନ୍ମ ନେବାକୁ ହେବ । ତୁମ ହିସାବ ଖାତାରେ କିଛି ଜମା ରହିଯାଇଛି ଓ ସେଥିପାଇଁ ତୁମେ ହୁଏତ ପୁରସ୍କାର ପାଇବ, ନଚେତ୍ ଶାସ୍ତି ପାଇବ । ପୁରସ୍କାର ବା ତିରସ୍କାର - ଯାହା ତୁମେ ପାଇବାର ଅଛି, ସେଥିରୁ ଖସି ତୁମେ ସମସ୍ତଙ୍କୁ "ବାଇ ବାଇ ଟାଟା" କହି କବର ଭିତରକୁ କୁଦା ମାରି ପାରିବ ନାହିଁ । ଯଦି ସେମିତି କରିବାକୁ ଚେଷ୍ଟା କର, ତୁମକୁ ବାହାରକୁ ଟାଣି କୁହାଯିବ, "ଆସେ, ପୁରସ୍କାର ନା ତିରସ୍କାର, ଯାହା ତୋର ପ୍ରାପ୍ୟ, ତାକୁ ନେଇକି ଯା ।" ସ୍ୱାମୀ ଜଣକୁ ଏହା ହିଁ କରିଥିଲେ । ଥରେ ଜଣେ ଲୋକ କାହାକୁ ହତ୍ୟା କରି କବର ଭିତରକୁ ନୁହଁ, ହିମାଳୟକୁ ଖସି ପଳେଇବାର ଚେଷ୍ଟା କରିଥିଲା । ପୋଲିସ୍ ଆଖିରୁ ଖସିବା ପାଇଁ ସେ ଗେରୁଆ ବସ୍ତ୍ର ପିନ୍ଧି ବେକରେ ରୁଦ୍ରାକ୍ଷମାଳ ପକେଇ, ଆଉ ସବୁ ପ୍ରକାର ନିଜକୁ ସଜେଇ ସନ୍ନ୍ୟାସୀର ବେଶ ଧାରଣ କଲା । କେତେ ବର୍ଷ ଏଣେତେଣେ ବୁଲିବା ପରେ ସେ ମନେ କଲା ଯେ ଏଥର ତାର ନିଜ ରାଜ୍ୟ ଆନ୍ଧ୍ରପ୍ରଦେଶକୁ ଫେରିଯିବା ତା'ପକ୍ଷରେ ନିରାପଦ ହେବ । ଇତିମଧ୍ୟରେ ପାଞ୍ଚବର୍ଷର ଦାଢ଼ି ବଢ଼ି ଯାଇଥିବାରୁ ସେ ଭାବୁଥାଏ ଯେ ତାକୁ ଚିହ୍ନିବା ପୋଲିସ୍ ପାଇଁ କଷ୍ଟ ହେବ । ତେଣୁ ସେ ଦକ୍ଷିଣକୁ ଆସି ରାମେଶ୍ୱରମ୍ ଓ ଅନ୍ୟ କେତେକ ସ୍ଥାନ ବୁଲି ବାଙ୍ଗାଲୋର୍‌ରେ ପହଞ୍ଚିଲା ଓ ସେଠାରୁ ଶିରିଡ଼ି ସାଇବାବାଙ୍କ କ୍ଷେତ୍ରକୁ ଯିବା ପାଇଁ ଟିକଟ କାଟିବାର ଯୋଜନା କରୁଥିଲା । ଟିକଟ କାଉଣ୍ଟରର ଲୋକ ତାକୁ ପଚାରିଲା, "ତୁମେ ଶିରିଡ଼ିକୁ ଯିବାକୁ ଚାହୁଁଛ ନା ? ସାଇବାବା ତ ସେଠେ ନାହାଁନ୍ତି।" ଯେ ଲୋକ କହିଲା, "ନା, ମୁଁ ଜାଣେ, ସେ ସେଠେଂ ଅଛନ୍ତି ।" କାଉଣ୍ଟରର ଲୋକ କହିଲା, "ଆରେ ବାବା ନାହାନ୍ତି । ସେ ପୁଣି ଥରେ ଅବତାର ନେଇ ଏବେ ପୁଟ୍ଟପର୍ତ୍ତିରେ ଅଛନ୍ତି ।" ଏ ଲୋକଟି ଭାବିଲା, "ମୁଁ ତ ଶିରିଡ଼ି ଯିବି ଭାବୁଥିଲି । ତେବେ ଥରେ ପୁଟ୍ଟପର୍ତ୍ତି ଯାଇ ଏଇ ଲୋକକୁ ଦେଖି ଆସେ ।" ଏହା ଭାବି ସେ ପେନୁକୋଣ୍ଡାକୁ ଗୋଟିଏ ଟିକଟ୍ କାଟିଲା । ତାକୁ ପୁଟ୍ଟପର୍ତ୍ତି ଯିବାକୁ କହିଥିବା ଲୋକଟି କିଏ ? ସ୍ୱାମୀ ନିଶ୍ଚୟ ଏସବୁ କରେଇଥିବେ !

ସେ ଏଠାକୁ ଆସି ବାରଣ୍ଡାରେ ବସିଥାଏ । ମୁଁ ମଧ୍ୟ ବାରଣ୍ଡାରେ ମୋ କାମରେ ଲାଗିଥାଏ । ସ୍ୱାମୀ ତାକୁ ଡାକିଲେ । ସେ ଭିତରକୁ ଯାଇ କିଛି ସମୟ ପରେ ଇଣ୍ଟରଭ୍ୟୁ କକ୍ଷରୁ ବାହାରକୁ ଚାଲି ଆସିଲା । ତେବେ ଏ କ'ଣ ସେହି ଲୋକ ଥିଲା ? କାରଣ ଭିତରକୁ ଯିବା ସମୟରେ ସେ ଗେରୁଆ ଲୁଗା, ରୁଦ୍ରାକ୍ଷମାଳ ଓ ଆଉ ସବୁ ନେଇ ସନ୍ନ୍ୟାସୀ ବେଶରେ ଯାଇଥାଏ, କିନ୍ତୁ ବାହାରକୁ ଆସିବା ବେଳକୁ ସାଧା ପୋଷାକ ପିନ୍ଧିଥାଏ ଓ ତାର ଗେରୁଆ ଲୁଗା ଓ ରୁଦ୍ରାକ୍ଷମାଳକୁ ଗୋଟିଏ ତଉଲିଆରେ ଗୁଡ଼େଇ ହାତରେ ଧରିଥାଏ । ଏ

ଥିଲା ସ୍ୱାମୀଙ୍କ ଚମତ୍କାର ! ଭିତରେ ସ୍ୱାମୀ ତାକୁ କହିଲେ, "ଆରେ ତୁ ପୋଲିସ୍‌ଠୁ ଖସିଯିବୁ, କିନ୍ତୁ ତୋର ବିବେକର ଡାକ, ତୋ' ଅନ୍ତରାତ୍ମାର ଦୃଷ୍ଟିରୁ କି ଖସିପାରିବୁ ? ନା, ପାରିବୁନି ? ଆଉ ଥରେ ଜନ୍ମ ନେଇ ଏସବୁ କଷ୍ଟ ଭୋଗିବୁ କାହିଁକି ? ପୋଲିସ୍‌ଠୁ ଖସିଯିବୁ, ହୁଏତ ନିଜ କବର ଭିତରକୁ କୁଦା ମାରିବୁ, କିନ୍ତୁ ଆଉ ଏକ ଜନ୍ମରୁ ଖସି ପାରିବୁ ନାହିଁ । ତେଣୁ ତୋ କର୍ମର ଶାସ୍ତି ତୋତେ ଭୋଗିବାକୁ ହେବ ।" ସ୍ୱାମୀ ତାକୁ କହିଲେ, "ଯା, ପୋଲିସ୍ ଆଗରେ ତୋ ଦୋଷ ସ୍ୱୀକାର କରି କହ, ମୁଁ ଆପଣଙ୍କଠେ ସମର୍ପଣ କରୁଛି । ସେମାନେ ତୋତେ କାଠଗଡ଼ାରେ ଠିଆ କରିବେ । ତୁ କରିଥିବା ଇଚ୍ଛାକୃତ ନୃଶଂସ ହତ୍ୟା ହେତୁ ତୋତେ ବିଚାରପତି ମୃତ୍ୟୁଦଣ୍ଡ ଦେଇପାରନ୍ତି । ସେତେବେଳେ ତୋର ଶେଷ ଚେଷ୍ଟା ହେବ ରାଷ୍ଟ୍ରପତିଙ୍କଠେ କ୍ଷମା ପ୍ରାର୍ଥନା କରିବା । ତୁ ରାଷ୍ଟ୍ରପତିଙ୍କୁ ଅନୁକମ୍ପା ପାଇଁ ପ୍ରାର୍ଥନା କରେ । ମୁଁ ତୋତେ ଫାଶୀଖୁଣ୍ଟରୁ ଉଦ୍ଧାର କରିବି । ତୋତେ କିଛି ବର୍ଷ ପାଇଁ କାରାଦଣ୍ଡ ଭୋଗ କରିବାକୁ ହେବ । କାରାବାସ ଶେଷରେ ମୋ ପାଖକୁ ଆସେ । ମୁଁ ତୋତେ ଗେରୁଆ ବସ୍ତ୍ର ଓ ଜପମାଳା ଦେବି ।" ସେ ଲୋକ ବି କି ଚମତ୍କାର ଥିଲା । ସ୍ୱାମୀ ତାକୁ ଯାହା କହିଲେ, ସେ ତାକୁ ଅକ୍ଷରେ ଅକ୍ଷରେ ବିଶ୍ୱାସ କଲା । ମୁଁ ହୋଇଥିଲେ ଏମିତି ବିଶ୍ୱାସ କରିଥା'ନ୍ତି କି ନାହିଁ, ତାହା ଜାଣେ ନାହିଁ । ତାର ସ୍ୱାମୀଙ୍କ ପ୍ରତି ପ୍ରଗାଢ଼ ବିଶ୍ୱାସ ଥିଲା । ସ୍ୱାମୀ ତାକୁ ଯେମିତି କହିଥିଲେ, ସେ ସେମିତି କଲା । ସେ ଏ ସ୍ଥାନ ଛାଡ଼ି ଯିବା ପରେ ମୁଁ ତା'ଠୁ ଏକ ପତ୍ର ପାଇଥିଲି । ରେଳଗାଡ଼ିରେ ଫେରୁଥିବା ସମୟରେ ସେ ଏକ ଶିଶୁକୁ ମୂର୍ଚ୍ଛାରୋଗରେ ପଡ଼ିଥିବା ଦେଖିଲା । ସେ ସଙ୍ଗେ ସଙ୍ଗେ ସ୍ୱାମୀ ତାକୁ ଦେଇଥିବା ବିଭୂତି ସେହି ଶିଶୁକୁ ଦେଲା ଏବଂ ପିଲାଟି ତତ୍‌କ୍ଷଣାତ୍ ଭଲ ହୋଇଗଲା । ତେଣୁ ଅବିଳମ୍ବେ ସେ ହନ୍ତକରୁ ରକ୍ଷକରେ ରୂପାନ୍ତରିତ ହୋଇ ଜଣେ ଭଲ ମଣିଷ ହେଲା । ତାର ମନୋଭାବରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ଆସିଲା । ସେ ଯାଇ ପୋଲିସ ପାଖରେ ଆତ୍ମସମର୍ପଣ କଲା, ଅଦାଲତରେ ତାର ମକଦ୍ଦମା ହେଲା ଓ ଶେଷରେ ତାକୁ ମୃତ୍ୟୁଦଣ୍ଡ ଦିଆଗଲା । ପରେ ସେ ରାଷ୍ଟ୍ରପତିଙ୍କ ନିକଟରେ କ୍ଷମା ଯାଚନା କରିବାରୁ ତାର ଶାସ୍ତି ମୃତ୍ୟୁଦଣ୍ଡ ପରିବର୍ତ୍ତେ ଆଜୀବନ କାରାଦଣ୍ଡ ହେଲା । ଓ୍ୱରଙ୍ଗଲ୍ କାରାବାସରେ ଚଉଦ ବର୍ଷ ବିତେଇବା ପରେ, ମୁଁ ନିଶ୍ଚିତ ଯେ ସେ ଜଣେ ସାଧୁପୁରୁଷ ହୋଇ ସେଠାରୁ ମୁକୁଳିବ ଏବଂ ସ୍ୱାମୀଙ୍କଠାରୁ ତା'ର ଜପମାଳ ଫେରି ପାଇବ ! ଯା' ପରେ ତାର ଆଉ ଜନ୍ମ ରହିବ ନାହିଁ ।

ତେଣୁ କର୍ମମାର୍ଗର ଯାତ୍ରୀର ପ୍ରାର୍ଥନା ହେଉଛି, "ମୃତ୍ୟୋର୍ମା ଅମୃତଂ ଗମୟ" । ଫଳ ପାଇଁ ବ୍ୟସ୍ତ ନ ହୋଇ, ତୁମେ ତୁମ କର୍ମ କରିଯାଅ । ଗୋଟିଏ କାମନାରୁ ଅନ୍ୟ ଗୋଟିଏ କାମନା ଜନ୍ମ ନିଏ । ତେଣୁ କାମନା ହ୍ରାସ କର । ଯାହା କିଛି କରୁଛ, ଭଗବାନଙ୍କ ନାମ ନେଇ କର । ଭାବ ନାହିଁ ଯେ ତାହା ତୁମେ କରୁଛ । ମନ୍ଦିରକୁ ଯଦି କେହି ଏକ ଚିତ୍ର ଦିଏ, ଅମୁକ ଲୋକ ତାହା ଦେଇଛନ୍ତି ବୋଲି ଦାତାଙ୍କ ନାମ ଲେଖାଯାଏ । ଜଣେ ଯଦି

ଏକ ଟ୍ୟୁବ୍ ଲାଇଟ୍ ଦିଏ, ଦାତାଙ୍କ ନାମ ଟ୍ୟୁବ୍ ଉପରେ ଲେଖାଯାଏ । ଏହାଫଳରେ ଆଲୋକ କ୍ଷୀଣ ହୋଇଯାଏ ଓ ଅହଙ୍କାର ବୃଦ୍ଧି ପାଏ । 'ମୁଁ ଦେଉଛି' ଭାବି ତୁମେ ଯଦି କିଛି ଦିଅ, ତୁମ ଦାନ ପାଇଁ ତୁମେ ପୁରସ୍କାର ପାଇବା କଥା ଓ ସେଥିପାଇଁ ତୁମକୁ ଆଉ ଥରେ ଜନ୍ମ ନେବାକୁ ହୁଏ । ଭଲ କାମ କଲେ ପୁରସ୍କାର ଓ ମନ୍ଦ କାମ କଲେ ଶାସ୍ତି – ଏ ଉଭୟ ପାଇଁ ତୁମକୁ ଜନ୍ମ ନେବାକୁ ହୁଏ । ତେଣୁ ତୁମର ସମସ୍ତ ଇଚ୍ଛା ଈଶ୍ୱରଙ୍କୁ ନୈବେଦ୍ୟ କରି, ନିଜର କର୍ତ୍ତବ୍ୟ ମନେକରି କର୍ମ କରିଯାଅ । ଉକ୍ତ କର୍ମ ପ୍ରଭୁଙ୍କ ପଦପଙ୍କଜରେ ସମର୍ପିତ ହେଉ, ତାହା ହିଁ ତାଙ୍କର ଆରାଧନା ହେଉ । ତେବେ ପୁନରପି ଜନ୍ମର ଅବକାଶ ରହିବ ନାହିଁ । ତେଣୁ ଯିଏ କର୍ମଯୋଗୀ ସେ ଭକ୍ତିପୂତ ଚିତ୍ତରେ ନିଜକୁ ଈଶ୍ୱରଙ୍କଠେ ସମ୍ପୂର୍ଣ୍ଣ ଭାବେ ସମର୍ପି, ସେ କରୁଥିବା ପ୍ରତିଟି କର୍ମ ଯଦି ଭଗବାନଙ୍କୁ ଅର୍ପଣ କରେ, ତେବେ ତାର ଆଉ ପୁନର୍ଜନ୍ମ ରହେ ନାହିଁ । ଅନ୍ୟ ପକ୍ଷରେ ଜ୍ଞାନଯୋଗୀକୁ ଈଶ୍ୱର ସାକ୍ଷାତ୍କାର ପାଇଁ ଅଧିକରୁ ଅଧିକ ଗଭୀରକୁ ଯାଇ 'C' ଅକ୍ଷରର ସେହି ଶୂନ୍ୟତାକୁ ଭରିବାକୁ ହୋଇଥାଏ । ଭକ୍ତି ଯୋଗୀକୁ ସୃଷ୍ଟିର ସମସ୍ତ କିଛି ପ୍ରଭୁଙ୍କର ମହିମା ଓ ଶକ୍ତିର ପରିପ୍ରକାଶ ଭାବେ ଦେଖିବାକୁ ହୁଏ । ସେତେବେଳେ 'ଅସତୋ ମା ସଦ୍‌ଗମୟ' ପ୍ରାର୍ଥନା ସାର୍ଥକତା ଲାଭ କରେ ।

❖❖❖

୭

ପ୍ରଚଣ୍ଡ, ରହସ୍ୟମୟ, କୌତୂହଳପ୍ରଦ

ଯାହା ବୋଧାତୀତ ତାହାକୁ ବୁଝିପାରିବା ଏକ ଜଟିଳ ବ୍ୟାପାର । ଆମର ତାର୍କିକ ବୁଦ୍ଧି ଓ ବିଚାରଶକ୍ତି ଏକ ନିର୍ଦ୍ଦିଷ୍ଟ ସୀମାରୁ ଊର୍ଦ୍ଧ୍ୱକୁ ଯାଇ ପାରନ୍ତି ନାହିଁ । ଆମେ ଯେ କେବଳ ବୁଝିପାରୁନା ତାହା ନୁହଁ, ଆମ ଅନ୍ତରର କାମନା ଆମକୁ ତାହା ହିଁ ବୁଝିବାକୁ ଦିଏ, ଯାହା ଆମେ ବୁଝିବାକୁ ଚାହୁଁ । ତୁମେ ଯଦି କିଛି ଏକ ବିଷୟ ବୁଝିବା ଚାହଁ ନାହିଁ, ତେବେ ତାହା କେବେ ବୁଝିପାରିବ ନାହିଁ । ଆମର ଶିକ୍ଷାଦୀକ୍ଷା, ମନର ବଦ୍ଧମୂଳ ଧାରଣା ତଥା ସୀମିତ ସାମର୍ଥ୍ୟ ଦ୍ୱାରା ଏହା ପ୍ରଭାବିତ ହୁଏ । ତୁମେ ଯଦି କୌଣସି ବିଷୟ ବା ବସ୍ତୁକୁ କଳ୍ପନା କରିବା ଚାହଁ, ତାହାର ମଧ୍ୟ ଏକ ନାମ ରହିବା ଆବଶ୍ୟକ। କୌଣସି ନାମ ନଥାଇ ତୁମେ କିଛି ଏକ ବିଷୟ ବା ବସ୍ତୁ କଳ୍ପନା କରିପାରିବ ନାହିଁ । ଆମେ ଆମର ରୁଚି, ଇଚ୍ଛା ଓ ଖିଆଲ ଅନୁସାରେ ବିଭିନ୍ନ ବିଷୟ କଳ୍ପନା କରିଥାଉ । ତେଣୁ ଏହାକୁ କଳ୍ପନା କୁହାଯାଏ । ସ୍ୱାମୀ କହନ୍ତି, "ଯଦ୍ ଭାବଂ ତଦ୍ ଭବତି" - ଅର୍ଥାତ୍ ତୁମେ ନିଜକୁ ଯେମିତି ଭାବିବ ସେମିତି ହେବ ।

ଈଶ୍ୱରଙ୍କର ତିନୋଟି ସ୍ୱଭାବ ଥାଏ । ସୁଜାନୋ ଓଟୋ ନାମକ ଜଣେ ଜର୍ମାନ୍ ଲେଖକ "ପବିତ୍ର ଭାରତ" (ଇଣ୍ଡିଆ ଦି ହୋଲି) ନାମକ ଏକ ପୁସ୍ତକ ରଚନା କରିଛନ୍ତି । ଜର୍ମାନ୍‌ମାନେ ଯାହା କରନ୍ତି ତାହା ସର୍ବାଙ୍ଗ ସୁନ୍ଦର ଭାବେ କରନ୍ତି । ମନେ କରନ୍ତୁ, ଜଣେ ଇଂରେଜ, ଫରାସୀ, ପୋଲାଣ୍ଡର ଅଧିବାସୀ ଓ ଜର୍ମାନ୍‌ଙ୍କୁ ହାତୀ ଉପରେ ଏକ ବହି ଲେଖିବାକୁ କୁହାଯିବ। ଇଂରେଜ ବ୍ୟକ୍ତି ହାତୀ ଶିକାର କିପରି କରାଯାଏ ଲେଖିବ, ଫରାସୀ ବ୍ୟକ୍ତି ହାତୀର ପ୍ରେମ ଜୀବନ ସମ୍ବନ୍ଧରେ ଲେଖିବ, ପୋଲାଣ୍ଡର ଲେଖକ ହାତୀ ଓ ପୋଲାଣ୍ଡରେ ଉପୁଜୁଥିବା ସମସ୍ୟା ସମ୍ବନ୍ଧରେ ଲେଖିବ (କାରଣ ପୋଲାଣ୍ଡ ଦେଶର ଏକାଧିକବାର ବିଭାଜନ ଓ ଏକୀକରଣ ହୋଇଛି ଓ ଉକ୍ତ ସମସ୍ୟା ଅଦ୍ୟାବଧି ବଳବତ୍ତର ରହିଛି) । ଜର୍ମାନ ଲେଖକ କିନ୍ତୁ ହାତୀ ଉପରେ ଏକ ଜ୍ଞାନକୋଷ ଲେଖିବ । ପ୍ରତ୍ୟେକ ବିଷୟକୁ ସେମାନେ ଏହିଭଳି ତନ୍ନ ତନ୍ନ ଭାବେ ପର୍ଯ୍ୟାଲୋଚନା କରନ୍ତି । ବିଷୟକୁ ସମ୍ପୂର୍ଣ୍ଣଭାବେ ଶେଷ କରି ଆମକୁ ମଧ୍ୟ ଶେଷ କରିଦିଅନ୍ତି । ସୁଜାନୋ ଓଟୋ ତାଙ୍କର "ପବିତ୍ର ଭାରତ" ପୁସ୍ତକରେ ପବିତ୍ରତାର ତିନୋଟି ବିଭାବ ସମ୍ବନ୍ଧରେ ଲେଖିଛନ୍ତି । ପ୍ରଥମଟି ପ୍ରଚଣ୍ଡ, ଦ୍ୱିତୀୟଟି ରହସ୍ୟମୟ ଓ ତୃତୀୟଟି କୌତୂହଳପ୍ରଦ ।

"ପ୍ରଚଣ୍ଡ" ହେଉଛି ତାହା ଯାହା ମନରେ ଭୀତି ସଞ୍ଚାର କରେ । ଏହା ଏମିତି କିଛି ଯାହା ସମ୍ବନ୍ଧରେ ଆମେ କୌଣସି ଧାରଣା କରିପାରିବା ନାହିଁ । ଯାହାକୁ ନିୟନ୍ତ୍ରଣ

କରିପାରିବା ନାହିଁ ଓ ଅନ୍ୟକୁ ବୁଝେଇ ପାରିବା ନାହିଁ । ଆମେ କୌଣସି ବ୍ୟକ୍ତି ବା ବସ୍ତୁକୁ ତାର ନାମରୁ ଚିହ୍ନିଥାଉ, କିନ୍ତୁ ସ୍ୱାମୀ କହନ୍ତି, "ମୋର କୌଣସି ନାମ ନାହିଁ ।" ତୁମେ କୌଣସି ଡାକ୍ତର ପାଖକୁ ଯାଇ ଯଦି କୁହ, "ମୋତେ ଏଇଆ ହେଇଛି", ତୁମ କଥାରୁ ଡାକ୍ତର କିଛି ଠଉରେଇ ପାରିବ ନାହିଁ । ତୁମେ ଯଦି କୁହ, "ମୋତେ ଜର ହେଇଛି", ତେବେ ସେ ତୁମକଥା ବୁଝିପାରିବ । ସ୍ୱାମୀ କହନ୍ତି, "ମୋର ନାମ ନାହିଁ ।" ଏହା ଏକ ରହସ୍ୟ, ଏକ ବିସ୍ମୟ ! ସେ ପୁଣି କହନ୍ତି, "ମୋତେ ତୁମେ ଯେକୌଣସି ନାମରେ ଡାକିପାର, ମୁଁ ତୁମ ଡାକ ଶୁଣିବି ।" ଏହି କଥାଟି ତୁମେ ବୁଝିବ କିପରି ? ଏମିତି କହି ସେ ତୁମ ମନରେ ଏକ ପ୍ରକାର ଭୟ ସୃଷ୍ଟି କରନ୍ତି । ଶଙ୍କରାଚାର୍ଯ୍ୟ ବାରାଣସୀ ଯାଇ ସେଠାରେ ଶିବଙ୍କ ସମ୍ମୁଖରେ ପ୍ରାର୍ଥନା କଲେ, "ପ୍ରଭୁ ! ମୁଁ କରିଥିବା ତିନୋଟି ପାପ ପାଇଁ ମୋତେ କ୍ଷମା କର । ତୁମେ ନିରାକାର, କିନ୍ତୁ ଏହି ଲିଙ୍ଗକୁ ଦେଖି ମୁଁ ଭାବୁଛି ଯେ ଏହା ହିଁ ତୁମ ଆକାର । ତୁମେ ସର୍ବତ୍ର ବିଦ୍ୟମାନ, କିନ୍ତୁ ଅନ୍ୟତ୍ର ଅପେକ୍ଷା ତୁମେ ଏଠାରେ ଅଧିକ ବିରାଜମାନ ଭାବି ମୁଁ ତୁମ ଦର୍ଶନ ପାଇଁ ଏଠାକୁ ଆସିଛି । ତୁମେ ନାମରହିତ, ଅଥଚ ମୁଁ ତୁମକୁ ନାମ ଦେଇ ପ୍ରାର୍ଥନା କରୁଛି । ନାମରହିତ, ରୂପରହିତ ଓ ସ୍ଥାନାତୀତଙ୍କୁ ମୁଁ ନାମ, ରୂପ ଓ ସ୍ଥାନ ଦେଇ ଆରାଧନା କରୁଛି । ମୋର ଏହି ତିନୋଟି ପାପକୁ ତୁମେ ମାର୍ଜନା କର ।" ସେହିଭଳି ସ୍ୱାମୀ, ବାବା, ସାଇବାବା ବା ସତ୍ୟସାଇ ବାବା କହି ତୁମେ ଯେତେବେଳେ ତାଙ୍କୁ ସମ୍ବୋଧନ କର, ସେତେବେଳେ ତୁମେ ଅନାମକୁ ନାମ ଦେଉଛ ବୋଲି ଜାଣ ! ଥରେ ଜଣେ ଆମେରିକୀୟ ମୋତେ ଲେଖିଥାନ୍ତି, "ଆପଣ ଏ କ'ଣ କରୁଛନ୍ତି ? ଆପଣଙ୍କର ପୁସ୍ତକର ପୁରୋଭାଗରେ ଆପଣ ସତ୍ୟସାଇ ବାବା କହି ତାଙ୍କୁ ଉଲ୍ଲେଖ କରିଛନ୍ତି, ଅନ୍ତର୍ଭାଗରେ ବାବା କହିଛନ୍ତି ଓ ପଶ୍ଚାଭାଗରେ 'ସାଇବାବା' କହିଛନ୍ତି । ଏସବୁ କ'ଣ ?" ସେ ସବୁକିଛି । ତାଙ୍କୁ ରାମ କହିପାରନ୍ତି, ସାଇବାବା କହିପାରନ୍ତି, ସତ୍ୟସାଇ ବାବା କହିପାରନ୍ତି । ଆପଣ କହିପାରନ୍ତି ଆପଣଙ୍କୁ କିଭଳି ସମ୍ବୋଧନ କରିବା ଉଚିତ ତାହା ମୁଁ ଜାଣେ ନାହିଁ । ଆପଣଙ୍କର ଏହି ଉକ୍ତି ହିଁ ହେବ ଏକ ସମ୍ବୋଧନ । ତେଣୁ ସେ 'ପ୍ରଚଣ୍ଡ' । ତାଙ୍କ ସଙ୍ଗେ ରହିବା ସମୟରେ ଆପଣଙ୍କୁ ଭୟ ଲାଗେ । ଯେତିକି ନିକଟରେ ରହିବେ, ସେତିକି ଭୟ ଲାଗିବ । ଥରେ ଭାବି ଦେଖନ୍ତୁ, ପଚାଶ ହଜାର ଲୋକ କୌଣସି ସ୍ଥାନରେ ସମବେତ ହୋଇ ତୁନି ତୁନି କଥା ହେଉଥିବେ, ସେମାନଙ୍କ ସମ୍ମିଳିତ ସ୍ୱରକୁ ନେଇ ବଡ଼ ଶବ୍ଦ ସୃଷ୍ଟି ହେଉଥିବ ଏବଂ ଯେତେବେଳେ ସ୍ୱାମୀ ସେଠାକୁ ଆସିଯିବେ, ତତ୍‌କ୍ଷଣାତ୍ ସମ୍ପୂର୍ଣ୍ଣ ନୀରବତା ଚାଲି ଆସିବ । ତାହା ଆମ ମନରେ ଏକ ଭୟମିଶ୍ରିତ ବିସ୍ମୟ ସୃଷ୍ଟି କରିବ । କେବଳ ଭଗବାନଙ୍କ ପକ୍ଷରେ ଏଭଳି ପ୍ରଶାନ୍ତି ସୃଷ୍ଟି କରିବା ସମ୍ଭବ । ନିଜକୁ ହମ୍‌ବଡ଼ା ମନେ କରୁଥିବା ଜଣେ ଉଚ୍ଚପଦସ୍ଥ ସରକାରୀ କର୍ମଚାରୀ ଥରେ ମଦୁରାଇରୁ ଆସିଥା'ନ୍ତି ଓ ଆସିବା ପୂର୍ବରୁ ସେ ତାଙ୍କର କାର୍ଯ୍ୟ ନିର୍ଘଣ୍ଟ ପଠେଇଥା'ନ୍ତି । ସେ ଏଠାରେ

ପହଞ୍ଚିବା ବେଳକୁ ତାଙ୍କୁ ପାଛୋଟି ନେବା ପାଇଁ କେହି ନଥାନ୍ତି ? ଭିତରକୁ ଆସି ସେ ଦେଖନ୍ତି ପ୍ରାୟ ଛ'ହଜାର ଲୋକ ଜମା ହୋଇଛନ୍ତି । କେହି ନାହାନ୍ତି ଭାବୁଥିଲେ, ଅଥଚ ଛ'ହଜାର ଲୋକ ଦେଖିବାକୁ ମିଳିଲେ । ଏଭଳି ପ୍ରଶାନ୍ତି କେବଳ ଏକ ପବିତ୍ର ବାତାବରଣରେ ସମ୍ଭବ । ଏଣୁତେଣୁ କଥା କହି ବାତାବରଣକୁ କଳୁଷିତ କରିବା, ଅନ୍ୟ ବିରୁଦ୍ଧରେ ଦୁଷ୍ଟ ଚିନ୍ତା କରିବା ବା ବିଦ୍ୱେଷଭାବ ପୋଷଣ କରିବା ଅନୁଚିତ । ମନରେ ଏହି ଭାବ ଭୟରୁ ଜାତ ହୁଏ । ସ୍ୱାମୀଙ୍କ ସନ୍ନିଧିରେ ୩୬ ବର୍ଷ ବିତିଯିବା ପରେ ମଧ୍ୟ ଆଜି ମୋ ବକ୍ତବ୍ୟ ଶେଷରେ ଯଦି କେହି ଜଣେ ଆସି ମୋତେ କହେ ଯେ ସ୍ୱାମୀ ଡାକୁଛନ୍ତି, ମୁଁ ହଠାତ୍ ଭାବି ବସିବି, ହୁଏତ ମୁଁ ଆପଣମାନଙ୍କୁ କହିଥିବା କିଛି କଥା ତାଙ୍କର ପସନ୍ଦ ହେଲା ନାହିଁ । ହୁଏତ ସେ ମୋତେ କହିବେ, "କାହିଁକି ତୁ ଏମାନଙ୍କ ଆଗରେ ଏକ ପରିହାସର ବସ୍ତୁ ହେଉଛୁ ?" ମୁଁ ହୁଏତ ଅଜାଣତରେ କିଛି ଭୁଲ କରି ବସିଛି । ହୁଏତ ସେ ମୋତେ ବହିଷ୍କାର କରିଦେବେ । ଆଉ କେଉଁଠେ କିଛି କହିବା ପାଇଁ ବାରଣ କରିବେ । ନିଶ୍ଚୟ ମୋ କପାଳକୁ କିଛି ଶାସ୍ତି ଅଛି ! ମୋ ମନକୁ ଏଭଳି ଭୟ ଆସିଥାଏ । ମୋ ଛାତି ଧକ୍ ଧକ୍ କରିବା ଆରମ୍ଭ କରେ । ଅତୀତରେ ମୋ ମାଁଙ୍କର ଜୀବିତାବସ୍ଥାରେ ସ୍ୱାମୀ ମୋତେ ଡାକି ଆଣିବା ପାଇଁ କାହାକୁ ପଠଉଥାନ୍ତି । ମୁଁ ସ୍ୱାମୀଙ୍କ ପାଖକୁ ଯିବା ସମୟରେ ମୋ ମା ଘରେ ବସି ପ୍ରାର୍ଥନା କରେ, "ସ୍ୱାମୀ, ତୁମେ କସ୍ତୁରୀର ଦୋଷ ବାଛିବନି । ତାକୁ ଧକ୍‌କା ମାରି ବାହାର କରିଦେବନି । କସ୍ତୁରୀକୁ ତୁମଠେ ରଖିଥିବ ପ୍ରଭୁ, ତୁମଠେ ରଖିଥିବ ।" ଏଣେ ମୁଁ ତାଙ୍କ କକ୍ଷକୁ ପ୍ରବେଶ କରିବା ପାଇଁ ପାହାଚ ଚଢ଼ିବା ସମୟରେ, ପ୍ରତ୍ୟେକ ପାହାଚକୁ ମୁଣ୍ଡିଆ ମାରି ଉପରକୁ ଉଠିଥାଏ । ଏସବୁ ହେବା ପରେ "ଆରେ କସ୍ତୁରୀ, ମୋ ପାଖରେ କିଛି ଭଲ ଆମ୍ବ ଅଛି । ତୁ ସେଥିରୁ କିଛି ନେ" କହି ସ୍ୱାମୀ ମୋ ହାତକୁ କିଛି ଆମ୍ବ ବଢ଼େଇ ଦିଅନ୍ତି । ତାପରେ ମୁଁ ମନ ଆନନ୍ଦରେ ମୋ ମାଁ ପାଖକୁ ଧାଇଁଯାଏ ଓ ସେତେବେଳେ ଉଭୟ ମାଁ-ପୁଅଙ୍କ ପାଇଁ ତାହା ହୁଏ ଏକ ମହୋତ୍ସବ । ଭୟ । ଭୟ । ଅନିଶ୍ଚିତତାର ଭୟ ! ଅଜ୍ଞେୟର ଭୟ ! ଅପରିମେୟର ଭୟ ! ଅନାମର ଭୟ । ଭଗବାନଙ୍କ ରୂପରେ ସ୍ୱାମୀଙ୍କୁ ଦେଖି ଭୟ ।

ଥରେ ଗ୍ରୀଷ୍ମାବକାଶରେ ଅନେକ ଛାତ୍ରଙ୍କୁ ଏକ ମାସ ଧରି ଏକ ଗ୍ରୀଷ୍ମ ଶିବିରରେ ରଖାଯାଇଥାଏ । ଛାତ୍ରମାନଙ୍କ ମଧ୍ୟରୁ ଜଣେ ଧୂମପାନ କରିବା ଉଦ୍ଦେଶ୍ୟରେ ଶିବିରରୁ ଖସି ଏକ ବୁଦା ପଛପଟେ ଧୂମପାନ କଲା ଓ ତାକୁ କେହି ଦେଖି ନାହାନ୍ତି ଭାବି ଖୁସିରେ ଶିବିରକୁ ଫେରି ଆସିଲା । ପରଦିନ ସନ୍ଧ୍ୟାରେ ସ୍ୱାମୀ ତାକୁ କହିଲେ, "କିରେ, ବୁଦା ପଛପଟେ ସିଗାରେଟ୍ ଟାଣୁଥିଲୁ ?" ପିଲାଟି କହିଲା, "ନା' ସ୍ୱାମୀ, ମୁଁ ସିଗାରେଟ୍ ପି' ନାହିଁ ।" ସ୍ୱାମୀ ସେହି ପିଲା ବୁଦା ପଛପଟେ ସିଗାରେଟ ଟାଣୁଥିବା ଏକ ଛବି ଶୂନ୍ୟରୁ ସୃଷ୍ଟି କରି ତାକୁ ଦେଖେଇଲେ । ତେଣୁ ସେ ଯେ ଆପଣଙ୍କ ମଧ୍ୟରେ ଅଛନ୍ତି ଓ ଆପଣ କରୁଥିବା

ପ୍ରତିଟି କର୍ମ ଗୁପ୍ତଭାବେ ଦେଖୁଛନ୍ତି - ଏହି ଭୟ ସବୁବେଳେ ମନରେ ରହିଥାଏ । ଆପଣ ଯାହାକିଛି କହନ୍ତି, ଦେଖନ୍ତି ବା ଭାବନ୍ତି, ସେସବୁ ସେ ଜାଣିଥା'ନ୍ତି । କାରଣ ସେ କହନ୍ତି 'ନେନୁ ନି ହୃଦୟବାସୀ' - ମୁଁ ତୁମ ହୃଦୟବାସୀ । ଗୀତା କହେ, "ସର୍ବତଃ ପାଣିପାଦମ୍ ସର୍ବତୋଽକ୍ଷିଶିରୋମୁଖମ୍" - ମୋର ହସ୍ତ, ପାଦ, ଚକ୍ଷୁ, ଶିର, ମୁଖ ସର୍ବତ୍ର ବିଦ୍ୟମାନ । ଏହାର ପ୍ରମାଣ ଆମେ ଏହିଠାରେ ପାଉ ! ତେଣୁ ଆପଣ ନିର୍ଭୟରେ ରହିବେ କିପରି ? ଏହି ଅର୍ଥରେ 'ପ୍ରଚଣ୍ଡ' ଶବ୍ଦର ପ୍ରୟୋଗ କରାଯାଇଛି ! ସ୍ୱାମୀ କହନ୍ତି, "ଏହି ସ୍ଥାନକୁ ତୁମର ଘର ମନେକର, ଏଠାକାର ସମସ୍ତ ସୁବିଶାଳ ସୌଧ, ମନ୍ଦିର, ସଭାଗୃହ ତୁମରି ପାଇଁ ନିର୍ମିତ । ମୁଁ ଏସବୁ ସ୍ଥାନରେ ରହେ ନାହିଁ । ମୁଁ ତୁମ ହୃଦୟରେ ରହିଥାଏ । ତାହା ହିଁ ମୋର ନିବାସ ।" ସେ ସମସ୍ତଙ୍କ ହୃଦୟରେ ରହି ସବୁ ଲକ୍ଷ୍ୟ କରୁଥା'ନ୍ତି । ତେଣୁ ମୁଁ ମୋର ମହାନ୍ ତତ୍ତ୍ୱାବଧାରକଙ୍କ ଛତ୍ରଛାୟାରେ ରହୁଛି । ସେ ସବୁ ଦେଖୁଛନ୍ତି, ସବୁ ଶୁଣୁଛନ୍ତି, ସବୁ ଜାଣୁଛନ୍ତି । ତେଣୁ ତାଙ୍କୁ ଭୟ କରିବା ସ୍ୱାଭାବିକ ।

ତାପରେ ସେ 'ରହସ୍ୟମୟ' । ରୋଥମନ୍ ନାମକ ଜଣେ ଖ୍ରୀଷ୍ଟିଆନ ଯାଜକ ଏକ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ପ୍ରଶିକ୍ଷକ ଥା'ନ୍ତି । ଆଚାର ଶାସ୍ତ୍ରରେ ସେ ପି.ଏଚ୍.ଡି. ଲାଭ କରିଥା'ନ୍ତି । ତାଙ୍କର ଧର୍ମପତ୍ନୀଙ୍କର କିଛି ଏକ ଅତୀନ୍ଦ୍ରିୟ ଶକ୍ତି ଥାଏ ଓ ସେସମୟରେ ସେ ଟୋରାଣ୍ଟୋର ଦୂରଦର୍ଶନରେ 'ବିଚାରଶକ୍ତିର ଅତୀତ' ଶୀର୍ଷକ ଏକ କାର୍ଯ୍ୟକ୍ରମ ଉପସ୍ଥାପନ କରୁଥା'ନ୍ତି । ଏହି କାର୍ଯ୍ୟକ୍ରମରେ ଯେକୌଣସି ବ୍ୟକ୍ତି ତାଙ୍କୁ ଏକ କାଗଜରେ କିଛି ଲେଖି ଦେଉଥାଏ ଏବଂ ସେ ଉକ୍ତ ବ୍ୟକ୍ତିର ନାମ, ବୟସ ତଥା ପ୍ରକାଶଯୋଗ୍ୟ ସମସ୍ତ ତଥ୍ୟ କହିଦେଇ ପାରୁଥା'ନ୍ତି । ଏହି କାର୍ଯ୍ୟକ୍ରମ ତାଙ୍କ ଦେଶର ଦୂରଦର୍ଶନରେ ପୂରା ଏକ ବର୍ଷ ଚାଲିଲା । ଥରେ ଏହି ଦମ୍ପତି ସ୍ୱାମୀଙ୍କ ନିକଟକୁ ଆସିଥା'ନ୍ତି ଓ ସେମାନେ ଜାଣିଥା'ନ୍ତି ଯେ ସ୍ୱାମୀ ଏକ ପ୍ରଚଣ୍ଡ, ରହସ୍ୟମୟ ତଥା କୌତୂହଳପ୍ରଦ ବ୍ୟକ୍ତିତ୍ୱ । ଦିନେ ଉକ୍ତ ମହିଳା ତାଙ୍କ କାର୍ଯ୍ୟକ୍ରମର ରେକର୍ଡ଼ିଂ ପାଇଁ ଟି.ଭି. ଷ୍ଟୁଡ଼ିଓକୁ ଯିବା ପୂର୍ବରୁ ତାଙ୍କ ସ୍ୱାମୀଙ୍କୁ କହିଲେ, "ଦେଖ, ଆଜି ମୋ ଦେହ ଭଲ ଲାଗୁନି । ମୋର ମନେ ହେଉଛି, ଆଜି ଯେତେବେଳେ ଲୋକମାନେ କାଗଜରେ କିଛି ଲେଖି ମୋତେ ଦେବେ, ମୁଁ ହୁଏତ ସେମାନଙ୍କ ସମ୍ବନ୍ଧରେ କିଛି କହିପାରିବି ନାହିଁ । ତେଣୁ ଭଗବାନଙ୍କୁ ପ୍ରାର୍ଥନା କର, ମୁଁ ଯେପରି ଆଜି ସବୁ ଠିକ୍ ଠିକ୍ କହେ ।" ସେ ତାଙ୍କ ସ୍ୱାମୀଙ୍କୁ ନିର୍ଦ୍ଦିଷ୍ଟ ଭାବେ କହିଥା'ନ୍ତି ଯେ ସକାଳ ୯.୩୦ରେ ତାଙ୍କର କାର୍ଯ୍ୟକ୍ରମ ରେକର୍ଡ଼ିଂ ହେବ ଓ ସେ ଉତ୍ତର ଦେବା ପାଇଁ କ୍ୟାମେରା ସାମ୍ନାରେ ଥିବେ, ତେଣୁ ଠିକ୍ ସେହି ସମୟରେ ତାଙ୍କୁ ମଣ୍ଟ୍ରିଅଲ୍‌ର କାଥୋଲିକ୍ ଗୀର୍ଜାଘରେ ପ୍ରାର୍ଥନା କରିବାକୁ ହେବ । ତାଙ୍କ ସ୍ୱାମୀ ମୋତେ ଲେଖିଥିଲେ, "ମୁଁ ଜଣେ କେହି ମୋତେ ଦେଇଥିବା ସାଇବାବାଙ୍କ ସମ୍ବନ୍ଧୀୟ ଏକ ବହି ପଢୁଥାଏ । ସକାଳ ୯.୩୦ରେ ମୁଁ ଗୀର୍ଜାଘରକୁ ଗଲି ଓ ସେଠାରେ

ପୂଜାପୀଠର ସମ୍ମୁଖରେ ନତଜାନୁ ହୋଇ ମୋତେ ଯାହା କୁହାଯାଇଥିଲା ତାହା ପ୍ରାର୍ଥନା କଲି । ମୁଁ ଭଗବାନଙ୍କୁ, ଯୀଶୁଖ୍ରୀଷ୍ଟଙ୍କୁ, ସେଣ୍ଟ ପଲ୍‌ଙ୍କୁ ଓ ଅନ୍ୟାନ୍ୟ ସାଧୁ, ସନ୍ଥ ତଥା ଦେବଦୂତଙ୍କୁ ଆମର ସାହା ହୋଇ ଆମ ସମ୍ମାନ ରକ୍ଷା କରିବା ପାଇଁ ପ୍ରାର୍ଥନା କଲି । ନତଜାନୁ ହେବା ସମୟରେ ମୁଁ ସାଇବାବାଙ୍କର ଯେଉଁ ବହିଟି ପଢୁଥାଏ, ତାହାକୁ ପୂଜାପୀଠରେ ରଖିଥାଏ । ପ୍ରାର୍ଥନା ସାରି ମୁଁ ଘରକୁ ଫେରିଲି । ସନ୍ଧ୍ୟାରେ ମୋ ସ୍ତ୍ରୀ ମୋତେ ଫୋନ୍ କରିଥାଏ । ତାଙ୍କ ସ୍ୱରରେ ଏକ ଆନନ୍ଦୋତ୍ସାହ ପରିଲକ୍ଷିତ ହେଉଥାଏ । ସେ ମୋତେ କହୁଥା'ନ୍ତି ଯେ ରେକର୍ଡ଼ିଂ ସମୟରେ ସେ ସ୍ୱାମୀଙ୍କୁ ସଶରୀରେ ଦେଖିଲେ ଏବଂ ସ୍ୱାମୀ ତାଙ୍କ କାନରେ ପ୍ରତିଟି ପ୍ରଶ୍ନର ଉତ୍ତର ତୁନି ତୁନି କହୁଥା'ନ୍ତି । ଅନ୍ୟ ସମୟରେ ସେ ଏହା ନିଜେ ନିଜେ କରିପାରୁଥା'ନ୍ତି କିନ୍ତୁ ସେଦିନ ସେ ଅସୁସ୍ଥ ଥା'ନ୍ତି ଓ ଭଗବାନଙ୍କର ସାହାଯ୍ୟ ଚାହୁଁଥାନ୍ତି । ସ୍ୱାମୀ ଚମତ୍କାରଭାବେ ତାଙ୍କୁ ସାହାଯ୍ୟ କଲେ ।

କର୍ଣ୍ଣାଟକରେ ଜୋଗ ଫଲ୍‌ସ ନାମରେ ଏକ ପ୍ରସିଦ୍ଧ ଜଳପ୍ରପାତ ଅଛି । ଏଠାରେ ୮୦୦ ଫୁଟ୍ ଉଚ୍ଚରୁ ଜଳ ତଳେ ପଡ଼ିଥାଏ । ଏହା ଏକ ଅତ୍ୟନ୍ତ ରମଣୀୟ ସ୍ଥାନ । ଏହି ଜଳପ୍ରପାତ ସମ୍ବନ୍ଧରେ କନ୍ନଡ଼ ଭାଷାରେ ଏକ ଲୋକଗୀତ ରହିଛି । ସେହି ଗୀତ କହେ, "ମଣିଷ ଜନ୍ମ ପାଇ ଦେଖିଛ କ'ଣ ? ମୃତ୍ୟୁ ପୂର୍ବରୁ ଅନ୍ତତଃ ଥରେ ଯାଇ ଜୋଗ୍ ଫଲସ୍ ଦେଖି ଆସ ।" ଭି.ଜି. କୁଲକର୍ଣ୍ଣି ନାମକ ଜଣେ ସ୍ୱାମୀଙ୍କ ଭକ୍ତ ଉକ୍ତ ସ୍ଥାନରେ ପଥରକୁ କାଟି ତିଆରି ହୋଇଥିବା କଠିନ ତଥା ବନ୍ଧୁର ପାହାଚ ଦେଇ ୮୦୦ ଫୁଟ୍ ତଳକୁ ଆସି ଯାଇଥିଲେ । ସେହି ବୃଦ୍ଧ ବ୍ୟକ୍ତି ସବା ତଳ ପାହାଚରେ ଥା'ନ୍ତି । ଜଳପ୍ରପାତ ଚାରୋଟି ଧାରରେ ବିଭକ୍ତ ହୋଇଥାଏ । ଗୋଟିଏ ଯାଗାରେ ତାହା ଘର୍ଘର ନାଦରେ ତଳକୁ ପଡୁଥାଏ । ଆଉ ଏକ ସ୍ଥାନରେ ଶିଳାଖଣ୍ଡ ଉପରେ ଏକ ସୂକ୍ଷ୍ମ କାର୍ପାସ ବସ୍ତ୍ର ବିଛେଇ ଦେବାଭଳି ଜଳରାଶି ଧୀରବେଗରେ ବହିଯାଉଥା'ନ୍ତି । ଆଉ ଏକ ପ୍ରଶାଖାରେ ଜଳ ଏକ ରକେଟ୍ ଭଳି ଦ୍ରୁତଗତିରେ ତଳକୁ ପଡୁଥାଏ ଓ ଅନ୍ୟ ଏକ ଶାଖାରେ ଗୁରୁଗମ୍ଭୀର ନାଦରେ ଜଳ ନିମ୍ନକୁ ଗତି କରୁଥାଏ । ଜଳପ୍ରପାତର ସେହି କମନୀୟ ଦୃଶ୍ୟରେ ଉକ୍ତ ବୃଦ୍ଧ ସମ୍ପୂର୍ଣ୍ଣ ମନ୍ତ୍ରମୁଗ୍ଧ ହୋଇ ଯାଇଥା'ନ୍ତି । ସେତେବେଳକୁ ଅନ୍ଧାର ମାଡ଼ି ଆସିଥାଏ । ତାଙ୍କୁ ୮୦୦ ଫୁଟ୍ ଉପରକୁ ଉଠିବାକୁ ହେବ ! ୭୦ ବର୍ଷ ବୟସ ! ସେ ଭାବିଥା'ନ୍ତି ଯେ ଚାରିପାଖରେ ଅନ୍ୟମାନେ ଅଛନ୍ତି କିନ୍ତୁ ସେ ଯେତେବେଳେ ଦେଖିଲେ ଯେ ସମସ୍ତେ ସେତେବେଳକୁ ଫେରିଗଲେଣି, ତାଙ୍କ ଛାତି ଦକଦକ ହେଲା । ସେ ଭୟରେ ଚିତ୍କାର କଲେ, "ହେ ଭଗବାନ !" ଠିକ୍ ସେତିକିବେଳକୁ ଗୋଟିଏ ପିଲା 'ଅଜା' 'ଅଜା' କହି ଡେଇଁ ଡେଇଁ ତଳକୁ ଆସିଲା ଓ କୁଲକର୍ଣ୍ଣିଙ୍କୁ ତା'ହାତ ଧରିବାକୁ କହିଲା । ବୃଦ୍ଧ କୁଲକର୍ଣ୍ଣିଙ୍କ ହାତ ଧରି ପିଲାଟି ପାଦେ ପାଦେ ପାହାଚ ଚଢ଼ିଲା । ସେମାନେ ଆସି ଉପରେ ପହଞ୍ଚିଲେ । କୁଲକର୍ଣ୍ଣି ପାଖରେ ଥିବା

ମିଠା ଦୋକାନରୁ କିଛି ମିଠା କିଣି ପିଲାଟିକୁ ଦେବାକୁ ଚାହିଁଲେ । କିନ୍ତୁ ସେ ଆଉ ସେ ପିଲାକୁ ଦେଖି ପାରିଲେ ନାହିଁ । ସେ ହଠାତ୍ ଅଦୃଶ୍ୟ ହୋଇଗଲା । କୁଲକର୍ଣ୍ଣି ତାଙ୍କ ଛାତିରେ କୃଷ୍ଣଙ୍କ ଏକ ଛବି ଧରିଥାନ୍ତି, କାରଣ କୃଷ୍ଣ ଥିଲେ ତାଙ୍କର ଇଷ୍ଟ ଦେବତା । କୌଣସି ଗୋଟିଏ ପିଲା ଅଜାଙ୍କୁ ତଳେ ଏକାକୀ ଥିବା ଦେଖି ଯେ ତଳକୁ ଚାଲିଆସିଲା, ତାହା ନୁହଁ । କୁଲକର୍ଣ୍ଣି ଡାକ ଦେଲେ 'ହେ ଭଗବାନ' ଏବଂ ସ୍ୱାମୀ ସଙ୍ଗେ ସଙ୍ଗେ 'ଓ' କହି ଉତ୍ତର ଦେଲେ । ସ୍ୱାମୀ ଅନ୍ୟ କେଉଁଠୁ ଆସିନଥାନ୍ତି । ସେ ସବୁ ସମୟରେ ରହୁଥିବା ଆମ ହୃଦୟ ମଧ୍ୟରୁ ହିଁ ଆମ ଡାକ ଶୁଣନ୍ତି । ଆପଣ ତାଙ୍କୁ ଡାକନ୍ତୁ, ସେ ଆପଣଙ୍କ ଆଗରେ ଉଭା ହୋଇ ଆପଣ ଯାହା ଚାହିଁବେ ତାହା କରିବେ । ଏହା ଏମିତି ଏକ ରହସ୍ୟ ଯାହା ବୁଝେଇ ହେବ ନାହିଁ । ଆପଣଙ୍କ ବିଜ୍ଞାନ କହନ୍ତୁ ବା ବିଚାରଶକ୍ତି କହନ୍ତୁ – ତାହା ଇଂରାଜୀ ବର୍ଣ୍ଣମାଳାର 'O' ଅକ୍ଷର ନୁହଁ, 'C' ଅକ୍ଷର ଓ 'C' ଅକ୍ଷରର ଖାଲି ସ୍ଥାନକୁ ଭରିବାକୁ ହେବ । ତେଣୁ ଆପଣ ନା ଏହାକୁ ବୁଝି ପାରିବେ, ନା କଳନା କରିପାରିବେ, ନା କୌଣସି ଧାରଣା କରିପାରିବେ । ଏହା 'ରହସ୍ୟମୟ' ।

ତା'ପରେ ଏହା 'କୌତୂହଳପ୍ରଦ' । ସ୍ୱାମୀ ହୁଏତ ଆପଣଙ୍କ ଆଡ଼େ ଚାହୁଁ ନାହାନ୍ତି, କିନ୍ତୁ ଆପଣ ସ୍ୱାମୀଙ୍କୁ ଥରେ ନୁହଁ, ଥରକୁ ଥର ଚାହିଁବା ପାଇଁ ଇଚ୍ଛା କରିବେ । ଥରେ ତାଙ୍କର ପ୍ରେମର ପରିସର ମଧ୍ୟକୁ ଚାଲି ଆସିବା ପରେ ଆପଣ ବାରମ୍ବାର ଏଠାକୁ ଆସିବେ, ବାରମ୍ବାର ଦର୍ଶନ କରିବେ, ତେଣୁ ଏହା କୌତୂହଳପ୍ରଦ । ସୁଜାନୋ ଓଟୋ ତାଙ୍କର 'ପବିତ୍ର ଭାରତ' ପୁସ୍ତକରେ ଲେଖିଥିବା ଏହି ତିନୋଟି ଲକ୍ଷଣ ଆମେ ସ୍ୱାମୀଙ୍କ ମଧ୍ୟରେ ଦେଖିବାକୁ ପାଇଥାଉ ।

❖❖❖

୮

ମାତୃଭୂମିକୁ ଭଲପାଅ

ଆମେ ଯେ କେଉଠେ ଜନ୍ମ ହେବୁ, ତାହା ଆମେ ସ୍ଥିର କରୁ, ଆମେ ନିର୍ଣ୍ଣୟ କରୁ ଓ ଆମେ ପ୍ରୟାସ କରୁ । ଗୀତାରେ କୁହାଯାଇଛି, "ତୁମେ ଯଦି ଜଣେ ଉତ୍ତମ ସାଧକ ହୋଇଥାଅ, ତୁମ ମଧ୍ୟରେ ଯଦି ଈଶ୍ୱରଙ୍କ ପାଇଁ ବା ସେହି ମହତ୍ତର ଶକ୍ତି ପାଇଁ ଆତୁରତା ଥାଏ କିମ୍ବା ତୁମେ ତୁମ ଅହଙ୍କାରକୁ ଜୟ କରି ତୁମର ବର୍ଷ ବର୍ଷର ଜୀବନ ସାଧନାରେ ଅତିବାହିତ କରିବାର ଇଚ୍ଛା ପୋଷଣ କର ଏବଂ ତୁମେ ଏଥିରେ ସଫଳ ହେବା ପୂର୍ବରୁ ହିଁ ଯଦି ତୁମର ମୃତ୍ୟୁ ହୁଏ, ଜାଣିରଖ ଯେ ତୁମ ଜୀବନରେ କିଛି ବ୍ୟର୍ଥ ହୋଇନାହିଁ । ଏ ଜନ୍ମରେ ତୁମେ ଯଦି ଦଶଟି ପାହାଚ ଚଢ଼ିଛ ଏବଂ ଲକ୍ଷ୍ୟଠେ ପହଞ୍ଚିବା ପୂର୍ବରୁ ତୁମର ମୃତ୍ୟୁ ହୋଇଯାଇଛି, ଏହାର ଅର୍ଥ ନୁହଁ ଯେ ଆଗାମୀ ଜନ୍ମରେ ତୁମକୁ ପୁଣି ପ୍ରଥମ ପାହାଚରୁ ଚଢ଼ିବା ଆରମ୍ଭ କରିବାକୁ ହେବ । ତୁମେ ଯେଉଁଠାରୁ ଛାଡ଼ିଥିଲ, ସେହିଠାରୁ ପୁଣି ଯାତ୍ରା ଆରମ୍ଭ କରିପାରିବ । ଗୀତା କହେ ଯେ ସେଭଳି ବ୍ୟକ୍ତି ଏକ ଅନୁକୂଳ ବାତାବରଣ ଥିବା ପରିବାରରେ ଜନ୍ମ ହେବ ଯେଉଁ ପରିବାର ତାହାର ସହଜାତ ସଂସ୍କାରର ଅଭିବୃଦ୍ଧିରେ ସହାୟକ ହେବ ଏବଂ ତାକୁ ଆଉ କିଛି ପାହାଚ ଉପରକୁ ଯିବା ସହଜ ହେବ । ତୁମେ ଯଦି ଏ ଜନ୍ମରେ କିଛି ପାପ କରିଥାଅ, ତୁମକୁ ତାହାର ଶାସ୍ତି ଆର ଜନ୍ମରେ ଭୋଗ କରିବାକୁ ପଡ଼ିପାରେ କିମ୍ବା ତୁମେ ଏ ଜନ୍ମରେ କରିଥିବା ସମସ୍ତ ସତ୍‌କର୍ମ ପରଜନ୍ମରେ ତୁମେ କରିବା ଦୁଷ୍କର୍ମ ହେତୁ କଟିଯାଇପାରେ । ସୁକର୍ମ ବା କୁକର୍ମ - ଏ ଦୁଇଟି କେବଳ ତୁମର ହିସାବ ଖାତାରେ ରହିବ । ତାହା ଯୋଗ ହୋଇପାରେ ବା ବିଯୋଗ ହୋଇପାରେ । କିଛି ଯଦି ଯୋଗ ହୁଏ, ତାହା ତୁମେ ବ୍ୟବହାର କରିପାର । କିଛି ଯଦି ବିଯୋଗ ହୁଏ, ସେଥିପାଇଁ ପୁନର୍ବାର ତୁମକୁ କୃଷି କରିବାକୁ ହେବ । ସେତେବେଳେ ତୁମେ ଯାଇ ଏଭଳି ଏକ ବିଦ୍ୟାଳୟରେ ଭର୍ତ୍ତି ହେବ, ଯେଉଁଠାରେ ତୁମକୁ ପୁଣି ପ୍ରଥମ ଅକ୍ଷରରୁ ପଢ଼ା ଆରମ୍ଭ କରିବାକୁ ପଡ଼ିବ । ତେଣୁ ଆମେ ପୁଣି କେଉଁଠାରେ ଜନ୍ମ ହେବା, ତାହା ଆମେ ହିଁ ସ୍ଥିର କରିଥାଉ । ଆମେ ଯେଭଳି ଜନନୀ ପାଇବାକୁ ଯୋଗ୍ୟ ସେଭଳି ଜନନୀ ପାଇଥାଉ । ଆମେ ଆମ ମା କିଏ ହେବ, ବାଛି ପାରିବା ନାହିଁ । ସ୍ୱାମୀ ତାହା ବାଛି ପାରିବେ । ଆମ କ୍ଷେତ୍ରରେ ଆମ ଅତୀତ ଅନୁଯାୟୀ ଆମେ ଏକ ନିର୍ଦ୍ଦୟ ଜନନୀକୁ ପାଇବୁ ନା ଏକ ଦେବପ୍ରତିମ ଜନନୀକୁ ପାଇବୁ ସ୍ଥିର ହୋଇଥାଏ । ଏହା ହିଁ ଆମ ଜୀବନର ପ୍ରଥମ ଆଶୀର୍ବାଦ ବା ପ୍ରଥମ ଅଭିଶାପ । ସବୁ ମାଁଙ୍କଠେ ନିଜ ସନ୍ତାନକୁ ଶକ୍ତ ଓ ସରଳ କରି ବଢ଼େଇବାର ଯୋଗ୍ୟତା ନଥାଏ । ଏହି ମର୍ମରେ ରବୀନ୍ଦ୍ରନାଥ ଠାକୁର କହିଥିଲେ ଯେ ମନୁଷ୍ୟ ସନ୍ତାନ ଲାଭ କରିଛି - ଏହାହିଁ ପ୍ରମାଣ ଦିଏ ଯେ ଭଗବାନଙ୍କର ମଣିଷ ଉପରେ ଆସ୍ଥା ତୁଟି ନାହିଁ । ଭଗବାନ

ସନ୍ତାନ ଦିଅନ୍ତି କାରଣ ସେ ପିତାମାତା ସନ୍ତାନସନ୍ତତିଙ୍କର ଯେଭଳି ଦୁର୍ବ୍ୟବହାର କରନ୍ତି, ସେଥିରେ କ୍ରୋଧିତ ନୁହନ୍ତି । ପିତାମାତା ପିଲାଙ୍କୁ ବିକୃତ କରି ଗଢ଼ନ୍ତି, ସେମାନଙ୍କ ପ୍ରତି ମନ୍ଦ ବ୍ୟବହାର କରନ୍ତି ବା ସେମାନଙ୍କୁ ଡରଭୟ ଦେଖେଇ ବଢ଼ାନ୍ତି । ଭଗବାନ ଯେମିତି ଚାହାନ୍ତି, ସେମାନେ ପିଲାଙ୍କୁ ସେମିତି ବଢ଼ିବାକୁ ଦିଅନ୍ତି ନାହିଁ । ସେମାନେ ସମସ୍ତଙ୍କୁ ଗୋଟିଏ ଢାଞ୍ଚାରେ ଗଢ଼ିବାକୁ ଚେଷ୍ଟା କରନ୍ତି । ସେମାନେ ସେମାନଙ୍କର ବିଶ୍ୱାସକୁ ପିଲାଙ୍କ ଉପରେ ଲଦିବାର ପ୍ରୟାସ କରନ୍ତି । କିନ୍ତୁ ଭଗବାନ ସେମାନଙ୍କୁ ଏହି ବିଶ୍ୱାସରେ ସନ୍ତାନ ଦିଅନ୍ତି ଯେ ସେମାନେ ପିଲାଙ୍କୁ ଶକ୍ତ, ସରଳ କରି ବଢ଼ିବାକୁ ଦେଇ ସେମାନଙ୍କୁ ଭଗବାନଙ୍କ ନିକଟରେ ପହଞ୍ଚିବାରେ ସାହାଯ୍ୟ କରିବେ । ସ୍ୱାମୀ ଚାହାଁନ୍ତି ଯେ ତାଙ୍କ ପ୍ରତି ଆନୁଗତ୍ୟ ଥିବା, ତାଙ୍କର ଉପଦେଶକୁ ଜୀବନର ଆଦର୍ଶ ମନେ କରୁଥିବା, ଭଗବାନଙ୍କ ପ୍ରତି ଭକ୍ତିଭାବ ରଖିଥିବା କୌଣସି ବ୍ୟକ୍ତି ତାର ମାତୃଭୂମିଠାରୁ ବିଛିନ୍ନ ନହେଉ, ସେ ବଢ଼ିଥିବା ସମାଜରୁ ଦୂରେଇ ନଯାଉ, ଯେଉଁ ସଂସ୍କୃତିର ସେ ଦାୟାଦ୍ ଓ ଯେଉଁ ଐତିହ୍ୟର ସେ ଉତ୍ତରାଧିକାରୀ, ସେହି ସଂସ୍କୃତି ଓ ଐତିହ୍ୟକୁ ଭୁଲି ନଯାଉ । ସ୍ୱାମୀ ନିଜେ ତାଙ୍କର ଜନ୍ମିତ ଗ୍ରାମକୁ ତାଙ୍କର ଆସ୍ଥାନ ରୂପେ ବାଛି ନେଇଛନ୍ତି । ତାଙ୍କର ଗ୍ରାମ ପ୍ରତି ଏହା ତାଙ୍କର ପ୍ରଥମ ସେବା । ଏହି ସ୍ଥାନକୁ ଆସିବା କଷ୍ଟକର କହି ତାଙ୍କର ଅନେକ ଭକ୍ତ ତାଙ୍କୁ ଆଉ ଏକ ଉତ୍ତମ ସ୍ଥାନକୁ ଚାଲିଯିବାକୁ ଅନୁରୋଧ କରିବା ସତ୍ତ୍ୱେ ସେ ଜନ୍ମ ନେଇଥିବା ଗାଁରେ ହିଁ ରହିବାକୁ ସ୍ଥିର କଲେ । ୩୭ ବର୍ଷ ତଳେ ମୁଁ ଯେତେବେଳେ ଏଠାକୁ ପ୍ରଥମ ଥର ଆସିଲି, ସେତେବେଳେ ମୁଁ ଏକ ବସ୍‌ରେ ଆସିଥିଲି ଓ ସେହି ବସ୍ ପେଟ୍ରୋଲରେ ନୁହଁ, କୋଇଲାରେ ଚାଲୁଥିଲା । ଏଠାରୁ ଚାରିମାଇଲ ଦୂରରେ ଆମକୁ ବସ୍‌ରୁ ଓହ୍ଲେଇବାକୁ ହଉଥାଏ, ତାପରେ କାଦୁଆ ବନ୍ଧହୁଡ଼ା ଡେଇଁ ନଦୀ ବାଲିରେ ଚାଲି ଚାଲି ଗ୍ରାମରେ ପହଞ୍ଚିବାକୁ ହେଉଥାଏ । ଅନ୍ୟ ପ୍ରକାରେ ଶଗଡ଼ ଗାଡ଼ିରେ ଜିନିଷପତ୍ର ଲଦି ଆମେ ଚାଲି ଚାଲି ଆସୁଥାଉ । ନିଜେ ଶଗଡ଼ ଗାଡ଼ିରେ ବସି ଆସିଲେ ହାଡ଼ଭଙ୍ଗା ବୈଦ୍ୟ ପାଖକୁ ଯିବାକୁ ପଡୁଥାଏ । ଖାଲଢିପ ନଥିବା ରାସ୍ତାରେ ଆମେ ଶଗଡ଼ରେ ବସି ଯାଉଥାଉ, ଯେଉଠେ ଉଠାଣି ପଡୁଥାଏ ଶଗଡ଼ିଆ କହୁଥାଏ, "ବଳଦ ଟାଣିବ ନାହିଁ, ଏଥର ଓହ୍ଲାଅ । କେଉଠେ ଓହ୍ଲେଇ, କେଉଠେ ବସି - ଏମିତି ଆମେ ଆମ ଯାତ୍ରା ଶେଷ କରୁଥାଉ । ଏଥିପାଇଁ ଅନେକ ଭକ୍ତ ସ୍ୱାମୀଙ୍କୁ ଆଉ ଏକ ସୁବିଧାଜନକ ସ୍ଥାନକୁ ତାଙ୍କର ବାସସ୍ଥାନ କରିବାକୁ ଅନୁରୋଧ କରୁଥାନ୍ତି । ଆରମ୍ଭର ସେହି ଦିନମାନଙ୍କରେ ଯେତେବେଳେ ସ୍ୱାମୀ ତାଙ୍କର ଗୃହତ୍ୟାଗ ଘୋଷଣା କରିଥା'ନ୍ତି, ଅନତିଦୂରରେ ଥିବା କୋଉଚେରୁଭୁ ନାମକ ବଡ଼ ଗାଁରେ ଜଣେ ସନ୍ନ୍ୟାସୀ ଏକ ସୁବିଶାଳ ଭବନ ନିର୍ମାଣ କରିଥା'ନ୍ତି ଏବଂ ସ୍ୱାମୀ ତାଙ୍କର ଏକ ଉତ୍ତମ ଶିଷ୍ୟ ହେବେ ମନେକରି ସେ ତାଙ୍କୁ ଆସି ତାଙ୍କ ସଙ୍ଗେ ରହିବା ପାଇଁ ନିମନ୍ତ୍ରଣ କରୁଥା'ନ୍ତି । ବାଙ୍ଗାଲୋର, ମାନ୍ଦ୍ରାଜ ଓ ହାଇଦ୍ରାବାଦରୁ ଭକ୍ତମାନେ ଆସି କହୁଥାନ୍ତି, "ସ୍ୱାମୀ, ଦୟାକରି ଆସି ଆମର ଏଠାରେ ରହନ୍ତୁ ।" ସ୍ୱାମୀ ସେତେବେଳେ

କହନ୍ତି, "ନା, ମୁଁ ଯେମିତି ସବୁବେଳେ ମୋ ମାତୃଭାଷାରେ କଥା କହେ, ସେମିତି ସବୁବେଳେ ମୋ ଜନ୍ମମାଟିରେ ରହିବି ।" ସେ କ'ଣ କହନ୍ତି ତାହା ବୁଝିବା ପାଇଁ ଆମକୁ ତାଙ୍କର ସମ୍ଭାଷଣକୁ ତେଲୁଗୁରୁ ଅନୁବାଦ କରିବାକୁ ହୋଇଥାଏ । ସେହିଭଳି ତାଙ୍କର ଦର୍ଶନ ପାଇଁ ଆମକୁ ତାଙ୍କର ଜନ୍ମିତ ଗ୍ରାମକୁ ଯିବାକୁ ହୁଏ । ସ୍ୱାମୀ ପୂର୍ବ ଆଫ୍ରିକାକୁ ଯାଇଥିବା ସମୟରେ ସେଠାରେ ତେଲୁଗୁରେ ତାଙ୍କର ଦିବ୍ୟ ସମ୍ଭାଷଣ ଦେଇଥିଲେ । ହିମାଳୟର ଶିଖରରେ ଥିବା ବଦ୍ରିନାଥରେ ମଧ୍ୟ ସେ ତେଲୁଗୁରେ କହିଥିଲେ । ସେ କହନ୍ତି, "ମୁଁ ଯଦି ଇଂରାଜୀରେ କହେ, ମୁଁ ଇଂରାଜୀ ପକ୍ଷପାତୀ କୁହାଯିବ । ସେତେବେଳେ ସ୍ପେନ୍‌ର ଲୋକ କହିବେ ମୁଁ କାହିଁକି ସେମାନଙ୍କ ଭାଷାରେ କହୁନି । ତେଣୁ ଗୋଟିଏ ଭାଷାରେ ସବୁବେଳେ କହିବା ଭଲ ଓ ତାହା ମାତୃଭାଷା ହେବା ଠିକ୍ ।" ସେ ତାଙ୍କର ଜନ୍ମଭୂମି ଓ ସେଠାକାର ଭାଷାକୁ ଏତେ ଭଲପା'ନ୍ତି । ତୁମେ ଯଦି ତୁମ ଜନ୍ମଭୂମିକୁ ଭଲ ପାଇପାରୁନାହଁ, ସାରା ବିଶ୍ୱକୁ କିପରି ଭଲ ପାଇବ ? ସମଗ୍ର ମାନବଜାତିକୁ ତୁମେ ଭଲ ପାଇପାରିବ ନାହିଁ । ଏଥିପାଇଁ ତୁମକୁ ପ୍ରଥମେ ତୁମ ସାଥୀ ମଣିଷଙ୍କୁ ଭଲ ପାଇବାକୁ ହେବ । ତୁମ ମାତୃଭୂମିକୁ ଭଲ ପାଅ, କାରଣ ସେହିଠାରେ ହିଁ ତୁମେ ପ୍ରଥମେ ଈଶ୍ୱରଙ୍କ ଆଲୋକ ଦେଖିବାକୁ ପାଇଲ, ସେହି ଭୂମିରେ ତୁମ ପୂର୍ବଜମାନେ ହଳ କରି ଧାନ ଅମଳ କରିଥିଲେ; ସେହିଠାରେ ତୁମ ଭଗବାନଙ୍କ ମନ୍ଦିର ଅଛି, ସେହିଠାରେ ତୁମ ପୂର୍ବପୁରୁଷମାନଙ୍କର ସମାଧି ରହିଛି । ତେଣୁ ସ୍ୱାମୀ କହନ୍ତି ତୁମର ପ୍ରଥମ କର୍ତ୍ତବ୍ୟ ହେଲା ତୁମ ଦେଶକୁ, ତୁମ ମାତୃଭୂମିକୁ ଭଲ ପାଇବା ।

ତୁମର ଦ୍ୱିତୀୟ କର୍ତ୍ତବ୍ୟ ହେଲା ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ବିଭେଦ ସୃଷ୍ଟି ନ କରିବା । ଧର୍ମକୁ ନେଇ ଭେଦଭାବ ରହିବ ନାହିଁ । ସ୍ୱାମୀ କହନ୍ତି ଅନ୍ୟର ଧର୍ମ କ'ଣ, ଜାତି କ'ଣ ତାହା ପଚାର ନାହିଁ ବା ଜାଣିବାକୁ ଚେଷ୍ଟା କର ନାହିଁ । ସେ ବିଷୟରେ ତୁମେ ଚିନ୍ତା କରିବା ଦରକାର ନାହିଁ । ଆମେରିକୀୟଙ୍କୁ ଥଣ୍ଡା ଧରେ, ଆଫ୍ରିକୀୟଙ୍କୁ ମଧ୍ୟ ଥଣ୍ଡା ଧରେ । ମଣିଷମାତ୍ରକେ ସବୁଠେ ସମସ୍ତେ ସମାନ । ଅବଶ୍ୟ ମଣିଷ ମଣିଷ ମଧ୍ୟରେ ସାମାନ୍ୟ ତାରତମ୍ୟ ଥାଇପାରେ । ମୋର ଦୁଇ ହାତରେ ଗୋଟିଏ ଗୋଟିଏ କରି ଅଧିକା ଆଙ୍ଗୁଠି ଥାଏ ଏବଂ ମୋର ଆଇ ଗୋଟିଏ କତୁରୀ ନେଇ ସେହି ଦୁଇ ଆଙ୍ଗୁଠି କାଟି ଦେଇଥିଲେ । ତାହା ନ ହୋଇଥିଲେ ପ୍ରତ୍ୟେକ ହାତର ଅଧିକା ଆଙ୍ଗୁଠି ଆଉ ପାଞ୍ଚ ଆଙ୍ଗୁଠି ସହ ସାଥୀ ହୋଇ ରହିଥାନ୍ତେ । ତେଣୁ ଆମ ସମସ୍ତଙ୍କୁ ଭଗବାନ ସମାନ ଭାବେ ଗଢ଼ିଛନ୍ତି ଏବଂ ସମସ୍ତ ମାନବଜାତି ଏକ । କିନ୍ତୁ ଆମେ ଭାଷାକୁ ଆଧାର କରି ଭିନ୍ନତା ସୃଷ୍ଟି କରିଥାଉ । ଅନ୍ୟର ଭାଷା ଶୁଣି ଆମେ ହସୁ, ବିଦ୍ରୂପ କରୁ । ପ୍ରକୃତପକ୍ଷେ ପ୍ରତ୍ୟେକ ବ୍ୟକ୍ତି ସେ ଯାହା କହିବାକୁ ଚାହେଁ, ତାକୁ ତା' ନିଜ ଭାଷାରେ ବ୍ୟକ୍ତ କରେ । ଆଉ ମଧ୍ୟ ଲୋକମାନେ ଭଗବାନଙ୍କୁ ଯେଭଳି ପୂଜା କରନ୍ତି, ତାକୁ ନେଇ ବିଭେଦ ସୃଷ୍ଟି କରେ । ଏହା ଏକ ଜଘନ୍ୟ ପାପ । ଭଗବାନଙ୍କ ନାମକୁ ନେଇ ବିବାଦ କରିବା, ଭଗବାନଙ୍କ ନାମକୁ ଏକ ସଂଘର୍ଷର ପତାକା

ବା ରଣଦୁନ୍ଦୁଭି ଭଳି ବ୍ୟବହାର କରିବା, ମୋର ବିଚାର ଧର୍ମସମ୍ମତ ଓ ତୁମର ବିଚାର ଧର୍ମବିରୁଦ୍ଧ କହି ଯୁକ୍ତି କରିବା - ଏସବୁ ଘୋର ଅପରାଧ । ଏହି ଦୃଷ୍ଟିରୁ ବିଚାର କଲେ ଆଜି ସମଗ୍ର ପୃଥିବୀ "ମୋ ଭଗବାନ, ତୁମ ଭଗବାନ" କନ୍ଦଳରେ ଉତ୍ପୀଡ଼ିତ । ଆମ ଦେଶର ସର୍ବୋଚ୍ଚ ଦର୍ଶନ କହେ, ଈଶ୍ୱର ଏକ କିନ୍ତୁ ତାଙ୍କୁ ଅନେକ ନାମରେ ନାମିତ କରାଯାଏ । କଳହପ୍ରେମୀ ବ୍ୟକ୍ତିମାନେ ଧର୍ମକୁ ଆଳ କରି କଳହ କରିଥା'ନ୍ତି । କିନ୍ତୁ ତାହାର ମୂଳକାରଣ ହୋଇଥାଏ ଅହଙ୍କାର ଓ ମମକାର । ମୋ ଦେଶ, ମୋ ଧର୍ମ, ମୋ ପ୍ରଜା, ମୋ ଭାଷା, ମୋ ଭଗବାନ ! ଏହା କେବଳ ଅହଙ୍କାର । ଆମେ ଆମ ଅହଙ୍କାରକୁ ଭଗବାନଙ୍କର କୌଣସି ଏକ ନିର୍ଦ୍ଦିଷ୍ଟ ରୂପ ସହ ଯୋଡ଼ି ଦେଉ । ଅନ୍ୟ ପକ୍ଷରେ ଗୀତା କହେ ରୂପ ରହିତ, ନାମ ରହିତ ଓ ଗୁଣ ରହିତ ଭଗବାନଙ୍କର ପୂଜା ହିଁ ସର୍ବୋତ୍କୃଷ୍ଟ ପୂଜା । ମହାଚୈତନ୍ୟ, ପରମ ଚୈତନ୍ୟସ୍ୱରୂପ ପରାତତ୍ତ୍ୱଙ୍କର କୌଣସି ନାମ ନାହିଁ । ତାହାକୁ ନାମ ଦେବାଦ୍ୱାରା ତୁମେ ଅସୀମକୁ ସସୀମ କରିବାର ପ୍ରୟାସ କରୁଛ । ସମସ୍ତ ନାମ ତାର କିମ୍ବା ଯେକୌଣସି ନାମ ତାର କିମ୍ବା କୌଣସି ନାମ ତାର ନୁହଁ । ସେଭଳି ମହାଚୈତନ୍ୟସ୍ୱରୂପଙ୍କର କଳ୍ପନା କରିବା ଦୁଃସାଧ୍ୟ, ହୁଏତ ଅସମ୍ଭବ ମଧ୍ୟ । ମହାତ୍ମା ବୁଦ୍ଧଙ୍କୁ ଯେତେବେଳେ ଭଗବାନଙ୍କ ସମ୍ବନ୍ଧରେ ପଚରାଗଲା ସେ କହିଲେ, "ଭଗବାନଙ୍କୁ ନେଇ କାହିଁକି ବ୍ୟସ୍ତ ହେଉଛ ? ନିଜ ସମ୍ବନ୍ଧରେ ବ୍ୟସ୍ତ ହୁଅ । ଭଗବାନଙ୍କୁ ଜାଣିବା ପାଇଁ ନିଜକୁ ପରିଶୁଦ୍ଧ କର, ନିଜ ମନକୁ ସୁସ୍ପଷ୍ଟ କର ।" ଏହା "ମସ୍କୋର ରେଡ୍ ସ୍କାର କ'ଣ ସତରେ ଦେଖିବାକୁ ଲାଲ୍ ?" ପଚାରିବା ଭଳି । ଏ ବିଷୟରେ ବ୍ୟସ୍ତ ହୋଇ ଲାଭ କ'ଣ ? ତାହା କ'ଣ ସତରେ ଲାଲ୍ । ଯଦି ଲାଲ୍ ତେବେ କେତେ ଲାଲ - ଏସବୁ ଜାଣିବାକୁ ହେଲେ ମସ୍କୋ ଯାଇ ଦେଖି ଆସ । ତୁମେ କାହିଁକି କହୁଛ, "ରେଡ୍‌ସ୍କାର ପ୍ରକୃତରେ ଲାଲ୍ ବୋଲି ନ ଜାଣିଲେ ମୁଁ ସେଠାକୁ ଯିବି ନାହିଁ ।" ତୁମେ ତୁମ ଯାତ୍ରା ଆରମ୍ଭ କର - ପାଦେ, ଦୁଇ ପାଦ, ତିନି ପାଦ, ଏମିତି ଆଗକୁ ଯାଅ । ଶେଷରେ ତୁମେ ନିଜେ ଜାଣି ପାରିବ । ପାଦେ ମଧ୍ୟ ଆଗକୁ ନ ବଢ଼ି ଏଠାରେ ରହି କଳହ କରୁଛ କାହିଁକି ? ବି.ବି.ସି. ସହ ଏକ ସାକ୍ଷାତ୍କାରରେ ବିଶିଷ୍ଟ ମନୋବୈଜ୍ଞାନିକ ହ୍ୟୁମ୍‌ଙ୍କୁ ପଚରାଗଲା, "ଆପଣ ଭଗବାନଙ୍କୁ ବିଶ୍ୱାସ କରନ୍ତି ?" ସେ ଉତ୍ତର ଦେଲେ, "ମୁଁ ବିଶ୍ୱାସ କରେ ନାହିଁ, କିନ୍ତୁ ମୁଁ ଭଗବାନଙ୍କୁ ଜାଣେ ।" ବିଶ୍ୱାସ କରିବା ଅସଲ କଥା ନୁହଁ, ଜାଣିବା ଅସଲ କଥା । ତେଣୁ ବୁଦ୍ଧ କହୁଥିଲେ, "ତୁମ ମନରେ ଭଗବାନଙ୍କ ପ୍ରତି ବିଶ୍ୱାସ ସୃଷ୍ଟି କରିବାକୁ ମୁଁ କାହିଁକି ଚେଷ୍ଟା କରିବି ? ତୁମ ମନ ଉପରେ ପଡ଼ିଥିବା ସମସ୍ତ ପରଦା ଅପସରିଗଲେ ତୁମେ ନିଜେ ଭଗବାନଙ୍କୁ ଜାଣିପାରିବ, କାରଣ ତୁମେ ହିଁ ଭଗବାନ ।" ବୁଦ୍ଧ କହୁଥିଲେ, "ଭଗବାନଙ୍କୁ ଖୋଜି ପାଇବାକୁ ଚେଷ୍ଟା କର ନାହିଁ", କିନ୍ତୁ ତାଙ୍କ ଶିଷ୍ୟମାନେ ତାଙ୍କୁ ହିଁ ଭଗବାନ କରିଦେଲେ ! ମୋହମ୍ମଦ କହିଥିଲେ, "ଭଗବାନଙ୍କର କୌଣସି ପ୍ରତିମା, ମୂର୍ତ୍ତି ବା ଛବି ପୂଜା କର ନାହିଁ ।" କିନ୍ତୁ ସାଧାରଣ ଲୋକ କୌଣସି ରୂପ ବା ଆକାର ବିନା

ଭଗବାନଙ୍କୁ ଭାବି ପାରିବେ ନାହିଁ । ତେଣୁ ସେମାନେ ପୟଗମ୍ବରମାନଙ୍କର କବରକୁ ପୂଜା କରନ୍ତି । କାଶ୍ମୀରରେ ଏକ ମସ୍‌ଜିଦ୍‌ରେ ପ୍ରେରିତ ପୁରୁଷ ମୋହମ୍ମଦଙ୍କର କେଶକୁ ପୂଜା କରାଯାଏ । ଆଉ ଏକ ମନ୍ଦିର ଅଛି ଯେଉଁଠାରେ ବୁଦ୍ଧଙ୍କର ଦନ୍ତକୁ ପୂଜା କରାଯାଏ । ମଣିଷର ଏହା ହିଁ ସ୍ୱଭାବ । ଆପଦ ବିପଦରେ ଜାବୁଡ଼ି ଧରିବା ପାଇଁ, ସେମାନେ କାହାକୁ ଚାହିଁଥାନ୍ତି, ଯିଏ ସେମାନଙ୍କୁ ସାହସ ଓ ପରାମର୍ଶ ଦେବ ଓ ଆବଶ୍ୟକସ୍ଥଳେ ସତର୍କ କରିବ । ବୁଡ଼ି ଯାଉଥିବା ଲୋକ ପାଳ ଦଉଡ଼ିକୁ ଧରେ । ଆମେ ସମସ୍ତେ ବୁଡ଼ିବାକୁ ଯାଉଛୁ, ଆମ ସମସ୍ତଙ୍କୁ ପାଳ ଦଉଡ଼ି ଦରକାର । କିଛି ଏକ ଆଶ୍ରା ଦରକାର ଏବଂ ତାହାହିଁ ଭଗବାନଙ୍କ ରୂପ । କୃଷ୍ଣ ଅର୍ଜୁନଙ୍କୁ କହିଲେ, "ତୁମେ ଯଦି ସେହି ମହାଚୈତନ୍ୟ ଉପରେ ତୁମର ମନକୁ ନିବିଷ୍ଟ କରିପାରୁନାହଁ, ତେବେ ଭଗବାନଙ୍କର କୌଣସି ଏକ ରୂପକୁ ତୁମର ଆରାଧ୍ୟ କରି ନିଜକୁ ତାଙ୍କଠେ ସମ୍ପୂର୍ଣ୍ଣ ସମର୍ପି ଦିଅ, ତାଙ୍କୁ ଆରାଧନା କର, ଭକ୍ତିଭାବାପନ୍ନ ହୋଇ ତାଙ୍କ ମଧ୍ୟରେ ନିଜକୁ ହଜେଇ ଦିଅ ଓ ତୁମର ମହତ୍ତର ପ୍ରବୃତ୍ତି ତଥା ବାସନା ଚରିତାର୍ଥ କର । ତାହା ମଧ୍ୟ ଯଦି କରିପାରୁନାହଁ, ନିଜର କର୍ତ୍ତବ୍ୟ କରିଯାଅ ଓ ମନରେ ଫଳାକାଙ୍‌କ୍ଷା ରଖ ନାହିଁ । ଗୀତା କହେ, ଏହା ହିଁ ଆଧ୍ୟାତ୍ମିକତାର ପ୍ରଥମ ସୋପାନ । ତୁମର ସମସ୍ତ ଶକ୍ତି ଓ ସାମର୍ଥ୍ୟ ପ୍ରୟୋଗ କରି ତୁମେ ତୁମର କର୍ତ୍ତବ୍ୟ ସମ୍ପାଦନ କର । ସଫଳତାରେ ଉଲ୍ଲସିତ ହୁଅ ନାହିଁ, ବିଫଳତାରେ ବିଷଣ୍ଣ ହୁଅ ନାହିଁ । ତୁମେ ପଚାରିପାର, "ସାଫଲ୍ୟରେ ଉଲ୍ଲସିତ ହେବିନି କାହିଁକି ?" କାରଣ ତୁମର ସାଫଲ୍ୟ ପଛରେ କେବଳ ତୁମର ଅବଦାନ ନାହିଁ । ଥରେ ଭାବି ଦେଖ, କେତେ ଲୋକଙ୍କର ସାହାଯ୍ୟ ଓ ସହଯୋଗ ଫଳରେ ତୁମେ ତୁମ କାର୍ଯ୍ୟରେ ସଫଳ ହେଲ । ମୁଁ ଯଦି ଏକ ପୁସ୍ତକ ରଚନା କରେ, ତାହାର ସଫଳ ପରିସମାପ୍ତି ପାଇଁ ବହୁ ବ୍ୟକ୍ତି ତଥା ବସ୍ତୁର ଅବଦାନ ରହିଥାଏ, ଯଥା - କାଗଜ, କଲମ, କାଳି, ଶିକ୍ଷା, ସୁଯୋଗ, ଅନୁଭୂତି, ମୁଦ୍ରାକର, ମୁଦ୍ରଣ ସଂଶୋଧକ, ବନ୍ଧାଳି ଏବଂ ସର୍ବୋପରି ଆମେ ଜାଣିନଥିବା କୌଣସି ପରିସ୍ଥିତି, ଯାହା ଘଟିବାର ଭୟ ଥିଲା କିନ୍ତୁ ଦୈବକ୍ରମେ ଘଟିଲା ନାହିଁ । ମୋର ସାଫଲ୍ୟ ପଛରେ ଏ ସମସ୍ତର ଅବଦାନ ରହିଛି । ଏଥିମଧ୍ୟରୁ ଯଦି କୌଣସି ଉପାଦାନର ଅଭାବ ଥାନ୍ତା ବା କିଏ ଯଦି ତାର କର୍ତ୍ତବ୍ୟକୁ ଠିକ୍‌ଭାବେ ସମ୍ପାଦନ କରିବାରେ ବିଫଳ ହୋଇଥାନ୍ତା ବା କୌଣସି ଅଜଣା ପରିସ୍ଥିତିର ଅତର୍କିତ ହସ୍ତକ୍ଷେପ ସମସ୍ତ ଉଦ୍ୟମକୁ ଭଣ୍ଡୁର କରି ଦେଇଥା'ନ୍ତା, ତେବେ ମୋର ପ୍ରଚେଷ୍ଟା ବିଫଳ ହୋଇଥାନ୍ତା । ତୁମର ସମସ୍ତ କଳା କୌଶଳ ପ୍ରୟୋଗ କରି ତୁମେ ତୁମର କର୍ତ୍ତବ୍ୟ ଯଥାସମ୍ଭବ ଫଳପ୍ରଦଭାବେ ସମ୍ପାଦନ କର । ଏହା ସାଧନାର ପ୍ରଥମ ପାହାଚ । ତାପରେ ଯେଉଁ ଶକ୍ତି ତୁମକୁ ତୁମର କର୍ତ୍ତବ୍ୟ କରିବାରେ ସାହାଯ୍ୟ କରୁଛି, ସେହି ଶକ୍ତି ପ୍ରତି କୃତଜ୍ଞତା ପ୍ରକାଶ କର । ସେହି ଶକ୍ତି ହିଁ ସୌନ୍ଦର୍ଯ୍ୟ, ଶକ୍ତି ଓ ଜ୍ଞାନ । ଏ ସମସ୍ତ ଗୁଣରେ ବିଭୂଷିତ କରି ଏକ ବିଗ୍ରହ ସୃଷ୍ଟି କର ଯାହା ହେବ ସକଳ ସୌନ୍ଦର୍ଯ୍ୟ, ଶକ୍ତି ତଥା କରୁଣାର ମୂର୍ତ୍ତିମନ୍ତ ସ୍ୱରୂପ । ସେ ହିଁ ସମସ୍ତଙ୍କର

ଭଗବାନ । ସ୍ୱାମୀ ଚାହାନ୍ତି ଯେ ଆମେ ଈଶ୍ୱରତ୍ୱକୁ ଠିକ୍‌ଭାବେ ବୁଝୁ, ତେବେ ଜଣେ ଅନ୍ୟ ଏକ ଧର୍ମର ବା ସେ ଭଗବାନଙ୍କୁ ଅନ୍ୟ ଏକ ରୂପରେ ପୂଜା କରେ ବୋଲି ତା ପ୍ରତି ବିଦ୍ୱେଷଭାବ ପୋଷଣ କରିବା ନାହିଁ । ଅନ୍ୟର ଧର୍ମ କଣ ବୋଲି କେବେ ପ୍ରଶ୍ନ କର ନାହିଁ । ନିଜକୁ ଉତ୍କୃଷ୍ଟ ବା ଅନ୍ୟ କାହାକୁ ନିକୃଷ୍ଟ ବୋଲି କୌଣସି ସମୟରେ ଭାବ ନାହିଁ । ସମସ୍ତ ମାନବଜାତିକୁ ଏକ ମନେ କର । ଏହା ହେଲା ଦ୍ୱିତୀୟ ସୋପାନ । ଆମ ଭାରତୀୟମାନଙ୍କର ଅଭ୍ୟାସ ହେଲା ପ୍ରଥମେ ଆମେ ଜଣକୁ ତାର ନାମ ପଚାରୁ । ସେ ତାର ନାମ କହିବା ପରେ ସେ କେଉଁଠୁ ଆସିଛି ପଚାରୁ । ସେ କେଉଁଠୁ ଆସିଛି କହିବା ପରେ ଆମର ପରବର୍ତ୍ତୀ ପ୍ରଶ୍ନ ହୁଏ, "ତୁମ ଜାତି କ'ଣ ?" ସେତେବେଳେ ସେ ତାର ଜାତି କହେ । ବେଳେବେଳେ ଲୋକର ନାମରୁ ହିଁ ତାର ଜାତି, ତାର ବାସସ୍ଥାନ, ତାର ଇଷ୍ଟ ଦେବତା, ତାର ବସ୍ତ୍ର ପରିପାଟୀ, ତାର ଖାଦ୍ୟାଭ୍ୟାସ ଏବଂ ତାର ମୃତ୍ୟୁ ପରେ ତାକୁ ଦାହ କରାଯିବ ନା ସମାଧି ଦିଆଯିବ, ସବୁ ଜଣାପଡ଼ିଯାଏ । ଆପଣମାନେ ମଧ୍ୟ ଜଣଙ୍କର ନାମ ଶୁଣି ସେ ହିନ୍ଦୁ ନା ଖ୍ରୀଷ୍ଟିଆନ, ଯଦି ଖ୍ରୀଷ୍ଟିଆନ୍ ହୋଇଥାଏ ସେ କାଥୋଲିକ୍ ନା ପ୍ରୋଟେଷ୍ଟାଣ୍ଟ, ସବୁ ଟିକିନିଖି ଭାବେ ଜାଣିପାରନ୍ତି, କିନ୍ତୁ ଏ ସମସ୍ତ ଅତ୍ୟନ୍ତ ଗୌଣ, ଗୁରୁତ୍ୱହୀନ ଓ ଶୁଷ୍କ ବିଚାର । ସ୍ୱାମୀ କହିବା ଅନୁସାରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଲା ତା' ମଧ୍ୟରେ ଥିବା ଆତ୍ମା । ସେ ଆମକୁ ଦିବ୍ୟାତ୍ମସ୍ୱରୂପୁଲ୍ଲାରା (ଦିବ୍ୟାତ୍ମସ୍ୱରୂପଗଣ) କହି ସମ୍ବୋଧନ କରନ୍ତି । ବେଦ କହେ, "ସହସ୍ରଶୀରଷାପୁରୁଷ ସହସ୍ରାକ୍ଷ ସହସ୍ରପାଦ ।" ଭଗବାନଙ୍କର ସହସ୍ର ଶିର । ଏହି ସମାବେଶରେ ସମସ୍ତେ ଭଗବାନ, କାରଣ ଏଠାରେ ଦିଶୁଥିବା ପ୍ରତିଟି ମସ୍ତକ ଭଗବାନଙ୍କର ମସ୍ତକ, ଭଗବାନ ତାଙ୍କର ବିଶ୍ୱରୂପରେ ଅସଂଖ୍ୟ ଶିର, ହସ୍ତ, ଚକ୍ଷୁ, ପାଦ ଧାରଣ କରିଥା'ନ୍ତି । ସମସ୍ତ ଶିର ତାଙ୍କର, ସମସ୍ତ ଚକ୍ଷୁ ତାଙ୍କର, ସମସ୍ତ ପାଦ ତାଙ୍କର, ଆମେ ସମସ୍ତେ ତାଙ୍କର । ଆମେ ସମସ୍ତେ ତାଙ୍କର ବିଶ୍ୱବିରାଟ ଶରୀରର ଅଂଶବିଶେଷ । ତେଣୁ କାହା ପ୍ରତି ଆମ ମନରେ ଈର୍ଷା, ଦ୍ୱେଷ, ଅସୂୟା, ବିଦ୍ରୁପଭାବ ବା ନିନ୍ଦା ମନୋଭାବ ନରହୁ । କାହାକୁ ପାପୀ ଭାବି ନିଜକୁ ପୁଣ୍ୟାତ୍ମା ମନେ କର ନାହିଁ ! ଅନ୍ୟ ସମ୍ବନ୍ଧରେ ରାୟ ଦିଅ ନାହିଁ, କାରଣ ତୁମ ସମ୍ବନ୍ଧରେ ରାୟ ଦେବା ପାଇଁ ଜଣେ ଅଛନ୍ତି ଜାଣ । ତୁମେ ବା ରାୟ ଦେବାକୁ କିଏ ? ତାହା ଭଗବାନଙ୍କୁ ଛାଡ଼ି ଦିଅ । ତାଙ୍କର ଚକ୍ଷୁ ସର୍ବତ୍ର ବିଦ୍ୟମାନ । କ'ଣ କରିବାକୁ ହେବ ସେ ଜାଣନ୍ତି । ଆମେ ସମସ୍ତେ ତାଙ୍କର ସନ୍ତାନ, ସେ ଆମ ସମସ୍ତଙ୍କର ମାତା, ପିତା । ତେଣୁ ସେ ଠିକ୍ କରନ୍ତୁ । ସାଇଙ୍କର ଦଶ ଅନୁଶାସନ ମଧ୍ୟରେ ଏହା ଅନ୍ୟତମ । ପ୍ରଥମେ ତୁମର ମାତୃଦେବତା ଓ ମାତୃଭୂମିକୁ ଭଲ ପାଅ । ତେଣୁ ଅନ୍ୟର ମାତୃଦେବତା ଓ ମାତୃଭୂମି ପ୍ରତି ଅସମ୍ମାନ ପ୍ରଦର୍ଶନ କର ନାହିଁ । ସେ ତାଙ୍କର ମା ଓ ମାତୃଭୂମିକୁ ଖୁବ୍ ଭଲପା'ନ୍ତି । ତୁମର ତୁମ ମା ଓ ମାତୃଭୂମି ପ୍ରତି କର୍ତ୍ତବ୍ୟ ରହିଛି । ସେ ମଧ୍ୟ ତାଙ୍କର ମା ଓ ମାତୃଭୂମି ପ୍ରତି କର୍ତ୍ତବ୍ୟ ରହିଛି ମନେ କରନ୍ତି । ମାତୃଭୂମି ଭୌଗୋଳିକ

ପରିସୀମା ମଧ୍ୟରେ ଆବଦ୍ଧ ଏକ କ୍ଷେତ୍ର ନୁହଁ । ଏହା ଏକ ସଂସ୍କୃତି, ଏକ ଐତିହ୍ୟ ତଥା ସେହି ମାଟିରେ ବାସ କରୁଥିବା ସମସ୍ତେ ଯେଉଁ ଶିକ୍ଷା ବା ଆଦର୍ଶରେ ପରିପୁଷ୍ଟ ତାହାର ପରିଚୟ ଦିଏ । ତୁମ ମାତୃଭୂମି ତୁମକୁ ଯେଉଁ ସ୍ନେହ ଓ ଆଦର ଦେଇଛି, ସେଥିପାଇଁ ତା ପ୍ରତି କୃତଜ୍ଞ ରୁହ । ସେହି ସ୍ନେହ ଓ ପ୍ରେମକୁ ତୁମ ମଧ୍ୟରେ ସଯତ୍ନେ ସାଇତି ରଖ, ତାହାର ବୃଦ୍ଧି ଘଟାଅ, ତାହା ତୁମ ମଧ୍ୟରେ ପରିପୁଷ୍ଟ ହେଉ ତଥା ପରିବ୍ୟାପ୍ତ ହେଉ ।

ଦୁଇଦିନ ତଳେ ଭାରତର ପ୍ରଧାନମନ୍ତ୍ରୀ ଭାରତର ପୂର୍ବ ଉପକୂଳରେ କୌଣସି ଏକ ସ୍ଥାନରେ ଏକ ଆଣବିକ ଶକ୍ତି ଉତ୍ପାଦକ ପ୍ରକଳ୍ପର ଉଦ୍‌ଘାଟନ କଲେ । ଏହି ଶକ୍ତି ଉତ୍ପାଦକ ପ୍ରକଳ୍ପର ଅନତିଦୂରରେ ଅନେକ ପ୍ରାଚୀନ ମନ୍ଦିରର ଭଗ୍ନାବଶେଷ ରହିଛି ଯାହାର ଚିତ୍ରକଳା ତଥା ଭାସ୍କର୍ଯ୍ୟ ଅନେକଙ୍କ ଦ୍ୱାରା ପ୍ରଶଂସିତ ହୋଇଥାଏ । ଏହି ସ୍ଥାନରେ ତପୋମଗ୍ନ ସ୍ଥିତିରେ ଅର୍ଜ୍ଜୁନ ଓ ଆହୁରି ଅନେକ ବିଷୟ ଉପରେ ଆଧାରିତ ବହୁ ଶିଳା ବିଗ୍ରହ ତଥା କାରୁକାର୍ଯ୍ୟ ଦେଖିବାକୁ ମିଳେ । ପ୍ରଧାନମନ୍ତ୍ରୀ ଆଣବିକ ପ୍ରକଳ୍ପର ଉଦ୍‌ଘାଟନ କରିବାକୁ ଯାଇ ଆଣବିକ ପ୍ରକଳ୍ପ ତଥା ଚାରୁକଳା ସୁଶୋଭିତ ପ୍ରାଚୀନ ମନ୍ଦିର ପରସ୍ପରର ନିକଟରେ ରହିଥିବା କଥା ଉଲ୍ଲେଖ କଲେ । ଏହା "ମୃତ୍ୟୋର୍ମା ଅମୃତଂ ଗମୟ"ର ଏକ ଦୃଷ୍ଟାନ୍ତ । ପରମାଣୁ ଶକ୍ତି ମୃତ୍ୟୁର ପ୍ରତୀକ ଓ ମନ୍ଦିର ଅମୃତତ୍ୱର ପ୍ରତୀକ । ସେ ଏହା ଉଲ୍ଲେଖ କରିବା ଅତି ଉତ୍ତମ କଥା । ମୃତ୍ୟୁରୁ ଅମୃତତ୍ୱକୁ ଯିବା ପାଇଁ ଯାହା କ୍ଷୟଶୀଳ ଓ କ୍ଷଣଭଙ୍ଗୁର ତାହା ପ୍ରତି ଆସକ୍ତି ପରିହାର କରିବାକୁ ହେବ । ଉଦାହରଣସ୍ୱରୂପ, ଆମର ଦେହର ଅନ୍ତିମ ପରିଣତି କେବଳ ମୃତ୍ୟୁ ନୁହଁ, ଜୀବନର ପ୍ରତି ମୁହୂର୍ତ୍ତରେ ଏହାର ପ୍ରତିଟି ଜୀବକୋଷର ମୃତ୍ୟୁ ଘଟେ ଓ ନୂତନ ଜୀବକୋଷ ଜନ୍ମ ନିଏ । ଶିଶୁ ଜନ୍ମ ହେବା ମାତ୍ରକେ ତାର ଶବଯାତ୍ରା ଆରମ୍ଭ ହୋଇଥାଏ । ନିତ୍ୟ କ୍ଷୟମାଣ ତଥା ନିତ୍ୟ ପରିବର୍ତ୍ତନଶୀଳ ଆମର ମର ଶରୀର, ଆମ କୋଠାବାଡ଼ି, ଧନସମ୍ପତ୍ତି ପ୍ରତି ଆମେ ଆସକ୍ତି ରଖିପାରିବା ନାହିଁ । ଏଗୁଡ଼ିକୁ ଯେତିକି ମୂଲ୍ୟ ଦେବା କଥା, ତାହାଠାରୁ ଅଧିକ ମୂଲ୍ୟ ଦେବା ଉଚିତ ନୁହେଁ । ପ୍ରଧାନମନ୍ତ୍ରୀ ଯେଉଁ ସମସ୍ତ ମନ୍ଦିରକୁ ଅମୃତତ୍ୱର ସୂଚକ ବୋଲି କହିଲେ, ସେହି ମନ୍ଦିରଗୁଡ଼ିକ ମଧ୍ୟ ନିଷ୍ଠୁର କାଳର ନିର୍ମମ ପ୍ରଭାବ ହେତୁ ଆଜି ଭଗ୍ନାବଶେଷ ହୋଇ ରହିଯାଇଛନ୍ତି । ଆଧ୍ୟାତ୍ମିକତାର ସୁଦୀର୍ଘ ପଥର ପଥିକ ହିସାବରେ ଆମେମାନେ "ମୃତ୍ୟୋର୍ମା ଅମୃତଂ ଗମୟ"ର ଗୂଢ଼ ଅର୍ଥ ବୁଝିବା ଦରକାର ।

ସବୁ ଧର୍ମ ସମାନ । ଆମ ଭାରତରେ ଆମେମାନେ ଏକ ପ୍ରାର୍ଥନା କରୁ । "ଆକାଶାତ୍ ପତିତଂ ତୋୟଂ ଯଥା ଗଚ୍ଛତି ସାଗରମ୍, ସର୍ବଦେବନମସ୍କାରଂ ଈଶ୍ୱରଂ ପ୍ରତି ଗଚ୍ଛତି ।" ସ୍ୱାମୀ ଏହାର ଅର୍ଥକୁ ଆହୁରି ବିଶଦଭାବେ ବୁଝେଇଥା'ନ୍ତି । ବର୍ଷା ଆସେ କେଉଁଠୁ ? ସମୁଦ୍ରର ଜଳ ଜଳୀୟବାଷ୍ପ ହୋଇ ମେଘ ସୃଷ୍ଟି କରେ । ତାହା ପୁଣି ବୃଷ୍ଟି ହୋଇ ନଦ-ନଦୀ-ନିର୍ଝର ଦେଇ ସମୁଦ୍ରରେ ମିଳିତ ହୁଏ । ଆମେମାନେ ମଧ୍ୟ ଯେଉଁ

ଉତ୍ସରୁ ଆସିଛେ, ସେହି ଉତ୍ସ ସହ ମିଶିବାକୁ ହେବ । ଆମ ଘରକୁ ଫେରିଯିବାକୁ ହେବ । କିନ୍ତୁ ନା ଆମକୁ ଆମ ଘର ମନେ ଅଛି, ନା ଆମ ନାମ ମନେ ଅଛି !

ସାଇଙ୍କର ଆଉ ଏକ ଆଜ୍ଞା ହେଲା, ତୁମ ଘର ଓ ପରିବେଶକୁ ପରିମଳ ରଖ । ସ୍ୱାମୀ କାହିଁକି ଆମ ଘର ପରିଷ୍କାର ରଖିବାକୁ କହନ୍ତି ? ଏହି କଥା ତ ଆମକୁ ଅଜଣା ନାହିଁ । ସ୍ୱାସ୍ଥ୍ୟ ବିଭାଗର ପର୍ଯ୍ୟବେକ୍ଷକ ମଧ୍ୟ ଆମକୁ ଏ ସମ୍ବନ୍ଧରେ ସତର୍କ କରିଥାନ୍ତି । ସ୍ୱାମୀ ଆମକୁ ଏହି ନିର୍ଦ୍ଦେଶ ଦେଇଥା'ନ୍ତି, କାରଣ ଘରକୁ ପରିଷ୍କାର ରଖିବା ମାନେ ତାହାକୁ କେବଳ ଜୀବାଣୁମୁକ୍ତ କରିଦେବା ବା ଆଜିକାଲି ଲୋକେ ଯେପରି କରିଥାନ୍ତି, ସେପରି କିଛି ସୁବାସିତ ଦ୍ରବ୍ୟ ସିଞ୍ଚନ କରି ଦୁର୍ଗନ୍ଧକୁ ଘୋଡ଼େଇ ଦେବା ନୁହଁ । ପଡ଼ୋଶୀର ସ୍ତ୍ରୀ ଯଦି ତା' ସ୍ୱାମୀ ସହ କଳହ କରୁଥାଏ, ତେବେ ସେ ଘର ପରିଷ୍କାର ନୁହଁ ! ତା' ଘରେ ଯଦି ଶାନ୍ତି ନଥାଏ, ତୁମେ ତାର ପଡ଼ୋଶୀ ହୋଇ ରହିବ କିମିତି ? ଶାନ୍ତି ରହିଲେ ଶୌଚ ରହିଛି ବୋଲି ଜାଣ । କଥାରେ କୁହାଯାଏ, ଦେବତ୍ୱର ପରେ ପରେ ଥାଏ ନିର୍ମଳତ୍ୱ । ବାସ୍ତବରେ ତାହା ନୁହଁ, ନିର୍ମଳତ୍ୱ ହିଁ ଦୈବତ୍ୱ । ମନକୁ ନିର୍ମଳ କର, ଇନ୍ଦ୍ରିୟସକଳକୁ ନିର୍ମଳ କର, ହିଂସା, କ୍ରୂରତା ଓ ନିଷ୍ଠୁରତାରୁ ଆନନ୍ଦ ପାଅ ନାହିଁ । ତୁମ ପଡ଼ୋଶୀ ଯନ୍ତ୍ରଣାରେ ଛଟପଟ ହେଉଥିବା ଅବସ୍ଥାରେ ତୁମେ କିମିତି ସୁଖରେ ରହିପାରିବ ? ତେଣୁ ସାଇ ପଡ଼ିଶାରେ ଘୃଣା, ବିଦ୍ୱେଷ, କଳହ ବା ଶତ୍ରୁତାପୂର୍ଣ୍ଣ ପରିବେଶ ରହିବା ଉଚିତ ନୁହଁ । ସ୍ୱାମୀ କହନ୍ତି, "ଅଯଥା ଶବ୍ଦ କର ନାହିଁ, ବଡ଼ ପାଟିରେ କଥା କୁହ ନାହିଁ । ତୁମେ ବଡ଼ ପାଟିରେ କଥା କହିଲେ ସମଗ୍ର ପରିବେଶରେ ଅଶାନ୍ତି ସୃଷ୍ଟି ହୁଏ । ଏହା ଭଗବାନଙ୍କ ନିକଟରେ ତୁମେ କରୁଥିବା ଅପରାଧ । କୋମଳ, ମଧୁର କଥା କୁହ ।" ସ୍ୱାମୀ ତାଙ୍କର ଭକ୍ତମାନଙ୍କୁ ନିଜ ନିଜ ଘରେ ନୀରବତା ରକ୍ଷା କରିବାକୁ କହିଥା'ନ୍ତି । ଯେତିକି ଦରକାର ସେତିକି ଶବ୍ଦ କର ଯେତେ ପାରୁଛ ପାଟିତୁଣ୍ଡରୁ ଦୂରରେ ରୁହ । ତୁମ ଘରର ନୀରବତା ଦେଖି କେହି ହୁଏତ ପଚାରିବ, "ଘରଟା ଖାଲି ଅଛିକି ? କିଛି ପାଟିତୁଣ୍ଡ ଶୁଭୁନି ?" ଲୋକ କହିବେ, "ନା, ନା, ସେ ଘରେ ଜଣେ ସତ୍ୟସାଇ ଭକ୍ତ ରହନ୍ତି, ତେଣୁ ଖାଲିଥିବା ଭଳି ମନେ ହେଉଛି । ଏଠାକାର ପରିବେଶ ମଧ୍ୟ ଅବିକଳ ସେହିପରି । କୋଡ଼ିଏ ହଜାର ଲୋକ ଜମା ହୋଇଥିବେ, ଅଥଚ ସାମାନ୍ୟ ହେଲେ ପାଟି ଶୁଭୁ ନଥିବ । ତେଣୁ ଘର ମଧ୍ୟରେ ନୀରବତା ରକ୍ଷା କର, ଘରକୁ ନିର୍ମଳ ରଖ, ହାସ୍ୟମୁଖର ରଖ । ଶାସ୍ତ୍ରରେ କୁହାଯାଇଛି, "ଯେଉଁ ଘରେ ସ୍ତ୍ରୀର ଲୁହଟୋପା ତଳେ ପଡ଼େ, ସେହି ଘରେ ମେଦିନୀ ବୁକୁ ଚିରି କାନ୍ଦେ ।" ମାନବିକତା ଆଜି କେଉଁ ଅବସ୍ଥାରେ ପହଞ୍ଚିଛି, ଯାହା ଫଳରେ ତାହା ଏକ ନାରୀକୁ କନ୍ଦେଇବାକୁ ପଶ୍ଚାତ୍ପଦ ହେଉନାହିଁ ? ଆମ୍ଭ ଶାସ୍ତ୍ର କହେ, "ନାରୀ ଜାତିକୁ ସମ୍ମାନ କର, ନାରୀ ଜାତିକୁ ଭକ୍ତି କର, କାରଣ ନାରୀ ପରିବାରର ଭାର ବହନ କରେ, ସନ୍ତାନର ଲାଳନ ପାଳନ କରେ ।" ତେଣୁ ସ୍ୱାମୀ ଯେତେବେଳେ ଘରକୁ ପରିଷ୍କାର ରଖିବାକୁ କହନ୍ତି, ସେ କେବଳ ସ୍ୱାସ୍ଥ୍ୟରକ୍ଷା ଦୃଷ୍ଟିରୁ

ଘରକୁ ଜୀବାଣୁମୁକ୍ତ ରଖିବାକୁ କହିନଥାନ୍ତି, ଘରେ ରହୁଥିବା ଲୋକର ହୃଦୟ ଓ ମନକୁ ମଧ୍ୟ ପରିଶୁଦ୍ଧ ରଖିବାକୁ କହିଥାନ୍ତି ।

ଉତ୍ତର ଭାରତରେ ଗୟା ନାମକ ଏକ ସ୍ଥାନ ଅଛି, ଯାହାକୁ ଏକ ପବିତ୍ର କ୍ଷେତ୍ର ମନେ କରାଯାଏ । ସେଠାରେ କେବଳ ପିତୃପୁରୁଷଙ୍କୁ ପିଣ୍ଡ ଦିଆଯାଇନଥାଏ । ଏପରିକି ଆମର ଯେଉଁ ସାଙ୍ଗସାଥୀ ଓ ସହପାଠୀ ଇହଲୋକରୁ ବିଦାୟ ନେଇଛନ୍ତି ତଥା ଆମର ଗୃହପାଳିତ ଗାଈ, କୁକୁର ଆଦି ଯଦି ମରି ଯାଇଥା'ନ୍ତି, ସେମାନଙ୍କ ଆତ୍ମାକୁ ମଧ୍ୟ ତର୍ପଣ ଦିଆଯାଏ । ଯେଉଁମାନେ ଆମକୁ ଭଲ ପାଉଥିଲେ ବା ଆମର ସେବା କରିଥିଲେ ସେମାନଙ୍କର ଦିବଂଗତ ଆତ୍ମାକୁ ଆମେ ଆବାହନ କରି ପିଣ୍ଡ ଦାନ ଦ୍ୱାରା ଆମର ଶ୍ରଦ୍ଧା ଜଣାଉ ଓ ସେହି ଆତ୍ମାର ପରଲୋକରେ ସଦ୍‌ଗତି ପାଇଁ ପ୍ରାର୍ଥନା କରୁ । ତେଣୁ ଘର ମାନେ ଗୃହକର୍ତ୍ତା, ଗୃହିଣୀ, ସନ୍ତାନସନ୍ତତି, ସାଙ୍ଗସାଥୀ, ନୌକର ଚାକର, ବୃକ୍ଷଲତା, ଗୃହପାଳିତ ପଶୁପକ୍ଷୀ - ଏ ସମସ୍ତ କିଛି । ଏଭଳି ଘରକୁ ସର୍ବଦା ପରିଷ୍କାର ରଖିବା ସର୍ବାଦୌ ଆବଶ୍ୟକ । ସ୍ୱାମୀ ଠିକ୍ ଏହା ଚାହାନ୍ତି ।

❖❖❖

୯

ମହାଚୈତନ୍ୟ

ବାବା ହେଉଛନ୍ତି 'ସ୍ୱାମୀ' କାରଣ ସେ ନିଜକୁ 'ସ୍ୱାମୀ' କହି ଉଲ୍ଲେଖ କରିଥା'ନ୍ତି । ସେ କଥା କହିବା ସମୟରେ କହନ୍ତି, "ସ୍ୱାମୀ କହନ୍ତି", "ସ୍ୱାମୀ ଆସିବେ", "ସ୍ୱାମୀ ଯିବେ", "ସ୍ୱାମୀ କହିଥିଲେ ନା ?" ସ୍ୱାମୀ ଅର୍ଥ 'ପ୍ରଭୁ', ଆମେ ସମସ୍ତେ ତାଙ୍କର ସେବକ । ଅନ୍ୟମାନଙ୍କର ସେବା କରିବା ହିଁ ତାଙ୍କର ସେବା କରିବା – ତାହା ତାଙ୍କୁ ଆନନ୍ଦ ଦିଏ। କୌଣସି ନାମ ନନେଇ ଡାକିଲେ ବା ଭଗବାନଙ୍କର ଯେକୌଣସି ନାମରେ ତାଙ୍କୁ ଡାକିଲେ, ସେ ଆମ ଡାକ ଶୁଣିଥାନ୍ତି ।

ସ୍ୱାମୀ କହନ୍ତି, "ମୋତେ ଜାଣିବାକୁ ଚେଷ୍ଟା କର ନାହିଁ । ନିଜକୁ ଜାଣ, କାରଣ ତୁମେ ନିଜେ ହିଁ ମୁଁ !" ସ୍ୱାମୀଙ୍କୁ ଜାଣିବାକୁ ଚେଷ୍ଟା କରିବା ଅପେକ୍ଷା ନିଜକୁ ଜାଣିବାକୁ ଚେଷ୍ଟା କରିବା ଅଧିକ ସହଜ । ତେଣୁ ନିଜକୁ ଜାଣ । ତୁମେ କିଏ ? ତୁମେ ଏଣେତେଣେ ଡିଆଁ ମାରୁଥିବା ଏକ ଶିଶୁ ନା କିଶୋର ନା ଯୁବକ ନା ବର୍ତ୍ତମାନ ଯାହା ଅଛ ତାହା ? ତୁମେ କ'ଣ ଏହା ହେବା ପାଇଁ ଜନ୍ମ ହୋଇଥିଲ ? ତୁମର ପ୍ରକୃତ ସ୍ୱରୂପ କ'ଣ ? ତୁମେ ନିଜକୁ 'ମୁଁ' କହିଥାଅ । ଏହି 'ମୁଁ' କିଏ ? ଏହା ଆସିଛି କେଉଁଠୁ ? ଯାଉଛି କେଉଁଠାକୁ ? ଏ ଖେଳ କ'ଣ ଏତିକିରେ ଶେଷ ? ଯେଉଁଠୁ ଜନ୍ମ ହେଲୁ ସେଇଠୁ ଆରମ୍ଭ ନା ଯେଉଁଠେ ମୃତ୍ୟୁ ହେବ ସେଇଠେ ଶେଷ ? ଆମ ମନରେ ଏ ସମସ୍ତ ପ୍ରଶ୍ନ ଉଙ୍କି ମାରିଥାଏ ଓ ଏ ସବୁର ଉତ୍ତର ଜାଣିବା ଆମର କର୍ତ୍ତବ୍ୟ । ଆମେ ନିଜ ସମ୍ବନ୍ଧରେ ଯେତିକି ଜାଣିବାକୁ ଚେଷ୍ଟା କରୁ, ତା'ଠୁ ଅଧିକ ଅନ୍ୟମାନଙ୍କ ସମ୍ବନ୍ଧରେ (ସେମାନେ ଜୀବିତ ହୋଇଥାନ୍ତୁ ବା ମୃତ ହୋଇଥାନ୍ତୁ), ଜାଣିବାକୁ ଚେଷ୍ଟା କରୁ । ଆମେ ନିଜ ସମ୍ବନ୍ଧରେ ଜାଣିବାକୁ ଚେଷ୍ଟା କଲେ ଶେଷରେ ଜାଣି ପାରିବା ଯେ ଆମେ ହିଁ ଭଗବାନ ! ସ୍ୱାମୀ ଯେଉଁ ମହାଚୈତନ୍ୟର ପ୍ରକାଶ୍ୟରୂପ ଆମେମାନେ ମଧ୍ୟ ସେହି ଚୈତନ୍ୟସ୍ୱରୂପ । ତେଣୁ ସ୍ୱାମୀ କହିଥାନ୍ତି, "ମୁଁ ଭଗବାନ, ତୁମେମାନେ ମଧ୍ୟ ଭଗବାନ ।" ଏହା ଭିନ୍ନ ହୋଇ ନପାରେ । ଦୁଇ ବୋଲି କିଛି ନାହିଁ । ସେହିଁ ଏକ ତଥା ତାଙ୍କଠାରୁ ଅଭିନ୍ନ ଦିବ୍ୟ ସତ୍ତା ଯାହାକୁ ନେଇ ସେ ଏ ଅଖିଳ ବ୍ରହ୍ମାଣ୍ଡକୁ ଭିଆଣ କରିଥା'ନ୍ତି । ତେଣୁ ଏ ସବୁକିଛି ସେ । ତୁମ ହାତକୁ ଯଦି ଖଣ୍ଡେ ପଥର ଦିଆଯାଏ ଓ କୁହାଯାଏ ଯେ ହିମାଳୟ ହେଉଛି ଏହାର ଆହୁରି ମସ୍ତବଡ଼ ଆକାର, ତୁମେ ହିମାଳୟ ସମ୍ବନ୍ଧରେ କିଛି ଧାରଣା କରିପାରିବ, କାରଣ ତୁମେ ପଥରଟି ଦେଖିଛ । ହିମାଳୟ ମଧ୍ୟ ସେହି ପଥରରେ ଗଢ଼ା । ତେଣୁ ତୁମେ ଯଦି ନିଜକୁ ଜାଣିପାର ଓ ନିଜକୁ ଆହୁରି ବିଶାଳ, ବ୍ୟାପକ ତଥା କଳ୍ପନାତୀତ ଭାବେ ଅସୀମ କରି ଦେଇପାର, ତେବେ ତୁମେ ହୋଇଯିବ ଭଗବାନ । ସେହି ଏକ ଶୁଦ୍ଧ ଚୈତନ୍ୟ, ସେହି ଏକ ସକଳ ଶକ୍ତିର ଆଧାର,

ସେହି ଏକ ମେଧାଶକ୍ତି, ସେହି ଏକ ପ୍ରେମର ମହୋଦଧି କ୍ଷୁଦ୍ରାତିକ୍ଷୁଦ୍ର ପଦାର୍ଥ ଭିତରେ ମଧ୍ୟ ପ୍ରକଟିତ ହୋଇଥାଏ । ତୁମେ ସେହି ସିନ୍ଧୁର ଏକ ବିନ୍ଦୁ, ସେହି ଅନନ୍ତ ତଥା ଅସୀମ ମହାସାଗରର ଏକ ତରଙ୍ଗ । ତେଣୁ ତୁମେ ନିଜକୁ ବୁଝି ପାରିଲେ ତାଙ୍କୁ ବୁଝି ପାରିବ । ସମୁଦ୍ରକୁ ଜାଣିବାକୁ ଚେଷ୍ଟା କର ନାହିଁ । ସମୁଦ୍ରଯାକ ପାଣିକୁ ଗୋଟିଏ ଢୋକରେ ପି'ଦେବାର ଦୁଃସାହସ କର ନାହିଁ । ଏହା ଅସମ୍ଭବ । ଗୋଟିଏ ଟୋପା ଜିଭରେ ପକେଇ ତାର ସ୍ୱାଦୁ ଦେଖ, ତେବେ ସମୁଦ୍ରଯାକ ପାଣିର ସ୍ୱାଦୁ କ'ଣ ଜାଣି ପାରିବ । ସ୍ୱାମୀ କହନ୍ତି, ତୁମେ ଏକ ଶୂନ୍ୟ ଶକ୍ତିଯୁକ୍ତ ବିଜୁଳି ବଲ୍‌ବ ଓ ସେ ହେଉଛନ୍ତି ଅଜସ୍ର ଶକ୍ତିଯୁକ୍ତ ଏକ ପ୍ରକାଣ୍ଡ ବିଜୁଳି ବଲ୍‌ବ । କିନ୍ତୁ ସେହି ଏକ ବିଦ୍ୟୁତ୍‌ଶକ୍ତି ଉଭୟରେ ପ୍ରବାହିତ ହୋଇଥାଏ । ତେଣୁ ସେ କହନ୍ତି, "ସେ ଅପରିଜ୍ଞେୟ, ଅପ୍ରମେୟ, ଆମ ବୋଧଶକ୍ତିର ବାହାରେ ।" "ଯତୋ ବାଚୋ ନିବର୍ତ୍ତନ୍ତେ ଅପ୍ରାପ୍ୟ ମନସା ସଃ" - ଯାହାକୁ କଥାରେ କହି ହୁଏ ନାହିଁ, ମନରେ ଭାବି ହୁଏ ନାହିଁ । ତୁମେ ଯଦି ତାଙ୍କୁ 'ବୃହତ୍' କହ, ସେ ବୃହତ୍ ଯେ କ'ଣ ତାହା କଳନା କରି ହେବ ନାହିଁ । ତାଙ୍କୁ ଯଦି ସିନ୍ଧୁ କହି ନିଜକୁ ବିନ୍ଦୁ କହ, ତେବେ ସିନ୍ଧୁ ମଧ୍ୟ ତାର ବ୍ୟାପକତା ଆଗରେ କିଛି ନୁହଁ । ତେଣୁ ତାହା ଅଗମ୍ୟ ଓ ଅବ୍ୟକ୍ତ । ଏପରିକି ତାଙ୍କୁ ଯେତେବେଳେ ମାତ୍ର ଷୋହଳ ବର୍ଷ ବୟସ, ସେ ତାଙ୍କ ବଡ଼ଭାଇଙ୍କୁ ଲେଖିଥିବା ଏକ ପତ୍ରରେ କହିଥିଲେ, "ତୁମେ ଯିଏ ହୁଅନା କାହିଁକି, କେବଳ ଆଜି ନୁହଁ, ଶହେ ବର୍ଷ ଧରି ଯେତେ ଯାହା ଚେଷ୍ଟା କର, ଯେତେ ଯାହା ଖୋଜି ମୋତେ ଜାଣିବାର ପ୍ରୟାସ କର, ମୋତେ ଜାଣିବା ଅସମ୍ଭବ ।" ସେ ଏକଥା କେବଳ ତାଙ୍କ କୈଶୋରରେ କହି ନଥିଲେ, ପରବର୍ତ୍ତୀ କାଳରେ ୧୯୬୮ ମସିହାରେ ବମ୍ବେଠାରେ ଅନୁଷ୍ଠିତ ସତ୍ୟସାଇ ବିଶ୍ୱସମ୍ମିଳନୀରେ ପଚାଶ ହଜାର ଲୋକଙ୍କ ସମାବେଶରେ ମଧ୍ୟ ଘୋଷଣା କରିଥିଲେ । ସେଦିନ ମୁଁ ତାଙ୍କର ତେଲୁଗୁ ଭାଷାରେ ସମ୍ଭାଷଣକୁ ଅନୁବାଦ କରୁଥାଏ । ସମ୍ଭାଷଣ ମଝିରେ ସେ କହିଲେ, "ଆଜି ଯେହେତୁ ସାରା ବିଶ୍ୱରୁ ଏତେ ଅଧିକ ସଂଖ୍ୟାରେ ଆସି ଏଠାରେ ତୁମେମାନେ ସମବେତ ହୋଇଛ, ତୁମମାନଙ୍କ ଆଗରେ ଏକ ଘୋଷଣା କରିବାର ଏହା ଉଚିତ ସମୟ ବୋଲି ମୁଁ ମନେ କରୁଛି ।" ଏହା ଶୁଣି ମୁଁ ସାମାନ୍ୟ ଆନ୍ଦୋଳିତ ହେଲି । ସେ କ'ଣ ଘୋଷଣା କରିବାକୁ ଯାଉଛନ୍ତି ! ଏହାକୁ ଅନୁବାଦ କରି ମୁଁ ମୋ ସହ ଅସହଯୋଗ କରୁଥିବା ଇଂରାଜୀ ଭାଷାରେ ତାହାକୁ ପ୍ରକାଶ କରିବା ପାଇଁ କିଭଳି ପ୍ରସ୍ତୁତ ହେବି ? ସ୍ୱାମୀ ତାଙ୍କ ସମ୍ଭାଷଣ ଜାରି ରଖି କହିଲେ, "ତୁମେମାନେ ସମସ୍ତେ ଏଠାକୁ ଆସିଛ ହୁଏତ ମନରେ ଏକ କର୍ତ୍ତବ୍ୟବୋଧ ନେଇ କିମ୍ବା ମୋ ସମ୍ବନ୍ଧରେ ଅଥବା ସଂଗଠନ ସମ୍ବନ୍ଧରେ କିଛି ଜାଣିବାର କୌତୂହଳ ନେଇ । କିନ୍ତୁ ଏଠାରେ ତୁମକୁ କହି ରଖେ ଯେ ଅବତାରଙ୍କ ଦିବ୍ୟ ଉପସ୍ଥିତିରେ ଏଭଳି ଏକ ସମ୍ମିଳନୀ ଅନୁଷ୍ଠିତ ହେବା ବିଶ୍ୱ ଇତିହାସରେ ପ୍ରଥମ । ଅବତାରଙ୍କ ଉପସ୍ଥିତିରେ ସମ୍ମିଳନୀ ହେବା ଏଥିପୂର୍ବରୁ କେବେ ଘଟିନାହିଁ । ତୁମେମାନେ ସମସ୍ତ ମୁନି, ଋଷି ତଥା ପୟଗମ୍ବରଙ୍କଠାରୁ

ମଧ୍ୟ ଅଧିକ ଭାଗ୍ୟବାନ, କାରଣ ମୁଁ ଏଭଳି ଏକ ଘୋଷଣା କରିବା ସମୟରେ ତୁମେମାନେ ଏଠାରେ ଉପସ୍ଥିତ ଅଛ ।" ସ୍ୱାମୀଙ୍କ ମୁଖରୁ ଏତିକି ଶୁଣିବା ବେଳକୁ ମୋ ଶରୀରର ତାପମାତ୍ରା ବଢ଼ିଯାଇଥାଏ । ସେ ଆଉ କ'ଣ ଘୋଷଣା କରିବାକୁ ଯାଉଛନ୍ତି ? ଏହା ଏକ ଅତି ଗୁରୁତ୍ୱପୂର୍ଣ୍ଣ ଘୋଷଣା ହେବ ବୋଲି ଅନୁମାନ କରି ମୁଁ ପରିସ୍ଥିତିର ଗାମ୍ଭୀର୍ଯ୍ୟ ହେତୁ ନିଜକୁ ଆହୁରି ପ୍ରସ୍ତୁତ କରିନେଲି । ସେ ଘୋଷଣା କଲେ, "ସାରା ସଂସାରରେ ମଣିଷ ଭଗବାନଙ୍କୁ ଯେଉଁ ସମସ୍ତ ନାମ ଓ ରୂପରେ ଆରାଧନା କରିଥାଏ, ମୁଁ ସେହି ସକଳ ଦେବତା ସ୍ୱରୂପ । ତୁମେମାନେ ମୋ ସତ୍ୟକୁ ବୁଝିପାରିବ ନାହିଁ । ମୁଁ ନାନାବିଧ କାର୍ଯ୍ୟ କରି, ତୁମ ସଙ୍ଗେ କଥା କହି, ଭଜନ ଓ ଗୀତ ଗାଇ ତୁମ ମନରେ ଏକ ଭ୍ରମ ସୃଷ୍ଟି କରେ ଯେ ମୁଁ ଏକ ମଣିଷ । ଏଭଳି ଏକ ବିସ୍ମୟର ସାମାନ୍ୟ ଏକ ଝଲକ ମଧ୍ୟ ତୁମେ ଯଦି ଦେଖିବାକୁ ଚାହଁ, ତେବେ ସେହି ମୁହୂର୍ତ୍ତ ପାଇଁ ଅପେକ୍ଷା କରି ରୁହ ।"

ପ୍ରସିଦ୍ଧ ଇଂରେଜ ଲେଖକ ଜନସନ୍ ଏକ ସଙ୍ଗୀତ ଆସରରେ ଉପସ୍ଥିତ ଥାନ୍ତି । ତାଙ୍କ ପାଖରେ ବସିଥିବା ଜଣେ ଲୋକ ତାଙ୍କୁ କହିଲା, "ସେ ଗାଉଥିବା ଗୀତଟି ଭାରି କଷ୍ଟ ।" ଜନସନ୍ ତାଙ୍କୁ ଉତ୍ତର ଦେଲେ, "ମୁଁ ଚାହୁଁଥିଲି ଯେ ତାହା ଅସମ୍ଭବ ହେଉ, ତେବେ ଆମେ କେହି ତାହା ଗାଇବାକୁ ଚେଷ୍ଟା କରିନଥାନ୍ତୁ ।" ସ୍ୱାମୀଙ୍କ ରହସ୍ୟ ମଧ୍ୟ ଅଭେଦ୍ୟ, ତେଣୁ ଆମେ ତାହା ଜାଣିବାର ପ୍ରୟାସ କରିବା ଅନାବଶ୍ୟକ । ତେଣୁ ସେହିଁ ସେଦିନ ତାଙ୍କ ସମ୍ବନ୍ଧରେ ଘୋଷଣା କଲେ । ଆମେମାନେ ଭଗବାନ ମାନେ ଭାବିଥାଉ ଯେ ସେ ସର୍ବଜ୍ଞ, ସର୍ବବିଦ୍ୟମାନ, ସର୍ବଶକ୍ତିମାନ, କରୁଣା ପରିପୂର୍ଣ୍ଣ ତଥା ସମସ୍ତଙ୍କ ପ୍ରତି ପ୍ରେମଶୀଳ ହୋଇଥିବେ । ସ୍ୱାମୀ ଏ ସମସ୍ତର ଆଭାସ ଭିନ୍ନ ଭିନ୍ନ ସମୟରେ ଓ ସନ୍ଦର୍ଭରେ ଆମକୁ ଦେଇଥା'ନ୍ତି ଯଦିଓ ତାଙ୍କୁ ଗୋଟାକ ସାରା ବୁଝିବା ଅତ୍ୟନ୍ତ ଦୁଃସାଧ୍ୟ, କାରଣ ଆମର ଧାରଣ ଶକ୍ତି, ଶବ୍ଦ ଜ୍ଞାନ ତଥା ବୋଧଶକ୍ତି - ଏସବୁ ଅତ୍ୟନ୍ତ ସୀମିତ ।

ଥରେ ସ୍ୱାମୀ ମୋତେ ବିଭୂତି ଦେଇ ତାହା ଖାଇଦେବାକୁ କହିଲେ । ମୁଁ ସେଥିରୁ କିଛି ଖାଇ ଆଉ କିଛି ଏକ କାଗଜରେ ଗୁଡ଼େଇ ମୋ ଧୋତି ଅଞ୍ଚଳରେ ବାନ୍ଧୁଥାଏ । ତାହା ଦେଖି ସ୍ୱାମୀ ପଚାରିଲେ, "କ'ଣ, ତୋ ସ୍ତ୍ରୀ ପାଇଁ ନେଉଛୁ ? ତୁ ସ୍ୱର୍ଗକୁ ଯା, ନ ହେଲେ ଅନ୍ୟ ଯେଉଁଠିକି ଯା, ତୋ ସ୍ତ୍ରୀ ସବୁବେଳେ ତୋ ଧୋତିର ଅଞ୍ଚଳ ଧରି ତୋ ସହିତ ଯିବ ନାହିଁ । ସେ ତା ବାଟରେ ଯିବ । କୌଣସି ସ୍ତ୍ରୀ ତାର ସ୍ୱାମୀ ସଙ୍ଗେ ସ୍ୱର୍ଗକୁ କୁହ ବା ଅନ୍ୟ କେଉଁଠିକୁ କୁହ ଯାଇପାରିବ ନାହିଁ । ତାର ନିଜର ଏକ ଜୀବନ ଅଛି । ପାଣିଗ୍ରହଣ ସମୟରେ ପୁରୋହିତ ବରକୁ ଏକ ଶପଥ ନେବାକୁ କହେ । ତାହା ହେଉଛି, "ଆମେ ଦୁହେଁ ଏକ ହୋଇ ଧର୍ମ, ଅର୍ଥ, କାମ, ମୋକ୍ଷ ପ୍ରାପ୍ତି ପାଇଁ ପ୍ରୟାସ କରିବା, ଏଥିପାଇଁ ମୁଁ ତୁମକୁ ବିବାହ କରୁଛି ।" ଦୁହେଁ ମିଶି ସ୍ୱର୍ଗକୁ ଯିବେ ଭାବି କେହି କାହାକୁ ବିବାହ କରିନଥାଏ । ତୁମ ସ୍ତ୍ରୀର ଇଚ୍ଛା ନଥିଲେ ତୁମେ ତାକୁ ତୁମ ସଙ୍ଗେ ସ୍ୱର୍ଗକୁ ଟାଣି ନେଇ ପାରିବ ନାହିଁ । ତାର ଇଚ୍ଛା

ଥିଲେ ମଧ୍ୟ ତାକୁ ସ୍ୱର୍ଗକୁ ଟାଣିନେବା ସମ୍ଭବ ନୁହଁ, କାରଣ ତାର ନିଜର ଏକ ଜୀବନ ଅଛି, ଏକ ପଥ ଅଛି ।" ସ୍ୱାମୀ ଏହା କହିବା ପରେ ମୁଁ ଧୋତି ଅଞ୍ଚଳରେ ବାନ୍ଧିଥିବା ବିଭୂତିକୁ କାଢ଼ି ପାଟିରେ ପକେଇଲି । ସ୍ୱାମୀ ତୁମକୁ କିଛି ଦେଇ 'ଖା' କହିଲେ, ଗୋଟାକସାରା ଖାଇ ଦିଅ । ସେଥିରୁ କିଛି କାହାକୁ ଦେବା ପାଇଁ ଅଲଗା ରଖ ନାହିଁ । ସାମାନ୍ୟ ବିଭୂତି ମଧ୍ୟରେ ତାଙ୍କର ଲୀଳାର କରାମତି ତୁମେ ନିଜେ ଅନୁଭବ କରିପାରିବ । ପ୍ରକୃତପକ୍ଷେ, ଆମ ସମ୍ମୁଖରେ ରହିଛି ଏକ ବିସ୍ମୟ ଓ ସେହି ବିସ୍ମୟ ସମ୍ବନ୍ଧରେ ଆମର ଏକମାତ୍ର ପ୍ରତିକ୍ରିୟା ହେଉଛି 'ନୀରବତା' । ଚୀନ ଦେଶର ଏକ କାହାଣୀ ରହିଛି । ଚୀନ ଅଧିବାସୀ ପ୍ରଥମଥର ବୁଦ୍ଧଙ୍କ ନାମ ଶୁଣିବା ପରେ ତାଙ୍କ ସମ୍ବନ୍ଧୀୟ କିଛି ପୁସ୍ତକ ପାଠ କରିବା ପାଇଁ ଓ ତାଙ୍କ ପ୍ରଚାରିତ ଧର୍ମ ଅଭ୍ୟାସ କରିବା ପାଇଁ ଆଗ୍ରହ ପ୍ରକାଶ କଲେ । ଏଥିପାଇଁ ଚୀନର ସମ୍ରାଟ ଏକ ପରୀକ୍ଷା କଲେ ଓ ଉକ୍ତ ପରୀକ୍ଷାରେ ଉତ୍ତୀର୍ଣ୍ଣ ପ୍ରଥମ ସନ୍ନ୍ୟାସୀଙ୍କୁ ଭାରତ ପଠେଇଲେ । ସେହି ସନ୍ନ୍ୟାସୀଙ୍କ ପାଇଁ ଭାରତ ଯାତ୍ରା ଅତି ଦୁର୍ଗମ ଥିଲା । ସେ ଭାରତକୁ ଆସୁଥିବା ସମୟରେ କିଛି ଏକ ଘଟଣା ଘଟିଲା । ସେହି ସମୟରେ ଏକ ମାଙ୍କଡ଼ ଥାଏ ଯାହା ମଧ୍ୟରେ ଏକ ଅଦ୍ଭୁତ ଆଧ୍ୟାତ୍ମିକ ଅଭୀପ୍ସା ଥାଏ । ସେହି ମାଙ୍କଡ଼ ବାଉଁଶରେ ଏକ ଭେଳା କରି ନଦୀ ମଧ୍ୟ ଦେଇ ସମୁଦ୍ରରେ ପ୍ରବେଶ କଲା ଏବଂ ବଙ୍ଗୋପସାଗର ମଧ୍ୟ ଦେଇ ଭିଏଟ୍‌ନାମ, ଥାଇଲ୍ୟାଣ୍ଡ, ସିଙ୍ଗାପୁର ଯାତ୍ରା କରି ଶେଷରେ କଲିକତାରେ ପହଞ୍ଚିଲା ଓ ସେଠାରୁ ଗଙ୍ଗାନଦୀରେ ଭାସି ଭାସି ହିମାଳୟକୁ ଗଲା । ସେହିଠାରେ ସେ ଏକ ଗୁରୁଙ୍କ ସଂସ୍ପର୍ଶରେ ଆସି କିଛି ସିଦ୍ଧିଲାଭ କଲା । ସେହି ସିଦ୍ଧି ବଳରେ ସେ ଗୋଟିଏ ଡିଆଁ ମାରି ସ୍ୱର୍ଗଲୋକରେ ପହଞ୍ଚିଲା । ସେତେବେଳେ ସ୍ୱର୍ଗଲୋକରେ ଦେବତାମାନଙ୍କ ପାଇଁ ରାତ୍ରି ଭୋଜନର ପ୍ରସ୍ତୁତି ଚାଲିଥାଏ । ଦେବତାମାନେ ସେଠାରେ ପହଞ୍ଚିବା ପୂର୍ବରୁ ମାଙ୍କଡ଼ଟି ସେମାନଙ୍କ ପାଇଁ ପରିବେଷିତ ସମସ୍ତ ଖାଦ୍ୟ ଭକ୍ଷଣ କରିନେଲା । ଦେବତାମାନେ ଆସି ମାଙ୍କଡ଼ କରିଥିବା କର୍ମରେ କ୍ରୋଧିତ ହୋଇ ତାକୁ ଅଭିଶାପ ଦେଲେ । ସେମାନେ ଏକ ମସ୍ତବଡ଼ ପର୍ବତ ଉଠେଇ ମାଙ୍କଡ଼ର ମୁହଁଟି ବାହାରକୁ ଥିବା ଅବସ୍ଥାରେ ତା' ଉପରକୁ ପର୍ବତଟି ଚାପି ଦେଲେ ଓ ଅଭିଶାପ ଦେଇ କହିଲେ, "ଏଇଠେ ରହି ଭୋଗୁଥା" । ମାଙ୍କଡ଼ ସେମାନଙ୍କୁ ବିନତି କରି କହିଲା, "ମୁଁ ଏକ ମର୍କଟ । ମୁଁ ମୋର ସହଜାତ ପ୍ରବୃତ୍ତି ଅନୁସାରେ ଯାହା ପାଇଲି ତାହାକୁ ଝାମ୍ପି ଖାଇଛି । ଅବଶ୍ୟ ମୁଁ ସ୍ୱର୍ଗଲୋକକୁ ଡିଆଁମାରି ଚାଲି ଆସିଛି, କିନ୍ତୁ ଏଥିପାଇଁ ମୋ ଗୁରୁ ଦାୟୀ, ଯେହେତୁ ସେ ମୋତେ ଏତେ ଉଚ୍ଚକୁ ଡେଇଁବା ଶିକ୍ଷା ଦେଲେ । ଏଥିରେ ମୋର ଦୋଷ କ'ଣ ? ଆପଣମାନେ ମୋତେ କାହିଁକି ଶାସ୍ତି ଦେଉଛନ୍ତି ?" ତାହା ଶୁଣି ଦେବତାମାନେ କହିଲେ, "ଠିକ୍ ଅଛି । ଦିନେ ତୁ ଜଣେ ଚୀନ୍ ପରିବ୍ରାଜକଙ୍କୁ କିଛି ବୌଦ୍ଧଧର୍ମର ପୁସ୍ତକ ଆଣିବାକୁ ଭାରତ ଯାଉଥିବା ଦେଖିବୁ । ସେ ଏହି ରାସ୍ତାଦେଇ ଯିବା ସମୟରେ ତୁ ତାଙ୍କୁ ପଚାରିବୁ, "ଆପଣ କେଉଁଠିକି ଯାଉଛନ୍ତି ?" ସେ ଉତ୍ତର ଦେବେ,

'ଭାରତ ।' ତୁ ସେତେବେଳେ ପଚାରିବୁ, "ଭାରତ କାହିଁକି ଯାଉଛନ୍ତି ?" ସେ କହିବେ, "କିଛି ବୌଦ୍ଧଧର୍ମର ଗ୍ରନ୍ଥ ଆଣିବା ପାଇଁ ।" ଠିକ୍ ସେହି ସମୟରେ ତୁ ପର୍ବତର କବଳରୁ ମୁକ୍ତି ପାଇବୁ । ତା'ପରେ ତୁ ତାଙ୍କ ସଙ୍ଗେ ଯାଇ ତାଙ୍କ ଯିବା ବାଟରେ ଯାହାକିଛି ବାଧାବିଘ୍ନ ଆସିବ, ସେସବୁ ଅତିକ୍ରମ କରିବାରେ ତାଙ୍କୁ ସାହାଯ୍ୟ କରେ । ସେତେବେଳେ ତୁ ମୁକ୍ତି ପାଇଯିବୁ ।"

ପରିବ୍ରାଜକ ହୁଏନ୍‌ସାଂ ସେହି ବାଟ ଦେଇ ଯିବା ସମୟରେ ମାଙ୍କଡ଼ଟି ପର୍ବତ ଉହାଡ଼ରୁ ଉଙ୍କି ମାରି ଚାହିଁଥାଏ । ତାଙ୍କୁ ଦେଖି ସେ ପଚାରିଲା, "ଆପଣ କେଉଁଆଡ଼େ ଯାଉଛନ୍ତି ?" ସେ କହିଲେ "ଭାରତ" । ମାଙ୍କଡ଼ ପଚାରିଲା, "କାହିଁକି" ? ସେ କହିଲେ, "ବୌଦ୍ଧ ଧର୍ମର ଗ୍ରନ୍ଥ ଆଣିବା ପାଇଁ ।" ସଂଗେ ସଂଗେ ମାଙ୍କଡ଼କୁ ଚାପି ଧରିଥିବା ପର୍ବତଟି କୁଆଡ଼େ ଅଦୃଶ୍ୟ ହୋଇଗଲା । ତା'ପରେ ହୁଏନ୍‌ସାଂ ସେହି ମାଙ୍କଡ଼ ସହ ଭାରତ ଆସିଲେ । ସେ ମହାତ୍ମା ବୁଦ୍ଧଙ୍କର କେତେକ ଶିଷ୍ୟଙ୍କୁ ସାକ୍ଷାତ କଲେ ଓ ସେମାନଙ୍କଠାରୁ କିଛି ବୌଦ୍ଧଧର୍ମର ଗ୍ରନ୍ଥ ସଂଗ୍ରହ କଲେ । ମାଙ୍କଡ଼ ତା' ପିଠିରେ ପୁସ୍ତକ ଗଣ୍ଠୁଲି ଖୋଲି ଯେତେବେଳେ ଗ୍ରନ୍ଥଗୁଡ଼ିକୁ ଦେଖିଲା, ସେସବୁ କୌଣସି ଲେଖା ନଥାଇ ଶୂନ୍ୟ ଦିଶିଲା । ଖାଲି ବହିଗୁଡ଼ିକୁ ଦେଖି ମାଙ୍କଡ଼ଟି ଚିତ୍କାର କରି ଉଠିଲା, "ଏ କ'ଣ ? ଏତେ ହଇରାଣ ହୋଇ ମହାତ୍ମା ବୁଦ୍ଧଙ୍କୁ ପ୍ରାର୍ଥନା କରିବା ପରେ ତାଙ୍କର ଦୁଇ ଶିଷ୍ୟ ଆନନ୍ଦ ଓ କଶ୍ୟପ ଆମକୁ ଖାଲି ବହିଗୁଡ଼ିଏ ଦେଇ ଠକି ଦେଲେ । ଏସବୁ ଖାଲି ବହି ନେଇ ଆମେ କ'ଣ କରିବା ?" ଠିକ୍ ସେହି ସମୟରେ ସେମାନେ ବୁଦ୍ଧଙ୍କର ଅଶରୀରୀ ବାଣୀ ଶୁଣିଲେ, "ଶୁଣ ! ଶୁଣ ! ଚିତ୍କାର କର ନାହିଁ । ଏହି ଶୂନ୍ୟ ଗ୍ରନ୍ଥଗୁଡ଼ିକ ହିଁ ପ୍ରକୃତ ଗ୍ରନ୍ଥ । ଗ୍ରନ୍ଥ ପଠନରୁ କ'ଣ ମିଳିଥାଏ ? ଶବ୍ଦଜାଲରେ ଛନ୍ଦି ହେବା ବ୍ୟତୀତ ଆଉ କିଛି ଲାଭ ହୁଏ ନାହିଁ । ଶବ୍ଦ ସତ୍ୟକୁ ସୀମିତ କରେ, ବିକୃତ କରେ ଏବଂ ପାଠକ ଶବ୍ଦଚାତୁରୀରେ ବିମୋହିତ ହୋଇ ଭାବକୁ ବିସ୍ମରି କୁପଥଗାମୀ ହୁଏ ।"

ସେହିପରି ବାବାଙ୍କ ସମ୍ବନ୍ଧରେ କିଛି କହିବା ଏକ ଅତ୍ୟନ୍ତ ଦୁରୂହ ବ୍ୟାପାର କାରଣ ଶବ୍ଦରେ ପ୍ରକାଶ କଲେ ତାହା ବିଚାର ପ୍ରମାଦ ସୃଷ୍ଟି କରେ ଓ ସତ୍ୟକୁ ସୀମିତ କରିବାର ପ୍ରୟାସ କରେ । ବବା ଆମର ବୋଧଶକ୍ତିର ଅତୀତ । ତେବେ ଆପଣ ମୋତେ ପଚାରି ପାରନ୍ତି, "ଯଦି ତାହା ହିଁ ଠିକ୍, ଆମ ସମସ୍ତଙ୍କୁ ଡାକି ଏଠାରେ ଏକାଠି କରିବାର ମାନେ କ'ଣ ?" କାରଣ ସ୍ୱାମୀ ନିଜେ କେବେ ଏଇଠେ ତ' କେବେ ସେଇଠେ ତାଙ୍କର ରହସ୍ୟକୁ ପ୍ରକଟ କରିଛନ୍ତି ଏବଂ ଆମେମାନେ ସେ ସମସ୍ତକୁ ସାଉଁଟି ଏହି ବିସ୍ମୟ ପୁରୁଷଙ୍କ ସମ୍ବନ୍ଧରେ କିଞ୍ଚିତ ଧାରଣା କରିପାରୁ । ତାଙ୍କ ସମ୍ବନ୍ଧରେ କିଛି କହିବାକୁ ଯିବା ସମୟରେ ମୁଁ ସାଧାରଣତଃ ମୋ ମନରେ ଏକ ଫର୍ମ ତିଆରି କରି ମାନସିକ ଭାବେ ତାଙ୍କୁ ତାହା ଦେଇଥାଏ । ଏହି ଫର୍ମ କୌଣସି ଦପ୍ତରକୁ ଯାଇଥିବା ସମୟରେ ଆମେ ଯେଉଁଭଳି ଏକ ଫର୍ମ ପୂରଣ କରିଥାଉ,

ସେହିଭଳି । ସେହି ଫର୍ମରେ ପ୍ରଥମେ ଥାଏ, 'ନାମ' । ସ୍ୱାମୀ କହନ୍ତି, "ମୋର କୌଣସି ନାମ ନାହିଁ । ଯେଉଁ ନାମରେ ଡାକୁଛ ଡାକ, ମୁଁ 'ଓ' କରିବି । ରାମ, କୃଷ୍ଣ, ଯୀଶୁ – ଏମିତି ଯେକୌଣସି ନାମରେ ଡାକିପାର ।" ତେବେ ଯାହାର ନାମ ନାହିଁ, ତାକୁ ଡାକିବ କେମିତି ? ତାଙ୍କୁ ଉଲ୍ଲେଖ କରି ଅନ୍ୟକୁ କିମିତି କହିବ ? ସ୍ୱାମୀ କହନ୍ତି, "ତୁମେ କୁହ, 'ସ୍ୱାମୀ ନା ୱାଡୁ' – ଅର୍ଥାତ୍ ସ୍ୱାମୀ ମୋର । ତେଲୁଗୁରେ 'ନାୱାଡୁ' ଅର୍ଥ ମୋର । ତୁମେ ଯଦି ମୋତେ 'ମୋର' ବୋଲି କୁହ, ମୁଁ ତୁମକୁ 'ତୁମର' କହି ଉତ୍ତର ଦେବି । ତୁମେ ମନ୍ଦିରରେ ଛିଡ଼ା ହୋଇ ଅନ୍ତର ଭରି ଯଦି କୁହ, 'ସ୍ୱାମୀ, ତୁମେ ମୋର', ମୁଁ କହିବି 'ହଁ, ମୁଁ ତୁମର' । ତୁମର ଓ ମୋ ମଧ୍ୟରେ ଏହା ହିଁ ସମ୍ବନ୍ଧ ।

ଫର୍ମର ଦ୍ୱିତୀୟ ପ୍ରଶ୍ନ ହେଲା 'ପୁରୁଷ ନା ସ୍ତ୍ରୀ ?' ପୁରୁଷଙ୍କ ମେଳରେ ମୁଁ ପୁରୁଷ । ସ୍ତ୍ରୀଙ୍କ ମେଳରେ ମୁଁ ସ୍ତ୍ରୀ, ପିଲାଙ୍କ ମେଳରେ ମୁଁ ପିଲା । ଉପନିଷଦର ଏକ ଉକ୍ତି କହେ, "ତ୍ୱଂ ପୁରୁଷଃ ତ୍ୱଂ ସ୍ତ୍ରୀ । ତ୍ୱଂ କୁମାରଃ, ତ୍ୱଂ କୁମାରୀ ।" ସ୍ୱାମୀ କହନ୍ତି, "ଲୋକଙ୍କ ମନରେ ମୁଁ ଜଣେ ପୁରୁଷ, ଜଣେ ବୃଦ୍ଧ, ଜଣେ କୁମାରୀ, ଜଣେ ନାରୀ, ଜଣେ ବୃଦ୍ଧା ବୋଲି ବିଶ୍ୱାସ ସୃଷ୍ଟି କରି ମୁଁ ସେମାନଙ୍କୁ ଭ୍ରମରେ ପକାଏ ।" ସେ କେବଳ ଏକ ଭୂମିକାରେ ଅଭିନୟ କରୁଛନ୍ତି, ଏହା ବ୍ୟତୀତ ଅନ୍ୟ କିଛି ନୁହଁ । ମଣିଷଜାତି ପାଇଁ ଏହି ଅଭିନୟର ଆବଶ୍ୟକତା ଦୃଷ୍ଟିରୁ ଯେତେବେଳେ ତାଙ୍କୁ ଯେଉଁ ଭୂମିକାରେ ଅଭିନୟ କରିବାକୁ ହୋଇଥାଏ, ତାହା ସେ କରିଥା'ନ୍ତି । ତେଣୁ 'ପୁରୁଷ ନା ସ୍ତ୍ରୀ – ଏହି ପ୍ରଶ୍ନର ଉତ୍ତର ଶୂନ୍ୟ ରହେ ।

ତା'ପର ପ୍ରଶ୍ନ ହେଲା 'ବୟସ ?' ମୁଁ ଦେଖେ ଯାହାର ବୟସ ପଚାଶ ବା ଷାଠିଏ ଆଡ଼କୁ ହୁଏ, ତାର ମୁଣ୍ଡ ଚନ୍ଦା ହେବା ଆରମ୍ଭ କରେ, ବାଳ ପାଚେ ଓ ଚଷମା ଦରକାର ହୁଏ । କିନ୍ତୁ ସ୍ୱାମୀଙ୍କ ମୁଣ୍ଡ ଚନ୍ଦା ହୋଇନି, ବାଳ ପାଚିନି ଓ ଚଷମା ଦରକାର ହୋଇନି । ଆମେ କହୁ ଯେ ସେ ଏହି ବିଶ୍ୱବ୍ରହ୍ମାଣ୍ଡର ସ୍ରଷ୍ଟା । ତେଣୁ ତାଙ୍କ ବୟସ କେତେ ଯୁଗର ହେବ ? ତାଙ୍କ ବୟସ ଲେଖିଲେ, ଫର୍ମରେ ଯାଗା ହେବ ନାହିଁ ।

ଫର୍ମର ପରବର୍ତ୍ତୀ ପ୍ରଶ୍ନ ହେଲା, 'ଜନ୍ମ ତାରିଖ ?' ଉତ୍ତର – ସେ କେବେ ଜନ୍ମ ହୋଇ ନାହାନ୍ତି ।

ତାପରେ, 'ପିତା-ମାତା ?' ଯାହାର ବୟସ ନାହିଁ ତାହାର ପିତା-ମାତା ଆସିବେ କେଉଁଠୁ ? ସେ କହନ୍ତି, "ମୁଁ ଜନ୍ମ ନେବାର ସଙ୍କଳ୍ପ କଲି, ମୁଁ ମୋର ମା କିଏ ହେବ ସ୍ଥିର କଲି । ସ୍ୱାମୀଙ୍କର ପିତାଙ୍କର ଯେତେବେଳେ ମୃତ୍ୟୁ ହେଲା, ଅନେକ ବ୍ୟକ୍ତି ତାଙ୍କୁ ଶୋକ ସନ୍ଦେଶ ପଠେଇ ଲେଖିଥିଲେ, "ଆପଣଙ୍କ ପିତାଙ୍କ ମୃତ୍ୟୁରେ ଆମେ ସମବେଦନା ଜଣାଉଛୁ । ତାଙ୍କର ଆତ୍ମା ଶାନ୍ତିରେ ରହୁ ।" ସନାତନ ସାରଥିର ସମ୍ପାଦକ ଥିବା ମୁଁ ଏ ସମସ୍ତ ଶୋକ ସନ୍ଦେଶ ପତ୍ରିକାରେ ପ୍ରକାଶ କରିଥିଲି । ସ୍ୱାମୀ ଉତ୍ତରରେ ଲେଖିଥିଲେ, ତାଙ୍କର ଆତ୍ମାର ଶାନ୍ତି ପାଇଁ କାହିଁକି ପ୍ରାର୍ଥନା କରୁଛ ? ଆତ୍ମା ହିଁ ସତ୍ୟ, ଜ୍ଞାନ, ସୌନ୍ଦର୍ଯ୍ୟ, ଶାନ୍ତି ତଥା

ଆନନ୍ଦ । ଜୀବାତ୍ମା ପରମାତ୍ମାର ଅଂଶବିଶେଷ । ଆତ୍ମାର ସ୍ୱରୂପ କ'ଣ ତୁମେ ଜାଣ ନାହିଁ । ତୁମର ପ୍ରାର୍ଥନା ତାଙ୍କର ଆତ୍ମାକୁ କିଛି ଅଧିକ ଶାନ୍ତି ଦେବ ନାହିଁ । କେବଳ ଯେଉଁମାନେ ମଣିଷର ସାରସତ୍ତା, ସ୍ୱଭାବ ଓ ସ୍ୱରୂପ ଜାଣିନଥାନ୍ତି ସେହିମାନେ ପରଲୋକଗତ ଆତ୍ମାର ଶାନ୍ତି ପାଇଁ ପ୍ରାର୍ଥନା କରିଥା'ନ୍ତି । ପରଲୋକକୁ ଯିବା ପୂର୍ବରୁ ମଧ୍ୟ ଉକ୍ତ ଆତ୍ମାର ଶାନ୍ତି ଥିଲା । ତାଙ୍କର ପିତୃବିୟୋଗ ଜନିତ ଶୋକ ସମ୍ବନ୍ଧରେ ସେ ଲେଖିଥାନ୍ତି, "ଯୁଗ ମଧ୍ୟରେ କେବଳ ଜଣେ ଅବତାରଙ୍କର ପିତା ହେବାର ସୌଭାଗ୍ୟ ଲାଭ କରିଥାନ୍ତି ଏବଂ ଯେଉଁ ମୁହୂର୍ତ୍ତରେ ଏହି ଶରୀର ଜନ୍ମ ନେଲା ସେହି ମୁହୂର୍ତ୍ତରୁ ସେ ଏହି ଭାଗ୍ୟର ଅଧିକାରୀ ହେଲେ ।" ମାତାଙ୍କୁ ମାତୃତ୍ୱ ତଥା ପିତାଙ୍କୁ ପିତୃତ୍ୱର ଗୌରବ ସ୍ୱାମୀଙ୍କ ଦ୍ୱାରା ହିଁ ପ୍ରଦତ୍ତ ଥିଲା । ଏହା ଥିଲା ଅନ୍ୟ ଏକ ବିସ୍ମୟ । ପ୍ରକୃତରେ ସେ ତାଙ୍କ ବାପାଙ୍କୁ ବାପା ଓ ମା'ଙ୍କୁ ମା କହି ସମ୍ବୋଧନ କରୁନଥିଲେ, କାରଣ ପିତାମାତାଙ୍କ ସହ ତାଙ୍କର କୌଣସି ଦୈହିକ ସମ୍ପର୍କ ନଥିଲା । ଯୀଶୁଙ୍କ ଜନ୍ମ ପଛରେ ମଧ୍ୟ ମେରୀ ଓ ତାଙ୍କ ସ୍ୱାମୀଙ୍କର କୌଣସି ଦୈହିକ ସମ୍ବନ୍ଧ ନଥିଲା । ମେରୀ ଥିଲେ ଅଯୌନଗର୍ଭା ଓ ସେ ଦମ୍ପତିଙ୍କ ସମ୍ବନ୍ଧ ଥିଲା ଅତି ପବିତ୍ର । ଆପଣଙ୍କର ଶାସ୍ତ୍ର କୁହନ୍ତୁ ବା ଆମର ଶାସ୍ତ୍ର କୁହନ୍ତୁ, ଯେଉଁମାନେ ଈଶ୍ୱରଙ୍କ ପାଇଁ ବ୍ୟାକୁଳ, ସେମାନଙ୍କ ପାଇଁ ସକଳ ଶାସ୍ତ୍ର ସର୍ବସାଧାରଣଙ୍କର ସମ୍ପତ୍ତି । ତେଣୁ ସକଳ ଧର୍ମର ସମସ୍ତ ଶାସ୍ତ୍ରରେ ଅବତାରତତ୍ତ୍ୱକୁ ବୁଝେଇବାକୁ ଯାଇ କୁହାଯାଇଛି ଯେ ଯେତେବେଳେ ଭଗବାନ 'ମୁଁ ଜନ୍ମ ନେବି' ବୋଲି ସଙ୍କଳ୍ପ କରନ୍ତି ସେ ଚତୁଃପାର୍ଶ୍ୱକୁ ଲକ୍ଷ୍ୟ କରି ସ୍ଥିର କରନ୍ତି କିଏ ତାଙ୍କର ପିତାମାତା ହେବେ ଓ ତଦନୁଯାୟୀ ସେ ସେମାନଙ୍କର ରକ୍ତରେ ନୁହଁ, ମନରେ ପ୍ରବେଶ କରଥାନ୍ତି । ତେଣୁ ଏହା ଜଣେ ଅନ୍ୟ ଜଣକୁ ମନ୍ତ୍ର ଶକ୍ତି ପ୍ରଦାନ କରି ଏକ ମାନବ ଶରୀର ସୃଷ୍ଟି କରିବା ସଦୃଶ । ଏହା କୁହାଯାଇଛି ଯେ କୃଷ୍ଣ ପିତାଙ୍କ ମନରୁ ମାତାଙ୍କ ମନକୁ ସ୍ଥାନାନ୍ତରିତ ହେଲେ ଓ ତା'ପରେ ମାତୃଗର୍ଭରେ ବଢ଼ିଲେ । ଏହା ଆକାଶରେ ଚନ୍ଦ୍ରର ବୃଦ୍ଧି ଭଳି । ଆକାଶରେ ଚନ୍ଦ୍ର ଥାଏ କିନ୍ତୁ ସେଥିରେ ଆକାଶର କିଛି କରିବାର ନଥାଏ । ଦେବଶିଶୁ ମାତୃଗର୍ଭରେ ରହେ କିନ୍ତୁ ସେହି ଗର୍ଭସହ ତାର କିଛି ସମ୍ପର୍କ ନଥାଏ । ତାହା ମାତୃଗର୍ଭରୁ ପୁଷ୍ଟି ପାଇ ନଥାଏ । ନାଭିର କୌଣସି ନାଡ଼ ମା'କୁ ସେହି ଶିଶୁ ସହ ବାନ୍ଧି ରଖି ନଥାଏ । ତେଣୁ ସ୍ୱାମୀ ତାଙ୍କ ପିତାଙ୍କୁ 'ଆବାଇ' ଅର୍ଥାତ୍ ପୁଅ ଓ ମା'ଙ୍କୁ 'ଆମାଇ' ଅର୍ଥାତ୍ ଝିଅ ବୋଲି ଡାକୁଥିଲେ । ତାଙ୍କର ଜନ୍ମ ଥିଲା ଦିବ୍ୟ, ସେ ଥିଲେ ସଂକଳ୍ପଜନ୍ମା । ସେ ହିଁ ତାଙ୍କର ପିତା-ମାତାଙ୍କୁ ବାଛିଥିଲେ ଓ ସେମାନଙ୍କୁ ତାଙ୍କର ପିତାମାତା ହେବାର ସୌଭାଗ୍ୟ ପ୍ରଦାନ କରିଥିଲେ ।

ଏଥର ତାଙ୍କର ବାସସ୍ଥାନ କେଉଠେ ଦେଖିବା । ତାଙ୍କର ଘର ଠିକଣା କ'ଣ ? ସ୍ୱାମୀ ଏହାର ଉତ୍ତରରେ କହନ୍ତି, "ତୁମ ହୃଦୟ ।" ପ୍ରତ୍ୟେକଙ୍କ ହୃଦୟ ହିଁ ତାଙ୍କର ନିବାସ । "ମୁଁ ତୁମ ହୃଦୟରେ ଅଧିଷ୍ଠିତ ସାରଥି ।" ତୁମେ ଜାଣ ବା ନ ଜାଣ, ଚାହଁ ବା ନ ଚାହଁ,

ଏହା ହିଁ ସତ୍ୟ । ସେ ନିଜେ ଅଧିଷ୍ଠିତ ହେବା ପାଇଁ ତୁମ ହୃଦୟକୁ ସୃଷ୍ଟି କରିଛନ୍ତି । ତୁମେ ସେହି ହୃଦୟରେ ଆଉ ଡଜନେ ଲୋକଙ୍କୁ ରଖ, ତଥାପି ସେ ସେଠାରେ ରହି ଅନ୍ୟମାନଙ୍କୁ ଠେଲି ବାହାର କରିଦେବାର ସୁଯୋଗ ଖୋଜୁଥିବେ । ତୁମ ହୃଦୟରେ ଯେଉଁ ଧୂର୍ତ୍ତମାନେ ପ୍ରବେଶ କରିଯାଇଛନ୍ତି, ସେମାନଙ୍କୁ ବାହାର କରିଦେବା ପାଇଁ ସେ ତୁମକୁ ସବୁବେଳେ ଉତ୍ସାହିତ କରୁଥିବେ । ତୁମେ ତାହା ନ କରିବା ଯାଏ ତୁମ ବିବେକ ତୁମକୁ ଦଂଶନ କରୁଥିବ, ତୁମକୁ ସବୁବେଳେ ଅସ୍ୱସ୍ତିବୋଧ ହେଉଥିବ, ଆହୁରି ଭଲ ମଣିଷ ହେବାକୁ କହୁଥିବ ଏବଂ ନିଜ ମଧ୍ୟରୁ ସମସ୍ତ ନିଷ୍ଠୁରତାର ଲକ୍ଷଣକୁ ନିଃଶେଷ କରିବାକୁ ସତର୍କ କରୁଥିବ । ସେ ତୁମ ମଧ୍ୟରେ ରହି ତୁମକୁ କହିବେ, "ଜାଣି ରଖ୍, ତୁ ଯାହା କରୁଛୁ ଠିକ୍ ନୁହଁ ।" ତା'ପରେ ତୁମେ ମନେ ମନେ ସ୍ଥିର କରିବ, "ନା, ମୁଁ ଆଉ ହିଂସ୍ର ହେବି ନାହିଁ ।" ଏହା ଭାବିବାମାତ୍ରକେ ତୁମ ମଧ୍ୟରୁ ଏକ ଧୂର୍ତ୍ତ ବାହାରକୁ ଚାଲିଗଲା । ଏହିପରି ଗୋଟିଏ ପରେ ଗୋଟିଏ ସମସ୍ତ ଧୂର୍ତ୍ତ ବାହାରକୁ ନିଷ୍କାସିତ ହେବା ପରେ ସ୍ୱାମୀ ସ୍ୱଚ୍ଛନ୍ଦରେ ତୁମ ହୃଦୟରେ ଆସୀନ ହେବେ । ତେଣୁ ସେ କହନ୍ତି, "ତୁମ ହୃଦୟ ହିଁ ମୋ ନିବାସ ।"

ତା'ପର ପ୍ରଶ୍ନ ହେଲା, ତାଙ୍କର ଧନ ସମ୍ପତ୍ତି ? କେତେକ ମୋତେ ସ୍ୱାମୀଙ୍କର ଧନ ସମ୍ପତ୍ତିର ପରିମାଣ କେତେ ବୋଲି ପଚାରିଥାନ୍ତି । ସେମାନେ ଆଶ୍ଚର୍ଯ୍ୟ ହୋଇ ପଚାରନ୍ତି, "ଏସବୁ କ'ଣ ତାଙ୍କର ?" ଏହାର ଉତ୍ତର ଦେବାକୁ ଯାଇ ମୁଁ ଏଠାରେ ସ୍ୱାମୀ ତାଙ୍କର ଜଣେ ଭକ୍ତ, ତେଲୁଗୁ ପଣ୍ଡିତ ଭେଙ୍କେୟାଙ୍କୁ ଲେଖିଥିବା ଏକ ପତ୍ର ଉଦ୍ଧାର କରିବି । ଉକ୍ତ ପତ୍ରରେ ସ୍ୱାମୀ ଲେଖିଥା'ନ୍ତି, "ମୁଁ ଯେ କିଏ ତାହା ତୁମେ ଜାଣିବାକୁ ଚାହଁ । ମୋର ଧନ ସମ୍ପତ୍ତି କେତେ ତାହା ତୁମେ ଜାଣିବାକୁ ଚାହଁ । ଏସବୁ ନୁହଁ, ତୁମେ ମୋର ସମ୍ପତ୍ତି । ତୁମକୁ ଆଶ୍ରୟ ଦେବା ପାଇଁ, ତୁମକୁ ଏଠାକୁ ସାଦରେ ସ୍ୱାଗତ କରିବା ପାଇଁ, ତୁମକୁ ଏକାଠି କରିବା ପାଇଁ ଏସବୁ କରାଯାଇଛି । ଅନେକଗୁଡ଼ିଏ ପଥରକୁ ଏକ କରି ଗଡ଼େଇ ଦେଲେ, ସେଗୁଡ଼ିକ ଗଡ଼ି ଗଡ଼ି ଗୋଜେଇ ହୋଇ ରହିଥିବା ଅଂଶଗୁଡ଼ିକୁ ହରେଇ ଗୋଲଗାଲ ହୋଇ ବାହାରନ୍ତି । ତେଣୁ ଏଠାରେ ଯାହାସବୁ ନିର୍ମିତ ହୋଇଛି, ସେସବୁର ଉଦ୍ଦେଶ୍ୟ ହେଲା ତୁମର ସମସ୍ତ ବିକୃତି ଦୂର କରି ତୁମକୁ ଠିକ୍‌ଠାକ୍ କରି ଗଢ଼ି ତୋଳିବା । ଏଠାରେ ଯାହାକିଛି ଅଛି ସବୁ ତୁମ ପାଇଁ ।" ସ୍ୱାମୀ ଏଠାରେ ନିର୍ମିତ ଅଟ୍ଟାଳିକାଗୁଡ଼ିକୁ ଗୁରୁତ୍ୱ ଦିଅନ୍ତି ନାହିଁ । ସେ କେବଳ ତୁମକୁ, ହଁ କେବଳ ତୁମକୁ ଚାହିଁଥା'ନ୍ତି । ତୁମେ ତୁମ ସାଧୁତା, ଚରିତ୍ର, ବ୍ୟବହାର, ଜ୍ଞାନ ଓ ପ୍ରେମରେ ଯଦି ସମୃଦ୍ଧ ହୁଅ, ତାହା ତାଙ୍କୁ ଆନନ୍ଦ ଦିଏ ! ସେ କହନ୍ତି, "ତୁମ ଆନନ୍ଦ ହିଁ ମୋ ଆହାର ।" ତେଣୁ ସେ କହିଛନ୍ତି, "ଅଖିଲ ମାନଓ୍ୱୁଲକୁ ଆନନ୍ଦମୁନୁଗୁର୍ଚ୍ଚି...." ଅର୍ଥାତ୍ ତୁମ ସମସ୍ତଙ୍କୁ ଆନନ୍ଦ ପ୍ରଦାନ କରିବା ମୋର ସଙ୍କଳ୍ପ ।

ତାଙ୍କ ବୃତ୍ତି କ'ଣ ? ଭକ୍ତମାନଙ୍କୁ ଭୁକ୍ତି ଓ ମୁକ୍ତି ଦେବା ହିଁ ତାଙ୍କ ବୃତ୍ତି । ଭୁକ୍ତିର ଅର୍ଥ ଏକ ସ୍ୱଚ୍ଛନ୍ଦ ଜୀବନ, ମୁକ୍ତିର ଅର୍ଥ ଭବବନ୍ଧନରୁ ମୁକ୍ତି । ସ୍ୱାମୀ ଯଦି କହନ୍ତି, "ସପ୍ତାହରେ

ଛ'ଦିନ ଉପବାସ ରୁହ", କେହି ତାଙ୍କ ପାଖକୁ ଆସନ୍ତେ ନାହିଁ । ତେଣୁ ଦେହକୁ ନିର୍ଯ୍ୟାତନା ଦେବା ତଥା ଦେହକୁ ଅତ୍ୟଧିକ ବିଳାସ ବ୍ୟସନ ମଧ୍ୟରେ ବୁଡ଼େଇ ରଖିବା, ଏ ଦୁଇଟିର ମଧ୍ୟବର୍ତ୍ତୀ ଏକ ପନ୍ଥା ଅନୁସରଣ କରିବା ପାଇଁ ସେ ଆମକୁ କହିଥାନ୍ତି । ଆମକୁ ଆମ ଶରୀର ସୁସ୍ଥ ରଖିବାକୁ ହେବ, କାରଣ ଏହାକୁ ନୌକା କରି ଆମେ ସଂସାର ବାରିଧି ପାର ହେବା । "ନାୟମାତ୍ମା ବଲହୀନେନ ଲଭ୍ୟତେ" - ଆତ୍ମସାକ୍ଷାତ୍କାର ଲାଭ କରିବା ପାଇଁ, ତୁମ ହୃଦୟବାସୀ ସାଇଙ୍କୁ ଜାଣିବା ପାଇଁ, ତୁମ ମଧ୍ୟରେ ଜୀବନର ସମସ୍ତ ଦୁଃଖକଷ୍ଟର ସମ୍ମୁଖୀନ ହୋଇ ପାରିବା ଭଳି ବଳ ରହିବା ଦରକାର । ଆତ୍ମାର ଶକ୍ତି, କୀର୍ତ୍ତି ତଥା ଦ୍ୟୁତି ଏତେ ଅଧିକ ଯେ ତାହାକୁ ଜାଣିବା ପାଇଁ ତୁମ ମଧ୍ୟରେ ସେତିକି ଶାରୀରିକ ତଥା ମାନସିକ ଶକ୍ତି ରହିବା ଆବଶ୍ୟକ । ସ୍ୱାମୀଙ୍କୁ ଆମେ ଯେଉଁ ଅଷ୍ଟୋତ୍ତରଶତ ନାମ ଉଚ୍ଚାରଣ କରି ପୂଜା କରିଥାଉ, ସେଥି ମଧ୍ୟରେ ଅନ୍ୟତମ ନାମ ହେଲା "ଅନ୍ନବସ୍ତ୍ରଦାୟ ନମଃ" - ସେ ଆମକୁ ଅନ୍ନ ଓ ବସ୍ତ୍ର ଦେଇଥା'ନ୍ତି । ଏ ଦୁଇଟି ସେ ଆମକୁ ଯେତିକି ଆବଶ୍ୟକ ସେତିକି ଦେଇଥା'ନ୍ତି, ତା'ଠୁ ଅଧିକ ନୁହଁ ! ସେ କହନ୍ତି, ତୁମ ଯୋତା ତୁମ ପାଦର ମାପ ଯେତିକି ସେତିକି ହେବା ଦରକାର, ତା'ଠୁ ବଡ଼ ବା ଛୋଟ ହେଲେ ଠିକ୍ ହେବ ନାହିଁ । ବଡ଼ ହେଲେ ଚାଲିବାରେ କଷ୍ଟ ହେବ । ତୁମେ ପାଦେ ଆଗକୁ ବଢ଼ିବା ବେଳକୁ ତୁମ ଯୋତା ଦଶପାଦ ଆଗକୁ ବଢ଼ିଥିବ । ଯୋତା ଛୋଟ ହେଲେ ବି ଅସୁବିଧା । ତେଣୁ ତାହା ଠିକ୍ ମାପର ହେବାକୁ ହେବ । ଏହି ଦୃଷ୍ଟିରୁ ପ୍ରତ୍ୟେକଙ୍କର ସମ୍ପତ୍ତି ଅର୍ଜନ କରିବାର ଅଧିକାର ରହିଛି । ତେବେ ତାହା ଯେତିକି ଆବଶ୍ୟକ ସେତିକି ମଧ୍ୟରେ ସୀମିତ ରହିବା ଉଚିତ । ତାହା ଅପେକ୍ଷା ଅଧିକ ହେଲେ ତୁମ ସମ୍ପତ୍ତି ହିଁ ତୁମର ଓ ତୁମ ସନ୍ତାନସନ୍ତତିଙ୍କ ବିପତ୍ତିର କାରଣ ହେବ, ଯାହା ଆଜି ଆମେ ଦୁନିଆସାରା ଲକ୍ଷ୍ୟ କରୁଛୁ ।

ବମ୍ବେର କୌଣସି ଏକ ପ୍ରତିଷ୍ଠାନର ଜଣେ ହିସାବରକ୍ଷକ ଥା'ନ୍ତି । ଉକ୍ତ କମ୍ପାନୀର ବର୍ଷ ପରେ ବର୍ଷ ଲକ୍ଷ ଲକ୍ଷ ଟଙ୍କା କ୍ଷତି ହେଉଥାଏ । କମ୍ପାନୀର କର୍ମଚାରୀମାନେ ହୁଏତ ଦିନେ କମ୍ପାନୀରେ ତାଲା ପଡ଼ିଯିବ ଭାବି ବ୍ୟସ୍ତ ହେଉଥା'ନ୍ତି । ବୁଡ଼ି ଯାଉଥିବା ଜାହାଜକୁ ମୂଷାମାନେ ଛାଡ଼ି ଚାଲିଯିବା ଭଳି ସେମାନେ ମଧ୍ୟ ଅନ୍ୟ କେଉଠେ ଚାକିରୀ ପାଇଲେ ଚାଲିଯିବାର ଯୋଜନା କରୁଥା'ନ୍ତି । ଉକ୍ତ କମ୍ପାନୀର ଜଣେ କର୍ମଚାରୀଙ୍କର ପତ୍ନୀ ତାଙ୍କ ସ୍ୱାମୀଙ୍କୁ ପରାମର୍ଶ ଦେଲେ ଯେ ସେ ଥରେ ସ୍ୱାମୀଙ୍କ ନିକଟକୁ ଯାଇ କ'ଣ କରିବା ଠିକ୍ ହେବ ତାଙ୍କୁ ପଚାରି ଆସନ୍ତୁ । ସେହି କର୍ମଚାରୀ ତା'ପରେ ଏଠାକୁ ଆସିଲେ ଓ ସ୍ୱାମୀ ତାଙ୍କୁ ଇଣ୍ଟରଭ୍ୟୁ ପାଇଁ ଡାକିଲେ । ସ୍ୱାମୀ ତାଙ୍କ ସଙ୍ଗେ କଥା ହେଲେ, ବିଭୂତି ଦେଲେ ଓ 'ବଙ୍ଗାରୁ' କହି ପିଠିରେ ହାତ ଥାପୁଡ଼େଇ ବିଦାୟ ଦେଲେ । ବାହାରକୁ ଆସିବା ପରେ ଉକ୍ତ ବ୍ୟକ୍ତିଙ୍କର ମନେପଡ଼ିଲା ଯେ ସେ ଚାକିରୀ ସମ୍ବନ୍ଧରେ ସ୍ୱାମୀଙ୍କୁ ପଚାରିବାର ଉଦ୍ଦେଶ୍ୟ ନେଇ ଏଠାକୁ ଆସିଥିଲେ, ଅଥଚ ତାହା ତ ପଚାରିବା ଭୁଲିଗଲେ । ଅସଲ କଥାଟି ପଚାରି ନ ପାରିବା

ହେତୁ ତାଙ୍କ ମନ ଦୁଃଖ ହେଲା । ସେଦିନ ରାତିରେ ସ୍ୱାମୀ ତାଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ କହିଲେ, "ଆରେ ତୁ ତ ତୋର ସ୍ତ୍ରୀ ଯାହା ପଚାରିବାକୁ କହି ତୋତେ ଏଠାକୁ ପଠେଇଥିଲା, ତାହା ମୋତେ ପଚାରିବା ଭୁଲିଗଲୁ ! ଠିକ୍ ଅଛି, ବ୍ୟସ୍ତ ହ'ନା । ତୁ ତୁମ କମ୍ପାନୀର ମ୍ୟାନେଜର ହେବୁ !" କ'ଣ ! ବୁଡ଼ନ୍ତା ଜାହାଜର ମ୍ୟାନେଜର ? ତାଙ୍କ ମନରେ ବିଶ୍ୱାସ ହେଲା ନାହିଁ । ସେ ଘରକୁ ଫେରି ଆସିଲେ । ଘରେ ପହଞ୍ଚିବା ମାତ୍ରକେ ତାଙ୍କ ସ୍ତ୍ରୀ ତାଙ୍କୁ ପଚାରିଲେ, "ସ୍ୱାମୀ ତୁମକୁ କ'ଣ କହିଲେ ?" ସେହି ଲୋକ ଉତ୍ତର ଦେଇ କହିଲେ, "ମୁଁ ସ୍ୱାମୀଙ୍କୁ ଇଣ୍ଟରଭ୍ୟୁରେ କିଛି ପଚାରି ପାରିଲି ନାହିଁ କିନ୍ତୁ ପରେ ଏକ ବିଚିତ୍ର ସ୍ୱପ୍ନ ଦେଖିଲି । ସ୍ୱପ୍ନରେ ସ୍ୱାମୀ ମୋତେ କହିଲେ ଯେ ମୁଁ କମ୍ପାନୀର ମ୍ୟାନେଜର ହେବି !" କମ୍ପାନୀର ସହକର୍ମୀମାନେ ଉକ୍ତ ବ୍ୟକ୍ତି ସ୍ୱାମୀଙ୍କଠୁ କି ଖବର ଆଣିବେ ଜାଣିବା ପାଇଁ ଆତୁର ଭାବେ ଅପେକ୍ଷା କରିଥା'ନ୍ତି । ସେ ସେମାନଙ୍କୁ କହିଲେ, "କିଛି ଭଲ ଖବର ନାହିଁ । ସ୍ୱାମୀ ଖାଲି ମୋତେ ସ୍ୱପ୍ନରେ କହିଲେ ଯେ ମୁଁ କମ୍ପାନୀର ମ୍ୟାନେଜର ହେବି ।" ତାହା ଶୁଣି ସେମାନେ ସମସ୍ତେ ହସିଲେ ଓ କହିଲେ ଯେ ସେ ଏତେ ସମୟ ଓ ପଇସା ବରବାଦ କରି ଶେଷରେ ଏମିତି ଏକ ବାଜେ ଖବର ଆଣିଛି । ସ୍ୱାମୀ ତାଙ୍କୁ କହିଥାନ୍ତି ଯେ ସେ କମ୍ପାନୀର ମ୍ୟାନେଜର ହେବେ । ଶେଷରେ ତାହା ହିଁ ହେଲା । ଯେଉଁ ସମସ୍ତେ ଏହି କଥା ଶୁଣି ହସିଥିଲେ, ସେମାନେ ତାହା ଦେଖି ଆଶ୍ଚର୍ଯ୍ୟ ହେଲେ । ସ୍ୱାମୀ ଯାହା କହିଥିଲେ ତାହା ହେଲା ! ସେହି ଲୋକଜଣକ ମୋତେ ଏହା ଲେଖି ଜଣେଇଥିଲେ ଏବଂ ମୁଁ ବମ୍ବେ ଯାଇଥିବା ସମୟରେ ଏହି ଉଦାହରଣ ଦେଇ କହିଥିଲି ଯେ ସ୍ୱାମୀ ଆମକୁ ଭୁକ୍ତି ଦିଅନ୍ତି, ସେ ଆମକୁ ଅନାହାରରେ ରହିବାକୁ ଦିଅନ୍ତି ନାହିଁ । ଆମେ ସମସ୍ତେ ତ ତାଙ୍କରି ସନ୍ତାନ ! ମୁଁ ଯେତେବେଳେ ଏହି କଥାଟି ଏକ ବିଶାଳ ଜନସଭାରେ ପ୍ରକାଶ କରୁଥାଏ, ସେହି ଜନସମୁଦ୍ର ମଧ୍ୟରୁ ଜଣେ ଛିଡ଼ା ହୋଇ ବଡ଼ପାଟିରେ କହିଲା, "ମୁଁ ସେହି ଲୋକ ।" ଉକ୍ତ ବ୍ୟକ୍ତିଙ୍କୁ ସେଦିନ ପ୍ରତ୍ୟକ୍ଷଭାବେ ଦେଖି ମୁଁ ଖୁବ୍ ଆନନ୍ଦ ପାଇଥିଲି । ଶିରିଡ଼ି ଶରୀରରେ ସ୍ୱାମୀ ସବୁବେଳେ କହୁଥାନ୍ତି, "ମୋତେ ଆଶ୍ରା କରିଥିବା ବ୍ୟକ୍ତି କେଭେ ଉପାସରେ ରହିବ ନାହିଁ ।" ତେଣୁ ସ୍ୱାମୀ ଆମକୁ ଉଭୟ ଭୁକ୍ତି ଓ ମୁକ୍ତି ଦେଇଥା'ନ୍ତି । ତେବେ ଏଇଠେ ଗୋଟିଏ କଥା ଅଛି ! ସ୍ୱାମୀ କହନ୍ତି, "ଭକ୍ତୁଲକୁ" ଅର୍ଥାତ୍ "ଭକ୍ତମାନଙ୍କୁ ମୁଁ ଭୁକ୍ତି, ମୁକ୍ତି ଦେଇଥାଏ ।" ପୂର୍ଣ୍ଣଚନ୍ଦ୍ର ସଭାମଣ୍ଡପରେ ସେ ତାଙ୍କ ଦିବ୍ୟସମ୍ଭାଷଣ ଦେବା ସମୟରେ ବହୁବାର କହିଛନ୍ତି, "ଏଠାରେ ଜଣେ ବି ଭକ୍ତ ନାହିଁ । ତୁମେ ସମସ୍ତେ ସାମୟିକ ଭକ୍ତ !" ସେ କହନ୍ତି, "ତୁମେ ଏଠାକୁ ଆସିବା ସମୟରେ ଭକ୍ତିର ବିଶେଷ ବସ୍ତ୍ର (ୟୁନିଫର୍ମ) ପିନ୍ଧି ଆସ କିନ୍ତୁ ଏଠାରୁ ଚାଲିଯିବା ପରେ ତୁମେ ତୁମ ସ୍ୱାଭାବିକ ବସ୍ତ୍ରରେ ରହିବା ପସନ୍ଦ କର । ପୋଲିସ୍ ତା'ର କର୍ତ୍ତବ୍ୟ କରୁଥିବା ସମୟରେ ବିଶେଷ ପୋଷାକ (ୟୁନିଫର୍ମ) ପିନ୍ଧି ରହେ, ଡ୍ୟୁଟି ଶେଷରେ ଘରକୁ ଯାଇ ସେ ପୋଷାକ ପାଲଟି ତାର ଘରୋଇ ପୋଷାକ ପିନ୍ଧେ ଓ ବିଛଣାରେ

ଗଡ଼ି କହେ, "ଯାହା ହଉ, ଟିକିଏ ଭଲ ଲାଗିଲା !" ଭକ୍ତର ବ୍ୟବହାର ଅବିକଳ ଏହିପରି । ପୁରୁଣା ଦିନଗୁଡ଼ିକରେ ସ୍ୱାମୀ ଅନେକ ସମୟରେ କହୁଥା'ନ୍ତି, "ଏ ଯାଗା ଛାଡ଼ି, ଚିତ୍ରାବତୀ ଡେଇଁବା ପରେ ତୁମେ ଅଲଗା ମଣିଷ ହୋଇଯାଅ ।"

ତା'ପରେ ତାଙ୍କର ବିନୋଦନ - ହବି । ଲୋକେ ବୃତ୍ତି ଅପେକ୍ଷା ବିନୋଦନକୁ ଅଧିକ ଧ୍ୟାନ ଦେଇଥା'ନ୍ତି । ଜଣେ ବ୍ୟକ୍ତି ବଗିଚାକାମ କରି ଅବସର ବିନୋଦନ କରୁଥିଲେ । ତାଙ୍କର ଏକ ଗୋଲାପ ବଗିଚା ଥାଏ । ସେ ବିଭିନ୍ନ ସ୍ଥାନରୁ ଭଲ ଭଲ ଗୋଲାପ ଚାରା ଆଣି ରୋପଣ କରିଥା'ନ୍ତି ଓ ନିଜର ଗୋଲାପ ବଗିଚାକୁ ନେଇ ଗର୍ବିତ ହେଉଥା'ନ୍ତି । ତାଙ୍କ ଉଦ୍ୟାନରେ ସବୁଜ ଗୋଲାପର ଏକ ଗଛ ଥାଏ ଓ ଦିନେ ସକାଳେ ସେ ଦେଖିଲେ ସେଥିରେ ଏକ କଢ଼ ଧରିଛି । ତାହା ଦେଖି ସେ ଖୁସି ହେଲେ । ସେଦିନ ସାରା କିନ୍ତୁ ସେ ତାଙ୍କ ଦପ୍ତରରେ ଖୁବ୍ ଅସ୍ଥିର ଥା'ନ୍ତି କାରଣ କଢ଼ଟି ମୁକୁଳିଲା କି ନାହିଁ ଜାଣିବା ପାଇଁ ତାଙ୍କ ମନ ବ୍ୟାକୁଳ ହେଉଥାଏ । ଅଫିସ୍ ଶେଷରେ ସେ ତରବରରେ ଘରକୁ ଆସିଲେ । ବଗିଚାରେ ଅଧାମୁକୁଳା କଢ଼ଟି ଦେଖି ଉଲ୍ଲସିତ ମନରେ ସେ ଭାବୁଥା'ନ୍ତି, "ଆଃ ମୋ ସବୁଜ ଗୋଲାପର ତିନୋଟି ପାଖୁଡ଼ା ଖୋଲିଲାଣି !" ସାଇ ପଡ଼ିଶାରେ ଥିବା ସମସ୍ତଙ୍କୁ ଡାକି ସେ ତାହା ଦେଖେଇଲେ । ଯାହାକୁ ଏତେ ଯତ୍ନରେ ବଢ଼େଇଥାନ୍ତି, ତାହା ପୁଷ୍ପିତ ହେବାରୁ ସେ କେତେ ଆନନ୍ଦ ପାଇଲେ ! ତେବେ ସ୍ୱାମୀଙ୍କର ବିନୋଦନ କ'ଣ ? ତାହା ମୁଁ ଖୋଜି ଜାଣିବା ଆବଶ୍ୟକ ନୁହଁ, କାରଣ ସ୍ୱାମୀ ନିଜେ ତାହା କହିଛନ୍ତି । ଏହି ଶେଷ ଧାଡ଼ିଟି ଅତି ଗୁରୁତ୍ୱପୂର୍ଣ୍ଣ - "ଭକ୍ତିନୋସଗି ରକ୍ଷିଞ୍ଚୁ ଶକ୍ତିମୟୁଡୁ" - ମୁଁ ଭକ୍ତି ଦେଇ ଉଦ୍ଧାର କରିଥାଏ । ବୁଡ଼ିଯାଉଥିବା ଲୋକକୁ ଉପରକୁ ଟାଣି ଉଦ୍ଧାର କରିବାକୁ ହେବ । ସବୁଠେ ସମସ୍ତଙ୍କୁ ଆମେ କାମନା, ଅଜ୍ଞାନ ତଥା ପରିବର୍ତ୍ତନର ସାଗରରେ ବୁଡ଼ିଯାଉଥିବା ଦେଖୁଛୁ । ମାଲେସିଆ, ନ୍ୟୁଜିଲାଣ୍ଡ, ଇଂଲଣ୍ଡ୍ - ସର୍ବତ୍ର ଲୋକେ ଭାସି ଯାଉଛନ୍ତି । ସେମାନଙ୍କୁ ଟାଣି ଆଣି, ସେମାନେ ଢୋକିଥିବା ପାଣିକୁ ବାହାର କରିବାକୁ ହେବ, ଫଳରେ ସେମାନେ ଉଦ୍ଧାର ପାଇବେ । ଏହା ହିଁ ତାଙ୍କର ବିନୋଦନ ଏବଂ ଏହାର ହିତାଧିକାରୀ ହେଲୁ ଆମେ ସମସ୍ତେ ! ଥରେ ନିଜ କଥା ଭାବି ଦେଖ । ଦିନ ଥିଲା ତୁମେ ତାଙ୍କୁ ଜାଣି ନଥିଲ, ହୁଏତ, ତାଙ୍କ ସମ୍ବନ୍ଧରେ ଏଣୁତେଣୁ କଟୁକ୍ତି ପ୍ରକାଶ କରୁଥିଲ । ତାଙ୍କ ସମ୍ବନ୍ଧରେ ଅନେକ ମନଗଢ଼ା କାହାଣୀ ଶୁଣିବା ପରେ ସେ ଯେ କିଏ ତାହା ଜାଣିବାର ଆଗ୍ରହ ମଧ୍ୟ ତୁମ ମଧ୍ୟରେ ନଥିଲା । ତୁମକୁ ଦେଖି ସ୍ୱାମୀ ହୁଏତ ଭାବିଥିବେ, "ବିଚରା ଭାସି ଯାଉଛି ! ମୁଁ ତାକୁ ଭକ୍ତି ଦେଇ ଉପରକୁ ଟାଣି ଆଣେ ।" ଏ ହେଲା ଆମ ସ୍ୱାମୀଙ୍କ କରାମତି । ଏଥିପୂର୍ବରୁ ସମସ୍ତ ଅବତାର କେବଳ ଭକ୍ତିବିଭୋର ହୃଦୟକୁ ସ୍ପର୍ଶ କରୁଥିଲେ, କିନ୍ତୁ ଏହି ଅବତାର ମଣିଷକୁ ଭକ୍ତି ପ୍ରଦାନ କରି ଉଦ୍ଧାର କରିଥା'ନ୍ତି ! ଏହା ହିଁ ସାଇ ଅବତାରର ମହନୀୟତା ତଥା ଅନନ୍ୟତା ! ତାହା ନହେଲେ, ଆମେ ସମସ୍ତେ ତାଙ୍କ ସନ୍ନିଧିକୁ ଆସିଥା'ନ୍ତେ କିପରି ? ସ୍ୱାମୀ କହନ୍ତି, ଏହା ମା

ଛୁଆକୁ ଖୁଏଇବା ଭଳି । ମା' ଛୁଆକୁ କୋଳେଇବା ଭଳି ସ୍ୱାମୀ ଆମକୁ କୋଳେଇ ନିଅନ୍ତି ଓ ଯେଉଁ ଖାଦ୍ୟ ଆମକୁ ଉଦ୍ଧାର କରିବ ତାହା ଖୁଏଇ ଦେଇଥା'ନ୍ତି । ସେ ବିଶ୍ୱସଞ୍ଚାର କରି ଯେଉଁଠାରେ ଯିଏ ବିପଦରେ ଥା'ନ୍ତି, ଅଳୀକ ବିଷୟଭୋଗରେ ଲିପ୍ତ ଥା'ନ୍ତି, ଈର୍ଷା, ଲୋଭ ଓ ବିଦ୍ୱେଷର ପଙ୍କରେ ଘାଣ୍ଟି ହେଉଥା'ନ୍ତି, ସେମାନଙ୍କୁ ଉଦ୍ଧାର କରିଥା'ନ୍ତି । ତେଣୁ ସ୍ୱାମୀଙ୍କ ଗାଥା ଏତେ ବ୍ୟାପକ, ବିଚିତ୍ର ତଥା କରୁଣା ପରିପୂର୍ଣ୍ଣ ! ଯେଉଁଠାରେ କେହି ପ୍ରବେଶ କରିପାରନ୍ତି ନାହିଁ, ସେଠାକୁ ସେ ଯାଇଥା'ନ୍ତି । ସ୍ୱାମୀଙ୍କୁ ବା ବାରଣ କରିବ କିଏ ?

ଥରେ ବାଙ୍ଗାଲୋରରେ ଡକ୍ଟର ଭଗବନ୍ତମ୍‌ଙ୍କର ଅସ୍ତ୍ରୋପଚାର ହେଉଥାଏ । ପରିବେଶ ବେଶି ଶଙ୍କାପୂର୍ଣ୍ଣ ଥାଏ ଏବଂ କାହାକୁ ଅସ୍ତ୍ରୋପଚାର କକ୍ଷ ମଧ୍ୟକୁ ପ୍ରବେଶ କରିବାକୁ ଅନୁମତି ଦିଆଯାଉନଥାଏ । କିନ୍ତୁ ସ୍ୱାମୀ ଉକ୍ତ କକ୍ଷ ମଧ୍ୟରେ ଆକସ୍ମିକଭାବେ ଆତ୍ମପ୍ରକାଶ କରି ଅସ୍ତ୍ରୋପଚାର ଟେବୁଲ ପାଖରେ ଛିଡ଼ା ହୋଇଥା'ନ୍ତି ! ତାହା ଦେଖି ସେଠାକାର ଡାକ୍ତର ସେବିକାମାନଙ୍କ ପ୍ରତି କ୍ରୋଧ ପ୍ରକାଶ କରି ଭାବୁଥାନ୍ତି, "ଏ ଲୋକ ଭିତରକୁ ପ୍ରବେଶ କଲେ କିପରି ? ସବୁ ବେପରୁଆ ରହୁଛନ୍ତି । ଭିତରୁ ଦରଜା ବନ୍ଦ କରିନାହାନ୍ତି !" କିନ୍ତୁ ସେହି ସମୟରେ ସେ ସେମାନଙ୍କ ଉପରେ ବଡ଼ ପାଟିରେ ବିରକ୍ତି ପ୍ରକାଶ କଲେ ନାହିଁ । ଅସଲରେ ଏଠାରେ କୌଣସି ବେପରୁଆଭାବ ବା ଅବହେଳା ନଥିଲା । ଦରଜା ଭିତରୁ ବନ୍ଦ ଥିଲା ଓ ବାହାରେ ଲାଲବତୀ ଜଳୁଥିଲା । ସ୍ୱାମୀଙ୍କୁ ତୁମେ ରୁଦ୍ଧଦ୍ୱାର ବା ପ୍ରାଚୀର ବା କୌଣସି ଲୌହ ପରଦା ମଧ୍ୟ ଦେଇ ଭିତରକୁ ପ୍ରବେଶ କରିବାରୁ ରୋକି ପାରିବ ନାହିଁ । ସେ ଲାଟିଭିଆ ନାମକ ଏକ କମ୍ୟୁନିଷ୍ଟ ରାଷ୍ଟ୍ର ମଧ୍ୟକୁ ପ୍ରବେଶ କରିଥିଲେ । ସେହି ଦେଶର ଜଣେ କବୟିତ୍ରୀ ତାଙ୍କର ଏକ ସ୍ୱପ୍ନାନୁଭୂତିକୁ ଏକ କବିତାରେ ପ୍ରକାଶ କରିଥିଲେ । ଜର୍ମାନ୍ ଦେଶର ଜଣେ ମହିଳା ସେହି କବିତାକୁ ଇଂରାଜୀରେ ଅନୁବାଦ କରିଥିଲେ । ତାହା ମୁଁ ଆପଣଙ୍କୁ ପଢ଼ି ଶୁଣଉଛି ।

ଦିଶିଯାଉଥାଏ କେତେ କେତେ ସ୍ୱପ୍ନ ସଦୟ ବିସ୍ମୟ ଅତି;
ଆସିଥିଲେ ଜଣେ ଲଣ୍ଠନ-ଜଳାଳୀ ମୋର ପାଶେ ଗତ ରାତି ।
ପିନ୍ଧି ଝଲମଲ ରକ୍ତରଙ୍ଗ ବସ୍ତ୍ର ମୋ ଆଗରେ ଗଲେ ବସି,
ଚକିତ ବିସ୍ମିତ କରି ମୋତେ ସିଏ ମନଭରି ଦେଲେ ହସି ।
ଅନେଇ କହିଲି, 'କ୍ଷମା କର, ତୁମେ କିମିତି ପଶିଲ ଘରେ ?'
ଉତ୍ତର ତାଙ୍କର, 'ଯଦି ମୁଁ ଆସିଛି ଡାକିଥିବ ତୁମେ ନିଶ୍ଚେ ।'
'ପ୍ରାଚୀନ କାଳରେ ତୁମର ଅସ୍ତିତ୍ୱ ଥିଲା' ବୋଲି ମୁଁ କହିଲି ।
'ହଁ, କିନ୍ତୁ ମୁଁ ହିଁ ସେଠାରେ ନରହି ବର୍ତ୍ତମାନେ ଆସିଗଲି ।
ନ ରହେ ଗୋଟିଏ ଘର ପାଖରେ ମୁଁ କଦାଚିତ ସେହି ଯାଏ,
ସଞ୍ଜବେଳ ଆଗୁଁ ସବୁ ଲଣ୍ଠନ ଯଦି ନାହିଁ ଜଳିପାରେ ।'

କଲି ମୁହିଁ ପ୍ରଶ୍ନ, "କେଉଁଠାରେ ରହ ? କୁହ କିବା ନାମ ତୁମ ।'
ହସିଲେ ଅତିଥି, 'କେତେ କାଳରୁ ରହିଛି ମୋ କେତେ ନାମ !
ଧରି ନିଅ, ଆଜି ସାଇବାବା ନାମ, ରହେ ସମୁଦ୍ର ସେ ପାରେ,
ପୂରାପୂରି ବ୍ୟସ୍ତ, ଏପରି ଅଶାନ୍ତି ସ୍ୱଭାବ ଥାଏ ମୋଠାରେ ।
ଚୀରିଆଡ଼େ ବୁଲିଥାଏ ଦେଖିବାକୁ ସଞ୍ଜ ଆସିବା ଆଗୁ
ଜଳେ ଯେପରି ସବୁ ଲଣ୍ଠନ' ବୋଲି କହିଲେ ମୋହକୁ ।
ନିବେଦିଲି ମୁହିଁ, 'ଯାଅନାହିଁ ଛାଡ଼ି, ଯାଅନାହିଁ ମୋତେ ଛାଡ଼ି ।'
ଆସିଥିଲେ ଜଣେ ଲଣ୍ଠନ ଜଳାଳୀ ମୋରେ ପାଶେ ଗତ ରାତି ।

ଏହା ହିଁ ସ୍ୱାମୀଙ୍କ କାର୍ଯ୍ୟ । ମୁଁ ଆପଣଙ୍କୁ ଭାସିଯାଉଥିବା ଲୋକକୁ ଉଦ୍ଧାର କରିବା କଥା କହୁଥିଲି । ତାହାହିଁ ଏକ ଦୀପ ଜାଳିବା; ଏକ ଲଣ୍ଠନ ଜାଳିବା । ଆମେ ସମସ୍ତେ ଅନ୍ଧକାରରେ ବୁଡ଼ି ରହୁଛୁ । କେହି ଜଣେ ଦୀପ ଜାଳିବାକୁ ହେବ । ଭିତରକୁ ଆଲୋକ ଆସିବାକୁ ହେବ । ଏହା ହିଁ ସ୍ୱାମୀ କରିଥା'ନ୍ତି । ସେ ବୁଲି ବୁଲି ଦେଖୁଥା'ନ୍ତି । "ଆରେ ଏଠାରେ ଦୀପ ଜଳି ନାହିଁ !" କହି ଯେଉଁଠାରେ ଅନ୍ଧକାର ଦେଖନ୍ତି ସେଠାରେ ଲଣ୍ଠନ ଜାଳିଥା'ନ୍ତି । ପ୍ରେମ ହିଁ ସେହି ଆଲୋକ !"

'ପିନ୍ଧି ଝଲମଲ ରକ୍ତ ରଙ୍ଗ ବସ୍ତ୍ର !
ସେ ଅବଶ୍ୟ ସ୍ୱାମୀ !
'ମୋ ଆଗରେ ଗଲେ ବସି ।'

ଥରେ ମନେ ମନେ ଭାବି ଦେଖନ୍ତୁ, ଲାଟ୍‌ଭିଆର ଏକ ଘରେ ଜଣେ ଆକସ୍ମିକ ଭାବେ ପ୍ରବେଶ କରିଯାଉଛନ୍ତି, ସତେ ଯେମିତି ସେହି ଘରର ସେ ହିଁ ମାଲିକ । ଆଗରୁ ପରିଚୟ ନଥିବା ଜଣେ ଆଗନ୍ତୁକ ଆସି ସିଧା ସାମ୍ନାରେ ବସୁଛନ୍ତି ।

"ମୋ ବିସ୍ମୟ ଦେଖି ସେ ମନଖୋଲା ହସୁଥା'ନ୍ତି ।"

ସେ ଘର ଭିତରକୁ ଆସି ଆଗରେ ଥିବା ଚୌକିରେ ବସନ୍ତି ଓ ତାଙ୍କୁ ମୁଁ ଆଶ୍ଚର୍ଯ୍ୟରେ ଦେଖିବା ଦେଖି ମନଖୋଲା ହସନ୍ତି ଓ କହନ୍ତି, "କ'ଣ ? ମୁଁ ତ ସବୁବେଳେ ତୁମ ସଙ୍ଗେ ହିଁ ରହିଛି, ତୁମ ଭିତରେ, ତୁମ ପାଖରେ, ତୁମ ବାହାରେ, ତୁମ ପଛରେ । ଉକ୍ତ ମହିଳା ସେ କେଉଁଠେ ରହନ୍ତି ଓ ତାଙ୍କ ନାମ କ'ଣ ଜାଣିବାକୁ ଚାହାନ୍ତି ।

"ମୋ ଅତିଥି ହସି ଉଠିଲେ !"

ନାମ କ'ଣ ପଚାରିଲେ ଆଉ ହସିବେ କିଏ ? ଦୁନିଆରେ ଅନ୍ୟ କେହି ତ ତାର ନିଜ ନାମଟି କହିବ । କିନ୍ତୁ, ସ୍ୱାମୀ ହସି ଉଠନ୍ତି । ସେ କହନ୍ତି, "ବହୁ ପୂର୍ବରୁ ମୋର ଅନେକ ନାମ ରହି ଆସିଛି ।" ପୃଥିବୀର ସମସ୍ତ ଧର୍ମଶାସ୍ତ୍ରର ପୃଷ୍ଠା ଓଲଟେଇ ଦେଖ,

ତାଙ୍କର ନାମ ପାଇଯିବ । "ମୁଁ ସହସ୍ର ସମୁଦ୍ରର ଆର ପାରିଥାଏ ।" ସେ ଶତସହସ୍ର ସମୁଦ୍ରର ଅପର ପାର୍ଶ୍ୱରେ ରହିଥାନ୍ତି ।

ସ୍ୱାମୀ କହନ୍ତି, "ପୂରା ବ୍ୟସ୍ତ । ମୋର ଏକ ଅସ୍ଥିର ସ୍ୱଭାବ ।" ଅସ୍ଥିର ସ୍ୱଭାବ । ସେ ଗୋଟିଏ ସ୍ଥାନରେ ରହି ପାରନ୍ତି ନାହିଁ, ତାଙ୍କର ଗୋଟିଏ ନାମ ନାହିଁ ବା ଗୋଟିଏ କାମ ନାହିଁ । ଥରେ ଜଣେ କେହି ତାଙ୍କୁ କହିଲେ, "ସ୍ୱାମୀ, ଆପଣ ସାମାନ୍ୟ ବିଶ୍ରାମ ନିଅନ୍ତୁ ।" ସ୍ୱାମୀ ଉତ୍ତର ଦେଲେ, "ମୁଁ ବିଶ୍ରାମ ନେବାକୁ ଆସିନାହିଁ । ମୁଁ ବ୍ୟସ୍ତ ରହିବାକୁ ଆସିଛି । ମୋର ଅନେକ କାମ କରିବାର ଅଛି ।" ଶେଷ ପ୍ରାଣୀ ଉଦ୍ଧାର ପାଇବା ଯାଏଁ, ଶେଷ ଅନ୍ଧକାର କୋଣ ପ୍ରଜ୍ୱଳିତ ହେବାଯାଏଁ ତାଙ୍କର ବିଶ୍ରାମ ନାହିଁ ।

ସେ କହନ୍ତି, "ସବୁ ଲଣ୍ଠନ ଜଳିବାଯାଏଁ ମୁଁ ସବୁଆଡ଼େ ଘୂରି ବୁଲୁଛି ।" ଆମ ମନ ଓ ହୃଦୟ ହେଉଛି ସେହି ଲଣ୍ଠନ ଯାହା ସେ ଜାଳିବାକୁ ଚାହାନ୍ତି ।

ସ୍ୱାମୀ କହୁଛନ୍ତି, "ମୋ ନାମ, ଆଜି ଧରିନିଅ ମୋ ନାମ ସାଇବାବା ।" ତାଙ୍କ ନାମ ସାଇବାବା କହି ସ୍ୱାମୀ ଚୌକିରୁ ଉଠିଲେ ଓ ଯିବାକୁ ବାହାରିଲେ । ଇତି ମଧ୍ୟରେ ଉକ୍ତ ମହିଳାଙ୍କ ମନରେ ତାଙ୍କ ପ୍ରତି ଭକ୍ତି ଓ ଅନୁରକ୍ତି ଜାତ ହୋଇଯାଏ । ତେଣୁ ସେ ବିଳପି ଉଠିଲେ, 'ଯାଅ ନାହିଁ ଛାଡ଼ି, ଯାଅ ନାହିଁ ମୋତେ ଛାଡ଼ି ।"

ସ୍ୱାମୀ ତାଙ୍କ ଘରକୁ ଆସିଥିବା ପରମ ସୌଭାଗ୍ୟ ସେ ହାତଛଡ଼ା କରିବାକୁ ଚାହୁଁ ନଥାନ୍ତି । ସେ ଲେଖନ୍ତି, "ଲଣ୍ଠନ ପ୍ରଜ୍ୱଳକ" - କେଡ଼େ ସୁନ୍ଦର କାମ ! ସେ ଆସିଲେ, ତାଙ୍କ ଛବି ମୋ' ମନରେ ଆଙ୍କି ଦେଇଗଲେ ।"

ଏହା ସ୍ୱାମୀଙ୍କ ଅବସର ବିନୋଦନ । ଭକ୍ତି ଦେବା, ଆଲୁଅ ଜାଳିବା, ସମସ୍ତ ମାନବଜାତିକୁ ପ୍ରେମ ଓ ଦ୍ୟୁତିରେ ପ୍ରଜ୍ୱଳିତ କରିବା ।

❖❖❖

୧୦

ମୁଁ ତୁମେ ଓ ତୁମେ ମୁଁ

ଓଁ ଏକ ଅତି ପ୍ରାଚୀନ ପ୍ରାର୍ଥନା । ଏହି ପ୍ରାର୍ଥନା ପାରମ୍ପରିକ ରୀତିରେ ପରିଚାଳିତ ସମସ୍ତ ପାଠଶାଳା, ବୈଦିକ ତଥା ସଂସ୍କୃତ ବିଦ୍ୟାଳୟମାନଙ୍କରେ ମଧ୍ୟ କରାଯାଇଥାଏ । ପାଠଶାଳାମାନଙ୍କରେ ଗୁରୁ ଯେତେବେଳେ ପିଲାମାନଙ୍କର ଉପସ୍ଥାନ ନେବାକୁ ଯାଇ ସେମାନଙ୍କର ନାମ ଉଚ୍ଚାରଣ କରିଥା'ନ୍ତି, ପ୍ରତ୍ୟେକଟି ପିଲା ଓଁ କହି ଉତ୍ତର ଦେଇଥାଏ ଏବଂ ଓଁ କହିବା ମଧ୍ୟରେ ସେ ତାର ଅନ୍ତର୍ନିହିତ ସତ୍ତା ବ୍ରହ୍ମ ବା ସେହି ମହାଚୈତନ୍ୟକୁ ଥରେ ସ୍ମରଣ କରିଥାଏ । ତୁମର ଅନ୍ତର୍ନିହିତ ସ୍ୱରୂପ ପିଞ୍ଜରା ମଧ୍ୟରେ ଅବରୁଦ୍ଧ ତୁମର ସେହି ସୀମିତ ମୁଁ ନୁହଁ, ଏହା ସେହି ମହାଚୈତନ୍ୟ ଯାହା ସର୍ବତ୍ର ପରିବ୍ୟାପ୍ତ ତଥା ତୁମ ମଧ୍ୟରେ ଅବସ୍ଥିତ ହୋଇ ଓଁକାରର ନିନାଦ ମଧ୍ୟରେ ଗୁଞ୍ଜରିତ ହୋଇଥାଏ । ତେଣୁ ବେଦ ପାଠଶାଳାରେ ପ୍ରାଥମିକ ଶିକ୍ଷା ଲାଭ କରୁଥିବା ଛାତ୍ରକୁ ମଧ୍ୟ 'ଓଁ' କହି ତାହାର ଉପସ୍ଥିତିକୁ ପ୍ରକାଶ କରିବାକୁ କୁହାଯାଏ, ଯେଉଁ ଓଁ ହେଉଛି ସେହି ପ୍ରଥମ ଅକ୍ଷର ଯାହା ଏହି ସମଗ୍ର ସୃଷ୍ଟିର ଆଦିକାରଣ, ଯାହାର ଶବ୍ଦ ତରଙ୍ଗ ଏକ ଅଣୁ, ଏକ ପଦାର୍ଥ ଓ ସୃଷ୍ଟିର ସମସ୍ତ କିଛି ହୋଇ ରୂପାନ୍ତରିତ ହୋଇଛି । ତେଣୁ ଏହି ପ୍ରଣବୋଚ୍ଚାରଣ ଦ୍ୱାରା ପିଲାମାନଙ୍କ ମନରେ ଏହି ଭାବ ଅଙ୍କିତ ହୋଇ ଯାଏ ଯେ ଆମେ ସମସ୍ତେ ସେହି ଏକ ଈଶ୍ୱରଙ୍କ ଅଂଶବିଶେଷ, ସେହି ଏକ ମହୋଦଧିର ଭିନ୍ନ ଭିନ୍ନ ତରଙ୍ଗ ମାତ୍ର । ଆମେମାନେ ଅନେକ ସମୟରେ ଏହି ଉକ୍ତି ଶୁଣିଥାଉ, "ତୁମେ ନିଜକୁ ଯେମିତି ଭଲ ପାଅ, ତୁମ ପଡ଼ୋଶୀକୁ ମଧ୍ୟ ସେମିତି ଭଲ ପାଅ", କାରଣ ତୁମ ପଡ଼ୋଶୀ ଅନ୍ୟ ଏକ ଦେହ ଧାରଣ କରିଥିବା ତୁମେ ଭିନ୍ନ ଅନ୍ୟ କିଛି ନୁହଁ । ଆମେ ସମସ୍ତେ ଭଗବାନଙ୍କର ଦିବ୍ୟ ଶରୀରର ଜୀବକୋଷ ମାତ୍ର । ଏହା ହିଁ ସ୍ୱାମୀ ଆମମାନଙ୍କୁ ଦେଉଥିବା ମୁଖ୍ୟ ଉପଦେଶ । ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ ଏହା ବୁଝି ପାରନ୍ତି ନାହିଁ ବା ଗ୍ରହଣ କରି ପାରନ୍ତି ନାହିଁ । ସେମାନଙ୍କୁ କ୍ରମଶଃ ତଳ ସ୍ତରରୁ ଉପର ସ୍ତରକୁ ନେବାକୁ ହେବ । ଏହି ସତ୍ୟକୁ ବାରମ୍ବାର ପ୍ରକାଶ କରିବାକୁ ହେବ । ଗୀତାରେ ଅର୍ଜୁନ କହିଲେ, "ମୁଁ ଯୁଦ୍ଧ କରିବି ନାହିଁ ।" ନିଜର ଭ୍ରାତୃବର୍ଗ, ଗୁରୁ ଓ ଗୁରୁଜନଙ୍କ ପ୍ରତି ବର୍ଷ ବର୍ଷ ଧରି ନଥିବା ମମକାର ହଠାତ୍ ତାଙ୍କ ମଧ୍ୟରୁ ଆତ୍ମପ୍ରକାଶ କଲା । ଆକସ୍ମିକ ଭାବେ ଏକ ପ୍ରକାର ଆସକ୍ତି ବା ବ୍ୟାମୋହ ତାଙ୍କୁ କବଳିତ କଲା । ଗୀତାର ପ୍ରଥମ ଅଧ୍ୟାୟ ତାଙ୍କର ଏହି ବିଷାଦକୁ ଉଲ୍ଲେଖ କରିଥାଏ । ଦ୍ୱିତୀୟ ଅଧ୍ୟାୟରେ ଆମେ ଗୀତୋପଦେଶ ପାଉ, "ତୁମର ମୃତ୍ୟୁ ନାହିଁ, ତୁମେ ଆତ୍ମା ।" ସ୍ୱାମୀ ମଧ୍ୟ ଆମକୁ ପ୍ରଥମ ଉପଦେଶ ଦେଇ କହନ୍ତି ଯେ ଆମେ ଆତ୍ମା । ଆମକୁ ଉଦ୍‌ବୋଧନ ଦେବା ସମୟରେ ସେ "ଦିବ୍ୟାତ୍ମସ୍ୱରୂପୁଲ୍ଲାରା" କହି ସମ୍ବୋଧନ କରିଥା'ନ୍ତି । ସେ କହନ୍ତି ଯେ ଆମେ ସମସ୍ତେ

ବାସ୍ତବରେ ଆତ୍ମା । ଥରେ ମନରେ ଏହି ଅବବୋଧ ଆସିଲେ ତୁମେ ଆଧ୍ୟାତ୍ମିକତାର ଅନ୍ୟ ସମସ୍ତ ସୋପାନକୁ ଆରୋହଣ କରିପାରିବ ।

ସ୍ୱାମୀ ବୃନ୍ଦାବନରେ ଅବସ୍ଥାନ କରୁଥିବା ସମୟରେ ଏଠାକାର ଛାତ୍ରମାନଙ୍କୁ ଓ ଏଠାରେ ଅବସ୍ଥାନ କରୁଥିବା ସମୟରେ ବୃନ୍ଦାବନର ଛାତ୍ରମାନଙ୍କୁ ପତ୍ର ଲେଖିଥା'ନ୍ତି । ଏହି ପତ୍ରମାନ ଛାତ୍ରାବାସର ସୂଚନା ଫଳକ (ନୋଟିସ ବୋର୍ଡ଼)ରେ ଟଙ୍ଗାଯାଏ, ଯାହା ଫଳରେ ସବୁ ଛାତ୍ର ତାହା ପଢ଼ି ଟିପି ନିଅନ୍ତି ଓ ଭଗବାନଙ୍କ କଥାକୁ ବାରମ୍ବାର ମନନ କରି ଜୀବନରେ ଅଭ୍ୟାସ କରନ୍ତି । ଆମେମାନେ ମଧ୍ୟ ଛାତ୍ରାବାସର ଛାତ୍ରମାନେ ତାଙ୍କଠାରୁ ଯେଉଁ ଦିବ୍ୟ ପ୍ରେମ ପାଇଥା'ନ୍ତି ତାହା ପାଇବା ପାଇଁ ଓ ତାଙ୍କର ସଯତ୍ନ ପ୍ରେମରେ ଯେଭଳି ଭାବେ ପାଳିତ ହୋଇଥା'ନ୍ତି ସେଭଳି ପାଳିତ ହେବା ପାଇଁ ମନେ ମନେ ଝୁରି ହୋଇଥାଉ । ଯାହା ହଉନା କାହିଁକି, ତାଙ୍କର ଉପଦେଶ କେବଳ ଛାତ୍ରମାନଙ୍କ ପାଇଁ ନୁହଁ, ଆମ ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ । ମହାବିଦ୍ୟାଳୟରେ ଏଇମାତ୍ର ପ୍ରବେଶ କରିଥିବା ଏକ କିଶୋରକୁ ସ୍ୱାମୀ ତାଙ୍କ ପତ୍ରରେ କହନ୍ତି, "ମୋ ମଧ୍ୟରେ ତୁମକୁ ଦେଖ । ମୁଁ ତୁମେ ଓ ତୁମେ ମୁଁ ।" ଏହାର ଅର୍ଥ ହେଲା ଯେ କେହି ସାଇ ଭିନ୍ନ ଅନ୍ୟ କିଏ ନୁହଁ । ପ୍ରତ୍ୟେକେ ଦିବ୍ୟ । ସେ ଛାତ୍ର ହୋଇପାରନ୍ତି, ଶିକ୍ଷକ ହୋଇପାରନ୍ତି, ଶିକ୍ଷକଙ୍କର ଶିକ୍ଷକ ହୋଇପାରନ୍ତି । ଭଗବାନଙ୍କର ଊର୍ଦ୍ଧ୍ୱ, ଅଧଃ ବା ଭିନ୍ନ ଅନ୍ୟ କିଛି ସତ୍ତା ନାହିଁ । ସ୍ୱାମୀ କହନ୍ତି, "ତୁମେ ସମସ୍ତେ ମୋର ଏକ ଏକ ରୂପ । ମୁଁ ତୁମକୁ ପ୍ରେମ କରିବା ଦ୍ୱାରା ମୋତେ ହିଁ ପ୍ରେମ କରିଥାଏ । ତୁମେ ମୋତେ ପ୍ରେମ କରିବା ଦ୍ୱାରା ନିଜକୁ ହିଁ ପ୍ରେମ କରିଥାଅ । ମୁଁ ମୋତେ ମୋ'ଠାରୁ ଭିନ୍ନ କରିଦିଏ କାରଣ ମୁଁ ମୋତେ ପ୍ରେମ କରିପାରିବି ଓ ମୋର ପ୍ରତିରୂପ ହୋଇଥିବା ଅନେକଙ୍କର ପ୍ରେମ ପାଇପାରିବି । ତୁମର ଆନନ୍ଦର ବ୍ୟାପ୍ତି ଘଟେ ଓ ସେହି ଆନନ୍ଦ ହୁଏ ମୋର ଆହାର । ଯମୁନା ସୈକତରେ ଜହ୍ନ ରାତିରେ କୃଷ୍ଣ ଶହ ଶହ ଗୋପୀଙ୍କ ସହ ନୃତ୍ୟ କରୁଥାନ୍ତି । ସେ ବଂଶୀ ବାଦନ କରୁଥାନ୍ତି ଓ ଗୋପୀମାନେ ବଂଶୀର ସ୍ୱରରେ ପାଦ ମିଳେଇ ନୃତ୍ୟ କରୁଥାନ୍ତି । ଅକସ୍ମାତ୍ କୃଷ୍ଣ ଗୋପୀମାନଙ୍କ ହାତ ଧରନ୍ତି ଓ ପ୍ରତ୍ୟେକ ଗୋପୀ ତା ସହ ଏକ କୃଷ୍ଣ ନୃତ୍ୟ କରୁଥିବା ଅନୁଭବ କରେ । କେତେକ କୃଷ୍ଣଙ୍କୁ ଗୋପାଙ୍ଗନାମାନଙ୍କ ସହ ନୃତ୍ୟ କରୁଥିବା ହେତୁ ତାଙ୍କୁ ଏକ କାମୁକ ପୁରୁଷ କହି ନିନ୍ଦା କରିଥାନ୍ତି । ଭାଗବତରେ କୁହାଯାଇଛି ଯେ ଏକ ଶିଶୁ ଦର୍ପଣରେ ତା'ର ନିଜର ପ୍ରତିବିମ୍ବ ସହ ନୃତ୍ୟ କରିବା ଭଳି ସେ ଗୋପୀମାନଙ୍କ ସହ ନୃତ୍ୟ କରୁଥା'ନ୍ତି । ତୁମ ଚାରିପାଖେ ଯଦି ଅନେକ ଦର୍ପଣ ଥାଏ, ପ୍ରତିଟି ଦର୍ପଣ ମଧ୍ୟରେ ତୁମେ ତୁମର ଏକ ଏକ ପ୍ରତିବିମ୍ବ ପାଇବ ଓ ସେତେବେଳେ ତୁମେ ଯଦି ନୃତ୍ୟ କରିବ, ପ୍ରତ୍ୟେକ ଦର୍ପଣ ମଧ୍ୟରେ ତୁମେ ଏକ ସମୟରେ ନୃତ୍ୟ କରୁଥିବା ଦେଖିପାରିବ । ସ୍ୱାମୀ ଆମ ସମସ୍ତଙ୍କ ମଧ୍ୟରେ ତାଙ୍କର ପ୍ରତିବିମ୍ବ ଦେଖିଥା'ନ୍ତି । ଆମେ ପରସ୍ପରକୁ ଭିନ୍ନ ଭାବେ ଦେଖିଥାଉ, କିନ୍ତୁ ସେ ଆମ ସମସ୍ତଙ୍କୁ ତାଙ୍କର ପ୍ରତିବିମ୍ବ ରୂପେ ଦେଖିଥାନ୍ତି । ଆମେ ପରସ୍ପର ମଧ୍ୟରେ ନା

ନିଜକୁ ଦେଖୁ ନା ଭଗବାନଙ୍କୁ ଦେଖୁ । ଆମେ କାହାକୁ ମିତ୍ର ଭାବେ ଦେଖୁ ତ କାହାକୁ ଶତ୍ରୁ ଭାବେ ଦେଖୁ । କାହାକୁ ଫରାସୀ ତ କାହାକୁ ଇଂରେଜ, କାହାକୁ ଆମେରିକୀୟ ତ କାହାକୁ ଅଷ୍ଟ୍ରେଲୀୟ ଭାବେ ଦେଖୁ । ସମସ୍ତ ପ୍ରକାର ବିକୃତି ଆମ ଦୃଷ୍ଟିରେ ପଡ଼ିଥାଏ । ତେଣୁ ଗୋପୀମାନେ ଥିଲେ କୃଷ୍ଣଙ୍କର ପ୍ରତିବିମ୍ବ ଏବଂ ବର୍ତ୍ତମାନ ସ୍ୱାମୀ ଆମକୁ କହନ୍ତି ଯେ ସେ ଆମ ମଧ୍ୟରେ ନିଜକୁ ଦେଖିଥାନ୍ତି । ଏହି ସୃଷ୍ଟିର ମୂଳରେ ଥିଲା ଭଗବାନଙ୍କର ପ୍ରେମ କରିବା ଓ ପ୍ରେମ ପାଇବାର ଇଚ୍ଛା । ସ୍ୱାମୀ କହନ୍ତି, "ମୁଁ ମୋର ପ୍ରମୋଦ ପାଇଁ ଏହି ସଂସାରକୁ ଗଢ଼ିଥାଏ ।" ସେ ପ୍ରମୋଦ ପା'ନ୍ତି କେଉଁଠୁ ? ପ୍ରେମ ଦେଇ ଓ ପ୍ରେମ ନେଇ ସେ ପ୍ରମୋଦ ପା'ନ୍ତି । ସେ କହନ୍ତି ଯେ ସେ ତାଙ୍କ ପ୍ରମୋଦ ପାଇଁ ପାହାଡ଼-ପର୍ବତ, ମରୁଭୂମି ନଦ-ନଦୀ, ବୃକ୍ଷଲତା, ସୂର୍ଯ୍ୟ-ଚନ୍ଦ୍ରାଦି ସୃଷ୍ଟି କଲେ । ଏଗୁଡ଼ିକ ମୋର ଅସ୍ତିତ୍ୱର ପ୍ରମାଣ ବହନ କରନ୍ତି, କାରଣ ଏମାନେ ମଧ୍ୟ ମୋତେ ପ୍ରେମ କରିଥାନ୍ତି । ପର୍ବତ ପ୍ରେମର ଏକ ସୁବିଶାଳ ସ୍ତୁପ, ବୃକ୍ଷ ପ୍ରେମର ଏକ ସୁମଧୁର ଗାଥା, ଲତା ପ୍ରେମର ଏକ ସଂକ୍ଷିପ୍ତ ଅନୁଚ୍ଛେଦ । ମୋର ଅସ୍ତିତ୍ୱର ପ୍ରମାଣ ପାଇଁ ସୃଷ୍ଟିର ପ୍ରତି ଅଣୁ ପରମାଣୁ ପ୍ରେମରେ ପରିପ୍ଲୁତ । ମୁଁ ମଣିଷକୁ ସୃଷ୍ଟି କଲି ଓ ତାହା ମଧ୍ୟରେ ଏଭଳି ଶକ୍ତି ଭରିଦେଲି ଯେ, ସେ ଯେ ଏହି ମହାସାଗରର ଏକ ତରଙ୍ଗ, ତାହା ସେ ନିଜେ ବୁଝିପାରିବ । ତେଣୁ ମୋର ପ୍ରିୟଜନଗଣ, ଜାଣି ରଖ ଯେ ତୁମେ ସମସ୍ତେ ମୋର ନିଜର ସ୍ୱରୂପ !

ମିର୍‌ଦାହ କାହାଣୀର ସନ୍ନ୍ୟାସୀମାନେ ତାଙ୍କୁ ପଚାରିଲେ, "ଗୁରୁଦେବ, ଆମର ପ୍ରାର୍ଥନା କ'ଣ ହେବ ?" ସେ କହିଲେ, "ତୁମେ ତୁମ ପ୍ରାର୍ଥନାରେ ଯଦି ନିଜକୁ ଭଗବାନଙ୍କଠାରୁ ଭିନ୍ନ ମନେକରି ପ୍ରାର୍ଥନା କର ତୁମର ସେହି ପ୍ରାର୍ଥନା ନିଷ୍ଫଳ ବୋଲି ଜାଣ ।" ତେଣୁ ସ୍ୱାମୀ କହନ୍ତି, "ମୁଁ ହିଁ ତୁମର ପ୍ରକୃତ ସ୍ୱରୂପ । ମୁଁ ତୁମେ, ତୁମେ ମୁଁ ।" ଅନ୍ୟ କେହି ଗୁରୁ ଆଜି ଯାଏ କହି ନାହାଁନ୍ତି ଯେ ମୁଁ ତୁମ ମଧ୍ୟରେ ଅଛି, ତୁମେ ମୋ ମଧ୍ୟରେ ଅଛ । ତୁମ ମଧ୍ୟରେ ଆକର୍ଷଣ ଶକ୍ତି ରହିଛି,ବିକର୍ଷଣ ଶକ୍ତି ମଧ୍ୟ ରହିଛି । ଅବ୍ୟକ୍ତ ଈଶ୍ୱର ଯେତେବେଳେ ଓଁ ଶବ୍ଦକୁ ବ୍ୟକ୍ତ କରନ୍ତି, ସେହି ଆଦି ଶବ୍ଦରୁ ଅଖିଳ ବ୍ରହ୍ମାଣ୍ଡର ସୃଷ୍ଟି ହୁଏ ଏବଂ ଆମେ ସମସ୍ତେ ଜନ୍ମ ହେଉ । ତେଣୁ ତାଙ୍କ ଦ୍ୱାରା ସୃଷ୍ଟ ସମସ୍ତ ପଦାର୍ଥର ଅଣୁ-ପରମାଣୁ ମଧ୍ୟରେ ସେ ଥା'ନ୍ତି । ସେ ଆମ ମଧ୍ୟରେ ଆଂଶିକଭାବେ ନୁହଁ, ସମ୍ପୂର୍ଣ୍ଣଭାବେ ଥା'ନ୍ତି, କାରଣ ସେ ଅବିଭକ୍ତସ୍ୱରୂପ । ତେଣୁ ଆମେ କହୁ, "ପୂର୍ଣ୍ଣମଦଃ ପୂର୍ଣ୍ଣମିଦଂ ପୂର୍ଣ୍ଣାତ୍ ପୂର୍ଣ୍ଣମୁଦଚ୍ୟତେ...." ତାହା ପୂର୍ଣ୍ଣ, ଏହା ପୂର୍ଣ୍ଣ, ପ୍ରତିଟି ଖଣ୍ଡ ପୂର୍ଣ୍ଣ, ପ୍ରତିଟି ଅଂଶ ପୂର୍ଣ୍ଣ ।" ଦୈବତ୍ୱର ଆନନ୍ଦକୁ ନିଜ ମଧ୍ୟରେ ଧାରଣ କରିବା ଅପେକ୍ଷା ଆଉ ଅଧିକ ମହନୀୟ ସମ୍ପଦ ମଣିଷ କ'ଣ ଆଶା କରିପାରେ ? ଆମମାନଙ୍କର ପ୍ରସ୍ତରରୁ ଉଦ୍ଭିଦ, ଉଦ୍ଭିଦରୁ ପଶୁ ଓ ପଶୁରୁ ମଣିଷ ରୂପରେ କ୍ରମବିକାଶ ଘଟିଛି । ଏହି କ୍ରମବିକାଶର ଆଉ ଏକ ସୋପାନ ରହିଛି, ତାହା ହେଉଛି ଆମେ ଦିବ୍ୟ ହେବା । ଏହା ଅପେକ୍ଷା ଅଧିକ ଐଶ୍ୱର୍ଯ୍ୟ କ'ଣ

ଥାଇପାରେ ? ଭୟ ଓ ଅଜ୍ଞାନ ବ୍ୟତୀତ ଆଉ କିଏ ବା କ'ଣ ଆମକୁ ଏହି ଐଶ୍ୱର୍ଯ୍ୟପ୍ରାପ୍ତିରୁ ବଞ୍ଚିତ କରିପାରିବ ? ନିଜେ ଦିବ୍ୟଭାବେ ରୂପାନ୍ତରିତ ହେବାକୁ କେତେକ ଭୟ କରନ୍ତି । ସେମାନେ କହନ୍ତି, "କ'ଣ ! ମୁଁ ଛାର ମାନବ, କ'ଣ ମାଧବ ହେବି ? ଏହା ଏତେ ଉଚ୍ଚ ଏକ ଆସନ ଯାହାର ଯୋଗ୍ୟତା ମୋ'ଠେ ନାହିଁ ।" କିନ୍ତୁ ଏଥିପାଇଁ ଏକମାତ୍ର ଯୋଗ୍ୟତା ହେଲା "ମୁଁ ଆତ୍ମା" - ଏହି ଉପଲବ୍ଧି ଲାଭ କରିବା । ତାହା ଲାଭ କଲେ ତୁମେ ପରମାତ୍ମାଙ୍କ ମଧ୍ୟରେ ଲୀନ ହେବାର ଯୋଗ୍ୟତା ଲାଭ କରିବ । ମଣିଷର ସବୁଠୁ ବଡ଼ ଅଭୀପ୍ସା - ନିଜକୁ ଦିବ୍ୟାତ୍ମସ୍ୱରୂପ ବୋଲି ଜାଣିବା - ଏଥି ପ୍ରତି ଅନେକଙ୍କର ଧ୍ୟାନ ହିଁ ନଥାଏ । ଆମେ ଭଗବାନଙ୍କୁ ଏକ ଅଳିଆଗଦା ଭାବୁ ଯାହା ମଧ୍ୟକୁ ଆମେ ଆମ୍ଭ ପେଟବଥା, ମୁଣ୍ଡବଥା, ଆମ କ୍ଷୟ-କ୍ଷତି ଓ ବିଫଳତା ଆମ ଈର୍ଷା, ଦ୍ୱେଷ, ପ୍ରତିଶୋଧଭାବ ତଥା କ୍ଷୁଦ୍ର କ୍ଷୁଦ୍ର କଳହ ସବୁ ଫିଙ୍ଗିଦେବାକୁ ପଶ୍ଚାତ୍‌ପଦ ହେଉନା । ଦୁଇ ଦେଶ ମଧ୍ୟରେ ଯେତେବେଳେ ଯୁଦ୍ଧ ଆରମ୍ଭ ହୋଇଯାଏ ଏକ ଦେଶର ସମସ୍ତ ଅଧିବାସୀ ନିଜ ନିଜ ଗୀର୍ଜାଘରକୁ ଯାଇ ଶତ୍ରୁଦେଶ ଧ୍ୱଂସ ପାଇ ଯାଉ ବୋଲି ଭଗବାନଙ୍କ ପାଖରେ ପ୍ରାର୍ଥନା କରନ୍ତି । ରାତିରେ ନିଦ ନହେଲେ ତୁମେ ପ୍ରାର୍ଥନା କର, "ଭଗବାନ ! ମୋତେ ନିଦ ଦିଅ ।" ଏହିପରି ଆମେ, "ଭଗବାନ ! ମୁଣ୍ଡବଥା, ଭଗବାନ ! ପେଟବଥା" କହି ତାଙ୍କୁ ଡାକିଥାଉ । ଭଗବାନଙ୍କୁ ଆମେ ଏହିଭଳି ବ୍ୟବହାର କରୁ । କେତେକ ଭଗବାନ କେବଳ ତାଙ୍କରି ଧନ କହିବାକୁ ଦ୍ୱିଧା ପ୍ରକାଶ କରନ୍ତି ନାହିଁ । ଆମେ ଚାହୁଁ ଯେ ଭଗବାନ ସାଣ୍ଟାକ୍ଲଜ୍ ଭଳି ଯିଏ ଯାହା ଚାହୁଁଥିବ ତାକୁ ତାହା ଦେଉଥିବେ । ଆମେ ପ୍ରାର୍ଥନା କରୁ, "ସ୍ୱାମୀ !, ମୋତେ ଦୁର୍ଘଟଣାରୁ ରକ୍ଷା କରନ୍ତୁ, ଚୋର ଡକାୟତଙ୍କ କବଳରୁ ରକ୍ଷା କରନ୍ତୁ !" ସେ ଆମର ନିରାପତ୍ତାରକ୍ଷୀ ହୋଇ ବା ଡାକ୍ତର ବା ଓକିଲ ହୋଇ ସବୁବେଳେ ଆମ ପାଖେ ପାଖେ ରହିଥିବେ । ସେ ଆମ ଚାକର ଭଳି ଆମେ ଯେତେବେଳେ ଯାହା କହୁଥିବୁ ତାହା କରୁଥିବେ । ମଣିଷ ଭଗବାନଙ୍କୁ ନାନା ରକମର କାମ କରିବାକୁ ଦିଏ । ରେ ନିର୍ବୋଧ ! ତାଙ୍କୁ ହିଁ ଯଦି ସବୁକିଛି କରିବାକୁ ହୁଏ, ସେ କ'ଣ ତୁ ନ କହିଲେ ମଧ୍ୟ ତାହା କରିବେ ନାହିଁ ! ଭଗବାନଙ୍କୁ ଏହା କର, ତାହା କର କହିବା କି ଦରକାର ? ଯାହା ଆମ ପାଇଁ ସବୁଠୁ ଭଲ, ତାହା ସେ ଆମ ହାତରେ କରେଇଥା'ନ୍ତି । ସୂର୍ଯ୍ୟ ଉଦୟ ହେବାକୁ ହେବ ବା ଅସ୍ତଯିବାକୁ ହେବ କହି ତୁମେ କ'ଣ ତାଙ୍କୁ କେବେ ମନେ ପକାଇଥାଅ ! କ୍ଷେତରେ ବୁଣିଥିବା ବିହନକୁ ତଳି କରିବା ପାଇଁ କ'ଣ ମନେ ପକେଇବାକୁ ପଡ଼େ ? ବୁଢ଼ିଆଣୀକୁ ତାର ଆଶ୍ରୟ ପାଇଁ ଜାଲ ବୁଣିଦେବାକୁ କ'ଣ ତାକୁ ଅନୁରୋଧ କରିବାକୁ ହୁଏ ? ସଂସାରରେ ଯାହା କିଛି ଘଟିଯାଉଛି ତାହାର ଦେଖାଶୁଣା କରିବାକୁ କ'ଣ ତାଙ୍କୁ କହିବାକୁ ହୁଏ ? ତେବେ ଆମେ ଆମର ଛୋଟ ଛୋଟ ଆବଶ୍ୟକତା ତାଙ୍କୁ ମନେ ପକେଇବା କାହିଁକି ? ବଢୁଥିବା ଧାନର ତଳି, ନୀଡ଼ରେ ଥିବା ପକ୍ଷୀ ଶାବକ, ଜାଲ ଭିତରର ବୁଢ଼ିଆଣୀଠାରୁ କି କ'ଣ ତୁମେ ତାଙ୍କ କୃପା କମ୍ ପାଉଛ ?

ତେବେ ସେ ତୁମକୁ ଦେଉଥିବା ଉପହାରକୁ କୌଣସି ପାଟିତୁଣ୍ଡ ନକରି, ବ୍ୟାକୁଳଭାବେ ଆଣ୍ଠୁ ନ ନୁଏଇ, ହାତ ନ ପତେଇ ପ୍ରାର୍ଥନା ନକରି ସମ୍ମାନର ସହ ଗ୍ରହଣ କର ନାହିଁ କାହିଁକି ? ଆଉ ମଧ୍ୟ, ଭଗବାନ ଏମିତି କେଉଁଠେ ଅଛନ୍ତି ଭାବୁଛ ଯେ ତାଙ୍କର ସ୍ତୁତି, ତୁମର ବିନତି, ତୁମ ତୁଚ୍ଛ ଆଶା ଅଭିଳାଷ ତାଙ୍କ କାନରେ ପଡ଼ିବା ଭଳି ଉଚ୍ଚ ସ୍ୱରରେ ଚିତ୍କାର କରୁଛ ? ସେ କ'ଣ ତୁମ ମଧ୍ୟରେ ନାହାନ୍ତି ? ତୁମ ହୃଦୟର ବିଶାଳତା ମଧ୍ୟରେ ତାଙ୍କର ସନ୍ଧାନ କର । ହଁ, ଏଥିପାଇଁ ହୃଦୟ ବିଶାଳ ହେବାକୁ ହେବ । ସଂକୀର୍ଣ୍ଣ ହୃଦୟରେ ତାଙ୍କୁ ପାଇବା କଷ୍ଟ । ହୃଦୟ ବିଶାଳ ହେଲେ ତୁମେ ଭଗବାନଙ୍କ ଦ୍ୱାରର ଚାବି ତଥା ତୁମର ଏତେଦିନର କ୍ଷୁଧା ଓ ପିପାସା ଚରିତାର୍ଥ ହେବା ଭଳି ସବୁକିଛି ସେଠାରେ ପାଇପାରିବ । ତେବେ ଏଠାରେ ପ୍ରଶ୍ନ ହୋଇପାରେ, ତାହା ହିଁ ଯଦି ହୁଏ, ମଣିଷ ତାର ଆରାଧ୍ୟ ଦେବତାଙ୍କର ପୂଜା ନିମନ୍ତେ ଯେଉଁ ସମସ୍ତ ମନ୍ଦିର ପ୍ରେମର ସହ ନିର୍ମାଣ କରିଛି, ସେସମସ୍ତ କି ଦରକାର ? ତାଙ୍କୁ ପ୍ରାର୍ଥନା କରିବା ପାଇଁ କୌଣସି ମନ୍ଦିରର ଆବଶ୍ୟକତା ନାହିଁ, ତେବେ ସେ ହୃଦୟ ଦେଇ କୌଣସି ମନ୍ଦିରକୁ ଭକ୍ତି କରିପାରିବ ନାହିଁ । ସତ୍ୟାନୁସନ୍ଧାନରେ ବ୍ରତୀ ଜଣେ ନିଷ୍ଠାପର ସାଧକ ପାଇଁ ତାର ହୃଦୟ ହିଁ ଏକ ମନ୍ଦିର ଓ ନିଃଶବ୍ଦତା ହିଁ ଏକ ପ୍ରାର୍ଥନା । ଶବ୍ଦୋଚ୍ଚାରଣ ବିନା ଅସମର୍ଥ ପ୍ରାର୍ଥନା କରିପାରେ ନାହିଁ ଓ ଯେଉଁ ସମସ୍ତ ଶବ୍ଦ ତା' ପାଟିରେ ଭର୍ତ୍ତି କରାଯାଏ, ତାହା ହିଁ ସେ ଉଚ୍ଚାରଣ କରେ । ହୃଦୟର ବିଶାଳତା ମଧ୍ୟରେ ପରିଭ୍ରମଣ କରିବା ତା' ପକ୍ଷରେ ଅସ୍ୱସ୍ତିକର ମନେହୁଏ କିନ୍ତୁ ମନ୍ଦିରର ବିଶାଳତା ମଧ୍ୟରେ ସେ ନିଜକୁ ସ୍ୱଚ୍ଛନ୍ଦ ମନେକରେ । ଏଭଳି ବ୍ୟକ୍ତିମାନେ ଦିଅଁଦେବତାଙ୍କ ମନ୍ଦିର ନିର୍ମାଣ କରନ୍ତି ଓ ଅନ୍ୟଠୁ ଶିଖିଥିବା ମନ୍ତ୍ର ଉଚ୍ଚାରଣ କରୁଥା'ନ୍ତି । ପ୍ରାର୍ଥନା ପାଇଁ ତୁମ ଓଷ୍ଠ ବା ଜିହ୍ୱା ଆବଶ୍ୟକ ନୁହଁ । ସଂଶୟ ଓ ସଙ୍କୋଚ ରହିତ ଏକ ଜାଗରୁକ ନୀରବ ହୃଦୟ ଯଥେଷ୍ଟ । ଭାବ ନଥାଇ ବଚନର କି ପ୍ରୟୋଜନ ? ସ୍ୱାମୀ କହନ୍ତି, "ହୃଦୟଶୂନ୍ୟ ଭଜନ ମୂଲ୍ୟହୀନ ।" ତୁମେ ଯେତେବେଳେ 'ସାଇରାମ' କୁହ, ତାହା ସବୁବେଳେ ପ୍ରେମର ସହ କହିବା ଆବଶ୍ୟକ । କିନ୍ତୁ ତୁମେ କର କ'ଣ ? ଛୁଆ ଉପରେ କ୍ରୋଧ ପ୍ରକାଶ କରି ବିରକ୍ତିରେ କୁହ 'ସାଇରାମ୍' ! ତୁମେ କାହାକୁ ଭୟ ଦେଖେଇବା ପାଇଁ ବା ସାବଧାନ କରିବା ପାଇଁ ଏହା ବ୍ୟବହାର କରିଥାଅ । "ରମୟତୀତି ରାମଃ' । ଯିଏ ଆନନ୍ଦ ଦିଅନ୍ତି ସେ ରାମ । 'ସାଇରାମ'କୁ ଖାମ୍‌ଖିଆଲ୍‌ଭାବେ, ଯନ୍ତ୍ରବତ୍ କିମ୍ବା କ୍ରୋଧ ବା ବିରକ୍ତିରେ ବା ଅନ୍ୟର ଦୃଷ୍ଟି ଆକର୍ଷଣ କରିବା ଉଦ୍ଦେଶ୍ୟରେ ବ୍ୟବହାର କର ନାହିଁ । ମୁଁ ଅନେକ ସମୟରେ ଦେଖେ, ଲୋକେ ଗହଳି ମଧ୍ୟରେ ବାଟ ବାହାର କରିବା ପାଇଁ "ସାଇରାମ, ସାଇରାମ" କହିଥାନ୍ତି । ଏହା ସେହି ପବିତ୍ର ନାମର ଅପବ୍ୟବହାର ମାତ୍ର । ଏଭଳି ସ୍ଥାନରେ "ସାଇରାମ ସାଇରାମ" ନ କହି "ବାଟ ଦିଅନ୍ତୁ, ବାଟ ଦିଅନ୍ତୁ" କୁହାଯାଇପାରନ୍ତା । ଏଠାରେ 'ସାଇରାମ' କହିବା କି ଦରକାର ? ଏହା କହି ସେହି ଦିବ୍ୟନାମକୁ ଶସ୍ତା ଓ ସାଧାରଣ ଏକ ନାମ କରିବାର

ଦୁଷ୍ପ୍ରୟାସ କରାଯାଉଛି । 'ସାଇରାମ'ର ପ୍ରତ୍ୟେକ ଅକ୍ଷର ଉଚ୍ଚାରଣ କରିବା ସମୟରେ ଆମ ହୃଦୟ-ଜାଗ୍ରତ ହୋଇ ଉଠିବା ଉଚିତ । ଭଜନ କ୍ଷେତ୍ରରେ ମଧ୍ୟ ଏହା ପ୍ରଯୁଜ୍ୟ । ଭଗବାନଙ୍କର କୌଣସି ଲୀଳା, ଗୁଣ ବା ମହିମା ମନେ ପକେଇ ତୁମେ ଯେତେବେଳେ ତାଙ୍କର ଭଜନ ଗାନ କର, ସେତେବେଳେ ତାହା ହୃଦୟ ଖୋଲି ଗାଅ । ଆମେ ଆଉ ଏକ ଶବ୍ଦ ବ୍ୟବହାର କରୁ - ତାହା ଭୋଜନ ଅର୍ଥାତ୍ ଅନ୍ନସେବନ । ସ୍ୱାମୀ କହନ୍ତି, ପ୍ରତ୍ୟେକ ଥର ଭୋଜନ ପରେ ତୁମେ ଅଧିକ ସତେଜ ଓ ବଳଶାଳୀ ଅନୁଭବ କର । ଭୋଜନ ପୂର୍ବରୁ ଯାହା କରିପାରିବ ନାହିଁ ଭାବୁଥିଲ ବର୍ତ୍ତମାନ ତାହା କରିବାର ଶକ୍ତି ତୁମ ମଧ୍ୟରେ ଖୋଜି ପାଅ । ପ୍ରତ୍ୟେକ ଭଜନ ପରେ ମଧ୍ୟ ତୁମେ ଅଧିକ ସତେଜ, ଶକ୍ତ, ଜ୍ଞାନବନ୍ତ ତଥା ବିଷାଦଗ୍ରସ୍ତ ମନେ କରିବା ଆବଶ୍ୟକ । ବିଷାଦ କାହିଁକି ? ଅତୀତରେ କରିଥିବା ଭୁଲ ପାଇଁ ମନରେ ବିଷାଦ । ଏହା ମଧ୍ୟ ଦରକାର । ଏହା ଫଳରେ ତୁମେ ଭଜନ ପରେ ଅଧିକ ପରିଶୁଦ୍ଧ, ଧୀଯୁକ୍ତ ତଥା ମାନସିକ ଭାବେ ଶକ୍ତ ଅନୁଭବ କରିବ । "ଓହୋ ! ଯାହା ହେଉ ଭଜନ ସରିଗଲା" - ମନରେ ଏଭଳି ଭାବ ନଆସୁ । ମାଦ୍ରାଜ୍ ସହରରେ ଏକ ମନ୍ଦିର ଅଛି, ଯାହାର ପ୍ରତିଷ୍ଠା ସ୍ୱୟଂ ସ୍ୱାମୀ କରିଥିଲେ । ମନ୍ଦିର ପ୍ରତିଷ୍ଠାର ପଞ୍ଚମ ବାର୍ଷିକ ଉତ୍ସବରେ ସେମାନେ ସ୍ୱାମୀଙ୍କ ଉପସ୍ଥିତି ଚାହୁଁଥିଲେ । ସ୍ୱାମୀଙ୍କର ଅନ୍ୟାନ୍ୟ କାର୍ଯ୍ୟକ୍ରମ ଥିବା ହେତୁ ସ୍ୱାମୀ ସେଠାରେ ଉପସ୍ଥିତ ହୋଇପାରିଲେ ନାହିଁ । ବାର୍ଷିକୋତ୍ସବ ଉପଲକ୍ଷେ ସେମାନେ ଭଜନ ଆୟୋଜନ କରିଥା'ନ୍ତି । ଭଜନ ଶେଷରେ ଦେଖାଗଲା, ସ୍ୱାମୀଙ୍କ ସିଂହାସନ ତଳେ ଯେଉଁ ପାଦପୀଠ ରଖାଯାଇଥାଏ, ତାହା ସିଂହାସନ ତଳକୁ ଘୁଞ୍ଚି ଆସିଲା । ପ୍ରଶାନ୍ତିରେ ସିଂହାସନ ତଳେ ଆପଣମାନେ ଏଭଳି ପାଦପୀଠ ଦେଖିଥା'ନ୍ତି । ସର୍ବତ୍ର ସ୍ୱାମୀଙ୍କର ଯେକୌଣସି ଉତ୍ସବରେ ଏଭଳି ଭାବେ ସିଂହାସନ ଓ ପାଦପୀଠ ରଖାଯାଇଥାଏ କାରଣ ଭକ୍ତମାନଙ୍କର ବିଶ୍ୱାସ ଯେ କାର୍ଯ୍ୟକ୍ରମ ଚାଲିଥିବା ସମୟରେ ସ୍ୱାମୀ ସିଂହାସନରେ ଉପବିଷ୍ଟ ଥା'ନ୍ତି । ଶାସ୍ତ୍ରରେ ମଧ୍ୟ ଉଲ୍ଲେଖ ଅଛି, "ମଦ୍‌ଭକ୍ତାଃ ଯତ୍ର ଗାୟନ୍ତି ତତ୍ର ତିଷ୍ଠାମି ନାରଦ ।" ପ୍ରଶାନ୍ତି ମନ୍ଦିର ମଧ୍ୟରେ ଭଗବାନ ଯେତେବେଳେ ଆରତୀ ପାଇଁ ଇଙ୍ଗିତ ଦେବାକୁ ଚାହାନ୍ତି, ସେ ପାଦପୀଠକୁ ସିଂହାସନ ତଳକୁ ଠେଲିଦେଇ ଛିଡ଼ା ହୁଅନ୍ତି । ସେ ପାଦପୀଠ ଉପରେ ଛିଡ଼ା ହୁଅନ୍ତି ନାହିଁ । ତେଣୁ ମାଦ୍ରାଜରେ ସମସ୍ତେ ଦେଖି ଆଶ୍ଚର୍ଯ୍ୟ ହେଉଥାନ୍ତି ଯେ ସ୍ୱାମୀ ସେହି ଦିନର ସମାରୋହରେ ଉପସ୍ଥିତ ନଥିଲେ ମଧ୍ୟ ତାଙ୍କ ସିଂହାସନ ତଳର ପାଦପୀଠ କିପରି ଆପେ ଆପେ ତଳକୁ ଘୁଞ୍ଚିଗଲା ! ପରେ ଯେତେବେଳେ ସେମାନେ ଜାଣିପାରିଲେ ଯେ ସ୍ୱାମୀ ହିଁ ତାକୁ ତଳକୁ ଠେଲି ଦେଇଛନ୍ତି, ସେମାନଙ୍କର ଆନନ୍ଦର ସୀମା ରହିଲା ନାହିଁ । ସେମାନେ ସେଦିନ ସ୍ୱାମୀଙ୍କର ଆରତୀ କଲେ ଓ ପରେ ଯାହାସବୁ ଘଟିଥିଲା ତାହା ସ୍ୱାମୀଙ୍କୁ ପତ୍ରଦ୍ୱାରା ଜଣେଇଲେ । ମୁଁ ଯେତେବେଳେ ସ୍ୱାମୀଙ୍କୁ ଏହା ଜଣେଇଲି, ସ୍ୱାମୀ କହିଲେ, "କିନ୍ତୁ ସେମାନେ ସିଂହାସନ ଉପରେ ବିଛା ହୋଇଥିବା ପାଟବସ୍ତ୍ରଟି ତଳେ

ପଡ଼ିଯାଇଥିବା କଥା ଲେଖିନାହାନ୍ତି ।" ସେମାନେ ସ୍ୱାମୀଙ୍କ ସିଂହାସନ ଉପରେ ଏକ ପାଟବସ୍ତ୍ର ବିଛେଇଥା'ନ୍ତି ଏବଂ ସ୍ୱାମୀ ଅଦୃଶ୍ୟଭାବେ ସିଂହାସନରେ ବସିଥା'ନ୍ତି । ଆରତୀ ସମୟରେ ସ୍ୱାମୀ ଯେତେବେଳେ ସିଂହାସନରୁ ଉଠନ୍ତି, ପାଖରେ ଥିବା ପଙ୍ଖାର ପବନ ବାଜି ବିଛା ଯାଇଥିବା ପାଟକନାଟି ତଳେ ପଡ଼ିଯାଇଥାଏ । ମୁଁ ସେଦିନ ସ୍ୱାମୀଙ୍କୁ ପଚାରିଲି, "ସ୍ୱାମୀ ! ଆପଣ ପ୍ରଶାନ୍ତିରେ ନଥିବା ସମୟରେ ଆମେ ମନ୍ଦିରରେ ସେତିକି ଭକ୍ତିରେ ଭଜନ କରିଥାଉ କିନ୍ତୁ ଦିନେ ହେଲେ ସିଂହାସନ ତଳରେ ଥିବା ପାଦପୀଠ ତଳକୁ ଘୁଞ୍ଚିଯିବା ଆମେ ଦେଖି ନାହୁଁ ।" ସ୍ୱାମୀ କହିଲେ, "ତୁମେ ମୋତେ ସ୍ମରଣ କରି ଭଜନ ଗାଅ ନାହିଁ । ତୁମ ଦୃଷ୍ଟି ଘଡ଼ି ଉପରେ ଥାଏ, ଆଉ କେତେ ମିନିଟ୍‌ରେ ଭଜନ ସରିବ ହିସାବ କରୁଥାଅ !" ତେଣୁ ସ୍ୱାମୀ ଆମ ପାଇଁ ଅଧଘଣ୍ଟାର ଭଜନ ସ୍ଥିର କରିଛନ୍ତି । ଘଣ୍ଟାଏ ଭଜନ ଆମ ପାଇଁ ଢେର ବେଶୀ । ତେଣୁ ଆମ ମୁଖରୁ ସ୍ଫୁରୁଥିବା ଶବ୍ଦ ବଡ଼ ନୁହଁ, ଯାହା ଦରକାର ତାହା ହେଲା ଏକ ସଜାଗ ହୃଦୟ । ତୁମେ ଉଚ୍ଚାରଣ କରୁଥିବା ପ୍ରତିଟି ଅକ୍ଷର ପ୍ରତି ହୃଦୟ ସଜାଗ ରହିବା ଆବଶ୍ୟକ । ହୃଦୟ ଜାଗ୍ରତ ହେଲେ ଜିହ୍ୱା ନିଦ୍ରା ଭଜିପାରେ । ହୃଦୟର ପରିପୂର୍ଣ୍ଣ ସ୍ଥିତିରେ ଜିହ୍ୱା ସ୍ତବ୍ଧ ହୁଏ । ସର୍ବୋପରି ମନେରଖ, ପ୍ରାଣର ପ୍ରାଣ ହିଁ ବାକ୍, ବାକ୍‌ର ପ୍ରାଣ ହିଁ ପ୍ରେମ, ପ୍ରେମର ପ୍ରାଣ ହିଁ ବିବେଚନା । ଅନ୍ୟକୁ ପ୍ରେମ କରିବାକୁ ହେଲେ ତା' ପ୍ରତି ବିବେଚନଶୀଳ ହେବାକୁ ହେବ । ଏହା ଜାଣିରଖ ଯେ ବ୍ୟକ୍ତିର ପ୍ରାଣ ହେଉଛି ପ୍ରେମ ଓ ସେ ସେହି ପ୍ରେମ ପାଇବାକୁ ବ୍ୟାକୁଳ । ତେଣୁ ତାକୁ ପ୍ରେମ ଦେବା ହିଁ ତୁମର ଧର୍ମ । ସେହିଭଳି ତୁମର ପ୍ରାଣ ମଧ୍ୟ ସେହି ପ୍ରେମ । ତୁମେ ଯଦି ପ୍ରେମ କରିପାରୁନାହଁ, ତେବେ ମନୁଷ୍ୟ ପଦବାଚ୍ୟ ହେବ ନାହିଁ । ପ୍ରେମ ପାଇଁ ହିଁ ତୁମର ଜନ୍ମ । ଏହା ମଧ୍ୟ ଜାଣିରଖ ଯେ ତୁମ ଅନ୍ତରରେ ଯେଭଳି ଭଗବାନ ଅଛନ୍ତି, ଅନ୍ୟର ଅନ୍ତରରେ ମଧ୍ୟ ଭଗବାନ ଅଛନ୍ତି । ତେଣୁ ତୁମକୁ ପ୍ରେମ କରିବାକୁ ହେବ । ତୁମ ମନକୁ ଶବ୍ଦଜାଲରୁ ମୁକ୍ତ କରି ପ୍ରେମ ଜଳରେ ସିକ୍ତ କର । ତୁମର ମନୋବାଞ୍ଛା ପୂରଣ କରି ତୁମକୁ ଦାସତ୍ୱର ବନ୍ଧନରେ ପକାଉଥିବା ବହୁଦେବତା ମୋହରୁ ନିଜକୁ ମୁକ୍ତ କର । ଦେବତାମାନେ ଗୋଟିଏ ହାତରେ ଉପହାର ଦେଇ ଅନ୍ୟ ଗୋଟିଏ ହାତରେ ପ୍ରହାର ଦେଇଥା'ନ୍ତି । ଯେଉଁ ସମୟ ଯାଏ ତୁମେ ସେମାନଙ୍କୁ ପ୍ରଶଂସା କରି ସେମାନଙ୍କର ସ୍ତୁତି ଗାନ କରିଥାଅ, ସେହି ସମୟ ଯାଏଁ ସେମାନେ ତୁମ ପ୍ରତି କୃପା ପ୍ରକାଶ କରିଥା'ନ୍ତି । ସ୍ୱାମୀ କିନ୍ତୁ ସେମିତି ନୁହଁ । କେତେକଙ୍କ ଦୃଷ୍ଟିରେ ସ୍ୱାମୀ ଜଣେ ବିବଦମାନ ବ୍ୟକ୍ତିତ୍ୱ । ତାଙ୍କୁ ଠକ, ଭଣ୍ଡ, ପ୍ରତାରକ, ଯାଦୁକର ଆଦି ନାମ ଦେଇ ତାଙ୍କ ବିରୁଦ୍ଧରେ ଲେଖିବାରେ ସେମାନେ ଆନନ୍ଦ ପାନ୍ତି । ସେମାନଙ୍କର ରଚନାରେ କ୍ରୋଧିତ ହୋଇ ଆମେ ସେମାନଙ୍କର ଏଭଳି କାର୍ଯ୍ୟକଳାପକୁ ବନ୍ଦ କରିବା ଉଦ୍ଦେଶ୍ୟରେ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ ବୋଲି ସ୍ୱାମୀଙ୍କ ଅନୁମତି ଭିକ୍ଷା କଲୁ । ସ୍ୱାମୀ କହିଲେ, "ନା, ନା, ସେମିତି କିଛି କର ନାହିଁ । କେତେକ ନିଜ ନିଜ ପୂଜାଗୃହରେ ମୋର ନାମ ଉଚ୍ଚାରଣ କରି ମୋର ଆରାଧନା କରିଥାନ୍ତି ।

ଆଉ କେତେକ ମୋ ନାମ ପହଞ୍ଚି ପାରୁନଥିବା ଗଳିକନ୍ଦି, ବସ୍‌ଷ୍ଟାଣ୍ଡ, ଖବରକାଗଜ ଷ୍ଟାଣ୍ଡ ଯାଏଁ ତାହା ପହଞ୍ଚେଇ ଦେଇଥାନ୍ତି । ଏହା କରିବା ଦ୍ୱାରା ସେମାନଙ୍କର କିଛି ଅର୍ଥୋପାର୍ଜନ ହୋଇଥାଏ ଯାହାକୁ ନେଇ ସେମାନେ ସେମାନଙ୍କର ପରିବାରର ଅନ୍ନସଂସ୍ଥାନ କରିପାରନ୍ତି । ତୁମେ ସେମାନଙ୍କ ବିରୁଦ୍ଧରେ ଯାଇ ବିଚରା ସେମାନଙ୍କର ପିଲାମାନଙ୍କୁ କାହିଁକି ଭୋକରେ ରଖିବ ? ମୋର ଏ ପାଖରେ ପ୍ରଶଂସାର ସ୍ତୁପ ବଢ଼ି ବଢ଼ି ଯାଉଛି, ସେ ପାଖରେ ନିନ୍ଦା ଓ ଅପବାଦର ସ୍ତୁପ ବଢ଼ି ବଢ଼ି ଯାଉଛି । ମୁଁ ମଝିରେ ରହି ଉଭୟ ମୋର ପୂଜକ ଓ ନିନ୍ଦୁକଙ୍କୁ ଆଶୀର୍ବାଦ କରୁଛି । ଗର୍ତ୍ତ ବିନା ସ୍ତୁପ ହୁଏନି । ତେଣୁ ଏଥିପାଇଁ ବ୍ୟସ୍ତ ହୁଅନି ।” ତାହା ଯଦି ଦେଖାଯାଏ ମୋର ତାଙ୍କ ପ୍ରତି କେବେ ଭକ୍ତିଭାବ ନଥିଲା । ମୋର କୌତୁକପଟୁତା ଏତେ ଶାଣିତ ଥିଲା ଯେ ମୁଁ ତାଙ୍କୁ ପରିହାସ କରିବାକୁ ପଛେଇ ନଥିଲି । କର୍ଣ୍ଣାଟକ ରାଜ୍ୟର ଆଞ୍ଚଳିକ ଭାଷା କନ୍ନଡ଼ରେ ‘ସାଇ’ ମୃତ୍ୟୁକୁ ସୂଚାଉଥିବା ଏକ ଅଶୁଭ ଶବ୍ଦ । ତେଣୁ ମୁଁ କହୁଥାଏ, “ଯାହାର ନାମ ହିଁ ମୃତ୍ୟୁ ତାକୁ ଡାକିବ କେମିତି ? ଯେତେଦିନ ଯାଏଁ ଏହି ଅଞ୍ଚଳରେ କନ୍ନଡ଼ ପ୍ରଚଳିତ ଭାଷା ହୋଇ ରହିଥିବ, ସେତେଦିନ ସେ ଏଠାକୁ ପ୍ରବେଶ କରିପାରିବେ ନାହିଁ । କର୍ଣ୍ଣାଟକ ସୀମା ଟପିବା ତାଙ୍କ ପାଇଁ ଅସମ୍ଭବ ।” ସତେ ଯେମିତି ଏପରି କିଛି ସୀମା ଅଛି ଯାହା ଟପିବାରେ ସେ ଅସମର୍ଥ । ସେ କିନ୍ତୁ ନଛୋଡ଼ବନ୍ଧା, ମୋ ବେକ ଧରି ମୋତେ ତାଙ୍କ ନିକଟକୁ ଟାଣି ଆଣିଲେ । ସେ ମୋ ମଧ୍ୟରେ ଏଭଳିଭାବେ ପ୍ରବେଶ କଲେ ଓ ମୋ ଉପରେ ଏତେ ପ୍ରେମ ଢାଳିଦେଲେ ଯେ ଯେଉଁ ରାଜ୍ୟରେ ସେ ପ୍ରବେଶ କରିପାରିବେନି କହିଥିଲି, ମୁଁ ସେହି ରାଜ୍ୟରେ ସ୍ୱାମୀଙ୍କ ସଂଗଠନର ରାଜ୍ୟ ସଭାପତି ହୋଇ ରାଜ୍ୟର ସମସ୍ତ ସାଇ ସଂସ୍ଥାର ଭଲମନ୍ଦ ବୁଝି ସେଗୁଡ଼ିକୁ ସୁସଂଗଠିତ କଲି । ସେ ମୋ ମଧ୍ୟରୁ ସମସ୍ତ ଅହଙ୍କାର ଚିପୁଡ଼ି ବାହାର କରିଦେଲେ ଓ ମୋତେ ଏକ କୋଣରେ ଫିଙ୍ଗିଦେଲେ, ତଥାପି କିନ୍ତୁ, ମୁଁ ତିଷ୍ଠି ପାରିଲି ! ଯେ ହେଉଛନ୍ତି ଆମ ସ୍ୱାମୀ ! ସେ ପଥଚ୍ୟୁତଙ୍କୁ ଖୋଜି ବାହାର କରିଥା’ନ୍ତି । ତୁମେ ତାଙ୍କ ଭକ୍ତି କରି ନପାର, ହୁଏତ ନିନ୍ଦା କରୁଥାଇପାର । ତାହା ମଧ ସେ ଗ୍ରହଣ କରନ୍ତି ! ସେତେବେଳେ ସେ କହନ୍ତି, “ମୋର ଦୋଷତ୍ରୁଟି ବାଛିବାରେ ତୁମର ଏତେ ଆଗ୍ରହ ! ହଉ, ଆସ ।” ସେତିକି ନୁହଁ, ସେ ଆଉ ମଧ କହନ୍ତି ଯେ ପୂଜକମାନଙ୍କ ଅପେକ୍ଷା ନିନ୍ଦୁକମାନଙ୍କ ପ୍ରତି ତାଙ୍କର ବେଶୀ ଆଗ୍ରହ । ହଜି ଯାଇଥିବା ଛୁଆଙ୍କୁ ଖୋଜି ଆଣି ଉଦ୍ଧାର କରିବାକୁ ହେବ । ଗୋପାଳଙ୍କ ଓଷ୍ଠରୁ ବଂଶୀର ସ୍ୱନ ଶୁଣି ଅଧିକାଂଶ ଗାଈ ମନ୍ତ୍ରମୁଗ୍ଧ ହୋଇ ନୀରବରେ ଯେଉଁଠୁ ସେ ସ୍ୱର ଆସୁଛି ସେଠାକୁ ଚାଲିଥାନ୍ତି । ଯାହା କାନକୁ ମୁରଲୀର ସ୍ୱନ ଶୁଭେ ନାହିଁ, ସେହି ଗାଈଗୁଡ଼ିକ ଗୋଠ ଛାଡ଼ି ଯେଉଁଠେ ସଜ ଘାସ ଥାଏ ସେଠାକୁ ଯାଇ ଚରନ୍ତି । ଗୋପାଳ କିନ୍ତୁ ଗୋଧୂଳିରେ ସବୁ ଗାଈଙ୍କୁ ଗୋଟେଇ ଗୁହାଳକୁ ଆଣିଥାନ୍ତି । ଯେଉଁମାନେ ଦୁଷ୍ଟ ବା ଧୃଷ୍ଟ, ଯେଉଁମାନେ ନିଷ୍ଠୁର ବା ନିର୍ବୋଧ ଯେଉଁମାନେ ଦୃଷ୍ଟିହୀନ ବା ଦୃଷ୍ଟିଭ୍ରମିତ, ସେହିମାନଙ୍କ ପ୍ରତି ସ୍ୱାମୀ ଅଧିକ ଆଗ୍ରହୀ । ଏ

ସମସ୍ତଙ୍କୁ ଉଦ୍ଧାର କରିବାକୁ ହେବ । ଏମାନେ ପଚାରନ୍ତି, "ଭଗବାନ କେଉଁଠେ ଅଛନ୍ତି ? ଭଗବାନ ବୋଲି କିଛି ନାହିଁ । ଏସବୁ ମନର ବାଚାଳତା !" ସ୍ୱାମୀଙ୍କ ଡାକ ତାଙ୍କ କାନରେ ପଡ଼ି ନଥାଏ, ତେଣୁ ସ୍ୱାମୀଙ୍କୁ ତାଙ୍କ ନିକଟକୁ ଯିବାକୁ ହୋଇଥାଏ । ଗୋଠର ଏହି ଗାଈଗୁଡ଼ିକ ତାଙ୍କୁ ଦରକାର ।

ଯେଉଁ ଦେବତାମାନେ ତୁମକୁ ଉଦ୍ଧାର କରି ପାରନ୍ତି ନାହିଁ, ଯେଉଁ ଦେବତାମାନେ ତୁମେ ଭିକ୍ଷା ନ ମାଗିଲେ ତୁମକୁ କିଛି ଦିଅନ୍ତି ନାହିଁ, ଯେଉଁ ଦେବତାଙ୍କୁ ପାଇବା ପାଇଁ ତୁମକୁ ଅଶ୍ରୁତର୍ପଣ କରିବାକୁ ହୁଏ, ସେହି ଦେବତାମୋହରୁ ନିଜ ହୃଦୟକୁ ମୁକ୍ତ କର । ସେତେବେଳେ ତୁମେ ସେହି ଏକ ଓ ଅଦ୍ୱିତୀୟ ପରମାତ୍ମା, ଯିଏ ତୁମ ମଧ୍ୟରେ ପୂର୍ଣ୍ଣଭାବେ ଭରି ରହିଥାନ୍ତି ଓ ତୁମକୁ ପୂର୍ଣ୍ଣତ୍ୱ ପ୍ରଦାନ କରିଥାନ୍ତି, ତାଙ୍କୁ ପାଇପାରିବ । ସେ ହେଉଛନ୍ତି ଆମ ସ୍ୱାମୀ ଯିଏ ଆମକୁ କହନ୍ତି, "ମୁଁ ତୁମେ, ତୁମେ ମୁଁ । ତୁମ ଓ ମୋ ମଧ୍ୟରେ ଭିନ୍ନତା ନାହିଁ । ତୁମକୁ ପ୍ରେମ ଦେଇ ପାରିବି । ତୁମଠୁ ପ୍ରେମ ପାଇ ପାରିବି – ଏଥିପାଇଁ ମୁଁ ମୋତେ ମୋ'ଠାରୁ ଭିନ୍ନ କରିନେଲି ।" ଏଯାବତ୍ ଯେତେ ଗୁରୁ, ଦେବଦୂତ, ଦେବପୁରୁଷ ଆସିଛନ୍ତି, ସେ ସମସ୍ତଙ୍କଠାରୁ ଏହି ଅବତାର ଏହି ଦୃଷ୍ଟିରୁ ଭିନ୍ନ । ଆମେମାନେ ତାଙ୍କ ଛତ୍ରଛାୟାରେ ରହିବା ଆମର ପରମ ସୌଭାଗ୍ୟ ।

❖❖❖

୧୧

ଆଧ୍ୟାତ୍ମିକ ଜୀବନ ନିମନ୍ତେ

ଭଗବାନଙ୍କର ଅନ୍ୟ ଏକ ରୂପ ଅଛି ଯେଉଁଥିରେ ସେ ସର୍ବଦା ନୀରବରେ ବସିଥାନ୍ତି ଓ ତାଙ୍କ ନିକଟରେ ବସିଥିବା ସମସ୍ତେ ଯିଏ ଯାହା ଜାଣିବାକୁ ଚାହାନ୍ତି, ତାହା ଜାଣିପାରନ୍ତି । ସେ ନୀରବତା ମଧ୍ୟରେ ତାଙ୍କର ଉପଦେଶ ଦେଇଥାନ୍ତି । ନିଦରେ ଶୋଇଥିବା ଏକ ଶିଶୁ ପାଖରେ ବସି ଆପଣ ତାହାର ମୁହଁକୁ ଚାହାନ୍ତୁ, ଦେଖିବେ ସେ ଅନୁଭବ କରୁଥିବା ସୁଖ ଆପଣ ମଧ୍ୟ ଅନୁଭବ କରିପାରିବେ । ନିଦରେ ଶୋଇଥିବା ଶିଶୁ ନିଜର ଆନନ୍ଦରେ ମଜ୍ଜି ରହିଯାଏ । ସେଭଳି ଶିଶୁର ନିଦ୍ରାଭଙ୍ଗ କରିବା ଏକ ପାପ ବୋଲି ବିଶ୍ୱାସ କରାଯାଏ । ସେ ଆସିଥିବା ସଂସାର ସମ୍ବନ୍ଧରେ ତାକୁ ସଚେତନ କରିବା ତା ପ୍ରତି ଏକ ଅତ୍ୟାଚାର ଯାହା ତାକୁ ତାର ସୁଖାନୁଭୂତିରୁ ବିଚ୍ୟୁତ ବା ବଞ୍ଚିତ କରେ । ତାକୁ କେବଳ ଚାହିଁ ରହିବା ଦ୍ୱାରା ଆମେ ଅନେକ ଶିକ୍ଷା ଲାଭ କରିଥାଉ । ସେହି ଶିଶୁଭଳି ଆମେ ମଧ୍ୟ ବହିର୍ଜଗତରେ ସୁଖ ଅନ୍ୱେଷଣ ନକରି ନିଜ ମଧ୍ୟରେ ସୁଖକୁ ଅନୁଭବ କରିବା ଆବଶ୍ୟକ । ଶିଶୁ କହିବା ମାତ୍ରକେ ଆମ ମନରେ ଏକ କୋମଳ, ସଦ୍ୟ ତଥା ଅମାୟିକ ଶିଶୁର ଭାବ ଆସେ ଯାହା ମଧ୍ୟରେ ଘୃଣା, ବିଦ୍ୱେଷ ତଥା ନିଜ ମଧ୍ୟରେ ଥିବା ଆନନ୍ଦକୁ ଭଙ୍ଗ କରିବା ଭଳି କୌଣସି ଦୁର୍ଗୁଣ ନଥାଏ । ନୀରବରେ ଧ୍ୟାନାବିଷ୍ଟ ଥିବା ସେହି ଭଗବାନଙ୍କର ତାହା ହିଁ ଶିକ୍ଷା ଏବଂ ତାଙ୍କ ନିକଟକୁ ଆସିଥିବା ସମସ୍ତଙ୍କୁ ସେ ସେହି ଶିକ୍ଷା ଦେଇଥାନ୍ତି । ସେ ହେଉଛନ୍ତି ଦକ୍ଷିଣାମୂର୍ତ୍ତି । ଏଠାରେ ଥିବା ହାୟର ସେକେଣ୍ଡରି ସ୍କୁଲ ଭବନର ସାମ୍ନାରେ ଆପଣ ତାଙ୍କର ମୂର୍ତ୍ତି ଦେଖି ପାରନ୍ତି । ସେ ଏକ ବୃକ୍ଷର ଛାୟାରେ ବସିଥିବା ଜଣେ ଯୁବକ, ତାଙ୍କ ଚାରିପାଖେ ଯେଉଁମାନେ ବସିଥାନ୍ତି ସେମାନେ ତାଙ୍କଠୁ ବୟସ୍କ । ସେମାନେ ଜିଜ୍ଞାସାଭାବ ନେଇ ସେଠାରେ ବସିଥାନ୍ତି ଏବଂ ତାଙ୍କଠୁ ଯାହା ଶିକ୍ଷା କରନ୍ତି ତାହା ହେଉଛି ନୀରବତା । ଆମେମାନେ ଆମମାନଙ୍କ ଘରେ ସ୍ୱାମୀଙ୍କର ଉତ୍ତୋଳିତ ହସ୍ତରେ ଏକ ଛବି ରଖିଥାଉଁ । ତାହାକୁ ଆମେ ଅଭୟ ହସ୍ତ କହୁଁ । ସେହି ଛବି ଆମକୁ "ଭୟ କର ନାହିଁ"ର ସନ୍ଦେଶ ଦିଏ । ଏହି ଛବିକୁ ଆମେ ଆମ ପୂଜାଗୃହରେ ରଖିଥାଉ ଓ ଦୁଃଖକଷ୍ଟ ଆସିଲେ ସେହି ଛବିକୁ ଦେଖି ଧ୍ୟାନ କରୁ । ସେହି ଛବି କହେ, "ମୁଁ ଥାଉ ଥାଉ ଭୟ କାହିଁକି ?" ଓ ତାଙ୍କର ସେହି ସନ୍ଦେଶ ଆମକୁ ଧୈର୍ଯ୍ୟ ଦିଏ । ଅତୀତରେ ମନ୍ଦିରର ପ୍ରାର୍ଥନା କକ୍ଷରେ ବହୁ ଦେବଦେବୀ ଓ ସାଧୁସନ୍ଥଙ୍କ ଛବି ରହୁଥାଏ । ପ୍ରତିବର୍ଷ ଦଶହରା ଉତ୍ସବ ସମୟରେ ସ୍ୱାମୀ ସେହି ଛବିଗୁଡ଼ିକୁ ଭିନ୍ନ ଭିନ୍ନ ପ୍ରକାରେ ସଜଉଥା'ନ୍ତି । ସେଭଳି ସଜେଇବା ପରେ ପ୍ରାର୍ଥନା କକ୍ଷ ଏକ ନୂତନ ରୂପ ଧାରଣ କରୁଥାଏ । ସେହି ଜିନିଷକୁ ପୁଣିଥରେ ସଜାସଜି କଲେ ତାହା ସଦ୍ୟ, ସତେଜ ଦିଶେ । ସାଧାରଣରେ ଆମେ କାନ୍ଥ ଉପରେ ଯେଉଁଠାରେ ଯେଉଁ ଛବି ଟଙ୍ଗା ହୋଇଥାଏ, ତାକୁ ସେହିଠାରେ ହିଁ ରଖୁ । କିଛିଦିନ ପରେ ସେହି ଛବିକୁ ଦେଖି ଆମେ ଆଉ ଆକର୍ଷିତ ହେଉନା ।

ଥରେ ଛବିଗୁଡ଼ିକୁ ଏପଟ ସେପଟ କରି ଦିଅନ୍ତୁ, ସେତେବେଳେ ଆମ ଆଖି ଛବିଗୁଡ଼ିକୁ ଖୋଜି ବୁଲିବ ଏବଂ ପ୍ରତ୍ୟେକଟି ଛବି ତାର ନୂତନ ସ୍ଥାନରେ ଆମକୁ ପୁଣି ଆକର୍ଷଣ କରିବ । ତେଣୁ ସ୍ୱାମୀ ଆମକୁ କେଉଁ ଛବି କେଉଁଠାରେ ଟାଙ୍ଗିବାକୁ ହେବ, ତାହା କହୁଥା'ନ୍ତି, ଏମିତି ଦିନେ ମୁଁ ସ୍ୱାମୀଙ୍କ ସଙ୍ଗେ ଥାଏ ଏବଂ ତାଙ୍କର ଏକ ଅଭୟ ହସ୍ତ ଛବି ଯେଉଁଠାରେ ଟଙ୍ଗା ହୋଇଥାଏ, ସେଠାରୁ ବାହାର କରି ଦିଆଯାଇଥାଏ । ସ୍ୱାମୀ ମୋତେ ପଚାରିଲେ, "ଏ ଛବିକୁ ତୁମେ କି ଛବି କୁହ ?" ମୁଁ କହିଲି, "ସ୍ୱାମୀ । ଲୋକେ ଏହାକୁ ଅଭୟହସ୍ତ ଛବି କହନ୍ତି ।" ସ୍ୱାମୀ କହିଲେ, "ନା, ନା, ମୁଁ ସେ ଛବିରେ ଭୟ କର ନାହିଁ" କହୁ ନାହିଁ । ମୁଁ କହୁଛି, "ପାଟି କର ନାହିଁ, ନୀରବ ରୁହ ।" ପୁଣି ସେ କହିଲେ, "ତୁମେ ବଡ଼ ପାଟି କରି ଅନ୍ୟର ମନରେ କ୍ରୋଧ ସୃଷ୍ଟି କର । ତୁମେ ବଡ଼ ପାଟିରେ କହିଲ, ଅନ୍ୟ ଲୋକଟି ତୁମଠୁ ବଡ଼ ପାଟିରେ ଉତ୍ତର ଦେଲା, ତୁମେ ତାକୁ ଆହୁରି ବଡ଼ ପାଟିରେ କହିଲ । ଏମିତି ପାଟି କରି ଯେତେବେଳେ ତଣ୍ଟି ବସିଯାଏ, ସେତେବେଳେ ହାତମୁଠା ତୟାର ହୋଇଯାଏ ଓ ମାରପିଟ୍ ଆରମ୍ଭ ହୁଏ ! ତୁନି ତୁନି କଥା କୁହ ବା ନୀରବରେ ରୁହ, କାହା ମନରେ କ୍ରୋଧ ଆସିବ ନାହିଁ । ଅବଶ୍ୟ ଏହି ଛବି 'ଭୟ ନାହିଁ'ର ସନ୍ଦେଶ ମଧ୍ୟ ଦିଏ, କିନ୍ତୁ ଏହା ମାନେ ନୁହଁ ଯେ ଲୋକେ ଅସୁବିଧାରେ ପଡ଼ିଥିବା ସମୟରେ ମୁଁ ସେମାନଙ୍କୁ ରକ୍ଷା କରିବାକୁ ଧାଇଁଯାଏ । ବାସ୍ତବରେ ସେଭଳି ପରିସ୍ଥିତିରେ ଲୋକ ଯଦି ନୀରବ ରୁହନ୍ତି ଓ ସେମାନଙ୍କ କଥାରେ ଅଯଥା କ୍ରୋଧ ଓ ଉତ୍ତେଜନାକୁ ସ୍ଥାନ ନ ଦିଅନ୍ତି, ତେବେ ସେମାନେ ଅନ୍ୟର ମନରେ କ୍ରୋଧ ସୃଷ୍ଟି କରିବାର ଅବକାଶ ରହିବ ନାହିଁ ଓ ଭୟ କରିବାର କାରଣ ମଧ୍ୟ ରହିବ ନାହିଁ ।" ସ୍ୱାମୀ କହନ୍ତି ଯେ ଆମର ସବୁ ଇନ୍ଦ୍ରିୟ ଯେତେବେଳେ ଯାହା ଚାହାନ୍ତି ତାହା ନ ମିଳିଲେ ପାଟି କରନ୍ତି । "ତୁମେ ଯେତେବେଳେ କୌଣସି ମିଠା ଖାଇବାକୁ ଚାହଁ, ପାଟି କରି ତାହା ହାସଲ କର । ତାହା ଖାଇବା ପରେ ଦେହ ଖରାପ ହୋଇପାରେ ଓ ସେଠାରୁ ଭୟର ଉଦ୍ରେକ ହୁଏ । ତେଣୁ ଇନ୍ଦ୍ରିୟର କଥାରେ ପଡ଼ି ପାଟି କର ନାହିଁ ଓ ସର୍ବନାଶକୁ ପାଛୋଟି ଆଣ ନାହିଁ ।"

ଥରେ ଆମେମାନେ ଜାମ୍‌ନଗରର ରାଜମାତାଙ୍କ ଆତିଥ୍ୟରେ ସ୍ୱାମୀଙ୍କ ସହ ସକାଳ ଜଳଖିଆ କରୁଥାଉ । ଇଡ଼୍‌ଲି ସହ ଜଳଖିଆ ଆରମ୍ଭ ହେଲା । ସେଠାରେ ଥିବା ପରିବେଷକ ମୋ ଥାଳୀରେ ଦୁଇଟି ଇଡ଼୍‌ଲି ଦେଲା । ମୁଁ ଏମିତି ଅଧ ଡଜନ ଇଡ଼୍‌ଲି ଅନାୟାସରେ ଖାଇପାରେ, ତେଣୁ ଦୁଇଟି ଇଡ଼୍‌ଲି ମୋ ପାଇଁ କିଛି ନଥିଲା । ସ୍ୱାମୀ ସବୁ ଲକ୍ଷ୍ୟ କରୁଥା'ନ୍ତି । ସେ ହଠାତ୍ କହିଲେ, "କ'ଣ, ଦୁଇଟା ଇଡ଼୍‌ଲି ଖାଉଛୁ !" ମୁଁ କହିଲି, "ହଁ ସ୍ୱାମୀ ! ଦୁଇଟା ମୋ ପାଇଁ କିଛି ନୁହଁ ।" ସେ କହିଲେ, "ନା, ଦୁଇଟା ଖା'ନା, ଗୋଟାଏ ଖା ।" ତେଣୁ ଦ୍ୱିତୀୟ ଇଡ଼୍‌ଲିରୁ ଫାଳେ ଖାଇ ମୁଁ ବାକିତକ ଛାଡ଼ିଦେଲି । ସ୍ୱାମୀ ଦୁଇଟା ଇଡ଼୍‌ଲି ଖାଇବାକୁ ମନା କରିବାରୁ ଜଳଖିଆ ଆରମ୍ଭରେ ହିଁ ମୋ ମନ ଭାଙ୍ଗିଗଲା । ପରେ ମୁଁ ସ୍ୱାମୀଙ୍କୁ ପଚାରିଲି, "ସ୍ୱାମୀ ! ଆପଣ କାହିଁକି ଦୁଇଟି ଇଡ଼୍‌ଲି ଖାଇବାକୁ ମନା କଲେ ?"

ସ୍ୱାମୀ କହିଲେ, "ଆରେ ସେଥିରେ ବିରି ଡାଲି ଥାଏ, ବୟସ ହେବା ପରେ ବେଶୀ ଖାଇଲେ ବାତ ହେବ । ଯା'ପରେ କେବେ ଇଡ଼୍ଲି ଦିଅ କହି ପାଟି କରିବୁନି !"

ଜିଭର ଦୁଇଟି କାମ - କହିବା ଓ ଚାଖିବା । ଏ ଦୁଇଟି ସୀମା ମଧ୍ୟରେ ରହିବା ଆବଶ୍ୟକ । ଭଗବଦ୍ ଗୀତା ଉପରେ ସ୍ୱାମୀ ଦେଉଥିବା ତାଙ୍କର ସମସ୍ତ ଦିବ୍ୟ ସମ୍ଭାଷଣରେ ଇନ୍ଦ୍ରିୟନିଗ୍ରହକୁ ପ୍ରାଧାନ୍ୟ ଦେଇଥା'ନ୍ତି । ଆଧ୍ୟାତ୍ମିକ ଜୀବନର ପ୍ରଥମ ସୋପାନ ହେଉଛି ଇନ୍ଦ୍ରିୟ ସଂଯମ । ଆମେ ସମସ୍ତେ ଏଠାରେ ତାଙ୍କର ସନ୍ନିଧିକୁ ଆସିବା ପଛରେ କିଛି ଏକ ଅସନ୍ତୋଷ, କିଛି ଏକ ବ୍ୟାକୁଳତା, କିଛି ଏକ ଅଭୀପ୍ସା ରହିଛି । ଆମେମାନେ ଅନ୍ୟମାନଙ୍କ ଭଳି ନୁହଁ, ଆମର ଏକ ବିଶେଷତ୍ୱ ରହିଛି । ତାହା ହେଲା, ଆମେ "ଅସତୋ ମା ସଦ୍‌ଗମୟ" ପ୍ରାର୍ଥନା କରୁ । ଆମେ ଜାଣିପାରିଛୁ ଯେ ଏହି ସଂସାର ଏକ ପାଶ, ଏକ ଅରଣ୍ୟ, ଏକ ବୁଡ଼ନ୍ତା ଜାହାଜ ଓ ଆମେ ଏଠାରୁ ଉଦ୍ଧାର ପାଇବା ଚାହୁଁ । ଅନ୍ୟ କିଏ ସ୍ୱାମୀଙ୍କ ସମ୍ବନ୍ଧରେ କିଛି କହୁଥିବା ଶୁଣି ଆମେ ଏଠାକୁ ଟାଣି ହୋଇ ଆସିଛୁ । ମନର କୌତୂହଳତା ହେତୁ ଆମେ ପ୍ରଶ୍ନ କରୁ, "ଏମିତି ଏକ ବ୍ୟକ୍ତି କ'ଣ କେବେ ଥାଇ ପାରନ୍ତି ?", "ଏସବୁ କ'ଣ ସତ ?", "ହୁଏତ ଅତିରଞ୍ଜିତ କରି କଥାଗୁଡ଼ିକୁ କୁହାଯାଉଛି ।" "ଏସବୁ କବିମାନଙ୍କର କଳ୍ପନା ବିଳାସ ନୁହଁ ତ ?" "ହୁଏତ କିଛି ହାତସଫେଇ ବା ଠକାମି ହୋଇଥିବ !" ଏଭଳି ଅନେକ ପ୍ରଶ୍ନ ନେଇ ଆମେ ଏଠାକୁ ଆସିଥାଉ । କୌତୂହଳତା ହିଁ ଆଧ୍ୟାତ୍ମିକ ଜୀବନର ଅୟମାରମ୍ଭ । ମଣିଷ ମନରେ ତା' ଚାରିପାଖେ ଯାହାସବୁ ଘଟି ଯାଉଛି, ତାହା ଜାଣିବାର ଇଚ୍ଛା ରହିବା ଆବଶ୍ୟକ । "ଏସବୁ କାହିଁକି ହେଉଛି ?" "ମୁଁ ଏ ସଂସାରକୁ ଆସିଛି କାହିଁକି ?" ସଂସାରରେ ଏତେ ଲୋକ ଜନ୍ମ ହୁଅନ୍ତି ଓ ମୃତ୍ୟୁବରଣ କରନ୍ତି କାହିଁକି ? ତେଣୁ ପ୍ରଥମ ସୋପାନ ହେଉଛି ମନର ଏହି ଜିଜ୍ଞାସା, ଏହି ବିସ୍ମୟ ଓ ଆଶ୍ଚର୍ଯ୍ୟ ଭାବ । କୃଷ୍ଣ କହନ୍ତି, "ଆଶ୍ଚର୍ଯ୍ୟବତ୍ ପଶ୍ୟତି କଶ୍ଚିତ୍‌ଏନମ୍" - ମୋତେ କେତେକ ଆଶ୍ଚର୍ଯ୍ୟ ଦୃଷ୍ଟିରେ ଦେଖନ୍ତି । ଲୋକେ ସ୍ୱାମୀଙ୍କ ସମ୍ବନ୍ଧରେ ବିସ୍ମୟବିଭୋର ହୋଇ କହିଥାନ୍ତି ଓ ସ୍ୱାମୀଙ୍କୁ ବିସ୍ମୟ ବିଭୋର ହୋଇ ଶୁଣିଥାନ୍ତି । ସେମାନେ ସେମାନଙ୍କର ଆଶ୍ଚର୍ଯ୍ୟଭାବ ଅନ୍ୟଠାରେ ପ୍ରକାଶ କରିଥାନ୍ତି ଓ ଆଜି ଆମେମାନେ ସ୍ୱାମୀଙ୍କର ସେହିଭଳି କିଛି ବିସ୍ମୟକର କଥା ଶୁଣି ଏଠାକୁ ଆସିଛେ । ଏହା ଏଭଳି କିଛି ଯାହା ଆମର ଏକ ଭିନ୍ନ ପରିଚୟ ଦିଏ । ମନର ଏହି ବିସ୍ମୟତା ହିଁ ମଣିଷକୁ ବିଜ୍ଞାନ ପ୍ରତି ଆକୃଷ୍ଟ କରେ, ଏହିଭଳି ବିସ୍ମୟତା ହିଁ ତାକୁ ଆଣ୍ଟରକ୍‌ଟିକା ଅଭିଯାନରେ ଯିବାକୁ ପ୍ରଲୁବ୍ଧ କରେ । ଏ ସମସ୍ତ ପ୍ରକୃତ ସାଫଲ୍ୟ ନହେଲେ ମଧ୍ୟ ତାହା ମଣିଷକୁ ଅନ୍ୟମାନେ ଯାହା କରିପାରି ନାହାଁନ୍ତି ତାହା ସେ କରିପାରିଛି ବୋଲି ଏକ ଆତ୍ମତୃପ୍ତି ଦିଏ । ମଣିଷର ପ୍ରକୃତ ସାଫଲ୍ୟ ହେଉଛି ସେ କେଉଁଠୁ ଆସିଛି ଜାଣିବା, ତାର ଅନ୍ତର ଚୈତନ୍ୟକୁ ଆବିଷ୍କାର କରି ସେଥିରୁ ଆନନ୍ଦ ପାଇବା । ଆମେ ସମସ୍ତେ ଅଛୁ । ଏ ସମ୍ବନ୍ଧରେ କାହାର କିଛି ସନ୍ଦେହ ନାହିଁ । "ମୁଁ ନାହିଁ" ବୋଲି କେହି କହି ପାରେନି । "ମୁଁ କୋଡ଼ିଏ

ବର୍ଷ ପୂର୍ବେ ଥିଲି, ତିରିଶି ବର୍ଷ ପୂର୍ବେ ଥିଲି, ଆଜି ଅଛି ।" ଏତେ ବର୍ଷ ଧରି ରହିଥିବା ଏହି 'ମୁଁ' କିଏ ? ହିନ୍ଦୁ ଦର୍ଶନରେ ସମ୍ପୂର୍ଣ୍ଣ ସତ୍ୟ ଓ ଆପେକ୍ଷିକ ସତ୍ୟ ବୋଲି ଦୁଇଟି କଥା ରହିଛି । ତୁମକୁ ଏ ସଂସାରରେ ରହିବାକୁ ହେବ, ତେଣୁ ଏହାକୁ ଏକ ଭ୍ରମ କହି କାଟି ଦେଇ ହେବ ନାହିଁ । ତୁମକୁ ଏହି ଭ୍ରମ ମଧ୍ୟ ଦେଇ ଚଳିବାକୁ ହେବ, ଏହା ସତ୍ୟ ନୁହଁ ବୋଲି ଜାଣି ମଧ୍ୟ ଏହାକୁ ନେଇ ରହିବାକୁ ହେବ । ସଂସାରରେ କୌଣସି ବସ୍ତୁର ଚିରନ୍ତନ ମୂଲ୍ୟ ଅଛି ଭାବିବା ଠିକ୍ ନୁହଁ । ଏହାର ଉପଯୋଗିତା ଅଛି, ଏହାକୁ ବ୍ୟବହାର କର, ବେଶ ସେତିକି । ସ୍ୱାମୀ କାହାକୁ ଧୋତି ବା ଶାଢ଼ି ଦେଲେ କେତେକ ଭାବନ୍ତି ଯେ ସ୍ୱାମୀ ତାହା ସୃଷ୍ଟି କରି ଦେଇଛନ୍ତି । ସ୍ୱାମୀ କହନ୍ତି, "ଧୋତି, ଶାଢ଼ି ଯେତେବେଳେ ବଜାରରେ ମିଳୁଛି, ତାହାକୁ ସୃଷ୍ଟି କରିବା କି ଦରକାର ? ଯଦି କିଛି ନାହିଁ ତାହା ସୃଷ୍ଟି କରିବା ଆବଶ୍ୟକ । ଯାହା ଅଛି ତାହାକୁ ସୃଷ୍ଟି କରିବା କି ଆବଶ୍ୟକ ?" ସ୍ୱାମୀ ତେଲୁଗୁର ଏକ ଲୋକୋକ୍ତି ପ୍ରକାଶ କରି କହନ୍ତି, "ହାଣ୍ଡି ଓହ୍ଲେଇବାକୁ କନା ଖଣ୍ଡିଏ ଥାଉ ଥାଉ ଆଙ୍ଗୁଠି ଜାଳିବ କାହିଁକି ?"

ସଂସାର ଏକ ଆପେକ୍ଷିକ ସତ୍ୟ । ଏହାର ଅର୍ଥ ନୁହଁ ଯେ ଆଧ୍ୟାତ୍ମିକ ମାର୍ଗରେ ଯାତ୍ରା କରୁଥିବା ସମସ୍ତେ ସଂସାର ତ୍ୟାଗ କରିବା ଆବଶ୍ୟକ । ସଂସାର ଏକ କସରତ୍ ଘର । ଏହି ସଂସାରରେ ଆମକୁ ଲଢ଼ି ଜିଣିବାକୁ ହେବ । ଏ ସମସ୍ତ କ୍ଷଣିକ ତଥା ଭ୍ରମାତ୍ମକ – ସ୍ୱାମୀ କହିଥିବା ହେତୁ ବା ମୁଁ କହିଥିବା ହେତୁ ନୁହଁ, ତୁମେ ନିଜେ ଏହା ଅନୁଭବ କରିବା ହେତୁ । ତୁମ ମନରେ ଏହି ଧାରଣା ସୃଷ୍ଟି ହୋଇଛି ଓ ଏହା ତୁମେ ବିଶ୍ୱାସ କରୁଛ । ତୁମକୁ ଏହି ସଂସାରରେ ରହିବାକୁ ହେବ । ଏହାର ତାଡ଼ନା, ଯନ୍ତ୍ରଣା ସହ୍ୟ କରିବାକୁ ହେବ, ଘାତ ପ୍ରତିଘାତର ସମ୍ମୁଖୀନ ହେବାକୁ ହେବ, ସେତେବେଳେ ଯାଇ ତୁମେ ଏହା ଉପଲବ୍ଧି କରିବ । ଆଧ୍ୟାତ୍ମିକ ଶକ୍ତି ବୃଦ୍ଧି କରିବା ପାଇଁ ଆମକୁ ସଂସାରର ମୋହମାୟା ସହ ସଂଘର୍ଷ କରିବାକୁ ହେବ । ତେଣୁ ଆମକୁ ସଂସାର ସାଗର ମଧ୍ୟକୁ ଠେଲି ଦିଆଯାଇଛି । ସଂସାରର ସହସ୍ର କଷଣ ବରଣ କରି ଏହାର ସମସ୍ତ ଆକର୍ଷଣ ଓ ପ୍ରଲୋଭନ ମଧ୍ୟରେ ରହି ଆମେ ଭଗବାନଙ୍କୁ କିମିତି ପାଇବା ? ଏଗୁଡ଼ିକ ସହ ସଂଘର୍ଷ କରିବା ଆମ ପାଇଁ ଆମେ ଆତ୍ମାର ବର୍ଣ୍ଣମାଳା ଶିକ୍ଷା କରିବା । ଝଡ଼ଝଞ୍ଜାର ସମ୍ମୁଖୀନ ହେଲେ ଆମ ଜୀବନ ଆହୁରି ଦୃଢ଼ ଓ ଶକ୍ତ ହେବ ଓ ଏହାର ମୂଳ ଆହୁରି ଗଭୀରକୁ ଯିବ । ଏଥିପାଇଁ ଆମେ ସଂସାରକୁ ଆସିଛେ । ପରଲୋକରେ ମଣିଷର ବିବିଧ ମାନପତ୍ର ଓ ଶିକ୍ଷାଗତ ଯୋଗ୍ୟତା ଦେଖି ତା'ର ବିଚାର କରାଯାଏ ନାହିଁ । ତା'ର ମୃତ୍ୟୁ ପରେ ଲୋକେ ତା' ସମ୍ବନ୍ଧରେ କ'ଣ କହୁଛନ୍ତି, ତାହା ଦେଖି ତାର ବିଚାର କରାଯାଏ । ସେମାନେ ଯଦି କହନ୍ତି, "ଯାହା ହେଉ, ମଲା, ଭଲ ହେଲା" – ତେବେ ସେ ନର୍କକୁ ଯାଏ । ଅନ୍ୟପକ୍ଷରେ ସେମାନେ ଯଦି କହନ୍ତି, "ଆହାଃ, କେତେ ଭଲ ଲୋକଟିଏ ଥିଲା, ସେ ମୋତେ ବହୁତ ସାହାଯ୍ୟ କରିଛି, ମୋର ଅନେକ ଯତ୍ନ ନେଇଛି" – ତେବେ ବୈକୁଣ୍ଠର ଦ୍ୱାର ତା ପାଇଁ ଉନ୍ମୁକ୍ତ ହୋଇଯାଏ ।

ତେଣୁ ନିତ୍ୟାନିତ୍ୟ ବିଚାର ହିଁ ଆତ୍ମସାକ୍ଷାତ୍କାରର ପ୍ରଥମ ଯୋଗ୍ୟତା । ତୁମ ମଧ୍ୟରେ ଯଦି ସର୍ବଦା ଏହି ବିଚାର ରହେ, ତୁମେ ସାଂସାରିକ ବ୍ୟାପାର ପ୍ରତି ବିଶେଷ ଆଗ୍ରହ ଦେଖେଇବ ନାହିଁ ଓ ସେଭଳି ଆଗ୍ରହ ଦ୍ୱାରା ନିଜର ସର୍ବନାଶ କରିବ ନାହିଁ । ସଂସାରରେ ଏମିତି କିଛି ମୂଲ୍ୟବାନ ବସ୍ତୁ ନାହିଁ ଯାହାକୁ ପାଇବା ପାଇଁ ତୁମେ ଅନ୍ୟସବୁକୁ ଜଳାଞ୍ଜଳି ଦେଇ ପାଗଳ ହୋଇ ଉଠିବ । ସଂସାରରେ ଯେତେ ଦିନ ରହିଛ, ତୁମ ମନରେ ଏହି ବିଶ୍ୱାସ ଦୃଢ଼ ରହିବା ଦରକାର ।

ଏଥିପାଇଁ ଦ୍ୱିତୀୟ ଯୋଗ୍ୟତା ହେଲା "ଶମଦମାଦି ଷଟ୍‌ସମ୍ପତ୍ତି" - ଆମର ବାହ୍ୟ ତଥା ଅନ୍ତରିନ୍ଦ୍ରିୟକୁ ନିୟନ୍ତ୍ରଣରେ ରଖିବା ପାଇଁ ଆବଶ୍ୟକ ଛ'ଟି ଉପଯୋଗ୍ୟତା । ମନ, ଚିତ୍ତ, ବୁଦ୍ଧି ଓ ଅହଙ୍କାରକୁ ଆମର ଅନ୍ତଃକରଣ କୁହାଯାଏ । ବ୍ୟାୟାମ କରିବା ସମୟରେ ଅଙ୍ଗ-ପ୍ରତ୍ୟଙ୍ଗକୁ ଶକ୍ତ ଓ ସଳଖ କରିବା ପାଇଁ ତଥା ଅଙ୍ଗବୈକଲ୍ୟକୁ ସଂଶୋଧନ କରିବା ପାଇଁ ଯେଭଳି ମୁଠାବାଡ଼ି, ସମାନ୍ତରାଳ ଦଣ୍ଡ ଆଦି ବ୍ୟବହାର କରାଯାଏ, ସେହିଭଳି ଆମ ମନକୁ ଜିଣିବା ପାଇଁ, ସଂସାରର ନାନାବିଧ ପ୍ରଲୋଭନ ସହ ସଂଘର୍ଷ କରି ମନକୁ ଆହୁରି ଶକ୍ତ କରିବା ପାଇଁ, ସମସ୍ତ ସାଂସାରିକ ବିଷୟବାସନାରୁ ମନକୁ ଓହରେଇ ଆଣିବା ପାଇଁ, ଆମକୁ ସଂସାରର ବିବିଧ ବିଷୟବସ୍ତୁ ଦିଆଯାଇଥାଏ ।

ଏଥିପାଇଁ ତୃତୀୟ ଯୋଗ୍ୟତା ହେଲା, "ଇହପରଫଳଭୋଗବିରାଗ" । ଇହଲୋକ ଓ ପରଲୋକର ସମସ୍ତ ଫଳାକାଙ୍‌କ୍ଷାରୁ ନିବୃତ୍ତ ରହିବା ।"

ଚତୁର୍ଥ ଯୋଗ୍ୟତା ହେଲା, "ମୁମୁକ୍ଷୁତ୍ୱମ୍" - ମୋକ୍ଷପ୍ରାପ୍ତି ନିମନ୍ତେ ମନରେ ଅଦମ୍ୟ ଇଚ୍ଛା, ମନରେ ଏକ ବନ୍ଦୀର ଭାବନା, ସଂସାରର ମୋହ-ବନ୍ଧନରେ ଉତ୍ପୀଡ଼ିତ ହେବାର ଅନୁଭୂତି ଓ ସେଠାରୁ ମୁକ୍ତି ପାଇବାର ବଳବତୀ ଇଚ୍ଛା । ସ୍ୱାମୀ କହନ୍ତି ଯେ ସେ ସତ୍ୟମ୍, ଶିବମ୍, ସୁନ୍ଦରମ୍ । ତାଙ୍କର ଜୀବନ ଉପରେ ଆଧାରିତ ପୁସ୍ତକକୁ ସେ ଏହି ନାମ ଦେଇଛନ୍ତି । ଆମେମାନେ ମଧ୍ୟ ସତ୍ୟମ୍ ଶିବମ୍ ସୁନ୍ଦରମ୍, କିନ୍ତୁ ଆମେମାନେ ଏତେସବୁ ବ୍ୟାପାରରେ ଜଡ଼ିତ ଯେ ଆମ ମଧ୍ୟରୁ ସତ୍ୟମ୍, ଶିବମ୍, ସୁନ୍ଦରମ୍ ପ୍ରକାଶ ପାଇବାର ସୁଯୋଗ ହିଁ ପାଏନା । ଆମେମାନେ ଭୀରୁ, ତେଣୁ ଆମେ ମିଥ୍ୟା କହୁ । ସତ କହିବାର ସତ୍‌ସାହସ ଆମ ମଧ୍ୟରେ ନଥାଏ, ତେଣୁ ଆମେ ମିଥ୍ୟାର ଆଶ୍ରୟ ନେଉ । ଅନ୍ୟମାନେ ଆମ ପ୍ରତି ଖରାପ ହେଲେ ଆମେ ସେମାନଙ୍କ ପ୍ରତି ଭଲ ହୋଇପାରୁନା, ତେଣୁ ଆମ ଭିତରେ ଥିବା ଭଲ ଖରାପ ଦ୍ୱାରା ଲୁଚିଯାଏ । ମୋର ଏକ ଛାତ୍ର ଏମ୍.ଏ. ପାସ୍ କରିବା ପରେ ରାଜସ୍ୱ ଅଧିକାରୀଭାବେ ଚାକିରୀରେ ପ୍ରବେଶ କଲା । ସେ ଉତ୍କୋଚ ଗ୍ରହଣ କରୁନଥାଏ । ଚାକିରୀରୁ ଅବସର ଗ୍ରହଣ କରିବା ପରେ ସେ ବାଙ୍ଗାଲୋରରେ ରହୁଥାଏ । ପ୍ରତିଥର ମୁଁ ଯେତେବେଳେ ତା' ଘରକୁ ଯାଉଥାଏ, ତାର ସ୍ତ୍ରୀ ମୋ' ପ୍ରତି ବିରକ୍ତି ପ୍ରକାଶ କରୁଥା'ନ୍ତି, କାରଣ ମୁଁ ତାର ଶିକ୍ଷକଭାବେ ତାକୁ ଭଲ ହେବା ଶିଖେଇଥିଲି । ଅନ୍ୟ ରାଜସ୍ୱ ଅଧିକାରୀମାନେ ଲାଞ୍ଚ ଖାଇ ଢେର ପଇସା ଅର୍ଜନ କରିପାରୁଥିଲେ, ଅଥଚ ମୋର ଏହି ଛାତ୍ରର ଅବସର ଗ୍ରହଣ ପରେ

ରହିବା ପାଇଁ ଘର ଖଣ୍ଡେ ମଧ୍ୟ ନଥାଏ । ତେଣୁ ସ୍ୱାଭାବିକ ଭାବେ ତାର ସ୍ତ୍ରୀ ଭାବୁଥାନ୍ତି ଯେ ମୁ ହିଁ ତା' ସ୍ୱାମୀକୁ ବିଗାଡ଼ି ଦେଇଛି ! ସାରା ଦୁନିଆ ତୁମର ବିରୋଧ କଲେ ମଧ୍ୟ ତୁମେ ସେଥିପ୍ରତି ଖାତିର ନକରି ଯଦି ଭଲ ରହିବାକୁ ଚାହଁ, ସେଥିପାଇଁ ତୁମ ମଧ୍ୟରେ ଢେର ସାହସ ରହିବା ଦରକାର । ସତ୍ୟଂ ଶିବଂ ସୁନ୍ଦରଂ ସମ୍ବନ୍ଧରେ ଆଲୋଚନା କରିବା ସମୟରେ ସୁନ୍ଦରଂ ସମ୍ବନ୍ଧରେ ମଧ୍ୟ ତାହାହିଁ କୁହାଯିବ । ଯେକୌଣସି କାମ କରୁଛ, ତାହାକୁ ସୁନ୍ଦର ଭାବେ କର । ଦୁର୍ଭାବନା, ଦୁଶ୍ଚିନ୍ତା, ଦୁଷ୍କର୍ମ - ଏସବୁ ଅସୁନ୍ଦର । ଯାହା ମଧ୍ୟରେ ସଂହତି ଅଛି, ସମନ୍ୱୟ ଅଛି, ସ୍ୱର ମାଧୁର୍ଯ୍ୟ ରହିଛି ଓ ଯାହା ହୃଦୟରେ ଆନନ୍ଦର ଉଦ୍‌ବେଳନ ସୃଷ୍ଟି କରୁଛି ତାହା ସୁନ୍ଦର । ଏହି ଦୃଷ୍ଟିରୁ ଆମେ ସମସ୍ତେ ସୁନ୍ଦର କିନ୍ତୁ ଆମ ମଧ୍ୟରେ ଥିବା ଭୟ ହେତୁ, ଆମ ମଧ୍ୟରେ ଶକ୍ତି ଓ ବିଶ୍ୱାସର ଅଭାବ ହେତୁ ଆମେ ଆମ ମଧ୍ୟରେ ଥିବା ସୌନ୍ଦର୍ଯ୍ୟକୁ ପ୍ରକାଶ କରିପାରୁନାହୁଁ । ସ୍ୱାମୀ କହନ୍ତି ଯେ ଦୁଷ୍କର୍ମ ପାପ ନୁହଁ, ଏହା ବଳହୀନତା । ମଣିଷ ତା ମଧ୍ୟରେ ପ୍ରଲୋଭନର ପ୍ରତିରୋଧ କରି ନପାରି, ଅନ୍ୟର ପ୍ରତିଶୋଧ ନେବା ବା ଅନ୍ୟ ପ୍ରତି ନୃଶଂସ ହେବାର ପ୍ରବଳ ଇଚ୍ଛାକୁ ରୋକି ନପାରି ଦୁଷ୍କର୍ମରେ ଲିପ୍ତ ହୁଏ ।

ବହୁଦିନର ଭଗବଦ୍ ଅନ୍ୱେଷଣ ପରେ ଯେତେବେଳେ ଆମେ ତାଙ୍କୁ ପାଇଛେ ଓ ସେ ଆମ ଆଧ୍ୟାତ୍ମିକ ପଥରେ ଆମର ସହଯାତ୍ରୀ ହୋଇ ଆମକୁ ଆମ ଗମ୍ୟଠାରେ ପହଞ୍ଚେଇବାର ସଙ୍କଳ୍ପ ନେଇଛନ୍ତି, ଆମେ ତାଙ୍କୁ ସନ୍ତୋଷ ପ୍ରଦାନ କରିବା ପାଇଁ ସତତ ତତ୍ପର ରହିବା ଆବଶ୍ୟକ । ସେତେବେଳେ ସେ ଯେଉଁ ଦିବ୍ୟ କର୍ମ ସମ୍ପାଦନ ନିମନ୍ତେ ଧରାପୃଷ୍ଠରେ ଅବତୀର୍ଣ୍ଣ ହୋଇଛନ୍ତି, ତାହା ସହଜ ହେବ । ଆମ ମଧ୍ୟରେ ଯଦି ଉପରୋକ୍ତ ଯୋଗ୍ୟତାମାନ ନଥାଏ ତେବେ ତାଙ୍କର କାର୍ଯ୍ୟ କଷ୍ଟସାଧ୍ୟ ହୁଏ । ତେଣୁ ଆମେ ତାଙ୍କର କାର୍ଯ୍ୟକୁ ସହଜ କରିବା କିମିତି ? ଆମେ ଆମ ମନରେ ସବୁବେଳେ ଏହି ଦୃଢ଼ ଧାରଣା ପୋଷଣ କରିବା ଯେ ଏହି ସଂସାର ସମ୍ପୂର୍ଣ୍ଣ ସତ୍ୟ ନୁହଁ, ଆପେକ୍ଷିକ ସତ୍ୟମାତ୍ର ଓ ସାମାନ୍ୟ ସନ୍ତୃପ୍ତିକୁ ନେଇ ଏହି ସଂସାରରେ ଆମକୁ ଚଳିବାକୁ ହେବ । ସମ୍ପୂର୍ଣ୍ଣ ସତ୍ୟର ଉପଲବ୍ଧିରୁ ହିଁ ପରିପୂର୍ଣ୍ଣ ସନ୍ତୃପ୍ତିର ପ୍ରାପ୍ତି ହୁଏ । ମନରେ ସବୁବେଳେ ଏହି ଭାବ ରହିଥାଉ ।

ଆମ ଜାତୀୟ ସଙ୍ଗୀତରେ ମାତୃଭୂମିକୁ "ସୁହାସିନି, ସୁମଧୁରଭାଷିଣୀ" କୁହାଯାଇଛି, କାରଣ ଆମ ସଂସ୍କୃତି ଏହି ଦାର୍ଶନିକ ଭାବଧାରାରେ ପରିପୁଷ୍ଟ ଓ ଏହା ହିଁ ଆମର ଜୀବନ ପ୍ରତି ଦୃଷ୍ଟିଭଙ୍ଗୀ । ସେ ସୁମଧୁରଭାଷିଣୀ ଅର୍ଥାତ୍ ଭାରତମାତାଙ୍କର ଭାଷା ମୃଦୁ ଓ ମଧୁର । ଭାରତୀୟ ସଂସ୍କୃତି କହେ ଯେ ଯେହେତୁ ଭାରତୀୟମାନେ ଜୀବନର ରହସ୍ୟ ସମ୍ବନ୍ଧରେ ଅବଗତ, ସେମାନଙ୍କ ମୁଖରେ ସବୁବେଳେ ହସ ଫୁଟି ଉଠିବା କଥା ଓ ସେମାନଙ୍କର ବଚନରେ ସବୁବେଳେ ମାଧୁର୍ଯ୍ୟ ଭରି ରହିବା କଥା । ତେଣୁ ଜୀବନର ମହତ୍ତର ବୈଭବର ପ୍ରାପ୍ତି ନିମନ୍ତେ ଆମେ ଆଜି ଯେତେବେଳେ ତାଙ୍କର ପଦ ପଙ୍କଜରେ ଆଶ୍ରୟ ନେଇଛେ, ଚାଲନ୍ତୁ, ଆମେ ସମସ୍ତେ ଆମର ଉପରୋକ୍ତ ଯୋଗ୍ୟତା ସମ୍ବନ୍ଧରେ ଅଧିକ ସଚେତନ ହେବା ।

❖❖❖

୧୨

ସେ ସର୍ବବ୍ୟାପୀ

ଗାୟତ୍ରୀ ମନ୍ତ୍ର କହେ, "ଓଁ ଭୂର୍ଭୁବଃ ସ୍ୱଃ" ଅର୍ଥାତ୍ ଯିଏ ଭୂର୍ଲୋକ, ଭୁବର୍ଲୋକ ଓ ସ୍ୱର୍ଲୋକକୁ ଆଲୋକିତ କରନ୍ତି ସେ ଗାୟତ୍ରୀ ରୂପେ ଆରାଧିତ । ଏହି ତିନି ଲୋକ "ଓଁ" ମଧ୍ୟରେ ହିଁ ସନ୍ନିବିଷ୍ଟ ହୋଇ ରହିଛି । ଭୂଃ, ଭୁବଃ ଓ ସ୍ୱଃ ଓଁର ଅର୍ଥ ବିସ୍ତୃତି ମାତ୍ର । ଆପଣ କେବଳ "ଓଁ" ଉଚ୍ଚାରଣ କଲେ ତ୍ରିଲୋକ ସଞ୍ଚାର କରିଛନ୍ତି କୁହାଯିବ । ଏକ ବୃତ୍ତର ଯେଉଁ ବିନ୍ଦୁରୁ ଯାତ୍ରା ଆରମ୍ଭ କଲେ, ପୁଣି ଥରେ ସେହି ବିନ୍ଦୁକୁ ଫେରି ଆସୁଛନ୍ତି । "ଓଁ" ଉଚ୍ଚାରଣ କରିବା ସମୟରେ ଏହା ଅନୁଭବ କରନ୍ତୁ ଓ ସୃଷ୍ଟି, ସ୍ଥିତି ଓ ଲୟର ଯିଏ କାରଣ ତାଙ୍କୁ କଳନା କରନ୍ତୁ ।

ଆଜିକାଲି ଶିବରାତ୍ରି ଉତ୍ସବରେ ଭଗବାନ କେବଳ ତାଙ୍କର ଦିବ୍ୟ ସମ୍ଭାଷଣ ଦେଇଥା'ନ୍ତି କିନ୍ତୁ ଅତୀତରେ ଏହି ପବିତ୍ର ଦିନର ହଜାର ହଜାର ଭକ୍ତ ଦେଖୁଥିବା ଅବସ୍ଥାରେ ତାଙ୍କ ମୁଖଦେଇ ଲିଙ୍ଗୋଭବ ହେଉଥିଲା, ଥରେ ଗୋଟିଏ ନୁହଁ ନ'ଟି, ଆଉଥରେ ଏଗାରଟି ଲିଙ୍ଗ ଗୋଟିକ ପରେ ଗୋଟିଏ ଉଭବ ହୋଇଥାଏ, ବେଳେବେଳେ ସ୍ୱାମୀ ଶିବରାତ୍ରିର ଦୁଇ ତିନିଦିନ ପୂର୍ବରୁ କହୁଥାନ୍ତି, "ଏଥର ଦୁଇଟି ଲିଙ୍ଗ ଉଭବ ହେବ" ଏବଂ ସେତେବେଳେ ଦେଖାଯାଏ ପ୍ରଥମ ଓ ଦ୍ୱିତୀୟ ଲିଙ୍ଗ ମଧ୍ୟରେ କିଛି ମିନିଟ୍‌ର ବ୍ୟବଧାନ ରହି ଦୁଇଟି ଲିଙ୍ଗ ଉଭବ ହୋଇଥାଏ । ଥରେ ଏମିତି ଏକ ଶିବରାତ୍ରିଦିନ ସ୍ୱାମୀଙ୍କ ମୁଖରୁ ଲିଙ୍ଗୋଭବ ହେବା ପରେ ସ୍ୱାମୀ ଟେବୁଲ ଉପରେ ମୁଣ୍ଡ ନୁଆଁଇ ନିଶ୍ଚଳ ଅବସ୍ଥାରେ ବସି ରହିଥା'ନ୍ତି । ତାଙ୍କର ଶରୀରରେ ସାମାନ୍ୟ ମଧ୍ୟ ଚଳନ ନଥାଏ । କେବଳ ଧୀର ଗତିରେ ଶ୍ୱାସ ପ୍ରକ୍ରିୟା ଚାଲିଥାଏ । କଣ ଯେ ଘଟିବାକୁ ଯାଉଛି, ଆମେ ଜାଣି ପାରୁ ନଥାଉ । ମଞ୍ଚ ଉପରେ ସ୍ୱାମୀ ଚୌକୀରେ ବସିଥା'ନ୍ତି ଏବଂ ଭଗବନ୍ତମ୍ ତାଙ୍କ ଡାହାଣ ପଟେ ଓ ମୁଁ ବାମପଟେ ବସିଥାଉ । ସ୍ୱାମୀ ସେହିଭଳି ଦଶମିନିଟ୍, କୋଡ଼ିଏ ମିନିଟ୍, ଚାଳିଶ ମିନିଟ୍ ବସି ରହିଥା'ନ୍ତି । ଭଜନ ଚାଲିଥାଏ । ପାଖାପାଖି ପଚାଶ ହଜାର ଲୋକ ବ୍ୟାକୁଳ ହୋଇ ଅପଲକ ନେତ୍ରରେ ତାଙ୍କୁ ଚାହିଁ ରହିଥା'ନ୍ତି ! ଏଭଳି ଆଗରୁ କେବେ ଘଟି ନଥାଏ । ସବୁ କିଛି ରହସ୍ୟମୟ ମନେ ହେଉଥାଏ, ସେ ରହସ୍ୟକୁ ଭେଦ କରିବ କିମିତି ? ଭଗବନ୍ତମ୍ ସ୍ୱାମୀଙ୍କୁ ଉଠେଇ ଦେବାପାଇଁ ମୋତେ ବାରମ୍ବାର କହୁଥା'ନ୍ତି । ଶେଷରେ ତାଙ୍କ କଥାକୁ ନା ନକରିପାରି ମୁଁ ଧୀରସ୍ୱରରେ ତିନି ଥର "ସ୍ୱାମୀ, ସ୍ୱାମୀ, ସ୍ୱାମୀ" ଡାକିଲି । .ଏଣେ ମୋତେ ଭୟ ଲାଗୁଥାଏ, ମୋ ଡାକ ତାଙ୍କ କାନରେ ପଡ଼ିଲେ ମୋ ଅବସ୍ଥା କ'ଣ ହେବ । ମୁଁ ଡାକିବା ପରେ ମଧ୍ୟ ତାଙ୍କର କିଛି ଉତ୍ତର ନଥାଏ, ଶରୀର ସାମାନ୍ୟ ହଲଚଲ ମଧ୍ୟ ହେଉ ନଥାଏ । ଏମିତି ପଞ୍ଚଚାଳିଶ ମିନିଟ୍ ହୋଇଗଲା, ଆମେ ଅନନ୍ୟୋପାୟ ହୋଇ ତାଙ୍କୁ ସେମିତି ଚାହିଁ ରହିଥାଉ । ସଭାମଣ୍ଡପ

ଆଗରେ ବସିଥିବା ଅଗଣିତ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଆଗଧାଡ଼ିରେ ବସିଥା'ନ୍ତି ଆମେରିକାର ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଯୋଗବିଦ୍ୟାପ୍ରବୀଣ ଇନ୍ଦ୍ରାଦେବୀ । ସେ ମୋତେ ପରେ କହିଥିଲେ ଯେ ସେଦିନ ସେ ମୋ ମୁହଁକୁ ଚାହିଁ ଠଉରେଇ ପାରୁଥିଲେ ଯେ କିଛି ଏକ ରହସ୍ୟମୟ ଘଟଣା ଘଟିଯାଉଛି । ବାସ୍ତବରେ ସେଦିନର ପରିସ୍ଥିତିକୁ ବୁଝିବା ପାଇଁ ସ୍ୱାମୀଙ୍କ ମୁଖମଣ୍ଡଳ ଦର୍ଶନ କରିବା ଆବଶ୍ୟକ ନଥିଲା । ସେହି ଜନସମାଗମରେ ଯେକୌଣସି ବ୍ୟକ୍ତିର ମୁହଁକୁ ଚାହିଁଲେ, ପରିସ୍ଥିତି ଯେ କ'ଣ ହୋଇଥିବ ଅନୁମାନ କରି ହେଉଥିଲା । ପଞ୍ଚଚାଳିଶ ମିନିଟ୍ ପରେ ସ୍ୱାମୀ ମଥା ଉଠେଇ ଚାହିଁଲେ ଓ ତାଙ୍କ ମୁଖରେ ମନ୍ଦହାସ ଫୁଟି ଉଠିଲା । ସିଂହାସନରୁ ଉଠି ସେ ମନ୍ଦିରକୁ ଫେରି ଆସିଲେ । ଆମେ ସ୍ୱାମୀଙ୍କଠୁ କ'ଣ ହେଲା ଜାଣିବାକୁ ଚାହିଁଲୁ । ସେ କହିଲେ, "ମୁଁ ବିଶ୍ୱ ସଞ୍ଚାରରେ ଯାଇଥିଲି ।" ସ୍ୱାମୀ ପୃଥିବୀର ସହସ୍ରାଧିକ ସ୍ଥାନ ଘୂରି ଭକ୍ତମାନଙ୍କୁ ସେ ଯେ ଆସିଥିଲେ ତାହାର କୌଣସି ନା କୌଣସି ନିଦର୍ଶନ ଦେଇ ଆସିଥା'ନ୍ତି । ଉକ୍ତ ନିଦର୍ଶନ ତାଙ୍କ ଚିତ୍ରପଟରୁ ଫୁଲଟିଏ ଖସିବା ହୋଇପାରେ, ମୃଦୁ ଶବ୍ଦ ସୃଷ୍ଟି କରିବା ହୋଇପାରେ, ଧୀର ସ୍ୱରରେ ଡାକିବା ହୋଇପାରେ ବା ଦ୍ୱାରରେ କରାଘାତ ହୋଇପାରେ । ତେଣୁ ସ୍ୱାମୀ ଯେମିତି ବ୍ରହ୍ମାଣ୍ଡ ସଞ୍ଚାର କରିଥା'ନ୍ତି, ଆମେ ମଧ୍ୟ ଓଁ ଉଚ୍ଚାରଣ କରି ତ୍ରିଲୋକ ସଞ୍ଚାର କରିପାରିବା । କାରଣ ଭୂଲୋକ, ଭୁବର୍ଲୋକ ଓ ସ୍ୱର୍ଲୋକ ଓଁକାର ମଧ୍ୟରେ ହିଁ ରହିଛି । ଆମେ ଯେତେବେଳେ ଓଁ କହୁ, ସେତେବେଳେ ସେହି ମହାଚୈତନ୍ୟକୁ ମନନ କରିଥାଉଁ ଯାହା ସମଗ୍ର ବିଶ୍ୱବ୍ରହ୍ମାଣ୍ଡକୁ ନିୟନ୍ତ୍ରଣ ଓ ନିରୀକ୍ଷଣ କରିଥାଏ । ତା'ପରେ ଆମେ "ଅସତୋ ମା ସଦ୍‌ଗମୟ" ପ୍ରାର୍ଥନା କରୁ, କାରଣ ସେତେବେଳେ ଆମେ ଖାଲି କେବଳ ସତ୍ୟ ରହିଛି ବୋଲି ଉପଲବ୍ଧି କରି ନଥାଉ । ଆମ ପ୍ରାର୍ଥନା ଶୁଣି ଆମକୁ ସତ୍ୟଠାରେ ପହଞ୍ଚେଇଦେବା ପାଇଁ ଜଣେ ଅଛନ୍ତି, ତାହା ମଧ୍ୟ ହୃଦୟଙ୍ଗମ କରିଥାଉ । ପୁଟ୍ଟପର୍ତ୍ତିରେ ଦର୍ଶନ ଧାଡ଼ି ଦେଇ ଯାଉଥିବା ସମୟରେ ସେ ଆମ ପ୍ରାର୍ଥନା ଶୁଣି ଆମକୁ ଇଣ୍ଟରଭ୍ୟୁ କକ୍ଷ ମଧ୍ୟକୁ ଡାକି ନେଇଥା'ନ୍ତି । ତାହା ହିଁ ସତ୍ୟାନ୍ୱେଷଣର ପଥରେ ଆମର ପ୍ରଥମ ସୋପାନ । ହୁଏତ ଏହାକୁ ପ୍ରଥମ ସୋପାନ କହିବା ଠିକ୍ ହେବ ନାହିଁ, କାରଣ ଥରେ ଏଠାକୁ ଆସିଥିବା ଜଣେ ସନ୍ନ୍ୟାସୀ ଇଣ୍ଟରଭ୍ୟୁ ଚାହିଁ ନଥିଲେ । ସେ କହିଥିଲେ, "ମୁଁ ଫେରି ଯାଉଛି, ମୋର ଇଣ୍ଟରଭ୍ୟୁ (ଅନ୍ତର୍ଦୃଷ୍ଟି) ଦରକାର ନାହିଁ, ସେଣ୍ଟରଭ୍ୟୁ (ଆତ୍ମକୈନ୍ଦ୍ରିକ ଦୃଷ୍ଟି) ଦରକାର ।" ଆଉ ଜଣେ ସନ୍ନ୍ୟାସୀଙ୍କୁ ସ୍ୱାମୀ ଶୂନ୍ୟରୁ କିଛି ସୃଷ୍ଟି କରି ଦେବା ପାଇଁ ହାତ ଘୂରେଇବା ସମୟରେ ସେ ସ୍ୱାମୀଙ୍କ ହାତ ଧରି କହିଲେ, "ଦୟାକରି ଆପଣ ମୋତେ କିଛି ଦିଅନ୍ତୁ ନାହିଁ । ଆପଣ ମୋତେ ଯାହା ଦେଇପାରିବେ ସେଥିମଧ୍ୟରୁ ଅତ୍ୟନ୍ତ ମୂଲ୍ୟବାନ୍ ହେଲେ ଆପଣ ନିଜେ । ଆପଣ ଆପଣଙ୍କୁ ମୋତେ ଦେଇ ଦିଅନ୍ତୁ ।" ଏହା ହିଁ ସର୍ବୋତ୍ତମ ଶିକ୍ଷା । ତେଣୁ ଏହି ସେଣ୍ଟରଭ୍ୟୁ ଦରକାର । ଆମେ ଯେତେବେଳେ ଆମକୁ ଆଗକୁ ନେବା ପାଇଁ ପ୍ରାର୍ଥନା କରୁ, ଆମେ ଜାଣି ରଖିବା ଦରକାର ଯେ ଆମକୁ ଆଗକୁ ନେବା ପାଇଁ ଜଣେ

କେହି ଅଛନ୍ତି । ତାଙ୍କର ରୂପ ଯାହା ହେଉନା କାହିଁକି, ତୁମର ତାଙ୍କ ଉପରେ ବିଶ୍ୱାସ ରହିବା ଆବଶ୍ୟକ । ଦ୍ୱାରରେ କରାଘାତ କର, ତାହା ଉନ୍ମୁକ୍ତ ହେବ । ପ୍ରଶ୍ନ କର, ତାହାର ଉତ୍ତର ପାଇବ । ତୁମର ବିଶ୍ୱାସ ଏତେ ଦୃଢ଼ ହେବା ଆବଶ୍ୟକ । ଭିତରେ ଜଣେ ଅଛନ୍ତି ବୋଲି ନଜାଣିଲେ କିଏ ଯାଇ ଦ୍ୱାରରେ କରାଘାତ କରିବ ? ତେଣୁ ସ୍ୱାମୀଙ୍କ ଉପରେ ତୁମର ବିଶ୍ୱାସ ରହିବା ଦରକାର । ତୁମେ ତାଙ୍କୁ ପ୍ରାର୍ଥନା କର, ସେ ତୁମକୁ ଆଗକୁ ଆଗକୁ ନେଇଯିବେ । ସ୍ୱାମୀ ପଥ କ'ଣ, ଗମ୍ୟ କ'ଣ ଜାଣନ୍ତି । ସେ ପ୍ରେମାବତାର । ଆମେ ଯେମିତି, ଆମକୁ ସେ ସେମିତି ଗ୍ରହଣ କରିନେବେ । ସେ ଆମ ଅତୀତକୁ ଖୋଜିବେ ନାହିଁ। ସେ ଆମ ଅତୀତକୁ କ୍ଷମା କରିବେ । ତାଙ୍କୁ ଯେ କେବଳ ଏହିଠାରେ ପ୍ରାର୍ଥନା କରିବାକୁ ହେବ, ଏମିତି କିଛି ନୁହଁ । ଆମେରିକା, ନ୍ୟୁଜିଲାଣ୍ଡ ବା ପୃଥିବୀର ଅନ୍ୟ ଯେକୌଣସି ସ୍ଥାନରୁ ଆପଣ ତାଙ୍କୁ ପ୍ରାର୍ଥନା କରନ୍ତୁ, ଆପଣଙ୍କ ପ୍ରାର୍ଥନା ତାଙ୍କଠାରେ ପହଞ୍ଚିବ । ଏ ସାରା ସଂସାର ହିଁ ତାଙ୍କ ପ୍ରଶାନ୍ତି ନିଳୟମ୍ ।

କେରଳର ଜଣେ ଭଦ୍ର ମହିଳାଙ୍କର ଗୋଟିଏ ମାତ୍ର ସନ୍ତାନ ଥାଏ । ସେ କଲିକତାରେ ଏକ ଚାକିରୀ ପାଇଲା । ବିବାହ କଲା । କେରଳରୁ କଲିକତା ବହୁତ ଦୂର ହୋଇଥିବା ହେତୁ, ସେ ତା' ସ୍ତ୍ରୀକୁ ନେଇ କଲିକତା ଚାଲିଗଲା ଓ ସେଠାରେ ଅଷ୍ଟମ ବା ନବମ ମହଲାରେ ଥିବା ଏକ ଫ୍ଲାଟ୍ ଘରେ ରହିଲା । ସେ କୌଣସି ଏକ କମ୍ପାନୀରେ ଚାକିରୀ କରୁଥାଏ । କିଛି ଦିନ ପରେ ଟଙ୍କା ପଇସା ତୋଷରଫ ଅଭିଯୋଗରେ ତାକୁ ଅଭିଯୁକ୍ତ କରାଗଲା । ଚାକିରୀର ଆରମ୍ଭରେ ଦୁର୍ନାମ ଭୋଗିବା ହେତୁ ସେ ଭାଙ୍ଗି ପଡ଼ିଲା ଓ ତା' ସ୍ତ୍ରୀକୁ "ମୋତେ ଭୁଲିଯା" ବୋଲି ଚିଠି ଲେଖି ଘର ଛାଡ଼ି ଚାଲିଗଲା । ବିଚରା ସେ ଝିଅକୁ ସାହାଯ୍ୟ ବା ସାନ୍ତ୍ୱନା ଦେବା ପାଇଁ, ତା ସ୍ୱାମୀ ଯେ କୁଆଡ଼େ ଚାଲିଗଲା ଖୋଜି ବାହାର କରିବା ପାଇଁ କେହି ନଥାନ୍ତି । ସେ ନିରୁପାୟ ହୋଇ ତା ଶାଶୁକୁ ଫୋନ୍ କଲା । ଶାଶୁ ସ୍ୱାମୀଙ୍କ ଭକ୍ତ ଥିଲେ, କିନ୍ତୁ ତାଙ୍କ ପୁଅର ଭକ୍ତି ନଥିଲା । ସେ ସ୍ୱାମୀଙ୍କ ସମ୍ବନ୍ଧରେ କଟୂକ୍ତି ପ୍ରକାଶ କରି କହୁଥାଏ, "ଏ କିଏ ? ଚିତ୍ରତାରକା ଭଳି ଦିଶୁଛି !" ତା'ର ମା ସ୍ୱାମୀଙ୍କୁ ଏକ ପତ୍ର ଲେଖିଲେ। ଏହା ବ୍ୟତୀତ ତାଙ୍କଠେ ଅନ୍ୟ ଉପାୟ ନଥିଲା । ସେ ସେହି ଚିଠିକୁ ତାଙ୍କ ଘରେ ସ୍ୱାମୀଙ୍କ ଫଟୋ ତଳେ ରଖିଦେଲେ । ତାହା ହିଁ ଥିଲା ତାଙ୍କର ଡାକବାକ୍ସ । ତା'ପରେ ଏହି ଯୁବକ, ଅରବିନ୍ଦର କ'ଣ ହେଲା ? ସେ ଏଣେତେଣେ ଘୂରି ବୁଲୁଥାଏ । ଆତ୍ମହତ୍ୟା କରିବା ମଧ୍ୟ ତା' ପକ୍ଷରେ ସହଜ ନଥିଲା, ସେଥିପାଇଁ ତ ଏକ ନଦୀ କିମ୍ବା ଗଭୀର କୂପ ଦରକାର । ପାଖରେ କୌଣସି ସାଙ୍ଗସାଥୀ ବା ଉଦ୍ଧାର କରିବା ଲୋକ ଥିଲେ ଆତ୍ମହତ୍ୟାର ଚେଷ୍ଟା ବିଫଳ ହୋଇଯିବ । ଆତ୍ମହତ୍ୟା କରୁଥିବା ଅବସ୍ଥାରେ ଧରା ପଡ଼ିଗଲେ, ପୋଲିସ ମାମଲା ହେବ, ଅପରାଧୀ ବୋଲି ଅଭିଯୁକ୍ତ ହେବ । ମରିବାକୁ ହିଁ ଯଦି ସ୍ଥିର କରେ ତେବେ ଯେକୌଣସି ମତେ ମରିବାକୁ ହେବ । ଯଦି ବଞ୍ଚିଥାଏ ଶାସ୍ତି ଭୋଗ କରିବାକୁ

ହେବ । ବହୁତ ଭାବି ସେ ସ୍ଥିର କଲା ଯେ ସବୁଠୁ ଭଲ ଉପାୟ ହେଉଛି ହଓ୍ଵଡ଼ା ପୋଲ ଉପରୁ ଗଙ୍ଗା ନଦୀ ମଧ୍ୟକୁ ଡେଇଁ ବୁଡ଼ି ମରିବା । ସେ ନଦୀକୁ ଡେଇଁବାକୁ ଯାଉଥାଏ, ହଠାତ୍ କିଏ ବଡ଼ ପାଟିରେ କହୁଥିବା ଶୁଣିଲା, "ଡେଇଁବୁନି, ଡେଇଁବୁନି, ମରନା, ପୁଟ୍ଟପର୍ତ୍ତି ଆସେ ।" ଆଗରୁ ସେ ତା ମା' ପୁଟ୍ଟପର୍ତ୍ତି କହୁଥିବା ଶୁଣିଥାଏ । ସେଠାରୁ ସେ ସିଧା ରେଳଷ୍ଟେସନକୁ ଗଲା ଓ ବାଙ୍ଗାଲୋରକୁ ଏକ ଟିକଟ କିଣିଲା । ପରେ ସେ ମୋତେ କହିଥିଲା ଯେ ରେଳରେ ତାକୁ ଆଦୌ ନିଦ ହେଲାନି । ପୁଟ୍ଟପର୍ତ୍ତି ବ୍ୟତୀତ ମନରେ ଅନ୍ୟ କୌଣସି ଚିନ୍ତା ଆସୁ ନଥାଏ, ରେଳ ଗଡ଼ିଯାଉଥିବା ସମୟରେ ରେଳଚକ ସତେ ଯେମିତି ପୁଟ୍ଟପର୍ତ୍ତି, ପୁଟ୍ଟପର୍ତ୍ତି କହୁଥାଏ । ସେ ବାଙ୍ଗାଲୋର୍‌ରେ ପହଞ୍ଚିଲା ଓ ପେନୁକୋଣ୍ଡାକୁ ଟିକଟ କିଣିବା ପାଇଁ ଟିକଟ କାଉଣ୍ଟରକୁ ଗଲା । ସେଠାରେ ଟିକଟ୍ ବିକୁଥିବା କିରାଣୀ 'ପେନୁକୋଣ୍ଡା' ନାମ ଶୁଣି ଭାବିଲା ଯେ ଲୋକଟି ହୁଏତ ସ୍ୱାମୀଙ୍କ ଦର୍ଶନ ପାଇଁ ପୁଟ୍ଟପର୍ତ୍ତି ବାହାରିଛି । ତେଣୁ ସେ ତାକୁ କହିଲା, "ପୁଟ୍ଟପର୍ତ୍ତି କାହିଁକି ଯାଉଛ ? ସତ୍ୟସାଇ ବାବା ତ ଏଠେ ହ୍ୱାଇଟ୍‌ଫିଲ୍ଡ଼ରେ ଅଛନ୍ତି ।" କିନ୍ତୁ ପୁଟ୍ଟପର୍ତ୍ତି ନାମଟି ତା' କାନରେ ଏଭଳି ପ୍ରତିଧ୍ୱନିତ ହେଉଥାଏ ଯେ ସେ କହିଲା, "ନା, ପୁଟ୍ଟପର୍ତ୍ତି ଯିବି, ମୋତେ ପେନୁକୋଣ୍ଡାକୁ ଏକ ଟିକଟ୍ ଦିଅ ।" ସେ ପେନୁକୋଣ୍ଡା ପହଞ୍ଚିଲା ଓ ସେଠାରୁ ପୁଟ୍ଟପର୍ତ୍ତି ଆସିଲା । ହ୍ୱାଇଟ୍‌ଫିଲ୍ଡ଼ରେ ଥିବା ସ୍ୱାମୀ ସେହିଦିନ ସନ୍ଧ୍ୟା ୬.୩୦ରେ ଆସି ପୁଟ୍ଟପର୍ତ୍ତିରେ ପହଞ୍ଚିଲେ । ସ୍ୱାମୀ ପହଞ୍ଚିବା ମାତ୍ରକେ କୁଟୁମ୍ବ ରାଓ ଓ ଆମେ ସମସ୍ତେ ତାଙ୍କ ନିକଟକୁ ଧାଇଁଗଲୁ । ସ୍ୱାମୀ ପୂର୍ବରୁ କିଛି ସୂଚନା ନଦେଇ ହଠାତ୍ କାହିଁକି ଫେରି ଆସିଲେ, ତାହା ଆମେ ତାଙ୍କୁ ପଚାରୁଥାଉ । ସ୍ୱାମୀ କହିଲେ, ସେ ଗ୍ରୀଷ୍ମ ଶିବିର ପାଇଁ କିଛି ବସ୍ତା ଚାଉଳ ବାଙ୍ଗାଲୋର ନେବା ପାଇଁ ଆସିଛନ୍ତି ! କିଛି ବସ୍ତା ଚାଉଳ ନେବା ପାଇଁ ସ୍ୱାମୀ ନିଜେ କାହିଁକି ଆସିବେ ? ସେ କାହାକୁ ପଠେଇଥା'ନ୍ତେ, ନଚେତ୍ ଥରେ ଫୋନ୍‌ରେ ନିର୍ଦ୍ଦେଶ ଦେଲେ ତାହା ହୋଇ ଯାଇଥା'ନ୍ତା । ତାଙ୍କର ଆସିବାର ସଠିକ୍ କାରଣ ଜାଣି ନପାରି ଆମେ ବିସ୍ମିତ ହେଉଥାଉଁ । ନିଶ୍ଚୟ ଅନ୍ୟ କିଛି କାରଣ ଥିବ । ପରଦିନ ସକାଳେ ଏହି ଯୁବକ ଅରବିନ୍ଦ ଦର୍ଶନ ଧାଡ଼ିରେ ବସିଥାଏ । ସ୍ୱାମୀ ତାକୁ ଚାହିଁ, "ଆରେ କଲିକତା" କହି ଉଠିବାକୁ କହିଲେ । ସେ ତାକୁ ଇଣ୍ଟରଭ୍ୟୁ କକ୍ଷ ମଧ୍ୟକୁ ଡାକି ଭର୍ତ୍ସନା କରି କହିଲେ, "ତୁ ଏ କି ବୋକାମି କରୁଛୁ ? ତୋର ମାଁ ଓ ସ୍ତ୍ରୀ ଯେ କେତେ କଷ୍ଟ ଭୋଗୁଛନ୍ତି, ତୁ କ'ଣ ଜାଣିପାରୁଛୁ ? ତୋର ଯେମିତି କିଛି ନହୁଏ, ତାହା ମୁଁ ଦେଖିବି । ତୋର ଯେମିତି ବଦଳି ହେବ, ତାର ମଧ୍ୟ ମୁଁ ବ୍ୟବସ୍ଥା କରିବି । ତୋତେ ଆଉ କଲିକତା ଯିବାକୁ ହେବ ନାହିଁ । ମାନ୍ଦ୍ରାଜରେ ତୁମ କମ୍ପାନୀର ଏକ ଶାଖା ଅଛି । ତୋର ଯେମିତି ସେଠାକୁ ବଦଳି ହେବ, ତାହା ମଧ୍ୟ ମୁଁ ବୁଝିବି । ସେତେବେଳେ ତୁ ତୁମ ଗାଁ ପାଖରେ ରହିବୁ ।" ସେ ତାକୁ କହିଲେ ଯେ ସେ ହ୍ୱାଇଟ୍ ଫିଲ୍ଡ଼ ଫେରି ଯାଉଛନ୍ତି, କିନ୍ତୁ ତାକୁ ପୁଟ୍ଟପର୍ତ୍ତିରେ ନ'ଦିନ ରହିବାକୁ ହେବ । ନ'ଦିନ କାହିଁକି ? ସ୍ୱାମୀଙ୍କର ଅନ୍ୟ କିଛି ଯୋଜନା

ଥାଏ । ଅରବିନ୍ଦ ପାଖରେ ଯେତିକି ପଇସା ଥାଏ । ସେଥିରେ ସେ ଦୁଇଦିନ ଚଳିପାରିଥାନ୍ତା । ତେବେ ତାକୁ ନ'ଦିନ ରହିବାକୁ ହେଲେ ଆଉ ପଇସା ଦରକାର । ସେ ଦିଲ୍ଲୀରେ ଥିବା ତାର ଏକ ବନ୍ଧୁକୁ ଟେଲିଗ୍ରାମ୍ ଦେଇ "ଅରବିନ୍ଦ, ବଡ଼ ସେଡ୍, ପ୍ରଶାନ୍ତି ନିଳୟମ୍' ଠିକଣାରେ କିଛି ପଇସା ପଠେଇବାକୁ ଜଣେଇଥାଏ । ତାର ମା ଓ ସ୍ତ୍ରୀ ସେ କେଉଁଠେ ଅଛି, କ'ଣ କରୁଛି ନଜାଣି ବ୍ୟସ୍ତ ହେଉଥା'ନ୍ତି । ସେ ଦୁହେଁ ତାର ସାଙ୍ଗସାଥୀଙ୍କୁ ସେ ହୁଏତ ସେମାନଙ୍କ ପାଖକୁ ଯାଇଛି ଭାବି ତାର ଖବର ନେଉଥା'ନ୍ତି । ଦିଲ୍ଲୀରେ ଥିବା ତାର ବନ୍ଧୁ ଟେଲିଗ୍ରାମ ପାଇବାମାତ୍ରକେ, ସେ ପୁଟ୍ଟପର୍ତ୍ତିର ବଡ଼ସେଡ୍‌ରେ ରହିଥିବା କଥା ତା ମାଁକୁ ଜଣେଇଲା । ନ'ଦିନ ଭିତରେ ତାର ମା, ସ୍ତ୍ରୀ ଓ ଅନ୍ୟମାନେ ଆସି ପୁଟ୍ଟପର୍ତ୍ତିରେ ପହଞ୍ଚିଲେ । ତାର ମା ଓ ସ୍ତ୍ରୀଙ୍କୁ ଏ ଖବର ଦେବା ପାଇଁ ସ୍ୱାମୀ ଏହା ପାଞ୍ଚିଥା'ନ୍ତି । ସେମାନେ ଅରବିନ୍ଦଠୁ ସବୁ କଥା ଶୁଣିଲେ । ମୋତେ ତାର ମା ଓ ସ୍ତ୍ରୀ ଏସବୁ ପରେ କହିଥିଲେ । ତେଣୁ ଆପଣ ଯେଉଁ ଭାଷା ଜାଣନ୍ତି, ସେହି ଭାଷାରେ ତାଙ୍କୁ ପ୍ରାର୍ଥନା କରନ୍ତୁ, ଆପଣଙ୍କ ଦୁଃଖ ଏକ ଚିଠିରେ ଲେଖି, ଯେଉଁଠେ ରଖୁଛନ୍ତି ରଖନ୍ତୁ । ସେ ଆପଣଙ୍କ କଥା ବୁଝିବେ, କାରଣ ସେ ସର୍ବଦା ସର୍ବତ୍ର ବିଦ୍ୟମାନ ।

ସେଣ୍ଟ ଲରେନ୍ସ ଫ୍ରାନ୍‌ସର କୌଣସି ଏକ ମଠରେ ପୁଜାରୀ ଥା'ନ୍ତି । ସେ ପ୍ରତିଦିନ ରନ୍ଧନଶାଳାର ଝରକା ଦେଇ ଗୋଟିଏ ବୃକ୍ଷକୁ ଲକ୍ଷ୍ୟ କରୁଥାନ୍ତି । ଶୀତଋତୁରେ ବୃକ୍ଷରେ ପତ୍ର ରହୁ ନଥାଏ । ଶୀତଋତୁ ପରେ ବସନ୍ତ ଆସିବା ସଙ୍ଗେ ସଙ୍ଗେ ବୃକ୍ଷଟି ନବ ପଲ୍ଲବରେ ସୁଶୋଭିତ ହୋଇ ଉଠେ । ତାହା ଲକ୍ଷ୍ୟ କରି ସେ ନିଜକୁ କହୁଥାନ୍ତି, "ମୁଁ ଶୀତଋତୁର ସେହି ବୃକ୍ଷଭଳି ପତ୍ରଶୂନ୍ୟ, ଈଶ୍ୱର କୃପା କରନ୍ତୁ, ମୁଁ ମଧ୍ୟ ବସନ୍ତ ଋତୁରେ ସେହି ବୃକ୍ଷର ରୂପାନ୍ତରଣ ଭଳି ନିଜେ ପତ୍ରପୁଷ୍ପ ବିମଣ୍ଡିତ ହୋଇଯାଏ ।" ମନରେ ଏହି ଭାବ ଆଣିବା ମାତ୍ରକେ ସେ ନିଜ ମଧ୍ୟରେ ଏକ ଆକସ୍ମିକ ରୂପାନ୍ତରଣ ଅନୁଭବ କଲେ । ତାଙ୍କର ମନେ ହେଲା, ଈଶ୍ୱର ସବୁବେଳେ ତାଙ୍କ ସଙ୍ଗେ ରହି ତାଙ୍କୁ ସାହାଯ୍ୟ କରି ଆସୁଛନ୍ତି । ଈଶ୍ୱରଙ୍କର ନିତ୍ୟ ଉପସ୍ଥିତି ସେ କ୍ଷଣେ କ୍ଷଣେ ଅନୁଭବ କରୁଥା'ନ୍ତି । ଆପଣ ମଧ୍ୟ ସ୍ୱାମୀଙ୍କୁ ଯଦି ଆପଣଙ୍କ ମନରେ ସାଇତି ରଖନ୍ତି କିମ୍ବା ତାଙ୍କୁ ଅନ୍ତର ଦେଇ ପ୍ରାର୍ଥନା କରନ୍ତି, ସେ ଯେ ଆପଣଙ୍କ ମଧ୍ୟରେ ଅଛନ୍ତି, ତାହା ନିତ୍ୟ ଅନୁଭବ କରିବେ । ଯେକୌଣସି ସମୟରେ, ଯେକୌଣସି ସ୍ଥାନରେ ତାଙ୍କୁ ଡାକନ୍ତୁ, ସେ ଯେ ଆପଣଙ୍କ ସଙ୍ଗେ ଅଛନ୍ତି, ତାହା ଆପଣ ଅନୁଭବ କରିବେ । ସେ ସର୍ବତ୍ର ଭରି ରହିଛନ୍ତି ।

❖❖❖

୧୩

ସେ ସର୍ବଦେବତାସ୍ୱରୂପ

ଦେଶସାରା ବିନାୟକ ଚତୁର୍ଥୀ ଉତ୍ସବ ପାଳନ ଅବସରରେ ମୁଁ ଭଗବାନଙ୍କ ପଦ ପଙ୍କଜରେ ମୋର ଭକ୍ତିପୂତ ପ୍ରଣାମ ଜଣାଉଛି । ସର୍ବଦେବତାସ୍ୱରୂପଙ୍କ ଦିବ୍ୟସନ୍ନିଧିରେ ରହି ପାରିବା ଆମର ପରମ ସୌଭାଗ୍ୟ ଓ ତାଙ୍କର ଦର୍ଶନ, ସ୍ପର୍ଶନ ଓ ସମ୍ଭାଷଣର ସୁଯୋଗ ପାଇ ଆମ ଜୀବନ ଧନ୍ୟ ହୋଇଛି । ସ୍ୱାମୀ ଏହି କକ୍ଷ ମଧ୍ୟରେ, ମନ୍ଦିରର ଦ୍ୱାରଦେଶରେ, ପୃଷ୍ଠଭାଗରେ ଓ ଏଠାକାର ସମସ୍ତ ଶିକ୍ଷାନୁଷ୍ଠାନରେ ଗଣେଶଙ୍କୁ ସ୍ଥାପନ କରିଛନ୍ତି । ବାଙ୍ଗାଲୋରର କଲେଜ ହତା ମଧ୍ୟରେ ଆମେ ସରସ୍ୱତୀଙ୍କ ବିଗ୍ରହ ଦେଖୁଁ ଓ ଏଠାରେ କଲେଜ ହତାଗୁଡ଼ିକରେ ଗଣେଶ, ନଟରାଜ ଓ ଦକ୍ଷିଣାମୂର୍ତ୍ତିଙ୍କ ବିଗ୍ରହ ଦେଖିବାକୁ ମିଳେ । ଏକ ଈଶ୍ୱରଙ୍କର ଏମାନେ ବିଭିନ୍ନ ରୂପମାତ୍ର । ଆମେ ଆମ ଦେଶକୁ ଏକ ଗଣତନ୍ତ୍ର କହିଥାଉଁ, କାରଣ ଏଠାରେ ପ୍ରତ୍ୟେକ ନାଗରିକ ନିଜେ ଦେଶର ଏକ ରାଜା କେବଳ ନୁହଁ, ସେ ତା' ନିଜ ଉପରେ ନିଜେ ମଧ୍ୟ ଏକ ରାଜା । ବୌଦ୍ଧଧର୍ମରେ ପ୍ରତ୍ୟେକ ବ୍ୟକ୍ତି କହେ, "ଅହଂ ରାଜୟତି" ଅର୍ଥାତ୍ ମୁଁ ମୋର ରାଜା । ଜଣେ ଯଦି ନିଜେ ନିଜକୁ ନିଜର ରାଜତ୍ୱାଧୀନ କରିପାରେ ସେ ସ୍ୱରାଜ୍ୟ ଲାଭ କରିଛି କୁହାଯିବ । ପ୍ରତ୍ୟେକ ବ୍ୟକ୍ତି ଯେ ତାର ଦେହ, ଇନ୍ଦ୍ରିୟ, ମନ ଓ ବୁଦ୍ଧିର ଅଧିପତି ଏବଂ ତା ନିଜ ଉପରେ ତାର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଓ ସାର୍ବଭୌମତ୍ୱ ରହିଛି - ଏହି ସଚେତନତା ଗଣପତି ଆମ ମଧ୍ୟରେ ଆଣିଥା'ନ୍ତି । ଗଣପତି ସମସ୍ତ ଗଣ ଅର୍ଥାତ୍ ବ୍ୟକ୍ତିଙ୍କର ପତି । ବ୍ୟକ୍ତିବାଦ ପୃଥକତ୍ୱର ଭାବନା ଆଣେ । ନିଜର ବ୍ୟକ୍ତିତ୍ୱ ପାଇଁ ତୁମେ ନିଜକୁ ଅନ୍ୟଠାରୁ ପୃଥକ୍ କରିଦିଅ । ଏହା ଠିକ୍ ନୁହଁ । ତୁମେ ନିଜକୁ ସମଗ୍ରତାର ଏକ ଅଂଶ ମନେ କରିବା ଉଚିତ । ଅନ୍ୟମାନଙ୍କ ଦୁଃଖ ସୁଖରେ ତୁମେ ସମଭାଗୀ ହେବା ଆବଶ୍ୟକ କାରଣ ତୁମେ ଅନ୍ୟର ଏକ ଅଂଶବିଶେଷ । ଗଣେଶ ମଣିଷକୁ ଏହି ସଚେତନତା ଦିଅନ୍ତି । ସେ ବିଦ୍ୟାଦାୟକ । ତାଙ୍କୁ ବିଦ୍ୟା ଗଣପତି କୁହାଯାଏ । ସରସ୍ୱତୀ ତାଙ୍କ ହାତରେ ପୁସ୍ତକ ଓ ଜପମାଳ ଉଭୟ ଧାରଣ କରନ୍ତି । ଏହାର ଅର୍ଥ ହେଲା ମଣିଷ ଲୌକିକ ବିଦ୍ୟା ସହ ପାରମାର୍ଥିକ ବିଦ୍ୟା ମଧ୍ୟ ଲାଭ କରିବା ଉଚିତ । ଗଣେଶଙ୍କ ହସ୍ତରେ ପାଶ ଓ ଅଙ୍କୁଶ ଥାଏ । ଏହାର ଅର୍ଥ ହେଲା ଆମେ ଆମ ପଶୁତ୍ୱକୁ ପାଶରେ ବାନ୍ଧି ଅଙ୍କୁଶଦ୍ୱାରା ନିୟନ୍ତ୍ରଣ କରିବା ଆବଶ୍ୟକ । ଗଣେଶ ଏକ ମୂଷକକୁ ବାହନ କରିଥା'ନ୍ତି । କେତେକ ପଚାରନ୍ତି, "ଗଜବଦନ ତଥା ଲମ୍ବୋଦର ଗଣେଶ ଏକ ମୂଷକ ଉପରେ କିପରି ଆରୋହଣ କରନ୍ତି ?" କୌତୂହଳବଶତଃ ମଣିଷ ଏଭଳି ପ୍ରଶ୍ନ କରେ । ଗଣେଶଙ୍କୁ ଏଭଳି ଦେଖି ମନରେ ସଂଶୟ ଓ ବିସ୍ମୟ ଆସିଥାଏ । ତାହା ଦେଖି ମନରେ ଆଉ ମଧ୍ୟ ଧାରଣା ହୁଏ ଯେ ହୁଏତ ଏହା ସମ୍ଭବ । ଏହା ହିଁ ଶିକ୍ଷାର ଆରମ୍ଭ । ଶିକ୍ଷା ମାନେ କେବଳ ପରୀକ୍ଷାରେ

କୃତକାର୍ଯ୍ୟ ହୋଇ ଉପାଧି ଲାଭ କରିବା ନୁହଁ । ଶିକ୍ଷାର ଅର୍ଥ ନିଜକୁ ପ୍ରଶ୍ନ କରିବା, "ଏହା କ'ଣ ସମ୍ଭବ ?", "ଯଦି ସମ୍ଭବ, ତେବେ କିମିତି ସମ୍ଭବ ?" ମଣିଷ ନିଜ ମଧ୍ୟରେ ଏହି ଜିଜ୍ଞାସାଭାବ ପୋଷଣ କରିବା ଆବଶ୍ୟକ ।

ଗଣେଶ ହେଉଛନ୍ତି ବିଦ୍ୟାଗଣପତି, କାରଣ ଯୋଗଶାସ୍ତ୍ରରେ କୁଣ୍ଡଳିନୀଯୋଗ ମଧ୍ୟରେ ଗଣେଶ ହେଉଛନ୍ତି 'ମୂଳାଧାର ଚକ୍ର'ର ଅଧିଷ୍ଠାତା ଦେବତା । ଆମ ମଧ୍ୟରେ ସେହି ଯୋଗଶକ୍ତି, ଗୁପ୍ତଭାବେ ରହିଥିବା କୁଣ୍ଡଳିନୀ ଶକ୍ତି, ଅନ୍ତଃଶକ୍ତି ଜାଗ୍ରତ ନହେବା ଯାଏ ବିଦ୍ୟା ଆମର ପ୍ରାପ୍ତ ହେବ ନାହିଁ । ସେହି ବିଦ୍ୟା ଲୌକିକ ବିଦ୍ୟା ହେଉ ବା ଅଧ୍ୟାତ୍ମ ବିଦ୍ୟା, ଯେକୌଣସି ବିଦ୍ୟା ଆରମ୍ଭ ହୁଏ ଆମ ମଧ୍ୟରେ ଥିବା ମେଧାଶକ୍ତି ବା ଯୋଗଶକ୍ତି ଜାଗ୍ରତ ହେବା ଦ୍ୱାରା ଏବଂ ଗଣେଶ ମୂଳାଧାର ଚକ୍ରର ଅଧିପତି ହୋଇଥିବା ହେତୁ ତାହା ଜାଗ୍ରତ ହେବା ପଛରେ ତାଙ୍କର ଆଶୀର୍ବାଦ ଥାଏ । ଏହା ହିଁ ଗଣେଶ ପୂଜାର ବୈଶିଷ୍ଟ୍ୟ । ପ୍ରଥମ ବିଶ୍ୱ ସମ୍ମିଳନୀରେ ସ୍ୱାମୀ ନିଜକୁ "ସର୍ବଦେବତାସ୍ୱରୂପ"ଭାବେ ପ୍ରକଟ କରିଥିବା ହେତୁ ଏବଂ ଆମେମାନେ ଅନ୍ତରରେ ତାହା ବିଶ୍ୱାସ କରୁଥିବା ହେତୁ ସ୍ୱାମୀଙ୍କୁ ଆରାଧ୍ୟ ମନେ କରିବା ପରେ ଆଉ କାହାର ଆରାଧନାର ପ୍ରୟୋଜନ ରହେ ନାହିଁ ।

ବହୁ ବର୍ଷ ପୂର୍ବେ ରମଣାଶ୍ରମରୁ ଜଣେ ବୃଦ୍ଧ ସନ୍ନ୍ୟାସୀ ଏଠାକୁ ଆସିଥିଲେ । ସେ ରମଣାଶ୍ରମର ଜଣେ ବିଶିଷ୍ଟ ସନ୍ନ୍ୟାସୀ ଥିଲେ ଏବଂ ରମଣ ଗୀତାରେ "ଅମୃତାନନ୍ଦ ଯତୀନ୍ଦ୍ର" ନାମରେ ତାଙ୍କର ବର୍ଣ୍ଣନା ରହିଛି । ସେ ଦୀର୍ଘ ପନ୍ଦର ବର୍ଷ ରମଣ ମହର୍ଷିଙ୍କ ସଙ୍ଗେ ରହି ଯୋଗାଭ୍ୟାସ କରିଥା'ନ୍ତି । ରମଣ ମହର୍ଷିଙ୍କର ତିରୋଧାନ ପରେ ସେ ଏଠାକୁ ଆସିଥା'ନ୍ତି । ସ୍ୱାମୀ ତାଙ୍କୁ କହିଲେ ଯେ ଉଭୟ ତାଙ୍କର ଓ ରମଣ ମହର୍ଷିଙ୍କର ଯୋଗାଭ୍ୟାସରେ କିଛି ତ୍ରୁଟି ଥିବା ହେତୁ, ଉଭୟେ ଶ୍ୱାସରୋଗରେ ପୀଡ଼ିତ ହେଲେ । ଅମୃତାନନ୍ଦ ମାତ୍ର ଦୁଇଦିନ ଏଠାରେ ରହିବେ ଭାବି ଆସିଥା'ନ୍ତି କିନ୍ତୁ ରହିଲେ ପୂରା ଦୁଇ ମାସ ! ସ୍ୱାମୀ ତାଙ୍କ ପ୍ରତି କୃପା ପରବଶ ହୋଇ ତାଙ୍କୁ ବହୁବାର ଇଣ୍ଟରଭ୍ୟୁର ସୁଯୋଗ ଦେଲେ ଓ ଶେଷରେ ଶ୍ୱାସରୋଗରୁ ମୁକ୍ତ କଲେ । ଅମୃତାନନ୍ଦ କେରଳବାସୀ ଥା'ନ୍ତି, ତେଣୁ ମୋ ସହ ରହିଲେ । ସେ କେରଳୀ ଖାଦ୍ୟ ପାଇବେ ବୋଲି ସ୍ୱାମୀ ତାଙ୍କୁ ମୋ ପାଖରେ ରହିବାକୁ କହିଥା'ନ୍ତି । ଦିନେ ଅମୃତାନନ୍ଦ ସ୍ୱାମୀଙ୍କ ସହ ଇଣ୍ଟରଭ୍ୟୁ ପରେ ଆସି ମୋତେ କହିଲେ ଯେ ସ୍ୱାମୀ ତାଙ୍କୁ ତାଙ୍କର ଶ୍ୱାସରୋଗର ପ୍ରତିକାର ନିମନ୍ତେ କିଛି ସବୁଜ ପତ୍ର ଦେବେ ବୋଲି କହିଲେ ଓ ତତ୍କ୍ଷଣାତ୍ ସେହି ସବୁଜ ପତ୍ର ତାଙ୍କ ହାତକୁ ଚାଲି ଆସିଲା । ପତ୍ରଗୁଡ଼ିକୁ ଅମୃତାନନ୍ଦଙ୍କ ହାତକୁ ଦେବାପରେ ସେଗୁଡ଼ିକ କଣ୍ଟାଳିଆ ଥିବା ଦେଖି ସ୍ୱାମୀ ତାଙ୍କୁ ତାହା ଫେରେଇ ଦେବାକୁ କହିଲେ । ଅମୃତାନନ୍ଦ ସ୍ୱାମୀଙ୍କ ହାତକୁ ତାହା ଦେବା ପରେ ପୁଣି ଯେତେବେଳେ ସ୍ୱାମୀ ତାଙ୍କୁ ତାହା ଦିଅନ୍ତି, ଉକ୍ତ ପତ୍ର କଣ୍ଟକଶୂନ୍ୟ ହୋଇଯାଇଥାଏ ! ଆଉ ଦିନେ ସ୍ୱାମୀ ସେହି ପଞ୍ଚସ୍ତରୀ ବର୍ଷର ବୃଦ୍ଧ ସନ୍ନ୍ୟାସୀଙ୍କୁ କହିଲେ, "ତୁମର ସାତ ବର୍ଷ ବୟସରେ ଉପନୟନ ହେବା ପରେ ତୁମ ପିତା

ଏକ ଗଣପତି ହୋମ କରିଥିଲେ । ନୁହଁ କି ?" ଅମୃତାନନ୍ଦ ତାହା ମନେ ପକେଇ କହିଲେ, "ହଁ, ସ୍ୱାମୀ ! ତାହା ମୋର ମନେ ପଡୁଛି ।" ସ୍ୱାମୀ କହିଲେ ତୁମେ ସେଦିନ ଅମୁକ ମନ୍ତ୍ର (ସ୍ୱାମୀ ସେହି ମନ୍ତ୍ର ଉଚ୍ଚାରଣ କଲେ) କହି ନାରିକେଳଗୁଡ଼ିକୁ ହୋମାଗ୍ନି ମଧ୍ୟକୁ ନିକ୍ଷେପ କରୁଥାଅ । ସେହି ହୋମରୁ କି ଫଳ ପାଇଲ ?" ଅମୃତାନନ୍ଦ କହିଲେ, "ସ୍ୱାମୀ, ଶାସ୍ତ୍ରରେ କୁହାଯାଇଛି ଯେ ଏକଚାଳିଶ ଦିନ ଧରି ଏହି ହୋମ କରିବା ପରେ ଯେତେବେଳେ ପୂର୍ଣ୍ଣାହୁତି ଦିଆଯାଏ, ସେତେବେଳେ ହୋମକୁଣ୍ଡ ମଧ୍ୟକୁ ଅର୍ପିତ ସମସ୍ତ ଦ୍ରବ୍ୟ ସ୍ୱୟଂ ଗଣପତି ଗ୍ରହଣ କରନ୍ତି ଓ ଉକ୍ତ ହୋମାଗ୍ନି ମଧ୍ୟରେ ଗଣପତିଙ୍କର ପ୍ରତ୍ୟକ୍ଷ ଦର୍ଶନ ପ୍ରାପ୍ତ ହୁଏ । କିନ୍ତୁ ସେତେବେଳକୁ ମୋର ବୟସ ମାତ୍ର ସାତ ବର୍ଷ ହୋଇଥିବା ହେତୁ, ମୁଁ ହୁଏତ ମନ୍ତ୍ରୋଚ୍ଚାରଣରେ କିଛି ଭୁଲ୍ କରିଥିବି, ଯାହା ଫଳରେ "ଗଣପତି ଦର୍ଶନରୁ ବଞ୍ଚିତ ହେଲି ।" ତାହା ଶୁଣି ସ୍ୱାମୀ କହିଲେ, "ତୁମେ ହୁଏତ ହୋମାନୁଷ୍ଠାନରେ କିଛି ତ୍ରୁଟି କରିଥିବ, ତେବେ ସେଥିରେ କିଛି ଯାଏ ଆସେ ନାହିଁ । ସେତେବେଳେ ତୁମେ ବାଳକ ଥିଲ ଓ କର୍ମକାଣ୍ଡର ବିଧିବିଧାନ ସମ୍ବନ୍ଧରେ ସେତେ ଅବଗତ ନଥିଲ । ତେବେ ତୁମେ କରିଥିବା ସତ୍‌କର୍ମର ସୁଫଳ ତୁମକୁ ନିଶ୍ଚୟ ମିଳିବ ଏବଂ ସେଥିପାଇଁ ତୁମେ ଏଠାକୁ ଆସିଛ ।" ଅମୃତାନନ୍ଦନ ସ୍ୱାମୀଙ୍କୁ ଚାହିଁଲେ । କିନ୍ତୁ ଏ କି ଆଶ୍ଚର୍ଯ୍ୟ ! ସେ ସ୍ୱାମୀଙ୍କ ଶ୍ରୀମୁଖ ନୁହଁ, ଗଣପତିଙ୍କ ସୁନ୍ଦର ବଦନ ଦର୍ଶନ କରୁଥା'ନ୍ତି ! ଅମୃତାନନ୍ଦ ଆନନ୍ଦର ଆତିଶଯ୍ୟରେ ଆତ୍ମବିସ୍ମୃତ ହେଲେ । ତାଙ୍କର ଆଉ ଦେହଚେତନା ନଥାଏ । ସ୍ୱାମୀ ମୋତେ ଡାକି ତାଙ୍କୁ ନେଇଯିବାକୁ କହିଲେ । ମୁଁ ତାଙ୍କୁ ଇଣ୍ଟରଭ୍ୟୁ କକ୍ଷରୁ ବାହାରକୁ ଆଣିଲି । ପରବର୍ତ୍ତୀ ଦୁଇଦିନ ସ୍ୱାମୀଙ୍କୁ ଗଣପତି ରୂପେ ଦର୍ଶନ କରିବାର ମହାନନ୍ଦ ମଧ୍ୟରେ ସମ୍ପୂର୍ଣ୍ଣ ନିମଗ୍ନ ରହି ସେ ନିଜକୁ ଭୁଲି ଯାଇଥାନ୍ତି ।

ସ୍ୱାମୀ ଅମୃତାନନ୍ଦଙ୍କୁ ଯେଉଁ ଗଣପତି ଦର୍ଶନ ଦେଇଥିଲେ, ତାହା ମୁଁ ଚାହେଁ, ଆପଣମାନେ ଆପଣମାନଙ୍କ ମାନସପଟରେ ଆଙ୍କି ନିଅନ୍ତୁ ଓ ତାହାରି ଉପରେ ମନନ କରନ୍ତୁ । ଆମେ ସ୍ୱାମୀ ଯାହା ହେବା ଚାହୁଁ ତାହା ସେ ହୋଇଥା'ନ୍ତି, ଆମେ ତାଙ୍କୁ ଯେଉଁ ରୂପରେ ପାଇବାକୁ ବ୍ୟାକୁଳ ହେଉ, ସେ ସେହି ରୂପରେ ଆମକୁ ଦର୍ଶନ ଦିଅନ୍ତି । ସେ ସର୍ବଦେବତାସ୍ୱରୂପ । ସେ ଗଣପତିସ୍ୱରୂପ, ରାମ ସ୍ୱରୂପ, ଖ୍ରୀଷ୍ଟସ୍ୱରୂପ, ଆଲ୍ଲାସ୍ୱରୂପ ଓ ତୁମେ ତାଙ୍କୁ ଯେଉଁ ରୂପରେ ଚାହଁ ସେ ସେହି ସ୍ୱରୂପ । ତୁମ ଅନ୍ତରର ବ୍ୟାକୁଳତା ନେଇ ତୁମେ ତାଙ୍କୁ ଯେଉଁ ରୂପରେ ଆରାଧନା କର ସେ ସେହି ରୂପ ଧାରଣ କରନ୍ତି ।

❖❖❖

୧୪
ଭଗବାନ ରହିଲେ ସବୁ ସମ୍ଭବ

ସ୍ୱାମୀ ଯେଉଁଭଳି ବିବିଧ ଉପାୟରେ ଲୋକଙ୍କୁ ତାଙ୍କ ନିକଟକୁ ଆକର୍ଷିତ କରିଥା'ନ୍ତି, ତାହା ଅତ୍ୟନ୍ତ ଚିତ୍ତାକର୍ଷକ । ଆପଣମାନେ ପ୍ରତ୍ୟେକେ ଯଦି ଭାବି ଦେଖନ୍ତି, ଆପଣ କିମିତି ସ୍ୱାମୀଙ୍କ ନିକଟକୁ ଆସିଲେ, ସ୍ୱାମୀଙ୍କୁ ପୁନଃ ପୁନଃ ଦର୍ଶନ କରିବା ପାଇଁ କିପରି ବ୍ୟାକୁଳ ହେଲେ, ସ୍ୱାମୀଙ୍କ ସନ୍ନିଧିକୁ ଆସିବା ପରେ କିପରି ତାଙ୍କର ଚରଣାଶ୍ରିତ ହୋଇ ରହିଗଲେ, ପ୍ରତ୍ୟେକଙ୍କ କାହାଣୀ ବେଶ୍ ମନଲୋଭା ହେବ । ଲୋକଙ୍କୁ ତାଙ୍କ ନିକଟକୁ ଆଣିବା ପାଇଁ ସ୍ୱାମୀ ବିବିଧ ପଦ୍ଧତି ଅବଲମ୍ବନ କରିଥା'ନ୍ତି । ଅନ୍ୟ ଧର୍ମଗୁରୁ, ପ୍ରଚାରକ ଓ ପ୍ରବୋଧକମାନେ ଯେଉଁମାନେ ସେମାନଙ୍କ ନିକଟକୁ ଆସିଥାନ୍ତି, ସେମାନଙ୍କୁ ଗ୍ରହଣ କରି ଯଥୋଚିତ ଶିକ୍ଷା ବା ଉପଦେଶ ଦେଇଥା'ନ୍ତି । କିନ୍ତୁ ସ୍ୱାମୀଙ୍କ କ୍ଷେତ୍ରରେ ଯେଉଁମାନେ ତାଙ୍କ ସମ୍ବନ୍ଧରେ କିଛି ଜାଣି ନଥାନ୍ତି, କିଛି ଶୁଣି ନଥାନ୍ତି, ଏଭଳିକି ତାଙ୍କ ଚିତ୍ର ମଧ୍ୟ ଦେଖି ନଥାନ୍ତି, ସେମାନେ ଆଶ୍ଚର୍ଯ୍ୟଜନକ ଭାବେ ତାଙ୍କ ଦ୍ୱାରା ଆକର୍ଷିତ ହୋଇ ଆସିଥା'ନ୍ତି । ସେ ବିଶ୍ୱସଞ୍ଚାର କରି ସେମାନଙ୍କୁ ସଂଗ୍ରହ କରି ଆଣନ୍ତି । ତାହା ହିଁ ତାଙ୍କ ସର୍ବବିଦ୍ୟମାନତାର ଏକ ନିଦର୍ଶନ ।

ଆଜି ମୋର ମନେ ପଡୁଛି, ସେଦିନ ଥିଲା ଗଣେଶ ପୂଜା ଓ ସ୍ୱାମୀ ବାଙ୍ଗାଲୋର୍‌ରେ ମୋ ଗୃହକୁ ଆସିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମୁଁ ପରେ ଜାଣିଲି ଯେ ସେ ସେଦିନ ଆହୁରି ଅନେକଙ୍କ ଘରକୁ ଆସିବେ ବୋଲି ପ୍ରତିଶ୍ରୁତି ଦେଇଥା'ନ୍ତି । ଏତେ ଲୋକଙ୍କ ଘରେ ଏକ ସମୟରେ ସେ ଗଣେଶ ପୂଜାରେ କିଭଳି ଉପସ୍ଥିତ ରହିବେ ଭାବି ମୁଁ ମନେ ମନେ ବିସ୍ମିତ ହେଉଥାଏ ! ମୁଁ ହତାଶ ହେଲି । ସେ ଆସିଲେ ନାହିଁ । ଫେର୍ ମୁଁ ଭାବିଲି ଯେ ତାହା ହୁଏତ ସ୍ୱାମୀଙ୍କ ଏକ ଚାଲ ହେଇଥିବ, ସେ ହୁଏତ କାହା ଘରକୁ ଯିବେ ନାହିଁ ବା କେତେକଙ୍କ ଘରକୁ ଯିବେ । ତେବେ ସ୍ୱାମୀ କାହା ଘରକୁ ଯାଉଛନ୍ତି ତାହା ମୁଁ ଜାଣି ନଥାଏ । ମୋଟ୍ ଉପରେ ସ୍ୱାମୀ ମୋ ଘରକୁ ଆସିଲେ ନାହିଁ, ସେ କେବଳ ଜଣଙ୍କ ଘରକୁ ଯାଇଥିଲେ । ସ୍ୱାମୀ ନ ଆସିବା ହେତୁ ହତାଶ ହୋଇଥିବା ଆମେ ସମସ୍ତେ ସ୍ୱାମୀଙ୍କୁ ନିକଟକୁ ଯାଇ କହିଲୁ, "ସ୍ୱାମୀ, ଆପଣ ଆସିବେ କହିଲେ, ଅଥଚ ଆସିଲେ ନାହିଁ ।" ସ୍ୱାମୀ କହିଲେ, "ମୁଁ ଯାହା ଘରକୁ ଯିବି କହିଥିଲି, ସେ ସମସ୍ତଙ୍କ ଘରକୁ ଯାଇଛି । ମୁଁ ଯେ ସେଠାରେ ଥିଲି, ତାହାର ନିଦର୍ଶନ ମଧ୍ୟ ଦେଇଛି । ତୁମ ଘରେ ମୋ ଫଟୋରେ ଦେଇଥିବା ମାଳଟି କ'ଣ ଖସି ନଥିଲା ?" ଆମେ କହିଲୁ, "ହଁ, ସ୍ୱାମୀ ।" ସ୍ୱାମୀ କହିଲେ, "ତାହା କ'ଣ ମୁଁ ଆସିଥିବାର ସୂଚନା ନୁହଁ ?" ସ୍ୱାମୀ ଯେ ବିବିଧ ଉପାୟରେ ଲୋକଙ୍କୁ ତାଙ୍କ ନିକଟକୁ ଆକର୍ଷିତ କରିଥା'ନ୍ତି ଏହା ସେ ନିଜେ ସ୍ୱୀକାର କରନ୍ତି । ସେ କହନ୍ତି, "ମୁଁ ନ ଡାକିବା ଯାଏଁ କେହି ପୁଟପର୍ତ୍ତି ଆସିପାରିବେ ନାହିଁ ।" ସେ ତାଙ୍କର ଦିବ୍ୟସମ୍ଭାଷଣର ଆରମ୍ଭରେ

ଗାନ କରୁଥିବା ଏକ ପଦ୍ୟରେ କହନ୍ତି, "ଆ ନନ୍ଦବାଲୁଡ଼େ ଆନନ୍ଦବାଲୁଡୁଏ" ଅର୍ଥାତ୍ ମୁଁ ସେହି ନନ୍ଦବାଲା ଯିଏ ଆଜି ଆନନ୍ଦଲାଲା ହୋଇ ଆସିଛି । ଆନନ୍ଦ ତାଙ୍କର ସ୍ୱଭାବ । ସେ ଆସିଛନ୍ତି କାହିଁକି ? "ତଚ୍ଚୱାରିନି ଗୁର୍ତିମ୍ପ ମରଲିଓ୍ୱନ" ଅର୍ଥାତ୍ ମୋ ସାଙ୍ଗସାଥୀଙ୍କୁ ଖୋଜି ବାହାର କରିବାକୁ ଆସିଛି । ଶ୍ରୀକୃଷ୍ଣଙ୍କର ଗୋପାଳମାନେ ସାଥୀ ଥିଲେ, ସ୍ୱାମୀଙ୍କ ଖେଳସାଥି ହୁଏତ ଫିଜିରେ ଅଛନ୍ତି, ନତୁବା କାଲିଫୋର୍ଣ୍ଣିଆ, ନ୍ୟୁଜିଲାଣ୍ଡ ବା ଅଷ୍ଟ୍ରେଲିଆରେ ଅଛନ୍ତି ! ସେମାନେ ଯେଉଁଠେ ଥା'ନ୍ତୁ ପଛେ ସେ ତାଙ୍କୁ ଖୋଜି ବାହାର କରିପାରନ୍ତି । ସେ ପୁଣି କହନ୍ତି, "ଆ ରାମଚନ୍ଦ୍ରୁଡ଼େ ଆରାମ ଚନ୍ଦ୍ରୁଡୁଏ" ଅର୍ଥାତ୍ ସେଦିନର ସେହି ରାମଚନ୍ଦ୍ର ଆଜି ଆରାମଚନ୍ଦ୍ର ହୋଇ ଆସିଛନ୍ତି" ସ୍ୱାମୀ ଯାହା କରନ୍ତି ବେଶ୍ ଆରାମରେ କରନ୍ତି, କେବେ ତରବର ହୁଅନ୍ତି ନାହିଁ । ଆମେ ଦର୍ଶନ ଧାଡ଼ିରେ ତାଙ୍କୁ ଅପେକ୍ଷା କରି ବସିଥାଉ, ସେ ଆରାମରେ ମୃଦୁମନ୍ଦ ଗତିରେ ଚାଲି ଚାଲି ଆମ ପାଖକୁ ଆସନ୍ତି । ତେବେ ରାମଚନ୍ଦ୍ର ଆଜି ଆସିଛନ୍ତି କାହିଁକି ? "ତନ ବଣ୍ଟୁଲନୁ ଗୁର୍ତିମ୍ପ ମାରଲି ଓ୍ୱଚ୍ଚେ" ଅର୍ଥାତ୍ ରାମାବତାରରେ ଯେଉଁମାନେ ମୋର ଏତେ ସେବା କରିଥିଲେ ସେହି ସେବକମାନଙ୍କୁ ଖୋଜି ବାହାର କରିବା ପାଇଁ ଆସିଛି । ସେ ସେହି ବାନରଙ୍କୁ ଖୋଜିବାକୁ ଆସିଛନ୍ତି ଓ ଆମେ ସବୁ ସେହି ବାନର ଏଠାରେ ଅଛୁ ।

ତାପରେ ସେ କହନ୍ତି, "ଆ ମହାବିଷ୍ଣୁଓ୍ୱେ ଇ ମହୀବିଷ୍ଣୁଓ୍ୱେ" ଅର୍ଥାତ୍ ସେହି ମହାବିଷ୍ଣୁ ଆଜି ମହୀବିଷ୍ଣୁ ହୋଇ ଆସିଛନ୍ତି । ମହାବିଷ୍ଣୁ ଅର୍ଥ ଯିଏ ସର୍ବତ୍ର ବ୍ୟାପି ରହିଛନ୍ତି । ମହୀ ଅର୍ଥ ପୃଥିବୀ । ତେଣୁ ସର୍ବବ୍ୟାପକ ମହାବିଷ୍ଣୁ ଆଜି ଏହି ମହିମଣ୍ଡଳରେ ସୁନ୍ଦର ସୌମ୍ୟ ସତ୍ୟସାଇ ରୂପରେ ଆବିର୍ଭୂତ ହୋଇଛନ୍ତି । ପୁଣି ସେ କହନ୍ତି, "ତନ ଆୟୁଧମୁଲନୁ ଚେୟିକୋନଗ ଓ୍ୱଚ୍ଚେ" ଅର୍ଥାତ୍ ସେ ତାଙ୍କର ଆୟୁଧସକଳକୁ ସଂଗ୍ରହ କରିବା ପାଇଁ ଆସିଛନ୍ତି । ସେ ତାଙ୍କର ପୂର୍ବ ଅବତାରମାନଙ୍କରେ କୌଣସି ନା କୌଣସି ଅସ୍ତ୍ର ଧାରଣ କରି ଆସିଥିଲେ । ରାମାବତାରରେ ହାତରେ ଥିଲା କୋଦଣ୍ଡ, କୃଷ୍ଣାବତାରରେ ଚକ୍ର, ପର୍ଶୁରାମ ଅବତାରରେ ପର୍ଶୁ । କିନ୍ତୁ ଆଜି ସ୍ୱାମୀଙ୍କ ହସ୍ତରେ ସେଭଳି କିଛି ଅସ୍ତ୍ର ନାହିଁ । ତାଙ୍କ ମୁଖର ମନ୍ଦହାସ ହିଁ ତାଙ୍କର ଆୟୁଧ । ଏହି ଆୟୁଧକୁ ଧାରଣ କରି ସେ ସହସ୍ର ହୃଦୟ ଜୟ କରିଥା'ନ୍ତି । ଏହି ପଦ୍ୟରେ ସ୍ୱାମୀ କହନ୍ତି ଯେ ସେ ଆଜି ଆସିଛନ୍ତି ତାଙ୍କର ପୁରୁଣା ସାଥୀଙ୍କୁ ଖୋଜିବା ପାଇଁ ତାଙ୍କ ଆୟୁଧ ସଂଗ୍ରହ କରିବା ପାଇଁ, ତାଙ୍କ କାର୍ଯ୍ୟରେ ହାତଦେବା ପାଇଁ ସେବକଙ୍କର ସନ୍ଧାନ କରିବା ପାଇଁ । ସେ କିଛି ସାଧନ ଲୋଡ଼ନ୍ତି, କିଛି ଦୂତଙ୍କୁ ଚାହାନ୍ତି । ଯୀଶୁଖ୍ରୀଷ୍ଟ ଥିଲେ ଈଶ୍ୱରଙ୍କ ଦୂତ । ଆମେ ସମସ୍ତେ ଈଶ୍ୱରଙ୍କ ବାର୍ତ୍ତାବହ । ଈଶ୍ୱର ଯେ ଆମ ପ୍ରତ୍ୟେକଙ୍କ ମଧ୍ୟରେ ଅଛନ୍ତି, ସେ ହିଁ ଆମର ସାରସତ୍ତା ଓ ଆମେ କରୁଥିବା ପ୍ରତିଟି କର୍ମ ପଛରେ ତାଙ୍କର ପ୍ରଚ୍ଛନ୍ନ ଇଙ୍ଗିତ ରହିଛି - ଏହା ଆମକୁ ପ୍ରମାଣ କରିବାକୁ ହେବ । ଆମେ ପ୍ରତ୍ୟେକେ ଈଶ୍ୱରଙ୍କ ଏକ ଏକ ବାର୍ତ୍ତାବହ - ଏହା ଆମେମାନେ ଆମମାନଙ୍କର ଭାବ, ବଚନ, କର୍ମ ଓ ବ୍ୟବହାରରେ ପ୍ରତିଫଳିତ କରିବାକୁ ହେବ । ଏହା ଆମ ପ୍ରତ୍ୟେକଙ୍କର ଦାୟିତ୍ୱ ।

ଏଥର ଚାଲନ୍ତୁ ଆମେ ଦେଖିବା ସେ କିମିତି ତାଙ୍କର ଏକ ଭକ୍ତକୁ ବାଛିଥିଲେ । ଏଠାରେ ମୁଁ ସେହି ଭଦ୍ରମହିଳା ମୋତେ ଲେଖିଥିବା ଏକ ଚିଠି ପଢ଼ି ଶୁଣେଇବି । ସେ ଲେଖିଥିଲେ, "ମୁଁ ଯାହା ପାଇବାକୁ ବ୍ୟାକୁଳ ହେଉଥିଲି, ତାହା ସ୍ୱପ୍ନରେ ପାଇବା ଫଳରେ ମନ ଆନନ୍ଦରେ ଥାଏ ।" ତାଙ୍କ ମନରେ ସେହି ଦିବ୍ୟ ଅସନ୍ତୋଷ ଥିଲା । ଜୀବନର ସେହି ମହତ୍ତର ଦିଗ ପ୍ରତି ତାଙ୍କ ମନରେ ଏକ ତୀବ୍ର ପିପାସା ଥାଏ । "ମୁଁ ଚର୍ଚ୍ଚକୁ ଯାଇ ସେଠାରେ ଖ୍ରୀଷ୍ଟଙ୍କ ପାଖରେ ଘଣ୍ଟା ଘଣ୍ଟା, ଦିନ ଦିନ ଧରି ବସି ରହୁଥାଏ । ମୋ ମନରେ ପ୍ରାର୍ଥନା କରିବା ପାଇଁ ଖୁବ୍ ଇଚ୍ଛା ହେଉଥାଏ କିନ୍ତୁ କିମିତି ପ୍ରାର୍ଥନା କରାଯାଏ, ତାହା ମୁଁ ଜାଣି ନଥାଏ । ମୁଁ ମେରୀଙ୍କ ମୂର୍ତ୍ତି ଆଗରେ ବସି ମହମବତୀ ଜାଳି ଘଣ୍ଟା ଘଣ୍ଟା ବସୁଥାଏ । ଦିନେ ମୁଁ ମେରୀଙ୍କୁ ପ୍ରାର୍ଥନା କଲି, "ମୁଁ ଜଣେ ଗୁରୁ, ଜଣେ ଆଧ୍ୟାତ୍ମିକ ମାର୍ଗଦର୍ଶକ ଚାହେଁ । ମୁଁ ମନପ୍ରାଣ ଦେଇ ଆପଣଙ୍କୁ ପ୍ରାର୍ଥନା କରୁଛି । ମୋ ପ୍ରତି ସଦୟ ହୁଅନ୍ତୁ । ମୁଁ ଏକ ଗୁରୁ ଚାହେଁ । କିଭଳି ପ୍ରାର୍ଥନା କରିବାକୁ ହୁଏ, ତାହା ମୁଁ ଏକ ବରେଣ୍ୟ ଋଷିଙ୍କ ମାର୍ଗଦର୍ଶନରେ ଶିକ୍ଷା କରିବା ଚାହେଁ । ତାଙ୍କର ପାଦପଦ୍ମରେ ଆଶ୍ରୟ ନେଇ ମୁଁ ସ୍ୱାଧ୍ୟାୟ କରିବା ଚାହେଁ ।" କାଲିଫର୍ଣ୍ଣିଆର ଅନ୍ଧିସନ୍ଧିରେ ନାନା ରକମର ଗୁରୁ ଦେଖିବାକୁ ମିଳନ୍ତି । ତେଣୁ ସେ ପ୍ରାର୍ଥନା କରୁଥା'ନ୍ତି, "ମୁଁ ଜଣେ ସର୍ବୋତ୍ତମ ଆଧ୍ୟାତ୍ମିକ ଗୁରୁ ଚାହେଁ।" ସେ ମେରୀଙ୍କୁ ପ୍ରାର୍ଥନା କରୁଥାନ୍ତି କିନ୍ତୁ ସ୍ୱାମୀ ତାଙ୍କର ସେହି ପ୍ରାର୍ଥନା ଶୁଣୁଥା'ନ୍ତି । ତାପରେ କ୍ୟଶରନ୍ ରୋବର୍ଟଗ୍ଲେନ୍ ନାମ୍ନୀ ଏହି ଭଦ୍ରମହିଳା ସ୍ୱାମୀଙ୍କୁ ସ୍ୱପ୍ନରେ ଦର୍ଶନ କଲେ । ଏହା ଯୋଗସୂତ୍ର ସ୍ଥାପନ କରିବାର ସ୍ୱାମୀଙ୍କର ଅଦ୍ଭୁତ ପ୍ରକ୍ରିୟା । ତେବେ କେତେକଙ୍କୁ ଆଶୀର୍ବାଦ କରିବା ପାଇଁ ସେ ତାହା ମଧ୍ୟ କରିଥା'ନ୍ତି । କିନ୍ତୁ ଏହି ଭଦ୍ରମହିଳା ସ୍ୱାମୀଙ୍କ ସମ୍ବନ୍ଧରେ କିଛି ଶୁଣି ନଥାନ୍ତି, ତାଙ୍କର ଚିତ୍ର ମଧ୍ୟ ଦେଖି ନଥାନ୍ତି ଅଥଚ ସ୍ୱାମୀ ତାଙ୍କୁ ସ୍ୱପ୍ନରେ ତାଙ୍କର ସ୍ୱାଭାବିକ କମଳାରଙ୍ଗର ଲମ୍ବା ଲାଲ୍ ବସ୍ତ୍ର ପରିହିତ ରୂପରେ ଦର୍ଶନ ଦେଲେ । ଅନେକ ପୁଷ୍ପଗୁଚ୍ଛ ମଧ୍ୟରେ ସ୍ୱାମୀ ଛିଡ଼ା ହୋଇଥା'ନ୍ତି । ସେହି ଦୃଶ୍ୟପଟ ବାସ୍ତବ ଥିଲା, କାରଣ ହ୍ୱାଇଟ୍‌ଫିଲ୍‌ଡ୍‌ରେ ଏକ ଅର୍ଦ୍ଧ ଗୋଲାକାର ମାର୍ଗ ରହିଛି ଓ ସେଠାରେ ଏକ କାଗଜଫୁଲ ଗଛ ଅଛି । ସ୍ୱାମୀ ସେହି ଗଛତଳେ ଛିଡ଼ା ହୋଇଥିବା ଅବସ୍ଥାରେ ପୂର୍ବରୁ ଏକ ଫଟୋ ଉଠାଯାଇଥାଏ ଓ ତାହା ବେଶ୍ ଲୋକପ୍ରିୟ ହୋଇଥାଏ । ତେଣୁ ସ୍ୱପ୍ନରେ ସ୍ୱାମୀ ଉକ୍ତ ଭଦ୍ରମହିଳାଙ୍କୁ ସେହି ଫୁଲଗଛ ପାଖରେ ଡାହାଣକୁ ସାମାନ୍ୟ ଢଳି ମୃଦୁମଧୁର ସ୍ୱରରେ କହୁଥା'ନ୍ତି, "ନ୍ୟୁୟର୍କ ଯାଇ ସେଠାରେ ହିଲ୍‌ଡ଼ା ସଙ୍ଗେ ରୁହ । ଯାହା କିଛି ହଉ, ତାଙ୍କୁ ଛାଡ଼ନା । ମୋତେ ବିଶ୍ୱାସ କର । ସେ ତୁମକୁ ସମ୍ପୂର୍ଣ୍ଣ ଆରୋଗ୍ୟ ପ୍ରଦାନ କରିବେ ।" ଏହା ଥିଲା ସ୍ୱାମୀ ତାଙ୍କୁ ସ୍ୱପ୍ନରେ ଦେଇଥିବା ସନ୍ଦେଶ । ସେ ଲେଖନ୍ତି, "ମୁଁ ଏକ ମହାନନ୍ଦମୟ ସ୍ମୃତିରେ ସ୍ୱପ୍ନରୁ ଜାଗ୍ରତ ହେଲି । ଅବଶ୍ୟ ଏଭଳି ଏକ ସ୍ୱପ୍ନ ଦେଖିବା ପରେ ଜଣେ ଆନନ୍ଦବିଭୋର ହେବା ସ୍ୱାଭାବିକ । ସେ ପୁଣି ଲେଖନ୍ତି, "ମୁଁ ଆଶ୍ଚର୍ଯ୍ୟ ହୋଇ ଭାବୁଥାଏ, "ହିଲ୍‌ଡ଼ା କିଏ ?" ସେ ମୋତେ କେଉଁ ରୋଗରୁ ମୁକ୍ତ

କରିବେ ? ଏ ଲୋକଜଣକ କିଏ ? ନିଶ୍ଚୟ ଜଣେ ସୁନ୍ଦର ବ୍ୟକ୍ତି ହୋଇଥିବେ । ଏହା ଭାବି ମୁଁ ରୋଷେଇଘରର ଆଲମାରି ପାଖକୁ ଗଲି । ଆଲମାରି ଉପରଟା ସାରା ଦେଖିଲି କିଛି ଏକ ବିଚିତ୍ର ପାଉଁଶିଆ ଅଥଚ ହାଲୁକା ଗୁଣ୍ଡ ବିଞ୍ଚି ହୋଇ ରହିଛି । ତାହା ଦେଖି ମୁଁ ମୋ ସ୍ୱାମୀଙ୍କୁ ପଚାରିଲି, "ତୁମେ କ'ଣ ତୁମ ପାଉଁଶ ଦାନିରେ ଥିବା ସିଗାରେଟ୍ ଗୁଣ୍ଡକୁ ଏଇଠେ ବିଞ୍ଚିଛ ?" ସେ ନା କହିଲେ । କି ଅଦ୍ଭୁତ କଥା ! ଏଥର ମୁଁ ସେ ପାଉଁଶକୁ ନେଇ ଶୁଙ୍ଘିଲି । ତାହା କିଛି ଏକ ମୁହଁବୋଳା ପାଉଡ଼ର ଭଳି ବାସୁଥାଏ । ମୁଠାଏ ହେବ ସେହି ଗୁଣ୍ଡ ମୁଁ ହାତରେ ଧରିଲି ।" ସ୍ୱାମୀଙ୍କ କୃପା ଦେଖନ୍ତୁ । ସେ ହାତରେ ମୁଠାଏ ବିଭୂତି ପାଇଲେ ! ଏଠାରେ ଆମେ ଗୋଟିଏ ପୁଡ଼ିଆ ବିଭୂତି ପାଇଁ ଉହଳ ବିକଳ ହେଉଛୁ ! ସେଠାରେ ନ୍ୟୁୟର୍କରେ ଜଣେ ଭଦ୍ରମହିଳା ଯିଏ ନା ତାଙ୍କୁ କେବେ ଦେଖିଛନ୍ତି, ନା ଶୁଣିଛନ୍ତି, ନା ତାଙ୍କୁ ଭକ୍ତି କରିଛନ୍ତି, ତାଙ୍କୁ ସେ ମୁଠାଏ ହେବ ବିଭୂତି ଦେଉଛନ୍ତି ! ସେ ପୁଣି ଲେଖିଥିଲେ, "ମୁଁ ଠଉରେଇ ପାରିଲି ଯେ ଏଇ ପାଉଁଶର ମୁଁ ଦେଖିଥିବା ସ୍ୱପ୍ନ ଓ ସେହି ବ୍ୟକ୍ତି ସହ କିଛି ସମ୍ବନ୍ଧ ରହିଛି, ତେବେ ସେ ସମ୍ବନ୍ଧ ଯେ କ'ଣ ତାହା ଜାଣି ପାରୁ ନଥାଏ । 'ସେ ଯାହାହେଉ, ମୁଁ ଯାକୁ ସାଇତି ରଖେ' ଭାବି ମୁଁ ସେହି ଗୁଣ୍ଡକୁ ଏକ କାଗଜରେ ଗୋଟେଇ ଟେବୁଲ ଡ୍ରଏର୍‌ରେ ରଖିଲି ।" ତାଙ୍କ ମନକୁ ଆହୁରି ସେହି ହିଲ୍‌ଡ଼ା ନାମଟି ଆନ୍ଦୋଳିତ କରୁଥାଏ ଏବଂ ସେ ଯେ କିଏ ତାହା ଜାଣିବାକୁ ସେ ଚେଷ୍ଟା କରୁଥା'ନ୍ତି ।

ସେ ଲେଖନ୍ତି, "କେତେ ମାସ ପରେ ମୁଁ ହିଲ୍‌ଡ଼ାଙ୍କୁ ଏକ ଆନ୍ତର୍ଜାତିକ ବିନିମୟ କାର୍ଯ୍ୟକ୍ରମରେ ଭେଟିବାର ସୁଯୋଗ ପାଇଲି । ସେ ମୋତେ ତାଙ୍କ ଘରକୁ ନିମନ୍ତ୍ରଣ କଲେ । ତାଙ୍କର ଶୟନ କକ୍ଷ ମଧ୍ୟରେ ମୁଁ ସ୍ୱପ୍ନରେ ଦେଖିଥିବା ସେହି ବ୍ୟକ୍ତିଙ୍କର ଏକ ବଡ଼ ଛବି ଥାଏ । ମୁଁ ତାଙ୍କୁ "ଏ କିଏ ?" ପଚାରି ମୁଁ ଦେଖିଥିବା ସ୍ୱପ୍ନ ସମ୍ବନ୍ଧରେ କହିଲି । ସେ କହିଲେ, "ସେ ସାଇବାବା" । ତା'ପରେ ସେ ଧୀର ଗଳାରେ ମୋତେ ପଚାରିଲେ, "ତୁମେ କ'ଣ ସେ ପାଉଁଶ ଆହୁରି ରଖିଛ ?" ମୁଁ ତାଙ୍କୁ ସେ ପାଉଁଶ ଦେଖେଇଲି ଓ ସେ କହିଲେ ଯେ ବାବା ସେହି ପାଉଁଶ ସମସ୍ତଙ୍କୁ ଦେଇଥା'ନ୍ତି । ତା'ପରେ ମୁଁ ହିଲ୍‌ଡ଼ାଙ୍କ ସତ୍‌ସଙ୍ଗରେ ଯୋଗଦେବା ଆରମ୍ଭ କଲି । ଦୁଇବର୍ଷ ପରେ ସ୍ୱାମୀଙ୍କର କେତେକ ଭକ୍ତଙ୍କ ସହ ମୁଁ ଏକ ସାଧନା ଶିବିରକୁ ଯାଇଥାଏ । ସେଠାରେ ଖାଦ୍ୟ ରନ୍ଧନ କରାଯାଉଥିବା ସମୟରେ ମୁଁ ଗୋଟିଏ ଗଛ ତଳେ ବସି ଅସ୍ତଗାମୀ ସୂର୍ଯ୍ୟଙ୍କୁ ଦେଖୁଥିବା ଅବସ୍ଥାରେ ଧ୍ୟାନାବିଷ୍ଟ ହେଲି । ମୁଦ୍ରିତ ଚକ୍ଷୁରେ ମୁଁ ସାଇବାବାଙ୍କୁ ଦର୍ଶନ କରୁଥାଏ । ସେ ମୋତେ କହିଲେ, "ଏ ବର୍ଷ ମେ' ମାସରେ ମୋ ଗ୍ରୀଷ୍ମ ଶିବିରକୁ ଆସ । ତୁମେ ତୁମ ଟିକଟ ଓ ଅର୍ଥ କେଉଁଠୁ ପାଇବ ତାହା ମୁଁ ତୁମକୁ ପରେ କହିବି । ମୋତେ ବିଶ୍ୱାସ କର । ତୁମର ସେ ଯାତ୍ରା ପାଇଁ ପ୍ରସ୍ତୁତ ହେବା ଆରମ୍ଭ କର ।" ସେଦିନ ସେହି ଶିବିରର ମୁଖ୍ୟଙ୍କୁ ମୁଁ ସାଇବାବାଙ୍କୁ ଏଇମାତ୍ର ଦେଖିଲି ବୋଲି କହିଲି । ସେ କହିଲେ, "ମୁଁ

ଜାଣେ, ମୁଁ ଜାଣେ । ଏ ସମଗ୍ର ପରିବେଶରେ ତାଙ୍କର ବେପଥୁ 'ଅନୁଭବ' କରି ହେଉଛି । ଆଜି ସମଗ୍ର ବିଶ୍ୱ ତାଙ୍କୁ ନେଇ ସ୍ପନ୍ଦିତ !"

ହଁ, ଆଜି ସମଗ୍ର ବିଶ୍ୱ ତାଙ୍କୁ ନେଇ ସ୍ପନ୍ଦିତ । ଥରେ ଜଣେ ଭକ୍ତ ସ୍ୱାମୀଙ୍କୁ ଲେଖିଥିଲେ, "ସ୍ୱାମୀ, ଏହି ଗ୍ରାମର ଘରେ ଘରେ ଆପଣଙ୍କର ଚିତ୍ର ରହିଛି, ଘରେ ଘରେ ଆପଣଙ୍କ ଭଜନ ହେଉଛି ।" ସ୍ୱାମୀ ସେହି ଭକ୍ତଙ୍କୁ ଉତ୍ତରରେ ଲେଖିଥିଲେ, "ଇଣ୍ଟି ଇଣ୍ଟି କାଦୁ, ଇଞ୍ଚି ଇଞ୍ଚିନା ଭୂବଲୟମନ୍ତା ସଞ୍ଚରିଞ୍ଚୁନୁ ।" ଅର୍ଥାତ୍ ଘରେ ଘରେ ନୁହଁ, ଏହି ଭୂବଳୟର ପ୍ରତ୍ୟେକ ଇଞ୍ଚ୍ ସ୍ଥାନରେ ମୁଁ ସଞ୍ଚାର କରିଥାଏ । କ୍ୟାରନ୍ ତାଙ୍କ ଶିବିରର ମୁଖ୍ୟଙ୍କୁ କହିଲେ, "ସେ ମୋତେ ତାଙ୍କ ଗ୍ରୀଷ୍ମ ଶିବିରରେ ଯୋଗଦେବାକୁ କହିଛନ୍ତି ! ଆପଣ ଯଦି ହଁ କରନ୍ତି ମୁଁ ପ୍ରାଣଭରି ଯିବାକୁ ଚାହେଁ । ତେବେ ମୋ'ଠାରେ ସେତିକି ଧନ ନାହିଁ ଓ ମୋ ଛୁଆର ଯତ୍ନ ନେବା ପାଇଁ କେହି ନାହିଁ ।" ସେତେବେଳେ ସେ ମହିଳା କହିଲେ, "ସ୍ୱାମୀ ତ ତୁମକୁ କହିଛନ୍ତି, "ମୋ ଉପରେ ଆସ୍ଥା ରଖ ।" କ୍ୟାରନ୍, ତୁମେ ଅନ୍ତତଃ ଥରେ ତାଙ୍କୁ ଦେଖିବା ଦରକାର । ପ୍ରତ୍ୟେକେ ଦେଖିବା ଦରକାର । ସେ ଅତ୍ୟନ୍ତ ପ୍ରଭାବଶାଳୀ । ସେ ସ୍ୱୟଂ ଭଗବାନ ।" ସେ କହିଲେ, "କ୍ୟାରନ୍, ମୁଁ ତୁମକୁ ବିମାନବନ୍ଦରକୁ ଯିବା ରାସ୍ତା ଦେଖେଇଦେବି ।" ତେବେ ମୁଁ ବିନା ଟିକଟ୍‌ରେ ବିମାନ ବନ୍ଦରକୁ ଯାଇ କ'ଣ କରିବି ? ମୁଁ ଗ୍ରୀଷ୍ମ ଶିବିରକୁ ଆସିବା ସେ କାହିଁକି ଚାହୁଁଛନ୍ତି ? ମୁଁ କିମିତି ଭାବୁଛି ଯେ ସେ ହିଁ ମୋତେ ଦେଖାଦେଉଛନ୍ତି । ହୁଏତ ତାଙ୍କୁ ବିଶ୍ୱାସ କରିବା ଭଳି ଭକ୍ତି ମୋ' ମଧ୍ୟରେ ନାହିଁ । ସେ ବର୍ଷ ମୁଁ ଗ୍ରୀଷ୍ମ ଶିବିରରେ ଯୋଗ ଦେଇ ପାରିଲି ନାହିଁ । ମେ ୧୯୭୮ରେ ମୁଁ ପୁଣିଥରେ ସାଇବାବାଙ୍କୁ ସ୍ୱପ୍ନରେ ଦେଖିଲି । ଏଥର ମଧ୍ୟ ସେ ପୂର୍ବଭଳି ଗଦା ଗଦା ଫୁଲ ମଝିରେ ଛିଡ଼ା ହୋଇ ଗ୍ରୀଷ୍ମ ଶିବିରକୁ ଆସିବାକୁ କହୁଥା'ନ୍ତି । ଏଥର କିନ୍ତୁ ସେ ଗୋଟିଏ ଅଧିକା କଥା କହିଥା'ନ୍ତି । "ତୁମେ ଓ ମାଇକେଲ୍, ଦୁହେଁ ଆସିବ ।" ମୁଁ ମାଇକେଲ୍‌ଙ୍କୁ କହିଲି ଯେ ମୁଁ ପୁଣିଥରେ ସାଇବାବାଙ୍କୁ ସ୍ୱପ୍ନରେ ଦେଖିଛି ଓ ସେ ଆମ ଦୁହିଁଙ୍କୁ ଭାରତ ଯାଇ ଗ୍ରୀଷ୍ମ ଶିବିରରେ ଯୋଗ ଦେବାକୁ କହୁଛନ୍ତି । ମାଇକେଲ୍ କହିଲେ, "କାହିଁକି ? କାହିଁକି ? ତାଙ୍କୁ କହ ଯେ ଆମେ ଯିବାକୁ ଚାହୁଁ । ସେ ଆମକୁ କିଛି ହଜାର ଡଲାର ଦିଅନ୍ତୁ ଓ ଆମ ଛୁଆର ଯତ୍ନ କିଏ ନେବ ତାହା ଠିକ୍ କରି ଦିଅନ୍ତୁ ।" ମୁଁ କହିଲି, "ମାଇକେଲ୍, ମୁଁ ସତରେ କହୁଛି । ମୁଁ ତାଙ୍କୁ ଦୁଇଥର ସ୍ୱପ୍ନରେ ଦେଖିଛି । ଏହା ତୁମକୁ ଅସ୍ୱାଭାବିକ ଲାଗୁନି ?" ସେ କହିଲେ, "ମୁଁ ସେସବୁ ଜାଣିନି । ମୋର ସେମିତି ସ୍ୱପ୍ନ ଆସେନି । ଖାଲି ତୁମେ ଏମିତି ସବୁ ସ୍ୱପ୍ନ ଦେଖିଥାଅ ।" ମୁଁ କହିଲି, "ନା ମାଇକେଲ୍, ସେ ଯଦି କହୁଛନ୍ତି, ଆମକୁ ଯିବା ଦରକାର ।" ସେ କହିଲେ, "ତେବେ ପଇସା ? ଯିବା ପାଇଁ ପଇସା କେଉଠୁ ଆସିବ ?" ମୁଁ କହିଲି, "ମୁଁ ତାହା ଜାଣିନି ।" ସେ ପଚାରିଲେ, "ଗ୍ରୀଷ୍ମ ଶିବିର କେବେ ?" ମୁଁ କହିଲି, "ମେ'ରେ" । ସେ କହିଲେ, "ତେବେ ଠିକ୍ ଅଛି । ତୁମେ ପଇସା ଯୋଗାଡ଼

କର, ଟିକଟ୍‌ର ବ୍ୟବସ୍ଥା କର, ଛୁଆର ଯତ୍ନ କିଏ ନେବ ତାହା ମଧ୍ୟ ଦେଖ । ଆମେ ଯିବା । ଆଉ ଏ ବିଷୟରେ କିଛି କୁହ ନାହିଁ, ମୋତେ ଟି.ଭି. ଦେଖିବାକୁ ଦିଅ ।" ସେ ଏ ବ୍ୟାପାର ନେଇ ପୂରା ବିରକ୍ତ ହୋଇ ଯାଇଥା'ନ୍ତି । ପୁଣି ସେହି ସ୍ୱପ୍ନ ! ଫେର୍ ସେ କହୁଛନ୍ତି, "ତୁମକୁ ଆସିବାକୁ ହେବ ।" ସାଇବାବା କହୁଥା'ନ୍ତି, "ତୁମକୁ ସଙ୍ଗେ ସଙ୍ଗେ ଯୋଗାଡ଼ଯନ୍ତ୍ର କରିବାକୁ ହେବ । ପାସ୍‌ପୋର୍ଟ ତୟାରି କରିବାକୁ ହେବ । ପ୍ରତିଷେଧକ ଟୀକା ନେବା ପରେ ତୁମ ଦେହ ଖରାପ ହୋଇପାରେ । ତେଣୁ ସଙ୍ଗେ ସଙ୍ଗେ ଲାଗିପଡ଼ । ମୁଁ ତୁମକୁ ଗ୍ରୀଷ୍ମ ଶିବିରରେ ଦେଖିବା ଚାହେଁ ।" ମେ ୧୯୭୮ରେ ମୁଁ ସାଇବାବାଙ୍କୁ ଚତୁର୍ଥ ଥର ସ୍ୱପ୍ନରେ ଦେଖିଲି । ତାଙ୍କ ମୁଖରେ ସେତେଟା ମନ୍ଦହାସ ନଥାଏ । ସେ ମୋ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି କହୁଥା'ନ୍ତି, "କାଲି ସକାଳେ ନିଦରୁ ଉଠି, ସ୍ନାନ ସାରି, ପୋଷାକ ପିନ୍ଧି, ମୁଁ ଯେମିତି କହୁଛି ଠିକ୍ ସେମିତି କରିବ । ବର୍ତ୍ତମାନଠୁ ତୁମକୁ ଧାଁ ଧପଡ଼ କରି ବ୍ୟସ୍ତ ରହିବାକୁ ପଡ଼ିବ । ତୁମେ ଏତେ ହଇରାଣ ହରକତ ଭିତରକୁ ନଯାଅ ଭାବି ମୁଁ ବହୁତ ଚେଷ୍ଟା କଲି, କିନ୍ତୁ ତୁମେ ମୋ କଥା ଶୁଣିଲ ନାହିଁ । କାଲି ସକାଳ ୯ଟାରେ ଯାଇ ପ୍ରତିଷେଧକ ଟୀକା ନିଅ, ତା'ପରେ ପାସ୍‌ପୋର୍ଟ ଭିସା.... ଶୀଘ୍ର ଏସବୁ କର ! ମୁଁ ତୁମ ପାଖରେ ଥାଇ କେବେ କ'ଣ କରିବାକୁ ହେବ ଘଡ଼ି ଘଡ଼ିକେ କହୁଥିବି । ତୁମେ ମୋ କଣ୍ଠସ୍ୱର ଶୁଣି ପାରିବ । ତାହା ଶୁଣି ଭୟ ପାଅ ନାହିଁ । କେବଳ ମୋ କଥା ମାନି ମୁଁ ଯାହା କହୁଛି ତାହା କର । ଅଯଥା ବ୍ୟସ୍ତ ହୁଅ ନାହିଁ, ମୋ ଉପରେ ଆସ୍ଥା ରଖ ।" ମୁଁ ଏକ ଟ୍ୟାକ୍ସିରେ ମିଡ୍‌ଟାଉନ୍‌କୁ ଗଲି ଓ ସେଠାରେ, ଟୀକା, ଫଟୋ, ପାସପୋର୍ଟ, ଭିସା ଆଦିର ଯୋଗାଡ଼ରେ ଲାଗିଗଲି । ହଇଜା ପ୍ରତିଷେଧକ ଟୀକା ନେବା ପରେ ଦୁଇଥର ବାନ୍ତି କଲି ଓ ଶରୀରର ତାପମାତ୍ରା ଯଥେଷ୍ଟ ବଢ଼ିଗଲା । ମୁଁ ଘଣ୍ଟାଏ ହେବ ଶୋଇ ପଡ଼ିଲି । ତା'ପରେ ସାଇବାବାଙ୍କ କଣ୍ଠସ୍ୱର ଶୁଣି ପାରିଲି, "ଏଥର ଉଠ, ବ୍ରଡ଼ୱେ ଯାଅ ।" ମୁଁ ଉଠି ବ୍ରଡ଼ୱେ ଯାଏଁ ଚାଲି ଚାଲି ଗଲି । ତା'ପରେ ମୋ' କାନକୁ ଶୁଭିଲା, "୭୯ତମ ଗଳିକୁ ଏକ ବସ୍ ଧର ।" ସେ କହିବା ଅନୁସାରେ ମୁଁ ବସ ଧରିଲି । ଏଥର ସେ କହିଲେ, "ବ୍ରଡ଼ୱେ ତଳ ଦେଇ ଚାଲି ଚାଲି ଯାଅ ।" ମୁଁ ଚାଲିଲି ଏବଂ ଜୋକିଙ୍ଗ୍ ନାମକ ଜଣେ ବ୍ୟକ୍ତିଙ୍କୁ ଭେଟିଲି । ସ୍ୱାମୀ କିନ୍ତୁ 'ଜୋକ୍' କରୁନଥାନ୍ତି । ଜୋକିଙ୍ଗ୍ ଜଣେ ସାଇଭକ୍ତ ଥିଲେ ଏବଂ ତାଙ୍କୁ ଗତ ଦୁଇବର୍ଷ ମଧ୍ୟରେ ମୁଁ କେବେ ଭେଟି ନଥାଏ । ଆମେ ପରସ୍ପରକୁ ଚିହ୍ନି ପାରିଲୁ । ମୁଁ ତାଙ୍କୁ କହିଲି, "ଜୋ, ତୁମେ ହୁଏତ ବିଶ୍ୱାସ କରିବନି । ମୁଁ ଯା' ମଧ୍ୟରେ ସାଇବାବାଙ୍କୁ ଚାରିଥର ସ୍ୱପ୍ନରେ ଦେଖିଛି ଓ ପ୍ରତ୍ୟେକ ଥର ସେ ମୋତେ ଗ୍ରୀଷ୍ମ ଶିବିରରେ ଯୋଗ ଦେବାକୁ କହୁଛନ୍ତି । ଶେଷ ସ୍ୱପ୍ନ ମୁଁ ଗତକାଲି ରାତିରେ ଦେଖିଛି । ତାପରେ ଆସି ଟୀକା ନେଲି, ଫଟୋ ଉଠେଇଲି । ଗ୍ରୀଷ୍ମ ଶିବିର ତ ଅଗଷ୍ଟରେ ହେବ । ଏବେଠୁ ମୁଁ କାହିଁକି ତରବର ହେଉଛି, ତାହା ମୁଁ ନିଜେ ଜାଣେନା । ଜୋ କହିଲେ, "ଗ୍ରୀଷ୍ମ ଶିବିର ଅଗଷ୍ଟରେ ବୋଲି କିଏ ତୁମକୁ

କହିଲା ? ଆଉ ଅଳ୍ପଦିନ ମଧ୍ୟରେ ହେବ, ତେଣୁ ସ୍ୱାମୀ ତୁମକୁ ତରବର କରୁଛନ୍ତି ! ମୋ ଝିଅ ନ୍ୟୁୟର୍କରୁ ଗ୍ରୀଷ୍ମ ଶିବିରକୁ ଯିବାର ଥିଲା, କିନ୍ତୁ ଗତକାଲି ସେ ଜାଣିପାରିଲା ଯେ ସେ ଯିବା ସମ୍ଭବ ନୁହଁ । ତା' ବଦଳରେ ତୁମେ ଯାଇପାର । ଆହୁରି ସପ୍ତାହେ ସମୟ ଅଛି । ବିମାନ ଯିବାକୁ ସପ୍ତାହେ ଲାଗିବ ।" ମୁଁ କହିଲି, "ନା, ସପ୍ତାହେ ମଧ୍ୟରେ ପ୍ରସ୍ତୁତ ହେବା, ମୋ' ପକ୍ଷରେ ସମ୍ଭବ ନୁହଁ ।" ଜୋ କହିଲେ, "ତୁମେ ପାରିବ, ସ୍ୱାମୀ ଚାହିଁଲେ ସବୁ ସମ୍ଭବ ।" ମୁଁ କହିଲି, "ପଇସା କଥା କ'ଣ ? ଏତେ ଶୀଘ୍ର ପଇସା ଯୋଗାଡ଼ କରିବି କେଉଠୁ ?" ସେ କହିଲେ, "ଧାର ନିଅ, ଖୁବ୍ ସହଜ ।" "କିଏ ଧାର ଦେବ ?" ସେ କହିଲେ, "ବ୍ୟାଙ୍କରୁ ଋଣ ନିଅ । ତୁମେ ଶିକ୍ଷୟିତ୍ରୀ । ସହଜରେ ଦରମାରୁ ତାହା ଶୁଝି ପାରିବ । ତେଣୁ ବ୍ୟସ୍ତ ହେବାର କିଛି ନାହିଁ । କାଲି ସକାଳେ ପ୍ରଥମେ ବ୍ୟାଙ୍କକୁ ଯାଅ ।" ତାପରେ ସେ ମୋତେ ବୁଝେଇ କହିଲେ, "ତୁମେ ପୂର୍ବେ ହାର୍‌ଲେରେ ଏକ ବିଦ୍ୟାଳୟରେ ଶିକ୍ଷୟିତ୍ରୀଭାବେ କାର୍ଯ୍ୟ କରୁଥିଲ ନା ? ସେମାନେ ଗରିବ ଲୋକଙ୍କ ବସ୍ତିରେ ଶିକ୍ଷା ଦେବା ପାଇଁ କେତେକ ଭଲ ଶିକ୍ଷକ ଚାହାଁନ୍ତି । ତୁମେ ସଙ୍ଗେ ସଙ୍ଗେ ସେଠାକୁ ଯାଅ । ଆଜି ରାତିରେ ମୋତେ ଫୋନ୍ କର ।" ତା'ପରେ ସେ ନିଜେ ଏକ ଟ୍ୟାକ୍ସି ଡାକିଲେ । ମୁଁ ଟ୍ୟାକ୍ସିରେ ବସି ଡ୍ରାଇଭରକୁ କହିଲି, "ହାର୍‌ଲେର ବେଞ୍ଜାମିନ୍ ଫ୍ରାଙ୍କଲିନ୍ ହାଇସ୍କୁଲ୍‌କୁ ଚାଲ ।" ମୁଣ୍ଡବ୍ୟଥା ଯୋଗୁଁ ମୁଁ ଟ୍ୟାକ୍ସିରେ ଢଳି ପଡ଼ିଥାଏ । ସେତେବେଳେ ପୁଣି ସାଇବାବାଙ୍କର କଣ୍ଠସ୍ୱର ଶୁଭିଲା, "ଏକ ଦୁଃସାଧ ବିଦ୍ୟାଳୟରେ ଆମକୁ ସୁଯୋଗ୍ୟ ଶିକ୍ଷକ ଦରକାର । ପିଲାମାନେ ସବୁ ଗରିବ । ତୁମେ ଯେଉଁଠାକୁ ଯାଉଛ, ସେଠାରେ କାମ ସେତେ ସହଜ ନୁହଁ । ଭାରି କଷ୍ଟ ହେବ । ତେବେ ତୁମେ ଏକା ନୁହଁ । ମୁଁ ତୁମ ସଙ୍ଗେ ରହିବି । ତୁମର କିଛି ଅନିଷ୍ଟ ହେବ ନାହିଁ । ମୁଁ ତୁମକୁ ଶାନ୍ତି ଦେବି, ପ୍ରେମ ଦେବି !" ମୁଁ ସ୍କୁଲ ମଧ୍ୟକୁ ପ୍ରବେଶ କରି ଉପାଧ୍ୟକ୍ଷଙ୍କୁ ସାକ୍ଷାତ୍ କଲି । ସେ କହିଲେ, "ହଁ, ଆଗାମୀ ଶରତ୍ ଋତୁରେ ଆମେ ଆପଣଙ୍କୁ ନେଇ ପାରୁ ।" ତା'ପର ଦିନ ମୁଁ ବ୍ୟାଙ୍କକୁ ଗଲି ଓ ଋଣ ନେବା ପାଇଁ ଦରଖାସ୍ତ ଭରିଲି । ବ୍ୟାଙ୍କ ମ୍ୟାନେଜର ମୋର ପୁରୁଣା ପରିଚୟପତ୍ର ଦେଖି କହିଲେ "ଆପଣଙ୍କ ଋଣ ମଞ୍ଜୁର ହେଲା, କାଲି ଦିନ ଦୁଇଟାରେ ଆସନ୍ତୁ । ଟଙ୍କା ଚେକ୍‌ରେ ନେବେ ନା ଡଲାର୍‌ରେ ନେବେ ?" ସ୍ୱାମୀ ଚାହିଁଲେ ସବୁ ସମ୍ଭବ !

ତା'ପରେ ତାଙ୍କ ସମସ୍ୟା ଥିଲା ଡେଭିଡ୍ । ସେ ପିଲାଟିକୁ ନେଇ କ'ଣ କରିବେ ? ସେ ଚାହୁଁଥାନ୍ତି ଯେ କେହି ଜଣେ ତାଙ୍କ ଛୁଆର ଯତ୍ନ ନିଅନ୍ତୁ । ସେଦିନ ରାତିରେ ଟାଇପିଷ୍ଟଭାବେ କାମ କରୁଥିବା ତାଙ୍କର ବାନ୍ଧବୀ ଆନି ସହ ସେ ରାତ୍ରିଭୋଜନ କରୁଥା'ନ୍ତି । କଥା ପ୍ରସଙ୍ଗରେ ସେ ତାଙ୍କୁ କହିଲେ, "ଆନି, ତୁମେ ହୁଏତ ବିଶ୍ୱାସ କରିବନି, କିନ୍ତୁ ମୁଁ ଆଉଥରେ ସାଇବାବାଙ୍କୁ ସ୍ୱପ୍ନରେ ଦେଖିଲି । ମୁଁ ଜାଣେ, ତୁମେ ଏହା ମୋର ପାଗଳାମି କହିବ । ସାଇବାବା ଚାହାଁନ୍ତି ଯେ ମୁଁ ତାଙ୍କ ଗ୍ରୀଷ୍ମ ଶିବିରରେ ଯୋଗ ଦିଏ । ତୁମେ ଦୁଇମାସ

ପାଇଁ ଡେଭିଡ୍‌ର ଯତ୍ନ ନେଇ ପାରିବ କି ?" ଆନି କହିଲେ, "କ'ଣ କହୁଛ ? ନିଶ୍ଚୟ ପାରିବି । ଏମିତି କିଛି ବେଶୀ ଦିନ ନୁହଁ । ତୁମେ ନିଶ୍ଚିନ୍ତରେ ଯିବାର ଯୋଗାଡ଼ କର । କେବେ ଯିବ ?" ମୁଁ କହିଲି, "ସପ୍ତାହେ ମଧ୍ୟରେ ।" ସେ କହିଲେ, "ଶୀଘ୍ର ପ୍ରସ୍ତୁତ ହୁଅ ।" ସ୍ୱାମୀ ଚାହିଁଲେ ସବୁ ସମ୍ଭବ !

"ନ୍ୟୁୟର୍କରେ ଭିସା ନେଉଥିବା ସମୟରେ ସେଠାକାର କିରାଣୀ ମୋତେ ପଚାରିଲା, "ବାଙ୍ଗାଲୋର୍‌ରେ କେଉଁଠେ, କାହା ସଙ୍ଗେ ଆପଣ ରହିବେ ?" ହଠାତ୍ ମୋର ଏକ ନାମ ମନେ ପଡ଼ିଲା, "ଶ୍ରୀ ଓ ଶ୍ରୀମତୀ ରାଓ" । ସେ ପଚାରିଲା, "ଠିକଣା ?" ମୁଁ କହିଲି, "ମେନ୍ ରୋଡ୍, ବାଙ୍ଗାଲୋର ।" ସେ ତାହା ମୋ ଦରଖାସ୍ତରେ ଲେଖି ଦେଲା । ମୁଁ ଆସି ବମ୍ବେରେ ପହଞ୍ଚିଲି । ବମ୍ବେ ବିମାନ ବନ୍ଦରରେ ବାଙ୍ଗାଲୋରକୁ ଯାଉଥିବା ଇଣ୍ଡିଆନ ଏୟାରଲାଇନ୍‌ସର ବିମାନ ପାଇଁ ଅପେକ୍ଷା କରି ମୁଁ ଏକା ବସିଥାଏ । ଏକ ଭାରତୀୟ ପରିବାର ଆସି ମୋ ପାଖରେ ବସିଲେ ଏବଂ ମୋ ସହ କଥାବାର୍ତ୍ତା ଆରମ୍ଭ କଲେ । ସେମାନେ ମୋତେ ମୁଁ କିଏ ଓ କେଉଁଠୁ ଆସିଛି ପଚାରୁଥା'ନ୍ତି । ସେହି ଭଦ୍ରବ୍ୟକ୍ତି ମୋତେ ବାଙ୍ଗାଲୋର୍‌ରେ ତାଙ୍କ ଘରେ ରହିବାକୁ ନିମନ୍ତ୍ରଣ କଲେ । ମୁଁ ଆଶ୍ଚର୍ଯ୍ୟ ହେଲି । ଭିସାର ଦରଖାସ୍ତରେ ମୁଁ ଯେଉଁ ନାମ ଓ ଠିକଣା ଦେଇଥିଲି, ଉକ୍ତ ଭଦ୍ରବ୍ୟକ୍ତିଙ୍କ ନାମ ଓ ଠିକଣା ଅବିକଳ ତାହା ।"

ଶେଷରେ ସେ ଆସି ଗ୍ରୀଷ୍ମ ଶିବିରରେ ପହଞ୍ଚିଲେ । ଗ୍ରୀଷ୍ମ ଶିବିର ତାଙ୍କୁ ଭଲ ଲାଗିଲା ନାହିଁ । ସେ ଭାରତକୁ ଘୃଣା କରୁଥା'ନ୍ତି । ଏହି ଦେଶର ମଶାମାଛି, ଅତ୍ୟଧିକ ତାପମାତ୍ରା ଓ ଗ୍ରୀଷ୍ମ ଶିବିରରେ ଯୋଗ ଦେଇଥିବା ଲୋକମାନଙ୍କର ଛୋଟ ଛୋଟ ବିଷୟକୁ ନେଇ ଅସରନ୍ତି ଗପସପ ତାଙ୍କୁ ଭଲ ଲାଗୁ ନଥାଏ । ସେ କହନ୍ତି, "ମହିଳା ସେବାଦଳର କର୍ମୀମାନେ ମୋତେ ଯେମିତି ଏଠୁ ସେଠିକି, ସେଠୁ ଏଠିକି କରୁଥା'ନ୍ତି, ସେଥିରେ ମୁଁ ବିରକ୍ତ ହୋଇଯାଇଥାଏ । ଆଶ୍ରମର ତଥାକଥିତ ଶିକ୍ଷିତ ଅମଲାତନ୍ତ୍ରର ଅତ୍ୟାଚାରରେ ମୁଁ ଅତିଷ୍ଠ ହୋଇ ଉଠୁଥାଏ ! ମୁଁ ଭାବୁଥାଏ, "ତେବେ ଗ୍ରୀଷ୍ମ ଶିବିର ମାନେ କ'ଣ ଏଇଆ ?" ଏଥିରୁ ଆମେ ଜାଣିପାରୁଛେ ଯେ କୌଣସି ଏକ ବିଷୟକୁ ଗୋଟିଏ ଦୃଷ୍ଟିଭଙ୍ଗୀରେ ଦେଖିଲେ ସବୁକିଛି ଅପ୍ରୀତିକର ମନେ ହୁଏ, ଅନ୍ୟ ଏକ ଦୃଷ୍ଟିଭଙ୍ଗୀରେ ଦେଖିଲେ ସବୁକିଛି ସୁନ୍ଦର ଦିଶେ । ଶେଷରେ ସେ ଠିକ୍ କଲେ ଯେ ସେ ଫେରିଯିବେ । ସେ କହନ୍ତି, "ମୁଁ ଭାବୁଥିଲି ଯେ ମୁଁ ଆସିଲି କାହିଁକି ? ମୁଁ ଦେଖିଥିବା ସ୍ୱପ୍ନକୁ ସତ ବୋଲି ଭାବିଲି କାହିଁକି ? ମୁଁ କେଡ଼େ ବୋକା ! ଏଠେ ଦେଖୁଛି, ସବୁ କିଛି ଗୋଳମାଳିଆ ! ତେଣୁ ମୁଁ ମୋର ସମସ୍ତ ଜିନିଷ ସଜାଡ଼ି କହିଲି, "ଗୁଡ୍ ବାଏ ।" ତା'ପରେ ମୁଁ ସିଧା ହ୍ୱାଇଟ୍‌ଫିଲ୍ଡ଼ ଆଶ୍ରମର ଗେଟ୍‌ଯାଏଁ ଯାଇ ଏକ ଟ୍ୟାକ୍ସି ଖୋଜୁଥାଏ । ଠିକ୍ ସେହି ସମୟରେ ଡାହାଣ ଦିଗରୁ ସାଇବାବା ଆସିଲେ । ସେ ମୁଣ୍ଡ ହଲେଇ ମୋ ନିଷ୍ପତ୍ତିକୁ 'ନା' କହୁଥାନ୍ତି ଏବଂ ଅଙ୍ଗୁଳି ନିର୍ଦ୍ଦେଶ କରି

ମୋତେ ଛାତ୍ରାବାସକୁ ଫେରି ଯିବାକୁ କହୁଥା'ନ୍ତି । ମୁଁ ଫେରି ଯିବାଯାଏ ସେ ସେମିତି ଛିଡ଼ା ହୋଇଥା'ନ୍ତି ।" ସେ ପୂର୍ବେ ରହୁଥିବା ଛାତ୍ରାବାସ ଭବନକୁ ଫେରି ଆସିଲେ । ସନ୍ଧ୍ୟାରେ ଦର୍ଶନ ଧାଡ଼ିରେ ବସିଥିବା ସମୟରେ ସ୍ୱାମୀ ତାଙ୍କ ନିକଟକୁ ଆସି କହିଲେ, "ତୁମକୁ କେଉଁଠିକି ଯିବାକୁ ହେବ ନାହିଁ । ଶାନ୍ତି ତୁମ ଭିତରେ ଅଛି, ମୁଁ ସବୁବେଳେ ତୁମ ସଙ୍ଗେ ରହିଛି ।" ପରେ ସେ ସ୍ୱାମୀଙ୍କ ସହ ଇଣ୍ଟରଭ୍ୟୁର ସୁଯୋଗ ପାଇଲେ ଓ ତାଙ୍କ ଅନ୍ତର ସ୍ୱାମୀଙ୍କ ପ୍ରତି ଭକ୍ତିରେ ଉଦ୍‌ବେଳିତ ହେଲା । ଏସବୁ ହେବା ପରେ ସ୍ୱାମୀ ତାଙ୍କୁ କହିଲେ, "ଏଥର ତୁମେ ଯାଇ ପାର ।" ସେ ଆମେରିକା ଫେରି ନିଜ ଜାଗାରେ ଠିକ୍ ସମୟରେ ପହଞ୍ଚିଲେ । ସେତେବେଳକୁ ତାଙ୍କର ଜଣେ ସନ୍ନ୍ୟାସିନୀ ବାନ୍ଧବୀ ମୃତ୍ୟୁଶଯ୍ୟାରେ ଥା'ନ୍ତି । ସେ ତାଙ୍କୁ ବିଭୂତି ଦେଲେ ଓ ସେ ଶାନ୍ତିରେ ପ୍ରାଣତ୍ୟାଗ କଲେ ।

ଦେଖନ୍ତୁ, କେହି ଜଣେ ଚିତ୍କାର କରୁଛନ୍ତି, "ଭଗବାନଙ୍କୁ କିପରି ପ୍ରାର୍ଥନା କରିବାକୁ ହୁଏ, ତାହା ଶିଖେଇବା ଭଳି ମୋର ଜଣେ ଗୁରୁ ଦରକାର । ସେ ପୃଥିବୀର ସର୍ବଶ୍ରେଷ୍ଠ ଗୁରୁ ହୋଇଥିବେ" ଏବଂ ତାର ଉତ୍ତର ମିଳୁଛି ଏକ ସ୍ୱପ୍ନରେ ! ସେତିକିରେ ତାଙ୍କର ସମସ୍ୟାର ସମାଧାନ ହୋଇଯାଉଛି । ସତରେ, ସ୍ୱାମୀ ଚାହିଁଲେ ସବୁ ସମ୍ଭବ !

୧୫

ଆମଠାରେ ପକ୍ଷୀ, ତାଙ୍କଠାରେ ପକ୍ଷ

ଅନ୍ୟ ଏକ ଗ୍ରହରୁ ଯଦି କେହି ଆସି ଆମକୁ ଲକ୍ଷ୍ୟ କରେ ତେବେ ସେ ଆମକୁ ଦେଖି ଆଶ୍ଚର୍ଯ୍ୟ ହେବ । ସେ ହୁଏତ ଭାବିବ, "ଯେ କ'ଣ ? ଅନେକ ଲୋକ ଆସି ନୀରବରେ କିଛି ସମୟ ବସୁଛନ୍ତି ଏବଂ ତା'ପରେ "ଓଁ" କହିବା ଆରମ୍ଭ କରୁଛନ୍ତି । ସେମାନଙ୍କର ଏହି ଓଁ ନିନାଦ ଏକ ଯୁଦ୍ଧର ନିର୍ଘୋଷ ଭଳି ଶୁଭୁଛି । ଏହା କରି ସେମାନଙ୍କର କି ଲାଭ ହେଉଛି ?" ତାର ଏହି ସନ୍ଦେହ ଦୂର କରିବାକୁ ଯାଇ ଆମକୁ କହିବାକୁ ହେବ ଯେ ଏହା ବେଶ୍ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ଆମେ "ଓଁ"ର ନିନାଦ ତୋଳିବା ବେଳେ ଆମ ସ୍ୱର କେବେ ଉର୍ଦ୍ଧ୍ୱକୁ ଯାଉଛି, କେବେ ନିମ୍ନକୁ ଯାଉଛି, କେବେ ଘୂର୍ଣ୍ଣାୟିତ ହେଉଛି ଏବଂ ଏସବୁ ମଧ୍ୟରେ ଆମ ଭିତରେ ଏକ ସ୍ପନ୍ଦନ ସୃଷ୍ଟି ହେଉଛି । ଆମର ଏହା ବିଶ୍ୱାସ ଯେ ଏହି ସ୍ପନ୍ଦନ ଆମ ମନରେ ସମସ୍ତ ଆନ୍ଦୋଳନକୁ ଶାନ୍ତ ଓ ପ୍ରଶମିତ କରିବ । ମଣିଷ ନିତ୍ୟ ପରିବର୍ତ୍ତନଶୀଳ ଓ ନିତ୍ୟ ଚଳନଶୀଳ । ତେଣୁ କିଛି ଏକ ଶୃଙ୍ଖଳା ମଧ୍ୟ ଦେଇ ତାକୁ ଗତି କରିବାକୁ ହେବ ଯାହା ତାକୁ କ୍ରିୟାଶୀଳ ଓ ଚିନ୍ତାଶୀଳ କରିବ ଓ ଏହି ଶୃଙ୍ଖଳା ପୁନଃ ପୁନଃ ଆବର୍ତ୍ତିତ ହେବ । ଏକ ନଦୀ ଭଳି, ବର୍ଷାଜଳ ଭଳି ଆମେ ଆମ ଉତ୍ସକୁ ଫେରିଯିବାକୁ ପ୍ରୟାସ କରିଥାଉ । ଉତ୍ସକୁ ନଫେରିବା ଯାଏ ଆମର ସୁଖ ପ୍ରାପ୍ତି ସମ୍ଭବ ନୁହଁ, କାରଣ ଆମର ସମସ୍ତ ଯାତ୍ରାର ଉଦ୍ଦେଶ୍ୟ ହିଁ ଆମର ସେହି ଉତ୍ସର ସୌନ୍ଦର୍ଯ୍ୟକୁ ଅବଗାହନ କରିବା । ଆମେ ବହୁ ଯାଗା ଘୂରିବୁଲୁ କିନ୍ତୁ ଶେଷରେ ଆମ ନିଜ ଯାଗା ହିଁ ସବୁଠୁ ଭଲ ମନେ କରି ଆମ ଯାଗାକୁ ଫେରି ଆସୁ । ଏହି ସଂସାରର ମୂଲ୍ୟ ଜାଣିବାକୁ ହେଲେ ଆମକୁ ବାହାରକୁ ଯାଇ ପୁଣି ଭିତରକୁ ଫେରି ଆସିବାକୁ ହେବ । ପର୍ଯ୍ୟଟକମାନେ ଦୁନିଆ ସାରା ଘୂରି ବୁଲନ୍ତି ଏବଂ ଶେଷରେ ଅନୁଭବ କରନ୍ତି ଯେ ଦୁନିଆଟାଯାକ ବୁଲି ଏତେ ଅର୍ଥ ବ୍ୟୟ କରିବା ଓ ଏଣୁତେଣୁ ଅନେକ ଦ୍ରବ୍ୟ ସଂଗ୍ରହ କରିବା କେବଳ ଏକ ବୋକାମି ଏବଂ ବାସ୍ତବରେ ସେମାନେ ଯେତେବେଳେ ନିଜ ଘରେ ଥିଲେ ସେତେବେଳେ ହିଁ ଅଧିକ ସୁଖୀ ଥିଲେ । ତେଣୁ ପ୍ରତ୍ୟେକେ ନିଜ ଘରକୁ ଫେରିଯିବାର ଚେଷ୍ଟାରେ ଅଛନ୍ତି । ଆମେ ଆମ ଘର ଠିକଣା ପାଶୋରି ଯାଇ ସମସ୍ତଙ୍କୁ ପଚାରୁଛେ, "ମୋ ଘର କଉଠେ ଟିକିଏ କହିବେ କି ?" ଏବଂ ସେମାନେ ଆମକୁ ବିଭିନ୍ନ ଯାଗା ଦେଖଉଛନ୍ତି । ତେଣୁ ଆମ ସାରା ଜୀବନ ହିଁ ଏକ ଘରବାହୁଡ଼ା - ଯେଉଁଠୁ ଆସିଛେ ସେଠାକୁ ଫେରିଯିବା ପାଇଁ ଯାତ୍ରା । ଏଥିରୁ ମନେହୁଏ ଆମେମାନେ ପ୍ରତ୍ୟେକେ ଏକ ଏକ ପଥଚ୍ୟୁତ ଅନାଥ ଯିଏ ତାର ଘର ଭୁଲି ଯାଇଛି, ଯିଏ ତାର ଘରର ରାସ୍ତା ଜାଣିନି ଏବଂ ଯାକୁ ତାକୁ ପଚାରି ଘରକୁ ଫେରିଯିବାର ପ୍ରୟାସ କରୁଛି । ଶେଷରେ ତାକୁ ଜଣେ କିଏ ଘରର ଠିକ୍ ବାଟ ଦେଖେଇଥା'ନ୍ତି ଓ ସେ ସେହି ବାଟରେ ଯାଇ

ଶେଷରେ ତା'ଘରେ ପହଞ୍ଚେ । ତେଣୁ ଏହା ଏକ ଘରବାହୁଡ଼ା । ଏହା ହିଁ 'ଓଁ'ର ସାଙ୍କେତିକ ଅର୍ଥ ।

ସ୍ୱାମୀ ଆଜି କହୁଛନ୍ତି, ଅତୀତରେ ଶ୍ରୀକୃଷ୍ଣ ଭଗବଦ୍ ଗୀତାରେ କହିଥିଲେ, ସାମାନ୍ୟ ଦୂରଦୃଷ୍ଟି ଥିବା ସମସ୍ତେ କହିଥାନ୍ତି ଯେ ଏହି ସଂସାର ଏକ ପାଠଶାଳା, ଏକ ପ୍ରଶିକ୍ଷଣ କ୍ଷେତ୍ର ଯେଉଁଠାରେ ଆମେ ଅନେକ କିଛି ଶିକ୍ଷା କରୁ । ଆମେ କଣ୍ଢେଇ ଖେଳ ଖେଳୁଥିବା ଶିଶୁ । କଣ୍ଢେଇ ସହ ଖେଳି ଆମ ସମୟ ବିତିଯାଏ ଏବଂ ଖେଳୁ ଖେଳୁ ଆମକୁ ଯେତେବେଳେ ଭୋକ ହୁଏ, ଆମକୁ ଆମର ମା ମନେ ପଡ଼େ ଏବଂ ଆମେ କାନ୍ଦିବା ଆରମ୍ଭ କରୁ । ସେତେବେଳେ ଆମ ମା ଆସି ଆମକୁ ତଳୁ ଗୋଟେଇ ଖାଦ୍ୟ ଦିଅନ୍ତି । ତେଣୁ ଛୁଆ କାନ୍ଦିବା ଯାଏଁ ମା ଅପେକ୍ଷା କରେ । "ଅସତୋ ମା ସଦ୍‌ଗମୟ" ହେଉଛି ଛୁଆର ସେହି କାନ୍ଦ । "ମାଁ ଗୋ ! ମୁଁ ଜାଣି ପାରିଛି ଯେ ଏସବୁ ଅସତ୍ । ସଂସାରର ସବୁ କିଛି କଣ୍ଢେଇ ଭଳି । ଏସବୁରୁ ମୁଁ ଆନନ୍ଦ ପାଉନି । ମୋତେ ମୋ ଘରକୁ ନେଇ ଯା" ।

ସ୍ୱାମୀ ତାଙ୍କ କଲେଜ ଛାତ୍ରଙ୍କୁ ଦେଇଥିବା ଏକ ସନ୍ଦେଶ ଅତ୍ୟନ୍ତ ଚିତ୍ତାକର୍ଷକ ଥିଲା । ଅବଶ୍ୟ ଆମେ ଯେତେ ବୟସ୍କ ଓ ଶିକ୍ଷିତ ହଉ ନା କାହିଁକି, ତାଙ୍କ ସନ୍ନିଧିରେ ଯେତେ ବର୍ଷ ବିତେଇଥିଲେ ମଧ୍ୟ, ଆମେ ସମସ୍ତେ ତାଙ୍କ ପୁଅଝିଅ । ସେ ତାଙ୍କ ପିତାଙ୍କୁ ପୁଅ ଓ ମା'ଙ୍କୁ ଝିଅ କହି ସମ୍ବୋଧନ କରୁଥିଲେ । ପିତାଙ୍କୁ ସେ 'ଗୃହମ୍ ଆବାଇ' ଓ ମାତାଙ୍କୁ 'ଗୃହମ୍ ଆମାଇ' ନାମରେ ଡାକୁଥା'ନ୍ତି । ତେଲୁଗୁ ଭାଷାରେ ଆବାଇର ଅର୍ଥ ପୁଅ, ଆମାଇର ଅର୍ଥ ଝିଅ । ଏଠାରେ 'ଗୃହମ୍' ଅର୍ଥାତ୍ ଗୃହ ପୁଟ୍ଟପର୍ତ୍ତିକୁ ସୂଚାଏ । ତେଣୁ ସେ ଦୁହେଁ ଥିଲେ ପୁଟ୍ଟପର୍ତ୍ତିର ପୁଅଝିଅ । ପିଲାମାନଙ୍କ ସମ୍ବନ୍ଧରେ କିଛି କହିବା ସମୟରେ ସେ କହନ୍ତି, "ମାନା ପିଲ୍ଲଲୁ" ଅର୍ଥାତ୍ ମୋ' ଛୁଆମାନେ । ବେଳେବେଳେ କୌଣସି ଏକ ସଭାରେ ତାଙ୍କର ଦିବ୍ୟ ଉପସ୍ଥିତିରେ ମୋତେ ଯଦି କିଛି କହିବାକୁ ହୁଏ, ସେ ମୋର ପରିଚୟ ଦେଇ କହନ୍ତି, "ମାନା କସ୍ତୁରୀ" ଅର୍ଥାତ୍ "ମୋ କସ୍ତୁରୀ" ଓ ତାହା ଶୁଣି ମୁଁ ଖୁସି ହୋଇଯାଏ । ମୋ ମାଁ ସ୍ୱାମୀ ମୋତେ "ମୋ କସ୍ତୁରୀ" କହିବା ଶୁଣି ଖୁସି ହେଉଥା'ନ୍ତି । ଆପଣ ତାଙ୍କୁ କହନ୍ତୁ, "ମୁଁ ତୁମର", ସେ ସଙ୍ଗେ ସଙ୍ଗେ କହିବେ, "ତୁମେ ମୋର ।" ବର୍ତ୍ତମାନ ବୃନ୍ଦାବନ ଛାତ୍ରାବାସର ଛାତ୍ରମାନଙ୍କୁ ସ୍ୱାମୀ ଦେଇଥିବା ସନ୍ଦେଶ ଦେଖିବା :

ମୋ ପିଲାମାନେ !

ତୁମ ପାଖେ ପକ୍ଷୀ ଆଉ ମୋ ପାଖରେ ଡେଣା,
ତୁମ ପାଖେ ପାଦ ଆଉ ମୋ ପାଖରେ ପଥ,
ତୁମ ପାଖେ ଚକ୍ଷୁ ଆଉ ମୋ ପାଖରେ ଦୃଶ୍ୟ,
ତୁମ ପାଖେ ଦ୍ରବ୍ୟ ଆଉ ମୋ ପାଖରେ ସ୍ୱପ୍ନ,
ତୁମ ପାଖେ ଧରା ଆଉ ମୋ ପାଖରେ ସ୍ୱର୍ଗ,

ଏହିପରି ଆମେ ବନ୍ଧା, ଏହିପରି ଆମେ ମୁକ୍ତ,
ଏହିପରି ଆମର ଆରମ୍ଭ, ଏହିପରି ଆମର ସମାପ୍ତି ।
ତୁମ ପାଖେ ପକ୍ଷୀ ଆଉ ମୋ ପାଖରେ ଡେଣା ।

ପକ୍ଷୀ ତୁମଠେ ଡେଣା ମୋଠେ । ଏହାର ଅର୍ଥ ନୁହଁ ଯେ ମୁଁ ପକ୍ଷୀର ଡେଣା ଛିଣ୍ଡେଇ ତାକୁ ପ୍ରଶାନ୍ତିନିଳୟମ୍‌ର ଉପର ମହଲାରେ ମୋ' କକ୍ଷ ମଧ୍ୟରେ ରଖିଛି । ଏହାର ଅର୍ଥ ହେଲା ସେହି ପକ୍ଷୀର ଡେଣା ଉପରେ ମୋର ନିୟନ୍ତ୍ରଣ ରହିଛି । ପକ୍ଷୀକୁ ଡେଣା ଦିଆଯାଉଛି, ଫଳରେ ସେ ଆକାଶରେ ଉପରକୁ, ଉପରକୁ ଉଡ଼ି ପାରିବ । ତେଣୁ ଡେଣାକୁ ବ୍ୟବହାର କରିବାର ଇଚ୍ଛାଶକ୍ତି ମୁଁ ତାକୁ ଦେଇଛି । ସେ କେଉଁ ଦିଗରେ ଉଡ଼ିବ, କେତେ ଉଚ୍ଚରେ ଉଡ଼ିବ, ସବୁ ମୁଁ ସ୍ଥିର କରିଥାଏ । ଶାସ୍ତ୍ରରେ କୁହାଯାଇଛି, "ମୋ ସଙ୍କଳ୍ପ ନଥିଲେ ଘାସଟିଏ ମଧ୍ୟ ହଲିବ ନାହିଁ ।" କେହି ଜଣେ ସ୍ୱାମୀଙ୍କୁ କହିଲେ, "ସ୍ୱାମୀ ! ଆପଣ ମୋତେ ଆପଣଙ୍କର ସାଧନ (Instrument) କରି ନିଅନ୍ତୁ ।" ସ୍ୱାମୀ କହିଲେ, "ତୁମେ କ'ଣ ଭାବୁଛ ମୁଁ ମୋ ସାଧନକୁ 'ଏହା ଭଲ' 'ତାହା ଖରାପ' ଭାବି ବାଛି ଥାଏ ? ମୋ ପାଇଁ ଉଭୟ ଚଳିବ ।" ସେ ଯାହାକୁ ଚାହାଁନ୍ତି ଭଲ କରି ପାରନ୍ତି । ରାମାୟଣରେ ଦିନେ ରାମଚନ୍ଦ୍ର ସୀତାଙ୍କ କୋଳରେ ମୁଣ୍ଡ ରଖି ଶୋଇଥିବା ସମୟରେ ଗୋଟିଏ କାଉ ଆସି ସୀତାଙ୍କୁ ଖୁମ୍ପିବାକୁ ଲାଗିଲା । ସେତେବେଳେ ସୀତାଙ୍କ ଶରୀରରୁ ରକ୍ତ ଝରି ରାମଙ୍କ ଶରୀରକୁ ଭିଜେଇ ଦେଲା । ସେଥିରେ ରାମଙ୍କ ନିଦ ଭାଙ୍ଗିଗଲା । ରାମ କାଉଟି ଉଡ଼ିଯାଉଥିବା ଦେଖି ଗୋଟିଏ ଘାସ ଟାଣି ଆଣି ତା' ଉପରକୁ ଫିଙ୍ଗି ଦେଲେ । ସେହି କାଉ ଏକ ସାଧାରଣ କାଉ ନଥିଲା । ତାହା ଥିଲା ଏକ ନାରକୀୟ ଉଦ୍ଦେଶ୍ୟ ନେଇ ଉଡ଼ି ଆସିଥିବା ଏକ କାଉ । ରାମଚନ୍ଦ୍ର ଫିଙ୍ଗିଥିବା ଘାସଖଣ୍ଡିକ ଏକ ଅଗ୍ନିପିଣ୍ଡୁଳା ହୋଇ ସେହି କାଉ ପଛେ ପଛେ ଘୂରିଲା । ଶେଷରେ କାଉଟି ଆସି ରାମଙ୍କର ଶରଣାପନ୍ନ ହେଲା । ତେଣୁ ଖଣ୍ଡିଏ ଘାସ ତାଙ୍କ ପାଇ ଯଥେଷ୍ଟ । ସ୍ୱାମୀ କାହାକୁ ବାଛି ନଥାନ୍ତି, କାହାକୁ ବାଛିବା ତାଙ୍କ ଲାଗି ଦରକାର ହୁଏନା । ସେ କହନ୍ତି, "ଯାହା କିଛି ଅଛି ଓ ଯାହା କିଛି ହେବାକୁ ଯାଉଛି, ତାହାର ମୂଳରେ ରହିଛି ମୋର ସଙ୍କଳ୍ପ । ମୋର ସେହି ସଙ୍କଳ୍ପ ସବୁ କିଛିକୁ ଭେଦ କରି ଓ ଆବୋରି ରହିଥାଏ । ମୁଁ ଏଠାରେ କହି ରଖେ ଯେ ମୋ ସଙ୍କଳ୍ପ ତୁମ ମଧ୍ୟରେ ଓ ତୁମ ମଧ୍ୟ ଦେଇ ପ୍ରକଟ ହୋଇଥାଏ । ମୋର ସଙ୍କଳ୍ପର ବିରୁଦ୍ଧାଚରଣ କରନା । ତାହା ଉପରେ ତୁମର ଅହଙ୍କାରକୁ ଆରୋପ କରିବାର ପ୍ରୟାସ କରନା । ତାହା କଲେ ତୁମେ ହିଁ ବିଫଳ ହେବ ଓ ଅତି ଦୟନୀୟ ସ୍ଥିତି ଭୋଗ କରିବ ।"

"ପାଦ ତୁମର କିନ୍ତୁ ପଥ ମୋର ।"

ଭୂମି ଉପରେ ସ୍ଥାପନ କରିବା ପାଇଁ ତୁମର ପାଦ ଅଛି, କିନ୍ତୁ କେଉଁ ପଥରେ, କେଉଁ ଦିଗରେ ଓ କେତେ ବେଗରେ ତୁମେ ତୁମ ପାଦ ବଢ଼େଇବ ଏବଂ ଆଗକୁ ପାଦ

ବଢ଼େଇବାର ଇଚ୍ଛା ଯେ ତୁମ ମଧ୍ୟରେ କେବେ ଆସିବ, ତାହା ମୋ ସଙ୍କଳ୍ପ ଉପରେ ନିର୍ଭର କରେ ।

"ଚକ୍ଷୁ ତୁମର ଦୃଶ୍ୟ ମୋହର ।"

ମୁଁ ତୁମକୁ ଚକ୍ଷୁ ଦେଇଛି । କିନ୍ତୁ ସେହି ଚକ୍ଷୁ ଦେଇ ତୁମେ କି ଦୃଶ୍ୟ ଦେଖିବ, କି ଦୃଶ୍ୟ ଉପଭୋଗ କରିବ, ତାହା ମୋ ସଙ୍କଳ୍ପ ଉପରେ ନିର୍ଭର କରେ । ତୁମକୁ ଏ ଚକ୍ଷୁ କାହିଁକି ଦିଆଯାଇଛି ? ତୁମେ ତୁମ ଚକ୍ଷୁଦ୍ୱାରା ସର୍ବତ୍ର ଭଗବାନଙ୍କୁ ଦେଖିବ, ସବୁ ମଧ୍ୟରେ ଭଗବାନଙ୍କ ସୌନ୍ଦର୍ଯ୍ୟ ଦେଖିବ, ପ୍ରେମ ଦେଖିବ, ତାଙ୍କର ଯଶ ଓ ଗୌରବ ଦେଖିବ ।

"ଦ୍ରବ୍ୟ ତୁମଠେ, ସ୍ୱପ୍ନ ମୋ'ଠେ ।"

ଏଠାରେ ସ୍ୱପ୍ନର ଅର୍ଥ ନିଦରେ ଦେଖୁଥିବା ସ୍ୱପ୍ନ ନୁହଁ । ଏଠାରେ ସ୍ୱପ୍ନର ଅର୍ଥ ତୁମର ଚିନ୍ତା, ଯୋଜନା, ପରିକଳ୍ପନା । ତୁମର ଧନସମ୍ପଦ ଅଛି, ପ୍ରତିଷ୍ଠା ଅଛି, ମାନସିକ ଓ ଭୌତିକ ସମ୍ବଳ ଅଛି । କିନ୍ତୁ ଏସବୁକୁ ନେଇ ଯେ ତୁମେ କ'ଣ କରିବ, ତାହା ମୁଁ ସ୍ଥିର କରିଥାଏ । ସର୍ବଦା ମନେରଖ ଯେ ତୁମେ ଯଦି ମୋର ଇଚ୍ଛା ବିରୁଦ୍ଧରେ ଯାଅ, ତୁମକୁ କଷ୍ଟ ଭୋଗିବାକୁ ହେବ । ତେଣୁ ସବୁଠୁ ଭଲ ଉପାୟ ହେଲା ମୁଁ ତୁମକୁ ଯାହା ଦେଇଛି ସେସବୁର କିପରି ସଦ୍ ବ୍ୟବହାର କରିବ, ତାହା ମୋ'ଠୁ ପଚାରି ବୁଝିବା । ତାହାହିଁ ଅସତୋ ମା ସଦ୍‌ଗମୟ ଅର୍ଥାତ୍ ଆପଣ ମୁଁ ଯେଉଁ ପଥରେ ଚାଲିବା ଚାହାଁନ୍ତି, ମୁଁ ସେହି ପଥରେ ଚାଲିବି ।

ମୋର ଆଜି ମନେପଡ଼େ, ମୋ' ପୁଅକୁ ଯେତେବେଳେ ମାତ୍ର ଦଶବର୍ଷ ହୋଇଥାଏ, ତାର ଉପନୟନ ପ୍ରସିଦ୍ଧ ତିରୁପତି ମନ୍ଦିରରେ କରାଯାଇଥିଲା । ସେତେବେଳକୁ ମୁଁ ଆହୁରି ସ୍ୱାମୀଙ୍କ କୃପାଶ୍ରୟକୁ ଆସି ନଥାଏ । ଉପନୟନ ପରେ ଆମେ ଯେତେବେଳେ ପାହାଡ଼ ତଳକୁ ଓହ୍ଲାଉଥାଉ, ମୋର ପୁଅ ବାଟରେ ଗଦାଏ ହେବ ପଥର ସଂଗ୍ରହ କଲା, ଯାହା ଆମ ବୋଝକୁ ଆହୁରି ବଢ଼ାଉଥାଏ । ପରବର୍ତ୍ତୀ କାଳରେ କ'ଣ ହେଲା ? ମୋର ସେହି ପୁଅ ଜଣେ ଭୂତତ୍ତ୍ୱବିତ୍ ହେଲା । ଜଣେ ଦଶ ବର୍ଷର ବାଳକ ପଥରଗୁଡ଼ିଏ ସଂଗ୍ରହ କରିବା ଏମିତି କିଛି ଆକସ୍ମିକ ସଂଯୋଗ ନୁହଁ । ତାହା ଥିଲା ଭଗବାନଙ୍କ ସଙ୍କଳ୍ପ । ଦ୍ରବ୍ୟ ତୁମଠେ, ସ୍ୱପ୍ନ ମୋ'ଠେ ।

ନ୍ୟୁୟର୍କର ଲରେନସ୍ ଗ୍ରାଣ୍ଟ୍ ନାମକ ଜଣେ ବ୍ୟକ୍ତି ତାଙ୍କ ପସନ୍ଦର କୌଣସି ଏକ ବିଷୟ ଅଧ୍ୟୟନ କରିବା ନିମନ୍ତେ ବିଶ୍ୱବିଦ୍ୟାଳୟରେ ଯୋଗ ଦେଲେ । ଦିନେ ବଡ଼ି ଭୋର୍‌ରୁ ଏକ ସ୍ୱପ୍ନରେ ତାଙ୍କ ନିଦ ଭାଙ୍ଗିଗଲା ଏବଂ ସ୍ୱାମୀ ତାଙ୍କୁ ସେହି ସ୍ୱପ୍ନ ଦେଇଥିଲେ । ସ୍ୱପ୍ନରେ ସେ ଏକ ପୁସ୍ତକର ଶିରୋନାମା ଦେଖୁଥା'ନ୍ତି । ତାହା ଥିଲା, "ସାଇବାବା - ସମକାଳୀନ ରହସ୍ୟବାଦୀ, ଗୁରୁ ଓ ଭଗବାନ ।" ତା'ପରେ ସେ ଭାବିଲେ, "ଏହି ପୁସ୍ତକ ଉପରେ ମୁଁ ଏକ ନିବନ୍ଧ ଲେଖିଲେ କିମିତି ହୁଅନ୍ତା !" ସେ ଅନୁମତି ପାଇଁ ବିଶ୍ୱବିଦ୍ୟାଳୟକୁ ଦରଖାସ୍ତ ଦେଲେ ଓ ତାହା ମଞ୍ଜୁର ହେଲା । ଏଥିପାଇଁ ସେ କିଛି ଅର୍ଥ ଚାହୁଁଥିଲେ, ତାହା ମଧ୍ୟ

ଯୋଗାଡ଼ ହୋଇଗଲା । ତାପରେ ସେ ଏଠାକୁ ଆସିଲେ । "ଦ୍ରବ୍ୟ ତୁମଠେ, ସ୍ୱପ୍ନ ମୋ'ଠେ" - ଏହା ହିଁ ତାର ପ୍ରତ୍ୟକ୍ଷ ପ୍ରମାଣ ।

"ସଂସାର ତୁମଠେ, ସ୍ୱର୍ଗ ମୋ'ଠେ"

ସଂସାର ତୁମଠେ ଅଛି, ତାହାକୁ ଯଦି ସ୍ୱର୍ଗରେ ପରିଣତ କରିବାକୁ ଚାହଁ ମୋ ପାଖକୁ ଆସ । ସ୍ୱର୍ଗ ମୋ'ଠେ ଅଛି, ମୁଁ ହିଁ ସ୍ୱର୍ଗ । ମୋ ସଙ୍କଳ୍ପ, ମୋ ସନ୍ଦେଶ, ମୋ ଉପଦେଶ, ମୋ ଜୀବନକୁ ଆଧାର କରି ତୁମେ ସଂସାରକୁ ଗଢ଼ ବା ସଂସାର ପ୍ରତି ତୁମର ପ୍ରତିକ୍ରିୟା ପ୍ରକାଶ କର । ତେଣୁ ମୋ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରି ତୁମେ ମର୍ତ୍ତ୍ୟକୁ ସ୍ୱର୍ଗରେ ରୂପାନ୍ତରିତ କରିପାରିବ ।

"ଆମେ ଦୁହେଁ ଏହିଭଳି ବନ୍ଧା, ଏହିଭଳି ମୁକ୍ତ"

ଆମେ ଦୁହେଁ ବନ୍ଧା; କାରଣ ପକ୍ଷୀ ତୁମଠେ ଅଛି, ଡେଣା ମୋ'ଠେ ଅଛି । ମୋ ବିନା ତୁମେ କିଛି କରିପାରିବନି, ତୁମ ବିନା ମୁଁ କିଛି କରିପାରିବିନି । ବସ୍ତୁତଃ, ତୁମେ ହିଁ ମୁଁ । ତୁମ ମଧ୍ୟରେ ମୁଁ ପ୍ରକାଶ ପାଉଛି, ଫଳରେ ଆମେ ଦୁହେଁ ମିଶି ଏ ଖେଳ ଖେଳି ପାରିବା ।

ଆମେ ଦୁହେଁ ମୁକ୍ତ, କାରଣ ପକ୍ଷୀ ଓ ଡେଣାକୁ ଯୋଡ଼ି ଆମେ ମୁକ୍ତ ଆକାଶରେ ଉଡ଼ି ପାରିବା । ତୁମେ ମୋ' ନିକଟକୁ ଆସ, ମୁଁ ତୁମ ନିକଟକୁ ଆସେ, ଆମ ଦୁହିଁଙ୍କ ମିଳନ ହିଁ ମୁକ୍ତି । ସ୍ୱାମୀ ବାରମ୍ବାର କହନ୍ତି, "ମୁଁ ତୁମ ମଧ୍ୟରେ ଅଛି, ତୁମେ ମୋ' ମଧ୍ୟରେ ଅଛ । ଆମେ ଦୁହେଁ ଏକ, କେହି ଆମକୁ ଭିନ୍ନ କରିପାରିବନି ।" ଏହା ତାଙ୍କର ପ୍ରତିଶ୍ରୁତି ଏବଂ ଆମେ ତାହାର ପ୍ରାପ୍ତି ନିମନ୍ତେ ଯୋଗ୍ୟ ହେବାକୁ ହେବ । ଇଣ୍ଟରଭ୍ୟୁ କକ୍ଷ ମଧ୍ୟରେ କ'ଣ ହୁଏ ? ପ୍ରେମ ଓ ଭକ୍ତିର ଏକ ଦିବ୍ୟ ବାତାବରଣ ମଧ୍ୟରେ ତୁମେ ଆଶ୍ୱସ୍ତି ଓ ଆନନ୍ଦ ଅନୁଭବ କର । ତୁମେ ଅନୁଭବ କର ସତେ ଯେମିତି ତୁମେ ତୁମର ଅତି ଘନିଷ୍ଠ ଆତ୍ମୀୟଙ୍କ ସଂଗେ ରହିଛ, ବହୁଦିନ ପରେ ମିଳିଥିବା ତୁମର ଜଣେ ଅନ୍ତରଙ୍ଗ ତୁମ ଅନ୍ତରର ଗଭୀରତମ ପ୍ରଦେଶକୁ ତାଙ୍କର ପ୍ରେମ ଓ ସଦ୍‌ଭାବ ଢାଳି ଦେଉଛନ୍ତି । ସେ ତୁମକୁ ପଚାରନ୍ତି, "ତୁମେ କ'ଣ ଚାହଁ ?" ଆମେ ତାଙ୍କୁ ଚାହିଁଥିଲୁ, ଆଜି ପାଇ ଯାଇଛୁ । ତାପରେ ଅନ୍ୟାନ୍ୟ ବିଷୟ ଆଲୋଚନା ହୁଏ । ତାଙ୍କୁ ଛାଡ଼ି ଆସିବା ସମୟରେ ସେ ପିଠିରେ ହାତ ଥାପୁଡ଼ି କହନ୍ତି, "ବଙ୍ଗାରୁ, ମୁଁ ତୁମ ମଧ୍ୟରେ ଅଛି, ତୁମେ ମୋ ମଧ୍ୟରେ ଅଛ । ଆମେ ଦୁହେଁ ଏକ ।" ପକ୍ଷୀ ତୁମଠେ, ଡେଣା ମୋ'ଠେ - ଏହି ସତ୍ୟ ସେ ଆମକୁ ବୁଝାନ୍ତି । ପକ୍ଷୀ ଓ ଡେଣାକୁ ଯୋଡ଼ି ଆମେ ଉଡ଼ିବା । ପ୍ରେମର ଅର୍ଥ ହିଁ ଏକ ହେବା । ବିଚ୍ଛେଦ କଠିନ ଓ କଷ୍ଟଦାୟକ । ବିଚ୍ଛେଦ ଯେତେ ଅଧିକ ହୁଏ, ପ୍ରେମ ସେତିକି ପ୍ରଗାଢ଼ ହୁଏ। ସ୍ୱାମୀ କହନ୍ତି, "କେତେକ ନିଜକୁ ଭକ୍ତ କହନ୍ତି, କିନ୍ତୁ କିଛି ଅଘଟଣ ଘଟିଗଲେ ଦୂରେଇ ଯା'ନ୍ତି ! ତେବେ ଦୂରେଇ ଯିବା କି କେବେ ସମ୍ଭବ ? ପାଣିରେ ହାତ ଥାପୁଡ଼ିଲେ ପାଣି ଅଲଗା ହୋଇଯାଏ କିନ୍ତୁ ତାହା

କ'ଣ ଅଲଗା ହୋଇ ରହିପାରେ ? ନା, ପୁଣି ପାଣିରେ ପାଣି ମିଶିଯାଏ, ଅଲଗା ହୋଇ ରହିପାରେନା । ଯେତେ ଶୀଘ୍ର ଅଲଗା ହୁଏ, ସେତେ ଶୀଘ୍ର ମିଶିଯାଏ ।" ସେ ନିଜକୁ ନିଜଠାରୁ ଭିନ୍ନ କରିନେଲେ ଏବଂ ସେହି ଭିନ୍ନ କରିବା ମଧ୍ୟରେ କିଛି ଘଟିଗଲା । ପକ୍ଷୀ ଗୋଟିଏ ପାଖେ ରହିଲା ଓ ତାର ଡେଣା ଅନ୍ୟ ଏକ ପାଖେ ରହିଲା । ଚକ୍ଷୁ ଏଠାରେ ରହିଲା ଓ ଦୃଶ୍ୟ ସେଠାରେ ରହିଲା । ଏହି ବିଚ୍ଛେଦ ଇଚ୍ଛାକୃତ ଥିଲା କାରଣ ବିଚ୍ଛେଦ ପ୍ରେମକୁ ପ୍ରଗାଢ଼ କରି ବିଚ୍ଛେଦର ପୀଡ଼ା ଅଧିକ କରେ ଓ ସମସ୍ତେ ଏକସ୍ୱରରେ କହନ୍ତି, "ଅସତୋ ମା ସଦ୍‌ଗମୟ" । ଦୁଇ ହାତ ଯୋଡ଼ି ଛାତି ଉପରେ ରଖି ମୁଣ୍ଡ ନୁଆଁଇବାର ଏହାହିଁ ଅର୍ଥ । ମନରେ ଜୀବ ଓ ଦେବର ମିଳନ ନହେଲେ ଏହା କେବଳ ଏକ ଶାରୀରିକ ବ୍ୟାୟାମରେ ସୀମିତ ରହିଯିବ ।

"ଆମର ଆରମ୍ଭ ହୁଏ ଏହିପରି, ଶେଷ ମଧ୍ୟ ହୁଏ ଏହିପରି ।" ଶେଷ ହୁଏ ମିଳନରେ । ପ୍ରେମ ଉଭୟକୁ ଏକ କରେ । ଏହା ସୃଷ୍ଟିର ରହସ୍ୟ - ମଣିଷର ଆଧ୍ୟାତ୍ମିକ ଅଭିପ୍ସାର ସୁନ୍ଦର କାହାଣୀ । ଏହା ମଣିଷର ମୂଳ ତଥା ମୌଳିକ ବିଷାଦକୁ ସୂଚାଉଥିବା କାହାଣୀ । ଏହା ମଣିଷ ମଧ୍ୟରେ ଥିବା ଏକ ଦିବ୍ୟ ଅସନ୍ତୋଷ, ଘରକୁ ବାହୁଡ଼ି ଯିବାର ଅଦମ୍ୟ ଇଚ୍ଛାକୁ ସୂଚାଏ । ଏଭଳି ଏକ ଭକ୍ତି ଅନ୍ୟ କାହାଠୁ ଆସିନାହିଁ । ଏହା ସେହି ବ୍ୟକ୍ତିତ୍ୱଠାରୁ ଆସିଛି ଯିଏ ସ୍ୱୟଂ ଭଗବାନ । ଅନ୍ୟମାନେ ତୁମକୁ ଉପଦେଶ ଦେଇ କହନ୍ତି, ତୁମେ ଭଗବାନଙ୍କୁ ପ୍ରାର୍ଥନା କର, କୌଣସି ଏକ ମନ୍ତ୍ର ଜପ କର କିମ୍ବା କିଛି ଏକ ଗ୍ରନ୍ଥ ପାଠ କର । ସ୍ୱାମୀ ତାଙ୍କର ପ୍ରଭୁତ୍ୱକୁ ସାବ୍ୟସ୍ତ କରି ଯେତେବେଳେ କହନ୍ତି, "ମୁଁ ତୁମ ମଧ୍ୟରେ ଅଛି, ତୁମେ ମୋ' ମଧ୍ୟରେ ଅଛ, ଏହିପରି ଆମର ଆରମ୍ଭ, ଏହିପରି ଆମର ଶେଷ । ଏହିପରି ଆମେ ବନ୍ଧା, ଏହିପରି ଆମେ ମୁକ୍ତ" - ତାହା ଗୀତାରେ କୃଷ୍ଣଙ୍କ ବାଣୀ ଭଳି ମନେହୁଏ । କୃଷ୍ଣଙ୍କ ପରେ ଆଉ କେହି ଏଯାବତ୍ ଏମିତି କହିନାହାନ୍ତି । ତେଣୁ ସ୍ୱାମୀ ଆମକୁ କିଛି କହିବା ସମୟରେ ଆମର ମନେହୁଏ ଆମ ଅନ୍ତରାତ୍ମା ଆମକୁ କହୁଛି । ଗୀତାରେ କୃଷ୍ଣ କହନ୍ତି, "ମୋତେ ଅର୍ଚ୍ଚନା କର, ମୋତେ ପ୍ରାର୍ଥନା କର, ମୋତେ ନମସ୍କାର କର, ମୋ' କଥା ଶୁଣ...." ଏହି 'ମୋତେ' କହୁଥିବା ମୁଁ ହେଉଛି ମୋ ଅନ୍ତରାତ୍ମା । 'ମାମେକଂ ଶରଣଂବ୍ରଜ' - ମୋର ଶରଣାପନ୍ନ ହୁଅ । 'ମୋର' କହୁଥିବା 'ମୁଁ' ହିଁ ପ୍ରକୃତ 'ମୁଁ' ଯାହା ଆମ ସମସ୍ତଙ୍କ ମଧ୍ୟେ ଅଛି । ସେହି ମୁଁ ହିଁ ସେ । ସେ ଆମ ସମସ୍ତଙ୍କ ମଧ୍ୟରେ ଅଛନ୍ତି । ତେଣୁ ସେ ବାହାରେ କେଉଠେ ନାହାନ୍ତି । ଏହା ସେହି ଦିବ୍ୟଶକ୍ତି ଯାହା ଆମ ସମସ୍ତଙ୍କ ମଧ୍ୟରେ ରହିଛି । ସ୍ୱାମୀ କହନ୍ତି, ଆମେ ପ୍ରତ୍ୟେକେ ଶୋଭାଯାତ୍ରାରେ ଯାଉଥିବା ଏକ ଏକ ଚଳନ୍ତି ରଥ । ନଭେମ୍ବର ୧୮ ତାରିଖ ଦିନ ଆପଣମାନେ ଏଠାରେ ଏକ ରଥୋତ୍ସବ ମହାସମାରୋହରେ ପାଳିତ ହେବା ଦେଖିବେ । ପୁଟ୍ଟପର୍ତ୍ତି ଗ୍ରାମ ମଧ୍ୟରେ କିଛି ମନ୍ଦିର ଅଛି । ରଥୋତ୍ସବ ଦିନ ସେବାଦଳ କର୍ମୀମାନେ ସେହି ସେହି ମନ୍ଦିରର ଦେବତାମାନଙ୍କୁ କାନ୍ଧରେ

ବୋହି ଏଠାକୁ ଆଣିବେ । ନାନା ରଙ୍ଗର ବସ୍ତ୍ର ଓ ପୁଷ୍ପରେ ରଥଗୁଡ଼ିକ ସୁସଜ୍ଜିତ ହେବେ । ଏକ ସୁନ୍ଦର ଶୋଭାଯାତ୍ରାରେ ରଥ ଗ୍ରାମ ମଧ୍ୟକୁ ଯିବ । ରଥ ଗଡୁଥିବା ସମୟରେ ଢୋଲ ଓ ନାଦସ୍ୱରମ୍ ବାଜୁଥିବ । ପ୍ରତ୍ୟେକ ଘର ଦାଣ୍ଡରେ ରଥ ରହୁଥିବ ଓ ସେହି ସେହି ଘରର ଲୋକ ଦିଅଁଙ୍କୁ ଆରତୀ ଦେଉଥିବେ । ଲୋକେ ବିଶ୍ୱାସ କରନ୍ତି ଯେ ଠାକୁର ତାଙ୍କ ଦୁଆରମୁହଁକୁ ଆସି ତାଙ୍କ ଘରକୁ ପବିତ୍ର କରିଛନ୍ତି । ସ୍ୱାମୀ କହନ୍ତି, ଆମେ ପ୍ରତ୍ୟେକେ ନିଜ ନିଜ ହୃଦୟରେ ଭଗବାନଙ୍କୁ ବହନ କରୁଥିବା ଏକ ଏକ ରଥ । ଆମର ଏସବୁ ରଥ ମଧ୍ୟରୁ କେତେକ ସାଧାରଣରେ ସଜା ଯାଇଥାଏ । ଯେଉଁ ରଥ ସହ ଢୋଲ ଓ କାହାଳୀ ବଜାଉଥା'ନ୍ତି ସେମାନଙ୍କର ଚାହିଦା ବେଶୀ । ବେଳେବେଳେ ଗାଁ ସାରା ପ୍ରଚାରପତ୍ର ବଣ୍ଟାଯାଏ ଯେଉଁଥିରେ ଠାକୁରଙ୍କ ନାମର ବିଶେଷ ଉଲ୍ଲେଖ ନଥାଏ, କିନ୍ତୁ ଢୋଲିଆ ଓ କାହାଳିଆଙ୍କ ସମ୍ବନ୍ଧରେ ଅଧିକ ଲେଖାଯାଇଥାଏ, କାରଣ ସେମାନଙ୍କର ନିଜ ନିଜ କଳାରେ ବେଶ୍ ସୁନାମ ଥାଏ ଓ ସେମାନେ ଦୂର ଦୂରାନ୍ତରୁ ଆସିଥା'ନ୍ତି । ତେଣୁ ଲୋକେ ଠାକୁରଙ୍କ ଦର୍ଶନ ପାଇଁ ଯେତେଟା ନୁହଁ, ତା'ଠୁ ଅଧିକ ସେମାନଙ୍କ ବାଜଣା ଶୁଣିବାକୁ ରୁଣ୍ଡ ହୁଅନ୍ତି । ଆମେମାନେ ମଧ୍ୟ ଠିକ୍ ଏହିପରି ବାହ୍ୟାଡ଼ମ୍ବର, ଧନସମ୍ପଦ, ପଦବୀ ଓ ପ୍ରତିଷ୍ଠାକୁ ଅଧିକ ପ୍ରାଧାନ୍ୟ ଦେଉ । ଦେହ ରୂପକ ରଥ ମଧ୍ୟରେ ଥିବା ଦେହୀଙ୍କୁ ଆମେ ଯେତିକି ମୂଲ୍ୟ ଦେଇ ନଥାଉ, ତା'ଠୁ ଅଧିକ ଏ ସମସ୍ତଙ୍କୁ ମୂଲ୍ୟ ଦେଉ । ସ୍ୱାମୀ କହନ୍ତି, "ଖାଲି ତୁମେ ଏହି ଶୋଭାଯାତ୍ରାରେ ଯାଉନାହଁ, ମଶା, ମୂଷା, ପଶୁ, ପକ୍ଷୀ, ସାପ ଆଦି ସମସ୍ତ ଜୀବ ମଧ୍ୟ ଏଥିରେ ଯାଉଛନ୍ତି ।" ସେ କହନ୍ତି, ପ୍ରତ୍ୟେକ ଜୀବ ମଧ୍ୟରେ ଈଶ୍ୱର ଅଛନ୍ତି, ତେଣୁ ତୁମେ ପ୍ରତ୍ୟେକଙ୍କୁ ଭଗବାନଙ୍କର ଏକ ଅଂଶ ମନେକରି ସମ୍ମାନ ଦେବା ଉଚିତ । ଆମେମାନେ ଏଭଳି ଏକ ମହାନ୍ ପରିବାରର ସଭ୍ୟ ହୋଇପାରିଛେ । ତାଙ୍କର ବିଚ୍ଛେଦଜନିତ ବିଦଗ୍ଧ ପ୍ରାଣ ନେଇ ଆମେ ସମସ୍ତେ ସ୍ୱାମୀଙ୍କ ନେତୃତ୍ୱରେ ନିଜ ନିଜ ଭୂମିକା ପାଳନ କରିବାକୁ ହେବ । କୌଣସି ଏକ ଭୂତାତ୍ତ୍ୱିକ ବିପର୍ଯ୍ୟୟ ହେତୁ ପୃଥିବୀଠାରୁ ବିଚ୍ଛିନ୍ନ ହୋଇଯାଇଥିବା ଚନ୍ଦ୍ର, ପୃଥିବୀଠାରୁ ବେଶୀ ଦୂରକୁ ଯାଇ ନପାରି ତାରି ଚାରିପଟେ ଘୂରୁଥାଏ । ତାହା ପୃଥିବୀର ଏକ ଅଂଶ, ତେଣୁ ତାକୁ ପୃଥିବୀ ନିକଟରେ ହିଁ ରହିବାକୁ ହେବ । ଆମେମାନେ ମଧ୍ୟ ଯେଉଁ ଈଶ୍ୱରଙ୍କଠୁ ଆସିଛେ, ସେହି ଈଶ୍ୱରଙ୍କ ପ୍ରତି ଆକର୍ଷିତ ହୋଇ ନିଜ କକ୍ଷରୁ ବାହାରକୁ ନଯାଇ ତାଙ୍କ ଚାରିପାଖେ ଘୂରି ରହିବା । ଛାତ୍ରାବାସର ଛାତ୍ରଙ୍କୁ ଓ ଆମମାନଙ୍କୁ ସ୍ୱାମୀ ଦେଇଥିବା ସନ୍ଦେଶର ଏହା ହିଁ ସାରମର୍ମ । ତେଣୁ ସବୁବେଳେ ମନେରଖନ୍ତୁ ଯେ ପକ୍ଷୀ ଆମଠେ କିନ୍ତୁ ଡେଣା ତାଙ୍କଠେ ଏବଂ ଏ ଦୁଇଟି ନ ମିଶିବା ଯାଏଁ ଆମେ ଉଡ଼ି ପାରିବା ନାହିଁ ।

❖❖❖

୧୬

ଏ ଅବତାର କାହିଁକି ?

ଚରମ ସତ୍ୟ ହେଲା ତୁମକୁ କେଉଁଠେ ପହଞ୍ଚେଇଦେବା ପାଇଁ କେହି ନଥାନ୍ତି । ତୁମେ ନିଜେ ହିଁ ନିଜକୁ ନିଜଠାକୁ ପହଞ୍ଚେଇବାକୁ ହେବ । ଗୀତା କହେ, "ଉଦ୍ଧରେତ୍ ଆତ୍ମନା ଆତ୍ମନାମ୍" - ନିଜେ ନିଜକୁ ଉଦ୍ଧାର କର । ଆମ ଦେଶର ସର୍ବଶ୍ରେଷ୍ଠ ଅଧ୍ୟାତ୍ମବାଦୀ ଶଙ୍କର ଭଗବତ ପାଦ କହିଥିଲେ ଯେ ଆମେ ହିଁ ସେହି ମହାଚୈତନ୍ୟ, କିନ୍ତୁ ସେ ନିଜେ ଅନେକ ଦେବଦେବୀଙ୍କୁ ପ୍ରାର୍ଥନା କରିଥିଲେ, ବହୁ ଦେବାଳୟ ଦର୍ଶନ କରିଥିଲେ । ସେହି ଦେବଦେବୀଙ୍କର ସ୍ତୁତିଗାନ କରି ବହୁ ସ୍ତୋତ୍ର ରଚନା କରିଥିଲେ ଏବଂ ପରିଶେଷରେ କହିଥିଲେ, "ଈଶ୍ୱରାନୁଗ୍ରହ ଏବଂ ଅଦ୍ୱୈତ ଦର୍ଶନ" ଅର୍ଥାତ୍ ସମସ୍ତ କିଛି ଭଗବାନ୍, ଭଗବାନଙ୍କ ବ୍ୟତୀତ ଓ ଅତୀତ ଅନ୍ୟ କିଛି ନାହିଁ, ପ୍ରତିଟି ଅଣୁ, ପରମାଣୁ, ପ୍ରତିଟି ତରଙ୍ଗ ତାଙ୍କ ଭିନ୍ନ ଅନ୍ୟ କିଛି ନୁହଁ, ସେ ହିଁ ଏକ, ତାଙ୍କର ଦ୍ୱିତୀୟ ବୋଲି କିଛି ନାହିଁ - ମନରେ ଏହି ବିଶ୍ୱାସ କେବଳ ଈଶ୍ୱରଙ୍କ ଅନୁଗ୍ରହ ଦ୍ୱାରା ସମ୍ଭବ । ସବୁ କିଛି ଭଗବାନ - ଏହି ସତ୍ୟରେ ଉପନୀତ ହେବା ପାଇଁ ଭଗବାନଙ୍କ ଅନୁଗ୍ରହ ଆବଶ୍ୟକ - ଏହା ଏକ ଦ୍ୱନ୍ଦ୍ୱାତ୍ମକ ଉକ୍ତି ମନେହୁଏ । କେବଳ ଈଶ୍ୱରଙ୍କ ଅନୁଗ୍ରହ ଦ୍ୱାରା ଆମେ ଉପଲବ୍ଧି କରିବା ଯେ ଏକ ହିଁ ସତ୍, ଦ୍ୱିତୀୟ ବୋଲି କିଛି ନାହିଁ । ମଣିଷ ଯେତେବେଳେ ଏହା ଭୁଲିଯାଏ, ଅସ୍ୱୀକାର କରେ, ଅବଜ୍ଞା କରେ ବା ପ୍ରଶ୍ନ କରେ, ସେତେବେଳେ ସେହି ପରବ୍ରହ୍ମଙ୍କୁ ଆମର ବୋଧଗମ୍ୟ ହେବା ଭଳି ଏକ ଆକାର ଧାରଣ କରି ଧରାପୃଷ୍ଠରେ ଅବତୀର୍ଣ୍ଣ ହେବାକୁ ହୁଏ, ଯାହାଙ୍କୁ ଆମେ ପ୍ରେମ କରିପାରୁ, ଯାହାଙ୍କର ଉପଦେଶ ଆମେ ଶୁଣିପାରୁ । ସେ ହିଁ ଅବତାର । ସ୍ୱାମୀ ନିଜେ କହିଛନ୍ତି ଯେ ସେ ଏକ ଅବତାର । ସେ ଯେ କାହିଁକି ଅବତୀର୍ଣ୍ଣ ହୋଇଛନ୍ତି, ତାହା ମଧ୍ୟ ସେ ସ୍ପଷ୍ଟଭାବେ ଆମକୁ କହିଛନ୍ତି । ଦର୍ଶନାତୁର ଭକ୍ତମାନଙ୍କର ଅନ୍ତରର ବ୍ୟାକୁଳତା, ମନର ସନ୍ଦେହ ସେ ଜାଣିପାରନ୍ତି ଏବଂ ସେମାନଙ୍କୁ ସମୁଚିତ ଉତ୍ତର ଦିଅନ୍ତି । ତେଣୁ ଅନେକେ କହନ୍ତି, "ମୋ ସନ୍ଦେହ ଦୂର ହୋଇଗଲା, ମୋ ପ୍ରଶ୍ନର ଉତ୍ତର ପାଇଗଲି ।" ସେମାନଙ୍କ ମନରେ ଏକ ଅପୂର୍ବ ସନ୍ତୋଷ ଲକ୍ଷ୍ୟ କରାଯାଏ । ସ୍ୱାମୀ ଯେଭଳି ସୁସ୍ପଷ୍ଟଭାବେ ନିଜର ପରିଚୟ ଦେଇଛନ୍ତି, ସେଭଳି ଏଯାବତ୍ ଅନ୍ୟ କୌଣସି ବିସ୍ମୟପୁରୁଷ ନିଜର ପରିଚୟ ଦେଇନାହାନ୍ତି । ଅନ୍ୟାନ୍ୟ ଗୁରୁ, ସାଧୁ, ସନ୍ଥ ବା ପ୍ରଚାରକ ଯେଉଁମାନେ ଅବତାର ନୁହଁନ୍ତି, ସେମାନେ ସେମାନଙ୍କର ଅନୁଗାମୀମାନଙ୍କୁ କହନ୍ତି, "ଭଗବାନଙ୍କୁ ପୂଜା କର, ପ୍ରାର୍ଥନା କର, ସବୁ ତାଙ୍କ ଇଚ୍ଛା, ଏହି ପୂଜା କର, ସେହି ପୂଜା କର, ଅମୁକ ମନ୍ତ୍ର ଜପ କର ।" ସେମାନଙ୍କର ରୋଗର କାରଣ ଓ ନିବାରଣ ଜାଣି ବା ନଜାଣି ତାର ପ୍ରତିକାରର ପରାମର୍ଶ ଦେଇଥା'ନ୍ତି । ସ୍ୱାମୀ କିନ୍ତୁ ଆମକୁ କହିବା କେଭେ ଭୁଲନ୍ତି ନାହିଁ ଯେ ସେ ହିଁ ଅବତାର, ସେ ହିଁ ଭଗବାନ ।

ଆଫ୍ରିକା ଗସ୍ତରୁ ଫେରିବା ପରେ ସ୍ୱାମୀ ବମ୍ବେରେ ଏକ ଜନସଭାରେ ଉଦ୍‌ବୋଧନ ଦେଉଥା'ନ୍ତି । ସେଠାରେ ଡକ୍ଟର କେ. ଏମ୍. ମୁନ୍‌ସୀ ମଧ୍ୟ ଉପସ୍ଥିତ ଥା'ନ୍ତି । ମୁଁ ସଭାମଞ୍ଚର ଶେଷ ଆଡ଼କୁ ଛିଡ଼ା ହୋଇ ସ୍ୱାମୀଙ୍କ ଦିବ୍ୟ ସମ୍ଭାଷଣ ଅନୁବାଦ କରୁଥାଏ । ସ୍ୱାମୀ କହିଲେ, "ମୋର ଆଫ୍ରିକା ଯାତ୍ରାକୁ ଏକ ଉତ୍ସବ ଭଳି ପାଳନ କରାଯାଉଥିବା ଦେଖି ମୁଁ ଆଶ୍ଚର୍ଯ୍ୟ ହେଉଛି । ମୁଁ ମୋର ବିଶାଳ ବାସଭବନର ଏକ କକ୍ଷରୁ ଅନ୍ୟ ଏକ କକ୍ଷକୁ ମାତ୍ର ଯାଇଥିଲି । ମୁଁ ଆଫ୍ରିକା ଯିବା ବା ଆମେରିକା ଯିବା କିଛି ଏକ ବଡ଼କଥା ନୁହଁ । ସେ ତେଲୁଗୁରେ କହିଲେ, "ପ୍ରପଞ୍ଚମେ ନା ଇଲ୍ଲୁ ।" - ଏହି ପ୍ରପଞ୍ଚ ହିଁ ମୋର ବାସଭବନ । ସ୍ୱାମୀଙ୍କ ଉକ୍ତିକୁ ଅନୁବାଦ କରି ମୁଁ କହିଲି, "ଏହି ପୃଥିବୀ ହିଁ ମୋ ବାସଭବନ ।" ସ୍ୱାମୀ ହଠାତ୍ ମୋ ଆଡ଼କୁ ଚାହିଁ କହିଲେ 'ନା' । କ'ଣ ହେଲା ମୁଁ ବୁଝି ପାରିଲି ନାହିଁ। ଦ୍ୱିତୀୟ ଥର ସେ ପୁଣି କହିଲେ 'ନା' । ତା'ପରେ ସେ ତାଙ୍କ ଅଙ୍ଗୁଳି ମୋ ଆଡ଼କୁ ନିର୍ଦ୍ଦେଶ କରି ମୁଁ ଯେଉଁଠେ ଛିଡ଼ା ହୋଇଥାଏ, ସେଠାକୁ ଆସୁଥାନ୍ତି । ମୁଁ ମନେ ମନେ ଭାବିଲି ହୁଏତ ମୁଁ ତାଙ୍କ କଥା ଠିକ୍ ଶୁଣିପାରିନାହିଁ, କିଛି ଏକ ଘୋର ପାପ କରିଛି, ସଭାମଞ୍ଚରୁ ମୋତେ ବାହାରକୁ ଠେଲି ଦେବେନି ତ ! ଆଜି ମୋ' କାମ ଶେଷ୍ ! ମୋ କପାଳକୁ ଆଜି କିଛି ପ୍ରମାଦ ଅଛି । ତାହା ଯେ କ'ଣ, ମୁଁ ଜାଣେ ନାହିଁ ! ତାଙ୍କୁ ଆଉ ମୋ ପାଖକୁ ଆସିବାକୁ ନଦେଇ, ମୁଁ ନିଜେ ତାଙ୍କ ପାଖକୁ ଚାଲିଗଲି । ଆମେ ଦୁହେଁ ସଭାମଞ୍ଚର ମଧ୍ୟ ଭାଗରେ ପରସ୍ପରକୁ ମିଶିଲୁ । ସେ କହିଲେ, "ନା, ପୃଥିବୀ ନୁହଁ, ପ୍ରପଞ୍ଚ, ଏହି ବିଶ୍ୱବ୍ରହ୍ମାଣ୍ଡ !" ପଞ୍ଚଭୂତ ଆବୋରି ରହିଥିବା ସମସ୍ତ ପ୍ରଦେଶ ।" ତେଣୁ ସେ କହିବାକୁ ଚାହୁଁଥିଲେ ଯେ ସମଗ୍ର ପଞ୍ଚଭୌତିକ ପ୍ରପଞ୍ଚ ହିଁ ତାଙ୍କର ବାସଭବନ । କି ଏକ ପବିତ୍ର ମୁହୂର୍ତ୍ତ! କି ଏକ ଚମତ୍କାର ପ୍ରକଟନ ! ସେହି ମୁହୂର୍ତ୍ତରେ ଏଭଳି ଏକ ବିସ୍ମୟପୁରୁଷଙ୍କ ସହ ଏକ ସଭାମଞ୍ଚ ଉପରେ ରହିବା, ଯିଏ ସମଗ୍ର ବିଶ୍ୱକୁ ତାଙ୍କର ବାସଭବନ ବୋଲି ଘୋଷଣା କରୁଛନ୍ତି - ସତରେ ତାହା କି ଏକ ସୌଭାଗ୍ୟ ! ସେତେବେଳେ ମୋ ମଧରେ ଯେ କ'ଣ ହେଉଥାଏ, ତାହା ମୁଁ ବୁଝି ପାରୁ ନଥାଏ । ତାହା ଏଭଳି ଏକ ପବିତ୍ର ଘଡ଼ି ଥିଲା ଯେ ମୁଁ ତାଙ୍କ ପାଦତଳେ ପଡ଼ିଗଲି । ସେ "ଏଇ, ଉଠେ, ଉଠେ" କହି ମୋ କାନ୍ଧ ଧରି ମୋତେ ଉଠେଇଲେ ଏବଂ ମୋତେ ମାଇକ୍ ଯାଏ ନେଇଗଲେ । ଥରେ ସେହି ଦୃଶ୍ୟ ଯେ କିମିତି ହେଇଥିବ ଭାବି ଦେଖନ୍ତୁ - ସ୍ୱାମୀ ଆଫ୍ରିକାରୁ ଫେରିଥିବା ହେତୁ ଉଲ୍ଲସିତ ପଚାଶ ହଜାର ଲୋକଙ୍କର ସମାଗମ ହୋଇଥିବା ସଭାମଞ୍ଚ ଉପରେ ଡକ୍ଟର ମୁନ୍‌ସୀ ଆସୀନ ଏବଂ ସେଠାରେ ବିଶ୍ୱକୁ ତାଙ୍କର ବାସଭବନ ବୋଲି ସ୍ୱାମୀଙ୍କ ପ୍ରକଟନ । ସମଗ୍ର ପରିବେଶ ମହାନନ୍ଦରେ ଉଲ୍ଲସିତ !

କେତେକଙ୍କ ମନରେ ହୁଏତ ପ୍ରଶ୍ନ ଥିବ, 'ଏ ଅବତାର କାହିଁକି ?" ହୱାର୍ଡ଼ ମର୍ଫେଟ୍ ଲେଖନ୍ତି ଯେ ସ୍ୱାମୀଙ୍କ ସମ୍ବନ୍ଧରେ ବର୍ଣ୍ଣନା କରିବାର ଅର୍ଥ ଗୋଟିଏ ସମୁଦ୍ରକୁ ଏକ କାଳି ବୋତଲରେ ଧରି ରଖିବାର ପ୍ରୟାସ କରିବା । ଥରେ ଆମେ ଏକ ସମୁଦ୍ରକୂଳରେ

ବସିଥାଉ, ମର୍ଫେଟ୍ ସ୍ୱାମୀଙ୍କୁ ଚାହିଁ ପଚାରିଲେ, "ସ୍ୱାମୀ, ଏହି ସଂସାରକୁ ସୁଧାରିବା ପାଇଁ ଆପଣ ନିଜେ ଧରାଧାମକୁ ଓହ୍ଲାଇ ଆସି ଆମ ସଂଗେ ହନ୍ତସନ୍ତ ହେବା କି ଦରକାର ଥିଲା ? ଆପଣ ସ୍ୱର୍ଗରେ ରହି ତ ଏହି ସଂସାରର ସଂସ୍କାର କରିପାରିଥା'ନ୍ତେ !" ସ୍ୱାମୀ କହିଲେ, "ହଁ, ମୁଁ ସେଇଠେ ରହି ଏସବୁ କରିପାରିଥା'ନ୍ତି, କରିପାରନ୍ତିନି ବୋଲି କିଛି ନାହିଁ । କିନ୍ତୁ ମୋ ନିକଟକୁ ଆସି ମୋତେ ଦର୍ଶନ କରି ତୁମେ ଯେଉଁ ଆନନ୍ଦ ପାଉଛ, ତାହା କିପରି ଦେଇଥା'ନ୍ତି ? ତେଣୁ ମୁଁ ଆସିଛି । ତୁମେ ଏଥିପାଇଁ ଆତୁର ହୋଇ ପ୍ରାର୍ଥନା କଲ, ତୁମରି ପ୍ରାର୍ଥନାରୁ ଏହି ପ୍ରାପ୍ତି !" ଏହା ଆମର ସୌଭାଗ୍ୟ ଯେ ସେ ଆମକୁ ତାଙ୍କର ସାଧନ ରୂପେ ବାଛି ନେଇଛନ୍ତି, ତେଣୁ ତାଙ୍କର ଆବିର୍ଭାବର ଉଦ୍ଦେଶ୍ୟ ଯେ କ'ଣ, ତାହା ଆମେ ଜାଣିବା ଆବଶ୍ୟକ । ତାହା ସେ ସେଦିନ ପୂର୍ଣ୍ଣଚନ୍ଦ୍ର ସଭାଗୃହ ମଧ୍ୟରେ ପ୍ରକାଶ କରିଥିଲେ । ସେ ଆବୃତ୍ତି କରିଥିବା ଏକ କବିତାରେ ଯେଉଁ ଚାରି ପାଞ୍ଚୋଟି ଉଦ୍ଦେଶ୍ୟ ନେଇ ସେ ଅବତାର ଗ୍ରହଣ କରିଛନ୍ତି ତାହା ଘୋଷଣା କରିଥିଲେ । ଉକ୍ତ କବିତାର ପ୍ରଥମ ଧାଡ଼ିରେ ଥିଲା, "ଅବତରିଞ୍ଚେନୁ ଅଚ୍ୟୁତ୍ ପୁଟପର୍ତ୍ତି ଯନ୍ଧୁ ।" ଅର୍ଥାତ୍ ନିର୍ଗୁଣ, ନିରାକାର ଅଚ୍ୟୁତ ପରଂବ୍ରହ୍ମ ଆଜି ପୁଟପର୍ତ୍ତିରେ ଅବତୀର୍ଣ୍ଣ ହୋଇଛନ୍ତି । କାହିଁକି ଅବତୀର୍ଣ୍ଣ ହୋଇଛନ୍ତି ?

ଗତକାଲି ସ୍ୱାମୀ ଯୁଗର ପରିମାପକ 'ଯୁଗାଦି' ସମ୍ବନ୍ଧରେ କହୁଥିଲେ । ସେ କହୁଥିଲେ ଯେ ପ୍ରତ୍ୟେକ ଯୁଗ ଏକ ନିର୍ଦ୍ଦିଷ୍ଟ ମାସରେ ଆରମ୍ଭ ହୁଏ ଏବଂ ଗତକାଲି ଯେଉଁ ମାସର ଆରମ୍ଭ ହେଲା, ସେହି ମାସରେ କଳିଯୁଗ ଆରମ୍ଭ ହୋଇଥିଲା । ତେଣୁ ପ୍ରତି ବର୍ଷ ଏହି ଦିନଟି ଯୁଗାଦି (ଯୁଗ+ଆଦି) ରୂପେ ପାଳିତ ହୋଇଥାଏ । ଯୁଗର ଅର୍ଥ ଦଶସହସ୍ର ବର୍ଷ । ପ୍ରତ୍ୟେକ ଯୁଗରେ ସେ ସମୟର ବିଶ୍ୱ ପରିସ୍ଥିତି, ପର୍ଯ୍ୟାବରଣ, ସାମାଜିକ ତଥା ଅର୍ଥନୈତିକ ଅବସ୍ଥା ଦୃଷ୍ଟିରୁ ଏକ ଯୁଗଧର୍ମ ଥାଏ । ପ୍ରତ୍ୟେକଟି ଯୁଗ ପାଇଁ ନିର୍ଦ୍ଦେଶିତ ନୈତିକ ତଥା ଆଧ୍ୟାତ୍ମିକ ଧର୍ମ ଯେତେବେଳେ ସେହି ଯୁଗରେ ହ୍ରାସ ପାଏ ବା ମଳିନ ପଡ଼ିଯାଏ ବା ସେଥିରେ ଗ୍ଲାନି ଘଟେ, ପରିସ୍ଥିତିକୁ ସୁଧାରିବା ପାଇଁ ଅବତାରଙ୍କୁ ଆସିବାକୁ ହୋଇଥାଏ । ଏହିଠାରେ ଆମେ ସ୍ୱାମୀଙ୍କର ବିଶେଷତ୍ୱ ଲକ୍ଷ୍ୟ କରିଥାଉ । "ନୟମାର୍ଗମୁନ ତ୍ରିପିନାଡ଼ପୁ କୋରକୁ" ଅର୍ଥାତ୍ ସେ ଧର୍ମର ସଂସ୍ଥାପନ କରିଥା'ନ୍ତି, ସଦୟ, ସପ୍ରେମ, ସୁମଧୁର ରୀତିରେ ସେମାନଙ୍କ ମଧ୍ୟରେ ସଂସ୍କାର ଆଣିଥା'ନ୍ତି । ଅତୀତର ଅବତାରମାନେ ପିତା ଔଷଧ ଦେଉଥା'ନ୍ତି, କିନ୍ତୁ ଏହି ଅବତାର ହସ ହସ ମୁହଁରେ ପ୍ରେମର ସହ, ସକରୁଣ ହୃଦୟ ନେଇ ଓ ବିବିଧ ଉପହାର ଦେଇ ଆମକୁ ମିଠା ଔଷଧ ଖୁଏଇଥା'ନ୍ତି । ସେ ତୁମକୁ ଏକ ହାତଘଡ଼ି ଦିଅନ୍ତି, ତାହା ପାଇ ତୁମେ ଖୁସି ହୋଇଯାଅ । ପର ମୁହୂର୍ତ୍ତରେ କିନ୍ତୁ ସେ ସତର୍କ କରି କହନ୍ତି, "ଏଇ ଘଡ଼ି ପିନ୍ଧି ଯଦି ସିନେମା ଯାଅ, ତାହା ଆଉ ଚାଲିବ ନାହିଁ ।" ହାଇଦ୍ରାବାଦ୍‌ରେ ରହୁଥିବା ଡକ୍ଟର ଭଗବନ୍ତମ୍‌ଙ୍କ ପୁଅକୁ ସ୍ୱାମୀ ଠିକ୍ ଏହା ହିଁ କହିଥିଲେ । ଏହି ପିଲାଟି ଦିନକୁ ଅତି କମ୍‌ରେ ଦୁଇଟି ସିନେମା ଦେଖୁଥାଏ ଏବଂ ଯେଉଁଦିନ ସ୍ୱାମୀ

ତାକୁ ଗାୟତ୍ରୀମନ୍ତ୍ର ଦୀକ୍ଷା ଦେବା ପାଇଁ ତା' ଘରକୁ ଯାଇଥା'ନ୍ତି, ସେ ଯାଇ ବସିଥାଏ ଏକ ଥିଏଟରରେ ! ଘରର ଲୋକ ସେ କୌଣସି ଏକ ଥିଏଟର୍‌କୁ ଯାଇଥିବ ଭାବି ତାକୁ ଏଣେତେଣେ ଖୋଜୁଥାନ୍ତି କିନ୍ତୁ ସେ ଯେ କେଉଁ ଥିଏଟରକୁ ଯାଇଛି କିମିତି ଜାଣି ହେବ ? ତାହା ତ କେହି ଜାଣି ନ'ଥାନ୍ତି । ଇତି ମଧ୍ୟରେ ପିଲାଟି ଘରର ପାଚେରୀ ଡେଇଁ ଚୁପ୍‌ଚାପ୍ ଘର ଭିତରକୁ ପ୍ରବେଶ କରିଯାଇଥାଏ । ତାକୁ ଦେଖି ସ୍ୱାମୀ କହିଲେ, "ଆଃ, ଆସି ଯାଉଛୁ ! ବଢ଼ିଆ ହେଲା !" ପିଲାଟିର ସିନେମା ଦେଖା ପାଗଳାମି ସମ୍ବନ୍ଧରେ ସେ ପଦେ କହିଲେ ନାହିଁ । ସ୍ନେହରେ ତାକୁ ପାଖରେ ବସେଇ ସେ ତା' କାନରେ ଗାୟତ୍ରୀମନ୍ତ୍ର ଦୀକ୍ଷା ଦେଉ ଦେଉ କହିଲେ, "ମୁଁ ତୋତେ ଗୋଟିଏ ହାତଘଡ଼ି ଦେବି, କିନ୍ତୁ ତୁ ଫେର ସିନେମା ଦେଖିଲେ ତାହା ବନ୍ଦ ହୋଇଯିବ ।" ତା'ପରେ ତାର ପିତା ସେ ସିନେମା ଯାଉଛି କି ନାହିଁ ଜାଣିବା ପାଇଁ ତାକୁ ମଝିରେ ମଝିରେ ଘଡ଼ିରେ ସମୟ କେତେ ହୋଇଛି ପଚାରୁଥା'ନ୍ତି । ଦିନେ ସେ ପିଲା କହିଲା ଯେ ତାର ଘଡ଼ି ବନ୍ଦ ହୋଇଯାଇଛି । ତାହା ଶୁଣି ତା' ବାପା କହିଲେ, "ତା'ମାନେ ତୁ ସିନେମା ଯାଇଛୁ ଓ ସ୍ୱାମୀଙ୍କ ପାଖରେ କରିଥିବା ପ୍ରତିଜ୍ଞା ଭାଙ୍ଗିଛୁ ।" ଇତି ମଧ୍ୟରେ ପିଲାଟି ହାଇଦାବାଦ୍ ଓ ସିକନ୍ଦରାବାଦ୍‌ର କେତେକ ଘଡ଼ି ମରାମତି ଦୋକାନକୁ ଯାଇ ଘଡ଼ିଟି ଦେଖେଇଥାଏ କିନ୍ତୁ କେହି ତାହା ମରାମତି କରିପାରିଲେ ନାହିଁ । କିମିତି ବା ତାହା ମରାମତି ହୋଇଥା'ନ୍ତା ! ଶେଷରେ ସେ ସ୍ୱାମୀଙ୍କ ନିକଟକୁ ଆସିଲା । ସ୍ୱାମୀ ତାକୁ କହିଲେ, "ଆରେ ତୁ ତ' ସିନେମା ଦେଖି ଯାଇଥିଲୁ, ଆଉ ସିନେମା ଯା'ନା ।" ସ୍ୱାମୀ ଏଭଳି ସୁନ୍ଦରଭାବେ ମଣିଷର ଆଚରଣରେ ପରିବର୍ତ୍ତନ ଆଣିଥା'ନ୍ତି ।

ସ୍ୱାମୀ ତାଙ୍କର ଏକ ଦିବ୍ୟ ସମ୍ଭାଷଣରେ କହିଥିଲେ ଯେ ଅନେକ ମହାତ୍ମା, ମହାପୁରୁଷ ଏ ଦେଶରେ ଜନ୍ମ ନେଇଛନ୍ତି । ସେହି ସମୟରେ ସେ ରାମ ଓ ବୁଦ୍ଧଙ୍କ କଥା ଉଲ୍ଲେଖ କରି ସେମାନଙ୍କୁ ଧର୍ମର ମୂର୍ତ୍ତିମନ୍ତ ପ୍ରତୀକ ରୂପେ ବର୍ଣ୍ଣନା କରିଥିଲେ । ଏହି ପ୍ରସଙ୍ଗରେ ସେ ରାମଙ୍କ ନାମ ସହ ଅଶୋକଙ୍କ ନାମ ମଧ୍ୟ ନେଇଥିଲେ । ତାହା ଶୁଣି ମୁଁ ଖୁସି ହୋଇଥିଲି, କାରଣ ମୁଁ ନିଜେ ଅଶୋକଙ୍କ ସମ୍ବନ୍ଧରେ ଏକ ପୁସ୍ତକ ରଚନା କରିଥାଏ । ଅଶୋକ ଭାରତର ସମ୍ରାଟ ଥିଲେ ଓ ତାଙ୍କ ରାଜଧାନୀ ଥିଲା ପାଟନା । ସେ ଦୂରବର୍ତ୍ତୀ ବାଙ୍ଗାଲୋର, ମହୀଶୂର ଯାଏଁ ତାଙ୍କ ସାମ୍ରାଜ୍ୟ ବିସ୍ତାର କରିଥିଲେ । ସେ ଓଡ଼ିଶାକୁ ଜୟ କରିବାକୁ ଏକ ଯୁଦ୍ଧ କରିଥିଲେ ଓ ସେଥିରେ ଜିଣିଥିଲେ । ସେହି ଯୁଦ୍ଧରେ ସେ ହଜାର ହଜାର ଲୋକ ମୃତ୍ୟୁବରଣ କରିବା, ହଜାର ହଜାର ପିତା-ମାତା ଓ ଭାର୍ଯ୍ୟା ନିଜ ନିଜ ସନ୍ତାନ ବା ପତିଙ୍କୁ ହରେଇବା ଦେଖିଥିଲେ । ତାହା ଦେଖି ତାଙ୍କ ମନ ବ୍ୟଥିତ ହୋଇଥିଲା ଓ ସେ ସ୍ଥିର କଲେ, "ନା, ଆଉ ମୁଁ ଯୁଦ୍ଧ କରିବି ନାହିଁ, ଆଉ ମୋ ସୈନ୍ୟ ବାହିନୀକୁ ବ୍ୟବହାର କରିବି ନାହିଁ ।" ତାପରେ ସେ ତାଙ୍କ ରନ୍ଧନଶାଳାରେ ଯେଉଁସବୁ ଜୀବକୁ ହତ୍ୟା କରି ମାଂସ ପ୍ରସ୍ତୁତ କରାଯାଉଥାଏ, ତାହାର ଏକ ତାଲିକା କଲେ ଓ ଘୋଷଣା କଲେ ଯେ

ଭବିଷ୍ୟତରେ ଆଉ ସେ ସମସ୍ତ ଜୀବକୁ ହତ୍ୟା କରି ତାର ମାଂସ ଭକ୍ଷଣ କରାଯିବ ନାହିଁ । ସେ ତାଙ୍କର ସାରା ରାଜ୍ୟର ବିବିଧ ସ୍ଥାନରେ ଶିଳାଖଣ୍ଡମାନଙ୍କ ଉପରେ ତାଙ୍କର ଏହି ଘୋଷଣାକୁ ଲିପିବଦ୍ଧ କରି ରଖିଲେ । ଥରେ ଭାବି ଦେଖନ୍ତୁ, ଜଣେ ସମ୍ରାଟ ଶକ୍ତି ପ୍ରୟୋଗ ନକରି ତାଙ୍କର ସାମ୍ରାଜ୍ୟକୁ ଦୀର୍ଘ ପଚିଶ ବର୍ଷ ଶାସନ କରିଗଲେ । ସେ ସାରା ବିଶ୍ୱକୁ ଜଣେଇ ଦେଲେ ଯେ ସେ ଶକ୍ତି ପ୍ରୟୋଗ କରିବେ ନାହିଁ, କାହାକୁ କୌଣସି ପ୍ରକାର କଷ୍ଟ ଦେବେ ନାହିଁ ଓ ଜୀବହତ୍ୟା କରିବେ ନାହିଁ । ପ୍ରାୟ ଦୁଇ ହଜାର ଦୁଇଶହ ବର୍ଷ ପୂର୍ବେ, ଖ୍ରୀଷ୍ଟପୂର୍ବ ୨୫୦ରେ ସେ ତାଙ୍କର ଶିଳାଲିପିମାନଙ୍କରେ ଲେଖିଯାଇଥିଲେ ଯେ ସମସ୍ତ ଧର୍ମ ଓ ବିଶ୍ୱାସକୁ ସମାନଭାବେ ସମ୍ମାନ ଦିଅ । ଅନ୍ୟର ଧର୍ମକୁ ସମ୍ମାନ ନ ଦେବାର ଅର୍ଥ ନିଜର ଧର୍ମକୁ ଅସମ୍ମାନ କରିବା । ତାଙ୍କର ଶିଳାଲିପିମାନଙ୍କରେ ଲେଖା ହୋଇଥିବା ଏକ ଶବ୍ଦ ହେଉଛି "ବହୁଶ୍ରୁତମ୍" ଅର୍ଥାତ୍ ଯେତେ ପାରୁଛ ସେତେ ଶାସ୍ତ୍ର ଶ୍ରବଣ କର ଓ ସେଗୁଡ଼ିକୁ ତୁମ ଶାସ୍ତ୍ର ସହ ମିଳେଇ ବୁଝିବାକୁ ଚେଷ୍ଟା କର । ସେତେବେଳେ ତୁମେ ଆବିଷ୍କାର କରିବ ଯେ ସବୁ ଧର୍ମ ସମାନ ଏବଂ ଅନ୍ୟ ସମସ୍ତେ ଚାଲୁଥିବା ସମସ୍ତ ପଥ ସେହି ଏକ ଲକ୍ଷ୍ୟରେ ପହଞ୍ଚିଥାନ୍ତି । ଆମେ ସମସ୍ତେ ଏକ ଏକ ପଥିକ ।

ଶିଳାଲିପିମାନଙ୍କରେ ଦୃଷ୍ଟିଗୋଚର ହେଉଥିବା ଅନ୍ୟ ଏକ ଶବ୍ଦ ହେଲା 'ସହାନୁଭୂତି' । ସମସ୍ତ ଶାସ୍ତ୍ରର ସ୍ୱାଧ୍ୟାୟ କର, ତାର ସାରମର୍ମକୁ ବୁଝ, ତାହା ଉପରେ ବିଶ୍ୱାସ ରଖ ଓ ତାକୁ ଜୀବନରେ ଅଭ୍ୟାସ କର । ଶିଳାଲିପିର ଅନ୍ୟ ଏକ ଶବ୍ଦ ଥିଲା 'ବାଚୋବୁଦ୍ଧି' ଅର୍ଥାତ୍ କୁହ କମ୍, କର ବେଶୀ ।" ଅଶୋକ ଆମକୁ ଏହି ତିନୋଟି ସତ୍ୟ ଦେଇ ଯାଇଛନ୍ତି ।

ସ୍ୱାମୀ ଅନେକ ସମୟରେ 'ଯୁଗଧର୍ମ' ଶବ୍ଦଟି ବ୍ୟବହାର କରିଥା'ନ୍ତି । ପୃଥିବୀ ଏକ କ୍ଷୁଦ୍ର ମହାକାଶ ଯାନରେ ପରିଣତ ହେଉଛି । ଏହାକୁ ମହାକାଶଯାନ ନ କହି ବରଂ ମହାକାଶତରୀ କହିଲେ ଠିକ୍ ହେବ, ତାହା ମଧ୍ୟ ଭାସମାନ ଉପକରଣ ବିନା । ଏଭଳି ଏକ ମହାକାଶତରୀରେ ବସି ମଣିଷ ଯଦି ପ୍ରେମର ଧର୍ମ ମାନି ନ ଚଳେ, ତେବେ ତରୀଟି ବେଶୀ ଦିନ ରହିବ ନାହିଁ, କାରଣ ଲୋକମାନେ ପରସ୍ପରକୁ ଘୃଣା କରି ବସିବେ । ତେଣୁ ସ୍ୱାମୀ କହନ୍ତି, "ଏହି ଯୁଗ ପାଇଁ ଉପଯୁକ୍ତ ଏକ ଆଚରଣବିଧି ରହିବା ଆବଶ୍ୟକ ଏବଂ ଏହି ଆଚରଣବିଧି ମୂଳତଃ ପ୍ରେମ ଓ ନୈତିକତାକୁ ଆଧାର କରି ରହିବ, ଯାହା ମୁଁ ମଣିଷକୁ ଏତେ ସ୍ନେହରେ ଓ ମଧୁର ଭାବେ ଶିକ୍ଷା ଦେଇଥାଏ ।"

ତାଙ୍କର ଆବିର୍ଭାବର ଦ୍ୱିତୀୟ ଉଦ୍ଦେଶ୍ୟକୁ ବୁଝେଇବାକୁ ଯାଇ ସ୍ୱାମୀ ଆଜିର କଳିଯୁଗ ସମ୍ବନ୍ଧରେ ଉଲ୍ଲେଖ କରିଥା'ନ୍ତି । ବିବେକାନନ୍ଦଙ୍କ ମତରେ ପୂର୍ବର ବ୍ରାହ୍ମଣ ଆଜିର ପରିଭାଷାରେ ହେବ ଜଣେ ଧର୍ମ ପ୍ରଚାରକ । ପୂର୍ବର କ୍ଷତ୍ରିୟମାନେ ହେଉଛନ୍ତି ଆଜିର ସୈନ୍ୟବାହିନୀ । ପୂର୍ବର ବୈଶ୍ୟମାନଙ୍କୁ ଆଜି କୁହାଯିବ ବ୍ୟବସାୟୀ ଗୋଷ୍ଠୀ । ପୂର୍ବର

ଶୂଦ୍ରମାନେ ହେଉଛନ୍ତି ଆଜିର କୃଷକ ଓ ଶ୍ରମିକ । ତେଣୁ ଆଜିର ଯୁଗରେ ମଣିଷର ଆଧାତ୍ମିକ ଉତ୍ତରଣ ନିମନ୍ତେ ଏକ ବିଶେଷ ପଦ୍ଧତିର ଆବଶ୍ୟକତା ରହିଛି । ସ୍ୱାମୀ କହନ୍ତି, ନାମସ୍ମରଣ ହେଉଛି ଆଜିର ଯୁଗ ପାଇଁ ବିଶେଷ ପଦ୍ଧତି । ତୁମେ ଯେତେବେଳେ ଜଣଙ୍କୁ ଦେଖୁଛ, ନାମସ୍ମରଣ କର । ନାମସ୍ମରଣଠୁ ବଡ଼ ଅନ୍ୟ କିଛି ନାହିଁ । ସବୁକିଛି ସାଇରାମ୍ । ସମସ୍ତେ ସାଇରାମ୍ । ତୁମେ ଯେତେବେଳେ ଯାହା ଦେଖୁଛ, ସେତେବେଳେ ଭଗବାନଙ୍କ ନାମ ମନେ ପଡୁ । କୁକୁର ହେଉ, ମଇଁଷି ହେଉ ବା ସାପ ହେଉ – ସବୁ କିଛି ଭଗବାନ । ଯାହା କିଛି ଦେଖିଲେ ମଧ୍ୟ, ତୁମ ମନକୁ ଭଗବାନଙ୍କ ନାମ ଆସିବା କଥା, ଭଗବାନଙ୍କ ପ୍ରତି ଭକ୍ତିଭାବ ଆସିବା କଥା । ଭଗବାନଙ୍କ ମଧ୍ୟରେ ଲୀନ ହୋଇ ରୁହ, ଭଗବାନଙ୍କୁ ବିଶ୍ୱାସ କର, ସବୁ କିଛି ଭଗବାନଙ୍କଠେ ସମର୍ପି ଦିଅ । ତାଙ୍କରି ସଙ୍କଳ୍ପ କାର୍ଯ୍ୟକାରୀ ହେଉ । ବିଷ୍ଣୁନାମ ସ୍ମରଣ କର – ତାହା ସବୁ କିଛିର ଅନ୍ତର୍ନିହିତ ସାର । ସ୍ୱାମୀ ଯେତେବେଳେ କହନ୍ତି, "ମୁଁ ତୁମକୁ ଏହି କଳିଯୁଗରେ ମାଧୁର୍ଯ୍ୟ କ'ଣ, ଦୟା କ'ଣ, କରୁଣା କ'ଣ ଶିକ୍ଷା ଦେବାକୁ ଆସିଛି" – ସେତେବେଳେ ସେ ତାହା ଏହି ଅର୍ଥରେ କହନ୍ତି । ସେ କହନ୍ତି, ଏହା କଳିଯୁଗ ନୁହଁ, କଳହ ଯୁଗ – ପରିବାରରେ କଳହ, ରାସ୍ତାଘାଟରେ କଳହ, ସହର ବଜାରରେ କଳହ, ଜାତି ଜାତି ମଧ୍ୟରେ କଳହ, ଦେଶ ଦେଶ ମଧ୍ୟରେ କଳହ, ସାରା ସଂସାରରେ କଳହ, ଏପରିକି ମହାକାଶରେ ମଧ୍ୟ କଳହ ! ତେଣୁ କଳହ ମଣିଷର ଅସ୍ଥିମଜ୍ଜାଗତ ହୋଇଯାଇଛି । ସେ କହନ୍ତି ଯେ ମଣିଷର ହୃଦୟକୁ ଈର୍ଷା, ଦ୍ୱେଷ, ଅସୂୟା ଓ ଅହଙ୍କାର ଆଦି କଳୁଷରୁ ସମ୍ପୂର୍ଣ୍ଣ ମୁକ୍ତ କରି ସେଥିରେ ପ୍ରେମ ଭରିଦେବା ପାଇଁ ସେ ଆସିଛନ୍ତି । ତେଣୁ ସେ ଏହି କ୍ଷେତ୍ରକୁ "ପ୍ରଶାନ୍ତିନିଳୟମ୍" ନାମ ଦେଇଛନ୍ତି । ଥରେ ଭାବି ଦେଖନ୍ତୁ, ଏହି ଭବନର ନିର୍ମାଣ ସମୟରେ ସ୍ୱାମୀଙ୍କର ବୟସ ମାତ୍ର ଚବିଶ ବର୍ଷ ଥିଲା । ସେହି ବୟସରେ ମଧ୍ୟ ସେ ଏହାକୁ ଏକ ମନ୍ଦିର ବା ଆଶ୍ରମ କହିନଥିଲେ । ସେ ଏହାକୁ ପ୍ରଶାନ୍ତିନିଳୟମ୍ ନାମ ଦେଇଥିଲେ । ଏଠାରେ ଆପଣଙ୍କୁ ଶାନ୍ତି ନୁହଁ, ପ୍ରଶାନ୍ତି ମିଳିଥାଏ । ଭଗବଦ୍ ଗୀତାରେ କୁହାଯାଇଛି, ଯିଏ ତାର ଇନ୍ଦ୍ରିୟ ସକଳକୁ, ଚଳଚଞ୍ଚଳ ମନକୁ ଓ ବୁଦ୍ଧିକୁ ନିୟନ୍ତ୍ରଣ କରିପାରେ, ସେ ପ୍ରଶାନ୍ତିର ଅଧିକାରୀ ହୁଏ । ଲକ୍ଷ୍ୟ କରନ୍ତୁ, ଏଠାରେ ବୁଦ୍ଧିକୁ ମଧ୍ୟ ନିୟନ୍ତ୍ରଣ କରିବାର କଥା କୁହାଯାଇଛି, କାରଣ ଜଣେ ତାର ବୁଦ୍ଧିକୁ ବିପରୀତ ଉଦ୍ଦେଶ୍ୟରେ ବ୍ୟବହାର କରିପାରେ । ବିଚାରାଳୟରେ ବିଚାରପତିଙ୍କ ସମ୍ମୁଖରେ ଦୁଇଜଣ ଓକିଲ ନିଜ ନିଜ ଯୁକ୍ତି ଉପସ୍ଥାପନ କରନ୍ତି ଓ କାହାର ଯୁକ୍ତି ଅଧିକ ଯଥାର୍ଥ ତାହା ବିଚାରପତି ସ୍ଥିର କରନ୍ତି । ନିଜର ଇଚ୍ଛାମତେ ଘଟଣା ପ୍ରବାହରେ ପରିବର୍ତ୍ତନ ଆଣିବା ପାଇଁ ବୁଦ୍ଧିକୁ ଏକ ଶାଣିତ ଅସ୍ତ୍ର ରୂପେ ବ୍ୟବହାର କରାଯାଇପାରେ । ତେଣୁ ହୃଦୟକୁ ପବିତ୍ର କରିବା ପାଇଁ ବୁଦ୍ଧିର ଊର୍ଦ୍ଧ୍ୱରେ ଥିବା ଅନ୍ତର୍ଦୃଷ୍ଟିଯାଏଁ ଯିବାକୁ ହେବ । ତେବେ ଯାଇ ପ୍ରଶାନ୍ତି ଆସିବ, ନଚେତ୍ ଏହା କେବଳ ଶାନ୍ତି । ସ୍ୱାମୀ କହନ୍ତି, ଦୁଇଟି ଯୁଦ୍ଧର ମଧ୍ୟାନ୍ତରରେ ଅନୁଭୂତ ଶାନ୍ତି

ଅନ୍ୟ ଏକ ଯୁଦ୍ଧ ପାଇଁ ପ୍ରସ୍ତୁତି ମାତ୍ର । ଆଉ ଏକ ଯୁଦ୍ଧ ଆରମ୍ଭ କରିବା ପୂର୍ବରୁ ଏହି ସମୟକୁ ପୂର୍ବ ଯୁଦ୍ଧର କ୍ଷତରେ ମଲମ ଦେବା ପାଇଁ ବ୍ୟବହାର କରାଯାଏ । ପ୍ରଶାନ୍ତି କିନ୍ତୁ ଏହାର ଊର୍ଦ୍ଧ୍ୱରେ । ପ୍ରଶାନ୍ତି କୌଣସି ଉତ୍‌ଥାନ-ପତନ, ଆବେଗ ବା ଆନ୍ଦୋଳନ, ଆଶା ବା ହତାଶା ଦ୍ୱାରା ପ୍ରଭାବିତ ହୁଏ ନାହିଁ । ସ୍ୱାମୀ ଚାହାନ୍ତି, ସାରା ପୃଥିବୀରେ ପ୍ରତିଟି ହୃଦୟ ଏକ ଏକ ପ୍ରଶାନ୍ତିନିଲୟମ୍‌ରେ ରୂପାନ୍ତରିତ ହେଉ । ପ୍ରତ୍ୟେକଙ୍କ ଉସ୍ଥ ସ୍ୱୟଂ ଭଗବାନ ହୋଇଥିବା ହେତୁ, ପ୍ରତ୍ୟେକେ ଧୀର, ସ୍ଥିର, ଶାନ୍ତ ଓ ଦ୍ୱନ୍ଦ୍ୱରହିତ ରହନ୍ତୁ । ଘୃଣା, ଲୋଭ, ଈର୍ଷା, ଅସୂୟା ଓ ବିଦ୍ୱେଷ - ଏ ସମସ୍ତର ଉତ୍ପତ୍ତି ମଣିଷର ହୃଦୟରୁ ହୋଇଥାଏ, ତେଣୁ ହୃଦୟକୁ 'ନିଷ୍କଳଙ୍କ' କରିବାକୁ ହେବ ।

ତୃତୀୟ ଉଦ୍ଦେଶ୍ୟ ହେଲା, 'ସାଧୁ ସଂରକ୍ଷଣ ସଲୁପୁକୋରକୁ' ଅର୍ଥାତ୍ ଦୁଷ୍ଟଲୋକଙ୍କର ଶୋଷଣ ଓ ଅତ୍ୟାଚାରରୁ ସାଧୁଲୋକଙ୍କୁ ରକ୍ଷା କରିବା ପାଇଁ । ସମସ୍ତ ଅବତାର ଏହି ଉଦ୍ଦେଶ୍ୟ ସାଧନ କରିଥାନ୍ତି । ସେ ଏଥିପୂର୍ବରୁ ମଧ୍ୟ ଏହା କରିଥିଲେ । ତେଣୁ ସେ ବାରମ୍ବାର କହନ୍ତି, ଧନିକବର୍ଗ ସେମାନଙ୍କର ସମସ୍ତ ସମ୍ପଦକୁ ନ୍ୟାସରକ୍ଷକ ଭଳି ବ୍ୟବହାର କରିବା ଉଚିତ । ଯେତିକି ଧନ ନିତାନ୍ତ ଆବଶ୍ୟକ, ତାହାଠୁ ଅଧିକ ଧନ ଠୁଳ କରିବା ଉଚିତ ନୁହଁ, କାରଣ ପରିଶେଷରେ ତୁମର ସମସ୍ତ ଧନସମ୍ପଦର ମୂଲ୍ୟ ମୁଠାଏ ପାଉଁଶର ମୂଲ୍ୟଠାରୁ ବେଶୀ ନୁହଁ । ଦିନେ ହ୍ୱାଇଟ୍‌ଫିଲଡ୍‌ର ବାରଣ୍ଡାରେ ମୁଁ ବସିଥାଏ । ସ୍ୱାମୀ କଲେଜ ଛାତ୍ର ଓ ଅନ୍ୟ କେତେକଙ୍କ ଗହଣରେ ଥା'ନ୍ତି । ଛାତ୍ରମାନଙ୍କୁ କିଛି କହିବା ପାଇଁ ସ୍ୱାମୀ ମୋତେ ନିର୍ଦ୍ଦେଶ ଦେଲେ । ମୁଁ ବାରଣ୍ଡାର ଗୋଟିଏ କୋଣରେ ବସିଥାଏ, ଯେଉଁଠାକୁ ବିଶେଷ ଆଲୋକ ପଡୁନଥାଏ। ଆଜି ଭଳି ସେଦିନ ମଧ୍ୟ ମୁଁ ମୋ କପାଳସାରା ବିଭୂତିର ତ୍ରିପୁଣ୍ଡ ବୋଳି ହୋଇଥାଏ । ସ୍ୱାମୀ ମୋତେ ଲକ୍ଷ୍ୟ କରି କହିଲେ, "ଏଇ କସ୍ତୁରୀ ! ଏଠିକି ଆଲୁଅକୁ ଆ, ନହେଲେ ଲୋକ ଭାବିବେ ଯେ ତୁ କପାଳରେ ପଟି (ବ୍ୟାଣ୍ଡେଜ୍) ବାନ୍ଧିଛୁ । ମୋ କପାଳସାରା ବିଭୂତି ବ୍ୟାଣ୍ଡେଜ୍ ଭଳି ଦିଶୁଥାଏ । ମୁଁ ଆଲୁଅ ତଳକୁ ଆସି ପିଲାମାନଙ୍କୁ ଉଦ୍ଦେଶ୍ୟ କରି କହିଲି, "ହଁ, ମୁଁ ବୋଳି ହୋଇଥିବା ବିଭୂତି 'ବଣ୍ଡେଜ୍' (ବନ୍ଧନ)ରୁ ମୁକ୍ତ ହେବା ପାଇଁ ଏକ ବ୍ୟାଣ୍ଡେଜ୍ । ଏହା ଆମକୁ ମନେ ପକେଇ ଦିଏ ଯେ ଆମର ମୃତ୍ୟୁ ଆଗତପ୍ରାୟ, ସଂସାରରେ କିଛି ଚିରସ୍ଥାୟୀ ନୁହଁ, ତୁମର ସମସ୍ତ ଧନ-ସମ୍ପଦ, ଖ୍ୟାତି, ଗୌରବ, ପାଣ୍ଡିତ୍ୟ, ପଦବୀ ପ୍ରତିଷ୍ଠା - ଏସବୁ ଶେଷରେ ଏହି ଭସ୍ମରେ ପରିଣତ ହେବ ! ଧନ ସମ୍ପଦର ବଣ୍ଡେଜ୍ ହେଉ ବା ଘର-ସଂସାରର ବଣ୍ଡେଜ୍ ହେଉ - ଶେଷରେ କିନ୍ତୁ ବଳିବ କେବଳ ଏହି ଭସ୍ମ (ବିଭୂତି)ର ବ୍ୟାଣ୍ଡେଜ୍ । ସ୍ୱାମୀ କହନ୍ତି, ମୃତ୍ୟୁ ଆଗରୁ ପଚାରି ଆସି ନଥାଏ । ତାହା ଯେକୌଣସି ସମୟରେ ଆସିପାରେ । ତୁମକୁ କିନ୍ତୁ ପ୍ରସ୍ତୁତ ରହିବାକୁ ହେବ । କ୍ୟାମେରା ଟିପିବା ବେଳକୁ ତୁମେ ପ୍ରସ୍ତୁତ ରହିଥିବ, ନଚେତ୍ ଫଟୋ ଉଠେଇ କି ଲାଭ ? ମୃତ୍ୟୁ ପାଇଁ ସବୁବେଳେ ପ୍ରସ୍ତୁତ ରୁହ ।

ଚତୁର୍ଥ ଉଦ୍ଦେଶ୍ୟ ହେଲା, "ଭାଷ୍ୟାର୍ଥ ଗୁପ୍ତମୁ ସଲୁପୁ କୋରକୁ" ଅର୍ଥାତ୍ ସମସ୍ତ ଶାସ୍ତ୍ରର ଅନ୍ତରାର୍ଥ ବ୍ୟକ୍ତ କରିବା ପାଇଁ। ଏଥି ପୂର୍ବର କୌଣସି ଅବତାର ଏହା କରି ନଥିଲେ । ବିବିଧ ଶାସ୍ତ୍ର ଉପରେ ରଚିତ ଭାଷ୍ୟମାନ ବହୁ ସମୟରେ ବିଚାରଭ୍ରମ ସୃଷ୍ଟି କରିଥା'ନ୍ତି । ଭାଷ୍ୟକାରମାନେ ନିଜେ ଶାସ୍ତ୍ରର ଅନ୍ତରାର୍ଥକୁ ବୁଝି ନଥାନ୍ତି । ଏହା କେବଳ ହିନ୍ଦୁ ଧର୍ମର ଭାଷ୍ୟକାରଙ୍କ ସମ୍ବନ୍ଧରେ ନୁହଁ, ସବୁ ଧର୍ମର ଭାଷ୍ୟକାରଙ୍କ ସମ୍ବନ୍ଧରେ କୁହାଯାଇପାରେ । "ଭାଷ୍ୟାର୍ଥ ଗୁପ୍ତମୁ"ର ଅର୍ଥ ହେଲା ଭାଷ୍ୟ ମଧ୍ୟରେ ଥିବା ଗୋପନୀୟ ତଥ୍ୟ । ସେହି ଗୋପନୀୟ ତଥ୍ୟକୁ ପ୍ରକାଶ କରିବା ପାଇଁ ମୁଁ ଆସିଛି ।

ସେ କହିଛନ୍ତି ଯେ ସେ ଏ ସମସ୍ତ ଉଦ୍ଦେଶ୍ୟ ନେଇ ଅବତୀର୍ଣ୍ଣ ହୋଇଛନ୍ତି । ଏହାଠୁ ଆହୁରି ଅଧିକ ଉଦ୍ଦେଶ୍ୟ ଥାଇପାରେ, ତେବେ ଅବତାରଙ୍କ ଆଗମନର ମହତ୍ ଉଦ୍ଦେଶ୍ୟ ସମ୍ବନ୍ଧରେ ଏହା ଆମକୁ ସମ୍ୟକ୍ ଧାରଣା ଦିଏ ଏବଂ ଆମେ ତାଙ୍କର ସମସାମୟିକ ହେବାର ସୌଭାଗ୍ୟ ଲଭିଥିବା ଜାଣି ଆମ ଅନ୍ତରାତ୍ମା ଆଚମ୍ଭିତ ହୁଏ, ଉଲ୍ଲସିତ ହୁଏ ।

❖❖❖

୧୭

ପ୍ରକୃତ ଗୁରୁ

ଆପଣମାନଙ୍କୁ 'ଗମୟ'ର ଅର୍ଥ ବୁଝେଇବାକୁ ସ୍ୱାମୀ ମୋତେ ନିର୍ଦ୍ଦେଶ ଦେଇଛନ୍ତି, କାରଣ ଅନେକ ନୂଆଲୋକ ପ୍ରଶାନ୍ତି ଆସୁଥିବା ଲକ୍ଷ୍ୟ କରାଯାଉଛି । 'ଗମୟ'ର ଅର୍ଥ ନେଇଯାଅ । ଏଠାରେ ଏହି କ୍ଲାସ ଆୟୋଜନ କରିବାର ଉଦ୍ଦେଶ୍ୟ ହେଲା ଆପଣମାନଙ୍କର 'ଗମୟ' (ଯାତ୍ରା) ସତ୍‌ରୁ ଅସତ୍‌କୁ, ଆଲୋକରୁ ଅନ୍ଧକାରକୁ ବା ଅମୃତରୁ ମୃତ୍ୟୁକୁ ନହେଉ । ଏହାର ଅର୍ଥ ହେଲା ଆପଣମାନେ ଏଠାକୁ ଆସି ପ୍ରଶାନ୍ତି ପାଚେରୀ ବାହାରକୁ ଯାଇ ବାହାରେ ସମସ୍ତଙ୍କ ସହ ମିଳାମିଶା ନ କରନ୍ତୁ ବା କୌଣସି କଫି ଦୋକାନରେ ବସି ଆଡ୍‌ଡ଼ା ନ ଜମାନ୍ତୁ । ସ୍ୱାମୀ ବାହାରକୁ ଯିବା ସମୟରେ ଲକ୍ଷ୍ୟ କରିଛନ୍ତି ଯେ ସତ୍, ଜ୍ୟୋତି ଓ ଅମୃତର ସନ୍ଧାନରେ ଏଠାକୁ ଆସିଥିବା ଆପଣମାନଙ୍କ ମଧ୍ୟରୁ ଅନେକ ଏଠାକାର ପବିତ୍ର ପରିବେଶର ବାହାରକୁ ଯାଇ, ଆଧ୍ୟାତ୍ମିକ ଉନ୍ନତି ପାଇଁ ଆବଶ୍ୟକ ସ୍ୱାଧ୍ୟାୟ, ଧ୍ୟାନ, ପ୍ରାର୍ଥନା ଓ ନାମସ୍ମରଣ ପ୍ରତି ମନ ନଦେଇ ଏଣୁତେଣୁ ଗପସପରେ ସମୟ ନଷ୍ଟ କରୁଛନ୍ତି । ସ୍ୱାମୀ ଚାହାନ୍ତି ଯେ ଏହି ବିଷୟକୁ ଅଧିକରୁ ଅଧିକ ଗୁରୁତ୍ୱ ଦିଆଯାଉ । ସେ କହନ୍ତି ଯେ ଶୃଙ୍ଖଳା ହେଉଛି ସବୁଠୁ ଗୁରୁତ୍ୱପୂର୍ଣ୍ଣ ।

ଆପଣମାନେ ଏଠାକୁ ଏକ ତୀର୍ଥାଟନରେ ଆଧ୍ୟାତ୍ମିକ ଯାତ୍ରା ମନେକରି ଆସିଛନ୍ତି । କେବଳ କେତେକ ଦର୍ଶନୀୟ ସ୍ଥାନ ଦେଖିବାକୁ କିମ୍ବା ମନର କୌତୂହଳ ଚରିତାର୍ଥ କରିବାକୁ କିମ୍ବା ସ୍ୱାମୀଙ୍କ ଉପରେ ଏକ ନିବନ୍ଧ ରଚନା କରି ପି.ଏଚ୍.ଡ଼ି. ପାଇବାକୁ ଆପଣମାନେ ଏଠାକୁ ଆସି ନାହାନ୍ତି । ଅନ୍ତରର ଅଦମ୍ୟ ଆବେଗ ଆପଣମାନଙ୍କୁ ବହୁ ଦୂରଦୂରାନ୍ତରୁ ଏହି ଅନନ୍ୟ ବ୍ୟକ୍ତିତ୍ୱ ତଥା ଅସାଧାରଣ ବିସ୍ମୟପୁରୁଷଙ୍କ ନିକଟକୁ ଟାଣି ଆଣିଛି । ସେ ଆପଣମାନଙ୍କୁ ଆକୃଷ୍ଟ କରିଛନ୍ତି, କାରଣ ସେ ଚାହାନ୍ତି ଆପଣମାନେ ତାଙ୍କ ଚାରିପାଖେ ରହନ୍ତୁ, ଏଠାକାର ଦିବ୍ୟ ପରିବେଶକୁ ଅନ୍ତରରେ ଅନୁଭବ କରନ୍ତୁ, ମନନଶୀଳ ହୁଅନ୍ତୁ ଓ ନିଜ ମଧ୍ୟରେ ଏକତା, ସାଧୁତା, ପବିତ୍ରତା ତଥା ଆତ୍ମଜ୍ୟୋତିକୁ ବିକଶିତ କରନ୍ତୁ । ଏ ସମସ୍ତ ବିଷୟ ଉପରେ ମନକୁ ଏକାଗ୍ର କରିବାର ଏହା ପ୍ରକୃଷ୍ଟ ସମୟ ।

'ଗମୟ'ର ଅର୍ଥ ଆମକୁ ନେଇ ନେବା । ପୃଥିବୀରେ ଅନେକ ଗୁରୁ ଆଧ୍ୟାତ୍ମିକ ଦୀକ୍ଷା ଦେଇଥା'ନ୍ତି । କେତେକ ଗୁରୁ ଅତ୍ୟନ୍ତ ଗୋପନୀୟ କହି କର୍ଣ୍ଣମନ୍ତ୍ର ଦୀକ୍ଷା ଦେଇଥା'ନ୍ତି କିନ୍ତୁ ଅସଲରେ ସେଥିରେ ସେମିତି କିଛି ଗୋପନୀୟ ନଥାଏ । ଆମ ଦେଶରେ ରାମାନୁଜ ନାମରେ ଜଣେ ମହାତ୍ମା ଥିଲେ । ତାଙ୍କ ଗୁରୁ ଦିନେ ତାଙ୍କୁ ଏକ ଗୋପନୀୟ ମନ୍ତ୍ର ଦୀକ୍ଷା ଦେଇ କହିଲେ, "ଏହି ମନ୍ତ୍ରକୁ ସମସ୍ତଙ୍କ ଆଗରେ କହିବୁ ନାହିଁ, ଯଦି କହିବୁ ନର୍କକୁ ଯିବୁ ।" ରାମାନୁଜ ସେହି ମନ୍ତ୍ର ଜପ କଲେ କି ସୁଫଳ ମିଳେ, ତାହା ତାଙ୍କ ଗୁରୁଙ୍କୁ ପଚାରିଲେ । ଗୁରୁ କହିଲେ, "ଏହା ଜପ କଲେ ତୁ ଜନ୍ମମୃତ୍ୟୁର ଚକ୍ରାବର୍ତ୍ତରୁ ଉଦ୍ଧାର

ପାଇଯିବୁ । ଏହା ତୋତେ ସୁଖ ଓ ଶାନ୍ତି ଦେବ ।" ତାହା ଶୁଣି ରାମାନୁଜ ଭାବିଲେ, "ମୁଁ ନର୍କକୁ ଗଲେ ପଛେ ଯାଏ, କିନ୍ତୁ ସମସ୍ତେ ଜନ୍ମ-ମୃତ୍ୟୁର ଆବର୍ତ୍ତରୁ ଉଦ୍ଧାର ପାଇ ସୁଖ ଓ ଶାନ୍ତିରେ ରହନ୍ତୁ ।" ଏଭଳି ଭାବି ସେ ସହର ମଝିରେ ଥିବା ଏକ ମିନାର୍ ଉପରକୁ ଚଢ଼ିଗଲେ ଓ ବଡ଼ ପାଟିରେ ସେହି ମନ୍ତ୍ର ଉଚ୍ଚାରଣ କଲେ । ପରବର୍ତ୍ତୀ ସମୟରେ ସେ ଜଣେ ମହାନ୍ ଆଚାର୍ଯ୍ୟ ହେଲେ ଓ 'ବିଶିଷ୍ଟାଦ୍ୱୈତ' ନାମରେ ଏକ ଦର୍ଶନର ପ୍ରବକ୍ତା ହେଲେ । ଯେଉଁ ମନ୍ତ୍ର ସମସ୍ତଙ୍କୁ ଉଦ୍ଧାର କରିପାରେ, ତାକୁ ଗୋପନୀୟ ରଖିବାର ମାନେ କ'ଣ ?

ଭାଗବତ ପୁରାଣ ମଧ୍ୟରେ ଧ୍ରୁବ ଚରିତ ରହିଛି । ଧ୍ରୁବ ନାମକ ବାଳକର ପିତା ଜଣେ ରାଜା ଥିଲେ । ତାଙ୍କର ଦୁଇ ଜଣ ଭାର୍ଯ୍ୟା ଥା'ନ୍ତି ଓ ସେ ପ୍ରତ୍ୟେକଙ୍କ ଗର୍ଭରୁ ଏକ ଏକ ସନ୍ତାନ ଲାଭ କରିଥା'ନ୍ତି । ସେ ସାନ ରାଣୀ ଓ ତାଙ୍କର ପୁତ୍ରକୁ ଭଲ ପାଉଥା'ନ୍ତି ଓ ବଡ଼ ରାଣୀ ଓ ତାଙ୍କର ସନ୍ତାନକୁ ଅବହେଳା କରୁଥା'ନ୍ତି । ଦିନେ ରାଜା ତାଙ୍କର ଗେହ୍ଲାପୁଅକୁ କୋଳରେ ଧରି ବସିଥିବା ସମୟରେ ଧ୍ରୁବ ଆସି ସେ ମଧ୍ୟ ବାପାଙ୍କ କୋଳରେ ବସିବ ବୋଲି ଚାହିଁଲା, କିନ୍ତୁ ତା'ର ବାପା ତାକୁ ହତାଦରରେ ଦୂରକୁ ଠେଲିଦେଲେ । ଧ୍ରୁବ କାନ୍ଦି କାନ୍ଦି ତା ମା' ପାଖକୁ ଯାଇ କହିଲା, "ମା', ବାପା ତାକୁ କୋଳରେ ବସେଇଛନ୍ତି, ମୁଁ ବସିବାକୁ ଯିବାରୁ ମୋତେ ଠେଲି ଦେଲେ । ମୁଁ କାହିଁକି ବାପାଙ୍କ କୋଳରେ ବସିବିନି ?" ତା ମା ତାକୁ କହିଲେ, "ପୁଅ ! ଏହା ଆମର ଦୁର୍ଭାଗ୍ୟ । ଭଗବାନ ଚାହିଁଲେ ତୁ ତୋ ବାପାଙ୍କ କୋଳରେ ବସି ପାରିବୁ ।" ତାହା ଶୁଣି ଧ୍ରୁବ କହିଲା, "ଆଚ୍ଛା, ଭଗବାନ ଏହା କରି ପାରିବେ । ତେବେ ମୁଁ ଯାଇ ଭଗବାନଙ୍କୁ କହିବି, ସେ ବାପାଙ୍କୁ ମୋତେ କୋଳରେ ବସେଇବାକୁ ବୁଝେଇବେ ।" ଏହା କହି ସେ ଭଗବାନଙ୍କୁ ଖୋଜିବା ପାଇଁ ଘର ଛାଡ଼ି ଚାଲିଗଲା । ବାଟରେ ସେ ମହର୍ଷି ନାରଦଙ୍କୁ ଭେଟିଲା । ନାରଦ ତାକୁ ପଚାରିଲେ, "ତୁ କୁଆଡ଼େ ଯାଉଛୁ ?" ସେ କହିଲା, "ମୁଁ ଭଗବାନଙ୍କୁ ଖୋଜିବାକୁ ଯାଉଛି ।" ନାରଦ କହିଲେ, "ଆରେ ବାଳକ, ଏହା ଏତେ ସହଜ ନୁହଁ । ମୁଁ ତୋତେ ଏକ ମନ୍ତ୍ର ଦୀକ୍ଷା ଦେବି । ତୁ ଯଦି ତାହା ନିରନ୍ତର ଜପ କରୁ, ତେବେ ଅଧିକରୁ ଅଧିକ ପରିଶୁଦ୍ଧ ହେବୁ, ତୋର ଦୃଷ୍ଟି ଅଧିକରୁ ଅଧିକ ସ୍ୱଷ୍ଟ ହେବ ଓ ତୁ ଶେଷରେ ଭଗବାନଙ୍କ ଦର୍ଶନ ଲାଭ କରିବୁ ।" ନାରଦ ସେଦିନ ତାକୁ ଯେଉଁ ମନ୍ତ୍ର ଦୀକ୍ଷା ଦେଇଥିଲେ, ତାହା ଥିଲା "ଓମ୍ ନମୋ ବାସୁଦେବାୟ ।" ବାସୁଦେବ ଅର୍ଥ ଯିଏ ସର୍ବତ୍ର ବିଦ୍ୟମାନ ଓ 'ଓମ୍ ନମୋ'ର ଅର୍ଥ ତାଙ୍କୁ ପ୍ରଣାମ । ଏହି ମନ୍ତ୍ର ଏମିତି କିଛି ଗୁପ୍ତ ମନ୍ତ୍ର ନୁହଁ । ଏହାକୁ ଅନେକ ପୁସ୍ତକରେ ଲେଖି, ମୁଦ୍ରଣ କରି ପ୍ରକାଶ କରାଯାଇଥାଏ । ସ୍ୱାମୀ ବାଳକମାନଙ୍କୁ ଗାୟତ୍ରୀମନ୍ତ୍ର ଦୀକ୍ଷା ଦେଇଥା'ନ୍ତି ଯାହା ବୁଦ୍ଧିକୁ ତୀକ୍ଷ୍ଣ ଓ ହୃଦୟକୁ ବିଶାଳ କରେ । ଏହାକୁ ଅତି ପବିତ୍ର ମନ୍ତ୍ର ମନେ କରାଯାଏ । ଏହାକୁ ଦୀକ୍ଷା ଦେବା ସମୟରେ ପିତା ପୁତ୍ରର କାନରେ ତାହା ଧୀର ସ୍ୱରରେ ଉଚ୍ଚାରଣ କରିଥାଏ । ଶାସ୍ତ୍ର କହେ ଯେ ସେ ସମୟରେ ତାହା ଅନ୍ୟମାନେ ଶୁଣିବା କଥା ନୁହଁ । କିନ୍ତୁ ସ୍ୱାମୀ ଯେଉଁ ମନ୍ତ୍ରକୁ ହଜାର ହଜାର ବର୍ଷ ଧରି କାନରେ ତୁନି ତୁନି

କୁହାଯାଉଥିଲା, ତାହାକୁ ପୂର୍ଣ୍ଣଚନ୍ଦ୍ର ସଭାମଣ୍ଡପ ମଧ୍ୟରେ ପାଞ୍ଚଶହରୁ ଅଧିକ ବାଳକଙ୍କୁ ମାଇକ୍‌ରେ ଉଚ୍ଚାରଣ କରି ଦୀକ୍ଷା ଦିଅନ୍ତି ।

ଏମିତି ମଧ୍ୟ କେତେକଙ୍କର ବିଶ୍ୱାସ ଅଛି ଯେ ନାରୀମାନେ ଓମ୍ ଉଚ୍ଚାରଣ କରିପାରିବେ ନାହିଁ । କିଛି ବର୍ଷ ତଳେ ଜଣେ ରକ୍ଷଣଶୀଳ ଭଦ୍ରମହିଳା ଏଠାକୁ ଆସିଥିଲେ । ପ୍ରତିଦିନ ପ୍ରାତଃକାଳରେ ମହିଳାମାନେ ଏକୋଇଶ ଥର ଓମ୍‌କାର କରୁଥିବା ଦେଖି ସେ ସ୍ତମ୍ଭିତ ହେଲେ । "ଯେ କ'ଣ ଏଠାରେ ହେଉଛି ? ଆଶ୍ରମରେ ମହିଳାମାନେ ଏ ପ୍ରକାର କରୁଛନ୍ତି । ମୁଁ ଏଠେ ରହିବିନି" - କହି ସେ ଏ ସ୍ଥାନ ଛାଡ଼ି ଚାଲିଗଲେ । ତାଙ୍କର ବିଶ୍ୱାସ ଥିଲା ଯେ ନାରୀମାନେ ଓମ୍ ଜପ କଲେ ପୃଥିବୀ ଧ୍ୱଂସ ହୋଇଯିବ । ଆମର ଏହିଭଳି ଅନେକ ଲୋକବିଶ୍ୱାସ ଓ ସାମାଜିକ ପ୍ରଥା ରହିଛି । ହରିଜନମାନେ ଗାଁ ବା ସହରର ବାହାରେ ରହିବେ ଏବଂ ସେମାନଙ୍କ ବସ୍ତିରେ କୌଣସି ବ୍ରାହ୍ମଣ ପ୍ରବେଶ କଲେ ସେମାନଙ୍କର ଘୋର ଅନିଷ୍ଟ ହେବ, ସେମାନେ ହଇଜା, ବସନ୍ତ, ମହାମାରୀରେ ପଡ଼ିବେ - ଏହା ଏଭଳି ଏକ ବିଶ୍ୱାସ । ମୁଁ ମହୀଶୂରର ଏକ କଲେଜ୍‌ରେ ଅଧ୍ୟାପକ ଥିବା ସମୟରେ ରାମକୃଷ୍ଣ ପରମହଂସ ଓ ବିବେକାନନ୍ଦଙ୍କ ବାଣୀରେ ପ୍ରଭାବିତ ହୋଇ କଲେଜ୍ ଛାତ୍ରମାନଙ୍କୁ ସମାଜ ସେବା ପାଇଁ ସିଧା ହରିଜନ ବସ୍ତି ମଧ୍ୟକୁ ନେଇଯାଇଥାଏ । ମହୀଶୂର ସହରର ଉପକଣ୍ଠରେ ଏଭଳି ଏକ ବସ୍ତି ଥାଏ, ଯେଉଁଠାରେ ପ୍ରାୟ ଦୁଇ ହଜାର ହରିଜନ ପରିବାର ରହୁଥା'ନ୍ତି । ମୁଁ ଯେତେବେଳେ ପିଲାଙ୍କୁ ନେଇ ସେମାନଙ୍କ ବସ୍ତିରେ ପ୍ରବେଶ କରେ ସେମାନେ ପ୍ରତିବାଦ କରି କୁହନ୍ତି, "ଆଜ୍ଞା, କ୍ଷମା କରିବେ । ଆପଣ ବ୍ରାହ୍ମଣ । ଆମ ବସ୍ତି ଭିତରକୁ ଆସନ୍ତୁ ନାହିଁ । ଆମ ଉପରେ ମଡ଼କ ମାଡ଼ି ପଡ଼ିବ ।" ଆମେ ସେମାନଙ୍କର ମନକୁ ଏତେ କଠିନ ଓ ଚିନ୍ତାଧାରାକୁ ଏତେ ସଂକୀର୍ଣ୍ଣ କରିଦେଇଛୁ ଯେ ଜଣେ ଆଦର୍ଶବାଦୀ ସେମାନଙ୍କ ପ୍ରତି ସହାନୁଭୂତି ପ୍ରକାଶ କରି ସେମାନଙ୍କ ଅବସ୍ଥାରେ ଉନ୍ନତି ଆଣିବା ପାଇଁ ଯେତେବେଳେ ଆଗଭର ହୁଏ, ସେତେବେଳେ ସେମାନେ ଉକ୍ତ ଆଦର୍ଶବାଦୀ ନୀତି ଲଙ୍ଘନ କରୁଥିବା ହେତୁ ସେମାନଙ୍କ ଉପରେ କି ବିପତ୍ତି ଆସିବ ବୋଲି ପ୍ରମାଦ ଗଣନ୍ତି । କିନ୍ତୁ ଏଥିସତ୍ତ୍ୱେ ଆମେ ଯେ ସେମାନଙ୍କ ଉପକାରରେ ଆସିବା ଭଳି କିଛି କରିପାରୁଛେ, ତାହା ଦେଖି ମୁଁ ବିଶେଷ ଖୁସି । ମାନ୍ଧାତା ଅମଳର ଅନେକ ପରିମିତ ଓ ସଙ୍କୁଚିତ ଅଭ୍ୟାସଗୁଡ଼ିକରେ ସ୍ୱାମୀ ବୈପ୍ଳବିକ ପରିବର୍ତ୍ତନ ଆଣିଛନ୍ତି । କେତେକ ଗୁରୁ ଆପଣଙ୍କୁ ଏକ ଗୋପନୀୟ ମନ୍ତ୍ର ଦୀକ୍ଷା ଦିଅନ୍ତି ଓ ଆପଣ ଭାବି ବସନ୍ତି ଯେ ତାହା ଗୋପନୀୟ ହୋଇଥିବା ହେତୁ ଅଧିକ ଶକ୍ତିଶାଳୀ । ଅବଶ୍ୟ ସେହି ମନ୍ତ୍ରର ମଧ୍ୟ ଉପାଦେୟତା ରହିଛି, କାରଣ ଏକାଗ୍ର ଚିତ୍ତରେ ଆପଣ ଭଗବାନଙ୍କୁ ସେଭଳି ଜପ କଲେ, ତାର ସୁଫଳ ପାଇଥା'ନ୍ତି । ଆଉ କେତେକ ଗୁରୁ ଯିଏ ଆପଣଙ୍କୁ ଆଧ୍ୟାତ୍ମିକ ବିକାଶ କ୍ଷେତ୍ରରେ ଧନ ସମ୍ପଦ ଏକ ପ୍ରତିବନ୍ଧକ ଓ ସେଥିପ୍ରତି ଆସକ୍ତିରୁ ନିଜକୁ ମୁକ୍ତ ରଖିବାକୁ ବୁଝେଇଥାନ୍ତି, ସେମାନେ ନିଜେ ସେହି ଧନସମ୍ପଦକୁ ହଡ଼ପ କରି ନିଅନ୍ତି । ଏଭଳି ଗୁରୁ ଆମର ବିଷୟ-ବାସନାକୁ ନିଜ ଉପରକୁ ନେଇ ନିଜେ ବିଷୟ-ବାସନାଜନିତ

କଷ୍ଟ ଭୋଗ କରନ୍ତି ଏବଂ ଏହି ଉପାୟରେ ଧନ-ସମ୍ପଦ ଠୁଳ କରନ୍ତି । ଏମାନେ ପ୍ରକୃତ ଗୁରୁ ନୁହନ୍ତି । 'ଗୁ' ଅର୍ଥ 'ଅନ୍ଧକାର', 'ରୁ' ଅର୍ଥ 'ଅନ୍ଧକାର ବିନା' । ଗୁରୁ ମାନେ ଯାହା ମଧ୍ୟରେ ଅନ୍ଧକାର ନଥାଏ । ଗୁରୁ ହିଁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଓ ସାକ୍ଷାତ୍ ପରଂବ୍ରହ୍ମ, ତେଣୁ ତାଙ୍କର ପୂଜା କରାଯାଏ । କିନ୍ତୁ ସ୍ୱାମୀ କହନ୍ତି, "ସମସ୍ତ ବାଳବିକାଶ ଗୁରୁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ସହ ସମାନ ନହୋଇ ପାରନ୍ତି, କିନ୍ତୁ ଏହା ମାନିବାକୁ ହେବ ଯେ ଗୁରୁ ଈଶ୍ୱରୋନ୍ମୁଖୀ ମାର୍ଗର ମାର୍ଗଦର୍ଶକ ଭାବେ କାର୍ଯ୍ୟ କରିଥା'ନ୍ତି । ଭଗବାନଙ୍କର ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ନାମରେ ତିନୋଟି ବିଭାବ ରହିଛି । ବ୍ରହ୍ମା ରୂପେ ସେ ସୃଷ୍ଟି କରନ୍ତି, ବିଷ୍ଣୁ ରୂପେ ପାଳନ କରନ୍ତି ଓ ମହେଶ୍ୱର ରୂପେ ବିନାଶ କରନ୍ତି । ଗୁରୁ ଆପଣଙ୍କ ମଧ୍ୟରେ ଜୀବନର ମହତ୍ତର ଦିଗ ପ୍ରତି ମୁହେଁଇବା ପାଇଁ ସଦିଚ୍ଛା ସୃଷ୍ଟି କରନ୍ତି, ସେହି ଆଗ୍ରହକୁ ପରିପୁଷ୍ଟ ଓ ସମୃଦ୍ଧ କରନ୍ତି ଓ ଆଧ୍ୟାତ୍ମିକ ପଥରେ ଆମର ଯେଭଳି କିଛି ବିଘ୍ନ ନଆସେ ସେଥିପ୍ରତି ସଜାଗ ରହନ୍ତି । ଏହା ମୋର ସୌଭାଗ୍ୟ ଯେ ରାମକୃଷ୍ଣ ମିଶନର ଜଣେ ବିଶିଷ୍ଟ ଗୁରୁ ତଥା ରାମକୃଷ୍ଣ ପରମହଂସଙ୍କର ଅନ୍ୟତମ ଘନିଷ୍ଠ ଶିଷ୍ୟଙ୍କୁ ମୁଁ ମୋର ଗୁରୁ ରୂପେ ପାଇଥିଲି । ସେ ବିବେକାନନ୍ଦଙ୍କ ସଙ୍ଗେ ମିଶନ୍‌ରେ କାର୍ଯ୍ୟ କରିଥିଲେ । ଗୟାର ଯେଉଁ ବୋଧିବୃକ୍ଷ ତଳେ ବସି ମହାତ୍ମା ବୁଦ୍ଧ ତପସ୍ୟା କରିଥିଲେ, ସେହିଠାରେ ବହୁ ବର୍ଷ ତପସ୍ୟା କରିଥିଲେ । ତାଙ୍କୁ 'ମହାପୁରୁଷ ଜୀ' କହି ସମସ୍ତେ ସମ୍ବୋଧନ କରୁଥା'ନ୍ତି । ମୁଁ ତାଙ୍କଠାରୁ କର୍ଣ୍ଣମନ୍ତ୍ର ଦୀକ୍ଷା ନେଇ, ନିୟମିତ ଭାବେ ତାହା ଜପ କରୁଥାଏ । ତା'ପରେ ମୁଁ ସ୍ୱାମୀଙ୍କୁ ପାଇଲି । ଆମେ ସ୍ୱାମୀଙ୍କୁ ଯେତିକି ଭଲ ପାଉ, ଅନ୍ୟ କାହାକୁ ସେତିକି ଭଲ ପାଇ ନଥାଉ । ମନେହୁଏ ଆମ ହୃଦୟଟା ସାରା ତାଙ୍କୁ ଢାଳି ଦେଇଛୁ । ସ୍ୱାମୀଙ୍କ ନିକଟକୁ ଆସିବା ପରେ ମୋ' ମନରେ ଏକ ଦ୍ୱନ୍ଦ୍ୱ ରହୁଥାଏ । ମୁଁ ମୋ' ଗୁରୁଙ୍କୁ ପରିତ୍ୟାଗ କରିଛି ଓ ଅନ୍ୟ ଜଣେ ମୋତେ ଚୋରିରେ ଉଠେଇ ଆଣିଛନ୍ତି ଭାବି ମୁଁ ନିଜକୁ ଦୋଷୀ ମନେ କରୁଥାଏ । ଦିନେ ମୁଁ ମୋ ମନର ଏହି ଅପରାଧବୋଧ ସ୍ୱାମୀଙ୍କ ନିକଟରେ ପ୍ରକାଶ କଲି । ସ୍ୱାମୀ ମୋତେ କହିଲେ, "ତୁ ସବୁବେଳେ ରାମକୃଷ୍ଣଙ୍କ ପ୍ରତି କୃତାର୍ଥ ରହ, କାରଣ ସେ ହିଁ ତୋତେ ମୋ' ନିକଟକୁ ଆଣିଛନ୍ତି ।" ଗୁରୁ ଶିଷ୍ୟକୁ ଭଗବାନଙ୍କ ଯାଏ ପହଞ୍ଚେଇ ଦିଅନ୍ତି । ସ୍ୱାମୀଙ୍କଠୁ ମୁଁ ଗୁରୁ ଓ ଭଗବାନଙ୍କ ମଧ୍ୟରେ ପାର୍ଥକ୍ୟ ଜାଣି ପାରିଲି । ଗୁରୁ କେବଳ ଜଣେ ସାଇନ୍ ପୋଷ୍ଟ । ଉପରକୁ ଉଠିବା ପାଇଁ ସେ କେବଳ ଏକ ସିଢ଼ି । ଭଗବାନଙ୍କୁ ପାଇବା ପରେ ଆଉ ଗୁରୁଙ୍କ ପ୍ରୟୋଜନ ନାହିଁ । ସ୍ୱାମୀ ସେଦିନ ମୋତେ କହିଥିଲେ, "ରାମକୃଷ୍ଣ ତୋତେ କୋଉଠେରୁଁ ଯାଏଁ ଆଣି ମୋତେ ଦେଖେଇ କହିଲେ, "ଶିଷ୍ୟ, ଏଥର ଯା' ।" ଗୁରୁ ଓ ଭଗବାନଙ୍କ ମଧ୍ୟରେ ଏହା ହିଁ ପାର୍ଥକ୍ୟ । ଏହା ହିଁ ଅବତାରଙ୍କ ଆକର୍ଷଣ, ତାଙ୍କର ଶକ୍ତି, ଜ୍ଞାନ ଓ ପ୍ରେମ ।

ମୁଁ ମେକ୍ସିକୋରୁ ଏହି ଏକ ପତ୍ର ପାଇଛି । "ପ୍ରିୟ ଶ୍ରୀ କସ୍ତୁରୀ ! ମୁଁ ପ୍ରଥମେ ମୋର ଓ ମୋ' ସ୍ୱାମୀଙ୍କ ପରିଚୟ ଆପଣଙ୍କୁ ଦେଉଛି । ମୋ' ସ୍ୱାମୀ ଇଣ୍ଟରନ୍ୟାସନାଲ

ଲାଟେକ୍ସ କର୍ପୋରେସନ ନାମକ ଏକ ଟେଲିଭିଜନ ପ୍ରତିଷ୍ଠାନର ସଭାପତି ତଥା ଯୁକ୍ତରାଷ୍ଟ୍ର ଆମେରିକାର ନ୍ୟୁ ମେକ୍ସିକୋର ଜଣେ ପଶୁପାଳନ ଫାର୍ମର ମାଲିକ । ମୁଁ ଜଣେ ଗୃହିଣୀ, ଚିତ୍ରକର ତଥା ଦୁଇ କୃତୀ ସନ୍ତାନଙ୍କର ଜନନୀ । ମୋର ଏକ ପୁତ୍ର ଏକ ବ୍ୟବସାୟ ସଂଗଠନର ବରିଷ୍ଠ ପରିଚାଳକ ତଥା ଅନ୍ୟ ଏକ ପୁତ୍ର ଡାକ୍ତର ।” ଏହି ଦମ୍ପତି ନ୍ୟୁୟର୍କର ରାମକୃଷ୍ଣ ବେଦାନ୍ତ ସେଣ୍ଟରରେ ସ୍ୱାମୀ ନିଖିଳାନନ୍ଦଙ୍କୁ ଭେଟିଥିଲେ । ଅଳ୍ପଦିନ ତଳେ ସ୍ୱାମୀ ନିଖିଳାନନ୍ଦ ଇହଧାମ ତ୍ୟାଗ କରିଛନ୍ତି । ମୁଁ ତାଙ୍କୁ ଭଲଭାବେ ଜାଣେ । ସେ ମହୀଶୂରରେ ମୋ ସଙ୍ଗେ ମିଶି କାର୍ଯ୍ୟ କରୁଥା’ନ୍ତି ଓ ପରେ ମିଶନ୍ ତାଙ୍କୁ ନ୍ୟୁୟର୍କ ପଠେଇ ଥାଏ । ସେ ଜଣେ ବିଦ୍ୱାନ ଥିଲେ ଓ ରାମକୃଷ୍ଣଙ୍କର ବାଣୀ ଅନୁବାଦ କରିଥିଲେ । ଏତଦ୍‌ବ୍ୟତୀତ ସେ ବେଦାନ୍ତ କେନ୍ଦ୍ରରେ ବେଦାନ୍ତ ଅଧ୍ୟୟନ କଲେ ଓ ରାମକୃଷ୍ଣଙ୍କୁ ତାଙ୍କର ଆରାଧ୍ୟ ଦେବତା ରୂପେ ଗ୍ରହଣ କଲେ । ସେ ତାଙ୍କର ପତ୍ରରେ ଲେଖିଛନ୍ତି, “ସ୍ୱାମୀ ନିଖିଳାନନ୍ଦ ଆମର ଘନିଷ୍ଠ ବନ୍ଧୁ ହୋଇଗଲେ । ଏହିଭଳି ସାତ ବର୍ଷ ଯାଏଁ ସମୟ ଗଡ଼ି ଚାଲିଲା । ୧୯୭୩ରେ ଆମ ପୁଅ ଶ୍ରୀ ସତ୍ୟସାଇ ବାବା ନାମକ ଜଣେ ହିନ୍ଦୁ ସାଧୁଙ୍କର ଛବି ଆଣିଲା ଓ ତାପରେ.... ।” ମୋ ଜୀବନରେ ମଧ୍ୟ ଠିକ୍ ଏହା ହିଁ ଘଟିଥିଲା । ରାମକୃଷ୍ଣ ମିଶନର ନିମନ୍ତ୍ରଣ ରକ୍ଷା କରି ମୁଁ ମିଶନ୍‌ରେ ପ୍ରବେଶ କଲି ଓ ଦୀର୍ଘ ୧୭ ବର୍ଷ ମହୀଶୂରର ରାମକୃଷ୍ଣ ମିଶନ୍‌ର ସମ୍ପାଦକ ରହିଲି । ପରେ ସ୍ୱାମୀଙ୍କୁ ଭେଟିଲି ଓ ତା’ପରେ..... । ଉକ୍ତ ଭଦ୍ରମହିଳା ତାଙ୍କ ପତ୍ରରେ ଲେଖନ୍ତି, “ଆମେ ଆଉ ରାମକୃଷ୍ଣ ଓ ମାତା ଶାରଦା ଦେବୀଙ୍କୁ ଧ୍ୟାନ କରିପାରୁନାହୁଁ । ସେମାନଙ୍କୁ ଧ୍ୟାନ କରିବାକୁ ଚେଷ୍ଟା କରିବା ମାତ୍ରକେ ସତ୍ୟସାଇ ବାବାଙ୍କର ସୌମ୍ୟ ରୂପ ଆମେ ଦେଖୁଛୁ ।” ମୁଁ ମଧ୍ୟ ଏହା ଅନୁଭବ କରିଥିଲି । ମୁଁ ଯେତେବେଳେ ସ୍ୱାମୀଙ୍କୁ ମୋର ଏହି ଅପରାଧ ଜଣେଇଲି, ସ୍ୱାମୀ କହିଲେ, “ନା । ତୁମେ କହୁଛ ଧ୍ୟାନରେ ବସିବାମାତ୍ରକେ ତୁମେ ସ୍ୱାମୀଙ୍କୁ ଦେଖୁଛ ଓ ତାହା ତୁମକୁ ଭଲ ଲାଗୁଛି । ଠିକ୍ ଅଛି, ତେବେ ତୁମେ ପ୍ରଥମେ ରାମକୃଷ୍ଣଙ୍କୁ ପ୍ରାର୍ଥନା କର, ତାଙ୍କ ପ୍ରତି ତୁମର କୃତଜ୍ଞତା ପ୍ରକାଶ କର । ତୁମ ଜୀବନରେ ଏକ ସିଡ଼ି ହୋଇ ସେ ତୁମକୁ ଠିକ୍ ସମୟରେ ମିଳିଥିଲେ, ସେହି ସିଡ଼ି ତୁମକୁ କେବେ ତଳକୁ ଟାଣି ଆଣି ନଥିଲା, ବରଂ ତୁମର ସହାୟକ ହୋଇ ତୁମକୁ ଉପରକୁ ଉଠିବାରେ ସାହାଯ୍ୟ କରିଥିଲା । ତା’ପରେ ତୁମେ ଯେଉଁ ରୂପ ଚାହୁଁଛ, ସେହି ରୂପକୁ ଧ୍ୟାନ କର ।”

ଗୁରୁଙ୍କ ପ୍ରତି କୃତଜ୍ଞ ରହିବାକୁ ସ୍ୱାମୀ ମୋତେ ନିର୍ଦ୍ଦେଶ ଦେଲେ । ଏକ ଶିଶୁକୁ କୋଳେଇ ନେବା ଭଳି ରାମକୃଷ୍ଣ ମୋତେ କୋଳେଇ ନେଲେ, ଏକ ଆଇ ଭଳି ମୋର ଯତ୍ନ ନେଲେ ଓ ପରେ ମୋତେ ସ୍ୱାମୀଙ୍କ ହାତରେ ଦେଇ କହିଲେ, “ମୁଁ ତ କେବଳ ଏକ ଆଇ, କିନ୍ତୁ ଆପଣ ତା’ର ମାତା, ପିଲାଟିକୁ ନିଅନ୍ତୁ ।” ସାଇ ମା ଆନନ୍ଦରେ ପିଲାଟିକୁ କୋଳେଇ ନେଲେ ଓ ଆଜି ସେ ଛୁଆ ଆନନ୍ଦରେ ରହିଛି । ଏହି ଦମ୍ପତି ଆଉ ରାମକୃଷ୍ଣ ଓ ମାତା ଶାରଦା ଦେବୀଙ୍କୁ ଧ୍ୟାନ କରିପାରିଲେ ନାହିଁ, ସେବେଠାରୁ ସତ୍ୟସାଇ ବାବାଙ୍କର ସୁନ୍ଦର ରୂପ ଉପରେ ସେମାନଙ୍କର ଧ୍ୟାନ ନିବିଷ୍ଟ ରହିଲା । ତଥାପି କିନ୍ତୁ ସେମାନେ ଆରମ୍ଭରେ

ରାମକୃଷ୍ଣ ଓ ଶାରଦା ଦେବୀଙ୍କୁ ପ୍ରଣାମ ଜଣାଇ ସେମାନଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରୁଥା'ନ୍ତି ଓ ସେମାନଙ୍କର ଆଶୀର୍ବାଦ ଭିକ୍ଷା କରୁଥା'ନ୍ତି । ସେମାନେ ଗୁରୁଙ୍କୁ ସେମାନଙ୍କର କୃତଜ୍ଞତା ଜଣାଇ ସମସ୍ୟାର ସମାଧାନର ସୂତ୍ର ଆବିଷ୍କାର କଲେ ।

ମୋ ନିକଟରେ ରେଭରେଣ୍ଡ ପାଇପ୍‌ସ୍ ନାମକ ଓ୍ୱାସିଂଟନର ଏକ ବାପ୍‌ଟିଷ୍ଟ ଗୀର୍ଜା ଘରର ଜଣେ କୃଷ୍ଣକାୟ ପାଦ୍ରୀଙ୍କର ଅନ୍ୟ ଏକ ପତ୍ର ଅଛି । ସେ ସତ୍ୟସାଇ ବାବା ସମ୍ବନ୍ଧରେ ଶୁଣି ଏଠାକୁ ଆସିଥିଲେ । ତାଙ୍କର ଉପରସ୍ଥ ପାଦ୍ରୀ ଏ ସମ୍ବନ୍ଧରେ ଖବର ପାଇ ତାଙ୍କୁ ଏକ ଚିଠି ଲେଖିଥିଲେ । ଉକ୍ତ ଚିଠିରେ ସେ ଲେଖିଥା'ନ୍ତି, "ପ୍ରିୟ ରୋବର୍ଟ, ତୁମେ ମୋତେ ଲେଖି ଜଣେଇଛ ଯେ ତୁମେ ସତ୍ୟସାଇ ବାବାଙ୍କୁ ଭେଟିବା ପାଇଁ ତୁମ ପୁଅ ଆଣ୍ଟୋନି ସହ ଭାରତ ଯାଇ ସେଠାରେ ମାର୍ଚ୍ଚ ୨୮ରୁ ପନ୍ଦର ଦିନ ଯାଏଁ ରହିବ । ଏକଥା ମଧ୍ୟ ତୁମେ ଲେଖିଛ ଯେ ତୁମର ସେଠାରେ କେତେକ କଲେଜରେ ବକ୍ତୃତା ଦେବାର କାର୍ଯ୍ୟକ୍ରମ ମଧ୍ୟ ରହିଛି । ଗତବର୍ଷ ମୁଁ ଓ୍ୱାସିଂଟନରେ ଥିବା ସମୟରେ ଜାଣି ପାରିଲି ଯେ ଅନେକ ବିଷୟରେ ତୁମର ଓ ମୋର ଚିନ୍ତାଧାରା ସମାନ । ତୁମକୁ ଜଣେ ବ୍ୟକ୍ତି ହିସାବରେ ମୁଁ ସମ୍ମାନ ଦିଏ ଓ ତୁମ ମଧ୍ୟ ଦେଇ ମୁଁ ଖ୍ରୀଷ୍ଟଙ୍କୁ ଭଲ ପାଉଥିବା ହେତୁ ତୁମର ମତାମତକୁ ମଧ୍ୟ ସମ୍ମାନ ଦିଏ । ଏଠାରେ ମୁଁ ତୁମକୁ କହିବା ଉଚିତ ମନେ କରେ ଯେ ଆମେମାନେ ଯାହା କିଛି କରୁ, ତାହାର କେନ୍ଦ୍ରବିନ୍ଦୁ ହେଉଛନ୍ତି ଯୀଶୁଖ୍ରୀଷ୍ଟ । ରୋବର୍ଟ, ତୁମର ଏକ ଭ୍ରାତା ରୂପେ ମୁଁ କହିବାକୁ ବାଧ୍ୟ ହେଉଛି ଯେ କେବଳ ଯୀଶୁଖ୍ରୀଷ୍ଟ ହିଁ ଆମର ତ୍ରାଣକର୍ତ୍ତା ଯାହାଙ୍କ ଦ୍ୱାରା ଆମର ପରିତ୍ରାଣ ସମ୍ଭବ ଏବଂ ନା ସ୍ୱର୍ଗରେ ନା ମର୍ତ୍ତ୍ୟମଣ୍ଡଳରେ ଏଭଳି କେହି ଅଛନ୍ତି, ଯିଏ ତ୍ରାଣକର୍ତ୍ତା ରୂପେ ଯୀଶୁଖ୍ରୀଷ୍ଟଙ୍କ ସ୍ଥାନ ଅଧିକାର କରିପାରନ୍ତି ।" ଆଉ ମଧ୍ୟ ସେ ସତର୍କ କରି ଲେଖିଥା'ନ୍ତି, "ତୁମେ ସତ୍ୟସାଇ ବାବାଙ୍କ ନିକଟକୁ ଯାଉଛ, ସାବଧାନ ରୁହ ! ସେ ତୁମକୁ ଧରି ନେବେ ଓ ତା'ପରେ ସେ ହିଁ ତୁମ ଜୀବନର ପ୍ରାଣକେନ୍ଦ୍ର ହୋଇଯିବେ ।" ମୋର ଏଠାରେ ମନେ ପଡୁଛି, ଥରେ ରାମକୃଷ୍ଣ ମିଶନ୍‌ରେ ଦୀକ୍ଷା ଗ୍ରହଣ କରିଥିବା ଜଣେ ବ୍ୟକ୍ତି ଏଠାକୁ ଆସିଥିଲେ । ସେ ଆସି ମୋତେ କହିଲେ ଯେ ସେ ପେଟବଥା ରୋଗ ଭୋଗୁଛନ୍ତି ଏବଂ ତାଙ୍କୁ ଦୀକ୍ଷା ଦେଇଥିବା ଗୁରୁ ତାଙ୍କୁ ବାବାଙ୍କ ନିକଟକୁ ଯିବାକୁ ପରାମର୍ଶ ଦେଇଛନ୍ତି, ସତେ ଯେମିତି ବାବା ଜଣେ ପେଟବଥା ବିଶେଷଜ୍ଞ ! ସେ ମୋତେ କହୁଥା'ନ୍ତି, "ମୋ' ଗୁରୁ ମୋତେ ମୋ ପେଟବଥା ଭଲ ହେବା ପାଇଁ ବାବାଙ୍କ ନିକଟକୁ ଯିବାକୁ କହିଛନ୍ତି, କିନ୍ତୁ ତାଙ୍କ ନିକଟକୁ ଯିବା ପାଇଁ ମୋତେ ଭୟ ଲାଗୁଛି କାରଣ ତାହା କଲେ ହୁଏତ ମୋତେ ରାମକୃଷ୍ଣଙ୍କୁ ଛାଡ଼ି, ତାଙ୍କଠେ ନିଜକୁ ସମ୍ପୂର୍ଣ୍ଣଭାବେ ସମର୍ପି ତାଙ୍କୁ ଗୁରୁରୂପେ ଗ୍ରହଣ କରିବାକୁ ପଡ଼ିବ । ତେଣୁ ମୁଁ ଯିବାକୁ ଚାହୁଁ ନାହିଁ ।" ସେତେବେଳେ ମୁଁ ତାଙ୍କୁ କହିଲି, "ଭାଇ, ଭୟ କର ନାହିଁ । ସେ କେବଳ ତୁମକୁ ରାମକୃଷ୍ଣଙ୍କ ପ୍ରତି ଅନୁଗତ ହୋଇ ରହିବାକୁ କହିବେ ଓ ତୁମର ରାମକୃଷ୍ଣଙ୍କ ପ୍ରତି ବିଶ୍ୱାସ ଆହୁରି ଦୃଢ଼ କରିବେ ।" ସ୍ୱାମୀ ସେହି ଭଦ୍ର ବ୍ୟକ୍ତିଙ୍କୁ ଡାକି କହିଲେ, "ତୁମର ପେଟବଥା ? ରାମକୃଷ୍ଣ ତୁମର ତ୍ରାଣକର୍ତ୍ତା ।

ତୁମେ ତାଙ୍କୁ ପ୍ରାର୍ଥନା କରିଥାଅ । ବଙ୍ଗାରୁ ! ଯାଅ, ସେ ହିଁ ତୁମକୁ ଭଲ କରିଦେବେ ।" ବାବା ସେହି ଲୋକର ରାମକୃଷ୍ଣଙ୍କ ପ୍ରତି ଥିବା ବିଶ୍ୱାସ ହ୍ରାସ କରିନଥିଲେ, ବରଂ ଆହୁରି ଦୃଢ଼ କରିଥିଲେ ।

ଏଠାରେ ବାପ୍‌ଟିଷ୍ଟ ଗୀର୍ଜାର ବରିଷ୍ଠ ପାଦ୍ରୀ କହୁଥାନ୍ତି, "ଯୀଶୁଖ୍ରୀଷ୍ଟଙ୍କ ଯଶୋବୃଦ୍ଧି ନିମିତ୍ତ କରାଯାଉଥିବା ଅଲୌକିକତା ବ୍ୟତୀତ ଅନ୍ୟ କୌଣସି ଅଲୌକିକତାକୁ ବିଶ୍ୱାସ କର ନାହିଁ !" ସ୍ୱାମୀଙ୍କ ଅଲୌକିକ ଶକ୍ତି ସମ୍ବନ୍ଧରେ ସେ ଆଗରୁ ଶୁଣିଥା'ନ୍ତି । ଇଲିଅଟ୍ ନାମକ ଏହି ବରିଷ୍ଠ ପାଦ୍ରୀଙ୍କୁ ତାଙ୍କ ଉତ୍ତରରେ ରୋବର୍ଟ ଏକ ପନ୍ଦର ପୃଷ୍ଠାର ଚିଠି ଲେଖିଥା'ନ୍ତି । ସେହି ଚିଠିର ଶେଷ ପୃଷ୍ଠା ମୁଁ ଆପଣମାନଙ୍କୁ ଏଠାରେ ପଢ଼ି ଶୁଣଉଛି । "ମିଷ୍ଟର୍ ଇଲିଅଟ୍, ଆପଣ, ଆପଣଙ୍କର କନିଷ୍ଠ ଇଲିଅଟ୍ (ପୁଅ) ଓ ପରିବାର ଯେତେବେଳେ ସ୍ୱର୍ଗକୁ ଯିବେ, ସେଠାରେ ଦୟା କରି ମୋତେ ଖୋଜିବେ ନାହିଁ । ଆପଣଙ୍କ ପୂରା ପରିବାର ଯୀଶୁଖ୍ରୀଷ୍ଟଙ୍କୁ ଅନ୍ତରଭରି ଭକ୍ତି କରୁଥିବା ହେତୁ ତଥା ଖ୍ରୀଷ୍ଟଆନ୍ ଧର୍ମର ନୀତି ନିୟମକୁ ନିଷ୍ଠାର ସହ ପାଳନ କରୁଥିବା ହେତୁ ନିଶ୍ଚୟ ସ୍ୱର୍ଗଲୋକକୁ ଯିବେ ।" ଶୁଣାଯାଏ ଯେ ଥରେ ଆମେରିକାର ଆର୍କବିସପ୍ କୌଣସି ଏକ ଗୁରୁତର ବ୍ୟାଧିରେ ପଡ଼ିଥା'ନ୍ତି । ସେତେବେଳେ ନ୍ୟୁୟର୍କ ଟାଇମସ୍ ସମ୍ବାଦପତ୍ର ପ୍ରକାଶ କରିଥିଲା ଯେ ତାଙ୍କର ମୃତ୍ୟୁ ଘଟିଛି । କିନ୍ତୁ ଆର୍କବିସପ୍ ଜୀବିତ ଥାନ୍ତି, ତେଣୁ ଗୀର୍ଜା କର୍ତ୍ତୃପକ୍ଷ ସମ୍ବାଦପତ୍ରଙ୍କୁ ପରଦିନ ଏକ ସଂଶୋଧନ ପ୍ରକାଶ କରିବାକୁ ବାଧ କଲା । ସେତେବେଳେ ନ୍ୟୁୟର୍କ ଟାଇମସ୍‌ର ପ୍ରତିନିଧି ଗୀର୍ଜା କର୍ତ୍ତୃପକ୍ଷଙ୍କୁ କହିଲେ, "ଏତେ ବର୍ଷଧରି ଆମେ ଆମ ସମ୍ବାଦପତ୍ରରେ କେବେ ଭ୍ରମ ସଂଶୋଧନ ପ୍ରକାଶ କରିନାହୁଁ, ତେଣୁ ବର୍ତ୍ତମାନ ତାହା ପ୍ରକାଶ କଲେ ଆମ ସୁନାମରେ ଆଞ୍ଚ ଆସିବ । ଏଥିପାଇଁ ଆମେ ଏହା ଅନ୍ୟ ଏକ ପ୍ରକାର ପ୍ରକାଶ କରିବୁ । ଆମେ ସମ୍ବାଦପତ୍ରରେ ଜଣେଇବୁ ଯେ ସ୍ୱର୍ଗଲୋକରୁ ଆମକୁ ଖବର ମିଳିଛି, ଏ ଯାଏଁ ଆର୍କବିସପ ସ୍ୱର୍ଗଲୋକରେ ପହଞ୍ଚି ନାହାନ୍ତି । ଆର୍କବିସପ୍ ଯେହେତୁ ଆର୍କବିସପ୍ ସେ ମୃତ୍ୟୁପରେ ସ୍ୱର୍ଗଲୋକକୁ ଯିବା ନିଶ୍ଚିତ । ତେଣୁ ସେ ଯଦି ସ୍ୱର୍ଗଲୋକରେ ନାହାନ୍ତି, ତେବେ ନିଶ୍ଚୟ ଜୀବିତ ଅଛନ୍ତି, ତାଙ୍କର ମୃତ୍ୟୁ ହୋଇନାହିଁ । ଏହା ନିଶ୍ଚିତ ଯେ ଆର୍କବିସପ୍‌ଙ୍କର ମୃତ୍ୟୁ ହେଲେ, ସ୍ୱର୍ଗଲୋକ ତାଙ୍କୁ ସ୍ୱାଗତ ଜଣେଇବ ।"

ରୋବର୍ଟ ତାଙ୍କ ଚିଠିରେ ଲେଖିଥାନ୍ତି, "ଆପଣ ମୋତେ ସ୍ୱର୍ଗଲୋକରେ ପାଇବେ ନାହିଁ । ନର୍କରେ ମଧ୍ୟ ମୁଁ ନଥିବି କାରଣ ନର୍କ ଯେ କ'ଣ ତାହା ମୁଁ ମର୍ତ୍ତ୍ୟରେ ରହି ଅନୁଭବ କରି ସାରିଛି । ବର୍ତ୍ତମାନ କିନ୍ତୁ ମୁଁ ସ୍ୱର୍ଗଲୋକର ପଥରେ ଅଛି । ମୁଁ ଯେ ଠିକ୍ କେଉଁଠେ ଅଛି, ତାହା ଯଦି ଆପଣ ଜାଣିବାକୁ ଚାହାଁନ୍ତି, ତେବେ ସିଧା ଯୀଶୁଖ୍ରୀଷ୍ଟଙ୍କ ନିକଟକୁ ଯାଇ ପଚାରନ୍ତୁ, "ରୋବର୍ଟ ପାଇପ୍ କେଉଁଠେ ଅଛି ?" ସାହସ ସଞ୍ଚୟ କରି ତାଙ୍କୁ ତାହା ପଚାରନ୍ତୁ । ଆଉ ମଧ୍ୟ ଆପଣ ତାଙ୍କୁ ମୋ' ବିଷୟରେ କହିପାରନ୍ତି ଯେ ରୋବର୍ଟ ପାଇପ୍ ଆପଣଙ୍କୁ ସମ୍ମାନ ଦେଇ ନାହିଁ । ସେ ଆପଣଙ୍କୁ ଛାଡ଼ି ଆଉ କାହା ପଛରେ ଧାଇଁଛି ।" ସେତେବେଳେ ଯୀଶୁ ଆପଣଙ୍କୁ କହିବେ, "ସେ ନା ନର୍କରେ ଅଛି, ନା ସ୍ୱର୍ଗରେ ଅଛି ।

ତୁମେ ଯଦି ସେହି ଆତ୍ମା ଯାହା ରୋବର୍ଟ ପାଇପ୍ ନାମକ ଏକ ବ୍ୟକ୍ତିର ଦେହରେ ଥିଲା, ତାକୁ ଦେଖିବାକୁ ଚାହଁ, ମୋ' ହୃଦୟର ଗଭୀରତମ ପ୍ରଦେଶକୁ ଲକ୍ଷ୍ୟ କର । ସେ ମୋ ହୃଦୟରେ ଅଛି !" ହଁ, ଇଲିଅଟ୍, ଯୀଶୁଖ୍ରୀଷ୍ଟଙ୍କ ହୃଦୟର ଗଭୀରକୁ ଦେଖ, ସେତେବେଳେ ଦେଖିବ ରୋବର୍ଟ ପାଇପ୍ ନାମରେ ପରିଚିତ ସେହି ଆତ୍ମା ସ୍ୱର୍ଗରେ ନାହିଁ କି ନର୍କରେ ନାହିଁ । ସେ ଈଶ୍ୱରଙ୍କ ମଧ୍ୟରେ ଲୀନ ହୋଇ ଈଶ୍ୱରଙ୍କ ସହ ଏକ ହୋଇଯାଇଛି ! ଏହି ଜୀବନକାଳ ମଧ୍ୟରେ ମୁଁ ମୋ' ଲକ୍ଷ୍ୟରେ ପହଞ୍ଚିବି, ମୁକ୍ତି ପାଇବି । ଏହା ମୋ ଅଦୃଷ୍ଟରେ ଅଛି । ସତ୍ୟସାଇ ବାବା ସମଗ୍ର ବିଶ୍ୱରେ ଶୀଘ୍ର ପ୍ରକଟିତ ହେବେ । ମୋତେ ମାଧ୍ୟମ କରି ଆପଣ ତାଙ୍କର କୃପା ଓ କରୁଣା ପାଇ ପାରିଛନ୍ତି, ତାହା ଆପଣଙ୍କ ସୌଭାଗ୍ୟ । ଏହି ପ୍ରକ୍ରିୟାର ମୁଁ ଏକ ସାଧନ ମାତ୍ର । ସେହି ଦିବ୍ୟ ପିତା-ମାତା ଆଜି ତାଙ୍କରି ରୂପରେ ଦେଦୀପ୍ୟମାନ ହୋଇ ପ୍ରକାଶ ପାଇଛନ୍ତି । ମୁଁ ଆଶା କରେ ଯେ ତଥାକଥିତ ଖ୍ରୀଷ୍ଟିଆନ୍‌ମାନେ ଯୀଶୁଖ୍ରୀଷ୍ଟଙ୍କ ବାଣୀର ଅନୁରୂପ ଜୀବନଯାପନ କରିବା ପାଇଁ ନିଜକୁ ପରିବର୍ତ୍ତିତ କରିବେ ଓ ଆଜି ଏହି ଧରାଧାମରେ ସତ୍ୟସାଇ ବାବା ରୂପେ ବିରାଜମାନ ଯୀଶୁଖ୍ରୀଷ୍ଟଙ୍କୁ ସ୍ୱାଗତ ଜଣେଇବେ । ସତ୍ୟସାଇ ବାବା ଚମତ୍କାର ଭାବେ ମୋର ଓ ଆଣ୍ଟୋନିର ଏହି ଯାତ୍ରାର ସମସ୍ତ ବ୍ୟବସ୍ଥା କରିଛନ୍ତି ଓ ଯାତାୟତର ସମସ୍ତ ଖର୍ଚ୍ଚ ଯୋଗାଡ଼ କରିଛନ୍ତି । ସମସ୍ତ ଶକ୍ତି ତାଙ୍କ ହାତରେ ଅଛି ଏବଂ ଦୁନିଆରେ ଏମିତି କିଛି ନାହିଁ ଯାହା ଭଗବାନଙ୍କ ଦ୍ୱାରା ସମ୍ଭବ ନୁହଁ । ଇଲିଅଟ୍, ମଝିରେ ମଝିରେ ଆପଣ ମୋ'ଠୁ ଖବର ପାଉଥିବେ । ଆପଣ ମୋର ବଡ଼ ଭାଇ ଏବଂ ମୋର ଆପଣଙ୍କ ପ୍ରତି ଯଥେଷ୍ଟ ଶ୍ରଦ୍ଧା ଓ ସମ୍ମାନ ରହିଛି । କୌଣସି ଏକ ଦିନ ଆମେ ଦୁହେଁ ବସି ଆମ ନିଜ ନିଜର ଅନୁଭୂତି ସମ୍ବନ୍ଧରେ ଆଲୋଚନା କରିବା । ନିତ୍ୟ ପ୍ରକାଶମାନ ସତ୍ୟର ଗଭୀରତମ ପ୍ରଦେଶକୁ ପ୍ରବେଶ କରିବାର ପ୍ରୟାସରେ ମୁଁ ଏହି ବ୍ୟକ୍ତିଙ୍କୁ ଅନୁସରଣ କରୁଛି । ଆଶା କରେ ମୁଁ ମୋର ଏହି ପତ୍ରଦ୍ୱାରା ଆପଣଙ୍କୁ କୌଣସି ପ୍ରକାରେ ଅପମାନିତ କରିନାହିଁ । ଆପଣଙ୍କ ସୁନ୍ଦର ପତ୍ର ପଢ଼ିବା ପରେ ମନରେ ଯେଉଁ ଭାବ ଆସିଲା, ତାହା କେବଳ ବ୍ୟକ୍ତ କରିଛି । ଏଭଳି ଭାବେ ଆମେ ଉଭୟେ ଆମର ଅନ୍ତରର ଭାବକୁ ପ୍ରକାଶ କରିଛେ । ଦୟାକରି ମୋର ପ୍ରେମ ସମସ୍ତଙ୍କୁ ଜଣେଇ ଦେବେ ।"

ତେଣୁ ଆପଣ ଯଦି ସ୍ୱାମୀଙ୍କ ନିକଟକୁ ଆସିଛନ୍ତି, ତେବେ ଜାଣନ୍ତୁ ଯେ ଆପଣ ଯୀଶୁଙ୍କ ହୃଦୟ କନ୍ଦରରେ ପ୍ରବେଶ କରିଛନ୍ତି, ଈଶ୍ୱରଙ୍କ ମଧ୍ୟରେ ପ୍ରବେଶ କରିଛନ୍ତି । ତାହା ଗୁରୁଙ୍କଠାରୁ ଭିନ୍ନ ଭଗବାନ । ଗୁରୁ ଆପଣଙ୍କୁ ସାବଧାନ କରନ୍ତି, ଆପଣଙ୍କ ବିଷୟରେ ଚିନ୍ତା ପ୍ରକାଶ କରନ୍ତି, ଆପଣଙ୍କୁ ଉପଦେଶ ଦିଅନ୍ତି, ପଥ ନିର୍ଦ୍ଦେଶ କରନ୍ତି - କେବଳ ସେତିକି । କିନ୍ତୁ ସ୍ୱାମୀ କହନ୍ତି, "ସମସ୍ତ ଗୁରୁଙ୍କର ଜଣେ ଗୁରୁ ଅଛନ୍ତି, ଯାହାଙ୍କ ମଧ୍ୟରେ ତିଳେହେଲେ ସ୍ୱାର୍ଥ ନଥାଏ ଏବଂ ପ୍ରେମ, ଜ୍ଞାନ ଓ ଶକ୍ତି ଭରପୂର ମାତ୍ରାରେ ଥାଏ । ଏହି ଶକ୍ତି ଗୁରୁମାନଙ୍କଠେ ନଥାଏ । ସମଗ୍ର ବିଶ୍ୱରେ ବିରାଜମାନ କରିବା ଭଳି ଶକ୍ତି ଜଣେ ମଣିଷଠାରେ କିପରି ରହିବ ?"

ମସ୍ତିଷ୍କରେ ଏକ ମରଣାନ୍ତକ ଅର୍ବୁଦ ନେଇ ଯନ୍ତ୍ରଣା ଭୋଗ କରୁଥିବା ଜଣେ ମହିଳାଙ୍କର ଅସ୍ତ୍ରଚିକିତ୍ସା ହେବାର ଥିଲା । ଅସ୍ତ୍ରଚିକିତ୍ସା ପୂର୍ବରୁ ଡାକ୍ତର କହିଲେ, "କିଛି ଏକ ପ୍ରୀତିକର ବିଷୟ ମନେ ପକାନ୍ତୁ, କାରଣ ଆମେ ଆପଣଙ୍କୁ ଅଚେତ କରିବାକୁ ଯାଉଛୁ ।" ସେହି ସମୟରେ ଉକ୍ତ ମହିଳା ସ୍ୱାମୀଙ୍କ ଚରଣାରବିନ୍ଦକୁ ସ୍ମରଣ କଲେ ଓ ମୁହୂର୍ତ୍ତକ ମଧ୍ୟରେ ମସ୍ତିଷ୍କର ଅର୍ବୁଦ କୁଆଡ଼େ ଅଦୃଶ୍ୟ ହୋଇଗଲା ! ଶକ୍ତି ମାନେ ଏହା । ହଜାର ହଜାର ମାଇଲ ଦୂରରେ କିଏ କେଉଁଠାରୁ ତାଙ୍କୁ ଡାକ ଦିଏ ଓ ତାକୁ ତାଙ୍କର ଉତ୍ତର ମିଳିଥାଏ ! ଏଠାରୁ ପ୍ରାୟ ପନ୍ଦର ଶହ ମାଇଲ୍ ଦୂରରୁ ଗୋଟିଏ ବିରାଡ଼ି ତାଙ୍କୁ ବିକଳରେ ଡାକିଥିଲା ଓ ସେ ତା'ର ଡାକ ଶୁଣିଥିଲେ । ଜଣେ ନର୍ସଙ୍କର ଏକ ଭଉଣୀ ଥାଏ ଓ ତାଙ୍କର ଏକ ପୋଷା ବିରାଡ଼ି ଥାଏ । ବଡ଼ ଭଉଣୀ ଉକ୍ତ ବିରାଡ଼ିକୁ ଘୃଣା କରୁଥାଏ ଓ ସେହି କଦର୍ଯ୍ୟ ପ୍ରାଣୀଙ୍କୁ ଘରେ ରଖୁଥିବାରୁ ସାନ ଭଉଣୀ ଉପରେ ସବୁବେଳେ ବିରକ୍ତି ପ୍ରକାଶ କରୁଥାଏ । ସେ ସବୁବେଳେ ବିରାଡ଼ିକୁ ଗାଳି ଦେଉଥାଏ, ଦିନେ ଦିନେ ମଧ୍ୟ ଖାଇବାକୁ ଦେଉ ନଥାଏ ଓ ଏହା ଖାଇଲା, ତାହା ଖାଇଲା ବା ଘରକୁ ଅସନା କଲା କହି ସବୁବେଳେ ତାକୁ ଆକ୍ରମଣ କରୁଥାଏ । ବିରାଡ଼ି ମୂଷାକୁ ଧରି ନ ପାରିଲେ ସେ ତା' ସାନ ଭଉଣୀ ଉପରେ ବିରକ୍ତ ହୋଇ କହୁଥାଏ "ମୂଷାଟିଏ ମଧ୍ୟ ଧରି ପାରୁନାହିଁ । ତୋ ବିରାଡ଼ି ଆଉ କରୁଛି କ'ଣ ? ତାକୁ ଖୁଏଇ ପିଏଇ ମୋଟା କରୁଛୁ । ପାଉଛୁ କ'ଣ ?" ଏମିତି ବିରାଡ଼ିକୁ ନେଇ ଦିନ ରାତି ସେ ତାର ସାନ ଭଉଣୀ ସହ କଳହ କରୁଥାଏ । ବିଚରା ବିରାଡ଼ି ଯାହା କିଛି ଘଟିଯାଉଥାଏ, କିଛି ବୁଝି ପାରୁ ନଥାଏ । ସେ କେବଳ ସମସ୍ତଙ୍କ କୋଳରେ ବସି ସମସ୍ତଙ୍କୁ ଉଷୁମ ଦେଉଥାଏ । ଦିନେ ବିରାଡ଼ିଟି ରୋଷେଇଘରୁ ଖଣ୍ଡିଏ ମାଛ ଉଠେଇ ନେଲା । ତାହା ଦେଖି ବଡ଼ ଭଉଣୀ ରାଗରେ ପଞ୍ଚମ ହୋଇଗଲା । ସେ ତାହା ବରଦାସ୍ତ କରି ନପାରି ତା ମନର ସମସ୍ତ କ୍ରୋଧ ସାନ ଭଉଣୀ ଉପରେ ଅଜାଡ଼ି ଦେଲା । ବାରମ୍ବାର ଗାଳି ଶୁଣିବା ଫଳରେ ସାନ ଭଉଣୀର ଧୈର୍ଯ୍ୟଚ୍ୟୁତି ଘଟିଲା । ସେ ଦିନେ ବିରାଡ଼ିକୁ ଧରି ତାକୁ ନିର୍ଘାତ ପ୍ରହାର ଦେଲା । ଏହା ଯେଉଁ ସ୍ଥାନରେ ଘଟିଲା ସେଠାରୁ ପନ୍ଦର ଶହ ମାଇଲ୍ ଦୂରରେ ସ୍ୱାମୀ ଥା'ନ୍ତି । ସେମାନଙ୍କ ଘରେ ପ୍ରତି ରବିବାର ଓ ଗୁରୁବାର ଭଜନ ହେଉଥାଏ ଏବଂ ଘର ସାରା - ବୈଠକ ଘର, ରୋଷେଇ ଘର, ପୂଜା ଘର, ଆଗ ଦୁଆର - ସବୁଠେ ସ୍ୱାମୀଙ୍କ ଛବି ଟଙ୍ଗା ଯାଇଥାଏ । ନିରୀହ ବିରାଡ଼ିଟି ଉପରେ ଯେତେବେଳେ ଏଭଳି ଏକ ଅମାନୁଷିକ କାଣ୍ଡ ଘଟି ଯାଉଥାଏ, ଘର ଭିତରେ ଟଙ୍ଗା ହୋଇଥିବା ସ୍ୱାମୀଙ୍କ ମୋଟ ଷୋହଳଟି ଫଟୋ ତଳେ ପଡ଼ିଗଲା । ମୁଁ ସେ ଘରକୁ ଯାଇଥିଲି ଓ ସେ ଘର ମୁଁ ଭଲଭାବେ ଜାଣେ । ସମ୍ମୁଖସ୍ଥ ଦ୍ୱାରରେ, ବୈଠକ ଘରେ, ପୂଜା ଘରେ, ରୋଷେଇ ଘରେ ଥିବା ସମସ୍ତ ଫଟୋ ଏକ ସଙ୍ଗେ ଟଳି ପଡ଼ିଲେ । ମୁହୂର୍ତ୍ତକ ପାଇଁ ସେମାନେ ଭାବିଲେ, ହୁଏତ ଭୂମିକମ୍ପ ହୋଇଥିବ, କିନ୍ତୁ କେବଳ ସ୍ୱାମୀଙ୍କ ଫଟୋଗୁଡ଼ିକ ତଳେ ପଡ଼ିଥାଏ, ଅନ୍ୟ ସବୁ ଫଟୋ ଯେମିତି ସେମିତି ଥାଏ । ବଡ଼ ଭଉଣୀ କିଛି ବୁଝି ପାରୁନଥାଏ । ସେ ହଠାତ୍ ଚିତ୍କାର କରି ଉଠିଲା, "ବିରାଡ଼ିକୁ ମାରେନା । ସ୍ୱାମୀ ରାଗିଛନ୍ତି, ଦେଖ୍, ତାଙ୍କର ସବୁ ଫଟୋ ତଳେ

ପଡ଼ିଯାଇଛି !" ସେତେବେଳେ ସାନ ଭଉଣୀ ବିରାଡ଼ିକୁ ନେଇ ଟେବୁଲ ଉପରେ ରଖିଲା । ବିରାଡ଼ିଟି ଯେତେବେଳେ ତା' ଦେହକୁ ଝାଙ୍କି ଦେଲା, ସେତେବେଳେ ଟେବୁଲ ଉପରେ ତା ଦେହରୁ ବିଭୂତି ବାହାରି ଟେବୁଲ୍ ଚାରିପାଖେ ଫୁଟେ ପର୍ଯ୍ୟନ୍ତ ବିଞ୍ଚି ହୋଇଗଲା ! ବିରାଡ଼ିର ରୋମ ଭିତରେ ବିଭୂତି ଭର୍ତ୍ତି ହୋଇ ରହିଥାଏ । ସ୍ୱାମୀ ତା ଦେହରେ ବିଭୂତି ଭରି ଦେଇଥା'ନ୍ତି । ତାଙ୍କର ପ୍ରସାରିତ ହସ୍ତ ପନ୍ଦର ଶହ ମାଇଲ୍ ଦୂରରେ ଥିବା ବିରାଡ଼ିକୁ ଆଶୀର୍ବାଦ କରିଥିଲା । ପ୍ରାୟ ତିନିମାସ ପରେ ସେହି ସ୍ଥାନରୁ କେତେକ ଭକ୍ତ ସ୍ୱାମୀଙ୍କ ଜନ୍ମଦିନ ଅବସରରେ ପୁଟ୍ଟପର୍ତ୍ତି ଆସିଥା'ନ୍ତି ।

ସ୍ୱାମୀ ସଭାମଣ୍ଡପ ମଧ୍ୟରେ ଘୋଷଣା କଲେ, "ଆସାମରୁ କେତେକ ବ୍ୟକ୍ତି ଖରା ବର୍ଷା ନମାନି, ସାତ ଦିନର ଦୀର୍ଘ ଯାତ୍ରା ମଧ୍ୟରେ ଅନେକ ଅସୁବିଧାର ସମ୍ମୁଖୀନ ହୋଇ ଏଠାକୁ ଆସିଛନ୍ତି । ରେଳଗାଡ଼ିର ବିଶେଷ ଡବାରେ ଆସିଥିବା ସେ ସମସ୍ତ ଭକ୍ତ ପ୍ରାର୍ଥନାଗୃହରେ ଆସି ଜମା ହୁଅନ୍ତୁ । ମୁଁ ସେଠାକୁ ଯାଇ ସେମାନଙ୍କ ସହ କଥା ହେବି ।" ସେହି ସମୟରେ ଆସାମ କୌଣସି ଏକ ରାଜନୈତିକ ଆନ୍ଦୋଳନ ମଧ୍ୟଦେଇ ଗତି କରୁଥାଏ । ରେଳଗାଡ଼ି ଆସାମ୍ ଦେଇ ଯିବା ସମୟରେ, ରେଳଡବାରେ ଥିବା ସମସ୍ତ ବଙ୍ଗାଳୀଙ୍କୁ ଟାଣି ଆଣି ମାଡ଼ ହେଉଥାଏ । ସେହିପରି ରେଳଗାଡ଼ି ପଶ୍ଚିମବଙ୍ଗ ଦେଇ ଯିବା ସମୟରେ ରେଳଡବାରୁ ସମସ୍ତ ଆସାମୀଙ୍କୁ ଟାଣିଆଣି ମାଡ଼ ହେଉଥାଏ । ସେହି ଡବାରେ ଆସାମୀ ଓ ବଙ୍ଗାଳୀ ଭର୍ତ୍ତି ହୋଇ ରହିଥା'ନ୍ତି । ଖାଲି ସେତିକି ନୁହଁ, ଯାତ୍ରା କାଳରେ ବାତ୍ୟା ହେବା ହେତୁ ସେମାନେ ଘୋର ବର୍ଷା, ପବନର ମଧ୍ୟ ସମ୍ମୁଖୀନ ହୋଇଥା'ନ୍ତି । ତେଣୁ ସ୍ୱାମୀ କହୁଥିଲେ ଯେ ସେମାନେ ଢେର ଅସୁବିଧାର ସମ୍ମୁଖୀନ ହୋଇ ଆସିଛନ୍ତି । ସମସ୍ତଙ୍କୁ ଆଣି ପ୍ରାର୍ଥନାଗୃହ ମଧ୍ୟରେ ଏକତ୍ର କରାଗଲା । ସେଦିନ ମୁଁ ମୋ ହାତରେ ବିଭୂତି ବାସ୍କେଟ୍ ଧରିଥାଏ ଓ ସ୍ୱାମୀ ଜଣ ଜଣଙ୍କୁ ବିଭୂତି ପୁଡ଼ିଆ ଦେଉଥା'ନ୍ତି । ସେମାନଙ୍କ ମଧ୍ୟରେ ଷୋହଳ ବର୍ଷର ଏକ ଝିଅ ବସିଥାଏ । ସ୍ୱାମୀ ତା ହାତରେ ମୁଠାଏ ହେବ ବିଭୂତି ପୁଡ଼ିଆ ଦେଇ ତାକୁ କହିଲେ, "ୟେ ବିଲ୍ଲିକେ ଲିଏ ।" ମୁଁ ବିଭୂତି ବାସ୍କେଟ୍ ଧରି ସ୍ୱାମୀଙ୍କ ପାଖେ ପାଖେ ଥାଏ । ମୋ' ମନରେ ପ୍ରଶ୍ନ ହେଲା, "ୟେ କ'ଣ ? ବିଲ୍ଲି କେ ଲିଏ ? ବିରାଡ଼ି ପାଇଁ ପ୍ରସାଦ !" ସେହି ଝିଅଟକୁ ମୁଁ ଚିହ୍ନି ରଖିଥାଏ । ପରେ ଖୋଜି ଖୋଜି ତା' ପାଖକୁ ଯାଇ ପଚାରିଲି, "ବିରାଡ଼ି ପାଇଁ ପ୍ରସାଦ କ'ଣ ?" ଝିଅଟି ସମସ୍ତ ଘଟଣା ଟିକିନିଖି କରି ମୋତେ କହିଲା । ମୁଁ ଆସାମ ଯାଇଥିବା ସମୟରେ ତାଙ୍କ ଘରକୁ ଯାଇଥିଲି ଓ ସେହି ବିରାଡ଼ିକୁ ଗେହ୍ଲା କରିଥିଲି । ସତରେ ତାହା କି ଏକ ପରିଶୁଦ୍ଧ ଆତ୍ମା ଥିଲା । ସ୍ୱାମୀ ଯେ ସକଳ ଜୀବଙ୍କୁ ପ୍ରେମ କରନ୍ତି – ତାହା ମନେ ରଖିବା ପାଇଁ ମୁଁ ସେ ବିରାଡ଼ିର ଏକ ଫଟୋ ମୋ' ଘରେ ରଖିଛି । ଏହା ହେଉଛି ତାଙ୍କ ପ୍ରେମର ଶକ୍ତି । ତାଙ୍କ ପ୍ରେମରେ ଏତେ ଶକ୍ତି ଭରି ରହିଥାଏ ଯେ ତାହା ସମଗ୍ର ବିଶ୍ୱକୁ ସଞ୍ଚାର କରିପାରେ । ତାହା କେବଳ ସ୍ୱାମୀଙ୍କଠେ ଥାଏ, ଗୁରୁଙ୍କଠେ ନଥାଏ । ଲକ୍ଷ୍ୟରେ ସେ ଶକ୍ତି ଥାଏ, ପଥରେ ନଥାଏ ।

❖❖❖

୧୮

ଆତ୍ମୋପଲବ୍ଧିର ପାଞ୍ଚ ସୋପାନ

ବମ୍ବେର ଧର୍ମକ୍ଷେତ୍ରଠାରେ ଥିବା ଏକ ଘଣ୍ଟାକୁ କେନ୍ଦ୍ରକରି ଏ ସମସ୍ତ ଆଲୋଚନା ହୋଇଥିଲା । ଭାଗବତରେ ଈଶ୍ୱରୋପଲବ୍‌ଧିର ନବବିଧ ମାର୍ଗ ରୂପେ ଯାହାର ବର୍ଣ୍ଣନା ଅଛି, ତାହାକୁ ସ୍ୱାମୀ ମଣିଷର ଈଶ୍ୱରଙ୍କ ନିକଟକୁ ଊର୍ଦ୍ଧ୍ୱଗ ଯାତ୍ରାର ନ'ଟି ପାହାଚ ରୂପେ ବର୍ଣ୍ଣନା କରିଛନ୍ତି । ଧର୍ମକ୍ଷେତ୍ରର ଘଣ୍ଟାରେ ମଧ୍ୟ ମିନିଟ୍ କଣ୍ଟା ଓ ଘଣ୍ଟାକଣ୍ଟା ପାହାଚ ପରେ ପାହାଚ ଯାତ୍ରା କରି ଶେଷରେ ଶେଷ ପାହାଚରେ ପହଞ୍ଚିଥା'ନ୍ତି ।

ଈଶ୍ୱରଙ୍କୁ ଜାଣିବାର ପ୍ରଥମ ପାହାଚ ହେଉଛି ଶ୍ରବଣମ୍ – ଭଗବାନଙ୍କ ସମ୍ବନ୍ଧରେ ଶୁଣିବା । ଆମେ ସମସ୍ତେ ପ୍ରଥମେ ବାବାଙ୍କ ସମ୍ବନ୍ଧରେ ଶୁଣିବା ଯୋଗୁଁ ଆଜି ଏଠାକୁ ଆସିଛେ । କିଏ ହୁଏତ ପ୍ରଥମେ ଆମକୁ ବାବାଙ୍କ ସମ୍ବନ୍ଧରେ କିଛି କହିଥିଲା ନଚେତ୍ କିଏ ଅନ୍ୟ କାହାକୁ ତାହା କହୁଥିବା ସମୟରେ ଆମେ ତାହା ଶୁଣିବାର ସୁଯୋଗ ପାଇଥିଲୁ । ଥରେ ଜଣେ ବ୍ୟକ୍ତି ତାଙ୍କର ପୁଅକୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଡାକ୍ତର ତାକୁ ପରୀକ୍ଷା କରି ତା'ର ଶରୀରର ଅବସ୍ଥା ଭଲ ନୁହଁ କହିଥିଲେ । ଉକ୍ତ ବ୍ୟକ୍ତି ପିଲାଟିକୁ ଘରକୁ ନେଇଯିବାକୁ ଚାହୁଁଥିଲେ, କାରଣ ସେ ତାର ମୃତ୍ୟୁ ଡାକ୍ତରଖାନାରେ ହେବା ଚାହୁଁ ନଥିଲେ। ସେ ମୃତ୍ୟୁମୁଖରେ ଥିବା ତାଙ୍କର ସନ୍ତାନକୁ ନେବା ପାଇଁ ହସ୍‌ପିଟାଲ କ୍ୟାଣ୍ଟିନ୍‌ରେ ବସି ଏକ ଟ୍ୟାକ୍ସିର ଅପେକ୍ଷାରେ ଥିବା ସମୟରେ କେହି ଜଣେ ସେଠାରେ ସତ୍ୟସାଇ ବାବାଙ୍କ ସମ୍ବନ୍ଧରେ କିଛି କହୁଥିବା ଶୁଣିବାକୁ ପାଇଲେ । ସେ ସେହି ବ୍ୟକ୍ତିଠାରୁ ସତ୍ୟସାଇ ବାବା କିଏ ଓ କ'ଣ, ସବୁ ପ୍ରାଞ୍ଜଳଭାବେ ବୁଝିବା ପରେ ପୁଅକୁ ନେଇ ଏଠାକୁ ଆସିଲେ । ତେଣୁ କେହି ଜଣେ ସତ୍ୟସାଇ ବାବାଙ୍କ ସମ୍ବନ୍ଧରେ କିଛି କହୁଥିବା ଶୁଣି ସେ ଏଠାକୁ ଆସିଥିଲେ । ଆପଣ ହୁଏତ ଶିରିଡ଼ି ବା ଅନ୍ୟ କୌଣସି ସ୍ଥାନକୁ ଯାଇଛନ୍ତି, ସେଠାରେ କେହି ଏକ ବ୍ୟକ୍ତି ସତ୍ୟସାଇ ବାବାଙ୍କ ସମ୍ବନ୍ଧରେ କିଛି କହୁଥିବା ଶୁଣିଛନ୍ତି ଓ ପରେ ଏଠାକୁ ଆସିଛନ୍ତି । କିମ୍ବା ଆପଣ ହୁଏତ ଆର୍ନଲ୍ଡ ସ୍କୁଲମ୍ୟାନଙ୍କ ଭଳି ଜଣେ କିଏ ପର୍ଯ୍ୟଟକ ଭାବେ ଏଠାକୁ ଆସିଥିଲେ, କାରଣ ତାଙ୍କ ନିକଟରେ ଥିବା ଭାରତର ଦର୍ଶନୀୟ ସ୍ଥାନଗୁଡ଼ିକର ତାଲିକାରେ ପୁଟ୍ଟପର୍ତ୍ତି ଥିଲା । ତେଣୁ ପୁଟ୍ଟପର୍ତ୍ତି ବର୍ତ୍ତମାନ ଏକ ପର୍ଯ୍ୟଟନ କ୍ଷେତ୍ର ହୋଇଯାଇଛି । ଆପଣ ଭାରତ ଯାତ୍ରାରେ ଆସିଲେ ସାଧାରଣରେ କେଉଁ କେଉଁ ସ୍ଥାନ ଦେଖିଥା'ନ୍ତି ? ଅବଶ୍ୟ ତାଜମହଲ ସେହି ସବୁ ସ୍ଥାନମାନଙ୍କ ମଧ୍ୟରେ ଥାଏ । ଥରେ ଭାରତକୁ ଆସିଥିବା ଜଣେ ପର୍ଯ୍ୟଟକ କହିଲେ, "ମୁଁ ଆଗାଖାନ୍ ପଛରେ ସୂର୍ଯ୍ୟାସ୍ତ ଦେଖିବାକୁ ଚାହେଁ ।" ତାଙ୍କର ଧାରଣା ଥାଏ ଯେ ଆଗାଖାନ୍ ଏକ ପର୍ବତ ଶୃଙ୍ଗ କିନ୍ତୁ ବାସ୍ତବରେ ଆଗାଖାନ୍ ଥିଲେ ପଶ୍ଚିମ ଭାରତର ଏକ

ମୁସଲମାନ ଧାର୍ମିକ ସମ୍ପ୍ରଦାୟର ଧର୍ମଗୁରୁ । ଭାରତରେ କେତେକ ପର୍ବତ ଶୃଙ୍ଗ ରହିଛି ଯାହାର ନାମର ଶେଷରେ 'ଖାନ୍' ଥାଏ, ତେଣୁ ସେ ଭାବି ନେଇଥିଲେ ଯେ ଆଗାଖାନ୍ ସେହିଭଳି ଏକ ପର୍ବତ ଶୃଙ୍ଗ । ମାନ୍ଦ୍ରାଜର ରାମକୃଷ୍ଣ ମିଶନ୍‌କୁ ଆସିଥିବା ଜଣେ ପର୍ଯ୍ୟଟକ ଡକ୍ଟର ପତଞ୍ଜଳିଙ୍କୁ ସାକ୍ଷାତ କରିବାକୁ ଚାହୁଁଥିଲେ । ସେଠାରେ ଥିବା ସମସ୍ତେ ଡକ୍ଟର ପତଞ୍ଜଳି କିଏ ଜାଣନ୍ତି ନାହିଁ କହିଲେ । ସେତେବେଳେ ଉକ୍ତ ପର୍ଯ୍ୟଟକ କହିଲେ ଡକ୍ଟର ପତଞ୍ଜଳି ଯୋଗ ଉପରେ ଏକ ପୁସ୍ତକ ରଚନା କରିଛନ୍ତି । ତାହା ଶୁଣି ଅନ୍ୟମାନେ କହିଲେ, "ଓ ସେ ! ତାଙ୍କର ତ ଅନ୍ତତଃ ଦଶହଜାର ବର୍ଷ ପୂର୍ବେ ମୃତ୍ୟୁ ଘଟିଥିଲା ।" ଏଥର ପର୍ଯ୍ୟଟକ କହିଲେ, "ମୁଁ ଭାବିଥିଲି ଯେ ସେ ଜୀବିତ ଅଛନ୍ତି ଓ କୌଣସି ଏକ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରୁଛନ୍ତି କାରଣ ତାଙ୍କର ଚିନ୍ତାଧାରା ଏତେ ଆଧୁନିକ ଓ ସମୟୋଚିତ ! ସେହିଭଳି ସତ୍ୟସାଇ ବାବା ଆଜି ଭାରତର ଦର୍ଶନୀୟ ବସ୍ତୁ ବା ବ୍ୟକ୍ତିଙ୍କ ମଧ୍ୟରେ ଅନ୍ୟତମ ହୋଇଯାଇଛନ୍ତି, ତେଣୁ ଆପଣ ଅନେକଙ୍କ ମୁହଁରୁ ତାଙ୍କ ନାମ ଶୁଣିଥା'ନ୍ତି ଓ ତାହା ଶୁଣି ଏଠାକୁ ଆସନ୍ତି । ଏହାକୁ ହିଁ କୁହାଯାଏ "ଶ୍ରବଣ" । ଶୁଣିବା ଦୃଷ୍ଟି ଆକର୍ଷଣ କରିବାର ଅନ୍ୟ ଏକ ଉପାୟ ।

ତାପରେ ସ୍ୱାମୀ ଯେ ଆସିଛନ୍ତି ତାହା ସେ ନିଜେ ବିବିଧ ସ୍ଥାନରେ ବିବିଧ ଉପାୟରେ ଘୋଷଣା କରି ଆପଣଙ୍କ ଦୃଷ୍ଟି ଆକର୍ଷଣ କରିଥା'ନ୍ତି । ଏହାକୁ ସେ ତାଙ୍କର "Visiting Card" ବା ଆଗନ୍ତୁକ ପତ୍ର କହନ୍ତି । ସବୁ ସ୍ଥାନରେ ସେ ତାଙ୍କର ଏହି ଆଗନ୍ତୁକ ପତ୍ରର କିଛି ସୂଚନା ଦେଇ ଯା'ନ୍ତି । ତାଙ୍କର ଚିତ୍ରପଟରୁ ବିଭୂତି ବା ଅନ୍ୟ କିଛି ଦ୍ରବ୍ୟ କ୍ଷରିତ ହେବା କିମ୍ବା ତାଙ୍କ ସମ୍ବନ୍ଧରେ କିଛି ନ ଜାଣିଥିବା କୌଣସି ବ୍ୟକ୍ତିଙ୍କୁ ଆକସ୍ମିକ ଭାବେ ସ୍ୱପ୍ନରେ ଦର୍ଶନ ଦେବା ଆଦି କେତେକ ଚମତ୍କାରିତା ଏହିଭଳି କିଛି ଆଗନ୍ତୁକ ପତ୍ର ଯାହାଦ୍ୱାରା ସେ ତାଙ୍କର ଆଗମନର ପ୍ରତ୍ୟକ୍ଷ ନିଦର୍ଶନ ଛାଡ଼ିଯା'ନ୍ତି ।

ମୁର ନାମକ ବ୍ୟକ୍ତି ଏଠାକୁ ଆସି ଦର୍ଶନ ଧାଡ଼ିରେ ବସିଥା'ନ୍ତି । ସ୍ୱାମୀ ତାଙ୍କ ନିକଟକୁ ଆସି ପଚାରିଲେ, "ତୁମେ କ'ଣ ଚାହଁ ?" ସେ କହିଲେ "ବିଭୂତି ।" ସ୍ୱାମୀ ତାଙ୍କ ଉପରେ ବିଭୂତି ଢାଳି ଦେଲେ, ବିଭୂତିର ଶକ୍ତି ତାଙ୍କ ମଧ୍ୟରେ ଭରିଦେଲେ କହିଲେ ଠିକ୍ ହେବ ! ଏହା କରିବା ପଛରେ ଏକ କାରଣ ଥିଲା । ମୁର୍ ଜଣେ ଭଲ ଗାୟକ ଥିଲେ । ପିଲାଦିନେ ଗୀର୍ଜା ଘରର ଗାୟକ ଗୋଷ୍ଠୀ ମଧ୍ୟରେ ସେ ଥା'ନ୍ତି । ପରବର୍ତ୍ତୀ ସମୟରେ ସେ ଏକ ହୋଟେଲ୍‌ରେ ପ୍ରଥମେ ବାସନକୁସନ ମାଜୁଥା'ନ୍ତି ଓ ପରେ ୱେଇଟ୍‌ର ହିସାବରେ କାର୍ଯ୍ୟ କରୁଥା'ନ୍ତି । ଧୀରେ ଧୀରେ ତାଙ୍କର ହୋଟେଲର ଉପ-ପରିଚାଳକ ପଦକୁ ପଦୋନ୍ନତି ହେଲା । ତାଙ୍କ ମନରେ ଦିନେ ହୋଟେଲ୍‌ର ମ୍ୟାନେଜର ହେବାର ଆଶା ଥାଏ , କିନ୍ତୁ ତାହା ହେଲା ନାହିଁ, କାରଣ ସେହି ହୋଟେଲ୍‌ର ମାଲିକ୍ ଜଣେ ଶ୍ୱେତକାୟ ବ୍ୟକ୍ତି ଥା'ନ୍ତି ! ଏହି ବର୍ଣ୍ଣବୈଷମ୍ୟ ଭାବ ତାଙ୍କୁ ବିଷଣ୍ଣ କଲା ଏବଂ ଦେଶର କୃଷ୍ଣକାୟ

ବ୍ୟକ୍ତିଙ୍କର ଦୁରବସ୍ଥା ତାଙ୍କୁ ବିବ୍ରତ କଲା । ସେ କୃଷ୍ଣକାୟ ବର୍ଗର ଏକ ଲିଡ଼ର ହୋଇ ବାହାରିଲେ ଏବଂ ପରଧନ ଲୁଣ୍ଠନ କରୁଥିବା ଓ ଲୋକଙ୍କୁ ଅପହରଣ କରିନେଉଥିବା ଅସାମାଜିକ ଗୋଷ୍ଠୀରେ ସାମିଲ୍ ହୋଇଗଲେ ।

ସେ ରହୁଥିବା ଘରର ଉପର ମହଲାରେ ତାଙ୍କ ଦଳର ନାୟକ ରହୁଥା'ନ୍ତି । ମୁର୍ ଏକ ଶ୍ୱେତକାୟ ବାଳିକାକୁ ବିବାହ କରିଥା'ନ୍ତି ଯିଏ ବର୍ଷ ବର୍ଷ ଧରି ତାଙ୍କର ଅତ୍ୟାଚାର ସହ୍ୟ କରିଯାଉଥାଏ । ସେ ଝିଅର ଭାଇ ଦିନେ ତାକୁ ଏକ ଚିଠିରେ ଲେଖିଥିଲା, "ସେହି ବସ୍ତିରେ ରହି ତୁ କାହିଁକି ସେହି ଲୋକଟିର ଅତ୍ୟାଚାର ସହି ସହି ଜୀବନ ବିତାଉଛୁ ? ମୋ ପାଖକୁ ଆସି ଅନ୍ତତଃ ମାସେ ରହୁନୁ କାହିଁକି ?" ତାର ପ୍ରସ୍ତାବରେ ରାଜି ହୋଇ ଝିଅଟି ଆସି କାଲିଫର୍ଣ୍ଣିଆରେ ରହିଲା ଓ ସେଠାରେ ସ୍ୱାମୀଙ୍କ ଭକ୍ତମାନେ କରୁଥିବା ଭଜନରେ ଯୋଗ ଦେଲା । ଭାଇ ଘରୁ ଫେରିବା ସମୟରେ ସେ ସାଙ୍ଗରେ କିଛି ସ୍ୱାମୀଙ୍କ ବହି ଓ ଫଟୋ ନେଇ ଆସିଥାଏ । ଫଟୋଗୁଡ଼ିକୁ ଘରର ଏଣେତେଣେ ଟାଙ୍ଗି ସ୍ୱାମୀଙ୍କ ଉପରେ ରଚିତ ବହିକୁ ସେ ଏକ କମ୍ ଉଚ୍ଚ ଟେବୁଲ୍ ଉପରେ ରଖିଥାଏ ଯାହା ଚାରିପାଖେ ଦଳରେ ସମସ୍ତେ ବସି ବୈଠକ କରୁଥା'ନ୍ତି । ଦିନେ ସେମାନେ ସେଠାରେ ବସି ଗୋଟିଏ ବ୍ୟାଙ୍କ ଡକାୟତି କରିବାର ଯୋଜନା କରୁଥା'ନ୍ତି, ଜଣେ ହଠାତ୍ ଭିତରକୁ ଆସି କହିଲା "ବ୍ୟାଙ୍କ୍ ଡକାୟତି କର ନାହିଁ । ପୋଲିସ ତାର ଖୁରାକ ପାଇଯାଇଛି !" ତାହା ଶୁଣି ମୁର ଖୁବ୍ ରାଗିଗଲା କାରଣ ସେମାନେ ଏଥିପାଇଁ ପୂରା ଯୋଜନା କରି ସାରିଥା'ନ୍ତି, ବର୍ତ୍ତମାନ ସବୁ ବେକାର ହୋଇଗଲା ଏବଂ ମୋଟା ରକମର ପଇସା ହାତରୁ ଖସିଗଲା । ସେ ସଙ୍ଗେ ସଙ୍ଗେ ଉଠି ଛିଡ଼ା ହେଲା ଓ ଅନ୍ୟମାନେ ସେହି କକ୍ଷରୁ ବାହାରି ଚାଲିଗଲେ । ମୁର ଏକ ଆନ୍ଦୋଳିତ ମନରେ ଏପଟ ସେପଟ ଚାଲୁଥାଏ, ପାଦରେ ଯାହା ପଡ଼ିଲା ତାକୁ ଗୋଇଠା ମାରୁଥାଏ । ଏହିଭଳି କ୍ରୋଧ ଓ ନୈରାଶ୍ୟ ମଧ୍ୟରେ ସେ ସେହି ଟେବୁଲ୍‌କୁ ବାଡ଼େଇ ହୋଇ ଟେବୁଲ୍ ଉପରେ ମୁହଁମାଡ଼ି ପଡ଼ିଲା । ହଠାତ୍ ଟେବୁଲ୍ ଉପରେ ଥିବା ସ୍ୱାମୀଙ୍କର ସେହି ବହି ଓ ତା' ଉପରେ ସ୍ୱାମୀଙ୍କ ଛବି ଉପରେ ତା'ର ଦୃଷ୍ଟି ପଡ଼ିଲା । ସେ ବହିଟି .ଉଠେଇ ଦେଖିଲା । ସ୍ୱାମୀ ବେଳେ ବେଳେ ତୁମ ମୁଣ୍ଡକୁ ଏକ ଶକ୍ତ ଆଘାତ ଦେଇ ତୁମ ଉପରେ ପ୍ରଭାବ ପକେଇଥା'ନ୍ତି ।

ସ୍ୱାମୀ ମୁଣ୍ଡରେ ଶକ୍ତ ଆଘାତ ଦେବା ସମ୍ବନ୍ଧରେ ଆଉ ଏକ ଘଟଣା ମୁଁ ଏଠାରେ ଆପଣମାନଙ୍କୁ କହିବି । ରମଣ ମହର୍ଷିଙ୍କ ଆଶ୍ରମରେ ଜଣେ ସନ୍ନ୍ୟାସୀ ଥା'ନ୍ତି । ସେ ରମଣ ମହର୍ଷିଙ୍କ ସଙ୍ଗେ ରହି ଦୀର୍ଘ ପନ୍ଦର ବର୍ଷ ସାଧନା କରିଥା'ନ୍ତି । ମହର୍ଷିଙ୍କର ପରଲୋକପ୍ରାପ୍ତି ପରେ ମଧ୍ୟ ସେ ଆଶ୍ରମରେ ରହୁଥା'ନ୍ତି । ସେ ସ୍ୱାମୀଙ୍କ ସମ୍ବନ୍ଧରେ ଶୁଣିବା ପରେ ମୋତେ ଏକ ପତ୍ର ଲେଖିଥିଲେ ଯେଉଁଥିରେ ମୋତେ ସେ "ପ୍ରିୟ ଆତ୍ମା" କହି ସମ୍ବୋଧନ କରିଥା'ନ୍ତି । ଅତ୍ୟୁନ୍ନତ ସ୍ତରରେ ଆତ୍ମିକ ଐକ୍ୟକୁ ଅନୁଭବ କରିପାରିଥିବା ବ୍ୟକ୍ତି ହିଁ ଏହା କରିପାରନ୍ତି ।

ତାଙ୍କ ଚିଠିରେ ସେ କ'ଣ ଲେଖିଥିଲେ ? ସେ ଲେଖିଥିଲେ, "ମୁଁ ରମଣାଶ୍ରମରେ ରମଣ ମହର୍ଷିଙ୍କ ସହ ବହୁ ବର୍ଷ ବିତେଇଥିଲି । ମୋର ବର୍ତ୍ତମାନ ବୟସ ୭୬ ବର୍ଷ । ଏତେ ବର୍ଷ ସାଧନା କରିବା ପରେ ମଧ୍ୟ ମୁଁ ସାଧନାରେ ସଫଳ ହୋଇଛି ବୋଲି ମୋର ମନେ ହେଉନି । ମୋର ମନ ସମ୍ପୂର୍ଣ୍ଣ ସଂଶୟାଚ୍ଛନ୍ନ ଓ ଶରୀର ବହୁ ବ୍ୟାଧିରେ ବିପନ୍ନ । ମୁଁ ଆପଣଙ୍କର ରଚିତ "ସତ୍ୟଂ ଶିବଂ ସୁନ୍ଦରମ୍" ପଢ଼ିବା ପରେ ମୋର ମନେ ହେଉଛି ମୋତେ ଶେଷରେ ଏହି ଗୁରୁଙ୍କ ନିକଟକୁ ଯିବାକୁ ହେବ । ମୁଁ ବାବାଙ୍କ ନିକଟକୁ ଯାଇ ପାରିବି କି ଦୟାକରି ମୋତେ ଜଣାନ୍ତୁ ।" ମୁଁ ସ୍ୱାମୀଙ୍କୁ ଏକଥା କହିଲି । କେହି ଯଦି ସ୍ୱାମୀଙ୍କୁ "ମୁଁ ଆସିବି କି ?" ପଚାରେ, ସ୍ୱାମୀ 'ହଁ' କହନ୍ତି ନାହିଁ, କାରଣ ଏଠାକୁ ଆସିବା ପରେ ସେ ହୁଏତ କହି ବସିବ, "ଆପଣ ଆସିବାକୁ କହିବାରୁ ମୁଁ ଆସିଲି, ଅଥଚ ଆପଣ ମୋ' ସହ କଥା ହେଉ ନାହାଁନ୍ତି । ଏଇ, ଦେଖନ୍ତୁ ଆପଣଙ୍କ ଚିଠି ।" ସ୍ୱାମୀ ଥରେ ଦକ୍ଷିଣ ଭାରତର କେରଳ ପ୍ରଦେଶକୁ ଯାଇଥିବା ସମୟରେ ଜଣେ ତାଙ୍କୁ ଏହିଭଳି ଚ୍ୟାଲେଞ୍ଜ କରିଥିଲା । କେରଳୀୟମାନଙ୍କର ଭାଷା ହେଲା ମଲୟାଲମ୍ । ମୁଁ ସେହି ଭାଷା ଜାଣିଥିବା ହେତୁ ସ୍ୱାମୀଙ୍କ ତେଲୁଗୁ ଦିବ୍ୟ ସମ୍ଭାଷଣକୁ ମଲୟାଲମ୍‌ରେ ଅନୁବାଦ କରିବା ପାଇଁ ମୁଁ ତାଙ୍କ ସଙ୍ଗେ ଯାଇଥାଏ । ସେ ଗୋଟିଏ ସ୍ଥାନରୁ ଅନ୍ୟ ଗୋଟିଏ ସ୍ଥାନକୁ ଯାଉଥା'ନ୍ତି । ଆମ ସଙ୍ଗେ ରେଡ଼ିଓ ଷ୍ଟେସନର ଜଣେ ନିର୍ଦ୍ଦେଶକ ମଧ୍ୟ ଥା'ନ୍ତି । ସେ ରେଡ଼ିଓ ପ୍ରସାରଣ ପାଇଁ ସ୍ୱାମୀଙ୍କ ସମସ୍ତ ଦିବ୍ୟ ସମ୍ଭାଷଣ ରେକର୍ଡ଼ କରୁଥା'ନ୍ତି । ସ୍ୱାମୀଙ୍କ ଶେଷ ଦିବ୍ୟ ସମ୍ଭାଷଣ ଯେଉଁଠାରେ ଥାଏ, ସେଠାରେ ସେ କହିଥା'ନ୍ତି, "ମୁଁ ଏହି ସ୍ଥାନକୁ ଏତେ ଅଳ୍ପସମୟ ପାଇଁ ଆସିବାରେ ସନ୍ତୁଷ୍ଟ ନୁହଁ । ଶିବରାତ୍ରି ପରେ ମୁଁ ପୁଣି ଥରେ ଆସି, ଯେଉଁଠେ ଯେଉଁଠେ ତୁମର ସମିତି ଅଛି, ସେହି ପ୍ରତ୍ୟେକ ସ୍ଥାନକୁ ଯିବି ଏବଂ ତୁମେ ଯେତେ ଦିନ ଚାହିଁବ ସେତେଦିନ ରହି ତୁମକୁ ସୁଖ, ଶାନ୍ତି ଓ ଆନନ୍ଦ ପ୍ରଦାନ କରିବି ।" ରେଡ଼ିଓ ଷ୍ଟେସନର ନିର୍ଦ୍ଦେଶକ ସ୍ୱାମୀଙ୍କର ଏହି ସମ୍ଭାଷଣ ମଧ୍ୟ ରେକର୍ଡ଼ କରିଥିଲେ ଓ ସ୍ୱାମୀଙ୍କ ଗସ୍ତ ଶେଷରେ ସେ କାଲିକଟ୍‌କୁ ଲେଉଟି ଆସିଲେ ଯେଉଁଠାରେ ସେ ରେଡ଼ିଓ ଷ୍ଟେସନ ନିର୍ଦ୍ଦେଶକ ଥା'ନ୍ତି । ସ୍ୱାମୀ କିନ୍ତୁ ପରେ ଆଉ ସେହି ସ୍ଥାନକୁ ଯାଇ ନଥିଲେ । ସ୍ଥାନୀୟ ଲୋକ ସ୍ୱାମୀ ତାଙ୍କ ପରବର୍ତ୍ତୀ ଗସ୍ତ ସମ୍ବନ୍ଧରେ କ'ଣ କହିଥିଲେ ତାହା ଶୁଣିବାକୁ ବ୍ୟଗ୍ର ଥା'ନ୍ତି । ରେଡ଼ିଓ ଷ୍ଟେସନ୍ ନିର୍ଦ୍ଦେଶକ ସେମାନଙ୍କୁ କହିଲେ, "ଆରେ, ସ୍ୱାମୀ କହିଥିଲେ, ମୁଁ ଶିବରାତ୍ରି ପରେ ଆଉ ଥରେ ଆସିବି ଓ ତୁମେ ଯେତେ ଦିନ ଚାହିଁବ, ସେତେ ଦିନ ରହିବି ।" ତାଙ୍କର ସେହି ସମ୍ଭାଷଣର ରେକର୍ଡ଼ିଂ ଏଇ ମୋ ପାଖରେ ଅଛି । ମୁଁ ଶିବରାତ୍ରି ପରେ କ'ଣ କରିବି ଜାଣ ? ଶିବରାତ୍ରି ପରେ ଆଉ ସପ୍ତାହେ ଅପେକ୍ଷା କରିବି । ସେ ଯଦି ନ ଆସନ୍ତି, ଏହି ଟେପ୍ ଧରି ସିଧା ପୁଟ୍ଟପର୍ତ୍ତି ଯିବି । ସେ ଯଦି ମୋତେ ଇଣ୍ଟରଭ୍ୟୁକୁ ଡାକନ୍ତି, ମୁଁ ତାଙ୍କ ଆଗରେ ଏହି ଟେପ୍ ବଜେଇ ତାଙ୍କୁ ଚ୍ୟାଲେଞ୍ଜ କରିବି । ସେ ଏଠାରେ ଏହି 'ଚ୍ୟାଲେଞ୍ଜ' ଶବ୍ଦଟି ବ୍ୟବହାର

କରିଥିଲେ । ସେଠାରେ ଥିବା ସମସ୍ତେ କହିଲେ, "ହଉ, ଥରେ ସେହି ଦିବ୍ୟ ସମ୍ଭାଷଣ ଶୁଣିବା ।" ସେ ତାଙ୍କ ସହକାରୀକୁ ଟେପ୍‌ଟି ଆଣି ବଜେଇବାକୁ କହିଲେ । ଟେପ୍‌ଟି ବଜେଇବା ପରେ ଦେଖାଗଲା, ସେଥିରେ ନା ସ୍ୱାମୀଙ୍କର ସେହି ଉକ୍ତି ଅଛି, ନା ମୋର ମଲୟାଲମ ଅନୁବାଦ ଅଛି ! ଆହୁରି ଆଶ୍ଚର୍ଯ୍ୟ କଥା ହେଲା, ଏଥିଯୋଗୁଁ ଟେପ୍‌ରେ କୌଣସି ଶୂନ୍ୟତା (Gap) ମଧ୍ୟ ନାହିଁ । ସ୍ୱାମୀଙ୍କୁ ଚ୍ୟାଲେଞ୍ଜ କଲେ ତା'ର ପରିଣତି ଏହା ହିଁ ହୁଏ ।

ଆଉ ଥରେ ପାପା ନାମକ ଜଣେ ବ୍ୟକ୍ତି କାଲିଫର୍ଣ୍ଣିଆର ଏକ ଦଳ ସହ ଏଠାକୁ ଆସିଥା'ନ୍ତି । ସ୍ୱାମୀ ସେମାନଙ୍କୁ କହିଲେ, "କାଲି ମୁଁ ତୁମକୁ ଭେଟିବି ।" କିନ୍ତୁ ସେ ଭେଟିଲେ ନାହିଁ । ତାହା ଦେଖି ପାପା ନାମକ ଏହି ବ୍ୟକ୍ତି କ୍ରୋଧରେ କହିଲେ, "ଯେ କ'ଣ ! ସେ ଆମକୁ କାଲି ଭେଟିବେ କହିଲେ ଅଥଚ ଭେଟିଲେ ନାହିଁ ! ମୁଁ ଏଥର ଚାଲିଲି ।" ଏତିକି କହି ସେ ତାଙ୍କର ଜିନିଷପତ୍ର ଧରି ବସଷ୍ଟାଣ୍ଡକୁ ଚାଲିଗଲେ । ବାଙ୍ଗାଲୋର ପହଞ୍ଚିବା ପରେ ସେ କାନ୍ଦି କାନ୍ଦି ଫୋନ୍‌ରେ ମୋତେ କହୁଥା'ନ୍ତି, "କସ୍ତୁରୀ ମହାଶୟ ! ମୁଁ ଫେରି ଆସିବା ଠିକ୍ ହେଲା ନାହିଁ ।" ମୁଁ ମସ୍ତବଡ଼ ଭୁଲ୍ କରି ବସିଲି । ନିଜକୁ ବୋକା ନ କହିବି ତ ଆଉ କ'ଣ କହିବି ! ମନରେ ଘୋର ଅନୁତାପ ନେଇ ମୁଁ ଏଥର ଚାଲି ଚାଲି ପୁଟ୍ଟପର୍ତ୍ତି ଆସିବି ।" ସ୍ୱାମୀଙ୍କୁ ମୁଁ କହିଲି, "ବିଚରା ଚାଲି ଚାଲି ପୁଟ୍ଟପର୍ତ୍ତି ଫେରୁଛି ।" ସ୍ୱାମୀ କହିଲେ, "ନା, ତାକୁ ପାଗଳ ଭଳି ଚାଲି ଚାଲି ଆସିବାକୁ ମନା କରେ ।" ପରେ ପାପା ଆସି ପୁଟ୍ଟପର୍ତ୍ତିରେ କିଛି ଦିନ ରହି ତା' ଦେଶକୁ ଫେରିଗଲା ।

ରମଣାଶ୍ରମର ସେହି ସନ୍ନ୍ୟାସୀଙ୍କ ସମ୍ବନ୍ଧରେ ସ୍ୱାମୀ କହିଲେ, "ତାଙ୍କୁ ଲେଖି ଜଣାଅ ଯେ ମୁଁ ଏଠାରେ ସପ୍ତାହେ ରହୁଛି ।" ମୁଁ ସେହି ଅନୁସାରେ ଚିଠି ଲେଖିଲି । ତା'ପରେ ମୁଁ ତାଙ୍କଠୁ ଆଉ ଏକ ଚିଠି ପାଇଲି ଯେଉଁଥିରେ ସେ ଲେଖିଥା'ନ୍ତି, "ଆପଣଙ୍କୁ ଚିଠି ଲେଖିବାର ଦିନେ ପରେ ପାହାନ୍ତିଆରେ ଏକ ନିବୁଜ କୋଠରୀ ମଧ୍ୟରେ ମୁଁ ଶୋଇ ରହିଥାଏ । କୋଠରୀର ଦ୍ୱାର ଭିତରୁ ବନ୍ଦ ଥାଏ । ଅବଶ୍ୟ ମୁଁ ନିଦରେ ଶୋଇ ନଥାଏ କିନ୍ତୁ ମୋର ଦୟନୀୟ ସ୍ଥିତିକୁ ନେଇ ମୁଁ ବେଶ୍ ଚିନ୍ତିତ ଥାଏ ଏବଂ ଆପଣଙ୍କଠୁ ମୋ ଚିଠିର ଏକ ଅନୁକୂଳ ଉତ୍ତର ପାଇବି ବୋଲି ଅପେକ୍ଷା କରି ରହିଥାଏ । ହଠାତ୍ ମୋ' ମସ୍ତକକୁ ଏକ ଆଘାତ ବାଜିଲା ।" ଥରେ ଭାବି ଦେଖନ୍ତୁ ଏକ ରୁଦ୍ଧ କୋଠରୀ ମଧ୍ୟରେ ଶୋଇଥିବା ଅବସ୍ଥାରେ ଥିବା ଜଣେ ବ୍ୟକ୍ତିର ମଥାରେ ଯଦି କିଛି ଆଘାତ ବାଜେ, ତା' ଅବସ୍ଥା କ'ଣ ହୋଇଥିବ ! ସେ ଲେଖିଥିଲେ, "ତାହା ଏକ ଶକ୍ତ ଅଥଚ ସହନୀୟ ଆଘାତ ଥିଲା । ଆଘାତ ହେତୁ ମୁଁ ବିଶେଷ କିଛି କଷ୍ଟ ପାଇ ନଥିଲି ।" ସ୍ୱାମୀ ଏହିଭଳି ଆଘାତ ଦିଅନ୍ତି । ତାହା ଶକ୍ତ ଥାଏ, ନହେଲେ ଆପଣ ଉଠିବେ ନାହିଁ । କିନ୍ତୁ ମା ଦେବା ଆଘାତ ଭଳି ସହନୀୟ ରହେ, ଫଳରେ ଆପଣ ତା' ଯୋଗୁ କଷ୍ଟ ପା'ନ୍ତି ନାହିଁ । ଯେତିକି କଷ୍ଟ ହେଲେ ଆପଣ ଉଠି ବସିବେ ସେତିକି କଷ୍ଟ ଥାଏ । ଉକ୍ତ ସନ୍ନ୍ୟାସୀ କୋଠରୀର ଚାରିଆଡ଼କୁ ଚାହିଁ,

ଭିତରେ କିଏ ଅଛନ୍ତି ଜାଣିବାକୁ ଚେଷ୍ଟା କଲେ । ସେ ବତୀ ଜଳେଇ ଦେଖିଲେ, କବାଟ ଭିତରୁ କିଳା ହୋଇଛି । ସେ ଶେଯରେ ଉଠି ବସିଲେ ଓ ତା'ପରେ ଦେଖିବାକୁ ପାଇଲେ - ଚାରିଆଡ଼େ ପ୍ରଚଣ୍ଡ ଆଲୋକ ଓ ସେହି ଆଲୋକ ମଧ୍ୟରେ ବହୁ ବର୍ଷ ପୂର୍ବେ ଇହଧାମ ତ୍ୟାଗ କରିଥିବା ରମଣ ମହର୍ଷି ଓ ତାଙ୍କ ପାଖେ ପାଖେ ଶ୍ରୀ ସତ୍ୟସାଇ ବାବା ! ପର ମୁହୂର୍ତ୍ତରେ ସେ ଉଭୟ ରୂପ ମିଶି ଏକ ହେଲେ ଓ ଅଦୃଶ୍ୟ ହୋଇଗଲେ । ରହିଗଲା ଆଗର ସେହି ଉଜ୍ଜ୍ୱଳ ଆଲୋକ । ସେହି ଆଲୋକ ମଧ୍ୟରୁ ଏକ କଣ୍ଠସ୍ୱର ତେଲୁଗୁରେ ଶୁଭିଲା, "ବ୍ୟସ୍ତ ହୁଅନା, ଧ୍ୟାନ କରନା । କେବଳ ମନକୁ ଲକ୍ଷ୍ୟ କର । ମନ ଯଦି ଇତସ୍ତତଃ କୁଆଡ଼େ ଯାଏ, ତାକୁ କୁହ, ଆରେ ମନ, ତୋର ଚାଲ୍ ମୁଁ ଜାଣେ । ତୋର ସ୍ୱଭାବ ହିଁ ତାହା । କିନ୍ତୁ ମୁଁ ତୋ' ପଛେ ପଛେ ଯିବି ନାହିଁ । ମୁଁ ଏଇଠେ ରହିବି । ସାବଧାନ କରୁଛି, ଆଉ ଥରେ ମୋ' ସଙ୍ଗେ ଏମିତି ଚାଲ୍ ଖେଳେନା ।" ତା'ପରେ ସ୍ୱାମୀ କହିଲେ, "ଏଥରଠୁ ମୁଁ ତୁମର ମାର୍ଗଦର୍ଶକ ହେବି ।" ତେଣୁ ସେ ଆଘାତ କେବଳ ତାଙ୍କୁ ଶେଯରୁ ଉଠେଇ ବସେଇବା ପାଇଁ ନଥିଲା, ତାଙ୍କୁ ସାଧନାର ପଥରେ ଆଗେଇ ନେବା ପାଇଁ ମଧ୍ୟ ଉଦ୍ଦିଷ୍ଟ ଥିଲା । ଆଘାତରୁ ଜାତ ସ୍ପନ୍ଦନ ସବୁ କିଛିକୁ ଏତେ ସୁନ୍ଦର ଭାବେ ସଜାଡ଼ି ଦିଏ ! ସେ ପରେ ପୁଟ୍ଟପର୍ତ୍ତି ଆସିଥିଲେ ।

ଏଥର ପୁଣି ମୁର୍‌ର କଥା ଦେଖିବା । ମୁର୍ ଟେବୁଲ୍ ଉପରେ ମୁହଁ ମାଡ଼ି ପଡ଼ିବା ଫଳରେ ତା' ମଥାରେ ଯେଉଁ ଆଘାତ ହେଲା, ସେହି ଆଘାତ ସ୍ୱାମୀ ଦେଇଥିଲେ ତାକୁ ଜାଗ୍ରତ କରି ଠିକ୍ ବାଟ ଦେଖେଇ ଦେବା ପାଇଁ । ସେ ଟେବୁଲ ଉପରେ ଥିବା ବହିଟି ଉଠେଇ "ସାଇ ବେବି, ସାଇ ବେବି" କହି ପଢୁଥାଏ । ମୁର୍ ତା'ପରେ ତା' ସ୍ତ୍ରୀକୁ ପଚାରିଲା "ସେ କିଏ ? ସେ କିଏ ? ସେ କ'ଣ ଜୀବିତ ଅଛନ୍ତି ?" ହୁଏତ ସେ ଭାବୁଥାଏ ଯେ ବହିଟି ଏଭଳି ଜଣେ ବ୍ୟକ୍ତିଙ୍କ ସମ୍ବନ୍ଧରେ ଲେଖାଯାଇଛି, ଯାହାଙ୍କର ବହୁ ବର୍ଷ ପୂର୍ବେ ମୃତ୍ୟୁ ଘଟିଛି ! ତା'ର ସ୍ତ୍ରୀ ତାକୁ କହିଲା, "ନା, ସେ ବର୍ତ୍ତମାନ ଜୀବିତ ଅଛନ୍ତି ।" ମୁର୍ ଟେବୁଲ୍ ପାଖରେ ବସି ସେହି 'ଧ୍ୟାନ ବାହିନୀ' ପୁସ୍ତକଟି ପୂରା ପଢ଼ିଗଲା । ଥରେ ଭାବି ଦେଖନ୍ତୁ, ଜଣେ ବ୍ୟକ୍ତି ପ୍ରଥମ ଥର ପାଇଁ ସ୍ୱାମୀଙ୍କ ସମ୍ବନ୍ଧରେ ଏକ ପୁସ୍ତକ ପୂରା ପଢ଼ିଯାଉଛି, ତାହା ମଧ୍ୟ 'ଧ୍ୟାନ ବାହିନୀ' ଭଳି ଏକ ପୁସ୍ତକ । ସ୍ୱାମୀଙ୍କ ସମ୍ବନ୍ଧରେ ବିଶେଷ ଜାଣିବା ପରେ ଓ କିଛି ଦିନ ଧ୍ୟାନ କରିବା ପରେ ହିଁ ସେହି ପୁସ୍ତକ ପାଠକକୁ ଭଲ ଲାଗିବ, କିନ୍ତୁ ଜଣେ ବ୍ୟକ୍ତି ଯିଏ ସ୍ୱାମୀଙ୍କୁ 'ସାଇ ବେବି' ଡାକୁଛି, ସେ ମସ୍ତକରେ ଏକ ଆଘାତ ପାଇବା ପରେ ଟେବୁଲ୍ ପାଖରେ ବସି ଏକ ରାହାରେ ବହିଟି ସାରା ପଢ଼ିଯିବ, ତାହା କଳ୍ପନାର ବାହାରେ । ଆପଣ ଜାଣନ୍ତି କି ଏହାର କାରଣ କ'ଣ ହୋଇଥିବ ? ଆପଣ ବା ମୁଁ ପଢ଼ିବା ଭଳି ସେ ସେହି ବହିର ବିଷୟବସ୍ତୁ ବିଲ୍‌କୁଲ୍ ପଢ଼ିନଥାଏ । ସ୍ୱାମୀ ବହିରେ ଯାହା ଛପାଯାଇଛି ତାହା ତାକୁ ନ ଦେଖେଇ, ସେ ଯାହା ପଢ଼ିବା ଠିକ୍ ମନେ କରିଥା'ନ୍ତି, ତାହା ହୁଏତ ତାକୁ

ଦେଖେଇଛନ୍ତି । ଏଭଳି ଏକ ଘଟଣା ମୁଁ ଜାଣେ । କଲିକତାର ଜଣେ ଯୁବକ କୁପଥରେ ଅନେକ ଦୂର ଆଗେଇ ଯାଇଥାଏ । ତାର ଦୁର୍ଯୋଗକୁ ତାର ପିତା ଜଣେ ଧନବାନ୍ ବ୍ୟକ୍ତି ଥିଲେ ଓ ଏହି ଅତ୍ୟଧିକ ଧନ ହିଁ ଯୁବକର କାଳ ହୋଇଥିଲା । ଚିତ୍ରତାରକା, ଯୁଆଖେଳ ଓ ଘୋଡ଼ାଦୌଡ଼କୁ ସେ ତାର ସାଥୀ କରି ନେଇଥିଲା । ଯୁବକର ପିତା ଜଣେ ଭଲ ଲୋକ ଥିଲେ କିନ୍ତୁ ସେ ଜାଣିପାରୁ ନଥିଲେ ଯେ ସେ ହିଁ ତାଙ୍କର ପୁତ୍ର ବିପଥଗାମୀ ହେବାର ମୂଳ କାରଣ । ସେ ତାକୁ ଅତ୍ୟଧିକ ଗେହ୍ଲା କରି ତା ଜୀବନକୁ ନଷ୍ଟ କରିଦେଇଥିଲେ । ପିଲାଟିର ପରିବର୍ତ୍ତନ ହେଉ ଚାହିଁ ସେ "ସତ୍ୟଂ ଶିବଂ ସୁନ୍ଦରମ୍" ପୁସ୍ତକର ତିନୋଟି ଭାଗ ତାର ଟେବୁଲ୍ ଉପରେ ରଖି ଦେଇଥା'ନ୍ତି । ସେ ତାଙ୍କର ନୌକରମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥା'ନ୍ତି ଯେ ବହି ତିନୋଟି ସବୁବେଳେ ତା' ଟେବୁଲ ଉପରେ ରହିଥିବ । ପୁଅ ସେ ବହିଗୁଡ଼ିକୁ ଦେଖୁଥାଏ କିନ୍ତୁ ଦିନେ ସୁଦ୍ଧା ପଢ଼ିବାକୁ ମନ ବଳାଉ ନଥାଏ । ସେ ଭାବୁଥାଏ ଯେ ଏସବୁ ତା' ବାପାଙ୍କର ପାଗଳାମି । ଏତେସବୁ ଭଲ ଭଲ ବହି ଥାଉ ଥାଉ କସ୍ତୁରୀଙ୍କ ରଚିତ 'ସତ୍ୟଂ ଶିବଂ ସୁନ୍ଦରମ୍' ପଢ଼ିବା କି ଦରକାର ? ଦିନେ ସେ ତାର ସାଙ୍ଗସାଥୀଙ୍କୁ ନେଇ ଜଣେ ଚିତ୍ରତାରକାଙ୍କୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ଥାଏ । ସେମାନେ ସେହି ଅଭିନେତ୍ରୀକୁ ନେଇ ଏକ ବଣଭୋଜିରେ ଯିବାର ଯୋଜନା କରିଥା'ନ୍ତି । କୌଣସି କାରଣରୁ ତାର ସାଙ୍ଗମାନେ ଠିକ୍ ସମୟରେ ଆସି ପହଞ୍ଚିଲେ ନାହିଁ ଓ ସେ ସେମାନଙ୍କୁ ଅପେକ୍ଷା କରି ରହିଥାଏ । ସେ ମନେ ମନେ ବିରକ୍ତ ହୋଇ ବେକାର୍‌ରେ ବସିଥିବା ହେତୁ ଗୋଟିଏ "ସତ୍ୟଂ ଶିବଂ ସୁନ୍ଦରମ୍" ପୁସ୍ତକ ଟେବୁଲ୍‌ରୁ ଉଠେଇ ଖାମଖିଆଲଭାବେ ତାର ପୃଷ୍ଠାଗୁଡ଼ିକୁ ଲେଉଟାଉଥାଏ। ହଠାତ୍ ବହିର ଏଇ କେତେକଧାଡ଼ି ତା' ନଜରରେ ପଡ଼ିଲା : "ତୁମର ବନ୍ଧୁମାନଙ୍କୁ ବିଶ୍ୱାସ କର ନାହିଁ । ସେମାନେ କେବଳ ତୁମକୁ ଶୋଷଣ କରିଥା'ନ୍ତି । ମୁଁ ତୁମର ଉତ୍ତମ ବନ୍ଧୁ । ମୁଁ ତୁମଠୁ କିଛି ଚାହେଁ ନାହିଁ । ମୁଁ ସବୁ ସମୟରେ ତୁମ ସଙ୍ଗେ ରହିଥିବି ।" ସେ ସେହି ପୃଷ୍ଠା ସାରା ପଢ଼ିଗଲା ଓ ତା'ପରେ ତାହାର ମନରେ ପରିବର୍ତ୍ତନ ଆସିଲା । କାରଣ ତାହା ଥିଲା ସ୍ୱାମୀଙ୍କ ବାଣୀ । ତିନି ଦିନ ତଳେ ସେ ଏହି ବାରଣ୍ଡାରେ ବସିଥାଏ । ଇତି ମଧ୍ୟରେ ସେ ହ୍ୱାଇଟ୍ ଫିଲ୍ଡ଼ ନିକଟରେ ଏକ ବଙ୍ଗଳା କିଣିଛି ଏବଂ ଯେତେବେଳେ ସମୟ ପାଉଛି ସେତେବେଳେ 'ସାଇରାମ୍' ଲିଖିତ ଜପ କରୁଛି । ସେ ତା ଜୀବନର ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ପୁସ୍ତକର ସେହି ଏକ ପୃଷ୍ଠା ପଢ଼ିଥିବାରୁ, ତା' ମଧ୍ୟରେ ଏହି ପରିବର୍ତ୍ତନ ସମ୍ଭବ ହେଲା । ସ୍ୱାମୀ ତାର ସେହି ମାନସିକ ସ୍ଥିତି ପାଇଁ ଅପେକ୍ଷା କରି ଠିକ୍ ସମୟରେ ତାକୁ ଧରିଲେ । ଉଷାର ଯେତେବେଳେ ଉନ୍ମେଷ ହୁଏ, ଆକାଶରେ ପାହାନ୍ତି ତାରା ଦେଖାଯାଏ ଓ ସୂର୍ଯ୍ୟ ଆଉ କିଛିକ୍ଷଣ ମଧ୍ୟରେ ଉଦୟ ହେବାର ସଙ୍କେତ ମିଳୁଥାଏ, ସେତେବେଳେ ଯୁବକଟି ପୁସ୍ତକର ସେହି ପୃଷ୍ଠା ଖୋଲେ ଓ ସ୍ୱାମୀ ତାକୁ ତାଙ୍କର ଆଶ୍ଳେଷ ମଧ୍ୟକୁ ନେଇଯିବାକୁ ସେଠାରେ ଛିଡ଼ା ହୋଇ ରହିଥା'ନ୍ତି । "ସନ୍ମାର୍ଗମୁନୁଡ୍ଡୁ

ଚଲିଇଈୁଓ୍ୱାରଲା ପଟ୍ଟି କାପାଡୁଟେ ବ୍ରତମୁ ନାକୁ" - ଅର୍ଥାତ୍ ସନ୍ମାର୍ଗକୁ ଛାଡ଼ି ବିପଥରେ ଯାଉଥିବା ଲୋକଙ୍କ ହାତକୁ ଧରି ରକ୍ଷା କରିବା ହିଁ ମୋର ବ୍ରତ । ଏଠାରେ ସ୍ୱାମୀ ତେଲୁଗୁରେ 'ପଟ୍ଟି' ଶବ୍ଦଟି ବ୍ୟବହାର କରିଛନ୍ତି । 'ପଟ୍ଟି' ମାନେ ହାତକୁ ଧରି । ଏହି କ୍ଷେତ୍ରରେ ସେ ସେହି ଯୁବକର ହାତକୁ ଧରିବା ପାଇଁ ଅପେକ୍ଷା କରିଥିଲେ ଓ ଯଥାସମୟରେ ତା' ହାତ ଧରିଲେ । ଥରେ ମୁଁ ସ୍ୱାମୀଙ୍କୁ ପଚାରିଲି, "ସ୍ୱାମୀ ! ହାତକୁ ଧରିବା କି ଦରକାର ?" ସ୍ୱାମୀ କହିଲେ, "ଆରେ, ହାତକୁ ନ ଧରି ଇଞ୍ଜେକସନ୍ ଦେବୁ କିମିତି ?" ତେଣୁ ହାତକୁ ଧରିବା ଦରକାର ।" ଏହି ଯୁବକ ବହିର ଫାଳ ଓଲଟେଇଲା ଓ ସ୍ୱାମୀ ତା ହାତକୁ ଧରି ତାକୁ ଇଞ୍ଜେକସନ୍ ଦେଇଦେଲେ । ଘଣ୍ଟାଏ ପରେ ତା ସାଙ୍ଗମାନେ ଯେତେବେଳେ ଆସନ୍ତି ସେ ସେମାନଙ୍କୁ କହିଲା, "ମୁଁ ଯିବିନି । ମୋତେ ବଣଭୋଜି ଦରକାର ନାହିଁ । ମୁଁ ଆଉ ତୁମ ସଙ୍ଗେ ମିଶିବି ନାହିଁ । ମୋତେ ଜଣେ ଭଲ ସାଙ୍ଗ ମିଳି ଯାଇଛନ୍ତି ।" ତାଙ୍କ ଘରର ତଳ ମହଲାର ଯେଉଁ ସୁନ୍ଦର କକ୍ଷରେ ଏଯାଏ ନାଚଗୀତର ଆସର ଜମୁଥାଏ, ତାହା ଏକ ଭଜନ କେନ୍ଦ୍ରରେ ପରିଣତ ହେଲା । ଯେଉଁ ହାତ ପୂର୍ବେ ମଦ ବୋତଲ ଧରୁଥିଲା, ସେହି ହାତରେ ବର୍ତ୍ତମାନ ବିଭୂତି ପୁଡ଼ା ଶୋଭା ପାଇଲା । ପିଲାଟି ଗୋଟାକସାରା ବଦଳିଗଲା । କାହିଁକି ? ସ୍ୱାମୀ ତାକୁ ବହିରେ ଯାହା ଛପା ଯାଇଛି ତାହା ନୁହଁ, ସେ ତାକୁ ଯାହା ପଢ଼ିବା ଚାହୁଁଥିଲେ ତାହା ସେ ଯେତେବେଳେ ପଢ଼ି ଦେଲା, ତା ମଧ୍ୟରେ ପରିବର୍ତ୍ତନ ଚାଲି ଆସିଲା । ବହି ଥିଲା କେବଳ ଏକ ବାହାନା ।

ମୁର୍‌ର କ୍ଷେତ୍ରରେ ମଧ୍ୟ ଠିକ୍ ଏହା ହିଁ ଘଟିଥିଲା । ବର୍ତ୍ତମାନ ଆପଣ ତାକୁ 'ଧ୍ୟାନ ବାହିନୀ' ପୁସ୍ତକ ଦିଅନ୍ତୁ, ସେ ନିଦରେ ଶୋଇ ପଡ଼ିବ । ସ୍ୱାମୀ ତା' ହାତ ଧରି ତାକୁ ରୋଗମୁକ୍ତ କରିବାର ଏକ ସୁଯୋଗ ପାଇଲେ ଓ ପୁସ୍ତକର ପୃଷ୍ଠାଗୁଡ଼ିକରେ ତା' ପାଇଁ ଯାହା ଦରକାର ତାହା ଭରିଦେଲେ । ଆପଣ ବହିରେ ଯାହା ଲେଖାଯାଇଛି ତାହା ପଢ଼ିବେ ନାହିଁ, ଆପଣ ଯାହା ପଢ଼ିବା ସେ ଚାହାନ୍ତି, ତାହା ପଢ଼ିବେ । ଏହା ହେଉଛି ତାଙ୍କ ପଦ୍ଧତି । ଏହା ପରେ ମୁର୍‌ର ସ୍ୱାମୀଙ୍କ ପ୍ରତି ଅନୁରକ୍ତି ଏତେ ବଢ଼ିଗଲା ଯେ ସେ ତାର ସ୍ତ୍ରୀକୁ ସେଣ୍ଟଲୁଇସ୍‌ରେ କେଉଁଠେ କେଉଁଠେ ସାଇ ଭଜନ ହେଉଛି, ତାହା ଖୋଜି ବାହାର କରିବାକୁ କହିଲା । ସେମାନେ ସେହିଭଳି ଏକ ଭଜନ କେନ୍ଦ୍ରକୁ ଯାଇ ସେଠାରେ ଭଜନରେ ଯୋଗଦେଲେ ଓ ସେଠାକାର ସାଇପ୍ରେମୀଙ୍କ ସହ ବନ୍ଧୁତା ସ୍ଥାପନା କଲେ । ଦ୍ୱିତୀୟ ଥର ସେମାନେ ସେହି ଭଜନ କେନ୍ଦ୍ରକୁ ଯାଇଥିବା ସମୟରେ କେନ୍ଦ୍ରର ମୁଖ୍ୟ ତାକୁ କହିଲେ, "ମୁର୍,ଏହା ଅତି ଉତ୍ତମ କଥା ଯେ ତୁମେ ଭଜନକୁ ଆସୁଛ ଓ ବାବାଙ୍କ ସମ୍ବନ୍ଧରେ ଆଗ୍ରହ ଦେଖଉଛ । ମୁଁ ଏହି ସ୍ଥାନ ଛାଡ଼ି ଅନ୍ୟତ୍ର ଚାଲିଯାଉଛି ଏବଂ ମୁଁ ଚାହେଁ ଯେ ଅନ୍ୟ କେହି ଏଠାକାର ଦାୟିତ୍ୱ ନିଅନ୍ତୁ । ତୁମେ ଏଥିପାଇଁ ଠିକ୍ ଲୋକ । ତେଣୁ ସ୍ୱାମୀଙ୍କର ଏହି ଛବି, ହାରମୋନିଅମ୍ ଭଜନ ବହି ଓ ଅନ୍ୟ ସବୁ ନେଇଯାଅ ।" ଦେଖନ୍ତୁ ସ୍ୱାମୀ କାଳି ମୁର୍‌ର ହାତ ଧରି ତାକୁ

ପ୍ରଥମ ଇଞ୍ଜେକସନ୍ ଦେଇ ନଥିଲେ, ସେ ସଙ୍ଗେ ସଙ୍ଗେ ତାକୁ ଦ୍ୱିତୀୟ ଇଞ୍ଜେକସନ୍ ମଧ୍ୟ ଦେଇଦେଲେ । ମୁର୍ ଉପରେ ଏକ ଗୁରୁ ଦାୟିତ୍ୱ ପଡ଼ିଲା ଏବଂ ଏତେ ଶୀଘ୍ର କିପରି ଗୋଟିଏ ପରେ ଗୋଟିଏ ଘଟଣା ଘଟିଗଲା, ତାହା ଭାବି ନପାରି ସେ ଓ ତା ସ୍ତ୍ରୀ ବିସ୍ମିତ ହେଉଥା'ନ୍ତି । ବ୍ୟାଙ୍କ ଡକାୟତିର ଯୋଜନା ଭଣ୍ଡୁର ହେବା, ଟେବୁଲ ଦେହରେ ତା'ମୁଣ୍ଡ ପିଟି ହେବା, ଆକସ୍ମିକ ଭାବେ ସେ ଧ୍ୟାନ ବାହିନୀ ବହି ପଢ଼ିବା ଏବଂ ବର୍ତ୍ତମାନ ଭଜନ ପରିଚାଳନାର ଦାୟିତ୍ୱ ଆସି ତା' ମୁଣ୍ଡ ଉପରେ ପଡ଼ିବା ! ସେ ଯେ ଏହି ଦାୟିତ୍ୱ ତୁଲେଇ ପାରିବ, ଏ ବିଶ୍ୱାସ ତା'ର ଥିଲା, କିନ୍ତୁ ଡକାୟତ ଦଳର ଖଳନାୟକ ଯେ ଉପର ତାଲାରେ ଅଛି, ତାକୁ ନେଇ କ'ଣ କରିବ ? "ଆମ ମୁଣ୍ଡ ଉପରେ ସେ ଥାଉ ଥାଉ ଆମେ ତଳେ ଭଜନ କିମିତି କରିବୁ ? ସେ ଜଣେ ଦୁର୍ଦ୍ଧର୍ଷ ଡକାୟତ, ସେ ରହିଲେ ପରିବେଶ କେଭେ ଅନୁକୂଳ ହେବ ନାହିଁ । ଆମେ କ'ଣ କରିବୁ ?" - ମୁର୍ ଓ ତା'ର ସ୍ତ୍ରୀ ଘରକୁ ଆସିବା ବାଟରେ ଚିନ୍ତିତ ମନରେ ତାହା ଭାବୁଥା'ନ୍ତି ।

ସେମାନେ ଘର ପାଖକୁ ଆସି ଯାଇଥା'ନ୍ତି, ଦେଖିଲେ ଘର ଆଗରେ ଗୋଟିଏ ଟ୍ରକ୍ ଛିଡ଼ା ହୋଇଛି । ତାହା ଦେଖି ମୁର୍ ସଙ୍ଗେ ସଙ୍ଗେ କହି ଉଠିଲା, "ପୋଲିସ୍ ! ପୋଲିସ୍ କ'ଣ ଆମ ପଛରେ ପଡ଼ିଛନ୍ତି ?" ସେ ଭୟଭୀତ ହୋଇଯାଇଥାଏ । ଉପର ମହଲାରେ ରହୁଥିବା ଡକାୟତ ଦଳର ମୁଖ୍ୟର ଘରୁ ଜିନିଷପତ୍ର ବାହାର କରି ଟ୍ରକ୍‌ରେ ଲଦା ହେଉଥାଏ । ସେମାନେ ଯେତେବେଳେ ଟ୍ରକ୍ ପାଖକୁ ଆସିଲେ, ଡକାୟତ ମୁଖ୍ୟ ମୁର୍‌କୁ କହିଲା, "ଦେଖ୍ ମୁର୍, ମୁଁ ଏ ଯାଗା ଛାଡ଼ି ଚାଲି ଯାଉଛି ।" ତା' ପରଠୁ ମୁର୍ ଓ ତା' ସ୍ତ୍ରୀ ଉପର ମହଲାରେ ଭଜନ କରୁଥା'ନ୍ତି ଓ ତଳ ମହଲାରେ ରହୁଥା'ନ୍ତି । ଏଭଳି ଭାବେ ସ୍ୱାମୀ ଲୋକଙ୍କୁ ତାଙ୍କ ନିକଟକୁ ଟାଣି ଆଣିଥା'ନ୍ତି ।

ମୁର୍ ଏଠାକୁ ଆସିବାକୁ ଚାହୁଁଥାଏ । ସେଣ୍ଟ୍ ଲୁଇସ୍‌ରୁ ଏଠାକୁ ଆସିଥିବା ଜଣେ ଭଦ୍ରମହିଳା ତାକୁ ଆର୍ଥିକ ସାହାଯ୍ୟ ଦେଇଥା'ନ୍ତି । ସେ ପ୍ରଶାନ୍ତି ଆସି ଦର୍ଶନ ଧାଡ଼ିରେ ବସିଥାଏ । ସ୍ୱାମୀ ତା' ନିକଟକୁ ଆସି ପଚାରିଲେ, "ଆଫ୍ରିକା ?" ମୁର୍ ଉତ୍ତର ଦେଲା, "ଯୁକ୍ତରାଷ୍ଟ୍ର ଆମେରିକା ।" ପରେ ସେ ମୋତେ କହିଥିଲା, "ଅବଶ୍ୟ ମୋର ପୂର୍ବପୁରୁଷମାନେ ଆଫ୍ରିକାରୁ ଆସିଥିଲେ ।" ସ୍ୱାମୀ କହିଲେ, "ଉଠ୍" । ମୁର୍ ମଧ୍ୟରେ ଏତେ ରୂପାନ୍ତରଣ ଘଟି ଯାଇଥାଏ ଯେ ସେ ସେତେବେଳକୁ ଉଠି ଯାଇଥିଲା କହିଲେ ଠିକ୍ ହେବ । ମଣିଷ ଯେତେବେଳେ ନତଜାନୁ ହୋଇ ବା ସାଷ୍ଟାଙ୍ଗ ପଡ଼ି ନମସ୍କାର କରେ ସେତେବେଳେ ସେ ପୂରା ଉଠି ଛିଡ଼ା ହୁଏ । ସେହି ସମୟରେ ହିଁ ଆମେ ବୁଝିପାରୁ ଯେ ଆମେ ଭଗବାନଙ୍କ ଉପରେ କେତେ ନିର୍ଭରଶୀଳ ଏବଂ ଆମେ ଯେତେବେଳେ ଭଗବାନଙ୍କ ଉପରେ ନିର୍ଭର କରୁ, ସେତେବେଳେ ପୃଥିବୀର ସବୁଠୁ ଶକ୍ତିଶାଳୀ ଲୋକ ହୋଇଯାଉ । ମୁର୍ ଉଠି ଛିଡ଼ା ହେଲା ଓ ଇଣ୍ଟରଭ୍ୟୁ କକ୍ଷ ମଧ୍ୟରେ ପ୍ରବେଶ କଲା । ସ୍ୱାମୀ ସେଠାରେ ତାକୁ

ପଚାରିଲେ, "ତୁ କ'ଣ ଚାହୁଁ ?" ସେ କହିଲା, "ବିଭୂତି ।" ବିଭୂତିର ଅର୍ଥ କେବଳ ସ୍ୱାମୀ ସୃଷ୍ଟି କରୁଥିବା ଭସ୍ମ ନୁହଁ, ତାହା ତାଙ୍କର ଅଖଣ୍ଡ ଯଶ, ଅସୀମ ଶକ୍ତି ଓ ଅପାର ଅନୁକମ୍ପା ମଧ୍ୟ । ତାଙ୍କ ଶ୍ରୀହସ୍ତରୁ ବିଭୂତି ପାଇବା ସମୟରେ ଆପଣ ଏ ସମସ୍ତ ପାଇଥା'ନ୍ତି । ସ୍ୱାମୀ ତାକୁ ତାର ସାର୍ଟ ଖୋଲିବାକୁ କହି ତା ଛାତିସାରା ବିଭୂତି ଢାଳି ଲେପିଦେଲେ ଓ ତା ମଧ୍ୟରେ ଥିବା ହୀନ ପ୍ରବୃତ୍ତିକୁ ମୁହୂର୍ତ୍ତକ ମଧ୍ୟରେ ବାହାର କରି ଫିଙ୍ଗି ଦେଲେ । ବର୍ଷ ବର୍ଷ ଧରି ସେ ତା' ହୃଦୟରେ ବହନ କରୁଥିବା ମଳିନତାକୁ ନିଷ୍କାସନ କରି ତା'ର ହୃଦୟବାସୀ ହେବା ପାଇଁ ହୃଦୟକୁ ଏକ ପ୍ରକୃଷ୍ଟ କ୍ଷେତ୍ର କରିନେଲେ । ସ୍ୱାମୀ ଯଦି ଆପଣଙ୍କୁ ପଚାରନ୍ତି, "କେଉଁଠୁ ଆସିଛ ?" ଓ ଆପଣ କହନ୍ତି, "ଆଫ୍ରିକାରୁ", ତାହା ଏକ କ୍ଷଣସ୍ଥାୟୀ ନିବାସ କିନ୍ତୁ ପ୍ରକୃତ ନିବାସ ନୁହଁ । ଆମର ପ୍ରକୃତ ନିବାସ ହେଉଛନ୍ତି ଭଗବାନ । ଆପଣ ଆସିଛନ୍ତି ଭଗବାନଙ୍କଠୁ । ପ୍ରାଥମିକ ବିଦ୍ୟାଳୟର ପିଲାମାନଙ୍କୁ ସ୍ୱାମୀ ଥରେ ପଚାରିଲେ "ତୁମେ କେଉଁଠୁ ଆସିଛ ?" ପ୍ରତ୍ୟେକଟି ପିଲା ଉତ୍ତର ଦେଲା, "ଭଗବାନଙ୍କ ପାଦପଦ୍ମରୁ ।" ସ୍ୱାମୀ ତାହା ଶୁଣି ଶିକ୍ଷୟିତ୍ରୀମାନଙ୍କୁ କହିଲେ, "ଏସବୁ ପିଲାଙ୍କୁ ଶିଖାଅ ନାହିଁ ।" କାରଣ ଏହା ଶୁଆର ଘୋଷା ଭଳି ହେବ । ଆମେ ଯେ ଭଗବାନଙ୍କଠୁ ଆସିଛେ, ଏହା ଉପଲବ୍ଧି କରିବା ପାଇଁ ହୁଏତ କେତେ ଜନ୍ମ ଲାଗିଯିବ !

ଶ୍ରବଣମ୍ ପରେ କୀର୍ତ୍ତନମ୍ - ଭଗବାନଙ୍କ ଗୁଣ କୀର୍ତ୍ତନ କରିବା । ଏଥିପାଇଁ ଆପଣ ଭଜନ ମଣ୍ଡଳୀରେ ବା ଭଜନରେ ଯୋଗ ଦିଅନ୍ତି । ତାପରେ 'ସ୍ମରଣମ୍' - ଆପଣ ତାଙ୍କୁ ସ୍ମରଣ କରିଥା'ନ୍ତି । "ଆହା ! ତାଙ୍କର ସେ ଘନ କୁନ୍ତଳ କେଶ କେତେ ସୁନ୍ଦର ଦିଶେ ! ଗାଉନ୍ ଫାଙ୍କରୁ ତାଙ୍କର ସେ ଦୁଇ କୁନି କୁନି ପାଦ, କେବେ ଗୋଟିକ ଉପରେ ଗୋଟିଏ ଆଉ କେବେ ଅଲଗା ହୋଇ ମୋ' ମନକୁ ମୋହି ନିଅନ୍ତି !" ସ୍ୱାମୀ ସିଂହାସନରେ ବସିଥିବା ସମୟରେ ମୁଁ ଅପଲକ ନେତ୍ରରେ ତାଙ୍କର ସେହି ପଦଯୁଗଳକୁ ଦେଖୁଥାଏ, ତାପରେ ସେହି ଦୁଇ ପାଦ ଦୁଇଟି ପରୀ ଖେଳୁଥିବା ଭଳି ରମଣୀୟଭାବେ ଖେଳୁଥା'ନ୍ତି । ସେମାନେ ହୁଏତ ଭୁଲିଯାନ୍ତି ଯେ ସ୍ୱୟଂ ଅବତାର ସେମାନଙ୍କୁ ନଚାଉଛନ୍ତି । ଭଜନର ସୁରରେ ସେ ଦୁଇଟି ସୁନ୍ଦର ତାଳ ଦେଉଥା'ନ୍ତି । ଆପଣ ସ୍ୱାମୀଙ୍କ ଭିନ୍ନ ଭିନ୍ନ ଭାବଭଙ୍ଗୀକୁ ମନରେ କଳ୍ପନା କରନ୍ତୁ - ସେ କେବେ ଆପଣଙ୍କ ନିକଟକୁ ଚାଲି ଆସୁଛନ୍ତି, ଆଉ କେବେ ଆପଣଙ୍କଠୁ ଦୂରକୁ ଚାଲି ଯାଉଛନ୍ତି, କେବେ ହୁଏତ ଆପଣଙ୍କ ପାଖକୁ ଆସୁଛନ୍ତି, ଅଥଚ ଆପଣଙ୍କୁ ପାଦସ୍ପର୍ଶ କରିବାକୁ ଦେଉ ନାହାନ୍ତି - ଏହିଭଳି ମନରେ କଳ୍ପନା କରିଯା'ନ୍ତୁ, ତାହା ହେବ ସ୍ମରଣମ୍ । ପରବର୍ତ୍ତୀ ସୋପାନ ହେଲା, 'ପଦସେବନମ୍' - ତାଙ୍କର ପାଦ ସ୍ପର୍ଶ କରି ସେବା କରିବା । ତାଙ୍କଠୁ ପ୍ରେରଣା ଲାଭ କରିବାର ଏହା ପ୍ରଥମ ପଦକ୍ଷେପ । 'ପଦସେବନମ୍' ବା ପାଦ ନମସ୍କାର କେବଳ ତାଙ୍କ ଶରୀରର ପାଦକୁ ସ୍ପର୍ଶ କରିବା ସୂଚାଇ ନ'ଥାଏ - ତାହା ସ୍ୱାମୀଙ୍କ ଆଦର୍ଶକୁ ସ୍ପର୍ଶ କରିବାର ପ୍ରତୀକ, ସ୍ୱାମୀ କିଛି ଆଦର୍ଶକୁ ନେଇ

ଧରାବକ୍ଷକୁ ଆସିଛନ୍ତି । ଆମ ମଧ୍ୟରେ ସଂସ୍କାର ଆଣି, ପରିବର୍ତ୍ତନର ଏକ ପ୍ରକ୍ରିୟା ଆରମ୍ଭ କରି, ଆମର ଭାବ ଓ ଆବେଗକୁ ପରିଶୁଦ୍ଧ କରି ଆମକୁ ଈଶ୍ୱରମୁଖୀ କରିବା ପାଇଁ ତାଙ୍କର ସେହି ଦୁଇ ପବିତ୍ର ପାଦ ତାଙ୍କୁ ଧରାପୃଷ୍ଠରେ ସ୍ଥାପନ କରିଛି । ତେଣୁ, ଆପଣଙ୍କ ମନ ସେହି ପଦସେବନର ସୁଯୋଗ ପାଇଁ ଆତୁର ହେବା ଆବଶ୍ୟକ ।

ତା' ପରର ସୋପାନ ହେଲା ଅର୍ଚ୍ଚନମ୍ । ଆପଣ ଆପଣଙ୍କ ଘରର ପୂଜାଘରେ ବା ଭଗବାନଙ୍କ ପୂଜା ପାଇଁ ସ୍ଥିର କରିଥିବା ବିଶେଷ ସ୍ଥାନରେ ଭଗବାନଙ୍କର ଏକ ଛବି ରଖିବେ । ସେଠାରେ ବସି ତାଙ୍କୁ ସ୍ମରଣ କରିବେ, ସେଠାକାର ପରିବେଶକୁ ପରିଶୁଦ୍ଧ ରଖିବେ ଓ ଧୂପ-ଦୀପ-ଚନ୍ଦନ-ଫୁଲ-ଫଳ ଦେଇ ତାଙ୍କୁ ପୂଜା କରିବେ । ଏହାକୁ କହନ୍ତି ଅର୍ଚ୍ଚନା । ରାମକୃଷ୍ଣ ପରମହଂସ ଅତିଚେତନ ଅବସ୍ଥାରେ ପହଞ୍ଚିଯିବା ପରେ ଆଉ ମା' କାଳୀଙ୍କୁ ଫୁଲରେ ପୂଜା କରିପାରୁନଥିଲେ । ସେହି ଅବସ୍ଥାରେ ଗଛରୁ ଫୁଲ ତୋଳିବା ମଧ୍ୟ ତାଙ୍କ ପାଇଁ କଷ୍ଟ ହେଉଥିଲା, କାରଣ ସେ ସମୟରେ ସେ ଅନୁଭବ କରୁଥା'ନ୍ତି, ସତେ ଯେମିତି ସେ କାହା ଶରୀରରୁ ମସ୍ତକକୁ ଅଲଗା କରି ଦେଉଛନ୍ତି । ତାହା ଏକ କ୍ରୂରକର୍ମ ଭଳି ତାଙ୍କୁ ମନେ ହେଉଥାଏ । ତେଣୁ ସେ ଉଦ୍ୟାନ ମଧ୍ୟରେ ଯେଉଁ ଗଛରେ ଫୁଲ ଭରି ହୋଇ ରହିଥାଏ, ସେହି ଗଛ ପାଖକୁ ଯାଇ କହୁଥା'ନ୍ତି, "ମୁଁ ମା କାଳୀଙ୍କୁ ଏ ଫୁଲ ଦେଉଛି, ମୁଁ ମା କାଳୀଙ୍କୁ ଏ ଫୁଲ ଦେଉଛି ।" ଫୁଲକୁ ହାତରେ ମଳିବା ବା ତୋଳିବା ଆଉ ଦରକାର ହେଉ ନଥାଏ । ଜଣେ ତେଲୁଗୁ କବି ଫୁଲମାଳ ଗୁନ୍ଥିବା ସମ୍ବନ୍ଧରେ ଏକ କବିତା ଲେଖିଛନ୍ତି । "ହାତରେ ଫୁଲଟିଏ ନିଅ, ଛୁଞ୍ଚିଟିଏ ନିଅ । ବିଚରା ଫୁଲର ଦେହରେ ଛୁଞ୍ଚିକୁ ଭେଦିଦେଲେ ତାହା କେତେ କଷ୍ଟ ପାଏ । ଏମିତି କଲେ ତାହା ଶେଷରେ ହୁଏ ଏକ ଫୁଲମାଳ ।" ସ୍ୱାମୀ ଆମଠୁ ଫୁଲ ଚାହାନ୍ତି ନାହିଁ । ସେ କହନ୍ତି, "ତୁମେ ମୋତେ ଫୁଲ ଦେଲେ, ସେ ପୁଣ୍ୟ ତୁମକୁ ଯାଏ ନାହିଁ, ଫୁଲଗଛକୁ ଯାଏ । ଫୁଲଟି ଫୁଟିବାରେ ତୁମର କି ଅବଦାନ ଅଛି ? କିଛି ନାହିଁ । ବିଚରା ଗଛଟି କେତେ କଷ୍ଟରେ ବଢ଼ିଲା, ମାଟିରୁ ଖାଦ୍ୟ ନେଲା, ନିଜର ଯତ୍ନ ନେଲା, ପଶୁ-ପକ୍ଷୀ, କୀଟ-ପତଙ୍ଗର ଆକ୍ରମଣରୁ ନିଜକୁ ରକ୍ଷା କଲା ଓ ଶେଷରେ ଫୁଲ ଧରିଲା । ଆଉ ତୁମେ ଏତେ ସ୍ୱାର୍ଥପର ଯେ ନିଷ୍ଠୁରଭାବେ ସେ ଫୁଲକୁ ତୋଳି ଗଛକୁ କଷ୍ଟ ଦେଇ, ତାହା ଭଗବାନଙ୍କୁ ଚଢ଼ଉଛ ! ଏକଥା ମଧ୍ୟ ତୁମେ ବୁଝିପାରୁ ନାହଁ ଯେ ସେ ଫୁଲ ତୁମର ନୁହଁ, ତାହା ଏକ ଚୋରି ଜିନିଷ, ଉଧାର ଆଣିଥିବା ଜିନିଷ !" ଏଠାରେ ମୋର ଏକ ଘଟଣା ମନେ ପଡ଼ୁଛି । ମୋର ଜଣେ ଆତ୍ମୀୟଙ୍କ ପୁତ୍ର ଇଣ୍ଡୋନେସିଆ, ବର୍ମା ଓ ଆଉ କେତେକ ଦେଶ ବୁଲି ଆସିଥାଏ । ବର୍ମାରେ ସେ ତା'ର ଭଉଣୀ ପାଇଁ ଏକ ଛତା କିଣିଥାଏ । ତାର ସେହି ଭଉଣୀ ବାଙ୍ଗାଲୋର୍‌ର କୌଣସି ଏକ ମହିଳା ମହାବିଦ୍ୟାଳୟରେ ପଢୁଥାଏ । କିନ୍ତୁ ସେ ଝିଅକୁ ସେ ଛତା ପସନ୍ଦ ହେଲା ନାହିଁ । ସେ କହିଲା, "ମୁଁ ଏ ଛତା ଧରି ରାସ୍ତାରେ ଚାଲିଲେ ଲୋକେ ମୋତେ ଥଟ୍ଟା କରିବେ, କହିବେ ସର୍କସରୁ ଏକ ଝିଅ ଆସିଛି ।

ମୁଁ ଯା'କୁ ବ୍ୟବହାର କରିବିନି ।" ସେତେବେଳେ ମୋ ଆତ୍ମୀୟ ଭାବିଲେ, "ମୁଁ ଯା'କୁ ନେଇ ସ୍ୱାମୀଙ୍କୁ ଦେବି ।" ସେ ସ୍ୱାମୀଙ୍କ ଭକ୍ତ ଥିଲେ । ସେତେବେଳେ ସ୍ୱାମୀ ମନ୍ଦିର ପଛପଟେ ଡାକ୍ତରଖାନା ତିଆରି କରୁଥା'ନ୍ତି । ମୋର ଆତ୍ମୀୟ ମନେ ମନେ କଳ୍ପନା କରୁଥା'ନ୍ତି ଯେ ସ୍ୱାମୀ ସେହି ସୁନ୍ଦର ଛତା ଧରି ହସି ହସି ତାଙ୍କ ସଙ୍ଗେ ଚାଲି ଚାଲି ଆସୁଛନ୍ତି । "ବାଃ, ଖୁବ୍ ଭଲ ହେବ" ଭାବି ସେ ସେହି ଛତା ଧରି ଏଠାକୁ ଆସିଲେ । ସେ ସମୟରେ ସ୍ୱାମୀ ଭକ୍ତମାନଙ୍କୁ ସେମାନେ ତାଙ୍କ ପାଇଁ ଆଣିଥିବା ବିବିଧ ଦ୍ରବ୍ୟକୁ ନେଇ ଇଣ୍ଟରଭ୍ୟୁ କକ୍ଷ ମଧ୍ୟରେ ପ୍ରବେଶ କରିବାକୁ ଅନୁମତି ଦେଉଥା'ନ୍ତି । ମୋର ଆତ୍ମୀୟ ମଧ୍ୟ ଇଣ୍ଟରଭ୍ୟୁ କକ୍ଷ ମଧ୍ୟକୁ ପ୍ରବେଶ କରି ସେ ଆଣିଥିବା ଛତା ସ୍ୱାମୀଙ୍କୁ ଦେଲେ । ସ୍ୱାମୀ ସଙ୍ଗେ ସଙ୍ଗେ କହିଲେ, "ଆରେ ତୁମେ ଚୋରା ଜିନିଷ ଆଣି ମୋତେ ଦେଉଛ !" ପିଲାର ବାପା ଆଣି ଛତାଟି ଦେଉଥା'ନ୍ତି । ତେଣୁ ସ୍ୱାମୀଙ୍କ କଥା ଶୁଣିବା ମାତ୍ରକେ ତାଙ୍କ ମନରେ ପୁଅର ସାଧୁତା ସମ୍ବନ୍ଧରେ ସନ୍ଦେହ ହେଲା । ସେ ଭାବିଲେ, "ମୋ ପୁଅ କ'ଣ ରେଙ୍ଗୁନ୍‌ରେ କେଉଁ ଦୋକାନରୁ ଛତାଟି ଚୋରି କରି ଆଣିଛି ? ନା, ସେ ତ ସେମିତି କରିବନି ।" ତେଣୁ ସେ ସ୍ୱାମୀଙ୍କୁ କହିଲେ, "ନା ସ୍ୱାମୀ ! ମୋ ପୁଅ ଚୋର ନୁହଁ । ସେ ଏଇ ଛତା ତା ଭଉଣୀ ପାଇଁ କିଣି ଆଣିଥିଲା ।" ସ୍ୱାମୀ କହିଲେ, "ତେବେ ତୁମେ ତା ଭଉଣୀଠୁ ସେହି ଛତା ଚୋରିକରି ଆଣି ମୋତେ କାହିଁକି ଦେଉଛ ?" ଆପଣ ଯଦି ସ୍ୱାମୀଙ୍କୁ କିଛି ଦେବାକୁ ଚାହାନ୍ତି, ଆରମ୍ଭରୁ ତାଙ୍କୁ ତାଙ୍କୁ ନୈବେଦ୍ୟ କରନ୍ତୁ । କାହାଠୁ କିଛି ଚୋରିକରି ଆଣି ତାଙ୍କୁ ଦେଲେ ଚଳିବ ନାହିଁ । ପରିଶୁଦ୍ଧ ମନ ନେଇ ସବୁବେଳେ ତାଙ୍କର ଅର୍ଚ୍ଚନା କରିବା ଉଚିତ । ମୋତେ ମଧ୍ୟ ଥରେ ଏହି ଦଶା ଭୋଗିବାକୁ ହୋଇଥିଲା । ଅତୀତରେ ମୁଁ ଛୁଟି ସମୟରେ ଏଠାକୁ ଆସୁଥାଏ । ଖରାଦିନେ ଏଠାରେ ପ୍ରଚଣ୍ଡ ଗରମ ପଡୁଥାଏ । ସ୍ୱାମୀଙ୍କୁ ଚାହିଁ ତାତିକୁ ବରଦାସ୍ତ କରିବାକୁ ପଡୁଥାଏ । ଖରାଦିନେ ସ୍ୱାମୀ ଫଳରସ ସେବନ କରିଥା'ନ୍ତି । ସେ ସମୟରେ ଉପର ମହଲାକୁ ଯିବାର ଅନୁମତି ମୋତେ ଆହୁରି ମିଳି ନଥାଏ, କିନ୍ତୁ ମନ୍ଦିରକୁ ଏ ପାଖରୁ ଉପରେ ଥିବା ଭୋଜନ କକ୍ଷକୁ ମୋ ମାଁ ଓ ସ୍ତ୍ରୀ ଯାଇ ପାରୁଥା'ନ୍ତି । ଥରେ ଏଠାକୁ ଆସି ପହଞ୍ଚିବା ପୂର୍ବରୁ ଆମେ ବାଙ୍ଗାଲୋରରେ ବଜାର କରୁଥାଉ । ସେତେବେଳେ ମୋ ମା ମୋତେ କହିଲେ, "ଶୁଣ୍, ସ୍ୱାମୀଙ୍କ ପାଇଁ କିଛି ଫଳରସ ନେଇଥା ।" ମୋ ମା' ଫଳରସ କିଣିବାକୁ ଜିଦ୍ ଧରିଥାନ୍ତି । ସେ ମୋତେ କହିଲେ, "ଚୁପ୍ କର୍" । ମୁଁ କହିଲି, "ହଉ, କିଣ ।" ସେ ସମୟରେ ମୋ' ମନରେ ଚଟ୍ କରି ଏକ ଖିଆଲ ଆସିଲା, "ସ୍ୱାମୀ ତା ତାହା ପି'ବେ ନାହିଁ, ସେତେବେଳେ ମୁଁ ପି'ବି ।" ଏହି ଭାବନା ମୋ ମନକୁ ଆପଣାଛାଏଁ ଆସିଥାଏ । ସେଥିରେ କିଛି ଅସ୍ୱାଭାବିକତା ନଥାଏ । ଆମେ ତିନି ବୋତଲ ଫଳରସ କିଣି ପୁଟ୍ଟପର୍ତ୍ତି ଆସିଲୁ । ମୋ ମା ଓ ସ୍ତ୍ରୀ ପାହାଚ ଚଢ଼ି ସ୍ୱାମୀଙ୍କ କକ୍ଷ ମଧ୍ୟକୁ ଗଲେ, ମୁଁ ତଳେ ଛିଡ଼ା ହୋଇଥାଏ । ସ୍ୱାମୀ କକ୍ଷ ମଧ୍ୟରେ ଥା'ନ୍ତି । ସେମାନେ ତାଙ୍କ ପାଇଁ ଯାହାସବୁ ଆଣିଥିଲେ,

ମୁଣାରୁ ବାହାର କରି ରଖିଲେ । ସେ ସମୟରେ ଏଠାରେ ପାନପତ୍ର ଓ କଫିଗୁଣ୍ଡ ମିଳୁ ନଥାଏ, ଯାହା ସ୍ୱାମୀଙ୍କୁ ଦରକାର ହେଉଥାଏ । ତେଣୁ ମା ସାଥିରେ ପାନପତ୍ର ଓ କଫିଗୁଣ୍ଡ ମଧ୍ୟ ଆଣିଥାନ୍ତି । ସ୍ୱାମୀ କହିଲେ, "ବାଃ, ପାନପତ୍ର ଆଣିଛ, କଫିଗୁଣ୍ଡ ଆଣିଛ ! ଭଲ । ସେଇଟା କ'ଣ ?" ମୋ ମା କହିଲେ, "ସ୍ୱାମୀ ଆପଣଙ୍କ ପାଇଁ ଫଳରସ ଆଣିଛୁ ।" ସ୍ୱାମୀ ସଙ୍ଗେ ସଙ୍ଗେ କହିଲେ, "ନା, କସ୍ତୁରୀ ତାହା ଚାହେଁ, ତାକୁ ତାହା ଦେଇଦିଅ ।" ତେଣୁ ମା ସ୍ୱାମୀଙ୍କୁ ଫଳରସ ଦେଇ ପାରିଲେ ନାହିଁ । ଏଣେ ମୁଁ ବାହାରେ ରହି ସବୁ ଶୁଣୁଥାଏ । "ତାକୁ କସ୍ତୁରୀକୁ ଦେଇ ଦିଅ" - ଏଇ କେତେ ପଦ ତିକ୍ତ କଥା ଶୁଣି ମୁଁ ଯେ କିମିତି ଗ୍ରହଣ କରିଥିବି, ତାହା ଆପଣମାନେ ଅନୁମାନ କରିପାରୁଥିବେ । ଏହା ମୋ ପାଇଁ ଏକ ଶାସ୍ତି ନୁହଁ, ବରଂ ଏକ ସତର୍କ ବାଣୀ ଥିଲା ଯେ ପୂର୍ଣ୍ଣପ୍ରାଣରେ ସମର୍ପଣ ନ କରି ବାବାଙ୍କୁ କେବେ କିଛି ଦେବାର ଭୁଲ କରିବ ନାହିଁ । ଏହାହିଁ ଅର୍ଚ୍ଚନମ୍ । ଆପଣ ଏକ ଫୁଲଦୋକାନକୁ ଯାଇ ମାଳର ଦାମ୍ କେତେ ପଚାରନ୍ତି । ଦୋକାନୀ କହେ, "ଏକ ଟଙ୍କା ।" ଆପଣ କହନ୍ତି, "କ'ଣ ଏଇ ମାଳ ଟଙ୍କାଟେ ? କାଲି ମୁଁ ୟା'କୁ ଆଠ ଅଣା ଦେଇ କିଣିଥିଲି । ଆଜି ତୁ କହୁଛୁ ଟଙ୍କାଏ ? ତୋର ଲୋଭ ତ' କିଛି କମ୍ ନୁହଁ ।" ଏମିତି ଆପଣ ଦୋକାନୀ ସହ କଳି କରନ୍ତି । ଦୋକାନୀ ଶେଷରେ କହେ, "ହଉ ଆଜ୍ଞା, ନିଅନ୍ତୁ ।" ସେ ଆପଣଙ୍କୁ ଦି'ପଦ ଶୁଣାଏ, ଆପଣ ତାକୁ ଦି'ପଦ ଶୁଣାନ୍ତି । ଶେଷରେ ସେହି ମାଳ ନେଇ ଆପଣ ସ୍ୱାମୀଙ୍କୁ ଦିଅନ୍ତି । ଥରେ ଭାବି ଦେଖନ୍ତୁ, ସେହି ମାଳ ପଛରେ କେତେ ଦୁଃଖ ଓ ବେଦନାର କାହାଣୀ ରହିଛି । ତାକୁ ବା ସ୍ୱାମୀ କିମିତି ଆନନ୍ଦ ମନରେ ଗ୍ରହଣ କରିବେ ! ତାକୁ ମନ ଆନନ୍ଦରେ କିଣନ୍ତୁ, ମନ ଆନନ୍ଦରେ ଦିଅନ୍ତୁ । ଦୋକାନୀ ସହ କଳହ କରି ତାକୁ କିଣିବେ ଓ ଦୋକାନୀ ଭାବୁଥିବ, "ମୋତେ ଟଙ୍କାଏ ମିଳିଥା'ନ୍ତା, ଲୋକଟା ଆଠଅଣା ଦେଇ ତାକୁ ନେଇଗଲା ।" ଏଠାରେ ଆଠ ଅଣା ଲୋକସାନ ହୋଇଥିବାରୁ ସେ ତାର ପରବର୍ତ୍ତୀ ଗରାଖକୁ ଆଠ ଅଣା ଅଧିକ ଦାମରେ ତାହା ବିକିବାକୁ ଚେଷ୍ଟା କରିବ । ସେତେବେଳେ ସେ ଗରାଖ ପୁଣି ତାକୁ ଗାଳି ଦେଇ କହିବ, "ତୁମେ ସବୁ ଅଧିକ ଦାମରେ ବିକି ପଇସା ଚିପୁଡ଼ି ନେଉଛ !" ସେଥିରୁ ପୁଣି ଆଉ ଏକ କଳହ ଆରମ୍ଭ ହେବ । ସ୍ୱାମୀଙ୍କୁ ଏସବୁ ଭଲ ଲାଗେ ନାହିଁ । ତେଣୁ ସେ କହନ୍ତି ଯେ ସେ ଆମଠୁ ଆମର ସତ୍ୟନିଷ୍ଠା, ଧୈର୍ଯ୍ୟ, ଶ୍ରଦ୍ଧା, ଅହିଂସା, ପ୍ରେମ ଓ କରୁଣାର ପୁଷ୍ପ ଚାହାନ୍ତି । ଏଭଳି ପବିତ୍ର ପୁଷ୍ପ ସେ ଚାହିଁଥାନ୍ତି । ଏହାହିଁ ସ୍ୱାମୀଙ୍କର ପ୍ରକୃତ ଅର୍ଚ୍ଚନା ।

❖❖❖

୧୯

ଆମ ଜୀବନ ହିଁ ତାଙ୍କ ସନ୍ଦେଶ

ସ୍ୱାମୀଙ୍କ ସମାନ ଆଉ କେହି ନାହିଁ, କାରଣ ସ୍ୱାମୀ ହେଉଛନ୍ତି ଅବତାର । ଅନ୍ୟମାନେ ଆଧ୍ୟାତ୍ମିକତାରରେ ଉର୍ଦ୍ଧ୍ୱକୁ ଉଠିବାର ପ୍ରୟାସ କରୁଥିବା ସମୟରେ ସେ ଆମକୁ ଉଦ୍ଧାର କରିବା ପାଇଁ ଧରାଧାମକୁ ଓହ୍ଲାଇ ଆସିଛନ୍ତି । ସହସ୍ରାଧିକ ବର୍ଷ ଧରି ଏଭଳି ଏକ ବିରଳ ବ୍ୟକ୍ତିତ୍ୱ ଆମ ଗହଣରେ ଆସି ନଥିଲେ । ସେ ସେହି ନିରାକାର ପରଂବ୍ରହ୍ମ ଯିଏ ନାମ ଓ ରୂପ ଧାରଣ କରି ଧରାଧାମରେ ଅବତୀର୍ଣ୍ଣ ହୋଇଛନ୍ତି । ଅବତାର ଅବତାର ଗ୍ରହଣ କରିବା ସମୟରେ ଅସ୍ଥି-ମାଂସର ଶରୀରରେ ନାମ ଓ ରୂପ ନେଇ ଆସିଥା'ନ୍ତି । ଆମେ ସମସ୍ତେ ମଧ୍ୟ ଅବତାର, ତେବେ ଆମେମାନେ କୋଷା ଭିତରେ ଥିବା ଗୋଟିପୋକ ଭଳି ରହିଛେ । ଆମେମାନେ ନିଜର ଅତୀତର କର୍ମକୁ ନେଇ ଆମ ନିଜ ଚାରିପାଖେ ଗୋଟିଏ ଗୋଟିଏ ଗୋଟିଏ କୋଷା ତିଆରି କରି ତା'ରି ଭିତରେ ରହିଛେ । କୋଷାକୁ ଗରମ ପାଣିରେ ପକେଇ ଦେଲେ ଗୋଟିପୋକ ସେ ନିଜେ କରିଥିବା ଘର ଭିତରେ ସିଝି ମରିଯାଏ । ଆମେମାନେ ମଧ୍ୟ ଏକ ଦେହରେ ମୃତ୍ୟୁବରଣ କରି ଆଉ ଏକ ଦେହ ଧାରଣ କରୁ । ଦେହ ପରେ ଦେହ ଆମେ ଏହିଭଳି ଗଡ଼ି ଚାଲିଥାଉ ।

ସ୍ୱାମୀ କହନ୍ତି ଯେ ତାଙ୍କଠାରେ ଦୁଇଟି ବିଶେଷ ଲକ୍ଷଣ ରହିଛି, ଯାହା ଅନ୍ୟମାନଙ୍କ ମଧ୍ୟରେ ଦେଖାଯାଏ ନାହିଁ । ପ୍ରଥମଟି ହେଲା ଯିଏ, ଯେତେବେଳେ, ଯେଉଁଠେ, ଯେକୌଣସି ପରିସ୍ଥିତିରେ ତାଙ୍କ ନାମ ଧରି ଡାକେ, ସେ ସେଠାରେ ଉପସ୍ଥିତ ଥା'ନ୍ତି । ଏହା ହେଉଛି ତାଙ୍କ ଦିବ୍ୟ ନାମର ମହିମା । ସ୍ୱାମୀ କହନ୍ତି, ସେତୁବନ୍ଧ ନିର୍ମାଣ ସମୟରେ ମାଙ୍କଡ଼ମାନେ ପଥର ଉପରେ 'ଶ୍ରୀରାମ' ଲେଖି ସମୁଦ୍ର ମଧ୍ୟକୁ ତାହା ଫିଙ୍ଗି ଦେଲେ ଓ ସେ ପଥର ପାଣିରେ ନ ବୁଡ଼ି ଭାସିବାକୁ ଲାଗିଲା । ତେବେ ସେ ସମୟରେ ପଥରଗୁଡ଼ିକ ଭାସିଲା କିନ୍ତୁ ଏଣେତେଣେ ହୋଇ ଭାସିଲା । ସେତେବେଳେ ସେମାନେ ଗୋଟିଏ ପଥରରେ 'ରା' ଓ ଅନ୍ୟ ଗୋଟିଏ ପଥରରେ 'ମ' ଲେଖି ଦୁଇଟିକୁ ଏକ ସଙ୍ଗେ ଯୋଡ଼ି ଭସେଇଲେ । ଆଜି ଅବତାର ପୁରୁଷ ରାମ ନାହାନ୍ତି, କିନ୍ତୁ ରାମନାମର ଶକ୍ତି ଏଯାବତ୍ ରହିଛି । ଏଠାରେ ନକ୍ଷତ୍ରଶାଳାର ନିର୍ମାଣ ଚାଲିଥିବା ସମୟରେ, ଆମେରିକାର ଗୋଲ୍ଡ଼ଷ୍ଟିନ୍ ସସ୍ତ୍ରୀକ ଥା'ନ୍ତି । ଆମେରିକାକୁ ଫେରିବା ସମୟରେ ସେମାନେ ବମ୍ବେ ବିମାନ ବନ୍ଦରରେ ଏକ ବିମାନ ଧରିଥା'ନ୍ତି ଯାହାକୁ ପାକିସ୍ତାନର କରାଚୀରେ ଅପହରଣ କରି ନିଆଗଲା । ଦୁଇଜଣ ସନ୍ତ୍ରାସବାଦୀ ବିମାନ ମଧ୍ୟକୁ ପ୍ରବେଶ କରିବା ମାତ୍ରକେ ପ୍ରଥମେ ଶ୍ରୀମତୀ ଗୋଲ୍ଡ଼ଷ୍ଟିନ୍ ଓ ବିମାନର ଏକ ପରିଚାରିକାକୁ ଦେଖିଲେ । ଦୁଇ ସନ୍ତ୍ରାସବାଦୀଙ୍କ ମଧ୍ୟରୁ ଜଣେ ପରିଚାରିକାର ମୁଣ୍ଡରେ ପିସ୍ତଲ ରଖିଥାଏ ଓ ଆଉ ଜଣେ ଶ୍ରୀମତୀ ଗୋଲ୍‌ଡଷ୍ଟିନ୍ ଆଡ଼କୁ ମେସିନ୍ ଗନ୍ ଧରି

ଛିଡ଼ା ହୋଇଥାଏ । ସେଭଳି ଭୟାନକ ପରିସ୍ଥିତିରେ ମଧ୍ୟ ଶ୍ରୀମତୀ ଗୋଲ୍‌ଡ୍‌ଷ୍ଟିନ୍ ଭୀତତ୍ରସ୍ତ ନହୋଇ ଶାନ୍ତ ଓ ଗମ୍ଭୀରଭାବେ ଯୋଡ଼ ହସ୍ତରେ "ଓମ୍ ସାଇରାମ୍, ଓମ୍ ସାଇରାମ୍, ଓମ୍ ସାଇରାମ" କହି ଚାଲିଥା'ନ୍ତି ? କିଛି ବୁଝିନପାରି ସନ୍ତ୍ରାସବାଦୀ ତାଙ୍କୁ କହିଲା, "ପଛକୁ ଯାଇ ବସ୍ ।" ଏହା ହିଁ ଅବତାରଙ୍କ ନାମର ଶକ୍ତି ।

ଏଥର ତାଙ୍କର 'ରୂପ' ସମ୍ବନ୍ଧରେ ଆଲୋଚନା କରିବା । ସେ ଚିତ୍ର ମଧ୍ୟରେ ଥିବା ତାଙ୍କର ରୂପ ଦେଇ କଥା କହିଥା'ନ୍ତି । ଚିତ୍ର ମଧ୍ୟରେ ତାଙ୍କର ଆଖିପତା ହଲିବା, ମନ୍ଦହାସ ଫୁଟି ଉଠିବା ଓ ସେ କଥା କହିବାର ଦୃଷ୍ଟାନ୍ତ ଅନେକ ରହିଛି ! ଭୋପାଳରେ ଜଣେ ଭଦ୍ରବ୍ୟକ୍ତିଙ୍କ ଘରକୁ ମୁଁ ଥରେ ଯାଇଥାଏ, ଯାହାଙ୍କର ଗୋଟିଏ ପରେ ଗୋଟିଏ ସିଗାରେଟ୍ ଅବିରାମ ଭାବେ ପି'ବାର ଦୁରଭ୍ୟାସ ଥାଏ । ତାଙ୍କର ତଣ୍ଟିରେ କିଛି ଏକ ବେମାର ହେଲା । ତାହା ଦେଖି ତାଙ୍କ ସ୍ତ୍ରୀ ଭାବୁଥାନ୍ତି ଯେ ତାହା ନିଶ୍ଚୟ କର୍କଟ ରୋଗ ହୋଇଥିବ । ତେଣୁ ସେ ତାଙ୍କୁ ବାରମ୍ବାର ସିଗାରେଟ୍ ପି'ବା ବନ୍ଦ କରିବାକୁ କହୁଥା'ନ୍ତି । ଦିନେ ସେ ତାଙ୍କୁ ପଚାରିଲେ, "ତୁମେ କେବେ ସିଗାରେଟ୍ ପି'ବା ଛାଡ଼ିବ ?" ସେତେବେଳକୁ ସେମାନେ ପୁଟ୍ଟପର୍ତ୍ତି ଆସିବାକୁ ପ୍ରସ୍ତୁତ ହେଉଥା'ନ୍ତି । ତେଣୁ ସେ ଉତ୍ତର ଦେଲେ, "ପୁଟ୍ଟପର୍ତ୍ତିରେ ସ୍ୱାମୀ ଯଦି ମୋତେ 'ସିଗାରେଟ୍ ପି'ନା କହନ୍ତି, ମୁଁ ପୁଟ୍ଟପର୍ତ୍ତିରେ ହିଁ ସିଗାରେଟ୍ ଛାଡ଼ି ଦେବି ।" ହଠାତ୍ ତାଙ୍କ ଘରେ ଥିବା ସ୍ୱାମୀଙ୍କ ଫଟୋରୁ ସ୍ୱାମୀଙ୍କ କଣ୍ଠସ୍ୱର ଶୁଭିଲା, "ଅବିକା କାହିଁକି ଛାଡ଼ୁନ ?" ଲୋକଜଣକ ତାହା ଶୁଣି ସ୍ତବ୍ଧ ହୋଇଗଲେ ଓ ସେହି ମୁହୂର୍ତ୍ତରୁ ସିଗାରେଟ୍ ପି'ବା ଛାଡ଼ିଦେଲେ । ସ୍ୱାମୀ କହନ୍ତି, "ଯେଉଁଠେ ଯିଏ ମୋର ନାମ ଧରି ଡାକେ, ମୁଁ ସେଠାରେ ଥାଏ । ଯେଉଁଠେ ମୋର ଫଟୋ ଥାଏ, ସେଠାରେ ମୁଁ ନିଜେ ଥାଏ । ଏହା ଅବତାରଙ୍କ ବିଶେଷତ୍ୱ ।"

ସ୍ୱାମୀଙ୍କ ମାତା ଈଶ୍ୱରାମ୍ମାଙ୍କ ସମ୍ବନ୍ଧରେ ମୁଁ ଏକ ପୁସ୍ତକ ରଚନା କରିଛି । ସ୍ୱାମୀ ସେଥିରେ କହିଛନ୍ତି, "ମୁଁ ମୋ ମା'ଙ୍କୁ ବାଛିଥାଏ । ଯେଉଁ ମାଟି ମୋତେ ଜନ୍ମ ଦେଇ ଏକ ପବିତ୍ର କ୍ଷେତ୍ର ହେବାର ଅମର କୀର୍ତ୍ତି ଲାଭ କରିବ ସେହି କ୍ଷେତ୍ରକୁ ଓ ସେଠାକାର ଲୋକଙ୍କୁ ମଧ୍ୟ ମୁଁ ବାଛିଥାଏ ।" ଏହା ଅବତାରଙ୍କ କ୍ଷେତ୍ରରେ ହିଁ ସମ୍ଭବ ହୋଇଥାଏ । ସ୍ୱାମୀ କହନ୍ତି, "ତୁମେ ତୁମ ସ୍ତ୍ରୀକୁ ବାଛିପାର, ମା'ଙ୍କୁ ନୁହଁ ।" କିନ୍ତୁ ସ୍ୱାମୀ ତାଙ୍କ ମାତାଙ୍କୁ ବାଛିଥିଲେ । ତାଙ୍କର ମାତା ଥିଲେ ତାଙ୍କର ପ୍ରଥମ ଶିଷ୍ୟା, ସର୍ବଶ୍ରେଷ୍ଠ ଶିଷ୍ୟା କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଏ ଅବତାର ଯେ କାହିଁକି ଆସିଛନ୍ତି, ତାଙ୍କର ଆବିର୍ଭାବର ମହତ୍ ଉଦ୍ଦେଶ୍ୟ କ'ଣ, ତାହା ମଧ୍ୟ ସ୍ୱାମୀ କହିଥାନ୍ତି । ଏକ ସଙ୍କଳ୍ପକୁ କାର୍ଯ୍ୟକାରୀ କରିବାର ଉଦ୍ଦେଶ୍ୟ ନେଇ ସ୍ୱାମୀ ଅବତୀର୍ଣ୍ଣ ହୋଇଛନ୍ତି ଏବଂ ଆମେମାନେ ମଧ୍ୟ ରାମାବତାରରେ ବାନରମାନଙ୍କ ଭଳି ତାଙ୍କର ସଙ୍କଳ୍ପର ରୂପାୟନରେ ସାଧନ ହେବା ପାଇଁ ତାଙ୍କର ସମସାମୟିକ ହୋଇ ଜନ୍ମ

ହୋଇଛେ । ସ୍ୱାମୀ କହିଥା'ନ୍ତି, "ମୋ ଜୀବନ ହିଁ ମୋ ବାର୍ତ୍ତା । ଆମେମାନେ ଆମମାନଙ୍କ ଜୀବନକୁ ମଧ୍ୟ ତାଙ୍କର ବାର୍ତ୍ତା କରିବାକୁ ହେବ । ତେବେ ଅବତାରଙ୍କ ଆବିର୍ଭାବର ଉଦ୍ଦେଶ୍ୟ କ'ଣ ? ସେ ତାଙ୍କର ଏକ ଦିବ୍ୟ ସମ୍ଭାଷଣର ପ୍ରାରମ୍ଭିକ ପଂକ୍ତିରେ କହନ୍ତି, "ଯୁଗଧର୍ମ ପଦ୍ଧତୁଲୁ ବିଗଲିମେୟୁଣ୍ଡୁ, ନୟମାର୍ଗମୁନ ତ୍ରିପି ନାଡ଼ପୁକୋରକୁ ।" ତେଲୁଗୁ ଭାଷାରେ "କୋରକୁ"ର ଅର୍ଥ ଉଦ୍ଦେଶ୍ୟରେ । ମୁଁ ଆସିଅଛି କାରଣ ଲୋକମାନେ ସେମାନଙ୍କର ଯୁଗଧର୍ମକୁ ପରିହାର କରୁଛନ୍ତି । ଲୋକମାନଙ୍କୁ ମିଷ୍ଟ ମଧୁର ରୀତିରେ ପୁଣିଥରେ ସେଭଳି ଜୀବନଧାରାକୁ ଗ୍ରହଣ କରିବା ପାଇଁ ପ୍ରବର୍ତ୍ତାଇବା ଉଦ୍ଦେଶ୍ୟରେ ମୁଁ ଆସିଛି । ତେଣୁ ସ୍ୱାମୀ କହନ୍ତି ଏ ଅବତାରରେ ସେ କୌଣସି ଅସ୍ତ୍ରଧାରଣ କରି ଆସି ନାହାନ୍ତି । ପୂର୍ବ ଅବତାରରେ ତାଙ୍କୁ ଦାନବ ସଂହାର କରିବାକୁ ପଡ଼ିଥିଲା, ତେଣୁ ସେ ଅସ୍ତ୍ରଧାରଣ କରି ଆସିଥିଲେ । କିନ୍ତୁ ବର୍ତ୍ତମାନ ସେ ଲୋକମାନଙ୍କୁ ଆଜିର ଯୁଗରେ ଆଧ୍ୟାତ୍ମିକ ପ୍ରଗତି ପାଇଁ ସେମାନେ କିଭଳି ଜୀବନଧାରା ଗ୍ରହଣ କରିବା ବାଞ୍ଛନୀୟ, ତାହା ସୁମଧୁର ରୀତିରେ ବୁଝେଇଥାନ୍ତି । ପ୍ରତ୍ୟେକ ଯୁଗରେ କିଛି ନା କିଛି ସମସ୍ୟା ଥାଏ । ପୂର୍ବ ଯୁଗମାନଙ୍କରେ ପୃଥିବୀ ବିଶାଳ ଥିଲା ଓ ଲୋକମାନେ ଏକ ପ୍ରାନ୍ତରୁ ଅନ୍ୟ ଏକ ପ୍ରାନ୍ତକୁ ସହଜରେ ପହଞ୍ଚି ପାରୁ ନଥିଲେ । ବର୍ତ୍ତମାନ ପୃଥିବୀ ଛୋଟ ହୋଇଯାଇଛି, ଆମେମାନେ ଜଣେ ଅନ୍ୟଜଣଙ୍କର ଖୁବ୍ ନିକଟରେ ରହିଛେ, ଏତେ ନିକଟରେ ଯେ ଆମେ ପରସ୍ପରର ପଡ଼ୋଶୀ କହିବା ଠିକ୍ ହେବ । ପଡ଼ୋଶୀ କାହିଁକି, ଗୋଟିଏ ଘରେ ରହିଛେ କହିବା ଆହୁରି ଠିକ୍ ହେବ । ଇଂଲଣ୍ଡର ଘୋଡ଼ାଦୌଡ଼ 'ଡର୍ବିରେସ୍'ରେ ବାଜିମାରିଥିବା ପ୍ରତ୍ୟେକ ବ୍ୟକ୍ତି କେଉଁ ଘୋଡ଼ା କିପରି ଦୌଡ଼ିଲା ଜାଣିବା ପାଇଁ ଉତ୍ସୁକ ଥାଏ ଏବଂ କୁହାଯାଏ ଯେ ପଡ଼ିଆରେ କରତାଳି ବନ୍ଦ ହେବା ପୂର୍ବରୁ ହିଁ ଦୁନିଆ ସାରା ଲୋକ କେଉଁ ଘୋଡ଼ା ଶେଷରେ ଜିଣିଲା ଜାଣି ଯା'ନ୍ତି ! ଆମେ ଯଦି ଲଣ୍ଡନରୁ ନ୍ୟୁୟର୍କ ଯାତ୍ରା କରୁ, ତେବେ ଆଜି ଆମେ ପୁଣିଥରେ ଗତକାଲିକୁ ଯାଇ ପାରିବା କିମ୍ବା ଯଦି ପୂର୍ବକୁ ଯାତ୍ରା କରୁ ତେବେ ଆଜି ହିଁ ଆସନ୍ତାକାଲିକୁ ଯାଇ ପାରିବା ! ଦୂରତ୍ୱ କମିଯିବା ଫଳରେ ଆଜି ମାନବ ସମାଜରେ ଜଣେ ଅନ୍ୟ ଜଣକୁ ସହଜରେ ପ୍ରେମ କରିପାରୁଛି । ବାଇବଲ୍ କହେ, "ତୁମେ ନିଜକୁ ଯେମିତି ଭଲ ପାଅ, ପଡ଼ୋଶୀକୁ ସେମିତି ଭଲ ପାଅ ।" ଆଜି ତ ପ୍ରତ୍ୟେକେ ପ୍ରତ୍ୟେକର ପଡ଼ୋଶୀ । ତେଣୁ ଆଜିର ଯୁଗରେ ଏହି କ୍ଷୁଦ୍ର ମହାକାଶଯାନ ମଧ୍ୟରେ ରହିବାକୁ ହେଲେ ଆମେ ପରସ୍ପରର ଅଧିକ ଘନିଷ୍ଠ ହେବା ଓ ପରସ୍ପରକୁ ଅଧିକ ଭଲ ପାଇବା ଆବଶ୍ୟକ । ଆମେ ଜଣେ ଅନ୍ୟ ଜଣଙ୍କ ସହ କଳହ କରି, ଯୁଦ୍ଧ କରି ବା ଦଳଗତ ବିଭାଜନ କରି ବେଶୀ ଦିନ ତିଷ୍ଠି ପାରିବା ନାହିଁ । ପ୍ରେମ ମଣିଷ ମଣିଷ ମଧ୍ୟରେ ମାଧ୍ୟମ ହେବାକୁ ହେବ । କାହିଁକି ? କାରଣ ପ୍ରେମ ଅପେକ୍ଷାକୃତ ଶସ୍ତା । ଆର୍ଥିକ ଦୃଷ୍ଟିରୁ କଳହ କରିବା ବ୍ୟୟସାପେକ୍ଷ । ଯୁଦ୍ଧ କେଭେ ଜିଣି ନଥାଏ । ଯୁଦ୍ଧ ଶେଷରେ ବିଜେତା ଓ ବିଜିତ ଉଭୟେ ପରାସ୍ତ ହୋଇଥା'ନ୍ତି । ଭ୍ରାତୃତ୍ୱର ଭିତ୍ତିଭୂମି ମଧ୍ୟ ଦୃଢ଼ ନୁହଁ, କାରଣ ଜଣେ

ଭାଇ ଭାବେ ଯେ ଅନ୍ୟ ଭାଇ ଆଗରୁ ଜନ୍ମ ହୋଇ ପିତାମାତାଙ୍କର ସମସ୍ତ ପ୍ରେମକୁ ଅକ୍ତିଆର କରିନେଇଛି । ସେଠାରୁ ଉଭୟଙ୍କ ମଧ୍ୟରେ କଳହର ସୂତ୍ରପାତ ହୁଏ । ସମ୍ପତ୍ତିକୁ ନେଇ ସେମାନଙ୍କର ବିବାଦ ଆରମ୍ଭ ହୁଏ ଓ ମାମଲା ଅଦାଲତ ଯାଏଁ ଯାଏ । ସ୍ୱାମୀ କହନ୍ତି, ଆଜିର ରାମ ଓ ଲକ୍ଷ୍ମଣଙ୍କୁ ତୁମେ କୋର୍ଟ ମଧ୍ୟରେ ସମ୍ପତ୍ତିକୁ ନେଇ ବିବାଦ କରୁଥିବା ଦେଖୁଥାଅ । ତେଣୁ ପ୍ରେମର ଆଧାର ହେଉଛ ତୁମେ ନିଜେ । ତୁମେ ନିଜକୁ ଭଲ ପାଅ । ତେଣୁ ତୁମେ ଯାହା ସବୁ ଭଲ ପାଇଥାଅ, ସେସବୁ ତୁମ ନିଜ ପାଇଁ । ଉପନିଷଦ କହେ, ତୁମେ ତୁମ ସ୍ତ୍ରୀକୁ ତୁମ ପାଇଁ ଭଲ ପାଅ, ତୁମ ସନ୍ତାନକୁ ତୁମ ପାଇଁ ଭଲ ପାଅ । ତୁମେ ଯଦି ତୁମ ପଡ଼ୋଶୀକୁ ନିଜର ମନେ କର ଓ ତୁମଠୁ ଭିନ୍ନ ଭାବ ନାହିଁ, ତୁମେ ଯଦି ଭାବ ଯେ ଆମେ ସମସ୍ତେ ଭଗବାନଙ୍କ ସେହି ଦିବ୍ୟ ଶରୀରର ଏକ ଏକ ଜୀବକୋଷ ଏବଂ ଜୀବକୋଷମାନ ପରସ୍ପର ସହ କଳହ କରି ନପାରନ୍ତି, ତେବେ ତୁମକୁ ପ୍ରତ୍ୟେକଙ୍କୁ ପ୍ରେମ କରିବାକୁ ହେବ । ତୁମ ଶରୀର ମଧ୍ୟରେ ଯଦି କୌଣସି ରୋଗଜନକ ଜୀବାଣୁ ପ୍ରବେଶ କରିଯାଏ, ତାହା ଶରୀରର ପ୍ରତିଟି କୋଷ ସଙ୍ଗେ ସଙ୍ଗେ ଜାଣିପାରନ୍ତି ଓ କୋଷଗୁଡ଼ିକ ତାକୁ ନିଷ୍କାସନ କରିବାକୁ ଲାଗିପଡ଼ନ୍ତି । ତେଣୁ ସର୍ବଜୀବ ଐକ୍ୟର ସିଦ୍ଧାନ୍ତ ଉପରେ ସାର୍ବଜନୀନ ପ୍ରେମ ପ୍ରତିଷ୍ଠିତ ହେବା ଆବଶ୍ୟକ । ଏହା ହିଁ ଆଜିର ଯୁଗଧର୍ମ । ତେଣୁ ସ୍ୱାମୀ କହନ୍ତି, "ସମସ୍ତେ ଯେ ଏକ – ଏହି ସତ୍ୟ ସମସ୍ତଙ୍କୁ ବୁଝେଇବା ପାଇଁ ମୁଁ ଆସିଛି । ଆମେ ଗୋଟିଏ ଶିଙ୍କୁଳିର ଏକ ଏକ କଡ଼ି । କଡ଼ିଗୁଡ଼ିକ ମଧ୍ୟରୁ ଯଦି ଗୋଟିଏ କଡ଼ି ଦୁର୍ବଳ, ରୋଗାକ୍ରାନ୍ତ ବା ବିକୃତ ହୋଇଯାଏ, ତେବେ ଅନ୍ୟ କଡ଼ିଗୁଡ଼ିକୁ ମଧ୍ୟ ତାହା ଭୋଗିବାକୁ ହୋଇଥାଏ । ଆମେ ସମସ୍ତେ କୌଣସି ଏକ ଯନ୍ତ୍ରର ନଟ୍ ବୋଲ୍ଟ ଭଳି । ପ୍ରତ୍ୟେକ ନଟ୍ ବା ବୋଲ୍ଟକୁ ତା ନିଜ ଯାଗାରେ ରହି ଠିକ୍‌ଭାବେ ତାର କାର୍ଯ୍ୟ କରିବାକୁ ହେବ । ସ୍ୱାମୀ କହନ୍ତି, "ଏଭଳି ଏକତ୍ୱ ହିଁ ଦିବ୍ୟତ୍ୱ – ଆଜିର ବିଭାଜିତ ବିଶ୍ୱକୁ ଏହି ଶିକ୍ଷା ଦେବା ପାଇଁ ସେ ଆସିଛନ୍ତି । ଆଜି ଆମେ ଉତ୍ତର କୋରିଆ – ଦକ୍ଷିଣ କୋରିଆ, ଉତ୍ତର ଭିଏତ୍‌ନାମ – ଦକ୍ଷିଣ ଭିଏତ୍‌ନାମ, ସିଆ-ସୁନି, କ୍ୟାଥୋଲିକ୍ – ପ୍ରୋଟେଷ୍ଟାଣ୍ଟ – ଏଭଳି ଭାବେ ପୃଥିବୀ ଖଣ୍ଡ-ବିଖଣ୍ଡିତ ହୋଇଯିବା ଦେଖୁଛେ । ଧର୍ମକୁ ଧ୍ୱଜା କରି ଧର୍ମ ଧର୍ମ ମଧ୍ୟରେ କଳହ ହେଉଛି । ତେଣୁ ସ୍ୱାମୀ କହନ୍ତି, "ମୁଁ ପ୍ରେମ ଉପରେ ଆଧାରିତ ଐକ୍ୟକୁ ବୃଦ୍ଧି କରିବା ପାଇଁ ଆସିଛି ।" ତେଣୁ ଆମେ ପ୍ରତ୍ୟେକେ ଅନ୍ୟ ସହ ଐକ୍ୟବଦ୍ଧ ହୋଇ ରହିବା ଏବଂ ଏହି ଏକତାକୁ ଉତ୍ତରୋତ୍ତର ବୃଦ୍ଧି କରିବା । ଅବତାରଙ୍କର ସାମୀପ୍ୟ ଲାଭ କରି ତାଙ୍କର ଦିବ୍ୟ ସନ୍ନିଧିରେ ରହିବାର ଏହା ହିଁ ଏକମାତ୍ର ଉପାୟ । ଅବତାର ଚାହାନ୍ତି ଯେ ଆମେ ପ୍ରତ୍ୟେକେ ତାଙ୍କର ବାର୍ତ୍ତାର ବାର୍ତ୍ତାବହ ହେବା ।

ଅବତାରଙ୍କ ଆବିର୍ଭାବର ଦ୍ୱିତୀୟ ଉଦ୍ଦେଶ୍ୟ ହେଲା, "ଲୋକମୁଲ୍ଲେଲା କଲ୍ଲୋଲମୈ ଚେତ୍ତୁିଣ୍ଡ ନିଷ୍କଲମସମୁଚେସି ସଲପୁ କୋରକୁ" । ଅର୍ଥାତ୍ ପ୍ରଥମ ଉଦ୍ଦେଶ୍ୟ ଥିଲା ଏକତା

ଆଣିବା, ଦ୍ୱିତୀୟ ଉଦ୍ଦେଶ୍ୟ ହେଉଛି ସମସ୍ତଙ୍କର ମନକୁ ନିର୍ମଳ କରିବା । ସମସ୍ତ ଯୁଦ୍ଧର ଆରମ୍ଭ ହୁଏ ମଣିଷର ମନରୁ । ମଣିଷ ମନରେ ବସା ବାନ୍ଧିଥିବା କାମନା, ବାସନା, ଅହଂକାର ଓ ସଂକୀର୍ଣ୍ଣତାକୁ ନିଷ୍କାସନ କରିବାକୁ ହେବ । ତେଣୁ ସ୍ୱାମୀ ଆମ ଅହଙ୍କାରର ବିନାଶ ଘଟାଇ କାମନାର ସୀମାଙ୍କନ କରିଥା'ନ୍ତି । ଆମେ ଯେଉଁ ଦର୍ଶନ ଧାଡ଼ିରେ ବସୁ ତାହା ହିଁ ଆମ ପାଇଁ ଏକ ଉନ୍ନତ ଶିକ୍ଷା ସଂସ୍ଥାନ । ଏଠାରେ କେହି ଅଧିକ ମୁଖ୍ୟ ନୁହଁ, କେହି ଅଧିକ ସମ୍ମାନିତ ନୁହଁ ।

ମୁଁ ମୋ ଆତ୍ମଜୀବନୀ ଲେଖୁଥିବା ସମୟରେ ମୋ ବହିରେ ଛପାଇବା ଉଦ୍ଦେଶ୍ୟରେ ସ୍ୱାମୀଙ୍କୁ ମୋ ସହ ଏକ ଫଟୋ ଉଠେଇବାକୁ ଅନୁରୋଧ କଲି । ମୁଁ ତାଙ୍କୁ କହିଥାଏ ଯେ ମୁଁ ଦଶାବତାର ଗେଟ୍ ପାଖରେ ଛିଡ଼ା ହୋଇଥିବି, ସ୍ୱାମୀ ମହିଳାମାନଙ୍କ ଦର୍ଶନ ଧାଡ଼ି ଅତିକ୍ରମ କରିବା ପରେ ମୋତେ କିଛି କହିବାକୁ ଚାହୁଁଥିବା ଭଳି ସେଠାକୁ ଆସିବେ ଓ ଠିକ୍ ସେହି ସମୟରେ ଫଟୋଗ୍ରାଫର୍ ଫଟୋ ଉଠେଇ ନେବ । ସ୍ୱାମୀ ମୋ ପ୍ରସ୍ତାବରେ ରାଜି ହେଲେ । ସେ ସେଠାକୁ ଆସିଲେ, ମୁଁ ତାଙ୍କ ନିକଟରେ ଛିଡ଼ା ହେଲି ଓ ଫଟୋଗ୍ରାଫର ଫଟୋ ଉଠେଇଲା । ସବୁ ଠିକ୍‌ଠାକ୍ ହେଲା । ଏଠାରେ ବହୁଦିନ ଧରି ରହୁଥିବା ଡକ୍ଟର ସୀତାରାମେୟା ଖଣ୍ଡେ ଦୂରରେ ଛିଡ଼ା ହୋଇ ଏସବୁ ଲକ୍ଷ୍ୟ କରି ମନେ ମନେ ଭାବୁଥା'ନ୍ତି, "କସ୍ତୁରୀର କ'ଣ ହେଲା ? ତାକୁ କ'ଣ ବାହାର କରି ଦିଆଗଲା ? ସେ ତ ଆଜି ସ୍ୱାମୀଙ୍କ କକ୍ଷ ଯାଏଁ ମଧ୍ୟ ଯାଇନାହିଁ । ଆମ ସଙ୍ଗେ ସେ ବାରଣ୍ଡାରେ ମଧ୍ୟ ବସି ନଥିଲା । ସେ ବାହାରେ ଛିଡ଼ା ହୋଇ ସ୍ୱାମୀଙ୍କ ପାଖକୁ ଯାଉଛି । ହୁଏତ ସ୍ୱାମୀଙ୍କୁ କ୍ଷମା ପ୍ରାର୍ଥନା କରି ପୁଣି ଥରେ ପାଖରେ ରଖିବା ପାଇଁ ତାଙ୍କୁ ଅନୁରୋଧ କରୁଛି ! ଦେଖିଲେ ମନେ ହେଲା ସ୍ୱାମୀ ତା' ପ୍ରତି ବି ବିଶେଷ ଧ୍ୟାନ ଦେଲେ ନାହିଁ, ସେ ଖାଲି ତା କଥା ଶୁଣି ଚାଲିଗଲେ ! ବିଚରା କସ୍ତୁରୀ ପାଖକୁ ଯାଇ ମୁଁ ମୋର ସମବେଦନା ଜଣେଇବି ।" ସେ ଛଳ ଛଳ ଆଖିରେ ମୋ ଘରକୁ ଆସି ମୋତେ ପଚାରିଲେ, "କସ୍ତୁରୀ, ତୁମର କ'ଣ ହେଲା ? ତୁମକୁ କ'ଣ ବାହାର କରି ଦିଆଗଲା ? କ'ଣ ଭୁଲ କଲ ?" ମୁଁ ସବୁ କଥା କହିବା ପରେ ସେ ତାହା ଶୁଣି ଖୁସି ହେଲେ । ଅବଶ୍ୟ ସେ ଯାହା ଭୟ କରୁଥିଲେ, ତାହା ଯେକୌଣସି ସମୟରେ ହୋଇପାରେ ଏବଂ ମୋ କ୍ଷେତ୍ରରେ ଥରେ ସେମିତି ହୋଇଥିଲା । ଜଣେ ଆମେରିକୀୟ ଭଦ୍ରବ୍ୟକ୍ତିଙ୍କ ଯୋଗୁଁ ତାହା ହେଲା । ତାଙ୍କର ଭିସାର ସମୟ ଶେଷ ହେବା ପରେ ମଧ୍ୟ ସେ ଆଉ କେତେ ଦିନ ଏଠାରେ ରହିବାକୁ ଚାହୁଁଥିଲେ । ତେଣୁ ସେ ମୋତେ କହିଲେ, ସେ ସ୍ୱାମୀଙ୍କ ନିକଟରେ ରହି ଶାସ୍ତ୍ର ଅଧ୍ୟୟନ କରୁଛନ୍ତି ବୋଲି ଏକ ଚିଠି ସ୍ୱାମୀ ତାଙ୍କୁ ଦେବେ ବୋଲି ମୁଁ ସ୍ୱାମୀଙ୍କୁ ଅନୁରୋଧ କରିବି । ସ୍ୱାମୀ ସେତେବେଳେ ହ୍ୱାଇଟ୍‌ଫିଲ୍ଡ଼ରେ ଥା'ନ୍ତି । ଏହି ଆମେରିକୀୟ ବ୍ୟକ୍ତି ଦିନେ ଏଠାକୁ ଆସି ମୋତେ କହିଲେ ଯେ ସ୍ୱାମୀ ତାଙ୍କୁ ମୋ'ଠାରୁ ଏକ ଚିଠି ନେଇ ଆସିବାକୁ କହିଛନ୍ତି । ମୁଁ ଗୋଟିଏ ଚିଠି ଲେଖି ତାହା ଏକ ଲଫାପାରେ

ଭର୍ତ୍ତି କରି ତାଙ୍କ ହାତକୁ ଦେଲି । ହ୍ୱାଇଟ୍‌ଫିଲ୍‌ଡ଼ରେ ସେ ସେହି ଚିଠି ସ୍ୱାମୀଙ୍କ ହାତକୁ ଦେବାକୁ ଚେଷ୍ଟା କଲେ, କିନ୍ତୁ ସ୍ୱାମୀ ତାହା ଗ୍ରହଣ କଲେ ନାହିଁ ! ସ୍ୱାମୀ ପୁଟ୍ଟପର୍ତ୍ତି ଫେରିବା ସମୟ ହୋଇ ଯାଇଥାଏ । ଫେରିବା ପୂର୍ବରୁ ସେ ଜଣଙ୍କୁ ପୁଟ୍ଟପର୍ତ୍ତିକୁ ଫୋନ୍‌ରେ ଜଣାଇବାକୁ ନିର୍ଦ୍ଦେଶ ଦେଲେ ଯେ ସେ ପୁଟ୍ଟପର୍ତ୍ତି ପହଞ୍ଚିବା ବେଳକୁ କସ୍ତୁରୀ ସେଠାରେ ନ ଥିବ, ତାକୁ ବାହାର କରି ଦିଆ ଯାଇଥିବ ! ସେହି ଲୋକ ତାହା କହିବାକୁ କୁଣ୍ଠା ପ୍ରକାଶ କରି ପଛରେ ଥାଏ, ସ୍ୱାମୀ ତାକୁ କହିଲେ, "ମୁଁ ଯାହା କହୁଛି, ତାହା ଯାଇ କର ।" ଲୋକଟି ପୁଟ୍ଟପର୍ତ୍ତି ଫୋନ୍ କରିବାକୁ ବାହାରକୁ ଆସିଲା । ମୋ ଭାଗ୍ୟକୁ ଟେଲିଫୋନ୍ କାମ କରୁ ନଥାଏ, ମୁଁ ବଞ୍ଚିଗଲି ! ସ୍ୱାମୀ ପୁଟ୍ଟପର୍ତ୍ତି ପହଞ୍ଚି ମୋତେ କହିଲେ, "ତୁ ସେ ଲୋକ ହାତରେ ଚିଠିଟି ଦେଇ ଦେଲୁ । ସେ ଲୋକ ତାକୁ ନେଇ କ'ଣ କରିଛି ଜାଣୁ ? ସେ ଲଫାପାରୁ ଚିଠିଟି ବାହାର କରି ଚିଠିର ଜେରକ୍ସ କପି ବାହାର କରିଛି, ତା'ପରେ ଚିଠିକୁ ପୁଣି ଲଫାପା ମଧ୍ୟରେ ରଖି ଅଠା ଦେଇ ଦେଇଛି ।" ସେ ଲୋକ ପୁଣି ଏଠାକୁ ଆସି ଚିଠିଟି ମୋତେ ଫେରେଇ ଦେଇ କହିଲା, "ମୁଁ ସ୍ୱାମୀଙ୍କୁ ଏହା ଦେଇ ପାରିଲି ନାହିଁ ।" ମୁଁ ସେହି ଚିଠି ନେଇ ସ୍ୱାମୀଙ୍କୁ ଦେଖେଇଲି । ସ୍ୱାମୀ ମୋତେ କହିଲେ, "ସେ ଲୋକ ଏହି ଚିଠିର ନକଲ ଜେରକ୍ସରେ ବାହାର କରିଛି । ଯା, ତାଠୁ ସେହି ଚାରି କପି ନକଲ ନେଇ ଆସେ ।" ତେଣୁ ଆପଣ ଏଠାରେ ଜଣେ ମୁଖ୍ୟଲୋକ ଭାବି ଯଦି ଅହଙ୍କାର କରନ୍ତି, ତେବେ ତଡ଼ା ଖାଇବାର ପ୍ରମାଦ ରହିଛି ! "ମୁଁ ଏହା କରିଛି ।" "ମୁଁ ଏହା ଅଲବତ୍ କରେଇବି", "ମୁଁ ଯାହା କହୁଛି ତାହା ହିଁ ନିୟମ ।" "ମୋ କଥା ମାନିବାକୁ ହେବ", "ମୁଁ ଯାହା କହୁଛି, ତାହା ହିଁ ଠିକ୍" । "ମୁଁ ଜାଣିନି, ଏମିତି କିଛି ନାହିଁ" - ଏ ପ୍ରକାର ଅହଙ୍କାର ହିଁ ଆମ ମନରେ ଥିବା କଳୁଷ । ସ୍ୱାମୀ କହନ୍ତି, "ଏହି କଳୁଷକୁ ମନରୁ ଦୂର କରିବା ପାଇଁ ମୁଁ ଆସିଛି ।" ଆମ ମଧ୍ୟରୁ ସେହି କଳୁଷ ଦୂର କରିବାରେ, ନିଜକୁ ସମ୍ପୂର୍ଣ୍ଣଭାବେ ଏହି ପ୍ରଦୂଷଣରୁ ମୁକ୍ତ କରିବାରେ, ଯାହାର କଲ୍ୟାଣ ସାଧନ କରିବା ଆମର ପବିତ୍ର କର୍ତ୍ତବ୍ୟ ସେମାନେ ଓ ଅନ୍ୟ ସାଙ୍ଗସାଥୀମାନେ ଯେଭଳି ମନକୁ କଳୁଷିତ କରୁଥିବା ଈର୍ଷା, ଦ୍ୱେଷ, ଲୋଭ ଓ ଅହଂକାରର ଶିକାର ନ ହୁଅନ୍ତି ସେଥିପ୍ରତି ଯତ୍ନବାନ୍ ହେବାରେ ଆମେ ସ୍ୱାମୀଙ୍କୁ ସହଯୋଗ କରିବା ।

ଭଗବାନଙ୍କ ଆବିର୍ଭାବର ତୃତୀୟ ଉଦ୍ଦେଶ୍ୟ ହେଲା "ଦୁର୍ମାର୍ଗବନ୍ଧୁଲୌ ଦୀନତନୁଣ୍ଣୁ ସାଧୁ ସଂରକ୍ଷଣ ସଲୁପୁ କୋରକୁ" ଅର୍ଥାତ୍ ଯେଉଁ ଉତ୍ତମ ବ୍ୟକ୍ତିମାନେ ଦୁରାଚାରୀମାନଙ୍କର ପାଶରେ ଛନ୍ଦି ହୋଇ ଯାଇଥା'ନ୍ତି, ସମାଜ, ପାରିପାର୍ଶ୍ୱିକ ଅବସ୍ଥା, ଶିକ୍ଷା ବ୍ୟବସ୍ଥା, ସରକାରୀ କଳର ଅତ୍ୟାଚାର ଓ ଶୋଷଣର ନିଃସହାୟ ଶିକାର ହୋଇଥା'ନ୍ତି ସେମାନଙ୍କୁ ଉଦ୍ଧାର କରିବା ପାଇଁ ମୁଁ ଆସିଛି । କେତେକ ମୋତେ ପଚାରନ୍ତି, "ସ୍ୱାମୀ କ'ଣ କେବେ ବିଦେଶକୁ ଯାଇଛନ୍ତି ?" କାରଣ ଦୀର୍ଘଦିନ ଧରି ଔପନିବେଶିକ ଆଧିପତ୍ୟର ଶରବ୍ୟ ହୋଇଥିବା ଆମମାନଙ୍କ ଦୃଷ୍ଟିରେ ବିଦେଶରେ ସମ୍ମାନିତ ହେବା ଉତ୍କର୍ଷର ଏକ ପ୍ରମାଣ । ଥରେ ବିଦେଶକୁ

ଯାଇ ଫେରି ଆସିଲେ ଆମେମାନେ ଆମ ଉଚ୍ଚତା ବଢ଼ିଗଲା ଭଳି ଅନୁଭବ କରୁ । ତେଣୁ ବିଦେଶଫେରନ୍ତାମାନେ କାହା ସହ କଥାବାର୍ତ୍ତା ହେବା ସମୟରେ କୌଣସି ନା କୌଣସି ଆଳରେ ସେମାନେ ଯେ ବିଦେଶକୁ ଯାଇଥିଲେ ତାହା ଉଲ୍ଲେଖ କରନ୍ତି । ଏହିଭଳି ବିଦେଶକୁ ଯାଇଥିବା ଜଣେ ବ୍ୟକ୍ତି ନିଜ ଦେଶରେ ସୂର୍ଯ୍ୟାସ୍ତକୁ ଦେଖି କହିଥିଲେ ଯେ ଏଠାକାର ସୂର୍ଯ୍ୟାସ୍ତ କାଲିଫୋର୍ଣ୍ଣିଆର ସୂର୍ଯ୍ୟାସ୍ତ ଭଳି ନୁହଁ, ସତେ ଯେମିତି ଭାରତର ଆକାଶ ଓ ଭାରତର ସୂର୍ଯ୍ୟ ଅନ୍ୟତ୍ର ଥିବା ଆକାଶ ଓ ସୂର୍ଯ୍ୟଠାରୁ ଭିନ୍ନ ! ଆମ ଦେଶର କେତେକ ଯୋଗୀ ତଥା ସାଧୁପୁରୁଷ ଆମେରିକା ଯାଇ ସେଠାରେ ସୁନାମ ଅର୍ଜନ କରି ସେମାନଙ୍କର ଖ୍ୟାତି ବଢ଼େଇବାର ଇଚ୍ଛା ପୋଷଣ କରିଥା'ନ୍ତି । ତେଣୁ ମୋତେ ଯଦି କେହି, "ସ୍ୱାମୀ କେବେ ବିଦେଶକୁ ଯାଇଥିଲେ କି ?" ବୋଲି ପ୍ରଶ୍ନ କରେ ମୁଁ କହେ, "ହଁ ହଁ, ଯାଇଥିଲେ, ଆଫ୍ରିକା ଯାଇଥିଲେ ।" ସେମାନେ ଆଶ୍ଚର୍ଯ୍ୟ ହୋଇ ପଚାରନ୍ତି, "କଉଠିକି ? ଆଫ୍ରିକା ?" କାରଣ ପୃଥିବୀ ମାନଚିତ୍ରରେ ତାହା ଏଭଳି ଏକ ସ୍ଥାନ ନୁହଁ ଯେଉଁଠାକୁ ଜଣେ ଯାଇଛି ବୋଲି ଗର୍ବ କରିପାରେ । ସ୍ୱାମୀ କିନ୍ତୁ କୃଷ୍ଣକାୟ ବ୍ୟକ୍ତିମାନଙ୍କର ସେହି ମହାଦେଶ, ଦଳିତ, ନିଷ୍ପେସିତଙ୍କର ମହାଦେଶ ଆଫ୍ରିକାକୁ ଯାଇଥିଲେ । ସ୍ୱାମୀ ଏକ କ୍ଷୁଦ୍ର, ଅନାମଧେୟ ପଲ୍ଲୀରେ ଜନ୍ମ ହୋଇଥିଲେ, କାରଣ ସେ ସେହି ପଲ୍ଲୀକୁ ଏକ ଅମରାପୁରୀରେ ପରିଣତ କରିବାର ସଙ୍କଳ୍ପ କରିଥିଲେ ! ସେ ଆସିଛନ୍ତି, ତାଙ୍କର ପତିତ, ଶୋଷିତ, ଦୁର୍ଦ୍ଦଶାଗ୍ରସ୍ତ ତଥା ପଥଚ୍ୟୁତ ସନ୍ତାନମାନଙ୍କୁ ଉଦ୍ଧାର କରିବା ପାଇଁ । ସ୍ୱାମୀଙ୍କ ଆଫ୍ରିକା ଗସ୍ତ ସମୟରେ ସେ କେତେକ ଭାରତୀୟଙ୍କର ଆତିଥ୍ୟ ଗ୍ରହଣ କରିଥିଲେ ଏବଂ ଲକ୍ଷ୍ୟ କରାଗଲା ଯେ ସେହି ଭାରତୀୟମାନେ କୃଷ୍ଣକାୟ ନିଗ୍ରୋମାନଙ୍କୁ ସେମାନଙ୍କ ସଙ୍ଗେ ଗୋଟିଏ ସଭାମଣ୍ଡପରେ ବସିବାକୁ ଅନୁମତି ଦେଇ ନାହାନ୍ତି । ତାହା ଦେଖି ସ୍ୱାମୀ କ୍ରୋଧ ପ୍ରକାଶ କଲେ ଓ କହିଲେ, "ତୁମେମାନେ ଏଠାକୁ ମୋତେ କାହିଁକି ଆଣିଛ ? ମୁଁ ତୁମମାନଙ୍କ ପାଇଁ ଆସି ନାହିଁ, ସେମାନଙ୍କ ପାଇଁ ଆସିଛି । ତୁମେ ଯଦି ସେମାନଙ୍କୁ ଆସିବାକୁ ନଦିଅ, ମୁଁ ତେବେ ଏଠାରୁ ଚାଲିଯିବି ! ତେଣୁ ସେ ପତିତପାବନ - ଦୁଃସ୍ଥ, ଦୁର୍ବଳଙ୍କର ଅଭ୍ୟୁତ୍‌ଥାନ ପାଇଁ ଆସିଛନ୍ତି । ଆଫ୍ରିକୀୟମାନେ ସେହିମାତ୍ର ଉପନିବେଶବାଦର ଶୃଙ୍ଖଳରୁ ମୁକ୍ତି ଲଭି ଆଗକୁ ପାଦ ବଢ଼େଇବାର ପ୍ରୟାସ କରୁଥା'ନ୍ତି । ସେମାନେ ଏକ ନୂତନ ଦିଗନ୍ତର ସନ୍ଧାନ କରୁଥା'ନ୍ତି । ପର୍ତ୍ତୁଗୀଜ୍, ଡଚ୍, ଫରାସୀ, ଇଟାଲୀୟ ତଥା ଇଂରେଜ ଶ୍ୱେତକାୟମାନେ ପୃଥିବୀର ଶୀର୍ଷସ୍ଥାନରେ ରହି ଆଫ୍ରିକୀୟମାନଙ୍କୁ ବିଭିନ୍ନ ସଂପ୍ରଦାୟରେ ବିଭକ୍ତ କରି ଦେଇଥା'ନ୍ତି । ସ୍ୱାମୀ ସେହି ଭୂଖଣ୍ଡକୁ ଯାଇ ନିଗ୍ରୋମାନଙ୍କ ମନରେ ସେହି ଧାରଣା ସୃଷ୍ଟି କରିବାକୁ ଚାହିଁଥାନ୍ତି ଯେ ସେମାନେ ପୃଥିବୀର ଅନ୍ୟମାନଙ୍କ ସହ ସମାନ । ସେ କହନ୍ତି, "ଯେଉଁମାନେ ଅର୍ଥନୈତିକ, ରାଜନୈତିକ ବା ଅନ୍ୟ କୌଣସି କାରଣ ଯୋଗୁ ସେମାନେ ଯେ 'ଆତ୍ମା' ତାହା ଭୁଲିଯାଇଛନ୍ତି, ସେମାନଙ୍କୁ ପୁଣି ଥରେ ତାହା ମନେ ପକେଇ ଦେବା ମୋର ଧର୍ମ ।"

ତେଣୁ ସେ ନିଗ୍ରୋମାନଙ୍କୁ "ଦିବ୍ୟାତ୍ମସ୍ୱରୂପୁଲ୍ଲାରା" କହି ସମ୍ବୋଧନ କଲେ । ଅତୀତରେ ଆମେରିକୀୟମାନେ ଭାବୁଥା'ନ୍ତି ଯେ ନିଗ୍ରୋମାନେ ମଣିଷ ନୁହଁ, ସେମାନେ ମଣିଷଜାତିଠାରୁ ଭିନ୍ନ ଏକ ଜାତି ! ସ୍ୱାମୀ ସେମାନଙ୍କୁ କହିଲେ, "ଅନ୍ୟମାନଙ୍କ ଭଳି ତୁମେମାନେ ମଧ୍ୟ ଏକ, ଏକ ଆତ୍ମା । ମୁଁ ପୂର୍ବ ଆଫ୍ରିକାରେ ସ୍ୱାମୀଙ୍କ ଦିବ୍ୟ ସମ୍ଭାଷଣ ଇଂରାଜୀରେ ଅନୁବାଦ କରିବା ସମୟରେ ଲକ୍ଷ୍ୟ କଲି ନିଗ୍ରୋମାନେ ସେମାନଙ୍କର ଏହି ନୂତନ ପରିଚୟ ପାଇ ନିଜେ ଆଶ୍ଚର୍ଯ୍ୟ ହେଉଥା'ନ୍ତି । ସେ ସେମାନଙ୍କ ହୃଦୟରେ ଆତ୍ମସମ୍ମାନ ଓ ଆତ୍ମବିଶ୍ୱାସ ଭରିଦେଲେ । କୌଣସି ମଣିଷକୁ ଦଳିତ, ଶୋଷିତ, ଅପମାନିତ, ଲାଞ୍ଛିତ କରି ହୀନ ଦୃଷ୍ଟିରେ ଦେଖିବା ଉଚିତ ନୁହଁ । ସେ ଏହି ସଙ୍କଳ୍ପରେ ଧରାପୃଷ୍ଠରେ ଅବତୀର୍ଣ୍ଣ ହୋଇଛନ୍ତି । ତେଣୁ ଆମେମାନେ ତାଙ୍କରି ସନ୍ଦେଶକୁ ଜୀବନରେ ଅଭ୍ୟାସ କରିବା ସମୟରେ ସମସ୍ତଙ୍କ ମଧ୍ୟରେ ସେହି ଏକ ଆତ୍ମାକୁ ଆବିଷ୍କାର କରିବା ଆବଶ୍ୟକ । ଆତ୍ମା ହିଁ ଆମର ପ୍ରକୃତ ନାମ ଯାହା ଆମେ ଭୁଲିଯାଇଛେ । କେହି ଯଦି ଆପଣଙ୍କୁ ଆପଣଙ୍କର ନାମ ପଚାରେ, ଆପଣ ଆପଣଙ୍କର ପ୍ରକୃତ ନାମ ନ କହି ଅନ୍ୟ ଜଣେ ଆପଣଙ୍କୁ ଦେଇଥିବା ନାମ କହିଥା'ନ୍ତି । ମୋତେ ଅନ୍ୟମାନେ ଦେଇଥିବା ନାମ ଖୁବ୍ ଦୀର୍ଘ - କସ୍ତୁରୀ ରଙ୍ଗନାଥ ଶର୍ମା । ଗୋଟିଏ ଛୋଟ ପିଲାର ଏତେ ବଡ଼ ନାମ ! ମୁଁ ଯେତେବେଳେ ବଡ଼ ହେଲି, ମୋତେ ଏହି ବହୁଅକ୍ଷରୀ ନାମ ଭଲ ଲାଗିଲା ନାହିଁ, ତେଣୁ ମୁଁ ତାକୁ ଛୋଟ କରିଦେଲି । ଏଥିପାଇଁ ମୋତେ ସେତେବେଳେ ବାରଟଙ୍କା ଖର୍ଚ୍ଚ କରିବାକୁ ହୋଇଥିଲା । ମାତ୍ର ବାରଟଙ୍କାରେ ମୁଁ ମୋ' ଲମ୍ୱା ନାଁକୁ କାଟି ଫିଙ୍ଗି ଦେଲି । ଏଥର ମୋର ନାଁ ହେଲା କେବଳ କସ୍ତୁରୀ । ସ୍ୱାମୀ କହନ୍ତି, "ତୁମର ଏକ ନାମ ଅଛି ଯାହା ତୁମେ ଜନ୍ମଜନ୍ମାନ୍ତର ଦେଇ ନେଇ ଆସୁଛ କିନ୍ତୁ ସେହି ନାମକୁ ତୁମେ ଭୁଲି ଯାଇଛ, ଯାହାର ମର୍ଯ୍ୟାଦା ତୁମେ ହରେଇ ବସିଛ ଏବଂ ଯାହାର ଅନ୍ତର୍ନିହିତ ତାତ୍ପର୍ଯ୍ୟ ତୁମର ଆଉ ମନେ ନାହିଁ । ତୁମେ ଆତ୍ମା, ତୁମେ ପରମାତ୍ମା, ତୁମେ ଈଶ୍ୱରଙ୍କ ପ୍ରତିରୂପ, ତୁମେ ତାଙ୍କର ଅଂଶବିଶେଷ । ତୁମେ ଏସବୁ କିଛି । ପ୍ରତ୍ୟେକ ଥର ତୁମେ ଅସ୍ଥି ମାଂସର ଏକ ନୂତନ ବସ୍ତ୍ର ପରିଧାନ କରିଥାଅ । ତୁମମାନଙ୍କୁ ଏହି ସନ୍ଦେଶ ଦେବାପାଇଁ ଏବଂ ଯେଉଁମାନେ ଶୋଷିତ ଓ ଲୁଣ୍ଠିତ ସେମାନଙ୍କ ମଧ୍ୟରେ ସାହସ ଓ ବିଶ୍ୱାସ ଭରି ଦେବା ପାଇଁ ମୁଁ ଆସିଛି ।" ତେଣୁ ତାଙ୍କର ଏହି ବାର୍ତ୍ତାକୁ ଆମେ ଆମ ଜୀବନରେ କିପରି ଅଭ୍ୟାସ କରିବା, ତାହା ଆମ ସମସ୍ତଙ୍କର ପ୍ରଣିଧାନଯୋଗ୍ୟ ।

ଅନ୍ୟ ଅବତାରମାନେ ଲୋକଙ୍କର ଜୀବନଧାରାକୁ ଉନ୍ନତ ଓ ମାର୍ଜିତ କରିବାର ଉଦ୍ଦେଶ୍ୟ ନେଇ ଆସିଥିଲେ । ରାମ ଥିଲେ ପତିତପାବନ ଯିଏ ବିହଗ, ପାମର, ଅସୁର, ବାନର, ଧୀବର - ସମସ୍ତଙ୍କୁ ଉଦ୍ଧାର କରିଥିଲେ । ଏହି ମହଦୁଦ୍ଦେଶ୍ୟ ନେଇ ସାଧକ ନିମନ୍ତେ ଭଗବାନ ସବୁ ସମୟରେ ଆସିଥାନ୍ତି । ସ୍ୱାମୀ କହନ୍ତି, "କାଲ ସନ୍ଦିଗ୍ଧ ବିଗ୍ରହ ଦୀପ୍ତୁଲୈ ଭାଷ୍ୟାର୍ଥ ଗୁପ୍ତମୁଲ ସଲୁପୁ କୋରକୁ" - ଅର୍ଥାତ୍ ଭାଷ୍ୟକାରମାନେ କରିଥିବା

ଶାସ୍ତ୍ରଗୁଡ଼ିକର ଭ୍ରମାତ୍ମକ ବ୍ୟାଖ୍ୟାକୁ ସଂଶୋଧନ କରି ଶାସ୍ତ୍ରଗୁଡ଼ିକର ସଠିକ୍ ତାତ୍ପର୍ଯ୍ୟ ଲୋକଙ୍କ ନିକଟରେ ପହଞ୍ଚେଇବା ଉଦ୍ଦେଶ୍ୟରେ ମୁଁ ଆସିଛି । ସ୍ୱାମୀଙ୍କର ଏହି ଉକ୍ତିରେ ଏକ ନୂତନତ୍ୱ ଅଛି । ସ୍ୱାମୀ ତାଙ୍କର ଏହି ପଦ୍ୟଗାନ କରିବା ସମୟରେ ତାହା ମୋତେ କିଛି ସ୍ୱତନ୍ତ୍ର ମନେହେଲା, କାରଣ ଆଜି ପୃଥିବୀ ବିବିଧ ଧର୍ମ ମଧ୍ୟରେ ସଂଘର୍ଷ ହେତୁ ଖଣ୍ଡବିଖଣ୍ଡିତ ହୋଇ ଯାଉଛି ଏବଂ ପ୍ରତ୍ୟେକ ଧର୍ମର ଧର୍ମାବଲମ୍ବୀମାନେ ନିଜ ନିଜର ଧର୍ମଶାସ୍ତ୍ରକୁ ହାତରେ ଧରି ପରସ୍ପର ସହ ସଂଘର୍ଷରେ ଲିପ୍ତ ରହୁଛନ୍ତି । ସେମାନେ ବାଇବେଲ, କୋରାନ୍, ଭଗବଦ୍ ଗୀତା ଓ ବେଦକୁ ଧରି ଯୁଦ୍ଧ କରନ୍ତି । ସେମାନେ ବହି ଖୋଲି ପଢ଼ନ୍ତି ନାହିଁ ଏବଂ ସେଥି ମଧ୍ୟରେ ଯାହା ଲେଖା ହୋଇଛି ତାହାର ଅନ୍ତରାର୍ଥ ଜାଣିବାକୁ ଚେଷ୍ଟା କରନ୍ତି ନାହିଁ । ସ୍ୱାମୀ ସମସ୍ତ ଶାସ୍ତ୍ରର ଅନ୍ତର୍ନିହିତ ଅର୍ଥ ଜାଣନ୍ତି । ସେ କହନ୍ତି, "ମୁଁ ହିନ୍ଦୁମାନଙ୍କୁ ବେଦ, ଖ୍ରୀଷ୍ଟିଆନ୍‌ମାନଙ୍କୁ ବାଇବେଲ୍ ଓ ମୁସଲମାନ୍‌ମାନଙ୍କୁ କୋରାନ୍ ସ୍ପଷ୍ଟଭାବେ ବୁଝେଇ ସେମାନଙ୍କୁ ଜଣେଇବାକୁ ଚାହେଁ ଯେ ଆପାତ ଦୃଷ୍ଟିରେ ଏହି ଧର୍ମଗ୍ରନ୍ଥମାନ ଭିନ୍ନ ମନେ ହେଲେ ହେଁ ତନ୍ମଧ୍ୟରେ ଥିବା ସାରମର୍ମ୍ମ ଏକ ।" ତେଣୁ ସ୍ୱାମୀ ବିଭିନ୍ନ ଧର୍ମର ଧର୍ମଗ୍ରନ୍ଥରୁ ବିବିଧ ଉକ୍ତି ଉଦ୍ଧାର କରି ଆମକୁ ବୁଝେଇ ପାରନ୍ତି ।

ଜଣେ ବରିଷ୍ଠ ସରକାରୀ କର୍ମଚାରୀଙ୍କର କଲିକତା ବଦଳି ହେବା ଯୋଗୁଁ ସେ ଦୁଃଖରେ ଥାନ୍ତି। ସେ ସ୍ୱାମୀଙ୍କଠୁ ଦୂରକୁ ନଯାଇ ବାଙ୍ଗାଲୋରରେ ରହିବାକୁ ଚାହୁଁଥାନ୍ତି, ସତେ ଯେମିତି ସ୍ୱାମୀ କେବଳ ପ୍ରଶାନ୍ତିନିଳୟମ୍‌ରେ ଅଛନ୍ତି ଓ କଲିକତାରେ ନାହାନ୍ତି । କିଛି ବର୍ଷ ତଳେ ଜଣେ ବ୍ୟକ୍ତିଙ୍କର ଏଠାରେ ଏକ କୋଠରୀ ମଧ୍ୟରେ ମୃତ୍ୟୁ ହେଲା ଏବଂ ତାଙ୍କର ଆତ୍ମୀୟସ୍ୱଜନମାନେ କହୁଥାନ୍ତି, "ପ୍ରଶାନ୍ତିନିଳୟମ୍‌ରେ କିଏ କଣ ମରିପାରେ, ସ୍ୱାମୀ ତାକୁ ପୁଣି ଜୀବନଦାନ କରିବେ ।" ଏଭଳି ଭାବି ସେମାନେ ତାଙ୍କର ମୃତଦେହକୁ ଶ୍ମଶାନକୁ ନେଉ ନଥାନ୍ତି । ସ୍ୱାମୀ ତାହା ଦେଖି କହିଲେ, "ଏମାନେ ବୁଝୁ ନାହାନ୍ତି ଯେ ଯିଏ ଯେଉଁଠାରେ ମରିଲେ ବି ସେ ମୋର ଲୋକ । ମୁଁ କେବଳ ଏଠାରେ ତିରିଶ ଚାଳିଶ ଏକର ମଧ୍ୟରେ ରହିନଥାଏ । ଦୁନିଆର ସବୁ ଡାକ୍ତରଖାନା ମୋର । ଯିଏ ଯେଉଁଠାରେ ଜନ୍ମ ହେଉ ବା ମୃତ୍ୟୁବରଣ କରୁ ନା କାହିଁକି, ସେ ସମସ୍ତେ ମୋର ।"

କିନ୍ତୁ କଲିକତାକୁ ବଦଳି ହୋଇଥିବା ଏହି ସରକାରୀ ଅଫିସରଙ୍କର ଏତେ ଆଧ୍ୟାତ୍ମିକ ପରିପକ୍ୱତା ଆସି ନଥାଏ ଯେ ସେ ବୁଝିପାରିବେ ଯେ ସ୍ୱାମୀ ସର୍ବତ୍ର ଥା'ନ୍ତି । ତାଙ୍କର କଲିକତା ଯିବାକୁ ଅନିଚ୍ଛା ପଛରେ ଆଉ ଏକ କାରଣ ମଧ୍ୟ ଥାଏ । ତାଙ୍କର ସ୍ତ୍ରୀ କଲିକତା ଯିବାକୁ ଚାହୁଁ ନଥାନ୍ତି କାରଣ ତାଙ୍କର ଏକ ଭଉଣୀ ସେସମୟରେ କଲିକତାରେ ରହୁଥାଏ ଓ ତାର ସ୍ୱାମୀ ଏକ ଉଚ୍ଚ ପଦବୀରେ ଥା'ନ୍ତି । ଏହା ଏକ ଅହଙ୍କାରସୁଲଭ କାରଣ ! ଏହି ବ୍ୟକ୍ତିଙ୍କର ଦୁର୍ଭାଗ୍ୟକୁ କଲିକତାରେ ଗୋଟିଏ ପରେ ଗୋଟିଏ ଦୁର୍ଘଟଣା ଘଟିଲା । ପ୍ରଥମେ ସେଠାରେ ଏକ ଶିଢ଼ିରୁ ଗୋଡ଼ ଖସିବା ଫଳରେ ତାଙ୍କର ଦୁଇଟି ଦାନ୍ତ ଭାଙ୍ଗିଗଲା । ତାଙ୍କୁ

ଚିକିତ୍ସା କରୁଥିବା ଦନ୍ତ ଚିକିତ୍ସକ ତାଙ୍କୁ ଏଭଳି ଏକ ଇଞ୍ଜେକସନ୍ ଦେଲା ଯେ ତାଙ୍କ ଦେହସାରା ଘିମିରି ଫଳିଗଲା । ତେଣୁ ତାଙ୍କର ଯେଉଁ ସବୁ ମୋଟା ଦରମା ପାଉଥିବା ହେତୁ ସେମାନେ ତାଙ୍କୁ ହତାଦର କରୁଥିଲେ, ତାଙ୍କରି ପାଖକୁ ସେମାନଙ୍କୁ ଅନନ୍ୟୋପାୟ ହୋଇ ଯିବାକୁ ପଡ଼ିଲା ! ସେ ମନେ ମନେ ସ୍ୱାମୀଙ୍କ ପ୍ରତି ଅଭିମାନ ପ୍ରକାଶ କରି କହୁଥା'ନ୍ତି, "ଯେ କ'ଣ ସ୍ୱାମୀ ! ମୁଁ ଆପଣଙ୍କୁ ଏତେ ବିଶ୍ୱାସ କରେ, ଅଥଚ ଆପଣ ମୋତେ ଏତେ ହଇରାଣରେ ପକାଉଛନ୍ତି । ଆପଣ ମୋତେ ବାଙ୍ଗାଲୋର୍‌ରୁ ଦୂରକୁ ପଠେଇ ଦେଲେ, ଶିଢ଼ିରୁ ତଳକୁ ପକେଇ ମୋର ଦୁଇ ଦାନ୍ତ ଭାଙ୍ଗିଦେଲେ ଏବଂ ମୋ ସବୁ ପାଖକୁ ପଠେଇ ମୋତେ ଲଜ୍ଜିତ କଲେ ।" ତାଙ୍କ ଅବସ୍ଥା ଖୁବ୍ ଦୟନୀୟ ଥାଏ । ଦିନେ ସେ ଏକ ଆରାମ୍ ଚୌକିରେ ବିଶ୍ରାମ ନେଉଥା'ନ୍ତି, ସ୍ୱାମୀ ଆକସ୍ମିକଭାବେ ସେଠାରେ ଉଭା ହୋଇ ତାଙ୍କ ଛାତି ଉପରେ ଏକ ଓଜନିଆ ଚମଡ଼ା ବନ୍ଧେଇ ବଡ଼ ବହି ରଖିଲେ ଏବଂ ତାର ପୃଷ୍ଠାଗୁଡ଼ିକୁ ଓଲଟାଇ ସେଥିମଧ୍ୟରୁ ପ୍ରତ୍ୟେକ ଅଧ୍ୟାୟର ଶିରୋନାମା ତଥା ତିନି ତିନୋଟି ସ୍ତମ୍ଭରେ ଛପା ଯାଇଥିବା ବିଷୟବସ୍ତୁକୁ ଅନୁଧ୍ୟାନ କଲେ । ସ୍ୱାମୀ ଉକ୍ତ ପୁସ୍ତକର ଏକ ଲେଖାଂଶ ବାହାର କରି କହିଲେ, "ଯା'କୁ ପଢ଼ ।" ଉକ୍ତ ବ୍ୟକ୍ତି କହିଲେ, "ସ୍ୱାମୀ, ମୋ' ପାଖରେ ଚଷମା ନାହିଁ ।" ଏ କ'ଣ ଆଉ ଏକ ବିପର୍ଯ୍ୟୟ ! ସ୍ୱାମୀ କହିଲେ, "ଠିକ୍ ଅଛି, ଚଷମା ଆଣି ପଢ଼ ।" ଏତିକି କହି ସ୍ୱାମୀ ବହିସହ ଅଦୃଶ୍ୟ ହୋଇଗଲେ । ଏହି ଲୋକଙ୍କର କେବଳ ମନେ ଥାଏ ଯେ ବହିଟି ଚମଡ଼ା ବନ୍ଧେଇ ଏବଂ ବିଷୟବସ୍ତୁ ତିନୋଟି ସ୍ତମ୍ଭରେ ଲେଖାଯାଇଛି । ସେ କଲିକତାର ଜାତୀୟ ପାଠାଗାରକୁ ଯାଇ ବହୁତ ଖୋଜିଲେ କିନ୍ତୁ ସେଭଳି କୌଣସି ବହି ପାଇଲେ ନାହିଁ । ଦପ୍ତରରେ ତାଙ୍କର ସହକାରୀ ତାଙ୍କୁ କହିଲେ, "ଚମଡ଼ା ବନ୍ଧେଇ ! ତିନୋଟି ସ୍ତମ୍ଭରେ ଛପା ! ଆଜ୍ଞା, ଜାଣି ପାରିଲି । ତାହା ବାଇବେଲ୍‌ର ଏକ ବିଶେଷ ସଂସ୍କରଣ । ମୋ ପାଖରେ ସେହି ବହି ଅଛି । ମୁଁ ଆପଣଙ୍କୁ ଦେବି ।" ଉକ୍ତ ସହକାରୀ ବହିଟି ଆଣି ତାଙ୍କୁ ଦେଲେ । ସେ ବହିର ପୃଷ୍ଠାଗୁଡ଼ିକୁ ଓଲଟାଇ ସ୍ୱାମୀ ତାଙ୍କୁ ଯେଉଁ ଲେଖାଂଶ ଦେଖେଇଥିଲେ ତାହା ଚିହ୍ନଟ କରିପାରିଲେ । ସେଠାରେ ଲେଖାହୋଇଥାଏ, "ନାନା ପ୍ରକାର ଦୁଃଖକଷ୍ଟ ଭୋଗିଥିବା ଜବ୍ ଓ ତାର ବିଶ୍ୱାସ ସମ୍ବନ୍ଧରେ ତୁମେ କ'ଣ ଶୁଣି ନାହଁ ? ଜବ୍ ମଧ୍ୟ ଏହି ବ୍ୟକ୍ତି ଭଳି ଏକ ଚର୍ମରୋଗ ଯୋଗୁଁ କଷ୍ଟ ପାଉଥାଏ । ସେ ମଧ୍ୟ ଜୀବନରେ ସବୁକିଛି ହରେଇଥାଏ । ଶେଷରେ ତାର ବିଶ୍ୱାସ ଜିଣିଲା । ସେ ତାର ଦୃଢ଼ ସ୍ୱାସ୍ଥ୍ୟ ଓ ସମ୍ପଦ ଫେରି ପାଇଲା । କରୁଣାମୟଙ୍କ ଅପାର କରୁଣାରୁ ତାର ସମସ୍ତ ଦୁଃଖର ଅବସାନ ଘଟିଲା ।" ସ୍ୱାମୀ ଚାହୁଁଥିଲେ ଯେ ସେ ସେହି ଲେଖାଂଶଟି ପଢ଼ୁ । ତେଣୁ କଷ୍ଟରେ ପଡ଼ିଥିବା ଜଣେ ଭକ୍ତକୁ ସାନ୍ତ୍ୱନା ଦେବା ପାଇଁ ସ୍ୱାମୀ ତାଙ୍କୁ ବାଇବେଲ୍ ପଢ଼ିବାକୁ କହିଲେ । ଏହି ଅବତାରଙ୍କର ଏହା ଅଭୂତପୂର୍ବ ସଙ୍କଳ୍ପ । ସେ ଶାସ୍ତ୍ରର ଗୂଢ଼ ଅର୍ଥ ବୁଝେଇଥାନ୍ତି । ଧର୍ମଶାସ୍ତ୍ରକୁ ନେଇ ବାଦ ବିସମ୍ବାଦରେ ନ ପଡ଼ି ତାର ଅନ୍ତରାର୍ଥକୁ ବୁଝି ତଦନୁଯାୟୀ ନିଜ ଜୀବନକୁ ଗଢ଼ି ତୋଳିବାର

ପରାମର୍ଶ ଦିଅନ୍ତି । ରାମାବତାର ଓ କୃଷ୍ଣାବତାରରେ ଏହା ଆବଶ୍ୟକ ନଥିଲା । ମୁଦ୍ରଣ ଯନ୍ତ୍ରର ଉଦ୍ଭାବନ ଓ ମୁଦ୍ରିତ ପୁସ୍ତକର ପ୍ରଚଳନ ଜନିତ ଏହା ଏକ ଆଧୁନିକ ସମସ୍ୟା । ସ୍ୱାମୀ ସବୁ ଧର୍ମକୁ ସମ୍ମାନ ଦିଅନ୍ତି । ତେଣୁ ଆମର ଧ୍ୱଜା ସବୁଧର୍ମର ସଙ୍କେତ ବହନ କରେ । ସ୍ୱାମୀ ଏହି ପ୍ରତିଟି ସଙ୍କେତର ପ୍ରତୀକାତ୍ମକ ଅର୍ଥ ବୁଝେଇଛନ୍ତି । ସ୍ୱାମୀ କହନ୍ତି, "କ୍ରୁଶର ଅର୍ଥ କେବଳ ଯୀଶୁଖ୍ରୀଷ୍ଟ କ୍ରୁଶବିଦ୍ଧ ହେବା ନୁହଁ, ତାହା ଆମ ସମସ୍ତଙ୍କ ମଧ୍ୟରେ ଥିବା 'ମୁଁ' (ଇଂରାଜୀର I)କ୍ରୁଶବିଦ୍ଧ ହେବାର ଆବଶ୍ୟକତାକୁ ସୂଚାଏ । ଅହଙ୍କାର କ୍ରୁଶବିଦ୍ଧ ହେବା ପରେ ହିଁ ଆମର ପୁନରଭ୍ୟୁଦୟ ସମ୍ଭବ । ବ୍ରାହ୍ମଣମାନଙ୍କୁ ଦ୍ୱିଜ କୁହାଯାଏ । ମୁଁ ମଧ୍ୟ ଜଣେ ଦ୍ୱିଜ । ଦ୍ୱିଜର ଅର୍ଥ ଦ୍ୱିତୀୟବାର ଜନ୍ମ ହେବା । ଗାୟତ୍ରୀମନ୍ତ୍ରର ଦୀକ୍ଷା ପରେ ଆମେ ଆଉଥରେ ଜନ୍ମ ହେଉ । କାହିଁକି ? କାରଣ ଗାୟତ୍ରୀ ସୂର୍ଯ୍ୟ ଦେବତାଙ୍କ ପ୍ରତି ଏକ ପ୍ରାର୍ଥନା, ଏହା ସୌରଶକ୍ତିକୁ ପ୍ରାର୍ଥନା । ଏହା ସେହି ବିସ୍ମୟକର ଦିବ୍ୟଶକ୍ତି ପ୍ରତି ପ୍ରାର୍ଥନା ଯାହା ଆମକୁ ଉଷ୍ମତା, ଉର୍ବରତା ଓ ଆଲୋକ ଦିଏ, ଯାହା ଆମର ଧୀଶକ୍ତି ଶାଣିତ କରେ, ଦୃଷ୍ଟିକୁ ବିଶାଳ କରେ ଓ ଆମର ଈଶ୍ୱରପିପାସାକୁ ତୀବ୍ର କରେ । ଆପଣ ଯେତେବେଳେ ଏ ସମସ୍ତର ପ୍ରାପ୍ତି ନିମନ୍ତେ ଗାୟତ୍ରୀଙ୍କୁ ପ୍ରାର୍ଥନା କରନ୍ତି, ସେତେବେଳେ ଏକ ମହତ୍ତର ଜୀବନରେ ପୁନର୍ବାର ଜନ୍ମ ନିଅନ୍ତି । ଆପଣଙ୍କର ପ୍ରଥମ ଜନ୍ମ ଏକ ଅଧୋସ୍ତରରେ ଥିଲା ଓ ପରବର୍ତ୍ତୀ ଜନ୍ମ ଏକ ଊର୍ଦ୍ଧ୍ୱସ୍ତରରେ ହେଲା । ଏହିଭଳି ଆପଣ ଦ୍ୱିଜ ହେଲେ । ଏହା ଗାୟତ୍ରୀ ମନ୍ତ୍ରର ଅନ୍ତରାର୍ଥ । ଯୀଶୁଖ୍ରୀଷ୍ଟଙ୍କୁ କ୍ରୁଶବିଦ୍ଧ କରିବା ଏକ ପ୍ରକ୍ରିୟା - ଯାହାଦ୍ୱାରା ଆପଣ ପିତାଙ୍କ ସ୍ତରକୁ ଉନ୍ନୀତ ହୁଅନ୍ତି ଏବଂ ତାଙ୍କ ପାର୍ଶ୍ୱରେ ସ୍ଥାନ ପାଇ ପରିଶେଷରେ ତାଙ୍କ ମଧ୍ୟରେ ଲୀନ ହୁଅନ୍ତି । କ୍ରୁଶବିଦ୍ଧ ହେବାର ଏହା ଅନ୍ତରାର୍ଥ । ସ୍ୱାମୀ ଶାସ୍ତ୍ରର ବିବିଧ ସଙ୍କେତ, ନୀତିଗଳ୍ପ ଇତ୍ୟାଦିର ଅନ୍ତରାର୍ଥ ଆମକୁ ବୁଝେଇଥାନ୍ତି ।

ପୂର୍ବ ଅବତାରମାନଙ୍କ ଭଳି ସ୍ୱାମୀ ଅବତୀର୍ଣ୍ଣ ହେବାର ଅନ୍ୟ ଏକ କାରଣ ହେଲା ଭୂମାତାଙ୍କର ଭାରକୁ ଲାଘବ କରିବା । ଭୂମାତା ଗୋମାତାଙ୍କ ରୂପ ଧାରଣ କରି ପୌଷ୍ଟିକ ଦୁଗ୍ଧ ଦାନ କରନ୍ତି ଓ ଭଗବାନଙ୍କ ନିକଟକୁ ଯାଇ କହନ୍ତି, "ପୃଥିବୀର ଭାର ଅତ୍ୟଧିକ ହୋଇ ଯାଇଛି, ମୁଁ ଆଉ ଏହା ସହ୍ୟ କରିପାରିବି ନାହିଁ । ଆପଣ ଆସି ମୋର ଏହି ଭାର ଲାଘବ କରି ମୋତେ ରକ୍ଷା କରନ୍ତୁ । ସେତେବେଳେ ଭଗବାନ କହନ୍ତି, "ତଥାସ୍ତୁ, ମୁଁ ଆସୁଅଛି ।" ସେତେବେଳେ ସେ ଆସନ୍ତି ଓ ବର୍ତ୍ତମାନ ସେ ଆସିଛନ୍ତି । ତେବେ ସେ ଭୂମାତାଙ୍କ ଭାର କିମିତି ଲାଘବ କରିଥା'ନ୍ତି ? ପୂର୍ବ ଅବତାରମାନଙ୍କରେ ସେ ଦୁଷ୍ଟଶକ୍ତିମାନଙ୍କୁ ନିର୍ଦ୍ଦୟରେ ସଂହାର କରି ଏହା କରିଥିଲେ, ଏପରିକି ତାଙ୍କର ମାତୁଳ ମଧ୍ୟ ଏଥିରୁ ବାଦ୍ ଯାଇ ନଥିଲେ । ଆଠ ବର୍ଷର ବାଳକ କୃଷ୍ଣ ମାମୁଁ କଂସକୁ ସିଂହାସନରୁ ଟାଣି ଆଣି ତାର ଛାତି ବିଦାରି ତାକୁ ସଂହାର କରିଥିଲେ । କଂସ ମାମୁଁ କହୁଥାଏ, "ଏଇ ବାଳକ କୃଷ୍ଣ ଗୋପପୁରରେ ସମସ୍ତଙ୍କୁ ରକ୍ଷା କରିବାକୁ ଗୋବର୍ଦ୍ଧନ ଗିରି ଉତ୍ତୋଳନ କରି ଯାଦୁବିଦ୍ୟା

ପ୍ରଦର୍ଶନ କରୁଛି ।" ସେ କୃଷ୍ଣଙ୍କୁ ବିଦ୍ରୂପ କରି କହୁଥାଏ, "ସେ ଯାଦୁକର କାହିଁ ? ତାକୁ ଏଠାକୁ ନେଇ ଆସ । ସେ ମୋ' ଆଗରେ ତାର ଯାଦୁବିଦ୍ୟା ଦେଖାଉ । ମୁଁ ତାକୁ ପୁରସ୍କାର ଦେବି ।" ଯାଦୁକର କୃଷ୍ଣ ତାକୁ ସିଂହାସନରୁ ଟାଣି ଆଣି ତା' ଛାତି ଉପରେ ବସି ତାକୁ ମୁଷ୍ଟି ପ୍ରହାର ଦେଲେ ଓ କହିଲେ, "ମାମୁଁ, ଏଇ ଦେଖ୍ ମୋ ଯାଦୁବିଦ୍ୟା ।" ତାଙ୍କର ଯାଦୁ ବିଦ୍ୟାରେ ପରାଭୂତ ହୋଇ କଂସର ଶେଷରେ ପ୍ରାଣନାଶ ହେଲା । କୃଷ୍ଣ ଏହିଭଳି ଭୂମିର ଭାର ଲାଘବ କରିଥିଲେ । ସ୍ୱାମୀଙ୍କର ନା ସେ ମୁଷ୍ଟି ଅଛି, ନା ଅଛି ସେ ଖଡ଼୍ଗ ବା ଧନୁଶର । ତାଙ୍କର ଅମୋଘ ଅସ୍ତ୍ର ହେଲା ତାଙ୍କର ସେହି ମନ୍ଦହାସ, ତାଙ୍କର ଚକ୍ଷୁର ପଲକ ଓ ଭାଷାର ମାଧୁର୍ଯ୍ୟ । ସେ ଭୂମିର ଭାର କିମିତି ଲାଘବ କରନ୍ତି ? ମସ୍ତକକୁ ସଙ୍କୁଚିତ କରି, ଭାରାକ୍ରାନ୍ତ ହୃଦୟ ନେଇ ଭ୍ରମଣ କର ନାହିଁ । ହୃଦୟକୁ ଦୁଃଖରେ, ମନକୁ କାମନା-ବାସନାରେ, ଏତେ ଏତେ ପାସ୍ ବହି ଧରି, ଏତେ ଏତେ ଟଙ୍କା ବ୍ୟାଙ୍କରେ ଜମା କରି ନିଜକୁ ଭାରି କର ନାହିଁ, ହାଲୁକା କର । ଏ ସମସ୍ତ ଭାର କମେଇବାକୁ ହେବ । ସ୍ୱାମୀ ଚାହାନ୍ତି ଯେ ଆମେ ହାଲୁକା ହୋଇଯାଉ, ଖୋଲା ହୋଇଯାଉ, ଯାହା ଫଳରେ ଆମେ ଆନନ୍ଦର ଉତ୍ତାଳ ତରଙ୍ଗରେ ଭାସିବା, ସୁଖର ପବନରେ ଝୁଲିବା । ମନରେ କୌଣସି ଉଦ୍‌ବେଗ ନ ରହିଲେ ଆମେ ଉଶ୍ୱାସ ହୋଇଯିବା । ସେତେବେଳେ ଆଉ ବୁଡ଼ିବା ନାହିଁ । ଏହା ହିଁ ତାଙ୍କର ସଙ୍କଳ୍ପ ।

❖❖❖

୨୦

ବୋଧାତୀତ

କେବଳ ଆଜିର ଦୁନିଆରେ ନୁହଁ, ଇତିହାସର ସବୁ ସମୟରେ ଧରାବକ୍ଷରେ ଆସିଥିବା ସମସ୍ତ ଗୁରୁ ଓ ଜଗଦ୍‌ଗୁରୁଙ୍କୁ ଯଦି ଦେଖାଯାଏ, କେହି ସ୍ୱାମୀଙ୍କ ସହ ସମାନ ହେବେ ନାହିଁ । ମୁଁ ଇତିହାସର ଅଧ୍ୟାପକ ଥିଲି ଏବଂ ମୁଁ ମୋ ଛାତ୍ରମାନଙ୍କୁ ବିଭିନ୍ନ ଦେଶର ଇତିହାସ ଓ ସଭ୍ୟତା ସମ୍ବନ୍ଧରେ ପଢ଼େଇଛି । ଏତଦ୍‌ବ୍ୟତୀତ ମୁଁ ନୃତତ୍ତ୍ୱ ଶିକ୍ଷା ଦେଇ ସେମାନଙ୍କୁ ମଣିଷ ଯେବେଠୁ ବୃକ୍ଷରୁ ଓହ୍ଲେଇ ଭୂମିରେ ବିଚରଣ କଲା ସେବେଠାରୁ ଆରମ୍ଭ କରି ଆଜି ସେ ନିଜକୁ ସର୍ବନାଶ କରିବା ଯାଏ ତାର ଅଧୋପତନର ଇତିହାସ ସେମାନଙ୍କୁ ବୁଝେଇଛି । ତେବେ ଏଯାବତ୍ ମୁଁ ସ୍ୱାମୀଙ୍କ ଭଳି ଜଣେ ବିସ୍ମୟପୁରୁଷଙ୍କୁ ଦେଖିବାକୁ ପାଇନି । ସ୍ୱାମୀ କହନ୍ତି, "ମୋତେ ବୁଝିବାକୁ ଚେଷ୍ଟା କର ନାହିଁ, ନିଜକୁ ବୁଝିବାକୁ ଚେଷ୍ଟା କର, ତେବେ ହୁଏତ ମୋ ସମ୍ବନ୍ଧରେ ତୁମେ କିଞ୍ଚିତ୍ ବୁଝିପାରିବ । ସ୍ୱାମୀଙ୍କ ଏଇ କେତେ ପଦ କଥା ଲକ୍ଷ୍ୟ କରନ୍ତୁ । ତାହା ଆପଣଙ୍କୁ ବିଚିତ୍ର ଲାଗୁନାହିଁ କି ? ଏକଥା ଏଥିପୂର୍ବରୁ କେହି କହି ନଥିଲେ । ତାଙ୍କର ବୟସ ଯେତେବେଳେ ମାତ୍ର ଷୋହଳ ବର୍ଷ, ସେ ତାଙ୍କ ବଡ଼ ଭାଇଙ୍କୁ ଏକ ଚିଠିରେ ଲେଖିଥିଲେ, "ମୋତେ ଜାଣିବାକୁ ଚେଷ୍ଟା କର ନାହିଁ, ଚେଷ୍ଟା କଲେ ବିଫଳ ହେବ ।" ତାଙ୍କ ଭାଇ ଥିଲେ ଜଣେ ତେଲୁଗୁ ପଣ୍ଡିତ ଓ ସେ ଥିଲେ ମାତ୍ର ଜଣେ ବାଳକ । ତାଙ୍କ ଭାଇ ତାଙ୍କୁ ବୁଝି ନପାରି ଲେଖିଥିଲେ, "ତୁ ଏଭଳି କାହିଁକି ବ୍ୟବହାର କରୁଛୁ ? ମନ ଦେଇ ପାଠ ପଢ଼େ । ପରୀକ୍ଷାରେ ପାସ ହ' । ତୋର ଗୋଟିଏ ଭଲ ଚାକିରୀ ପାଇଁ ମୁଁ ଅନନ୍ତପୁରର ଜଣେ ବଡ଼ ଅଫିସରଙ୍କୁ ଅନୁରୋଧ କରିଛି । ତୁ ପ୍ରକୃତରେ ଯାହା ତାହାଠାରୁ ଅଧିକ ବୋଲି ପ୍ରତାରଣା କରି ଲୋକମାନଙ୍କୁ ଆକୃଷ୍ଟ କରୁଛୁ ! ଦିନେ ଅସଲ କଥା ଜଣା ପଡ଼ିଯିବ ଓ ତୁ ବିପଦରେ ପଡ଼ିବୁ ।" ସେ ଭାବିଥିଲେ ଯେ ସ୍ୱାମୀ ଯେଭଳି ତାଙ୍କର ବୟସ ଓ ବୁଦ୍ଧି ଅପେକ୍ଷା ଅଧିକ ବଢ଼ି ଯାଉଛନ୍ତି, ତାଙ୍କୁ ଥରେ ସାବଧାନ କରିବା ଆବଶ୍ୟକ । ସ୍ୱାମୀ ଅତି ଭଦ୍ରଭାବେ ତାଙ୍କର ସେହି ଚିଠିର ଉତ୍ତର ଦେଇଥିଲେ ଓ ସେହି ଚିଠିରେ ସେ ତାଙ୍କୁ 'ଭକ୍ତ' କହି ସମ୍ବୋଧନ କରିଥିଲେ । ସେ ଲେଖିଥିଲେ, "ଭକ୍ତ ! ମୁଁ ତୁମର ଚିଠି ପାଇଲି । ତୁମେ ଯେ ମୋ ପାଇଁ କେତେ ଚିନ୍ତିତ ତାହା ମୁଁ ବୁଝି ପାରୁଛି । ତାହା ତୁମ ଭକ୍ତିର ପ୍ରମାଣ ଦିଏ ।" ସେ ସମୟରେ କେତେକ ସମ୍ବାଦପତ୍ର ଏହି ବାଳକଙ୍କୁ ସମାଲୋଚନା କରୁଥା'ନ୍ତି ଓ ଆଉ କେତେକ ସମ୍ବାଦପତ୍ର ପ୍ରଶଂସା କରୁଥା'ନ୍ତି । ସ୍ୱାମୀ ସେହି ଚିଠିରେ ଲେଖିଥା'ନ୍ତି, "ସମାଲୋଚନାକୁ ନେଇ ବ୍ୟସ୍ତ ହୁଅନା । ଯେଉଁମାନେ କିଛି ଜାଣନ୍ତି ନାହିଁ, ସେହିମାନେ ସମାଲୋଚନା କରନ୍ତି । ସେମାନେ ସେମାନଙ୍କର ନିଜ ମାନଦଣ୍ଡରେ ଅନ୍ୟକୁ ମାପିଥାନ୍ତି । ତୁମେ କହୁଛ ଯେ ମୁଁ ଭୁଲ ବାଟରେ ଯାଉଛି, କିନ୍ତୁ

କୌଣସି ଶାସ୍ତ୍ରରେ ଜଣେ ପ୍ରେରିତ ପୁରୁଷ ବା ଆଧ୍ୟାତ୍ମିକ ଗୁରୁ ଯେ କିପରି ବ୍ୟବହାର କରିବାକୁ ହେବ, ଲେଖାଯାଇନାହିଁ । ସେମାନଙ୍କର ଯେ କିଭଳି ମୂଲ୍ୟାୟନ କରିବାକୁ ହେବ, ତାହା ମଧ୍ୟ କେଉଁଠାରେ ଲେଖାଯାଇନାହିଁ । ସେମାନେ ମୁକ୍ତ । ସେମାନେ ଅସୀମ ଓ ଅନ୍ୟର ନିୟନ୍ତ୍ରଣର ବାହାରେ । ତୁମେ ସେମାନଙ୍କ ପାଇଁ ନିୟମ ନିର୍ଦ୍ଧାରଣ କରିପାରିବ ନାହିଁ । ପ୍ରତ୍ୟେକେ ନିଜ ନିଜ ଉପାୟରେ ଅନ୍ୟମାନଙ୍କୁ ଦିଗ୍‌ଦର୍ଶନ ଦେଇଥା'ନ୍ତି । ତେଣୁ ଏଥିପାଇଁ ବ୍ୟସ୍ତ ହୁଅ ନାହିଁ ।"

ଚଉଦ ବର୍ଷ ବୟସରେ ସ୍ୱାମୀ "ଆଉ ମୁଁ ତୁମର ନୁହଁ" କହି ଗୃହତ୍ୟାଗ କଲେ । ତାଙ୍କର ପିତାମାତା ତାହା ଶୁଣି ବ୍ୟସ୍ତ ହେଉଥା'ନ୍ତି । ମା ଯେତେବେଳେ ପାଖକୁ ଆସିଲେ, ସେ କହିଲେ, "ମାୟା ଆସିଛି ।" ଏହି ଏକ ବନ୍ଧନରୁ ସେ ନିଜକୁ ମୁକ୍ତ କରିବାକୁ ଚାହୁଁଥିଲେ । ଏକ ସନ୍ତାନ ଜନ୍ମ ହେବା ପରେ ବୁଦ୍ଧ ସଂସାର ତ୍ୟାଗ କରିଥିଲେ । ସେ କହିଥିଲେ, "ଏହା ଏକ ବନ୍ଧନ । ଶିଙ୍ଖୁଳିର ଏହା ଆଉ ଏକ କଡ଼ି ଯାହା ମୋତେ ସଂସାର ସହ ବାନ୍ଧି ରଖିଛି ।" ସ୍ୱାମୀ ତାଙ୍କ ପିତାଙ୍କୁ 'ପିତା' ଓ ମାତାଙ୍କୁ 'ମାତା' କହୁ ନଥାନ୍ତି । ନିର୍ମଳ ମନ ଓ ଅତୁଟ ଭକ୍ତିର ସହ ଯେଉଁମାନେ ତାଙ୍କ ନିକଟକୁ ଆସିଥା'ନ୍ତି, ସେହିମାନଙ୍କ ବ୍ୟତୀତ ସେ ନା ପିତା, ନା ମାତା, ନା ଅନ୍ୟ କାହା ପ୍ରତି ବିଶେଷ କିଛି ଅନୁରାଗ ପ୍ରଦର୍ଶନ କରୁ ନଥାନ୍ତି । କେତେକ ତାଙ୍କୁ ପୁଟ୍ଟପର୍ତ୍ତିରେ ବାନ୍ଧି ରଖିବାକୁ ଚାହୁଁଥାନ୍ତି, କିନ୍ତୁ ସେ କହୁଥାନ୍ତି, "ମୁଁ ପୁଟ୍ଟପର୍ତ୍ତିର ନୁହଁ, ପ୍ରଶାନ୍ତି ନିଳୟମ୍‌ର ଏବଂ ପ୍ରଶାନ୍ତି ନିଳୟମ୍ ସର୍ବତ୍ର ରହିଛି । ତୁମେ ତୁମ ହୃଦୟକୁ ଈର୍ଷା, ଦ୍ୱେଷ, ଲୋଭ, ଅସୂୟା, କ୍ରୋଧ ଓ ଅପବାଦରୁ ମୁକ୍ତ କରି ଯଦି ପ୍ରଶାନ୍ତି ନିଳୟମ୍ କରିପାର, ତେବେ ମୁଁ ସେହିଠାରେ ରହିବି । ଯାହା କିଛି ଘଟିଗଲେ ମଧ୍ୟ ସମ୍ପୂର୍ଣ୍ଣଭାବେ ସ୍ଥିର ଓ ଅବିଚଳିତ ରହିବା ହିଁ ପ୍ରଶାନ୍ତି ।"

ତାଙ୍କ ଭାଇଙ୍କୁ ଲେଖିଥିବା ଚିଠିରେ ସ୍ୱାମୀ ଏକ କବିତା ରଚନା କରିଥାନ୍ତି, ଯେଉଁଥିରେ ସେ କହିଥାନ୍ତି, "ସମଗ୍ର ମାନବଜାତିକୁ ଆନନ୍ଦ ଦେବା ପାଇଁ ମୁଁ ଆସିଛି ।" କି ଆଶ୍ଚର୍ଯ୍ୟ ! ଅପନ୍ତରିଆ ଏକ ଛୋଟ ଗାଁରୁ ଜଣେ ବାଳକ ସମଗ୍ର ମାନବଜାତିକୁ ଆନନ୍ଦ ପ୍ରଦାନ କରିବ ? ଚାଳିଶ ବର୍ଷ ତଳେ ପ୍ରଥମ ଥର ପାଇଁ ଏହି ଗାଁକୁ ଏକ ଜିପ୍‌ଗାଡ଼ି ଆସିଥିଲା - ଏକ ଚାରିଚକିଆ ଗାଡ଼ି ଯାହାକୁ ବଳଦ ଟାଣୁ ନାହିଁ ! କେହି ଠେଲୁ ନାହାନ୍ତି କି ଟାଣୁ ନାହାନ୍ତି ! ଗାଁର ଲୋକଙ୍କ ପାଇଁ ତାହା ଥିଲା ଏକ ବିସ୍ମୟ । ଲୋକେ ତା' ପାଖକୁ ଯାଇ ତାକୁ ଟିକିଏ ଛୁଇଁ ଦେଉଥା'ନ୍ତି । ଯେଉଁ ପିଲାମାନେ ଯାଇ ଛୁଇଁ ଦେଉଥାନ୍ତି, ତାଙ୍କୁ ଅନ୍ୟ ପିଲାମାନେ ଅଧିକ ସାହସୀ ମନେ କରୁଥାନ୍ତି । ସେଭଳି ଏକ ଗାଁରେ ହାଫ୍ ସାର୍ଟ୍ ଓ ହାଫ୍ ପ୍ୟାଣ୍ଟ ପିନ୍ଧିଥିବା ଷୋହଳ ବର୍ଷର ଗୋଟିଏ ପିଲା କହୁଛି, "ଅଖିଳ ମାନଓ୍ୱଲକୁ ଆନନ୍ଦମୁନୁଗୁର୍ଚ୍ଚି" ଅର୍ଥାତ୍ ମୁଁ ଅଖିଳ ମାନବଜାତିକୁ ଆନନ୍ଦ ପ୍ରଦାନପୂର୍ବକ ଉଦ୍ଧାର କରିବି । ଷୋହଳ ବର୍ଷ ବୟସରେ ହୁଏତ କିଏ କେଉଁ ଏମିତି କହି ନଥିଲେ । ସେ ପୁଣି କହେ, "ଆଜି ନୁହଁ,

ଭବିଷ୍ୟତରେ କେଭେ ନୁହଁ, ଯିଏ ଯାହା କରୁ, ଯିଏ ଯେତେଦିନ ଚେଷ୍ଟା କରୁ ପଛେ ମୋତେ ଜାଣି ପାରିବ ନାହିଁ ।" ଶେଷରେ ସେ ପୁଣି କହେ, "ମୋର ସଙ୍କଳ୍ପ ଯେ କିଭଳି କାର୍ଯ୍ୟକାରୀ ହେଉଛି, ତାହାର ପ୍ରମାଣ ସମୟ ଦେବ ।" ତାଙ୍କର ଭାଇ ଚିଠିଟି ପଢୁଥିବା ସମୟରେ ଗୋଟିଏ ପରେ ଗୋଟିଏ ଧାଡ଼ି ପଢ଼ି ଆଶ୍ଚର୍ଯ୍ୟ ହେଉଥା'ନ୍ତି ।

ସେ ଚିଠିଟି ତାଙ୍କ ପାଖରେ ରଖିଥିଲେ ଏବଂ ପ୍ରାୟ କୋଡ଼ିଏ ବର୍ଷ ପରେ ଶିବରାତ୍ରିଦିନ ତାହା ଲୋକଲୋଚନକୁ ଆଣିଲେ । ସେସମୟରେ ଶିବରାତ୍ରି ଦିନ ସମସ୍ତେ ଦେଖୁଥିବା ଅବସ୍ଥାରେ ସ୍ୱାମୀଙ୍କ ମୁଖରୁ ଲିଙ୍ଗୋଦ୍ଭବ ହେଉଥାଏ । ଶିବରାତ୍ରିର କିଛିଦିନ ପୂର୍ବରୁ ସ୍ୱାମୀଙ୍କ ଶରୀରର ତାପମାତ୍ରା ବଢ଼ିଯାଉଥାଏ ଓ ସେ ଅସୁସ୍ଥ ହେଇ ଯାଉଥାନ୍ତି । ଶିବରାତ୍ରିଦିନ ସନ୍ଧ୍ୟା ପ୍ରାୟ ୬.୩୦ରେ ତାଙ୍କର ଅସ୍ୱସ୍ତିବୋଧ ଆରମ୍ଭ ହୁଏ । ଏକ ଚୌକି ଉପରେ ବସି ସେ ଶରୀରକୁ ଏ ପାଖରୁ ସେ ପାଖକୁ ଝୁଲାଉଥା'ନ୍ତି ଓ ମଝିରେ ମଝିରେ ପାଣି ପିଉଥାନ୍ତି, ଯାହା ଫଳରେ ଶରୀରର ଅଭ୍ୟନ୍ତରରୁ କଣ୍ଠଦେଶ ଦେଇ ଲିଙ୍ଗ ଅନାୟାସରେ ଉଦ୍ଭବ ହୋଇପାରିବ । ସମସ୍ତଙ୍କ ମୁଖମଣ୍ଡଳରେ ଉଦ୍‌ବେଗର ଛାପ ରହୁଥାଏ । ସମସ୍ତେ ପ୍ରାର୍ଥନା କରୁଥା'ନ୍ତି, ଭଜନ ଉଦ୍ଦାମ ଗତିରେ ଚାଲୁଥାଏ । ଆଜିକାଲି ସ୍ୱାମୀ ଲିଙ୍ଗୋଦ୍ଭବ ବନ୍ଦ କରିଦେବା ଗୋଟିଏ ଦୃଷ୍ଟିରୁ ଭଲ ହୋଇଛି, କାରଣ ତାହା ତାଙ୍କ ପାଇଁ ଖୁବ୍ ଯନ୍ତ୍ରଣାଦାୟକ ହେଉଥିଲା । ମୁଁ ପାଖରେ ବସି ତାଙ୍କ ସମ୍ମୁଖରେ ଥିବା ଗିଲାସରେ ଥରକୁ ଥର ପାଣି ଭରୁଥାଏ । ଲିଙ୍ଗ କଣ୍ଠଯାଏ ଆସିଯାଇଛି ବୋଲି ଅନୁଭବ କରିବାମାତ୍ରକେ ସେ ତାଙ୍କ ରୁମାଲ୍ ପାଟି ପାଖରେ ଦେଉଥାନ୍ତି ଏବଂ ସେହି ସମୟରେ ତାହା ମୁଖ ଦେଇ ନିର୍ଗତ ହେଉଥାଏ । ଥରେ ମୁଁ ଦେଖିଛି, ତାଙ୍କ ମୁଖରୁ ନ'ଟା ଲିଙ୍ଗ ଗୋଟିକ ପରେ ଗୋଟିଏ ଉଦ୍ଭବ ହୋଇଥାଏ ! ସେଗୁଡ଼ିକୁ ତାଙ୍କ ସାମ୍ନାରେ ଥିବା ଟେବୁଲ୍ ଉପରେ ଏକ ପ୍ଲେଟରେ ରଖାଯାଏ । ଲିଙ୍ଗଗୁଡ଼ିକ ସଂକୀର୍ଣ୍ଣ କଣ୍ଠନଳୀ ଦେଇ ନିର୍ଗତ ହେବା ସମୟରେ ବେଳେ ବେଳେ କଣ୍ଠରୁ ରକ୍ତ ବାହାରେ । ମୁଖଗହ୍ୱର ଦେଇ ଲିଙ୍ଗଗୁଡ଼ିକ ଆସିବା ସମୟରେ ତାଙ୍କ ପାଟିକୁ ଦୁଇ ପାଖରୁ ଭଲଭାବେ ଟାଣି ମେଲେଇବାକୁ ହୋଇଥାଏ । ସଭାମଞ୍ଚ ଉପରେ ତୋଫା ତୋଫା ଆଲୁଅ ମଧ୍ୟରେ ସମସ୍ତେ ଦେଖୁଥିବା ଅବସ୍ଥାରେ ଏହା ହେଉଥିବାରୁ ଲୋକେ ଭଲଭାବେ ଦେଖିବା ପାଇଁ ଆଗକୁ ମାଡ଼ି ଆସୁଥାନ୍ତି ଓ ଲିଙ୍ଗୋଦ୍ଭବ ଦର୍ଶନ କରି ଆନନ୍ଦରେ ଚିତ୍କାର କରି ନାଚୁଥା'ନ୍ତି । ସେଦିନ ଅସମ୍ଭବ ଭିଡ଼ ହୋଇଥାଏ କାରଣ ଲିଙ୍ଗୋଦ୍ଭବ ଦର୍ଶନ ଅତ୍ୟନ୍ତ ବିରଳ ବୋଲି ସମସ୍ତଙ୍କର ବିଶ୍ୱାସ ଥାଏ । ବର୍ତ୍ତମାନ ସ୍ୱାମୀ ତାହା ବନ୍ଦ କରି ଦେଇଛନ୍ତି । ସେ ସର୍ବସାଧାରଣରେ ତାହା କରିବା ଚାହୁଁ ନାହାନ୍ତି । ତେବେ ବର୍ତ୍ତମାନ ମଧ୍ୟ ଶିବରାତ୍ରି ଦିନ ଲିଙ୍ଗୋଦ୍ଭବ ହୁଏ କିନ୍ତୁ ଅଳ୍ପ କେତେଜଣ ମାତ୍ର ତାହା ଜାଣିପାରନ୍ତି । ସେ ଏ ଲିଙ୍ଗଗୁଡ଼ିକୁ କେଉଠେ ରଖନ୍ତି ଓ କାହାକୁ ଦିଅନ୍ତି, ତାହା କେହି ଜାଣନ୍ତି ନାହିଁ ।

ସେହିଭଳି ଏକ ଶିବରାତ୍ରି ଦିନ ସ୍ୱାମୀଙ୍କ ବଡ଼ଭାଇ ମଧ୍ୟ ଆସିଥା'ନ୍ତି । ଲିଙ୍ଗୋଦ୍ଭବ ପରେ ସେ ସ୍ୱାମୀଙ୍କ ପଛେ ପଛେ ତାଙ୍କ କକ୍ଷ ମଧ୍ୟକୁ ପ୍ରବେଶ କଲେ । ମୁଁ ସେଠାରେ ଅନ୍ୟ କେତେଜଣଙ୍କ ସଙ୍ଗେ ଥାଏ । ସ୍ୱାମୀଙ୍କ ବଡ଼ଭାଇ କହିଲେ, "ସ୍ୱାମୀ ! ତୁମେ ମୋତେ ସେଦିନ ଏହି ଚିଠି ଲେଖିଥିଲ ଏବଂ ଆଜି ମୁଁ ମୋର ଭୁଲ୍ ବୁଝିପାରୁଛି । ମୁଁ ତୁମକୁ କହିଥିଲି ଯେ ତୁମର ଚିଠି ଲେଖିବା ଠିକ୍ ନଥିଲା । ତୁମେ ସେତେବେଳେ ଲେଖିଥିଲ, 'ତୁମେ ବର୍ତ୍ତମାନ ମୋତେ ବୁଝିପାରିବ ନାହିଁ । ଦିନ ଆସିବ ଯେତେବେଳେ ତୁମେ ବୁଝିବ ଯେ ମୁଁ ତୁମର ନୁହଁ ।' ବର୍ତ୍ତମାନ ସେ ସମୟ ଆସିଛି ।" ସେତେବେଳେ ମୁଁ ସ୍ୱାମୀଙ୍କୁ କହିଲି, "ସ୍ୱାମୀ ! ସେ ଚିଠିଟି ଉପରେ ମୋର ଅଧିକାର ଅଛି !" ସ୍ୱାମୀ ତାଙ୍କୁ ସେ ଚିଠି ମୋତେ ଦେଇଦେବାକୁ କହିଲେ ଏବଂ ତାହା ଥିଲା ଏହି ଶତାବ୍ଦୀର ସବୁଠୁ ମହତ୍ତ୍ୱପୂର୍ଣ୍ଣ ଚିଠି । ମୁଁ ତାହା ପ୍ରକାଶ କରିଛି ।

ତେଣୁ ସ୍ୱାମୀ ଯେତେବେଳେ ଏହି ଗ୍ରାମର ମାତ୍ର ଷୋହଳ ବର୍ଷର ଏକ ବାଳକ, ସେତେବେଳେ ସେ କହିଥିଲେ ଯେ ତାଙ୍କୁ ଜାଣିହେବ ନାହିଁ ଏବଂ ତାଙ୍କୁ ଜାଣିବାର ଏକମାତ୍ର ଉପାୟ ହେଲା ନିଜକୁ ଜାଣିବା । ତୁମେ ଯେତେବେଳେ ନିଜକୁ ଜାଣିପାରିବ, ସେତେବେଳେ ବୁଝିପାରିବ ଯେ ତୁମେ ପ୍ରକୃତରେ ଦିବ୍ୟାତ୍ମସ୍ୱରୂପ । ଶରୀର ଏକ ଲୌହ ସିନ୍ଧୁକ ଯାହା ମଧ୍ୟରେ ହୀରା ରଖାଯାଏ । ତେଣୁ ଶରୀର ଗୁରୁତ୍ୱପୂର୍ଣ୍ଣ ନୁହଁ । ଆକର୍ଷଣୀୟ ଶିଳ୍ପକଳାରେ ଏକ ମସ୍ତବଡ଼ ଗୀର୍ଜାଘର ନିର୍ମାଣ କରାଯାଇପାରେ । ତେବେ ସେହି ଗୀର୍ଜା ଘରର ମହତ୍ତ୍ୱ କାହିଁକି ? ଭିତରେ ଥିବା ଈଶ୍ୱରଙ୍କ ପୂଜା ମନ୍ଦିର ପାଇଁ । ତାହା ଏକ ପୁରାତନ ଅର୍ଦ୍ଧଭଗ୍ନ ଗୀର୍ଜାଘର ହୋଇପାରେ କିମ୍ବା ଏକ ଅନାମଧେୟ ମନ୍ଦିର ହୋଇପାରେ, ତଥାପି କିନ୍ତୁ ତାର ଗୁରୁତ୍ୱ ରହିଛି, ଯେହେତୁ ତା' ଭିତରେ ଭଗବାନ ପୂଜା ପାଉଛନ୍ତି । ସେହିଭଳି ଆମମାନଙ୍କ ପ୍ରାଧାନ୍ୟ କାହିଁକି ? ଆମମାନଙ୍କ ମଧ୍ୟରେ ଥିବା ଈଶ୍ୱରଙ୍କ ଯୋଗୁ । ତେଣୁ ଭିତରର ଭଗବାନଙ୍କୁ ପ୍ରଥମେ ଜାଣ, ସେତେବେଳେ ବାହାରର ଭଗବାନଙ୍କୁ ଏବଂ ଯେଉଁ ଭଗବାନ ତୁମେ ତାଙ୍କର ଦର୍ଶନ ଲାଭ କରି ଜୀବନକୁ ଚରିତାର୍ଥ କରିବ ବୋଲି ନରଦେହ ଧାରଣ କରି ଆସିଛନ୍ତି, ତାଙ୍କୁ ଜାଣିପାରିବ । ସ୍ୱାମୀ ଯେ ଭଗବାନ୍, ତାହା ଆମେ କିମିତି ଜାଣିବା ? ଭଗବାନଙ୍କଠେ କି କି ଯୋଗ୍ୟତା ଥାଏ ? ସେ ସର୍ବଜ୍ଞ ହୋଇଥିବେ, ସର୍ବଶକ୍ତିମାନ ହୋଇଥିବେ ଓ ଆହୁରି ଅନେକ କିଛି ହୋଇଥିବେ । ଭଗବାନଙ୍କଠେ ତୁମେ ଯେଉଁ ସବୁ ଲକ୍ଷଣ ଆଶା କରୁଛ, ସେ ସମସ୍ତ ଲକ୍ଷଣ ସ୍ୱାମୀଙ୍କଠେ ଅଛି ।

କାଲିଫୋର୍ଣ୍ଣିଆରେ ଜୋୟେଲ୍ ରୟଡ଼ନ୍ ନାମକ ଏକ ଚଳଚ୍ଚିତ୍ର କଥାକାର ଥା'ନ୍ତି । ସେ ଏକ ସାଇଭକ୍ତଙ୍କୁ ବିବାହ କଲେ କିନ୍ତୁ ବିବାହ ସମୟରେ ତାଙ୍କ ପତ୍ନୀ ଯେ ଜଣେ ସାଇଭକ୍ତ, ତାହା ସେ ଜାଣି ନଥାନ୍ତି । ବିବାହ ପରେ ତାଙ୍କ ସ୍ତ୍ରୀ ଘରକୁ ଏକ ସାଇଙ୍କ ଛବି ନେଇ ଆସିଲେ । ସେମାନଙ୍କ ଘରେ ସାଇଙ୍କ ଛବି ଦେଖିବା ମାତ୍ରକେ ଜୋୟେଲ ଚିତ୍କାର

କରି ଉଠିଲେ, "ୟା'କୁ ବାହାରେ ଫିଙ୍ଗି ଦିଅ ।" ତାଙ୍କ ପତ୍ନୀ କହିଲେ, "ତାହା ଅସମ୍ଭବ ।" ଜୋୟେଲ୍ ମୋତେ ଲେଖିଥା'ନ୍ତି, "ମୁଁ ଗୋଟିଏ କୋଠରୀରୁ ଅନ୍ୟ ଗୋଟିଏ କୋଠରୀକୁ ତା' ପଛେ ପଛେ ଯାଇ ତାକୁ ଅନେକ ବୁଝେଇଲି ଏବଂ ଶେଷରେ ଯୁଦ୍ଧର ସେନାପତି ଏକ ସୈନିକଙ୍କୁ ଧମକ ଦେବାଭଳି ତାକୁ ସାଇବାବାଙ୍କୁ ଛାଡ଼ିଦେବା ପାଇଁ କହିଲି ।" ସେ ଛିଡ଼ା ହୋଇ ତା ସ୍ୱାମୀଙ୍କୁ କହିଲା, "ସ୍ୱାମୀଙ୍କୁ ଛାଡ଼ି ଦେବା ପାଇଁ ତୁମେ ମୋତେ କିମିତି କହି ପାରୁଛ ? ତାଙ୍କ ସମ୍ବନ୍ଧରେ ତୁମେ କିଛି ଜାଣି ନାହଁ । ତାଙ୍କୁ କେବେ ତୁମେ ଦେଖି ନାହଁ । ସାଇବାବାଙ୍କୁ କେନ୍ଦ୍ର କରି ମୋ ଜୀବନରେ ଅନେକ ଅନୁଭୂତି ଅଛି । ଆମ ଘରେ ମୋ ମା ଓ ଆମେ ସମସ୍ତେ ତାଙ୍କୁ ପୂଜା କରୁ । ତାଙ୍କ ସମ୍ବନ୍ଧରେ କିଛି ନଜାଣି ତୁମେ କିମିତି ମୋତେ କହୁଛ ଯେ ମୁଁ ତାଙ୍କୁ ଛାଡ଼ିଦିଏ ?" ସେ ଯାହା କହୁଥିଲା ତାହା ଠିକ୍ ଓ ଯୁକ୍ତିଯୁକ୍ତ ମନେ ହେଉଥାଏ । ତେଣୁ ଜୋୟେଲ୍ କହିଲେ, "ଠିକ୍ ଅଛି, ଥରେ ଯାଇ ତାଙ୍କୁ ଦେଖି ଆସିବା ।" ସେ ତାଙ୍କରି ଭଳି ଚିନ୍ତାଧାରା ଥିବା ତାଙ୍କର କେତେକ ସାଙ୍ଗଙ୍କୁ କହିଲେ, "ମୁଁ ଭଗବାନଙ୍କୁ ଦେଖିବାକୁ ଭାରତ ଯାଉଛି !" ତାଙ୍କ ସାଙ୍ଗମାନେ ପଚାରିଲେ, "ଭଗବାନଙ୍କୁ ଭେଟିବ ? ତାଙ୍କୁ ତୁମେ କ'ଣ ମାଗିବ ?" ସେ କହିଲେ, "ଦେଖ, ଏଇ ଯେ ଭଗବାନ ଯାହାଙ୍କୁ ମୁଁ ଭେଟିବାକୁ ଯାଉଛି, ସେ କାଳେ ଘଡ଼ି, ମୁଦି ଓ ଦେହରେ ପିନ୍ଧିବା ପାଇଁ ଡେଉଁରିଆ ଆଦି ସୃଷ୍ଟି କରିଦିଅନ୍ତି । କିନ୍ତୁ ମୁଁ ଜାଣେ, ଏସବୁ ହାତସଫେଇ । ତାଙ୍କ ମୁଣ୍ଡରେ ଗୋଛାଏ ବାଳ, ମୋର ସନ୍ଦେହ ହୁଏ, ସେ ଏସବୁ ତାଙ୍କ ବାଳ ଭିତରେ ଲୁଚେଇ ରଖିଥା'ନ୍ତି । ତାଙ୍କ ପୋଷାକ ତାଙ୍କ ଦୁଇ ହାତକୁ ପୂରା ଘୋଡ଼େଇ ରଖିଥାଏ । ହୁଏତ ତା' ଭିତରେ କିଛି ରଖୁଥିବେ । ତେଣୁ ମୁଁ ତାଙ୍କୁ ଏକ ଇନ୍ଦ୍ରଧନୁ ମାଗିବି । ସେ ତ ଆଉ ଇନ୍ଦ୍ରଧନୁକୁ ବାଳ ଭିତରେ ବା ସାର୍ଟ ଭିତରେ ଲୁଚେଇ ରଖିପାରିବେ ନାହିଁ ।" ତାହା ଶୁଣି ତାଙ୍କର ଆଉ ଜଣେ ସାଙ୍ଗ ତାଙ୍କୁ ଥଟ୍ଟାରେ କହିଲେ, "ହଁ, ଇନ୍ଦ୍ରଧନୁ ପରେ ତାଙ୍କୁ ସୁନା ଭରି ରହିଥିବା ଏକ କଳସ ମାଗିବ ।"

ସେ ଆଉ ସାତ, ଆଠଜଣଙ୍କୁ ସାଙ୍ଗରେ ନେଇ ଏଠାକୁ ଆସିଥା'ନ୍ତି ଏବଂ ସେ ସମୟରେ ଏଠାରେ ସ୍ୱତନ୍ତ୍ର କକ୍ଷ ବା ଫ୍ଲାଟ୍‌ର ବ୍ୟବସ୍ଥା ନଥାଏ । ତାଙ୍କୁ ପୁରୁଣା ଡାକ୍ତରଖାନାରେ ରହିବାକୁ ଦିଆଗଲା । ଯାଗାଟି ଅପିରଷ୍କାର ଥାଏ କିନ୍ତୁ ସେ ତାଙ୍କର ସ୍ତ୍ରୀକୁ ଦେଖି ସେଠାରେ ରହିବାକୁ ରାଜି ହେଲେ । ସେ ଏକ ସିଗାରେଟ୍ ଜଳେଇବାକୁ ଚାହିଁଲେ, କେହି ଜଣେ ତାଙ୍କୁ କହିଲା, "ନା, ଏଠେ ନୁହଁ ।" ତେଣୁ ସେ ତାଙ୍କ ସ୍ତ୍ରୀକୁ ସାଙ୍ଗରେ ନେଇ ଡାକ୍ତରଖାନା ପଛରେ ଥିବା ପାହାଡ଼ ଉପରକୁ ଚଢ଼ିଗଲେ ଓ ସେଠାରେ ଏକ ପଥର ଉପରେ ବସି ସିଗାରେଟ୍ ଟାଣିଲେ । ଅକସ୍ମାତ୍ ସେ ସେଠାରେ ଦେଖିଲେ, ଅପରାହ୍ଣ ଚାରିଟାରେ ପୂର୍ବାକାଶରେ ଏକ ଇନ୍ଦ୍ରଧନୁ ! କେଉଁଠାରେ ସାମାନ୍ୟ ମେଘ ମଧ୍ୟ ନଥାଏ, ଅଥଚ ଇନ୍ଦ୍ରଧନୁ ! ତାହା କିନ୍ତୁ ସାଧାରଣରେ ଇନ୍ଦ୍ରଧନୁ ଯେଭଳି ଦିଶେ, ସେଭଳି ଦିଶୁ ନଥାଏ । ଆକାଶରେ

ତୀର୍ଯ୍ୟକ୍ ଭାବେ ନ ଦିଶି, ସିଧା ଦିଶୁଥାଏ । ତାକୁ ଇନ୍ଦ୍ରଧନୁ ନକହି ଇନ୍ଦ୍ରଶର କହିବା ଠିକ୍ ହେବ । ଖୁବ୍ ବିସ୍ମୟକର ମନେ ହେଉଥାଏ । ଯାହାକୁ ପଦାର୍ଥ ବିଜ୍ଞାନ ବୁଝେଇ ପାରିବ ନାହିଁ ଏବଂ ଇତିହାସ କେବେ ଦେଖି ନାହିଁ ! ସେମାନେ କିଛି ମିନିଟ୍ ଯାଏ ସେ ଦୃଶ୍ୟ ଦେଖିଲେ, ତାପରେ ତାହା ତଳୁ ଉପରଯାଏ ଧୀରେ ଧୀରେ ଅଦୃଶ୍ୟ ହୋଇଗଲା । ସେ ପରେ କହିଲେ, "ମୋତେ ସ୍ୱାମୀ ବୋକା ବନେଇ ଦେଲେ । ମୁଁ ଏକ ଇନ୍ଦ୍ରଧନୁ ଚାହୁଁଥିଲି ଏବଂ ସେ ମୋତେ ଏଭଳି ଏକ ଇନ୍ଦ୍ରଧନୁ ଦେଲେ ଯାହା ମୁଁ ପୂର୍ବେ କେବେ ଦେଖି ନଥିଲି ।"

କାଲିଫୋର୍ଣ୍ଣିଆରେ ସେ ଯେତେବେଳେ ତାଙ୍କ ସ୍ତ୍ରୀକୁ ସ୍ୱାମୀଙ୍କ ଛବି ଫିଙ୍ଗିଦେବାକୁ କହିଥିଲେ, ସେତେବେଳେ ସେ "ବାବାଙ୍କ ଛବି ଫିଙ୍ଗି ଦିଅ" ବୋଲି କହି ନଥିଲେ । କହିଥିଲେ, "ସେ ଜଙ୍ଗ୍‌ଲୀର ଛବି ଫିଙ୍ଗି ଦିଅ ।" ପ୍ରଶାନ୍ତିନିଲୟମ୍‌ରେ ସେ ସେଦିନ ଇନ୍ଦ୍ରଧନୁ ଦେଖିବା ପରେ ଆସି ପୁରୁଷମାନଙ୍କ ଦର୍ଶନ ଧାଡ଼ିରେ ବସିଲେ । ସେ ସମୟରେ ସ୍ୱାମୀ ସାଇଗୀତା ହାତୀକୁ କିଛି ଖୁଏଇବା ପାଇଁ ସାମାନ୍ୟ ଆଗରୁ ଆସୁଥା'ନ୍ତି । ଭକ୍ତମାନେ କଦଳୀ ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ଧରି ଆଗ ଧାଡ଼ିରେ ବସୁଥା'ନ୍ତି ଏବଂ ସ୍ୱାମୀ ସେଗୁଡ଼ିକୁ ନେଇ ସାଇଗୀତାକୁ ଖୁଆଉଥା'ନ୍ତି । ସ୍ୱାମୀଙ୍କ ହାତରୁ ଖାଇ ସାଇଗୀତା ବେଶ୍ ଖୁସି ହେଉଥାଏ । ଜୋୟେଲ୍ ଲେଖନ୍ତି, "ସେଦିନ ସ୍ୱାମୀ ଦର୍ଶନ ଧାଡ଼ି ମଝି ଦେଇ ଆସିଲେ । ମନେ ହେଲା ତାଙ୍କ ପାଦ ଭୂମି ଉପରେ ପଡୁ ନଥାଏ । ସେ ନୃତ୍ୟ କରିବା ଢଙ୍ଗରେ ସିଧା ମୋ' ପାଖକୁ ଆସି କହିଲେ, "ଆରେ ଜଙ୍ଗଲୀ, କେମିତି ଅଛ ?" ପରଦିନ ସକାଳେ ସେମାନଙ୍କୁ ଇଣ୍ଟରଭ୍ୟୁ ପାଇଁ ଡକା ହେଲା । ସ୍ୱାମୀ ତାଙ୍କୁ ପଚାରିଲେ, "ଇନ୍ଦ୍ରଧନୁ କିମିତି ଲାଗିଲା ?" ଏହି ଅନୁଭୂତି ପରେ ସେ ଆଉ କିଛି ଦିନ ପୁଟପର୍ତ୍ତିରେ ରହିଗଲେ । ସ୍ୱାମୀ ତାଙ୍କୁ ଖୋଜି ପଚାରୁଥା'ନ୍ତି, "ସେ ଇନ୍ଦ୍ରଧନୁ ମଣିଷ କେଉଠେ ଅଛି ?" ସେଂ କାଲିଫର୍ଣ୍ଣିଆରେ ଯାହା କହିଥିଲେ ତାହା ସ୍ୱାମୀ ଶୁଣିପାରିଲେ, ତାଙ୍କ ଇଚ୍ଛା କ'ଣ ଜାଣିପାରିଲେ ଏବଂ ମୁକ୍ତ ଆକାଶରେ ତାଙ୍କ ପାଇଁ ଏକ ଇନ୍ଦ୍ରଧନୁ ସୃଷ୍ଟି କରିଦେଲେ । ସେ ଥଟ୍ଟାରେ କହିଥା'ନ୍ତି, "ସେ ଇନ୍ଦ୍ରଧନୁକୁ ତାଙ୍କ କେଶଗୁଚ୍ଛ ମଧ୍ୟରେ ଲୁଚେଇ ପାରିବେ ନାହିଁ, ତେଣୁ ମୁଁ ତାଙ୍କୁ ଇନ୍ଦ୍ରଧନୁ ସୃଷ୍ଟି କରି ଦେବାକୁ କହିବି ।" ତେବେ ତାଙ୍କୁ ଏଠାକୁ ଆଣି ତାଙ୍କ ମଧ୍ୟରେ ସଂସ୍କାର ଆଣିବା ପାଇଁ ସ୍ୱାମୀଙ୍କୁ ଏହା ଆବଶ୍ୟକ ଥିଲା । ଜୋୟେଲ ଲେଖନ୍ତି ଯେ ସେ ସ୍ୱାମୀଙ୍କୁ କିଛି ସଦ୍ୟବସ୍ତୁ ସୃଷ୍ଟି କରିବାକୁ ଅନୁରୋଧ କରିଥିଲେ ଓ ସ୍ୱାମୀ ତାଙ୍କୁ ଏଇମାତ୍ର ତୋଳି ଆଣିଥିବା ମୁଠାଏ କୋଳି ସୃଷ୍ଟି କରି ଦେଇଥିଲେ ଏବଂ ସେହି ଋତୁରେ ସେ କୋଳି ଫଳି ନଥାଏ ।

❖❖❖

୨୧
କଳିଯୁଗ ଅବତାର

ଆମେ 'ଅସତୋ ମା ସଦ୍‌ଗମୟ' ଅର୍ଥାତ୍ ମୋତେ ଅସତ୍‌ରୁ ସତ୍‌କୁ ନେଇଯାଅ କହି ପ୍ରାର୍ଥନା କରିଥାଉ । ତେବେ ଆମେ ଯାହାକୁ ଅସତ୍ କହୁ ତାହା ପ୍ରକୃତରେ ଅସତ୍ ନୁହଁ, କାରଣ ଯାହାକୁ ମାୟା କୁହାଯାଏ ତାହା ବାସ୍ତବରେ ପରମାତ୍ମାଙ୍କର ଏକ ଲକ୍ଷଣ ବିଶେଷ । ସେହି ଏକ ପରମାତ୍ମା ଅନେକ ହୋଇ ପ୍ରତିଭାତ ହୁଅନ୍ତି । ସେ ଅନେକ ହୁଅନ୍ତି କାହିଁକି ? କାରଣ ଏହା ତାଙ୍କର ଲୀଳା । ବ୍ରହ୍ମ କୁହନ୍ତୁ ବା ଭ୍ରମ କହନ୍ତୁ, ଯେହେତୁ ଭଗବାନଙ୍କ ଭିନ୍ନ ଅନ୍ୟ କିଛି ନାହିଁ, ତେଣୁ ମାୟା ମଧ୍ୟ ତାଙ୍କର ସଙ୍କଳ୍ପପ୍ରସୂତ କହିବା ଠିକ୍ । ଏହା ତାଙ୍କର ମହାମାୟା । ଗୀତାରେ ଶ୍ରୀକୃଷ୍ଣ କହନ୍ତି, 'ମମ ମାୟା' ଅର୍ଥାତ୍ ମୋର ମାୟା । 'ମମ ମାୟା ଦୂରତ୍ୟୟ' ଅର୍ଥାତ୍ ମୋର ମାୟାକୁ ଲଂଘିବା ଦୁଃସାଧ୍ୟ ଅଟେ । ତେଣୁ ଏହା ଭଗବାନଙ୍କ ଦ୍ୱାରା ସୃଷ୍ଟ । ମାୟା ଏକ ବିଦ୍ୟାଳୟ ଭଳି । ଏହା ଆମକୁ ଆକୃଷ୍ଟ କରି ଶିକ୍ଷା ଦେଇଥାଏ । ଆପଣ ଏହି ଶିକ୍ଷାଲାଭ କରନ୍ତି ଯେ ଯାହା ଦୃଶ୍ୟମାନ ତାହା ଅସତ୍, ଆପଣ ତାହାଦ୍ୱାରା ଭ୍ରମିତ ହୋଇଥା'ନ୍ତି । ଏସବୁର ଉର୍ଦ୍ଧ୍ୱରେ ଅନ୍ୟ କିଛି ଅଛି ଯାହା ଅନ୍ୱେଷଣ କରିବା ଆବଶ୍ୟକ । କୌଣସି ଅଭିନେତା ଓଥେଲୋ ବା ହାମ୍‌ଲେଟ୍‌ର ଭୂମିକାରେ ଅଭିନୟ କରିବା ସମୟରେ ଆମେ ଧରିନେଉ ଯେ ସେ ହିଁ ଓଥେଲୋ ବା ହାମ୍‌ଲେଟ୍ । ସେହି ପାତ୍ରଧାରୀ ଆମ ମଧ୍ୟରେ ସେ ଭ୍ରମ ସୃଷ୍ଟି କରନ୍ତି । ସେହି ପାତ୍ରର ପରିବେଶ ଓ ପରିସ୍ଥିତିକୁ ଦେଖି ଆମେ ମଧ୍ୟ ଭାସିଯାଉ । ଏହା ଏକ ମସ୍ତବଡ଼ ପ୍ରତାରଣା । ସ୍ୱାମୀ କହନ୍ତି, କୌଣସି ଚଳଚ୍ଚିତ୍ରରେ ବିଷାଦବ୍ୟଞ୍ଜକ ପାତ୍ରରେ ଅଭିନୟ କରୁଥିବା ଅଭିନେତା ବା ଅଭିନେତ୍ରୀ ଅଶ୍ରୁତର୍ପଣ କରୁଥାଏ କିନ୍ତୁ ତା ଆଖିରୁ ଝରୁଥିବା ଅଶ୍ରୁ କୃତ୍ରିମ ଥାଏ । ତେବେ ତାର ସେହି କୃତ୍ରିମ ଅଶ୍ରୁକୁ ଦେଖି ଆମେ ବାସ୍ତବରେ ଅଶ୍ରୁ ଝରେଇଥାଉ । ସେ କାନ୍ଦିବାର ଛଳନା କରି ପଇସା ରୋଜଗାର କରେ ଏବଂ ତାର ମିଛ କାନ୍ଦକୁ ଦେଖି ଆମେ ସତରେ କାନ୍ଦିବା ପାଇଁ ପଇସା ଖର୍ଚ୍ଚ କରୁ ! ରାମାୟଣ ଉପରେ ଆଧାରିତ କୌଣସି ଚଳଚ୍ଚିତ୍ରରେ ରାମ ଓ ସୀତାଙ୍କ ମଧ୍ୟରେ ସମ୍ବାଦ ଲୋକେ ପରଦା ଉପରେ ଦେଖନ୍ତି ଏବଂ ସେମାନେ ଯେତେବେଳେ ପ୍ରେକ୍ଷାଳୟରୁ ବାହାରି ଆସନ୍ତି ସେତେବେଳେ କହନ୍ତି, 'ଏନ୍.ଟି. ରାମାରାଓ ଅଞ୍ଜଳୀଦେବୀଙ୍କୁ ଏହା କହିଲେ' । ଚଳଚ୍ଚିତ୍ର ଶେଷ ହେବା ପରେ ସେମାନେ ତାରକ-ତାରିକାଙ୍କୁ ଚିହ୍ନନ୍ତି ଏବଂ ସତ୍ୟ କ'ଣ ଜାଣନ୍ତି !

ଏହି ସଂସାର ଏକ ବିଦ୍ୟାଳୟ ଭଳି ଯେଉଁଠାରେ ଆମେ ଜୀବନର କେତେକ ପ୍ରାଥମିକ ବିଷୟ ଶିଖିଥାଉ, ଯାହା ଫଳରେ ଆମେ ଉଚ୍ଚତର ଶିକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରିପାରୁ । ପ୍ରଥମେ ଆପଣ ସଂସାରକୁ ସତ୍ୟ ମନେ କରନ୍ତି ଏବଂ ଧୀରେ ଧୀରେ ଜାଣିପାରନ୍ତି ଯେ ଏହା ଯେତିକି ସତ୍ୟ ମନେହୁଏ, ସେତିକି ସତ୍ୟ ନୁହେଁ । ଏହା କେବଳ ଏକ ଆପେକ୍ଷିକ

ସତ୍ୟ । ତା'ପରେ ଆପଣ ଉଚ୍ଚତର ଶିକ୍ଷା ପାଇଁ ଆଗଭର ହୁଅନ୍ତି ଓ ସତ୍ୟ କ'ଣ ଜାଣି ପାରନ୍ତି । ଏହି କଥା ମୁଁ ଗୋଟିଏ ଛୋଟ ଝିଅଠାରୁ ଶିକ୍ଷା କରିଥିଲି । ସେ ମୋତେ ଏକ ପତ୍ର ଲେଖିଥାଏ ଏବଂ ସେହି ପତ୍ର ପଢ଼ି ମୁଁ ଏହି ଚରମ ସତ୍ୟର ପ୍ରକୃତ ବ୍ୟାଖ୍ୟା ପାଇଲି ।

କାନାଡ଼ାରୁ ଜଣେ ମା ତାଙ୍କର ସାତ ବର୍ଷର ଝିଅକୁ ନେଇ ଏଠାକୁ ଆସିଥିଲେ । ଝିଅଟି ଏଠାରେ ଆଦୌ ଖୁସି ନଥାଏ । ପିଲାମାନେ ଯେଉଁ ସ୍ଥାନକୁ ଭଲ ପା'ନ୍ତି ନାହିଁ ବା ଯେଉଁ ସ୍ଥାନର ମହତ୍ତ୍ୱ ଜାଣି ପାରନ୍ତି ନାହିଁ, ସେମାନଙ୍କୁ ସେଠାକୁ ନେବା ହିଁ ଭୁଲ । ସେମାନେ ସେମାନଙ୍କର ଏକ ଦୁନିଆରେ ରହିଥା'ନ୍ତି ଏବଂ ସେମାନଙ୍କୁ ସେମାନଙ୍କର ଦୁନିଆରେ ରହିବାକୁ ଦେବା ହିଁ ଠିକ୍ । କିନ୍ତୁ ଏଇ ମା ତାଙ୍କ ଝିଅକୁ ନେଇ ଏଠାକୁ ଆସିଥା'ନ୍ତି ଓ ସେ ଝିଅ ତା' ମା'ଙ୍କ ଉପରେ ଏବଂ ଏଠାରେ ଅନ୍ୟ ସମସ୍ତଙ୍କ ଉପରେ ବିରକ୍ତ ହେଉଥାଏ । ସେ ତାର ମା'ଙ୍କୁ ଏହି ସ୍ଥାନର ପ୍ରଶାନ୍ତ ପରିବେଶକୁ ଉପଭୋଗ କରିବାର ସୁଯୋଗ ମଧ୍ୟ ଦେଉ ନଥାଏ । ଝିଅଟି ଭାବୁଥାଏ ଯେ ସେ ଯାହା ସବୁ ଭଲପାଏ, ସେସବୁଠୁ ତାକୁ ଦୂରକୁ ନେଇ ଆସି ତାର ମା' ତାକୁ ଭଲ ଲାଗୁ ନଥିବା ଏହି ସ୍ଥାନରେ ଛାଡ଼ି ଦେଇଛନ୍ତି । ସେହି ମା ଝିଅକୁ ନେଇ ମୋ ପାଖକୁ ଆସିଥିଲେ ଏବଂ ମୁଁ ଲକ୍ଷ୍ୟ କଲି ଝିଅର ମୁହଁ ରାଗରେ ଲାଲ୍ ହୋଇଯାଇଛି । ସେତେବେଳେ ମୁଁ ଭାବିଲି ଯେ ସେ ଝିଅ ତାର ସମସ୍ତ ଅସନ୍ତୋଷ ନିଜ ମଧ୍ୟରେ ନରଖି, ବାହାରକୁ ପ୍ରକାଶ କରିଦେବା ଭଲ । ମୁଁ ତାକୁ ପଚାରିଲି, "କାହିଁକି ତୁମକୁ ଏ ଯାଗା ଭଲ ଲାଗୁ ନାହିଁ ? କାହିଁକି ତୁମେ ରାଗିଛ ? ଏସବୁର କାରଣ ମୋତେ ଲେଖି ଦିଅ ।" ଝିଅଟି ଏତେ ରାଗି ଯାଇଥାଏ ଯେ ସେ ଏକ ଲାଲ୍ ପେନସିଲ୍ ନେଇ ତାର ସମସ୍ତ କ୍ରୋଧ ଓ ଅସନ୍ତୋଷର କାରଣ ଏକ କାଗଜରେ ଲେଖିଦେଲା । ତାର ସେ ଲେଖା ପଢ଼ି ମୁଁ ମନେ ମନେ ଭାବିଲି, "ସେ ଝିଅ ଭଳି ଆମେ ମଧ୍ୟ ଯଦି ଏହି ସଂସାର ପ୍ରତି ସେତିକି କ୍ରୋଧ ପ୍ରକାଶ କରୁ, ତେବେ ଆମର ଆଧ୍ୟାତ୍ମିକ ଉନ୍ନତିର କିଛି ଆଶା ରହିବ !"

ଆଉ ଏକ ବିସ୍ତାରିତ କ୍ଷେତ୍ରରେ ଆମେ ଏହି କ୍ରୋଧକୁ ପ୍ରୟୋଗ କରିବା । ସଂସାର ପ୍ରତି ଆମର କ୍ରୋଧ ଓ ଅସନ୍ତୋଷ ପ୍ରକାଶ ପାଇବା ଆବଶ୍ୟକ । ଆମକୁ କହିବାକୁ ହେବ : "ଏ ସଂସାର ଅତ୍ୟନ୍ତ ବିରକ୍ତିକର । ମୁଁ ମୋ' ଘରକୁ ଚାଲିଯାଏ । ଖାଦ୍ୟ ଗ୍ରହଣ କରିବା, କ୍ଷୁଧା ଅନୁଭବ କରିବା, ପୁଣି ଥରେ ଖାଦ୍ୟ ଗ୍ରହଣ କରିବା, ନାନାଦି ଦ୍ରବ୍ୟ ସଂଗ୍ରହ କରିବା, ଶୋଇବା, ବସିବା, ଉଠିବା ଓ ସେହି ସେହି କାମ ବାରମ୍ବାର କରିବା – ଏସବୁ ବିରକ୍ତିଦାୟକ । ମୁଁ ଏସବୁ ଧରାବନ୍ଧା କାମରେ ବାନ୍ଧି ହେବାକୁ ଚାହେଁନା । ମୁଁ ମୋ ଘରକୁ ଯିବା ଚାହେଁ ।" ସେ ଝିଅଟି ତା' ଘର କେଉଠେ ଜାଣିଥିଲା କିନ୍ତୁ ଆମେ ତ ଆମ ଘର କେଉଠେ ଜାଣୁନା । ଆମେ ଆମର ନାମ ମଧ୍ୟ ଭୁଲି ଯାଇଛେ ! ଆମକୁ କେହି ଆମର ନାଁ କ'ଣ ପଚାରିଲେ, ଆମେ ଆମ ବାପା-ମା ଆମକୁ ଦେଇଥିବା ନାମ କହିଥାଉ । ବେଳେବେଳେ ଆମେ ଆମ ନାମ ବଦଳେଇ ଦେଉ, ତାକୁ କାଟି ଛୋଟ କରିଦେଉ । ମୋ ବାପା-ମା ମୋତେ ନାଁ

ଦେଇଥିଲେ, "କସ୍ତୁରୀ ରଙ୍ଗନାଥ ଶର୍ମା" । ଏହି ନାମ ଉଚ୍ଚାରଣ କରିବା ମଧ୍ୟ କଷ୍ଟ । ନ'ଟି ଅକ୍ଷରକୁ ନେଇ ଏହା ଏକ ଅଖାଡ୍ତୁଆ ନାଁ । ମୋ ମାକୁ ସେହି ନାମ ଧରି ଡାକିବା ମଧ୍ୟ କଷ୍ଟ ହେଉଥାଏ । ଯେତେବେଳେ ମା'ଙ୍କ ହାତରୁ ମାଡ଼ ଖାଇବା ଆଶଙ୍କା କରେ, ସେତେବେଳେ ସେ ମୋ ପୂରା ନାମ ଧରି ମୋତେ ଡାକିବା ପୂର୍ବରୁ ମୁଁ ସେଠାରୁ ଖସିଯାଏ । ମୁଁ ମୋର ସେହି ନାମକୁ କାଟି କେବଳ କସ୍ତୁରୀ କରିଦେଲି । ପୂର୍ବଜନ୍ମମାନଙ୍କରେ ମୋର କି କି ନାମ ଥିଲା, ତାହା ମୁଁ ଜାଣେ ନାହିଁ । ହଜାର ହଜାର ବର୍ଷ ତଳେ ହୁଏତ ମୋ ନାଁ ଥିଲା ଋଷି, କାରଣ ସେତେବେଳେ ମୁଁ ଏକ ଋଷି ଥିଲି । ମୁଁ ହୁଏତ ସାମ୍ବାଳୁଆ ହୋଇ ଖୋଷା ଭିତରେ ଥିଲି, ତା'ପରେ ଖୋଷାରୁ ବାହାରି ପ୍ରଜାପତି ରୂପେ ଡେଣା ମେଲେଇ ଉଡ଼ିଗଲି । ତେଣୁ ଆମେ ଆମର ପ୍ରକୃତ ନାମ କଣ ଜାଣୁନା । ଆମର ପ୍ରକୃତ ନାମ କ'ଣ ? ସ୍ୱାମୀ ଆମକୁ 'ଦିବ୍ୟାତ୍ମସ୍ୱରୂପୁରାଲା" କହି ଡାକନ୍ତି । ଆମର ପ୍ରକୃତ ନାଁ ହେଲା 'ଆତ୍ମା' । ତୁମେ ପଶୁ, ପକ୍ଷୀ, ପ୍ରଜାପତି, ଅସୁର ବା ମଣିଷ - ଯାହା ହୁଅନା କାହିଁକି, ତୁମେ ସବୁବେଳେ ଆତ୍ମା । ତୁମ ମଧ୍ୟରେ ସବୁବେଳେ ଈଶ୍ୱରଙ୍କର ସେହି ଅଗ୍ନିକଣା ରହିଛି । ଏଥର ତୁମର ପ୍ରକୃତ ଘର କେଉଁଠେ ? ମୁଁ ଭାରତର ପଶ୍ଚିମ ଉପକୂଳରୁ ଆସି ବାଙ୍ଗାଲୋର୍‌ରେ ଏକ ଘର ନେଇ ରହିଲି । ସେଠାରେ ମୁଁ ନ'ଟି ଘର ବଦଳେଇଲି, ନ'ଥର ମୋ ଠିକଣା ବଦଳିଲା । ଶେଷରେ ମୁଁ ସ୍ୱାମୀଙ୍କ ନିକଟକୁ ଆସି ଭାବିଲି, "ଏସବୁ ଘର ସଂସାର କ'ଣ ? ନିହାତି ବିରକ୍ତିକର । ମୁଁ ମୋ' ଭେଳାଟି ଜାଳି ଦେଲି । ଏହା ଆମ ସମସ୍ତଙ୍କ ଘର । ପ୍ରଭୁଙ୍କ କୋଳ ହିଁ ଆମ ପ୍ରକୃତ ଘର ।

ସେ ଝିଅଟି ଲେଖିଥିଲା, "ମୁଁ ଘରକୁ ଯିବାକୁ ଚାହେଁ । ଏଠିକି ଆସିବା ଏହା ମୋର ଶେଷ ଥର ।" ଆମେମାନେ ଏହି ସଂସାରକୁ ପ୍ରଥମ ଥର ଆସିନାହୁଁ । କିନ୍ତୁ ଏହି ଥରଟି ଶେଷଥର ହେବା ଦରକାର । ଏହାହିଁ ଅସତୋ ମା ସଦ୍‌ଗମୟ । ସେ ଝିଅ ଆଉ ଏକ ଅଭିଯୋଗ ଲେଖିଥିଲା, "ଅନ୍ୟମାନେ ଯାହା କରନ୍ତି, ମୁଁ ତାହା କରିବା ଚାହେଁ ନାହିଁ ।" ଆମକୁ ଆମର ଅଦୃଷ୍ଟ ଅନୁଯାୟୀ ବଢ଼ିବାକୁ ଦିଆଯାଏ ନାହିଁ । ଆମେ ଏକ ତୀର୍ଥଯାତ୍ରାରେ ଆସିଛେ, ଅଥଚ ଯେଉଁ ମନ୍ଦିରକୁ ଯିବା ଆମର ଲକ୍ଷ୍ୟ, ସେହି ମନ୍ଦିରକୁ ଯିବାକୁ ଆମକୁ ଦିଆଯାଉନାହିଁ । ଆମ ଉପରେ ଅନେକ ଲୋକଙ୍କର ଅନେକ ପ୍ରକାର ପ୍ରଭାବ ପଡ଼େ । ସ୍ୱାମୀ ପ୍ରଥମେ ତାଙ୍କର ଆବିର୍ଭାବର ରହସ୍ୟ ପ୍ରକଟ କଲେ ନାହିଁ ଏବଂ ଲୋକେ କହିବାକୁ ଲାଗିଲେ ଯେ ତାଙ୍କୁ ଭୂତ ଧରିଛି । ସ୍ୱାମୀ କହିଲେ, "ମୋ ଭକ୍ତମାନେ ମୋତେ ଅପେକ୍ଷା କରିଛନ୍ତି ।" ସେମାନେ କହିଲେ, "ଆମ ଗାଁ ଦାଣ୍ଡରେ ବଢ଼ିଥିବା ଏଇ ପିଲା, ଯା'ର କେଉଠେ ଭକ୍ତ ଅପେକ୍ଷା କରିଛନ୍ତି ?" ଆଜି ମଧ୍ୟ ପୁଟ୍ଟପର୍ତ୍ତିର କେତେକ ବୃଦ୍ଧ କହନ୍ତି, "ମୁଁ ଦେଖିଛି, ବହୁ ବର୍ଷ ତଳେ ଏଇ ବାବା ଗାଁ ଦାଣ୍ଡରେ କୁଦା ମାରୁଥିଲା । ବିଶ୍ୱାସ ହଉନି, ସେହି ବଙ୍କଟେ ଛୁଆ ଆଜି ଏତେ ଲୋକପ୍ରିୟ ହୋଇପାରିଲା !"

ସେ ଝିଅ ଲେଖିଥିଲା, "ଅନ୍ୟମାନେ ଯାହା କରନ୍ତି, ତାହା ମୁଁ କରିବା ଚାହେଁ ନାହିଁ ।" ହଁ, ମୁଁ ମୁଁ ହେବା ଚାହେଁ, ଅଥଚ ସେମାନେ ମୋତେ ମୁଁ ହେବାକୁ ଦିଅନ୍ତି ନାହିଁ । ସମାଜ ମୋ ପାଇଁ ଯେଉଁ ଭୂମିକା ନିର୍ଦ୍ଧାରଣ କରିଛି, ମୋତେ ସେହି ଭୂମିକାରେ ଅଭିନୟ କରିବାକୁ ହେବ, ମୁଁ ଯେଉଁ ସଂସ୍କୃତିରେ ଜନ୍ମ ହୋଇଛି, ସେହି ସଂସ୍କୃତିକୁ ମାନି ଚଳିବାକୁ ହେବ, ମୋର ଗୁରୁଜନମାନେ ଯେମିତି କହୁଛନ୍ତି, ସେମିତି କରିବାକୁ ହେବ । ଭାଷା ଯେତେ ଅସମ୍ପୂର୍ଣ୍ଣ ହେଉ ପଛେ, ମୋର ପିତା-ମାତା ଯେଉଁ ଭାଷାରେ କହନ୍ତି, ସେହି ଭାଷାରେ କହିବାକୁ ହେବ ।

ତାର ଆଉ ଏକ ଅଭିଯୋଗ ଥିଲା, "ଏଠାକାର ଖାଦ୍ୟ ବେଶୀ ମସଲାଦାର, ତାହା ମୋତେ ଭଲ ଲାଗେନା ।" ଆମକୁ ମସଲାଦାର୍ ଜିନିଷ ଦରକାର । ସକାଳର ଖବରକାଗଜରେ ଯଦି କୌଣସି ଡକାୟତି, ରେଳ ଦୁର୍ଘଟଣା, ଗଣହତ୍ୟା, ଅପହରଣ ବା ସେମିତି କିଛି ମସଲାଦାର ଖବର ନଥାଏ, ଆମେ କହୁ, "ଖବରକାଗଜ ନେଇଯାଅ, ଏଥିରେ କିଛି ନାହିଁ ।" ଆମକୁ ମସଲା ଥିବା ଖବର ଦରକାର । ତେବେ ବେଳେବେଳେ ଆମେ ଅନୁଭବ କରୁ ଯେ ମସଲା ବେଶୀ ହୋଇଯାଇଛି । ସେତେବେଳେ ଆମେ କହୁ, "ମୋତେ ଏହା ଭଲ ଲାଗୁନି । ମୋତେ କିଛି ମିଠା, ନରମ, ଭୋକ ସମ୍ଭାଳିବା ଭଳି ଖାଦ୍ୟ ଦିଅ । ସେଭଳି ଖାଦ୍ୟ ମୋର ମନୋବୃତ୍ତିକୁ ନଷ୍ଟ କରୁ ନଥିବ କିମ୍ବା ମୋ ମନରେ ହିଂସାର ଉଦ୍ରେକ କରୁ ନଥିବ । ସ୍ୱାମୀ କହନ୍ତି, ପାଟି ଦେଇ ପେଟକୁ ଯାଉଥିବା ଜିନିଷ କେବଳ ଖାଦ୍ୟ ନୁହଁ । ଆଖି ଖାଦ୍ୟ ଖାଏ, ସବୁ ଇନ୍ଦ୍ରିୟ ଖାଦ୍ୟ ଖା'ନ୍ତି । ସେଗୁଡ଼ିକ ପୁଣି ଆମ ମସ୍ତିଷ୍କ, ହୃଦୟ, ଆମ ଆବେଗ, ଇଚ୍ଛା ଓ ଉତ୍ସାହକୁ ଖାଦ୍ୟ ଯୋଗାନ୍ତି । ବାହାର ଦୁନିଆରୁ ଆମେ ଯାହା କିଛି ଆହରଣ କରୁ, ସେସବୁ ଖାଦ୍ୟ ଏବଂ ସେହି ଖାଦ୍ୟରେ ଯଦି ମସଲା ବେଶୀ ହୋଇଯାଏ, ଆମ ଜୀବନର ଅବସ୍ଥା ଶୋଚନୀୟ ହୋଇପଡ଼େ । ଅସତୋ ମା ସଦ୍‌ଗମୟରେ ମସଲାଦାର ଖାଦ୍ୟ ହେଉଛି ଅସତ୍ ।

ସେ ଝିଅ ଆଉ ଲେଖିଥିଲା, "ମୁଁ ଏଠାକାର ପରିବେଶ ସହ ଅଭ୍ୟସ୍ତ ନୁହଁ । ମୋ ପିତା-ମାତା ପୁଣି ଥରେ ଆସିପାରନ୍ତି କିନ୍ତୁ ମୁଁ ଆସିବିନି । ଏଠାରେ ଏତେ ଦୁର୍ଗନ୍ଧ !" ଆମେ ଦୁର୍ଗନ୍ଧମୟ ପରିବେଶ ସହ ଏତେ ଅଭ୍ୟସ୍ତ ଯେ ଦୁର୍ଗନ୍ଧ ନଥିଲେ ଆମକୁ ଭଲ ଲାଗେ ନାହିଁ । ରାମକୃଷ୍ଣ ପରମହଂସ କେତେକ କେଉଟୁଣୀଙ୍କ ଗପ କହୁଥିଲେ । ଦିନେ ସନ୍ଧ୍ୟାରେ ମାଛ ଟୋକେଇ ଧରି ଗାଁକୁ ଫେରୁଥିବା ସମୟରେ ବାଟରେ ବର୍ଷା ପଡ଼ିବାରୁ ସେମାନଙ୍କୁ ରହିବାକୁ ହେଲା । ସେମାନେ ଜଣଙ୍କ ଘରକୁ ପ୍ରବେଶ କଲେ । ସେହି ଘରର ମାଲିକ ସେମାନଙ୍କୁ ଗୋଟିଏ କମରାରେ ଶୋଇବାକୁ ଅନୁମତି ଦେଲା । ସେହି କମରାଟି ଏତେ ପରିଷ୍କାର ଓ ସୁଗନ୍ଧଯୁକ୍ତ ଥାଏ ଯେ ଏହି କେଉଟୁଣୀମାନଙ୍କୁ ନିଦ ହେଲା ନାହିଁ । ସେମାନେ ଦୁର୍ଗନ୍ଧ ଚାହୁଁଥିଲେ । ତେଣୁ ସେମାନେ ମାଛଝୁଡ଼ିଗୁଡ଼ିକୁ ଭିତରକୁ ଆଣି ନିଜ ପାଖରେ ରଖି

ଶୋଇଲେ । ସେହି ଦୁର୍ଗନ୍ଧ ସେମାନଙ୍କୁ ଆପଣା ଆପଣା ଲାଗିଲା ଓ ସେମାନେ ଆରାମ୍‌ରେ ଶୋଇ ପାରିଲେ । ସଂସାରର ପୂତିଗନ୍ଧମୟ ଆବର୍ଜ୍ଜନାକୁ ଯେ ଆମେ କେତେ ସହ୍ୟ କରୁଛେ, ତାହା ଥରେ ଭାବି ଦେଖନ୍ତୁ । ଆମର କୁକର୍ମ, କଳହ ଓ ଦୁର୍ଗୁଣକୁ ନେଇ ଆମେ ସଂସାରରେ ଦୁର୍ଗନ୍ଧ ସୃଷ୍ଟି କରୁଛେ ଏବଂ ପୃଥିବୀର ସର୍ବନାଶ କରୁଛେ । ଏକ ପୂତିଗନ୍ଧମୟ ସଂସାରରେ ଆମେ ରହୁଛେ !

ସେ ଫେର୍ ଲେଖେ, "ମୋର ନାପସନ୍ଦ କାମ କରିବାକୁ ମୋ ମା ମୋତେ ବାଧ କରେ । ଏତେଗୁଡ଼ିଏ କାମ ମୁଁ କରିବାକୁ ବାଧ ହୋଇଥାଏ ଯେ ମୁଁ ମୋ ପସନ୍ଦର କାମ କରିପାରେ ନାହିଁ ।" ଏହା ଆତ୍ମାର ପ୍ରତିବାଦ । ଆତ୍ମା କିଛି ଏକ ମହତ୍ ଉଦ୍ଦେଶ୍ୟ ନେଇ ସଂସାରକୁ ଆସିଛି । ସ୍ୱାମୀ କହନ୍ତି, ଏହି ଉଦ୍ଦେଶ୍ୟ ହେଉଛି ଘରକୁ ବାହୁଡ଼ି ଯିବା । ଯେଉଁ ଘରେ OM ଶୁଭେ ସେହି ଘରକୁ HOME (ଘର) କୁହାଯାଏ । HOME ଶବ୍ଦରୁ OM ବାହାର କରି ନିଅନ୍ତୁ, ତାହା ହୋଇଯିବ HE ଏବଂ ସେଥିରେ LL ଯୋଡ଼ିଦେଲେ ତାହାହେବ HELL (ନର୍କ) । ସଂସ୍କୃତରେ ଘରକୁ ଭବନ କୁହାଯାଏ । ଏଠାରେ 'ଭ' ଭଗବାନଙ୍କୁ ସୂଚାଏ । ଭବନରୁ 'ଭ' ବାଦ୍ ଦେଇଦେଲେ ରହିଯାଏ 'ବନ' ଅର୍ଥାତ୍ ଅରଣ୍ୟ । ତେଣୁ ଯେଉଁ ଘରେ ଈଶ୍ୱରଙ୍କ ଚର୍ଚ୍ଚା ହୁଏ ନାହିଁ, ପ୍ରାର୍ଥନା ହୁଏ ନାହିଁ, ପୂଜା ମନ୍ଦିର ବୋଲି କିଛି ନଥାଏ, ତାହା ଏକ ଅରଣ୍ୟ । ଆପଣଙ୍କ ଘରେ ଯଦି ଭଗବାନ ନଥାନ୍ତି, ଅର୍ଥାତ୍ ଭଗବାନଙ୍କ ନାମ ବା ଛବି ବା ଭଜନ ବା ସ୍ତୁତି ବା ସତ୍‌ସଙ୍ଗ ନଥାଏ ତାହା ଭବନ ନୁହଁ, ବନ ।

ଘର ମାନେ କ'ଣ ? ସ୍ୱାମୀ କହନ୍ତି, "ଶିଶୁ "କୋଽହମ୍ କୋଽହମ୍" କାନ୍ଦି ଜନ୍ମ ହୁଏ । କୋଽହମ୍ ଅର୍ଥ ମୁଁ କିଏ ? ପରେ ସେ କହେ ଦାସୋଽହମ୍, ଅର୍ଥାତ୍ ମୁଁ ଭଗବାନଙ୍କର ଦାସ, ଭଗବାନ ମୋର ପ୍ରଭୁ ।" ତୁମେ ଯେତେବେଳେ ଏଠାରୁ ଚାଲିଯାଅ, ସେତେବେଳେ ତୁମର ପ୍ରଭୁ ତୁମର ବିଚାର କରନ୍ତି । ସେ ତୁମର ମୂଲ୍ୟାୟନ କରନ୍ତି । ତୁମର ଭଲ ଓ ମନ୍ଦକୁ ମାପି ଦେଖାଯାଏ । ଯଦି ତୁମଠେ କିଛି ଅଭାବ ପରିଲକ୍ଷିତ ହେବ, ତୁମକୁ ସେହି ସ୍ଥାନକୁ ପଠାଯିବ, ଯେଉଠେ ତୁମେ ସବୁ ପ୍ରକାର ସୁଖ ପାଇବ, ଅଥଚ ତୁମର ଆଖିର ପଲକ ପଡ଼ିବନି । ଏହା କିଣ୍ଡରଗାର୍ଟେନ୍ ସ୍କୁଲରେ ମିଳୁଥିବା ସୁଖ ଭଳି । ସେହି ଝିଅ ଭଳି ତୁମେ ପରେ ଅନୁଭବ କରିବ, "ଏସବୁ ବିରକ୍ତିକର, ଖୁବ୍ ମସଲା, ଭାରି ଦୁର୍ଗନ୍ଧ !" ତୁମ ମଧ୍ୟରେ ଏହି ଦିବ୍ୟ ଅସନ୍ତୋଷ ପ୍ରକାଶ ପାଇବ ଏବଂ ତୁମେ ଅନୁଭବ କରିବ ଯେ ତୁମେ ଘର ଛାଡ଼ି ଆସିଛ, ତୁମକୁ ଘରକୁ ଫେରିଯିବାକୁ ହେବ । ସେତେବେଳେ ତୁମେ ତୁମ ଘର ଖୋଜିବା ଆରମ୍ଭ କରିବ ଏବଂ ଶେଷରେ କହିବ, 'ସୋଽହମ୍, ସୋଽହମ୍' ଅର୍ଥାତ୍ ମୁଁ ସେ, ମୁଁ ସେ । ଏହା ଓ ତାହା - ପ୍ରକୃତରେ ତାହା । ତାହା ଯେତେବେଳେ ପାଖକୁ ଚାଲିଆସିଲା, ସେତେବେଳେ ତାକୁ କୁହାଗଲା ଏହା । ତେଣୁ ଏହା ହିଁ ତାହା । ପ୍ରଥମେ ଆମେ ଏହା ଓ ତାହା ଭିନ୍ନ ମନେକରି ଏକ ଯାଗାରେ ଦୁଇ ଦେଖୁ । ପରେ ଏହା ଓ ତାହା ଅଦୃଶ୍ୟ ହୋଇଯାଏ,

ରହିଯାଏ କେବଳ "ସୋଽହମ୍' । SOHAM ଶବ୍ଦର SOରୁ S ଅକ୍ଷର ବାଦ୍ ଦେଲେ ରହୁଛି O ଏବଂ HAMରୁ HAକୁ ବାଦ୍ ଦେଲେ ରହୁଛି M । O ଏବଂ M ମିଶିଲେ ହେଉଛି OM ।

ତୁମେ ସାଂସାରିକ ବ୍ୟାପାରରେ ବ୍ୟାପୃତ ଥିବା ସମୟରେ କାହାକୁ କୁହ 'ଏହା', ଆଉ କାହାକୁ କୁହ, 'ତାହା' । ଅଧିକାଂଶ ସମୟରେ କିନ୍ତୁ କହିଥାଅ 'ଏହା' । ତୁମେ ସ୍ୱପ୍ନ ଦେଖୁଥିବା ସମୟରେ ତୁମ ଇନ୍ଦ୍ରିୟଗୁଡ଼ିକ କାର୍ଯ୍ୟ କରି ନଥାନ୍ତି, କେବଳ ମନ ହିଁ ନିର୍ଦ୍ଦେଶକ, ପରିଚାଳକ, ନାଟ୍ୟକାର ଓ ଲିପିକାର ହୋଇ ତୁମ ମନରେ ଏକ ଅଭିନୟ ମଞ୍ଚସ୍ଥ କରେ । ଏହା ତୁମକୁ ବିଚିତ୍ର ସ୍ଥାନକୁ ନେଇଯାଏ, ଅସମ୍ଭବ ଯୋଗସୂତ୍ର ସ୍ଥାପନ କରେ ଏବଂ ଅବିଶ୍ୱସନୀୟ ପରିସ୍ଥିତି ସୃଷ୍ଟି କରେ । ତୁମେ ସ୍ୱପ୍ନରେ ଗୋଟିଏ ବାଘ ଉପରେ ବସି ଏକ ବୃକ୍ଷ ଚାରିପାଖେ ଘୂରୁଥାଅ ଏବଂ ସେ ବୃକ୍ଷ ମଧ୍ୟ ସ୍ୱପ୍ନର ବୃକ୍ଷ ହୋଇଥାଏ । ବାସ୍ତବରେ ନା ବାଘ ଥାଏ, ନା ବୃକ୍ଷ ଥାଏ ନା ତୁମେ ଚାରିପାଖେ ଘୂରୁଥାଅ । କେବଳ ତୁମ ମନ ତୁମକୁ ବାଘ ପିଠିରେ ବସେଇ ତାର ମଜା ପାଉଥାଏ । ନିଦ୍ରାବସ୍ଥାରେ ମନ ବିଶ୍ରାମ ନେଉଥାଏ, କିନ୍ତୁ ଭାଗ୍ୟକୁ ତୁମର ସ୍ମୃତି ସଜାଗ ଥାଏ ଓ ହୃଦ୍‌ସ୍ପନ୍ଦନ ଚାଲିଥାଏ । ଗାଢ଼ ନିଦରେ ଶୋଇଥିବା ସମୟରେ ଆମର କିଛି ମନେ ରହେ ନାହିଁ କିନ୍ତୁ ନିଦ ଭାଙ୍ଗିବା ପରେ ଶୋଇବା ପୂର୍ବରୁ ଯାହା ହୋଇଥିଲା, ସେସବୁ ଆମର ମନେ ପଡ଼େ । କି ଏକ ଚମତ୍କାର ! ସ୍ୱାମୀ ଏ ସମ୍ବନ୍ଧରେ ଏକ ଗଳ୍ପ କହିଥା'ନ୍ତି । ଥରେ କେତେକ ଚୋର ଚୋରି କରିବା ଆଗରୁ ଭଲ ବେଳା କ'ଣ ଜାଣିବା ପାଇଁ ଏକ ଜ୍ୟୋତିଷ ପାଖକୁ ଗଲେ । ଜ୍ୟୋତିଷ ପାଞ୍ଜି ଦେଖି ଏକ ସମୟ ସ୍ଥିର କଲା । ଚୋରମାନେ ଜ୍ୟୋତିଷକୁ ମଧ୍ୟ ସେମାନଙ୍କ ସଙ୍ଗେ ଆସିବାକୁ କହିଲେ । ସେମାନେ ତାକୁ କହିଲେ, "ତୁ ଯେଉଁ ଗଣନା କରିଛୁ ତାହା ଯଦି ଠିକ୍ ନହୁଏ, ତୋତେ ଶାସ୍ତି ମିଳିବ, ଆଉ ଯଦି ଠିକ୍ ହୁଏ, ତୋର ପାଉଣା ତୋତେ ମିଳିଯିବ ।" ଜ୍ୟୋତିଷ କହିଥିବା ସ୍ଥାନ ଓ ସମୟ ଅନୁଯାୟୀ ସେମାନେ କାନ୍ଥରେ ଏକ କୋରଡ଼ କରି ଘର ଭିତରେ ପ୍ରବେଶ କଲେ ଏବଂ ଦେଖିଲେ ଘରେ ସମସ୍ତେ ଶୋଇ ଯାଇଛନ୍ତି । ସେମାନେ ଗୋଟିଏ ପରେ ଗୋଟିଏ ବଖରା ଭିତରକୁ ଯାଇ ଶେଷରେ ରୋଷେଇ ଘରେ ପଶିଲେ । ସେଦିନ ଏକାଦଶୀ ଥିବାରୁ ଘରେ କିଛି ରନ୍ଧା ଯାଇ ନଥାଏ, କିନ୍ତୁ ପରଦିନ ଯାହା ରନ୍ଧାଯିବ, ସେଥିପାଇଁ ସବୁ ଖାଦ୍ୟ ସାମଗ୍ରୀ ଯୋଗାଡ଼ କରି ରଖାଯାଇଥାଏ । ଜ୍ୟୋତିଷ ଥିଲା ବ୍ରାହ୍ମଣ - ରାନ୍ଧିବା, ଖାଇବା ଓ ପରଶିବାରେ ଓସ୍ତାଦ୍ । ତେଣୁ ସେ ଚୋରମାନଙ୍କୁ କହିଲା, "ରୁହ, ମୁଁ ଆମ ସମସ୍ତଙ୍କ ପାଇଁ ଭଲ ଏକ ଭୋଜନ ରାନ୍ଧି ଦିଏ ।" ଏହା କହି ସେ ଭୋଜନ ପ୍ରସ୍ତୁତ କଲା । ବ୍ରାହ୍ମଣ ହୋଇଥିବାରୁ ଏଥର ସେ କହିଲା, "ଆମେ ଖାଇବା ଆଗରୁ ଠାକୁରଙ୍କୁ ଭୋଗ ଚଢ଼େଇବା ଦରକାର ।" ଏହା କହି ସେ ସମସ୍ତ ଖାଦ୍ୟ ପୂଜାଘରକୁ ନେଇଗଲା ଓ ସେଠାରେ ଉଚ୍ଚ ସ୍ୱରରେ ମନ୍ତ୍ର ପଢ଼ି, ଘଣ୍ଟି ବଜେଇ ଠାକୁରଙ୍କୁ ତାହା ନୈବେଦ୍ୟ କଲା । ଏସବୁ ଶୁଣି

ଶୋଇଥିବା ଲୋକ ଉଠିଗଲେ ଓ ଭୟରେ ଏଣେତେଣେ ଧାଇଁଲେ । ସେହି ଘରର ଲୋକ ଶୋଇଥିବା ଅବସ୍ଥାରେ ଜାଣିପାରୁନଥିଲେ ଯେ ଚୋରମାନେ ସେମାନଙ୍କ ଘରେ ପଶି ରୋଷେଇଘରେ ରନ୍ଧାରନ୍ଧି କରୁଛନ୍ତି । ତେଣୁ ନିଦରେ ତୁମେ ତୁମ ଚାରିପାଖେ କ'ଣ ହେଉଛି, ଜାଣି ପାରନା । କିନ୍ତୁ ସୌଭାଗ୍ୟକ୍ରମେ ତୁମେ ଯାହା କିଛି ଶିଖିଛ ବା ଅନୁଭବ କରିଛ, ତାହା କୁଆଡ଼େ ହଜି ଯାଏନା, କାରଣ ତୁମ ସ୍ମରଣଶକ୍ତି ଠିକ୍ ଥାଏ । ନିଦରୁ ଉଠିବା ମାତ୍ରକେ ତୁମକୁ ତୁମର ସ୍ଥାନ, ନାମ, ପିତା-ମାତା, ପିଲାପିଲି ଓ ସ୍ତ୍ରୀର ନାମ ମନେ ପଡ଼ିଯାଏ । ସେତେବେଳେ ତୁମକୁ କେହି, "ଏଇ ତୁମର ସ୍ତ୍ରୀ" ବୋଲି କହିବା ଆବଶ୍ୟକ ହୁଏ ନାହିଁ । ତେବେ ସୁଷୁପ୍ତି ଅବସ୍ଥାରେ ନା ତତ୍ ରହେ ନା ତ୍ୱମ୍ ରହେ, ନା ତାହା ରହେ, ନା ଏହା ରହେ, ରହେ କେବଳ 'ଓମ୍' । ଏହି ଓମ୍ ହିଁ ତୁମର ପ୍ରକୃତ ହୋମ୍ (ଘର) । ଜାଗ୍ରତ ଓ ସ୍ୱପ୍ନାବସ୍ଥାରେ ଆମେ ଆମ ନାଁ, ଗାଁ, ଠିକଣା ଭୁଲି ସଂସାରରେ ଇତସ୍ତତଃ ବିଚରଣ କରୁଥାଉ । ତେବେ ଗାଢ଼ ନିଦରେ ଥିବା ସମୟରେ ଆମେ 'ଓମ୍' ମଧ୍ୟରେ ନିମଗ୍ନ ଥିବା ହେତୁ ଆମ 'ହୋମ୍', ଘର କ'ଣ ଜାଣିପାରୁ ।

ସେ ଝିଅଟି ଆଉ ଲେଖିଥିଲା, "ମୋତେ ରୋଗିଲା ରୋଗିଲା ଲାଗେ, ପେଟ କାମୁଡ଼ି ହୁଏ ।" ଆମ ମୁଣ୍ଡକୁ ଯେତେବେଳେ ରୋଗ ଧରେ ଆମେ ଅନ୍ୟକୁ ଘୃଣା କରି ବସୁ । ଆମେ ଅନ୍ୟ ସମ୍ବନ୍ଧରେ ଖରାପ କଥା କହୁ । ମୁଣ୍ଡ ଖରାପ ନଥିଲେ, ସ୍ୱାସ୍ଥ୍ୟ ଭଲ ଥିଲେ, ସବୁକିଛି ଧୀର, ସ୍ଥିର, ଶାନ୍ତ ମନେହୁଏ । ନିଜକୁ ରୋଗ ହେଲେ ଦୁନିଆଟାଯାକ ରୋଗମୟ ଲାଗେ । ରୋଗ ପ୍ରଥମେ ଆରମ୍ଭ ହୁଏ ମୁଣ୍ଡରେ, ତାପରେ ଯାଏ ପେଟକୁ । ତୁମେ କୁହ, "ମୁଁ ଏକଥା ହଜମ କରି ପାରିବିନି ।" ମୁଣ୍ଡ ବିଗିଡ଼ିଗଲେ ତା' ସାଙ୍ଗକୁ ଈର୍ଷା, ଦ୍ୱେଷ ସବୁ ଚାଲି ଆସନ୍ତି ଏବଂ ତୁମେ ଯେ କ'ଣ କରି ବସୁଛ, ତାହା ନିଜେ ଜାଣି ପାର ନାହିଁ । ତୁମେ ମଣିଷ ଭଳି ବ୍ୟାବହାର ନକରି ପାଗଳ ଭଳି ବ୍ୟବହାର କର ।

ସେ ପୁଣି ଲେଖୁଛି, "ମୁଁ ଆଉ ଅପେକ୍ଷା କରି ପାରିବିନି, ମୋତେ ମୋ ଘରକୁ ଯିବାକୁ ହେବ ।" ଏହାହିଁ ଆମର ପ୍ରାର୍ଥନା, "ଅସତୋ ମା ସଦ୍‌ଗମୟ ।" ମୁଁ ଅପେକ୍ଷା କରି ପାରିବିନି, ମୋତେ ଯିବାକୁ ହେବ, ମୁଁ ସତ୍ୟ କ'ଣ ଜାଣିବାକୁ ହେବ । ଚାରିଆଡ଼େ ମୁଁ ଯାହା ଦେଖୁଛି, ସେସବୁ ଏତେ ରୋଗାକ୍ରାନ୍ତ, ବିରକ୍ତିକର, ଦୁର୍ଗନ୍ଧମୟ ତଥା ରାଗ-ମସଲାଯୁକ୍ତ । ଏସବୁରୁ ମୁଁ ମୁକୁଳିଯିବା ଚାହେଁ । ତୁମେ ନିଜ ମଧ୍ୟରେ ଏହା ଅନୁଭବ କଲେ ହିଁ ତୁମ ମଧ୍ୟରେ ଆଧ୍ୟାତ୍ମିକ ଜାଗୃତି ଆରମ୍ଭ ହେବ । ତୁମକୁ ଏହି ଅନୁଭୂତି ଲାଭ କରିବାରେ ସାହାଯ୍ୟ କରିବା ପାଇଁ ହିଁ ମାୟାର ସୃଷ୍ଟି । ଭଗବାନ ଗୋଟିଏ ପ୍ରକାର ଗୁଡ଼ି ଖେଳିଥା'ନ୍ତି । ସେ ଗୁଡ଼ିକୁ ଆକାଶରେ ବେଶ୍ ଉପରକୁ ଉଡ଼େଇ ଦିଅନ୍ତି ଓ ପରେ ଚଟ୍ କରି ତାକୁ ତଳକୁ ଟାଣି ଆଣନ୍ତି । ଆମ ଦଶା ଭଲ ଯେ ସେ ଗୁଡ଼ିର ଡୋରି ତାଙ୍କ ହାତରେ ଅଛି ! ଆକାଶର ଢେର୍ ଉଚ୍ଚରେ ତୁମେ ଉଡୁଥିବା ସମୟରେ ଯେତେବେଳେ ତୁମେ କୌଣସି

ଅସୁବିଧାରେ ପଡ଼ ଓ ନିଜକୁ ଅସହାୟ ମନେକର ସେତେବେଳେ ତାଙ୍କୁ ଡାକ ଦିଅ, "ହେ ପ୍ରଭୁ ! ମୋତେ ତଳକୁ ଟାଣି ନିଅ ।" ଏସବୁ ତାଙ୍କୁ ଖୁବ୍ ଭଲ ଲାଗେ ଓ ସେ ତୁମ ଡାକ ଶୁଣି ତୁମକୁ ଘରକୁ ନେଇ ଆସନ୍ତି । ଏହା ହିଁ 'ଅସତୋ ମା ସଦ୍‌ଗମୟ'ର ଅର୍ଥ । ମାୟା ତାଙ୍କ ପାଇଁ ଓ ଆମ ପାଇଁ - ଉଭୟଙ୍କ ପାଇଁ ଏକ ଉପଭୋଗ୍ୟ ବସ୍ତୁ । ସେ ଆମକୁ ସାମାନ୍ୟ ହୁଗୁଳା କରି ଦିଅନ୍ତି, ଆମେ ମନ ଇଚ୍ଛା ବ୍ୟବହାର କରିବା ଆରମ୍ଭ କରୁ, ପରସ୍ପର ସହ ମାଡ଼ଗୋଳ ଲାଗୁ, କଥା କଟାକଟି ହେଉ ଏବଂ ଖେଳଟା ଖୁବ୍ ଉପଭୋଗ କରୁ । ଥରେ ଯାଉ, ଫେର୍ ଆସୁ, ଫେର୍ ସେମିତି କରୁ - ଏହା ତ ଜୀବନ ।

ମନେ କରନ୍ତୁ, ସ୍ୱାମୀ ଏ ସ୍ଥାନ ଛାଡ଼ି କୁଆଡ଼େ ଯିବାର ଅଛି । ଆପଣମାନଙ୍କ ମଧ୍ୟରୁ ଅନେକ ହୁଏତ ତାଙ୍କ ପଛେ ପଛେ ଯିବେ । ମୁଁ ଅନୁଗାମୀ ଓ ଭକ୍ତଙ୍କ ମଧ୍ୟରେ ପ୍ରଭେଦ ଦେଖିଥାଏ । କେତେକ ସେ ଯୁଆଡ଼େ ଯା'ନ୍ତି, ସେଠାକୁ ତାଙ୍କ ପଛେ ପଛେ ଯା'ନ୍ତି । ସେ ମାନ୍ଦ୍ରାଜ ଗଲେ ସେମାନେ ମଧ୍ୟ ତାଙ୍କୁ ଅନୁସରଣ କରି ମାନ୍ଦ୍ରାଜ ଯା'ନ୍ତି । ସେମାନେ ହେଲେ ଅନୁଗାମୀ । ଆଜିର ଆଲୋଚନାରେ ମୁଁ ଆପଣମାନଙ୍କୁ ଏହି ଅବତାର ଅବତୀର୍ଣ୍ଣ ହେବାର ଉଦ୍ଦେଶ୍ୟ ସମ୍ବନ୍ଧରେ କହିବି ।

ସ୍ୱାମୀ ଘୋଷଣା କରିଛନ୍ତି ଯେ ସେ ଏକ ଅବତାର । "ଅଓ୍ୱତରିଞ୍ଚେନୁ ଅଚ୍ୟୁତୁଡୁ ପର୍ତ୍ତିୟନ୍ଦୁ" - ପର୍ତ୍ତିଧାମରେ ଅଚ୍ୟୁତ ଅବତାର ଗ୍ରହଣ କରିଛନ୍ତି । ଏହା ଅଚ୍ୟୁତ, କାରଣ ଏହି ତତ୍ତ୍ୱ ସେଠାରୁ ଆସିଛି ମାନେ ନୁହଁ ଯେ ସେଠାରେ ଆଉ କିଛି ନାହିଁ । ସେ ପୁଟ୍ଟପର୍ତ୍ତିରେ ଅଛନ୍ତି, ଏହାର ମାନେ ନୁହଁ ଯେ ସେ ଲସ୍‌ଏଞ୍ଜେଲସ୍‌ରେ ବା ଅଷ୍ଟ୍ରେଲିଆରେ ନାହାନ୍ତି । ସେ ସର୍ବତ୍ର ସମ୍ପୂର୍ଣ୍ଣଭାବେ ରହିଥା'ନ୍ତି । ସେଠାରେ କିୟଦ୍ ଅଂଶ ଓ ଏଠାରେ ଅଧିକାଂଶ - ଏଭଳି ସେ ନଥାନ୍ତି । ସେ ସର୍ବତ୍ର ପୂର୍ଣ୍ଣ ହୋଇ ରହିଥା'ନ୍ତି । ସେ ଅକ୍ଷୟ । ଆମେମାନେ ଯେଉଁ ଯୁଗରେ ଅଛୁ ସେହି ଯୁଗର ବିଶେଷ ଲକ୍ଷଣ କ'ଣ, ବିବାଦ-ସଂଘର୍ଷ କ'ଣ ଓ ଜଟିଳ ପରିସ୍ଥିତି କ'ଣ ତାହା ଆମକୁ ବୁଝାଇ ଆମର ଏହି ତୀର୍ଥଯାତ୍ରାରେ ଆମେ କେଉଁ ଯୁଗଧର୍ମକୁ ମାନି ଚଳିବା ଉଚିତ ତାହା ନିର୍ଦ୍ଧାରଣ କରିବା ପାଇଁ ସେ ଆସିଛନ୍ତି ।

ଅବତାରଙ୍କ ଆବିର୍ଭାବର ଦ୍ୱିତୀୟ ଉଦ୍ଦେଶ୍ୟ ହେଲା ମଣିଷର ମନକୁ କବଳିତ କରି ଶେଷରେ ସମଗ୍ର ସଂସାରକୁ କଳୁଷିତ କରିଥିବା ପ୍ରଦୂଷଣକୁ ଦୂର କରିବା । ଆମେ ପରିବେଶର ପ୍ରଦୂଷଣ ସମ୍ବନ୍ଧରେ ଆଲୋଚନା କରିଥାଉ । କିନ୍ତୁ ବାସ୍ତବରେ ଏହା ଚିନ୍ତାଧାରାର ପ୍ରଦୂଷଣ । ଏହାକୁ ନିଶ୍ଚୟ ଦୂର କରିବାକୁ ହେବ । ଆମ ଚାରିପାଖେ ଅନେକ କିଛି ଅଛି ଯାହା ଆମକୁ ଅନ୍ୟଠାରୁ ଭିନ୍ନ କରିଦିଏ ଏବଂ ଆମ ମଧ୍ୟରେ ଏକ ପରିବର୍ତ୍ତେ ଅନେକର ଭ୍ରମ ସୃଷ୍ଟି କରେ - ସେ ସବୁକୁ ଦୂର କରିବାକୁ ହେବ । ପାଦ ଖସିଲେ ଆଖି ଲୁହ ଝରାଏ କାରଣ ଆଖି ଭାବେ ଯେ ତାର ଅସାବଧାନତା ଯୋଗୁଁ ପାଦକୁ ଖସିବାକୁ ହେଲା । ଦେହ ଗୋଟାକ ସାରା ଏକ, ତେଣୁ ଦେହର ପ୍ରତିଟି ଅଙ୍ଗ ଅନ୍ୟ ଏକ ଅଙ୍ଗର ଯତ୍ନ ନିଏ ଓ ଦେହକୁ

ଆଗକୁ ବଢ଼େଇ ନିଏ । ସାରା ମଣିଷଜାତି ଗୋଟିଏ ଦେହ ଭଳି। ପଡ଼ିଶାରେ ଜଣେ କଷ୍ଟ ଭୋଗୁଥିବା ସମୟରେ ମୁଁ କିମିତି ମୋ ଘରେ ଆରାମ୍‌ରେ ଶୋଇପାରିବି ? ମୁଁ ଥରେ ପୋଲିସ୍ ଥାନାର ଠିକ୍ ପାଖରେ ଥିବା ଘରେ ରହୁଥାଏ ଏବଂ କୌଣସି ଅଭିଯୁକ୍ତ ବ୍ୟକ୍ତିକୁ ଜେରା କରିବା ସମୟରେ ସେ ଯେଭଳି କଷ୍ଟ ପାଇ ଚିତ୍କାର କରୁଥାଏ, ସେଥିରେ ମୋର ନିଦ ହେଉନଥାଏ । ସେଭଳି ଯନ୍ତ୍ରଣା ଆପଣଙ୍କର ପଡ଼ୋଶୀ ବା ପଡ଼ିଶାରେ ଥିବା ଦେଶର କ୍ଷେତ୍ରରେ ହୋଇପାରେ । ଗୋଟିଏ ପକ୍ଷୀ ଓ ତା ଶାବକକୁ ଆପଣ ଯଦି ଆପଣଙ୍କ ଘର ସାମ୍‌ନାରେ ପିଞ୍ଜରାରେ ବାନ୍ଧି ରଖିଥାନ୍ତି, ପିଞ୍ଜରା ଭିତରେ ସେ ଛୁଆଟି ବନ୍ଦୀ ଥିବା ଅବସ୍ଥାରେ ଆପଣ କିଭଳି ଆପଣଙ୍କ ଛୁଆ ସହ ଖେଳି ପାରିବେ ବା ଗେହ୍ଲା କରିପାରିବେ ? ପୃଥିବୀଟାଯାକ ଏକ ଏବଂ ଯେଉଁ ମାନସିକ ପ୍ରଦୂଷଣ ସେହି ଏକ ପୃଥିବୀକୁ ଅନେକରେ ବିଭକ୍ତ କରେ, ତାକୁ ଦୂର କରିବାକୁ ହେବ ।

ଅବତାରଙ୍କର ଅନ୍ୟ ଏକ ଉଦ୍ଦେଶ୍ୟ ହେଲା, "ସାଧୁ ସଂରକ୍ଷଣ ସଲୁପୁକୋରକୁ ।" ସାଧୁ-ସଜ୍ଜନ ତଥା ଭକ୍ତିପରାୟଣ ବ୍ୟକ୍ତିମାନଙ୍କୁ ଦୁଷ୍ଟ ଦୁର୍ଜ୍ଜନଙ୍କ କବଳରୁ ରକ୍ଷା କରିବା ଓ ନାସ୍ତିକମାନଙ୍କୁ ଉଦ୍ଧାର କରିବା । ଭଗବାନଙ୍କୁ ବିଶ୍ୱାସ ନ କରିବା ହେଉଛି ସବୁଠୁ ବଡ଼ ଅପରାଧ ଓ ଜୀବନର ମସ୍ତବଡ଼ ଭୁଲ । ଏହା ସଂସାରରୁ ଉଦ୍ଧାର ପାଇବାକୁ ଚାହୁଁଥିବା ଜଣେ ବ୍ୟକ୍ତି ଆଖିରେ ଅନ୍ଧପୁଟୁଳି ବାନ୍ଧି ବୁଲିବା ଭଳି । ସ୍ୱାମୀ ଏଠାରେ ଏକ ଉଦାହରଣ ଦିଅନ୍ତି । ଥରେ ଜଣେ ଲୋକକୁ ବିଛା କାମୁଡ଼ିବାରୁ ସେ ଡାକ୍ତରଙ୍କ ପାଖକୁ ଗଲା । ଡାକ୍ତର ତାକୁ କିଛି ମଲମ ଦେଇ ବିଛା ଯେଉଠେ କାମୁଡ଼ିଛି ସେଇଠେ ଲଗେଇବାକୁ କହିଲେ । ଘରର ଲୋକେ ତାକୁ ଘରକୁ ନେଇ ଆସି ବିଛା କେଉଠେ କାମୁଡ଼ିଛି ପଚାରିଲେ । ସେ ଘରର ଗୋଟିଏ କୋଣକୁ ଦେଖେଇ ବିଛା ସେଇଠେ କାମୁଡ଼ିଛି କହିଲା ଓ ଲୋକମାନେ ସେହି ଯାଗାରେ ମଲମ ବୋଳିଲେ । ଭୁଲ ଯାଗାରେ ମଲମ ଦେଲେ ବିଛାକାମୁଡ଼ାର କଷ୍ଟ କି କେବେ ଦୂର ହେବ ? ସାଧୁଲୋକକୁ ଯଦି ଦୁଷ୍ଟଲୋକ ଅତ୍ୟାଚାର କରେ, ଦୁଷ୍ଟଲୋକର ରୋଗର ପ୍ରତିକାର ଦରକାର, ସାଧୁଲୋକର ନୁହଁ । ତେଣୁ ସ୍ୱାମୀ କହନ୍ତି, "ମୁଁ ଦୁଷ୍ଟଲୋକଙ୍କ ମଧ୍ୟରେ ସଂସ୍କାର ଆଣିବି ।" ତେଣୁ ସେ ସେମାନଙ୍କୁ ଡାକିଥାନ୍ତି। ଆମ ମଧ୍ୟରୁ କେହି ନିଜକୁ ଶତକଡ଼ା ଶହେ ଭଲ କହି ପାରିବା ନାହିଁ । ଆମେ ହୁଏତ ଆମ କଥା ବା କର୍ମରେ କିମ୍ବା ଆମ ଭିତରେ ଥିବା ଈର୍ଷା, ଦ୍ୱେଷ ଓ ଲୋଭ ଯୋଗୁ କାହାକୁ କାହାକୁ କଷ୍ଟ ଦେଉଛେ । ଅନ୍ୟମାନଙ୍କର କୌଣସି କର୍ମ ବା ଦୁଷ୍କର୍ମ ହେତୁ ଭଲ ଲୋକେ କଷ୍ଟ ଭୋଗିଥାନ୍ତି ।

ଅବତାରଙ୍କ ଆଗମନର ଚତୁର୍ଥ ଉଦ୍ଦେଶ୍ୟ ହେଲା "ଭାଷ୍ୟାର୍ଥ ଗୁପ୍ତମୁନୁ ପଲୁକୁ କୋରକୁ" ଅର୍ଥାତ୍ ସମସ୍ତ ଶାସ୍ତ୍ରର ସଠିକ୍ ଭାଷ୍ୟାର୍ଥ ପ୍ରଦାନ କରିବା ପାଇଁ । ଏହା ଅନ୍ୟ କୌଣସି ଅବତାରଙ୍କ କ୍ଷେତ୍ରରେ ଲକ୍ଷ୍ୟ କରାଯାଏ ନାହିଁ । ଏହା ସ୍ୱାମୀଙ୍କ ଅବତାରର ଏକ ଯୁଗୋପଯୋଗୀ ବୈଶିଷ୍ଟ୍ୟ । ସ୍ୱାମୀ ଏଭଳି ଏକ ସମୟରେ ଅବତାର ଗ୍ରହଣ କରିଛନ୍ତି,

ଯେତେବେଳେ ଅନେକ ଶାସ୍ତ୍ର, ମତବାଦ, ଧର୍ମ ଓ ବିଶ୍ୱାସ ଲୋକଙ୍କୁ ବିଭକ୍ତ କରିବାରେ ଲିପ୍ତ । ଯୁଦ୍ଧ ସମୟରେ ହାତରେ ପତାକା ଧରି ଯିବା ଭଳି, ଲୋକେ ହାତରେ ଶାସ୍ତ୍ର ଧରି ଦାବି କରନ୍ତି ଯେ ଏହା ହିଁ ସତ୍ୟ, ଅନ୍ୟ କିଛି ନୁହଁ। ତେଣୁ ପ୍ରତ୍ୟେକ ଧର୍ମ ବା ବିଶ୍ୱାସ ଏକ ଧ୍ୱଜା ହୋଇ ଯାଇଛି ଯାହା ଅନ୍ୟକୁ ତୁମ ବିରୁଦ୍ଧରେ ଛିଡ଼ା ହେବା ପାଇଁ ଇନ୍ଧନ ଯୋଗାଏ ଓ ତୁମେ ସେମାନଙ୍କ ସହ କଳହ କରିବା ଆରମ୍ଭ କର । ପ୍ରତ୍ୟେକେ ଏକ ଏକ ପତାକା ଧରି ସେହି ପତାକା ପ୍ରତି ସେମାନଙ୍କର ନିଷ୍ଠା ପ୍ରକାଶ କରିପାରନ୍ତି । ତେବେ ଏସବୁ ଧର୍ମର ଅନ୍ତର୍ନିହିତ ତାତ୍ପର୍ଯ୍ୟ କ'ଣ ? ଆମେ ପରସ୍ପର ସହ କଳହ କାହିଁକି କରୁଛେ ? ପ୍ରତ୍ୟେକ ଧର୍ମ ତ ସେହି ଏକ କଥା ଶିକ୍ଷା ଦିଏ । ହୁଏତ କେତେକ ଧର୍ମ କେତୋଟି ଦିଗ ପ୍ରତି ବିଶେଷ ପ୍ରାଧାନ୍ୟ ଦେଇପାରନ୍ତି । କିନ୍ତୁ ମୂଳତଃ ସବୁ ଧର୍ମ ସେହି ଏକ ଶିକ୍ଷା ଦେଇଥା'ନ୍ତି । କେତେକ ଧର୍ମ ଧର୍ମ-ପ୍ରଧାନ ନ ହୋଇ ଧନ-ପ୍ରଧାନ ହୋଇଯାଇଛନ୍ତି, ଫଳରେ ସେମାନଙ୍କ ମନରେ ସବୁବେଳେ ଧନର ଚିନ୍ତା ରହୁଛି । ସ୍ୱାମୀ କହନ୍ତି, ପୃଥିବୀ ଆଜି ଧାର୍ମିକ ସଂଘର୍ଷରେ ଉତ୍‌ପୀଡ଼ିତ, ପ୍ରୋଟେଷ୍ଟେଣ୍ଟ୍ ଓ କାଥୋଲିକ୍, ଖ୍ରୀଷ୍ଟିଆନ୍ ଓ ମୁସଲମାନ୍, ସିଆ ଓ ସୁନି, ବହାଇ ଓ ସୁଫିଙ୍କୁ ଲକ୍ଷ୍ୟ କର । ଏ ସମସ୍ତ ଧର୍ମଗତ ବିଭେଦ ମଣିଷକୁ ମଣିଷ ବିରୁଦ୍ଧରେ ଲଢ଼ି ନିଜର ରକ୍ତ ପିପାସା ମେଣ୍ଟେଇବାକୁ ଉତ୍ତେଜିତ କରେ । ତେଣୁ ଏକ ନୂତନ ଶିକ୍ଷାର ଆବଶ୍ୟକତା ରହିଛି । ସମଗ୍ର ଭାରତବର୍ଷରେ, ହୁଏତ ସାରା ବିଶ୍ୱରେ ପ୍ରଶାନ୍ତି ନିଲୟମ୍ ହେଉଛି ଏକମାତ୍ର ସ୍ଥାନ ଯେଉଁଠାରେ ଭଗବାନଙ୍କ ମନ୍ଦିରର ଗର୍ଭଗୃହ ମଧ୍ୟରେ ବହିର୍ଜଗତରେ ପରସ୍ପର ସହ ସଂଘର୍ଷରେ ଲିପ୍ତ ଥିବା ସମସ୍ତ ଧର୍ମର ଧର୍ମ ସଙ୍କେତ ଏକ ସଙ୍ଗେ ରହିଥା'ନ୍ତି । ସେଠାରେ ଓଁ ଥାଏ, କ୍ରୁଶ ଥାଏ, ଅର୍ଦ୍ଧଚନ୍ଦ୍ର ଓ ତାରକା ଥା'ନ୍ତି । ବୌଦ୍ଧଧର୍ମର ଧର୍ମଚକ୍ର ଥାଏ ଏବଂ ହିବ୍ରୁମାନଙ୍କର ଧର୍ମସଙ୍କେତ ମଧ୍ୟ ଥାଏ, କାରଣ ଏସବୁ ସେହି ଏକ ସତ୍ୟର ଭିନ୍ନ ଭିନ୍ନ ବିଭାବ ମାତ୍ର । ସ୍ୱାମୀ କହନ୍ତି, "ମୁଁ ଲୋକମାନଙ୍କୁ ବୁଝେଇବାକୁ ଆସିଛି ଯେ ସେମାନେ ଧର୍ମ ଧର୍ମ ମଧ୍ୟରେ ଥିବା ଗୌଣ ଆଚାରଗତ ବାହ୍ୟ ତାରତମ୍ୟ ତଥା ପଦ୍ଧତି ଓ ବିଧିବିଧାନର ଭିନ୍ନତାକୁ ନେଇ କଳହ ନ କରନ୍ତୁ, ବରଂ ସବୁ ଧର୍ମ ମଧ୍ୟରେ ଥିବା ପ୍ରେମ, ସେବା, ସାଧୁତା, ଗୁରୁଜନଙ୍କ ପ୍ରତି ଭକ୍ତି ଓ ଅତୀତର ଉପଲବ୍ଧ ଜ୍ଞାନ ପ୍ରତି ସମ୍ମାନ ଆଦି ସାରତତ୍ତ୍ୱକୁ ଗ୍ରହଣ କରିବା ଅଭ୍ୟାସ କରନ୍ତୁ । ଏହି ବିଷୟକୁ ପ୍ରାଧାନ୍ୟ ଦେବା ନିମନ୍ତେ ମୁଁ ଅବତାର ଗ୍ରହଣ କରିଛି ।" ଲୋକେ ଧର୍ମକୁ କେନ୍ଦ୍ର କରି ପରସ୍ପର ଲଢ଼ିବା ଭଗବାନ ବରଦାସ୍ତ କରିପାରନ୍ତି ନାହିଁ । ଧର୍ମ ସେମାନଙ୍କୁ ଉଦ୍ଧାର କରିବା ନିମିତ୍ତ ଉଦ୍ଦିଷ୍ଟ, କିନ୍ତୁ ଏହା କି ଏକ ଦୁର୍ଭାଗ୍ୟ ଯେ ବୁଡ଼ିଯାଉଥିବା ଜାହାଜରୁ ଉଦ୍ଧାର ପାଇବା ନିମନ୍ତେ ସେମାନଙ୍କୁ ଦିଆଯାଇଥିବା ଭାସମାନ ଉପକରଣକୁ ନେଇ ସମସ୍ତେ କଳହରେ ଲିପ୍ତ ରୁହନ୍ତି । ଧର୍ମର ଭେଳାକୁ ନେଇ କଳହ କରିବା ଅପେକ୍ଷା ତାକୁ ଛାଡ଼ି, ବରଂ ବୁଡ଼ି ମରିବା ଭଲ ।

ସେ କହିବା ମତେ ତାଙ୍କର ଅବତରଣର ଅନ୍ୟ ଏକ ଉଦ୍ଦେଶ୍ୟ ହେଉଛି ଭୂମାତାଙ୍କର ଭାରକୁ ଲାଘବ କରିବା । ତାହା ସେ କିପରି କରିଥା'ନ୍ତି ? ଲୋକ ମୋଟା ହେବା ସେ ପସନ୍ଦ କରନ୍ତି ନାହିଁ । ସେ ସେମାନଙ୍କୁ ଥଟ୍ଟାରେ ରୋଡ଼୍‌ରୋଲର୍ କହନ୍ତି ଓ ଶରୀରର ଓଜନ କମେଇବାକୁ ପରାମର୍ଶ ଦିଅନ୍ତି । ଭୂମାତାଙ୍କ ଭାରକୁ ହ୍ରାସ କରିବାର ଏହା ଅନ୍ୟତମ ଉପାୟ । ଆଉ ଏକ ଉପାୟ ହେଲା ସ୍ଫୀତ ମସ୍ତିଷ୍କକୁ ସାମାନ୍ୟ କରିବା । ସେ ସେମାନଙ୍କ ଦର୍ପ ଭଞ୍ଜନ କରି ମସ୍ତିଷ୍କକୁ ବାଗକୁ ଆଣିଥା'ନ୍ତି, ଯାହା ଫଳରେ ଭୂମାତାଙ୍କ ଭାର ଲାଘବ ହୁଏ । ଅତୀତର ଅବତାରଗଣ ଦୁଷ୍ଟ ଦଳନ କରି ଧର୍ମୋଦ୍ଧାରଣ କରିଥିଲେ, କିନ୍ତୁ ସ୍ୱାମୀ କହନ୍ତି, "ଆଜି ଯଦି ମୁଁ ଦୁଷ୍ଟ ସଂହାର କରେ, ତେବେ ସଂସାରରେ କେହି ବର୍ତ୍ତିବେ ନାହିଁ ।" ତେଣୁ ସେ ଯେଉଁ ଶବ୍ଦ ବ୍ୟବହାର କରନ୍ତି ତାହା ହେଲା "ନୟମାଗମୁନା" ଅର୍ଥାତ୍ ମୃଦୁ ମଧୁର ବଚନ ଦ୍ୱାରା ଲୋକଙ୍କ ମଧ୍ୟରେ ସଂସ୍କାର ଆଣିବା । ଆପଣ ଯଦି ନିଜକୁ ଖୁବ୍ ବଡ଼ ମନେ କରୁଥା'ନ୍ତି, ସ୍ୱାମୀ ଆପଣଙ୍କୁ ଆଡ଼ ଆଖିରେ ଚାହାନ୍ତି ନାହିଁ । ସେତେବେଳେ ଆପଣଙ୍କର ସ୍ଫୀତ ମସ୍ତିଷ୍କର ବୃଥା ଅହଙ୍କାର ଚୁର୍‌ମାର ହୋଇ ଆପଣ ସାମାନ୍ୟ ସ୍ଥିତିକୁ ଆସନ୍ତି । ଯେତେବେଳେ କୌଣସି ପୋଲର ମରାମତି ହୁଏ, ସେତେବେଳେ ଗମନାଗମନର ସୁବିଧା ପାଇଁ ଅନ୍ୟ ଏକ ବିକଳ୍ପ ମାର୍ଗ ଖୋଲି ଦିଆଯାଏ । ଠିକ୍ ସେମିତି ଆପଣଙ୍କର ଫୁଲାମୁଣ୍ଡ ମରାମତି ହେବାଯାଏଁ ସ୍ୱାମୀ ଅନ୍ୟ ଏକ ବିକଳ୍ପମାର୍ଗର ଯାଇଥା'ନ୍ତି । ସେତେବେଳେ ସେ ଆସି ହୁଏତ ଆପଣଙ୍କ ନିକଟରେ ଛିଡ଼ା ହେବେ, କିନ୍ତୁ ଆପଣଙ୍କ ସହ କଥା ନହୋଇ ପାଖରେ ବସିଥିବା ଲୋକ ସହ କଥା ହେବେ ! ପାଖରେ ବସିଥିବା ଲୋକ ମାତ୍ର ଗତକାଲି ଆସି ଥାଇପାରେ ଏବଂ ଆପଣ ତିନି ସପ୍ତାହ ଧରି ଏଠାରେ ଅଛନ୍ତି, ତଥାପି କିନ୍ତୁ ସେ ଆପଣଙ୍କ ସହ କଥା ହୁଅନ୍ତି ନାହିଁ ! ସେତେବେଳେ ଆପଣ ନିଜକୁ ନିଜେ ପରଖିବା ଆରମ୍ଭ କରନ୍ତି, ମୁଣ୍ଡଫୁଲା କମେ, ପୋଲ ମରାମତି ଶେଷ ହୁଏ । ତାପରେ ସେ ଆପଣଙ୍କୁ ଚାହିଁ ହସନ୍ତି, ଆପଣଙ୍କ ହାତରୁ ଚିଠି ନିଅନ୍ତି, ସବୁ ସଜାଡ଼ି ହୋଇଯାଏ ! ତେଣୁ ଏଠାକୁ ଆସୁଥିବା ଆମେ ସମସ୍ତେ ଜାଣିବା ଦରକାର ଯେ ସେ ଆମଠୁ କ'ଣ ଆଶା କରନ୍ତି ଓ ଆମେ ତାଙ୍କଠୁ କ'ଣ ଆଶା କରୁ ।

❖❖❖

୨୨
ଧର୍ମକ୍ଷେତ୍ର ଘଡ଼ି

ବମ୍ବେରେ ସାଇ କର୍ମପ୍ରବାହର ପ୍ରାଣକେନ୍ଦ୍ର ଧର୍ମକ୍ଷେତ୍ରର ମଧ୍ୟସ୍ଥ କକ୍ଷର ନାମ 'ସତ୍ୟମ୍' । ହାଇଦ୍ରାବାଦ୍‌ରେ ସେହିଭଳି 'ଶିବମ୍' ଓ ମାନ୍ଦ୍ରାଜ୍‌ରେ 'ସୁନ୍ଦରମ୍' ରହିଛି । ବମ୍ବେରେ ସତ୍ୟମ୍‌ର ଉଦ୍‌ଘାଟନ ହୋଇଥିଲା ୧୯୬୮ ଡିସେମ୍ବର ୯ ତାରିଖ ଦିନ ଏବଂ ସେହି ମଧ୍ୟସ୍ଥ କକ୍ଷରେ ସ୍ୱାମୀ ଏକ ଘଡ଼ି ସ୍ଥାପନ କରିଥିଲେ । ଏହା ଏକ ସମୟସୂଚକ ଘଡ଼ି ନଥିଲା ବରଂ ଏହା ଈଶ୍ୱରଙ୍କ ନିକଟକୁ ପହଞ୍ଚିବା ପାଇଁ ନିର୍ଦ୍ଦେଶିତ ପାରମ୍ପରିକ ନବଧା ମାର୍ଗକୁ ସୂଚଉଥିଲା । ସ୍ୱାମୀ ତାହା ବୁଝେଇ କହିଥିଲେ ଯେ ଏହା ନବବିଧ ପଦ୍ଧତି ନୁହଁ, ଏହା ଈଶ୍ୱରଙ୍କ ନିକଟକୁ ପଡ଼ିଥିବା ନ'ଟି ସୋପାନ । ତେଣୁ ସେହି ଘଡ଼ି, ଈଶ୍ୱରଙ୍କ ନିକଟକୁ ଆମର ପ୍ରତିମୁହୂର୍ତ୍ତରେ ଅଗ୍ରଗତିର ସାଙ୍କେତିକ ଅର୍ଥ ବହନ କରୁଥିଲା । ସ୍ୱାମୀ ଉକ୍ତ କକ୍ଷ ମଧ୍ୟରେ ବୁଲୁଥିବା ମଧ୍ୟରେ ଯେତେବେଳେ ଯାଇ ସେହି ଘଡ଼ି ତଳେ ଛିଡ଼ା ହେଲେ, ସେତେବେଳେ ଫଟୋ ଉଠାଳି ସ୍ୱାମୀଙ୍କର ଏକ ଫଟୋ ଉଠେଇଥିଲା । ଆମେରିକାର ଶ୍ରୀମତୀ କଓ୍ୱନ୍ ସେହି ଫଟୋ ଚାହିଁଥିଲେ । ସେ ତାହା କିମିତି ପାଇବେ ବୋଲି ଅନେକଙ୍କୁ ପଚାରି ବୁଝିଥିଲେ, କିନ୍ତୁ ପାଇପାରିନଥିଲେ ।

ପରେ ସେ ଆମେରିକାରୁ ତାଙ୍କର ଏକ ଚିଠିରେ ମୋତେ ଜଣେଇଥିଲେ ଯେ ଦିନେ ରାତିରେ ତାଙ୍କ ଘରର କାନ୍ଥରେ ଟଙ୍ଗା ଯାଇଥିବା ଘଡ଼ି ତଳେ କିଛି ଏକ ରାମ୍ପିବା ଭଳି ଶବ୍ଦ ହେଲା । ଶବ୍ଦରୁ ମନେ ହେଉଥାଏ ସତେ ଯେମିତି କେହି ଜଣେ କାନ୍ଥକୁ ରାମ୍ପୁଛି । ଶବ୍ଦ ଶୁଣି ଶ୍ରୀ ଓ ଶ୍ରୀମତୀ କୋଓ୍ୱନ୍ ଡରିଗଲେ । ଆଲ୍‌ମାରୀ ଓ କାନ୍ଥର ମଝିରୁ ଠିକ୍ ଘଡ଼ିର ତଳେ ସେହି ଶବ୍ଦ ଶୁଭିଥାଏ । ସେ ଶବ୍ଦ ଯେ କ'ଣ, ତାହା ସେମାନେ ବୁଝି ପାରୁ ନଥାନ୍ତି । ଦୁଇ ବୃଦ୍ଧ ଦମ୍ପତି ଅତି କଷ୍ଟରେ ଘୁଞ୍ଚାଘୁଞ୍ଚି କରି ଦେଖିଲେ, ଗୋଟିଏ କାଗଜ ଗୁଡ଼େଇ ହୋଇ ତଳେ ପଡ଼ିଛି । ସେମାନେ ତାହା ଉଠେଇ ଦେଖିଲେ - ତାହା ଥିଲା ଶ୍ରୀମତୀ କୋଓ୍ୱନ୍ ଚାହୁଁଥିବା ଅବିକଳ ସ୍ୱାମୀ ଧର୍ମକ୍ଷେତ୍ରରେ ଘଡ଼ି ତଳେ ଛିଡ଼ା ହୋଇଥିବା ଫଟୋ ।

ଭଗବାନଙ୍କ ନିକଟରେ ପହଞ୍ଚିବା ପାଇଁ ନ'ଟି ସୋପାନ ମଧ୍ୟରୁ ପ୍ରଥମଟି ହେଲା ଭଗବାନଙ୍କ ସମ୍ବନ୍ଧରେ ଶୁଣିବା । କେହି ଜଣେ ଆପଣଙ୍କୁ କହନ୍ତି, "ସାଇବାବା ।" ସେତେବେଳେ ଆପଣଙ୍କ ମନରେ ପ୍ରଶ୍ନ ଆସେ, "ସେ କିଏ ? ଜଣେ ବିସ୍ମୟପୁରୁଷ ନା ଅବତାର ? ମନ ମଧ୍ୟରେ ତାଙ୍କୁ ଜାଣିବାକୁ କୌତୂହଳ ଆସେ । ତେବେ କେତେକଙ୍କ ମନରେ ସେହି କୌତୂହଳ ମଧ୍ୟ ଆସି ନପାରେ । ଗ୍ରୀସ୍‌ର ଜଣେ ବ୍ୟକ୍ତି ଆମେରିକାରେ ରହୁଥିବା ଜଣେ ବ୍ୟକ୍ତିଙ୍କୁ କହିଲେ ଯେ ସେ ଭାରତ ଯାଉଛନ୍ତି । ତାହା ଶୁଣି ଆମେରିକୀୟ ବ୍ୟକ୍ତି କହିଲେ, "ଆଚ୍ଛା ! ଯଦି ଭାରତ ଯାଉଛ, ଥରେ ସାଇବାବାଙ୍କୁ ଦେଖି ଆସ ।" ଭାରତ ପହଞ୍ଚିବା ପରେ

ତାଙ୍କୁ କେହି ଜଣେ ମଧ୍ୟାହ୍ନ ଭୋଜନ ପାଇଁ ନିମନ୍ତ୍ରଣ କରିଥା'ନ୍ତି ଓ ସେଠାରେ ସେ ଦେଖିଲେ, ସମସ୍ତେ ସାଇବାବାଙ୍କ ସମ୍ବନ୍ଧରେ ଆଲୋଚନା କରୁଥା'ନ୍ତି । ତେଣୁ ସେ ସାଇବାବାଙ୍କୁ ଦେଖିବାକୁ ଏଠାକୁ ଆସିଲେ । ଏହାହିଁ ସେହି ପ୍ରଥମ ସୋପାନ 'ଶ୍ରବଣମ୍' - ସାଇବାବାଙ୍କ ସମ୍ବନ୍ଧରେ ଶୁଣିବା । କେହି ଜଣେ ଆପଣଙ୍କ ମନରେ ସାଇବାବାଙ୍କ ନାମ ଓ ଅବତାରତ୍ୱର ମହତ୍ତ୍ୱ ସମ୍ବନ୍ଧରେ କିଛି ଏକ ଧାରଣା ସୃଷ୍ଟି କରନ୍ତି । ତାହା ଆପଣଙ୍କ ହୃଦୟକୁ ଭେଦ କରେ । ବେଳେବେଳେ ଏହା ମଧ୍ୟ ହୁଏ ଯେ ଆପଣ ସାଇବାବାଙ୍କ ସମ୍ବନ୍ଧରେ କିଛି ଶୁଣି ନଥାନ୍ତି, ଅଥଚ ସେ ନିଜେ ଆପଣଙ୍କୁ ଜଣେଇ ଦିଅନ୍ତି ଯେ ସେ ହେଉଛନ୍ତି ସାଇବାବା !

ଥରେ ଆମେ ସ୍ୱାମୀଙ୍କ ସଙ୍ଗେ କାର୍‌ରେ ହାଇଦ୍ରାବାଦ୍‌ରୁ ପୁଟ୍ଟପର୍ତ୍ତି ଆସୁଥାଉ । ଜଣେ ମହିଳା କୋଳରେ ଏକ ଛୁଆ ଓ ମୁଣ୍ଡରେ ଲୁଗାପଟାର ଏକ ଗଣ୍ଠୁଲି ଧରି ରାସ୍ତାରେ ଯାଉଥାଏ । ସ୍ୱାମୀ ଏକ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ଯିବା ସମୟରେ ସାଧାରଣତଃ ଫଳ, ମିଠା ଓ ଅନ୍ୟାନ୍ୟ ସ୍ୱଳ୍ପାହାର ଗାଡ଼ିରେ ଧରିଥା'ନ୍ତି । ବାଟରେ କେଉଠେ ଗାଈଚରା ଟୋକା ଗାଈ ଚରାଉଥିବା ଦେଖିଲେ, ସେ ଗାଡ଼ିକୁ ରଖି ସେମାନଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ହର୍ଣ୍ଣ ଚିପିବାକୁ କହନ୍ତି । ହର୍ଣ୍ଣ ଶବ୍ଦ ଶୁଣି ସେହି ପିଲା ଧାଇଁ ଆସିଲେ ସେ ସେମାନଙ୍କୁ ଫଳ, ମିଠା, ଓ ଅନ୍ୟ ଖାଦ୍ୟଦ୍ରବ୍ୟ ଦେଇଥା'ନ୍ତି । ସେଦିନ ସେ ଏହି ମହିଳା ରାସ୍ତାରେ ଚାଲୁଥିବା ଦେଖି ଡ୍ରାଇଭରକୁ ଗାଡ଼ି ରୋକିବାକୁ କହିଲେ । ସ୍ତ୍ରୀ ଲୋକଟି ଗାଡ଼ି ଆସି ତା' ପାଖରେ ରହିବା ଦେଖିଲା । ସ୍ୱାମୀ ଗାଡ଼ିରୁ ଓହ୍ଲେଇ ତା' ପାଖକୁ ଗଲେ ଓ ପଚାରିଲେ, "ତୁ ସାଇବାବାଙ୍କୁ ଦେଖିଛୁ ?" ସ୍ତ୍ରୀ ଲୋକଟି କହିଲା, "ଆମ ଗାଁରୁ କେତେକ ପୁଟ୍ଟପର୍ତ୍ତି ଯାଇ ତାଙ୍କୁ ଦେଖି ଆସିଛନ୍ତି । ମୁଁ ସେମାନଙ୍କଠୁ ତାଙ୍କ ନାଁ ଶୁଣିଛି, କିନ୍ତୁ ତାଙ୍କୁ କେଭେ ଦେଖିନାହିଁ ।" ସ୍ୱାମୀ ତା' ଆଗରେ ଛିଡ଼ା ହୋଇ ତାକୁ କହିଲେ, "ମୁଁ ସେଇ ସାଇବାବା ।" ସେ ତାକୁ ପାଦନମସ୍କାର ଦେଲେ ଓ ମିଠା, ଫଳ ଓ ଅନ୍ୟାନ୍ୟ ସ୍ୱଳ୍ପାହାର ତାକୁ ଦେବା ପାଇଁ ଆମକୁ ନିର୍ଦ୍ଦେଶ ଦେଲେ । ସେସବୁରେ ତା' ଗଣ୍ଠୁଲି ଭରି ହୋଇଗଲା । ଏଥର ସ୍ୱାମୀ ତା' ହାତରେ କିଛି ପଇସା ଦେଇ ଆଗକୁ ଥିବା ଦୀପାବଳୀ ପାଇଁ ନୂଆ ଶାଢ଼ି କିଣିବାକୁ କହିଲେ । ତା'ପରେ ସେ ଗାଡ଼ିରେ ବସିଲେ ଓ ଆମେ ପୁଟ୍ଟପର୍ତ୍ତି ଫେରି ଆସିଲୁ । ତେଣୁ ବେଳେବେଳେ ସ୍ୱାମୀ ନିଜକୁ ନିଜେ ପ୍ରକଟ କରିଥା'ନ୍ତି ।

ଭାରତର ଉତ୍ତର-ପୂର୍ବରେ ଥିବା ଆସାମ ପ୍ରଦେଶରେ ଲକ୍ଷ କୁମାର ନାମରେ ଜଣେ ବିଭାଗୀୟ ବିଦ୍ୟାଳୟ ନିରୀକ୍ଷକ କାର୍ଯ୍ୟ କରୁଥା'ନ୍ତି । ସେ ଜଣେ ବିଦ୍ୱାନ ଓ ସଂସ୍କୃତ ବ୍ୟାକରଣର ଶ୍ରଦ୍ଧାବାନ ଛାତ୍ର ଥା'ନ୍ତି । ମୋ ଛାତ୍ର ଜୀବନରେ ମୋତେ ମୋର ଜଣେ ଶିକ୍ଷକ ଇଂରାଜୀ ବ୍ୟାକରଣ ଶିକ୍ଷା ଦେଉଥା'ନ୍ତି । ଚାଳିଶ ବର୍ଷ ପରେ ମୁଁ 'ସନାତନ ସାରଥି'ର ସମ୍ପାଦନା କରୁଥିବା ସମୟରେ ସେ ମୋତେ ତାଙ୍କର ଏକ ପତ୍ରରେ ଲେଖିଥିଲେ, "ତୁମେ ଇଂରାଜୀରେ ଏକ ମସ୍ତବଡ଼ ବୈୟାକରଣିକ ତ୍ରୁଟି କରିଛ ।" ତାଙ୍କର ସେହି ପତ୍ର ପଢ଼ି ମୁଁ ମନେ ମନେ ଭାବୁଥାଏ ଯେ ସେ କାହିଁକି ବୈୟାକରଣିକ ତ୍ରୁଟି ସନ୍ଧାନରେ ଅଯଥା ସମୟ ନଷ୍ଟ କରୁଛନ୍ତି !

ମହାନ୍ ସନ୍ଥ ଶଙ୍କରାଚାର୍ଯ୍ୟ ନିଜେ କହି ଯାଇଛନ୍ତି, "ନହି ନହି ରକ୍ଷତି ଡୁକୃଙ୍‌କରଣେ" । ସେ କହିଛନ୍ତି ଯେ ତୁମର ପ୍ରାଣବାୟୁ ତୁମକୁ ଛାଡ଼ି ଯାଉଥିବା ସମୟରେ ବ୍ୟାକରଣର ନିୟମ ତୁମକୁ ତୁମେ ତୁମର ଜୀବନରେ କରିଥିବା କର୍ମର ଫଳରୁ ଉଦ୍ଧାର କରିବ ନାହିଁ । ଏହି ଲକ୍ଷ କୁମାର ନାମକ ଭଦ୍ରବ୍ୟକ୍ତିଙ୍କର ସଂସ୍କୃତ ବ୍ୟାକରଣ ଅଧ୍ୟୟନରେ ପ୍ରବଳ ଉତ୍ସାହ ଥିଲା ଏବଂ ସେ ମୋତେ ତାଙ୍କର ଚିଠିରେ ଜଣେଇଥିଲେ ଯେ ତାଙ୍କର ଏହି ଆଗ୍ରହର କାରଣ ଥିଲା, ସଂସ୍କୃତ ବ୍ୟାକରଣ ଭଳି ଅନ୍ୟ କୌଣସି ବ୍ୟାକରଣ ନାହିଁ ଓ ଏହା ସ୍ୱୟଂସମ୍ପୂର୍ଣ୍ଣ । ନୀରବ ନିସ୍ତବ୍ଧ ରାତ୍ରିରେ ଯେତେବେଳେ ଘରେ ତାଙ୍କର ପରିବାରର ସମସ୍ତେ ଶୋଇ ଯା'ନ୍ତି, ଏପରିକି ପ୍ରକୃତି ମଧ୍ୟ ନିଦ୍ରାଗତ ହୁଏ, ସେତେବେଳେ ଲକ୍ଷ କୁମାର ଘରର ଭୋଜନ କକ୍ଷରେ ଏକ ଚୌକିରେ ବସି ସଂସ୍କୃତ ବ୍ୟାକରଣରେ ମନୋନିବେଶ କରନ୍ତି । ଦିନେ ରାତିରେ ସେ ସଂସ୍କୃତ ବ୍ୟାକରଣ ଅଧ୍ୟୟନରେ ନିମଗ୍ନ ଥିବା ଅବସ୍ଥାରେ ଦେଖିଲେ ଭୋଜନ କକ୍ଷ ମଧ୍ୟରେ ପଡ଼ିଥିବା ଆଉ ଏକ ଚୌକିରେ ସ୍ୱାମୀ ବସିଛନ୍ତି ! ହଠାତ୍ ସ୍ୱାମୀଙ୍କୁ ଦେଖି ସେ ଆଶ୍ଚର୍ଯ୍ୟରେ ଭାବିଲେ, "ଯେ କ'ଣ ମୁଁ ଦେଖୁଛି ।" ସେ କହନ୍ତି, "ସ୍ୱାମୀଙ୍କୁ ଦେଖି ମୁଁ ଭୟ ପାଇ ନଥିଲି । ତାହା ମୋତେ ଖୁବ୍ ସ୍ୱାଭାବିକ ମନେ ହେଲା । ମୁଁ ନା ଚିତ୍କାର କଲି, ନା ବିଚଳିତ ହେଲି । ମୁଁ ବେଶ୍ ଶାନ୍ତ ଥାଏ ଏବଂ ତାଙ୍କୁ ସାଙ୍ଗରେ ପାଇ ଏକ ପ୍ରକାର ସୁଖ ଅନୁଭବ କରୁଥାଏ ।" ଏଥିପୂର୍ବରୁ, ସେଦିନ ସେ ସ୍ୱାମୀଙ୍କ ସମ୍ବନ୍ଧୀୟ ପୁସ୍ତକ – 'ସତ୍ୟଂ ଶିବଂ ସୁନ୍ଦରମ୍'ର ଦୁଇ ଭାଗ ଓ ସ୍ୱାମୀଙ୍କ ଦିବ୍ୟ ସମ୍ଭାଷଣ ସମ୍ବଳିତ ଦୁଇଟି ପୁସ୍ତକ ଡାକ ପାର୍ଶଲରେ ପାଇଥା'ନ୍ତି । ସ୍ୱାମୀଙ୍କ ସମ୍ବନ୍ଧରେ ସେ ଆଗରୁ ଶୁଣିଥାନ୍ତି ଏବଂ ଏସବୁ ପୁସ୍ତକ ପାଇବା ପରେ ମନେ ମନେ ଭାବୁଥା'ନ୍ତି, "ଆଚ୍ଛା ପ୍ରଚାର ଚାଲିଛି, ଚେଲ୍ଲା ସଂଗ୍ରହ ଚାଲିଛି ! ଏସବୁ ପ୍ରଚାରର ପ୍ରତାରଣାରେ ମୁଁ ପଡ଼ିବା ଲୋକ ନୁହଁ ।" ଏହା ଭାବି ସେ ବହିତକ ନେଇ ଆଲମାରୀ ଉପରେ ଫିଙ୍ଗି ଦେଇଥା'ନ୍ତି । ସେଇ ଦିନ ରାତିରେ ହିଁ ସ୍ୱାମୀ ଆସିଥାନ୍ତି । ସ୍ୱାମୀ ତାଙ୍କୁ ପଚାରୁଛନ୍ତି, "ତୁମେ ସେ ବହିସବୁ ପଢ଼ିଲ ?" ଲକ୍ଷ କୁମାର କହିଲେ, "ନା, ସେସବୁ ବହି ପଢ଼ିବା ମୁଁ ଚାହେଁନା ।" ଆମ ଅବସ୍ଥା ଦେଖନ୍ତୁ ! ବେଳେବେଳେ ଆମେ ଏତେ ଜିଦ୍‌ଖୋର ହୋଇଯାଉ ଯେ କିଛି ଶୁଣିବାକୁ ମଧ୍ୟ ରାଜି ହଉନା ! ସ୍ୱାମୀ କହୁଛନ୍ତି, "ନା, ସେମିତି କୁହନା । ତୁମେ ଜଣେ ଶିକ୍ଷିତ ଲୋକ, ତୁମଠେ ସବୁ କିଛି ଜାଣିବାର ଆଗ୍ରହ ଅଛି । ତୁମେ କିମିତି କହୁଛ, 'ମୁଁ ସେସବୁ ପଢ଼ିବିନି ?' ବହିଗୁଡ଼ିକୁ ନ ପଢ଼ି ସେ ସମ୍ବନ୍ଧରେ ତୁମେ କିମିତି ତୁମର ମତାମତ ଦେଉଛ ?" ସ୍ୱାମୀଙ୍କ କଥା ଲକ୍ଷ କୁମାରଙ୍କ ମନକୁ ପାଇଲା । ସେ କହିଲେ, "ହଁ, ବହିଗୁଡ଼ିକର ମୂଲ୍ୟାୟନ କରିବା ପୂର୍ବରୁ ମୋତେ ସେସବୁ ବହି ପଢ଼ିବାକୁ ହେବ । ଠିକ୍ ଅଛି, ମୁଁ ପଢ଼ିବି ।" ତା'ପରେ ସ୍ୱାମୀ ଅଦୃଶ୍ୟ ହୋଇଗଲେ । ଦଶଦିନ ପରେ ପୁଣିଥରେ ସ୍ୱାମୀ ଆସି ଉଭା ହେଲେ ଓ ପଚାରିଲେ, "କ'ଣ, ବହିତକ ପଢ଼ିଲ ?" ସ୍ୱାମୀ ତାଙ୍କୁ ଛାଡ଼ୁ ନଥାନ୍ତି । ସେ ଆଗରୁ ଘୋଷଣା କରିଛନ୍ତି, "ସନ୍ମାର୍ଗରୁ ବିଚ୍ୟୁତ୍ ବ୍ୟକ୍ତିଙ୍କ ହାତ ଧରି ମୁଁ ସେମାନଙ୍କୁ ଉଦ୍ଧାର କରିବାକୁ ଆସିଛି ।" ଏଠାରେ ଜଣେ

ବ୍ୟକ୍ତି ବ୍ୟାକରଣକୁ ମୁଖସ୍ଥ କରି ଅମର ହେବାକୁ ଓ ସେ ଯେ କେବେ ବ୍ୟାକରଣକୁ ଭୟ କରନ୍ତି ନାହିଁ କହି ଗର୍ବିତ ହେବାକୁ ଚାହାନ୍ତି । ଏହା କିନ୍ତୁ ଜୀବନର ଲକ୍ଷ୍ୟ ହେବା କଥା ନୁହଁ । ତେଣୁ ଏଥର ଯେତେବେଳେ ସ୍ୱାମୀ ତାଙ୍କୁ ପଚାରିଲେ, "କ'ଣ ତୁମେ ବହିତକ ପଢ଼ିଲ ?" ସେ ଉତ୍ତର ଦେଲେ, "ହଁ ପଢ଼ିଲି, ଖୁବ୍ ଭଲ ବହି, ସେଥିରେ ସମସ୍ତ ଉପନିଷଦର ସାର ରହିଛି । ମୁଁ ସେଗୁଡ଼ିକୁ ପଢ଼ିବି ନାହିଁ କହିଲି, ସେଥିପାଇଁ ଦୁଃଖିତ ।" ସ୍ୱାମୀ କହିଲେ, "ତେବେ, ସେଗୁଡ଼ିକୁ ଅନୁବାଦ କରୁନାହଁ କାହିଁକି ?" ଲକ୍ଷ କୁମାର 'ହଁ' ଭରିଲେ ଓ ସ୍ୱାମୀ ଅଦୃଶ୍ୟ ହୋଇଗଲେ । ସ୍ୱାମୀ ତାଙ୍କୁ ଅନୁବାଦ କରିବାକୁ କହିଲେ କିନ୍ତୁ କେଉ ଭାଷାରେ ଅନୁବାଦ କରିବାକୁ ହେବ କହିଲେ ନାହିଁ । ଲକ୍ଷ କୁମାର ମଧ୍ୟ ପଚାରିଲେ ନାହିଁ ଓ ସେ ପଚାରିବା ଆଗରୁ ସ୍ୱାମୀ ଅନ୍ତର୍ଦ୍ଧାନ ହୋଇଗଲେ । ଲକ୍ଷ କୁମାର କ'ଣ କରିବେ ବୁଝି ପାରୁନ'ଥାନ୍ତି । ସେ ଭାବୁଥା'ନ୍ତି, "କ'ଣ ସଂସ୍କୃତରେ ଅନୁବାଦ କରିବି ? ନା, ସଂସ୍କୃତ ଖୁବ୍ କମ୍ ଲୋକ ବୁଝିପାରିବେ । ତେବେ କ'ଣ ହିନ୍ଦୀରେ କରିବି ? ସେ ଯଦି ହିନ୍ଦୀରେ ଅନୁବାଦ ହେବା ଚାହୁଁଥାନ୍ତେ, ତେବେ ମୋତେ ଆସି ଆସାମରେ ଦେଖାଦେଇ ନଥାନ୍ତେ ! ସେ ହୁଏତ ଆଦି ଭାଷାରେ ଅନୁବାଦ ହେବା ଚାହାନ୍ତି ।" ଲକ୍ଷକୁମାର ଏକ ଆଦିବାସୀ ବହୁଳ ଅଞ୍ଚଳରେ ରହୁଥାନ୍ତି ଓ ନିଜେ ଏକ ଆଦିବାସୀ ଝିଅକୁ ବିବାହ କରିଥା'ନ୍ତି । ତାଙ୍କର ସ୍ତ୍ରୀ ଆଦିଭାଷା (ଯାହାକୁ ସେମାନେ ଦେବଭାଷା ବୋଲି ବିଶ୍ୱାସ କରନ୍ତି)ରେ କଥା କୁହନ୍ତି । ଆଦିବାସୀ ଭାଷାଗୁଡ଼ିକ ଉନ୍ନତ ନୁହଁ । କେତେକ ଭାବ ପ୍ରକାଶ କରିବା ପାଇଁ ଏ ସମସ୍ତ ଭାଷାରେ ସଠିକ୍ ଶବ୍ଦ ନଥାଏ । ତେବେ ସ୍ୱାମୀଙ୍କ ବହିଗୁଡ଼ିକୁ କିମିତି ଆଦି ଭାଷାରେ ଅନୁବାଦ କରି ହେବ ? ଯାହା ହଉ ନା କାହିଁକି, ସେ ତାଙ୍କ ସ୍ତ୍ରୀଙ୍କ ସାହାଯ୍ୟ ନେଇ ବହିଗୁଡ଼ିକୁ ଆଦି ଭାଷାରେ ଅନୁବାଦ କରିବା ପାଇଁ ପ୍ରାଣପଣେ ଚେଷ୍ଟା କରୁଥା'ନ୍ତି । ପୁଣି ଥରେ ସ୍ୱାମୀ ଦେଖାଦେଲେ । ଏଥର ସେ ପଚାରୁଛନ୍ତି, "କ'ଣ ଅନୁବାଦ କଲ ?" ଲକ୍ଷ କୁମାର କହୁଛନ୍ତି, "ନା, ବାବା, ମୁଁ ପାରୁ ପର୍ଯ୍ୟନ୍ତେ ଚେଷ୍ଟା କରୁଛି କିନ୍ତୁ ଏହା ଅତି କଷ୍ଟ ।" ସ୍ୱାମୀ କହୁଛନ୍ତି, "ଯାହା କଷ୍ଟ ତାହା ହିଁ କରିବା ଦରକାର । ଛାଡ଼ ନାହିଁ, ଏହାକୁ ଏକ ଚ୍ୟାଲେଞ୍ଜ ଭାବ ।" ଲକ୍ଷ କୁମାର ପରେ ମୋତେ ତାଙ୍କ ଚିଠିରେ ଜଣେଇଥାନ୍ତି, "ବାବାଙ୍କ୍ ବହି ଅନୁବାଦ କରିବା ମଧ୍ୟରେ ମୋ ଜୀବନର ଏକ ପ୍ରକାର ଅନୁବାଦ ହୋଇଗଲା । ମୋ ମଧ୍ୟରେ ଅନେକ ପରିବର୍ତ୍ତନ ଆସିଲା । ମୁଁ ଜଣେ ଅତ୍ୟାଚାରୀ ଅଫିସର୍ ଥାଏ । ବର୍ତ୍ତମାନ କିନ୍ତୁ ମୁଁ କାହାକୁ ଭର୍ତ୍ସନା କରିପାରୁନାହିଁ, ମୋ ଅଧୀନସ୍ଥ ତିନୋଟି ଜିଲ୍ଲାର କୌଣସି ଶିକ୍ଷକ ପ୍ରତି କଠୋର ବାକ୍ୟ ପ୍ରୟୋଗ କରିପାରୁନାହିଁ । ମୁଁ ଗରମରୁ ନରମ ହୋଇଯାଇଛି । ତେଣୁ ଏହା ମୋ ପାଇଁ ଏକ ବଡ଼ ସୁଯୋଗ ଥିଲା ।" ସ୍ୱାମୀ ତାଙ୍କ ହାତରୁ ବ୍ୟାକରଣର ପୋଥିଟି କାଢ଼ି ନେଇ, ନିଜେ ତାଙ୍କ ହୃଦୟକୁ ଦଖଲ କରିନେଲେ । ମଣିଷ ଆଉ ଅଧିକ କ'ଣ ଚାହେଁ । ତେଣୁ ସ୍ୱାମୀଙ୍କ ସମ୍ବନ୍ଧରେ ଶୁଣ, ତାଙ୍କରି ଲୀଳା ଶ୍ରବଣ କର । ଭୂମି ବୀଜକୁ ଗ୍ରହଣ କଲାଭଳି ତୁମେ ତାଙ୍କୁ ଗ୍ରହଣ କରିନିଅ । ଏହା ସାଧନାର ପ୍ରଥମ ସୋପାନ ।

ଧର୍ମକ୍ଷେତ୍ରର ଘଡ଼ିରେ ଦ୍ୱିତୀୟ ସୋପାନ ହେଲା କୀର୍ତ୍ତନମ୍ । ଏହାର ଅର୍ଥ କେଉଁ ଭକ୍ତ ଠାରୁ ବା ବହିରୁ ତାଙ୍କ ସମ୍ବନ୍ଧରେ ଅଧିକ ଜାଣି ହେବ, ତାହା ଖୋଜି ବାହାର କରିବା । ଡକ୍ଟର ଭଗବନ୍ତମ୍ ଆମେରିକା ଯାଇଥିବା ସମୟରେ କୌଣସି ଏକ ସ୍ଥାନରେ ବାବାଙ୍କର ଛବି ଦେଖିଲେ । ତାହା ଦେଖି ସେ ଭାବିଲେ, "ହଁ, ଏଇଠେ ମୁଁ ଲୋକଙ୍କଠୁ ପ୍ରେମ ସଦାଚାର ଓ ସହୃଦୟତା ପାଇବି ।" ତାହା ଭାବି ସେ ସେହି ସ୍ଥାନକୁ ଗଲେ । ମାଲୟେସିଆର ଜଗଦୀଶନ୍ ଆମେରିକାର ତାଙ୍କର ସରକାରୀ କାର୍ଯ୍ୟଶେଷରେ ସେଠାକାର କଳୁଷିତ ତଥା ସଂକ୍ରାମକ ପରିବେଶରୁ ମୁକ୍ତି ପାଇବାକୁ ଚାହୁଁଥାନ୍ତି । ତେଣୁ ସେ ସେହି ସ୍ଥାନର ଟେଲିଫୋନ୍ ନମ୍ବର ବହି ଉପରେ ଆଖି ପକେଇଲେ । ହଠାତ୍ ସେ ଜାଣିଥିବା ଜଣେ ସାଇଭକ୍ତଙ୍କର ଟେଲିଫୋନ୍ ନମ୍ବର ତାଙ୍କ ଦୃଷ୍ଟିରେ ପଡ଼ିଲା । ସେ ଫୋନ୍ କଲେ । ସେ ପାଖରୁ ଜଣେ କେହି, "ହଲ୍ଲୋ, ସାଇରାମ" କହି ଉତ୍ତର ଦେଲା । ସତରେ କି ଏକ ମହାନ୍ ଶବ୍ଦ କାନରେ ପଡ଼ିଲା । ଜଗଦୀଶନ୍ ପଚାରିଲେ, "ମୁଁ ଆପଣଙ୍କ ନିକଟକୁ ଯାଇ ପାରେ କି ?" ସେ କହିଲେ, "ନିଶ୍ଚୟ, ଦୟାକରି ଆସନ୍ତୁ ।" ତା'ପରେ ଦୁହେଁ ବନ୍ଧୁ ହେଲେ । ତେଣୁ 'କୀର୍ତ୍ତନମ୍'ର ଅର୍ଥ ଯାହା ସହ ତାଙ୍କ ସମ୍ବନ୍ଧରେ ଆଲୋଚନା କରିହେବ, ଯିଏ ଆପଣଙ୍କୁ ତାଙ୍କ ସମ୍ବନ୍ଧରେ ଅଧିକ ତଥ୍ୟ ଦେଇ ଆପଣଙ୍କ ମନରେ ବିଶ୍ୱାସ ବୃଦ୍ଧି କରିପାରିବେ, ତାଙ୍କୁ ଭେଟିବା ପାଇଁ ଆଗ୍ରହ ପ୍ରକାଶ କରିବା । ଭକ୍ତି ବିଶ୍ୱାସ ଉପରେ ନିର୍ଭର କରେ ଓ ବିଶ୍ୱାସ ବିସ୍ମୟ ଉପରେ ନିର୍ଭର କରେ । ଆମେ କାହାଠୁ ଶୁଣୁ, "ଲକ୍ଷ କୁମାର ରାତିରେ ଏକା ବସି ପାଣିନିଙ୍କ ବ୍ୟାକରଣ ଅଧ୍ୟୟନ କରୁଥାନ୍ତି, ଅକସ୍ମାତ୍ ବାବାଙ୍କୁ ତାଙ୍କ ପାଖ ଚୌକିରେ ବସିଥିବା ଦେଖିଲେ ।" ତାହା ଶୁଣି ଆମେ କହୁ "ବାଃ, କି ଆଶ୍ଚର୍ଯ୍ୟ !" ଗୀତା କହେ, "ଆଶ୍ଚର୍ଯ୍ୟବତ୍ ପଶ୍ୟତି କଶ୍ଚିଦେନ" । ଲୋକେ ଭଗବାନଙ୍କ ସମ୍ବନ୍ଧରେ ମୁହଁ ଖୋଲି କହନ୍ତି ଓ ମୁହଁ ମେଲି ଶୁଣନ୍ତି । ଏହାକୁ କହନ୍ତି ଆଶ୍ଚର୍ଯ୍ୟ । ଏଠାରେ ଏହି ବିସ୍ମୟପୁରୁଷଙ୍କୁ ଦେଖି ସମସ୍ତେ ଚକିତ ହେଉଥିବାରୁ ଆପଣ ମଧ୍ୟ ଏଠାକୁ ଆସିବାକୁ ମନ ବଳେଇଲେ । କାହାଠୁ କେବେ କେଉଠେ ଆପଣ ସ୍ୱାମୀଙ୍କ ସମ୍ବନ୍ଧରେ କିଛି ବିସ୍ମୟକର ବିବରଣୀ ଶୁଣିଛନ୍ତି, ତାହା ହିଁ କୀର୍ତ୍ତନମ୍ ।"

"ସାଇବାବା - ଦିବ୍ୟ ପୁରୁଷ ଓ ମାନସିକ ରୋଗ ବିଶେଷଜ୍ଞ" ପୁସ୍ତକର ରଚୟିତା ସାମୁଏଲ୍ ସାଣ୍ଡୱିସ୍ ଥରେ ଇନ୍ଦ୍ରାଦେବୀଙ୍କ ଦ୍ୱାରା ପରିଚାଳିତ ଯୋଗ ଶିକ୍ଷା କେନ୍ଦ୍ରରେ ମାନସିକ ରୋଗ ଉପରେ ବକ୍ତୃତା ଦେବା ପାଇଁ ଆମନ୍ତ୍ରିତ ହୋଇ ଯାଇଥା'ନ୍ତି । ସେଠାରେ ସେ ଜଣେ ଭାରତୀୟ ସାଧୁପୁରୁଷଙ୍କର ଏକ ବଡ଼ ଆଲୋକଚିତ୍ର ଦେଖିଲେ । ତାଙ୍କ ସମ୍ବନ୍ଧରେ ଜାଣିବା ପାଇଁ ସାଣ୍ଡୱିସ୍‌ଙ୍କ ମନରେ କୌତୂହଳ ଜାତ ହେଲା । ଇନ୍ଦ୍ରାଦେବୀ କହିଲେ, "ସେ ସାଇବାବା ।" ସାଇବାବାଙ୍କ ନାମ ସାଣ୍ଡୱିସ୍‌ଙ୍କ କାନରେ ପଡ଼ିଲା । ତା'ପରେ ଇନ୍ଦ୍ରାଦେବୀ ତାଙ୍କୁ ବାବାଙ୍କ ଛବିରୁ ବିଭୂତିର ସ୍ଖଳନ ଦେଖେଇଲେ । ତାହା ଦେଖି ସେ କହିଲେ, "କି ଆଶ୍ଚର୍ଯ୍ୟ ! ସେ କେଉଠେ ରହନ୍ତି ?" ଇନ୍ଦ୍ରାଦେବୀ କହିଲେ, "ହଜାର ହଜାର ମାଇଲ୍ ଦୂରରେ ।" ସାଣ୍ଡୱିସ୍

ମାନସିକ ରୋଗ ବିଶେଷଜ୍ଞ, ସେ ଜାଣନ୍ତି ଯେ କେତେକ ଲୋକଙ୍କର ନିଦରେ ଉଠି ଚାଲିବାର ଅଭ୍ୟାସ ଥାଏ । ସେମାନେ ଯେ ନିଦରେ ଚାଲୁଛନ୍ତି ତାହା ସେମାନେ ଜାଣି ପାରନ୍ତି ନାହିଁ । ନିଦରେ ଚାଲୁ ଚାଲୁ କେଉଠେ କିଛି ରଖି ଦିଅନ୍ତି ଓ ପରେ ଆସି ଶୋଇଯା'ନ୍ତି । ସକାଳୁ ଉଠି ସେମାନେ ସେ ଜିନିଷଟି ସେଠାକୁ କିମିତି ଗଲା ଭାବି ଆଶ୍ଚର୍ଯ୍ୟ ହୁଅନ୍ତି । ସାଣ୍ଡୱିସ୍ ଭାବୁଥାନ୍ତି, "ଛବିରୁ ବିଭୂତି ଝରିବା ସେମିତି ଏକ ବିସ୍ମୟ । ବିଚରା ଇନ୍ଦ୍ରାଦେବୀ ଜାଣିପାରୁ ନାହାନ୍ତି ଯେ ତାଙ୍କର ସେ ରୋଗ ଅଛି । ଠିକ୍ ଅଛି, ମୁଁ ସେ ରୋଗ ଭଲ କରିଦେବି ।" ତାପରେ କିନ୍ତୁ ସାଣ୍ଡୱିସ୍ ସେହି କଥା ଆଉ କେତେକଙ୍କ ମୁହଁରୁ ଶୁଣିଲେ ଯେଉଁମାନେ ମାନସିକ ବିକାରଗ୍ରସ୍ତ ନୁହଁ ବରଂ ମାନସିକ ଭାବେ ଖୁବ୍ ସଜାଗ । ସେମାନଙ୍କୁ ଦେଖି ସେ ଭାବୁଥାନ୍ତି, "ଏ ସମସ୍ତଙ୍କୁ କ'ଣ ହେଲା !" ହଁ, ବାଇବେଲ୍‌ରେ ମଧ୍ୟ ଏଭଳି କେତେକ ଘଟଣାର ଉଲ୍ଲେଖ ରହିଛି ଯାହାକୁ ଏକ ଗଣ ଉନ୍ମାଦ ସ୍ଥିତି, ଏକ ମାନସିକ ରୋଗ କୁହାଯାଇପାରେ । ସେ ଭାବୁଥିଲେ ଯେ ଯୀଶୁଖ୍ରୀଷ୍ଟ ଯାହା ସବୁ କରିଥିଲେ ତାହା ମଧ୍ୟ ଏକ ମାନସିକ ରୋଗ ବିଶେଷଜ୍ଞ ପାଇଁ ଅନୁସନ୍ଧାନର ବିଷୟ ହୋଇପାରେ ! ତେଣୁ ସେ ସ୍ଥିର କଲେ, "ମୁଁ ଏହି ଲୋକ ପାଖକୁ ଯିବି ଏବଂ ପ୍ରମାଣ କରିଦେବି ଯେ ଏସବୁ କିଛି ଏକ ପ୍ରତାରଣା, ଏକ ଗଣ ଉନ୍ମାଦନା ଏବଂ ଯୀଶୁଖ୍ରୀଷ୍ଟ ମଧ୍ୟ ଏହିଭଳି ଜଣେ ଭଣ୍ଡ ! ଏ ଉଭୟଙ୍କୁ ଏକ ସଙ୍ଗେ ମିଥ୍ୟା ବୋଲି ପ୍ରମାଣ କରିବି । ଗୋଟିଏ ତୀରରେ ଦୁଇଟି ପକ୍ଷୀ ମରିବେ ଏବଂ ସେହି ତୀରଟି ହେବ ମନୋବିଜ୍ଞାନର ତୀର ।" ଏହା ଭାବି ସେ ଏଠାକୁ ଆସିଲେ ଓ ଏଠାରେ କିଛି ଦିନ ରହିବା ପରେ ଦିନେ ଚିନ୍ତା କଲେ, "ମୁଁ ଏଠିକି ଆସିଲି କାହିଁକି ? କେବଳ ସମୟ ଓ ଅର୍ଥ ବରବାଦ୍ ହେଲା । ଖାଲି ପାଦରେ ଚାଲ, ନିଆଁକୁ ପାଟିରେ ପକେଇ ଖାଅ (କ୍ୟାଣ୍ଟିନ୍‌ର ସମ୍ବର) ! କିଭଳି ଏକ ଲଜ୍ଜାକର ଅବସ୍ଥା ! ଆମେରିକାରେ ଜନ୍ମ ହେଲି, ଏକ ପ୍ରତିଷ୍ଠିତ ମନୋବିକାର ଚିକିତ୍ସା ସମ୍ବନ୍ଧୀୟ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କଲି । ଏଭଳି ଏକ ଅନୁନ୍ନତ, ରୁଗ୍‌ଣ, ଦାରିଦ୍ର୍ୟଗ୍ରସ୍ତ ଦେଶର ଯେକୌଣସି ବ୍ୟକ୍ତି ଅପେକ୍ଷା ମନସ୍ତତ୍ତ୍ୱ ସମ୍ବନ୍ଧରେ ମୋର ଜ୍ଞାନ ଅଧିକ ।" ସେ ହ୍ୱାଇଟ୍ ଫିଲ୍‌ଡ଼ରେ ତାଙ୍କର ଜଣେ ବନ୍ଧୁଙ୍କ ପାଖରେ ବସି କହିଲେ, "ମୁଁ ଫେରି ଯାଉଛି ।" ଠିକ୍ ସେହି ସମୟରେ ସ୍ୱାମୀ ସେ ଦୁହିଁଙ୍କ ନିକଟକୁ ଚାଲି ଚାଲି ଆସି ତାଙ୍କର ସ୍ୱାଭାବିକ ସୁନ୍ଦର, ସୁମଧୁର ଶୈଳୀରେ କହିଲେ, "ମିଠା, ମିଠା, ମିଠା ।" ମୁହୂର୍ତ୍ତକ ମଧ୍ୟରେ ତାଙ୍କର ସନ୍ଦେହ କୁଆଡ଼େ ମିଳେଇ ଗଲା । ତାଙ୍କର ସେହି ତିକ୍ତ ଭାବରେ ଜର୍ଜରିତ ସ୍ଥିତିରେ ସ୍ୱାମୀ ଏକ ମିଷ୍ଟାନ୍ନ ହୋଇ ଆସିଲେ ଏବଂ ତାଙ୍କୁ ବିସ୍ମୟଭରିତ କରିଦେଲେ ! ସେ ଭାବିଲେ, "ନା, ଏଠାରେ କିଛି ଅଛି !" ଫେରିଯିବାକୁ ଭାବିଥିବା ବ୍ୟକ୍ତି ପୁଣି ରହିଗଲେ । ଏଠାରେ ତାଙ୍କର ଅନୁଭୂତିକୁ ବର୍ଣ୍ଣନା କରି ସେ କହନ୍ତି, "ମୁଁ ପାରଦର୍ଶିତା ଲାଭ କରିଥିବା ବିଷୟର ନାମ "Psychiatry" ନ ହୋଇ "Sai-Chaitry" ହେବା ଉଚିତ । ପରିହାସ କରିବାର ଉଦ୍ଦେଶ୍ୟ ନେଇ ଆସିଥିବା ବ୍ୟକ୍ତି ପ୍ରାର୍ଥନା କରି ରହିଗଲେ ଏବଂ ପରେ ତାଙ୍କ ସହ ଆହୁରି ଅନେକଙ୍କୁ ଏଠାକୁ ଆଣିଲେ ।

ଘଡ଼ିର ତୃତୀୟ ସୋପାନ ହେଲା 'ସ୍ମରଣମ୍' ଅର୍ଥାତ୍ ନିଜର ବିସ୍ମୟାନୁଭୂତିକୁ ମନନ କରିବା, ସ୍ମରଣ କରିବା । ଆପଣ ଯେଉଁଠାକୁ ଯା'ନ୍ତୁ ଯେଉଁଠାରେ ରହନ୍ତୁ, କେବଳ ତାଙ୍କୁ ମନେ ପକାନ୍ତୁ । ତାଙ୍କୁ ନ ଦେଖିଲେ ପ୍ରାଣ ଛଟପଟ ହେଉ । ତାଙ୍କୁ ଉଲ୍ଲେଖ ନକରି ପାଟିରୁ କଥା ନ ବାହାରୁ !

ଘଡ଼ିର ଚତୁର୍ଥ ସୋପାନ ହେଲା 'ପାଦସେବନମ୍' । ସେ ଆସି ଆପଣଙ୍କ ଆଗରେ ଛିଡ଼ା ହୋଇ କହନ୍ତି, 'ଚେସ୍କୋ' (କରେ), ଅର୍ଥାତ୍ ପାଦନମସ୍କାର କରେ ଏବଂ ସମସ୍ତେ ସେତେବେଳେ ତାଙ୍କ ପାଦକୁ ସ୍ପର୍ଶ କରନ୍ତି । ତାଙ୍କ ପାଦ ତାଙ୍କ ଆଦର୍ଶର ପ୍ରତୀକ । ଆମେ ତାଙ୍କ ପାଦକୁ ନମସ୍କାର କରି ତାଙ୍କର ଆଦର୍ଶକୁ ଗ୍ରହଣ କରୁ । ଅବତାର ଏକ ନିର୍ଦ୍ଦିଷ୍ଟ ସଙ୍କଳ୍ପ ନେଇ ଅବତୀର୍ଣ୍ଣ ହୋଇଛନ୍ତି । ତାହା ହେଉଛି, ସେ ପ୍ରେମକୁ ବିକଶିତ କରିବେ, ପ୍ରେମର ଶସ୍ୟ ଅମଳ କରିବେ । ତାଙ୍କର ସଙ୍କଳ୍ପ ନିକଟରେ ଆମେ ନିଜକୁ ସମର୍ପିତ କରୁଛୁ, ଆମର ଦେହ, ମନ, ବୁଦ୍ଧି, ଶିକ୍ଷା, ଦୀକ୍ଷା, ଜ୍ଞାନ, କୌଶଳ ସର୍ବସ୍ୱ ତାଙ୍କ ଚରଣ କମଳରେ ପ୍ରଣିପାତ କରି କହୁଛୁ, "ହେ ପ୍ରଭୁ ! ଏସବୁ ଆମର ନୁହଁ, ତୁମର । ଯେଉଁ ସଙ୍କଳ୍ପକୁ ସାକାର କରିବା ପାଇଁ ତୁମେ ଏହି ଧରାପୃଷ୍ଠରେ ପଦାର୍ପଣ କରିଛ, ସେହି ସଙ୍କଳ୍ପର ସାଧନ ହେବା ପାଇଁ ଏସବୁ ଉତ୍ସର୍ଗୀକୃତ !" କେତେକ ମୋତେ ପଚାରନ୍ତି, "ତାଙ୍କର କାୟାର କ'ଣ ଛାୟା ଥାଏ ?" ତାଙ୍କର ଛାୟା ନଥିଲେ ସେମାନେ ବିଶ୍ୱାସ କରିବାକୁ ରାଜି ଯେ ସେ ଭଗବାନ ! କିନ୍ତୁ ସେ ମଣିଷଜାତିକୁ ତାଙ୍କର ସୁଶୀତଳ ଛତ୍ରଛାୟା ତଳେ ଆଶ୍ରୟ ଦେବାକୁ ନର ଦେହ ଧାରଣ କରି ଆସିଛନ୍ତି । ଧନ୍ୟ ତାଙ୍କର ସେହି ଦୁଇପାଦ ଯାହା ତାଙ୍କୁ ଏହି ଧରାବକ୍ଷରେ ଧରି ରଖିଛି ! ସେ ଯଦି ସ୍ୱର୍ଗଧାମରେ ଥା'ନ୍ତେ ତେବେ ତାଙ୍କର ଏହି ପାଦ ଧରାଧାମରେ ନଥାନ୍ତା । ବଙ୍ଗଦେଶର ଜଣେ ତାନ୍ତ୍ରିକ ଭଦ୍ରବ୍ୟକ୍ତିଙ୍କୁ ତାଙ୍କ ଗୁରୁ କହିଲେ, "ଦେଖ, ତୁମେ ମୋର ଜଣେ ଭଲ ଶିଷ୍ୟ । ମୁଁ ତୁମକୁ ଏକ ଗୋପନୀୟ କଥା କହିବି । ମୁଁ ଏକ ମନ୍ତ୍ର ଦୀକ୍ଷା ଦେବି । ତାକୁ ଚଉଦ ଦିନ ଯାଏ ଜପ କରି ସାଇବାବାଙ୍କ ନିକଟକୁ ଯାଅ, ତାଙ୍କ ପାଦ ସ୍ପର୍ଶ କର । ଦେଖିବ, ତାଙ୍କଠେ ଥିବା ସମସ୍ତ ଶକ୍ତି ତୁମେ ଲାଭ କରିବ ।" ତାହା ଶୁଣି ଶିଷ୍ୟ ପଚାରିଲେ, "ତା'ମାନେ କ'ଣ ସାଇବାବାଙ୍କଠେ ଆଉ ଶକ୍ତି ରହିବ ନାହିଁ ?" ଗୁରୁ କହିଲେ, "ନା, ତାଙ୍କଠେ ତାଙ୍କ ଶକ୍ତି ରହିବ, ତୁମେ ମଧ୍ୟ ସେହି ଶକ୍ତିର ଅଧିକାରୀ ହେବ ।" ଶିଷ୍ୟ କହିଲେ, "ତେବେ ଚେଷ୍ଟା କରାଯାଇପାରେ । ମୁଁ କିନ୍ତୁ ଚାହେଁନି ଯେ ସେ ଶକ୍ତିଶୂନ୍ୟ ହୋଇ ଯା'ନ୍ତୁ ।" ସେ ଦୃଷ୍ଟିରୁ ଲୋକଟି ବିଚାରବନ୍ତ ଥିଲା । ସେ ଗୁରୁଙ୍କଠୁ ମନ୍ତ୍ରଦୀକ୍ଷା ନେଇ ଚଉଦଦିନ ତାହା ପ୍ରାଣଭରି ଜପ କଲା । ତାପରେ ସେ ହ୍ୱାଇଟ୍‌ଫିଲ୍ଡ଼ ଆସି ଦର୍ଶନ ଧାଡ଼ିରେ ବସିଲା । ସ୍ୱାମୀ ସିଧା ତା' ପାଖକୁ ଆସିଲେ । ତା' ପାଖରେ ବସିଥିବା ବ୍ୟକ୍ତିଜଣକ ସ୍ୱାମୀଙ୍କ ଆଶୀର୍ବଚନୀୟ ସନ୍ତକ ପାଇଁ ହାତରେ ଥିବା ଫଟୋଟି ସ୍ୱାମୀଙ୍କୁ ବଢ଼େଇଲା । ଏହାହିଁ ଠିକ୍ ସୁଯୋଗ ମନେ କରି ଏହି ଭଦ୍ରବ୍ୟକ୍ତି ସ୍ୱାମୀଙ୍କ ପାଦସ୍ପର୍ଶ କରିବାକୁ ନିଜ ହାତ

ବଢ଼େଇଲେ । କିନ୍ତୁ ପାଦ କାହିଁ ? ସ୍ୱାମୀ ଛିଡ଼ା ହୋଇଛନ୍ତି କିମିତି ? ସେ ଚାଲୁଛନ୍ତି କିପରି ? ଫଟୋରେ ସ୍ୱାକ୍ଷର ଦେଇ ସ୍ୱାମୀ ଅନ୍ୟ ଧାଡ଼ିରେ ଥିବା ଲୋକଙ୍କୁ ଦର୍ଶନ ଦେବା ପାଇଁ ଚାଲିଗଲେ । ପରଦିନ ସେ ସେହି ଲୋକକୁ ଇଣ୍ଟରଭ୍ୟୁ କକ୍ଷକୁ ଡାକିଲେ । ଲୋକଜଣକ ରାମକୃଷ୍ଣ ପରମହଂସଙ୍କର ଅନୁଗାମୀ ଥାଏ । ସ୍ୱାମୀ ତାକୁ ଅନେକ କଥା କହି ଶେଷରେ ପଚାରିଲେ, "ତୁମେ ପୁଲିଙ୍ଗସ୍ୱାମୀଙ୍କ କଥା ଶୁଣିଛ ?" ରାମକୃଷ୍ଣ ପରମହଂସ ବାରାଣସୀରେ ପୁଲିଙ୍ଗସ୍ୱାମୀଙ୍କ ନିକଟକୁ ଯାଇଥା'ନ୍ତି । ସେଠାରେ ସେ ଦେଖିଲେ ତପସ୍ୟାରେ ବସିଥିବା ଅବସ୍ଥାରେ ପୁଲିଙ୍ଗସ୍ୱାମୀ ଉପରକୁ ଉଠି ଭାସି ପାରୁଛନ୍ତି । ପୁଲିଙ୍ଗସ୍ୱାମୀଙ୍କ କଥା ପଚାରିବାରୁ ଲୋକଟି ସ୍ୱାମୀଙ୍କୁ କହିଲା, "ହଁ, ମୁଁ ଜାଣେ, ସେ ଭାସି ପାରୁଥିଲେ ।" ସ୍ୱାମୀ କେବଳ ସେତିକି କହିଲେ । ସେ କହିଲେନି ଯେ "ମୁଁ ମଧ୍ୟ ଭାସୁଥିଲି" । ମୁଁ କଲିକତା ଯାଇଥିବା ସମୟରେ ଏହି ଲୋକଜଣକ ଆସି ମୋତେ ସବୁ କଥା କହିଥିଲା ।

ଅଷ୍ଟ୍ରେଲିଆର ଜଣେ ଭଦ୍ରମହିଳା କଣ୍ଢେଇନାଚ ଦେଖେଇବା ପାଇଁ ଅନେକଗୁଡ଼ିଏ କଣ୍ଢେଇ ନେଇ ଏଠାକୁ ଆସିଥାନ୍ତି । ଆମମାନଙ୍କୁ କଣ୍ଢେଇ କରି ସ୍ୱାମୀ ତାଙ୍କ ନିକଟକୁ ଟାଣି ଆଣିଥାନ୍ତି । ତାଙ୍କୁ ପୁଣି କଣ୍ଢେଇ ନାଚ ଦେଖାଯିବ ! ସ୍ୱାମୀ କିନ୍ତୁ ସେହି କଣ୍ଢେଇ ନାଚ ପାଇଁ ଅନୁମତି ଦେଲେ ନାହିଁ, କାରଣ ପୂର୍ଣ୍ଣଚନ୍ଦ୍ର ପ୍ରେକ୍ଷାଳୟ ମଧ୍ୟରେ ପ୍ରାୟ ପନ୍ଦର ହଜାର ଲୋକଙ୍କ ଆଖିକୁ ସେ ଆଣିଥିବା ଛୋଟ ଛୋଟ କଣ୍ଢେଇଗୁଡ଼ିକ ଦେଖାଯିବ ନାହିଁ । ସେହି ମହିଳାଙ୍କର ଆଣ୍ଠୁଗଣ୍ଠି ବାତ ଥାଏ ଏବଂ ସେ ସ୍ୱାମୀଙ୍କ ପାଦସ୍ପର୍ଶ କରିବା ପାଇଁ ନଇଁ ପାରୁ ନଥାନ୍ତି । ସ୍ୱାମୀ ତାଙ୍କୁ ଖୋଜି ଆଣିବା ପାଇଁ ମୋତେ ନିର୍ଦ୍ଦେଶ ଦେଇଥା'ନ୍ତି । ମୁଁ ତାଙ୍କୁ ମନ୍ଦିର ଆଗରେ ଯାଇ ସ୍ୱାମୀଙ୍କ ନିକଟକୁ ନେଇ ଆସିଲି । ସେ ସ୍ୱାମୀଙ୍କ ନିକଟକୁ ଗଲେ, ମୁଁ ମଧ୍ୟ ସେଠାରେ ଥାଏ । ସେ ସ୍ୱାମୀଙ୍କୁ କହିଲେ, "ସ୍ୱାମୀ ! ମୁଁ ଯେତେବେଳେ ନତଜାନୁ ହୋଇ ମନେ ମନେ ଆପଣଙ୍କ ପାଦସ୍ପର୍ଶ କରୁଛି ଭାବି ପବନରେ ହାତ ଦିଏ, ଆପଣଙ୍କ ପାଦ ବାସ୍ତବରେ ମୋ ହାତ ଯାଏ ଚାଲିଆସେ ଏବଂ ମୁଁ ତାହା ସ୍ପର୍ଶ କରୁଥିବା ଅନୁଭବ କରେ !" ସ୍ୱାମୀ ମୋତେ କହିଲେ, "ତାଙ୍କୁ କହ, ସେ ନଇଁ ପାରୁ ନଥିବାରୁ ମୁଁ ଉପରକୁ ଉଠି ମୋ ପାଦ ତାଙ୍କ ହାତ ପାପୁଲିରେ ରଖିଥାଏ !" ତେଣୁ ପାଦର ଅର୍ଥ ସେ ଯେଉଁ ଆଦର୍ଶର ସଂସ୍ଥାପନ ପାଇଁ ଧରାଧାମକୁ ଆସିଛନ୍ତି, 'ସେବନ'ର ଅର୍ଥ ସେହି ଆଦର୍ଶକୁ ଧରି ରହିବା, ତାହାର ସଫଳ ରୂପାୟନରେ ହାତ ଦେବା, ସେଥିରେ ଅଂଶୀଦାର ହେବା ଏବଂ ତାହାକୁ ଅନ୍ୟମାନଙ୍କ ସହ ଗ୍ରହଣ କରିବା । ଏହା ହିଁ 'ପଦସେବନମ୍'ର ପ୍ରକୃତ ଅର୍ଥ ।

❖❖❖

୨୩

ଭଗବାନଙ୍କ ଲକ୍ଷଣ

ରାମାୟଣର ରଚୟିତା ମହର୍ଷି ବାଲ୍ମୀକି ସ୍ନାନ କରିବାକୁ ନଦୀକୁ ଯାଇଥା'ନ୍ତି । ସେଠାରେ ସେ ଜଣେ ବ୍ୟାଧ ଏକ କ୍ରୌଞ୍ଚ ପକ୍ଷୀକୁ ଶରବିଦ୍ଧ କରିବା ଦେଖିଲେ । ପକ୍ଷୀଟି ଶରାଘାତରେ ମୃତ୍ୟୁବରଣ କରି ଭୂତଳଶାୟୀ ହେଲା । ପକ୍ଷୀ ଯୁଗଳ ପ୍ରତି ବାଲ୍ମୀକି ପ୍ରକାଶ କରିଥିବା କରୁଣା ଏକ ଶ୍ଳୋକର ରୂପ ନେଲା । ବାଲ୍ମୀକି ତାଙ୍କର ଭାବକୁ ପ୍ରକାଶ କରିବାର ଏକ ନୂତନ ଦିଗନ୍ତର ସନ୍ଧାନ କରି ତାହାକୁ ଏକ ମହତ୍ତର ଉଦ୍ଦେଶ୍ୟରେ କିଭଳି ବ୍ୟବହାର କରାଯାଇ ପାରନ୍ତା ଭାବିଲେ । ଠିକ୍ ସେହି ସମୟରେ ତ୍ରିଲୋକ ସଞ୍ଚାର କରୁଥିବା ନାରଦ ମହର୍ଷି ସେଠାରେ ପହଞ୍ଚିଲେ । ବାଲ୍ମୀକି ନାରଦଙ୍କୁ ପଚାରିଲେ, "ମୁଁ ଚାହୁଁଥିବା ଭଳି ଲକ୍ଷଣଯୁକ୍ତ କୌଣସି ବ୍ୟକ୍ତି କି ଆଜି ଧରାବକ୍ଷରେ ଜୀବିତ ଅଛନ୍ତି - ଦୟାକରି ମୋତେ କହନ୍ତୁ, ଯାହାର କାହାଣୀ ମୁଁ ଲେଖିବି ।" ନାରଦ ତାଙ୍କୁ ରାମଙ୍କ କଥା ଲେଖିବାକୁ କହିଲେ । ଏହା ଜଣେ ଦୁର୍ଜ୍ଜନର ଦୁଷ୍କର୍ମ ହେତୁ ରାମଙ୍କଠାରୁ ବିଚ୍ଛେଦଜନିତ ବ୍ୟଥା ଅନୁଭବ କରିଥିବା ସୀତାଙ୍କ କଥା ମଧ୍ୟ । ରାମ ଓ ସୀତାଙ୍କ କାହାଣୀ ବିରହ ବେଦନା ଜର୍ଜ୍ଜରିତ ସେହି ଦୁଇ ବିହଙ୍ଗଙ୍କର କାହାଣୀ ସହ ମୋଟାମୋଟି ସମାନ । ବାଲ୍ମୀକି ରାମାୟଣରେ ଶୋକକୁ ଶ୍ଳୋକର ରୂପ ଦେଲେ, ଲୋତକର ଧାର ଏକ ମହାକାବ୍ୟର ମହୋଦଧି ହେଲା । ଆଜି ଯଦି ବାଲ୍ମୀକି ଆମକୁ ପଚାରନ୍ତି, "ଏ ସମସ୍ତ ସଦ୍‌ଗୁଣ କାହାଠେ ଅଛି ?", ଆମେ କହିବା, "କେବଳ ଜଣଙ୍କଠେ ଅଛି" - ସେ ହେଉଛନ୍ତି ସତ୍ୟସାଇ ବାବା । ଶ୍ରୀକୃଷ୍ଣ ଭଗବଦ୍ ଗୀତାରେ ଭଗବାନଙ୍କଠେ କି କି ସଦ୍‌ଗୁଣ ଥାଏ, ତାହାର ବର୍ଣ୍ଣନା କରିଛନ୍ତି । ସ୍ୱାମୀଙ୍କ ସହ ବାର୍ତ୍ତାଳାପ ସମୟରେ ଥରେ ହିସ୍‌ଲପ୍ ତାଙ୍କୁ କିଛି ପଚାରିବାକୁ ଯାଇ କହୁଥାନ୍ତି, "ସ୍ୱାମୀ, କୃଷ୍ଣଙ୍କ ସମୟରୁ...." ସ୍ୱାମୀ ମଝିରୁ କଥାକୁ ରୋକି କହିଲେ, "ରୁହ ! ରୁହ ! କ'ଣ କହୁଛ ? କୃଷ୍ଣଙ୍କ ସମୟରୁ ? କୃଷ୍ଣ ତ ବର୍ତ୍ତମାନ ଏଇଠେ ତୁମ ସାମ୍‌ନାରେ ଅଛନ୍ତି ।" ସ୍ୱାମୀ ଯେହେତୁ ନିଜକୁ କୃଷ୍ଣ କହି ପରିଚୟ ଦେଉଛନ୍ତି, କୃଷ୍ଣଙ୍କର ସମସ୍ତ ସଦ୍‌ଗୁଣ ସ୍ୱାମୀଙ୍କଠାରେ ଅଛି କି ନାହିଁ, ତାହା ଆମକୁ ଦେଖିବାକୁ ହେବ । ଯେତେ ସାଧୁ, ସନ୍ଥ, ଜଗଦ୍‌ଗୁରୁ ବା ପୟଗମ୍ବର ନିଜକୁ ଦେବପୁରୁଷ କହିଥା'ନ୍ତି, ସେ ସମସ୍ତଙ୍କଠୁ ସ୍ୱାମୀ ଭିନ୍ନ । ମୁଁ ସୁଦୀର୍ଘ ବତିଶ ବର୍ଷ ଇତିହାସର ଶିକ୍ଷକ ଥିଲି । ମୁଁ ନୃତତ୍ତ୍ୱ ମଧ୍ୟ ଶିକ୍ଷା ଦେଉଥାଏ, ଯାହା ସୃଷ୍ଟିର ଯେଉଁ ସମସ୍ତ ଜୀବ ଲାଙ୍ଗୁଳ ଧାରଣ କରି ଗୋଟିଏ ବୃକ୍ଷରୁ ଅନ୍ୟ ଗୋଟିଏ ବୃକ୍ଷକୁ ଡେଉଁଥା'ନ୍ତି, ସେମାନଙ୍କଠାରୁ ଭିନ୍ନ, ମଣିଷ ଯେଉଁ ଦିନଠାରୁ ସେ ମଣିଷ ହେଲା ସେହି ଦିନରୁ ତାହାର ଇତିହାସ ବର୍ଣ୍ଣନା କରିଥାଏ । ସେହି ଦିନରୁ ଆଜିଯାଏଁ ଏଭଳି କେହି ଜନ୍ମ ହୋଇନାହାନ୍ତି, ଯାହାଙ୍କଠାରେ ଶ୍ରୀକୃଷ୍ଣ ଭଗବାନଙ୍କଠାରେ ଯେଉଁସବୁ ଲକ୍ଷଣ ରହିଥାଏ ବୋଲି କହିଛନ୍ତି,

ସେ ସମସ୍ତ ଲକ୍ଷଣ ରହିଅଛି । ସେସବୁ ଲକ୍ଷଣ କ'ଣ ? ଶ୍ରୀକୃଷ୍ଣ ଗୀତାରେ କହନ୍ତି, "ଗତିର୍ଭର୍ତ୍ତା ପ୍ରଭୁଃ ସାକ୍ଷୀ ନିବାସଃ ଶରଣଂ ସୁହୃତ୍ ।"

ପ୍ରଥମ ଲକ୍ଷଣ ହେଲା ଗତି, ଅର୍ଥାତ୍ ପଥ । ମୁଁ ହିଁ ଗତି ଓ ମୁଁ ହିଁ ଗମ୍ୟ । ମୁଁ ହିଁ ପଥ, ମୁଁହିଁ ଲକ୍ଷ୍ୟ । ମୁଁ ହିଁ ନଦୀ, ମୁଁ ହିଁ ସାଗର । ଏହା ହେଉଛି ଗତି । ମାନ୍ଦ୍ରାଜରେ ଯେଉଁ ୱାଲଟର କୋୱେନଙ୍କୁ ସ୍ୱାମୀ ମୃତ୍ୟୁ ପରେ ପୁନର୍ଜୀବନ ପ୍ରଦାନ କରିଥିଲେ, ସେ ମୃତ୍ୟୁବରଣ କରିଥା'ନ୍ତି ଓ ତାଙ୍କର ମୃତ ଦେହକୁ ଶବ ଭବନ ମଧ୍ୟରେ ରଖାଯାଇଥାଏ । ସ୍ୱାମୀ ସେ ସମୟରେ ଏକ ସମ୍ମିଳନୀରେ ଉପସ୍ଥିତ ଥା'ନ୍ତି ଓ ଶ୍ରୀମତୀ କୋୱେନ୍ ସେଠାକୁ ଆସି ସ୍ୱାମୀଙ୍କୁ ସାକ୍ଷାତ କଲେ । ସେହି ସମ୍ମିଳନୀରେ ଯୋଗ ଦେବା ଉଦ୍ଦେଶ୍ୟରେ କୋୱେନ ଦମ୍ପତି ମାନ୍ଦ୍ରାଜ୍ ଆସିଥିଲେ। ଶ୍ରୀମତୀ କୋୱେନ ସ୍ୱାମୀଙ୍କ ନିକଟକୁ ଆସି କୋୱେନ୍‌ଙ୍କ ମୃତ୍ୟୁର ସମ୍ବାଦ ଦେବା ସମୟରେ ମୁଁ ସେଠାରେ ଉପସ୍ଥିତ ଥାଏ । ସ୍ୱାମୀ ଏ ଖବର ପାଇ ସଙ୍ଗେ ସଙ୍ଗେ କହିଥିଲେ, "ଛେ ଛେ ପାପମ୍", ଅର୍ଥାତ୍ ନା, ଏହା ହେବା କଥା ନୁହଁ । ସେହି ପରିସ୍ଥିତିରେ ଏହି ବୃଦ୍ଧ ମହିଳା ଉକ୍ତ ମୃତ ବ୍ୟକ୍ତିଙ୍କର ମୃତ ଦେହକୁ ଆମେରିକା ନେଇ ଯାଇଥା'ନ୍ତେ । ଆମେରିକାରୁ ଏତେ ଦୂରକୁ ଆସି ଫେରିବା ସମୟରେ ମୃତ ଦେହକୁ ନେଇ ଫେରିବେ ! ତେଣୁ ସ୍ୱାମୀ କହିଲେ, "ନା, ନା, ମୁଁ ଏଗାରଟା ସମୟରେ ଡାକ୍ତରଖାନା ଆସୁଛି, ତୁମେ ଅବିକା ଯାଅ ।" ସ୍ୱାମୀ ଏଗାରଟାରେ ନୁହଁ, ଘଣ୍ଟାଏ ଆଗରୁ ଦଶଟାରେ ଯାଇ ପହଞ୍ଚିଗଲେ ! ଘଟିଯାଇଥିବା ଅଘଟଣକୁ ଠିକ୍ ନ କରିବା ଯାଏଁ ସେ ସ୍ଥିର ରହି ପାରୁ ନଥାନ୍ତି । ତାହା ହେଉଛି ତାଙ୍କର ଅଫୁରନ୍ତ କରୁଣାର ନିଦର୍ଶନ ! ସେ ଡାକ୍ତରଖାନାକୁ ଯାଇ ଏ ଯୁଗର ଲାଜାରସ୍‌କୁ ଉଠାଇ ବସେଇଲେ । ପରେ ସ୍ୱାମୀ ହ୍ୱାଇଟ୍‌ଫିଲ୍‌ଡ୍‌ରେ ଥିବା ସମୟରେ କୋୱେନ୍ ବାଙ୍ଗାଲୋର ଆସିଥା'ନ୍ତି । ସ୍ୱାମୀ-ସ୍ତ୍ରୀ ଉଭୟେ ୱେଷ୍ଟ ଏଣ୍ଡ ହୋଟେଲ୍‌ରେ ରହୁଥା'ନ୍ତି ଏବଂ ସେମାନେ ହ୍ୱାଇଟ୍‌ଫିଲ୍‌ଡ୍ ଆସିଥିବା ସମୟରେ ମୁଁ ସେଠାରେ ଥାଏ । ସ୍ୱାମୀ ନିଜେ ଆସି ସେମାନଙ୍କୁ ଗ୍ରହଣ କଲେ । ଏକ ଶୋଭଯାତ୍ରାରେ ଉଭୟଙ୍କୁ ସ୍ୱାମୀଙ୍କ ବଙ୍ଗଳା ଯାଏ ଅଣାଗଲା । ଶୋଭାଯାତ୍ରାର ଆଗରେ ସାଇ ଗୀତା ଚାଲୁଥାଏ ଏବଂ କଲେଜ ପିଲାଙ୍କ ବାଦ୍ୟବୃନ୍ଦ ବିଭିନ୍ନ ବାଦ୍ୟ ବାଦନ କରୁଥାନ୍ତି । ଶ୍ରୀ ଓ ଶ୍ରୀମତୀ କୋୱେନ ବର-କନ୍ୟା ହୋଇ ଚାଲିଥାନ୍ତି ଓ ସେଦିନ ସେମାନଙ୍କର ଦ୍ୱିତୀୟ ବିବାହ ସମାପନ କରାଗଲା । ଡକ୍ଟର ଭଗୱନ୍ତମ୍ ସେଠାରେ ଥାନ୍ତି ଏବଂ ସ୍ୱାମୀ ତାଙ୍କୁ କହିଲେ, "ମାନ୍ଦ୍ରାଜ୍‌ରେ କ'ଣ ହେଲା, ତାଙ୍କୁ ପଚାର ।" ଭଗୱନ୍ତମ୍ କୋୱେନ୍‌ଙ୍କୁ କହିଲେ, "ମାନ୍ଦ୍ରାଜ୍‌ରେ ଆପଣଙ୍କର କ'ଣ ହେଲା କହନ୍ତୁ ।" କୋୱେନ୍ କହିଲେ, "ପାଞ୍ଚଟାରେ ମୋର ମୃତ୍ୟୁ ହେଲା...." । ଆଜି ଯାଏ କେହି କେଭେ "ମୋର ମୃତ୍ୟୁ ହେଲା" କହି ନଥିଲା, କିନ୍ତୁ ସେଦିନ ୱାଲଟର କୋୱେନ୍ ତାହା କହିଥିଲେ, କାରଣ ସ୍ୱାମୀ ତାଙ୍କୁ ପୁନର୍ଜୀବନ ପ୍ରଦାନ କରିଥିଲେ ।

କୋଓ୍ୱନ୍‌ଙ୍କର ଏଭଳି କ୍ରୁଶବିଦ୍ଧ ହୋଇ ପୁନର୍ବାର ଜୀବନ ଫେରି ପାଇବା ମଧ୍ୟରେ ସେ ତାଙ୍କର ଶରୀରର ସମସ୍ତ ଦୁରାରୋଗ୍ୟରୁ ସମ୍ପୂର୍ଣ୍ଣଭାବେ ମୁକ୍ତ ହେଲେ । ସ୍ୱାମୀଙ୍କ ଆଦେଶରେ ସେ ପୁଣି ଥରେ ଜୀବନ ଫେରି ପାଇବା ପରେ ଏକ ନବଜାତ ଶିଶୁ ସଦୃଶ ସୁସ୍ଥ ସୁନ୍ଦର ହୋଇ ଦେଖାଦେଲେ । ତା ପରେ ସେ ଆମେରିକା ଫେରି ଯାଇ ସେଠାରେ ଊଣେଇଶ ମାସ ଆନନ୍ଦରେ ବିତେଇବା ପରେ ମୃତ୍ୟୁବରଣ କଲେ । ତାଙ୍କର ମୃତ୍ୟୁ ପରେ ହୁଏତ ଆମେରିକାରେ ସମସ୍ତେ କୁହାକୁହି ହୋଇଥିବେ, "ୱାଲ୍‌ଟର୍ ଚାଲିଗଲେ ! ୱାଲଟର ଚାଲିଗଲେ ।" ଏଣେ କିନ୍ତୁ ସ୍ୱାମୀ ମୋ ହାତରେ ଏକ ଟେଲିଗ୍ରାମ୍ ସେମାନଙ୍କ ନିକଟକୁ ପଠେଇ ଥା'ନ୍ତି, ଯେଉଁଥିରେ ସେ ଲେଖିଥା'ନ୍ତି, "ୱାଲ୍‌ଟର୍ ଠିକ୍ ରୂପେ ମୋଠେ ପହଞ୍ଚିଛି ।" ଆମେରିକାରେ ୱାଲ୍‌ଟର୍‌ଙ୍କୁ କବର ଦେବା ପୂର୍ବରୁ ହିଁ ସ୍ୱାମୀ ଏହି ଟେଲିଗ୍ରାମ୍ ଦେଇଥାନ୍ତି । ତେଣୁ ସ୍ୱାମୀ ହିଁ ଆମର ଗତି । କୃଷ୍ଣାବତାର କହନ୍ତୁ ବା ସାଇ ଅବତାର କହନ୍ତୁ – ଏହା ହିଁ ଅବତାରଙ୍କର ପ୍ରଥମ ଲକ୍ଷଣ । ସେ ଆମକୁ ଏକ ଠିକ୍ ରୂପ ଦେବାକୁ ଚେଷ୍ଟା କରିଥାନ୍ତି, କିନ୍ତୁ ଆମେ ନିଜକୁ ତାଙ୍କ ହାତରେ ସମ୍ପୂର୍ଣ୍ଣ ସମର୍ପିତ କରୁନା । ଆବଡ଼ାଖାବଡ଼ା ପଥରକୁ ଏକ ଠିକ୍ ରୂପ ଦେଇ ତାହାକୁ ସେ ଏକ ସୁନ୍ଦର ପ୍ରତିମା କରି ଗଢ଼ି ତୋଳନ୍ତି ଯାହା ପରେ ମନ୍ଦିରରେ ଅଧିଷ୍ଠିତ ହୋଇ ପୂଜା ପାଏ !

ସ୍ୱାମୀ ମୋତେ ସମସ୍ତ ବନ୍ଧନରୁ ମୁକ୍ତ କରି ତାଙ୍କର ଶରଣପଞ୍ଜରରେ ସ୍ଥାନ ଦେବାର ଦୁଇ ବର୍ଷ ପରେ ଦିନେ ମୁଁ ବାଙ୍ଗାଲୋର୍‌ରୁ ଏହି ସ୍ଥାନକୁ ଆସୁଥାଏ । ବସ୍‌ରୁ ଓହ୍ଲେଇ ମୁଁ ଗାଁକୁ ତିନି ମାଇଲ୍ ଚାଲି ଚାଲି ଆସୁଥାଏ । ଗାଁ ମଧ୍ୟ ଦେଇ ଯିବା ସମୟରେ ଲକ୍ଷ୍ୟ କଲି ଗାଁ ସାରା ଶୋକାଚ୍ଛନ୍ନ ହୋଇଯାଇଥାଏ । କ'ଣ ଘଟିଛି ମୋତେ କହିବା ପାଇଁ କେହି ନଥାନ୍ତି । ସମସ୍ତଙ୍କ ଘରେ ତାଲା ପଡ଼ିଥାଏ । ମନ୍ଦିରରେ ପହଞ୍ଚି ମୁଁ ଜାଣିପାରିଲି ଯେ କେତେ ଘଣ୍ଟା ପୂର୍ବରୁ ସ୍ୱାମୀଙ୍କ ଭିଣୋଇ, ଅର୍ଥାତ୍ ବଡ଼ ଭଉଣୀଙ୍କ ସ୍ୱାମୀ (ଅନ୍ୟ ପ୍ରକାରେ ସେ ସ୍ୱାମୀଙ୍କ ମାମୁଁ) ମୃତ୍ୟୁବରଣ କରିଥା'ନ୍ତି । ମୁଁ ତାଙ୍କୁ ଭଲଭାବେ ଜାଣିଥାଏ, କାରଣ ସେ ମନ୍ଦିର ନିର୍ମାଣର ଦାୟିତ୍ୱରେ ଥା'ନ୍ତି । ଏକ ପାଗଳ କୁକୁର କାମୁଡ଼ିବା ଫଳରେ ସେ ମର୍ମନ୍ତୁଦ ମୃତ୍ୟୁର ଶିକାର ହୋଇଥାନ୍ତି । ଏଥିପାଇଁ ଗାଁସାରା ବିଷାଦ ଛାଇ ଯାଇଥାଏ । ଦୁଇ ଘଣ୍ଟା ପୂର୍ବେ ତାଙ୍କର ଶବ ସତ୍କାର ସରିଥାଏ ଓ ଗ୍ରାମବାସୀମାନେ ଆସି ମନ୍ଦିରରେ ଜମା ହୋଇଥାନ୍ତି । ସ୍ୱାମୀଙ୍କ ତଥାକଥିତ ବନ୍ଧୁବାନ୍ଧବମାନେ ଆସିବେ ବୋଲି ଥରେ ଦଶହରା ଉତ୍ସବ ସମୟରେ ମନ୍ଦିର ସାରା ତୋରଣ, ଝାଲର ସବୁ ଟଙ୍ଗା ହୋଇଥାଏ । ତାହା ଦେଖି ଆମେମାନେ କେତେଜଣ ଭାବୁଥାଉ ଯେ ହୁଏତ କେଉ ଗଣ୍ୟମାନ୍ୟ ବ୍ୟକ୍ତି ଆସୁଛନ୍ତି ସେତେବେଳେ ସ୍ୱାମୀ ଆମକୁ କହିଲେ, "ନା, ବନ୍ଧୁଲୁଆନ୍ତା ଓସ୍ତାରୁ" ଅର୍ଥାତ୍ ମୋ ବନ୍ଧୁସକଳ ଆସିବେ । ପରଦିନ ନାରାୟଣ ସେବା ହେଲା ଏବଂ ସର୍ବତ୍ର ଗରିବ ଲୋକମାନେ ଆସି ଜମା ହୋଇଥାନ୍ତି । ତାହା ଦେଖି କେହି ଜଣେ ସ୍ୱାମୀଙ୍କୁ କହିଲେ, "ସ୍ୱାମୀ ! ଏଠାରେ ତ

ସବୁ ଗରିବ ଲୋକ ଜମା ହୋଇଛନ୍ତି । ଏମାନଙ୍କ ପାଇଁ ତୋରଣ, ଝାଲର ଦେଇ ସାଜସଜ୍ଜା କାହିଁକି ?" ସ୍ୱାମୀ କହିଲେ, "ଏମାନଙ୍କୁ ଗରିବ କୁହ ନାହିଁ । ଏମାନେ ଆମର ବନ୍ଧୁବାନ୍ଧବ । ଏମାନେ ନିଜ ଘରକୁ ଆସିଛନ୍ତି । ଏହା ଏକ ପରିବାରର ବନ୍ଧୁମିଳନ ।" ତେଣୁ ସ୍ୱାମୀଙ୍କ କୁଟୁମ୍ବ, ସ୍ୱାମୀଙ୍କ ବନ୍ଧୁବାନ୍ଧବର ଅର୍ଥ ଏଇଆ !

ସ୍ୱାମୀଙ୍କ ଭିଣୋଇ ଦେହତ୍ୟାଗ କରିଥିବା ସେହି ଦିନ ତାଙ୍କର ବନ୍ଧୁ-ସ୍ୱଜନ ମନ୍ଦିର ଆଗରେ ଜମା ହୋଇଥା'ନ୍ତି । ସ୍ୱାମୀ ଠିକ୍ ମନ୍ଦିର ସମ୍ମୁଖରେ ଲୋକଙ୍କୁ ମୁହଁ କରି ବସିଥା'ନ୍ତି । ମୁଁ ସ୍ୱାମୀଙ୍କ ନିକଟକୁ ଗଲି । ମୋ ଚକ୍ଷୁରେ ଅଶ୍ରୁ ଦମିତ କ୍ରନ୍ଦନର ରୂପ ନେଲା । ଜଳାତଙ୍କ ରୋଗରେ ମୃତ୍ୟୁବରଣ କରିବା ବାସ୍ତବିକ କି ମର୍ମନ୍ତୁଦ ! ସେତେବେଳେ ସ୍ୱାମୀ ମୋତେ ଚାହିଁ କହିଲେ, "ଯେମୟା କସ୍ତୁରୀ ! କାଦୟା, ଚଛେଦି ପୁଛେଦି ଲେକପୋତେ ନାକେଟ୍ଲା ଟାଇମ୍ ପୋତୁନ୍ଦି ?" ଅର୍ଥାତ୍ "କସ୍ତୁରୀ ! ଯେ କ'ଣ ? ଜନ୍ମ ଓ ମୃତ୍ୟୁ ନ ଥିଲେ ମୋ ସମୟ କଟିବ କିପରି ?" କି ଚମତ୍କାର କଥା ! ଆମର ଜନ୍ମ ବା ମୃତ୍ୟୁ ତାଙ୍କ ପାଇଁ ଚିତ୍ତବିନୋଦନ । ସେ ଆମକୁ ଜୀବନ ଦିଅନ୍ତି ଓ ଏହି ରଙ୍ଗମଞ୍ଚରେ ଅଭିନୟ କରିବାକୁ କୁହନ୍ତି । ତାଙ୍କର ଏହି ନାଟକରେ ଆମେ ପୁତ୍ତଳିକା ମାତ୍ର । ଆମକୁ ନେଇ ସେ କ୍ଲାନ୍ତି ଅନୁଭବ କଲେ ଆମର ପ୍ରସ୍ଥାନର ସମୟ ଉପନୀତ ହୁଏ । ଏହା ହିଁ ଗତି । ସେଦିନ ମୋର ଚକ୍ଷୁ ଉନ୍ମୀଳିତ ହେଲା । ମୁଁ ଅନୁଭବ କଲି ଯେ ତାହା ଏକ ଦିବ୍ୟ ମୁହୂର୍ତ୍ତ, ଭଗବାନଙ୍କ ଦିବ୍ୟ ଓଷ୍ଠପୁଟରୁ ସ୍ଫୁରିତ ପରମ ସତ୍ୟ । ଏଥିପୂର୍ବରୁ ଏହା କେହି କହି ନଥିଲେ । ଶୋକ ଜର୍ଜରିତ ସେଦିନର ସେହି ପରିବେଶ ମଧ୍ୟରେ ସେ ଥିଲେ ଏକମାତ୍ର ନିର୍ଲିପ୍ତ ସୂତ୍ରଧର । ତେଣୁ ସେ ଅବତାର !

ତା'ପରେ ଅବତାରଙ୍କର ସ୍ୱଭାବ ହେଲା ଭର୍ତ୍ତା ଅର୍ଥାତ୍ ଦାତା । ଯାହା ଆମ ପାଇଁ ଭଲ, ସେ ହେଉଛନ୍ତି ତାହାର ଦାତା । କୃଷ୍ଣ କହିଥିଲେ, "ମୁଁ ଭର୍ତ୍ତା ।" ମୁନିଋଷି ଓ ସାଧୁ-ସନ୍ଥଙ୍କ ମଧ୍ୟରେ ଯଦି କେହି ଆମମାନଙ୍କର ସୁଖ ଓ ଶାନ୍ତିମୟ ଜୀବନ ପ୍ରତି ଆଗ୍ରହୀ ଥାନ୍ତି, ସେହି ଭର୍ତ୍ତା ହେଉଛନ୍ତି ସ୍ୱାମୀ । ଏଠାରୁ ପ୍ରାୟ ୧୮୦୦ ମାଇଲ୍ ଦୂରରେ ଥିବା ଏକ ବିଶ୍ୱବିଦ୍ୟାଳୟରେ ଏମ୍.ଏସ୍.ସି. ଉପାଧି ଲାଭ କରିବା ପରେ ମୋର ନାତି କୌଣସି ଏକ ବିଷୟରେ ବିଶେଷଜ୍ଞ ହେବାକୁ ଚାହୁଁଥିଲା । ସ୍ୱାମୀ ତାକୁ ଉଦ୍ଧାର କରିବା ଉଦ୍ଦେଶ୍ୟରେ ସ୍ୱପ୍ନରେ ଦର୍ଶନ ଦେଇ ପଚାରିଲେ, "ତୁ କେଉଁ ବିଷୟରେ ବିଶେଷଜ୍ଞ ହେବା ଚାହୁଁ ?" ସେ କହିଲା "ସାମୁଦ୍ରିକ ଜୀବ ବିଜ୍ଞାନ ।" ସ୍ୱାମୀ କହିଲେ, "ନା, କୀଟ ବିଜ୍ଞାନ ପଢ଼େ ।" ମୋତେ ମୋ ନାତି ଚିଠି ଲେଖି ପଚାରିଲା "ଯେ କ'ଣ ! ମୁଁ ସାମୁଦ୍ରିକ ଜୀବ ବିଜ୍ଞାନ ଅଧ୍ୟୟନ କରିବାକୁ ଚାହେଁ, କିନ୍ତୁ ସ୍ୱାମୀ ମୋତେ ସ୍ୱପ୍ନରେ କୀଟବିଜ୍ଞାନ ନେବାକୁ ଚାହୁଁଥିଲେ ।" ମୁଁ ସ୍ୱାମୀଙ୍କୁ ପଚାରିଲି, "ଆପଣ କ'ଣ ତାଙ୍କୁ କୀଟବିଜ୍ଞାନ ନେବାକୁ କହିଛନ୍ତି ?" ଲକ୍ଷ୍ୟ କରନ୍ତୁ, ସ୍ୱାମୀ ମୋ ନାତିକୁ ଯାହା କହିଲେ ତାହା ସ୍ୱପ୍ନରେ ଅଥଚ ମୋତେ ଯାହା କହିଲେ

ତାହା ବ୍ୟକ୍ତିଗତ ଭାବରେ । ସ୍ୱାମୀ ମୋତେ କହିଲେ, "ତୋର ହୁଏତ ମନେ ନାହିଁ, ମୋର କିନ୍ତୁ ମନେ ଅଛି । ପିଲାଟିର ପାଣି ପ୍ରତି ପ୍ରବଳ ଭୟ ଥାଏ, ତେଣୁ ସେ ସାମୁଦ୍ରିକ ଜୀବ ବିଜ୍ଞାନ ପଢ଼ିବା ଠିକ୍ ହେବ ନାହିଁ । ଏଥିପାଇଁ ପରେ ତୋତେ ଓ ତାର ପିତାମାତାଙ୍କୁ ଘୋର ଦୁଃଖ ଭୋଗିବାକୁ ହେବ । ତେଣୁ ମୁଁ ତାକୁ କୀଟ ବିଜ୍ଞାନ ପଢ଼ିବାକୁ କହିଲି ।" ତେଣୁ ସେ ଆମର ଭର୍ତ୍ତା, ଆମ ଜୀବନରେ କ'ଣ ହେବାକୁ ଯାଉଛି ଓ ଆମ ପାଇଁ କ'ଣ ଭଲ, ତାହା ସେ ଜାଣନ୍ତି । ତାପରେ ମୋ ନାତି କୀଟ ବିଜ୍ଞାନରେ ବିଶେଷଜ୍ଞ ହେଲା ।

ଥରେ ଜଣେ ଯୁବକ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ଯୋଗ ଦେବାପାଇଁ ସ୍ୱାମୀଙ୍କ ଅନୁମତି ଭିକ୍ଷା କଲା । ସ୍ୱାମୀ ତାକୁ କହିଲେ, "ଓଦ୍ଦୁ' (ନା, ସେ ପରୀକ୍ଷାରେ ଯୋଗ ଦେ'ନା) । ପ୍ଲାଷ୍ଟିକ୍ ରସାୟନ ଶାସ୍ତ୍ର ପଢ଼େ । ଏହି ଶାସ୍ତ୍ରର ବିଶେଷ ଚାହିଦା ରହିବ । ତୁ ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ବେଳକୁ ପ୍ଲାଷ୍ଟିକ୍ ରସାୟନ ଶାସ୍ତ୍ରର ଖୁବ୍ ଚାହିଦା ରହିବ ।" ଆମେ ଭାବୁ ଯେ ସ୍ୱାମୀ ଏକ ଗ୍ରାମରେ ଜନ୍ମ ହୋଇଛନ୍ତି, ସପ୍ତମ ଶ୍ରେଣୀ ଯାଏ ପଢ଼ିଛନ୍ତି, ଦୁନିଆର ହାଲ୍‌ଚାଲ୍ ଜାଣନ୍ତି ନାହିଁ । କିନ୍ତୁ ଏଠାରେ ସେ ଏମ୍.ବି.ଏ୍ ଛାତ୍ରଙ୍କୁ କହନ୍ତି, "ଆର ରବିବାର ମୁଁ ତୁମମାନଙ୍କୁ ଜାପାନ, ରୁଷ୍ ଓ ଇଂଲଣ୍ଡରେ ପ୍ରଚଳିତ ବ୍ୟାବସାୟିକ ପରିଚାଳନା ପଦ୍ଧତି ସମ୍ବନ୍ଧରେ କହିବି । ପରିଚାଳନା ଶାସ୍ତ୍ର ସମ୍ବନ୍ଧରେ ତୁମର ଯଦି କିଛି ପ୍ରଶ୍ନ ଥାଏ ପଚାର, ମୁଁ ତାହାର ଉତ୍ତର ଦେବି ।"

ଥରେ ଜଣେ ବ୍ୟାଙ୍କ ଅଫିସର ତାଙ୍କ ପୁଅକୁ ନେଇ ଏଠାକୁ ଆସିଥିଲେ । ସେ ପୁଅକୁ ବ୍ୟାଙ୍କ ଶାସ୍ତ୍ର ଅଧ୍ୟୟନରେ ଭର୍ତ୍ତି କରିବାକୁ ଚାହୁଁଥାନ୍ତି । ସ୍ୱାମୀ ତାଙ୍କୁ କହିଲେ, "ନା, ତାକୁ କୃଷି ବିଜ୍ଞାନ ମହାବିଦ୍ୟାଳୟରେ ଭର୍ତ୍ତି କର । ତୁମେ ଦେଖିବ, ଆଗାମୀ ବର୍ଷମାନଙ୍କରେ ତୁମର ବ୍ୟାଙ୍କ୍ କୃଷି ବିଜ୍ଞାନ ଉପାଧି ପ୍ରାପ୍ତ ବ୍ୟକ୍ତିଙ୍କୁ ଚାହିଁବ । ବ୍ୟାଙ୍କ କୃଷି ଋଣ ଦେବ, ତେଣୁ କୃଷକ ଠିକ୍ ସାର ଦେଉଛି କି ନାହିଁ, ଋଣ ଶୁଝି ପାରିବ କି ନାହିଁ ଓ ସେ ବ୍ୟବହାର କରୁଥିବା ବୀଜ ଠିକ୍ କି ନାହିଁ – ଏସବୁ ଜାଣିବା ପାଇଁ ସେମାନେ କୃଷି ଉନ୍ନୟନ ଅଫିସରଙ୍କୁ ଲୋଡ଼ିବେ ।" ସ୍ୱାମୀ ଏକଥା ଜାଣିଥା'ନ୍ତି, ତେଣୁ ସେ ସେମାନଙ୍କୁ ଯଥେଷ୍ଟ ଆଗରୁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଲେ । ଏହି ବ୍ୟାଙ୍କ ଅଫିସର ଘର ତୋଳିବା ପାଇଁ ତାଙ୍କ ବ୍ୟାଙ୍କରୁ ଋଣ ନେବାକୁ ଚାହୁଁଥିଲେ । ସ୍ୱାମୀ ତାଙ୍କୁ କହିଲେ, "ନା, ଘର ତିଆରି କରନା । ମୁଁ ତୁମକୁ ଘର ଦେବି ।" ଉକ୍ତ ବ୍ୟାଙ୍କ ଅଫିସର ରେଳବାଇ ଶ୍ରମିକ ସଂଘର ସମ୍ପାଦକଙ୍କ ଘରେ ରହୁଥା'ନ୍ତି । ସେହି ସମ୍ପାଦକ ଦିନେ ଆସି ତାଙ୍କୁ କହିଲେ, "ଦେଖନ୍ତୁ, ମୁଁ ବର୍ତ୍ତମାନ ଏହି ଘର ବିକ୍ରି କରିଦେବା ଚାହେଁ । ଆପଣ ମୋ' ଘରେ ଦଶବର୍ଷ ଧରି ରହିଛନ୍ତି । ତେଣୁ ଆପଣ ଯଦି ଚାହାନ୍ତି, ମୁଁ ପ୍ରଥମେ ଆପଣଙ୍କୁ ଏହା କିଣିବାର ସୁଯୋଗ ଦେବି । ମୋତେ ଏଥିପାଇଁ ଲକ୍ଷେ ଟଙ୍କା ଦରକାର । ଆପଣ ଯଦି ପାରନ୍ତି, ତେବେ କିଣି ନିଅନ୍ତୁ ।" ତାହାଶୁଣି ବ୍ୟାଙ୍କ୍ ଅଫିସର କହିଲେ, "ମୁଁ ୬୮ ହଜାର ଟଙ୍କା ପର୍ଯ୍ୟନ୍ତ ଯାଇପାରିବି । ତା'ଠୁ ବେଶୀ

ନୁହଁ ।" ଘର ଖାଲି କରିବାକୁ ପଡ଼ିବ ଭାବି ସେ ଅନ୍ୟ ଏକ ଘର ଖୋଜିବା ଆରମ୍ଭ କଲେ । ପର ସପ୍ତାହରେ ଘର ମାଲିକ ସସ୍ତ୍ରୀକ ତାଙ୍କ ଘରକୁ ଆସି କହିଲେ, "ଆପଣ ମୋତେ ୬୮ ହଜାର ଦେଇ ପାରିବେ କହିଲେ । ଠିକ୍ ଅଛି, ମୁଁ ରାଜି, ଆପଣ ଏଠାରେ ରହନ୍ତୁ । ଅସଲରେ କ'ଣ ହେଲା, ଜାଣନ୍ତି ? ମୁଁ ଆପଣଙ୍କୁ ତାହା କହିବି । ପ୍ରଥମେ ଚାଲନ୍ତୁ, ଆପଣଙ୍କ ପୂଜା ଘରକୁ ଯିବା ।" ସେମାନେ ପୂଜା ଘର ଭିତରକୁ ଗଲେ । ସେଠାରେ ଘରମାଲିକ ସ୍ୱାମୀଙ୍କ ଫଟୋକୁ ଦେଖେଇ କହିଲା, "ଆପଣ ପୂଜା କରୁଥିବା ଏହି ଲୋକଜଣକ ମୋତେ ମୁହୂର୍ତ୍ତେ ଶାନ୍ତି ଦେଉ ନାହିଁ । ସେ ମୋତେ ଖାଲି କହୁଛି, ତୁ କ'ଣ ମୋତେ ଏଠୁ ସେଠିକି, ଏଇ ଗଳିରୁ ସେହି ଗଳିକୁ ନେଇ ଚାଲିଥିବୁ ? ମୁଁ ସେହି ସ୍ଥାନରେ ଦଶବର୍ଷ ଧରି ରହିଛି । ବର୍ତ୍ତମାନ ତୁ ମୋତେ ସେଠୁ ଚାଲିଯିବାକୁ କହୁଛୁ ?" ଏଇ ଲୋକ ଏଠାରେ ନ ରହିଲେ, ମୋତେ ଶାନ୍ତି ମିଳିବ ନାହିଁ । ତେଣୁ ଯେ ଏଠାରେ ଥାଉ ।" ତେଣୁ ସେ ଘରେ ବ୍ୟାଙ୍କ୍ ଅଫିସର ରହୁ ନଥିଲେ, ସ୍ୱାମୀ ନିଜେ ରହୁଥିଲେ ଓ ସେ ସେହି ଘର ଛାଡ଼ିଯିବାକୁ ଚାହୁଁ ନଥିଲେ । ଘରର ମାଲିକ ସ୍ୱାମୀଙ୍କ ଫଟୋ ଆଗରେ ଦଣ୍ଡବତ ପଡ଼ି ବ୍ୟାଙ୍କ ଅଫିସରଙ୍କୁ କହିଲା, "ମୋତେ ଯାହା ଦେଉଛନ୍ତି ଦିଅନ୍ତୁ । କିନ୍ତୁ ପୂଜାଘରୁ ଏ ଫଟୋ ବାହାରକୁ ନେବେ ନାହିଁ !" ତେଣୁ ସେ ଭର୍ତ୍ତା । ମାନବ ଇତିହାସର ଏତେ ବର୍ଷ ବିତିଯିବା ପରେ ଏଯାବତ୍ ମୁଁ ସ୍ୱାମୀଙ୍କ ଭଳି କାହାକୁ ଦେଖିନାହିଁ ଯିଏ ବିଶ୍ୱସଞ୍ଚାର କରି ଦୁଃଖଦୁର୍ଦ୍ଦଶାରେ ପଡ଼ିଥିବା ଲୋକଙ୍କୁ ସନ୍ଧାନ କରୁଥା'ନ୍ତି ।

ଭଗବାନଙ୍କର ଆଉ ଏକ ଲକ୍ଷଣ ହେଉଛି ପ୍ରଭୁ । ସେ ହେଉଛନ୍ତି ଦେବାଧିଦେବ । ସେହି ଏକ ଦେବତା ଅନେକ ଦେବତା ରୂପେ ପ୍ରକଟିତ ହୋଇଥାନ୍ତି । ଆପଣ ଯେଉଁ ମନ୍ଦିରକୁ ଯା'ନ୍ତୁ, ଯେଉଁ ଗୀର୍ଜା ଘରକୁ ଯା'ନ୍ତୁ, ସେଠାରେ ନତଜାନୁ ହୋଇ ବା ସାଷ୍ଟାଙ୍ଗ ପଡ଼ି ପ୍ରଣାମ କରନ୍ତୁ, ଆପଣଙ୍କ ପ୍ରାର୍ଥନା ଶୁଣିଥାନ୍ତି ସେହି ଏକ ଭଗବାନ । ସେ ହିଁ ପ୍ରଭୁ । ମୁଁ ମୋର ଜନ୍ମଦିନଗୁଡ଼ିକ ସାଧାରଣରେ ସ୍ୱାମୀଙ୍କ ସନ୍ନିଧିରେ ବିତେଇଥାଏ । ଗୋଟିଏ ବର୍ଷ ମୋ ଜନ୍ମଦିନରେ ସେ ମୋତେ କୌଣସି ଏକ ସ୍ଥାନକୁ ଯାଇ ସେଠାରେ ଏକ ଭକ୍ତ ସମାବେଶରେ ଯୋଗଦେବାକୁ ନିର୍ଦ୍ଦେଶ ଦେଲେ । ସେଦିନ ମୁଁ ତାଙ୍କୁ କହିଲି, "ଏ କ'ଣ ସ୍ୱାମୀ ? ମୋ ଜନ୍ମଦିନରେ ଆପଣ ମୋତେ ବାହାରକୁ ପଠେଇ ଦେଉଛନ୍ତି !" ସ୍ୱାମୀ କହିଲେ, "କ'ଣ ? ଜନ୍ମଦିନ ? ଏହା ସେମିତି କିଛି ବଡ଼ ଘଟଣା ନୁହଁ । ଜନ୍ମ ହେବା ହିଁ ଏକ ବିପଦ । ଏହାକୁ କ'ଣ ପାଳନ କରିବ ?" ମୋ ନାମ କସ୍ତୁରୀ, କସ୍ତୁରୀ ଏକ ସୁଗନ୍ଧଯୁକ୍ତ ଦ୍ରବ୍ୟ ଯାହାକୁ ଭଗବାନଙ୍କ କପାଳରେ ତିଳକ ରୂପେ ଦିଆଯାଏ । 'କସ୍ତୁରୀ ତିଳକମ୍' - ଶ୍ରୀକୃଷ୍ଣଙ୍କ କପାଳରେ କସ୍ତୁରୀର ତିଳକ ଶୋଭା ପାଉଥିଲା । ଏହା କେବଳ କଳା ରଙ୍ଗ ନୁହଁ, ଏହାର ଏକ ସୁବାସ ମଧ୍ୟ ଥାଏ । ଦକ୍ଷିଣ ଭାରତରେ ଏକ ମନ୍ଦିର ଅଛି ଯାହାର ଅଧିଷ୍ଠିତ ଦେବତା ହେଉଛନ୍ତି, କସ୍ତୁରୀ ରଙ୍ଗନାଥ - କସ୍ତୁରୀ ତିଳକ ଧାରଣ କରିଥିବା

ସେହି ପ୍ରଭୁ ଯିଏ କି ଏହି ସଂସାରର ରଙ୍ଗମଞ୍ଚର ନିର୍ଦ୍ଦେଶକ । ମୋତେ ସେହି ଦେବତାଙ୍କର ନାମ ଦିଆଯାଇଛି । ତେଣୁ ମୁଁ ସ୍ୱାମୀଙ୍କୁ କହିଲି ଯେ ମୁଁ ମୋ ଜନ୍ମଦିନରେ ସେହି ଠାକୁରଙ୍କୁ ଦର୍ଶନ କରିବାକୁ ଯିବି । ସ୍ୱାମୀ କହିଲେ, "ଯା, ସେଠିକି ଯା, ସେଠେ ମଧ୍ୟ ମୋତେ ପାଇବୁ । ମୁଁ ଏଠାରେ ଯେମିତି ଅଛି, ସେଠାରେ ମଧ୍ୟ ସେମିତି ଅଛି ।" ଆପଣ ବିଶ୍ୱାସ କରନ୍ତୁ, ମୁଁ ସେଠାକୁ ଯାଇ ମନ୍ଦିର ମଧ୍ୟରେ କସ୍ତୁରୀ ରଙ୍ଗନାଥଙ୍କୁ ନୁହଁ, ମୋ ନିଜ ସ୍ୱାମୀଙ୍କୁ ଦର୍ଶନ କରିଥିଲି । ତେଣୁ ଆମେ ଯେଉଁ ଭାଷାରେ ପ୍ରାର୍ଥନା କରୁ ନା କାହିଁକି, ଯେଉଁ ଦେବତାଙ୍କୁ ପ୍ରାର୍ଥନା କରୁନା କାହିଁକି, ସର୍ବତ୍ର ସେ ହିଁ ଆମର ପ୍ରାର୍ଥନା ଶୁଣିଥା'ନ୍ତି । ଥରେ ଜଣେ ଭଦ୍ରମହିଳା ସ୍ୱାମୀଙ୍କ ନିକଟରେ ଅଭିଯୋଗ କରି କହିଲେ, "ସ୍ୱାମୀ ! ମୋ ପୁଅ ତିରୁପତି ଯାଏ କିନ୍ତୁ ପୁଟ୍ଟପର୍ତ୍ତି ଆସିବାକୁ ମନ ବଳାଏ ନାହିଁ ।" ସ୍ୱାମୀ କହିଲେ, "ସେଥିପାଇଁ କାହିଁକି ବ୍ୟସ୍ତ ହେଉଛ ? ସେଠାରେ ମଧ୍ୟ ମୁଁ ହିଁ ଅଛି ।" ସେ କହନ୍ତି, "ଯେଉଁ ଗୀର୍ଜାଘରକୁ ଯାଉଛ ଯାଅ, ଯେଉଁ ନାମରେ, ଯେଉଁ ରୂପରେ ଭଗବାନଙ୍କୁ ଡାକୁଛ ଡାକ, ସେଠାରେ ମୁଁ ହିଁ ଥିବି ।" ତେଣୁ ସେ ପ୍ରଭୁ ।

ତାପରେ ସେ ସାକ୍ଷୀ । ସେ ଆଖି ବୁଜି ସାକ୍ଷୀ ହୋଇ ନଥାନ୍ତି, ବରଂ ଆଖି ଖୋଲି ସଜାଗ, ସତର୍କ ତଥା ସସ୍ମିତ ଦୃଷ୍ଟିରେ ସାକ୍ଷୀ ହୋଇଥା'ନ୍ତି । ସ୍ୱାମୀ କହନ୍ତି, "ତୁମେ ଯେତେବେଳେ ମୋତେ ଚାହଁ, ତୁମ ଛବି ମୋ ଆଖି ଡୋଳାରେ ଓ ମୋ ଛବି ତୁମ ଆଖି ଡୋଳାରେ ଦିଶିଥାଏ । ଆମେ ସମସ୍ତେ ସ୍ୱାମୀଙ୍କ ଦୃଷ୍ଟିରେ ରହିଛେ, କାରଣ ତାଙ୍କର ଚକ୍ଷୁ ସର୍ବତ୍ର ରହିଛି । "ସର୍ବତଃ ପାଣିପାଦଂ ତତ୍ ସର୍ବତୋଽକ୍ଷି ଶିରୋମୁଖମ୍ ।" ତାଙ୍କର ହସ୍ତ, ପାଦ, ଚକ୍ଷୁ, ମୁଖ, ମସ୍ତକ ସର୍ବତ୍ର ରହିଛି । ସ୍ୱାମୀ କହନ୍ତି, "ତୁମକୁ ଅଧୋପତନରୁ ଉଦ୍ଧାର କରିବା ପାଇଁ ମୋର ହସ୍ତ ସର୍ବତ୍ର ରହିଛି ।"

ଥରେ ଦଶହରା ସମୟରେ ସ୍ୱାମୀ ତାଙ୍କର ଦିବ୍ୟ ସମ୍ଭାଷଣ ପୂର୍ବରୁ ମୋତେ କିଛି କହିବାକୁ ନିର୍ଦ୍ଦେଶ ଦେଲେ ଏବଂ ସେତେବେଳେ ମୁଁ ମୋର ସ୍ୱଭାବସୁଲଭ ଉତ୍ସାହର ସହ "ସର୍ବତଃ ପାଣିପାଦମ୍" ସମ୍ବନ୍ଧରେ କହିବା ଆରମ୍ଭ କଲି । ମୁଁ କହିଲି, "ସ୍ୱାମୀଙ୍କର ପାଦ ସର୍ବତ୍ର ବିଦ୍ୟମାନ । ଥରେ ମାଙ୍ଗାଲୋର୍‌ରେ ଜନୈକ ଭକ୍ତ ଦୀକ୍ଷିତ୍‌ଙ୍କୁ ସେ ଡିସେମ୍ବର ମାସରେ ତାଙ୍କ ଘରକୁ ଯିବେ ବୋଲି କହିଥିଲେ । ଦୀକ୍ଷିତ ସ୍ୱାମୀଙ୍କୁ ପଚାରିଲେ, "ସ୍ୱାମୀ, କେଉଁ ଡିସେମ୍ବରରେ ଆସିବେ ?" ସ୍ୱାମୀ 'ଏଇ ଡିସେମ୍ବର' କହି ତାଙ୍କୁ ଏକ ନିର୍ଦ୍ଦିଷ୍ଟ ତାରିଖ ମଧ୍ୟ ଦେଲେ । ସେଦିନ ଦୀକ୍ଷିତ ଘରେ ନଥାନ୍ତି ଓ ଘରର ସ୍ତ୍ରୀଲୋକମାନେ ଭୋଜନ କରୁଥା'ନ୍ତି । ସେତିକି ବେଳକୁ ଜଣେ କେହି 'ଦୀକ୍ଷିତ୍ ଦୀକ୍ଷିତ୍' ଡାକି କବାଟରେ କରାଘାତ କଲେ । ତାହା ଥିଲା ସ୍ୱାମୀଙ୍କ କଣ୍ଠସ୍ୱର । ଖାଇବାକୁ ବସିଥିବା ସ୍ତ୍ରୀଲୋକମାନେ ଖାଇବା ବନ୍ଦ କରି କବାଟ ଖୋଲିବାକୁ ଧାଇଁଗଲେ । ସେମାନେ କବାଟ ଖୋଲି ଦେଖିଲେ ବାହାରେ କେହି ନାହାନ୍ତି, ଅଥଚ ଦୁଆରମୁହଁରୁ ପୂଜାଘର ଯାଏ, ଥରେ ବାମପାଦ ତ ଥରେ ଡାହାଣ

ପାଦ ଏହିଭଳି ବିଭୂତିବୋଲା ପାଦଚିହ୍ନ ପଡ଼ିଛି । ଯେଉଁମାନେ ପ୍ରଭୁଙ୍କର ଏହି ଲୀଳା ଦେଖିବାକୁ ଆସୁଥା'ନ୍ତି, ସେମାନେ ସେହି ପଦଚିହ୍ନରୁ କିଛି ବିଭୂତି ନେଇ ପ୍ରସାଦରୂପେ ପାଟିରେ ପକାଉଥା'ନ୍ତି । କେବଳ ଗୋଟିଏ ପଦଚିହ୍ନକୁ ଯେମିତି ସେମିତି ରଖାଯାଇଥାଏ ଏବଂ ସେଥିରେ ବିଭୂତି କ୍ରମଶଃ ବଢ଼ି ଦୁଇ ସେଣ୍ଟିମିଟର ବହଳର ଜମା ହେଲା ଓ ତାପରେ ବଢ଼ିବା ବନ୍ଦ ହୋଇଗଲା । ଦୀକ୍ଷିତଙ୍କ ଘର ଏକ ତୀର୍ଥସ୍ଥାନରେ ପରିଣତ ହେଲା । ତେଣୁ ଭଗବାନଙ୍କର ପାଦ ସର୍ବତ୍ର ରହିଛି ।" ମୁଁ ଏତିକି କହି ମନ ଆନନ୍ଦରେ ଯାଇ ମୋ ଯାଗାରେ ବସିଲି । ତା'ପରେ ସ୍ୱାମୀ ତାଙ୍କର ଦିବ୍ୟ ସମ୍ଭାଷଣ ଆରମ୍ଭ କଲେ । ସେ କହିଲେ, "ଏଇ କସ୍ତୁରୀ କିଛି ନା କିଛି କହେ କିନ୍ତୁ ଯାହା କହେ ତାହା ନିଜେ ବିଶ୍ୱାସ କରେନି । ସେ କହୁଛି, ମୋର ପାଦ ସର୍ବତ୍ର ଥାଏ କିନ୍ତୁ ମୁଁ ହ୍ୱାଇଟ୍ ଫିଲ୍ଡ୍ ବା ଅନ୍ୟ କୌଣସି ସ୍ଥାନକୁ ଯାଇ ସେଠାରେ ଯଦି ସପ୍ତାହେ ବା ତା'ଠୁ ଅଧିକ ସମୟ ରହିଯାଏ, ସେ ମୋତେ ଚିଠି ଲେଖି ଜଣାଏ, "ସ୍ୱାମୀ ! ଆପଣଙ୍କର ଚରଣକମଳରେ ଆଶ୍ରୟ ନେଇ ମୁଁ ପୁଣି କେବେ ଆପଣଙ୍କର ପଦସେବାର ସୁଯୋଗ ପାଇବି ?" ଏହା କହିବାର ମାନେ କ'ଣ ? ମୋର ପାଦ ଯଦି ସର୍ବତ୍ର ଥାଏ, ସେ ଯେଉଁଠେ ରହିଲେ ମଧ୍ୟ ମୋ ପଦସେବା କରିପାରିବ । କିନ୍ତୁ ସେ ପାଦ ମାନେ ମୋର ଶରୀର ସହ ଥିବା ଏଇପାଦ ଭାବୁଛି । ତେଣୁ ସେ ଯାହା କହୁଛି, ତାହା ନିଜେ ବିଶ୍ୱାସ କରୁନି ।"

ତା'ପରେ ହେଲା 'ସାକ୍ଷୀ' । ସବୁବେଳେ ମନେରଖ ଯେ ଭଗବାନଙ୍କ ଚକ୍ଷୁ ସବୁବେଳେ ତୁମ ଉପରେ ରହିଛି । ସ୍ୱାମୀ ହେଉଛନ୍ତି 'ସାକ୍ଷୀ' । ସେ ସବୁ ଦେଖିଥା'ନ୍ତି । ତେଣୁ ତୁମେ କିଛି ତାଙ୍କୁ କହିଲେ, ସେ କହନ୍ତି, "ମୁଁ ଜାଣେ, ମୁଁ ଜାଣେ ।" ସେ ସବୁ ଜାଣିଥାନ୍ତି, ଲକ୍ଷ୍ୟ କରିଥାନ୍ତି ଓ ଆବଶ୍ୟକ ସ୍ଥଳେ ସତର୍କ କରିଥାନ୍ତି । ସମଗ୍ର ବିଶ୍ୱରେ ସେ କେବଳ ଏହା କରିପାରନ୍ତି । ଆମ ଉପରେ ଦୃଷ୍ଟି ରଖି, ଆମକୁ ସତର୍କ କରନ୍ତି, ଜାଗ୍ରତ କରନ୍ତି, ପଥ ନିର୍ଦ୍ଦେଶ କରନ୍ତି ଓ ରକ୍ଷା କରନ୍ତି ।

ତାପର ଶବ୍ଦଟି ହେଲା ନିବାସ । ଆମେ ତାଙ୍କ ମଧ୍ୟରେ ବାସ କରୁ ଓ ସେ ଆମ ମଧ୍ୟରେ ବାସ କରନ୍ତି । ସେ ହିଁ ଆମର ନିବାସ । ତେଣୁ ତାଙ୍କୁ ବାସୁଦେବ କୁହାଯାଏ । ତାଙ୍କଠୁ ମୁକୁଳି ଯିବା ତୁମ ପାଇଁ ଅସମ୍ଭବ । ନରୱେ ଦେଶର ଟାଇଡ୍‌ମ୍ୟାନ୍ ଜୋନ୍‌ସନ୍ ଥିଲେ ଜଣେ ସାମୁଦ୍ରିକ ଇଞ୍ଜିନିୟର । ତାଙ୍କ ନିକଟରେ ଏକ ବିଶେଷ ଉପକରଣ ଥାଏ ଯାହା ସାହାଯ୍ୟରେ ବାଷ୍ପୀୟ ପୋତରେ ବିଦେଶରୁ ଆସୁଥିବା ଧାନକୁ କୂଳକୁ ଆଣି ୱାଗନ୍‌ରେ ଲଦାଯାଇପାରିବ । ସେ ଭାରତ ଆସିଥାନ୍ତି ଓ ପରେ ସ୍ୱାମୀଙ୍କ ଅନୁମତି ନେଇ ଉକ୍ତ ଉପକରଣକୁ ଚିଟାଗଙ୍ଗ୍ ବନ୍ଦରରେ ସ୍ଥାପନ କରିବା ପାଇଁ ବାଙ୍ଗଲାଦେଶ ଯାଇଥା'ନ୍ତି । ସେଠାରୁ ସେ ହ୍ୱାଇଟ୍‌ଫିଲ୍ଡ୍ ଆସିଥିଲେ ଓ ସେଠାରେ ଲୋକମାନେ ସ୍ୱାମୀଙ୍କୁ ସବୁବେଳେ ଘେରି ରହୁଥିବା ଦେଖି ନିଜେ ଏକ କୋଣକୁ ଯାଇ ସେଠାରେ ଚୁପ୍‌ଚାପ ବସିଥିଲେ । ସ୍ୱାମୀ ତାଙ୍କୁ

ଦେଖି ତାଙ୍କ ନିକଟକୁ ଗଲେ ଓ ପଚାରିଲେ, "ମୁଦିଟି କାଇଁ ?" ସ୍ୱାମୀ ତାଙ୍କୁ ଏକ ମୁଦି ଦେଇଥା'ନ୍ତି କିନ୍ତୁ ସେଦିନ ତାଙ୍କ ଆଙ୍ଗୁଠି ଖାଲି ଦିଶୁଥାଏ । ସେ କହିଲେ, "ସ୍ୱାମୀ ! ମୁଁ ଏକ ଦଉଡ଼ି ଧରି ବାଷ୍ପୀୟ ପୋତରୁ ଖସି ଆସୁଥିବା ସମୟରେ ମୁଦିଟି ଚିଟାଗଙ୍ଗ ନଦୀ ମଧ୍ୟରେ ପଡ଼ିଗଲା ।" ସ୍ୱାମୀ କହିଲେ, 'ପାପମ୍' (ବିଚରା) । ତାପରେ ସେ ଶୂନ୍ୟରେ ହାତ ଘୂରେଇ ଏକ ମୁଦି ସୃଷ୍ଟି କଲେ । ମୋ ମନରେ ଲୋଭ ହେଉଥାଏ, ମୁଁ ପଚାରନ୍ତି "ସ୍ୱାମୀ ! ଏଇ ମୁଦି କ'ଣ ସେଇ ମୁଦି ?" ସମସ୍ତଙ୍କ ମନରେ ଠିକ୍ ଏହି ପ୍ରଶ୍ନ ଉଙ୍କି ମାରୁଥାଏ କିନ୍ତୁ କେହି ତାହା ପଚାରିବାକୁ ସାହସ କରୁନଥାନ୍ତି । ସେଠାରେ ଥିବା ପ୍ରତିରକ୍ଷା ମନ୍ତ୍ରଣାଳୟର ପୂର୍ବତନ ବୈଜ୍ଞାନିକ ପରାମର୍ଶଦାତା ତଥା ଦୁଇ ଦୁଇଟି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡକ୍ଟର ଭଗବନ୍ତମ୍ କିନ୍ତୁ ତାଙ୍କର ବୈଜ୍ଞାନିକ ଜିଜ୍ଞାସାକୁ ରୋକି ନପାରି ପଚାରିଲେ, "ସ୍ୱାମୀ ! ଏଇ ମୁଦି କ'ଣ ସେଇ ମୁଦି ?" ତାହା ଶୁଣି ସ୍ୱାମୀ ତାଙ୍କୁ ଏକ ପ୍ରକାର କ୍ରୋଧରେ ପଚାରିଲେ, "ଇଦେ ନା ନି ନମ୍ମକମୁ ?" - "ତୋର ବିଶ୍ୱାସ କ'ଣ ଏତିକି ? ମୁଁ ସେହି ନଦୀରେ ଥାଏ, ତାହା ଆସି ମୋ ହାତରେ ଟପ୍ କିନା ପଡ଼ିଲା ।" ଥରେ ଭାବି ଦେଖନ୍ତୁ, ଏହା କିଏ କହିପାରେ ? 'ସର୍ବତଃ ପାଣିପାଦମ୍ ।' ତାଙ୍କର ହସ୍ତ ସର୍ବତ୍ର ରହିଛି । ଆମେ ଗୀତାରେ ଏହି ଶ୍ଳୋକଟି ପଢ଼ିଥାଉ, ଯାକୁ ବାରମ୍ବାର ଆବୃତ୍ତି କରୁ କିନ୍ତୁ ବିଶ୍ୱାସ କରୁନା । ତେଣୁ ଆମ ମନରେ ସେହି ବିଶ୍ୱାସ ସୃଷ୍ଟି କରିବା ପାଇଁ ଭଗବାନ ପୁଣି ଥରେ ଆସିଛନ୍ତି ।

ଟାଇଡ଼୍‌ମ୍ୟାନ୍ ଜୋନ୍‌ସନ୍ ନରୱେକୁ ଫେରିଗଲେ ଓ କେତେ ମାସ ପରେ ପୁଣି ଥରେ ଆସିଲେ । ସେ ସ୍ୱାମୀଙ୍କ କକ୍ଷ ଯାଏ ଆସିଥା'ନ୍ତି ଓ ମୁଁ ସେଠାରେ ଥାଏ । ସ୍ୱାମୀ ତାଙ୍କୁ ଦେଖି କହିଲେ, "ବାଃ । ଏବେ ତୁମେ ଏକ ସୁନ୍ଦର ଘର ପାଇଛ, ଘରର ପଛରେ ଅନେକ ପାଇନ୍ ଗଛ, ଆଗରେ ସମୁଦ୍ର, ବାସ୍ତବିକ କି ସୁନ୍ଦର ଦୃଶ୍ୟ !" ସ୍ୱାମୀ ହଜାର ହଜାର ମାଇଲ୍ ଦୂରରେ ନରୱେର କୌଣସି ଏକ ସ୍ଥାନରେ ଥିବା ଘରର ବର୍ଣ୍ଣନା କରୁଥା'ନ୍ତି । ତାପରେ ସ୍ୱାମୀ ତାଙ୍କୁ କହୁଛନ୍ତି, "ତୁମେ ବେଶ୍ ସତେଜ ଦିଶୁଛ, ମୁଁ କିମିତି ଦିଶୁଛି ?" ଟାଇଡ଼୍‌ମ୍ୟାନ୍ କହିଲେ, "ଆପଣ ସ୍ୱାମୀ ଏତେ ସ୍ୱଚ୍ଛ, ସୁନ୍ଦର ଓ ସୁବାସିତ ମନେ ହେଉଛନ୍ତି, ଆପଣ ସତରେ ଆନନ୍ଦମୟ !" ତା'ପରେ ପାଖରେ ଛିଡ଼ା ହୋଇଥିବା ମୋତେ ଦେଖେଇ ତାଙ୍କୁ ସ୍ୱାମୀ ପଚାରୁଛନ୍ତି, "କସ୍ତୁରୀ କିମିତି ଦିଶୁଛି ?" ସେ ସମୟରେ ଟାଇଡ଼୍‌ମାନ୍ ସୌଜନ୍ୟ ଦୃଷ୍ଟିରୁ ମୁଁ ସୁନ୍ଦର ଦିଶୁଛି ବୋଲି କହିବେ କି ନାହିଁ, ମୁଁ ଜାଣି ନଥାଏ, ତେବେ ସେ ମୁଁ ବାସ୍ତବରେ ଯିମିତି ଦିଶୁଥାଏ, ତାହାର ଯଦି ବର୍ଣ୍ଣନା କରିବସନ୍ତି, ତାହା ମୋ ପାଇଁ ନିଶ୍ଚୟ ଅସ୍ୱସ୍ତିକର ହେବ ଭାବି ତାଙ୍କ ଉତ୍ତରକୁ ନେଇ ମୋ ମନରେ ଶଙ୍କା ଥାଏ । ଟାଇଡ଼୍‌ମ୍ୟାନ୍ ସ୍ୱାମୀଙ୍କୁ କହିଲେ, "ଅବଶ୍ୟ, ସେ ମଧ୍ୟ ସଦ୍ୟ, ସତେଜ, ସୁନ୍ଦର ଦିଶୁଛନ୍ତି । ବେଶ୍ ଯୁବକ ଭଳି ଦିଶୁଛନ୍ତି ।" ସ୍ୱାମୀ ତାଙ୍କୁ କହିଲେ, "ଏହାର କାରଣ କ'ଣ ଜାଣ ? ମୋର ପ୍ରତିରୂପ !

ତୁମେ ମୋର ପ୍ରତିରୂପ ସେ ମୋର ପ୍ରତିରୂପ ।" ଭଗବାନ ମଣିଷକୁ ତାଙ୍କରି ପ୍ରତିରୂପ କରି ଗଢ଼ିଛନ୍ତି । ଆମେ ସମସ୍ତେ ତାଙ୍କର ପ୍ରତିରୂପ ।

ଏହି ଟାଇଡ଼୍‌ମ୍ୟାନ ଏଥିପୂର୍ବରୁ ଥରେ ତାଙ୍କର ଧଳା ଇମ୍ପାଲା କାରକୁ ଆଣି ସ୍ୱାମୀଙ୍କ ହ୍ୱାଇଟ୍‌ଫିଲ୍ଡ୍ ବଙ୍ଗଳାର ପ୍ରବେଶଦ୍ୱାରରେ ରଖିଥାନ୍ତି । ଗାଡ଼ି ଉପରେ "ଭଗବାନ ଶ୍ରୀ ସତ୍ୟସାଇ ବାବା" ଲେଖା ଯାଇଥାଏ । ସେ ଗାଡ଼ିର ଚାବି ସ୍ୱାମୀଙ୍କ ହାତକୁ ଦେଲେ । ସ୍ୱାମୀ ତାଙ୍କୁ ପଚାରିଲେ, "ତୁମେ କେବେ ଯାଉଛ ?" ସେ କହିଲେ, "ମୁଁ ଅମୁକ ତାରିଖରେ ଯାଉଛି ।" ସ୍ୱାମୀ କହିଲେ, "ମୁଁ ତୁମ କାର୍‌ରେ ହାଇଦ୍ରାବାଦ୍ ଯିବି, ତୁମେ ମଧ୍ୟ ମୋ ସଙ୍ଗେ ଆସିପାର ।" ସ୍ୱାମୀ "ତୁମ କାର୍" କହିବା ଯୋଗୁ ଟାଇଡ଼୍‌ମ୍ୟାନ୍ ଦୁଃଖିତ ଥା'ନ୍ତି । ତେଣୁ ସେ କହିଲେ, "ସ୍ୱାମୀ ! ମୋ କାର୍ ?" ସ୍ୱାମୀ କହିଲେ, "ହଁ, ତୁମ କାର୍ ! ମୋତେ ଏ ଟିଣ ଡବା ଦରକାର ନାହିଁ । ମୋ ନିଜର ଇମ୍ପାଲା କାର ଅଛି ।" ଟାଇଡ଼୍‌ମ୍ୟାନ୍ ତାହା ଶୁଣି ଭାବିଲେ, ହୁଏତ ସ୍ୱାମୀଙ୍କର ଆଉ ଏକ ଇମ୍ପାଲା କାର୍ ଅଛି । ସ୍ୱାମୀଙ୍କର ଆଉ ଏକ ଇମ୍ପାଲା ଅଛି କି ନାହିଁ ଜାଣିବା ପାଇଁ ସେ ମୋ' ଆଡ଼କୁ ଚାହୁଁଥାନ୍ତି । ଇତି ମଧ୍ୟରେ ସ୍ୱାମୀ କହିଲେ, "ମୋର ଇମ୍ପାଲା କାର୍ ଅଛି ଓ ତାହା ହେଲ ତୁମେ ! ତୁମେ ହେଉଛ ମୋର ଧଳା ଇମ୍ପାଲା ଗାଡ଼ି । ସେହି ଟିଣ ଡବା ଅପେକ୍ଷା ମୁଁ ତୁମ ମଧ୍ୟରେ ରହି ଅଧିକ ଆରାମରେ ଯାତ୍ରା କରିଥାଏ ।" ଟାଇଡ଼୍‌ମ୍ୟାନ୍ ଥା'ନ୍ତି ଜଣେ ଶ୍ୱେତ ଦୀର୍ଘ ଓ ପୃଥୁଳକାୟ ବ୍ୟକ୍ତି । ଛ' ଫୁଟ ଉଚ୍ଚର ସେହି ବ୍ୟକ୍ତିଙ୍କର ମଥା ପ୍ରାୟ ଛାତକୁ ବାଜୁଥାଏ । ତେଣୁ ସେ ସେହି କୋଣରେ ଛିଡ଼ା ହୋଇଥିବା ଅବସ୍ଥାରେ ଏକ କ୍ଷୁଦ୍ରାକାରର ଇମ୍ପାଲା ଗାଡ଼ି ଭଳି ଦିଶୁଥାନ୍ତି ! ମନେ ରଖନ୍ତୁ, ଆମେ ସମସ୍ତେ ଏକ ଏକ କାର, ଯେଉଁଥିରେ ସ୍ୱାମୀ ବସିବାକୁ ଭଲ ପା'ନ୍ତି । ସ୍ୱାମୀ ଆମ ପ୍ରତ୍ୟେକଙ୍କ ହୃଦୟରେ ଆସୀନ, ଏହା ଅବତାରଙ୍କର ଆଉ ଏକ ଲକ୍ଷଣ । ମନେ କରନ୍ତୁ, ଆପଣ ଏକ ରାସ୍ତାରେ ଯାଉଛନ୍ତି, ବାଟରେ କାହା ଘରେ ସ୍ୱାମୀଙ୍କ ଛବି ଅଛି, ତାହା ସହ ଆପଣ ଏକ ପ୍ରକାର ଆତ୍ମୀୟତା ଅନୁଭବ କରୁଛନ୍ତି । କିନ୍ତୁ ସ୍ୱାମୀ କହନ୍ତି, "ପ୍ରତ୍ୟେକଙ୍କ ମଧ୍ୟରେ ମୋର ଏକ ଛବି ରହିଛି । ତାହା କିନ୍ତୁ ତୁମେ ଦେଖିପାରୁନାହଁ ।" ଆମେ ଯଦି ତାହା ଦେଖି ପାରୁଥାନ୍ତେ, ତେବେ ସମସ୍ତଙ୍କ ସହ କେତେ ଆତ୍ମୀୟତା ଅନୁଭବ କରନ୍ତେ ! ଅନ୍ୟ ଜଣଙ୍କର ହୃଦୟରେ ସ୍ୱାମୀ ନାହାଁନ୍ତି କହି ଅନ୍ୟକୁ ଦୋଷ ଦିଅ ନାହିଁ, ଆମ ଆଖି ଯେ ତାଙ୍କୁ ଦେଖିପାରୁ ନାହିଁ କହି ଆଖିକୁ ଦୋଷ ଦିଅ । ସେ ଆମ ପ୍ରତ୍ୟେକଙ୍କ ହୃଦୟ ନିବାସୀ । ପ୍ରତ୍ୟେକଙ୍କ ମଧ୍ୟରେ, ପ୍ରତିଟି ଜୀବକୋଷ ମଧ୍ୟରେ ସେ ବିଦ୍ୟମାନ !

ସ୍ୱାମୀ କହନ୍ତି, ଈଶ୍ୱରଙ୍କ ଅନୁଗ୍ରହ ଯୋଗୁ ତୁମେ ସକାଳେ ନିଦରୁ ଉଠି ପାରୁଛ । ଏହା ଭଗବାନଙ୍କର ଅପାର କୃପା । ତୁମେ ଆଉ ଏକ ଦିନ ଅଧିକା ପାଉଛ । ଏହା ଘରକୁ ଆଉ ଏକ ପାଦ ଆଗେଇବା ପାଇଁ ଭଗବାନ ଦେଉଥିବା ଚବିଶ ଘଣ୍ଟାର ଉପହାର । ତୁମେ

ଅବାଟରେ ଚାଲିଯାଇଛ, ପୁଣି ନିଜ ବାଟକୁ ଫେରି ଆସିବା ପାଇଁ ସେ ତୁମକୁ ଆଉ ଏକ ଦିନ ଦେଇଛନ୍ତି । ଶୋଇଥିବା ଅବସ୍ଥାରେ ତୁମେ ଭୁଲି ଯାଇଥିଲ ଯେ ତୁମେ ଜୈବ ରସାୟନ ଶାସ୍ତ୍ରରେ ଜଣେ ବିଶେଷଜ୍ଞ ବା ତୁମ ନାମ ରୋବର୍ଟ ବା ତୁମେ ଆମେରିକା, ଫିଜି ବା କାସାବ୍ଲାଙ୍କାରେ ରହିଛ ! ତୁମେ ସେହି ଅବସ୍ଥାରେ ପିତା, ମାତା, ସନ୍ତାନସନ୍ତତି, ବୃତ୍ତି, ଯୋଗ୍ୟତା - ସବୁ କିଛି ଭୁଲି ଯାଇଥିଲ । କୌଣସି ବିଷୟ ତୁମର ମନେ ନଥିଲା । ପ୍ରତିଦିନ ସକାଳେ ନିଦରୁ ଉଠିବା ପରେ ତୁମକୁ ଯଦି ଅକ୍ଷର ଶିକ୍ଷା ଆରମ୍ଭ କରିବାକୁ ପଡୁଥାନ୍ତା, ତେବେ ଅବସ୍ଥା ଖୁବ୍ ଖରାପ ହୋଇଥା'ନ୍ତା । କିନ୍ତୁ ନିଦରୁ ଉଠିବା ପରେ ତୁମର ସବୁ ମନେ ପଡ଼ିଯାଏ । ତୁମେ ନିଦରେ ଶୋଇଥିବା ଅବସ୍ଥାରେ କିଏ ତୁମ ପାଖରେ ବସିଥା'ନ୍ତି ? କିଏ ତୁମକୁ ନିଦରେ ଶୁଏଇଥିଲେ, କିଏ ନିଦରୁ ଉଠେଇଲେ ? କିଏ ନିଦରୁ ଉଠିବା ପରେ ତୁମକୁ ତୁମର ସମସ୍ତ ସ୍ମୃତି, ଅନୁଭୂତି ଓ ବୁଦ୍ଧି ଫେରେଇ ଦେଲେ ? ପ୍ରତିଦିନ ନିଦରୁ ଉଠିବା ମାତ୍ରକେ ସମଗ୍ର ସଂସାରକୁ ତୁମକୁ ଏକ ଥାଳୀରେ ଦିଆଯାଇଥାଏ । କିଏ ତୁମକୁ ତାହା ଦେଇଥା'ନ୍ତି ? ସ୍ୱାମୀ କହନ୍ତି, "ମୁଁ ହିଁ ତାହା ଦେଇଥାଏ ।" ସେ ତୁମରି ମଧ୍ୟରେ ରହି ତୁମେ ଶୋଇଥିବା ସମୟରେ ତୁମକୁ ଜଗି ରହନ୍ତି ଏବଂ ତୁମର ସମସ୍ତ ନୈପୁଣ୍ୟ ତଥା ଅନୁଭୂତିକୁ ସାଇତି ରଖନ୍ତି, ଫଳରେ ତୁମେ ପରଦିନକୁ ଏକ ଶୂନ୍ୟ ମନରେ ଏଯାବତ୍ ତୁମେ ଅର୍ଜନ କରିଥିବା ସମସ୍ତ ଭଲ ଓ ମନ୍ଦକୁ ନେଇ ଆରମ୍ଭ କରିପାର ।

❖❖❖

୨୪

ଦିବ୍ୟ ସଂକଳ୍ପ ନିକଟରେ ଶରଣାପନ୍ନ

'ଅସତୋ ମା ସଦ୍‌ଗମୟ' - ଅସତ୍‌ରୁ ମୋତେ ସତ୍‌କୁ ନେଇଯାଅ - ଏହି ପ୍ରାର୍ଥନା ମଧ୍ୟରେ ଜଣେ ଅନ୍ୟ ଜଣଙ୍କୁ ନେଇ ଯିବାର ବିଷୟଟି ଉଠୁଛି । ଏଠାରେ ଆପଣ କାହାକୁ ଜଣଙ୍କୁ ଆପଣଙ୍କୁ ଆଗେଇ ନେବା ପାଇଁ କହୁଛନ୍ତି । ସେହି ଜନୈକ ବ୍ୟକ୍ତିଙ୍କ ଉପରେ ଆପଣଙ୍କର ବିଶ୍ୱାସ ଅଛି, ସେ ଆପଣଙ୍କର ଗମ୍ୟ କ'ଣ ଜାଣନ୍ତି, ସେଠାରେ ପହଞ୍ଚିବାର ମାର୍ଗ ଜାଣନ୍ତି, ସେ ଆପଣଙ୍କର ମନୋବେଦନାକୁ ବୁଝନ୍ତି ଏବଂ ଆପଣଙ୍କ ପ୍ରତି କରୁଣାପରବଶ ହୋଇ ଆପଣଙ୍କୁ ଆଗେଇ ନିଅନ୍ତି । ସେ ଆପଣଙ୍କ ପ୍ରତି କୃପା ପ୍ରକାଶ କରନ୍ତି, କାରଣ ଆପଣ ଅସତ୍ ମାର୍ଗକୁ ଧରି ନେଇଛନ୍ତି, ଅସତ୍‌କୁ ସତ୍ ମନେ କରୁଛନ୍ତି, ଭ୍ରମର ବଶବର୍ତ୍ତୀ ହୋଇ ମିଥ୍ୟା ଓ ଅଳୀକର ଅନ୍ୱେଷଣ କରୁଛନ୍ତି । ସେ ଆପଣଙ୍କର ପ୍ରାର୍ଥନା ଶୁଣନ୍ତି ଓ ଆପଣଙ୍କ ପାଇଁ ସନ୍ମାର୍ଗ କ'ଣ ଜାଣିଥିବାରୁ ଆପଣଙ୍କୁ ସେହି ମାର୍ଗରେ ପରିଚାଳିତ କରନ୍ତି । ଏହି ମାର୍ଗ ହେଉଛି ଭକ୍ତିମାର୍ଗ । ଆପଣ ତାଙ୍କ ପ୍ରତି ଅନୁରକ୍ତ, ତେଣୁ ସେ ଆପଣଙ୍କ ମାର୍ଗଦର୍ଶୀ ହୋଇଥା'ନ୍ତି । ସ୍ୱାମୀ କହନ୍ତି ଯେ ଏଠାରେ ଏକ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ନେଇ ନେବାର ପ୍ରଶ୍ନ ନାହିଁ । ତୁମେ ହିଁ ସତ୍, ତୁମେ ହିଁ ଜ୍ୟୋତି, ତୁମେ ହିଁ ଅମୃତ । ତୁମେ ଅସତ୍‌ରେ ବ୍ୟାପୃତ ରହିଛ ଭାବିବା ଏକ ଭ୍ରମ । ଅସତ୍ ବୋଲି କିଛି ନାହିଁ । ସବୁ କିଛି ଦିବ୍ୟ, ସବୁ କିଛି ଦୈବତ୍ୱର ପରିପ୍ରକାଶ । ସବୁ କିଛି ତାଙ୍କର ଭାବ, ତାଙ୍କର ସଙ୍କଳ୍ପ । ତାଙ୍କର ସଙ୍କଳ୍ପ ବିନା କିଛି ସମ୍ଭବ ନୁହଁ । ସେ ସର୍ବଶକ୍ତିମାନ୍, ସର୍ବତ୍ର ବିଦ୍ୟମାନ, ସର୍ବଜ୍ଞ । ସେ ସମସ୍ତର ପରିଚାଳକ, ସେ ହିଁ ସବୁ କିଛି । ତେବେ ସେ ତୁମକୁ କେଉଁଠାକୁ ନେବେ ? ଏହା ଏକ ଅସୁଖକର ସ୍ଥାନରୁ ଏକ ପଞ୍ଚତାରକା ହୋଟେଲ୍‌କୁ ଯିବା ଭଳି କିଛି ନୁହଁ । "ଏଠାରେ ମୋତେ ଅସୁଖ ଲାଗୁଛି । ସେହି ସ୍ଥାନଟି ଅଧିକ ସୁଖକର । ମୋତେ ସେଠାକୁ ନେଇଯାଅ ।" ମରୁଭୂମିରେ ରହୁଥିବା ଲୋକଙ୍କ ପାଇଁ ନିତ୍ୟ ପ୍ରବହମାନ ନିର୍ଝର ଥିବା କୌଣସି ଏକ ସ୍ଥାନ ଅମରାବତୀ ସଦୃଶ । ତେଣୁ ତୁମେ ଭାବିଥାଅ ଯେ ସ୍ୱର୍ଗ ଏଭଳି ଏକ ସ୍ଥାନ ଯେଉଁଠାରେ ତୁମେ ତୁମର ସମସ୍ତ ଈପ୍‌ସିତ ବସ୍ତୁ ପାଇଥାଅ । ସ୍ୱର୍ଗ ସମ୍ବନ୍ଧରେ ଏଭଳି ଏକ ଧାରଣା କଳ୍ପନାବିଳାସ ମାତ୍ର । ଏତାଦୃଶ ସ୍ୱର୍ଗ କେଉଁଠାରେ ନଥାଏ । ତେଣୁ ଏକ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ନେବାର ପ୍ରଶ୍ନ ନାହିଁ । କେବଳ ଅପ୍ରକାଶ୍ୟକୁ ପ୍ରକାଶ କରିବା ହିଁ ସାର । ସ୍ୱାମୀ ଆମ ଆଗରେ ପ୍ରକାଶ କରି କହନ୍ତି, "ସତ୍ୟ ତୁମ ମଧ୍ୟରେ ହିଁ ରହିଛି । ତୁମେ ହିଁ ସତ୍ୟ । ଅନ୍ୟ ସବୁ ଅଜ୍ଞାନ, କେବଳ ଭ୍ରମର ଅନ୍ୱେଷଣ ।" ଗୋଟିଏ ପାଇବା ପରେ ତୁମେ ଅନ୍ୟ ଗୋଟିଏ ପଛରେ ଧାଇଁଥାଅ ଓ ଶେଷରେ ଯାଇ ରସାତଳରେ ପଡ଼ । ଅନିତ୍ୟ ଓ ଅସାରର ଅନୁଧାବନରେ ପଥହରା ହୋଇ ମଣିଷ ଯେତେବେଳେ କିଛି ପାଏ ଓ ନିଜକୁ

ଧନବାନ, ଶକ୍ତିମାନ ଓ ଖ୍ୟାତିମାନ ମନେକରି ମିଥ୍ୟା ମରୀଚିକାର ପଛରେ ଘୂରିବୁଲେ, ସ୍ୱାମୀ ଆସି ତାକୁ ସତ୍ୟ କ'ଣ କହିଥା'ନ୍ତି ।

ତେଣୁ 'ଅସତୋ ମା ସଦ୍‌ଗମୟ' ପ୍ରାର୍ଥନା ତୁମକୁ ତୁମଠାକୁ ନେଇଥାଏ, ତୁମର ବାସ୍ତବ ସ୍ୱରୂପ ଉପରେ ଧ୍ୟାନ କରିବା ପାଇଁ ତୁମକୁ ପ୍ରେରଣା ଦିଏ । ମୁହୂର୍ତ୍ତକ ପାଇଁ ବସି ତୁମେ ଯେ ବାସ୍ତବରେ କ'ଣ, ତାହା ତୁମେ ଆବିଷ୍କାର କର । ମୋତେ ଦିଆଯାଇଥିବା ଦେହରୁ ଖଣ୍ଡେ କଟିଗଲେ, ତୁମେ କୁହ ନାହିଁ ଯେ "ଯେ ହେଉଛି ଅଧା କସ୍ତୁରୀ ।" ମୋର ଯାହା ହୋଇଗଲେ ମଧ୍ୟ ମୁଁ ଯେଉଁ କସ୍ତୁରୀକୁ ସେହି କସ୍ତୁରୀ ରହିଥାଏ । ମୁଁ ନିଜକୁ ଜାଣିପାରିଲେ, ସବୁବେଳେ ତାହାହିଁ ରହିଥାଏ । ମୁଁ ମୋ ନାମ ବଦଳେଇ ଦେଇପାରେ । ମୋର ନାମକରଣ ହେବା ପୂର୍ବରୁ ମୋର ପିତା-ମାତା ଯେ ମୋତେ କ'ଣ କହି ଡାକୁଥିଲେ, ତାହା ମୁଁ ଜାଣି ନାହିଁ, ଆମ ପରମ୍ପରାରେ ଶିଶୁ ଭୂମିଷ୍ଠ ହେବାର ଏକାଦଶ ଦିବସରେ ତାହାର ପିତା ତା କାନରେ ଧୀର ସ୍ୱରରେ ତା' ନାମ କହିଥାନ୍ତି । ମୋ ପିତା ମୋ କାନରେ ବେଶ୍ ଏକ ଲମ୍ବା ନାମ କହିଥିଲେ - କସ୍ତୁରୀ ରଙ୍ଗନାଥ ଶର୍ମା । ଏଭଳି ଏକ ସୁଦୀର୍ଘ ନାମ ଉଚ୍ଚାରଣ କରି ଲୋକମାନେ କଷ୍ଟ ପାଇବା ମୁଁ ଚାହୁଁ ନଥିଲି । ମୁଁ ତାକୁ ସଂକ୍ଷେପରେ କସ୍ତୁରୀ କରିଦେଲି ଏବଂ ଏହା ପୃଥିବୀ ପ୍ରତି ମୁଁ କରିଥିବା ଏକ ସେବା ମନେ କରେ । ତେଣୁ ମୁଁ ମୋ ନାମ ବଦଳେଇ ପାରେ, ତେବେ ସେ ନାମ ମଧ୍ୟ ମୋର ନୁହଁ । ମୋ ଦେହର ଆକାର ମଧ୍ୟ ମୋର ନୁହଁ । ମୁଁ ଯଦି ମୋର ଦୁଇବର୍ଷ ବୟସର ଏକ ଛବି ଆପଣଙ୍କୁ ଦିଏ, ଆପଣ ମୋତେ ଚିହ୍ନି ପାରିବେ ନାହିଁ । ତେଣୁ ତୁମର ଆକାର ମଧ୍ୟ ପରିବର୍ତ୍ତନଶୀଳ । ତୁମର ଚରିତ୍ରରେ ମଧ୍ୟ ପରିବର୍ତ୍ତନ ହୋଇପାରେ । ଆଜି ଜଣେ ସନ୍ଥ ହୋଇଥାଇପାରେ, କାଲି ହୁଏତ ସେ ହେବ ଏକ ଶଠ । ତେଣୁ ତୁମର ନାମ, ରୂପ, ଚରିତ୍ର, ବ୍ୟବହାର - ସବୁ ପରିବର୍ତ୍ତନଶୀଳ । ତୁମ ମଧ୍ୟରେ ସବୁବେଳେ କ'ଣ ଅପରିବର୍ତ୍ତନୀୟ ରହିଥାଏ ବୋଲି ତୁମେ ନିଜକୁ ନିଜେ ଯଦି ପ୍ରଶ୍ନ କର, ତେବେ ଦେଖିବ ଯେ ତାହା ହେଉଛି କେବଳ 'ସତ୍' ଯାହା ଉପର ଦେଇ ଏ ସମସ୍ତ ପରିବର୍ତ୍ତନ ସଂଘଠିତ ହୁଏ, ଚଳଚ୍ଚିତ୍ର ପରଦା ଉପରେ ଚଳମାନ ଦୃଶ୍ୟାବଳୀ ସଦୃଶ । ଚଳଚ୍ଚିତ୍ର ପରଦା ଉପରେ ତୁମେ ଏକ ଅଗ୍ନି ସଞ୍ଚାରର ଦୃଶ୍ୟ ଦେଖ, କିନ୍ତୁ ସେଥିରେ ପରଦାର କିଛି କ୍ଷତି ହୁଏ ନାହିଁ । ପରଦା ଜଳି ଯାଏ ନାହିଁ । ସେହିଭଳି ପରଦା ଉପରେ ଏକ ନଦୀର ବନ୍ୟା ଦେଖିପାର, କିନ୍ତୁ ସେଥିଦ୍ୱାରା ପରଦା ଭିଜି ଯାଏ ନାହିଁ । ପରଦା ସ୍ଥାୟୀ, ବିନା ପରଦାରେ କୌଣସି ଦୃଶ୍ୟ ଦେଖାଯାଏ ନାହିଁ । ତେଣୁ ପରଦା ହିଁ ସତ୍ୟ ଓ ସ୍ଥିର କିନ୍ତୁ ଦୃଶ୍ୟାବଳୀ ଅସ୍ଥିର, ଅଶାଶ୍ୱତ । କେହି ତୁମ ହାତ ଧରି ତୁମକୁ ସତ୍ ନିକଟକୁ ନେଇ ଯାଇ ନଥାନ୍ତି । ତୁମେ ହିଁ ସତ୍ । ମଣିଷ ଯେତେବେଳେ ତାହା ଭୁଲିଯାଏ, ସ୍ୱାମୀ ତାକୁ ତାହା ମନେ ପକେଇ ଦେବା ପାଇଁ ଆସିଥା'ନ୍ତି ।

ସହସ୍ରାଧିକ ବର୍ଷ ପୂର୍ବେ, ମଣିଷର ମସ୍ତିଷ୍କ ଯେତେବେଳେ ଉତ୍କର୍ଷ ଲାଭ କରିନଥିଲା ସେତେବେଳେ ସୃଷ୍ଟିରେ ରଙ୍ଗ ବୋଲି କିଛି ନଥିଲା । କାରଣ ମସ୍ତିଷ୍କ ହିଁ ରଙ୍ଗକୁ ବାରିପାରେ । ଏହା କିଛି ରଙ୍ଗକୁ ଗ୍ରହଣ କରେ ଆଉ କିଛି ରଙ୍ଗକୁ ପ୍ରକ୍ଷେପ କରେ । ତେଣୁ ତୁମେ ରଙ୍ଗକୁ ଦେଖିପାର । ତୁମେ ଯେତେବେଳେ ପୀତବର୍ଣ୍ଣ ଦେଖ, ସେତେବେଳେକୁ ଇନ୍ଦ୍ରଧନୁର ସପ୍ତରଙ୍ଗକୁ ମସ୍ତିଷ୍କ ଗ୍ରହଣ କରିନେଇଥାଏ ଓ ସେଥିମଧ୍ୟରୁ ତାହା ପୀତବର୍ଣ୍ଣକୁ ପ୍ରକ୍ଷେପ କଲେ, ତୁମେ ତାହା ଦେଖିପାର । ମସ୍ତିଷ୍କର ବିକାଶ ହେବା ଯାଏଁ ନା ରଙ୍ଗ ଥିଲା, ନା ଧ୍ୱନି ଥିଲା, ନା ସୁଖ ଥିଲା ନା ଦୁଃଖ ଥିଲା, ସୃଷ୍ଟିରେ କିଛି ନଥିଲା । ଏସବୁ ଏଭଳି ଘଟୁ ଓ ଘଟି ରହୁ – ଭଗବାନଙ୍କ ମଧ୍ୟରେ ଏ ସଙ୍କଳ୍ପ ଆସିବା ଯାଏ, କିଛି ଘଟି ନଥାଏ । ତେଣୁ ଅସତୋ ମା ସଦ୍‌ଗମୟ ତୁମକୁ ତୁମ ମଧ୍ୟକୁ ଭେଦ କରିବା ପାଇଁ ଏକ ଆହ୍ୱାନ ।

ଡକ୍ଟର୍ ଗୋକକ୍‌ଙ୍କ ସହ ଗାଡ଼ିରେ ବସି ସ୍କୁଲମ୍ୟାନ୍ ହ୍ୱାଇଟ୍‌ଫିଲ୍‌ଡ଼ ଯାଉଥିବା ସମୟରେ ପ୍ରଶ୍ନ କଲେ, "ବାବା ତାଙ୍କ ସମ୍ବନ୍ଧରେ ଏକ ପୁସ୍ତକ ରଚନା କରିବାକୁ ମୋତେ କାହିଁକି ଅନୁମତି ଦେଉନାହାନ୍ତି ?" ସେତେବେଳେ ଗୋକକ୍ ଉତ୍ତରରେ କହିଲେ, "ହୁଏତ ତାହା କରିବା ପାଇଁ ଆପଣଙ୍କ ମଧ୍ୟରେ ଯଥେଷ୍ଟ ବିକାଶ ହୋଇନାହିଁ । କସ୍ତୁରୀଙ୍କୁ ବାବାଙ୍କ ସମ୍ବନ୍ଧରେ ପୁସ୍ତକ ରଚନା କରିବାର ଅନୁମତି ମିଳିବାକୁ ବାରବର୍ଷ ଲାଗିଥିଲା ।" ସ୍କୁଲ୍‌ମ୍ୟାନ୍ କହିଲେ, "ମୁଁ ଏତେଦିନ ଅପେକ୍ଷା କରି ପାରିବିନି । ବାବା ମୋ ମଧ୍ୟରେ ଯେତିକି ବିକାଶ ଚାହାନ୍ତି, ସେତିକି ମୁଁ ବିକଶିତ ହୋଇ ସାରିଛି ।" ଗୋକକ୍ କହିଲେ, "ତାଙ୍କ ସମ୍ବନ୍ଧରେ ପୁସ୍ତକ ରଚନା କରିବା ପାଇଁ ଆପଣଙ୍କ ମଧ୍ୟରେ ଯଥେଷ୍ଟ ବିକାଶ ଘଟିଛି ବୋଲି ସେ ଭାବିବା ପରେ ଆପଣ ଯଦି ପୁସ୍ତକ ରଚନା କରନ୍ତି, ତେବେ ଆପଣଙ୍କର ସେହି ପୁସ୍ତକ କସ୍ତୁରୀଙ୍କ ପୁସ୍ତକ ଭଳି ଭକ୍ତିରସାତ୍ମକ ହେବ । ତାଙ୍କ ସମ୍ବନ୍ଧରେ ବିଶେଷ ନଜାଣି ଆପଣ ଯଦି ପୁସ୍ତକ ରଚନା କରନ୍ତି ତେବେ କେହି ଏହି ବିସ୍ମୟକୁ ବିଶ୍ୱାସ କରିବେନି ।" ମୁଁ ଯେତେବେଳେ 'ସତ୍ୟଂ ଶିବଂ ସୁନ୍ଦରମ୍' ପୁସ୍ତକ ରଚନା କଲି, ଲୋକେ କହିଲେ, ମୋ ମସ୍ତିଷ୍କ ଖରାପ ହୋଇ ଯାଇଛି କିନ୍ତୁ ଆଜି ସେମାନେ କହୁଛନ୍ତି, ମୋ ମସ୍ତିଷ୍କ ସେତେଟା ଖରାପ ନୁହଁ ।

ସ୍ୱାମୀ ସ୍କୁଲମ୍ୟାନ୍‌ଙ୍କୁ ହ୍ୱାଇଟ୍‌ଫିଲ୍‌ଡ଼ରୁ ପୁଟ୍ଟପର୍ତ୍ତି ଆସିବାକୁ କହିଲେ । ସେ ସେଠାକୁ ତାଙ୍କର କ୍ୟାମେରା ଓ ଟେପ୍ ରେକର୍ଡ଼ର ଧରି ପହଞ୍ଚିଲେ । ସେ ସ୍ୱାମୀଙ୍କ ଡାକରା ପାଇଁ ଅପେକ୍ଷା କରିଥାନ୍ତି । ଶେଷରେ ସ୍ୱାମୀ ତାଙ୍କୁ ଖବର ପଠେଇଲେ । ସେ ସ୍ୱାମୀଙ୍କ କକ୍ଷ ମଧ୍ୟରେ ପ୍ରବେଶ କଲେ । ସ୍ୱାମୀ ତାଙ୍କୁ ଦେଖି କହିଲେ, "ଆସ, ଆସ ।" ସ୍କୁଲମ୍ୟାନ କୃତାଞ୍ଜଳିପୁଟ ହୋଇ ତାଙ୍କୁ ପ୍ରଣାମ ଜଣେଇଲେ । ସ୍ୱାମୀଙ୍କ କକ୍ଷ ଦେଖିଲେ ଜଣେ ହତାଶ ହୋଇଯିବ । ସେଠାରେ ନା ଗଦି ପଡ଼ିଥିବା ସୋଫା ଥାଏ ନା ମୁଲାୟମ୍ ଗାଲିଚା ପଡ଼ିଥାଏ । କଠିନ ଚଟାଣ ଉପରେ ଖାଲି ଖଣ୍ଡେ ଚୌକୀ ଥାଏ । ସ୍ୱାମୀ କିଛି ଲେଖିବାକୁ ଚାହିଁଲେ,

ଗୋଟିଏ ଟେବୁଲ ଅଣାଯାଏ ଓ ଲେଖା ସରିବା ପରେ ପୁଣି ତାହା ବାହାର କରି ଦିଆଯାଏ । କକ୍ଷ ମଧ୍ୟରେ କେବଳ ସ୍ୱାମୀ ଓ ସ୍କୁଲ୍‌ମ୍ୟାନ ଥା'ନ୍ତି । ସ୍ୱାମୀ ତାଙ୍କୁ ପଚାରିଲେ, "ତେବେ ତୁମେ ଏଠାରେ ବେଶ୍ କିଛି ଦେଖି ନେଇଛ ?" ସ୍କୁଲମ୍ୟାନ୍ କହିଲେ, "ବେଶ୍ କିଛି ନୁହଁ, ଯାହା ବା ଦେଖିଛି ମୁଁ କିଛି ବୁଝିପାରୁନାହିଁ ।" ସେ ଦେଖି ମଧ୍ୟ ବୁଝିପାରୁନଥାନ୍ତି । ଏହା ହିଁ ସ୍ୱାମୀଙ୍କର ପରମ ବୈଚିତ୍ର୍ୟ, ଯାହା ଏଯାବତ୍ ଆମ ପାଇଁ ଅଗମ୍ୟ ରହିଛି । ସେଦିନ ଜଣେ ଆମେରିକୀୟ କୂଟନୀତିଜ୍ଞଙ୍କର ଏକ ପତ୍ର ମୁଁ ପଢୁଥାଏ, ଯେଉଁଥିରେ ସେ ଲେଖିଥାନ୍ତି, "ଯେ କ'ଣ ! ପାଞ୍ଚଫୁଟ ଉଚ୍ଚ ଜଣେ ମଣିଷକୁ ଦେଖିବାକୁ ପାଞ୍ଚ ଲକ୍ଷ ଲୋକ !" ସେଦିନ ସ୍ୱାମୀ ସ୍କୁଲମ୍ୟାନ୍‌ଙ୍କୁ ଏହି ରହସ୍ୟ ବୁଝେଇଥିଲେ । ଯାହା ଦୃଶ୍ୟମାନ ତାହା ଅନୁଭୂତିଠାରୁ ଭିନ୍ନ ନୁହଁ । ସ୍ୱାମୀ ତାଙ୍କ ସମ୍ମୁଖରେ ଏକ ଦାର୍ଶନିକ ସିଦ୍ଧାନ୍ତ ଉପସ୍ଥାପନ କଲେ ଯାହା ସେ ବୁଝିପାରୁ ନଥାନ୍ତି । ସ୍ୱାମୀ ତାଙ୍କୁ କହିଲେ, "ଜୀବନ ଏକ ସ୍ୱପ୍ନର ସ୍ମୃତି ମାତ୍ର । ଏହା କୌଣସି ଅଦୃଷ୍ଟ ବୃଷ୍ଟିରୁ ଆସି ନଥାଏ ବା କୌଣସି ଜ୍ଞାତସାରରେ ଥିବା ଗର୍ତ୍ତରେ ପତିତ ହୋଇ ନଥାଏ । ଭୌତିକ ବିଷୟବସ୍ତୁ ଜମା କରିବା ଯେ କେତେ ନିରର୍ଥକ ତାହା ତୁମେ ଦିନେ ବୁଝିପାରିବ । ମୋର ଜମି ବୋଲି କିଛି ନାହିଁ ଯେଉଁଠାରେ ମୁଁ ମୋ ଖାଦ୍ୟ ଅମଳ କରିବି, ମୋର ସମ୍ପତ୍ତି ବୋଲି କିଛି ନାହିଁ, ଯାହାକୁ ମୁଁ ମୋ ନିଜର କହିବି । ସବୁକିଛି ଅନ୍ୟର ନାମରେ ନଥିଭୁକ୍ତ ହୋଇଛି । ତେବେ ଗ୍ରାମର ଭୂମିହୀନ ବ୍ୟକ୍ତିମାନେ ଜଳାଶୟମାନ ଶୁଷ୍କ ହୋଇଯିବା ଯାଏ ଅପେକ୍ଷା କରନ୍ତି ଓ ସେହି ଭୂମିକୁ ଚାଷ କରି କିଛି ଶସ୍ୟ ଉତ୍ପାଦନ କରନ୍ତି । ମୁଁ ମଧ୍ୟ ସେମିତି ସମସ୍ତ ଶୁଷ୍କ ହୃଦୟରେ ପ୍ରେମ ଓ ଆନନ୍ଦର ଶସ୍ୟ ଅମଳ କରିଥାଏ। ତେଣୁ ମୁଁ ସବୁବେଳେ ଶୁଷ୍କ ହୃଦୟର ସନ୍ଧାନରେ ଥାଏ । ଏଥିପାଇଁ ସମସ୍ତ ଶୁଷ୍କ ଓ ଭଗ୍ନ ହୃଦୟ ଏଠାରେ ସମବେତ ହୋଇଥାନ୍ତି । ସେମାନେ କହନ୍ତି, "ସ୍ୱାମୀ ! ଆପଣ ଏହି ଭୂମିରେ ବିହନ ବୁଣି ପ୍ରେମ ଓ ଆନନ୍ଦର ଶସ୍ୟ ଅମଳ କରନ୍ତୁ । ଆମେ ଯେହେତୁ ଆପଣଙ୍କଠୁ ଭିନ୍ନ ନୁହଁ, ସେତେବେଳେ ସେହି ଶସ୍ୟକୁ ଆମେ ସାଥିରେ ନେବୁ ।" ସ୍କୁଲମ୍ୟାନ କହିଲେ, "ଜଣେ ଯେ ଜଳାଶୟର ଜଳ ଶୁଷ୍କ ହେବା ଯାଏ ଅପେକ୍ଷା କରି ସେହି କ୍ଷେତ୍ରରେ ପ୍ରେମର ଶସ୍ୟ ଅମଳ କରିପାରେ - ଏହା ମୁଁ ବୁଝିବି କିପରି ?" ମୁଁ ଲୋକଙ୍କଠାରୁ ପ୍ରେମ ଓ ବିଶ୍ୱାସ ଆଶା କରିଥାଏ । ଅଧିକାଂଶ ଲୋକ ପ୍ରେମ ଓ ବିଶ୍ୱାସ ମାନେ ସାଧାରଣରେ ଯାହା ବୁଝିଥାନ୍ତି, ତାହାଠାରୁ ଏହା ଯଥେଷ୍ଟ ବ୍ୟାପକ । ତୁମେ ହୁଏତ କହିବ, "ମୁଁ ବାବାଙ୍କୁ ବିଶ୍ୱାସ କରେ, ମୁଁ ବାବାଙ୍କୁ ଭଲ ପାଏ ।" ଏହା କିନ୍ତୁ ଯଥେଷ୍ଟ ନୁହଁ । ମୁଁ ଚାହେଁ ଯେ ତୁମେ ମୋତେ ସର୍ବସ୍ୱ ଦେଇଦିଅ । ସର୍ବସ୍ୱ ମାନେ ଫୁଲଫଳ ନୁହଁ, ଟଙ୍କା ପଇସା, ଜମିବାଡ଼ି ନୁହଁ । ତୁମେ ନିଜକୁ ପୂରା ମୋତେ ଦେଇଦିଅ, କିଛି ତୁମ ପାଖରେ ରଖ ନାହିଁ । ତୁମ ମନ, ତୁମ ହୃଦୟ, ତୁମ ଆତ୍ମା ମୋତେ ଦେଇଦିଅ । ତୁମେ ଯଦି କୁହ, "ସ୍ୱାମୀ, ମୁଁ ତୁମକୁ ମୋ ହୃଦୟ ଅର୍ପଣ କଲି" - ଏହା କେବଳ ମୁଖର ଭାଷା । ତେଣୁ ସେ କୌଣସି ସମାବେଶକୁ

"ହେ ଭକ୍ତଗଣ !" କରି ସମ୍ବୋଧନ କରି ନଥାନ୍ତି । ସେ କହନ୍ତି, "ତୁମେ ସବୁ ସାମୟିକ ଭକ୍ତ । ଏହି ସ୍ଥାନ ଛାଡ଼ି ଯିବା ସମୟରେ ତୁମେ ତୁମ ଭକ୍ତି ମଧ୍ୟ ଏଠାରେ ଛାଡ଼ି ଚାଲିଯାଅ । ତେଣୁ ଯେଉଁ କେତେକ କେବଳ ମୋର ଚମତ୍କାରିତା ଦେଖିବାକୁ ଏଠାକୁ ଆସିଥା'ନ୍ତି, ସେମାନେ ମୁଁ ଚମତ୍କାରିତା ପ୍ରଦର୍ଶନ ଦ୍ୱାରା ସେମାନଙ୍କର ମନୋରଞ୍ଜନ କରିବା ବନ୍ଦ କରିଦେବା ମାତ୍ରକେ ମୋତେ ଆଉ ଭଲ ପାଆନ୍ତି ନାହିଁ । ଏଭଳି ଲୋକ କହନ୍ତି, "ମୁଁ ବାବାଙ୍କ ନିକଟକୁ ଯାଇ ସେଠାରେ ସପ୍ତାହେ ରହିଲି । ଏତେଦିନ ମଧ୍ୟରେ ସେ ଥରେ ସୁଦ୍ଧା ବିଭୂତି ବୃଷ୍ଟି କଲେ ନାହିଁ । ତେଣୁ ମୁଁ ତାଙ୍କୁ ଛାଡ଼ି ଦେଲି ।"

ସ୍କୁଲମ୍ୟାନ୍ ସେଠାରେ ଅପେକ୍ଷାରତ ଭାବେ ଛିଡ଼ା ହୋଇଥାନ୍ତି । ତାଙ୍କର କିଛି କହିବା ପାଇଁ ନଥିଲା । ହଠାତ୍ ସେ ନିଜ ମଧ୍ୟରେ ଏକ ଉଷ୍ମତା, ଏକ ସାମୀପ୍ୟଭାବ ଅନୁଭବ କଲେ, ଯାହା ସେ ପୂର୍ବରୁ କେବେ ଅନୁଭବ କରିନଥାନ୍ତି । ସେହି ଅନୁଭୂତି ତାଙ୍କର ଅନ୍ତର୍ଚେତନା ମଧ୍ୟରେ ବ୍ୟାପି ଯାଉଥାଏ । ଏହା ତାଙ୍କ ମନରେ ଏକ ପ୍ରକାର ଭୀତି ସଞ୍ଚାର କଲା । ସେ ଅନୁଭବ କଲେ, "ମୋ' ମଧ୍ୟରେ କିଛି ଘଟିଯାଉଛି, ମୁଁ...." । ଏଥିପୂର୍ବରୁ କେଭେ ଶୁଣି ନଥିବା, ଅନୁଭବ କରି ନଥିବା ବା ପଢ଼ି ନଥିବା ଏକ ଭିନ୍ନ ଧରଣର ପ୍ରେମର ପ୍ରଗାଢ଼ତା ସେ ନିଜ ମଧ୍ୟରେ ଅନୁଭବ କରୁଥା'ନ୍ତି । ସ୍ୱାମୀଙ୍କ ମଧ୍ୟରୁ ନିଃସରିତ ଏକ ପ୍ରେମର ପ୍ରବାହରେ ସେ ବିହ୍ୱଳିତ ହୋଇ ଉଠିଥାନ୍ତି । ତାହା ତାଙ୍କୁ ସମ୍ପୂର୍ଣ୍ଣ କବଳିତ କରିଥାଏ । ତାଙ୍କ ମଧ୍ୟରେ କିଛି ଘଟି ଯାଉଥାଏ ଯାହା ସେ ବୁଝି ପାରୁନଥାନ୍ତି । ଏହାକୁ ବୁଝିବାରେ ଅକ୍ଷମତା ହିଁ ତାଙ୍କ ମନରେ ଏକ ଆକସ୍ମିକ ଭୟ ସୃଷ୍ଟି କରୁଥାଏ । ନିମେଷରୁ କମ୍ ସମୟ ମଧ୍ୟରେ ସେ ନିଜକୁ ଭାବାବେଶରେ ବିଚ୍ଛିନ୍ନ, ଅଜ୍ଞାନର ଅନ୍ଧକାର ମଧ୍ୟରେ ଏକ ବିସ୍ଥାପିତ ବ୍ୟକ୍ତି ଭଳି ମନେ କରୁଥା'ନ୍ତି । ଏହି ବିହ୍ୱଳନକାରୀ ଉଦ୍‌ବେଗରୁ ନିଜକୁ ମୁକ୍ତ କରିବାର ଏକମାତ୍ର ଉପାୟ ଥିଲା ସେହି ଭାବକୁ ମନରୁ ପୋଛି ଦେବା । ସେ ଚିତ୍କାର କରି ଉଠିଲେ, "ଦୟାକରି ମୋତେ ଛାଡ଼ନ୍ତୁ । ମୁଁ ଏଥିରୁ ମୁକୁଳିବାକୁ ଚାହେଁ । 'ମୁଁ' ସ୍ଥାନଚ୍ୟୁତ ହୋଇଯାଉଛି । ମୁଁ ଭୀତତ୍ରସ୍ତ । ମୁଁ ଯେ କିଏ, କଣ ହେବାକୁ ଯାଉଛି ତାହା ମୁଁ ବୁଝି ପାରୁନାହିଁ ।" ସ୍ୱାମୀ ସ୍କୁଲମ୍ୟାନ ମଧ୍ୟରେ ଯାହା କିଛି ହେଉଥାଏ, ତାହା ଲକ୍ଷ୍ୟ କରୁଥାନ୍ତି । ସେ କହିଲେ, "ତୁମେ ମୋ'ଠୁ ଖସି ଯାଇପାରିବ ନାହିଁ ।" ଦେଖନ୍ତୁ ! ତାଙ୍କ ମଧ୍ୟରେ ଯେ କ'ଣ ହେଉଛି, ସ୍ୱାମୀ କିପରି ଜାଣି ପାରିଲେ । ସେ ଖସି ପଳେଇବାକୁ ଚାହୁଁଥିଲେ । ସେ ସେହି ପ୍ରେମ ଚାହୁଁ ନଥିଲେ, ସେହି ଉଷ୍ମତା ଚାହୁଁ ନଥିଲେ । ସେ ସ୍ୱାମୀଙ୍କ ମଧ୍ୟରେ ନିଜକୁ ହଜେଇ ଦେବାକୁ ଚାହୁଁ ନଥିଲେ । ତେଣୁ ସ୍ୱାମୀ ତାଙ୍କୁ କହିଲେ, "ତୁମେ ମୋ'ଠୁ ଖସି ଯାଇପାରିବ ନାହିଁ ।" ସ୍ୱାମୀ କହନ୍ତି, "ମୁଁ ନ ଡାକିବା ଯାଏଁ, ଘଟଣାକ୍ରମେ ଚାଲି ଆସିଥିବା ଭଳି ମନେହେଲେ ମଧ୍ୟ, କେହି କେବେ ପୁଟ୍ଟପର୍ତ୍ତି ଆସି ପାରିବେ ନାହିଁ । ଯେଉଁମାନେ ମୋର ଦର୍ଶନ ଲାଭ କରିବାକୁ ପ୍ରସ୍ତୁତ, ସେହିମାନଙ୍କୁ କେବଳ

ମୁଁ ମୋ ନିକଟକୁ ଆଣିଥାଏ, ଅନ୍ୟମାନଙ୍କୁ ନୁହଁ । ମୁଁ "ପ୍ରସ୍ତୁତ" କହିବା ମାନେ, ପ୍ରସ୍ତୁତିର ଅନେକ ସ୍ତର ଅଛି । ତୁମେ ହୁଏତ କହିବ ଯେ 'ମୁଁ ଆପଣଙ୍କୁ ଦର୍ଶନ କରିବାକୁ ପ୍ରସ୍ତୁତ । ଆପଣ କାହିଁକି ମୋତେ ଦର୍ଶନ କରିବାକୁ ଦେଉନାହାନ୍ତି ?' ତେଣୁ ମୁଁ କହେ ଯେ ପ୍ରସ୍ତୁତିର ବିଭିନ୍ନ ସ୍ତର ଅଛି । ତୁମକୁ ହୁଏତ ଦର୍ଶନ କରିବାକୁ ଦିଆଯିବ, କିନ୍ତୁ ତୁମେ ଦର୍ଶନ କରିପାରିବ ନାହିଁ । ତେଣୁ ଆଉ ଥରେ ଆସ, ଆଉ ଥରେ ଆସ ।" ସ୍କୁଲମାନ ଏଥର ହସି ଉଠିଲେ, ତାଙ୍କର ଉଦ୍‌ବେଗର ଅବସାନ ହେଲା, ସ୍ୱାମୀ ମଧ୍ୟ ତାଙ୍କ ସଙ୍ଗେ ହସି ଉଠିଲେ । ତାପରେ ସ୍କୁଲମ୍ୟାନ୍ ସ୍ୱାମୀଙ୍କୁ କହିଲେ, "ଆପଣ ଯେତେବେଳେ ମୋତେ ନିଜକୁ ସମ୍ପୂର୍ଣ୍ଣଭାବେ ସମର୍ପି ଦେବାକୁ କହନ୍ତି, ମୁଁ ବ୍ୟସ୍ତ ହୋଇ ଉଠେ । ଏହା ମୁଁ କରିପାରିବି ନାହିଁ । ମୋ ଜୀବନକୁ ନିୟନ୍ତ୍ରଣକୁ ଆଣିବାକୁ ମୋତେ ଢେର ସମୟ ଲାଗିଲା । ଏହା ମୁଁ ଶେଷରେ ଅନ୍ୟଜଣଙ୍କର ଦାସ ହେବା ପାଇଁ କରିନାହିଁ । ଆପଣ ଭଗବାନ ହୋଇଥା'ନ୍ତୁ ବା ନ ହୋଇଥାନ୍ତୁ କିମ୍ବା ଅତିମାନୁଷ ଯୋଗଶକ୍ତି ସମ୍ପନ୍ନ ଜଣେ ବ୍ୟକ୍ତି ହୋଇଥାନ୍ତୁ, ମୁଁ କିନ୍ତୁ କାହାକୁ ଏତେ ମାତ୍ରାରେ ବିଶ୍ୱାସ କରିପାରିବି ନାହିଁ ।" ତାହା ଶୁଣି ସ୍ୱାମୀ ପଚାରିଲେ, "ଆଚ୍ଛା ତୁମେ ନିଜକୁ ବିଶ୍ୱାସ କର ତ ? ନା, ସେ ବିଶ୍ୱାସ ମଧ୍ୟ ତୁମର ନାହିଁ । ମୁଁ ତୁମର ଅତୀତ ଜାଣେ, ଭବିଷ୍ୟତ ଜାଣେ । ତେଣୁ ତୁମେ କାହିଁକି କଷ୍ଟ ଭୋଗୁଛ ତାହା ମୁଁ ଜାଣେ, ସେହି କଷ୍ଟରୁ କିପରି ଉଦ୍ଧାର ପାଇବ ଓ ଶେଷରେ ତୁମେ କ'ଣ ହେବ ତାହା ମଧ୍ୟ ମୁଁ ଜାଣେ ।" ସ୍କୁଲମ୍ୟାନ୍ ପଚାରିଲେ, "କେବେ ମୋର ମୃତ୍ୟୁ ହେବ ?" ସ୍ୱାମୀ କହିଲେ, "ତୁମେ କ'ଣ ଭାବୁଛ, ମୃତ୍ୟୁ ହୋଇଗଲେ ତୁମର ସବୁକିଛି ଶେଷ ହୋଇଯିବ ? ଅତୀତର ବହୁ ଜନ୍ମରେ ତୁମେ ମୃତ୍ୟୁକୁ ଭୟ କରୁଥିଲ । ମୃତ୍ୟୁକୁ ଖରାପ ଭାବୁଥିଲ । କିନ୍ତୁ ମୃତ୍ୟୁ ଭଲ ନୁହଁ କି ଖରାପ ନୁହଁ । ମୃତ୍ୟୁ କେବଳ ମୃତ୍ୟୁ । ମଣିଷର କାହିଁକି ମୃତ୍ୟୁ ହୁଏ ? ଆଉ ଥରେ ତାର ମୃତ୍ୟୁ ନହେବା ପାଇଁ ମୃତ୍ୟୁ ହୁଏ । ମଣିଷ କାହିଁକି ଜନ୍ମ ହୁଏ ? ଆଉ ଥରେ ଜନ୍ମ ନ ହେବା ପାଇଁ ଜନ୍ମ ହୁଏ । ଏକ କୁକୁର ବା ବିରାଡ଼ିର ମୃତ୍ୟୁ ହେଲେ ତାହା ଜୀବିତ ଥିବା ଅବସ୍ଥାରେ ସଂସାର ଯେମିତି ଥିଲା, ସେମିତି ସଂସାରକୁ ଛାଡ଼ି ଯାଏ । ମଣିଷ ଆସିବା ସମୟରେ ସଂସାର ଯେମିତି ଥିଲା ଯିବା ସମୟରେ ତାହାକୁ ଆହୁରି ଏକ ସୁନ୍ଦର ସଂସାର କରି ଗଢ଼ି ଦେହ ତ୍ୟାଗ କରିବା ଉଚିତ । ସେ ଜନ୍ମ ହେବାର ବା ମୃତ୍ୟୁବରଣ କରିବାର ଅନ୍ୟ କିଛି କାରଣ ନାହିଁ ।"

ସ୍କୁଲମ୍ୟାନ୍ ପଚାରିଲେ, "ଆପଣ କ'ଣ ଭଗବାନ ?" ସ୍ୱାମୀ କହିଲେ, "ମୁଁ କିଏ ଜାଣିବାକୁ ଚେଷ୍ଟା କରିବାରେ ତୁମେ କାହିଁକି ତୁମର ସମୟ ଓ ଶକ୍ତି ନଷ୍ଟ କରୁଛ ? ମାଛ କି କେବେ ଆକାଶକୁ ମାପି ପାରିବ ?" ସ୍କୁଲମ୍ୟାନ ଭାବିଲେ, "ତେବେ ମୁଁ ଏକ ମାଛ !" ସ୍ୱାମୀ କହିଲେ, "ତୁମେ ଭଗବାନଙ୍କୁ ଚିହ୍ନି ପାରିବା ଭଳି ସେ ଯଦି ତାଙ୍କର ସମସ୍ତ ଆଭୂଷଣ ନେଇ ଆସନ୍ତି, ତେବେ ବିଭିନ୍ନ ଦେଶରେ ତାଙ୍କୁ ଯେଉଁ ସମସ୍ତ ଆଭୂଷଣ ନେଇ

କଳ୍ପନା କରାଯାଇଥାଏ ସେହି ସେହି ଆଭୂଷଣ ନେଇ ତାଙ୍କୁ ବିଭିନ୍ନ ରୂପରେ ଆବିର୍ଭୂତ ହେବାକୁ ହେବ । ତାହା ଯଦି ହୋଇଥା'ନ୍ତା, ତୁମେ ତାଙ୍କୁ ଏକ ସର୍କସରେ ରଖି ଲୋକଙ୍କଠୁ ପଇସା ସଂଗ୍ରହ କରିଥାନ୍ତ ।" ତାହା ଶୁଣି ସ୍କୁଲମ୍ୟାନ କହିଲେ, "ଆଃ, ଆପଣ ଭଗବାନ ! ଆପଣ ଭଗବାନ ! ଆପଣ ଠିକ୍ ଏହା କହୁ ନାହାନ୍ତି କି ?" ସ୍ୱାମୀ କହିଲେ, "ପ୍ରଥମେ ତୁମେ ନିଜକୁ ଜାଣ, ତାପରେ ମୋତେ ଜାଣିବ ।" ମୁଁ ପୁରୁଷ ନୁହଁ, ସ୍ତ୍ରୀ ନୁହଁ, ବୃଦ୍ଧ ନୁହଁ, ଯୁବକ ନୁହଁ । ମୁଁ ଏସବୁ କିଛି ନୁହଁ ।" ତାଙ୍କର ଏହି ଉକ୍ତି ବୁଝିବା ପାଇଁ ଅନେକ ସମୟ ଲାଗିବ, କିନ୍ତୁ ସ୍କୁଲମ୍ୟାନ୍ ହସି ଉଠିଲେ, ହୁଏତ ତାଙ୍କ ହସର କାରଣ କ'ଣ ସେ ଭାବୁଥାଇ ପାରନ୍ତି ବା ସେହି ପ୍ରଶ୍ନର ଯେଉଁ ଉତ୍ତର ପାଇଲେ ସେଥିରେ ବିମୂର୍ଚ୍ଛିତ ହୋଇ ଥାଇ ପାରନ୍ତି । ଏଠାରେ ସେ ଏକ ବ୍ୟକ୍ତିଙ୍କୁ ଦେଖୁଛନ୍ତି ଯିଏ ବସିଥିବା ସ୍ଥାନରେ ତାଙ୍କର କ୍ଷୁଦ୍ର କଳେବରକୁ ସଙ୍କୁଚିତ କରି ବସିଛନ୍ତି, ଯାହାଙ୍କର ପାଦ ଦୁଇଟି କୌଣସି ତରୁଣୀର ସରୁ ସରୁ ପାଦ ଭଳି ଦିଶୁଛି ଓ ମସ୍ତକରେ ଆଫ୍ରିକୀୟ ଢଙ୍ଗର କେଶଗୁଚ୍ଛ ଧାରଣ କରିଛନ୍ତି – କୌଣସି ପ୍ରକାର ଦେଖିଲେ ମଧ୍ୟ ତାଙ୍କୁ ଭଗବାନ କହିବା ପାଇଁ ମନ ମାନୁନାହିଁ ! ସ୍ୱାମୀ କହିଲେ, "କେତେକ ଲୋକ ଭାବନ୍ତି ଯେ ଧରାବକ୍ଷରେ ନରଦେହୀ ନାରାୟଣ ହେବା ବାସ୍ତବିକ ଚମତ୍କାର । ତୁମେ ଯଦି ମୋ ସ୍ଥାନରେ ରୁହନ୍ତ, ଏହାକୁ ଏମିତି କିଛି ଚମତ୍କାର ମନେ କରନ୍ତ ନାହିଁ । ପ୍ରତ୍ୟେକ ବ୍ୟକ୍ତିର ଅତୀତ କ'ଣ, ବର୍ତ୍ତମାନ କ'ଣ ଓ ଭବିଷ୍ୟତ କ'ଣ ମୁଁ ଜାଣେ । ତେଣୁ ସେମାନେ କୃପାଭିକ୍ଷା କରିବା ମାତ୍ରକେ ମୁଁ ସେମାନଙ୍କୁ ତାହା ଦେଇ ନଥାଏ । ଏ ଜନ୍ମରେ ଜଣେ କାହିଁକି କଷ୍ଟ ଭୋଗିବାକୁ ହେବ ଓ ବର୍ତ୍ତମାନ ସେ କରୁଥିବା କର୍ମ ହେତୁ ଆଗାମୀ ଜନ୍ମରେ ତା'ର କ'ଣ ହେବ, ତାହା ମୁଁ ଜାଣେ । ତେଣୁ ଯିଏ ଯେତେବେଳେ ଯାହା ଚାହିଁଲା ମୁଁ ତାକୁ ତାହା ଦେଇ ନଥାଏ । ତେଣୁ ସେମାନେ ଏହି ମୁହୂର୍ତ୍ତରେ ମୋତେ ପାଷାଣ ହୃଦୟ କହିଲେ ପର ମୁହୂର୍ତ୍ତରେ କୋମଳ ହୃଦୟ କହିଥା'ନ୍ତି । "ଆପଣ ଏହା କାହିଁକି କରୁ ନାହାନ୍ତି ? ତାହା କାହିଁକି କରୁନାହାନ୍ତି ? ଯୁଦ୍ଧକୁ କାହିଁକି ରୋକୁନାହାନ୍ତି ? ସଂସାରକୁ କାହିଁକି ରୋଗମୁକ୍ତ କରୁନାହାନ୍ତି – ଏହିଭଳି ଅନେକ ପ୍ରଶ୍ନ ସେମାନେ ମୋତେ ପଚାରନ୍ତି । ସେମାନେ ଏହା ବୁଝନ୍ତି ନାହିଁ ଯେ ଜଣଙ୍କର ଦୁଃଖକଷ୍ଟ ପାଇଁ ମୁଁ ଦାୟୀ ନୁହଁ । ମୁଁ କାହାକୁ ଦୁଃଖ ଦେଇ ନଥାଏ । ଲୋକେ ନିଜେ ନିଜେ ହିଁ ସେମାନଙ୍କର ରାଜପ୍ରାସାଦ ବା କାରାଗାର ଗଢ଼ିଥା'ନ୍ତି ।"

ସ୍କୁଲମ୍ୟାନ୍ ପଚାରିଲେ, "ମୁଁ କ'ଣ ମୋ ପୁସ୍ତକରେ ଏହା ଲେଖି ପାରିବି ?" ସ୍ୱାମୀ କହିଲେ, "ତୁମେ ମୋ' ସମ୍ବନ୍ଧରେ କ'ଣ ଜାଣ ? ତୁମେ ମୋତେ ଯେଉଁଭଳି ବିଶ୍ୱାସ କରିବାକୁ ହେବ କହିଲି ତୁମେ କ'ଣ ସେଭଳି ବିଶ୍ୱାସ କର ?" ସ୍କୁଲମ୍ୟାନ୍ କହିଲେ, "ନା, ନା, ଏଯାଏଁ ନୁହଁ ।" ସ୍ୱାମୀ ତହୁଁ ପଚାରିଲେ, "ତେବେ ତୁମେ ମୋ ସମ୍ବନ୍ଧରେ କିମିତି ଲେଖିବ ? ତୁମେ ଏକ ଶିଶୁ ଭଳି । ତୁମେ ଯାହା ଚାହଁ ମୁଁ ଯଦି ତୁମକୁ ତାହା

ଦେଇଦିଏ କିମ୍ବା ତୁମକୁ ଖୁସି କରେ, ତୁମେ ମୋତେ ଭଲ ପାଅ କିନ୍ତୁ ପର ମୁହୂର୍ତ୍ତରେ ଅତ୍ୟଧିକ ବ୍ୟସ୍ତତା ହେତୁ, ତୁମେ ଚାହୁଁଥିବା ସମୟରେ ମୁଁ ଯଦି ତୁମକୁ ଦେଖା ଦିଏନାହିଁ, ତୁମେ ଆଉ ଅପେକ୍ଷା ନ କରି ଚାଲିଯାଅ । ତୁମେ ଭକ୍ତିପୂର୍ବକ ମୋ' କଥା ଶୁଣ କିନ୍ତୁ ପରୋକ୍ଷରେ ମୋ' କଥାକୁ ନେଇ ବିଦ୍ରୂପ କର । ତୁମେ କୁହ, 'ସେ କହୁଛନ୍ତି ଶତ୍ରୁକୁ ଭଲ ପାଅ । ଶତ୍ରୁକୁ କିମିତି ଭଲ ପାଇବି ?' - ଏହା କହି ତୁମେ ମୋ' ଉପଦେଶକୁ ହସି ଉଡ଼େଇ ଦିଅ । ତେବେ ତୁମେ ମୋ' ସମ୍ବନ୍ଧରେ କିଭଳି ବହି ଲେଖିବ ? ତୁମେ ମୋ ସମ୍ବନ୍ଧରେ କିଛି ନଜାଣି କାହିଁକି ବା ମୋ ସମ୍ବନ୍ଧରେ ବହି ଲେଖିବ ? ଏଭଳି ବହି ଲେଖିବାର ଉଦ୍ଦେଶ୍ୟ କ'ଣ ? ପ୍ରଚାର ପାଇଁ ? ମୋର ପ୍ରଚାର ଦରକାର ନାହିଁ । ମୁଁ ଜଣେ ଯୋଗୀ ନୁହଁ ।" ସ୍କୁଲମ୍ୟାନ ପଚାରିଲେ, "ତେବେ ଆପଣ ମୋତେ କ'ଣ କହିବାକୁ ଚାହାଁନ୍ତି ? ଆପଣ କ'ଣ କହୁଛନ୍ତି, ମୁଁ ବହି ଲେଖି ପାରିବି ନାହିଁ ?" ସ୍କୁଲମ୍ୟାନ୍ ବ୍ୟସ୍ତ ହେଉଥିଲେ କାରଣ ସେ ଇତି ମଧ୍ୟରେ ବହି ଲେଖିବେ ବୋଲି ପ୍ରକାଶକଙ୍କୁ ପ୍ରତିଶ୍ରୁତି ଦେଇ ସାରିଥା'ନ୍ତି । ସ୍ୱାମୀ କହିଲେ, "ଲେଖ, ଲେଖ କିନ୍ତୁ ସତକଥା ଲେଖ । ତୁମେ ଏଠାରେ କ'ଣ ଦେଖିଲ, ମୋର କେଉଁ କଥାକୁ ହସି ଉଡ଼େଇ ଦେଲ, କେଉଁ କଥାକୁ ଭଲ ପାଇଲ, ଏସବୁ ଲେଖ । ତୁମ ପଥରେ ଅନେକ ବାଧାବିଘ୍ନ ଆସିଥିବା ସତ୍ତ୍ୱେ ତୁମେ କିଭଳି ମୋତେ ଭଲ ପାଇ ବସିଲ, ତାହା ମଧ୍ୟ ଲେଖ ।"

ସ୍ୱାମୀ ତାଙ୍କ ହୃଦୟରେ ଆଧ୍ୟାତ୍ମିକ ପ୍ରବାହକୁ ଉଜ୍ଜୀବିତ କରିବା ପାଇଁ ତାଙ୍କର ଦୁଇ ହାତରେ ସ୍କୁଲମ୍ୟାନ୍‌ଙ୍କ ଛାତିକୁ ଜୋର୍‌ରେ ଘଷି କହିଲେ, "ତୁମେ ମୋତେ ବିଶ୍ୱାସ ନକଲେ ମଧ୍ୟ, ମୋତେ ଭୁଲିଗଲେ ମଧ୍ୟ, ମୋତେ ଦେଖି ପରିହାସ କଲେ ବା ଘୃଣା କଲେ ମଧ୍ୟ, ମୁଁ ପୃଥିବୀର ଅପର ପାର୍ଶ୍ୱରେ ଥିବା ଭଳି ତୁମକୁ ମନେ ହେଲେ ମଧ୍ୟ, ମୁଁ ସବୁବେଳେ ତୁମ ସଙ୍ଗେ ରହିଥାଏ । ମୁଁ ଯେ ସବୁବେଳେ ତୁମ ସଙ୍ଗେ ରହିଛି ତାହା ତୁମକୁ ମନେ ପକେଇ ଦେବା ପାଇଁ ତୁମକୁ କିଛି ଏକ ବସ୍ତୁ ଦରକାର ।" ଏହା କହି ସେ ତାଙ୍କ ଗାଉନ୍‌ର ଅସ୍ତୀନ୍‌କୁ ଉପରକୁ କଲେ, ଫଳରେ ତାଙ୍କର ଅସ୍ତୀନ୍ ମଧ୍ୟରେ ସେ କୌଣସି ଏକ ଦ୍ରବ୍ୟ ଲୁଚେଇ ରଖିଛନ୍ତି ବୋଲି ସ୍କୁଲମ୍ୟାନଙ୍କ ମନରେ ସନ୍ଦେହ ହେବ ନାହିଁ । ତାପରେ ସେ ତାଙ୍କର ଖୋଲା ପାପୁଲିକୁ ଶୂନ୍ୟରେ କିଛି ସମୟ ଘୂରେଇ, ତାକୁ ବୁଜିଦେଲେ ଓ ପୁଣି ଖୋଲିଲେ । ହଠାତ୍ ତାଙ୍କ ହାତରେ ଦେଖାଗଲା ଏକ ସୁନାର ମୁଦି । ମୁଦିର ମଧ୍ୟଭାଗରେ ପର୍ସିଲିନ୍ ଉପରେ ସ୍ୱାମୀଙ୍କର ଏକ ଚିତ୍ର ଅଙ୍କିତ ହୋଇଥାଏ ଏବଂ ତାର ଚାରିପାଖେ ଷୋହଳଟି ହୀରା ଭଳି ଦିଶୁଥିବା ପଥର ଖୋଦିତ ହୋଇଥାଏ । ସେ ସେହି ମୁଦି ସ୍କୁଲ୍‌ମ୍ୟାନଙ୍କ ଆଙ୍ଗୁଠିରେ ପିନ୍ଧେଇଦେଲେ ଓ ତାହା ଠିକ୍ ସେହି ଆଙ୍ଗୁଠିକୁ ସଜ ହେଲା । ସ୍କୁଲମ୍ୟାନ୍ ସ୍ୱାମୀଙ୍କୁ ହସି ହସି ପଚାରିଲେ, "ମୁଁ ୟା'କୁ ନେଇ ସୀମା ଶୁଳ୍କ କର୍ମଚାରୀଙ୍କ କବଳରୁ କିମିତି ରକ୍ଷା ପାଇବି ?" ସ୍ୱାମୀ କହିଲେ, "ବ୍ୟସ୍ତ ହୁଅନା, ସେ କଥା ମୁଁ ବୁଝିବି ।" ତାପରେ ସେ

ସେହି ମୁଦିକୁ ତାଙ୍କ ଆଙ୍ଗୁଠି ଟିପରେ ସ୍ପର୍ଶ କରି କହିଲେ, "ଭୁଲି ଯାଅନା ଯେ ମୁଁ ତୁମ ମଧ୍ୟରେ ଅଛି ଓ ତୁମେ ମୋ' ମଧ୍ୟରେ ଅଛ, ଆମେ ଦୁହେଁ ଅଭିନ୍ନ ।

ସ୍କୁଲମ୍ୟାନ୍ ସାନ୍‌ଫ୍ରାନ୍‌ସିସ୍କୋରେ ସୀମାଶୁଳ୍କ ଅଧିକାରୀମାନଙ୍କର ଯାଞ୍ଚର ସମ୍ମୁଖୀନ ହୋଇ ସେଠାକାର ଶୁଳ୍କ ନିରୀକ୍ଷକଙ୍କୁ କହିଲେ, "ଏହାର ମୂଲ୍ୟ ଯେ କେତେ ମୁଁ ଜାଣେନା । ମୁଁ ଏହାକୁ ଏକ ଉପହାର ସ୍ୱରୂପ ପାଇଛି ।" ତାହା ଶୁଣି ଉକ୍ତ ନିରୀକ୍ଷକ ମୁଦିକୁ ତନ୍ନ ତନ୍ନ କରି ପରୀକ୍ଷା କଲେ ଓ ସେଠାରେ ଥିବା ଅନ୍ୟ ଏକ ନିରୀକ୍ଷକଙ୍କୁ ତାହା ଦେଖେଇଲେ । ତାପରେ ଉଭୟେ ରାଜି ହେଲେ ଯେ ମୁଦିଟି ଅତି ମୂଲ୍ୟହୀନ । "ଯା'କୁ ନିଅନ୍ତୁ" କହି ସେମାନେ ତାହା ସ୍କୁଲମ୍ୟାନ୍‌ଙ୍କୁ ଫେରେଇ ଦେଲେ । କିଛିଦିନ ପରେ ସେ ନ୍ୟୁୟର୍କ ଫେରିବା ପରେ ଦିନେ ସେଠାକାର ମେଟ୍ରୋପୋଲିଟାନ୍ ମ୍ୟୁଜିୟମ୍ ଅଫ ଆର୍ଟସ୍ ନାମକ ଏକ ସଂଗ୍ରହାଳୟକୁ ଯାଇ ସେମାନଙ୍କଠୁ ଏକ ନିର୍ଭରଯୋଗ୍ୟ ମୂଲ୍ୟ ନିରୂପକଙ୍କ ନାମ ଜାଣିବାକୁ ଚାହିଁଲେ । ଉକ୍ତ ସଂଗ୍ରହାଳୟର କର୍ମକର୍ତ୍ତାଙ୍କ ସୁପାରିଶକ୍ରମେ ସେ ସେହି ମୁଦିକୁ ନେଇ କମନ୍‌ୱେଲ୍‌ଥ ଏପ୍ରେଜଲ୍ କର୍ପୋରେସନ୍ ନାମକ ଏକ ମୂଲ୍ୟ ନିର୍ଦ୍ଧାରକ ସଂସ୍ଥାଦ୍ୱାରା ତାର ମୂଲ୍ୟାଙ୍କନ କରେଇଲେ । ଉକ୍ତ ସଂସ୍ଥା ମୁଦିଟି ପରୀକ୍ଷା କରି ଏକ ଟିପ୍‌ପଣୀ ଦେଇଥିଲେ ଯେଉଁଥିରେ ଲେଖାଥିଲା : "୧୮ କ୍ୟାରେଟ୍ ସୁନା, ଶ୍ୱେତ ଜାଫ୍ରାନ୍ ରଙ୍ଗର ମୁଦି, ଅଣ୍ଡାକୃତିର ପୃଷ୍ଠଭାଗ, ଚତୁଃପାର୍ଶ୍ୱରେ ଷୋହଳଟି ସାଫାୟାର ଘେରି ରହିଛି । ମୋଟ୍ ଓଜନ ୨.୪୦ କ୍ୟାରେଟ୍ । ମଧ୍ୟଭାଗରେ ବୃତ୍ତାକାରର ଏନାମେଲ୍ ପୃଷ୍ଠରେ ସିଂହାସନରେ ଉପବିଷ୍ଟ ଜଣେ ସାଧୁପୁରୁଷଙ୍କର ଅଙ୍କିତ ଚିତ୍ର । ମୂଲ୍ୟ ୧୫୦ ଡଲାର ।" ଦୁଇଜଣ ସୀମା ଶୁଳ୍କ ନିରୀକ୍ଷକ ପରୀକ୍ଷା କରି କହିଥିଲେ ଯେ ତାହା ମୂଲ୍ୟହୀନ । ସ୍ୱାମୀଙ୍କ ବଚନ ଏଭଳି ବିଚିତ୍ରଭାବେ କାର୍ଯ୍ୟ କରିଥାଏ ।

ସ୍ୱାମୀଙ୍କ ଜନୈକ ଭକ୍ତ ମାନ୍ଦ୍ରାଜର ଏକ ରେଳଡବା ତିଆରି କାରଖାନାର ନିର୍ଦ୍ଦେଶକ ଥା'ନ୍ତି । କୋରିଆ ଦେଶକୁ ରେଳଡବା ଯୋଗେଇ ଦେବା ପାଇଁ ଆନ୍ତର୍ଜାତିକ ସ୍ତରରେ ହୋଇଥିବା ପ୍ରତିଦ୍ୱନ୍ଦ୍ୱିତାରେ ସଫଳ ହୋଇ ଉକ୍ତ କାରଖାନା ଏକ ଚୁକ୍ତି ସ୍ୱାକ୍ଷର କରିଥିଲା । ଏହି ବ୍ୟକ୍ତିଙ୍କୁ ଚୁକ୍ତି ଅନୁଯାୟୀ ଯଥା ସମୟରେ ମାଲ୍ ଯୋଗେଇ ଦେବାର ଦାୟିତ୍ୱ ଦିଆଯାଇଥାଏ । ଶ୍ରମିକ ଅଶାନ୍ତି ଓ ଅନ୍ୟାନ୍ୟ କାରଣ ହେତୁ ରେଳଡବା ନିର୍ମାଣରେ ବିଳମ୍ବ ହେଲା । ଏହି ବ୍ୟକ୍ତି କ'ଣ କରିବେ ବୁଝିପାରୁ ନଥାନ୍ତି । ଇତି ମଧ୍ୟରେ କ୍ରେତା କମ୍ପାନୀ ଦ୍ୱାରା ପ୍ରେରିତ ଜଣେ ବ୍ୟକ୍ତି ରେଳଡବାଗୁଡ଼ିକ ପ୍ରସ୍ତୁତ ଅଛି କି ନାହିଁ ଦେଖିବା ପାଇଁ ଆସିଥାନ୍ତି, କାରଣ ରେଳଡବାଗୁଡ଼ିକୁ ନେବା ପାଇଁ ଏକ ବାଷ୍ପୀୟ ପୋତ ଆସି ବମ୍ବେ ବନ୍ଦରରେ ପହଞ୍ଚିବାର ଥାଏ । କାରଖାନା କର୍ତ୍ତୃପକ୍ଷ ରେଳଡବାଗୁଡ଼ିକ ପ୍ରସ୍ତୁତ ନଥିବା ବିଷୟ ଉକ୍ତ ବ୍ୟକ୍ତି ନ ଜାଣନ୍ତୁ ବୋଲି ତାଙ୍କୁ କାରଖାନା ଭିତରକୁ କୌଣସିମତେ ପ୍ରବେଶ କରିବାକୁ ଦେଲେ ନାହିଁ । ଇତି ମଧ୍ୟରେ ନିର୍ଦ୍ଦେଶକ ଅସୁସ୍ଥ ହୋଇଗଲେ । କ'ଣ କରିବେ ଜାଣି

ନପାରି ସେ ବ୍ୟସ୍ତ ହେଉଥା'ନ୍ତି । ସେ ସ୍ୱାମୀଙ୍କୁ ଏକ ପତ୍ର ଲେଖି ଜଣେଇଲେ, "ସ୍ୱାମୀ ! ଆପଣ ମୋ' ସମସ୍ୟା ବୁଝନ୍ତୁ ।" ଏହି ଚିଠି ସେ ତାଙ୍କର ଏକ ସହକାରୀ ହାତରେ ପଠେଇଥା'ନ୍ତି । ଉକ୍ତ ସହକାରୀ ଅନନ୍ତପୁର ଆସିଲେ ଓ ସେଠାରେ ସ୍ୱାମୀ ରହୁଥିବା ସ୍ଥାନକୁ ଯାଇ ହାତରେ ଚିଠିଟି ଧରି ସ୍ୱାମୀଙ୍କ ପାଇଁ ଅପେକ୍ଷା କରିଥାନ୍ତି । ସ୍ୱାମୀ ବାହାରକୁ ଆସିଲେ, ଦୁଇ ପାଖରେ ଅନେକ ଲୋକ ସ୍ୱାମୀଙ୍କ ଦର୍ଶନ ପାଇଁ ଅପେକ୍ଷା କରିଥା'ନ୍ତି । ସ୍ୱାମୀ ହାତରେ ଧରିଥିବା ରୁମାଲ୍‌ଟିକୁ ନେଇ ଖେଳିବା ଭଳି ଗଣ୍ଠି ପରେ ଗଣ୍ଠି ପକାଉଥା'ନ୍ତି । ଦୁଇ ଧାଡ଼ିରେ ଥିବା ଲୋକଙ୍କ ମଧ୍ୟ ଦେଇ ଚାଲି ଚାଲି ଆସୁଥିବା ମଧ୍ୟରେ ସ୍ୱାମୀ ଆସି ଉକ୍ତ ବ୍ୟକ୍ତିଙ୍କ ଆଗରେ ପହଞ୍ଚିଲେ । ସେତେବେଳକୁ ରୁମାଲ୍‌ରେ କିଛି ଗଣ୍ଠି ପଡ଼ିସାରିଥାଏ । ସ୍ୱାମୀ ତାଙ୍କୁ କହିଲେ, "ତୁମ ସାହେବ ବ୍ୟସ୍ତ ହଉଛନ୍ତି କାହିଁକି ? ରେଳଡବାସବୁ ପ୍ରସ୍ତୁତ ହେବା ପରେ ଯାଇ ବାଷ୍ପୀୟ ପୋତ ଆସି ପହଞ୍ଚିବ ଓ ତାଙ୍କର ସମସ୍ତ ସମସ୍ୟା ଏଇମିତି ସୁଧୁରି ଯିବ ।" ଏହା କହି ସେ ରୁମାଲ୍‌ର ଦୁଇ ଧାରକୁ ଟାଣିଦେଲେ, ତାପରେ ଆଉ ସେଥିରେ ଗଣ୍ଠି ନଥାଏ ! ଏସବୁ କହିବା ଭିତରେ ସେ ତାଙ୍କ ହାତରେ ଶୂନ୍ୟରେ କିଛି ଅବୁଝା ସଙ୍କେତ ଦେଉଥାନ୍ତି । ଅନନ୍ତପୁରରେ ସେ ଏହା କରିବା ସମୟରେ ତେଣେ ଯେଉଁ ସମୁଦ୍ରରେ ଜାହାଜଟି ଭାସୁଥାଏ, ସେହି ସମୁଦ୍ରରେ ପ୍ରଚଣ୍ଡ ଏକ ଝଡ଼ ହେଲା ଏବଂ ଜାହାଜଟି ବହୁ ପରିମାଣରେ କ୍ଷତିଗ୍ରସ୍ତ ହେଲା । ମରାମତି ପାଇଁ ତାହା ଯାଇ କଲମ୍ବୋରେ ପହଞ୍ଚିଲା । ପ୍ରାୟ ପଚିଶ ଦିନ ପରେ ତାହା ଆସି ମାନ୍ଦ୍ରାଜ ବନ୍ଦରରେ ପହଞ୍ଚିଲା । ବନ୍ଦରରେ ଅନେକ ଜାହାଜ ଜମା ହୋଇଥିବା ହେତୁ ତାହାକୁ ଚାରିଦିନ ବାହାର ସମୁଦ୍ରରେ ରହିବାକୁ ହେଲା । ବନ୍ଦର ମଧ୍ୟକୁ ଜାହାଜ ପ୍ରବେଶ କଲାବେଳକୁ ରେଳଡବାସବୁ ପ୍ରସ୍ତୁତ ହୋଇଥା'ନ୍ତି ! ଦେଖନ୍ତୁ, କିଭଳି ବିଚିତ୍ର ଘଟଣା ଘଟିପାରେ ! ତାହା ହିଁ ସ୍ୱାମୀଙ୍କ ବୈଚିତ୍ର୍ୟ !

❖❖❖

୨୫
ଦୀର୍ଘ ଯାତ୍ରା

"ବହୁନାଂ ଜନ୍ମନାମ୍ ଅନ୍ତେ ଜ୍ଞାନବାନ୍ ମାଂ ପ୍ରପଦ୍ୟତେ" - କୃଷ୍ଣ କହନ୍ତି ବହୁ ଜନ୍ମର ଶେଷରେ ଭକ୍ତ ମୋତେ ପାଇଥାଏ । ମୋକ୍ଷ ଗଛରୁ ତୋଳିବା ଭଳି କିଛି ଫଳ ନୁହଁ ବା ଅନାୟାସରେ ପ୍ରାପ୍ତ ବସ୍ତୁ ନୁହଁ । ଗୋଟିଏ କାହାଣୀ ଅଛି । ଦେବର୍ଷି ନାରଦ ନିତ୍ୟ ପ୍ରଭୁନାମ ସ୍ମରଣ କରି ତ୍ରିଲୋକ ସଞ୍ଚାର କରୁଥା'ନ୍ତି । ଥରେ ସେ ଦେଖିଲେ ଦୁଇଜଣ ସାଧକ ନାନାବିଧ ପାର୍ଥିବ ବିଷୟଭୋଗରୁ ନିଜକୁ ବଞ୍ଚିତ କରି, ଇନ୍ଦ୍ରିୟସଂଯମପୂର୍ବକ ମନକୁ ନିୟନ୍ତ୍ରଣ କରି, ବୁଦ୍ଧିକୁ ନିର୍ମଳ କରି କଠୋର ସାଧନା କରୁଛନ୍ତି । ଉଭୟେ ନାରଦଙ୍କୁ ଦେଖିଲେ । ଦୁହିଁଙ୍କ ମଧ୍ୟରୁ ଜଣେ ତାଙ୍କୁ କହିଲା, "ହେ ମୁନିପ୍ରବର ! ଆପଣ ଯେତେବେଳେ ବୈକୁଣ୍ଠକୁ ଯାଇ ନାରାୟଣଙ୍କୁ ଭେଟିବେ, ତାଙ୍କୁ ଟିକିଏ ପଚାରି ବୁଝିବେ ମୋର ମୋକ୍ଷ କେବେ ହେବ ? କେବେ ମୋର 'ଅସତୋ ମା ସଦ୍‌ଗମୟ' ପ୍ରାର୍ଥନା ଚରିତାର୍ଥ ହେବ ? ମୁଁ ଏଥିପାଇଁ ଅନବରତ ପ୍ରାର୍ଥନା କରି ନିଜକୁ ସତତ ପ୍ରସ୍ତୁତ ରଖୁଛି ।" ଅନ୍ୟଜଣକ ମଧ୍ୟ ନାରଦଙ୍କୁ ଅନୁରୂପ ଅନୁରୋଧ ଜଣେଇଥାଏ । ଏହି ଉଭୟେ କାହାର ଅନ୍ୱେଷଣ କରୁଥା'ନ୍ତି ? ସତ୍-ଚିତ୍-ଆନନ୍ଦସ୍ୱରୂପ ଭଗବାନଙ୍କୁ ଅନ୍ୱେଷଣ କରୁଥା'ନ୍ତି । କିଛିଦିନ ପରେ ନାରଦ ବୈକୁଣ୍ଠରୁ ଫେରିଲେ । ତାଙ୍କୁ ଦେଖିବା ମାତ୍ରକେ ପ୍ରଥମ ସାଧକ ପଚାରିଲେ, "ହେ ଦେବର୍ଷି ! ଆପଣ କ'ଣ ନାରାୟଣଙ୍କୁ ମୋର ମୋକ୍ଷପ୍ରାପ୍ତି କେବେ ହେବ ପୁଚ୍ଛା କଲେ ?" ନାରଦ କହିଲେ, "ହଁ, ପଚାରିଲି । ଆଉ ତିନି ଜନ୍ମ ପରେ ତୁମେ ମୋକ୍ଷଲାଭ କରିବ ।" ସାଧକ ଜଣକ ସଙ୍ଗେ ସଙ୍ଗେ କହିଲା, "କ'ଣ ? ମୁଁ ଏଥିପାଇଁ ଏତେ ଜନ୍ମ ବିତେଇଲିଣି, ଆହୁରି ତିନିଜନ୍ମ ଅପେକ୍ଷା କରିବାକୁ ହେବ !" ଏହା ଭାବି ସେ ହତାଶରେ ଭାଙ୍ଗି ପଡ଼ିଲା । ଅନ୍ୟ ସାଧକ ଜଣକ ନାରଦଙ୍କୁ ସେହିଭଳି ପଚାରିଲା, "ମୁଁ କେବେ ମୁକ୍ତି ପାଇବି ?" ନାରଦ କହିଲେ, "ହଁ, ତୁମେ ପାଇବ । ତେବେ ତୁମେ ଯେଉଁ ଗଛତଳେ ବସିଛ, ସେହି ଗଛରେ ଯେତିକି ପତ୍ର ଅଛି, ସେତିକି ଜନ୍ମ ବିତିବା ପରେ ତୁମେ ମୁକ୍ତି ପାଇବ !" ସାଧକ ତାହା ଶୁଣି କହିଲା, "ବାଃ ! ପାଇବି ତ ! ଯେତେ ଜନ୍ମ ଯାଉଛି ଯାଉ । ମୋର ଚିନ୍ତା ନାହିଁ ।" ଦ୍ୱିତୀୟ ସାଧକ ସଙ୍ଗେ ସଙ୍ଗେ ମୁକ୍ତି ପାଇଲା, କାରଣ ମୁକ୍ତି ପାଇବାକୁ କେତେ ଜନ୍ମ ବିତେଇବାକୁ ହେବ ଭାବି ସେ ବ୍ୟସ୍ତ ହେଉ ନଥାଏ । ଅନ୍ୟ ସାଧକଜଣକ ଖୁସି ହେବା କଥା, କାରଣ ସେ ଆଉ ମାତ୍ର ତିନୋଟି ଜନ୍ମ ପରେ ମୁକ୍ତି ପାଇବ । ଅଥଚ ସେ ଦୁଃଖ କରୁଥାଏ ଯେ ତାକୁ ଆହୁରି ତିନିଜନ୍ମ କଠୋର ତପସ୍ୟା କରିବାକୁ ହେବ । ଭାଗବତର ଏକ ଉପାଖ୍ୟାନରେ ଜଣେ ରାଜା ଅରଣ୍ୟକୁ ଶିକାର କରିବାକୁ ଯାଇ ସେଠାରେ ତୃଷା ଅନୁଭବ କରନ୍ତି । ଜଳର ସନ୍ଧାନରେ ସେ ଏକ ଗହ୍ୱର ମଧ୍ୟକୁ ପ୍ରବେଶ କରି ସେଠାରେ

ଜଣେ ଋଷିଙ୍କୁ ଧ୍ୟାନସ୍ଥ ଅବସ୍ଥାରେ ଦେଖନ୍ତି । ତୀବ୍ର ତୃଷା ଅନୁଭବ କରୁଥିବା ରାଜା ଉକ୍ତ ଋଷିଙ୍କୁ ଉଚ୍ଚ ସ୍ୱରରେ ଡାକନ୍ତି କିନ୍ତୁ ଧ୍ୟାନମଗ୍ନ ଥିବା ହେତୁ ରାଜାଙ୍କର ଡାକ ଋଷିଙ୍କର କର୍ଣ୍ଣଗୋଚର ହୁଏ ନାହିଁ । ସେତେବେଳେ ରାଜା କ୍ରୋଧିତ ହୋଇ ତାଙ୍କୁ କହନ୍ତି, "ରେ ଧୂର୍ତ୍ତ ! ମୁଁ ଏ ରାଜ୍ୟର ରାଜା । କିଛି ପାନୀୟ ଜଳ ପାଇଁ ମୁଁ ଚିତ୍କାର କରୁଛି । ମୋ ଚିତ୍କାର ତୋ କାନରେ ପଡୁଛି, ଅଥଚ ତୁ ତାହା କର୍ଣ୍ଣପାତ ନକରି ନିଜର ଦୁନିଆରେ ବୁଡ଼ି ରହିଛୁ ।" ଏହା କହି ସେ ସେଠାରେ ପଡ଼ିଥିବା ଏକ ମୃତ ସର୍ପକୁ ନେଇ ଧ୍ୟାନମଗ୍ନ ଋଷିଙ୍କ ଗଳାରେ ପକେଇ ଦେଲେ । କି ଏକ ଅକ୍ଷମଣୀୟ ଔଦ୍ଧତ୍ୟ ! ଇତି ମଧ୍ୟରେ ଉକ୍ତ ଋଷିଙ୍କର ପୁତ୍ର ସେଠାରେ ପହଞ୍ଚି ଋଷିଙ୍କ ଗଳାରେ ଏକ ମୃତ ସର୍ପ ଦେଖିଲା । ଯୋଗଶକ୍ତି ବଳରେ ସେ ଜାଣିପାରିଲା ଯେ ଏହା ରାଜାଙ୍କ କୃତ ଦୁଷ୍କର୍ମ । ତେଣୁ ସେ ତାଙ୍କୁ ଅଭିଶାପ ଦେଲା, "ସାତଦିନ ମଧ୍ୟରେ ସର୍ପାଘାତରେ ତୋର ମୃତ୍ୟୁ ହେଉ ।" ଶାପଗ୍ରସ୍ତ ରାଜା ସେତେବେଳେ ଭାବିଲେ, "ମୁଁ ଯେକୌଣସି ମୁହୂର୍ତ୍ତରେ, ଏଭଳିକି ଏହି ମୁହୂର୍ତ୍ତରେ ମୃତ୍ୟୁର ଆଶଙ୍କା କରୁଥିଲି । ଯାହା ହେଉ ମୋତେ ସାତଦିନ ସମୟ ମିଳିଛି ।" ଏହା ଭାବି ସେ ଆନନ୍ଦିତ ହେଲେ ଓ ଜୀବନର ଅବଶିଷ୍ଟ ସାତଦିନ ଭଗବତ୍ ଲୀଳା ଶ୍ରବଣରେ ବିନିଯୋଗ କରି ସାତଦିନ ଶେଷରେ ମୃତ୍ୟୁକୁ ସାଦରେ ସ୍ୱାଗତ ଜଣେଇଲେ ।

ତେଣୁ "ଅସତୋ ମା ସଦ୍‌ଗମୟ, ତମସୋ ମା ଜ୍ୟୋତିର୍ଗମୟ, ମୃତ୍ୟୋର୍ମା ଅମୃତଂ ଗମୟ"ର ଏହି ପ୍ରାର୍ଥନା ଏକ ସୁଦୀର୍ଘ ଯାତ୍ରାର ସୂଚନା ଦିଏ ଓ ଏଥିପାଇଁ ଆମକୁ ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ହେବ । ପାହୁଣ୍ଡେ ମଧ୍ୟ ଆଗକୁ ନଯାଇ ଆମେ କହୁଛେ, "ହେ ପ୍ରଭୁ ! ମୋତେ ଆଗକୁ ନେଇଯାଅ, ଆଗକୁ ନେଇଯାଅ !" ସତରେ ଯଦି ତୁମେ ଆଗକୁ ଯିବାକୁ ଚାହଁ, ତେବେ ତୁମେ ତାଙ୍କୁ ଅନୁସରଣ କରିବାକୁ ସକ୍ଷମ ହେବା ଆବଶ୍ୟକ ଓ ଏହି ଯାତ୍ରା ପାଇଁ ସଜବାଜ ହୋଇ ପ୍ରସ୍ତୁତ ରହିବା ଆବଶ୍ୟକ । ଏଥିପାଇଁ କେବଳ ଭକ୍ତି ନୁହେଁ, ଜ୍ଞାନ ମଧ୍ୟ ରହିବା ଆବଶ୍ୟକ । ପରିଶେଷରେ ସବୁ ସେହିଠାରୁ ହିଁ ଆସିଥାଏ । ଗୀତା କହେ, "ମତ୍‌ଚିତ୍ତ ମଦ୍‌ଗତପ୍ରାଣଃ ।" ତୁମର ଚିତ୍ତ ଏଭଳି ପରିଶୁଦ୍ଧ ରହିବା ଦରକାର ଯେ ସେଥିମଧ୍ୟରେ ଭଗବତ୍ ଚିନ୍ତା ବ୍ୟତୀତ ଅନ୍ୟ କୌଣସି ଚିନ୍ତା ରହିବାର ଅବକାଶ ହିଁ ନଥିବ । ଏହାର ଅର୍ଥ ହେଲା, ତୁମେ ଯାହା କିଛି କର ବା ଯାହା କିଛି ଦେଖ, ସେସମସ୍ତ ଭଗବାନଙ୍କର ଲୀଳା ମନେକର, ଈଶ୍ୱରଙ୍କ ଅସ୍ତିତ୍ୱର ପ୍ରମାଣ ମନେକର, ସୃଷ୍ଟିକର୍ତ୍ତାଙ୍କ କର୍ମବିଧାନର ଏକ ଦୃଷ୍ଟାନ୍ତ ମନେକର । ସର୍ବତ୍ର ଉପସ୍ଥିତ ତଥା ସର୍ବତ୍ର କ୍ରିୟାଶୀଳ ଭଗବତ୍‌ତତ୍ତ୍ୱ ସମ୍ବନ୍ଧରେ ନିତ୍ୟ ସଚେତନ ରୁହ । ଏହା ପ୍ରଥମ କଥା । ତା'ପରେ, "ବୋଧୟନ୍ତଃ ପରମେଶ୍ୱରମ୍" । ଦୈବତ୍ୱ ସମ୍ବନ୍ଧରେ ନିଜେ ଜାଣିବା ଓ ଅନ୍ୟକୁ ଜଣେଇବାର ସ୍ପୃହା ତୁମ ମଧ୍ୟରେ ରହିବା ଦରକାର ।

ତୁମେ ଯେତେବେଳେ ସମାଜରେ ରହୁଛ, ସେତେବେଳେ ଏକ ପରିବାରର ସଭ୍ୟ ବା ଏକ ସଂଘର ସଭ୍ୟଭାବେ ରହୁଛ । ମାଛ ପାଣି ଭିତରେ ରହିବା ଭଳି ଦୈବତ୍ୱ

ମଧ୍ୟରେ ନିତ୍ୟ ନିମଜ୍ଜିତ ରୁହ ଓ ସେହି ଦୈବତ୍ୱ ଅନ୍ୟ ମଧ୍ୟରେ ପ୍ରସାର କର । "କଥୟନ୍ତଶ୍ଚ ମାଂ ନିତ୍ୟମ୍" - ସର୍ବଦା କେବଳ ଭଗବାନଙ୍କ ସମ୍ବନ୍ଧରେ କଥାହେବା, ଭଗବାନଙ୍କୁ ସ୍ମରଣ କରିବା । "ତେଷାଂ ସତତଯୁକ୍ତାନାଂ" - ଏଭଳି ସତତ ଭଗବାନଙ୍କ ସହ ଯୁକ୍ତ ବ୍ୟକ୍ତିମାନେ ଯଦି "ଅସତୋ ମା ସଦ୍‌ଗମୟ" ପ୍ରାର୍ଥନା କରନ୍ତି, ସେମାନଙ୍କୁ ଭଗବାନ ଆଗକୁ ନେଇଯିବେ । ଅନ୍ୟ ପକ୍ଷରେ ତୁମେ ଯଦି କେବଳ "ଅସତୋ ମା ସଦ୍‌ଗମୟ" ପ୍ରାର୍ଥନା କରିଯାଅ, ଭଗବାନ ତୁମକୁ କହିବେ, "ତୁମେ ତୁମକୁ ଆଗେଇ ନେବା ପାଇଁ ମୋତେ ପ୍ରାର୍ଥନା କରୁଛ, କିନ୍ତୁ ମୁଁ ଥରେ ଦେଖେ, ତୁମେ ମୋତେ ଅନୁସରଣ କରିପାରିବ କି, ଏଥିପାଇଁ ତୁମେ ଯୋଗ୍ୟ କି ? କାନ୍ଧରେ ଏତେବଡ଼ ବୋଝ ଧରି ତୁମେ ମୋ ପଛେ ପଛେ ଆସିବ କିମିତି ? ପ୍ରଥମେ ସେ ବୋଝକୁ ଓହ୍ଲେଇ ଠିଆ ହୁଅ । ଛିଡ଼ା ହେବା ମାନେ ନିଜର ଗମ୍ୟ କ'ଣ ଜାଣିବା - ଏହା ହିଁ ସବୁଠୁ ବଡ଼ ପ୍ରୟାସ । ତାପରେ ସେ ତୁମକୁ ପରୀକ୍ଷା କରି ଦେଖିବେ, ତୁମ ଚିତ୍ତ ଆନନ୍ଦରେ ଭରି ରହିଛି କି ନାହିଁ, ତୁମ ଚିନ୍ତା ଓ ବଚନରେ ସେହି ଭଗବତ୍ ପିପାସା ପ୍ରତିଫଳିତ ହେଉଛି କି ନାହିଁ ? ତୁମେ ଗୋଟିଏ ରାହାରେ "ପ୍ରଭୁ ! ତୁମେ ମୋତେ ଅସତ୍‌ରୁ ସତ୍‌କୁ ନିଅ", କହି ପୁଣି, "ଟିକିଏ ରୁହ ରୁହ, ମୋ' ପୁଅ କ୍ରିକେଟ ଦଳରେ ଅଛି, ଥରେ ଆଜିର ମ୍ୟାଚ୍‌ରେ କେତେ ରନ୍ କରିଛି, ଜାଣି ରଖେ" କହି ପାରିବ ନାହିଁ । ମନରେ ଏଭଳି ଆସକ୍ତି ରଖିଲେ ଚଳିବ ନାହିଁ । "ସତତ ଯୁକ୍ତାନାମ୍" - ତୁମକୁ କେବଳ ଭଗବାନଙ୍କ ପ୍ରତି ସତତ ଅନୁରକ୍ତ ରହିବାକୁ ହେବ । ତେବେ ଯାଇ ତୁମେ ଆଗକୁ ପାଦ ବଢ଼େଇ ସତରେ ପହଞ୍ଚି ପାରିବ । "ଭଜତାଂ ପ୍ରୀତିପୂର୍ବକମ୍" - ପ୍ରୀତିପୂର୍ବକ ଯେଉଁମାନେ ଭଗବାନଙ୍କ ଭଜନ କରନ୍ତି, ଭଗବାନ ସେମାନଙ୍କୁ ଆଗେଇ ନିଅନ୍ତି । ଆଜିକାଲି ଭଜନ କେବଳ ଗଳାର କସରତରେ ପରିଣତ ହୋଇଛି । ଏହା ବାଧ୍ୟବାଧକତାରେ କରିବା କଥା ନୁହଁ, କାହାର ନିର୍ଦ୍ଦେଶକୁ ମାନି ବା ଅନ୍ୟମାନେ କରୁଥିବା ହେତୁ ତୁମକୁ ମଧ୍ୟ କରିବାକୁ ହେବ ଭାବି ତୁମେ ତାହା କର ନାହିଁ । ତୁମେ ଭଗବାନଙ୍କୁ ଭଲ ପାଅ, ତାଙ୍କର ଲୀଳାଗାନ କରିବାକୁ ଭଲ ପାଅ, ତାଙ୍କର ଭଜନ ତୁମକୁ ଭଲ ଲାଗେ - ତେଣୁ ତାଙ୍କର ଭଜନ କରିବା କଥା । "ଦଦାମି" - ମୁଁ ତାଙ୍କୁ ଏକ ଉପହାର ଦେବି । କ'ଣ ସେ ଉପହାର ? "ବୁଦ୍ଧିଯୋଗଂ ତଂ ଯେନ ମାଂ ଉପୟନ୍ତି ତେ" - ଏଭଳି ବ୍ୟକ୍ତିଙ୍କୁ ମୁଁ ବୁଦ୍ଧିଯୋଗ ପ୍ରଦାନ କରେ ଯାହା ସାହାଯ୍ୟରେ ସେମାନେ ସଂଶୟରହିତ ହୋଇ ମୋଠାରେ ଉପନୀତ ହୁଅନ୍ତି । ଭଜନ ଭକ୍ତିର ଏକ ଲକ୍ଷଣ । ତୁମେ ଭଗବାନଙ୍କୁ ଭକ୍ତି କର, ତେଣୁ ତାଙ୍କର ଭଜନ ଗାନ କରିଥାଅ, କିନ୍ତୁ କେବଳ ଭକ୍ତି ତୁମକୁ ଭଗବାନଙ୍କଠାରେ ପହଞ୍ଚେଇପାରିବ ନାହିଁ ।

ଏହି ଯାତ୍ରାର ପରିସମାପ୍ତି ଜ୍ଞାନରେ ହୋଇଥାଏ । ସେତେବେଳେ ହିଁ ଭକ୍ତି ନିଷ୍ଫଳ ହୁଏ । ଏହା ଯଦି କେବଳ ଜ୍ଞାନ ରହିତ ଭାବପ୍ରବଣତା ହୁଏ, ସେତେବେଳେ ମନରେ ସନ୍ଦେହର ଉଦ୍ରେକ ହୁଏ, ତୁମେ ଦ୍ୱିଧାଗ୍ରସ୍ତ ହୁଅ ଓ ସାଧନାର ପଥରୁ ପରାଙ୍ମୁଖ ହେବାର

ଭୟ ରହେ । ସ୍ୱାମୀ କହନ୍ତି, "ଯେଉଁ ପର୍ଯ୍ୟନ୍ତ ସବୁ ଠିକ୍ ଠିକ୍ ଚାଲିଥାଏ, ସ୍ୱାମୀ ତୁମକୁ ଠିକ୍ ମନେ ହୁଅନ୍ତି । ସେତେବେଳେ ତୁମେ କୁହ, "ଆମ ସ୍ୱାମୀ କେତେ ଭଲ ! ସ୍ୱାମୀଙ୍କୁ ପାଇବା ପରେ ମୋର ପଦୋନ୍ନତି ହେଲା, ମୋ' ସମସ୍ତ ଋଣ ପରିଶୋଧ ହୋଇଗଲା, ମୋ' ପିଲାମାନେ ଭଲଭାବେ ପ୍ରତିଷ୍ଠିତ ହୋଇ ଆନନ୍ଦରେ ରହିଛନ୍ତି, ଚାକିରୀରୁ ଅବସର ଗ୍ରହଣ କରିବା ପରେ ମଧ୍ୟ ମୁଁ ମୋର କାର୍ ରଖିପାରୁଛି ।" ଅନ୍ୟ ପକ୍ଷରେ ଯଦି ତୁମ ଜୀବନରେ କିଛି ଖରାପ ଘଟେ, ତୁମେ ସଙ୍ଗେ ସଙ୍ଗେ କାନ୍ଥରେ ଟଙ୍ଗା ହୋଇଥିବା ମୋ ଛବିକୁ ପଛକୁ ଲେଉଟାଇ ଦିଅ, କାରଣ ଭୁଲ୍‌ରେ ମଧ୍ୟ ତୁମେ ସେ ଛବି ଦେଖିବାକୁ ଚାହଁ ନାହିଁ । ଭକ୍ତି ଯଦି କେବଳ ଭାବପ୍ରବଣତା ହୁଏ, ମନରେ ଅନେକ ସନ୍ଦେହ ଉପୁଜେ । ତେଣୁ ଭକ୍ତି ଦୃଢ଼ ବିଚାରବୋଧ ଉପରେ ପ୍ରତିଷ୍ଠିତ ହେବା ଦରକାର । ଏଥିପାଇଁ ସ୍ୱାମୀ କହନ୍ତି, "ଆସ, ପରୀକ୍ଷା କରି ଦେଖ, ଅନୁଭବ କର, ତାପରେ ବିଶ୍ୱାସ କର ।" ଜଣେ କିଛି କହିବା ଯୋଗୁଁ ତୁମେ ବିଶ୍ୱାସ କରିବା କଥା ନୁହଁ । ଜ୍ଞାନ ସବୁ ପରଖି ଦେଖେ । ଜ୍ଞାନାଦେବତୁ କୈବଲ୍ୟମ୍ । ଜ୍ଞାନ ଦ୍ୱାରା ହିଁ କୈବଲ୍ୟପ୍ରାପ୍ତି ସମ୍ଭବ ।

ସ୍ୱାମୀ କହନ୍ତି, "ଇଂରାଜୀରେ ତୁମେ BABA (ବାବା) ଲେଖିଥାଅ । ଏଠାରେ 'B' ହେଉଛି Being ଅର୍ଥାତ୍ ସତ୍, A ହେଉଛି Awareness ଅର୍ଥାତ୍ ଚିତ୍, ପୁଣି 'B' ହେଉଛି Bliss ଅର୍ଥାତ୍ ଆନନ୍ଦ ଓ ଶେଷରେ 'A' ହେଉଛି ଆତ୍ମା । ତେଣୁ ସ୍ୱାମୀ ହେଉଛନ୍ତି, ସତ୍, ଚିତ୍, ଆନନ୍ଦ ଆତ୍ମା । ସଚ୍ଚିଦାନନ୍ଦ ପ୍ରାପ୍ତି ନିମନ୍ତେ ତୁମକୁ ଭକ୍ତିରୁ ଜ୍ଞାନଠାରେ ଉପନୀତ ହେବାକୁ ହେବ ।

ବେଳେବେଳେ ନବବର୍ଷ ଦିବସ ବା ଜନ୍ମ ଦିନସ ଅବସରରେ ସ୍ୱାମୀ ଆମମାନଙ୍କ ଭକ୍ତିର ସ୍ତର ଅନୁଯାୟୀ ଏକ କବିତା ଲେଖନ୍ତି ଏବଂ ତାହାକୁ ବୁକପଟ୍ଟନମ୍‌ଠାରେ ଡାକରେ ପକେଇ ଆମ ସହ ମଜା କରିଥା'ନ୍ତି । ସେଭଳି ଚିଠିର ଶେଷରେ ସେ ଆମକୁ ଆଶୀର୍ବାଦ କରି ଲେଖନ୍ତି, "ତୁମକୁ ଆୟୁ, ଆରୋଗ୍ୟ, ଆନନ୍ଦ, ଭକ୍ତି, ଜ୍ଞାନ ସ୍ୱାମୀଙ୍କ ସେବା ମାଧମରେ ସର୍ବଦା ପ୍ରାପ୍ତ ହେଉ ।" ଚିଠିର ଶେଷରେ "ନି ହୃଦୟବାସୀ" ଅର୍ଥାତ୍ ତୁମ ହୃଦୟବାସୀ କହି ସେ ଦସ୍ତଖତ କରିଥା'ନ୍ତି । ଭଗବାନଙ୍କ ଲିଖିତ ଏଭଳି ପତ୍ରରେ ଭକ୍ତି ଓ ଜ୍ଞାନକୁ ପ୍ରାଧାନ୍ୟ ଦିଆଯାଇଥାଏ । ଭକ୍ତି ସଙ୍ଗେ ସଙ୍ଗେ ଜ୍ଞାନ ରହିବାକୁ ହେବ । ଭକ୍ତିମାର୍ଗରେ ଯାତ୍ରା କରୁଛି କହି କେବଳ ପ୍ରାର୍ଥନା କରି ଅନ୍ୟ କିଛି ନ କରିବା ଠିକ୍ ନୁହଁ । ଦୁଇ ପ୍ରକାର ଭକ୍ତି ଅଛି । ପ୍ରଥମଟି ମାର୍ଜାର ଭକ୍ତି । ବିରାଡ଼ି ଛୁଆ ଗୋଟିଏ ଯାଗାରେ ରହି ମ୍ୟାଉଁ ମ୍ୟାଉଁ ରଡ଼ି କରେ । ତାର ରଡ଼ି ଶୁଣି ମା ବିରାଡ଼ି ଆସି ତା' ଛୁଆର ବେକକୁ ପାଟିରେ ଧରି ତାକୁ ଅନ୍ୟତ୍ର ନେଇଯାଏ । ଠିକ୍ ସେହିଭଳି, ତୁମେ ଯଦି ଗୋଟିଏ ଯାଗାରେ ବସି କେବଳ "ଅସତୋ ମା ସଦ୍‌ଗମୟ, ତମସୋ ମା ଜ୍ୟୋତିର୍ଗମୟ, ମୃତ୍ୟୋର୍ମା ଅମୃତଂ ଗମୟ" ପ୍ରାର୍ଥନା କର, ମାଁ ବିରାଡ଼ି ତୁମ ପାଖକୁ ଆସିବ ନାହିଁ । ସେ ଚାହିଁବ, ପ୍ରଥମେ ତୁମେ ଉଠି ଛିଡ଼ା ହୁଅ

ଓ ଆଗକୁ ପାଦ ବଢ଼ାଅ, ସେତେବେଳେ ସେ ଆସି ତୁମକୁ ଉଠେଇ ନେବ । ଆଉ ଏକ ପ୍ରକାର ଭକ୍ତି ଅଛି, ଯେଉଁଥିରେ ତୁମକୁ ସବୁକିଛି କରିବାକୁ ହେବ । ଭଗବାନ ଆପେ ଆପେ ଆସି ତୁମ ଉପରେ କୃପା ଢାଳି ଦେବେ ନାହିଁ । ଏହା ହେଉଛି ମର୍କଟ ଭକ୍ତି । ମର୍କଟ ଶାବକ ତା' ମାର ପେଟକୁ ଜାବୁଡ଼ି ଧରେ । ଶାବକ ମା'କୁ ଜାବୁଡ଼ି ଧରିବାକୁ ହୁଏ । ଜାବୁଡ଼ି ନ ଧରିଲେ, ତଳେ ପଡ଼ିଯିବାର ଭୟ ରହେ । ମା ମାଙ୍କଡ଼ ଏଥିପାଇଁ ବ୍ୟସ୍ତ ହୁଏ ନାହିଁ । ତାହା ଗୋଟିଏ ଶାଖାରୁ ଅନ୍ୟ ଗୋଟିଏ ଶାଖାକୁ ଡେଇଁବା ସମୟରେ ମଧ୍ୟ, ଛୁଆ ମାକୁ ଧରି ରହିବାକୁ ହୁଏ । ଭଗବାନଙ୍କ ପ୍ରତି ଉଭୟ ମନୋଭାବ ରହିବା ଆବଶ୍ୟକ । ଭଗବାନଙ୍କୁ ଶକ୍ତଭାବେ ଧରି ରହିବା ପାଇଁ ତୁମ ମଧ୍ୟରେ ସେହି ବିଶ୍ୱାସ ରହିବା ଉଚିତ । ଦୁନିଆର ସବୁ କଥା ଜାଣି, ତୁମେ ଯେ ସ୍ୱୟଂ ଦିବ୍ୟାତ୍ମସ୍ୱରୂପ, ତାହା ଯଦି ନ ଜାଣିଲ, ସବୁ ଜାଣିବାରେ ଲାଭ କ'ଣ ? ତେଣୁ ତୁମେ ଦିବ୍ୟାତ୍ମସ୍ୱରୂପ, ତାହା ଜାଣିବା ଅତି ଜରୁରୀ । "ଜ୍ଞାନବାନ୍ ମାଂ ପ୍ରପଦ୍ୟତେ" - ଯାହାର ଏହି ଜ୍ଞାନ ଥାଏ, ସେ ମୋତେ ପାଇଥାଏ । କେଉଁ ଜ୍ଞାନ ? "ବାସୁଦେବ ସର୍ବମିତି", ଅର୍ଥାତ୍ ସବୁକିଛି ଭଗବାନ୍ । ଏଭଳି ଜ୍ଞାନର ଅଧିକାରୀ ମହାତ୍ମା ଅତି ଦୁର୍ଲ୍ଲଭ ହୋଇଥାନ୍ତି । ଏହି ଅଖିଳ ବ୍ରହ୍ମାଣ୍ଡ, ତାହାର ପ୍ରତ୍ୟେକ ଧୂଳିକଣା, ଅଣୁ-ପରମାଣୁ, ସଜୀବ ଓ ନିର୍ଜୀବ ଯେ କେବଳ ଏକ ପରମାତ୍ମାଙ୍କ ପରିପ୍ରକାଶ - ଏହି ଜ୍ଞାନ କେବଳ ମଣିଷକୁ ଉଦ୍ଧାର କରିପାରେ । ତେଣୁ ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି ଯେ ଖୁବ୍ କମ୍ ଲୋକ ଭଗବାନଙ୍କୁ ପାଇବାକୁ ବ୍ୟାକୁଳ ହୋଇଥା'ନ୍ତି, ସେମାନଙ୍କ ମଧ୍ୟରୁ ସାମାନ୍ୟ କେତେଜଣ ସେହି ପଥରେ ଯାତ୍ରା ଜାରି ରଖି ପାରନ୍ତି, ପୁଣି ସେମାନଙ୍କ ମଧ୍ୟରୁ ମୁଷ୍ଟିମେୟ କେତେଜଣ ଯାତ୍ରା ଶେଷ କରି ବୁଝିପାରନ୍ତି ଯେ ସବୁ କିଛି ଭଗବାନ । ପ୍ରକୃତି ତାହାର ବିବିଧତା ଓ ନାମ ଓ ରୂପର ବହୁବିଧତାକୁ ନେଇ ଏଭଳି ଏକ ବିଦ୍ୟାଳୟ ହୋଇଥାଏ ଯେଉଁଠାରେ ଅନୁସନ୍ଧାନ କରି କାହିଁକି ଯେ ଆମେମାନେ ଏହି ସଂସାରକୁ ଆସିଛେ ତାହା ଜାଣିପାରିବା । ସୁ-ରୂପ ଓ କୁ-ରୂପ, ପ୍ରେମ ଓ ଦ୍ୱେଷ, ଦୟା ଓ ନିର୍ଦ୍ଦୟତା, ଯୁଦ୍ଧ ଓ ଶାନ୍ତି, ଶୀତ ଓ ବସନ୍ତ, ଦିବା ଓ ରାତ୍ରି - ପ୍ରତିଟି ଦୃଶ୍ୟର ଦୁଇଟି ପାର୍ଶ୍ୱକୁ ଲକ୍ଷ୍ୟ କରି ବୁଦ୍ଧି ସାହାଯ୍ୟରେ ପରୀକ୍ଷା କର, ଦେଖିବ ଭଗବାନ ସର୍ବତ୍ର ବିଦ୍ୟମାନ । ଭୀତତ୍ରସ୍ତ ଅବସ୍ଥାରେ ତୁମେ ମା' କାଳୀଙ୍କୁ ମୃତ୍ୟୁର ତାଣ୍ଡବ କରୁଥିବା ଦେଖ । ଗୀତାରେ ଅର୍ଜୁନ ଶ୍ରୀକୃଷ୍ଣଙ୍କର ବିଶ୍ୱରୂପ ଦେଖି ଭୟଭୀତ ହୋଇ ଯାଇଥିଲେ । ଅର୍ଜୁନ ଭାବିଥିଲେ ଯେ ସେ କୃଷ୍ଣଙ୍କୁ ବିଶ୍ୱରୂପ ପ୍ରଦର୍ଶନ କରିବାକୁ ଅନୁରୋଧ କଲେ ତାଙ୍କର ଏକ ସୌମ୍ୟରୂପ ଦର୍ଶନ କରିବେ କିନ୍ତୁ ତତ୍‌ପରିବର୍ତ୍ତେ ସେ ଦେଖିଲେ ତାଙ୍କର ବିଶାଳ ମୁଖ, ଲେଲୀହାନ ଜିହ୍ୱା ଓ ଶାଣିତ ଦନ୍ତଯୁକ୍ତ ତଥା ସହସ୍ରାଧିକ ଜୀବଙ୍କୁ ମୁଖ ବ୍ୟାଦନ କରି ଗ୍ରାସ କରୁଥିବା ଓ ଦନ୍ତ ସାହାଯ୍ୟରେ ବିଦୀର୍ଣ୍ଣ କରୁଥିବା ଭୀମକାନ୍ତ ରୂପ । ସେତେବେଳେ ସେ ତାଙ୍କୁ ପ୍ରାର୍ଥନା କରି କହିଲେ, "ପ୍ରଭୁ ! ତୁମେ କୃପାପରବଶ ହୋଇ ତୁମ ପୂର୍ବର ଶଙ୍ଖ, ଚକ୍ର, ଗଦା, ପଦ୍ମଧାରୀ ସୁନ୍ଦର

ରୂପରେ ପ୍ରକଟିତ ହୁଅ ।" କିନ୍ତୁ ଶ୍ରୀକୃଷ୍ଣ ନର ରୂପରେ ପ୍ରକଟ ହେଲେ, କାରଣ ଅର୍ଜ୍ଜୁନଙ୍କର ମାନସିକ ସ୍ଥିତି ସେ ସମୟରେ ଏଭଳି ଥିଲା ଯେ ସେ ତାଙ୍କୁ ଗଦା ଚକ୍ରଧାରୀ ରୂପରେ ଦର୍ଶନ କରିବା ମଧ୍ୟ ସମ୍ଭବ ନଥିଲା, ସ୍ୱାମୀ ଆମକୁ କେବଳ, "ଆସ, ପରୀକ୍ଷା କରି ଦେଖ, ତା'ପରେ ସ୍ୱୀକାର କର" କହି ନଥାନ୍ତି, ସେ ଆମକୁ ଏହି ସଂସାରକୁ ମଧ୍ୟ ଦେଖି ପରଖିବାକୁ କହନ୍ତି । ତେଣୁ ସେ ଆମକୁ ଏହି ସଂସାରକୁ ଆଣିଛନ୍ତି । ପ୍ରତିଥର ଆମେ ଜନ୍ମ ହେବା ପରେ ଆଉ ଥରେ ଜନ୍ମ ନେବାକୁ ହୋଇଥାଏ । କାରଣ ଆମର ପୂର୍ବର ବହୁ ଜନ୍ମର କର୍ମାବଶେଷ ଆମ ପଛରେ ରହିଥାଏ । ପ୍ରତ୍ୟେକ ଥର ଆମେ ସଂସାରକୁ ଆସୁ, ପରୀକ୍ଷା କରି ଦେଖୁ କିନ୍ତୁ 'ସବୁରି ମଧ୍ୟରେ ଈଶ୍ୱର ଅଛନ୍ତି' - ଏହା ଜାଣିବାରେ ବିଫଳ ହେଉ । ଥରେ ସ୍ୱାମୀ ଜଣେ ଭୂତତ୍ତ୍ୱବିତ୍‌ଙ୍କୁ ଖଣ୍ଡିଏ ପଥର ଦେଖାଇ ତାହା ମଧ୍ୟରେ କ'ଣ ଅଛି ପଚାରିଲେ । ସେ ସ୍ୱାମୀଙ୍କୁ ଏଣୁତେଣୁ କ'ଣ ଉତ୍ତର ଦେଲେ, କିନ୍ତୁ ସ୍ୱାମୀ ସେହି ପଥର ମଧ୍ୟରେ ମୁରଲୀଧାରୀ କୃଷ୍ଣଙ୍କର ଏକ ବିଗ୍ରହ ଦେଖେଇଲେ । ସାମାନ୍ୟ ଏକ ପଥର ମଧ୍ୟ ତୁମକୁ ଈଶ୍ୱରଙ୍କ ସର୍ବବିଦ୍ୟମାନ୍ୟତାର ଆଭାସ ଦେଇପାରେ । ତାହା ଅନୁଭବ କରିବାର ପ୍ରୟାସ କର । ରାମକୃଷ୍ଣ ପରମହଂସ ଏହା ଅନୁଭବ କରିପାରିଥିଲେ । ଆଜିକାଲି ବୈଜ୍ଞାନିକମାନେ କହୁଛନ୍ତି ଯେ ଆମେ ଘାସ ଉପରେ ଚାଲିଲେ ଘାସକୁ କଷ୍ଟ ହୁଏ । ତୁମେ ଯେତେବେଳେ ଏକ ଫୁଲ ବା ତୁଳସୀପତ୍ର ଗଛରୁ ତୋଳ, ସେତେବେଳେ ସେହି ଗଛକୁ କଷ୍ଟ ଦେଇଥାଅ । ତେଣୁ ପ୍ରଥମେ ସଂସାରକୁ ପରୀକ୍ଷା କର, ତାପରେ ଭଗବାନଙ୍କୁ ବିଶ୍ୱାସ କର । ସେଭଳି ବିଶ୍ୱାସ ଚିରସ୍ଥାୟୀ ହେବ । ଅନ୍ୟଥା ତୁମ ବିଶ୍ୱାସ ମଧ୍ୟରେ ସନ୍ଦେହ ଭରି ରହିବ । ତେଣୁ ଆମେ 'ଅସତୋ ମା ସଦ୍‌ଗମୟ' ପ୍ରାର୍ଥନା କରିବା ସମୟରେ ଈଶ୍ୱରଙ୍କଠାରେ ଶପଥ ନେବା ଯେ ଏହି ପ୍ରାର୍ଥନାକୁ ମର୍ମେ ମର୍ମେ ଅନୁଭବ କରି ତାଙ୍କଦ୍ୱାରା ପରିଚାଳିତ ହେବା ପାଇଁ ଓ ସେ ହିଁ ଏହି ବିଶ୍ୱ ବିରାଟସ୍ୱରୂପ - ଏହା ଉପଲବ୍ଧି କରିବା ପାଇଁ ଆବଶ୍ୟକ ସମସ୍ତ ଯୋଗ୍ୟତା ଆମେ ନିଜ ମଧ୍ୟରେ ଲାଭ କରିବା ।

❖❖❖

୨୬

ସତ୍ ଓ ଅସତ୍

ଶାସ୍ତ୍ର କହେ ଓଁ ଉପାସନା ଯଥେଷ୍ଟ, ସମସ୍ତ କିଛି ଓଁ ମଧ୍ୟରେ ନିଗୂଢ଼ ଭାବେ ରହିଛି, ତଦ୍‌ବ୍ୟତୀତ ଅନ୍ୟ କିଛି ଆବଶ୍ୟକ ନୁହଁ । ସକଳ ବେଦ, ଶାସ୍ତ୍ର, ଭଗବାନଙ୍କର ସମସ୍ତ ନାମ ଏହି ଓମ୍ ମଧ୍ୟରେ ରହିଛି । ଓମ୍ ଜପ କରିବା ଏକ ଉତ୍କୃଷ୍ଟ ଆଧ୍ୟାତ୍ମିକ ସାଧନା, ଯଦି ଜପ କରୁଥିବା ବ୍ୟକ୍ତି ଏହାର ମାହାତ୍ମ୍ୟ ଜାଣିଥାଏ । ଯେଉଁ ସମୟରେ କେବଳ ଏକ ଥିଲା, ଏକ ଅନେକ ହୋଇ ନଥିଲା ଓ ସମସ୍ତ ଦେବତାଙ୍କର ପରିପ୍ରକାଶ ଘଟି ନଥିଲା, ତତ୍‌କ୍ଷଣାତ୍ ସମସ୍ତ ବହୁଧା ଓ ବିବିଧତାର ଉର୍ଦ୍ଧ୍ୱରେ ଥିବା ଉତ୍ସ ନିକଟରେ ପହଞ୍ଚିଯାଅ । ଏହା ତୁମ କଣ୍ଠାଗ୍ରରୁ ଆରମ୍ଭ ହୋଇ ଓଷ୍ଠାଗ୍ରରେ ଶେଷ ହୁଏ, ତତ୍‌ପଶ୍ଚାତ୍ ସମ୍ପୂର୍ଣ୍ଣ ଶୂନ୍ୟତା ବିରାଜମାନ କରେ । ସୃଷ୍ଟିର ପ୍ରାରମ୍ଭରେ ଏକ ଅକ୍ଷର ବା ଶବ୍ଦ ସୁଦ୍ଧା ନଥାଏ, କେବଳ ଏକ ନାଦ ଥାଏ । ଓମ୍ ଥିଲା ସେହି ଆଦି ନିନାଦ ଏବଂ ଆମର ଏହା ବିଶ୍ୱାସ ଯେ ଏହା କର୍ଣ୍ଣପାତ ହୋଇ ନଥିବା ସେହି ଗଭୀର ପ୍ରଶାନ୍ତି ଓ ଏକତ୍ୱର ସ୍ଥିତିକୁ ଭଙ୍ଗ କଲା ଓମ୍‌ର ନିନାଦ । ସେହି ଏକତ୍ୱ ଥିଲା ଚିତ୍ । ଏକତ୍ୱ ଭଙ୍ଗ ହେଲା କିପରି ? ଏହା ନିଜର ସଙ୍କଳ୍ପରେ ଭଙ୍ଗ ହେଲା । ଏକର ମଧ୍ୟ ଏକ ସଙ୍କଳ୍ପ ଥିଲା, ଚେତନଶକ୍ତି ଥିଲା । ଏହା ନିଜ ସମ୍ବନ୍ଧରେ ସଚେତନ ଥିଲା । ସେହି ଅବସ୍ଥାରେ ସେହି ଏକର 'ମୁଁ'ତ୍ୱର ଭାବ ଭିନ୍ନ ଅନ୍ୟ କୌଣସି ଭାବ ନଥାଏ । ସ୍ୱାମୀ କହନ୍ତି, "ମୋତେ ବୁଝିବା ପାଇଁ, ଭଲ ପାଇବା ପାଇଁ ଅନ୍ୟ କେହି ନଥାଏ । କେବଳ 'ମୁଁ' ହିଁ ଥାଏ ।" ସ୍ୱାମୀ କେବଳ ଥା'ନ୍ତି । ସେ ଏକା ରହିବା ଚାହିଁଲେ ନାହିଁ । ସେ କହନ୍ତି, "ତେଣୁ ମୁଁ ମୋ ଆନନ୍ଦ ପାଇଁ ଏହି ସୃଷ୍ଟିର ସର୍ଜନା କଲି ।" ତେଣୁ ଆନନ୍ଦତତ୍ତ୍ୱ ଏହିଠାରେ ଆରମ୍ଭ ହେଲା । ଆନନ୍ଦ ପିପାସା, ଦୁଃଖରୁ ମୁକ୍ତିର ଇଚ୍ଛା ଆରମ୍ଭ ହେଲା । ଏ ଦୁଇଟି ଭଗବାନ ଆମକୁ ଦେଇଥିବାରୁ, ଆମେ ମଧ୍ୟ ତାହା ଆମ ମଧ୍ୟରେ ଅନୁଭବ କରୁ । ଉପନିଷଦ୍ କହେ, "ଏକୋଽହମ୍" - କେବଳ ଏକ ଥାଏ ଓ ସେହି ଏକ ନିଜ ସମ୍ବନ୍ଧରେ ସଚେତନ ଥାଏ । ତାହା ଆନନ୍ଦ ଇଚ୍ଛା କଲା ଓ ସେହି ଇଚ୍ଛା "ବହୁସ୍ୟାମ" ଅର୍ଥାତ୍ ମୁଁ ଅନେକ ହୋଇଯାଏର ରୂପ ନେଲା । ସେହି ଏକ ମଧ୍ୟରେ 'ମୁଁ'ର ଚେତନା ଥାଏ । ତେଣୁ ପ୍ରଥମ 'ମୁଁ'ର ଉତ୍ପତ୍ତି ସେହି ଏକରୁ ହେଲା । ଆମେମାନେ ଯେହେତୁ ସେହି ଏକରୁ ଉଦ୍‌ଭବ ହେଲେ, ଆମମାନଙ୍କଠାରେ ମଧ୍ୟ ସେହି 'ମୁଁ' ରହିଛି । ସ୍ୱାମୀ କହନ୍ତି, "ମୁଁ ମୋତେ ମୋଠାରୁ ଅଲଗା କରିନେଲି, ତେଣୁ ତୁମେ ସମସ୍ତେ ମୋର ।" ଆମ ଶାସ୍ତ୍ର ଅନୁଯାୟୀ ଭଗବାନଙ୍କର ଅନ୍ୟ ଏକ ଲକ୍ଷଣ ହେଲା 'ବୈରାଗ୍ୟ', କିନ୍ତୁ ସ୍ୱାମୀ ଯେତେବେଳେ 'ତୁମେ ସମସ୍ତେ ମୋର' କହନ୍ତି, ତାହା ତାଙ୍କର ଆସକ୍ତିକୁ ସୂଚାଏ । ତେବେ ତାଙ୍କର ଏହି ଆସକ୍ତି ସମଗ୍ର ସୃଷ୍ଟି ପ୍ରତି, ଅଥଚ ଆମମାନଙ୍କର ଆସକ୍ତି ଆମର ବନ୍ଧୁବାନ୍ଧବଙ୍କ ପ୍ରତି, ଯେଉଁ

ପିଞ୍ଜରା ମଧ୍ୟରେ ରହିଛେ ସେହି ପିଞ୍ଜରା ପ୍ରତି, ଯେଉଁ ଘରେ ରହିଛେ ସେହି ଘର ପ୍ରତି, ଯେଉଁମାନେ ଆମ ଶରୀରକୁ ସୁଖ ଓ ସନ୍ତୋଷ ଦିଅନ୍ତି ସେମାନଙ୍କ ପ୍ରତି । ତେଣୁ ଆମ ଆସକ୍ତିର ପରିସର ଅତି ସୀମିତ ଅଥଚ ତାଙ୍କର ଆସକ୍ତି ଅସୀମ ଓ ସର୍ବବ୍ୟାପକ, ଯାହାର କୌଣସି ସୀମା ସରହଦ ନାହିଁ । ତାଙ୍କର ଆସକ୍ତିରୁ ଆମେ ସୃଷ୍ଟି ହୋଇଛେ ଏବଂ ତେଣୁ ସେ ଆମ ସମସ୍ତଙ୍କୁ 'ମୋର' ମନେ କରନ୍ତି ।

ସ୍ୱାମୀ କହନ୍ତି, "ମୋର କୌଣସି ନିର୍ଦ୍ଦିଷ୍ଟ ନାମ ନାହିଁ, ତୁମେ ଯେକୌଣସି, ନାମରେ ମୋତେ ଡାକିପାର ।" ଏକ ଶିଶୁ ତାର ମା'କୁ 'ମମି' ଓ ବାପାଙ୍କୁ 'ଡଡି' ଡାକିଥାଏ । ଅନ୍ୟ ଏକ ଶିଶୁ ମାଁ, 'ବାପା' ବୋଲି ଡାକେ । ଆମେ ଭଗବାନଙ୍କର ଯେଉଁ ନାମ ଶିଖିଛୁ ସେହି ନାମରେ ବା ଆମ ବୁଦ୍ଧି ଆମକୁ ଯେଉଁ ନାମ ଶିଖେଇଛି ସେହି ନାମରେ ତାଙ୍କୁ ଡାକିପାରୁ । ତେବେ ପ୍ରେମର ସହ ତାଙ୍କୁ ଡାକିବା ହେଉଛି ଅସଲ କଥା । ସବୁଠୁ ବଡ଼ କଥା ହେଲା ପ୍ରେମ । ତୁମେ ଯଦି ପ୍ରେମର ସହ କୁହ "ସ୍ୱାମୀ ନାୱାଡୁ" (ସ୍ୱାମୀ ମୋର), ତେବେ ସ୍ୱାମୀ କହିବେ ତୁମେ 'ନାୱାଡୁ' (ମୋର) । ତୁମେ ତାଙ୍କୁ 'ତୁମେ ମୋର' କହିଲେ, ତାଙ୍କଠୁ ପ୍ରତିଧ୍ୱନି ଆସିବ 'ତୁମେ ମୋର', କିନ୍ତୁ ତୁମଠୁ ଧ୍ୱନି ନଗଲେ ତାଙ୍କଠୁ ପ୍ରତିଧ୍ୱନି ଆସିବ କିମିତି ? ତାଙ୍କ ପାଇଁ ଭାଷା ଗୁରୁତ୍ୱପୂର୍ଣ୍ଣ ନୁହଁ । ଯେକୌଣସି ଭାଷା ତାଙ୍କର ଭାଷା, କେବଳ ତାହା ହୃଦୟରୁ ସ୍ଫୁରିବା ଦରକାର । ପ୍ରକୃତରେ ଦେଖିଲେ, ଆମେମାନେ ହିଁ ସେ । ଏହା ହିଁ ସତ୍ୟ । ସେ ପ୍ରେମ କରିବାକୁ ଓ ଅନ୍ୟଠୁ ପ୍ରେମ ପାଇବାକୁ ଚାହିଁଲେ । ଅନ୍ୟକୁ ପ୍ରେମ କରିବାକୁ ଓ ଅନ୍ୟଠୁ ପ୍ରେମ ପାଇବାକୁ ଅନ୍ୟ ବୋଲି କେହି ନଥିଲେ । ତେଣୁ ସେ ଏକରୁ ଅନେକ ହୋଇଗଲେ । ତୁମେ ଏକା ରହିଲେ କାହିଁକି କଷ୍ଟ ପାଅ ? କାରଣ ତୁମକୁ ବୁଝିବାକୁ ଅନ୍ୟ କେହି ନଥାନ୍ତି । ତୁମେ କାନ୍ଦୁଥିବା ଅବସ୍ଥାରେ ଯଦି କେହି ତୁମ ପାଇଁ ବ୍ୟସ୍ତ ହେବାକୁ ନଥାଏ କିମ୍ବା ତୁମେ ଖୁସି ମନରେ ହସୁଥିବା ସମୟରେ ଯଦି କେହି ତୁମ ଖୁସିରେ ଖୁସି ହେବାକୁ ନଥାଏ, ତେବେ ତୁମେ ଭାବି ବସ, "ଓଃ କିଭଳି ଏକ ବାଜେ ସଂସାର ।" ତେଣୁ ସେ ନିଜକୁ ନିଜଠାରୁ ଅଲଗା କରିନେଲେ । ଏଥିପାଇଁ ସ୍ୱାମୀ କହନ୍ତି, "ମୁଁ ଭଗବାନ, ତୁମେ ମଧ୍ୟ ଭଗବାନ ।" ସେ ହିଁ ଆମେ ସମସ୍ତେ ହୋଇଥିବା ହେତୁ, ସେ ଏହା ଜାଣନ୍ତି । ସେ କହନ୍ତି, "ମୁଁ ଜାଣେ ଯେ ମୁଁ ଭଗବାନ, କିନ୍ତୁ ତୁମେ ଜାଣ ନାହିଁ ଯେ ତୁମେ ଭଗବାନ ।"

ଥରେ ପ୍ରସିଦ୍ଧ ବୈଜ୍ଞାନିକ ଡକ୍ଟର ଏସ୍. ଭଗବନ୍ତମ୍ ସ୍ୱାମୀଙ୍କର ଦିବ୍ୟ ସମ୍ଭାଷଣ ଅନୁବାଦ କରୁଥା'ନ୍ତି । ସେ ସୃଷ୍ଟି ଶବ୍ଦକୁ ଇଂରାଜୀରେ ଅନୁବାଦ କରି Creation କହିଲେ । ସ୍ୱାମୀ ତାଙ୍କ ଅନୁବାଦକୁ ସଂଶୋଧନ କରି କହିଲେ, 'ନା', Projection (ପରିପ୍ରକାଶ) କୁହ । ସେ କହିଲେ, ଅନ୍ୟମାନଙ୍କ ପାଇଁ ଏହା ସୃଷ୍ଟି ହୋଇପାରେ, କିନ୍ତୁ ତାଙ୍କ ପାଇଁ ଏହା ତାଙ୍କର ପରିପ୍ରକାଶ (Projection) । ସେ ଆମ ସମସ୍ତଙ୍କୁ ସୃଷ୍ଟି କରିଛନ୍ତି, ତେଣୁ ଆମେ

ସମସ୍ତେ ତାଙ୍କର ପରିପ୍ରକାଶ । କିନ୍ତୁ ଆମେ ଏହା ବୁଝିବାକୁ ପ୍ରସ୍ତୁତ ନୁହଁ । ଆମେ ତାଙ୍କୁ ଜଣେ ଚିକିତ୍ସକ ବା ରକ୍ଷକ ମନେକରୁ ଯିଏ ଆମର ସୁରକ୍ଷା କରନ୍ତି, ଆମକୁ ନିରାପଦ ରଖନ୍ତି । ଆମେ ଦ୍ରୁତଗତିରେ ଗାଡ଼ି ଚଲେଇବା ସମୟରେ ଚାହୁଁ ଯେ ସେ ଆମ ସଙ୍ଗେ ରହନ୍ତୁ, ଫଳରେ କୌଣସି ଦୁର୍ଘଟଣା ହେବ ନାହିଁ । ଆମେ ପରୀକ୍ଷା ଦେବା ସମୟରେ ଆମ ସହିତ ରହନ୍ତୁ, ଫଳରେ ଆମେ ପରୀକ୍ଷାରେ କୃତକାର୍ଯ୍ୟ ହେବୁ । ଆମେ ତାଙ୍କୁ ବୁଝିପାରୁ ନଥିବା ହେତୁ, ଆମେ ତାଙ୍କୁ ଯାହା ଭାବିଥାଉ ସେ ଯେ ତାହାଠାରୁ ଅନେକ କିଛି ଅଧିକ, ତାହା ଆମକୁ ବୁଝେଇବା ପାଇଁ ସେ ବାରମ୍ବାର ନରଦେହ ଧାରଣ କରି ଆସିଥାନ୍ତି । ତେଣୁ ସେ ଆମକୁ ପ୍ରାର୍ଥନା କିରବା ଶିଖାନ୍ତି । ସେ ପ୍ରାର୍ଥନା କ'ଣ ? 'ଅସତୋ ମା ସଦ୍‌ଗମୟ' - ଆମେ ତାଙ୍କୁ ଅସତ୍‌ରୁ ସତ୍‌କୁ ନେଇଯିବାକୁ ପ୍ରାର୍ଥନା କରୁ । ତେବେ ସତ୍ କ'ଣ, ଅସତ୍ କ'ଣ, ତାହା ଆମକୁ ଜାଣିବାକୁ ହେବ ।

ଥରେ ମୁଁ ସ୍ୱାମୀଙ୍କ ସହ ଆନ୍ଧ୍ରପ୍ରଦେଶର କେତେକ ସ୍ଥାନକୁ ଯାଇଥାଏ । ପ୍ରତ୍ୟେକ ସ୍ଥାନରେ ସ୍ୱାମୀଙ୍କର ଦିବ୍ୟ ସମ୍ଭାଷଣ ଥାଏ । ସମସ୍ତ ଦିବ୍ୟ ସମ୍ଭାଷଣରେ ସେ ଆତ୍ମା ଯେ କ'ଣ ଆମେମାନେ ଯେ ଇନ୍ଦ୍ରିୟ ଦେହ, ମନ ବା ବୁଦ୍ଧି ନୁହଁ, ସ୍ୱପ୍ନାବସ୍ଥାରେ ଆମେ କିଭଳି ଇନ୍ଦ୍ରିୟର କବଳରେ ନଥାଉ ଓ ସୁଷୁପ୍ତି ଅବସ୍ଥାରେ ମନ ଓ ବୁଦ୍ଧି କବଳରେ ନଥାଉ ତାହା ବୁଝାଉଥାନ୍ତି । ମଣିଷର କି ଦୁର୍ଦ୍ଦଶା ଦେଖ ! ସେ ଚଳପ୍ରଚଳ ହୋଇ ସକ୍ରିୟ ରହୁଥିବା ଜାଗ୍ରତ ଅବସ୍ଥାରେ ସୁଖରେ ରହିପାରେ ନାହିଁ । ଅଥଚ ନିଷ୍କ୍ରିୟ ଭାବେ ଶୋଇଥିବା ଅବସ୍ଥାରେ ସୁଖରେ ରହେ ! ତୁମେ କହ, "ବଢ଼ିଆ ନିଦ ହେଲା, ମୋର ବିଲ୍‌କୁଲ୍ ହୋସ୍ ନଥିଲା ।" ତେଣୁ କିଛି ଜାଣିପାରୁନଥିବା, କିଛି କରିପାରୁନଥିବା ଅବସ୍ଥାରେ ତୁମେ ବେଶ୍ ଖୁସିରେ ରୁହ । ତୁମେ ଯେତେବେଳେ ଦେଖୁଥାଅ, ଶୁଣୁଥାଅ, ସ୍ୱାଦ ଚାଖୁଥାଅ, ଯେତେବେଳେ ତୁମର ଇନ୍ଦ୍ରିୟଗୁଡ଼ିକ ସକ୍ରିୟ ଥା'ନ୍ତି, ସେତେବେଳେ ତୁମେ ସୁଖ ଅନୁଭବ କର ନାହିଁ । ତେଣୁ ସଂସାରରୁ ଓହରିଗଲେ ହିଁ ପ୍ରକୃତ ସୁଖ ମିଳିଥାଏ । ଜଗତ ମିଥ୍ୟା ଅଟେ । ଏହା ଏକ Cartoon, Caricature । ଏହା ଏମିତି କିଛି ଯାହାକୁ ତୁମେ ଧରି ରହି ପାର ନାହିଁ, ଯାହା ତୁମ ହାତରୁ ଖସିଯାଏ । କିନ୍ତୁ ଏହି ସତ୍ୟକୁ ଉପଲବ୍ଧି କରିବା ସହଜ ନୁହଁ । ସ୍ୱାମୀ ଏହି ସବୁ ସ୍ଥାନରେ ଏହି ପ୍ରକାର ତାଙ୍କର ଦିବ୍ୟ ସମ୍ଭାଷଣ ଦେଉଥା'ନ୍ତି । ପ୍ରତ୍ୟେକ ସ୍ଥାନରେ ଶ୍ରୋତା ବଦଳୁଥାନ୍ତି । ମୁଁ କିନ୍ତୁ ସନାତନ ସାରଥିର ସମ୍ପାଦକ ଭାବେ ସେହି କଥା ପ୍ରତିଦିନ ଶୁଣିବା ପରେ କଥାବସ୍ତୁରେ କିଛି ପରିବର୍ତ୍ତନ ଚାହୁଁଥାଏ । ସେହି ଗୋଟିଏ କଥା ପତ୍ରିକାରେ ଲେଖି ପତ୍ରିକାକୁ ଭରିବି କିମିତି ? ଦିନେ ମୁଁ ତାଙ୍କୁ ଏକା ପାଇଲି । ମନରେ ଦ୍ୱିଧା ନେଇ ତାଙ୍କୁ କିଛି ପଚାରିବାକୁ ସାହାସ କଲି, କାରଣ ମୋ କଥା ଶୁଣି ସେ ଯଦି ମୋତେ ଭର୍ତ୍ସନା କରନ୍ତି, ତାହା ଶୁଣିବାକୁ ସେଠାରେ ଅନ୍ୟ କେହି ନଥିବେ । ସ୍ୱାମୀ ସମସ୍ତଙ୍କ ଆଗରେ ଭର୍ତ୍ସନା କରିବାରେ ଆନନ୍ଦ ପାନ୍ତି, କାରଣ ସେ କହନ୍ତି, "ସେପରି କଲେ କଥାଟା ତୀବ୍ରଭାବେ

ଗଭୀରକୁ ଭେଦିବ ।” ଅନ୍ୟଥା, ସ୍ୱାମୀ ଯଦି ତୁମକୁ ତୁମେ ଏକାଥିବା ଅବସ୍ଥାରେ ଭର୍ତ୍ସନା କରନ୍ତି, ତୁମେ ବାହାରକୁ ଆସିବା ପରେ ଖୁସିରେ ଥିବା ଭଳି ମୁହଁ କରି ସମସ୍ତଙ୍କୁ କହିବ, “ସ୍ୱାମୀ ମୋ ସହ ଦଶ ମିନିଟ୍ କଥା ହେଲେ ।” ତୁମର ସେକଥା ଶୁଣି ଅନ୍ୟମାନେ କହିବେ, “ସତରେ ତୁମେ କେତେ ଭାଗ୍ୟବାନ୍ !” ତୁମେ ସ୍ୱାମୀଙ୍କ ଭର୍ତ୍ସନାକୁ ପକେଟସ୍ଥ କରି ବାହାରକୁ ଖୁସି ଥିବା ଭଳି ଅଭିନୟ କର ଏବଂ ତୁମ ଆନ୍ଦୋଳିତ ମନକୁ ଲୁଚେଇବାର ପ୍ରୟାସ କର । ତେଣୁ ମୁଁ ସେଦିନ ସ୍ୱାମୀଙ୍କୁ ଏକା ପାଇ ତାଙ୍କ ନିକଟକୁ ଯାଇ କହିଲି, “ସ୍ୱାମୀ, ଆଜି ଆପଣ ଭଗବତ୍ ଗୀତା ଉପରେ କହନ୍ତୁ ।” ସ୍ୱାମୀ ପଚାରିଲେ, “କାହିଁକି ! କାହିଁକି ! କଥା କ’ଣ ?” ମୁଁ ବୁଝେଇ କହିଲି, “ସ୍ୱାମୀ ! ଏତେ ଦିନ ଧରି ଆପଣ ସଂସାରଟା ଯେ ମିଥ୍ୟା, ସତ୍ୟ ପ୍ରକୃତରେ କ’ଣ – ଏ ସମ୍ବନ୍ଧରେ କହିଲେ । ଆଜି ଆପଣ ଯଦି ଭଗବତ୍ ଗୀତା ଉପରେ କହନ୍ତି, ମୁଁ ମୋ ପତ୍ରିକାର ପୃଷ୍ଠା ଭରିବାକୁ କିଛି ନୂଆ ଉପାଦାନ ପାଇଯିବି ।” ସ୍ୱାମୀ କହିଲେ, “ଓହୋ, ତୋ ସୁବିଧା ପାଇଁ ତୁ ଏ ପ୍ରସ୍ତାବ ଦେଉଛୁ ? ନା, ମୋତେ ସବୁ ଯାଗାରେ ଜଗତ ଯେ ମିଥ୍ୟା ତାହା କହିବାକୁ ହେବ । ମୁଁ ମଣିଷକୁ ଶିକ୍ଷା ଦେବାର ଏହାର ପ୍ରଥମ ବିଷୟ । ଲୋକେ ସାଂସାରିକ ବିଷୟ ବାସନାକୁ ସତ୍ୟ ଓ ଚିରନ୍ତନ ମନେ କରି ତାହା ହିଁ ସୁଖ ଓ ଆନନ୍ଦ ଦେବ ବୋଲି ଭ୍ରମରେ ପଡ଼ି ସଂସାର ପଛରେ ବୃଥାରେ ଧାଇଁଥାନ୍ତି । ସେମାନେ ଜୀବନର ଲକ୍ଷ୍ୟରୁ ବିଚ୍ୟୁତ ହୋଇଯାଉଛନ୍ତି । ବର୍ତ୍ତମାନ ମୁଁ ଯାହା କହୁଛି ତାହା ହୁଏତ ସେମାନେ ବର୍ତ୍ତମାନ ବୁଝି ପାରିବେନି କିନ୍ତୁ ଦିନେ ନା ଦିନେ ଏହି ଟନିକ୍ ସେମାନଙ୍କ କାମରେ ଆସିବ । ସେତେବେଳେ ସେମାନେ ବୁଝିବେ ଯେ ଏହା ହିଁ ଅସଲ କଥା । ତାହା ବୁଝିବା ପରେ ସେମାନେ କହିବେ, “ବାଃ, ସ୍ୱାମୀ ଆମ ଗାଁକୁ ଆସିବା ସମୟରେ ଠିକ୍ ଏହି କଥା କହିଥିଲେ ଯେ ଏସବୁ ମିଥ୍ୟା । ଏସମସ୍ତ ଭ୍ରମର ପୃଷ୍ଠପଟରେ ଏକ ସତ୍ୟ ରହିଛି, ଯାହା ଜାଣିବା ପାଇଁ ମୁଁ ଯଦି ସାଧନା କରିଥାନ୍ତି ତେବେ କେତେ ଭଲ ହୋଇଥାନ୍ତା ।” ତେଣୁ ମୋତେ ସବୁଠି ଏହି କଥା କହିବାକୁ ହେବ । ତୋ ‘ସନାତନ ସାରଥି’ କଥା ତୁ ବୁଝେ ।”

ତେଣୁ “ଅସତୋ ମା ସଦ୍‌ଗମୟ” ପ୍ରାର୍ଥନା ବର୍ତ୍ତମାନ ତୁମକୁ ଅଦରକାରୀ ମନେ ହେଲେ ହେଁ ସ୍ୱାମୀ ଆମକୁ ତାହା କରିବାକୁ କହିଥାନ୍ତି । ଏହି ପ୍ରାର୍ଥନାକୁ ଯେତେଥର ପାରୁଛ ଆବୃତ୍ତି କର । କାରଣ ଏହା ତୁମକୁ ମନେ ପକେଇ ଦେବ ଯେ ବିଷୟ ଜଗତର ମାୟାଜାଲରେ ଛନ୍ଦି ହୋଇ ଏଣେତେଣେ ଧାଇଁବା ବୃଥା । ତେଣୁ ତୁମ ଭାଗ୍ୟରେ ଥିଲେ ସେ ବିଭୂତି ସୃଷ୍ଟି କରି ତୁମ କପାଳରେ ବୋଳି ଦିଅନ୍ତି, କେବଳ ତୁମକୁ ମନେ ପକେଇ ଦେବା ପାଇଁ ଯେ ଏ ସଂସାର ଅନିତ୍ୟ ଓ ଅସାର ଏବଂ ଏହାର ଅନ୍ତିମ ପରିଣତି ଭସ୍ମ ବ୍ୟତୀତ ଅନ୍ୟ କିଛି ନୁହେଁ । ସେ ତୁମକୁ ବିଭୂତି ନଦେଇ ତୁମ ପାଖରେ ବସିଥିବା ଅନ୍ୟଜଣଙ୍କୁ ତାହା ଦେଇ ପାରନ୍ତି, ଯାହା ଫଳରେ ତାହା ଦେଖି ତୁମେ ସେହି ତତ୍ତ୍ୱକୁ ବୁଝିପାରିବ ।

ଥରେ ଗୋଟିଏ ଛୁଆକୁ ତା ମା ସ୍କୁଲରେ ଭର୍ତ୍ତି କରିବା ସମୟରେ ଶିକ୍ଷକଙ୍କୁ କହିଲା, "ୟାକୁ ଠିକ୍ ବାଟରେ ଆଣିବାକୁ ଆପଣ ୟା'କୁ ନ ମାରି ପାଖରେ ବସିଥିବା ପିଲାକୁ ମାରନ୍ତୁ । ମୋ ପୁଅ ତାହା ଦେଖି ଠିକ୍ କ'ଣ ଶିଖିଯିବ ।

ବିଭୂତି ତୁମକୁ ସ୍ମରଣ କରାଇଦିଏ ଯେ ଦିନେ ତୁମେ କେବଳ ମୁଠାଏ ପାଉଁଶ ହୋଇ ରହିଯିବ । ତେଣୁ ତୁମେ ଯେଉଁ ଭସ୍ମ ହେବାକୁ ଯାଉଛ, ସେହି ଭସ୍ମ ସମ୍ବନ୍ଧରେ ସଚେତନ ହୁଅ । ମୁଁ ଯେଉଁ ଜାତିରେ ଜନ୍ମ ହୋଇଛି, ସେହି ଜାତିରେ ମୋ ମୃତ୍ୟୁ ପରେ ମୋ ମର ଦେହକୁ ଦହନ କରି ଭସ୍ମ କରି ଦିଆଯିବ । ଅର୍ଥାତ୍ କବର ନ ଦେଇ ଦହନ କରାଯିବ । ତେଣୁ ମୁଁ ଦିନେ ଭସ୍ମୀଭୂତ ହେବି । ମୋଗଲ ସମ୍ରାଟମାନେ ଜୀବିତାବସ୍ଥାରେ ନିଜ ନିଜର କବର ନିର୍ମାଣ କରୁଥିଲେ ଓ କାହାର କବର କେତେ ଚମତ୍କାର ହେବ ବୋଲି ସେମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଥିଲା । ମୃତ୍ୟୁ ପରେ ରହିବା ପାଇଁ ସେମାନେ ସୌଧ ସମାନ କବରମାନ ନିର୍ମାଣ କରୁଥିଲେ । ତେଣୁ ସୁଦୀର୍ଘ ଯୋଜନା କରନାହିଁ, ବିଷୟବସ୍ତୁ ପ୍ରତି ଅତିଶୟ ଆସକ୍ତ ହୁଅ ନାହିଁ । ନିଜକୁ ସେ ସମସ୍ତଙ୍କ ଠାରୁ ଅଲଗା କରି ପ୍ରଫୁଲ୍ଲ ଚିତ୍ତରେ ସବୁ କିଛିର ଦ୍ରଷ୍ଟା ଓ ସାକ୍ଷୀ ହୋଇ ରୁହ । ସ୍ୱାମୀ କହନ୍ତି, "ଜୀବନ କ୍ଷଣ ଭଙ୍ଗୁର, ଏହା ବୁଝେଇବା ପାଇଁ ମୁଁ ତୁମକୁ ବିଭୂତି ଦେଇଥାଏ ।" ବିଭୂତି ଆମକୁ ଏହି ଶିକ୍ଷା ଦିଏ । ତେଣୁ 'ଅସତୋ ମା ସଦ୍‌ଗମୟ' ପ୍ରାର୍ଥନାରୁ ତୁମେ ବୁଝିବ ଯେ ସବୁକିଛି ଭଗବାନ । ଈଶ୍ୱର ଭିନ୍ନ ଅନ୍ୟକିଛି ନାହିଁ, ନଥିଲା ଓ ନଥିବ । "ସର୍ବଂ ବ୍ରହ୍ମମୟମ୍" - ଥରେ ଏହା ବୁଝିବା ପରେ ତୁମର ଆଉ ଅଧୋପତନ ହେବ ନାହିଁ, ତୁମେ ନିଜକୁ ଦୁର୍ବଳ ମନେ କରିବ ନାହିଁ । ସ୍ୱାମୀ ତାଙ୍କର ସ୍କୁଲ ଓ କଲେଜ୍‌ମାନଙ୍କରେ ଏହି "ଅସତୋ ମା ସଦ୍‌ଗମୟ, ତମସୋ ମା ଜ୍ୟୋତିର୍ଗମୟ, ମୃତ୍ୟୋର୍ମା ଅମୃତଂ ଗମୟ" ପ୍ରାର୍ଥନାକୁ ଦୈନିକ ପ୍ରାର୍ଥନା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆମେମାନେ ମଧ୍ୟ ତାଙ୍କର ଶିଶୁ ଶ୍ରେଣୀର ଛାତ୍ର । ଆମମାନଙ୍କୁ ଏହି ପ୍ରାର୍ଥନା କରିବାକୁ କୁହାଯାଇଛି, ଫଳରେ ଦିନେ ଆମେ ଏହା ଜାଣି ପାରିବା ଯେ ଏହି ସଂସାର ଅନିତ୍ୟ, ଅସାର ଓ ବିପଦସଙ୍କୁଳ ଏବଂ ଆମମାନଙ୍କର ଏକମାତ୍ର ଲକ୍ଷ୍ୟ ହେଲା "ଘରକୁ ବାହୁଡ଼ି ତାଙ୍କଠେ ପହଞ୍ଚିବା ।"

❖❖❖

୨୭

ସତ୍ୟବୋଧକ ଗୁରୁ

"ଅସତୋ ମା ସଦ୍‌ଗମୟ" - ଏହା ତୁମକୁ ଆଗକୁ ନେଇ ଯିବାପାଇଁ ଏକ ପ୍ରାର୍ଥନା । ଆଗକୁ ନେବା ମାନେ ତୁମେ ବର୍ତ୍ତମାନ ଏକ ସ୍ଥାନରେ ଅଛ, ତୁମକୁ ଅନ୍ୟ ଏକ ସ୍ଥାନକୁ ନେଇଯିବାକୁ ହେବ । କିନ୍ତୁ ଏହି ପ୍ରାର୍ଥନା ସମ୍ବନ୍ଧରେ ବିଚାର କଲେ ଜଣାଯିବ ଯେ ଏଠାରେ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ନେବାର ବିଷୟ ଉଠୁନାହିଁ । ଏହାର ଅର୍ଥ ହେଲା ତୁମକୁ ତୁମଠାକୁ ପହଁଞ୍ଚେଇବା । ଏହା ତୁମ ସାମନାରେ ଏକ ଦର୍ପଣ ରଖିବା ଭଳି ଯାହା ମଧ୍ୟ ଦେଇ ତୁମେ ନିଜକୁ ଦେଖିପାରିବ । ତୁମେ ଭାବ ଯେ ଯଦି କେହି ତୁମକୁ ଆଗକୁ ବଢେଇ ନିଏ, ତୁମେ ଆଉ ଏକ ଉନ୍ନତ ପ୍ରଦେଶକୁ ଚାଲିଯାଅ - ତୁମକୁ ଜଣେ ହିମାଳୟକୁ ନେଇଗଲେ, ତୁମେ ଜଣେ ଚାଷୀ ହୋଇଯିବା ଭଳି । ତୁମେ ଆଉ ଟିକିଏ ଭଲ ଯାଗାକୁ ଖୋଜି ଖୋଜି ଏଣେତେଣେ ଘୂରି ବୁଲ । ଏଠାରେ ବହୁତ ଗରମ, ମୋତେ ଟିକିଏ ଥଣ୍ଡା ଯାଗାକୁ ନେଇଯାଅ । ଏଠାରେ ଖୁବ୍ ଅନ୍ଧାର, ମୋତେ ଟିକିଏ ଆଲୁଅକୁ ନେଇଯାଅ । ଚାରିପାଖେ ଲୋକମାନେ ମରୁଥିବା ଦେଖୁଛି । ମୋତେ ଏମିତି ସ୍ଥାନକୁ ନେଇଯାଅ, ଯେଉଁଠାରେ ମୃତ୍ୟୁ ନାହିଁ । ମୁଁ ଏ ଡାକ୍ତରଖାନା ସେ ଡାକ୍ତରଖାନା ଘୂରି ବୁଲେ, ଅମୁକ ଅମୁକ ବିଶେଷଜ୍ଞଙ୍କୁ ସାକ୍ଷାତ କରେ, ଏହି ଆଶାରେ ଯେ ସେମାନେ ମୋ ଦେହକୁ କାଟି ସିଲେଇ କରି ମୋତେ ଆଉ କିଛି ବର୍ଷ ବଞ୍ଚିବାକୁ ଦେବେ । ଠିକ୍ ଏହିଭଳି ଆମେ ସ୍ୱାମୀଙ୍କୁ ଆମକୁ ଆଗକୁ କେଉଁଠିକି ନେଇଯିବାକୁ ପ୍ରାର୍ଥନା କରୁଛେ । ତେବେ ଅସଲ କଥା ହେଲା, ସେ ତୁମକୁ ତୁମ ନିକଟରେ ପହଁଞ୍ଚେଇ ଦିଅନ୍ତି । ତୁମେ ସତ୍, ତୁମେ ଜ୍ୟୋତି, ତୁମେ ହିଁ ଅମୃତ । ଏକଥା ଆମେ ପାଶୋରି ଯାଇଛେ । ଆମେ ବୁଝିପାରୁନେ, ବିଶ୍ୱାସ କରୁନେ, ତେଣୁ ଅବତାର ଆମକୁ ତାହା ବୁଝେଇ ଆଗକୁ ନେଇଯିବା ପାଇଁ ଆସିଛନ୍ତି । ଆପଣ ସମସ୍ତେ ଏଠାକୁ ଆସି ବାଲି ଉପରେ ବସନ୍ତି । ଆମ ଜୀବନ ହିଁ ଏକ ବାଲିଚର । ଏଣୁ ପ୍ରତୀକାତ୍ମକ ଭାବେ ଏଠାରେ ବାଲି ପଡିଛି । ଆମେ ଏହି ବାଲିରେ ବସି କୃତ୍ରିମଭାବେ ସେହି ପ୍ରାର୍ଥନାକୁ ଦୋହରାଉ, କାରଣ ଆମର ନିଜର ବିଶ୍ୱାସ ନାହିଁ ଯେ ଏହି ସଂସାରଟା ଅସତ୍ । ଆମେ ସବ୍‌ଜାନତା ବୋଲି ଆମ ମନରେ ଏକ ଭ୍ରମ ରହିଛି । ଆମେ ପତ୍ରପତ୍ରିକା ପଢି, ରେଡିଓ ଶୁଣି, ଟି.ଭି ଦେଖି କହି ବସୁ ଯେ ସଂସାରଟା ସତ୍, ଏହା ଅତି ସୁସ୍ପଷ୍ଟ । ତେଣୁ ସେହି ବାଲି ଉପରେ ଆମେ ଖୁବ୍ ଆରାମ୍‌ରେ ବସିରହୁ । ଆପଣମାନେ ଜାଣନ୍ତି ଯେ ସ୍ୱାମୀ ତାଙ୍କର ଦିବ୍ୟ ସମ୍ଭାଷଣର ଆରମ୍ଭରେ ଏକ ଚାରିଆଠ ଧାଡିର କବିତା ସ୍ୱତଃସ୍ଫୂର୍ତ୍ତ ଭାବେ ଆବୃତ୍ତି କରିଥାନ୍ତି ଯାହା ତାଙ୍କର ସେଦିନର ସମ୍ଭାଷଣର ସାରମର୍ମ୍ମ ହୋଇଥାଏ । ଏହି କବିତାକୁ ସୁଲଳିତ ସ୍ୱରରେ ଆବୃତ୍ତି କରାଯାଏ, ଯାହା ସିଧା ଆପଣଙ୍କ ହୃଦୟକୁ ଭେଦ

କରେ । ଗଦ୍ୟ କଷ୍ଟକର, ପଦ୍ୟ ପ୍ରୀତିକର, ସଙ୍ଗୀତ ହୃଦୟକୁ ସ୍ପର୍ଶ କରେ । ଥରେ ତାଙ୍କର ଏକ ଦିବ୍ୟ ସମ୍ଭାଷଣର ପ୍ରାରମ୍ଭରେ ସ୍ୱାମୀ ଏକ କବିତା ଗାନ କଲେ ଯାହା ଆରମ୍ଭ ହୋଇଥିଲା । "ମୁଁ ମନୁଷ୍ୟ ନୁହେଁ, ଯକ୍ଷ ନୁହେଁ, ବ୍ରାହ୍ମଣ ନୁହେଁ...." କବିତାର ଶେଷ ଧାଡିରେ ସେ ଘୋଷଣା କରିଥିଲେ, "ମୁଁ ସତ୍ୟବୋଧକ ସତ୍ୟଂ ଶିବଂ ସୁନ୍ଦରମ୍ ।"

ଭାରତରେ କେହି ଯଦି କିଛି ଆପଣଙ୍କୁ ପଚାରେ ତାର ପ୍ରଥମ ପ୍ରଶ୍ନ ହେବ, ଆପଣଙ୍କର ଜାତି କ'ଣ ? ଜଣେ ବ୍ରାହ୍ମଣ କି ନୁହଁ, ସେ କେଉଁ ପ୍ରକାର ଖାଦ୍ୟ ଖାଏ , ତା' ଘରେ କି କି ପର୍ବ ପାଳନ କରାଯାଏ, ତାର ସ୍ତ୍ରୀ କିଭଳି ଶାଢୀ ପିନ୍ଧେ - ଏ ସମସ୍ତ ବିଷୟ ତାର ନାମରୁ ହିଁ ଜଣାପଡିଯାଏ । ଆମ ଦେଶରେ ଆମେ ପ୍ରତ୍ୟେକେ ଆମ ନିଜ ନିଜର ଟିକିନିଖି ତଥ୍ୟ (Bio-data) ମୁହଁରେ ଧରି ବୁଲୁଥାଉ । ତେବେ ସ୍ୱାମୀ କହନ୍ତି, "ମୋ କ୍ଷେତ୍ରରେ କିନ୍ତୁ ତୁମେ ସେମିତି କିଛି ମୋହର ମୋତେ ମାରିପାରିବନି । ମୁଁ ବ୍ରାହ୍ମଣ ନୁହେଁ କି କ୍ଷତ୍ରିୟ ନୁହେଁ କି ବୈଶ୍ୟ ନୁହେଁ କି ଶୂଦ୍ର ନୁହେଁ।" ସେ କୌଣସି ଜାତିର ନୁହଁନ୍ତି । ହିନ୍ଦୁଧର୍ମରେ ଜୀବନର ଚାରୋଟି ଅବସ୍ଥାକୁ ନେଇ ଚାରୋଟି ଆଶ୍ରମର ବ୍ୟବସ୍ଥା ରହିଛି । ପ୍ରଥମେ ବ୍ରହ୍ମଚାରୀ, ଯିଏ ଆତ୍ମବିଦ୍ୟା ଲାଭ କରୁଥିବା ବିଦ୍ୟାର୍ଥୀ । ସେ ବିବାହ କରିବା ପରେ ଗୃହସ୍ଥ ହୋଇ ପରିବାର ଚଳାଏ ଏବଂ ଯେଉଁମାନେ ତା ନିକଟକୁ ଆସନ୍ତି ସେମାନଙ୍କୁ ଖାଦ୍ୟ, ଦାନ ବା ଶିକ୍ଷା ଦେଇ ସେମାନଙ୍କର ବିହିତ ସତ୍କାର କରେ । ତା'ପରେ ସେ ଭାବେ ଯେ ଏସବୁ ମିଥ୍ୟାମାୟା । ସେତେବେଳେ ସେ ପରିବାର ବ୍ୟବସାୟ ଓ ଅନ୍ୟ ସମସ୍ତ ଦାୟିତ୍ୱ ନିଜର ପୁତ୍ରମାନଙ୍କୁ ଦେଇ ତପସ୍ୟା କରିବା ପାଇଁ କୌଣସି ନିର୍ଜନ ପ୍ରଦେଶ ବା ଅରଣ୍ୟକୁ ଚାଲିଯାଏ । ତାର ସ୍ତ୍ରୀ ମଧ୍ୟ ଯଦି ସମଭାବାପନ୍ନ ହୋଇଥାଏ, ସେ ତାକୁ ସାଥିରେ ନେଇଯାଏ, ନଚେତ୍ ସମସ୍ତ ବନ୍ଧନ ଛିନ୍ନ କରି ଏକା ଚାଲିଯାଏ । ବଙ୍ଗ ଦେଶରେ ଥରେ ଜଣେ ଲୋକ ତା' ଧୋବା ଘର ପାଖରେ ରହୁଥାଏ । ବଙ୍ଗ ଦେଶରେ ଧୋବାମାନେ ଲୁଗା ସଫା କରିବା ସମୟରେ କୌଣସି ବସ୍ତ୍ର ପରିଶୋଧକ ବ୍ୟବହାର ନ କରି କଦଳୀ ମଞ୍ଜାକୁ ଜାଳି ତାର ପାଉଁଶକୁ ବ୍ୟବହାର କରୁଥାନ୍ତି । ଏହି ପାଉଁଶରେ ସୋଡା ଥାଏ ଏବଂ ଏହାକୁ ବାସନା କୁହାଯାଏ । ଦିନେ ଏହି ଧୋବା ବଡ଼ ପାଟିରେ କହିଲା, "ଆରେ, ବାସନା ଜାଳିବାର ସମୟ ହୋଇନିକି ?" ବାସନାର ଅନ୍ୟ ଏକ ଅର୍ଥ ହେଲା ଆମ ମଧ୍ୟରେ ଗଭୀର ଭାବେ ଥିବା ଆସକ୍ତି । ଧୋବାର କଥା ଶୁଣି ତାର ପଡୋଶୀ ମନେ ମନେ ଭାବିଲା, "ଠିକ୍ କଥା, ମୋ ମନରେ ବାସନା ଜାଳି ଦେବା ପାଇଁ ଏହା ଉଚିତ ସମୟ । ମୁଁ ଏହି ମୋହମାୟା ମଧ୍ୟରେ ଅନେକ ଦିନ ଧରି ବୁଡି ରହିଲି ! ଏହା ଭାବି ସେ ତତ୍କ୍ଷଣାତ ତାର ସମସ୍ତ ବାସନା ପରିହାର କରିବାକୁ ସ୍ଥିର କଲା ଏବଂ କାନ୍ଧରେ ଏକ କଳାକମ୍ବଳ ପକେଇ ବାହାରକୁ ଚାଲିଗଲା । କଳାକମ୍ବଳକୁ କାଲାକୁମ୍ବଲିୟା କୁହାଯାଏ । ତେଣୁ ସେହିଦିନଠାରୁ ସମସ୍ତେ ତାକୁ କାଲାକୁମ୍ବଲିୟାକୁ କହି ଡାକିଲେ । ସେ ଜଣେ ବଡ ଋଷି ହୋଇଗଲା, ତାର ଅନେକ

ଶିଷ୍ୟ ବାହାରିଲେ । ସେ ଅନେକ ଦାତବ୍ୟ ଅନୁଷ୍ଠାନ, ଡାକ୍ତରଖାନା, ଗୋଶାଳା ଆଦି ପ୍ରତିଷ୍ଠା କଲା । ପରିବର୍ତ୍ତନ ପାଇଁ ତାର ସମୟ ପରିପକ୍ୱ ହୋଇ ଯାଇଥିଲା ଓ ଧୋବାମୁହଁରୁ ଦୁଇପଦ କଥା ତାକୁ ହଠାତ୍ ଜାଗ୍ରତ କରିଦେଲା । ଏହା ହେଉଛି ଅନ୍ତିମ ପରିଣତି । ସ୍ୱାମୀ କହଁନ୍ତି, "ମୁଁ ବ୍ରହ୍ମଚାରୀ ନୁହେଁ, ଗୃହସ୍ଥ ନୁହେଁ, ସନ୍ନ୍ୟାସୀ ନୁହେଁ" । ତେବେ ସେ କିଏ ? ସେ କହନ୍ତି, " ମୁଁ ସତ୍ୟବୋଧକ" ।

ଆମେ ଅନ୍ତରରୁ ଡାକିଲେ ହିଁ ସେ ଆସିଥାନ୍ତି । କିନ୍ତୁ ଆମେ ଅନିତ୍ୟ, ଅସାର ବସ୍ତୁ ପଛରେ ଧାଇଁଥାଉ, ତେଣୁ ଆମେ ଆହୁରି ପ୍ରସ୍ତୁତ ନୁହଁ ଜାଣି, ସେ ଆମକୁ ଇଣ୍ଟରଭ୍ୟୁକୁ ନ ଡାକି "wait, wait", ଅପେକ୍ଷା କର, ଅପେକ୍ଷା କର କହିଥାନ୍ତି । ଆମକୁ ଉଦ୍ଧାର କରିବାକୁ ସେ ଏତେ ବ୍ୟଗ୍ର ଯେ ସେ ମଧ୍ୟ ଆମ ପାଇଁ ଅପେକ୍ଷା କରନ୍ତି । ତୁମେ କୌଣସି ରେଳ ଷ୍ଟେସନରେ ଓହ୍ଲାଇବା ମାତ୍ରକେ କୁଲି ତୁମର ଜିନିଷପତ୍ର ଗୋଟେଇ କିଛି ମୁଣ୍ଡରେ ଆଉ କିଛି କାନ୍ଧରେ ଧରି ପ୍ରସ୍ଥାନଦ୍ୱାର ଆଡକୁ ଧାଇଁଥାଏ । ତୁମର ତାହା ଉପରେ ବିଶ୍ୱାସ ନ ଥାଏ, ତେଣୁ କାଳେ ସେ ତୁମର ଜିନିଷପତ୍ର ନେଇ ଚାଲଯିବ ଭାବି ଭୟରେ ତୁମେ ମଧ୍ୟ ତା' ପଛରେ ଧାଅଁ । ସ୍ୱାମୀ କହନ୍ତି, "ମୁଁ ତୁମ ବୋଝ ବୋହିଥାଏ, କିନ୍ତୁ ତୁମର ମୋ ଉପରେ ଆସ୍ଥା ନଥାଏ । ଆସ, ତୁମର ସବୁ ଜଞ୍ଜାଳ ମୋ ଉପରେ ଲଦି ଦିଅ । ମୁଁ ତାକୁ ସମ୍ଭାଳିବି ।" କିନ୍ତୁ ଆମେ କହୁ, "ନା, ନା ତୁମେ କିମିତି ମୋର ସବୁ ବୋଝ ବୋହିବ ! ମୁଁ ନିଜେ ତାହା ବୋହିବି । ମୋର ତୁମ ଉପରେ ବିଶ୍ୱାସ ନାହିଁ" । ତେଣୁ ତାଙ୍କ ଉପରେ ଆମର ପୂର୍ଣ୍ଣ ଆସ୍ଥା ରହିବା ଦରକାର ।

ସେ ସତ୍ୟବୋଧକ । ସତ୍ୟ କ'ଣ ? ସତ୍ୟ ତୁମେ ନିଜେ । ତୁମେ ସତ୍ୟସ୍ୱରୂପ । ମଞ୍ଚ ଉପରେ ଅଭିନୟ କରୁଥିବା ଜଣେ ଅଭିନେତାର ସତ୍ୟ କ'ଣ ? ସଂସାରରେ ସମସ୍ତେ ତାକୁ ଅମୁକ ନାଁରେ ଜାଣନ୍ତି । କିନ୍ତୁ ରଙ୍ଗମଞ୍ଚରେ ସେ କିଙ୍ଗ୍‌ଲିୟର, ହାମ୍‌ଲେଟ୍ ବା ଓଥେଲୋର ଭୂମିକା ଅଭିନୟ କରେ । ତାହା ତାର ଏକ ତାତ୍‌କାଳିକ ଭୂମିକା ମାତ୍ର । ମହାଭାରତରେ ପାଣ୍ଡବମାନେ ଦ୍ୟୁତକ୍ରୀଡାରେ ପରାସ୍ତ ହେବା ପରେ ସେମାନଙ୍କୁ ବାରବର୍ଷ ବନବାସ ଓ ଏକ ବର୍ଷ ଅଜ୍ଞାତବାସରେ ରହିବାକୁ କୁହାଗଲା । ଅଜ୍ଞାତବାସ କାଳରେ ସେମାନଙ୍କୁ ଅନ୍ୟମାନଙ୍କଠାରୁ ଅଚିହ୍ନା ରହିବା ପାଇଁ ମିଥ୍ୟାନାମ ଧାରଣ କରିବାକୁ ହୋଇଥିଲା । ଧନୁର୍ବିଦ୍ୟା ଓ ଯୁଦ୍ଧବିଦ୍ୟାରେ ପାରଙ୍ଗମ ହୋଇ ମଧ୍ୟ ସେମାନଙ୍କୁ ବର୍ଷେ ପର୍ଯ୍ୟନ୍ତ ସମସ୍ତଙ୍କଠାରୁ ଅଦୃଶ୍ୟ ଓ ଅଗୋଚର ରହି ଛଦ୍ମବେଶରେ ରହିବାକୁ ପଡ଼ିଥିଲା । ସର୍ତ୍ତ ଥିଲା ଯେ ସେହି ବର୍ଷକ ମଧ୍ୟରେ ସେମାନେ ଯଦି ଚିହ୍ନାପଡିଯାଆନ୍ତି, ତେବେ ସେମାନଙ୍କୁ ଆଉ ବାର ବର୍ଷ ବନବାସ ଓ ଏକ ବର୍ଷ ଅଜ୍ଞାତବାସରେ ରହିବାକୁ ହେବ । ଭୀମ ପ୍ରକୃତରେ ପରମ ପରାକ୍ରମଶାଳୀ ଭୀମ ହୋଇଥିଲେ ମଧ୍ୟ ଏକ ବର୍ଷ କାଳ ତାଙ୍କୁ ଜଣେ ରୋଷେୟା ଭଳି ଛଳନା କରିବାକୁ ପଡିଲା । ଆମର ସ୍ୱରୂପ ହେଉଛି ଆତ୍ମା, ତେଣୁ ସ୍ୱାମୀ ଆମକୁ ଦିବ୍ୟାତ୍ମସ୍ୱରୂପଲ୍ଲାରା କହି

ସମ୍ବୋଧନ କରିଥାନ୍ତି । ଅର୍ଜ୍ଜୁନ ତାଙ୍କର ଭ୍ରାତୃସମ କୌରବମାନଙ୍କ ପ୍ରତି ଶତ୍ରୁଭାବ ପୋଷଣ କରି ସେମାନଙ୍କ ସହ ଯୁଦ୍ଧ କରି ଜିଣିବା ଉଦ୍ଦେଶ୍ୟରେ ବର୍ଷ ବର୍ଷ ଧରି ଅସ୍ତ୍ର ଶସ୍ତ୍ର ସଂଗ୍ରହ କରୁଥାନ୍ତି । ତାଙ୍କ ମଧ୍ୟରେ ଏତେ ଶକ୍ତି ଓ ସ୍ଫୁର୍ତ୍ତି ଥାଇ ମଧ୍ୟ ସେ ହଠାତ୍ ଯୁଦ୍ଧକ୍ଷେତ୍ରରେ ଯୁଦ୍ଧ ପ୍ରତି ପରାଙ୍ମୁଖ ହେଲେ । ସେତେବେଳେ କୃଷ୍ଣ ତାଙ୍କୁ କଣ କହିଲେ ? କୃଷ୍ଣ ତାଙ୍କୁ ଆତ୍ମା ସମ୍ବନ୍ଧରେ କହିଲେ । ସେ କହିଲେ, "ତୁମେ ଓ ସେମାନେ ମଧ୍ୟ ଅବିନାଶୀ । ତୁମେ କାହାକୁ ହତ୍ୟା କରିବ ଭାବୁଛ ? ସେମାନଙ୍କ ମୃତ୍ୟୁ ହୋଇ ସାରିଲାଣି । ତୁମେ ମାରିବ ନାହିଁ, ସେମାନେ ମରିବେ ନାହିଁ । ଏଠାରେ ମରିବା ଓ ମାରିବାର ପ୍ରଶ୍ନ ନାହିଁ, ସମସ୍ତେ ଅମର । କେବଳ ଦେହର ମୃତ୍ୟୁ ଘଟିଥାଏ, ଅନ୍ୟ କିଛି ନୁହେଁ" । ସେ ତାଙ୍କୁ ମୂଳ ସତ୍ୟ କ'ଣ ବୁଝାଇଲେ । ଗୀତାର ଅଠରଟି ଅଧ୍ୟାୟର ଏହା ହିଁ ନିର୍ଯ୍ୟାସ । କୃଷ୍ଣଙ୍କଠୁ ସବୁ ବୁଝି ଅର୍ଜ୍ଜୁନ ଶେଷରେ କହନ୍ତି, " ନଷ୍ଟମୋହଃ ସ୍ମୃତିର୍ଲବ୍ଧ," ମୁଁ ଯେ କିଏ ତାହା ମୁଁ ଜାଣି ପାରିଲି । ତେଣୁ ଆମେ କିଏ ତାହା ଆମକୁ ମନେ ପକାଇଦେବା ପାଇଁ ସ୍ୱାମୀ ଆସିଛନ୍ତି । ସେ ଆମକୁ ଦିବ୍ୟାତ୍ମସ୍ୱରୂପୁଲ୍ଲାରା କହି ସମ୍ବୋଧନ କରନ୍ତି । ଏହି ଉପଲବଧି ବିଜୁଳିର ଚମକ ଭଳି ଅକସ୍ମାତ୍ ଆସିଥାଏ । ଆମେ ହଠାତ୍ ସ୍ତବ୍ଧ ହୋଇଯାଉ । ମୁଁ କସ୍ତୁରୀ ନୁହେଁ, ମୁଁ ଅମୁକ ନୁହେଁ, ମୁଁ ଆତ୍ମା । ଅତୀତରେ ଆମେ ଅନେକ ଦେହ ତ୍ୟାଗ କରିଛେ, ଅନେକ ଅବସ୍ଥା ଦେଇ ଆସିଛେ, ଠିକ୍ ସାମ୍ବାଲୁଆର ଖୋଷାରୁ ପ୍ରଜାପତିଟି ବାହାରି ଉଡ଼ିବା ଭଳି । ଆମେ ଖୋଷା ଭିତରେ ପ୍ରବେଶ କରିଛେ । ସେହି ଖୋଷା ହେଲା ପ୍ରଶାନ୍ତି ନିଳୟମ୍ । ଏଠାରୁ ଆମେ ପ୍ରଜାପତି ହୋଇ ବାହାରିବା ! ଆମେ ତଳେ ଗୁରୁଣ୍ଡି ହେଉଛେ, ଥରେ ଉଠି ଛିଡ଼ା ହେଲେ, ଆମେ ଆମ ଉଚ୍ଚତା ଜାଣିପାରିବା ।

ଉପନିଷଦ୍ କହେ ଯେ ଆମେ ଆମର ଏହି ଜନ୍ମରେ ଆମର ଚିନ୍ତା ଓ କର୍ମଦ୍ୱାରା ନିଜ ନିଜ ପରବର୍ତ୍ତୀ ଜନ୍ମ ନିର୍ଦ୍ଧାରଣ କରୁଛେ । ଆମ ପରଜନ୍ମ ସୁଖରେ ବିତିବ କି ଦୁଃଖରେ ବିତିବ, ଭଲ ହେବ କି ମନ୍ଦ ହେବ, ଅନ୍ୟର ହିତ କରିବ କି ଅନିଷ୍ଟ କରିବ, ତାହା ଆମେ ବର୍ତ୍ତମାନ ହିଁ ସ୍ଥିର କରିଥାଉ । ଆମ ଆଗାମୀ ଜନ୍ମର ପ୍ରସ୍ତୁତି ସମାପ୍ତ ହେବା ପରେ ହିଁ ଏହି ଜନ୍ମର ଅବସାନ ଘଟେ । ଗୋଟିଏ ବେଙ୍ଗଫୁଲାକୁ ପଚାର, "ତୁ କିଏ ?" ସେ କହିବ, "ମୁଁ ବେଙ୍ଗଫୁଲା" । ସେତେବେଳେ ସ୍ୱାମୀ କହନ୍ତି "ନା, ତୁ ବେଙ୍ଗ" । ଖୋଷା ଭିତରେ ଥିବା ସାମ୍ବାଲୁଆକୁ ସେ କହନ୍ତି, "ଏଜନ୍ମରେ ତୁମର ଏକ ନାମ ଅଛି, ପୂର୍ବ ଜନ୍ମରେ ତୁମର ନାମ କ'ଣ ଥିଲା, ତୁମେ ଜାଣ ନାହିଁ ।"ସେ ଆମକୁ ଆମ ଇତିହାସ ମନେ ପକେଇ ଦିଅନ୍ତି । କିଛିଦିନ ତଳେ ରାଷ୍ଟ୍ରପତି ରେଗନ୍ ଆୟର୍ଲାଣ୍ଡର ଯେଉଁ ଗ୍ରାମରେ ସେ ଜନ୍ମ ହୋଇଥିଲେ, ସେଠାକୁ ଯାଇଥାନ୍ତି । ଯେଉଠେ ଜନ୍ମ ହୋଇଥିଲେ, ସେଠାକୁ ଆସିଲେ । ଗତକାଲି ଏଠାକୁ ଜଣେ ଆସିଥାନ୍ତି । ତାଙ୍କୁ ଦେଖିଲେ ମନେ ହେଉଥାଏ, ସେ ସ୍କଟଲ୍ୟାଣ୍ଡର୍ । ତାହା ପୂର୍ବରୁ ସେ ଆୟର୍ଲାଣ୍ଡରେ ଥାନ୍ତି । ତାଙ୍କ ବଂଶବୃକ୍ଷକୁ ଅନୁଧ୍ୟାନ କଲେ ଜଣାଯିବ,

ତାଙ୍କ ବଂଶଜମାନେ କିଏ କେଉଁଠୁ ଆସିଛନ୍ତି । ପରେ ଜଣା ପଡିଲା ଯେ ଏହି ବ୍ୟକ୍ତି ବିନା ଲାଇସେନ୍ସରେ ମଦ ତିଆରି କରୁଥାନ୍ତି । ଏମିତି ଯଦି ପ୍ରତ୍ୟେକ ବ୍ୟକ୍ତିର ଇତିହାସ ଗଭୀରକୁ ଯାଇ ଦେଖାଯାଏ, ତେବେ ସେଥିରୁ କେତେ ଯେ ପିଞ୍ଜରା ବାହାରିବ !

ଭଗବାନଙ୍କ ସଙ୍କଳ୍ପରୁ ସମଗ୍ର ସୃଷ୍ଟିର ଉତ୍ପତ୍ତି ଏବଂ ସେହି ଭଗବାନ ଆମ ସମସ୍ତଙ୍କ ମଧ୍ୟରେ ଅଛନ୍ତି । ଆମ ମଧ୍ୟରେ ଥିବା ଭଗବାନ ଆତ୍ମପ୍ରକାଶ କରିବା ପାଇଁ, ଆମକୁ ଏକ ସୁଯୋଗ ଦିଆଯାଇଛି । ତେଣୁ ଆମେ ସ୍ୱାମୀଙ୍କୁ ପ୍ରାର୍ଥନା କରୁ , " ପ୍ରଭୁ ! କେଉଁ ବାଟରେ ଯିବାକୁ ହେବ ମୁଁ ଜାଣିନାହିଁ, ମୋତେ ବାଟ ଦେଖେଇ ଦିଅ ।" ସେ ସନାତନ ସାରଥି, ଆମକୁ ଆମ ଲକ୍ଷ୍ୟଠାର ପହଞ୍ଚେଇ ଦେବା ପାଇଁ ସେ ସବୁବେଳେ ପ୍ରସ୍ତୁତ । ତୁମ ହୃଦୟରେ ତାଙ୍କୁ ବସିବାକୁ ଦିଅ । ତାଙ୍କ ଉପଦେଶକୁ ମାନ । ତୁମେ ଈଶ୍ୱରଙ୍କଠୁ ଆସିଛ, ଈଶ୍ୱରଙ୍କ ନିକଟକୁ ଫେରିବ । ସେ ତୁମକୁ ସେଠାକୁ ନେଇଯିବେ, କାରଣ ସେ ରାସ୍ତା ଜାଣନ୍ତି ସ୍ୱାମୀ କହନ୍ତି, ମୁଁ ଯାହା କହୁଛି, ତାହା ଅତି ପୁରୁଣା କଥା ଭାବି ଧାଇଁ ଚାଲିଯାଅ ନାହିଁ ।" ସେହି କଥାକୁ ସେ କହିବା ଓ ଅନ୍ୟମାନେ କହିବା ମଧ୍ୟରେ ଫରକ୍ ଅଛି । ତାଙ୍କ କଥାରେ କେତେ ଶକ୍ତି ଅଛି ! କେତେ ପ୍ରେମ ରହିଛି ! ସେ କେବଳ କଥାରେ କହି ନଥାନ୍ତି, ସେ ବାସ୍ତବରେ ଆମ ସମସ୍ତଙ୍କ ମଧ୍ୟରେ ଥିବା ଦିବ୍ୟ ସତ୍ତା, ସେ ଆମ ପ୍ରତି ଲକ୍ଷ୍ୟ ରଖନ୍ତି, ଆମକୁ ସାବଧାନ କରନ୍ତି,ଶାସ୍ତି ଦିଅନ୍ତି,ସ୍ୱାମୀଙ୍କ ସହ ରହିବା ଏକ ବିରାଟ ଦାୟିତ୍ୱ ।

ଅନ୍ୟଠୁ ନିଜକୁ ବଡ ମନେକରି କେତେକ ଗର୍ବିତ ହୋଇଥାନ୍ତି । ଭଗବଦ୍‌ଗୀତା କହେ ଯେ କୌଣସି କର୍ମରେ ସଫଳତା ପାଇଁ ପାଞ୍ଚୋଟି ବିଷୟ ଆବଶ୍ୟକ । ପ୍ରଥମଟି ହେଲା ସମ୍ବନ୍ଧ । ବର୍ତ୍ତମାନ ଏଠାରେ ମୁଁ କହୁଛି ଏବଂ ପାଖରେ ଥିବା ଏହି ବ୍ୟକ୍ତି ମୁଁ ଯାହା କହୁଛି, ତାହା ଟିପି ନେଉଛି । ହୁଏତ ସେ ତାହା ଅନ୍ୟକୁ କହିବ ବା ପୁଣିଥରେ ପଢି ଜାଣିବ । ଦ୍ୱିତୀୟଟି ହେଲା ସାମର୍ଥ୍ୟ । ତା ମଧ୍ୟରେ ଲେଖିବାର ସାମର୍ଥ୍ୟ ଥିବାରୁ ସେ ଲେଖିପାରୁଛି । ତାପରେ ହେଲା ପ୍ରକ୍ରିୟା । ଲେଖିବା ହିଁ ଏକ ପ୍ରକ୍ରିୟା । ସବା ଶେଷରେ ଦିବ୍ୟ କର୍ମ । ଏହା ସବୁଠୁ ଗୁରୁତ୍ୱପୂର୍ଣ୍ଣ । ତେଣୁ ଅତି ଉଚ୍ଚମାନର ଗବେଷଣା କରିବା ପରେ ମଧ୍ୟ ଲୋକ କହନ୍ତି, "ହଠାତ୍ କିଛି ହୋଇଗଲା, ଗବେଷଣା ବିଫଳ ହେଲା ।" ହୁଏତ ଛୋଟିଆ ଏକ ସ୍କ୍ରୁ ବା ପିନ୍ ଗଣ୍ଡଗୋଳ କଲା, ପାଗ ହଠାତ୍ ବଦଳି ଗଲା ବା ଦାୟିତ୍ୱରେ ଥିବା ଲୋକଟି ଭୁଲ ସ୍ୱିଚ୍ ଟିପି ଦେଲା । ତେଣୁ କିଛି ଗୋଟାଏ ହେବା କଥା, ହେଲା ନାହିଁ ମାନେ ତାହା ଭଗବାନଙ୍କ କୃପା ବା ଦିବ୍ୟ ଚେତନା ଯୋଗୁ । ତାହା ସତ୍ତ୍ୱେ ଲୋକେ ନିଜକୁ ନେଇ ଗର୍ବ କରନ୍ତି । ଭଗବାନ କିନ୍ତୁ ପ୍ରଥମେ ଆମକୁ ସେହି ଅନୁଭୂତି ଦିଅନ୍ତି ଯେ ଆମେ କର୍ତ୍ତା ନୁହେଁ । ଆଉ ଏକ ବୃହତ୍ତର ଅଭିନୟ ଚାଲିଛି, ଯେଉଁଥିରେ ଆମେ ସମସ୍ତେ ପାତ୍ରଧାରୀ, ତାଙ୍କରି ରଚିତ ସମ୍ବାଦ ଆମେ କହିଥାଉ, ସେ 'ଆସ' କହିଲେ ଆମେ ମଞ୍ଚରେ ପ୍ରବେଶ କରୁ ଓ 'ଯାଅ' କହିଲେ ମଞ୍ଚରୁ ପ୍ରସ୍ଥାନ କରୁ । ସ୍ୱାମୀ ଦିବ୍ୟସମ୍ଭାଷଣର ପ୍ରାରମ୍ଭରେ ଗାନ

କରୁଥିବା ଏକ ଗୀତରେ କହନ୍ତି, "ମୁଁ ସୂତ୍ରଧର ଓ ତୁମେ ସମସ୍ତେ ପୁତ୍ତଳିକା ।" ଆମେ ସ୍ୱାଧୀନ ଭାବେ କିଛି କରିପାରିବା ନାହିଁ । ଆମେ ଯେତେବେଳେ ଆମ ହାତ ଉପରକୁ ଉଠାଉ,ସେ ସୂତା ଟାଣି ଆମ ହାତ ଉପରକୁ ଉଠେଇଥାନ୍ତି । ତାଙ୍କୁ ଆମ ମଧ୍ୟରେ ରହୁଥିବା ପାଞ୍ଚଫୁଟ୍ ଚାରିଇଞ୍ଚର ଜଣେ ମଣିଷ ଭାବ ନାହିଁ । ତାହା ଏକ ନିର୍ଦ୍ଦିଷ୍ଟ ସ୍ଥାନ ଓ କାଳରେ ତାଙ୍କର ଏକ ସ୍ଥୁଳ ପରିପ୍ରକାଶ ମାତ୍ର । ତୁମେ ଯେଉଁଠାରେ ଥାଇ ତାଙ୍କୁ ଯେଉଁ ନାମରେ ଡାକି ପାର, ସେ ସେହିଠାରେ ବିଦ୍ୟମାନ ହେବେ । ସେ କହନ୍ତି, " ନାକୁ ଉରୁ ଲେଦୁ, ପେରୁ ଲେଦୁ"-ଅର୍ଥାତ୍ ମୋର ନାଁ ନାହିଁ କି ଗାଁ ନାହିଁ । ସବୁ ନାମ ମୋର ଓ ମୁଁ ସବୁ ସ୍ଥାନରେ ରହିଥାଏ । ସେ କୌଣସି ଧର୍ମର ପ୍ରବକ୍ତା ନୁହଁନ୍ତି । ସେ ସବୁ ଧର୍ମର ମୂଳକୁ ଶକ୍ତ କରିବାକୁ ଆସିଛନ୍ତି, ସବୁ ମାର୍ଗର ଯଥାର୍ଥତାକୁ ସାବ୍ୟସ୍ତ କରିବାକୁ ଆସିଛନ୍ତି । ଏଭରେଷ୍ଟ ଶୃଙ୍ଗକୁ ଭିନ୍ନ ଭିନ୍ନ ଦିଗରୁ ଯେଭଳି ପହଞ୍ଚି ହୁଏ, ବିଭିନ୍ନ ଧର୍ମ ମାଧ୍ୟମରେ ଏକ ଈଶ୍ୱରଙ୍କଠାରେ ସେହିଭଳି ପହଞ୍ଚି ହୁଏ । ଏଭେରଷ୍ଟ ଶୃଙ୍ଗ ଉପରେ ପହଞ୍ଚିବା ପରେ ଯାଗାଟି ଛୋଟ ହୋଇଥିବା ହେତୁ ସେଠାରେ ଭିନ୍ନ ଭିନ୍ନ ସ୍ଥାନରେ ଅଲଗା ଅଲଗା ବସିବା ସମ୍ଭବ ନୁହେଁ । ତୁମକୁ ପାଖେ ପାଖେ ଜାକି ଜୁକି ବସିବାକୁ ହୁଏ । ଆମେ ହଙ୍ଗେରିରୁ ଆସିଥାଉ ବା ଜାପାନରୁ ଆସିଥାଉ ବା ଭାରତରୁ ଆସିଥାଉ ବା ଉଗାଣ୍ଡାରୁ ଆସିଥାଉ, ପୁରୁଷ ହୋଇଥାଉ, ମହିଳା ହୋଇଥାଉ ବା ଶିଶୁ ହୋଇଥାଉ, ଧନୀଲୋକ ହୋଇଥାଉ ବା ଗରିବ ମଳିମୁଣ୍ଡିଆ ହୋଇଥାଉ, ସେଠାରେ ସମସ୍ତେ ସମାନ । କାହାର କିଛି ସ୍ୱତନ୍ତ୍ର ସ୍ଥାନ ନାହିଁ । ଯେତିକି ଉପରକୁ ଉଠିବା, ସେତିକି ଆମ ଦୃଷ୍ଟି ପ୍ରସାରିତ ହେବ ଓ ଆମେ ଅଧିକରୁ ଅଧିକ ଦେଖି ପାରିବା । ଉପରକୁ ଉଠିବା ସଙ୍ଗେ ଆମେ ଏକତ୍ୱଭାବ ଅନୁଭବ କରୁ । ତେଣୁ ସ୍ୱାମୀ କହନ୍ତି, "ତୁମେ ପାଦେ ଆଗକୁ ବଢିଲେ, ମୁଁ ତୁମକୁ ଦଶ ପାଦ ଆଗକୁ ନେଇଯିବି" । ତେଣୁ ସେ ଆମକୁ ବିଶାଳ ଦୃଷ୍ଟି ପ୍ରଦାନ କରି ତାଙ୍କର ମହିମା ଓ ଗରିମାର ନୂତନ ଦିଗନ୍ତ ଦେଖାଇଥାନ୍ତି । ଊର୍ଦ୍ଧ୍ୱକୁ ଯିବା ସଙ୍ଗେ ସଙ୍ଗେ ଆମ ଦୃଷ୍ଟିରେ କ୍ଷୁଦ୍ର କ୍ଷୁଦ୍ର ଜିନିଷଗୁଡିକ ପଡି ନ ଥାଏ । ତେଣୁ ଆମ ସ୍ୱାମୀ ସତ୍ୟବୋଧକ ଅଟନ୍ତି ।

❖❖❖

୨୮

ଚମତ୍କାର ତାଙ୍କର ଭିଜିଟିଙ୍ଗ କାର୍ଡ୍

ମୁଁ ବର୍ତ୍ତମାନ ଆପଣମାନଙ୍କୁ ଏକ ପତ୍ର ପଢି ଶୁଣେଇବି । ଏହି ପତ୍ରରୁ ଆମେ ଜାଣିପାରିବା, ଆମ ସ୍ୱାମୀ ଯେ କେତେ ମହାନ୍ ଓ ସେ କେମିତି ତାଙ୍କୁ ପ୍ରାର୍ଥନା କରିବାକୁ ନ ଚାହୁଁଥିବା ବ୍ୟକ୍ତି ପାଖକୁ ମଧ୍ୟ ଯାଇ ପହଞ୍ଚିଥାନ୍ତି । ଜଣେ ତାଙ୍କୁ ପ୍ରାର୍ଥନା କରିବା ନିହାତି ଆବଶ୍ୟକ ବୋଲି ସେ ମନେ କରନ୍ତି ନାହିଁ । ଜଣେ ଯଦି କଷ୍ଟ ପାଉଥାଏ, ତେବେ ସେ ତାଙ୍କର କୃପାର ହକ୍‌ଦାର ହୁଏ । ସେ କହନ୍ତି, " ତୁମେ ମୋତେ ଲୋଡିବା ମାତ୍ରକେ ମୋର କୃପାର ପାତ୍ର ହୋଇଯାଅ ।" ସେ ଆମ ମଧ୍ୟରେ ଅଛନ୍ତି । ଅସଲ କଥା ହେଲା କିମିତି ପୁଟପର୍ତ୍ତି ପହଞ୍ଚିବା । ଥରେ ତୁମେ ତୁମର ଅନ୍ତରଚେତନାର ସ୍ଥିତି ଓ ସ୍ତରକୁ ଜାଣିଯାଅ, ତାଙ୍କୁ ପାଇଯିବ । ବହୁବାର ସେ ଦୁର୍ଦ୍ଦଶାଗ୍ରସ୍ତ ବ୍ୟକ୍ତିଙ୍କର ଉଦ୍ଧାରକୁ ଆସିଥାନ୍ତି । ଏହା ମାନେ ନୁହେଁ ଯେ କଷ୍ଟ ଭୋଗୁଥିବା ପ୍ରତ୍ୟେକେ ଉଦ୍ଧାର ପାଇଯିବେ, କାରଣ ସେମାନଙ୍କ ଦୁଃଖକଷ୍ଟର କାରଣ ହେଲା ସେମାନଙ୍କ କର୍ମଫଳ । ଜଣେ ଅନ୍ଧଲୋକ ତାଙ୍କ ପାଖକୁ ଆସିଲେ, ସ୍ୱାମୀ ହଠାତ୍ ତା ପ୍ରତି ଦୟାପରବଶ ହୋଇ ଯାଇ ନଥାନ୍ତି । ସେ କହନ୍ତି, "ମୁଁ ଜାଣେ ସେ ପୂର୍ବଜନ୍ମରେ କିଭଳି ଅନ୍ୟ ଜଣଙ୍କର ଆଖି ଓପାଡି ଦେଇଥିଲା । ସେ ତା' କୃତ କର୍ମର ଫଳ ଭୋଗୁଛି । ତୁମେ ଲୁଣ ଖାଇଲେ ଶୋଷ ହେବ । ଶୋଷ ହେଲେ ପାଣି ପିଇବାକୁ ହେବ । ଏହା ଲୁଣ ଖାଇବାର ଫଳ । ନ୍ୟୁୟର୍କ ବିଶ୍ୱବିଦ୍ୟାଳୟରେ ବାନେର୍ଜି ନାମକ ଜଣେ ଅଧ୍ୟାପକ ଥା'ନ୍ତି । ସେ ଦୃଷ୍ଟିହୀନ ଥିଲେ । ସ୍ୱାମୀ ତାଙ୍କୁ କହିଲେ, "ନା, ନା, ତୁମେ ଯାହା ଚାହିଁଥିଲ, ତାହା ପାଇଲ । ମୋତେ ଲୋଡିବା ମାତ୍ରକେ ମୋର କୃପାର ପାତ୍ର ହେବ" । ଏହା ମାନେ ନୁହଁ ଯେ ଯିଏ ଚାହିଁବ ସେ କୃପା ପାଇଯିବ ।

ଏହି ପତ୍ରରେ, ସ୍ୱାମୀ ଜନୈକ ଭଦ୍ରମହିଳାକୁ ଯେଭଳି ଉଦ୍ଧାର କଲେ, ତାହା ଥିଲା ଏକ ଚମତ୍କାର ଏବଂ ଏହାର ଉଦ୍ଦେଶ୍ୟ ଥିଲା ଭଗବାନ ଯେ ମାନବ ସମାଜ ମଧ୍ୟରେ ଅବତୀର୍ଣ୍ଣ ହୋଇଛନ୍ତି, ତାହା ସମସ୍ତେ ଜାଣନ୍ତୁ । ସ୍ୱାମୀ କହନ୍ତି ଯେ ତାଙ୍କର ଅଲୌକିକତା ହାତୀ ଦେହରେ ମଶା ଭଳି । ମଶାର ଆକାରକୁ ବଢେଇ ତାକୁ ହାତୀର ରୂପ ଦେବା ଠିକ୍ ନୁହେଁ । ଚମତ୍କାରିତା ସେମିତି କିଛି ବଡ କଥା ନୁହେଁ । ବେଦରେ ପରମ ପୁରୁଷଙ୍କର ବର୍ଣ୍ଣନା କରାଯାଇ କୁହାଯାଇଛି, "ଅତ୍ୟତିଷ୍ଠତ୍ ଦଶାଙ୍ଗୁଳମ୍" । ତୁମେ ହୁଏତ ଭାବିବ ଯେ ଏହାର ପରିଧି କେତେ ସହସ୍ର ଆଲୋକ ବର୍ଷ; କିନ୍ତୁ ତୁମେ ଯାହା ଭାବିଥିବ, ତାହା ଅପେକ୍ଷା ସେହି ପରମ ପୁରୁଷ ଆଉ ଦଶ ଇଞ୍ଚ ବଡ ହୋଇଯିବେ । ତୁମେ ଯେତିକି କଳ୍ପନା କରିଥିବ, ତାହା ଅପେକ୍ଷା ଆଉ ଦଶଇଞ୍ଚ ଅଧିକ ! ଏହା ସମୁଦ୍ରରେ ଭାସୁଥିବା ପ୍ରକାଣ୍ଡ ଏକ ବରଫଖଣ୍ଡ ଭଳି । ଆମେ ଯାହା ଦେଖୁଛେ, ତାହା ଚାରିଭାଗରୁ ଭାଗେ ମାତ୍ର, ଆଉ ତିନିଭାଗ ଆମ

କଳ୍ପନାର ବାହାରେ । ଅଲୌକିକତା ଭଗବାନ ଯେ ଆସି ଯାଇଛନ୍ତି, ତାହା ଘୋଷଣା କରେ । ମନେକର ସହରକୁ ସର୍କସ ଆସିଛି ସର୍କସବାଲା ତାହା କିମିତି ଘୋଷଣା କରେ ? ସେମାନେ କାନ୍ଥବାଡରେ ବିଜ୍ଞାପନ ପତ୍ର ମାରି ତାହା ଘୋଷଣା କରନ୍ତି । ଗୋଟିଏ ବିଜ୍ଞାପନ ପତ୍ରରେ ହାତୀ ସାଇକେଲ୍ ଚଢୁଥିବା ଦୃଶ୍ୟ ଥାଏ । ଆଉ ଏକ ବିଜ୍ଞାପନ ପତ୍ରରେ ମାଙ୍କଡ ସ୍କୁଟରରେ ବସିଥିବା ଦୃଶ୍ୟ ଥାଏ ! ଏସବୁ ଦୃଶ୍ୟ ଦେଖିଲେ ଆଶ୍ଚର୍ଯ୍ୟ ଲାଗେ । ସ୍ୱାମୀଙ୍କର ଚମତ୍କାରିତା ମଧ୍ୟ ଠିକ୍ ଏହିଭଳି । ଭଗବାନ ଧରାପୃଷ୍ଠରେ ଅବତୀର୍ଣ୍ଣ ହୋଇଥିବା ସମ୍ବାଦ ସମସ୍ତେ ଜାଣିବା ପାଇଁ ତାହା ପ୍ରଚାର ପତ୍ରର କାର୍ଯ୍ୟ କରେ । ଗୋଟିଏ ପ୍ରଚାର ପତ୍ର ଅଷ୍ଟ୍ରେଲିଆରେ ମରା ହୋଇଥାଏ ତ, ଆଉ ଗୋଟିଏ ଏଲ୍ ସାଲ୍‌ଭେଡରରେ, ଆଉ ଗୋଟିଏ ସାନ୍‌ଦିଆଗୋରେ ।

ଏଥର ସେହି ଚିଠିରେ ଥିବା କଥା ପ୍ରତି ନଜର ଦେବା । "ଗାଧୁଆଘର ଭିତରୁ ଏକ କରୁଣ ଚିତ୍କାର ହଠାତ୍ ଘର ଭିତରର ଶାନ୍ତି ଭଙ୍ଗ କଲା । ବସନ୍ତା ତାହା ଶୁଣି ବୈଠକ ଘରୁ ଭୟରେ ଧାଇଁ ଆସିଲା । ସେ ଗାଧୁଆଘରର ବନ୍ଦ କବାଟକୁ ଜୋରରେ ବାଡଉଥାଏ । ଗୌରୀ ଭିତରୁ କବାଟଟି ବନ୍ଦ କରିଦେଇଥାଏ ଏବଂ ହଠାତ୍ ପିଠିପଟେ ଏକ ଦାରୁଣ ବ୍ୟଥା ତାକୁ ଅଚଳ କରି ଦେଇଥାଏ । ଧୀରେ ଧୀରେ ଚାଲି ସେ କବାଟର କିଳିଣୀଟି ଖୋଲିଲା । ବସନ୍ତା ଧାଇଁ ଯାଇ ତା' ହାତକୁ ଧରି ତାକୁ ଶୋଇବା ଘର ଯାଏଁ ଆସିବାରେ ସାହାଯ୍ୟ କଲା । ଗୌରୀ ପ୍ରଚଣ୍ଡ କଷ୍ଟ ଭୋଗୁଥାଏ, ଶେଯରେ ଚିତ୍ ହୋଇ ପଡ଼ି ରହିଥାଏ । ଘରର ଡାକ୍ତରଙ୍କୁ ଡକାଗଲା । ସେ ଆସି ପରୀକ୍ଷା କରି କହିଲେ ମାଂସପେଶୀ ମଚ୍‌କି ଯାଇଛି । ଇଞ୍ଜେକସନ୍, ଔଷଧ ଦିଆଗଲା । ଗୌରୀକୁ ନିଦ ଆସି ଆଉ କଷ୍ଟ ଜଣାପଡ଼ିଲା ନାହିଁ ।" ଡାକ୍ତରମାନେ ଏହା ହିଁ କରିଥାନ୍ତି । ଭଗବାନ ମଧ୍ୟ ଆମକୁ ଆମ କଷ୍ଟ ଜାଣିବାକୁ ଦିଅନ୍ତି ନାହିଁ । ସ୍ୱାମୀ କହନ୍ତି, ତୁମକୁ ତୁମ କର୍ମଫଳଜନିତ କଷ୍ଟ ଭୋଗିବାକୁ ହେବ କାରଣ ତୁମେ ହିଁ ତାହା ଚାହିଁଥିଲ । ତେବେ ଈଶ୍ୱରଙ୍କ କୃପା ଥିଲେ, ସେ ତୁମକୁ ତୁମ କଷ୍ଟ ଜାଣିବାକୁ ଦିଅନ୍ତି ନାହିଁ । ସ୍ୱାମୀ ତୁମ ଉପରେ ଏଭଳି କୃପା ଢାଳି ଦେଇ ପାରନ୍ତି ।

"ଏହି ଘଟଣା ଘଟିଥିଲା ୧୯୮୨ ଡିସେମ୍ବର ୨୧ ତାରିଖ ଦିନ । ଶୈଶବରୁ ହିଁ ଗୋରୀ ଭାରି ଚଞ୍ଚଳ ଝିଅ ଥାଏ । ପଢ଼ାପଢ଼ିରେ ଭଲ ହେବା ସଙ୍ଗେ ସଙ୍ଗେ ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଧ୍ୟ ସେ ଭାଗ ନେଉଥାଏ । ଆଲୋଚନାଚକ୍ର, ନୃତ୍ୟାଭିନୟ, ସାହିତ୍ୟ ଆସର - ସବୁଠେ ସେ ଉତ୍ସାହର ସହ ଭାଗ ନେଉଥାଏ । ମାତ୍ର ସାତବର୍ଷ ବୟସରେ ତାଞ୍ଜୋର ଘରାନାର ଜଣେ ପ୍ରସିଦ୍ଧ ଗୁରୁଙ୍କଠାରୁ ସେ ଭାରତନାଟ୍ୟମ୍ ମଧ୍ୟ ଶିଖୁଥାଏ । ଦୀର୍ଘ ଦଶବର୍ଷ ଭାରତନାଟ୍ୟମ୍ ଶିକ୍ଷା କରି ୧୯୭୯ରେ ପ୍ରଥମ ଥର ପାଇଁ ସେ ତାର ନୃତ୍ୟ ସର୍ବସାଧାରଣରେ ପରିବେଷଣ କରିଥାଏ । ପରବର୍ତ୍ତୀ ସମୟରେ ସେ ବମ୍ବେର ଷଣ୍ମୁଖାନନ୍ଦ ହଲ୍, ଭାରତୀୟ ସମାଜ, ସୁବ୍ରମଣ୍ୟ ସମାଜ, ବିଶ୍ୱେଶ୍ୱରୟା ହଲ୍, ଆସ୍ତିକ ସମାଜ ଆଦି ସ୍ଥାନରେ, ବାଙ୍ଗାଲୋର୍‌ର ଚୈଡେୟା ମେମୋରିଅଲ୍ ହଲ୍‌ରେ ଏବଂ ଅହମଦାବାଦ୍‌ର ରବୀନ୍ଦ୍ର

ଭବନରେ ତାର ନୃତ୍ୟ ପ୍ରଦର୍ଶନ କରିଥାଏ । ସେ ଏକ ନୃତ୍ୟଗୋଷ୍ଠୀର ସଭ୍ୟ ରୂପେ ଥରେ ନେପାଳ ଯାଇଥିଲା । ନଭେମ୍ବର ୧୯୮୨ରେ ଏସିଆଡ଼୍ ପ୍ରେକ୍ଷାଳୟରେ ଭାରତନାଟ୍ୟମ୍ ପରିବେଷଣ କରିଥିବା ନୃତ୍ୟଗୋଷ୍ଠୀର ସେ ଅନ୍ୟତମ ନର୍ତ୍ତକୀ ଥାଏ । ଜଣେ ପ୍ରତିଷ୍ଠିତ ନର୍ତ୍ତକୀ ହିସାବରେ ତାର ସୁନାମ ଥାଏ । ୧୯୮୨ ମସିହା ଡିସେମ୍ବର ୨୩ ତାରିଖ ଦିନ ପ୍ରଦର୍ଶିତ ହେବା ପାଇଁ ଥିବା ନୃତ୍ୟର ପ୍ରସ୍ତୁତିରେ ବ୍ୟସ୍ତ ଥିବା ସମୟରେ ତାର ଏହି ଦୁର୍ଯୋଗ ଘଟିଲା । ବହୁ ପ୍ରସିଦ୍ଧ ଡାକ୍ତର, ଶଲ୍ୟ ଚିକିତ୍ସକ ଓ ବିଶେଷଜ୍ଞ ତାକୁ ପରୀକ୍ଷା କରି ଦେଖିଲେ । ଅତି ନିକଟରୁ ନିଆଯାଇଥିବା ରଞ୍ଜନ ରଶ୍ମି ଏବଂ ଏକାଧିବାର କରାଯାଇଥିବା ଡାକ୍ତରୀ ପରୀକ୍ଷାରୁ ସେ କିଛି ଆଘାତ ପାଇଥିବା ବା ତାର ଶରୀର ଅସୁସ୍ଥ ଥିବାର କିଛି ଡାକ୍ତରୀ ପ୍ରମାଣ ମିଳିଲା ନାହିଁ । ୧୯୮୩ ମସିହା ଜାନୁଆରୀ ମାସ ମଧ୍ୟ ଭାଗରେ ଭୀଷଣ ଭାବେ ଅଣ୍ଟା ଧରିଦେବା ଫଳରେ ସେ ଦାରୁଣ ଯନ୍ତ୍ରଣା ଓ କ୍ଳାନ୍ତି ଅନୁଭବ କଲା । ଜଣେ ବିଶିଷ୍ଟ ଅସ୍ଥିଶଲ୍ୟ ଚିକିତ୍ସକ ତାକୁ ପରୀକ୍ଷା କରି ଅନୁମାନ କଲେ ଯେ ସେ ଏକ ସାଂଘାତିକ ସ୍ନାୟବିକ ରୋଗରେ ପୀଡ଼ିତ । ତେଣୁ ସେ ସେହି ଅନୁଯାୟୀ ତାର ଚିକିତ୍ସା ଆରମ୍ଭ କଲେ । ଏଥର ସେ ସାମାନ୍ୟ ଉପଶମ ଲାଭ କଲା, କିନ୍ତୁ ତାର ଅଣ୍ଟା ବ୍ୟଥା ପୂର୍ବଭଳି ଥାଏ । ତାକୁ ବସିବାରେ ଭାରି କଷ୍ଟ ହେଉଥାଏ ଏବଂ ସେ ସିଧା ଚାଲି ନପାରି ନଇଁ ନଇଁ ଚାଲୁଥାଏ । ଜଣେ କେହି ସାହାଯ୍ୟ ନକଲେ ଶେଯରେ ଶୋଇବା ମଧ୍ୟ ତା ପାଇଁ କଷ୍ଟ ହେଉଥାଏ । ଭୀଷଣ ଭାବେ ତା ଦେହ କମ୍ପୁଥାଏ । ମାସ ପରେ ମାସ ଗଭୀର ଯନ୍ତ୍ରଣା ମଧ୍ୟରେ ଗୌରୀର ଏବଂ ଆମ୍ଭମାନଙ୍କର ଦିନ କଟୁଥାଏ । ବହୁ ଜ୍ୟୋତିଷ ଓ ତାନ୍ତ୍ରିକଙ୍କର ପରାମର୍ଶ ନିଆଗଲା । କେତେକ କହିଲେ, ସେ ହୁଏତ କୌଣସି କୁଦୃଷ୍ଟିର ଶିକାର ହୋଇଛି । ତାର ପ୍ରତିକାର ପାଇଁ ଅନେକ ପୂଜା କରାଗଲା । ଅସ୍ଥିଶଲ୍ୟ ଚିକିତ୍ସକ ତାଙ୍କର ଚିକିତ୍ସା ଜାରି ରଖିଥାନ୍ତି । ୧୯୮୩ ମେ ମାସ ବେଳକୁ ଗୌରୀର ସ୍ୱାସ୍ଥ୍ୟରେ ଉନ୍ନତି ହେଲା । ସେ କିଛି ସମୟ ବସି ପାରୁଥାଏ ଓ ସଳଖରେ ଛିଡ଼ା ହୋଇ ପାରୁଥାଏ । ୧୯୮୩ ଅକ୍ଟୋବର ପରେ ତାର ସ୍ୱାସ୍ଥ୍ୟର କ୍ରମୋନ୍ନତି ପରିଲକ୍ଷିତ ହେଉଥାଏ, କିନ୍ତୁ ତାହା ଅଚିରେ ଭୁଲ ପ୍ରମାଣିତ ହେଲା । ଦିନରେ ବହୁବାର ତା ଦେହରେ ଯନ୍ତ୍ରଣାର ଝଟକା ଲାଗୁଥାଏ ଏବଂ ସନ୍ଧ୍ୟାରେ ସେ ଭାରି ଛଟପଟ ହେଉଥାଏ । ନଭେମ୍ବର ବେଳକୁ ତା' ଅବସ୍ଥା ଖରାପ ଆଡ଼କୁ ଗତି କଲା । ସେ ବେକ ଓ କାନ୍ଧରେ ଖୁବ୍ ଯନ୍ତ୍ରଣା ଅନୁଭବ କଲା । ଦିନ, ଦିନ, ସପ୍ତାହ, ସପ୍ତାହ ଧରି ସେ ଭାରି କଷ୍ଟ ପାଉଥାଏ । ୧୯୮୩ ଡିସେମ୍ବର ବେଳକୁ ତାର ଦୁରାରୋଗ୍ୟ ଘଟି ବର୍ଷେ ପୂର୍ତ୍ତି ହେବାକୁ ଥାଏ । ସେହି ସମୟରେ ଗୌରୀର ଜଣେ ସହପାଠିନୀ, ତାର ସ୍ୱାସ୍ଥ୍ୟ କିମିତି ଅଛି ବୁଝିବା ପାଇଁ ଆସିଲେ । ତାର ଅବସ୍ଥା ଦେଖି ତାଙ୍କୁ ଖୁବ୍ ବାଧିଲା । ତା'ପାଇଁ କିଛି କରିବାକୁ ହେବ ବୋଲି ସେ ମନେ ମନେ ସ୍ଥିର କଲେ । ସେ ଘରକୁ ଫେରି ଗୌରୀର ଅସୁସ୍ଥତା ସମ୍ବନ୍ଧରେ ତାଙ୍କ ମା'ଙ୍କୁ କହିଲେ । ଗୌରୀର ସାଙ୍ଗ ଓ ତାଙ୍କର ମାଁ, ଉଭୟେ ଶ୍ରୀ

ସତ୍ୟସାଇ ବାବାଙ୍କର ଏକନିଷ୍ଠ ଭକ୍ତ ଥା'ନ୍ତି । ସେମାନେ ସେମାନଙ୍କର ଅଧିକାଂଶ ସମୟ ଦୁଃସ୍ଥ, ଦରିଦ୍ର, ବୃଦ୍ଧ ଓ ରୁଗ୍ଣଙ୍କ ସେବାରେ ବିତାଉଥାନ୍ତି । ସେମାନେ ବାବାଙ୍କୁ ଗୌରୀକୁ ରୋଗମୁକ୍ତ କରିବା ପାଇଁ ପ୍ରାର୍ଥନା କରିବେ ବୋଲି ସ୍ଥିର କଲେ । ଉଭୟେ ଗୌରୀର ଘରକୁ ଗଲେ । ଗୌରୀ ଓ ତାର ମାଁ ସେମାନଙ୍କୁ ସାଦରେ ଗ୍ରହଣ କଲେ । ଗୌରୀର ଅବସ୍ଥା ଦେଖି ସେମାନେ ଖୁବ୍ ଦୁଃଖ ପାଇଲେ । ସେମାନେ ମୃଦୁ ମଧୁର ସ୍ୱରରେ ତା'ସଙ୍ଗେ କଥା ହେଲେ, ତାକୁ ସାନ୍ତ୍ୱନା ଦେଲେ ଏବଂ ଭଗବାନଙ୍କୁ ପ୍ରାର୍ଥନା କରିବା ପାଇଁ ବୁଝେଇଲେ । ଗୌରୀ ହାତରେ ଏକ ବିଭୂତି ପୁଡ଼ା ଦେଇ, ଶରୀରର ଯେଉଁ ଭାଗରେ ତାକୁ କଷ୍ଟ ହେଉଛି, ସେହିଠାରେ ଲଗାଇବା ପାଇଁ ଏବଂ ବ୍ୟଥା ଅତ୍ୟଧିକ ହେଲେ ସେହି ବିଭୂତିରୁ କିଛି ପାଣିରେ ଗୋଳେଇ ପିଇବା ପାଇଁ ତାକୁ ବୁଝେଇଲେ । ସେମାନେ ତାହା ସତ୍ୟସାଇ ବାବାଙ୍କର ବିଭୂତି ବୋଲି ଆମକୁ କହିଥାନ୍ତି । ବିଭୂତି ଖାଇବାର କିଛି କ୍ଷତି ନାହିଁ ବୋଲି ଆମେ ଭାବିଲୁ । ଆମେ ତ ଏମିତି ସବୁ ପ୍ରକାର ଉପଚାର ସାରିଥିଲୁ, ୟା'କୁ ମଧ୍ୟ ଚେଷ୍ଟା କରାଯାଉ ବୋଲି ଭାବିଲୁ । କିନ୍ତୁ, ଗୌରୀର ସାଙ୍ଗ ଓ ତା'ର ମାଁ କହିଲେ, "ଏଥିଲାଗି କିନ୍ତୁ ଆପଣଙ୍କର ବାବାଙ୍କ ଉପରେ ପୂର୍ଣ୍ଣ ଆସ୍ଥା ରହିବା ଦରକାର ।" ଆମେ ଭାବିଲୁ, "ଏହା କିଭଳି ସମ୍ଭବ ! ଏଇ ମାତ୍ର ଆମେ ତାଙ୍କ ନାମ ଶୁଣିଲୁ, ହଠାତ୍ ପୂର୍ଣ୍ଣ ଆସ୍ଥା ଆସିବ କେଉଁଠୁ ?" ସେମାନେ କିନ୍ତୁ ବିଭୂତିର ଶକ୍ତି ସମ୍ବନ୍ଧରେ ଆମକୁ କହି ଚାଲିଥାନ୍ତି । ସେମାନଙ୍କ ହାତରେ ଗୋଟିଏ ଭିଡ଼ିଓ କ୍ୟାସେଟ୍ ଥାଏ, ଯାହା ସେମାନେ ଅନ୍ୟତ୍ର ଦେଖେଇବା ପାଇଁ ଆଣିଥାନ୍ତି । ଆମେ ତାହା ଦେଖି ପାରିବୁ କି ବୋଲି ତାକୁ ପଚାରିଲୁ । ସେମାନେ କ୍ୟାସେଟ୍‌ଟି ଆମେ ହାତକୁ ଦେଇ, ଆମକୁ ବିଭୂତି ବ୍ୟବହାର କରିବା ପାଇଁ ପୁଣି ଥରେ ମନେ ପକେଇ କହିଲେ ।" "ଶ୍ରୋତ୍ରବ୍ୟ" ମାନେ ଭଗବାନଙ୍କ ସମ୍ବନ୍ଧରେ ଶୁଣିବା, "ଦ୍ରଷ୍ଟବ୍ୟ" ମାନେ ଭଗବାନଙ୍କୁ ଦେଖିବା । ଭିଡ଼ିଓରେ ସ୍ୱାମୀଙ୍କ ରୂପକୁ ଦେଖିବା ହେଉଛି "ଦ୍ରଷ୍ଟବ୍ୟ" । ଆମ ମନରେ ବହୁ ପ୍ରକାର ସନ୍ଦେହ ଥାଏ । ତାଙ୍କ ଉପରେ ବିଶ୍ୱାସ କିମିତି ଆସିବ ? ସତ୍ୟସାଇ ବାବା କିଏ ? ସେ ଦେଖିବାକୁ କିମିତି ? ଯେ ବିଭୂତି କ'ଣ ? ଏତେସବୁ ସନ୍ଦେହ ! ଘରେ ସମସ୍ତେ ଏକାଠି ହୋଇ କ୍ୟାସେଟ୍‌ଟି ଦେଖିଲୁ । ଯାହା ଦେଖିଲୁ, ସେଥିରେ ମନ୍ତ୍ରମୁଗ୍ଧ ହୋଇଗଲୁ । ଲୋହିତ ବସ୍ତ୍ର ପରିହିତ ବାବାଙ୍କର କମନୀୟ ବିଗ୍ରହ ଦେଖି ଆମେ ଆକୃଷ୍ଟ ହେଲୁ । ଶ୍ରଦ୍ଧାଳୁ ଭକ୍ତମାନେ ତାଙ୍କୁ ସେମାନଙ୍କର ଭକ୍ତି ଜଣାଉଥାନ୍ତି । କରୁଣାର ମୂର୍ତ୍ତିମନ୍ତ ଅବତାର ! ତତ୍‌କ୍ଷଣାତ୍ ସେ ଶୂନ୍ୟରେ ହାତ ଘୂରେଇ ଆଣି ବିଭୂତି ସୃଷ୍ଟି କଲେ । ତାହା ସେ ପାଖରେ ବସିଥିବା ଭକ୍ତମାନଙ୍କୁ ଦେଲେ । ଶିରିଡ଼ି ବାବାଙ୍କ ବିଗ୍ରହକୁ ଏକ ଓଲଟ କଳସରୁ କ୍ଷରିତ ବିଭୂତିରେ ଅଭିଷେକ କରିବା ସେହି ଦୃଶ୍ୟ ଦେଖି ଆମେ ଆମ ଆଖିକୁ ବିଶ୍ୱାସ କରିପାରୁନଥିଲୁ । ତାଙ୍କର "ସତ୍ୟ, ଧର୍ମ, ଶାନ୍ତି, ପ୍ରେମର ସନ୍ଦେଶ, ଗୋଟିଏ ଧର୍ମ - ତାହା ପ୍ରେମର ଧର୍ମ, ଏକ ଈଶ୍ୱର, ସେ ସର୍ବ ବିଦ୍ୟମାନ" - ତାଙ୍କର ଏ ସମସ୍ତ ଉକ୍ତି ମନରେ

ମାନବଜାତିର ଏକତ୍ୱ ଭାବର ଉଦ୍ରେକ କଲା । ଆମେ ତାହା ଶୁଣି ବିହ୍ୱଳିତ ହେଲୁ । ବାବାଙ୍କର ଦେଦୀପ୍ୟମାନ ରୂପ ଆମକୁ ଚକିତ କଲା । ତାଙ୍କୁ ଯେ ଆଗରୁ ଦର୍ଶନ କରି ପାରିନଥିଲୁ, ତାହା ଭାବି ମନେ ମନେ ଦୁଃଖ କଲୁ । କିନ୍ତୁ ଏଥିରେ ଭାବିବାର କିଛି ନାହିଁ, ବାବାଙ୍କ ପାଖକୁ ଆସିବାରେ ବିଳମ୍ବ ବୋଲି କିଛି ନାହିଁ । ତାଙ୍କୁ ଆମେ ବାରମ୍ବାର ଦର୍ଶନ କରୁଥାଉ । ଯେତିକି ଅଧିକ ଦର୍ଶନ କଲୁ ସେତିକି ଅଧିକ ଭଲ ପାଇ ବସିଲୁ । ତାହା ଏକ ଅପୂର୍ବ ଅନୁଭୂତି ଥିଲା । ପରଦିନ ସେହି ଦୁଇ ଭକ୍ତ ଆସିବା ବେଳକୁ ସେମାନଙ୍କ ହାତରେ ବାବାଙ୍କ ଜୀବନୀ ଓ ବାର୍ତ୍ତା ସମ୍ବନ୍ଧୀୟ ଦୁଇଟି ପୁସ୍ତକ ଥାଏ । ଏହାକୁ କୁହାଯାଏ "ମନ୍ତବ୍ୟ" - ଅର୍ଥାତ୍ ତାଙ୍କ ସମ୍ବନ୍ଧରେ ଜାଣିବା ।

"ଆମକୁ ଯେମିତି କୁହାଯାଇଥିଲା, ଆମେ ସେମିତି ବିଭୂତି ବ୍ୟବହାର କଲୁ । ସତକୁ ସତ, ବିଭୂତି ପାଣିରେ ଗୋଳେଇ ଖାଇବା ପରେ ବଥା କମି କୁଆଡ଼େ ଉଭେଇଗଲା ଭଳି ମନେ ହେଲା । ତାହା ତାକୁ ଟିକିଏ ପ୍ରଫୁଲ୍ଲ କଲା । ଏସବୁ କେମିତି ଘଟି ଯାଉଛି ! ଏହା ସ୍ୱପ୍ନ ନା ମନର କଳ୍ପନା ! ଏଥିରେ କିଛି ଛଳକପଟ ନାହିଁ ତ ? ଆଗକୁ କ'ଣ ହେଉଛି, ଆମେ ତାହା ଦେଖିବାକୁ ଇଚ୍ଛୁକ ଥିଲୁ । ଶେଷରେ ଦେହର ଯେଉଠେ ବେଶୀ କଷ୍ଟ ହେଉଥାଏ, ସେଠାରେ ବିଭୂତି ବୋଳାଗଲା ଏବଂ ବିଭୂତି ପାଣିରେ ଗୋଳେଇ ପିଇବାକୁ ଦିଆଗଲା । ଏଥିରେ ବଥା କମିଗଲା, ବିଶେଷ କରି କୋଲ ପଡ଼ିଯାଇଥିବା ବାମ ଭୁଜଟି ସ୍ୱାଭାବିକ ଅବସ୍ଥାକୁ ଫେରି ଆସିଲା । ଅବସ୍ଥାରେ ଉନ୍ନତି ହେବା ଦେଖି ଆମେ ଖୁସି ହେଉଥାଉ, କିନ୍ତୁ ଏଭଳି ନୂତନ ପ୍ରତିକାରକୁ ଦେଖି କାହାର କ'ଣ କୁଦୃଷ୍ଟି ପଡ଼ିବ ବୋଲି ଭୟରେ ଆମେ ଚୁପ୍ ରହିଥାଉ । ଆମ ପାଖରେ ଥିବା ବିଭୂତି କମି ଆସୁଥିବା ଦେଖି ଆମେ ବ୍ୟସ୍ତ ହେଉଥାଉ, କିନ୍ତୁ ଆମକୁ ଦେଖିବାକୁ ଆସୁଥିବା ଅନେକ ଭକ୍ତ ପୁଣି ଆମ ବିଭୂତି ପେଟି ଭରି ଦେଉଥାନ୍ତି । ଅସଲରେ ଗୌରୀ ଆଶ୍ଚର୍ଯ୍ୟଜନକ ଭାବେ ଯେଭଳି ଆରୋଗ୍ୟ ଲାଭ କଲା ଏବଂ ସେଥିରେ ବିଭୂତି ଯେଭଳି ଅଦ୍ଭୁତ ଚମତ୍କାର କଲା, ତାହା ଦେଖି ସେମାନେ ମଧ୍ୟ ବିସ୍ମିତ ହେଉଥାନ୍ତି । ପରବର୍ତ୍ତୀ ସପ୍ତାହଗୁଡ଼ିକରେ ଆହୁରି ଅନେକ କିଛି ଘଟିଲା । ଆମ ଘରକୁ ବାବା ସମ୍ପୂର୍ଣ୍ଣଭାବେ ଅଧିକୃତ କଲେ କହିବା ଠିକ୍ ହେବ । ଘରର କାନ୍ଥ ଓ ଟେବୁଲଗୁଡ଼ିକରେ ବାବାଙ୍କର ଛୋଟବଡ଼ ଅନେକ ଛବି ଭରିଗଲା । ତା'ପରେ ଆରମ୍ଭ ହେଲା ଭଜନ । ଭଜନଗୁଡ଼ିକର ଭାବ ଓ ଲାଳିତ୍ୟ ଆମ ହୃଦୟକୁ ସ୍ପର୍ଶ କରୁଥାଏ । ଅନ୍ୟ ସବୁ ପ୍ରକାର ସଙ୍ଗୀତ ପ୍ରତି ଆଗଭଳି ଆଉ ରୁଚି ନଥାଏ । ଭଗବାନଙ୍କର ଦିବ୍ୟ ହସ୍ତକ୍ଷେପକୁ ଆମେ ମର୍ମେ ମର୍ମେ ଅନୁଭବ କରୁଥାଉ । ଗୌରୀ ତା'ର ଏହି ନୂତନ ଉପଲବ୍ଧିରେ ଖୁବ୍ ଆନନ୍ଦିତ ଥାଏ । ହୁଏତ ଭଗବାନଙ୍କ ପ୍ରତି ତାର ଏହି ପ୍ରେମ, ଏଥିପୂର୍ବରୁ ତା' ମଧ୍ୟରେ ସୁପ୍ତ ଅବସ୍ଥାରେ ଥିଲା । ଆମେ ବାବାଙ୍କୁ ପ୍ରଗାଢ଼ ଭାବେ ସ୍ମରଣ କରି ବସିଥାଉ । ଆମେ ଭାବୁଥାଉ ଯେ ସେ ଆମ ଚାରିପାଖେ ଅଛନ୍ତି, ତେଣୁ ତାଙ୍କୁ ନୈବେଦ୍ୟ ନକରି ଆମେ କିଛି ଖାଇବା

ଠିକ୍ ହେବ ନାହିଁ । ତାଙ୍କର ଦିବ୍ୟ ଉପସ୍ଥିତି ହେତୁ ମନେ ହେଉଥାଏ, ସେ ଆମ ଘରେ ଅଛନ୍ତି । ଏ ସମସ୍ତ ଅନୁଭୂତି ପରେ ଥରେ ପୁଟ୍ଟପର୍ତ୍ତି ଯାଇ ଦେଖି ଆସିବା ପାଇଁ ଆମ ମନରେ ପ୍ରବଳ ଇଚ୍ଛା ହେଲା । ଆମେ ଶୁଣିବାକୁ ପାଇଲୁ ଯେ ପୁଟ୍ଟପର୍ତ୍ତିରେ ସବୁବେଳେ ଗହଳି ଥାଏ ଏବଂ ସେ ଗହଳି ମଧ୍ୟରେ ବାବାଙ୍କୁ ଦର୍ଶନ କରିବା ମଧ୍ୟ ଭାରି କଷ୍ଟ ହୁଏ । ଆମର ଜଣେ ବନ୍ଧୁ, ଯିଏ ଦୀର୍ଘଦିନ ଧରି ବାବାଙ୍କର ଜଣେ ଭକ୍ତ ଏବଂ ପୁଟ୍ଟପର୍ତ୍ତିକୁ ଘନ ଘନ ଯାଉଥାନ୍ତି, ସେ ଆମକୁ ସମ୍ପୂର୍ଣ୍ଣ ବିଶ୍ୱାସ ନେଇ ପୁଟପର୍ତ୍ତି ଯିବାକୁ ଉତ୍ସାହିତ କଲେ ଓ ଆଶ୍ୱାସନା ଦେଇ କହିଲେ ଯେ ସେଠାକୁ ବାହାରିଲେ ସବୁ କିଛି ଆପେ ଆପେ ଠିକ୍ ହୋଇଯିବ । ଯେତେବେଳେ ଗୌରୀ ମଧ୍ୟ ଆମ ସଙ୍ଗେ ପୁଟ୍ଟପର୍ତ୍ତି ଯିବାକୁ ବାହାରିଲା, ଆମେ ବିବ୍ରତ ହେଲୁ । ସେ ସେତେବେଳେ ଚାଲି ପାରୁନଥାଏ, ସାମାନ୍ୟ ଅସୁବିଧା ହେଲେ ବିଚଳିତ ହୋଇ ଉଠୁଥାଏ । ସେଭଳି ଅବସ୍ଥାରେ ସେ ରେଳରେ ୨୦ ଘଣ୍ଟା ଯାତ୍ରା କରି, ଫେର୍ ରାସ୍ତାରେ ଯାତ୍ରା କରି ପୁଟ୍ଟପର୍ତ୍ତି ପହଞ୍ଚିବ କିମିତି ? ଆମେ ତ ଏକଥା ଭାବି ପାରୁନଥାଉ । କିନ୍ତୁ ତା' ମୁହଁରେ ଦମ୍ଭ ଦେଖି ମନେ ହେଉଥାଏ, ସେ ନିଶ୍ଚୟ ପାରିବ । ଆମେ ଅତି ଶୀଘ୍ର ବୁଝିପାରିଲୁ ଯେ ଏଥିରେ ଆମର କିଛି କରିବାର ନାହିଁ, ତାର ସମସ୍ତ ନିଷ୍ପତ୍ତି ବାବା ନିଜେ ନେଉଛନ୍ତି ଏବଂ ସେ ହିଁ ଅତିଶୀଘ୍ର ତାର ସମସ୍ତ ବ୍ୟବସ୍ଥା କରିଦେବେ । ଆମେ ଯିବା ଦିନ ଆସି ପହଞ୍ଚିଲା । ତାହା ଥିଲା ୧୯୮୪ ମସିହା ଫେବୃୟାରୀ ମାସ ୭ ତାରିଖ । ଆମକୁ ଭି.ଟି. ଷ୍ଟେସନ ଯାଇ ରେଳ ଧରିବାର ଥିଲା । ଆମେ ସକାଳ ୮ଟାରେ ଘର ଛାଡ଼ିଲୁ । ଆମ ଘରଟି ଦ୍ୱିତୀୟ ମହଲାରେ ଥାଏ । ଗତ ବର୍ଷେ ହେବ ସିଢ଼ି ଦେଇ ଉପରକୁ ତଳକୁ ଯିବା ଗୌରୀ ପକ୍ଷରେ ଭାରି କଷ୍ଟ ହେଉଥାଏ । ସେ ବର୍ତ୍ତମାନ ତଳକୁ ଯିବ କିମିତି ? ଆଶ୍ଚର୍ଯ୍ୟ ! ସେ ଚାଳିଶଟି ପାହାଚ ଅନାୟାସରେ ଓହ୍ଲାଇ ଆସିଲା । ତାପରେ ଷ୍ଟେସନଯାଏଁ ମଟରଗାଡ଼ିରେ ୫୦ କିଲୋମିଟରର ସୁଦୀର୍ଘ ଯାତ୍ରା । ବାଟସାରା ସେ କଷ୍ଟ ହେଉଥିଲେ ମଧ୍ୟ ଚୁପ୍‌ଚାପ୍ ବସିଥାଏ । ରେଳଡବା ପାଖରେ ଯେତେବେଳେ ପହଞ୍ଚିଲା, ତାକୁ ଡବା ଭିତରକୁ ପା'ଦାନ ଦେଇ ଉପରକୁ ଉଠିବାକୁ ହେବ । ଗତ ଏକ ମାସ ଧରି ସେ ତୀବ୍ର ଯନ୍ତ୍ରଣା ଅନୁଭବ କରୁଥାଏ । ତେଣୁ ସେ ଡବା ଭିତରକୁ ଉଠିବ କିପରି ଭାବି ଆମେ ଭାରି ବ୍ୟସ୍ତ ହେଉଥାଉ । ଆମେ ଅନୁଭବ କରୁଥାଉ ଯେ ଏକ ଅଦୃଶ୍ୟ ଦିବ୍ୟ ହସ୍ତ ସବୁ ସମୟରେ ତାକୁ ସାହାଯ୍ୟ କରୁଛି, ସାନ୍ତ୍ୱନା ଦେଉଛି । ସେ ଡବା ଭିତରକୁ ଉଠିଗଲା ଓ ନୀରବରେ ଯାଇ ତା ଯାଗାରେ ବସିଲା । ରେଳ ଚାଲୁଥିବା ଅବସ୍ଥାରେ ସାମାନ୍ୟ ହଲ୍‌ଚଲ୍ ହେଲେ ତାକୁ କଷ୍ଟ ଲାଗୁଥାଏ, କିନ୍ତୁ ପର ମୁହୂର୍ତ୍ତରେ ବିଭୂତି ତାର କରାମତି ଦେଖାଉଥାଏ । ବିଭୂତି ଟିକିଏ ବୋଳି ହୋଇ ପାଟିରେ ପକେଇଲେ ସେ ଉତ୍‌ଫୁଲ୍ଲ ହୋଇ ଉଠୁଥାଏ । ପରଦିନ ସକାଳେ ଆସି ଆମେ ଅନନ୍ତପୁରରେ ପହଞ୍ଚିଲୁ । ସେଠାରେ ମୋ ଝିଆରୀର ଘରଯାଏଁ ଆମେ ଏକ ରିକ୍‌ସାରେ ଗଲୁ । ଗୌରୀ କୌଣସିମତେ ଅତି କଷ୍ଟରେ ରିକ୍‌ସାରେ

ବସି ଯାଇ ପାରିଲା । ସେଠାରେ ପହଞ୍ଚିବା ପରେ ଆମ ଛାତିକୁ ଆଉ ଏକ ଛନକା ପଶିଲା । ମୋ ଝିଅଆରୀର ଘର ପ୍ରଥମ ମହଲାରେ ଥାଏ ଓ ସେଠାକୁ ଏକ ସରୁ ପାହାଚ ପଡ଼ିଥାଏ । ଗୌରୀ କଷ୍ଟେମଷ୍ଟେ ଏକ ପ୍ରକାର ଗୁରୁଣ୍ଡି ଗୁରୁଣ୍ଡି ଉପରକୁ ଉଠିଲା । ଆମେ ତାକୁ କିଛି ସମୟ ବିଶ୍ରାମ ନେବାକୁ କହିଲୁ । ତା'ପରେ ଗୋଟିଏ ଗାଡ଼ି ଭଡ଼ାକରି ପୁଟ୍ଟପର୍ତ୍ତି ଯାଏ ଯାତ୍ରା କଲୁ । ସକାଳ ପ୍ରାୟ ୮.୩୦ ସମୟରେ ଆମେ ପ୍ରଶାନ୍ତି ନିଳୟମ୍‌ରେ ଥାଉ । ସେଠାରେ ପହଞ୍ଚିବା ପରେ ଆମ ଆନନ୍ଦର ସୀମା ନଥାଏ । ପ୍ରଶାନ୍ତିରେ ଆମେ ଆମ ବନ୍ଧୁଙ୍କୁ ବହୁତ ଖୋଜିଲୁ, କିନ୍ତୁ କେହି ତାଙ୍କ ସମ୍ବନ୍ଧରେ ଆମକୁ କିଛି କହିପାରିଲେ ନାହିଁ । ଇତି ମଧ୍ୟରେ ଆମେ ଖବର ପାଇଲୁ ଯେ କଲେଜ୍ ପ୍ରେକ୍ଷାଳୟରେ ବାବା ତାଙ୍କର ଦିବ୍ୟ ସମ୍ଭାଷଣ ଦେବାର ଏକ କାର୍ଯ୍ୟକ୍ରମ ରହିଛି । ତେଣୁ ସକାଳର ଦର୍ଶନ ବାତିଲ୍ ହୋଇଛି । ଆମ ରହଣିର ସେ ଯାଏ କିଛି ବ୍ୟବସ୍ଥା ହୋଇ ନଥାଏ । ରହିବା ପାଇଁ ସେଭଳି କିଛି ସୁବିଧା ଯୋଗେଇ ଦିଆଯାଇ ପାରିବ ନାହିଁ ବୋଲି ଶୁଣିଲୁ । ଆମେ ପ୍ରଥମ କାମ ପ୍ରଥମେ କରିବାକୁ ସ୍ଥିର କଲୁ । ଜିନିଷପତ୍ର ଗୋଟିଏ ଯାଗାରେ ଗଦା କରି, ଯେଉଁ ରାସ୍ତା ଦେଇ ବାବା କଲେଜ୍ ପ୍ରେକ୍ଷାଳୟକୁ ଯିବେ, ସେହି ରାସ୍ତାକଡ଼ରେ ଛିଡ଼ା ହୋଇ ତାଙ୍କୁ ଦର୍ଶନ କରିବାକୁ ଧାଇଁଲୁ । ସେତେବେଳକୁ ସେଠାରେ ବହୁ ଭକ୍ତ ବାବାଙ୍କ ଆଗମନର ପ୍ରତୀକ୍ଷାରେ ନୀରବରେ ଠିଆ ହୋଇଥାନ୍ତି । ଆମେ ମଧ୍ୟ ସେମାନଙ୍କ ସଙ୍ଗେ ଯୋଗ ଦେଲୁ । ବାବାଙ୍କ ଗାଡ଼ି ସେହି ରାସ୍ତା ଦେଇ ଯିବା ସମୟରେ ଆମେ ତାଙ୍କୁ ଦର୍ଶନ କଲୁ । ବାବାଙ୍କୁ ଥରେ ଦେଖିବା ପାଇଁ ଆମ ମନରେ ଅଫୁରନ୍ତ ଇଚ୍ଛା ଥାଏ । ପ୍ରତ୍ୟେକେ ତାଙ୍କର ଦିବ୍ୟ ସମ୍ଭାଷଣ ଶୁଣିବା ପାଇଁ ପ୍ରେକ୍ଷାଳୟ ଅଭିମୁଖେ ଛୁଟିଥା'ନ୍ତି, କାରଣ ବାବା ସେଦିନ ସେ ସେହିମାତ୍ର ଏକ ଲମ୍ବା ଗସ୍ତ ସାରି ଦକ୍ଷିଣ ଭାରତରୁ ଫେରିଥିବା ତାଙ୍କର ଅନୁଭୂତି ସମ୍ବନ୍ଧରେ କହିବାର ଥାଏ । ଆମେ ମଧ୍ୟ ପ୍ରେକ୍ଷାଳୟକୁ ଯାଇ ତାଙ୍କର ସମ୍ଭାଷଣ ଶୁଣିବାକୁ ମନ ବଳେଇଲୁ । ଗୌରୀ ମଧ୍ୟ ଆମକୁ ସହଯୋଗ ଦେଲା । ବାବା ତାଙ୍କର ନିଜସ୍ୱ ଶୈଳୀରେ ବିଭିନ୍ନ ଉଦାହରଣ ଦେଇ ଓ ମଜା ମଜା କଥା କହି ପାଖାପାଖି ଦୁଇଘଣ୍ଟା ତାଙ୍କର ବକ୍ତବ୍ୟ ଦେଲେ । ଶ୍ରୋତାମାନେ ସମ୍ପୂର୍ଣ୍ଣ ମନୋନିବେଶ କରି ତାଙ୍କର ପ୍ରେମତତ୍ତ୍ୱ ଶୁଣୁଥା'ନ୍ତି । ବାବା ତାଙ୍କର ଦକ୍ଷିଣ ଭାରତ ଯାତ୍ରାକାଳୀନ ଅନେକ ଘଟଣା ବର୍ଣ୍ଣନା କରୁଥାନ୍ତି । ସମ୍ଭାଷଣ ଶେଷରେ ସେ ଭଜନ ଗାଇବା ଆରମ୍ଭ କଲେ । ସମଗ୍ର ପରିବେଶ ଦିବ୍ୟ ନାମରେ ସ୍ପନ୍ଦିତ ହେଲା । ଶ୍ରୋତାମଣ୍ଡଳୀ ଅଦମ୍ୟ ଉତ୍ସାହରେ ବାବାଙ୍କ ସହ ପାଳି ଧରି ଗାଉଥାନ୍ତି । ପ୍ରଚଣ୍ଡ ଖରାରେ ଦୀର୍ଘ ସମୟ ଛିଡ଼ା ହେବା ଫଳରେ ଗୌରୀ କ୍ଳାନ୍ତ ହୋଇ ଯାଇଥାଏ । ଆମର ସେ ଯାଏ ରହିବାର କୌଣସି ବ୍ୟବସ୍ଥା ହୋଇ ନଥାଏ । ଗୌରୀ ତୀବ୍ର ଯନ୍ତ୍ରଣା ଅନୁଭବ କରୁଥାଏ । ସେ ମୂର୍ଚ୍ଛିତ ହୋଇ ଉକ୍ତ ଭବନର ବାହାରେ ଥିବା ପାଚିରି କାନ୍ଥ ଉପରେ ପଡ଼ିଗଲା । ସେଠାରେ ଥିବା ସହୃଦୟ ସେବାଦଳ କର୍ମୀମାନେ ତାକୁ ସାହାଯ୍ୟ କରିବା ପାଇଁ ଧାଇଁ ଆସିଲେ ଏବଂ ତାକୁ ଟିକିଏ ଆରାମ ଦେବା

ପାଇଁ ତା' ମୁଣ୍ଡତଳେ ମୁଚୁଳା ଦେଇ ତାକୁ ଶୁଏଇ ଦେଲେ । ଆମେ ବ୍ୟସ୍ତ ହେଉଥିବା ଦେଖି ସେମାନେ ଆମକୁ ଧୈର୍ଯ୍ୟ ଦେଇ କହୁଥାନ୍ତି ଯେ ବାବାଙ୍କ ଦୟାରୁ ସେ ଶୀଘ୍ର ଭଲ ହୋଇଯିବ । ଆମେ ମନେ ମନେ କେବଳ ତାର ମଙ୍ଗଳ କାମନା କରୁଥାଉ । ଅପରାହ୍ଣରେ ଆମେ ଆମ ବନ୍ଧୁଙ୍କୁ ଖୋଜି ପାଇଲୁ, ରହିବାର ମଧ୍ୟ ଯୋଗାଡ଼ ହୋଇଗଲା । ଗୌରୀ ତଳେ ବସି ପାରୁନଥିବା ହେତୁ ଆମେ ତା ପାଇଁ ଗୋଟିଏ ଖଟ ଓ ଚୌକୀର ବ୍ୟବସ୍ଥା କଲୁ । ବିଗତ କେତେ ବର୍ଷ ଧରି ସେ ତଳେ ବସି ପାରୁନଥାଏ । ସନ୍ଧ୍ୟା ଦର୍ଶନ ପାଇଁ ତା ଚୌକୀ ଓ ତକିଆ ସଜାଗଲା । ଅସୁସ୍ଥ ଥିବା ଲୋକମାନେ ବସିବା ପାଇଁ ବିଶେଷ ବ୍ୟବସ୍ଥା ହୋଇଥାଏ । ଅନେକ ଭିନ୍ନକ୍ଷମ ବ୍ୟକ୍ତି ବାବାଙ୍କ ଦର୍ଶନ ପାଇଁ ଚୌକୀରେ ବସି ରହିଥାନ୍ତି । ଗୌରୀ ଯାଇ ସେମାନଙ୍କ ମେଳରେ ବସିଲା । ସନ୍ଧ୍ୟା ୪.୩୦ରେ ଲାଲ୍ ବସ୍ତ୍ର ପରିହିତ ବାବା ବାହାରକୁ ଆସିଲେ । ବାବା ଆସିବା ମାତ୍ରକେ ସର୍ବତ୍ର ସମ୍ପୂର୍ଣ୍ଣ ନୀରବତା ଓ ଶୃଙ୍ଖଳା ସେହି ସମୟର ବିଶେଷ ଆକର୍ଷଣ ଥିଲା । ସେ ମନ୍ଥର ଗତିରେ ଚାଲି ଚାଲି ଆସିଲେ, ଦେଖିଲେ ମନେ ହେଉଥାଏ, ସତେ ଯେମିତି ଭାସି ଭାସି ଆସୁଛନ୍ତି । ଭକ୍ତମାନେ ତାଙ୍କୁ ହୃଦୟଭରି ଦର୍ଶନ କରୁଥାନ୍ତି । ଆମେ ଶୁଣିଥାଉ ଯେ କେବଳ ତାଙ୍କର ଦର୍ଶନରୁ ଅନେକଙ୍କର ଦୁରାରୋଗ୍ୟ ଦୂର ହୋଇଥାଏ । ସେ କ'ଣ ଆମ ପାଖକୁ ଆସି ଆମ ସଙ୍ଗେ କଥା ହେବେ ? ସେ କ'ଣ ଗୌରୀକୁ ଆଶୀର୍ବାଦ କରିବେ ? ସେଦିନର ସେହି ଗହଳିରୁ ବାବା କେତେଜଣଙ୍କୁ ଇଣ୍ଟରଭ୍ୟୁ ଦେବା ପାଇଁ ବାଛିବା ଦେଖି ଆମେ ମନେ ମନେ ଈର୍ଷାନ୍ୱିତ ହେଉଥାଉ । କିନ୍ତୁ ପରେ ଆମେ କେତେକ ଭକ୍ତଙ୍କ ସଂସ୍ପର୍ଶରେ ଆସିଲୁ ଯେଉଁମାନେ ମାସ ମାସ ଧରି ଅପେକ୍ଷା କରିଛନ୍ତି, ଅଥଚ ବାବାଙ୍କ ସହ ଏକ ଇଣ୍ଟରଭ୍ୟୁର ସୁଯୋଗ ପାଇ ନାହାନ୍ତି । ତଥାପି ସେମାନେ ସନ୍ତୁଷ୍ଟ ଥିବା ଭଳି ମନେ ହେଉଥାନ୍ତି । ସେମାନେ କହୁଥାନ୍ତି ଯେ ସେମାନେ କେବଳ ତାଙ୍କର ଦର୍ଶନ ଚାହୁଁଥିଲେ ଏବଂ କେବଳ ସେହି ଦର୍ଶନ ତାଙ୍କ ଜୀବନରେ ଅନେକ ଚମତ୍କାରିତା ଆଣିଛି । ହୁଏତ ସେମାନେ ସେମାନଙ୍କର ଗଭୀର ଭକ୍ତିଯୋଗୁ ବାବାଙ୍କୁ ସେମାନଙ୍କ ହୃଦୟରେ ଦର୍ଶନ କରିପାରୁଥିଲେ । ସେମାନଙ୍କୁ ଦେଖିବା ପରେ ଆମେ ଆଶ୍ୱସ୍ତ ହେଲୁ । ପ୍ରତ୍ୟେକେ ଧୀରେ ଧୀରେ ଏହି ସତ୍ୟକୁ ଉପଲବ୍ଧି କରନ୍ତି ଏବଂ ତାହା ଏକ ବିଶ୍ୱାସର ରୂପ ନିଏ । ତାପରେ ସେମାନେ ତାଙ୍କ କୃପାକୁ ଆଶ୍ରା କରି ନିଜକୁ ତାଙ୍କଠାରେ ସମ୍ପୂର୍ଣ୍ଣଭାବେ ସମର୍ପି ଦିଅନ୍ତି । ବାବାଙ୍କୁ କେହି ଯୁକ୍ତି ମାଧ୍ୟମରେ ପାଇ ନଥାନ୍ତି । ତାଙ୍କ ଦୃଷ୍ଟିରେ ଏ ସମଗ୍ର ସୃଷ୍ଟି ଆତ୍ମାର ପ୍ରତିଫଳନ ମାତ୍ର । କେବଳ ଆମ ଭଳି ଅପକ୍ୱ ଭକ୍ତ ତାଙ୍କର କୃପାର ମୂଲ୍ୟାୟନ କରିବାର ବ୍ୟର୍ଥ ପ୍ରୟାସ କରିଥାନ୍ତି । ମୋ କ୍ଷେତ୍ରରେ ମଧ୍ୟ ମୁଁ ପ୍ରଥମ ଦିନ ସକାଳେ ଓ ସନ୍ଧ୍ୟାରେ ପ୍ରଥମ ଧାଡ଼ିରେ ବସିବାର ସୁଯୋଗ ପାଇ ନିଜକୁ ଖୁବ୍ ଭାଗ୍ୟବାନ ମନେ କରିଥିଲି । ବାବା ଆସି ସିଧା ମୋ ଆଗରେ ଛିଡ଼ା ହେଲେ । ମୁଁ ସେ ସୁଯୋଗକୁ ହାତଛଡ଼ା ନକରି ତାଙ୍କର ସେହି ସୁନ୍ଦର, ସୁକୋମଳ ପାଦକୁ ଏକ ପ୍ରକାର ଜାବୁଡ଼ି ଧରିଲି । ସେ ମୋ ହାତରୁ

ଚିଠିଟି ନେଇ ମୋ ଆଡ଼କୁ ଚାହିଁଲେ । ମୋର ସୌଭାଗ୍ୟ ସେତିକିରେ ଶେଷ ହେଲା । ପରବର୍ତ୍ତୀ ଚାରିଦିନ ମୁଁ ସବା ଶେଷ ଧାଡ଼ିରେ ବସୁଥାଏ । ସେ ଗୌରୀ ପାଖ ଦେଇ ଯିବା ସମୟରେ ଗୌରୀ ଚୌକୀରେ ବସିଥାଏ । ସେ ତାକୁ ଭଲ ରୂପେ ଚାହିଁଲେ, ମୋ ପ୍ରତି ତାଙ୍କ ଦୃଷ୍ଟି ପ୍ରେମପୂର୍ଣ୍ଣ ଥିଲା, ହୁଏତ ସେ ମୋ ହୃଦୟକୁ ତନ୍ନ ତନ୍ନ କରି ଦେଖୁଥିଲେ । ଥରେ ସେ ଗୌରୀ ହାତରୁ ଚିଠିଟି ନେଲେ । ସେ ତାଙ୍କ ପାଦକୁ ପ୍ରଣାମ କରିବାକୁ ଚେଷ୍ଟା କଲା କିନ୍ତୁ ନଇଁ ପାରିଲା ନାହିଁ । ତେବେ ସେ ଦିନକୁ ଦୁଇ ଥର ଦର୍ଶନ କରୁଥାଏ ଏବଂ ଦିନକୁ ଦିନ ତାର ଅବସ୍ଥାରେ ଉନ୍ନତି ଲକ୍ଷ୍ୟ କରାଯାଉଥାଏ । ୧୯୮୪ ଫେବୃୟାରୀ ୧୩ ତାରିଖ ସକାଳେ ଆମେ ତାଙ୍କୁ ଦର୍ଶନ କଲୁ । ସେଦିନ ଦର୍ଶନ ପରେ ମୁଁ ଅନେକଙ୍କ ମୁଖରେ ଏକ ଆନନ୍ଦ ଫୁଟି ଉଠୁଥିବା ଲକ୍ଷ୍ୟ କଲି । ସେମାନଙ୍କୁ ଦେଖି ମୁଁ ମନେ ମନେ ଭାବୁଥାଏ, ସେମାନେ ବାବାଙ୍କ ମଧ୍ୟରେ ଏମିତି କ'ଣ ଦେଖିଲେ ଯାହା ମୁଁ ଦେଖିପାରିଲି ନାହିଁ । ସମଗ୍ର ପରିବେଶ ପ୍ରେମ ଓ ଆନନ୍ଦରେ ଅନୁସିକ୍ତ ଥାଏ । ପରେ ମୁଁ ମୋ' ବନ୍ଧୁଙ୍କୁ ତାଙ୍କରି କକ୍ଷରେ ଦେଖାକଲି । ସେହି ସମୟରେ ବାବାଙ୍କର ଜଣେ ବାର୍ତ୍ତାବହ ସେଠାକୁ ଆସି ମୋତେ ଖବର ଦେଲା ଯେ ବାବା ମୋତେ ଡାକୁଛନ୍ତି । ମୁଁ ତାହା ବିଶ୍ୱାସ କରି ପାରୁ ନଥିଲି । ହଁ, ତାହା ବାବାଙ୍କ ଡାକରା ଥିଲା । ସେ ଆମକୁ ଡାକି ଆଣିବା ପାଇଁ ଲୋକ ପଠେଇଥିଲେ । ବିସ୍ମୟବିଭୋର ହୋଇ ମୁଁ ଆମ ପରିବାରର ସମସ୍ତଙ୍କୁ ଖୋଜିବାକୁ ଏଣେତେଣେ ଧାଉଁଥାଏ । ମୋ ବନ୍ଧୁ ମୋ ସ୍ତ୍ରୀ ଓ ଗୌରୀକୁ ଖୋଜୁଥାନ୍ତି । ଆମେ ବାରଣ୍ଡାରେ ଥାଉ, ହଠାତ୍ ମୋର ମନେ ପଡ଼ିଲା, ବମ୍ବେର ମୋର ଜଣେ ଚିତ୍ରକର ବନ୍ଧୁ ଏକ ପ୍ଲାଷ୍ଟିକ୍ କନା ଉପରେ ଆଙ୍କିଥିବା ବାବାଙ୍କ ଏକ ସୁନ୍ଦର ଛବି ମୋ' ହାତକୁ ଦେଇ, ତାଙ୍କର ସେହି ଉପହାର ଗ୍ରହଣ କରିବା ପାଇଁ ବାବାଙ୍କୁ ପ୍ରାର୍ଥନା କରିବାକୁ କହିଥିଲେ । ତାହା ମନେ ପଡ଼ିବା ମାତ୍ରକେ ମୁଁ ଆମେ ରହୁଥିବା କକ୍ଷକୁ ଧାଇଁ ଯାଇ, ସେଠାରୁ ସେହି ଛବିକୁ ହାତରେ ଧରି ପୁଣି ଥରେ ଆସି ମନ୍ଦିର ବାରଣ୍ଡାରେ ବସି ଗଲି । ଇଣ୍ଟରଭ୍ୟୁ ପାଇଁ ଅପେକ୍ଷା କରିଥିବା ମହିଳାମାନେ ଇଣ୍ଟରଭ୍ୟୁ କକ୍ଷର କାନ୍ଥଧାରରେ ଠିଆ ହୋଇଥାନ୍ତି । ମୋ ମନ ଆମର ସେହି ଅପେକ୍ଷମାଣ ମୁହୂର୍ତ୍ତରେ ବୁଡ଼ି ରହିଥାଏ । ମନରେ ଏକ ପ୍ରକାର ବ୍ୟସ୍ତତା ଥାଏ, ଯାହାର ସେମିତି କିଛି କାରଣ ନଥାଏ । ଅକସ୍ମାତ୍ ବାବା କକ୍ଷ ମଧ୍ୟରୁ ଆସି ବାରଣ୍ଡାରେ ଛିଡ଼ା ହେଲେ । ତାଙ୍କୁ ଦେଖିବା ମାତ୍ରକେ ଆମେ ସମସ୍ତେ ଛିଡ଼ା ହୋଇଗଲୁ । ସେ ଆମକୁ କକ୍ଷ ମଧ୍ୟକୁ ପ୍ରବେଶ କରିବାକୁ ଇଙ୍ଗିତ ଦେଲେ । ସେ ଅତି ସହଜ, ସାଧାରଣ ଠାରରେ ତାହା ବ୍ୟକ୍ତ କଲେ । ଆମେ ସମସ୍ତେ କକ୍ଷ ମଧ୍ୟରେ ପ୍ରବେଶ କଲୁ । ସେ ଭିତରକୁ ଆସି ଇଣ୍ଟରଭ୍ୟୁ କକ୍ଷର ଦ୍ୱାର ବନ୍ଦ କଲେ । ଆମେ ମାତ୍ର ଦୁଇ ପାଦ ବ୍ୟବଧାନରେ ତାଙ୍କ ସାମ୍ନାରେ ସିଧାସଳଖ ଛିଡ଼ା ହୋଇଥାଉ । ଏତେଦିନ ପରେ ଆମେ ନିଜକୁ ତାଙ୍କର ଏତେ ନିକଟରେ ପାଇ ଏକ ମହାନନ୍ଦମୟ ସ୍ଥିତିରେ ଥାଉ । ସେ ତାଙ୍କ ସିଂହାସନରେ ଯାଇ ବସିଲେ ଏବଂ ସହଜ

ତେଲୁଗୁରେ କଥା କହିବା ଆରମ୍ଭ କଲେ । ସେତେବେଳେ ମୁଁ ଅନନ୍ତପୁରରେ ମୋର ଶୈଶବର ଦିନଗୁଡ଼ିକୁ ମନେ ପକେଇଲି । ମୁହୂର୍ତ୍ତକ ମଧ୍ୟରେ ତାଙ୍କଠାରୁ ଆମର ଅଲଗା ଅଲଗା ଭାବ କୁଆଡ଼େ ମିଳେଇ ଗଲା । ସେ ଆମ ସହ ଅତି ସହଜ, ଘନିଷ୍ଠ, କୌତୁକଭରା ସ୍ୱରରେ କହୁଥାନ୍ତି । ସେ ସ୍ଥିର ଓ ନିରବଚ୍ଛିନ୍ନ ସାଧନା ଉପରେ ଗୁରୁତ୍ୱ ଦେଉଥାନ୍ତି । କକ୍ଷର ଏକ କୋଣରେ ଜଣେ ଅପରିଚିତ ବ୍ୟକ୍ତି ବସିଥାନ୍ତି । ବାବା ତା ଆଡ଼କୁ ଚାହିଁ ତାଙ୍କର ହାତ ବଢ଼େଇ ଦେଲେ । ଭକ୍ତଜଣକ ତାଙ୍କ ହାତକୁ ଏକ ବିଭୂତି ପୁଡ଼ିଆ ଦେଲେ । ପୁଡ଼ିଆ ମଧ୍ୟରେ ବାବା ଏଥିପୂର୍ବରୁ ସୃଷ୍ଟି କରିଥିବା ହୀରାର ଦୁଇଟି କାନଫୁଲ ଥାଏ । କାନଫୁଲ ଦୁଇଟିର ସ୍କ୍ରୁ ଏତେ ଟାଇଟ୍ ହୋଇଯାଇଥାଏ ଯେ ସେଗୁଡ଼ିକୁ ହୁଗୁଳା କରିବା ସମ୍ଭବ ହେଉନଥାଏ । ବାବା ଆଗ୍ରହରେ ସେଗୁଡ଼ିକୁ ହାତକୁ ନେଇ ପୁଣି ତାଙ୍କ ହାତକୁ ଫେରେଇ ଦେଲେ । ଏଥର ସ୍କ୍ରୁ ଦୁଇଟି ଅନାୟାସରେ ଖୋଲିଗଲା । ସେଥିରେ କିଛି ହାତସଫେଇ ବା ଅଭିନୟ ନଥିଲା । ସବୁ କିଛି ଅତି ସହଜ ଓ ସାବଲୀଳ ଭାବେ ହୋଇଗଲା । ଏସବୁ ଦେଖି ମୁଁ ମନେ ମନେ ଆଶ୍ଚର୍ଯ୍ୟ ହେଉଥାଏ । ହଠାତ୍ ତାଙ୍କ ନଜର ଯାଇ ଗୌରୀ ଉପରେ ପଡ଼ିଲା । ଗୌରୀ ତଳେ ବସି ନପାରି ଚୌକୀରେ ବସିଥାଏ । ତାକୁ ଦେଖି ସେ ପଚାରିଲେ, "ଡାକ୍ତରମାନେ କ'ଣ କହୁଛନ୍ତି ?" ସେ କହିଲା ଯେ ଅନେକ ବିଶେଷଜ୍ଞ ପରୀକ୍ଷା କରି ତା' ଦେହରେ କିଛି ଅସୁସ୍ଥତା ନାହିଁ ବୋଲି ମତ ଦେଇଛନ୍ତି । ମୁଁ ବାବାଙ୍କୁ କହିଲି ଯେ ଡାକ୍ତରମାନେ ସେହି ସେହି ଅନୁସନ୍ଧାନ ବାରମ୍ବାର କରି ଶେଷରେ ଗୋଟିଏ ରାୟ ଦେଉଛନ୍ତି ଯେ ସବୁ ଠିକ୍ ଅଛି । ମୁଁ ବାବାଙ୍କୁ ଆଉ ମଧ୍ୟ କହିଲି ଯେ ଗୌରୀ ଏକ ଭାରତନାଟ୍ୟମ୍ ନର୍ତ୍ତକୀ । ଗୌରୀର ପିତା ଗୌରୀକୁ ଆରୋଗ୍ୟ ପ୍ରଦାନ କରିବା ପାଇଁ ବାବାଙ୍କୁ ପ୍ରାର୍ଥନା କରୁଥାନ୍ତି ।

ବାବା କହିଲେ, "ମୁଁ ଏହିକ୍ଷଣି ତାକୁ ଭଲ କରି ଦେଉଛି । ସେ ପୂରା ସୁସ୍ଥ ହୋଇଯିବ ।" ଆମେ ତାହା ଶୁଣି ନିର୍ବାକ୍ ହୋଇଗଲୁ । ବାବା 'ଏହିକ୍ଷଣି' କହୁଛନ୍ତି ! ଆମ ଆଖି ଆଗରେ କଣ ଯେ ଘଟିବାକୁ ଯାଉଛି, ତାହା ଆମେ କଳ୍ପନା କରି ପାରୁ ନଥାଉ । ତାହା ଏକ ନିର୍ଣ୍ଣାୟକ ଘଡ଼ି ଥିଲା । ବାବା ଆସନରୁ ଉଠି ତା ପାଖକୁ ଗଲେ । ଗୌରୀ ସେତେବେଳକୁ ଛିଡ଼ା ହୋଇଯାଇଥାଏ ଏବଂ ନଇଁବା ତା' ପକ୍ଷରେ ସମ୍ଭବ ନ ହେଲେ ମଧ୍ୟ ସେ ଆଣ୍ଠେଇ ପଡ଼ି ବାବାଙ୍କୁ ନମସ୍କାର କଲା । ଏହି ଚାକ୍ଷୁଷ ପ୍ରମାଣଠୁ ବଳି ଆଉ କେଉଁ ପ୍ରମାଣ ଆମକୁ ଦରକାର ଥିଲା ? ମୁହୂର୍ତ୍ତକ ମଧ୍ୟରେ ଯାହା ଘଟିଗଲା, ତାହା ଦୀର୍ଘ ଚଉଦ ମାସର ବ୍ୟବଧାନ ପରେ ଘଟିଲା । ସେ ସିଧା ଠିଆ ହୋଇ ଘର ଭିତରେ ଚଳପ୍ରଚଳ ହୋଇ ପାରୁନଥାଏ, ନଇଁବାର ପ୍ରଶ୍ନ ନଥିଲା, ଆଣ୍ଠେଇ ବସିବା ତ ଦୂରର କଥା ! ବିଶେଷଜ୍ଞମାନେ ଏସବୁ ନ କରିବାକୁ ସାବଧାନ କରିଥାନ୍ତି । କିନ୍ତୁ ଏଠାରେ ଆମେ ଦେଖୁଥାଉ, ସେ ବାବାଙ୍କ ଦୁଇ ପାଦ ଧରି ନମସ୍କାର କରୁଛି । ଆଖିରୁ ଝରୁଥିବା ଲୁହକୁ ଚେଷ୍ଟା କରି

ମଧ୍ୟ ସେ ରୋକି ପାରୁନଥାଏ । ପରିବାରର ଅନ୍ୟମାନେ ସେମାନଙ୍କର ଆନନ୍ଦ ଓ ଆବେଗକୁ ରୋକି ପାରୁ ନଥାନ୍ତି । ଆମେ ଗୌରୀ ପଛେ ପଛେ ଗଲୁ ଓ ସମସ୍ତେ ବାବାଙ୍କ ପାଦ ପାଖରେ ଜମା ହେଲୁ । ସେ ଆମ ସମସ୍ତଙ୍କ ଉପରେ ତାଙ୍କର କୃପାବୃଷ୍ଟି କରୁଥାନ୍ତି । ଦୀର୍ଘ ସମୟ ସେ ଆମକୁ ତାଙ୍କ ପାଦ ଧରି ରହିବାକୁ ସୁଯୋଗ ଦେଇଥିବାରୁ ଆମେ ଭାବୁଥାଉ, ସେ ହୁଏତ ଆମ ଭକ୍ତି ଗ୍ରହଣ କରିଛନ୍ତି । ଥରେ ସେହି ଦୁଇପାଦ ଧରିବା ପରେ, ଆଉ ଛାଡ଼ିବାକୁ ମନ ବଳୁ ନଥାଏ । ସେ ଆମକୁ 'ଲେ ଲେ' ଉଠ, ଉଠ କହି କାନ୍ଧ ଧରି ଉଠାଉଥାନ୍ତି ।

"ବହୁ ବର୍ଷ ଧରି ଆମେମାନେ ଆଧ୍ୟାତ୍ମିକ ବିକାଶର ପଥରେ ସାଧନା କରି ଆସୁଥିଲୁ । ଶେଷରେ ବର୍ତ୍ତମାନ ଆମେ ଭଗବତ୍‌କୃପା ଲାଭ କଲୁ । ଠିକ୍ ଭାବେ କହିଲେ, ଆମେ ଅନୁଭବ କଲୁ କିଛି ଏକ ଶକ୍ତି ଆମର ଭଗବାନଙ୍କ ପ୍ରତି ପ୍ରେମକୁ ପ୍ରଗାଢ଼ କରି ଦେଇଛି ଏବଂ ଏକ 'ଅବର୍ଣ୍ଣନୀୟ ଆନନ୍ଦ ଆମ ମଧ୍ୟରେ ପ୍ଲାବିତ ହେଉଛି ! ବାବା ସେହି ସାମୟିକ ନୀରବତାକୁ ଭଙ୍ଗକରି ଗୌରୀକୁ ସେ ସମ୍ପୂର୍ଣ୍ଣ ଭଲ ହୋଇଯିବ ବୋଲି ଆଶ୍ୱାସନା ଦେଲେ ଏବଂ କହିଲେ ଆର ଥର ସେ ଏଠାକୁ ଆସିବା ବେଳକୁ ଏକ ପ୍ରସିଦ୍ଧ ନର୍ତ୍ତକୀ ହୋଇ ଆସିବ । ସେ ଆମ ସମସ୍ତଙ୍କୁ ଢେର୍ ଢେର୍ ବିଭୂତି ଦେଲେ । ସେତିକିରେ ଇଣ୍ଟରଭ୍ୟୁ ଶେଷ ହେଲା ଏବଂ ଆମେ ଆନନ୍ଦବିଭୋର ହୋଇ ଗୋଟିଏ ଧାଡ଼ିରେ ଉକ୍ତ କକ୍ଷରୁ ବାହାରକୁ ଚାଲି ଆସିଲୁ । ସେତେବେଳକୁ ସକାଳ ଭଜନର ସମୟ ହୋଇଥାଏ, ଆମେ ସମସ୍ତେ ଯାଇ ଭଜନରେ ବସିଲୁ । ଆରତୀ ପରେ ଆମେ ବାହାରକୁ ଆସି ଏକ ନୂତନ ପୃଥିବୀର ସନ୍ଧାନ କଲୁ । ଇଣ୍ଟରଭ୍ୟୁ ପରେ ବାରଣ୍ଡା ଉପରକୁ ଚାଲି ଆସି ଆମେ ଯେଉଁ ସଂସାରକୁ ଦେଖୁ ସେଠାରେ ନା ଦୁଃଖ ଥାଏ, ନା ଯନ୍ତ୍ରଣା ଥାଏ, ନା କଳହ ଥାଏ, ନା ବିବାଦ ଥାଏ । ସେ ଆମକୁ ଏକ ନୂତନ ଦୃଷ୍ଟି ଦିଅନ୍ତି । ଭଜନ ସାରି ବାହାରକୁ ଆସି ଆମେ ଦେଖୁ ସମସ୍ତେ ହସୁଛନ୍ତି, ସାରା ସଂସାର, ଗଛଲତା, ପଶୁପକ୍ଷୀ ସଭିଏଁ ହସୁଛନ୍ତି । ଏସବୁ ଆମେ ଦେଖିବା ଉପରେ ନିର୍ଭର କରେ । ସେ ତୁମ ଆଖିରେ ରହିଲେ, ସେ ହସୁଥିବା ଭଳି ଦୁନିଆଟାଯାକ ହସୁଥିବା ତୁମେ ଅନୁଭବ କରିବ । ଗୌରୀ ତା ପାଇଁ ରଖା ଯାଇଥିବା ଚୌକୀ ଓ ତକିଆକୁ ବାହାରକୁ ଠେଲି ଦେଲା । ସେ ଭଜନ କକ୍ଷରେ ଚକା ପକେଇ ତଳେ ବସିଲା । ସେଠାରେ ଯେଉଁ କେତେକ ସେ ଆଗରୁ କିଭଳି କଷ୍ଟ ପାଉଥିଲା ଦେଖିଥାନ୍ତି, ସେମାନେ ତାର ଏହି ଆକସ୍ମିକ ପରିବର୍ତ୍ତନ ଦେଖି ସ୍ୱତଃସ୍ଫୂର୍ତ୍ତ ଆନନ୍ଦରେ ଆତ୍ମହରା ହୋଇଗଲେ । ଅଳ୍ପ ସମୟ ମଧ୍ୟରେ ଏହି ଖବର ଚାରିଆଡ଼େ ଖେଳିଗଲା । ପ୍ରେମାତୁର ସେବାଦଳ କର୍ମୀମାନେ କହିଲେ, "ଦେଖିଲେ, ଆମେ ଆପଣଙ୍କୁ କହୁଥିଲୁ ନା !" ସେମାନଙ୍କ କଥା ଶୁଣି ଆମ ମନ ଆନନ୍ଦରେ ଭରିଗଲା । ପରଦିନ ଆମେ ଅନନ୍ତପୁର ଗଲୁ । ଆମର ସବୁ ଆତ୍ମୀୟସ୍ୱଜନ ଯାହା କିଛି ଘଟିଗଲା, ସେଥିରେ ଆନନ୍ଦ ପ୍ରକାଶ କଲେ । ସେଠାରୁ ଆମେ ରେଳରେ ବାଙ୍ଗାଲୋର

ଗଲୁ । ଆମର ଯେଉଁ ବନ୍ଧୁମାନେ ଗୌରୀକୁ ସାହାଯ୍ୟ କରିବା ପାଇଁ ଷ୍ଟେସନରେ ଜମା ହୋଇଥାନ୍ତି, ସେମାନେ ତାକୁ କ୍ଷିପ୍ର ଗତିରେ ଓହ୍ଲାଉଥିବା, ଚଢ଼ୁଥିବା ଦେଖି ଆଶ୍ଚର୍ଯ୍ୟ ହେଉଥନ୍ତି । ମାତ୍ର ତିନି ସପ୍ତାହ ତଳେ ସେମାନେ ତାକୁ ଯନ୍ତ୍ରଣାରେ ଛଟପଟ ହେଉଥିବା ଦେଖିଥାନ୍ତି । ଆଜି ସେମାନେ ତାକୁ ଦେଖି ନିଜ ଆଖିକୁ ବିଶ୍ୱାସ କରି ପାରୁନଥାନ୍ତି । ବାଙ୍ଗାଲୋର୍‌ରୁ ବମ୍ବେ ଆମେ ବିମାନ ଯୋଗେ ଯାତ୍ରା କଲୁ । ଗୌରୀ ଅନାୟାସରେ ଶିଢ଼ି ଚଢ଼ି ବିମାନ ମଧ୍ୟକୁ ଚାଲିଗଲା ।

ବମ୍ବେ ପହଞ୍ଚିବା ପରେ ସେ ସାଇଭକ୍ତମାନଙ୍କ ଘରକୁ ଯିବାକୁ ଇଚ୍ଛା ପ୍ରକାଶ କଲା । ଗୌରୀକୁ ଦେଖି ସାଇଭକ୍ତମାନଙ୍କର ଆନନ୍ଦକୁ ଭାଷାରେ କହି ହେବ ନାହିଁ । ଗୌରୀର ନୃତ୍ୟଗୁରୁ, ଯିଏ ତାର ଏହି ଦୁଃଖଦ ଘଡ଼ିରେ ତାର ମନୋବେଦନାକୁ ଅନୁଭବ କରିପାରୁଥାନ୍ତି ଏବଂ ଯିଏ ଏଥିପୂର୍ବରୁ ସେ ଷଣ୍ମୁଖାନନ୍ଦ ପ୍ରେକ୍ଷାଳୟ, ରବୀନ୍ଦ୍ର ଭବନ, ଏସିଆଡ଼ ପ୍ରେକ୍ଷାଳୟରେ ନୃତ୍ୟ ପ୍ରଦର୍ଶନ କରିବ ଓ ନେପାଳ ଗସ୍ତରେ ଯିବ ବୋଲି ତାକୁ ସବୁ ପ୍ରକାର ପ୍ରଶିକ୍ଷଣ ଦେଇଥାନ୍ତି, ତାଙ୍କୁ ପ୍ରଣାମ ଜଣେଇବା ପାଇଁ ଆମେ ତାଙ୍କ ନିକଟକୁ ଗଲୁ । ସେ ତାଙ୍କର ଶିଷ୍ୟାର ନୃତ୍ୟ ପରିପାଟୀରେ ଗର୍ବ ଅନୁଭବ କରୁଥାନ୍ତି । ତାଙ୍କର ଏଭଳି ଏକ ଉତ୍ତମ ଶିଷ୍ୟା ରୋଗଶଯ୍ୟାରେ ପଡ଼ି ନୃତ୍ୟ କରିପାରୁନଥିବା ଦେଖି ସେ ମର୍ମାହତ ହୋଇ ଯାଇଥାନ୍ତି । ଗୌରୀ ପୁଣି ଥରେ ସୁସ୍ଥ ହୋଇ ଯାଇଥିବା ଦେଖି ସେ ତାଙ୍କ ଆନନ୍ଦକୁ ରୋକି ପାରୁ ନଥାନ୍ତି । ତାଙ୍କ ଆଖିରେ ଆନନ୍ଦାଶ୍ରୁ ଭରି ଯାଇଥାଏ । ନିଜେ ଜଣେ ଭକ୍ତ ହୋଇଥିବା ହେତୁ, ସେ ବାବାଙ୍କୁ ଗୌରୀ ଉପରେ ଏବଂ ଆମ ସମସ୍ତଙ୍କ ଉପରେ ତାଙ୍କର କୃପା ବର୍ଷଣ କରନ୍ତୁ ବୋଲି ପ୍ରାର୍ଥନା କଲେ । ସେଦିନ ଗୌରୀ ଯେତେଜଣଙ୍କ ଘରକୁ ଯାଇଥାଏ, ପ୍ରାୟ ସମସ୍ତଙ୍କ ଘର ତୃତୀୟ, ଚତୁର୍ଥ ମହଲାରେ ରହୁଥାଏ କିନ୍ତୁ ସେ ସମସ୍ତଙ୍କୁ ପଛରେ ରଖି ଖୁବ୍ ବେଗରେ ଶିଢ଼ି ଚଢ଼ି ଯାଉଥାଏ । କିଭଳି ଏକ ଚମତ୍କାର ଦେଖିବାର ସୌଭାଗ୍ୟ ବାବା ଆମକୁ ପ୍ରଦାନ କଲେ ! ଅବତାର ଯେ ଆସି ଯାଇଛନ୍ତି, ତାହା ଜଣେଇବା ପାଇଁ ଅଲୌକିକତା ଏକ ମାଧ୍ୟମ ମାତ୍ର ।"

❖❖❖

୨୯
ଭକ୍ତିମାର୍ଗ

ଏଭଳି କୌଣସି ବ୍ୟକ୍ତି ନଥାଏ, ଯାହା ମଧ୍ୟରେ କେବଳ ଆବେଗ ଥାଏ କିନ୍ତୁ ବିଚାର କରିବାର ଶକ୍ତି ବା କର୍ମ କରିବାର ପ୍ରବୃତ୍ତି ନଥାଏ, ଏଭଳି ମଧ୍ୟ କୌଣସି ବ୍ୟକ୍ତି ନଥାଏ ଯାହା ମଧ୍ୟରେ କେବଳ ବିଚାର କରିବାର ଶକ୍ତି ଥାଏ କିନ୍ତୁ ମନର ଆବେଗ ବା କର୍ମ କରିବାର ପ୍ରବୃତ୍ତି ନଥାଏ । ଏପରି ମଧ୍ୟ କେହି ନଥାନ୍ତି ଯାହା ମଧ୍ୟରେ କେବଳ କର୍ମ କରିବାର ପ୍ରବୃତ୍ତି ଥାଏ କିନ୍ତୁ ଆବେଗ ବା ବିଚାର ଶକ୍ତି ନଥାଏ । କେହି ପୂରାଟା ଏହା ବା ପୂରାଟା ତାହା ନୁହଁ । ସମସ୍ତଙ୍କ ମଧ୍ୟରେ ଏହି ତିନୋଟି ମିଶାମିଶି ହୋଇ ରହିଥାନ୍ତି । ଏହି ତିନୋଟି ମଣିଷକୁ ତାର ଲକ୍ଷ୍ୟଠାରେ ପହଞ୍ଚେଇ ପାରନ୍ତି । ଜଣେ ବ୍ୟକ୍ତି ମଧ୍ୟରେ ଜ୍ଞାନ, ଭକ୍ତି ଓ କର୍ମ - ଏହି ତିନୋଟି ରହିଥାଏ । ଭକ୍ତି ହେଉଛି ଆବେଗପୂର୍ଣ୍ଣ ସମର୍ପଣଭାବଯୁକ୍ତ ମନୋଭାବ । ଭଗବାନଙ୍କୁ କୌଣସି ଏକ ରୂପରେ ମୁଁ ଭକ୍ତି କରି ଆତ୍ମନିବେଦନ କରିଥାଏ । ତୁମ ପାଇଁ ତାହା ଖ୍ରୀଷ୍ଟଙ୍କ ରୂପ ହୋଇପାରେ ବା ସ୍ୱାମୀଙ୍କ ରୂପ ହୋଇପାରେ । ଆମେମାନେ ମଣିଷ ହିସାବରେ କରୁଣା, ପ୍ରେମ, ଶକ୍ତି, ଜ୍ଞାନ ଆଦି ମାନବୀୟ ଗୁଣକୁ ଜୀବନର ଆଦର୍ଶ କରିଥାଉ ଓ ଏ ସମସ୍ତ ସଦ୍‌ଗୁଣ ଭଗବାନଙ୍କଠାରେ ଆଶା କରିଥାଉ । ବିବେକାନନ୍ଦ ପ୍ରଥମ ଥର ରାମକୃଷ୍ଣ ପରମହଂସଙ୍କୁ ଭେଟିବା ସମୟରେ ତାଙ୍କୁ ପ୍ରଶ୍ନ କରିଥିଲେ, "ଆପଣ କ'ଣ ଭଗବାନଙ୍କୁ ଦେଖିଛନ୍ତି ?" ତାହା ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଥିଲା ଯାହା ଏକ ନୂତନ ଯୁଗର ଅଯମାରମ୍ଭ କଲା । ରାମକୃଷ୍ଣ ପରମହଂସ କହିଲେ, "ହଁ, ମୁଁ ତୁମକୁ ଯେତେ ସ୍ପଷ୍ଟଭାବେ ଦେଖିଥାଏ, ଭଗବାନଙ୍କୁ ମଧ୍ୟ ସେତିକି ସ୍ପଷ୍ଟଭାବେ ଦେଖିଥାଏ ।" ତାଙ୍କର ଏହି ଉତ୍ତର ବିବେକାନନ୍ଦଙ୍କ ମଧ୍ୟରେ ବିଶ୍ୱାସର ବୀଜ ବପନ କଲା । କିନ୍ତୁ ତୁମେ ସ୍ୱାମୀଙ୍କୁ, "ଆପଣ ଭଗବାନଙ୍କୁ ଦେଖିଛନ୍ତି କି ?" ବୋଲି ପଚାରି ପାରିବ ନାହିଁ । କାରଣ ତାହା "ଆପଣ ନିଜକୁ ଦର୍ପଣରେ କେବେ ଦେଖିଛନ୍ତି କି ?" ବୋଲି ପଚାରିଲା ଭଳି ହେବ ।

ତାଙ୍କୁ ମାନବ ଶରୀର ଧାରଣ କରି ଅଧିକ ପ୍ରେମ, ଅଧିକ ଜ୍ଞାନ ଓ ଅଧିକ ଶକ୍ତି ଧାରଣ କରି ଅବତୀର୍ଣ୍ଣ ହେବାକୁ ହେଲା । ଭଗବାନଙ୍କର କୌଣସି ଏକ ମାନବରୂପକୁ ତୁମେ ଯେତେବେଳେ ଭକ୍ତି କରି ବସ, ସେତେବେଳେ ତୁମେ ସେହି ରୂପ ମଧ୍ୟରେ ଏତେ ନିମଗ୍ନ ହୋଇଯାଅ ଯେ ତୁମର ମନ ତାଙ୍କର ସେହି ସୁନ୍ଦର ରୂପ, ଅସାଧାରଣ ଶକ୍ତି ଓ ଅମାପ ପ୍ରେମ ମଧ୍ୟରେ ନିବିଷ୍ଟ ରହେ ଏବଂ ତୁମେ ଯେଉଁ ଦିଗକୁ ଚାହିଁଲେ, ସେହି ଦିଗରେ କେବଳ ତାଙ୍କୁ ହିଁ ପାଇଥାଅ । ଗତକାଲି ସ୍ୱାମୀ ଛାତ୍ରାବାସର ଛାତ୍ରମାନଙ୍କୁ କହୁଥିଲେ ଯେ

କୌଣସି ଗୋଟିଏ ପ୍ରକାରର ଧ୍ୟାନ ବା ସାଧନା ନଥାଏ । ପ୍ରତ୍ୟେକଙ୍କର ଆଧ୍ୟାତ୍ମିକ ବିକାଶ, ପୃଷ୍ଠଭୂମି ଓ ପରିବେଶକୁ ନେଇ ତାହା ଭିନ୍ନ ଭିନ୍ନ ଧରଣର ହୋଇପାରେ । ତୁମେ ଯଦି ଭକ୍ତିପ୍ରବଣ ହୋଇଥାଅ, ତେବେ ତୁମ ପାଇଁ ଧ୍ୟାନର ଏକ ପଦ୍ଧତି ହେଲା, "କଳ୍ପନା ଚିତ୍ର ।" ଏହାର ଅର୍ଥ ହେଲା, ସ୍ୱାମୀଙ୍କର କୌଣସି ଏକ ଚିତ୍ରକୁ ନେଇ ତାହାକୁ ସେ ପର୍ଯ୍ୟନ୍ତ ଏକ ମନରେ ଚାହିଁବା, ଯେପର୍ଯ୍ୟନ୍ତ ତାଙ୍କର ସେହି ରୂପ ତୁମ ମନରେ ଆଙ୍କି ହୋଇ ଯାଇନାହିଁ ଏବଂ ତାପରେ ସେହି ମାନସଚିତ୍ରକୁ ଏକ ଲୟରେ ଧ୍ୟାନ କରିବା । ଭଗବାନଙ୍କର ପାଦରୁ ଆରମ୍ଭ କରି ତାପରେ ତାଙ୍କର ପାଦର ନଖ, ତଳିପା, ସୁନ୍ଦର ସୁକୋମଳ ପାଦ, ଗୈରିକ ଅଙ୍ଗବସ୍ତ୍ର, ମୁଖ, ଚିବୁକ, ନାସିକା, ଗଣ୍ଡଦେଶ.... ଏସବୁକୁ ତୁମ ମାନସଚିତ୍ର ମଧ୍ୟରେ ଦେଖିଥାଅ । ତୁମେ ଭଲ ପାଉଥିବା ଓ ଭକ୍ତି କରୁଥିବା ପ୍ରେମ, କରୁଣା ଓ ଶକ୍ତିର ମୂର୍ତ୍ତିମନ୍ତ ସେହି ଆକାରର ପ୍ରତିଟି ଭାଗ ଉପରେ ଯେତେ ସମୟ ପାରୁଛ ମନୋନିବେଶ କର । ସେତିକିରେ ରହିଯାଅ ନାହିଁ । ପାଦରୁ ଚୂଳଯାଏଁ ଓ ଚୂଳରୁ ପାଦଯାଏଁ ତାଙ୍କର ସେହି ରୂପକୁ କଳ୍ପନା କରିଯାଅ । ଏହାକୁ ବାରମ୍ବାର କର ଓ ମନକୁ ଅନ୍ୟତ୍ର ଯିବାକୁ ଦିଅ ନାହିଁ । ସେତେବେଳେ ତାହା ତୁମ ମଧ୍ୟରେ ସାକ୍ଷାତ୍କାର ଚିତ୍ର ହୋଇଯିବ । ଏହିଭଳି ତୁମେ ଯଦି ସ୍ୱାମୀଙ୍କ ରୂପକୁ ଧ୍ୟାନ କର, ସର୍ବତ୍ର କେବଳ ସ୍ୱାମୀଙ୍କୁ ହିଁ ଦେଖିବ । ଉଦାହରଣସ୍ୱରୂପ ତୁମେ ସେଠାରେ ଶାସ୍ତ୍ରୀଙ୍କୁ ବସିଥିବା ଦେଖିବ ନାହିଁ, ସ୍ୱାମୀଙ୍କୁ ବସିଥିବା ଦେଖିବ । ଆକାଶରେ କମଳା ରଙ୍ଗ ଦେଖିଲେ, ତୁମେ ତାହା ମଧ୍ୟରେ ସ୍ୱାମୀଙ୍କୁ ଦେଖିବାକୁ ପାଇବ । ଆକାଶରେ ଘଡ଼ଘଡ଼ିର ଶବ୍ଦ ଶୁଣିଲେ ତୁମର ମନେ ହେବ ସ୍ୱାମୀ କ୍ରୋଧ ପ୍ରକାଶ କରୁଛନ୍ତି । ସବୁଠାରେ ତୁମେ କେବଳ ସେହିସବୁ ଦେଖିବ ଯାହା ତୁମକୁ ସ୍ୱାମୀଙ୍କ କଥା ମନେ ପକେଇ ଦେବ ।

ଆଜି ମୁଁ ବେଲ୍‌ଜିୟମ୍‌ରୁ ଏକ ଚିଠି ପାଇଲି, ଯେଉଁଥିରେ ସେ ଲେଖିଛନ୍ତି, "ଆପଣ କେବଳ ଦଶଭାଗ ବାବାଙ୍କର ଦିବ୍ୟ ସମ୍ଭାଷଣ ପ୍ରକାଶ କରିଛନ୍ତି, କିନ୍ତୁ ତାଙ୍କର ସମସ୍ତ ଦିବ୍ୟ ସମ୍ଭାଷଣ ପ୍ରକାଶ ପାଇବା ଦରକାର୍ । ଭିନ୍ନ ଭିନ୍ନ ଶିରୋନାମାରେ ତାଙ୍କର ଦିବ୍ୟ ସମ୍ଭାଷଣର ଟିପ୍‌ପଣୀ ବା ବ୍ୟାଖ୍ୟା ଅନାବଶ୍ୟକ, କାରଣ ଏଗୁଡ଼ିକ ପାଠକର ଧ୍ୟାନଭଙ୍ଗ କରିଥାନ୍ତି । ଦୟାକରି ଆପଣ ଆମକୁ କେବଳ ବାବାଙ୍କୁ ଦିଅନ୍ତୁ, କେବଳ ବାବା, ଅନ୍ୟ କିଛି ନୁହେଁ । ଆମକୁ ଆଉ କିଛି ଦରକାର ନାହିଁ । ଆପଣଙ୍କ ପତ୍ରିକାର ଚବିଶ ପୃଷ୍ଠାରେ ଆପଣ ଅନ୍ୟାନ୍ୟ ଅନେକ କିଛି ଭର୍ତ୍ତି କରୁଛନ୍ତି, କିନ୍ତୁ ଆମେ କେବଳ ବାବାଙ୍କୁ ଚାହୁଁ, ସବୁ ବାବାଙ୍କ କଥା ରହିବା ଦରକାର ।" ସବୁକିଛି ସାଇମୟ, ଜଗତ ସାରା ବାବାମୟ । ଏହାହିଁ ଭକ୍ତିର ଚରମ ଲକ୍ଷ୍ୟ ।

ଗତକାଲି ସ୍ୱାମୀ ଛାତ୍ରାବାସର ଛାତ୍ରମାନଙ୍କୁ ସୋଽହମ୍ ପଦ୍ଧତିରେ ଧ୍ୟାନ କରିବା ସମ୍ବନ୍ଧରେ କହୁଥିଲେ । ଏହି ପଦ୍ଧତିରେ ଧ୍ୟାନ କରିବା କଷ୍ଟକର ଅଟେ । ସ୍ୱାମୀ କହନ୍ତି, ଜ୍ଞାନ ସହଜସାଧ୍ୟ । ଭକ୍ତି ଅତି କଷ୍ଟକର । ଲୋକେ କହନ୍ତି ଯେ ଭକ୍ତି ସହଜ, କିନ୍ତୁ ଏହା ଅନେକ ସମୟରେ ଅନ୍ଧବିଶ୍ୱାସ, ଆନୁଷ୍ଠାନିକ ବିଧିବିଧାନ ଓ ପାରମ୍ପରିକ କ୍ରିୟାକର୍ମର ରୂପ ନିଏ । ତେଣୁ ଏହା ବିଚାରଶକ୍ତି ଦ୍ୱାରା ନିୟନ୍ତ୍ରିତ ହୋଇ କର୍ମରେ ପର୍ଯ୍ୟବେଶିତ ହେବା ଆବଶ୍ୟକ, ନଚେତ୍ ଏହା ଲୋକଙ୍କୁ ମାନସିକ ରୋଗର ଚିକିତ୍ସାଳୟକୁ ନେଇଯିବ । ଜ୍ଞାନର ଭିତ୍ତି ବିନା ଭକ୍ତି ବା ଆବେଗ ଘଣ୍ଟାର ଦୋଲକ ଭଳି ବିଶ୍ୱାସ ଓ ଅବିଶ୍ୱାସ ମଧ୍ୟରେ ଝୁଲି ରହୁଥିବ । ତୁମେ ଭଗବାନଙ୍କଠାରୁ ଏତେ ବେଶୀ ଆଶା କରି ବସିବ ଯେ ସାମାନ୍ୟ ନୈରାଶ୍ୟ ଆସିଲେ ତୁମର ଭକ୍ତି କ୍ଷୀଣ ହେବା ଆରମ୍ଭ ହେବ । ସ୍ୱାମୀ କହନ୍ତି, "ଯେତେଦିନ ମୁଁ ତୁମକୁ କିଛି ନା କିଛି ଦେଇ ଚାଲିଥାଏ, ତୁମେ ମୋ ଫଟୋକୁ ଫୁଲମାଳ ଦିଅ, ପୂଜା ପୀଠକୁ ସୁନ୍ଦର ଭାବେ ସଜାଅ, ନିଜ ଭକ୍ତିର ଡିଣ୍ଡିମ ପିଟ ଏବଂ ସମସ୍ତଙ୍କୁ ଡାକି ମହୋତ୍ସବ କର, କିନ୍ତୁ କିଛି ଅଘଟଣ ଘଟିବା ମାତ୍ରକେ ମୋର ସେହି ଫଟୋକୁ କାନ୍ଥ ଆଡ଼କୁ ଘୂରେଇ ଦିଅ ।" ଜ୍ଞାନବିହୀନ ଭକ୍ତିରେ ଏହି ବିପଦର ଆଶଙ୍କା ଥାଏ । ତେଣୁ ସ୍ୱାମୀ ଜ୍ଞାନକୁ ପ୍ରାଧାନ୍ୟ ଦେଇଥାନ୍ତି । ଜ୍ଞାନ ଉପରେ ଆଧାରିତ ଭକ୍ତିକୁ କର୍ମରେ ପରିଣତ କରିବା କଷ୍ଟସାଧ୍ୟ । ତେଣୁ ସ୍ୱାମୀ କହନ୍ତି, "ତୁମେ ସମସ୍ତେ ସାମୟିକ ଭକ୍ତ । କାରଣ ସ୍ୱାମୀଙ୍କ ସମ୍ମୁଖରେ ଥିବା ସମୟରେ ତୁମେ ଆନନ୍ଦାଶ୍ରୁ ମୋଚନ କର ଏବଂ କୁହ, 'ଆଃ ! ମୁଁ ସ୍ୱାମୀଙ୍କୁ ଦଶଥର ଦର୍ଶନ କଲି ।' ଏଠାରେ ଥିବା ସମୟରେ ତୁମେ ଶିବଙ୍କ ଗଳାରେ ସର୍ପଭଳି ଭଗବାନଙ୍କ ଶୋଭାମଣ୍ଡନ କରୁଥାଅ, କିନ୍ତୁ ଥରେ ସେହି ସର୍ପ ବାହାରକୁ ଆସିଲେ ମାରାତ୍ମକ ହୋଇଯାଏ । ସ୍ୱାମୀ କହନ୍ତି, "ଏଠାରେ ତୁମେ ଥିବା ସମୟରେ ଶିବଙ୍କ ଗଳାର ଅଳଙ୍କାର ଭଳି ଠିକ୍ ଥାଅ, କିନ୍ତୁ ଥରେ ଏହି ସ୍ଥାନ ଛାଡ଼ି ଚାଲିଯିବା ପରେ, ତୁମେ ସନ୍ଦେହ କରିବା ଆରମ୍ଭ କର । ତାହା ହିଁ ତୁମର ସମସ୍ୟା । ତୁମର ଭକ୍ତି ଓ ଆତ୍ମନିବେଦନ ଭାବକୁ ତୁମେ କେବେ ଛାଡ଼ିବା କଥା ନୁହଁ, ତାହା ସ୍ୱାମୀଙ୍କର ପ୍ରକୃତ ସ୍ୱରୂପର ଉପଲବ୍ଧି ଉପରେ ଆଧାରିତ ହେବା ଆବଶ୍ୟକ । ତେବେ ତୁମେ ଆଉ ବିଚଳିତ ହେବ ନାହିଁ । ସ୍ୱାମୀ କହନ୍ତି, "ମଞ୍ଚି ଚେଡ୍ଡୁଲୁ ସମମୁଗା ଭାଭିଞ୍ଚୁ ଚୁଣ୍ଡୁତେ ଭକ୍ତି ନାକୁ" ଅର୍ଥାତ୍ ମୁଁ ତାକୁ ଭକ୍ତ କହେ ଯିଏ ଭଲ ଓ ମନ୍ଦକୁ ସମଚିତ୍ତରେ ଗ୍ରହଣ କରେ । ସେଭଳି ଭକ୍ତ କେବେ, "କିଛି ଭଲ ହେଲା" ବା "କିଛି ଖରାପ ହେଲା" ବୋଲି କହିବ ନାହିଁ । ସେ ଭଲମନ୍ଦ ବିଚାର କରିବ । ସ୍ୱାମୀ କହନ୍ତି, "ତୁମେ ଥାଳୀ ଧରି ବସିଥାଅ ଓ ମାଁ ଆସି ସେଥିରେ ପରଶି ଦିଅନ୍ତି । କୌଣସି ପର୍ବ ଦିନରେ ମା ଲଡୁ ବା ଅନ୍ୟ କିଛି ମିଠା ଥାଳୀରେ ପରଶନ୍ତି । ତୁମେ ଧାଡ଼ିରେ ବସିଥାଅ,

ସେ ଆସନ୍ତି କିନ୍ତୁ ତୁମ ଥାଳୀରେ କିଛି ଦିଅନ୍ତି ନାହିଁ ! ଥରେ ମହାବିଦ୍ୱାନ୍ ଏବଂ ସ୍ୱାମୀଙ୍କ ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ଗୋକକ୍ ମୋ ପାଖରେ ବସିଥାନ୍ତି । ତାଙ୍କ ପାଖରେ ଯିଏ ବସିଥିଲେ ସେ ଲଡୁ ପାଇଲେ ଅଥଚ ଗୋକକଙ୍କୁ ଲଡୁ ମିଳିଲା ନାହିଁ । ସେ ଚିନିକଳର ଜଣେ ମାଲିକଙ୍କ ଥାଳୀରେ ଲଡୁ ପରଶିବେ ନାହିଁ, କାରଣ ସେ ଜାଣନ୍ତି ଯେ ତାଙ୍କର ମଧୁମେହ ରୋଗ ଅଛି, ଏବଂ ତାଙ୍କ ପାଇଁ ଚିନି ଖାଇବା ମନା ! ସ୍ୱାମୀ ଆମର ଜନନୀ । ତାଙ୍କୁ ପ୍ରଶ୍ନ କରିବାକୁ ଆମେ କିଏ ? ସେ ଜାଣନ୍ତି ଆମ ପାଇଁ କ'ଣ ଭଲ, କ'ଣ ଖରାପ । ସେ ଆମର ଆବଶ୍ୟକତାକୁ ଦେଖି, ଆମ ସ୍ୱାସ୍ଥ୍ୟକୁ ଦେଖି ବାଢ଼ିଥାନ୍ତି । ସ୍ୱାମୀ ତୁମ ଥାଳୀରେ ଯାହା ପକାଉଛନ୍ତି, ତାହା ଖାଅ । କିଛି ପ୍ରତିବାଦ କର ନାହିଁ । ଯାହା ପାଇଲ, ତାହା ତାଙ୍କର ପ୍ରସାଦ ।

ପୁଟ୍ଟପର୍ତ୍ତିକୁ ଏଭଳି ଅନେକ ଆସନ୍ତି, ଯେଉଁମାନେ ଜୀବନରେ କେବେ କାହାକୁ ଜୁହାର କରିନଥାନ୍ତି ବା କାହା ଆଗରେ ଆଣ୍ଠୁ ନୁଆଁଇ ନଥାନ୍ତି । କିନ୍ତୁ ଏଠାକୁ ଆସି ସେମାନେ ଜୁହାର କରନ୍ତି ଓ ନତଜାନୁ ହୋଇ ପ୍ରଣାମ କରନ୍ତି । ଶ୍ରୀକୃଷ୍ଣ ଯେତେବେଳେ କୁରୁସଭାକୁ ପାଣ୍ଡବମାନଙ୍କର ଦୂତ ହୋଇ ଶାନ୍ତିବାର୍ତ୍ତା ନେଇ ଯାଇଥାନ୍ତି, ଦୁର୍ଯ୍ୟୋଧନ ଭାବିଲା, "ମୁଁ ଆସନରୁ ଉଠିବି କାହିଁକି ? କୃଷ୍ଣ ଏକ ତୁଚ୍ଛ ରାଜ୍ୟର ରାଜା, ଅଥଚ ମୁଁ ବିଶାଳ ହସ୍ତିନାପୁରର ଅଧିପତି । ତାଙ୍କୁ ଅତି ବେଶୀ ହେଲେ, "ତୁମ ଆସନରେ ବସ" କହିବି । କୃଷ୍ଣ ସମଗ୍ର ସୃଷ୍ଟିର ସ୍ରଷ୍ଟା । ତେଣୁ ସେ ଯେତେବେଳେ ସିଧା ଚାଲି ଚାଲି ଆସିଲେ, ତାଙ୍କର ପ୍ରତ୍ୟେକ ପଦକ୍ଷେପରେ ମେଦିନୀ କମ୍ପିବାକୁ ଲାଗିଲା । ସ୍ୱାମୀ ଯେତେବେଳେ ଚାଲନ୍ତି ସେ ତାଙ୍କର ନରମ, ମୁଲାୟମ ପାଦକୁ ପ୍ରେମରେ ପକେଇ ପକେଇ ଚାଲନ୍ତି । କିନ୍ତୁ ସେ ଯେତେବେଳେ କାହାକୁ କିଛି ଶିକ୍ଷା ଦେବା ପାଇଁ କୌଣସି ଶତ୍ରୁ ରାଜ୍ୟକୁ ଯାଆନ୍ତି, ଭୂମି ଥରିବା ଭଳି ଭାରି ଭାରି ପାଦ ପକେଇ ଚାଲନ୍ତି । କୃଷ୍ଣ ଦୁର୍ଯ୍ୟୋଧନର ଯେତିକି ପାଖକୁ ଆସୁଥାନ୍ତି, ଭୂମି ସେତିକି ଅଧିକ କମ୍ପୁଥାଏ ଓ ସେ ଯେତେବେଳେ ଦୁର୍ଯ୍ୟୋଧନ ପାଖରେ ପହଞ୍ଚିଲେ, ସେହି ଭୂକମ୍ପନରେ ଦୁର୍ଯ୍ୟୋଧନ ସିଂହାସନରୁ ଖସି ସିଧା ଶ୍ରୀକୃଷ୍ଣଙ୍କ ଚରଣରେ ଲମ୍ବ ହୋଇ ପଡ଼ିଲା । ସ୍ୱାମୀ ମଧ୍ୟ ଅବିକଳ ସେହିଭଳି ଲୋକଙ୍କୁ ତାଙ୍କ ପାଦତଳେ ପଡ଼ିବା ଶିଖେଇଥାନ୍ତି ।

ଥରେ ଜଣେ ଶଙ୍କରାଚାର୍ଯ୍ୟଙ୍କ ଶିଷ୍ୟ ପୁଟ୍ଟପର୍ତ୍ତି ଆସିବାକୁ ଚାହୁଁଥିଲେ, କିନ୍ତୁ ଶଙ୍କରାଚାର୍ଯ୍ୟ ତାଙ୍କୁ କହିଲେ, "ନା, ନା, ଯିଏ ବ୍ରାହ୍ମଣ ନୁହଁ, ତାକୁ ଯାଇ ନମସ୍କାର କରିବୁ ! ସେ ଜଣେ କ୍ଷତ୍ରିୟ !" ପରବର୍ଷ ଶିଷ୍ୟ ପୁଣିଥରେ ଶଙ୍କରାଚାର୍ଯ୍ୟଙ୍କର ଅନୁମତି ଲୋଡ଼ିଲା, ସେ ପୁଣିଥରେ ନାହିଁ କହିଲେ । ଏମିତି ଦଶବର୍ଷ ବିତିଗଲା । ଏଥର ଶିଷ୍ୟ ଆଉ ତାର ଇଚ୍ଛାକୁ ରୋକି ପାରିଲା ନାହିଁ । ଗୁରୁଙ୍କର ବାରଣସତ୍ତ୍ୱେ ସେ ପୁଟ୍ଟପର୍ତ୍ତି ଆସିଲା ଏବଂ ସ୍ୱାମୀ

ତାକୁ ପାଖକୁ ଡାକିଲେ । ସେ ସ୍ୱାମୀଙ୍କୁ କହିଲା, "ସ୍ୱାମୀ, ବିଗତ ଦଶ ବର୍ଷ ଧରି ମୁଁ ଥରେ ଆସି ଆପଣଙ୍କ ପାଦକୁ ପ୍ରଣାମ କରିବାକୁ ଚେଷ୍ଟା କରୁଥିଲି, କିନ୍ତୁ ତାହା ହୋଇ ପାରିଲା ନାହିଁ, ବର୍ତ୍ତମାନ ଆଗର ବାକିକୁ ମିଶେଇ ମୋତେ ଦଶଥର ପାଦ ନମସ୍କାର କରିବାକୁ ଅନୁମତି ଦିଅନ୍ତୁ !" ସ୍ୱାମୀ କହିଲେ, "ହଉ ନେ" । ତେଣୁ ସ୍ୱାମୀ ଆମକୁ ଭକ୍ତି ଦିଅନ୍ତି । ସେ କହନ୍ତି, "ଭକ୍ତି ଓ୍ୱୋସଗି ରକ୍ଷିଞ୍ଚୁନୁ" ଅର୍ଥାତ୍ ମୁଁ ତୁମକୁ ଭକ୍ତି ଦେଇ ରକ୍ଷା କରେ । ତୁମ ମଧ୍ୟରେ ଯଦି ଭକ୍ତି ନଥାଏ, ତୁମର ଯଦି ଯୋଡ଼ହସ୍ତରେ ନମସ୍କାର କରିବାର ଅଭ୍ୟାସ ନଥାଏ, ତୁମେ ଯଦି କେବେ ଗୁରୁଜନ, ମହାତ୍ମା ମହାପୁରୁଷ ବା ଅବତାରଙ୍କର ପାଦକୁ ପ୍ରଣାମ କରି ନଥାଅ, ତେବେ ମୁଁ ତୁମକୁ ତାହା ବଳପୂର୍ବକ ଶିଖେଇବି । କାରଣ ଏହା ତୁମକୁ ମିଳିଥିବା ଏକ ସୁଯୋଗ ଏବଂ ମୁଁ ଚାହେଁନି ଯେ ତୁମେ ଏହି ସୁଯୋଗକୁ ହାତଛଡ଼ା କର ।" ସତରେ କି ଭାଗ୍ୟ ଆମର ।

ଥରେ ଅଷ୍ଟ୍ରେଲିଆର ଜଣେ ଭକ୍ତ ଆସିଥାନ୍ତି । ତାଙ୍କର ଏକ ଚିଠି ବର୍ତ୍ତମାନ ମୋ ହାତରେ ଅଛି । ସେ ଲେଖନ୍ତି, "ସ୍ୱାମୀ ଦର୍ଶନ ପରେ ବାରଣ୍ଡାକୁ ଆସିଥାନ୍ତି । ସେ ମୋ ପାଖକୁ ଆସି କହିଲେ, "ଆସ ।" ମୁଁ ମୋର ସ୍ତ୍ରୀଙ୍କୁ ଆଗରୁ କହି ରଖିଥାଏ ଯେ ସ୍ୱାମୀ ମୋତେ ଡାକିବା ମାତ୍ରକେ ସେ ବାରଣ୍ଡାକୁ ଚାଲିଆସିବେ । ଇଣ୍ଟରଭ୍ୟୁ କକ୍ଷ ନିକଟରେ ଛିଡ଼ା ହୋଇ, ସେଠାରେ ଜମା ହୋଇଥିବା ମହିଳାମାନଙ୍କ ମଧ୍ୟରୁ ମୁଁ ମୋ ସ୍ତ୍ରୀଙ୍କୁ ଖୋଜୁଥାଏ । ସେ କିନ୍ତୁ ଦେଖା ଗଲେ ନାହିଁ । ମୋର ସ୍ତ୍ରୀ କେଉଁଠେ ଅଛନ୍ତି ଜାଣିବା ପାଇଁ ମୁଁ ଟିକିଏ ଚାରିଆଡ଼େ ଉଙ୍କି ମାରି ଦେଖିଲି । ସ୍ୱାମୀ କବାଟ ଆଡ଼କୁ ନିର୍ଦ୍ଦେଶ କରି ମୋତେ ସାମାନ୍ୟ ଠେଲି ଦେଇ କହିଲେ, "ସେ ଆସିଛନ୍ତି ।" ସେ ସବୁ ଜାଣନ୍ତି । ତୁମେ କାହାକୁ ଖୋଜିବା ବା ଚିହ୍ନେଇ ଦେବା ଅନାବଶ୍ୟକ । ଆମେ ଇଣ୍ଟରଭ୍ୟୁ କକ୍ଷ ମଧ୍ୟରେ ପ୍ରବେଶ କଲୁ । ସେ ବିଭୂତି ସୃଷ୍ଟି କଲେ । ସେହି ବିଭୂତି ଯେ କିଭଳି ସୃଷ୍ଟି ହେଉଛି, ତାହା ଦେଖି ମୁଁ ଆଶ୍ଚର୍ଯ୍ୟ ହେଉଥାଏ । ସ୍ୱାମୀ ମୋ ପାଖକୁ ଆସିଲେ ଓ ବିଭୂତିରୁ କିଛି ମୋ' ହାତକୁ ଦେଲେ । ସେ ମୋ ପାପୁଲିରେ ତାଙ୍କ ହାତ ରଖି ମୋତେ କହିଲେ, "ୟାକୁ ଖାଇ ଦିଅ ।" ମୋ ପରେ ଥିବା ଭଦ୍ରବ୍ୟକ୍ତିଙ୍କୁ ସେ ସଂଲଗ୍ନ କକ୍ଷ ମଧ୍ୟକୁ ଯିବାକୁ ନିର୍ଦ୍ଦେଶ ଦେଲେ । ଦୁଇ ମିନିଟ୍ ପରେ ମୁଁ ମୋ ହାତକୁ ଚାହିଁ ଦେଖେ, ମୋ ହାତରେ ବିଭୂତି ! ହୁଏତ ବିଭୂତି ଖାଇବା ଭୁଲି ଯାଇଛି ଭାବି ମୁଁ ମୋ ହାତକୁ ତିନିଥର ଚାଟି ବିଭୂତିକୁ ସଫା କରିଦେଲି । ଦୁଇ ମିନିଟ୍ ପରେ ମୁଁ ଫେର୍ ମୋ ହାତକୁ ଦେଖିଲି, ହାତରେ ଆହୁରି ବିଭୂତି ଥାଏ । ଥରେ ମୁଁ ବିଭୂତି ଖାଇବା ଭୁଲି ଯାଇ ପାରେ, କିନ୍ତୁ ପୁଣିଥରେ ତ ଭୁଲିବି ନାହିଁ । ଆଉ ଥରେ ମୁଁ ହାତ ଚାଟି ସଫା କଲି । ଏଥର ମଧ୍ୟ କିଛି ସମୟ ପରେ ମୁଁ ମୋ ହାତରେ ବିଭୂତି ଦେଖି ଆଶ୍ଚର୍ଯ୍ୟ

ହେଲି । ମୋ ପାଖରେ ଛିଡ଼ା ହୋଇଥିବା ବ୍ୟକ୍ତି ମୋତେ ଲକ୍ଷ୍ୟ କରୁଥାନ୍ତି । ମୁଁ ତାଙ୍କୁ କହିଲି, "ବିଭୂତି ଥରକୁ ଥର ସୃଷ୍ଟି ହୋଇ ଚାଲିଛି ।" ମୋ କଥା ଶୁଣି ସେ ସାମାନ୍ୟ ହସିଲେ । ସ୍ୱାମୀ ମୋତେ, ମୋର ସ୍ତ୍ରୀ ଓ ଛୁଆଙ୍କୁ ଇଣ୍ଟରଭ୍ୟୁର ବିରଳ ସୁଯୋଗ ଦେବା ଯାଏ ସେହି କକ୍ଷ ମଧ୍ୟରେ ଏହା ସେମିତି ଚାଲିଥାଏ । ଆମେ ଯେ ସେହି କକ୍ଷ ମଧ୍ୟରେ କେତେ ସମୟ ରହିଲୁ, ତାହା ମୁଁ ଜାଣି ପାରିଲି ନାହିଁ । ତେବେ ସ୍ୱାମୀ ଆମକୁ ଅନେକ କଥା କହିଲେ, ମୁଁ, ମୋ ସ୍ତ୍ରୀ ଓ ଛୁଆମାନେ ତାଙ୍କର ପାଦତଳେ ବସି ଦିବ୍ୟ ପ୍ରେମର ଡୋରିରେ ବାନ୍ଧି ହୋଇଯାଇଥାଉ । ମୁଁ ବାହାରର କକ୍ଷକୁ ଆସିବା ମାତ୍ରକେ ବିଭୂତି ପୁଣିଥରେ ମୋ ହାତରେ ଦେଖାଗଲା । ସ୍ୱାମୀଙ୍କ କକ୍ଷରୁ ବାହାରି ଆସିବା ପରେ ମଧ୍ୟ ଅନେକ ରାତିଯାଏ ବିଭୂତି ସେମିତି ସୃଷ୍ଟି ହେଉଥାଏ, ତା'ପରେ ତାହା ବନ୍ଦ ହେଲା । ମୋର ସେହି ଅନୁଭୂତି ଶେଷ ହେବା ଜାଣି ମୁଁ ମନ କଷ୍ଟ କଲି, କାରଣ ତାହା ଥିଲା ମୋର ସର୍ବୋତ୍ତମ ଅନୁଭୂତି । ତାହା ମୋତେ ତାଙ୍କର ଆଶ୍ରିତ କରିଥିଲା ।" ତେଣୁ ସ୍ୱାମୀ କହନ୍ତି, "ଭକ୍ତି ଓ୍ୱୋସଗି ରକ୍ଷିଞ୍ଚୁନୁ" - ଅର୍ଥାତ୍ ଭକ୍ତି ଦେଇ ମୁଁ ଭକ୍ତକୁ ରକ୍ଷା କରେ । ତୁମେ ଉଦ୍ଧାର ପାଅ, ତୁମେ ଶାନ୍ତି ପାଅ - ଏଥିପାଇଁ ସେ ବିଶେଷ ଆଗ୍ରହୀ । ସ୍ୱାମୀ ଯଦି ତୁମକୁ ବିଭୂତି ଦେଇ ଖାଇବାକୁ କହନ୍ତି, ତୁମେ ତାହା ଚାଟି ଦେଇ ହାତକୁ ପ୍ୟାଣ୍ଟ ପକେଟରେ ଲୁଚେଇ ରଖ ନାହିଁ, କାରଣ ହୁଏତ ଆଉ ଥରେ ହାତ ଚାଟିବାର ସୁଯୋଗ ମିଳିବ ।

ଭକ୍ତି ଅତ୍ୟନ୍ତ ଆନନ୍ଦପ୍ରଦାୟୀ ମାର୍ଗ । ଜ୍ଞାନ ଏକ ନିଭୃତ କକ୍ଷ ଯାହା ମଧ୍ୟରେ ତୁମେ ଏକା ବିଚରଣ କରିଥାଅ । ମୁଁ ଜ୍ଞାନର ମୂର୍ତ୍ତିମନ୍ତ ସ୍ୱରୂପ ରମଣ ମହର୍ଷିଙ୍କ ସଙ୍ଗେ ଥାଏ । ସେ ମୋତେ କହିଲେ, "ମୁଁ କିଏ ?" ତୁମେ ଏହି ପ୍ରଶ୍ନର ଗଭୀରକୁ ଯାଅ । ଏଥିପାଇଁ ତୁମକୁ ଗୋଟିଏ କୋଣରେ ବସି ତୁମେ ଯେ କିଏ ତାହା ବିଚାର କରିବାକୁ ପଡ଼ିବ । ଏହା ଏକ ମାର୍ଗ । ରାମକୃଷ୍ଣ ପରମହଂସ କହୁଥିଲେ ଯେ ସେ ଏକ ପିମ୍ପୁଡ଼ି ହୋଇ ଚିନିର ପାହାଡ଼ ଚଢ଼ିବେ ଓ ଚିନିର ଗୋଟିଏ ଗୋଟିଏ ଦାନା ଚାଖି ଆନନ୍ଦ ପାଇବେ । ଭକ୍ତିରୁ ଲବ୍ଧ ଆନନ୍ଦ ଏହିଭଳି । ଏଥିରେ ତୁମେ ସର୍ବତ୍ର ସ୍ୱାମୀଙ୍କର ହସ୍ତ ଓ ପାଦ ଦେଖିବ । ସ୍ୱାମୀ କହନ୍ତି, "କାନ ପାଖରେ ଗୋଟିଏ ପଥର ଧରି ଦେଖ, ତୁମ କାନକୁ ସ୍ୱାମୀ "ପ୍ରେମ ମୁଦିତ ମନ ସେ କହୋ....' ଭଜନ ଗାଉଥିବା ଶୁଭିବ । ତୁମ ଆଖି ସ୍ୱାମୀ ତୁମ ନିକଟକୁ ଆସି ତୁମ ଆଗରେ ଛିଡ଼ା ହେବା ଦେଖିବ । ସ୍ୱାମୀ ଏଠାରେ, ସ୍ୱାମୀ ସେଠାରେ, ସ୍ୱାମୀ ସବୁଠାରେ, ସ୍ୱାମୀ ସବୁ କିଛି ! ଏହା କିଭଳି ଏକ ସୁନ୍ଦର, ଆନନ୍ଦମୟ ଅନୁଭୂତି । ତେଣୁ ଭକ୍ତି ସବୁଠାରୁ ଆନନ୍ଦମୟ ପଥ । ଏହି ପଥରେ ଯାତ୍ରା କଲେ ତୁମର ଦୁଃଖ ବୋଲି କିଛି ରହିବ ନାହିଁ । ସାରା ସଂସାରର ସମସ୍ତ ଆନନ୍ଦ ତୁମ ମଧ୍ୟରେ ରହୁଥିବାରୁ ତୁମେ ସମସ୍ତଙ୍କଠାରୁ

ସୁଖୀ ହୋଇପାରିବ । ନାରଦ ଭକ୍ତିସୂତ୍ର ଭକ୍ତି କଣ ବୁଝେଇଥାଏ । ଏହା ଆରମ୍ଭ ହୁଏ, "ଅଥାତୋ ବ୍ରହ୍ମଜିଜ୍ଞାସା"ରୁ । ଏହାର ଅର୍ଥ, "ତେଣୁ ବର୍ତ୍ତମାନଠାରୁ ବ୍ରହ୍ମଜିଜ୍ଞାସା ଆରମ୍ଭ କରିବା ।" 'ତେଣୁ ବର୍ତ୍ତମାନଠାରୁ'ର ମାନେ କ'ଣ ? ଆମ ବିଶ୍ୱବିଦ୍ୟାଳୟରେ କୁଳପତି ଗୋକକ୍ ପାଠ୍ୟବର୍ଷର ଆରମ୍ଭରେ ତାଙ୍କର ଉଦ୍‌ଘାଟନୀ ଭାଷଣରେ କହନ୍ତି, "ଆମେ ବର୍ତ୍ତମାନ ପାଠ୍ୟକ୍ରମର ପ୍ରଥମ ବିଷୟଟି ଆରମ୍ଭ କରିବା । ଏଠାରେ 'ବର୍ତ୍ତମାନ' ଶବ୍ଦଟି କ'ଣ ସୂଚାଏ ? ବର୍ତ୍ତମାନ ଯେହେତୁ ତୁମେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛ, ବର୍ତ୍ତମାନ ଯେହେତୁ ତୁମେ ତୁମର ଦେୟ ଦେଇ ସାରିଛ, ବର୍ତ୍ତମାନ ଯେହେତୁ ତୁମ ନାମ ଉପସ୍ଥାନ ଖାତାକୁ ଉଠିଯାଇଛି, ଆମେ ଆମ ପାଠ୍ୟକ୍ରମ ଆରମ୍ଭ କରିବା । ଏଠାରେ 'ଅଥାତୋ'ର ଅର୍ଥ ବର୍ତ୍ତମାନ ଯେହେତୁ ଭକ୍ତିର ଯୋଗ୍ୟତା କ'ଣ ? ସ୍ୱାମୀ ଛାତ୍ରାବାସର ପିଲାମାନଙ୍କୁ କହନ୍ତି, "ନାସାଗ୍ର ଉପରେ ଦୃଷ୍ଟି ରଖିବା, ସାଇରାମ ସାଇରାମ ଜପ କରି ଧ୍ୟାନ କରିବାରେ କିଛି ଲାଭ ନାହିଁ ।" 'ତେଣୁ ବର୍ତ୍ତମାନ ଧ୍ୟାନ ଆରମ୍ଭ କର କହିବାର ଅର୍ଥ ହେଲା, ଧ୍ୟାନ ଆରମ୍ଭ କରିବା ପୂର୍ବରୁ ଏକ ସୁଦୀର୍ଘ ପ୍ରକ୍ରିୟା ଦେଇ ଗତି କରିବାକୁ ହେବ । ଏଥିପାଇଁ ତୁମର ଯୋଗ୍ୟତା ଥିବା ଦରକାର । ତୁମ ମଧ୍ୟରେ କାମନା ରହିବାକୁ ହେବ ନାହିଁ । ତୁମ ମଧ୍ୟରେ ଯଦି କଫି ପି'ବାର ଇଚ୍ଛା ରହେ, କଫିର ଗନ୍ଧ ବାଜିବା ମାତ୍ରକେ ତୁମ ଧ୍ୟାନ ଭଙ୍ଗ ହେବ । ତୁମ ମଧ୍ୟରେ କ୍ରୋଧ ରହିବାକୁ ହେବ ନାହିଁ । ତୁମେ ଧ୍ୟାନରେ ବସିଛ, ତଳେ ଗୋଟିଏ ଗୋଡ଼ି ଯୋଗୁ ତୁମେ ଯଦି କଷ୍ଟ ପାଇଲ, ତୁମର କ୍ରୋଧ ଚାଲିଆସିବ । ସ୍କୁଲମ୍ୟାନ ଚୀନଦେଶର ଜେନ୍ ଧ୍ୟାନ ପଦ୍ଧତି ସମ୍ବନ୍ଧରେ ତାଙ୍କର ଅନୁଭୂତି ଲେଖିଛନ୍ତି । ଦିନେ ସେ ଧ୍ୟାନରେ ବସିଥାନ୍ତି, ଗୋଟିଏ ମାଛି ଆସି ତାଙ୍କ ନାକ ଅଗରେ ବସିବାରୁ ତାଙ୍କର ଧ୍ୟାନ ଭଙ୍ଗ ହେଲା, ତେଣୁ ସେ ରାଗିଗଲେ । କ୍ରୋଧ ଆସିବାକୁ ହେବ ନାହିଁ, କାହା ପ୍ରତି ଶତ୍ରୁଭାବ ରହିବ ନାହିଁ । ଆଉ ଜଣେ ଧ୍ୟାନରେ ବସିଥିବା ଦେଖି ତୁମେ କୁହ, "କି ବାଜେ କଥା ! ମୁଁ ଧ୍ୟାନରେ ଦଶମିନିଟ୍ ବସି ପାରୁନାହିଁ, ସେ କ'ଣ ପନ୍ଦର ମିନିଟ୍ ବସି ପାରୁଛି ?" ତୁମେ କାହା ସହ ନିଜକୁ ତୁଳନା କର, କାହାକୁ ତୁମର ପ୍ରତିଦ୍ୱନ୍ଦ୍ୱୀ ଭାବ, କାହାକୁ କଥାରେ କାଟିବାକୁ ଚେଷ୍ଟା କର, କାହାର ଭକ୍ତିକୁ ହେୟଜ୍ଞାନ କର, କାହା ମନକୁ ଆଘାତ ଦିଅ । ସ୍ୱାମୀ କହନ୍ତି, 'ତୁମ ମନର ପ୍ରଦୂଷଣକୁ ଦୂର ନ କରିବା ଯାଏ, ତୁମ ମନ ସ୍ୱଚ୍ଛ ଓ ପବିତ୍ର ନ ହେବା ଯାଏ, ତୁମ ମନ ସମସ୍ତ କାମନା, ପ୍ରତିଦ୍ୱନ୍ଦ୍ୱିତା, ଘୃଣା, ବିଦ୍ୱେଷ, କଳହ, ଅହଙ୍କାରରୁ ମୁକ୍ତ ନ ହେବାଯାଏଁ ତୁମେ ଧ୍ୟାନ ପାଇଁ ଯୋଗ୍ୟ ହୋଇନାହଁ ।' ତୁମେ ଜଣେ ଗୁରୁଙ୍କ ପାଖକୁ ଯାଇ, ତାଙ୍କ ହାତରେ କିଛି ଡଲାର ଗୁଞ୍ଜି ଦେଇ ପ୍ରତିଦିନ ପନ୍ଦର ମିନିଟ୍ ଧରି ଧ୍ୟାନରେ ବସିଗଲେ ଭାବିବାକୁ ଆରମ୍ଭ କର ଯେ ତୁମେ ଧ୍ୟାନର ଶୀର୍ଷରେ ପହଞ୍ଚି ଯାଇଛ । ତୁମ ମନ ପବିତ୍ର

ନହେବା ଯାଏ କିଛି ହେବ ନାହିଁ । ତୁମ ମନ ପବିତ୍ର ନହେଲେ, ତୁମ ଅନ୍ତରର ଭାବ ସେହି ପବିତ୍ର ଆତ୍ମସ୍ୱରୂପଙ୍କ ନିକଟରେ ପହଞ୍ଚିବ କେମିତି ? ତୁମ ମଧ୍ୟରେ କାଣିଚାଏ ମଧ୍ୟ ପ୍ରେମ ଓ କରୁଣା ନ ରହିଲେ ସେହି ପ୍ରେମ ଓ କରୁଣାର ମୂର୍ତ୍ତିମନ୍ତସ୍ୱରୂପଙ୍କ ନିକଟରେ ତୁମେ ପହଞ୍ଚିବ କିମିତି ? ତୁମ ହୃଦୟ ପ୍ରେମ ଓ କରୁଣାରେ ପରିପୂର୍ଣ୍ଣ ରହିଲେ, ସ୍ୱୟଂ ଭଗବାନ ଆସି ସେଠାରେ ଅବସ୍ଥାନ କରିବେ । ତାହା ନ ହେଲେ ସେ ଆସିବେ ନାହିଁ । ତେଣୁ ଧ୍ୟାନ କରିବା ପାଇଁ ତୁମର ଯୋଗ୍ୟତା ରହିବା ଆବଶ୍ୟକ । ଆମେ ଭଗବାନଙ୍କୁ ଏବଂ ତାଙ୍କର ପ୍ରେମ ଓ ଆଲୋକକୁ ଆମ ହୃଦୟକୁ ସ୍ୱାଗତ କରିବା ଆବଶ୍ୟକ । ତାହା ନକରି କେବଳ ନାସାଗ୍ରକୁ ଧ୍ୟାନ କରି ଆମେ କ'ଣ ତାଙ୍କୁ ପାଇବା ? ଅସମ୍ଭବ । ଭକ୍ତି ଏକ ସୁଦୀର୍ଘ ଯାତ୍ରା । ସେହି ଯାତ୍ରା ସୁଦୀର୍ଘ ହେଉ ବା ନାତିଦୀର୍ଘ ହେଉ ତାହା ନିଶ୍ଚିତ ରୂପେ ଏକ ପ୍ରେମପୂର୍ଣ୍ଣ ଆନନ୍ଦମୟ ଯାତ୍ରା । ଏହି ଯାତ୍ରାର ପ୍ରତିଟି ମୁହୂର୍ତ୍ତ ଯାତ୍ରୀକୁ ପରମାନନ୍ଦ ପ୍ରଦାନ କରେ । ଏହା ଭକ୍ତର ଅଧିକାର । ଭକ୍ତ ମଧ୍ୟରେ ଅବସାଦ ରହିବା କଥା ନୁହଁ । ତାହା ରହିଲେ, ତାର ଭଗବାନଙ୍କ ଉପରେ ବିଶ୍ୱାସ ନାହିଁ କୁହାଯିବ । ସେଭଳି ବ୍ୟକ୍ତି ଭଗବାନଙ୍କ ନିକଟକୁ ପଡ଼ିଥିବା ପଥ ଭୁଲି ଯାଇଛି । ଭଗବାନ ହିଁ ପ୍ରେମ, ଭଗବାନ ହିଁ ଆଲୋକ, ଭଗବାନ ହିଁ ଆନନ୍ଦ । ତୁମ ମଧ୍ୟରେ ସେହି ପ୍ରେମ, ଆନନ୍ଦ ଓ ଆଲୋକ ପ୍ରକାଶ ପାଇବା ଆବଶ୍ୟକ । ଏହି ତିନୋଟି ତୁମ ମଧ୍ୟରେ ରହିଲେ ଭକ୍ତିମାର୍ଗ ତୁମ ପାଇଁ ଅତି ସହଜ ହୋଇଯିବ ।

❖❖❖